ଶ୍ରୀ ସତ୍ୟସାଇ ଆନନ୍ଦଦାୟୀ



ଶ୍ରୀ ସତ୍ୟସାଇ ଆନନ୍ଦଦାୟୀ

ସାଇଙ୍କ ସହ ଯାତ୍ରା

କରୁଣାମ୍ବା ରାମମୂର୍ତ୍ତି (କାନ୍ନାମ୍ମା)

ମହୀଶୂର

ଅନୁବାଦ

ଶ୍ରୀ ପି. ଜଗନ୍ନାଥ ପ୍ରସାଦ ରାଓ

ପ୍ରକାଶକ

ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ

ଓଡ଼ିଶା, ଭୁବନେଶ୍ୱର

ଶ୍ରୀ ସତ୍ୟସାଇ ଆନନ୍ଦଦାୟୀ
କରୁଣାମ୍ବା ରାମମୂର୍ତ୍ତି (କନ୍ନାମ୍ମା)

ଓଡ଼ିଆ ଭାଷାନ୍ତର
ଶ୍ରୀ ପି. ଜଗନ୍ନାଥ ପ୍ରସାଦ ରାଓ

ପ୍ରଥମ ସଂସ୍କରଣ : ୧୦୦୦
ରାଜ୍ୟସମ୍ମିଳନୀ, ଏପ୍ରିଲ ୨୦୦୬
ଦ୍ୱିତୀୟ ସଂସ୍କରଣ : ମେ, ୨୦୧୧

ଲେଖା ଅଧିକାର ସଂରକ୍ଷିତ
ଶ୍ରୀ ସତ୍ୟସାଇ ବୁକ୍ସ ଏଣ୍ଡ ପବ୍ଲିକେଶନ୍ ଟ୍ରଷ୍ଟ
ପ୍ରଶାନ୍ତି ନିଲୟମ୍-୫୧୫୧୩୪

ମୂଲ୍ୟ : ୬୦ ଟଙ୍କା

ପ୍ରକାଶକ
ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ
ଓଡ଼ିଶା, ଭୁବନେଶ୍ୱର - ୭୫୧୦୦୧

ମୁଦ୍ରଣ
ଶ୍ରୀ ସତ୍ୟସାଇ ପ୍ରେସ୍
ୟୁନିଟ୍ - ୩
ଭୁବନେଶ୍ୱର-୭୫୧୦୦୧

SRI SATHYA SAI ANANDADAI
By Karunamba Ramamurthy

Oriya Translated by :
Sri P. Jagannath Prasad Rao

First Edition : 1000
State Conference, April 2006
Second Edition : May 2011

All Right Reserved :
Sri Sathya Sai Books and
Publication Trust
Prasanthi Nilayam - 515134

Price : Rs. 60.00

Publisher :
Sri Sathya Sai Books &
Publication Trust,
Orissa, Bhubaneswar-751001

Printed by :
Sri Sathya Sai Press
Unit-3, Bhubaneswar-751001

ତାଙ୍କ ପ୍ରଥମ ଦର୍ଶନ ଠାରୁ

ଯିଏ ଆମର ସମସ୍ତ ଦୁଃଖକଷ୍ଟ ଓ ଦୁରାରୋଗ୍ୟ ମଧ୍ୟରେ

ଆମର ସକରୁଣ ଯତ୍ନ ନେଇଛନ୍ତି

ଯିଏ ଆମକୁ ତାଙ୍କର ଅପାର ପ୍ରେମରେ ପାଳନ କରି

ସନ୍ମାର୍ଗରେ ପରିଚାଳିତ କରିଛନ୍ତି

ସେଇ ଆମର ପ୍ରିୟ

ଶ୍ରୀ ସତ୍ୟସାଇଙ୍କ ଚରଣ କମଳରେ

ଏହା

ଆମର ଭକ୍ତିପୂତ ନୈବେଦ୍ୟ

ସୂଚୀପତ୍ର

୧. ଡାକରା ୬
୨. ଶିହରଣ ୭
୩. ଈଶ୍ୱରଙ୍କ ନିକଟକୁ ଯାତ୍ରା ୧୩
୪. ସକ୍କମ୍ମା ୨୪
୫. ଆମ ଘରେ ସ୍ୱାମୀଙ୍କ ପାଦ ପଡ଼ିଲା ୩୦
୬. ଅଖଣ୍ଡ ଭୋଜନ ୩୮
୭. ସାଧୁନାଂ ଦର୍ଶନମ୍ ପୁଣ୍ୟମ୍ ୪୨
୮. ଶିବରାତ୍ରି ୪୯
୯. ସାଇତ୍ରି ୫୯
୧୦. ପୁରୁଣା ମନ୍ଦିର ସ୍ମୃତି ୬୧
୧୧. ପ୍ରଶାନ୍ତି ନିଲୟମର ଶୁଭ ଉଦ୍‌ଘାଟନ ୮୪
୧୨. ଲୀଲାମ୍ମା ୮୬
୧୩. ମନନ ୮୯
୧୪. ଅନନ୍ୟ ଭକ୍ତି ୧୦୫
୧୫. ଗୁରୁପୂର୍ଣ୍ଣିମା ୧୧୨
୧୬. ମନ୍ଦିରମାଳିନୀ ନଗରୀ ମଧ୍ୟଦେଇ ୧୧୭
୧୭. ଶ୍ରୀ ସତ୍ୟସାଇ ସେବା ସମିତି ଜନ୍ମନେଲା ୧୨୧
୧୮. କର୍ଣ୍ଣାଟକ ଗସ୍ତ ୧୨୩
୧୯. ଶିଶୁଙ୍କ ଗହଣରେ ସ୍ୱାମୀ ୧୨୯
୨୦. ନାମ କରଣ... ଉପନୟନ... .... ୧୪୨
୨୧. ଭଗବାନ୍ ଶ୍ରୀ ସତ୍ୟସାଇବାବା ବିଦ୍ୟାଳୟ ୧୫୭
୨୨. ଦିବ୍ୟ ହସ୍ତକ୍ଷେପ ୧୫୯
୨୩. ପ୍ରେମର ସହ-ଗୁଷ୍ ଦେଶରୁ ୧୮୭
୨୪. ଆପଦ୍‌ବାନ୍ଧବ ୧୯୦
୨୫. ସାଇ ଇନ୍ଦ୍ରଧନୁ ୨୧୮
୨୬. ଇଣ୍ଟରଭ୍ୟୁ ନୁହେଁ ଇନ୍‌ର ଭ୍ୟୁ ୨୪୬
୨୭. ଓକ ଚିନ୍ନ କଥା ୩୦୮
୨୮. ଭୟରୁ ମୁକ୍ତି ୩୩୪
୨୯. ପତ୍ରାଳାପ ୩୩୫
୩୦. ପଥ'ର ଶେଷ ୩୪୬
୩୧. ଅମୃତ ବିନ୍ଦୁ ୩୪୭

❑

ପ୍ରତ୍ୟେକେ ନିଜକୁ ବାଦ୍ ଦେଇ ସମାଜରେ
ପରିବର୍ତ୍ତନ ଆଣିବାକୁ ଚାହାନ୍ତି,
ହୃଦୟରେ ସଦାଚାର ରହିଲେ ଚରିତ୍ରରେ ସୌନ୍ଦର୍ଯ୍ୟ ରହେ,
ଚରିତ୍ରରେ ସୌନ୍ଦର୍ଯ୍ୟ ରହିଲେ ଗୃହରେ ସଂହତି ରହେ,
ଗୃହରେ ସଂହତି ରହିଲେ ଦେଶରେ ଶୃଙ୍ଖଳା ରହେ,
ଦେଶରେ ଶୃଙ୍ଖଳା ରହିଲେ ପୃଥିବୀରେ ଶାନ୍ତି ରହେ ।

ଶ୍ରୀ ସତ୍ୟସାଇ ବାବା

ପ୍ରଥମ ଅଧ୍ୟାୟ

ଡାକରା

ଘଟଣାକ୍ରମେ ସମ୍ଭବ ହେବା ଭଳି ମନେ ହେଲେ ହେଁ ମୁଁ ନ ଡାକିବା ଯାଏ କେହି ମୋ ପାଖକୁ ଆସି ପାରିବେ ନାହିଁ ।

— ଶ୍ରୀ ସତ୍ୟସାଇ ବାବା

୧୯୪୪ ମସିହାର କଥା, ଦିନେ ମୁଁ ମୋର ସ୍ୱାମୀ ଶ୍ରୀ ଏନ୍. ରାମମୂର୍ତ୍ତୀଙ୍କ ସହ ହୁବ୍‌ଲିରୁ ଗୁଣ୍ଟକଲ ଦେଇ ମହୀଶୂର ଫେରୁଥାଏ । ଆମେ ହୁବ୍‌ଲି ଯାଉଥାଉ ମୋର ଭଉଣୀ ରାଧାକୁ ଥରେ ଦେଖି ଆସିବାପାଇଁ । ମୋର ସ୍ୱାମୀ ଥା'ନ୍ତି ମହୀଶୂର ରେଳବାଇର (ବର୍ତ୍ତମାନ ଯାହା ଦକ୍ଷିଣ ରେଳବାଇ) ଜଣେ କର୍ମଚାରୀ ।

ବାଟରେ କୌଣସି ଏକ ଷ୍ଟେସନରେ (ବର୍ତ୍ତମାନ ଷ୍ଟେସନର ନାମ ମୋର ମନେପଡୁ ନାହିଁ) ରେଳ ଗାଡ଼ି ଅଟକି ଥାଏ । ଆମେ ଦେଖିଲୁ ପଛର ଏକ ଡବା ଭିତରକୁ ଅନେକ ଲୋକ ଯାଉଛନ୍ତି । ବୁଝି ଜାଣିଲୁ ସେହି ରେଳଗାଡ଼ିରେ ଗୋଟିଏ ପିଲା ଯାଉଥାଏ, ଯିଏ ଅନେକ ଅଲୌକିକ କାର୍ଯ୍ୟ କରିପାରେ । ମୁଁ ମୋ ସ୍ୱାମୀଙ୍କୁ କହିଲି, 'ତୁମେ ମଧ୍ୟ ଯାଇ ଥରେ ଦେଖିଆସ ସେଠି କ'ଣ ହେଉଛି ।' ମୋର ସ୍ୱାମୀ କିଛି ସମୟ ପରେ ଫେରି ଆସି କହିଲେ ଯେ ସାର୍ଟ, ପ୍ୟାଣ୍ଟ ପିନ୍ଧିଥିବା ଗୋଟିଏ ପିଲା ସେହି ଡବାରେ ବସିଛି । ତାକୁ ଲୋକ ପୁଟ୍ଟପର୍ତ୍ତି ସତ୍ୟମ୍ ବୋଲି କହୁଛନ୍ତି । ପିଲାଟିକୁ ଥରେ ଦେଖିବା ପାଇଁ ମୋର ମଧ୍ୟ ଇଚ୍ଛା ହେଉଥିଲା । ଗାଡ଼ି ଛାଡ଼ିବା ସମୟ ହୋଇଯାଇଥିବାରୁ ମୁଁ ଆଉ ଓହ୍ଲାଇବାକୁ ସାହାସ କଲି ନାହିଁ । ପରେ ଜାଣିଲି ଯେ କଲୁର୍‌ର ଜଣେ ଏକାଉଣ୍ଟାଣ୍ଟ ପିଲାଟିକୁ ତାଙ୍କ ଗାଁକୁ ନେଇ ଯାଇଥିଲେ । ବର୍ତ୍ତମାନ ସେ ତାକୁ ପୁଣି ପୁଟ୍ଟପର୍ତ୍ତି ନେଇ ଯାଉଛନ୍ତି ।

ମୋର ସ୍ୱାମୀଙ୍କ ଜୀବନରେ ଏହା ଥିଲା ସତ୍ୟସାଇ ବାବାଙ୍କର ପ୍ରଥମ ଦର୍ଶନ । ମୋ କପାଳରେ କିନ୍ତୁ ଏହା ଦୁଇ ବର୍ଷ ପରେ ଘଟିବ ବୋଲି ଲେଖାଥିଲା ।

ଦ୍ୱିତୀୟ ଅଧ୍ୟାୟ

ଶିହରଣ

"ଗୁରୁ ଅପେକ୍ଷା ଗମ୍ୟ ବଡ଼ । ଗମ୍ୟକୁ ଧରି ରୁହ,
ଗୁରୁ ଆପେ ଆପେ ଆସିଯିବେ ।"

– ଶ୍ରୀ ସତ୍ୟସାଇ ବାବା

୧୯୪୭ ମସିହା ଫେବୃଆରୀରେ ଆମ ଜୀବନର ଅତ୍ୟନ୍ତ ସୌଭାଗ୍ୟ ପୂର୍ଣ୍ଣ ତଥା ଘଟଣା ବହୁଳ କେତୋଟି ଦିନ ବିତିଗଲା । ଅବତାର ପୁରୁଷ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ, ଯାହାକୁ ତାଙ୍କର ଭକ୍ତମାନେ ଭଗବାନଙ୍କର ଅପାର କୃପା ମଣିଥା'ନ୍ତି, ତାହା ଆମକୁ ପ୍ରାପ୍ତ ହେଲା ।

ମୁଁ ଓ ମୋର ଭ୍ରାତ୍ରୀୟ ଶ୍ରୀ ବାଲ୍‌ସୁବ୍ରମଣ୍ୟମ୍ ଟି.କେ, ଦୁହେଁ ଶ୍ରୀ ରାମକୃଷ୍ଣ ପରମହଂସଙ୍କର ଦୃଢ଼ ବିଶ୍ୱାସୀ ଥିଲୁ ଏବଂ ପିଲାଦିନରୁ ତାଙ୍କର ଜୀବନୀ ଓ ଉପଦେଶ ପାଠ କରୁଥିଲୁ । ତାଙ୍କର ଜୀବନକାଳରେ ଏବଂ ସେ ତାଙ୍କର ଦିବ୍ୟ ପ୍ରେମ ସମସ୍ତଙ୍କୁ ବିତରଣ କରୁଥିବା ସମୟରେ ଆମେ ନଥିବାରୁ, ମନ ମଧ୍ୟରେ ଆମର ଏକ ଅବଶୋଷ ଥାଏ ।

ଆମ ପରିବାରର ଜଣେ ହିତାକାଂକ୍ଷୀ ଥରେ ଆମକୁ ଶିରିଡ଼ି ସାଇବାବାଙ୍କର ଏକ ଫଟୋ ଓ ଅଷ୍ଟୋତ୍ତରଶତ ନାମାବଳୀ ପୁସ୍ତକ ଦେଇଥା'ନ୍ତି । ସେ ସମୟରେ ଆମେ ମହୀଶୂର ସହରର ବାଣୀବିଳାସ ରୋଡ଼ରେ ରହୁଥାଉ । ମୁଁ ଶ୍ରୀଶିରିଡ଼ି ସାଇବାବାଙ୍କର ନିୟମିତ ପୂଜା କରୁଥାଏ । ଛ' ମାସ ପରେ ଦିନେ ରାତିରେ ଶ୍ରୀଶିରିଡ଼ି ସାଇବାବା ମୋତେ ସ୍ୱପ୍ନରେ ଦର୍ଶନ ଦେଲେ । ମୁଁ ତାଙ୍କୁ କହୁଥାଏ, 'ସ୍ୱାମୀ, କୃପା କରି ଆପଣ ମୋତେ ଆପଣଙ୍କର ଶିଷ୍ୟ ରୂପେ ଗ୍ରହଣ କରନ୍ତୁ ଓ ମନ୍ତ୍ରୋପଦେଶ ଦିଅନ୍ତୁ ।' ଶ୍ରୀଶିରିଡ଼ି ସାଇବାବା ମୋତେ କହିଲେ 'ମୁଁ ତୁମର ଗୁରୁନୁହଁ, ତୁମେ ଶୀଘ୍ର ତୁମର ଗୁରୁଙ୍କୁ ସାକ୍ଷାତ କରିବ । ସେ ତୁମକୁ ମନ୍ତ୍ରୋପଦେଶ ଦେବେ ।'

ଏହି ଘଟଣାର ପରେ ପରେ ୧୯୪୭ ଫେବୃଆରୀ ମାସରେ ଦିନେ ଆମେ ବାଲସୁବ୍ରମଣ୍ୟମଙ୍କଠାରୁ ଏକ ଚିଠି ପାଇଲୁ । ସେ ଚିଠିରେ ସେ ଲେଖିଥାନ୍ତି, 'ଏପରି ଜଣେ ଗୁରୁ ବାଙ୍ଗାଲୋର ଆସିଛନ୍ତି, ଯାହାଙ୍କ ଚରଣରେ ଆମେ ଆଶ୍ରୟ ନେଇ ପାରିବା । ତୁମେ ଶୀଘ୍ର ଆସି ଶ୍ରୀ ତିରୁମଲ ରାଓଙ୍କ ଘରେ ତାଙ୍କର ଦର୍ଶନ କର ।" ସେ ତାଙ୍କର

ଚିଠିରେ ତିରୁମଲ ରାଓଙ୍କର ଠିକଣା ଏବଂ କେଉଁ ତାରିଖରେ ଦର୍ଶନ କରିହେବ ତାହା ମଧ୍ୟ ଉଲ୍ଲେଖ କରିଥାନ୍ତି । ଅନ୍ୟମାନେ ହୁଏତ ଏହାକୁ ଏକ ସମକାଳୀନ ସଂଯୋଗ କହିପାରନ୍ତି କିନ୍ତୁ ଆମ ପାଇଁ ଏହା ଥିଲା ଈଶ୍ୱରଙ୍କର ଅନୁଗ୍ରହ ।

ମଧ୍ୟାହ୍ନ ସମୟରେ ମୁଁ, ମୋର ସ୍ୱାମୀ, ଆମର ତିନିପୁଅ ମୁରଲୀ, ରଘୁ ଓ ଶଙ୍କର, ମୋ'ର ମା' ଶ୍ରୀମତୀ ନାମଗିରି ଆମ୍ମା ଏବଂ ମାମୁଁ ଶ୍ରୀ ସି. ଏନ. ରାଜଗୋପାଲ ଯାଇ ତିରୁମଲ ରାଓଙ୍କ ଘରେ ପହଞ୍ଚିଲୁ । ସେ ଦିନ ଖୁବ୍ ଗରମ ହେଉଥାଏ । ରାଓଙ୍କ ଘର ବଗିଚାରେ କିଛି ଲୋକ ଛିଡ଼ା ହୋଇଥାନ୍ତି । ସେମାନଙ୍କ ମଧ୍ୟରେ ଥାଏ ଏକ ଗୈରିକ ବସନ ପରିହିତ ବାଳକ ଯିଏ ସମସ୍ତଙ୍କ ସହ କଥାବାର୍ତ୍ତା ହେଉଥାଏ ଓ ସେମାନଙ୍କୁ ଆଶୀର୍ବାଦ କରୁଥାଏ । ଆମେ ସେ ସମୟରେ ଶ୍ରୀ ରାଓଙ୍କର ସମ୍ପୂର୍ଣ୍ଣ ଅପରିଚିତ, ତେଣୁଗେଟ୍ ପାଖରେ ଛିଡ଼ା ହୋଇ ଭିତରକୁ ଯିବୁ ନା ନାହିଁ ଏହି ଦ୍ୱନ୍ଦରେ ପଡ଼ିଥାଉ । ଆଖି ପିଛୁଳାକେ ହଠାତ୍ ଆମେ ଦେଖିଲୁ, ସେହି ବାଳକଟି ଆମ ଆଗରେ ସ୍ମିତହାସ ମୁଖରେ ଛିଡ଼ା ହୋଇଛି । ସେ ହିଁ ସାଇବାବା ଯାହା ସମ୍ବନ୍ଧରେ ଆମର ଭ୍ରାତ୍ରିକ ତାଙ୍କ ଚିଠିରେ ଆମକୁ ଲେଖି ଜଣାଇଥାନ୍ତି । ଆମେ ପାରମ୍ପରିକ ରୀତିରେ ତାଙ୍କୁ ପ୍ରଣାମ କଲୁ, ଗଳାରେ ଫୁଲମାଳ ଦେଲୁ ଓ ହାତରେ ଫୁଲ ଓ ଫଳ ଦେଲୁ । ଆମେ ପ୍ରଣାମ କରି ଉଠିବା ସମୟରେ ସେ ଆମକୁ ଅତି ଶୁଦ୍ଧ ତେଲୁଗୁରେ କହିଲେ, 'କାଲି ଗୁରୁବାର ଏଠାରେ ଭଜନ ହେବ, ତୁମେମାନେ ଆସି ଯୋଗ ଦିଅ ।' ଏତିକି କହି ସଙ୍ଗେ ସଙ୍ଗେ ସେ ସେଠାରୁ ଚାଲିଗଲେ । ଆମ ଜୀବନରେ ଏହା ଥିଲା ଶ୍ରୀ ସତ୍ୟସାଇବାବାଙ୍କ ପ୍ରଥମ ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ । ସେହିଦିନଠାରୁ ତାଙ୍କୁ ଆମେ ଆମର ସ୍ୱାମୀ ବୋଲି ମାନି ନେଇଥାଉ । ପରଦିନ ଆମେ ତିରୁମଲ ରାଓଙ୍କ ଘରେ ଭଜନରେ ଯୋଗ ଦେଲୁ । ଏକ ସୁବିଶାଳ କକ୍ଷରେ ଭଜନ ହେଉଥାଏ । କକ୍ଷ ମଧ୍ୟର ଏକ ପାର୍ଶ୍ୱରେ ମହିଳା ଓ ଅନ୍ୟ ପାର୍ଶ୍ୱରେ ପୁରୁଷ ଭରି ରହିଥାନ୍ତି । ସମୟ ସମୟରେ ସ୍ୱାମୀ ଭଜନ ଗାଉଥାନ୍ତି ଓ ଅନ୍ୟମାନ ପାଳି ଧରୁଥାନ୍ତି, କିନ୍ତୁ ଅଧିକାଂଶ ସମୟରେ ସେ ଭଜନ ଶୁଣି, ତା' ମଧ୍ୟରେ ଲୀନ ହେଇଯାଉଥାନ୍ତି । ଭଜନ ପରେ ସ୍ୱାମୀ ସଂଲଗ୍ନ କୋଠରୀ ମଧ୍ୟକୁ ଚାଲିଗଲେ ଏବଂ ଏକ ବ୍ୟକ୍ତିଗତ ସାକ୍ଷାତକାର ପାଇଁ କିଛି ଲୋକଙ୍କୁ ବାଛି ନେଲେ । ସେମାନଙ୍କ ମଧ୍ୟରେ ଆମେ ବି ଥିଲୁ । ଆମେ କକ୍ଷ ମଧ୍ୟକୁ ପ୍ରବେଶ କରି ସ୍ୱାମୀଙ୍କୁ ପ୍ରଣାମ କଲୁ । ସେ ବିଭୂତି ସୃଷ୍ଟି କରି ଆମ କପାଳରେ ବୋଳି ଦେଲେ ଓ ଆଶୀର୍ବାଦ କରି ଆମର ପ୍ରାର୍ଥନା ଫଳବତୀ ହେବ ବୋଲି କହିଲେ । ମୋର ସ୍ୱାମୀ କହିଲେ, 'ମୁଁ ବର୍ତ୍ତମାନର ଚାକିରି ଛାଡ଼ି ଆଉ ଏକ ଭଲ ଚାକିରି କରିବି ବୋଲି ଚାହୁଁଛି, ଦୟାକରି ତାହା ଠିକ୍ ହେବ କି ନାହିଁ କୁହନ୍ତୁ ।' ସ୍ୱାମୀ କହିଲେ, 'ବର୍ତ୍ତମାନର ଚାକିରି ଛାଡ଼ିବା ଠିକ୍ ହେବ ନାହିଁ, ଏହି

ଚାକିରିରେ ତୁମେ ଆହୁରି ଉପରକୁ ଯିବ ।' ଚାରିବର୍ଷ ପରେ ସ୍ୱାମୀ ଯାହା କହିଥିଲେ ତାହାହେଲା । ସ୍ୱାମୀଙ୍କ ସହିତ ତାହା ଥିଲା ଆମର ପ୍ରଥମ ସାକ୍ଷାତକାର (Interview) । ସେଦିନ ଆମ ଯାହା ଦେଖିଲୁ, ଶୁଣିଲୁ ଓ ଅନୁଭବ କଲୁ ତାହା ଥିଲା ଆମ ପାଇଁ ସମ୍ପୂର୍ଣ୍ଣ ନୂତନ । ପ୍ରଥମ ଦର୍ଶନରୁ ହିଁ ସ୍ୱାମୀ ଜଣେ ସିଦ୍ଧ ପୁରୁଷ, ଏ ସମ୍ବନ୍ଧରେ ଆମର ଆଉ ସନ୍ଦେହ ରହିଲା ନାହିଁ ।

ଆମର ଏହି ନୂଆ ଅନୁଭୂତିକୁ ଲକ୍ଷ୍ୟ କରି ମୋ' ମନରେ ଏକ ଚିନ୍ତା ଆସିଲା । ଏହି ବ୍ୟକ୍ତି ଏମିତି ବିଭିନ୍ନ ଦ୍ରବ୍ୟସୃଷ୍ଟି କରି ଏବଂ ଲୋକଙ୍କର କାମନା ପୂରଣ କରି ନିଜ ସିଦ୍ଧିର ଅପଚୟ କରୁନାହାନ୍ତି ତ ? ଶ୍ରୀ ରାମକୃଷ୍ଣ ପରମହଂସ ବହୁବାର କହିଛନ୍ତି ଯେ ସାଧକ ଲାଭ କରୁଥିବା ସିଦ୍ଧି, ସାଧନା ପଥରେ ବିଘ୍ନ ସୃଷ୍ଟି କରିଥାଏ । ତେଣୁ ଆତ୍ମ ସାକ୍ଷାତକାର ଚାହୁଁଥିବା ସାଧକ ଏସବୁଠୁ ଦୂରେଇ ରହିବା ଭଲ । ପରମହଂସ ଆଉ ମଧ କହିଛନ୍ତି ଯେ ସାଧକ ଅନେକ ସମୟରେ ନିଜ ସିଦ୍ଧିକୁ ପ୍ରୟୋଗ କରିବା ବା ପ୍ରଦର୍ଶନ କରିବାକୁ ପ୍ରଲୁବ୍ଧ ହୁଏ । ଏହା ସାଧକର ଅହଙ୍କାର ବୃଦ୍ଧି କରେ ଯଦିଚ ସେ ବର୍ଷ ବର୍ଷ ଧରି ସାଧନା କରିଥାଏ । ଏହି ଅହଙ୍କାରକୁ ଜୟ କରିବାପଇଁ ସାଧାରଣ ସାଧକଙ୍କ ସମ୍ବନ୍ଧରେ ପରମହଂସ ଯେଉଁ ସତର୍କ ବାଣୀ ଶୁଣାଇଥାନ୍ତି, ସ୍ୱାମୀଙ୍କୁ ତାଙ୍କ ସହ ସମାନ କରିବା ଯେ କିଭଳି ଏକ ଉଦ୍ଭଟ ଚିନ୍ତା, ତାହା ଆମେ ସ୍ୱାମୀଙ୍କ ଅନୁଗାମୀ ହେବା ପରେ ଜାଣିପାରିଲୁ । ସେତେବେଳେ ଆମେ ବୁଝିପାରିଲୁ ନିଦର୍ଶନ ଓ ପ୍ରଦର୍ଶନ ମଧ୍ୟରେ ଫରକ କେଉଁଠି ।

୧୯୪୬ ଫେବୃଆରୀରେ ସ୍ୱାମୀଙ୍କ ପ୍ରଥମ ଦର୍ଶନ ପରେ ଭକ୍ତମାନଙ୍କ ଘରେ ଆଉ ଏଭଳି ଦର୍ଶନର ସୁଯୋଗ ହୁଏତ ମିଳିବ ବୋଲି ଆଶା ରଖି ଆମେ ବାଙ୍ଗାଲୋରରେ ଆମ ମାମୁଁଙ୍କ ଘରେ ଆଉ କିଛି ଦିନ ରହିଗଲୁ । ବାଙ୍ଗାଲୋରରେ ରହିବା ଭିତରେ ଆଉ ଦୁଇଥର ସ୍ୱାମୀଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଆମେ ଲାଭ କଲୁ । ଏଭଳି ଦର୍ଶନ କରିବା ଭିତରେ ଦିନେ ମୋର ମାମୁଁ ସ୍ୱାମୀଙ୍କୁ ତାଙ୍କ ଘରକୁ ଆସିବାପାଇଁ ନିମନ୍ତ୍ରଣ କଲେ । ପ୍ରଥମେ ରାଜି ନଥିଲେ ହେଁ, ସ୍ୱାମୀ ପରେ 'ହଁ' ଭରିଲେ ଏବଂ ୧୯୪୨ ମାର୍ଚ୍ଚ ୩ ତାରିଖ ଅପରାହ୍ନରେ ତିରୁମଲା ରାଓଙ୍କ ସହ ଆସି ଆମର ପାଦପୂଜା ଗ୍ରହଣ କଲେ । ଆମେ ମଧ୍ୟାହ୍ନ ଭୋଜନ କରିବାକୁ ଅନୁରୋଧ କଲୁ କିନ୍ତୁ ସେ ଖାଇ ସାରିଛନ୍ତି କହି ଅନୁଗ୍ରହ ପୂର୍ବକ ସାମାନ୍ୟ ଫଳରସ ଓ ଏକ ଚାମୁଚ୍ ଓ୍ୱାଙ୍ଗିଭାତ୍ ସେବନ କଲେ । ସେ କେତେ ଖଣ୍ଡ ଆତ ଖାଇଲେ ଓ ବାକିତକ ପ୍ରସାଦ ରୂପେ ସେଠାରେ ଥିବା ସମସ୍ତଙ୍କ ମଧ୍ୟରେ ବାଣ୍ଟି ଦେଲେ । ମାତ୍ର ପାଞ୍ଚଥର ଦର୍ଶନର ଅନୁଭୂତି

ନେଇ ଆମେ ସ୍ୱାମୀଙ୍କ ସହ ଖୋଲାମନରେ କଥା କହିବାକୁ ସଙ୍କୋଚ କରୁଥାଉ । ସମସ୍ତେ ସ୍ୱାମୀଙ୍କ ପାଦ ନମସ୍କାର ପାଇ ବାହୁଡ଼ିଲୁ ।

ମୋର ପିତାମହ ଶ୍ରୀ ନାଗେଶ୍ୱରୟା ସି., ଅଶିବର୍ଷର ପକ୍ୱ ବୟସରେ ମଧ୍ୟ ବେଶ୍ ଚଲାବୁଲା କରୁଥାନ୍ତି । ସେତେବେଳେ ସେ ବାଙ୍ଗାଲୋରରେ ତାଙ୍କର ଝିଅ ପାଖରେ ରହୁଥାନ୍ତି । ମୁଁ ତାଙ୍କୁ ଇତି ମଧ୍ୟରେ ଜଣେ ମହାତ୍ମାଙ୍କୁ ଦର୍ଶନ କରିଛି ବୋଲି କହିଲି । ସେ ମଧ୍ୟ ତାଙ୍କୁ ଦର୍ଶନ କରିବାର ଇଚ୍ଛା ନେଇ ତିରୁମଲା ରାଓଙ୍କ ଘରକୁ ଗଲେ । ସେଠାରୁ ଫେରିବା ପରେ ମୁଁ ତାଙ୍କ ମୁଖମଣ୍ଡଳରେ ଏକ ଅପୂର୍ବ ଆନନ୍ଦ ଦେଖିଲି । ସେ କହିଲେ ଯେ ସ୍ୱାମୀଙ୍କର ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ ଲାଭ କରିବା ତାଙ୍କର ସୌଭାଗ୍ୟ । ସେ ସ୍ୱାମୀଙ୍କୁ କ'ଣ ମାଗିଲେ ବୋଲି ମୁଁ ତାଙ୍କୁ ପଚାରିଲି । ସେ କହିଲେ, ସେ ସ୍ୱାମୀଙ୍କୁ ଅଜ୍ଞାନ ଦୂର କରି ସୁଜ୍ଞାନ ପ୍ରଦାନ କରିବାକୁ ପ୍ରାର୍ଥନା କଲେ । ୧୯୪୭ ମଇ' ମାସରେ ସ୍ୱାମୀ ତାଙ୍କ ମହୀଶୂର ଯାତ୍ରା ସମୟରେ ଆମ ପିତାମହଙ୍କ ଘରକୁ ଆସିଥିଲେ । ମୁଁ ସେତେବେଳେ ସେଠାରେ ଥାଏ । ମୋର ପିତାମହଙ୍କୁ ସ୍ୱାମୀ ପାଦପୂଜା କରିବାର ଅନୁମତି ଦେଲେ । ସ୍ୱାମୀଙ୍କୁ ସେତେବେଳେ ମାତ୍ର କୋଡ଼ିଏ ବର୍ଷ । ସେ ସେଦିନ ମୋର ପିତାମହଙ୍କ ଦାନଶୀଳ ସ୍ୱଭାବର ପ୍ରଶଂସା କଲେ ।

ଏହାର କିଛି ଦିନ ପରେ ମୋର ମା' ତାଙ୍କ ଦୁଇ ଭାଉଜ ଶ୍ରୀମତୀ ଜୟଲକ୍ଷ୍ମ୍ୟାମ୍ମା ଓ ସରସ୍ୱତ୍ୟାମ୍ମାଙ୍କ ସହ ପ୍ରଥମର ଥର ପାଇଁ ପୁଟପର୍ତ୍ତି ଯାଇଥା'ନ୍ତି । ପୁଟପର୍ତ୍ତିରେ ପୁରାତନ ମନ୍ଦିର ସଂଲଗ୍ନ ବେଣୁ ଗୋପାଳ ସ୍ୱାମୀ ମନ୍ଦିର ଭିତରେ ମୋର ମା' ଅନେକ ସମୟ ଧ୍ୟାନ କରୁଥାନ୍ତି । ଧ୍ୟାନାବସ୍ଥାରେ ପ୍ରତ୍ୟେକ ଥର ଆଖି ଖୋଲିବା ମାତ୍ରକେ ଆଗରେ ସ୍ୱାମୀଙ୍କୁ ଦଣ୍ଡାୟମାନ ଥିବା ଦେଖି ସେ ବିହ୍ୱଳିତ ହେଉଥାନ୍ତି । ଥରେ ସ୍ୱାମୀ ତାଙ୍କୁ ପଚାରିଲେ 'ଏହି ଜାଗାରେ ଖୁବ୍ ଶାନ୍ତି ଲାଗୁଛି ନା ?' ଆହୁରି ଏପରି ଅନେକ ଭକ୍ତ କୌଣସି ଆଧ୍ୟାତ୍ମିକ ପ୍ରସଙ୍ଗରେ ଆଲୋଚନା କରିବା ସମୟରେ ବା ଭଜନ କରିବା ସମୟରେ ଏଭଳି ଅନୁଭୂତି ଲାଭ କରୁଥାନ୍ତି । ଦିନେ ମୋ ମା' ସେ ରାନ୍ଧି ଥିବା ଖାଦ୍ୟ ଗ୍ରହଣ କରିବା ପାଇଁ ସ୍ୱାମୀଙ୍କୁ ପ୍ରାର୍ଥନା କଲେ । ସ୍ୱାମୀ ଆସି ଖାଇ ବସିଲେ । ଖାଇବା ପରେ ମୋର ମା' ସ୍ୱାମୀଙ୍କୁ ଉପଦେଶ ଦେବାପାଇଁ ପ୍ରାର୍ଥନା କରିବାରୁ ସେ କହିଲେ ଗତ ବର୍ଷ ତୁମେ ଭଗବତ ସନ୍ଧାନର କୌଣସି ଏକ ସ୍ଥାନକୁ ଯାଇଥାଅ । ସେ ଜାଗାଟି ଖୁବ୍ ଭଲ । ସେଠାରେ ତୁମେ ଯେଉଁ ମନ୍ତ୍ର ଜପ କଲ, ସେହି ମନ୍ତ୍ର ଜପ କର । ଯଦି ଚାହୁଁଛ, ସେହି ମନ୍ତ୍ରର ଆଗରେ ତୁମେ 'ସାଇ' ପଦଟି ଯୋଡ଼ି ପାର ।

ଏହି କଥା ମୋ ମା'ଙ୍କ ଛଡ଼ା ଆଉ କେହି ଜାଣିନଥା'ନ୍ତି । ତାଙ୍କୁ ଯିଏ ମନ୍ତ୍ର ଦୀକ୍ଷା ଦେଇଥିଲେ, ତାଙ୍କ ନାମ ଥିଲା ଶ୍ରୀମତୀ ଭେଙ୍କଟ ଲକ୍ଷ୍ମ୍ୟାମ୍ମା । ସେ ରହୁଥାନ୍ତି ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାସ୍ଥିତ ଧର୍ମବରମ ତାଲୁକାର ନ୍ୟାମଡାଲା ଗ୍ରାମରେ । ୧୯୪୫ରେ ଭେଙ୍କଟ ଲକ୍ଷ୍ମ୍ୟାମ୍ମା ଆମର କେତେକ ଆତ୍ମୀୟଙ୍କ ସହ ମହୀଶୂରରେ ମୋର ପିତାମହଙ୍କ ଗୃହକୁ ଆସିଥାନ୍ତି । ସେ ପ୍ରାୟ କାହା ସହ କଥା କହୁନଥା'ନ୍ତି ।

ରାତିରେ ସବୁ ସମୟରେ ଆମେ ଉଠି ଲକ୍ଷ୍ୟ କରୁ, ସେ ଗୋଟିଏ ଖମ୍ବକୁ ଆଉଜି ବସି ରହିଥାନ୍ତି । ସେ ସମୟରେ ମୋର ମା' କଡ଼ପା ଅଞ୍ଚଳରେ ଜଣେ ଯୋଗୀ ଲେଖିଥିବା 'ଶିବ ରାଜଯୋଗ' ପୁସ୍ତକଟି ପଢୁଥା'ନ୍ତି । ଦିନେ ମୁଁ ଭେଙ୍କଟ ଲକ୍ଷ୍ମ୍ୟାମ୍ମାଙ୍କ ଠାରୁ କେତୋଟି ଆଧ୍ୟାତ୍ମିକ ବିଷୟରେ କିଛି ସ୍ପଷ୍ଟିକରଣ ଚାହିଁଲି । ସେଦିନ ଭେଙ୍କଟଲକ୍ଷ୍ମ୍ୟାମ୍ମା ମୋର ମା'ଙ୍କୁ ସାଧନା ସମ୍ପର୍କରେ କିଛି ଉପଦେଶ ଦେଲେ ଓ କହିଲେ ଯେ ଯଦି ସେ (ମୋର ମା') ତାଙ୍କ ଗାଁକୁ ଆସିବେ ସେ ସେଠାରେ ତାଙ୍କୁ ମନ୍ତ୍ରଦୀକ୍ଷା ଦେବେ । ଆମ ଘରେ ରହୁଥିବା ସମୟରେ ଆମେ କେହି ଜାଣି ପାରିଲୁ ନାହିଁ ଯେ ସେ ଜଣେ ମହାନ ଯୋଗିନୀ । ପରେ ମୋ ମା' ତାଙ୍କ ଗାଁକୁ ଯାଇ ସେଠାରେ ତାଙ୍କଠାରୁ ମନ୍ତ୍ର ଦୀକ୍ଷା ଗ୍ରହଣ କଲେ । ସେତେବେଳେ ଭେଙ୍କଟଲକ୍ଷ୍ମ୍ୟାମ୍ମା ମୋ ମା'ଙ୍କୁ କହିଥିଲେ, "ଏକ ଦିବ୍ୟ ପୁଷ୍ପ ପେନୁକାଣ୍ଡା ତାଲୁକାରେ ପ୍ରସ୍ଫୁଟିତ ହୋଇଛି । ସେହି ପୁଷ୍ପ ହିଁ ହେବ ତୋର ଗୁରୁ ଓ ଈଶ୍ୱର ।"

✍

ଦିନେ ସନ୍ଧ୍ୟାରେ ଚିତ୍ରାବତୀ ନଦୀ ଶଯ୍ୟାରେ ସ୍ୱାମୀ ବାଲିରୁ ବିଭୂତି ସୃଷ୍ଟି କରି ସେଠାରେ ଥିବା ସମସ୍ତ ଭକ୍ତଙ୍କ ମଧ୍ୟରେ ତାହା ବିତରଣ କଲେ । ସେ ମୋର ମା' ଙ୍କୁ ନଦୀ ବାଲିରୁ କିଛି ହାତରେ ଧରି ରହିବାପାଇଁ କହିଲେ । ମୋର ମା' ଭକ୍ତି ପୂର୍ବକ ବାବା କହିବା ମତେ ହାତରେ କିଛି ନଦୀ ବାଲି ଧରି ରହିଥାନ୍ତି । ବାବା ତାଙ୍କୁ ବାଲି ଭିତରେ କ'ଣ ଅଛି ଦେଖିବାକୁ କହିବାରୁ ସେ ଦେଖି କହିଲେ ଯେ ବାଲି ଭିତରେ କିଛି ନାହିଁ । ସ୍ୱାମୀ ତାଙ୍କ ଆଙ୍ଗୁଠି ଦେଇ ବାଲିକୁ ଘାଣ୍ଟି ଦେଲେ ଓ ବାଲି ଭିତରୁ ଭାଙ୍ଗ ପଡ଼ିଥିବା ଗୋଟିଏ କାଗଜ ବାହାର କରିଆଣିଲେ । ସେ କାଗଜଟି ମୋର ମା'ଙ୍କ ହାତକୁ ଦେଇ ତାହା ମନ୍ଦିରରେ ଏକାଥିବା ସମୟରେ ଖୋଲି ପଢ଼ିବାକୁ ନିର୍ଦ୍ଦେଶ ଦେଲେ । ମନ୍ଦିରକୁ ଫେରି ମା' ଯେତେବେଳେ କାଗଜଟି ଖୋଲି ପଢ଼ନ୍ତି, ସେଥିରେ ଲେଖା ହୋଇଥାଏ ସେ ଏଥି ପୂର୍ବରୁ ଦୀକ୍ଷା ନେଇଥିବା ମନ୍ତ୍ର । ସେ ମନ୍ତ୍ରଟି କେବଳ ମୋ ମା'କୁ ଜଣାଥାଏ ।

✍

ସ୍ୱାମୀଙ୍କର ପୂଜନୀୟା ମାତା ଈଶ୍ୱରମ୍ମା ଓ ଭେଙ୍କଟଲକ୍ଷ୍ମୀ ପୁଟ୍ଟପର୍ତ୍ତୀ ନିକଟସ୍ଥ କୋଭାଟେରୁଓ୍ୱ ଗ୍ରାମରେ ପରସ୍ପରର ପଡ଼ୋଶୀ ଥାନ୍ତି ଏବଂ ଉଭୟଙ୍କ ମଧ୍ୟରେ ବିଶେଷ ପ୍ରୀତିଭାବ ଥାଏ । ୧୯୫୦ ର ମଧ୍ୟଭାଗରେ ଥରେ ଭେଙ୍କଟଲକ୍ଷ୍ମ୍ୟାମ୍ମା ପୁଟପର୍ତ୍ତୀ ଆସିଥା'ନ୍ତି । ସେଠାରେ ସେ ଈଶ୍ୱରମ୍ମାଙ୍କୁ ଭେଟିଲେ । ଉଭୟେ ପରସ୍ପରକୁ ଆନନ୍ଦରେ ଆଲିଙ୍ଗନ କଲେ । ସ୍ୱାମୀ କିନ୍ତୁ ସେଦିନ ପୁଟ୍ଟପର୍ତ୍ତୀରେ ନଥା'ନ୍ତି । ଭେଙ୍କଟଲକ୍ଷ୍ମ୍ୟାମ୍ମା ଦିନେ ଦୁଇଦିନ ପୁଟ୍ଟବର୍ତ୍ତୀରେ ରହି ଫେରିବାକୁ ମନସ୍ଥ କରିଥାନ୍ତି । ସେହି ସମୟରେ ପୁଟ୍ଟପର୍ତ୍ତିରେ ଥିବା ମୋର ମା' ତାଙ୍କୁ, ସେ କ'ଣ ସ୍ୱାମୀଙ୍କୁ ଦର୍ଶନ ନ' କରି ଫେରିଯିବେ ବୋଲି ପ୍ରଶ୍ନ କରିବାରୁ ଭେଙ୍କଟଲକ୍ଷ୍ମ୍ୟାମ୍ମା ଉତ୍ତର ଦେଲେ, 'ବାହ୍ୟ ଦୃଷ୍ଟିରେ ମୁଁ ତାଙ୍କୁ ଦର୍ଶନା କରିବା ଦରକାର ନାହିଁ, ମୁଁ ସବୁବେଳେ ତାଙ୍କୁ ଅନ୍ତରରେ ଦର୍ଶନ କରିଥାଏ ।"

ମୋ ମା' ତାଙ୍କୁ କହିଲେ ଯେ ସେ ସ୍ୱାମୀଙ୍କୁ ବର୍ତ୍ତମାନ ତାଙ୍କର ଗୁରୁ ରୂପେ ପାଇଛନ୍ତି କିନ୍ତୁ ସ୍ୱାମୀ କେବେ ତାଙ୍କୁ କିଛି କହୁ ନାହାନ୍ତି, ଆଧ୍ୟାତ୍ମିକ ଉପଦେଶ ଦେଉନାହାନ୍ତି; କହିବାକୁ ଗଲେ ତାଙ୍କୁ ଉପେକ୍ଷା କରୁଛନ୍ତି । ମୋର ମା'ଙ୍କ ଏହି ଅଭିଯୋଗର ଉତ୍ତରରେ ଭେଙ୍କଟଲକ୍ଷ୍ମ୍ୟାମ୍ମା କହିଲେ, "କିନ୍ତୁ ତୁମେ ସାମାନ୍ୟ ଭୁଲ୍ କଲେ ବି ସେ କ'ଣ ତୁମକୁ ଗାଳି ଦେଉନାହାନ୍ତି ? ସେ ଯେ ତୁମ ଉପରେ ଦୃଷ୍ଟି ରଖିଛନ୍ତି, ଏହା ହିଁ ତା'ର ପ୍ରମାଣ । ତୁମ ଭାଗ୍ୟକୁ ତାଙ୍କ ପବିତ୍ର ପାଦ ସହ ବାନ୍ଧି ତାଙ୍କୁ କେବେ ଛାଡ଼ ନାହିଁ । ସେ ନିଶ୍ଚୟ ତୁମକୁ ସୁଜ୍ଞାନ ପ୍ରଦାନ କରିବେ । ସେ ଯାହାଙ୍କୁ ତାଙ୍କ ନିକଟରେ ରହିବାକୁ କହନ୍ତି, ତାହାର ତିନି ଜନ୍ମର ଆଧ୍ୟାତ୍ମିକ ଅଭିବୃଦ୍ଧିର ଦାୟିତ୍ୱ ସେ ନେଇଥାନ୍ତି । ତେଣୁ ଶ୍ରଦ୍ଧା ଓ ବିଶ୍ୱାସର ସହ ସାଧନା କରିଯାଅ ।"

ତୃତୀୟ ଅଧ୍ୟାୟ

ଈଶ୍ୱରଙ୍କ ନିକଟକୁ ଯାତ୍ରା

ଗୋଟିଏ ପାଦ ଈଶ୍ୱରଙ୍କ ନିକଟକୁ ନିଅ । ସେ ଦଶ ପାଦ ତୁମ ନିକଟକୁ ଆସିବେ । କି ଦିନ କି ରାତି, କି ହସ କି କାନ୍ଦ, ଚିର ହରିତ୍ ଉପତ୍ୟକାରେ ହେଉ ବା ରୁକ୍ଷ ମରୁ ପ୍ରାନ୍ତରରେ ହେଉ, ଜନ୍ମରୁ ମୃତ୍ୟୁ ଯାଏ ଏହା ଏକ ଅବିରାମ ଯାତ୍ରା ।

– ଶ୍ରୀ ସତ୍ୟସାଇ ବାବା

ଭୂ-ବୈକୁଣ୍ଠ ପୁଟ୍ଟପର୍ତ୍ତି ନିରନ୍ତର ବିଶ୍ୱବାସୀଙ୍କୁ ଆହ୍ୱାନ କରିଆସୁଛି ତାର ପବିତ୍ର ମାଟିରେ ଜନ୍ମ ନେଇଥିବା ଅଗମ୍ୟ ଓ ଅଗୋଚର ଈଶ୍ୱରଙ୍କୁ ଦର୍ଶନ କରିବା ପାଇଁ । ଆମେମାନେ ଜୀବନର ପ୍ରତ୍ୟୁଷରେ ହିଁ ଏହି ଆହ୍ୱାନକୁ ଶୁଣି ପାରିଥିବାରୁ ନିଜକୁ ଅତ୍ୟନ୍ତ ଭାଗ୍ୟବାନ ମନେକରୁ ।

ତିରୁମଲ ରାଓଙ୍କ ଘରେ ପ୍ରଥମ ଦର୍ଶନ ଓ ଇଣ୍ଟରଭ୍ୟୁ ପରେ ସ୍ୱାମୀଙ୍କୁ ଆଉ ଥରେ ଦର୍ଶନ କରିବା ପାଇଁ ଆମ ମନରେ ଏକ ପ୍ରବଳ ଇଚ୍ଛା ଜାଗ୍ରତ ହେଉଥାଏ, ଯାହାକୁ ଆମେ ନା ନିଜେ ବୁଝି ପାରୁଥିଲୁ ବା କାହାକୁ ବୁଝାଇପାରୁଥିଲୁ । ୧୯୪୬ ମେ’ ମାସରେ ଆମେ ପ୍ରଥମ ଥର ପାଇଁ ପୁଟ୍ଟପର୍ତ୍ତି ଯିବାର ଯୋଜନା କଲୁ ।

ପୁଟ୍ଟବର୍ତ୍ତି ଥିଲା ସେ ସମୟରେ ଏକ ଛୋଟ ଗାଁ । ଗାଁର ଦୁଇ ସାହି ଭିତରେ ଥାଏ କେତୋଟି ଘର ଓ କୁଡ଼ିଆ। ଚାରି ଦିଗରେ ଥାଏ ଅନେକ ଛୋଟ ବଡ଼ ପାହାଡ଼ ଓ ମଝିରେ ବିସ୍ତୀର୍ଣ୍ଣ ବାଲୁକା ରାଶି ଦେଇ ବହିଯାଇଥାଏ ଚିତ୍ରାବତୀର ଗୋଟିଏ ଛୋଟିଆ ଧାର । ନଦୀଟି ଅନେକ ସମୟରେ ରହିଥାଏ ଶୁଷ୍କ, କିନ୍ତୁ ନଦୀର ସେହି ସରୁଧାର ହିଁ ଥିଲା ଗ୍ରାମବାସୀଙ୍କ ପାଇଁ ଏକମାତ୍ର ଜଳାଶୟ। ବର୍ଷା ଦିନ ହେଲେ ଚିତ୍ରାବତୀର ରୂପ ବଦଳି ଯାଉଥାଏ । ନଦୀ ପାଣି ବଢ଼ି ମନ୍ଦିର ବେଢ଼ା ଯାଏ ମାଡ଼ି ଆସୁଥାଏ । ସ୍ୱାମୀ ତାହା ଦେଖି କହୁଥାନ୍ତି, ନଦୀ ତାଙ୍କର ଦର୍ଶନ ପାଇଁ ମନ୍ଦିର ଯାଏ ଆସିଛି । ସେ ସମୟରେ ସେ ନଦୀ ପାଣିରେ ତାଙ୍କର ପାଦ ରଖନ୍ତି ବା ଗୋଟିଏ କୁଲାରେ ହଳଦୀ ଓ କୁଙ୍କୁମ ରଖି ତାହା ପାଣିରେ ଭସାଇ ଦିଅନ୍ତି ବା ତାଙ୍କର ଅଙ୍ଗବସ୍ତ୍ରକୁ ପାଣିଭିତରକୁ ଫିଙ୍ଗି ଦିଅନ୍ତି । ସଙ୍ଗେ ସଙ୍ଗେ ନଦୀ ପାଣି କମି ଆସେ ।

ସେ ସମୟରେ ମହିଶୂରରୁ ପୁଟ୍ଟପର୍ତ୍ତିକୁ ୩୦୦ କି.ମି. ଯାତ୍ରା ଖୁବ୍ କଠିନ ଓ କ୍ଳାନ୍ତିକର ମନେ ହେଉଥାଏ । ଆମେ ମହୀଶୂରରୁ ବାଙ୍ଗାଲୋର ଯାଏ ରୋଗାଡ଼ିରେ ଯାତ୍ରା କରୁ ଏବଂ ବାଙ୍ଗାଲେରରୁ ପୁଣି ସକାଳେ ଆଉ ଏକ ରେଳରେ ପେନୁକୋଣ୍ଡା ଯାଏଁ

ଆସୁ । ସେଠାରୁ ସେ ସମୟରେ ଯାତାୟତ କରୁଥିବା ଏକମାତ୍ର ବସ୍‌ରେ ଆମେ ବୁକ୍‌କାପଟ୍ଟନମ୍ ଯାଉ । ସେହି ରାସ୍ତାରେ ଗୋଟିଏ ମାତ୍ର ବସ୍ ଯିବା ଆସିବା କରୁଥିବାରୁ ତାହା ସବୁବେଳେ ଭିଡ଼ ରହୁଥାଏ । ବୁକ୍‌କାପଟ୍ଟନମ୍‌ରୁ ୫ କି.ମି. ରାସ୍ତାକୁ ଆମେ ଶଗଡ଼ ଗାଡ଼ିରେ ବସି ଯାଉଥାଉ । ଚବିଶ ଘଣ୍ଟା ଯାତ୍ରା କରିବା ପରେ ଆମେ ଯେତେବେଳେ ପୁଟ୍ଟପର୍ତ୍ତିରେ ପହଁଞ୍ଚୁ, ସେତେବେଳକୁ ଆମ ଅବସ୍ଥା କହିଲେ ନସରେ । ଦେହ ଖଣ୍ଡିଆ ଖାବରା ହୋଇଥାଏ, ଲୁଗାପଟା ଚିରି ଯାଇଥାଏ ଏବଂ ରୋଷେଇ ପାଇଁ ଆଣିଥିବା ବାସନକୁସନ ଅନେକ ଭାଙ୍ଗି ଯାଇଥାଏ । ଏ ସମସ୍ତ ଅସୁବିଧା ସତ୍ତ୍ୱେ ଆମ ମଧ୍ୟରେ ସାଇଙ୍କ ପ୍ରତି ଆକର୍ଷଣ ଏଭଳି ତୀବ୍ର ଭାବରେ ବୃଦ୍ଧି ପାଉଥାଏ ଯେ ଆମେ ବାରମ୍ବାର ଏହି ଯାତ୍ରା କରିବାକୁ ଆଗ୍ରହ ପ୍ରକାଶ କରୁଥାଉ । ଯାତ୍ରାର କ୍ଳିଷ୍ଟତା, ପ୍ରଚଣ୍ଡ ରୌଦ୍ର ଏବଂ ପୁଟ୍ଟପର୍ତ୍ତିରେ ସାଧାରଣ ସୁବିଧା ସୁଯୋଗର ଘୋର ଅଭାବ, ଏସବୁ ଆମେ ଭୁଲିଯାଉଥାଉ, ଯେତେବେଳେ ଆମେ ଦେଖୁ ଚିତ୍ରାବତୀ ବାଲିରେ ଛିଡ଼ା ହୋଇ ସ୍ମିତହାସ ବଦନରେ ଭଗବାନ ତାଙ୍କ ମନ୍ଦିରକୁ ଆମମାନଙ୍କୁ ଆହ୍ୱାନ କରୁଛନ୍ତି ।

ଶ୍ରଦ୍ଧାଳୁ ସାଇ ଭକ୍ତ ତଥା ଲୁଗା ବ୍ୟବସାୟୀ ଶ୍ରୀ ଏଡ଼ଲମ ନାରାୟଣ ଶାସ୍ତ୍ରୀ ଓ ଶ୍ରୀ ଭେଙ୍କଟରମଣ ସେଟ୍ଟି, ଭକ୍ତମାନେ ବୁକ୍‌କାପଟ୍ଟନମରୁ ପୁଟ୍ଟପର୍ତ୍ତି ଯିବାପାଇଁ ଶଗଡ଼ ଗାଡ଼ିର ବ୍ୟବସ୍ଥା କରୁଥାନ୍ତି । ସେମାନେ ଆଉ ମଧ୍ୟ ପେନୁକାଣ୍ଡାରୁ ବୁକ୍‌କାପଟ୍ଟନମ୍ ଆସୁଥିବା ସାଇ ଭକ୍ତମାନଙ୍କୁ ପାଣି, ଫଳରସ ଦେଇ ସେବା କରୁଥା'ନ୍ତି । ସେ ସମୟରେ ସ୍ୱାମୀ ଆମକୁ କହୁଥାନ୍ତି, "ବୁକ୍‌କାପଟ୍ଟନମରେ କେବଳ ଏଡଲମ୍ ପରିବାର ମୋ ପ୍ରତି ଖୁବ୍ ଅନୁରକ୍ତ ।"

୧୯୪୦ ଆରମ୍ଭରେ ପୁଟ୍ଟପର୍ତ୍ତି ଚାରିପାଖରେ ଥିବା ପାହାଡ଼ଗୁଡ଼ିକୁ ସ୍ୱାମୀ ଅନେକ ସମୟରେ ଯାଉଥା'ନ୍ତି ଓ ପାହାଡ଼ ଗୁମ୍ଫା ମଧ୍ୟରେ ଦିନ ପରେ ଦିନ ବିତଉଥାନ୍ତି । ସେ ସମୟରେ ବାଙ୍ଗାଲୋରର ଶ୍ରୀଯୁକ୍ତ ତିରୁମଲ ରାଓ, ମାଧବ ରାଓ ଓ କେଶବ ରାଓ ସ୍ୱାମୀଙ୍କ ଆଶ୍ରିତ ହେଲେ । ଏହି ଆଶ୍ରିତଗଣ କରଣମ୍ ନାରାୟଣ ରାଓଙ୍କ ଦୁଇ ପତ୍ନୀ ଶ୍ରୀମତୀ ସୁବମ୍ମା ଓ ଶୀମତୀ କମଲମ୍ମାଙ୍କ ସହ ସ୍ୱାମୀଙ୍କୁ ପ୍ରାର୍ଥନା କଲେ, ଭକ୍ତମାନଙ୍କ ପାଇଁ ଏକ ମନ୍ଦିର ନିର୍ମାଣର ଅନୁମତି ପାଇଁ । ସେତେବେଳେ ଯେଉଁ ମନ୍ଦିର ନିର୍ମାଣ କରାଗଲା ତାହାକୁ ପରବର୍ତ୍ତୀ ସମୟରେ ପୁରାତନ ମନ୍ଦିର କୁହାଗଲା ଓ ଆଜି ତାହା ହେଉଛି ପେଦା ଭେଙ୍କପରାଜୁ କଲ୍ୟାଣ ମଣ୍ଡପ । ତିରୁମଲ ରାଓ ଏବଂ ତାଙ୍କର ପତ୍ନୀ ଶ୍ରୀମତୀ ପୁଷ୍ପମ୍ମା ସ୍ୱାମୀଙ୍କର ଏକନିଷ୍ଠ ଭକ୍ତ ଥିଲେ । ସ୍ୱାମୀ ଯେତେବେଳେ ବାଙ୍ଗାଲୋର ଯାଉଥାନ୍ତି, ସେ ତାଙ୍କରି ଘରେ ରହି ଭକ୍ତମାନଙ୍କୁ ଦର୍ଶନ ଦେଉଥାନ୍ତି ।

ମନ୍ଦିର ଉଦ୍‌ଘାଟନ ଆଉ ମାତ୍ର ଅଳ୍ପ ଦିନ ଥାଏ । ତିରୁମଲ ରାଓ ତୀବ୍ର ଉଦର ପୀଡ଼ାରେ ପୀଡ଼ିତ ହେଲେ । ସେ ମାନ୍ଦ୍ରାଜ୍ ଯାଇ ସେଠାରେ ପ୍ରତିଷ୍ଠିତ ଅସ୍ତ୍ର ଚିକିତ୍ସକ ସୁନ୍ଦରବଦନଙ୍କର ପରାମର୍ଶ ଲୋଡ଼ିଲେ । ସ୍ୱାମୀ-ସ୍ତ୍ରୀଙ୍କ ମନରେ ମନ୍ଦିର ଉଦ୍‌ଘାଟନ ବେଳେ ଉପସ୍ଥିତ ରହିଥିବାର ପ୍ରବଳ ଇଚ୍ଛା ରହିଥାଏ । କିନ୍ତୁ ଡାକର କହିଲେ ସଙ୍ଗେ

ସଙ୍ଗେ ଅସ୍ତ୍ରୋପଚାର କରିବାକୁ ହେବ । ସେ ସମୟରେ ଅସ୍ତ୍ରୋପଚାର ଖୁବ୍ କମ୍ ହେଉଥାଏ । ତେଣୁ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଭୟ ରହୁଥାଏ । ପତିଙ୍କ ଶରୀରର ଜଟିଳ ଅସ୍ତ୍ରୋପଚାର ନିମନ୍ତେ ସମ୍ମତି ପାଇଁ ଶ୍ରୀମତୀ ପୁଷ୍ପମ୍ମାଙ୍କୁ ହାସପାତାଳର ବିଭିନ୍ନ କାଗଜପତ୍ରରେ ଦସ୍ତଖତ କରିବାକୁ ଥାଏ । ସେତେବେଳେ ସ୍ୱାମୀଙ୍କ ପ୍ରତି ତାଙ୍କର ଭକ୍ତି ଓ ବିଶ୍ୱାସ ତାଙ୍କୁ ଏହି ଅସ୍ତ୍ରୋପଚାର ସମ୍ବନ୍ଧରେ ପୁନର୍ବିଚାର କରିବାକୁ ବାଧ୍ୟ କଲା । ଶେଷରେ ସେ ସ୍ଥିର କଲେ ଯେ ତାଙ୍କର ଅସୁସ୍ଥ ସ୍ୱାମୀଙ୍କୁ ଡାକ୍ତରମାନଙ୍କ ଜିମାରେ ଛାଡ଼ି ଦେବା ଅପେକ୍ଷା ସ୍ୱାମୀଙ୍କର (ବାବା) ବାହୁଛାୟା ତଳେ ଆଶ୍ରୟ ନେଇ ଯାହା କିଛି ହେବ ତାଙ୍କର ଇଚ୍ଛା ବୋଲି ଗ୍ରହଣ କରିନେବା ଶ୍ରେୟସ୍କର । ଏହା ଭାବି ସେ ସଙ୍ଗେ ସଙ୍ଗେ ତାଙ୍କର ପତିଦେବଙ୍କୁ ଗୋଟିଏ କାର୍‌ରେ ପୁଟ୍ଟପର୍ତ୍ତି ଆଣି ସ୍ୱାମୀଙ୍କ (ବାବା) ପାଦତଳେ ନିବେଦନ କଲେ । ସ୍ୱାମୀ ତାଙ୍କୁ ସାନ୍ତ୍ୱନା ଦେଇ ନିଜ ପାଖରେ ରହିବାକୁ କହିଲେ ।

ମନ୍ଦରି ଉଦ୍‌ଘାଟନ ଦିବସରେ ସ୍ୱାମୀ ଓ ତିରୁମଲ ରାଓ କରଣମ୍ ଘରର ଗୋଟିଏ ବଖରାରେ ଶୋଇଥାନ୍ତି । ସେଦିନ ରାତିରେ ତିରୁମଲ ରାଓଙ୍କ ଅଜାଣତରେ ସ୍ୱାମୀ ତାଙ୍କ ଶରୀରରେ ଏକ ବଡ଼ ଅସ୍ତ୍ରୋପଚାର କଲେ । ପରିଦିନ ତାହା ଦେଖି ସମସ୍ତ ଭକ୍ତ ଆଶ୍ଚର୍ଯ୍ୟ ହେଲେ । ପୁଷ୍ପମ୍ମାଙ୍କ ଆନନ୍ଦର ସୀମା ନଥାଏ । କରୁଣାମୟ ସାଇ ତାଙ୍କର ସ୍ୱାମୀଙ୍କୁ ନବଜୀବନ ପ୍ରଦାନ କରିଛନ୍ତି । ମନ ଆନନ୍ଦରେ ସ୍ୱାମୀ ସ୍ତ୍ରୀ ମନ୍ଦିର ଉଦ୍‌ଘାଟନରେ ଭାଗନେଲେ । ଉତ୍ସବ ଶେଷରେ ଫେରି ସେମାନେ ପୁଣି ଡାକ୍ତରଙ୍କୁ ଯାଇ ଭେଟିଲେ । ଡାକ୍ତର ସୁନ୍ଦରବଦନନ୍ ତିରୁମାଲା ରାଓଙ୍କୁ ପରୀକ୍ଷା ନିରୀକ୍ଷା କରି ପଚାରିଲେ, 'କିଏ ଆପଣଙ୍କର ଅସ୍ତ୍ରୋପଚାର କଲେ ?' ସେମାନେ ଡାକ୍ତରଙ୍କୁ ସବୁକଥା ଜଣାଇଲେ । ଅସ୍ତ୍ରୋପଚାର ସମ୍ବନ୍ଧରେ ଶୁଣି ଡାକ୍ତର ବିହ୍ୱଳିତ କଣ୍ଠରେ କହିଲେ, 'ସେ ତ ବୈଦ୍ୟ ଚୂଡ଼ାମଣି' । ଭକ୍ତି ବିଭୋର ହୋଇ ସେ ସ୍ୱାମୀଙ୍କୁ ପ୍ରଣାମ ଜଣାଇଲେ ।

ଗାଁର ପ୍ରବେଶ ପଥରେ ଥିବା ଛୋଟ ମନ୍ଦିର ଆମ ପ୍ରିୟ ସ୍ୱାମୀଙ୍କର ଏଭଳି ଅନେକ ଅଦ୍ଭୁତ ଲୀଳା ଦେଖିବାକୁ ପାଇଥିଲା । ସେଇ ମନ୍ଦିରର ଉଭୟ ପାର୍ଶ୍ୱରେ ଅନେକ ମନ୍ଦିର ଥାଏ । ବାମ ପାର୍ଶ୍ୱରେ ଥାଏ ସତ୍ୟମ୍ମା (ସତ୍ୟଭାମା) ମନ୍ଦିର । ଏହି ମନ୍ଦିରର ଚାରିପାଖରେ ପଥରର କାନ୍ଥ ଓ ଛାତ ମଧ୍ୟ ଥାଏ । ଡାହାଣକୁ ଥାଏ ବେଣୁ ଗୋପାଳ, ରାମ ଓ ଆଞ୍ଜନେୟଙ୍କର ତିନି ମନ୍ଦିର । ପ୍ରତିଦିନ ସକାଳେ ଜଣେ ପୁରୋହିତ ଆସି ମନ୍ଦିରରେ ପୂଜା ଅର୍ଚ୍ଚନା କରୁଥା'ନ୍ତି । ମନ୍ଦିର ଗୁଡ଼ିକ ଅତି ପୁରାତନ ଓ ଭଗ୍ନାବସ୍ଥାରେ ଥା'ନ୍ତି । ମନ୍ଦିରଗୁଡ଼ିକର ଶିଥିଳାବସ୍ଥା ସମ୍ବନ୍ଧରେ ଆମେ ଯେତେବେଳେ ସ୍ୱାମୀଙ୍କ ଆଗରେ ଦୁଃଖ ପ୍ରକାଶ କରୁ, ସେ କହୁଥାନ୍ତି ତାଙ୍କର ଭକ୍ତମାନେ ଆସି ଏଗୁଡ଼ିକର ପୁନର୍ନିର୍ମାଣ କରିବେ ।

ପୁରୁଣା ମନ୍ଦିରଟି ଥାଏ ଖୁବ୍ ଛୋଟ-ଆଗକୁ ଏକ ବାରଣ୍ଡା ଓ ତାର ଦୁଇ ପାଖରେ ଦୁଇ ବଖରା ଘର ଏବଂ ପଛକୁ ଗୋଟିଏ ଅଗଣା ଓ ଆଉ ଦୁଇ ବଖରା ଘର । ମଝିରେ ଥାଏ ଏକ ଅନ୍ଧାରୁଆ ବଡ଼ କକ୍ଷ ଯାହାର ଗୋଟିଏ ପାର୍ଶ୍ୱରେ ଥାଏ ଏକ ମଞ୍ଚ ଯାହା

ଉପରେ ଶିବ, ପାର୍ବତୀ, ସୁବ୍ରମଣ୍ୟ, ଗଣେଶ, ରାମ, କୃଷ୍ଣ, ଶିରିଡ଼ି ସାଇ ବାବା, ଆମ ସ୍ୱାମୀ ଓ ହନୁମାନଙ୍କର ପ୍ରତିମାମାନ ରଖାଯାଇଥାଏ । ତଳେ ଥାଏ ଗଣେଶଙ୍କର ଆଉ ଏକ ବିଗ୍ରହ ଓ ତା ଆଗରେ ଥାଏ ଲାଲ ରଙ୍ଗର ବର୍ଗାକାର ବିଶିଷ୍ଟ ଏକ ପଥର ଯାହା ଉପରେ 'ଓଁ' ଖୋଦିତ ହୋଇଥାଏ । ସ୍ୱାମୀ ସେହି ପଥର ଉପରେ ବସି ଭକ୍ତମାନଙ୍କ ସଙ୍ଗେ ଭଜନଗାନ କରୁଥାନ୍ତି । ସନ୍ଧ୍ୟାରେ ଅଗଣାରେ ପଡ଼ିଥିବା ଏକ ଖଟ ଉପରେ ବସି ସ୍ୱାମୀ ଭକ୍ତମାନଙ୍କ ସହ ଆଳାପ କରୁଥାନ୍ତି । ସମୟ ସମୟରେ ମନ୍ଦିର ଆଗରେ ତଳେ ବସି ସେ ଭକ୍ତମାନଙ୍କ ସହ କଥାବାର୍ତ୍ତା ହେଉଥାନ୍ତି । ଅଗଣାର ଆଉ ଏକ କଡ଼କୁ ଥାଏ ସ୍ୱାମୀଙ୍କ ଗାଧୁଆ ଘର, ତା'ର ପାଖକୁ ଥାଏ ଗୋଟିଏ କୂଅ । କୂଅର ନା ଚାନ୍ଦିନୀ ଥାଏ ନା ଦଉଡ଼ି ଦେଇ ପାଣି ଟାଣିବାକୁ ପୁଲି, ଲୋକଙ୍କୁ କୂଅ ଧାରରେ ଛିଡ଼ା ହୋଇ ନଇଁ ପାଣି ଟାଣିବାକୁ ପଡୁଥାଏ । ସ୍ୱାମୀ ଓ ତାଙ୍କର ପୁରୁଷ ଭକ୍ତମାନେ ଅଗଣାରେ ଶୋଉଥିବାରୁ ଅଗଣାକୁ ସବୁବେଳେ ଶୁଖିଲା ରଖିବାକୁ ପଡୁଥାଏ । ତେଣୁ ଭକ୍ତମାନେ ପ୍ରାୟ ସେହି କୂଅରୁ ପାଣି ନେଉ ନ'ଥାନ୍ତି । ସେମାନେ ବରଂ ଦୁଇଶହ ମିଟର ଦୂରରେ ଥିବା କେନାଲକୁ ଯାଇ ସେଠାରେ ଗାଧୁଆ, ଲୁଗା କଚା ଓ ବାସନା ମଜା କରୁଥାନ୍ତି । ସେ ସମୟରେ ପୁଟ୍ଟପର୍ତ୍ତିରେ ବିଜୁଳିବତି ନଥାଏ ତେଣୁ ପ୍ରଚଣ୍ଡ ଗରମରୁ ରକ୍ଷାପାଇବା ପାଇଁ ସମସ୍ତେ ହାତ ବିଞ୍ଚଣା ବ୍ୟବହାର କରୁଥା'ନ୍ତି । ଆମମାନଙ୍କର ସହ ସମାନ ଭାବେ ସ୍ୱାମୀ ମଧ୍ୟ ଏ ସମସ୍ତ ଅସୁବିଧା ଭୋଗୁଥାନ୍ତି ।

ଆଜିକାଲି ଭଳି ସେ ସମୟରେ ଓଁକାର, ନଗର ସଂକୀର୍ତ୍ତନ ଓ ଅନ୍ୟାନ୍ୟ ନିୟମିତ ପୂଜା-ଅର୍ଚ୍ଚନାର କିଛି ବ୍ୟବସ୍ଥା ନ ଥାଏ । ସ୍ୱାମୀ ହିଁ ଆମ ପାଇଁ ସବୁକିଛି । କ୍ଷେତକୁ ଯାଉଥିବା ଚାଷୀମାନଙ୍କର ଗାଉଁଲି ଗୀତ ଆମେ ଶୁଣୁଥାଉ । ତାହା ଥାଏ ଆମ ପାଇଁ ଓଁକାର । ସିନ୍ଦୁରା ଫାଟି ପାଞ୍ଚଟା ବେଳକୁ ଦାଣ୍ଡରେ ଶୁଭେ 'ଫୁଲ ନେବ, ଦହି ନେବ, କ୍ଷୀର ନେବ' ଧ୍ୱନି । ତାହା ଥାଏ ଆମ ପାଇଁ ସୁପ୍ରଭାତ । ପାଞ୍ଚଟା ପରେ କିନ୍ତୁ ଆମେ କେହି ଶୋଉ ନଥାଉ କାରଣ ଅନ୍ଧାର ଥିବା ଅବସ୍ଥାରେ ଆମକୁ ନିତ୍ୟକର୍ମ ସାରିବାକୁ ପଡୁଥାଏ ।

ପ୍ରତ୍ୟୁଷରେ ସ୍ୱାମୀ ଶଯ୍ୟା ତ୍ୟାଗ କରି ମୁଖ ପ୍ରକ୍ଷାଳନ କରୁଥାନ୍ତି । ତା' ପରେ ଭକ୍ତମାନେ ଦେଉଥିବା ଗରମ କଫି ପାନ କରି ମନ ଆନନ୍ଦରେ ସେ ସମସ୍ତଙ୍କ ପାଖକୁ ଯାଇ ସୁମିଷ୍ଟ ବାକ୍ୟାଳାପ କରୁଥାନ୍ତି । ସକାଳ ୯ଟାରେ ସ୍ୱାମୀ ସ୍ନାନ କରିବା ପରେ ଭକ୍ତମାନେ ପ୍ରସ୍ତୁତ କରିଥିବା ଜଳଖିଆ ସ୍ୱାମୀଙ୍କୁ ଦିଅନ୍ତି । ସ୍ୱାମୀ ତାଙ୍କୁ ପ୍ରଦତ୍ତ ସମସ୍ତ ପଦାର୍ଥରୁ କିଞ୍ଚିତ ସେବନ କରନ୍ତି ଓ ବାକିତକ ସମସ୍ତଙ୍କୁ ପ୍ରସାଦ ରୂପେ ଦେଇ ଦିଅନ୍ତି । ତାପରେ ସେ ଗାଁ ଭିତରେ ଥିବା କରଣମ୍‌ଙ୍କ ଘରକୁ କିଛି ସମୟ ପାଇଁ ଯାଇଥାନ୍ତି ।

ସ୍ୱାମୀ ସକାଳେ ଜଳଖିଆ କରିବା ପରେ ଯେ କେହି ସ୍ୱାମୀଙ୍କର ପାଦପୂଜା କରିପାରୁଥାଏ । ମନ୍ଦିର ଭିତରେ ଏକ ପୁରୁଣା ବେତ ଚୌକି ଥାଏ, ଯାହା ସେହି ହଲ୍‌ର ମଝିରେ ରଖାଯାଏ । ସ୍ୱାମୀ ସେହି ଚୌକି ଉପରେ ବସନ୍ତି । ସ୍ୱାମୀଙ୍କୁ ଏକ ଥାଳିଆରେ

ତାଙ୍କର ଦୁଇ ପାଦ ରଖିବାକୁ ଆମେ ଅନୁରୋଧ କରୁ । ତା' ପରେ ସେହି ପବିତ୍ର ପାଦକୁ ଆମେ ସୁବାସିତ ଜଳରେ ପ୍ରକ୍ଷାଳନ କରି ଏକ ଶୁଖିଲା ଗାମୁଛାରେ ପୋଛି ଦେଉ । ଏଥର ପାଦ ଦୁଇଟିରେ କୁଙ୍କୁମ ଓ ହଳଦି ବୋଳାଯାଏ । ସ୍ୱାମୀଙ୍କୁ ଏକ ପୁଷ୍ପମାଲ୍ୟ ଅର୍ପଣ କରି କିଛି ନୈବେଦ୍ୟ ଦିଆଯାଏ । ନୈବେଦ୍ୟରୁ ସାମାନ୍ୟ କିଛି ସ୍ୱାମୀ ଗ୍ରହଣ କରନ୍ତି । ଆରତୀ ଶେଷରେ ସମସ୍ତେ ସ୍ୱାମୀଙ୍କୁ ପାଦ ନମସ୍କାର କରନ୍ତି । ପାଦପୂଜା ସମୟରେ ଯନ୍ତ୍ରବତ୍ ପୂଜା କରିବା ପରିବର୍ତ୍ତେ ଭକ୍ତିପୂର୍ଣ୍ଣ ହୃଦୟରେ ଭଜନ ଗାନ କରିବାକୁ ସ୍ୱାମୀ ଆମମାନଙ୍କୁ କହୁଥା'ନ୍ତି ।

ଏଗାରଟା ବେଳକୁ ଭଜନ ଆରମ୍ଭ ହୁଏ । ଭଜନ ପାଇଁ ସେମିତି କିଛି ଧରାବନ୍ଧା ସମୟ ସୀମା ନଥାଏ । ବର୍ତ୍ତମାନ ଭଳି ସେ ସମୟରେ କେବଳ ନାମାବଳୀ ଗାନ କରାଯାଉ ନଥାଏ । ଅଧିକାଂଶ ଭଜନ ପ୍ରାୟ ଲମ୍ବା ଥାଏ । ସ୍ୱାମୀ ପୂର୍ବେ ଉଲ୍ଲେଖି କରାଯାଇଥିବା ଶିଳା ଉପରେ ବସି ଭଜନ ଗାଉଥାନ୍ତି । କକ୍ଷଟି ଛୋଟ ଥାଏ ଏବଂ ପୁରୁଷ ଓ ମହିଳା ଏକ ଏକ ପାର୍ଶ୍ୱରେ ବସୁଥାନ୍ତି, ତଥାପି ଭୀଷଣ ଗରମ ହେତୁ ସମସ୍ତଙ୍କ ଲୁଗା ଝାଳରେ ଭିଜି ଯାଉଥାଏ । ପରେ ସ୍ୱାମୀ ଭକ୍ତମାନଙ୍କୁ ଆନନ୍ଦ ଦେବା ପାଇଁ ଆରତୀ କରି ପ୍ରସାଦ ସମସ୍ତଙ୍କୁ ବିତରଣ କରୁଥାନ୍ତି ।

ଗୋଟାଏ ବେଳକୁ ସମସ୍ତେ ମଧ୍ୟାହ୍ନ ଭୋଜନ ନିମନ୍ତେ ଏକାଠି ହୁଅନ୍ତି । ସ୍ୱାମୀ ପ୍ରତ୍ୟେକଙ୍କ ଠାରୁ ସାମାନ୍ୟ ଖାଦ୍ୟ ନେଇ ତାକୁ ଗୋଳେଇ ଅଳ୍ପ କିଛି ଖା'ନ୍ତି ଏବଂ ବାକିତକ ସକାଳର ଜଳଖିଆ ପରି ସମସ୍ତଙ୍କୁ ପ୍ରସାଦ ରୂପେ ବାଣ୍ଟି ଦିଅନ୍ତି । ଭୋଜନ ପରେ ସେ କିଛିକ୍ଷଣ ବିଶ୍ରାମ ନିଅନ୍ତି । ସେ ସମୟରେ ମଧ୍ୟ ସ୍ୱାମୀ ମିଠା, ଘିଅ, କ୍ଷୀର ବା ଦହି ଖାଉ ନଥିଲେ । କାହିଁକି ଖାଉ ନାହାନ୍ତି ବୋଲି ବାରମ୍ବାର ପୁଛାକଲେ ସେ କହନ୍ତି ଯେ ପୂର୍ବେ କୃଷ୍ଣବତାରରେ ସେ ଅନେକ ଖାଇଛନ୍ତି । ସନ୍ଧ୍ୟା ୪ ଟାରେ ସ୍ୱାମୀ ସମସ୍ତ ଭକ୍ତଙ୍କୁ ଚିତ୍ରାବତୀ ନଦୀବାଲିକୁ ନେଇଯା'ନ୍ତି । ବିସ୍ତୃତ ବାଲୁକା ରାଶି ଉପରେ ବସି ସେ ଭଜନ ଗାନ କରନ୍ତି ଓ ଭକ୍ତମାନଙ୍କୁ ପାଳି ଧରିବାକୁ କହନ୍ତି । ସେ ବାଲିରୁ ମୂର୍ତ୍ତି, ଫଟୋ, ଫଳ, ବିଭୂତି, ମିଠା ଓ ଅନ୍ୟ କିଛି ରୁଚିକର ପଦାର୍ଥ ସୃଷ୍ଟି କରି ସେଠାରେ ଉପସ୍ଥିତ ପ୍ରତ୍ୟେକଙ୍କୁ ତାହା ଦେଉଥା'ନ୍ତି । ବିବିଧ ଆଧ୍ୟାତ୍ମିକ ପ୍ରସଙ୍ଗ ଆଲୋଚନା କରି ସେ ଭକ୍ତମାନଙ୍କ ମନରେ ଆନନ୍ଦ ଓ ବିସ୍ମୟ ଭରି ଦେଉଥା'ନ୍ତି । ଥରେ ଏମିତି ସ୍ୱାମୀ ବାଲିରୁ ଏକ ଆତ ବାହାର କଲେ ଏବଂ ତାକୁ ଚାରିଖଣ୍ଡ କରି ତାହା ସେଠାରେ ଥିବା ପଚାଶ ଜଣଙ୍କୁ ବାଣ୍ଟିଲେ । ଚାରି ଖଣ୍ଡ ଧୀରେ ଧୀରେ ଅଧିକ ହୋଇ ପ୍ରତ୍ୟେକଙ୍କୁ ଖଣ୍ଡେ ଖଣ୍ଡେ ମିଳିଲା । ସ୍ୱାମୀ କହୁଥାନ୍ତି, 'ମୁ ଚାହିଁବା ମାତ୍ରକେ, ଯାହା ଚାହିଁଥାଏ ତାହା ଆସିଥାଏ । ମୁଁ ସଙ୍କଳ୍ପସିଦ୍ଧ, ସିଦ୍ଧ ସଙ୍କଳ୍ପ ନୁହଁ ।' ମନ୍ଦିରକୁ ଫେରିବା ସମୟରେ ସ୍ୱାମୀ ଆଗରେ ଗାଇ ଗାଇ ଚାଲନ୍ତି ଓ ସମସ୍ତଙ୍କୁ ପଛେ ପଛେ ଆସିବାକୁ କହନ୍ତି । ସମସ୍ତଙ୍କୁ ନେଇ ମନ୍ଦିରରେ କିଛି ସମୟ ଭଜନ ହୁଏ । ଆରତୀ ପରେ ପରେ ସମସ୍ତେ ରାତ୍ରି ଭୋଜନ କରନ୍ତି । ରାତିରେ ସ୍ୱାମୀ ହାତରେ ଏକ ଟର୍ଚ୍ଚ ଧରି ମନ୍ଦିରର ଚାରିଦିଗରେ

ବୁଲୁଥାନ୍ତି । ପୁଟ୍ଟପର୍ତ୍ତିରେ ସେ ସମୟରେ ବହୁତ ସାପ ଓ ବିଛା ଥା'ନ୍ତି, ସେଗୁଡ଼ିକ ଆମ ସହ ମିଳି ମିଶି ରହୁଥା'ନ୍ତି କହିଲେ ଠିକ୍ ହେବ । କିନ୍ତୁ ସ୍ୱାମୀଙ୍କ କୃପାରୁ କାହାକୁ କେବେ ସାପ ବା ବିଛା କାମୁଡୁ ନଥାଏ । ମନ୍ଦିର ଭିତରେ ବିରାଡ଼ି ଓ କୁକୁର ମଧ୍ୟ ମୁକ୍ତ ଭାବେ ବିଚରଣ କରୁଥାନ୍ତି ।

ସ୍ୱାମୀଙ୍କ ପାଖରେ ଏକ ମୋଟା ଖାତା ଥାଏ ଯାହା ଭିତରେ ସବୁ ଗୀତ ଲେଖା ହୋଇଥାଏ । କୌଣସି ଗୀତର ସ୍ୱର ବା ପଦ ଭୁଲି ଗଲେ ଆମେ ସ୍ୱାମୀଙ୍କୁ ଖାତାଟି ମାଗି ଥାଉ । ସେ ଆମକୁ ଖାତାଟି ଦେଇ ସ୍ୱର ଶିଖାଇ ଦିଅନ୍ତି ଓ ପଦାବଳୀ ଟିପି ନେଇ ପୁଣି ଖାତାଟି ଫେରାଇ ଦେବାକୁ କହନ୍ତି ।

ପୁଟ୍ଟପର୍ତ୍ତି ଓ ତାର ଆଖ ପାଖ ଗାଁର ଗ୍ରାମାବସୀମାନେ ଦଳ ଦଳ ହୋଇ ଆସନ୍ତି ଏବଂ ସ୍ୱାମୀଙ୍କୁ ଆରତି କରି ପ୍ରସାଦ ଦେବା ପାଇଁ ଅନୁରୋଧ କରନ୍ତି । ସେମାନଙ୍କ ଅନୁରୋଧ ରକ୍ଷାକରି ସ୍ୱାମୀ ଆରତି ଗ୍ରହଣ କରନ୍ତି ପ୍ରସାଦ ଦିଅନ୍ତି । ମନ୍ଦିରର ଗେଟ୍ ପାଖରେ ସ୍ୱାମୀ ସକାଳେ ଓ ସନ୍ଧ୍ୟାରେ ଅପେକ୍ଷା କରି ରହନ୍ତି, ଶଗଡ଼ରେ ଆସୁଥିବା ଭକ୍ତମାନଙ୍କୁ ସ୍ୱାଗତ କରିବାପାଇଁ । ଶଗଡ଼ରେ ଭର୍ତ୍ତି ହୋଇ ଆସୁଥିବା ଭକ୍ତମାନଙ୍କୁ ଦେଖି ସ୍ୱାମୀ ଆନନ୍ଦ ପ୍ରକାଶ କରନ୍ତି, ସେମାନଙ୍କୁ କୁଶଳ ପ୍ରଶ୍ନ କରନ୍ତି, ଖାଇଛନ୍ତି କି ନାହିଁ ପଚାରନ୍ତି ଏବଂ ସେମାନଙ୍କ ମଧ୍ୟ ଦେଇ ଆନନ୍ଦରେ ବୁଲାବୁଲି କରନ୍ତି । ଗେଟ୍ ପାଖରେ ଅପେକ୍ଷା କରୁଥିବା ଅବସ୍ଥାରେ ସ୍ୱାମୀ ପ୍ରଚଣ୍ଡ ଖରାରେ ଘଣ୍ଟା ଘଣ୍ଟା ଧରି କ୍ଷେତରେ ଖଟୁଥିବା ଚାଷୀମାନଙ୍କୁ ଦେଖି ଦୟା ପ୍ରକାଶ କରନ୍ତି । ଚାଷୀମାନେ ଯେ ସେମାନଙ୍କ ଶ୍ରମ ଅନୁପାତରେ ପାରିଶ୍ରମିକ ପାଉନାହାନ୍ତି ଏବଂ ସେମାନଙ୍କ ଖଟଣିର ଫଳ ଅନ୍ୟ କେହି ଭୋଗ କରୁଛନ୍ତି ଏହା ଭାବି ସେ ଦୁଃଖ ପ୍ରକାଶ କରନ୍ତି ।

ମନ୍ଦିର ସାମନା ଦେଇ ବିଭାଘରର ଶୋଭାଯାତ୍ରା ଯିବା ସେ ସମୟରେ ଏକ ସାଧାରଣ ଦୃଶ୍ୟ ଥିଲା । ଦିନେ ସ୍ୱାମୀ ଆମମାନଙ୍କୁ ଡାକି, ବରଯାତ୍ରୀ କିପରି ସେମାନଙ୍କ ପାରମ୍ପରିକ ବେଶପୋଷାକରେ ଚାଲିଥାନ୍ତି, ତାହା ଦେଖିବାକୁ କହିଲେ । ଶୋଭାଯାତ୍ରା ମନ୍ଦିର ଦେଇ ଚାଲିଗଲା କିନ୍ତୁ ସେଠାରେ ଥିବା କାହାର ସ୍ୱାମୀଙ୍କ ଉପରେ ନଜର ନଥାଏ । ସେମାନେ ବେଣୁଗୋପାଳ ମନ୍ଦିରକୁ ଯାଇ ସେଠାରେ ପୂଜାଅର୍ଚ୍ଚନା ସାରି ଫେରିଗଲେ । ସ୍ୱାମୀ କିନ୍ତୁ ଏକ ଅମାୟିକ ଶିଶୁଭଳି ସବୁ କିଛି ଲକ୍ଷ୍ୟ କରୁଥା'ନ୍ତି । କିଛି ସମୟ ପରେ ସେ କହିଲେ, 'ମା ଦେଖେ, ବିଭାଘର ସରିଲା, ଏଥର ଦଉଡ଼ି ଲମ୍ୱି ଲମ୍ୱି ଯିବ, ନେହୁରା ଆରମ୍ଭ ହେବ । ପ୍ରଥମେ ପୁଅ ଦରକାର, ତା' ପରେ ତାର ଦିହ ଭଲ ରହିବ, ସେ ପାଠ ପଢ଼ିବ, ଚାକିରି କରିବ, ବାହା ହେବ, ଏମିତି ଚାଲି ରହିବ । ପୁଅର ପୁଣି ପୁଅ ବା ଝିଅ ହେବ, ପୁଣି ଠାକୁର ପାଖରେ ଯେଉଁ ନେହୁରାକୁ ସେଇ ନେହୁରା । ଏଇ ଚକ ଏମିତି ଘୁରୁଥିବ, କେବେ ବନ୍ଦ ହେବ ନାହିଁ । ଜନ୍ମ-ମୃତ୍ୟୁର ଏହି ଚକ୍ରାବର୍ତ୍ତରୁ ଉଦ୍ଧାର ପାଇବାପାଇଁ କେହି କିନ୍ତୁ କେବେ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି ନାହିଁ ।

ସ୍ୱାମୀ ସବୁବେଳେ କହନ୍ତି, 'ମିଠା ଯେ କ'ଣ ତାହା ଚିନି ଜାଣେନା, ଯେ ଚିନିକୁ ଚାଖେ ସେ କେବଳ ଜାଣେ ତାର ସୁଆଦ । ଚିନି ହେବ ବୋଲି ଚାହଁନା, ବରଂ ଚିନି ଖାଇ ତାର ମଜା ନିଅ ।'

ସନ୍ଧ୍ୟାରେ ସ୍ୱାମୀ ଦଳ ଦଳ କରି ପୁଅ ଓ ଝିଅମାନଙ୍କୁ ଅଲଗା ଅଲଗା କରି ବସାଇ ସେମାନଙ୍କ ସହ ଆଳାପ କରନ୍ତି । କେତେକ ଝିଅଙ୍କୁ ସେ ବିଭା ହୋଇ ଘରସଂସାର କରିବାକୁ କହନ୍ତି, ଆଉ କେତେକଙ୍କୁ ବିଭା ହେବାକୁ ବାରଣ କରନ୍ତି । ପୁଅମାନଙ୍କୁ ସେ କିଏ କେଉଁ ଚାକିରି କରିବ ପଚାରନ୍ତି । କାହାର କଣ ଇଚ୍ଛା ଜାଣିବା ପରେ କେଉଁଟା ଠିକ୍ କେଉଁଟା ଭୁଲ ତାହା ସେ ସେମାନଙ୍କୁ ବୁଝାଇଥା'ନ୍ତି ।

ଉତ୍ସବ ଦିନ ମାନଙ୍କରେ ସ୍ୱାମୀଙ୍କ ଆନନ୍ଦର ସୀମା ନଥାଏ । ଗଦା ଗଦା ଫୁଲ ଆସି ଜମା ହୁଏ । ଭକ୍ତମାନେ ଭଜନ ଗାଇ ଗାଇ ମାଳ ଗୁନ୍ଥୁଥା'ନ୍ତି ଓ ମନ୍ଦିରକୁ ସଜାଉଥା'ନ୍ତି । ସ୍ୱାମୀ ସେମାନଙ୍କ ମଧ୍ୟରେ ଥାଇ ସମସ୍ତଙ୍କୁ ଆନନ୍ଦ ଦେଉଥା'ନ୍ତି । ସନ୍ଧ୍ୟାରେ ସ୍ୱାମୀଙ୍କୁ ସୁନ୍ଦର ସୁନ୍ଦର ଫୁଲରେ ସଜା ଯାଇଥିବା ଏକ ପାଲିଙ୍କିରେ ବସାଇ ଗାଁ ଦାଣ୍ଡ ଦେଇ ଏକ ଶୋଭାଯାତ୍ରାରେ ନିଆଯାଏ । ଭକ୍ତମାନେ ଶୋଭାଯାତ୍ରାର ଆଗରେ ଭଜନ ଗାଇ ଗାଇ ଚାଲିଥାନ୍ତି । ସେମାନେ ସ୍ୱାମୀଙ୍କ କପାଳରେ କୁଙ୍କୁମ, ଜ୍ୟୋତି ଓ ବିଭୂତି ଫୁଟି ଉଠିବା ଦେଖନ୍ତି । ଥରେ ଶୋଭାଯାତ୍ରା ପାଇଁ ବାଙ୍ଗାଲୋରରୁ ଏକ ବାଜଣା ଦଳକୁ ନିମନ୍ତ୍ରଣ କରାଯାଇଥିଲା । ଗାଁର ଲୋକ ଏହା ଜାଣିପାରିଲେ । ସେଯାଏଁ ସେମାନେ ହିଁ ପ୍ରତ୍ୟେକ ଥର ଶୋଭାଯାତ୍ରାରେ ବାଦ୍ୟ ବଜାଉଥାନ୍ତି । ସେମାନେ ଶୋଭାଯାତ୍ରା ପାଇଁ ସଜାସଜି ଚାଲିଥିବା ମନ୍ଦିର ପାଖକୁ ଆସିଲେ ଏବଂ ସ୍ୱାମୀଙ୍କୁ କହିଲେ, 'ସ୍ୱାମୀ, ଏଥର ତୁମେ ଶୋଭାଯାତ୍ରାରେ ବାଦ୍ୟ-ବାଜଣା ପାଇଁ ଆଉ କାହାକୁ ଡାକିଛ, ଏତେ ବର୍ଷ ଧରି ଯେବେ ବି ଶୋଭାଯାତ୍ରା ହେଉଛି ଆମେ ଏହି କାମ କରି ଆସୁଛୁ । ଆଜି ଯେହେତୁ ସେମାନେ ଆସିଛନ୍ତି ତୁମେ ଆଉ ଆମକୁ ଚାହୁଁ ନାହଁ । ତୁମେ ଯାହା କୁହ ପଛେ, ଆମେ କିନ୍ତୁ ତୁମର ଶୋଭଯାତ୍ରାରେ ବାଦ୍ୟ ବଜାଇବୁ ।" ଏହା କହି ସେମାନେ ବାଙ୍ଗାଲୋରରୁ ଆସିଥିବା ଦଳକୁ ପଛକୁ ଠେଲି ନିଜେ ଶୋଭାଯାତ୍ରା ଆଗରେ ସେମାନଙ୍କର ପାରମ୍ପରିକ ରୀତିରେ ବାଦ୍ୟ ବଜାଇବାକୁ ଲାଗିଲେ । ସେତେବେଳେ ସ୍ୱାମୀ ସେମାନଙ୍କୁ କିଛି କହିଲେ ନାହିଁ । କିଛି ଦୂର ଯିବାପରେ ସ୍ୱାମୀ ସେମାନଙ୍କୁ ବୁଝାଇଶୁଝାଇ ପଛକୁ ଫେରାଇ ଦେଲେ ।

ମନ୍ଦିରରେ କେହି ଅସୁସ୍ଥ ହେଲେ, ସ୍ୱାମୀ ସୃଷ୍ଟି କରିଥିବା ବିଭୂତି ହିଁ ଥିଲା ସେମାନଙ୍କର ଏକମାତ୍ର ଔଷଧ । ପନିପରିବା, ଡାଲିଚାଉଳ ଓ ଫଳମୂଳ ସେତେବେଳେ ପୁଟ୍ଟପର୍ତ୍ତିରେ ମିଳୁ ନ'ଥିଲା । ଏ ସମସ୍ତ ଜିନିଷ ବୁକ୍କାପଟ୍ଟନମରୁ ଶଗଡ଼ରେ ଆସୁଥାଏ । ପୁଟ୍ଟପର୍ତ୍ତିରେ ଖାଲି ମିଳୁଥିଲା ଖାଣ୍ଟି ବହଳ ଦୁଧ, ଦହି ଓ ପ୍ରଚୁର ମଲ୍ଲୀ ଫୁଲ । ସ୍ୱାମୀ ଆମକୁ ଥଟ୍ଟା କରି କହନ୍ତି, 'ତୁମେ ମୋ ପାଇଁ ଆସୁନାହିଁ, ଆସୁଛ ଖାଲି ଏଠାରେ ମିଳୁଥିବା ସୁଆଦିଆ ଦୁଧ, ଦହି ଖାଇବାପାଇଁ ।' ପ୍ରତ୍ୟେକେ ମଲ୍ଲୀ ଫୁଲର ମାଳ

ସ୍ୱାମୀଙ୍କ ଗଳାରେ ଦେଉଥା'ନ୍ତି ଓ ତାହା ସ୍ୱାମୀଙ୍କ କାନମୁଣ୍ଡା ଯାଏ ଭରି ଯାଉଥାଏ । ସ୍ୱାମୀ ତାଙ୍କର ପାଦ ଯାଏଁ ଲମ୍ବି ଥିବା ମାଳ ଗୁଡ଼ିକୁ ଦେଖି ଖୁସି ହେଉଥାନ୍ତି । ଆମେ ଯେତେ ଚାହୁଁ ସେତେ ପାଦ ନମସ୍କାର କରୁଥାଉ, ଯେତେ ଚାହୁଁ ସେତେ ଫୁଲମାଳ ତାଙ୍କ ଗଳାରେ ଦେଉଥାଉ । ଭୋଜନ ସମୟରେ ତାଙ୍କ ସଙ୍ଗେ ବସି ଆମେମାନେ ଭୋଜନ କରୁଥାଉ ଓ ଅନେକ ସମୟ ଧରି କଥାବାର୍ତ୍ତା ହେଉଥାଉ । କୌଣସି ଖାଇବା ଜିନିଷ ଦେଲେ ସ୍ୱାମୀ ତାହା ଆମଠୁ ଗ୍ରହଣ କରୁଥାନ୍ତି ଏବଂ ସେଠାରେ ହିଁ ସେଥିରୁ କିଛି ସେବନ କରୁଥାନ୍ତି । ସତରେ ସେଦିନଗୁଡ଼ିକ କେତେ ଚମତ୍କାର ଥିଲା ! ସେ ସମୟରେ ଭକ୍ତମାନଙ୍କୁ ସ୍ୱାମୀ ନିଜେ ଚିଠି ଲେଖୁଥିଲେ । ପ୍ରେମ ଓ କରୁଣା ଭରା ସ୍ୱାମୀଙ୍କ ଚିଠି ଭକ୍ତକୁ ତା'ର ଜୀବନକୁ ସାର୍ଥକ କରିବା ପାଇଁ ଦିଗ୍‌ଦର୍ଶନ ଦେଉଥାଏ । ସେ ସମୟରେ ଯେଉଁ ଭକ୍ତମାନେ ସ୍ୱାମୀଙ୍କ ଠାରୁ ଏପରି ଚିଠି ପାଇଥିଲେ ଏବଂ ଦଶହରା ଓ ଜନ୍ମୋତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ ପାଇଥିଲେ, ସେମାନେ ଆଜିଯାଏଁ ସେଗୁଡ଼ିକୁ ଅମୂଲ୍ୟ ସମ୍ପଦ ମନେକରି ସଯତ୍ନରେ ସାଇତି ରଖିଛନ୍ତି । ଆମେ ମଧ୍ୟ ଏହି ବିରଳ ରତ୍ନରୁ କିଛି ପାଇବାର ସୌଭାଗ୍ୟ ଲାଭ କରିଥିଲୁ ।

ପୁଟ୍ଟପର୍ତ୍ତିରେ ଦୁଧ, ଦହି ସକାଳେ ମିଳୁଥାଏ, ସନ୍ଧ୍ୟା ଯାଏଁ ଆମକୁ ତାହା ସାଇତି ରଖିବାକୁ ହୁଏ । ସେତେବେଳେ ଯେଉଁ ସଂଖ୍ୟାରେ କୁକୁର, ବିରାଡ଼ି ପୁଟ୍ଟପର୍ତ୍ତିରେ ଥା'ନ୍ତି, ଦୁଧ ଦହି ଯତ୍ନରେ ରଖିବା ଆମ ପାଇଁ କାଠିକର ପାଠ ହୁଏ । ଦୁଧ ହାଣ୍ଡି ବା ଦହି ହାଣ୍ଡିକୁ ନିରାପଦରେ ରଖିବା ଭଳି ଜାଗା ମିଳୁନଥାଏ । କାଳେ କୁକୁର, ବିରାଡ଼ି ଆସି ଦୁଧ ଦହି ଖାଇଯିବେ, ଏହି ଭୟରେ ଆମକୁ ସବୁବେଳେ ସାବଧାନ ରହିବାକୁ ହୁଏ । ବେଳେବେଳେ ଏହି ଜନ୍ତୁମାନେ ମୁହଁରେ ବାଟି ଧରି ଚାଲିଯାଆନ୍ତି । ସେତେବେଳେ ଆମ ଅବସ୍ଥା ଆହୁରି ଦୟନୀୟ ହୋଇଯାଏ । ଥରେ ଏଭଳି ହୀନସ୍ତା ଭୋଗୁଥିବା ଏକ ଭକ୍ତ ସ୍ୱାମୀଙ୍କୁ ଏକଥା ବାହୁନି ବାହୁନି କହିଲା । ସ୍ୱାମୀ ତାକୁ ତିରସ୍କାର କରି କହିଲେ, 'ମୁଁ ଏଠାରେ କୁକୁର ବିରାଡ଼ି ଜଗିବାକୁ ନାହିଁ, ହଁ, ତୁମେ ଯଦି କାହାକୁ କଷ୍ଟ ଦିଅ ତାହା କିନ୍ତୁ ମୁଁ ଦେଖିବି ।' ପୁଟ୍ଟପର୍ତ୍ତିର ପ୍ରଚଣ୍ଡ ଖରା ଆମକୁ ଆହୁରି କଷ୍ଟ ଦେଉଥାଏ । ତଥାପି ସମସ୍ତେ ସ୍ୱାମୀଙ୍କ ନିକଟରେ ଅଧିକରୁ ଅଧିକ ସମୟ ବିତାଇବାକୁ ଚାହୁଁଥାନ୍ତି ଏବଂ ନିଜ ନିଜ ଘରକୁ ଓ ସ୍ୱଜନଙ୍କ ନିକଟକୁ ବାହୁଡ଼ିବାର ସମୟ ଯେତେବେଳେ ଆସେ, ସମସ୍ତଙ୍କ ମୁହଁ ଶୁଖି ଯାଏ ଓ ଆଖିରେ ଲୁହ ଆସିଯାଏ ।

ସ୍ୱାମୀଙ୍କ ଠାରୁ ଦିବ୍ୟଶକ୍ତିର ସୃଷ୍ଟି ଦେଖି ଆଜି ମଧ୍ୟ ଲୋକେ ସନ୍ଦେହ କରିଥାନ୍ତି ଏବଂ ତାହାକୁ ଯାଦୁକାରୀ ବା ହାତସଫେଇ କହିଥା'ନ୍ତି । ତେଣୁ ସେ ସମୟରେ ଏଭଳି ସଂଶୟୀ ଲୋକ ଆହୁରି ଅଧିକ ରହିବା ସ୍ୱାଭାବିକ । ସେମାନଙ୍କ ମନ କଥା ଜାଣି ସ୍ୱାମୀ ସେମାନଙ୍କୁ ନଦୀ ବାଲିର ଯେକୌଣସି ସ୍ଥାନରୁ ମୁଠାଏ ବାଲି ଉଠାଇ, ସେମାନେ ଯାହା କିଛି ଚାହାନ୍ତି ତାହା ମାଗିବାକୁ କହନ୍ତି । ସତକୁ ସତ ସେମାନଙ୍କ ମୁଠାରୁ ବାଲି କୁଆଡ଼େ ଉଭେଇ ଯାଏ ଓ ସେମାନେ ଯାହା ଚାହିଁଥାନ୍ତି ତାହା ଥାଏ । ପ୍ରଶଂସା ଓ ନିନ୍ଦା ଉଭୟକୁ

ଧ୍ୟାନ ନ ଦେଇ ସ୍ୱାମୀ ଭକ୍ତମାନଙ୍କ ପାଇଁ ଗୋଟିଏ ପରେ ଗୋଟିଏ ଚମତ୍କାର କରି ଚାଲିଥାନ୍ତି । ସେ ସମୟରେ ଏ ସମସ୍ତ ଅଲୌକିକତାର ଉଦ୍ଦେଶ୍ୟ କଣ ତାହା ସେ କେବଳ ଜାଣିଥା'ନ୍ତି । କେତେକ ଏସବୁ କିଛି ଖାମଖିଆଲ ଭାବେ ଦେଖୁଥା'ନ୍ତି କେତେକ ବିସ୍ମିତ ହେଉଥା'ନ୍ତି ଓ ଆଉ କେତେକ ଏଥିରୁ ଆନନ୍ଦ ପାଉଥା'ନ୍ତି । ସ୍ୱାମୀ ତାଙ୍କର ଏ ସମସ୍ତ ଅଲୌକିକ ସୃଷ୍ଟିର ପ୍ରକୃତ ଅର୍ଥ ଓ ଉଦ୍ଦେଶ୍ୟ ଭକ୍ତମାନଙ୍କୁ ଧିରେ ଧିରେ ଜଣାଇବା ପାଇଁ ଅସୀମ ଧୈର୍ଯ୍ୟର ସହ ନାନାବିଧ ପ୍ରୟାସ କରୁଥାନ୍ତି ! କିନ୍ତୁ ସେ ସମୟରେ ସ୍ୱାମୀଙ୍କୁ କିଛି ମାଗିବା ବା ତାଙ୍କଠାରୁ କିଛି ପାଇବାରେ ନୁହଁ ବରଂ ସ୍ୱାମୀଙ୍କୁ ଦର୍ଶନ କରିବା ଓ ତାଙ୍କ ସାନ୍ନିଧରେ ରହିବାରେ ଆମେ ବିଶେଷ ଆନନ୍ଦ ପାଉଥିଲୁ । ଦିନେ ସନ୍ଧ୍ୟାରେ ସ୍ୱାମୀ ଆମକୁ ଚିତ୍ରାବତୀ ନଦୀ ବାଲିକୁ ନେଇଗଲେ ଏବଂ ସେଠାରେ ଶ୍ରୀ ଶିରିଡ଼ି ସାଇବାବାଙ୍କ ଜୀବନୀ ସମ୍ବନ୍ଧରେ ଆଲୋକପାତ କଲେ;

ଗଙ୍ଗା ଭବଦିୟା ଓ ଦେବଗିରି ଅମ୍ମା ଥିଲେ ଶିରିଡ଼ି ସାଇବାବାଙ୍କ ପିତାମାତା । ସେମାନେ ଥିଲେ ଜାତିରେ ବ୍ରାହ୍ମଣ ଏବଂ ରହୁଥିଲେ ପତ୍ରି ଗ୍ରାମରେ । ବହୁଦିନ ଧରି ସେମାନେ ନିଃସନ୍ତାନ ଥିଲେ । ସେମାନଙ୍କ ମନରେ ଏହି ଏକ ଅବଶୋଷ ଥାଏ । ଦିନେ ବର୍ଷା ପଡୁଥାଏ, ଜଣେ ସନ୍ନ୍ୟାସୀ ତାଙ୍କ ଘରକୁ ଆସି କିଛି ଖାଦ୍ୟ ଚାହିଁଲେ । ଦେବଗିରି ଆମ୍ମା ଭକ୍ତି ସହକାରେ ତାଙ୍କୁ ଖାଦ୍ୟ ପରିବେଷଣ କଲେ । ବର୍ଷା ପଡୁଥିବାରୁ ସେହି ରାତିଟି ରହିବାପାଇଁ ସେ ତାଙ୍କ ପାଇଁ ଗୋଟିଏ ବଖରା ବନ୍ଦୋବସ୍ତ କରିଦେଲେ । ସେତେବେଳେ ସେ ସନ୍ୟାସୀ କହିଲେ, ତାଙ୍କର ଗୋଡ଼ ବିନ୍ଧୁଛି ଓ ସେ ଚାହାନ୍ତି କିଏ ଜଣେ ନାରୀ ତାଙ୍କ ପାଦ ମୋଡ଼ି ଦେଉ । ଘରେ ସ୍ୱାମୀ ନଥିବାରୁ ଦେବଗିରି ଆମ୍ମା ସନ୍ନ୍ୟାସୀଙ୍କର ଏପରି ଇଚ୍ଛା ଶୁଣି ବଡ଼ ଅସ୍ୱସ୍ତି ବୋଧ କଲେ । ସେ ବ୍ୟସ୍ତ ହୋଇ ଗାଁରେ ହୁଏତ ଏଭଳି କିଏ ଜଣେ ମହିଳାକୁ ପାଇବେ ଭାବି ଗାଁ ଭିତରକୁ ଗଲେ । ସେ ଦିନ ଗାଁରେ ଏକ ମେଳା ହେଉଥାଏ ଓ ସମସ୍ତେ ମେଳାକୁ ଯାଇଥା'ନ୍ତି । ତେଣୁ କେହି ମିଳିଲେ ନାହିଁ । ଦେବଗିରି ଆମ୍ମା ଘରକୁ ଫେରି ତାଙ୍କର ଆରାଧ ଦେବତା ମା' ପାର୍ବତୀଙ୍କ ବିଗ୍ରହ ଆଗରେ ମୁଣ୍ଡ ବାଡ଼େଇ କାନ୍ଦିଲେ ଏବଂ ତାଙ୍କୁ ଏ ଦୁର୍ଦ୍ଦଶାରୁ ଉଦ୍ଧାର କରିବାକୁ ପ୍ରାର୍ଥନା କଲେ ।

'ଠିକ୍ ସେହି ସମୟରେ ସେ କବାଟରେ କାହାର କରାଘାତ ଶୁଣିପାରିଲେ । କବାଟ ଖୋଲି ଦେଖିଲେ, ଜଣେ ନାରୀ ଘର ଭିତରକୁ ପ୍ରବେଶ କରି ତାଙ୍କୁ କହୁଛି, 'ମା, ଶୁଣିଲି, ତୁମେ ଏକ ସ୍ତ୍ରୀଲୋକର ସାହାଯ୍ୟ ଚାହଁ । କୁହ ମୋତେ କ'ଣ କରିବାକୁ ହେବ,' ଦେବଗିରି ଆମ୍ମା ସ୍ତ୍ରୀଲୋକଟିକୁ ଦେଖି ଖୁସି ହେଲେ ଓ ଭାବିଲେ ମା' ପାର୍ବତୀ ତାଙ୍କର କାତର ପ୍ରାର୍ଥନା ଶୁଣିଛନ୍ତି । ସେ ସ୍ତ୍ରୀଟିକୁ ସନ୍ନ୍ୟାସୀଙ୍କ ଗୋଡ଼ ମୋଡ଼ିବାକୁ କହିଲେ । ସକାଳେ ସନ୍ନ୍ୟାସୀ ଯେଉଁ ବଖରାରେ ରହୁଥାନ୍ତି, ଦେବଗିରି ଆମ୍ମା ତା'ର ଦୁଆରରେ କରାଘାତ କଲେ । ଦ୍ୱାର ଖୋଲିବା ମାତ୍ରକେ ଦେବଗିରି ଆମ୍ମା ଶିବ-ପାର୍ବତୀଙ୍କ ଦର୍ଶନ କଲେ । ଉକ୍ତ ସନ୍ନ୍ୟାସୀ ଥିଲେ ଶିବ ଓ ସେ ନାରୀ ଥିଲେ ପାର୍ବତୀ ।

କିଛି କ୍ଷଣ ପରେ ଦେବଗିରି ଆମ୍ମାଙ୍କ ସ୍ୱାମୀ ଆସି ଘରେ ପହଁଞ୍ଚିଲେ । ଦେବଗିରି ଆମ୍ମା ଘଟିଯାଇଥିବା ସମସ୍ତ ଘଟଣା ତାଙ୍କୁ କହିଲେ । ସେ କିନ୍ତୁ ତାଙ୍କ କଥା ବିଶ୍ୱାସ କଲେ ନାହିଁ । ସେ ଭାବୁଥା'ନ୍ତି ଭଗବାନଙ୍କୁ ଦର୍ଶନ କରିବା ଏତେ ସହଜ ନୁହଁ, କିନ୍ତୁ ଦେବଗିରି ଆମ୍ମା ଯେତେବେଳେ ତୃତୀୟ ଥର ସନ୍ତଃସତ୍ତ୍ୱା ହେଲେ, ସେତେବେଳେ ସେ ଭଗବାନଙ୍କୁ ଦର୍ଶନ କରିପାରିଲେ ନାହିଁ ବୋଲି ମନେ ମନେ ଦୁଃଖ କଲେ । ମନରେ ବୈରାଗ୍ୟ ଭାବ ପ୍ରକାଶ କରି ସେ ଗୃହତ୍ୟାଗ କଲେ । ଦେବଗିରି ଆମ୍ମା ମଧ୍ୟ ସ୍ୱାମୀଙ୍କୁ ଅନୁସରଣ କଲେ । ପଛକୁ ନ ଚାହିଁ ଗଙ୍ଗାଭବଦିୟା ଆଗକୁ ଆଗକୁ ଚାଲିଥା'ନ୍ତି। ଇତିମଧ୍ୟରେ ଦେବଗିରି ଆମ୍ମା ପ୍ରସବ ବେଦନା ଅନୁଭବ କଲେ । ତାଙ୍କ ପକ୍ଷରେ ଆଉ ଚାଲିବା କଷ୍ଟକର ହେଲା। ଗୋଟିଏ ଗଛ ଛାଇରେ ସେ ବିଶ୍ରାମ ନେଲେ ଏବଂ ସେଠାରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଲେ । ମନରେ କିନ୍ତୁ ସେ ତାଙ୍କ ସ୍ୱାମୀଙ୍କୁ ଛାଡ଼ି ରହିବାକୁ ଚାହୁଁ ନ'ଥିଲେ, ତେଣୁ ସେ ସେହି ନବଜାତ ଶିଶୁକୁ ଗଛ ମୂଳେ ଛାଡ଼ି ଦେଇ ସ୍ୱାମୀଙ୍କ ସହ ଆଗକୁ ଚାଲିଲେ । କି ନିର୍ବୋଧତା ଦେଖ ! ଯେଉଁ ଈଶ୍ୱରଙ୍କୁ ପାଇବାପାଇଁ ସେମାନେ ଏତେ ସାଧନା କରୁଥିଲେ, ସେ ତାଙ୍କର ପୁତ୍ର ହୋଇ ଜନ୍ମ ହେଲେ ଅଥଚ ଭଗବାନଙ୍କୁ ସନ୍ତାନ ରୂପେ ପାଇ ସ୍ନେହ କରିବା ଓ ତାଙ୍କ ସହ ଦିନ ବିତାଇବା ସେମାନଙ୍କ ଭାଗ୍ୟରେ ଲେଖା ନଥିଲା ।

ଜଣେ ଫକୀର ସେହି ବାଟ ଦେଇ ଯାଉଥାନ୍ତି। ସେ ହଠାତ୍ ଶିଶୁଟିକୁ ଦେଖି ଭଗବାନ ତାଙ୍କୁ ଦେଇଥିବା ତାହା ଏକ ଉପହାର ମନେକଲେ ଓ ଶିଶୁଟିକୁ ଆଣି ତାଙ୍କ ଭାର୍ଯ୍ୟା ହାତରେ ଦେଲେ । ଫକୀରଙ୍କ ସ୍ତ୍ରୀ ମଧ୍ୟ ସନ୍ତାନ ହୀନ ଥିବାରୁ ପିଲାଟିକୁ ପାଇ ଖୁସି ହେଲେ । ସେମାନେ ପିଲାଟିକୁ ବାବା ନାମ ଦେଲେ ଏବଂ ଖୁବ୍ ସ୍ନେହରେ ତାର ଯତ୍ନ ନେଲେ । କିଛି ଦିନ ପରେ ଫକୀରଙ୍କ ମୃତ୍ୟୁ ହେଲା । ଦିନେ ସାହି ପିଲାଙ୍କ ସଙ୍ଗେ ମାର୍ବଲ (ଗୋଟି) ଖେଳୁଥିବା ସମୟରେ ବାବା ଅନ୍ୟ ପିଲାଙ୍କ ସମସ୍ତ ଗୋଟି ଜିତି ନେଲେ । ସେତେବେଳେ ଗୋଟିଏ ପିଲା ତା'ର ଘରେ ଥିବା ଏକ ଲିଙ୍ଗକୁ ଆଣି ବାବାଙ୍କ ସହିତ ଆହୁରି ଖେଳିବାକୁ ଚାହିଁଲା । ବାବା ପୁଣି ଖେଳଟି ଜିତି ଗଲେ ଏବଂ ସେହି ଲିଙ୍ଗଟିକୁ ଗିଳି ଦେଲେ । ଗ୍ରାମବାସୀମାନେ ବାବାଙ୍କର ଏଭଳି ଆଚରଣ ସମ୍ବନ୍ଧରେ ଶୁଣି ଏକାଠି ହେଲେ ଓ ତାଙ୍କୁ ମାଡ଼ ମାରି ଟାଣି ଟାଣି ତାଙ୍କର ପାଳିତା ମାତାଙ୍କ ପାଖକୁ ଆଣିଲେ ଓ ବାବାଙ୍କ ବିରୁଦ୍ଧରେ ଅଭିଯୋଗ କଲେ । ବାବାଙ୍କର ପାଳିତା ମାତା ବାବାଙ୍କୁ ମୁହଁ ଖୋଲିବାକୁ କହିଲେ ଏବଂ ହଠାତ୍ ବାବାଙ୍କ ପାଟି ଭିତରେ ବିଶ୍ୱ ବ୍ରହ୍ମାଣ୍ଡ ଦର୍ଶନ କଲେ । ଗ୍ରାମବାସୀମାନେ ବାବାଙ୍କୁ ଗାଁ ଛାଡ଼ି ଚାଲିଯିବାକୁ ହେବ ବୋଲି ଦାବୀ କଲେ । ବାବାଙ୍କ ପାଳିତା ମାତା ଅନନ୍ୟୋପାୟ ହୋଇ ଗାଁ ଭିତରେ ଥିବା ଏକ ଆଶ୍ରମରେ ତାଙ୍କୁ ଭର୍ତ୍ତି କରିବାକୁ ବାଧ୍ୟ ହେଲେ । ସେହି ଆଶ୍ରମର ପୁରୋଧା ଥା'ନ୍ତି ଜଣେ ସଦ୍‌ଗୁରୁ । ତାଙ୍କର ନାମ ଭେଙ୍କୁଶା । ସେ ବାବାଙ୍କର ଗୁରୁ ହେଲେ ।

ପରବର୍ତ୍ତୀ ସମୟରେ ବାବା ଗୁରୁଙ୍କର ଅନୁମତି ନେଇ ଆଶ୍ରମ ତ୍ୟାଗ କଲେ । ଶିରିଡ଼ି ବାବାଙ୍କ ଯୁବାବସ୍ଥାରେ ତାଙ୍କୁ କେହି ଦେଖି ନ'ଥାନ୍ତି । ଥରେ ବାବା ତାଙ୍କ ଶିଷ୍ୟଙ୍କ ଗହଣରେ ଯାଉଥିବା ସମୟରେ କହିଲେ, 'ମୁଁ ଏଠାରେ କିଛି ଦିନ ପାଇଁ ସମାଧୀରେ ରହିବି, ମୁଁ ତୁମକୁ ନ କହିବା ଯାଏ ସମାଧୀ ଭଙ୍ଗ କରିବ ନାହିଁ ।' ଶିଷ୍ୟମାନେ ମାଟି ଖୋଳି ଏକ ସମାଧି ତିଆରି କଲେ । ଗର୍ଭର ଚାରିକୋଣରେ ଚାରୋଟି ପ୍ରଦୀପ ଜଳାଗଲା । ମଲ୍ଲୀ ଫୁଲ କଢ଼ିରେ ତିଆରି ଏକ ମାଳା ବାବାଙ୍କ ଗଳାରେ ଦିଆଗଲା । ବାବା ସମାଧୀ ମଧ୍ୟରେ ପ୍ରବେଶ କରିବା ପରେ ମାଟି ଭରି ଗର୍ତ୍ତଟିକୁ ବନ୍ଦ କରି ଦିଆଗଲା । କିଛି ଦିନ ପରେ ଶିଷ୍ୟମାନେ ଗୁରୁଙ୍କ ଅବସ୍ଥା କ'ଣ ହୋଇଥିବ ବୋଲି ବ୍ୟସ୍ତ ହୋଇଗଲେ । ତେଣୁ ନିର୍ଦ୍ଧାରିତ ସମୟ ପୂର୍ବରୁ ହିଁ ସେମାନେ ସମାଧୀ ଖୋଲି ଦେଖିବାକୁ ସ୍ଥିର କଲେ । ସମାଧୀ ମଧ୍ୟରେ ଚାରୋଟି ପ୍ରଦୀପ ସେମିତି ଜଳୁଥାଏ । ମଲ୍ଲିମାଳର କଢ଼ି ଗୁଡ଼ିକ ଫୁଟିବା ଆରମ୍ଭ ହୋଇଥାଏ । ବାବା ଆଖି ଖୋଲିଲେ ଏବଂ ଶିଷ୍ୟମାନଙ୍କୁ କହିଲେ ଯେ ସେମାନେ ତାଙ୍କର କଥାକୁ ମାନି ନିର୍ଦ୍ଧାରିତ ସମୟ ଯାଏ ଅପେକ୍ଷା କରିବା ଉଚିତ୍ ଥିଲା । ତା' ପରେ ସେ ଶିଷ୍ୟମାନଙ୍କ ସଙ୍ଗେ ତାଙ୍କର ଯାତ୍ରା ପୁନରାରମ୍ଭ କଲେ ।

ଶ୍ରୀ ଶିରିଡ଼ି ସାଇବାବାଙ୍କ ଇତିକଥା ଶେଷ କରିବା ପରେ ବାବା ନଦୀ ବାଲିରୁ ଭକ୍ତମାନଙ୍କ ପାଇଁ ଗୋଟା ଗୋଟା ବିଭୂତି ସୃଷ୍ଟି କଲେ । ସେ କହିଲେ ଯେ ଏହି ବିଭୂତି ଗୋଟା ଶିରିଡ଼ିରୁ ଆସିଛି । ମନ୍ଦିରକୁ ସମସ୍ତେ ଫେରିବା ପରେ ଭଜନ ହେଲା । ସମସ୍ତେ ସ୍ୱାମୀଙ୍କୁ ପୁଷ୍ପମାଲ୍ୟ ଦେଇ ପାଦ ନମସ୍କାର କଲେ ।

ଆଉ କିଛି ବର୍ଷ ଯାଏଁ ସ୍ୱାମୀ ତାଙ୍କର ଭକ୍ତମାନଙ୍କ ସଙ୍ଗେ ଏଭଳି ଖୋଲା ଭାବେ ମିଶୁଥାନ୍ତି । ଭକ୍ତମାନଙ୍କ ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ସେମାନଙ୍କ ରହିବାପାଇଁ ଜାଗା ନିଅଣ୍ଟ ହେଲା । ମନ୍ଦିର ସାମ୍ନାରେ ଜଣେ ଭକ୍ତ ଏକ 'ସେଡ୍' ତିଆରି କଲେ । ସେହି ସେଡ୍ ମଧ୍ୟରେ ଅନେକ ଉତ୍ସବ ହେଉଥାଏ । ଉତ୍ସବ ଦିନମାନଙ୍କରେ ସ୍ୱାମୀ ମିଠେଇ ବାଣ୍ଟୁଥାନ୍ତି । ଭକ୍ତମାନେ ସ୍ୱାମୀଙ୍କୁ ଦୋଳିରେ ବସାଇ ବିଭିନ୍ନ ଗୀତ ଗାଉଥାନ୍ତି । ଦୋଳିରେ ଝୁଲୁଥିବା ଅବସ୍ଥାରେ ସ୍ୱାମୀଙ୍କୁ ଦର୍ଶନ କରି ସେମାନେ ଅସୀମ ଆନନ୍ଦ ପାଉଥାନ୍ତି । ୧୯୫୦ରେ ସ୍ୱାମୀ ଆହୁରି ସୁବିଶାଳ ପ୍ରଶାନ୍ତି ନିଳୟମ୍‌କୁ ଚାଲିଆସିଲେ । ପ୍ରଶାନ୍ତିକୁ ନୂଆ ମନ୍ଦିର କୁହାଗଲା । ସ୍ୱାମୀଙ୍କ ନିକଟରେ ରହିବାର ଅବକାଶ ଏଥର ଭକ୍ତମାନଙ୍କର ପାଇଁ ଧୀରେ ଧୀରେ କମ୍ ହେବାକୁ ଲାଗିଲା । ସେଦିନ ଏବଂ ଆଜି ଭିତରେ ପୁଟ୍ଟପର୍ତ୍ତିରେ ସବୁକିଛି ବଦଳି ଯାଉଛି କିନ୍ତୁ ଗୋଟିଏ କଥା ସେମିତି ରହିଛି – ତାହା ହେଲା ମାସ ମାସ ବିତାଇବା ପରେ ମଧ୍ୟ ସ୍ୱାମୀଙ୍କୁ ଛାଡ଼ି ଘରକୁ ଫେରିବାପାଇଁ ଭକ୍ତମାନଙ୍କର ଅନିଚ୍ଛା ।

ଚତୁର୍ଥ ଅଧ୍ୟାୟ

ସକ୍କମ୍ମା

ଅହଙ୍କାର ଚାଲିଗଲେ, ଆତ୍ମା ପ୍ରକାଶ ପାଏ ।

–ଶ୍ରୀ ସତ୍ୟସାଇ ବାବା

ଶ୍ରୀମତୀ ଦୋଡ୍‌ଡାମଣି ସକ୍କମ୍ମା ଜଣେ ବୟୋବୃଦ୍ଧା ମହିଳା । ସେ ଦୀର୍ଘଦିନ ଧରି ସ୍ୱାମୀଙ୍କର ଜଣେ ନିଷ୍ଠାପର ଭକ୍ତ ଥିଲେ । ସେ କର୍ଣ୍ଣାଟକ ରାଜ୍ୟସ୍ଥ କୁର୍ଗ୍ ଜିଲ୍ଲାର ସୋମୱାରପେଟ୍ ଗ୍ରାମରୁ ଆସିଥାନ୍ତି । ସେ ତାଙ୍କ ଅଞ୍ଚଳରେ ଜଣେ ଜଣାଶୁଣା କଫି ବଗିଚାର ବିତ୍ତଶାଳୀ ମାଲିକ୍ ଥିଲେ । ତାଙ୍କର ବାଙ୍ଗାଲୋର ସହରରେ ସକ୍କମ୍ମା କଫି ୱାର୍କସ ନାମରେ ଏକାଧିକ ଜନପ୍ରିୟ କଫି ଗୁଣ୍ଡ ବିକ୍ରୟ କେନ୍ଦ୍ର ଥାଏ । ସେ ଜଣେ ମହାନ ସମାଜ ସେବିକା ଥିଲେ ଏବଂ ନିଃସ୍ୱ ଓ ନିଃସହାୟଙ୍କର ଅନେକ ସେବା କରୁଥିଲେ । ମହୀଶୂରର ମହାରାଜା ତାଙ୍କୁ "ଲୋକସେବା ପରାୟଣୀ" ପଦରେ ସମ୍ମାନିତ କରିଥିଲେ । ପୁଟ୍ଟପର୍ତ୍ତିକୁ ତାଙ୍କର ଘନ ଘନ ଯାତ୍ରା ମଧ୍ୟରେ ସେ ସ୍ୱାମୀଙ୍କର ବିଶେଷ ଯତ୍ନ ନେଉଥାନ୍ତି ।

୧୯୪୬ ମେ'ରେ ଆମର ପ୍ରଥମ ପୁଟ୍ଟପର୍ତ୍ତି ଯାତ୍ରା ସମୟରେ ଆମେ ଦୁର୍ଲଭ ଜ୍ୟୋତି ଦର୍ଶନର ପରମ ସୌଭାଗ୍ୟ ଲାଭ କରିଥିଲୁ । ଏହି ଦର୍ଶନ ଗୋଟିଏ ଦୃଷ୍ଟିରୁ ସକ୍କମ୍ମାଙ୍କ ଯୋଗୁଁ ସମ୍ଭବ ହୋଇଥିଲା । ଘଟଣାଟି ଏଭଳି ଘଟିଲା । କିଛି ଦିନ ଧରି ପୁଟ୍ଟପର୍ତ୍ତିରେ ରହୁଥିବା ସକ୍କମ୍ମାଙ୍କୁ କୌଣସି କାମରେ କୁର୍ଗ ଫେରିବାର ଥାଏ । ସ୍ୱାମୀ କିନ୍ତୁ ତାଙ୍କୁ ଆଉ କିଛି ଦିନ ରହିବାକୁ କହିଲେ । ସ୍ୱାମୀଙ୍କ ସହ ଲଘୁ ଆଳାପରେ ସେ କହିଲେ ଯେ ସ୍ୱାମୀ ଯଦି ତାଙ୍କୁ କିଛି ବିଶେଷ ଦର୍ଶନ ଦିଅନ୍ତି, ତେବେ ସେ ନ' ଯାଇ ରହିଯିବେ । ସେଦିନ ସନ୍ଧ୍ୟାରେ ସବୁଦିନ ଭଳି ସମସ୍ତେ ନଦୀବାଲିରେ ଏକାଠି ହୋଇଥାନ୍ତି । ସ୍ୱାମୀ ହଠାତ୍ ଛିଡ଼ା ହେଲେ । ସେ ସମସ୍ତଙ୍କୁ ତାଙ୍କର ଖାଲି ହାତ ଦେଖାଇ କହିଲେ ଯେ ସେ ହାତରେ କୌଣସି ଟର୍ଚ୍ଚ ଧରି ନାହାନ୍ତି । ଏହା କହି ସେ ନିକଟରେ ଥିବା ଏକ ପାହାଡ଼ ଉପରକୁ ଉଠି ଗଲେ । ଅନ୍ଧାର ମାଡ଼ି ଆସୁଥାଏ ଏବଂ ଆମେମାନେ ସ୍ୱାମୀ ପାହାଡ଼ ଉପରକୁ ଚଢୁଥିବା ଦେଖୁଥାଉ । ପାହାଡ଼ ଶିଖରରେ ପହଞ୍ଚି ଆମ ତାଙ୍କୁ ଦେଖିପାରୁଛୁ କି ନାହିଁ, ତାହା ସେ ତିନିଥର ଆମକୁ ପଚାରିଲେ । ସମସ୍ତେ 'ହଁ, ଦେଖି ପାରୁଛୁ' କହି ଉତ୍ତର ଦେଲୁ । ହଠାତ୍ ସ୍ୱାମୀଙ୍କ ଉଚ୍ଚତାର ଏକ ଜ୍ୟୋତି ଆମେ ଦେଖିପାରିଲୁ । ସେ ଦିନ ସ୍ୱାମୀ ଏକ ହଳଦିଆ ଗାଉନ୍ ପିନ୍ଧିଥାନ୍ତି କିନ୍ତୁ ଉକ୍ତ ଜ୍ୟୋତି ମଧ୍ୟରେ ଆମେ ଦେଖିଲୁ ସେ ଲାଲ୍ ରଙ୍ଗର ଏକ ଗାଉନ୍ ପିନ୍ଧି ପଥର ଉପରେ

ବସିଛନ୍ତି । କିଛି ସମୟ ପରେ ଜ୍ୟୋତି ଅନ୍ତର୍ହିତ ହେଲା । ସ୍ୱାମୀ ପାହାଡ଼ ଉପରୁ ତଳକୁ ଓହ୍ଲାଇବା ଆରମ୍ଭ କଲେ ଏବଂ ସେ ଅଧା ଓହ୍ଲାଇଥାନ୍ତି, ଆମେ ପୁନର୍ବାର ସେହି ଜ୍ୟୋତି ଦର୍ଶନ କଲୁ । ପରଦିନ ସ୍ୱାମୀ ଆମକୁ ଆମେ ଜ୍ୟୋତି ମଧ୍ୟରେ କ'ଣ ଦେଖିଲୁ ପଚାରିଲେ । ଆମେ ତାଙ୍କୁ ଜ୍ୟୋତି ମଧ୍ୟରେ ସେ ଏକ ଗାଢ଼ ଲାଲ ରଙ୍ଗର ଗାଉନ୍ ପିନ୍ଧି ପଥର ଉପରେ ବସିଥିବା ଦେଖିଲୁ ବୋଲି କହିଲୁ । ସ୍ୱାମୀ କହିଲେ, ଜ୍ୟୋତି ମଧ୍ୟରେ କିଏ ତାଙ୍କୁ ଶିବ, କିଏ ବିଷ୍ଣୁ କିଏ ଦୁର୍ଗା, ଏଭଳି ବିଭିନ୍ନ ରୂପରେ ଦେଖିଛନ୍ତି ।

ଆମେ ଯେତେଦିନ ପୁଟ୍ଟପର୍ତ୍ତିରେ ରହିଲୁ, ସେତେଦିନ ସ୍ୱାମୀଙ୍କୁ ସକାଳେ ଜଳଖିଆ ଓ ଦିନରେ ଭୋଜନ ନିବେଦନ କରୁଥାଉଁ । ଯାହା କିଛି ଆମେ ନୈବେଦ୍ୟ କରୁ ସେଥିରୁ ସେ ସାମାନ୍ୟ କିଛି ସେବନ କରନ୍ତି । ତାଙ୍କ ଦୃଷ୍ଟିରେ ଧନୀ ଓ ଗରିବ ସମାନ ଥାନ୍ତି । ସ୍ୱାମୀ ଖୁବ୍ କମ୍ ସମୟ ତାଙ୍କ ବଖରାକୁ ଯାଉଥା'ନ୍ତି ଏବଂ ଅଧିକାଂଶ ସମୟ ଭକ୍ତମାନଙ୍କ ଗହଣରେ ବିତାଉଥା'ନ୍ତି । ଭକ୍ତମାନଙ୍କ ଭାବାବେଗ ପ୍ରତି ସେ ବିଶେଷ ଧ୍ୟାନ ଦେଉଥା'ନ୍ତି । ଦିନେ ଆମେ ଯେଉଁ ବଖରାରେ ରହୁଥାଉ, ସେ ସେଠାକୁ ଆସିଲେ । ଆମେ ତାଙ୍କୁ ଆମ ସହ ଭୋଜନ କରିବାକୁ ଅନୁରୋଧ କଲୁ । ସେ 'ହଁ' ଭରି ଖାଇବାକୁ ବସିଲେ । ଆମେ ହସଖୁସିରେ ଭୋଜନ ସାରି କବାଟ ଖୋଲି ଦେଖିଲୁ ସବ୍ବମ୍ମା ଆସିଛନ୍ତି । ସ୍ୱାମୀ ଆମ ସଙ୍ଗେ ବସି ଭୋଜନ କରୁଛନ୍ତି ବୋଲି ଜାଣି ସେ ସ୍ୱାମୀଙ୍କୁ କହିଲେ, 'ସ୍ୱାମୀ ଆପଣ ଆଜି ଏଠାର ଭୋଜନ କରୁଛନ୍ତି ବୋଲି ଜାଣିଥିଲେ ମୁଁ ଆପଣଙ୍କ ପାଇଁ ବିଶେଷଭାବେ କରିଥିବା ଚଣା ତରକାରୀ ଏଠାକୁ ନେଇ ଆସିଥାନ୍ତି ।' କାଳେ ସବ୍ବମ୍ମା ଆମ ଉପରେ ରାଗ ହେବେ, ଏଥିପାଇଁ ସ୍ୱାମୀ ତାଙ୍କୁ କହିଲେ, 'ଠିକ୍ ଅଛି, ତୁମେ ଯାହା ରାନ୍ଧିଛ ତାହା ମଧ୍ୟ ମୁଁ ଖାଇବି ।' ସେ ସବ୍ବମ୍ମାଙ୍କ ସଙ୍ଗେ ଯାଇ ସେ ଯାହା ରାନ୍ଧିଥିଲେ ସେଥିରୁ କିଛି ଖାଇଲେ ।

ପରଦିନ ଦିପହରରେ ସ୍ୱାମୀ ଆମେ ଯେଉଁଠାରେ ଥାଉ ସେଠାକୁ ମୁହଁ ଧୋଇବାକୁ ଆସିଲେ । ସ୍ୱାମୀ ହାତରେ ପାଣି ଢ଼ାଳୁଥିବା ଅବସ୍ଥାରେ ମୁଁ ତାଙ୍କୁ ପଚାରିଲି, 'ସ୍ୱାମୀ, ଆପଣ ଏ ଅବତାରରେ ପୁରୁଷ ରୂପ ଧାରଣ କଲେ କାହିଁକି ? ସାଇ ମାଇ ହୋଇ ଆସିଲେ ନାହିଁ କାହିଁକି ?' ସ୍ୱାମୀ ମୋ ପ୍ରଶ୍ନ ଶୁଣି ଉଚ୍ଚ ସ୍ୱରରେ ହସି ଉଠିଲେ କିନ୍ତୁ କିଛି ଉତ୍ତର ଦେଲେ ନାହିଁ । ତାଙ୍କ ହାତକୁ ଦେଇଥିବା ତଉଲିଆରେ ମୁହଁ ପୋଛୁ ପୋଛୁ ସେ ମୋତେ ମୁଁ ତାଙ୍କୁ ପ୍ରଥମ ଥର ଦର୍ଶନ କରିବା ସମୟରେ ତାଙ୍କ ସମ୍ବନ୍ଧରେ କ'ଣ ଭାବିଥିଲି ପଚାରିଲେ । ମୁଁ ତାଙ୍କୁ କହିଲି ଯେ ପ୍ରଥମ ଦର୍ଶନରେ ମୁଁ ତାଙ୍କୁ ଜଣେ ମହାପୁରୁଷ ଭାବିଥିଲି । ସେ ହକିଲେ, 'ନା, ନା, ତୁମେ କ'ଣ ସେ ଦିନ ଭାବୁ ନଥିଲ ଯେ ଏଇ ଲୋକଟି ଯଦି ସତରେ ଭଗବାନ, ତେବେ ସେ ସମସ୍ତଙ୍କ ମନକଥା ଜାଣିବା କଥା, ଏ ଖାଲି ଏକ ସିଦ୍ଧ ପୁରୁଷ ।' ସ୍ୱାମୀଙ୍କ କଥା ଶୁଣି ମୁଁ ଅବାକ୍ ହୋଇଗଲି, କାରଣ ସ୍ୱାମୀଙ୍କ ପ୍ରଥମ ଦର୍ଶନରେ ମୁଁ ମନରେ ଠିକ୍ ଏଇଆ ଭାବିଥିଲି । ମୁଁ ନୀରବ ହୋଇଗଲି

କିନ୍ତୁ ମୋ ନୀରବତାର ଅର୍ଥ ସ୍ୱାମୀଙ୍କ ପାଇଁ ଅବୁଝା ନଥିଲା । ତାଙ୍କ ମୁଖର ମନ୍ଦହାସ ଫୁଟି ଉଠିଲା ।

ମୁଁ କହିଲି, 'ସ୍ୱାମୀ, ଆମକୁ କେବେ ଭୁଲିବେ ନାହିଁ । ଏଥର ମହୀଶୂର ଆସିବା ସମୟରେ ଦୟାକରି ଆମ ଘରକୁ ଆସିବେ । ଆମେ ଆହୁରି ଅଧିକରୁ ଅଧିକ ଏଠାକୁ ଯେପରି ଆସିବୁ ଆମକୁ ଆଶୀର୍ବାଦ କରନ୍ତୁ ।" ସ୍ୱାମୀ କହିଲେ, 'ତାହା ହିଁ ହେବ, ତୁମ ଘର ବାଣୀବିଳାସ ପାଖରେ ନା ?' ମୁଁ କହିଲି, 'ହଁ, ସ୍ୱାମୀ କିନ୍ତୁ ବର୍ତ୍ତମାନ ଆମେ ସେ ଘରେ ରହୁନାହୁଁ । ଆମେ ରହୁଛୁ ଗ୍ରୀଷ୍ମ ପ୍ରାସାଦକୁ ଯାଉଥିବା ଲୋକରଞ୍ଜନ ମହଲ ରୋଡ଼ର ଏକ ଘରେ ।' ସ୍ୱାମୀ କହିଲେ, 'ହଁ, ହଁ, ସେଇଟା ଚାମୁଣ୍ଡି ପାହାଡ଼କୁ ଯାଉଥିବା ରାସ୍ତା ।'

ଦିନେ ଆମେ କକ୍ଷ ମଧ୍ୟରେ ସ୍ୱାମୀଙ୍କ ସାଙ୍ଗରେ କଥାବାର୍ତ୍ତା ହେଉଥିଲୁ, ଜଣେ ସ୍ତ୍ରୀ ଲୋକ ତାଙ୍କର ଝିଅ ସହ ଆସି ସେଠାରେ ବସିଲେ । ସେ ସ୍ୱାମୀଙ୍କୁ କହିଲେ, 'ସ୍ୱାମୀ ମୋ ଝିଅ ବାହା ହେବାକୁ ମଙ୍ଗୁ ନାହିଁ, ଦୟାକରି ତାକୁ ବୁଝାନ୍ତୁ ।' ସ୍ୱାମୀ ଝିଅକୁ କାହିଁକି ବାହା ହେବାକୁ ରାଜି ହେଉନାହିଁ ପଚାରିଲେ । ସେ କହିଲା, "ସ୍ୱାମୀ, ବିବାହିତ ଲୋକମାନେ ଯେଉଁଭଳି ହଇରାଣ ହରତକ ହୁଅନ୍ତି ମୁଁ ଦେଖିଛି, ସେ ସବୁ ଦେଖିବା ପରେ ବାହାଘର ଶବ୍ଦଟି ହିଁ ମୋତେ ବିରକ୍ତ ଲାଗେ ।' ସ୍ୱାମୀ ଏଥର ତା ମା'କୁ କହିଲେ, 'ତୁମେ କାହିଁକି ତାକୁ ବାଧ୍ୟ କରୁଛ ? ସେ ଏପରି ଜଣକୁ ବାହା ହେବାକୁ ଚାହେଁ ଯାହାର କେବେ ମୃତ୍ୟୁ ନାହିଁ । ତୁମେ କଣ ଏଭଳି ଏକ ଲୋକ ସହିତ ତାକୁ ବାହା କରିବାକୁ ଚାହଁ ଯାହାର ମୃତ୍ୟୁ ସୁନିଶ୍ଚିତ ?'

ମୁଁ ପୁଟ୍ଟପର୍ତ୍ତିରେ ରହୁଥିବା କାଳରେ ଗାଁର କରଣମଙ୍କ ପୁଅର ଉପନୟନ ଉତ୍ସବ ହେଲା । ଏହି ଉତ୍ସବକୁ ମନ୍ଦିରର ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସେଦିନ ବ୍ରାହ୍ମଣ ବଟୁକୁ ସ୍ୱାମୀ ଭିକ୍ଷା ଦେଲେ । ପରେ ଆମେ ସମସ୍ତେ ସ୍ୱାମୀଙ୍କ ସଙ୍ଗେ ବସି ଭୋଜନ କଲୁ । ସ୍ୱାମୀ ଯେଉଁଠାରେ ବସି ଭୋଜନ କରିବେ ସେହି ଜାଗାଟିକୁ ଦୀପରେ ସଜା ହୋଇଥିଲା । ଖାଦ୍ୟ ପରିବେଷଣ କରିବା ସମୟରେ ସଙ୍ଗୀତ ଗାନ କରାଯାଉଥାଏ । ଭୋଜନ ପରେ ସ୍ୱାମୀ ସେଠାରେ ଉପସ୍ଥିତ ଅନେକଙ୍କୁ ଇଣ୍ଟରଭ୍ୟୁ ଦେଲେ ଓ ସମସ୍ତଙ୍କୁ ଆଶୀର୍ବାଦ କଲେ ।

ଆମେ ପୁଟ୍ଟପର୍ତ୍ତିରୁ ଫେରି ଆସିବାର ଥାଏ, ସନ୍ଧ୍ୟାରେ ଚିତ୍ରାବତୀ ନଦୀ ବାଲିରେ ସ୍ୱାମୀ ଆମକୁ ଏକ ଇଣ୍ଟରଭ୍ୟୁ ଦେଲେ । ସେ ଆମ ସମସ୍ତଙ୍କ ଉପରେ ଅଭୟ ହସ୍ତ ସ୍ଥାପନ କରି ଆମକୁ ଆଶୀର୍ବାଦ କଲେ । ଆମେ ତାଙ୍କୁ ପାଦନମସ୍କାର କଲୁ । ମନ୍ଦିରକୁ ଫେରି ଆମେ ଭଜନରେ ଯୋଗ ଦେଲୁ । ଭଜନ ପରେ ଆମେ ଦେଖିଲୁ, ସ୍ୱାମୀ ତାଙ୍କ କମରା ମଧ୍ୟରେ ବସିଛନ୍ତି । ସେ ଦିନ ଖୁବ୍ ଗରମ ଲାଗୁଥାଏ । ଆମେ ଦୁଆର ମୁହଁରେ

ଆସି ଛିଡ଼ା ହେଲୁ । ମୋ ଆଡ଼କୁ ଚାହିଁ ସ୍ୱାମୀ କହିଲେ ଯେ ତାଙ୍କ ପାଟିରେ ଏକ ଫୋଟକା ହୋଇଥିବାରୁ ସେ କିଛି ଖାଇବେ ନାହିଁ । ଆଉ ମଧ୍ୟ ସେ କହିଲେ, 'ତୁମେ ହୁଏତ ମୋତେ ଖଟାଆମ୍ବ ଖାଇବାକୁ ଦେଇ ଦେଲ ।' ସ୍ୱାମୀଙ୍କ କଥା ଶୁଣି ମୁଁ ଦୁଃଖରେ ନିର୍ବାକ ହୋଇଗଲି । ମୋ ଅବସ୍ଥା ଦେଖି ସ୍ୱାମୀ କହିଲେ, 'ଆଲୋ ଝିଅ, ମୁଁ ତ ଥଟ୍ଟା କରୁଥିଲି' । ଅନ୍ୟ ଭକ୍ତମାନେ ଖାଇବାକୁ ଗଲେ । ସ୍ୱାମୀ ଆମକୁ ପଚାରିଲେ, 'ତୁମେ କଣ ଖାଇବ ନାହିଁ ?' ଆମେ ଉତ୍ତର ଦେଲୁ, 'ନା, ସ୍ୱାମୀ ।' ଯଦିଓ ଆମ ପାଇଁ ଭୋଜନ ପ୍ରସ୍ତୁତ ଥାଏ, ତଥାପି ପରଦିନ ସକାଳେ ସ୍ୱାମୀଙ୍କୁ ଛାଡ଼ି ଚାଲି ଯାଉଥିବାରୁ ଆଉ ଆମର ଖାଇବାରେ ମନ ନଥାଏ । ସ୍ୱାମୀ କହିଲେ, 'ଏ କି କଥା, କିଛି ନ ଖାଇଲେ ଅନ୍ତତଃ ଏହି କଦଳୀତକ ଖାଅ ।' ଠିକ୍ ସେହି ସମୟରେ ସ୍ୱାମୀଙ୍କ ଭୋଜନ ଆସିଲା । ଆମେ ସମସ୍ତେ ଉଠି ଛିଡ଼ା ହେଲୁ । ସ୍ୱାମୀ ଆମକୁ ଭିତରକୁ ଆସି ବସିବାକୁ କହିଲେ । ସ୍ୱାମୀଙ୍କୁ ଖାଦ୍ୟ ବଢ଼ାଗଲା, ସେ କିନ୍ତୁ ଖାଇଲେ ନାହିଁ । କହିଲେ, 'ଦେଖ ତୁମେ ସବୁ ଚାଲିଯାଉଛ, ମୋର ପ୍ରିୟ ଲୋକମାନେ ଚାଲିଯାଉଛନ୍ତି । ସକ୍କମ୍ମା, ଆଉ କେହି ନ ହେଲେ, ତୁମେତ ରହିପାରିବ ।' ସକ୍କମ୍ମା ଉତ୍ତର ଦେଲେ, "ଆମେ ଚାଲିଗଲେ କ'ଣ ହେଲା ? ଆପଣଙ୍କର ଅନ୍ୟ ଭକ୍ତମାନେ ଅଛନ୍ତି, ଆମେ କ'ଣ ତାଙ୍କଠୁ ବଡ଼ ଭକ୍ତ ?"

ସ୍ୱାମୀ କହିଲେ, 'ସକ୍କମ୍ମା, ସେଡ୍ ଭିତରେ ସବୁଦିନେ କ'ଣ ହେଉଛି ଦେଖୁନା ? ସେମାନେ କେତେ ପାଟିକରି କଥା କହନ୍ତି । ଜଣେ ଅନ୍ୟ ଜଣଙ୍କ ମୁହଁରେ କେତେ ଛଳକପଟରେ କଥା କହନ୍ତି । ସେମାନେ ତ କଟା ଘା'ରେ ଚୂନ ଦେବା ଲୋକ, କାଲିଠୁ ମୋତେ ସେମାନଙ୍କ ଗହଣରେ ରହିବାକୁ ହେବ, ନା କଣ ?' ଏତିକି କହି ସ୍ୱାମୀ ଖାଇବା ଥାଳିଟି ଠେଲି ଦେଲେ ।

ଏଥର ସକ୍କମ୍ମା ସ୍ୱାମୀଙ୍କୁ କହିଲେ, 'ସ୍ୱାମୀ ଅଳ୍ପ ହେଉ ପଛେ ଆପଣ ଖାଆନ୍ତୁ, ନ ହେଲେ ମୋ ମନ କଷ୍ଟ ହେବ । ଆପଣ ଯଦି ଏମିତି କହିବେ ମୁଁ ଆଉ କ'ଣ କରିବି ? ସ୍ୱାମୀକହିଲେ, 'ସ୍ୱାମୀଙ୍କ ସୁଖ ସୁବିଧା ପ୍ରତି ଦୃଷ୍ଟି ନ ଦେଇ ତୁମେ ଫେରିଯିବ ବୋଲି କହୁଛ,' ଏତିକି କହି ସେ ଭାତରେ ସମ୍ବର ଗୋଳେଇବା ଆରମ୍ଭ କଲେ । ସକ୍କମ୍ମା ରାତିରେ ହିଁ ଫେରିଯିବାର ଥିଲା, ତେଣୁ ସେ ଜିନିଷପତ୍ର ବନ୍ଧା ବନ୍ଧି ସାରିଥାନ୍ତି । ସକାଳ ରନ୍ଧା ଭାତ ଥଣ୍ଡା ହୋଇ ଶୁଖି ଯାଇଥାଏ । ସ୍ୱାମୀ ମୋ ଆଡ଼କୁ ଚାହିଁ କହିଲେ, 'ଦେଖ୍ ତା'ର ଅଳସୁଆମି ! ଏମିତି ଭାତ ଏଇ ଗାଉଁଲିଆକୁ ଦେଇ ଦେଲେ (ନିଜକୁ ଦେଖାଇ) ଚଳିଯିବ ବୋଲି ଭାବି ଦେଉଛି । ଆଉ ଭାତ ସାଙ୍ଗକୁ ବାସି ଚଟଣି (ଚଟଣି କିନ୍ତୁ ଖରାପ ନଥିଲା) ଦେଇ ମୋତେ ଖାଇବାକୁ ବାଧ୍ୟ କରୁଛି ।ଗଣ୍ଡେ ଗରମ ଭାତ ଦେଇଥିଲେ ମୁଁ ଖାଇଥା'ନ୍ତି ।" ମୁଁ ତହୁଁ କହିଲି, "ସ୍ୱାମୀ ଆମେ ରାନ୍ଧି ଥିବା ଭାତ ସଜ ଓ ଗରମ ଅଛି ।

ଆଣି ଦେବି ?" "କାନ୍ନାମ୍ମା, ରାଧମ୍ମା, ଦେଖିଲ, ମୁଁ ଯେତେବେଳେ ତୁମେ ରାନ୍ଧି ଥିବା ଭାତ ଚାହେଁ, ସେତେବେଳେ କେମିତି ଚାଲାଖି କରେ ।" ଏହି କଥା କହି ସ୍ୱାମୀ ହସି ଉଠିଲେ । ସ୍ୱାମୀ ଭାତ ଖାଇବାରୁ ଆମେ ଖୁସି ହେଲୁ ।

ପରଦିନ ପାଦପୂଜା କରିବାକୁ ଆମେ ସବୁଯୋଗାଡ଼ କରିଥାଉ । ସକାଳେ ସ୍ୱାମୀ ଆସି ଆମକୁ କହିଲେ, "ଝିଅ, ଗତକାଲି ଯାହା ଘରେ ଉପନୟନ ହେଲା ମୋତେ ସେଠାକୁ ଯିବାକୁ ହେବ, ବର୍ତ୍ତମାନ ପାଦପୂଜା କରି ନିଅ ।" ଏହା କହି ସେ ବେତ ଚୌକିରେ ବସିଗଲେ । ଆମେ 'ପରମ ପାବନ ରାମ, ପାପ ବିମୋଚନ ରାମ' ଭଜନଟି ଗାଇ ଗାଇ ସ୍ୱାମୀଙ୍କର ପାଦ ପୂଜା କଲୁ, ପୂଜା ଶେଷରେ ଫୁଲମାଳ ଦେଲୁ । ଆମେ ପାଦ ପୂଜା କରିବା ସମୟରେ ସେ ପାଞ୍ଚ ବର୍ଷର ଏକ ଅମାୟିକ ଛୁଆ ଭଳି ଥରକୁ ଥର ତଳକୁ ନଇଁ ନିଜ ପାଦକୁ ଚାହୁଁଥିଲେ ଓ ସବୁକିଛି ଉପଭୋଗ କରୁଥିଲେ । ପାଦ ପୂଜା ଶେଷରେ ସ୍ୱାମୀ ଆମକୁ ଗୋଲାପ ଜଳକୁ ଭକ୍ତିଭାବ ନେଇ ପାଟିରେ ପକାଇବା ବା ଆଖିରେ ପକାଇବାକୁ ବାରଣ କଲେ, କାରଣ ସେ କହିଲେ ସେହି ଜଳ ଦୂଷିତ ହୋଇଥିବାର ପ୍ରମାଦ ଥାଇ ପାରେ; ତା ଫଳରେ ପେଟ ବା ଆଖି ଖରାପ ହୋଇପାରେ । ଆମ ପାଇଁ ସେ ଯେ କେତେ ବ୍ୟସ୍ତ ! କି ଅପାର ଯେ ତାଙ୍କ କରୁଣା ! ଶେଷରେ ଆମେ ତାଙ୍କର କର୍ପୁର ଆରତୀ କଲୁ । ତା' ପରେ ସେ କହିଲେ, "ଝିଅ, ମୁଁ ଆଶୀର୍ବାଦ କରିବି ବୋଲି ତୋ ମାଉସୀ ତୋ ପାଖକୁ ଗୋଟିଏ ବିଭୂତି ପୁଡ଼ିଆ ପଠେଇଛି ନା ? ତୁ ମୋତେ ଏ ଯାଏଁ ପୁଡ଼ିଆଟି ଦେଖେଇ ନାହୁଁ ।" କଥାଟି ଆମ ମନରେ ଥାଏ କିନ୍ତୁ ଆମେ ସ୍ୱାମୀଙ୍କୁ ସେ ଏଇଟା ବା ସେଇଟା ସ୍ପର୍ଶ କରନ୍ତୁ ବୋଲି କହିବାକୁ ସାହସ ପାଉ ନଥାଉ । ସ୍ୱାମୀ କିନ୍ତୁ କେବେ ଭକ୍ତମାନଙ୍କୁ ନିରାଶ କରନ୍ତି ନାହିଁ । ସେ ତାଙ୍କ ଆଙ୍ଗୁଠିରେ ବିଭୂତିକୁ ଘାଣ୍ଟି ଦେଇ ପୁଡ଼ିଆଟିକୁ ଫେର୍ ଆମକୁ ଦେଇ ଦେଲେ ।

ତା' ପର ଦିନ ଆମର ଯିବାର କଥା । ମୁଁ ଓ ମୋ ଭଉଣୀ ପାଣି ଆଣିବାକୁ କୂଅ ମୂଳକୁ ଯାଇଥାଉ । ସ୍ୱାମୀ ଏକା ଚଲାବୁଲା କରୁଥାନ୍ତି, ଆମକୁ ଦେଖି ସେ କହିଲେ, "ଝିଅ ତୁମେ ଆଜି କାର୍‌ରେ ଯିବ ! ସେ ସମୟରେ ସ୍ତ୍ରୀ ଲୋକମାନେ ଶଗଡ଼ରେ ଯାତ୍ରା କରିବା ବିପଦଜନକ ଥିଲା । ସକ୍କମ୍ମା ଆମ ପ୍ରତି ତାଙ୍କର ଆନ୍ତରିକତା ଥିବାରୁ ଏକ କାର୍ ଯୋଗାଡ଼ କରିଥାନ୍ତି । ଆମ୍ଭକ ନିର୍ଦ୍ଦେଶକରି ସ୍ୱାମୀ କହିଲେ, "ସକ୍କମ୍ମା, ଶୀଘ୍ର ଖାଇବା ପ୍ରସ୍ତୁତ କର । ଆଜି ଏମାନେ ଯାଉଛନ୍ତି । ମୁଁ ଏମାନଙ୍କ ସଙ୍ଗେ ଖାଇବି ।" ନଅଟା ବେଳେ ଆମେ ଖାଇବାକୁ ବସିଲୁ । ସ୍ୱାମୀଙ୍କୁ ଛାଡ଼ି ଯାଉଥିବାରୁ କଷ୍ଟ ଲାଗୁଥାଏ । ଖାଇବାକୁ ଇଚ୍ଛା ହେଉ ନଥାଏ । ସ୍ୱାମୀ କିନ୍ତୁ ତାଙ୍କ ସଙ୍ଗେ ବସି ଖାଇବାକୁ ବାଧ୍ୟ କଲେ । ସକ୍କମ୍ମା ଆମ ସମସ୍ତଙ୍କୁ ଖାଇବାକୁ ବାଢ଼ିଲେ । ସ୍ୱାମୀ ସକାଳ ନଅଟାରେ ଜଳଖିଆ କରନ୍ତି କିନ୍ତୁ ସେ ଦିନ ଆମ ପାଇଁ ଆମ ସଙ୍ଗେ ବସି ଭାତ ଖାଉଥାନ୍ତି । ଆମକୁ ସେ କେତେ

ଭଲ ପାଉଥିଲେ ! ଆମେ ନ' ଖାଇ ଚୁପ୍‌ଚାପ୍ ବସିଥିବା ଦେଖି ସେ ଆମକୁ ଖାଇବାକୁ କହିଲେ । ମୁଁ କହିଲି "ମୁଁ ଖାଇ ପାରୁନି" ସ୍ୱାମୀ କହିଲେ, "ଖାଇ ପାରିବ, ମୋ ପାଇଁ ଅନ୍ତତଃ ଖାଅ, ଏମିତି ଦୁଃଖ କରନା ।"

ଆମକୁ ସବୁବେଳେ ମନେ ରଖିବାପାଇଁ ଓ ଏମିତି ବାରମ୍ବାର ପୁଟ୍ଟପର୍ତ୍ତି ଆସିବାର ସୁଯୋଗ ଦେବାପାଇଁ ଆମେ ସ୍ୱାମୀଙ୍କୁ ପ୍ରାର୍ଥନା କଲୁ । ସ୍ୱାମୀ କହିଲେ, "ନିଶ୍ଚୟ; ନିଶ୍ଚୟ । ସମ୍ବରକୁ ଚାଖ ।' ଏଥର ସ୍ୱାମୀ କହିଲେ, "ସକ୍କମ୍ମା, ସମ୍ବରଟା ଗନ୍ଧ ହେଉନି ?" ମୁଁ କହିଲି, "ହୁଏତ ସୋମନେ ପୁରୁଣା ଚାଉଳଚୂନା ବ୍ୟବହାର କରିଛନ୍ତି ।" ସ୍ୱାମୀ କହିଲେ, "ତୁମେ କରିଥିବା ଚଟଣି ଗୁଣ୍ଡ ଥିଲେ ମୁଁ ଭାତରେ ଟିକିଏ ମାଖି ଖାଇଥା'ନ୍ତି ।" ସେଥିରେ ବେଶୀ ମସଲା ପଡ଼ିଥିବାରୁ ଆମେ ଏ ଯାଏଁ ସ୍ୱାମୀଙ୍କୁ ତାହାଦେଇ ନଥିଲୁ । ସ୍ୱାମୀଙ୍କୁ ତାହାଦେବା କଥା ଭାବିଲେ ସକ୍କମ୍ମା ଆମକୁ ଗାଳି ଦେଇ କହନ୍ତି, "ସେ ତ ଦୁଧ, ଦହି, ଘିଅ କିଛି ଖାଉ ନାହାନ୍ତି, ପନିପରିବା ମଧ୍ୟ ବେଶୀ ଖା'ନ୍ତି ନାହିଁ, ଏଥିରେ ପୁଣି ଯଦି ମସଲା ଜିନିଷ ଖାଇବେ ତାଙ୍କ ପେଟ ଖରାପ ହେବ ।" ଜିନିଷପତ୍ର ବନ୍ଧା ବନ୍ଧି କରି ମୁଁ ସ୍ୱାମୀଙ୍କୁ କହିଲି, 'ସ୍ୱାମୀ ମୁଁ ଚଟଣି ପଠେଇଦେବି । ଆପଣ ଖାଇବେ ତ ?" ସେ ମୋ ପ୍ରଶ୍ନରେ 'ହଁ' ଭରିଲେ ।

ମେଲାଣି ନେବାର ସମୟ ଆସିଲା, ସେ ଏକ ଆରାମ ଚୌକୀରେ ବସିଥା'ନ୍ତି । ଆମେ ସ୍ୱାମୀଙ୍କୁ କିଛି ଉପଦେଶ ଦେବାକୁ ପ୍ରାର୍ଥନା କଲୁ । ସେ କହିଲେ 'ମୁଁ ତୁମକୁ ସବୁ କଥା କହି ସାରିଛି । କୌଣସି ବିଷୟ ନେଇ କେବେ ବ୍ୟସ୍ତ ହେବ ନାହିଁ ‌। ମୋତେ ମନେ ପକାଅ, ସେତିକି ଯଥେଷ୍ଟ । ପ୍ରତ୍ୟେକଙ୍କ ଜୀବନରେ ତ ଦୁଃଖ କଷ୍ଟ ଆସେ, ମୁଁ କିନ୍ତୁ ତୁମକୁ ସବୁ ଦୁଃଖ କଷ୍ଟରୁ ପାର କରି ଦେବି । ତୁମେ ଯଦି ବୁଡ଼ି ଯିବାକୁ ଥିବ, ମୁଁ ତୁମକୁ ଭସେଇ ରଖିବି ।' ଆମେ ସ୍ୱାମୀଙ୍କ ପାଦ ନମସ୍କାର କରି ଭାରାକ୍ରାନ୍ତ ହୃଦୟ ନେଇ ପୁଟପର୍ତ୍ତି ଛାଡ଼ିଲୁ ।

ଅନେକ ବର୍ଷ ସକ୍କମ୍ମା ପୂର୍ଣ୍ଣ ଆତ୍ମ ସମର୍ପଣ ଭାବ ନେଇ ଅତ୍ୟନ୍ତ ଭକ୍ତି ସହକାରେ ସ୍ୱାମୀଙ୍କ ସେବା କଲେ ଏବଂ ମହିଶୂରରେ ୧୯୫୦ ମସିହାରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ପଞ୍ଚମ ଅଧ୍ୟାୟ

ଆମ ଘରେ ସ୍ୱାମୀଙ୍କ ପାଦ ପଡ଼ିଲା

ଭକ୍ତଙ୍କ ହୃଦୟାଙ୍ଗନକୁ ମୁଁ ଆସିଥାଏ ।

– ଶ୍ରୀ ସତ୍ୟସାଇ ବାବା

୧୯୪୬, ଜୁନ ୩ ତାରିଖ ଆମମାନଙ୍କ ଜୀବନର ଏକ ସୁବର୍ଣ୍ଣ ଦିବସ, ସେଦିନ ଥିଲା ଆମ ଘରେ ଏବଂ ଆମମାନଙ୍କ ହୃଦୟରେ ଭଗବାନ ପାଦ ଦେବାକୁ ଯାଉଥିବା ଦିନ ।

ଶ୍ରୀମତୀ ସକ୍କମ୍ମା ଆମକୁ ଚିଠି ଲେଖି ଜଣାଇଥାନ୍ତି ଯେ ୧୯୪୬, ଜୁନ୍ ୩ ତାରିଖ ଦିନ ସ୍ୱାମୀ ମହୀଶୂର ଆସୁଛନ୍ତି ଓ ସେ ପୁଟବକ୍ସି ଶ୍ରୀ ବସବ ରାଜ ଉର୍ସଙ୍କ ଘରେ ରହିବେ । ପରଦିନ ଆମେ ତାଙ୍କର ଦର୍ଶନ ପାଇଁ ସେଠାକୁ ଗଲୁ । ସ୍ୱାମୀ କିନ୍ତୁ ଆସି ନ'ଥାନ୍ତି । ପ୍ରାୟ ଦିନ ଗୋଟାଏ ବେଳକୁ ସ୍ୱାମୀଙ୍କ କାର ଆସି ପହଞ୍ଚିଲା । ସକ୍କମ୍ମା ତାଙ୍କ ସଙ୍ଗେ ଥାନ୍ତି । ସେଠାରେ ଉପସ୍ଥିତ ଥିବା ଭକ୍ତମାନେ ବାବାଙ୍କୁ ଫୁଲ ଓ ଫଳ ଦେଇ ବନ୍ଦାପନା କଲେ ଏବଂ ସେମାନେ ପାଦ ନମସ୍କାର କରିବା ପରେ ସ୍ୱାମୀ ଭିତରକୁ ପ୍ରବେଶ କଲେ । କିଛି ସମୟ ପରେ ସେଠାରେ ଦାୟିତ୍ୱରେ ଥିବା ଜଣେ ସେବକ ବାହାରକୁ ଆସି ଆମମାନଙ୍କୁ ଭିତରକୁ ଯିବାକୁ କହିଲେ । ଉର୍ସ ପରିବାରର ସମସ୍ତେ ପାଦ ପୂଜା କରିବା ପରେ ଆମମାନଙ୍କୁ ପ୍ରସାଦ ଦେଲେ । ସେଦିନ ସନ୍ଧ୍ୟାରେ ଯେହେତୁ ସ୍ୱାମୀ ବାଙ୍ଗାଲୋର ଯିବାର ଥିଲା, ଆମେ ସ୍ୱାମୀଙ୍କୁ ବାଙ୍ଗାଲୋର ଯିବା ରାସ୍ତାରେ ପଡୁଥିବା ଆମ ଘରେ ଥରେ ପାଦ ଦେବାକୁ ପ୍ରାର୍ଥନା କରିବାକୁ ଚାହିଁଥିଲୁ । ମୁଁ ଧୀର ପାଦ ଦେଇ ସ୍ୱାମୀ ଯେଉଁଠାରେ ବସିଥାନ୍ତି ସେଠାକୁ ଗଲି ଏବଂ ତାଙ୍କୁ ପ୍ରଣାମ କରି ଆମ ଘରକୁ ଆସିବା ପାଇଁ ପ୍ରାର୍ଥନା କଲି । ସେ ପ୍ରଥମେ ସମୟ ହେବ ନାହିଁ ବୋଲି କହିଲେ । ମୁଁ ତାଙ୍କୁ କହିଲି ଯେ ଆମ ଘର ଲୋକରଞ୍ଜନ ମହଲ ରୋଡ଼ରେ ଏବଂ ସେ ଆମ ଅନୁରୋଧକୁ ଟାଳିବେ ନାହିଁ । ସ୍ୱାମୀ ରାଜି ହେଲେ । ଆମେ ମନ ଆନନ୍ଦରେ ଶୀଘ୍ର ଘରକୁ ଫେରି ଆସିଲୁ, ସ୍ୱାମୀଙ୍କ ଆଗମନର ସମସ୍ତ ପ୍ରସ୍ତୁତି ପାଇଁ । ଆସିବା ବାଟରେ ଭୀଷଣ ବର୍ଷା ହେବାରୁ ସମସ୍ତେ ଭିଜିଗଲୁ ଓ ଘରକୁ ପହଞ୍ଚିବାରେ ବିଳମ୍ବ ହେଲା ।

ସ୍ୱାମୀ ସକ୍କମ୍ମାଙ୍କ ମାଧ୍ୟମରେ ଆମକୁ ଜଣାଇଥିଲେ ଯେ ରୁକ୍ମାଳୟାଠାରେ (ନଜାରାବାଦରେ ଥିବା ଶ୍ରୀକୃଷ୍ଣ ଅର୍ସଙ୍କ ଘର) ତାଙ୍କୁ ଭେଟିବାକୁ ହେବ । ରୁକ୍ମାଳୟାରେ ପହଞ୍ଚି ସାରିଥିବା ସ୍ୱାମୀଙ୍କୁ ଆଣିବାପାଇଁ ମୋର ମାମୁଁ ଯାଇଥାନ୍ତି । ସ୍ୱାମୀ ମୋ ମାମୁଁଙ୍କୁ

କହିଲେ, 'ଏତେ ସମୟ ଧରି ମୋତେ ଏଠାରେ ଅପେକ୍ଷା କରିବାକୁ ହେଲା । ତୁମେ କଣ ଭାବୁଛ ମୁଁ କାହା ଘରକୁ ଯିବା ଏକ ସାଧାରଣ ବିଷୟ ?' ମୁଁ ପୂଜା ପାଇଁ ସବୁ ପ୍ରସ୍ତୁତି ସାରିଥାଏ । ମୋର ମା' ଓ ମାଇଁ କିଛି ଜଳଖିଆ ପ୍ରସ୍ତୁତ କରିଥାନ୍ତି । ଆମେ ଅଞ୍ଜୁରି ଆରତୀ ଥାଳିଆ ଧରି ତାଙ୍କୁ ସ୍ୱାଗତ କରିବାକୁ ବାହାରିଛୁ, ସ୍ୱାମୀ କିନ୍ତୁ ଆସି ଘରେ ପ୍ରବେଶ କରି ସାରିଥା'ନ୍ତି । ସେ ଖୁବ୍ ତରବରରେ ଶିଡ଼ି ଦେଇ ଉପରକୁ ଚାଲିଗଲେ ଏବଂ ଉପରେ କକ୍ଷ ମଧ୍ୟକୁ ପ୍ରବେଶ କରି ସେଠାରେ ତାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ରଖାଯାଇଥିବା ଚୌକିରେ ବସିଗଲେ । ଆମେ ପୂଜା କରିବାକୁ ବାହାରିବା ଦେଖି ସେ ଆମକୁ ତରବରେରେ ଅଛନ୍ତି କହି ତାହା ବାରଣ କଲେ । ପ୍ରଥମେ ମୋ ଅଜା ନାଗେଶ୍ୱର ରାଓ, ତାପରେ ଆମେ ସମସ୍ତେ ସ୍ୱାମୀଙ୍କର ପାଦ ଧୋଇ ପୋଛି ଦେଲୁ ଏବଂ ତାଙ୍କୁ ଫୁଲମାଳ ଦେଇ ପାଦ ନମସ୍କାର କଲୁ । ଯାହା କିଛି ସ୍ୱଳ୍ପାହାର ପ୍ରସ୍ତୁତ କରିଥାଉ ତାହା ସ୍ୱାମୀଙ୍କୁ ଏବଂ ତାଙ୍କ ସହ ଆସିଥିବା ଭକ୍ତମାନଙ୍କୁ ଦେଲୁ । ସ୍ୱାମୀ ସେଥିରୁ କିଞ୍ଚିତ୍ ସେବନ କଲେ ଓ ତାପରେ ଭକ୍ତମାନେ ଖାଉଥିବା ଦେଖି ଖୁସି ହେଲେ । ସ୍ୱାମୀ ଆମ ଘରେ ବେଶୀ ସମୟ ନ ରହିବାରୁ ଆମ ମନ ଦୁଃଖ ହେଲା ଏବଂ ଆମେ ସ୍ୱାମୀଙ୍କୁ ତାହା ଜଣାଇଲୁ । ସ୍ୱାମୀ ଫୁରସତ୍ ଦେଖି ଆଉଥରେ ଆସିବେ କହି ଆସନରୁ ଉଠିଲେ ଏବଂ ସମସ୍ତଙ୍କ ଆଡ଼କୁ ଚାହିଁ କହିଲେ, 'ଏଥର ମୁଁ ଆସେ' । ଆମେ ଦୁଆର ମୁହଁ ଯାଏ ତାଙ୍କ ପଛେ ପଛେ ଗଲୁ । ସ୍ୱାମୀ କାରରେ ବସିଲେ ଏବଂ 'ପୁଣି ଥରେ ଆସିବି' କହି ଚାଲିଗଲେ । ଆମେ ପରେ ଜାଣିବାକୁ ପାଇଲୁ ଯେ ଆମ ଘରର ଖୁବ୍ ନିକଟରେ ଥିବା ହାର୍ଡିଙ୍ଗ ସର୍କଲ ଯାଏ ଗାଡ଼ି ଯାଇନି, ସେଥିରେ ପେଟ୍ରୋଲ ସରିଗଲା । ସ୍ୱାମୀ ସେହି ସର୍କଲରେ ଥିବା ଝରରୁ ଜଳ ନେଇ ଟାଙ୍କି ଭର୍ତ୍ତି ଦେବାକୁ କହିଲେ ଓ ସେହି ପାଣିରେ ଗାଡ଼ି ବାଙ୍ଗାଲୋର ଯାଏ ଚାଲିଲା ।

ସ୍ୱାମୀ ତାଙ୍କର ପ୍ରତିଶ୍ରୁତି ରକ୍ଷାକରି ପୁନର୍ବାର ଆମ୍ଭ ଘରକୁ ଆସିଥିଲେ, ୧୯୪୬ ଜୁଲାଇ ୬ ତାରିଖ ଦିନ । ସେ ଦିନ ଆମେ ତାଙ୍କର ପାଦପୂଜା କଲୁ । ସେ ଆମ ସଙ୍ଗେ ମିଶି ଭୋଜନ କଲେ, ସମସ୍ତଙ୍କ ସହ ଆଳାପ କଲେ ଏବଂ ସଭିଙ୍କ ଉପରେ ତାଙ୍କର ଦିବ୍ୟ ପ୍ରେମ ଢାଳି ଦେଲେ ।

ଅକ୍ଟୋବର ୧୯୪୬ର ଆଉ ଏକ ଦିନ । ଆମେ ସକ୍କମ୍ମାଙ୍କଠାରୁ ଶୁଣିଲୁ ଯେ ସ୍ୱାମୀ ମହୀଶୂର ରାଜକୁମାରୀଙ୍କ ବଙ୍ଗଳାରେ ରହୁଛନ୍ତି ଏବଂ ସେ ଆଉ କିଛି ଦିନ ମହୀଶୂରରେ ରହିବେ । ଏକଥା ଜାଣି ଆମେ ସମସ୍ତେ ଅତ୍ୟନ୍ତ ଖୁସି ହେଲୁ, କିନ୍ତୁ ଆମର ଆନନ୍ଦ ଖୁବ୍

କ୍ଷଣସ୍ଥାୟୀ ମନେ ହେଲା, କାରଣ ସ୍ୱାମୀ ଯେଉଁ ବଙ୍ଗଳାରେ ରହୁଥାନ୍ତି ତାହା ଭିତରକୁ ପ୍ରବେଶ କରିବା ପାଇଁ କାହାକୁ ଅନୁମତି ମିଳୁ ନଥିଲା । ସ୍ୱାମୀ ଯେ କାହିଁକି ଅନ୍ୟମାନଙ୍କ ପାଇଁ ଅଗମ୍ୟ ଏକ ସ୍ଥାନରେ ରହୁଛନ୍ତି ତାହା ମୁଁ ବୁଝିପାରୁ ନଥିଲି । ଆମ ମନରେ କିନ୍ତୁ ଦୃଢ଼ ବିଶ୍ୱାସ ଥାଏ ଯେ ଆମେ ଯଦି ଗେଟ ପାଖରେ ତାଙ୍କ ପାଇଁ ଅପେକ୍ଷା କରିବୁ, ସ୍ୱାମୀ କୌଣସି ମତେ ଆମକୁ ଡାକିବେ । ଆମେ ଗେଟ୍ ବାହାରେ ପ୍ରଚଣ୍ଡ ଖରାରେ ସନ୍ଧ୍ୟା ୪ ଟା ଯାଏ ସେମିତି ଅପେକ୍ଷା କରି ରହିଥାଉ । କିଛି ସମୟ ପରେ ହୁଏତ ଗେଟ୍ ପାଖରେ ଥିବା ପ୍ରହରୀ ମନରେ ଆମ ପ୍ରତି ଦୟା ହେଲା ଓ ସେ ପାଖରେ ଥିବା ଏକ ବଗିଚା ଭିତରେ ଆମକୁ ବସିବାକୁ କହିଲା । ଆମେ ଏହା ସ୍ୱାମୀଙ୍କ ଅନୁଗ୍ରହ ମନେକରି ଭିତରକୁ ପ୍ରବେଶ କରି ସେଠାରେ ବସି ରହିଲୁ । ମୋର ପତିଦେବ ଧୀରେଧୀରେ ବଗିଚାରେ ବୁଲୁ ବୁଲୁ ଯାଇ ବଙ୍ଗଳାର ଦ୍ୱାର ଦେଶରେ ଥିବା ପ୍ରହରୀ ପାଖରେ ପହଞ୍ଚିଲେ ଓ ତାକୁ ଆମେମାନେ ସ୍ୱାମୀଙ୍କ ପାଇଁ ବାହାରେ ଅପେକ୍ଷା କରିବା କଥା ସ୍ୱାମୀଙ୍କୁ କହିବ କି ବୋଲି ପଚାରିଲେ । ପ୍ରହରୀ ଜଣକ କହିଲା ଯେ ସେ ଭିତରକୁ ଯାଇ ପାରିବ ନାହିଁ କିନ୍ତୁ ସ୍ୱାମୀ ବାହାରକୁ ଆସିଲେ ତାଙ୍କୁ ଏକଥା ଜଣାଇବ । ଆମେ ସେମିତି ଅପେକ୍ଷା କରି ରହିଲୁ ।

ବଙ୍ଗଳା ଭିତରେ ବତି ଜଳିଲା । ଇତି ମଧ୍ୟରେ ଜଣେ ପରିଚାରକ କାହିଁକି ଓ କିମିତି ଆସି ଆମକୁ ଭିତରକୁ ପ୍ରବେଶ କରିବାକୁ କହିଲା, ତାହ ଆମେ ଆଜିଯାଏଁ ଜାଣିପାରି ନାହୁଁ । ବଙ୍ଗଳା ଭିତରେ ସୁନ୍ଦର ସାଜସଜ୍ଜା ହୋଇଥାଏ ଏବଂ ଚତୁର୍ଦ୍ଦିଗ ଆଲୋକର ଚକ ମକ ହେଉଥାଏ । ଆମେ ଗୋଟିଏ କୋଣରେ ଖୁବ୍ ଅସ୍ୱସ୍ତି ବୋଧ କରି ଛିଡ଼ା ହୋଇଥାଉ । ସ୍ୱାମୀଙ୍କ ସଙ୍ଗେ ଆସିଥିବା ଜଣେ ଭକ୍ତ ସ୍ୱାମୀ ଶୀଘ୍ର ଆସି ଆମମାନଙ୍କୁ ଭେଟିବେ ବୋଲି କହି ଆମକୁ ସେଠାରେ ବସି ରହିବାକୁ କହିଲେ । ଆମେ ସେଠାରେ ବସି ସେହି ବୃହତ କକ୍ଷର ଚତୁର୍ଦ୍ଦିଗକୁ ଚାହିଁ ରହିଥାଉ । ଚାରିପଟେ ମେହେଙ୍ଗାନୀ କବାଟ ଓ ତା' ଉପରେ ସୁନ୍ଦର ପରଦା ଟଙ୍ଗା ହୋଇଥାଏ । କକ୍ଷର ମଧ୍ୟ ଭାଗରେ ଏକ ସ୍ତମ୍ଭରୁ ଆଉ ଏକ ସ୍ତମ୍ଭ ଯାଏଁ ସୁସଜ୍ଜିତ ସୋଫାମାନ ପଡ଼ିଥାଏ । ସବୁଜ ରଙ୍ଗର ଏକ କ୍ଷୀଣ ଆଲୁଅ ଜଳୁଥାଏ । ଥଣ୍ଡା ପବନ ବହୁଥାଏ । ଆମେ ମନେ ମନେ ଭାବୁଥାଉ ଏଭଳି ଏକ ଶାନ୍ତ, ସ୍ନିଗ୍ଧ ପରିବେଶ ବୈକୁଣ୍ଠାଧିପତି ଆମ ସ୍ୱାମୀଙ୍କ ପାଇଁ ଉପଯୁକ୍ତ ସ୍ଥାନ । ଅଳ୍ପ ସମୟ ମଧ୍ୟରେ ସ୍ୱାମୀ ହସି ହସି ଆମେ ଯେଉଁଠି ଥାଉଁ ସେଠାକୁ ଆସିଲେ । ଆମେ ଆନନ୍ଦାଶ୍ରୁ ଦେଇ ତାଙ୍କର ପାଦ ନମସ୍କାର କଲୁ । ମୁଁ ସ୍ୱାମୀଙ୍କୁ କହିଲି, 'ସ୍ୱାମୀ ! ଆପଣ ଏଭଳି ଏକ ସ୍ଥାନକୁ ଆସିଛନ୍ତି ଯେଉଁଠାକୁ ଆମ ଭଳି ଗରିବ ଭକ୍ତ କେବେ ଆସି ଆପଣଙ୍କୁ ଦର୍ଶନ କରିପାରିବେ ନାହିଁ ।' 'ସ୍ୱାମୀ କହିଲେ, 'ଝିଅ ଏମିତି କେବେ ଭାବିବ ନାହିଁ । ମୋତେ ଧନ୍ୟବାଦ ଓ କ୍ଷମତା ସମ୍ପନ୍ନ ଲୋକମାନଙ୍କୁ ସମାଜ ପ୍ରତି ସେମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରିବାକୁ ପଡ଼ିଥାଏ । ଏହି ପରିବାଟି

ଅବଶ୍ୟ ଏକ ଭଲ ପରିବାର । ଫାଟକଟି ବଙ୍ଗଳାଠାରୁ ଖୁବ୍ ଦୂରରେ ଅଛି । ସେମାନେ ହୁଏତ ତୁମକୁ ଦେଖି ପାରିନାହାନ୍ତି । ମୁଁ ସେମାନଙ୍କୁ କହିଥିଲି ଯେ ମୋର ଭକ୍ତମାନେ ଫାଟକ ପାଖରେ ଅପେକ୍ଷା କରିଛନ୍ତି ଓ ସେମାନଙ୍କୁ ଭିତରକୁ ଆସିବାକୁ ଦିଆଯାଉ । ସେମାନେ କିନ୍ତୁ ମୋ ଭାଷା ବୁଝି ପାରିଲେ ନାହିଁ । ମୋତେ ଶେଷରେ ଉଭୟ ତେଲଗୁ ଓ କନ୍ନଡ଼ ଜାଣିଥିବା ଜଣେ ଭକ୍ତ ଦ୍ୱାରା ସବୁକଥା ବୁଝେଇବାକୁ ପଡ଼ିଲା ।'

ଆମେ ତାଙ୍କ ପାଇଁ ଆଣିଥିବା କମଳା ତାଙ୍କୁ ଦେଲୁ । ସେ କମଳା ଚୋପା ଛଡ଼ାଇ ତାହା ଆମକୁ ଦେଲେ । ଆମେ ତାଙ୍କ ସହ କଥାବାର୍ତ୍ତାରେ ଏମିତ ମଜ୍ଜିଗଲୁ ଯେ ଆମର ଆଉ ଖିଆଲ ହେଲା ନାହିଁ ଯେ କମଳା ସ୍ୱାମୀ ଖାଉ ନାହାନ୍ତି, ଆମେ ଖାଉଛୁ । ସ୍ୱାମୀଙ୍କୁ ଆମ ଘରକୁ ଆସିବାପାଇଁ ଆମେ ନିମନ୍ତ୍ରଣ କଲୁ । ପ୍ରଥମେ ସେ କହିଲେ ଯେ କୌଣସି ଏକ ରିବବାର ଦିନ ସେ ଆସିବେ, କାରଣ ରବିବାର ମୋ ସ୍ୱାମୀଙ୍କର ଛୁଟି ଦିନ ହୋଇଥିବ । ପରେ କିନ୍ତୁ ସେ ବଳିପ୍ରତିପଦା ଦିନ ଆମ ଘରକୁ ଆସିବେ ବୋଲି ସ୍ଥିର କଲେ । ଆମେ ସ୍ୱାମୀଙ୍କ ସହ କଥାବାର୍ତ୍ତା କରିବା ଭିତରେ ବଗିଚା ବାହାରକୁ ଚାଲି ଆସିଥାଉ । ସେ ବଗିଚାରୁ ଗୋଟିଏ କଢ଼ ଛିଣ୍ଡାଇ ମୋ ହାତକୁ ଦେଲେ । ଇତି ମଧ୍ୟରେ ଜଣେ ପରିଚାରକ ସେଠାକୁ ଆସି ସ୍ୱାମୀଙ୍କୁ ଜଣାଇଲେ ଯେ ରାଜକୁମାରୀ ତାଙ୍କର ଦର୍ଶନ ପାଇଁ ଅପେକ୍ଷା କରିଛନ୍ତି । ସ୍ୱାମୀ ସେ ପାଞ୍ଚ ମିନିଟ୍ ମଧ୍ୟରେ ଆସୁଛନ୍ତି କହି ଆମକୁ ସେଠରେ ଅପେକ୍ଷା କରିବାକୁ କହିଲେ । ଅନେକ ସମୟ ଯାଏଁ ସ୍ୱାମୀ ନ ଫେରିବାରୁ ଆମେ ଘରକୁ ଫେରିଆସିଲୁ । ପରେ ଆମେ ପ୍ରହରୀଠାରୁ ଜାଣିବାକୁ ପାଇଲୁ ଯେ ଆମେ ସେ ସ୍ଥାନ ଛାଡ଼ିବାର କିଛି ମିନିଟ୍ ପରେ ସ୍ୱାମୀ ପୁଣି ବାହାରକୁ ଆସିଥିଲେ ଓ ଆମ ସମ୍ବନ୍ଧରେ ପଚାରିଥିଲେ । ପ୍ରହରୀ ସ୍ୱାମୀଙ୍କୁ ଆମେ ଫେରି ଯାଇଥିବା କଥା କହି ପୁଣି ଆମକୁ ଡାକି ଆଣିବ କି ବୋଲି ପୁଚ୍ଛା କଲା । ସ୍ୱାମୀ ତାକୁ କହିଲେ, 'ନା, ଏମିତି ଅନେକ ବିଳମ୍ବ ହୋଇଯାଇଛି, ମୁଁ ଏତେ ସମୟ ଧରି ତାଙ୍କୁ ଜଗେଇ ରଖିଲି । ଆଉ ବର୍ତ୍ତମାନ ତାକୁ ଡାକ ନାହିଁ ।' ଆମେ ଆଉ ଅଳ୍ପ ସମୟ ଅପେକ୍ଷା ନ କରି ଚାଲି ଆସିଲୁ ବୋଲି ପରେ ଦୁଃଖ କଲୁ ।

କିଛି ଦିନ ପରେ ଆମେ ସ୍ୱାମୀଙ୍କୁ ଆଉ ଥରେ ଦର୍ଶନ କଲୁ । ସ୍ୱାମୀ ପୁଟବକ୍କି ବସବରାଜ ଅର୍ସଙ୍କ ଘରକୁ ଆସିଥାନ୍ତି । ମୋର ପତିଦେବ ସକାଳେ ସେଠାକୁ ଯାଇ ସ୍ୱାମୀଙ୍କର ଦର୍ଶନ କଲେ । ସ୍ୱାମୀ ତାଙ୍କୁ ଦେଖି ପଚାରିଲେ, "କନ୍ନମ୍ମା କାହିଁ ? ସେ କ'ଣ ଆସିନି ?" ମୋ ସ୍ୱାସ୍ଥ୍ୟ ଭଲ ନଥିବା କଥା ସେ ସ୍ୱାମୀଙ୍କୁ କହିଲେ । ସନ୍ଧ୍ୟାରେ ଆମେ ସମସ୍ତେ ସ୍ୱାମୀଙ୍କ ଦର୍ଶନ ପାଇଁ ଗଲୁ । ସ୍ୱାମୀ ଆମକୁ ଉପର ମହଲାକୁ ନେଇ ଗଲେ । ଆମେ

ତାଙ୍କର ପାଦ ନମସ୍କାର କରିବା ପରେ ତାଙ୍କ ପାଇଁ ବିଶେଷ ଭାବେ ପ୍ରସ୍ତୁତ କରିଥିବା କିଛି ସ୍ୱଳ୍ପାହାର ତାଙ୍କୁ ଦେଲୁ । ସେ ସେଥିରୁ କିଛି ଖାଇ ଆମକୁ ପଚାରିଲେ, 'ତୁମେ କ'ଣ ଏଥିରେ ଅଦା ପକେଇଛ ?' ମୋ ମା' କହିଲୁ, 'ହଁ, ସ୍ୱାମୀ ଅଦା ପଡ଼ିଛି । ଆପଣଙ୍କୁ କ'ଣ ଅଦା ଭଲ ଲାଗେନା ?' ସ୍ୱାମୀ ଉତ୍ତର ଦେଲେ, 'ତୁମେ ତ ମୋତେ ଦେଇ ସାରିଛ ତେଣୁ ମୁଁ ବର୍ତ୍ତମାନ କହିବିନି ଯେ ମୋତେ ଅଦା ଭଲ ଲାଗେନି ।' ସେ ଆମକୁ ପୁଟପର୍ତ୍ତି ଆସିବାକୁ କହି ଆମ ପ୍ରତ୍ୟେକଙ୍କ ପାଇଁ କିଛି କାମ ରଖିଛନ୍ତି ବୋଲି ଆମକୁ ଜଣେଇଲେ । ହଠାତ୍ ମନଭରି କାନ୍ଦିବାକୁ ମୋର ଇଚ୍ଛା ହେଲା । ସ୍ୱାମୀ ବ୍ୟସ୍ତ ହୋଇ ମୋତେ ପଚାରିଲେ, 'କନ୍ନମ୍ମା ! କନ୍ନମ୍ମା ! ହେଲା କ'ଣ ?' ମୋର ଛୋଟ ପୁଅ ଶଙ୍କର ମଧ୍ୟ ମୋ ସଙ୍ଗେ କାନ୍ଦିବା ଆରମ୍ଭ କଲା । ମୁଁ ତାକୁ ଗୋଟିଏ କମଳା ଦାନ ଦେଇ ଚୁପ୍‌କଲି । ସ୍ୱାମୀ ମୋ ଆଡ଼କୁ ଚାହିଁ ମୋତେ କହିଲେ, 'ତୁମେ ଯେପରି ତାକୁ ସାନ୍ତ୍ୱନା ଦେଲ, ମୁଁ ସେପରି ଭକ୍ତମାନଙ୍କୁ ସାନ୍ତ୍ୱନା ଦେଇଥାଏ ।' ସ୍ୱାମୀଙ୍କ ଏକଥା ଶୁଣି ଆମେ ସମସ୍ତେ ହସି ଉଠିଲୁ । ଶ୍ରୀମତୀ ଅଙ୍କମ୍ମା ନାମ୍ନୀ ଜଣେ ଭକ୍ତ ସ୍ୱାମୀଙ୍କୁ କହିଲେ, "ସ୍ୱାମୀ, ସେ ଏତେ କାନ୍ଦୁଛି, ଆପଣ ତା ପାଇଁ କିଛି ସୃଷ୍ଟି କରି ଦେଉ ନାହାନ୍ତି ?" ସ୍ୱାମୀ ଉତ୍ତର ଦେଲେ, "ସେ ମୋଠୁ ଏମିତି କିଛି ପାଇବାକୁ କାନ୍ଦୁ ନାହିଁ ।" ଏଥର ସ୍ୱାମୀ ଆସନରୁ ଉଠିଲେ, ଆମେ ପୁଣି ତାଙ୍କର ପାଦ ନମସ୍କାର କରି ତାଙ୍କଠାରୁ ବିଦାୟ ନେଲୁ । ଦୀର୍ଘ ସମୟ ଧରି ସ୍ୱାମୀ ଛାତ ଉପରେ ଛିଡ଼ା ହୋଇ ଆମେ ଫେରୁଥିବା ଦେଖୁଥାନ୍ତି ।

✍

୧୯୪୬ ଅକ୍ଟୋବର ୨୫ ତାରିଖ, ଶୁକ୍ରବାର ବଳିପ୍ରତିପଦା ଦିନ ଭବତାରକ ଆମ ସ୍ୱାମୀ ପୁଣି ଥରେ ଆମ ଘରକୁ ଆସିବାର ଥିଲା । ଆମେ ସମସ୍ତ ଆୟୋଜନ ଶେଷ କରି ଅପରାହ୍ଣ ତିନିଟାରେ କରଞ୍ଜି ମହଲ୍‌ଠାରେ ରହୁଥିବା ସ୍ୱାମୀଙ୍କୁ ଆଣିବାକୁ ଗଲୁ । ସେଠାରେ ଆମକୁ କୁହାଗଲା ଯେ ସ୍ୱାମୀ ବିଶ୍ରାମ ନେଉଛନ୍ତି । ଆମେ ସେଠାରେ ଅପେକ୍ଷା କରିବା ଭିତରେ ଦେଖିଲୁ, କରଞ୍ଜି ମହଲ ଭିତରୁ ବଡ଼ ବଡ଼ ତାମ୍ର ପାତ୍ରରେ ବିବିଧ ଖାଦ୍ୟ ସାମଗ୍ରୀ ଆଣି ବାହାରେ ଅପେକ୍ଷା କରିଥିବା ଗାଡ଼ିରେ ଲଦା ଯାଉଛି । ଆହୁରି ଅନେକ ଲୋକ ନିଜ ନିଜ କାର ନେଇ ସେଠାରେ ଅପେକ୍ଷା କରି ରହିଥାନ୍ତି । କଥା କ'ଣ ବୁଝିବାରୁ ଜାଣି ପାରିଲୁ ଯେ ସ୍ୱାମୀ ବଣ ହାତୀ ଧରିବାକୁ ଖେଦାରେ ବାହାରିଛନ୍ତି । ଆମ ମନ ଭାଙ୍ଗିଗଲା କିନ୍ତୁ ଅନ୍ତତଃ ଦର୍ଶନ ପାଇବାର ଆଶା ନେଇ ଆମେ ସେଠାରେ ଅପେକ୍ଷା କଲୁ । ସ୍ୱାମୀ ପ୍ରାୟ ଛଟା ବେଳକୁ ଉଠିଲେ । ଆମେ ଶୁଣିବାକୁ ପାଇଲୁ ଯେ ସେଦିନର ଖେଦା କାର୍ଯ୍ୟକ୍ରମ ବାତିଲ ହୋଇଯାଇଛି । ସ୍ୱାମୀ ଉଠିବା ମାତ୍ରକେ ମୁହଁ ଧୋଇଲେ ଏବଂ ସକ୍କମ୍ମାଙ୍କୁ କହିଲେ, 'ମୁଁ ବର୍ତ୍ତମାନ କିଛି ପିଇବି ନାହିଁ,

ମୋତେ କନ୍ନମ୍ମାର ଘରକୁ ଯିବାକୁ ହେବ ।' କରୁଣାମୟ ସ୍ୱାମୀ ତଳକୁ ଓହ୍ଲାଇ ଆସିଲେ ଏବଂ ଆମକୁ ଚାହିଁ ହସି ହସି କହିଲେ, "ଚାଲ ଏଥର ଯିବା" ଆମ ଆନନ୍ଦର ସୀମା ନଥାଏ ।

ସକ୍କମ୍ମାଙ୍କ କାରରେ ସକ୍କମ୍ମା, ମୋର ପତି ଓ ମୋତେ ନେଇ ସ୍ୱାମୀ ଆମ ଘରକୁ ଆସିଲେ । ଆମର ଦ୍ୱାରଦେଶରେ ଆମେ ସ୍ୱାମୀଙ୍କୁ ଆରତୀ ଦେଇ ଭିତରକୁ ପାଛୋଟି ନେଲୁ । ପ୍ରଥମ ମହଲାର ଝରକା ଖୋଲିବା ମାତ୍ରକେ ଦେଦୀପ୍ୟମାନ ମହୀଶୂର ପ୍ରାସାଦ ଆଖିରେ ପଡୁଥାଏ । ଝିପି ଝିପି ବର୍ଷା ଆରମ୍ଭ ହେଲା । ମୋର ମା' ଲେମ୍ବୁ ରସ ଓ ମିଠା ଆଣି ସ୍ୱାମୀଙ୍କ ଆଗରେ ରଖିଲେ । ସେ ସାମାନ୍ୟ ମିଠା ଖାଇଲେ କିନ୍ତୁ ପାଗ ଥଣ୍ଡା ଅଛି କହି ଲେମ୍ବୁ ରସ ପି' ବାକୁ ମନା କଲେ । ତା' ପରେ ପଚାରିଲେ, "ତୁମେ ଏତେ ପଇସା ଖର୍ଚ୍ଚ କରୁଛ କାହିଁକି ? ତୁମେ କ'ଣ ଜାଣନା ଯେ ମୁଁ ମିଠା ଖାଏନା, ମୋତେ ଖାଲି ରସମ୍ ଭାତ ଦେଲେ ଯଥେଷ୍ଟ । ତୁମେ ସବୁ ମୋ ପାଇଁ ଏତେ ହଇରାଣ ହେଉଥିବା ହେତୁ ମୁଁ ତୁମ ଘରକୁ ଆସିବାକୁ ଅମଙ୍ଗ ହୁଏ ।" ସକ୍କମ୍ମାଙ୍କ ଦେହ ଭଲ ନଥିଲା, ତେଣୁ ସେ ଦୁଧ ଗୋଳେଇ ଅଳ୍ପ ବହଳ ମଣ୍ଡ କରିବାକୁ କହିଲେ । ଝରକାଦେଇ ମହୀଶୂର ପ୍ରାସାଦକୁ ଲକ୍ଷ୍ୟକରି ସ୍ୱାମୀ କହିଲେ, "ଦେଖ ପ୍ରାସାଦ କି ସୁନ୍ଦର ଦିଶୁଛି । ଆଲୁଅ ଗୁଡ଼ିକୁ ଦେଖିଲେ ଦୁଇ ଆଖି ମୋହି ଯାଉଛି । ମୁଁ ଫୁଲ ଓ ଆଲୁଅ ଖୁବ୍ ପସନ୍ଦ କରେ । ଝିଅ, ପ୍ରଶାନ୍ତି ମନ୍ଦିରକୁ ମଧ୍ୟ ଏମିତି ସଜାଇବାକୁ ହେବ ।" ବଳିପ୍ରତିପଦା ହେତୁ ପ୍ରାସାଦରେ ଆଲୋକସଜ୍ଜା ହୋଇଥାଏ । ସ୍ୱାମୀ ଥରକୁ ଥର ସେହି ପ୍ରାସାଦର ଆଲୋକସଜ୍ଜା ଦେଖୁଥାନ୍ତି । ସେ ଆମକୁ କହିଲେ ଯେ ସେ ଥରେ ମହାରାଜଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସେହି ପ୍ରାସାଦକୁ ଯାଇଥିଲେ ଓ ଏହା କହୁ କହୁ ମହାରାଜାଙ୍କର କନ୍ୟା ଗାୟତ୍ରୀର ନାମ ଉଲ୍ଲେଖ କଲେ ।

ଆମେ ସ୍ୱାମୀଙ୍କୁ ପାଦ ପୂଜା କରିବାକୁ ଅନୁମତି ମାଗିଲୁ । ଆମେ ତାଙ୍କୁ ପୁଷ୍ପମାଲ୍ୟ ଦେଇ ହୃଦୟଭରି ପାଦ ପୂଜା କଲୁ । ପ୍ରସାଦ ବିତରଣ ପରେ ଅତିଥିମାନେ ଫେରିଗଲେ । ମୋ ପତି ପ୍ରଥମେ ପିଲାମାନଙ୍କୁ ଭାତ ବାଢ଼ିବାକୁ ଚାହୁଁଥିଲେ କାରଣ ପିଲାମାନେ ଶୋଇଯିବା ପରେ ଅନ୍ୟମାନେ ସ୍ୱାମୀଙ୍କ ସହ ଭୋଜନରେ ବସି ପାରିବେ । ଏକଥା ଶୁଣି ସ୍ୱାମୀ କହିଲେ, "ଝିଅ 'ମୁଁ ଏଠି ଖାଇବି ବୋଲି ସେବେ ଖାଇଲି ନାହିଁ । ବାଢ଼, ପିଲାଙ୍କ ସଙ୍ଗେ ଏଇ ପିଲାଟିକୁ ମଧ୍ୟ ଖାଇବାକୁ ଦିଅ । ସମସ୍ତଙ୍କ ସହ ମିଶି ଖାଇବାକୁ ମୁଁ ଭଲ ପାଏ । ତୁମେ ମୋ ସଙ୍ଗେ ନ' ବସିଲେ ମୁଁ ଖାଇବି ନାହିଁ ।' ଆମେ ସମସ୍ତେ ସ୍ୱାମୀଙ୍କ ଚାରିପଟେ ବସିଲୁ । ମୋ ମା' ପରସିଲେ । ସ୍ୱାମୀ କହିଲେ, "ଝିଅ, ଚିତ୍ରାନ୍ନ ବଢ଼ିଆ ହୋଇଛି । ମୋତେ ପାୟସ ଭଲ ଲାଗେନା, ସେଥିରୁ ଅଳ୍ପ ଟିକିଏ ଖାଇବି ।" ଦୁଷ୍ଟାମି ଭରା ଆଖିରେ ଗୋଟିଏ ପିଲା ଅନ୍ୟ ଗୋଟିଏ ପିଲାକୁ ଚିଡ଼ାଇବା

ଭଳି ସେ ସକ୍କମ୍ମାଙ୍କୁ କହିଲେ, "ଆଲୋ ସକ୍କମ୍ମା ! ଏତେ ବଢ଼ିଆ ଚିତ୍ରାନ୍ନ, ଭେଣ୍ଡି ପଡ଼ିଥିବା ସମ୍ବର, କେସମ୍ବର ଆଉ ବରା ଖାଇବା ତୋ କପାଳରେ ନାହିଁ । ବିଚରା କରିବୁ କ'ଣ ।"

ଏଥର ମୋ ପତିଙ୍କ ଆଡ଼କୁ ଚାହିଁ ସେ କହିଲେ, "ପୁରୁଷଙ୍କ ଅପେକ୍ଷା ନାରୀଙ୍କ କଷ୍ଟ ବେଶୀ, ପୁରୁଷମାନଙ୍କର ଖାଲି ଗୋଟିଏ ଚିନ୍ତା-କିମିତି ପଇସା ରୋଜଗାର କରିବେ, ନାରୀ ନଅ ମାସ ଛୁଆକୁ ପେଟରେ ଧରେ । ତା' ପରେ ସେମାନଙ୍କୁ ମଣିଷ କରିବାପାଇଁ ଦିନ ରାତି ହନ୍ତସନ୍ତ ହୁଏ । ସେଥିରେ ପୁଣି ସ୍ୱାମୀ ଆଉ କୁଣିଆ ମୈତ୍ରଙ୍କର କଥାବୁଝିବା, ଘର ଚଳାଇବା । ତେଣୁ କେବେ କିମିତି ସେ ରାଗିଗଲେ ସହିଯାଅ ।"

ଆମ ମାନଙ୍କ ଭୋଜନ ପରେ ସ୍ୱାମୀ ମୋ ମା'କୁ ଖାଇବାକୁ କହିଲେ । ପରେ ଆମେ ସମସ୍ତେ ସ୍ୱାମୀଙ୍କ ଆଗରେ ବସିଲୁ । ସ୍ୱାମୀ ଆମକୁ ଗାଇବାକୁ କହିଲେ ମୁଁ ଓ ମୋ ଭଉଣୀ, 'ନିଓ୍ୱେ ଅତି ଅନି ନିନ୍ନୁ ଚେରମା ନମ୍ମିତି' (ତୁମକୁ ହିଁ ମୋର ଗତି ବୋଲି ମାନିଛି) ଗୀତଟି ଗାଇଲୁ । ସ୍ୱାମୀ ଆମକୁ କହିଲେ ଯେ ତାଙ୍କର ଜଣେ ଭକ୍ତ ତାଙ୍କୁ ହେମେରେଡ଼ି ମଲ୍ଲମ୍ମା ଓ ସନ୍ଥ ତ୍ୟାଗରାଜଙ୍କ ଜୀବନୀ ଉପରେ ଆଧାରିତ ଚଳଚିତ୍ର ଦେଖିବାକୁ ବାଧ୍ୟ କରିଥିଲେ । ସ୍ୱାମୀ ଆମକୁ ସେଭଳି ଚଳଚ୍ଚିତ୍ର ଦେଖିବାକୁ କହିଲେ, କାରଣ ତାହା ମନରେ ଭକ୍ତିଭାବ ଜାଗରିତ କରେ । ସେ ତାଙ୍କ ପାଇଁ ପଡ଼ିଥିବା ସୋଫା ଉପରେ ବସିଲେ । ସକ୍କମ୍ମା ଯିବାକୁ ଉଠିବାରୁ ସ୍ୱାମୀ ତାଙ୍କୁ କହିଲେ ଯେ ସେ ଡ୍ରାଇଭରକୁ କହିବେ, ସେ ଯେମିତି ଠିକ୍ ସକାଳ ୭ ଟାରେ ଆମ ଘରେ ପହଞ୍ଚେ । ଶେଯରେ ଶୋଇ ସ୍ୱାମୀ ଆମକୁ କହିଲେ, "ଦୁନିଆରେ ସମସ୍ତେ କୌଣସି ନା କୌଣସି ଠାକୁରଙ୍କୁ ପୂଜା କରିଥାନ୍ତି । ଠାକୁର ଯିଏ ହେଲେ ବି ଭକ୍ତିରେ ତାଙ୍କ ନାମ ଉଚ୍ଚାରଣ କଲେ ଯଥେଷ୍ଟ । ଝିଅ ! ଦେହ ଆଉ ମନ ଥାଉ ମାଧବଙ୍କ ଉପରେ । ଏହି କଥା ମନେ ରଖ । ତୁମେ ଯେକୌଣସି କାମ କର ନା କାହିଁକି ମୋତେ ଯଦି ସ୍ମରଣ କରୁଥାଅ, ସେତିକି ଯଥେଷ୍ଟ । ମୁଁ ଏଠାକୁ ଆସିବା ପୂର୍ବରୁ ପୁଟବକ୍କି ବସବରାଜ ଅର୍ସଙ୍କ ପରିବାର ପାଇଁ ଗଙ୍ଗା ଜଳ ସୃଷ୍ଟି କରି ଦେଲି ।" ଅନେକ ରାତି ହୋଇ ଯାଇଥିବାରୁ ସେ ଆମକୁ ଯାଇ ବିଶ୍ରାମ ନେବାକୁ କହିଲେ ।

ରାତି ପାହିଲା । ଆମେ ସକାଳର ଜଳଖିଆ ପ୍ରସ୍ତୁତ କରି ସ୍ୱାମୀ ଉଠିବା ପାଇଁ ଅପେକ୍ଷା କରିଥାଉ । ପରେ ଦାନ୍ତ ଘଷୁଥିବା ସମୟରେ ସ୍ୱାମୀ ମୋତେ କହିଲେ, "ଝିଅ, ମୋ ପାଦକୁ କେବେ ଲକ୍ଷ୍ୟ କରିଛୁ ? ଏ ଦୁଇପାଦ ଜଣେ ସ୍ତ୍ରୀ ଲୋକର ପାଦ ଭଳି ଛୋଟ । ଏମିତି ଛୋଟ ପାଦ କୌଣସି ପୁରୁଷ ଠାରେ କେବେ ଦେଖିଛୁ କି ?" ଏତିକି କହି ସ୍ୱାମୀ ଠୋ ଠୋ ହସି ଉଠିଲେ । (ମୁଁ ବୁଝିପାରିଲି ନାହିଁ, ସ୍ୱାମୀ ଆଜି କାହିଁକି

ମୋତେ ଏକଥା କହିଲେ । ଏଥି ପୂର୍ବରୁ ମୁଁ ପୁଟ୍ଟପର୍ତ୍ତିରେ ସ୍ୱାମୀଙ୍କୁ ଥରେ ପଚାରିଥିଲି, ସେ କାହିଁକି ଏହି ଅବତାରର ନାରୀ ରୂପ ନେଲେ ନାହିଁ । ଏହା କଣ ତା'ର ଉତ୍ତର । ସେ ମୋତେ କହୁଛନ୍ତି ଯେ ସେ ଉଭୟ ଶିବ ଓ ଶକ୍ତି)

ସେ ମୁହଁ ଧୋଇବେ ବୋଲି ମୁଁ ତାଙ୍କ ହାତରେ ପାଣି ଢ଼ାଳି ଦେଲି ଓ ଗାମୁଛାରେ ତାଙ୍କ ପାଦ ପୋଛିଦେଲି । ଭିତରକୁ ଆସି ସେ କହିଲେ, "ତୁମର ଆଧ୍ୟାତ୍ମିକ ଉନ୍ନତି ପାଇଁ ବ୍ରହ୍ମଚର୍ଯ୍ୟ ଜୀବନ ଭଲ ।" ଜଳଖିଆ ସାରି ସେ, "ଦାରି ଚୁପଓ୍ୱା, ସାଇ ନାଥ" (ହେ ସାଇ ନାଥ, ରାହା କି ଦେଖାଇବନି ମୋତେ) ଗୀତଟି ଗାଇଲେ ।

ସ୍ୱାମୀ ବାହାରିବା ସମୟରେ ମୋ ମା' ତାଙ୍କୁ ଆମକୁ କେବେ ନ ଭୁଲିବା ପାଇଁ ପ୍ରାର୍ଥନା କଲେ । ଆଉ ମଧ୍ୟ ସେ ପଚାରିଲେ, ଆମେ କଣ କଲେ ସବୁବେଳେ ସ୍ୱାମୀ ଆମ ମନରେ ରହିବେ । ସ୍ୱାମୀ ଆମକୁ ଗୋଟିଏ କାଗଜ ମାଗି ସେଥିରେ 'ମଦିଲେ ସାଇନାଥ ପ୍ରଭୁଓ୍ୱ' । (ହେ ସାଇ ନାଥ ପ୍ରଭୁ ! ଆମକୁ କି ସତେ ଭୁଲିଗଲ) ଗୀତଟି ଲେଖି ଦେଲେ । ସେ ଆମକୁ କାଗଜଟି ଦେଇ ସେହି ଗୀତଟିକୁ ସବୁବେଳେ ଗାଇବାକୁ କହିଲେ ଓ ପ୍ରତିଶ୍ରୁତି ଦେଲେ ଯେ ତାଙ୍କର କୃପା ସବୁବେଳେ ନିଶ୍ଚିତ ଭାବେ ଆମ ଉପରେ ରହିବ । ତା' ପରେ ସେ ଆମକୁ ବାଙ୍ଗାଲୋରର ଅଙ୍କମ୍ମା ନାମ୍ନୀ ଭକ୍ତଙ୍କ ପାଇଁ କିଛି ମିଠା ପ୍ରସାଦ ଗାଡ଼ିରେ ରଖିବାକୁ କହିଲେ । ସେତେବେଳେ ରାତି ହୋଇ ଯାଇଥାଏ । ଆମେ ସ୍ୱାମୀଙ୍କୁ ପୁଷ୍ପମାଲ୍ୟ ଦେଇ ପାଦ ନମସ୍କାର କରିବା ପରେ ସେ ଗାଡ଼ିରେ ବସିଲେ ଓ ମୁହୂର୍ତ୍ତକ ମଧ୍ୟରେ ଛୁଟିଗଲେ ।

ଷଷ୍ଠ ଅଧ୍ୟାୟ

ଅଖଣ୍ଡ ଭଜନ

"ଦେହକୁ ଭୋଜନ, ମନକୁ ଭଜନ"

–ଶ୍ରୀ ସତ୍ୟସାଇ ବାବା

ଅଗଷ୍ଟ ୧୯୪୬ ରେ ଆମେ ଶୁଣିବାକୁ ପାଇଲୁ ଯେ ଶ୍ରୀମତୀ ସୁନ୍ଦରମ୍ମା ବାଙ୍ଗାଲୋରର ମାଗାଦି ରୋଡ଼ସ୍ଥିତ ଆରାସୋଜି ରାଓ ଚଉଲଟ୍ରିରେ ପ୍ରଥମ ଥର ପାଇଁ ଏକ ଅଖଣ୍ଡ ଭଜନ ଆୟୋଜନ କରିଛନ୍ତି ଓ ସ୍ୱାମୀ ଉକ୍ତ ଅଖଣ୍ଡ ଭଜନରେ ଉପସ୍ଥିତ ରହିବେ । ସେ ଥିଲେ ସ୍ୱାମୀଙ୍କର ଜଣେ ଅତି ପୁରୁଣା ଭକ୍ତ ଏବଂ ୧୯୪୩ରୁ ସ୍ୱାମୀଙ୍କ ସଂସ୍ପର୍ଶରେ ଆସିଥିଲେ । ସେ ସ୍ୱାମୀଙ୍କର ଭଜନଗୁଡ଼ିକୁ ଏତେ ଭାବ ଓ ସ୍ୱର ଦେଇ ଗାଉଥିଲେ ଏବଂ ତାଙ୍କ ଭଜନରେ ଏତେ ମାଧୁର୍ଯ୍ୟ ଭରି ରହିଥିଲା ଯେ ଲୋକେ ତାଙ୍କୁ ଭଜନ ସୁନ୍ଦରମ୍ମା ବୋଲି ଡାକୁଥାନ୍ତି । ତାଙ୍କ ସହ ସମାନ ଭାବେ ପାରଦର୍ଶୀ ତାଙ୍କର ଚାରି ଝିଅ ସୁଚରିତା, ସୁନନ୍ଦା, ନଳିନୀ ଓ ଦ୍ୱାରକା ମଧ୍ୟ ଭଜନ ଗାଉଥାନ୍ତି । ସୁନ୍ଦରମ୍ମା ଓ ତାଙ୍କର ଆତ୍ମୀୟମାନେ ପ୍ରଥମେ ଏଭଳି ବର୍ଷକୁ ଥରେ ଅଖଣ୍ଡ ଭଜନ କରିବା ଆରମ୍ଭ କରିଥିଲେ ଏବଂ ତାହା ଏହିପରି ୧୯୭୨ ଯାଏ ଚାଲିଲା । ଆମେ ଅନେକ ଅଖଣ୍ଡ ଭଜନରେ ଯୋଗ ଦେଉଥାଉଁ । ଆଜିକାଲି ପୃଥିବୀ ସାରା ଅନେକ ସାଇ ସମିତିରେ ମହାଶିବରାତ୍ରି, ବିଶ୍ୱ ଭଜନ ଦିବସ ଆଦି ଅବସରରେ ଅଖଣ୍ଡ ଭଜନ କରାଯାଇ ଥାଏ । ସ୍ୱାମୀଙ୍କ ପ୍ରତି ସୁନ୍ଦରମ୍ମା ପରିବାରରେ ସମସ୍ତଙ୍କର ନିର୍ମଳ ଓ ନିଷ୍ଚଳ ଭକ୍ତିଭାବ ଥିଲା ଏବଂ ସେମାନେ ଅନେକ ଭଜନ ରଚନା କରିଥିଲେ । ସେ ସମୟରେ ତାଙ୍କର ପିତା ଶ୍ରୀ ରାଓ୍ୱଲ ଶେଷଗିରି ରାଓ ନିୟମିତ ଭାବେ ପ୍ରଶାନ୍ତି ନିଳୟମରେ ପୂଜା ଅର୍ଚ୍ଚନା କରୁଥାନ୍ତି ।

ଆମେ ଅପରାହ୍ନରେ ବାଙ୍ଗାଲୋରରେ ପହଞ୍ଚିଲୁ । ସୁଲଳିତ ଭଜନ ଚାଲିଥାଏ । ବହୁ ସଂଖ୍ୟାରେ ଭକ୍ତମାନେ ଉପସ୍ଥିତ ଥା'ନ୍ତି । କମନୀୟ ବସ୍ତ୍ର ପରିହିତ ସ୍ୱାମୀ ସ୍ମିତ ହାସ ବଦନରେ ସୋଫା ଉପରେ ବସି ଫୁଲମାଳଗୁଡ଼ିକ ସହିତ ଖେଳୁଥାନ୍ତି । ଆମେ ତାଙ୍କୁ ପୁଷ୍ପମାଲ୍ୟ ଦେଇ ତାଙ୍କ ସମ୍ମୁଖରେ କିଛି ଫଳ ନିବେଦ୍ୟ କଲୁ ଓ ସାଷ୍ଟାଙ୍ଗ ପ୍ରଣାମ କଲୁ । ଭଜନ ଦଳରେ ଯାଇ ବସିଲୁ । ସ୍ୱାମୀ ମୋତେ ନିର୍ଦ୍ଦେଶ କରି ଗାଇବାକୁ କହିଲେ । ମୁଁ ଗାଇଲି । ସ୍ୱାମୀ ମଧ୍ୟ କିଛି ସମୟ ପାଇଁ ଭଜନ ଗାନ କଲେ ଓ ତା' ପରେ ଭଜନ କକ୍ଷ ଛାଡ଼ି ଭିତରକୁ ଚାଲିଗଲେ । ପରଦିନ ସକାଳ ଯାଏଁ ଭଜନ ଚାଲିଲା ।

ସକାଳ ୮ ଟାରେ ସ୍ୱାମୀ ସ୍ନାନ ସାରି ଭଜନ କକ୍ଷରେ ପ୍ରବେଶ କଲେ । ସେ ଯାଏଁ ଆହୁରି ଭଜନ ଚାଲିଥାଏ । ସୁନ୍ଦରମ୍ମା ଓ ତାଙ୍କର ଦଳ ପାଦପୂଜା କଲେ । ସ୍ୱାମୀ

ସେଠାରେ ସମସ୍ତ ଦେବତାଙ୍କର ଆରତୀ କଲେ ଏବଂ ଶିରିଡ଼ି ସାଇବାବାଙ୍କର ଏକ ଫଟୋ ଶୂନ୍ୟରୁ ସୃଷ୍ଟି କରି ସମସ୍ତଙ୍କୁ ଦେଖାଇଲେ । ଆମେମାନେ ଜଣଙ୍କ ପରେ ଜଣେ ଯାଇ ପାଦ ନମସ୍କାର କଲୁ । ସ୍ୱାମୀ ପ୍ରତ୍ୟେକଙ୍କୁ କମଳା ଦେଲେ । ଆମେ ମହୀଶୂର ଫେରି ଯିବାକୁ ତାଙ୍କର ଅନୁମତି ଭିକ୍ଷା କଲୁ । ସେ ଆମକୁ କହିଲେ, "ମୋତେ ଲାଗୁଛି, ତୁମେ ସମସ୍ତେ ପୁଟ୍ଟପର୍ତ୍ତି ଭୁଲିଗଲଣି ।" ଆମେ ଉତ୍ତର ଦେଲୁ "ନା ସ୍ୱାମୀ, ଆମେ ଭୁଲି ନାହୁଁ, ଆମେ ପରେ ପୁଟ୍ଟପର୍ତ୍ତି ଆସିବୁ ।" ସେ ଆମକୁ ଓ ସେଠାରେ ଥିବା ଅନ୍ୟମାନଙ୍କୁ ପ୍ରସାଦ ସେବନ କରି ଫେରିଯିବାକୁ କହିଲେ । ସ୍ୱାମୀଙ୍କ ଏହି ନିର୍ଦ୍ଦେଶ ଅଖଣ୍ଡ ଭଜନର ଆୟୋଜନକମାନଙ୍କୁ ଅସୁବିଧାରେ ପକାଇଲା କାରଣ ସେମାନେ ଏହି ଭଜନକୁ ନିଜ ପରିବାର ମଧ୍ୟରେ ସୀମିତ ରଖିବାକୁ ଚାହିଁଥିଲେ ଓ ସେହି ଅନୁଯାୟୀ ଖାଦ୍ୟ ପ୍ରସ୍ତୁତି କରାଯାଇଥିଲା । ପରେ ଆମେ ଜାଣି ପାରିଲୁ ଯେ ସେମାନଙ୍କ ଦୁର୍ଦ୍ଦଶା ବୁଝି ସ୍ୱାମୀ ସେମାନଙ୍କର ପ୍ରାର୍ଥନା ଶୁଣିଲେ ଏବଂ ସେମାନେ ପ୍ରସ୍ତୁତ କରିଥିବା ସ୍ୱଳ୍ପ ଖାଦ୍ୟକୁ ଅକ୍ଷୟ କରିଦେଲେ । ସ୍ୱାମୀଙ୍କ ଅସଂଖ୍ୟ ମହିମା ମଧ୍ୟରୁ ଏହି ଅକ୍ଷୟ ମହିମା ଅନ୍ୟତମ । ଭଜନକୁ ଆସିଥିବା ଶହ ଶହ ଭକ୍ତ ପେଟଭରି ଖାଇଲେ । ଭକ୍ତମାନେ ଆନନ୍ଦରେ ପ୍ରସାଦ ସେବନ କରୁଥିବା ସମୟରେ ସେଠାକୁ ଆସି ଦରହାସ ବଦନରେ ସ୍ୱାମୀ ସମସ୍ତଙ୍କୁ ଆଶୀର୍ବାଦ କଲେ । ଆମେ ସ୍ୱାମୀଙ୍କଠାରୁ ଯେତେବେଳେ ବିଦାୟ ନେଉ, ସେ ଆମ ସମସ୍ତଙ୍କୁ ନବରାତ୍ରିରେ ପୁଟ୍ଟପର୍ତ୍ତି ଆସିବାକୁ କହିଲେ । ମୁଁ ଯେତେବେଳେ ତାଙ୍କୁ କହିଲି ଯେ ପିଲାଙ୍କୁ ନେଇ ଏତେ ଗହଳିରେ ଯିବା କଷ୍ଟ ହେବ, ସ୍ୱାମୀ ଖୁବ୍ ପ୍ରେମଭରା କଣ୍ଠରେ କହିଲେ, "ପିଲାମାନେ ବା କି ଅସୁବିଧା କରିବେ ? ଅନ୍ତତଃ ଦୁଇ ଦିନ ପାଇଁ ଆସ ।"

✍

ମେ' ୧୯୪୯ରେ ମୁଁ, ମୋର ସ୍ୱାମୀ, ମୋର ଭଉଣୀ ଓ ତାର ସ୍ୱାମୀ ଶ୍ରୀ ଏନ୍.ଏସ୍. ରାମଚନ୍ଦ୍ରନ ବାଙ୍ଗାଲୋର ଶ୍ରୀ ତିରୁଓ୍ୱାଙ୍ଗଡମ୍ ସେଟ୍ଟିଙ୍କ ଘରେ ସ୍ୱାମୀଙ୍କୁ ଦର୍ଶନ କଲୁ । ସକାଳ ୯ ଟା ହେବ, ସ୍ୱାମୀ ସେଠାକୁ ଆସିଲେ । ତାଙ୍କ ମୁଖରେ ଏକ ମନଲୋଭା ହସ । ଆମେ ତାଙ୍କୁ ଫୁଲ ଓ ଫଳ ଦେଇ ପାଦନମସ୍କାର କଲୁ । ଘର ଭିତରୁ ରେଡ଼ିଓରେ "ବ୍ରୋଓ୍ୱା ଭାରମା" (ହେ ପ୍ରଭୁ ! ଆମକୁ ରକ୍ଷା କରିବା କ'ଣ ତୁମ ପାଇଁ ଏକ ଭାର) ଗୀତଟି ଶୁଭୁଥାଏ । ସ୍ୱାମୀ ଗୀତଟି ଶୁଣି ହସି ହସି କହିଲେ, "ମନେ ହେଉଛି ତୁମେ ଗାଉଥିବା ଗୀତଟି ତୁମ ପାଇଁ ଆଉ କିଏ ଜଣେ ଗାଇ, ଦେଉଛନ୍ତି । ଦେଖ, ତୁମେ ଆସିବା ଆଉ ରେଡ଼ିଓରେ ଗୀତଟି ଆସିବା କେମିତି ମିଶିଗଲା ।" ଆମେ ଦେଇଥିବା ଫୁଲମାଳକୁ ସେ ସେଠାରେ ଟଙ୍ଗା ଯାଇଥିବା ତାଙ୍କର ଦୁଇଟି ଫଟୋରେ ଝୁଲାଇ ଦେଲେ । ପୁଣି ତାଙ୍କ ମୁହଁରେ ହସ ଫୁଟି ଉଠିଲା । ସେ ସୋଫାରେ ବସି ଆମକୁ ଚାରିପଟେ ବସିବାକୁ କହିଲେ ଓ ସମସ୍ତଙ୍କୁ ସେମାନେ କିପରି ଅଛନ୍ତି ପୁଛା କଲେ । ତା'

ପରେ ସେ ଗୋଟିଏ ଗୀତ ଗାଇଲେ ଯାହାର ଅର୍ଥ ଥିଲା "ଭଗବାନ ମଣିଷ ମନରେ ଅହଙ୍କାର ସୃଷ୍ଟି କରନ୍ତି ଓ ସେ ହିଁ ତାକୁ ତାଙ୍କ ପାଦ ତଳେ ପଡ଼ିବାକୁ ବାଧ କରନ୍ତି" । ଗୀତ ଶେଷରେ ସେ ଆମ ଆଡ଼କୁ ଚାହିଁ ହସି ଦେଲେ । ତା' ପରେ ଆମକୁ କହିଲେ, "କିଛି ସମୟ ଅପେକ୍ଷା କର । ମୁଁ ସ୍ନାନ ସାରି ଆସୁଛି ।" ମଧ୍ୟାହ୍ନ ଭୋଜନ ସମୟ ହୋଇଥାଏ । ଇତି ମଧ୍ୟରେ ଆଉ କେତେକ ଭକ୍ତ ଆସି ପହଁଞ୍ଚିଥା'ନ୍ତି । ଆମେ କିଛି ସମୟ ଭଜନ କଲୁ , ତା ପରେ ସ୍ୱାମୀ ଆରତୀ କରି ସମସ୍ତଙ୍କୁ ପ୍ରସାଦ ଦେଲେ । ସେ ସବ୍ବମ୍ମାଙ୍କୁ ଡାକି ଆମମାନଙ୍କ ପାଇଁ ଭୋଜନ ପ୍ରସ୍ତୁତ କରିବାକୁ କହିଲେ । ଆମେ ସ୍ୱାମୀଙ୍କୁ କହିଲୁ ଯେ ଆମେ ନିଜ ନିଜର ଖାଦ୍ୟ ଆଣିଛୁ । ସେ ଆମ ବ୍ୟାଗ ଖୋଜି ଆମେ ସତରେ ଖାଦ୍ୟ ଆଣିଛୁ କି ନାହିଁ ଦେଖିଲେ । ଆମର ଖାଦ୍ୟ ଅଛି ବୋଲି ନିଶ୍ଚିତ ହେବା ପରେ ସେ ଖାଦ୍ୟ ସେବନ କରିବାକୁ ଗଲେ । କେତେ ଯେ ସେ ଆମର ଯତ୍ନ ନିଅନ୍ତି ! ସନ୍ଧ୍ୟାରେ ଆମ ନିକଟକୁ ଆସି ସେ କୌଣସି ଏକ ଭକ୍ତର ଘରକୁ ଯାଉଥିବା କଥା କହିଲେ ଏବଂ ଆମକୁ ଆମେ କ'ଣ କରିବାକୁ ଯାଉଛୁ ପଚାରିଲେ । ଆମେ ତାଙ୍କୁ ରେଳଷ୍ଟେସନ୍ ଯିବୁ କହିଲୁ । କିଛି ସମୟ ଭଜନ ପରେ ସ୍ୱାମୀ ତାଙ୍କ କକ୍ଷ ମଧ୍ୟକୁ ଗଲେ । ସ୍ୱାମୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସେହି ପରିବାରର ସଭ୍ୟମାନେ ସେମାନଙ୍କର ଭ୍ୟାନ୍‌ରେ ଆମମାନଙ୍କୁ ଷ୍ଟେସନ୍ ଯାଏ ପହଞ୍ଚେଇ ଦେବାର ବ୍ୟବସ୍ଥା କଲେ ।

✍

ସୁନ୍ଦରମ୍ମା ୧୯୪୯ରେ ବାଙ୍ଗାଲୋର ବୈଶବୀ ଧର୍ମଶାଳାରେ ଏକ ଅଖଣ୍ଡ ଭଜନ ଆୟୋଜନ କରିଥାନ୍ତି । ଆମେ ସେଠାରେ ପହଞ୍ଚିବା ବେଳକୁ ସ୍ୱାମୀ ଆହୁରି ଆସି ନ'ଥାନ୍ତି । ଭଜନ ଚାଲିଥାଏ, ସ୍ୱାମୀ ସନ୍ଧ୍ୟା ୭ ଟାରେ ଆସି ପହଞ୍ଚିଲେ । ସେ ଅନେକ ସମୟ ଭଜନ କରିବା ପରେ ଭିତରକୁ ଚାଲିଗଲେ । ପରଦିନ ମହାମଙ୍ଗଳ ଆରତୀରେ ଆମେ ତାଙ୍କର ପାଦନମସ୍କାର କଲୁ । ସେ ଦିନ ସେଠାରେ ଅନେକ ଲୋକ ଜମା ହୋଇଥା'ନ୍ତି । ଆମେ ଅଲଗା ସ୍ୱାମୀଙ୍କୁ ସାକ୍ଷାତ କରିପାରିଲୁ ନାହିଁ । ଅପରାହ୍ନରେ ସମସ୍ତଙ୍କ ପାଇଁ ଭୋଜନର ବ୍ୟବସ୍ଥା ହୋଇଥାଏ । ଆମେ ସ୍ୱାମୀଙ୍କୁ ଦର୍ଶନ କରି ମହୀଶୂର ଫେରିବାର ଥିଲା । ପାଖ କମରାରେ ସ୍ୱାମୀଙ୍କ କଣ୍ଠସ୍ୱର ଶୁଣି ମୁଁ ଝରକା ଦେଇ ଦେଖିଲି । ସ୍ୱାମୀ ସେଠାରେ ଥା'ନ୍ତି । ମୋତେ ଦେଖି ସେ କହିଲେ, "କନ୍ନମା ! କିଛି ଦିନ ତଳେ ମୁଁ ମହୀଶୂର ଆସିଥିଲି, ତୁମ ପୁଅ ରଘୁ ବାହାରେ ଥାଏ ମୁଁ ତାକୁ କହିଲି, ତୁମ ଘରେ କିଏ କିଏ ଅଛନ୍ତି ଯାଇ ଦେଖି ଆସେ । ସେ ଦେଖି ଆସି କହିଲା ଯେ ଘରେ ତୁମେ ଏକା ଅଛ । ମୁଁ ମୋ ସଙ୍ଗେ ତିରିଶି ଜଣଙ୍କୁ ନେଇ ଆସିଥାଏ । ସେ ସମସ୍ତଙ୍କୁ ନେଇ ତୁମ ଘରକୁ ସେଦିନ ଯାଇଥିଲେ, ତୁମେ କ'ଣ କରିଥା'ନ୍ତ ? ତେଣୁ ମୁଁ ତୁମକୁ ଅସୁବିଧାରେ ପକାଇଲି ନାହିଁ । ମୁଁ ସେମାନଙ୍କୁ ଆଣିଥାଏ ପ୍ରାଣୀ ଉଦ୍ୟାନ

ଦେଖାଇବାପାଇଁ । ଆମେ ଶୀଘ୍ର ପହଞ୍ଚି ଯାଇଥାଉ, ଉଦ୍ୟାନର ଗେଟ୍ ଆହୁରି ଖୋଲି ନଥାଏ । ଆମକୁ ଗେଟ୍ ପାଖରେ ଅପେକ୍ଷା କରିବାକୁ ପଡ଼ିଲା । ମୁଁ ଭାବୁଥିଲି ଥରେ ଯାଇ ତୁମକୁ ଦେଖି ଆସିବି ।" ମୁଁ କହିଲି, "ସ୍ୱାମୀ ତୁମେ ଆଦୌ ଆସି ନାହଁ । ମୋ ସଙ୍ଗେ ଥଟ୍ଟା କରୁଛ ।" ସେଠାରେ ଉପସ୍ଥିତ ଥିବା ଶେଷଗିରି ରାଓ କିନ୍ତୁ କହିଲେ ଯେ ସ୍ୱାମୀ ସେଦିନ ସତରେ ଆସିଥିଲେ ଏବଂ ସେ ସ୍ୱାମୀଙ୍କ ସହ ଆମ ଘର ଯାଏଁ ଆସିଥିଲେ ।

✍

ଆମେ ଶ୍ରୀମତୀ ନାଗମଣି ପୂର୍ଣ୍ଣୟାଙ୍କ ଘରେ ପୁଣି ଥରେ ସ୍ୱାମୀଙ୍କୁ ଦର୍ଶନ କଲୁ । ସେ ଖୁବ୍ ସ୍ନେହରେ ଆମକୁ କୁଶଳ ପ୍ରଶ୍ନ କଲେ । ଆମର କିଛି ଘରୋଇ ସମସ୍ୟାକୁ ନେଇ ସେ ଉଚିତ୍ ପରାମର୍ଶ ଦେଲେ ଏବଂ ଆମକୁ ସେଇ ଅନୁସାରେ ଚଳିବାକୁ କହିଲେ । କିଛି ଦିନ ପରେ ପୁଣି ସେହି ଘରେ ଆମେ ତାଙ୍କର ଦର୍ଶନ ପାଇଲୁ । ସେ କିଛି ସମୟ ଆମ ସଙ୍ଗେ କଥାବାର୍ତ୍ତା ହୋଇ ଆମକୁ ବିଦାୟ ଦେଲେ । ଆମେ ତାଙ୍କଠୁ ବିଭୂତି, ପ୍ରସାଦ ଓ ଆଶୀଷ ପାଇଲୁ । ସେଦିନ ସେ ଆମକୁ କହିଲେ, "ତୁମେ ଯା ତା ଘରେ ମୋ ଦର୍ଶନ ପାଇଁ ଏମିତି ଅପେକ୍ଷା କରିବା ପରିବର୍ତ୍ତେ ପୁଟ୍ଟପର୍ତ୍ତି କାହିଁକି ଚାଲି ଆସୁନ ?"

ସପ୍ତମ ଅଧ୍ୟାୟ

ସାଧୁନାଂ ଦର୍ଶନମ୍ ପୁଣ୍ୟମ୍

ଦର୍ଶନରୁ ତୁମେ ଯାହା ପାଇଥାଅ, ତାହାକୁ ସାମାନ୍ୟ ମନେ କରନାହିଁ । ତୁମ ମାନଙ୍କ ମଧ୍ୟ ଦେଇ ମୁଁ ଚାଲିଚାଲି ଯିବା ଏଭଳି ଏକ ଆଶୀର୍ବାଦ ଯାହା ପାଇବାପାଇଁ ସ୍ୱର୍ଗର ଦେବତାମାନେ ମଧ୍ୟ ଝୁରି ହେଉଥାନ୍ତି ।

—ଶ୍ରୀ ସତ୍ୟସାଇ ବାବା

ବାଙ୍ଗାଲୋରରେ ଅଖଣ୍ଡ ଭଜନ ସମୟରେ ସ୍ୱାମୀ ଆମକୁ କହିଥିବା କଥା ମାନି ଆମେ ଅକ୍ଟୋବର ୧୯୪୭ ର ନବରାତ୍ରି ଶେଷରେ ପୁଟ୍ଟପର୍ତ୍ତି ଗଲୁ । ଅପରାହ୍ଣ ଭଜନ ଆରମ୍ଭ ହୋଇ ନଥାଏ, ସ୍ୱାମୀ ତାଙ୍କ କକ୍ଷରେ ଭକ୍ତମାନଙ୍କ ସଙ୍ଗେ କଥାବାର୍ତ୍ତା ହେଉଥା'ନ୍ତି । ଆମେ ଦୁଆର ପାଖରେ ଅପେକ୍ଷା କରି ରହିଲୁ । ସେ ବାହାରକୁ ଆସିବା ମାତ୍ରକେ ଆମେ ତାଙ୍କୁ ଫୁଲମାଳ ଦେଇ ପାଦନମସ୍କାର କଲୁ । ସେ ଆମକୁ ଭଜନରେ ଯାଇ ବସିବାକୁ କହିଲେ । ସେଦିନ ଅନେକ ସମୟ ଧରି ଭଜନ ଚାଲିଲା । ଭଜନ ପରେ ଭକ୍ତମାନଙ୍କୁ ଭୋଜନ ଦିଆଗଲା । ସ୍ୱାମୀ ଝରକା ପାଖରେ ବିଶ୍ରାମ ନେଉଥା'ନ୍ତି। ଆମେ ତାଙ୍କୁ କହିଲୁ ଯେ ଦିନକୁ ଦିନ ଲୋକ ଗହଳି ବଢୁଥିବାରୁ ସମ୍ଭାଷଣ ଓ ପାଦନମସ୍କାର ପାଇବା ଧୀରେ ଧୀରେ କଷ୍ଟ ହେଉଛି । ସ୍ୱାମୀ ଆମ କଥା ଶୁଣି ଏହି ଶ୍ଳୋକଟି ଆବୃତ୍ତି କଲେ ।

"ସାଧୁନାମ୍ ଦର୍ଶନମ୍ ପୁଣ୍ୟମ୍
ସ୍ପର୍ଶନମ୍ ପାପାନାଶନମ୍
ସମ୍ଭାଷଣମ୍ କର୍ମ ବିମୋଚନମ୍
ବନ୍ଦନମ୍ ମୋକ୍ଷ ସାଧନମ୍ ।"

ସାଧୁଙ୍କୁ ଦର୍ଶନ କଲେ ପୁଣ୍ୟ, ସ୍ପର୍ଶ କଲେ ପାପକ୍ଷୟ, ସେମାନଙ୍କ ସମ୍ଭାଷଣ ଶୁଣିଲେ କର୍ମମୁକ୍ତି ଏବଂ ସେମାନଙ୍କୁ ବନ୍ଦନା କଲେ ମୋକ୍ଷ । ସ୍ୱାମୀ ତା' ପରେ ମୋତେ ପଚାରିଲେ, "ଝିଅ, ଆଜି ଯାଏ ତୁ କେତେ ଥର ମୋତେ ଦର୍ଶନ କରିଛୁ ? ତଥାପି ତୋ ଭୋକ ମେଣ୍ଟୁ ନାହିଁ ? ଭଲ କଥା, ଏଥିରେ କିଛି ଭୁଲ ନାହିଁ ।"

ଭଜନ ପରେ ସ୍ୱାମୀ ହଂସବାହନରେ ବସି ଏକ ଶୋଭଯାତ୍ରାରେ ବାହାରିଲେ । ଭକ୍ତମାନେ ଭଜନ ଗାଇ ଗାଇ ଆଗରେ ଚାଲିଆନ୍ତି । ଶୋଭାଯାତ୍ରା ଫେରିବା ବେଳକୁ

ଦିନ ଦୁଇଟା । ପରଦିନ ସ୍ୱାମୀ ସୁନ୍ଦର ଭାବେ ସଜା ଯାଇଥିବା ଏକ ଝୁଲାରେ ବସିଲେ । ଭକ୍ତମାନେ ଝୁଲା ଝୁଲେଇ ସ୍ୱାମୀଙ୍କୁ ଅନେକ ଗୀତ ଶୁଣେଇଲେ । ସ୍ୱାମୀ ଝୁଲାରେ ବସି ଭକ୍ତମାନଙ୍କ ଉପରକୁ ପିପରମେଣ୍ଟ ଫିଙ୍ଗୁଥା'ନ୍ତି । ଭକ୍ତମାନେ ସ୍ୱାମୀଙ୍କ ଉପରେ ଫୁଲ ବର୍ଷା କରୁଥାନ୍ତି, ଚାମର ଧରି ବିଞ୍ଚି ଦେଉଥାନ୍ତି ଓ ଅତି ଉତ୍ସାହରେ ଆରତୀ କରୁଥାନ୍ତି ।

ଦିନେ ମୋ ପୁଅ ଶଙ୍କରକୁ ହଠାତ୍ ଜ୍ୱର ହେଲା । ରାତିରେ ଜ୍ୱର ଏତେ ବେଶୀ ହେଲା ଯେ ଖୁବ୍ ଛଟପଟ ହେଲା । ଥରକୁ ଥର ଶେଯରୁ ଉଠି ସେ ଚିତ୍ତ ଭ୍ରମରେ ଚାଲିବାକୁ ଲାଗିଲା । ମୁଁ ସ୍ୱାମୀଙ୍କୁ ପଚାରିବାରୁ ସେ ମୂର୍ତ୍ତିଗୁଡ଼ିକ ନିକଟରେ ଥିବା ବିଭୂତି ତା ଦିହରେ ଲଗାଇବାକୁ କହିଲେ । ସାରା ରାତି ଆମେ ଚେଇଁ ରହି ସ୍ୱାମୀଙ୍କ ନାମ ସ୍ମରଣ କରୁଥାଉ । ସକାଳେ ଦର୍ଶନ ସମୟରେ ସ୍ୱାମୀ ଆମକୁ ଶଙ୍କର କେମିତି ଅଛି ପଚାରିଲେ । ମୁଁ କହିଲି, "ସ୍ୱାମୀ ଟିକିଏ ଭଲ ଅଛି ।" ସ୍ୱାମୀ ଛୁଆଟିକୁ ସ୍ପର୍ଶ କରି କହିଲେ, "ନା, ଭଲ ନାହିଁ" ସେ ବିଭୂତି ସୃଷ୍ଟି କରି ଶଙ୍କରର କପାଳ ଓ ଦେହରେ ବୋଳି ଦେଲେ । ତା' ପରେ ସେ କହିଲେ "ସବୁ କିଛି ଠିକ୍ ହୋଇଯିବ ।" ସନ୍ଧ୍ୟା ବେଳକୁ ପିଲାଟି ଭଲ ହୋଇ ଖେଳୁଥାଏ । ସେଦିନ ରାତିରେ ଭକ୍ତମାନଙ୍କ ଗହଣରେ ପୁରୁଣା ମନ୍ଦିରର ଚଉତରାରେ ବସି ସ୍ୱାମୀ ମନ୍ଦିରକୁ ଲାଗି ରହିଥିବା ବେଣୁ ଗୋପଳ ସ୍ୱାମୀ ମନ୍ଦିରର ବୈଶିଷ୍ଟ୍ୟ ସମ୍ବନ୍ଧରେ କହୁଥାନ୍ତି । ସେ ଆମକୁ କହିଲେ ଯେ ପୂର୍ବେ ମହର୍ଷି ବାଲ୍ମିକୀ ପୁଟପର୍ତ୍ତିରେ ଧ୍ୟାନ କରିଥିଲ । ପୁଟ୍ଟପର୍ତ୍ତିରେ ସେ ସମୟରେ ଅନେକ ଇଉ ହୁଙ୍କା ଥିବାରୁ ଗ୍ରାମର ନାମ ହେଲା ପୁଟ୍ଟପର୍ତ୍ତି । ଆଜି ଯେଉଁଠାରେ ମନ୍ଦିର ଅଛି ସେଠାରେ ସେ ସମୟରେ ଏକ ତୁଳସୀ ବଣ ଥିଲା । ସ୍ୱାମୀ ସେଦିନ ପ୍ରକାଶ କଲେ ଯେ ସ୍ୱୟଂ ନାରାୟଣ ଏକ ଋଷି ରୂପେ ସେହି ସ୍ଥାନରେ ଧ୍ୟାନ କରିଥିଲେ । ତା' ପରେ ସେ ନିଜକୁ ଇଙ୍ଗିତ କରି କହିଲେ, "ସେଇ ଋଷି ପୁଣିଥରେ ଆଜି ଏଇ ରୂପରେ ଅବତାର ଗ୍ରହଣ କରିଛନ୍ତି ।"

ଏଥର ସେ ଭକ୍ତମାନଙ୍କୁ ସେମାନଙ୍କର ନିଜ ନିଜର ସନ୍ଦେହ ଦୂର କରିବାପାଇଁ ଯଦି କିଛି ପଚାରିବାକୁ ଚାହାନ୍ତି, ତାହା ପଚାରିବାକୁ କହିଲେ । ଜଣେ ଭକ୍ତ ସ୍ୱାମୀଙ୍କୁ ଶିରିଡ଼ି ସାଇବାବାଙ୍କର ଦର୍ଶନ ପାଇଁ ପ୍ରାର୍ଥନା କଲା । ସ୍ୱାମୀଙ୍କ ଉତ୍ତର ଥିଲା, "ଏଥି ପାଇଁ ପ୍ରଥମେ ଯୋଗ୍ୟ ହୁଅ ।" ଏହାପରେ ଆଉ କେହି କିଛି ପ୍ରଶ୍ନ କଲେ ନାହିଁ । ତା' ପରେ ସ୍ୱାମୀ ଏକ ଥାଳୀ ଆଣିବାକୁ କହିଲେ ଓ ଥାଳୀ ଉପରେ ହାତ ରଖି ତାଙ୍କ ଦୁଇ ହାତକୁ ଯୋରରେ ଘଷିଦେଲେ । କି ଆଶ୍ଚର୍ଯ୍ୟ ! ବିଭୂତି ହାତରୁ କ୍ଷରିତ ହୋଇ ଥାଳୀରେ ଭର୍ତ୍ତି ହୋଇଗଲା । ସ୍ୱାମୀ ସେହି ବିଭୂତି ଶିରିଡ଼ିରୁ ଆସିଛି କହି ସମସ୍ତଙ୍କୁ ତାହା ଲଗେଇବାକୁ କହିଲେ । ସେଠାରେ ଯେଉଁମାନେ ଆଣ୍ଠୁ ଗଣ୍ଠି ବାତ ଭୋଗୁଥାନ୍ତି, ସେମାନଙ୍କୁ ସ୍ୱାମୀ ତାଙ୍କ ନିକଟକୁ ଆସିବାକୁ କହିଲେ ଓ ନିଜେ ସେମାନଙ୍କ ଦେହରେ ବିଭୂତି ଲଗାଇ ଦେଲେ । ତା' ପରେ ସେ ପିଲାମାନଙ୍କୁ ଡାକି ସେମାନଙ୍କୁ ବିଭୂତି ଦେଲେ । ଏଥର

ସମସ୍ତଙ୍କୁ ପାଦନମସ୍କାରର ସୁଯୋଗ ଦେଇ ସେ ଭିତରକୁ ଚାଲିଗଲେ । ପୁଟ୍ଟପର୍ତ୍ତିରେ ଆମେ କେତୋଟି ଚମତ୍କାର ଦିନ ବିତେଇ ପରେ ସ୍ୱାମୀଙ୍କ ଆଶୀଷ ଓ ସ୍ୱାମୀ ପ୍ରସାଦ ରୂପେ ଦେଉଥିବା ମିଶିରିକୁ ସାଙ୍ଗରେ ନେଇ ମହୀଶୂର ଫେରି ଆସିଲୁ ।

ଅପ୍ରିଲ ୧୯୪୯ ରେ ମୋର ମା' ଏକାକୀ ପୁଟ୍ଟପର୍ତ୍ତି ଯାଇ ସେଠାରେ ଏକମାସ ରହି ଫେରିଥାଏ । ସେ ପୁଟ୍ଟପର୍ତ୍ତିରେ ରହିବା ଭିତରେ ମାନ୍ଦ୍ରାଜ (ଚେନ୍ନାଇ) ରୁ ଦୁଇଜଣ କଲେଜ ଛାତ୍ର ସେଠାକୁ ଆସିଥାନ୍ତି । ସ୍ୱାମୀ ସେମାନଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ସେ ପୁଟ୍ଟପର୍ତ୍ତିରେ ଅବତାର ଗ୍ରହଣ କରିଛନ୍ତି କହି ସେମାନଙ୍କୁ ପୁଟ୍ଟପର୍ତ୍ତି ଆସି ତାଙ୍କୁ ଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି । ସେମାନେ ବହୁ କଷ୍ଟରେ ପୁଟ୍ଟପର୍ତ୍ତି କେଉଁଠି ଅଛି ତାହା ଜାଣି ପାରିଥା'ନ୍ତି । ସେମାନେ ଥିଲେ ସାଧକ । ସ୍ୱାମୀ ଶେଷଗିରି ରାଓଙ୍କ ଦ୍ୱାରା ସେମାନଙ୍କୁ ଖବର ପଠେଇଥା'ନ୍ତି ଯେ ସେମାନେ ନଦୀରେ ସ୍ନାନ ସାରି ମନ୍ଦିର ଭିତରକୁ ପ୍ରବେଶ କରିବେ । ସ୍ୱାମୀଙ୍କ କଥା ମାନି ସେମାନେ ନଦୀକୁ ଗଲେ । ନଦୀକୁ ଯିବା ସମୟରେ ସେମାନେ ଦେଖୁଥା'ନ୍ତି ସୁନ୍ଦର ବଳା ଲାଗିଥିବା ଦୁଇଟି ଦିବ୍ୟ ପାଦ ଆଗରେ ସେମାନଙ୍କୁ ବାଟ ଦେଖେଇ ଦେଉଛି । ସେହି ଦୁଇ ପାଦର ନିକ୍ୱଣ ଅତି ଚମତ୍କାର ଥାଏ । ସ୍ନାନ ସାରି ସେମାନେ ଲୁଗା କାଚୁଥା'ନ୍ତି, ସେତେବେଳେ ପାଣ୍ଡୁରଙ୍ଗଙ୍କୁ ଏକ କ୍ଷୁଦ୍ର ବାଳକ ରୂପେ ଦର୍ଶନ କଲେ । ପାଣ୍ଡୁରଙ୍ଗ ତାଙ୍କ ପିତାମ୍ବର ଉପରେ ଯେପରି ପାଣି ଛିଟିକା ନ ପଡ଼େ, ସେଥିପାଇଁ ପାଣିଠାରୁ ଦୂରକୁ ଚାଲିଯାଉଥାନ୍ତି ଓ ଯେତେବେଳେ ପାଣି ଛିଟକୁ ନ'ଥାଏ, ସେତେବେଳେ ପାଖକୁ ଚାଲିଆସୁଥାନ୍ତି । ପୁଟ୍ଟପର୍ତ୍ତି କ୍ଷେତ୍ରର ମାହାତ୍ମ୍ୟରେ ବିସ୍ମିତ ହୋଇ ସେମାନେ ବିଠଲଙ୍କ ସ୍ତୁତିଗାନ କରି ମନ୍ଦିରକୁ ଫେରିଲେ । ଫେରିବା ସମୟରେ ପୁଣି ଥରେ ସେହି ଦୁଇ ଦିବ୍ୟପାଦ ସୁନ୍ଦର ପଦଧ୍ୱନି ସୃଷ୍ଟି କରି ତାଙ୍କୁ ବାଟ ଦେଖାଇଦେଲା ଓ ମନ୍ଦିର ପହଞ୍ଚିବା ପରେ ହଠାତ୍ ଅଦୃଶ୍ୟ ହୋଇଗଲା । ସେତେବେଳକୁ ସୁନ୍ଦର ବସ୍ତ୍ର ପରିହିତ ସ୍ୱାମୀ କକ୍ଷ ମଧ୍ୟରେ ସେମାନଙ୍କୁ ସ୍ୱାଗତ କରିବାପାଇଁ ଅପେକ୍ଷା କରିଥାନ୍ତି । ସ୍ୱାମୀଙ୍କୁ ଦେଖିବା ମାତ୍ରକେ ସେମାନେ ହାତରେ ଧରିଥିବା ଓଦା ଲୁଗାକୁ ତଳେ ପକାଇ ନିକଟକୁ ଧାଇଁ ଗଲେ ଓ ତାଙ୍କୁ ଆଲିଙ୍ଗନ କରି ତାଙ୍କର ସ୍ତୁତିଗାନ କଲେ । ସେମାନଙ୍କ ଆଖିରେ ଲୁହ ଭରି ରହିଥାଏ । ସ୍ୱାମୀ ସହାସ୍ୟ ବଦନରେ ସେଠାରେ ଛିଡ଼ା ହୋଇଥାନ୍ତି । କକ୍ଷ ମଧ୍ୟରେ କୋଳାହଳ ଶୁଣି ମନ୍ଦିରର ଅନ୍ୟ ଭକ୍ତମାନେ ସେଠାକୁ ଧାଇଁ ଆସିଲେ । ଭକ୍ତମାନଙ୍କୁ ଦେଖି ସ୍ୱାମୀ ଏହି ବାଳକମାନଙ୍କଠାରୁ ନିଜକୁ ମୁକୁଳାଇବାକୁ ଚେଷ୍ଟା କଲେ କିନ୍ତୁ ପାରିଲେ ନାହିଁ । ଦୁଇ ଭାଇଙ୍କ ମଧ୍ୟରୁ ଜଣେ ହଠାତ୍ କହି ଉଠିଲା, "ରେ ଚିତ୍ତ ଚୋର ! କାହା ନଜରକୁ ନଆସି ତୁ ଶେଷରେ ଏଠାରେ ଆସି ପହଞ୍ଚିଛୁ । ଏଇ କ୍ଷେତ୍ରରେ ଅବତାର ଗ୍ରହଣ

କରିଛୁ । ଗୈରିକ ବସ୍ତ୍ର ପରିଧାନ କରି ନିଜ ଦେବତ୍ୱକୁ ଲୁଚାଇ ରଖିଛୁ । ରେ କୃଷ୍ଣ, ରେ ଗୋପାଳ ! 'ତୋ ମସ୍ତକରେ ଏ ଘନ କୁନ୍ତଳ କାହିଁକି ? ମସ୍ତକରେ ଜଟା ଦେଖିଲେ ଶିବ ମନେ ହେଉଛି । ବସ୍ତ୍ରକୁ ଦେଖିଲେ କୃଷ୍ଣ ମନେ ହେଉଛୁ, କମନୀୟ ରୂପକାନ୍ତି ଦେଖିଲେ ରାମ ମନେ ହେଉଛୁ । ଆମେ ତୋତେ କ'ଣ ମନେ କରିବୁ ? ତୋ ବିନା ମୁଁ ରହିବି ନାହିଁ ରେ କୃଷ୍ଣ ! ତୋତେ ଏ ରୂପରେ ପାଇ ସତରେ ଆମେ ଧନ୍ୟ ।"

ଭକ୍ତମାନଙ୍କୁ ଚାହିଁ ସେ କହିଲା, "ୟାକୁ କେବେ ଛାଡ଼ ନାହିଁ, ୟାକୁ ଛାଡ଼ିଲେ ଏ ଆଉ କେବେ ମିଳିବ ନାହିଁ । ୟେ ହିଁ ମାଧବ ମାନବ ପରି ବ୍ୟବହାର କରି ତୁମକୁ ବୋକା ବନଉଛି । ଏ ସୁଯୋଗ ହରାଅ ନାହିଁ, ଜୀବନକୁ ଧନ୍ୟ କର । ମୁଁ ୟାକୁ ଭଲ ଭାବେ ଜାଣେ ।" ପିଲା ଦୁଇଟି ସ୍ୱାମୀଙ୍କର ସ୍ତୁତି ଗାନ କରି ଆନନ୍ଦାଶ୍ରୁ ମୋଚନ କରୁଥାନ୍ତି । ସେମାନଙ୍କୁ ଦେଖି ଅନ୍ୟମାନେ ମଧ୍ୟ କାନ୍ଦିବାକୁ ଲାଗିଲେ । ସ୍ୱାମୀ ଏକ ଦୁଷ୍ଟ ହସ ହସି କହିଲେ, "ଏ ସବୁ କ'ଣ ? ଏ ତ ପାଗଳ ହୋଇ ଯାଇଛି । ତୁମେ ସବୁ ତା' କଥା ବିଶ୍ୱାସ କରି କାନ୍ଦୁଛ କାହିଁକି ?" ପିଲା ଦୁଇଟି ଆସିବା ପୂର୍ବରୁ କିନ୍ତୁ ସ୍ୱାମୀ ସମସ୍ତଙ୍କୁ କହିଥା'ନ୍ତି ଯେ ସେଦିନ ଦୁଇ ଜଣ ବେଦାନ୍ତୀ ଆସୁଛନ୍ତି ଓ ସେମାନଙ୍କ ପାଇଁ ସେ ଆତୁର ଭାବେ ଅପେକ୍ଷା କରିଛନ୍ତି । ତେଣୁ ଭକ୍ତମାନେ ଜାଣିପାରିଲେ ଯେ ବର୍ତ୍ତମାନ ଭଗବାନ ଯାହା କହୁଛନ୍ତି ତାହା ପରିହାସ କରି କହୁଛନ୍ତି । ପିଲା ଦୁଇଟି ଆନନ୍ଦଭରିତ ହୃଦୟରେ କାନ୍ଦୁଥିବା ଭକ୍ତମାନେ ଛିଡ଼ା ହୋଇ ଦେଖୁଥା'ନ୍ତି । କିଛି ସମୟ ପରେ ସ୍ୱାମୀ ସେମାନଙ୍କ ଠାରୁ ମୁକୁଳି ଆସିଲେ ଓ ସେମାନଙ୍କୁ ତାଙ୍କ ଦିବ୍ୟପ୍ରେମରେ ବୁଡ଼ାଇ ତାଙ୍କୁ ସାନ୍ତ୍ୱନା ଦେଲେ । ଭକ୍ତମାନଙ୍କୁ ଭୋଜନ ଆଣିବାପାଇଁ କହି ସେ ପିଲାମାନଙ୍କ ସହ ଗୋଟିଏ ଥାଳିରେ ଭୋଜନ କଲେ, ପରେ ସେମାନଙ୍କୁ ତାଙ୍କ କକ୍ଷକୁ ନେଇ ସେଠାରେ ତାଙ୍କ ସହ ଦୀର୍ଘ ସମୟ ଆଳାପ କଲେ । ପରଦିନ ସେମାନେ ପୁଟ୍ଟପର୍ତ୍ତିରୁ ବିଦାୟ ନେଲେ ।

ଆଉ ଦିନେ ସନ୍ଧ୍ୟାରେ ଭଜନ ଆହୁରି ଆରମ୍ଭ ହୋଇନଥାଏ । ଦଳେ ଲୋକ ବସ୍ ଧରି ନପାରି ମନ୍ଦିରକୁ ଆସିଥାନ୍ତି । ସେମାନଙ୍କ ମଧ୍ୟରୁ ଜଣେ ମହିଳା ମୋ ମା'ଙ୍କ କକ୍ଷକୁ ଆସି ତାଙ୍କୁ ପି'ବା ପାଣି ମାଗିଲେ ଓ କେଉଁଠେ ଧୁଆ ଧୋଇ ହୋଇ ପାରିବେ ପଚାରିଲେ । ମୋ ମା' ତାଙ୍କୁ ନିକଟରେ ଥିବା କେନାଲକୁ ଯିବାକୁ କହିବାରୁ ସେ ତାଙ୍କୁ କେନାଲ ଯାଏ ବାଟ ଦେଖାଇବାପାଇଁ ଅନୁରୋଧ କଲେ । ମୋ ମା' ତାଙ୍କ ସଙ୍ଗେ କିଛି ଦୂର ଚାଲି ତାଙ୍କୁ ବାଟ ଦେଖାଇ ଦେଲେ । କେନାଲକୁ ଯାଇଥିବା ସ୍ତ୍ରୀଲୋକଟି ଫେରିବା ବେଳକୁ ସ୍ୱାମୀ ଏକ ଶ୍ୟାମଳ ବର୍ଣ୍ଣର ଗାଉନ ପିନ୍ଧି ହଲ୍‌ରେ ଛିଡ଼ା ହୋଇଥାନ୍ତି । ଏଭଳି ଗାଉନ ଆଗରୁ ସେ କେବେ ପିନ୍ଧି ନଥିଲେ। ସେ ସୁନ୍ଦର ଭାବେ ମୁଣ୍ଡ କୁଣ୍ଡାଇଥା'ନ୍ତି ଓ

ପାନ ପତ୍ର ଚୋବଉ ଥା'ନ୍ତି । ସ୍ତ୍ରୀ ଲୋକ ଜଣକ ସ୍ୱାମୀଙ୍କୁ ଦର୍ଶନ କରିବା ମାତ୍ରକେ "ହେ ଯୋଗୀରାଜ" କହି ଚିତ୍କାର କରି ଅଗଣାରେ ଅଚେତ ହୋଇ ପଡ଼ିଗଲେ ।

କିଛି ସମୟ ପରେ ସେ ଚେଇଁ ଉଠି, "ଏତେ ଦିନ ତୁମେ କେଉଁଠି ଲୁଚିଥିଲ ?" କହି ସ୍ୱାମୀ ଯେଉଁଠାରେ ଛିଡ଼ା ହୋଇଥାନ୍ତି ସେଠାକୁ ଧାଇଁ ଗଲେ, ସ୍ୱାମୀଙ୍କୁ ଧରିବା ପାଇଁ । ସ୍ୱାମୀ ଭଜନ ହଲ୍‌ର ପର୍ଦ୍ଦା ପଛପଟେ ଲୁଚିଯାଇ ପର୍ଦ୍ଦାକୁ ଶକ୍ତ ଭାବେ ଧରି ରହିଲେ । ସ୍ତ୍ରୀ ଲୋକଜଣକ ପର୍ଦ୍ଦାକୁ ଟାଣି ନ ପାରି, "ହେ କୃଷ୍ଣ ! ହେ କୃଷ୍ଣ !" ଚିତ୍କାର କରି ଚାରିଆଡ଼େ ଧାଇଁବାକୁ ଲାଗିଲେ ଓ କିଛି ସମୟ ପରେ ପୁଣି ଅଚେତ୍ ହୋଇପଡ଼ିଲେ । ସ୍ୱାମୀ ତତ୍‌କ୍ଷଣାତ୍ ସେଠାକୁ ଧାଇଁ ଆସିଲେ ଓ କିଛି ପାଣି ଆଣିବାକୁ କହି ତାଙ୍କର ମୁହଁରେ ପାଣି ଛିଞ୍ଚିବାକୁ କହିଲେ । ସେଠାରେ ଥିବା ଅନ୍ୟ ସ୍ତ୍ରୀ ଲୋକଙ୍କୁ ସ୍ୱାମୀ ବିଞ୍ଚିବାକୁ କହିଲେ । କିଛି ଅକ୍ଷତ ଚାଉଳ ହାତରେ ନେଇ ସେ ତାଙ୍କ ଉପରେ ପକାଇଲେ ଏ ସବୁ ଦେଖି ଭକ୍ତ ସ୍ତ୍ରୀ ଲୋକଙ୍କର ସ୍ୱାମୀ କ୍ରୋଧ ପ୍ରକାଶ କଲେ । ପାଗଳ ଭାବେ ବ୍ୟବହାର କରୁଥିବାରୁ ସେ ତାଙ୍କୁ ଗାଳି ଦେଇ ଚୁପ୍ ହେବାକୁ କହିଲେ । ସ୍ୱାମୀ ତାଙ୍କୁ କହିଲେ "ବାବା, ତାକୁ ଗାଳି ଦିଅ ନାହିଁ, ଯାହା ଘଟୁଛି ତାହା 'ଏ କ୍ଷେତ୍ରରେ ମାହାତ୍ମ୍ୟ ଯୋଗୁଁ କିଛି ଲୋକ ଏଠାକୁ ଆସିବା ମାତ୍ରେ ଏମିତି ହୋଇଥାନ୍ତି ।" ଏ କଥା ଶୁଣି ସ୍ତ୍ରୀଲୋକଙ୍କର ସ୍ୱାମୀ କହିଲେ, "ମନ୍ଦିରର ବିଗ୍ରହ ଗୁଡ଼ିକରେ ହୁଏତ କିଛି ରହସ୍ୟମୟ ଶକ୍ତି ରହିଛି, ସେଥିପାଇଁ ଏ ଏଭଳି ବିଚିତ୍ର ବ୍ୟବହାର କରୁଛି ।" ସାରା ରାତି ମହିଳାଭକ୍ତ ଚେଇଁ ରହିଥାନ୍ତି । ସେ କୃଷ୍ଣ ଧ୍ୟାନରେ ବୁଡ଼ି ରହିଥାନ୍ତି । ସକାଳେ ମୋ ମା' ତାଙ୍କ ନିକଟକୁ ଯାଇ ରାତିରେ କ'ଣ ହେଲା ପଚାରିଲେ । ସେ କହିଲେ "ମା' ଯେ ହେଉଛି ଗୋପାଳ କୃଷ୍ଣ, ଯାକୁ ସାଧାରଣ ମଣିଷ ଭାବି ଭ୍ରମରେ ପଡ଼ ନାହିଁ । ଗତ କାଲି ସାରା ରାତି ସେ ମୋତେ ବିଭୂତି ଲଗାଇ ବିଞ୍ଚୁଥାଏ । ତୁମେ କ'ଣ ତାକୁ ଦେଖି ନାହଁ ।" ସମସ୍ତେ ସେଇ ହଲ୍ ମଧ୍ୟରେ ଶୋଇଥିଲେ ମଧ୍ୟ କେହି ତାହା ଲକ୍ଷ୍ୟ କରି ନଥା'ନ୍ତି । ପରଦିନ ସେ ଯେତେବେଳେ ଯିବାକୁ ବାହାରିଲେ, ସ୍ୱାମୀ ଭକ୍ତ ସ୍ତ୍ରୀଲୋକଙ୍କର ସ୍ୱାମୀଙ୍କୁ ଡାକି କହିଲେ, "ତାକୁ ତୁମେ ହଇରାଣ କର ନାହିଁ, ସେ ଆଉ ପନ୍ଦର ଦିନରୁ ବେଶୀ ବଞ୍ଚିବ ନାହିଁ । ତାର ଏହି କୃଷ୍ଣ ଉନ୍ମାଦ ସ୍ଥିତିରୁ ଆଉ ଉଦ୍ଧାର ନାହିଁ । ଏହା ହିଁ ତାର ଶେଷ ଜନ୍ମ ।" ପରେ ଆମେ ଜାଣିପାରିଲୁ ଯେ ସେ ବିଗତ ବାରବର୍ଷ ଧରି ଅଣ୍ଡଲଙ୍କ ଉପାସନା କରୁଥାନ୍ତି । ସ୍ୱାମୀଙ୍କ ଭବିଷ୍ୟ ବାଣୀ ଅନୁସାରେ ସେ ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ଅକ୍ଟୋବର ୧୯୫୧ ଦଶହରା ଉତ୍ସବରେ ଶେଷ ଦୁଇ ଦିନ ଆମେ ପୁଟ୍ଟପର୍ତ୍ତିରେ ଥାଉ । ସକାଳେ ଓ ସନ୍ଧ୍ୟାରେ ସ୍ୱାମୀ ଆସି ତାଙ୍କର ରୌପ୍ୟ ସିଂହାସନରେ ବସୁଥାନ୍ତି । ଆମେ

ତାଙ୍କର କୁଙ୍କୁମ ଅର୍ଚ୍ଚନା କରୁଥାଉ । ସେଠାରେ ସମସ୍ତ ସ୍ତ୍ରୀଲୋକ ଧାଡ଼ି ହୋଇ ବସନ୍ତି । ପ୍ରତ୍ୟେକଙ୍କ ଆଗରେ ଗୋଟିଏ ପତ୍ର ରଖାଯାଏ । ଜଣେ ଲଳିତା ଅଷ୍ଟୋତ୍ର ଶତ ନାମାବଳୀ ପାଠ କରେ ଓ ଅନ୍ୟମାନେ କୁଙ୍କୁମ ଦେଇ ପୂଜା କରନ୍ତି । ସ୍ୱାମୀ ପ୍ରତ୍ୟେକଙ୍କ ନିକଟକୁ ଆସି ପାଦ ନମସ୍କାର ଦିଅନ୍ତି ।

ପ୍ରାଚୀନ ପରମ୍ପରା ଅନୁଯାୟୀ ବିଧବାମାନେ କୁଙ୍କୁମ ପୂଜା କରିବା ମନା ଥାଏ । ତେଣୁ ସେଠାରେ ଥିବା ଜଣେ ମହିଳା କେବଳ ସଧବାମାନଙ୍କୁ କୁଙ୍କୁମ ପୂଜାର ଅନୁମତି ଦେଉଥାନ୍ତି । ସ୍ୱାମୀ ଏହା ଲକ୍ଷ୍ୟ କରି କହିଲେ, "ଦେଖ, ବିଧବାମାନେ ସବୁବେଳେ ମୋତେ ହିଁ ସ୍ମରଣ କରିଥାନ୍ତି, ମୁଁ ସେମାନଙ୍କର ପ୍ରଭୁ । ପରମ ପରାକ୍ରମୀ ପାଣ୍ଡବମାନେ ଦ୍ରୌପଦୀ ଲାଞ୍ଛିତ ହେବା ସମୟରେ ନୀରବରେ ବସି ରହିଥାନ୍ତି । ସେତେବେଳେ କୃଷ୍ଣ କ'ଣ ଦ୍ରୌପଦୀକୁ ଉଦ୍ଧାର କରି ନଥିଲେ ? ତେଣୁ ସମସ୍ତଙ୍କୁ ପୂଜା କରିବାକୁ ଦିଅ । ସବୁବେଳେ ଯିଏ ଈଶ୍ୱରଙ୍କୁ ସ୍ମରଣ କରେ ସେ ବିଧବା ନୁହଁ, ଯେଉଁମାନେ ତାଙ୍କୁ ସ୍ମରଣ କରନ୍ତି ନାହିଁ, ସେମାନେ ବିଧବା ।"

ଦଶହରା ଉତ୍ସବ ମଧ୍ୟରେ ଦିନେ ସ୍ୱାମୀ ଗରିବ ଲୋକମାନଙ୍କୁ ଅନ୍ନ ଓ ବସ୍ତ୍ର ଦାନ କରୁଥାନ୍ତି । ବିଜୟା ଦଶମୀ ଦିନ ଏକ ଶୋଭାଯାତ୍ରା ଆୟୋଜନ କରା ଯାଇଥାଏ । ସ୍ୱାମୀଙ୍କ ଶୋଭାଯାତ୍ରାରେ ଭକ୍ତମାନେ ଭଜନ ଗାଇ ଗାଇ ଚାଲିଥାନ୍ତି । ମନ୍ଦିର ପାଖରେ ପହଞ୍ଚିବା ବେଳକୁ ଆମେ ଲକ୍ଷ୍ୟ କରୁ ସ୍ୱାମୀଙ୍କ କପାଳରେ ଏକ ବଡ଼ କୁଙ୍କୁମ ଟୀକା ! ସେହି ଦିବ୍ୟ ଶୋଭାଯାତ୍ରା ଲୋକମାନଙ୍କର ଅଦମ୍ୟ ଉତ୍ସାହ ମଧ୍ୟରେ ଆଗକୁ ଚାଲିଥାଏ । ପ୍ରଶାନ୍ତି ନିଳୟମ ପହଞ୍ଚିବା ବେଳକୁ ଢ଼େର ରାତି ହୋଇଯାଇଥାଏ । ଭକ୍ତମାନେ ମନ ଆନନ୍ଦରେ ସ୍ୱାମୀଙ୍କୁ ମଙ୍ଗଳ ଆରତି ଦିଅନ୍ତି ।

ଯେଉଁ ଦିନ ଆମେ ଫେରିବାକୁ ଥାଏ, ସେଦିନ ସନ୍ଧ୍ୟାରେ ସ୍ୱାମୀ ଆମକୁ ଡାକି କହିଲେ, "ତୁମ ଜୀବନରେ ମୁଁ ପ୍ରବେଶ କରି ନଥିଲେ ତୁମେମାନେ ଆଜି କେଉଁଠି ଥା'ନ୍ତ ? କାହାକୁ କଷ୍ଟ ଦେବା ଏକ ଅପରାଧ । କୌଣସି ଜୀବକୁ କଷ୍ଟ ଦେବା ସମୟରେ ତୁମେ ପ୍ରକାରନ୍ତରେ ମୋତେ ହିଁ କଷ୍ଟଦେଇଥାଅ । ଏଭଳି ବ୍ୟବହାର କର ଯେମିତି କାହା ମନରେ କେବେ କିଛି କଷ୍ଟ ହେବ ନାହିଁ ।" ସେଦିନ ଅସୁସ୍ଥ ଥିବା ମୋ ମା'ଙ୍କ ପାଇଁ ସେ ବିଭୂତି ଦେଇ, କହିଲେ "ସେ ଭଲ ହୋଇଯିବ । ମୂରଲୀର ଉପନୟନକୁ ତାକୁ ଆଣିବ ।" ଆମେ ପାଦ ନମସ୍କାର କରି ତାଙ୍କଠୁ ବିଦାୟ ନେଲୁ ।

୧୯୭୦ ପ୍ରାରମ୍ଭରେ ସ୍ୱାମୀ ପୁରୁଣା ଭକ୍ତମାନଙ୍କୁ ଭବିଷ୍ୟତରେ ଆଉ ଇଣ୍ଟରଭ୍ୟୁ ପାଇଁ ନ ବସିବାକୁ କହିଲେ । ସେତେବେଳର ଯେଉଁ ବ୍ୟବସ୍ଥା ଥାଏ, ସେଥିରେ ଇଣ୍ଟରଭ୍ୟୁ

ଚାହୁଁଥିବା ଭକ୍ତମାନେ ଇଣ୍ଟରଭ୍ୟୁ କକ୍ଷର ସାମନାରେ କାଳେ ସ୍ୱାମୀ ସେମାନଙ୍କୁ ଡାକିବେ ବୋଲି ବସି ରହୁଥା'ନ୍ତି । ତେଣୁ ସ୍ୱାମୀ ପୁରୁଣା ଭକ୍ତମାନଙ୍କୁ କହିଲେ, "ଏଥର ତୁମକୁ ନୂଆ ନୂଆ ଯେଉଁମାନେ ଆସୁଛନ୍ତି ସେମାନଙ୍କୁ ସୁଯୋଗ ଦେବାକୁ ହେବ । ଏହା କଲେ ତୁମେ ପୁଣ୍ୟ ଅର୍ଜ୍ଜନ କରିବ । ମୁଁ ସେତେବେଳେ ସ୍ୱାମୀଙ୍କୁ ପଚାରିଲି, "ସ୍ୱାମୀ, କୌଣସି ବିଷୟ ଆମେ ଯଦି ଆପଣଙ୍କର ପରାମର୍ଶ ଲୋଡ଼ୁ, ତେବେ କ'ଣ କରିବୁ ?" ସ୍ୱାମୀ ସେଦିନ ପ୍ରତିଶ୍ରୁତି ଦେଲେ, "ଝିଅ ସେଭଳି ପରିସ୍ଥିତିରେ ତୁମେ ତୁମ ପ୍ରଶ୍ନର ଉତ୍ତର ମୋର ସମ୍ଭାଷଣରୁ ପାଇଯିବ । ଖାଲି ସେତିକି ନୁହଁ, ଭବିଷ୍ୟତରେ ଏଭଳିଦିନ ଆସିବ ଯେବେ ତୁମକୁ ଖାଲି ମୋ ଦର୍ଶନରୁ ସନ୍ତୁଷ୍ଟ ହେବାକୁ ପଡ଼ିବ । କିନ୍ତୁ ସେତେବେଳେ ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣରୁ ଯେଉଁ ପୁଣ୍ୟ ମିଳିଥାଏ, ତାହା କେବଳ ଦର୍ଶନରୁ ପାଇଯିବ।" ଏ ହେଉଛନ୍ତି ଆମ କରୁଣାମୟ ସ୍ୱାମୀ !

ଅଷ୍ଟମ ଅଧ୍ୟାୟ

ଶିବରାତ୍ରି

ଚିତ୍ ଓ ଜଡ଼ର ସଙ୍ଗମ ଚିତ୍‌ଜଡ଼ ଗ୍ରନ୍ଥି (ଅଜ୍ଞାନ ଗ୍ରନ୍ଥି)ର କାରଣ ହୁଏ । ଏହି ସଙ୍ଗମରୁ ଜାତ ହୁଏ ଅଙ୍ଗମ୍ (ଶରୀର)। ଅଙ୍ଗମ୍‌ରୁ ଜାତ ଜଙ୍ଗମ୍ (ଐହିକ ପାପ)ରୁ ଉଦ୍ଧାର ପାଇବାକୁ ହେଲେ ଲିଙ୍ଗମ୍‌ର ଆଶ୍ରୟ ନିଅ ।

—ଶ୍ରୀ ସତ୍ୟସାଇ ବାବା

୧୯୪୯ ଫେବୃଆରୀ ମାସରେ ଆମେ ଶିବରାତ୍ରି ଉତ୍ସବରେ ଉପସ୍ଥିତ ରହିବାପାଇଁ ପୁଟ୍ଟପର୍ତ୍ତି ଗଲୁ । ସନ୍ଧ୍ୟା ଛ'ଟା ହେବ, ଆମେ ମନ୍ଦିରରେ ପହଞ୍ଚିଲୁ । ସ୍ୱାମୀଙ୍କୁ ଫୁଲ ଓ ଫଳ ଦେଇ ପାଦନମସ୍କାର କଲୁ । ସେତେବେଳକୁ ବହୁ ସଂଖ୍ୟାରେ ଭକ୍ତ ଆସି ପହଞ୍ଚି ଯାଇଥା'ନ୍ତି । ଭଜନ ଖୁବ୍ ଉତ୍ସାହରେ ଚାଲିଥାଏ । ପରଦିନ ଅପରାହ୍ନ ଭଜନ ପୂର୍ବରୁ ଆମେ ସ୍ୱାମୀଙ୍କ ପାଦନମସ୍କାର ପାଇଁ ହାତରେ ଫୁଲମାଳ ଧରି ଛିଡ଼ା ହୋଇଥାଉ । ସେ ସ୍ନାନ ଶେଷରେ କମନୀୟ ବସ୍ତ୍ର ପରିହିତ ହୋଇ ହଲ ମଧ୍ୟକୁ ପ୍ରବେଶ କଲେ ।

ଶିବରାତ୍ରି ଭଜନ ଚାଲିଥାଏ । ଶ୍ରୀ ବି.ଭି.ରମନ୍ ଓ ଶ୍ରୀ ବି.ଭି. ଲକ୍ଷ୍ମନ, ଦୁଇ ଭାଇ ଅନ୍ତରଭରି ଭଜନ ଗାଉଥାନ୍ତି । କିଛି ସମୟ ପରେ ସ୍ୱାମୀ ଶ୍ରୀ ଶିରିଡ଼ିସାଇବାବାଙ୍କ ବିଗ୍ରହର ଦୁଗ୍ଧାଭିଷେକ କଲେ । ଅଭିଷେକ ଶେଷରେ ବିଗ୍ରହକୁ ଜଳରେ ଧୋଇ ପୋଛିଲେ, ତା' ପରେ ସେ ଏକ ଲିଙ୍ଗ ସୃଷ୍ଟି କରି ତାହାକୁ ବିଗ୍ରହ ଉପରେ ସ୍ଥାପନ କଲେ ଏବଂ ସେଥିରେ ହଳଦୀ, କୁଙ୍କୁମ ଓ ବିଭୂତି ଲେପନ କରି ଶେଷରେ ଆରତୀ କଲେ । ପରିଶେଷରେ ସମସ୍ତଙ୍କ ଉପରେ ପବିତ୍ର ଉଦକ ସିଞ୍ଚନ କରି ସମସ୍ତଙ୍କୁ ଅଭିଷେକ କରାଯାଇଥିବା ଦୁଗ୍ଧ ବିତରଣ କଲେ ।

ବିବିଧ ନୈବେଦ୍ୟ ପ୍ରସ୍ତୁତ ହୋଇ ରହିଥାଏ । ମନ୍ଦିର ପଛରେ ଥିବା ଚଉତରାରେ ଆମେ ସମସ୍ତଙ୍କୁ ଘେରି ଛିଡ଼ା ହୋଇଥାଉ । ଶ୍ରୀମତୀ ସାବିତ୍ରୀ ପ୍ରସାଦ ବିତରଣ କରିବାକୁ ଆମ ଆଡ଼କୁ ଆସିଲେ । ସ୍ୱାମୀ ତାଙ୍କୁ କହିଲେ, "ଦେଖ ସାବ୍ରିତୀ ଆମ୍ମା ! ପ୍ରସାଦ ଚାହୁଁଥିବା ଅନେକ ଭକ୍ତ ବାହାରେ ଅଛନ୍ତି । ସେଠାକୁ ଯାଇ ସେମାନଙ୍କୁ ପ୍ରସାଦ ଦିଅ । ଏଇଠେ ମୋ ପାଖରେ ଯେଉଁ ଭକ୍ତମାନେ ଅଛନ୍ତି, ସେମାନେ ମୋତେ ଚାହିଁ ଏଠାକୁ ଆସୁଛନ୍ତି । ସେମାନେ ବହୁ ଦୂରଦୂରାନ୍ତରୁ ଅନେକ କଷ୍ଟ ବରଣ କରି ଏଠାକୁ ଆସିଛନ୍ତି । ସେମାନେ ମୋ ବ୍ୟତୀତ ଆଉ କିଛି ଚାହାନ୍ତି ନାହିଁ ।" ଏତିକି କହି

ସେ ଆମ ଆଡ଼କୁ ଚାହିଁ ହସିଲେ । ସ୍ୱାମୀଙ୍କ ମୁଖରୁ ଏ'କଥା ଶୁଣି ଆମେ ଆନନ୍ଦିତ ହେଲୁ । ସ୍ୱାମୀ ଏଥର ଭୋଜନ କରିବାକୁ ଗଲେ ।

ରାତ୍ରିର ନିସ୍ତବ୍ଧତା ମଧ୍ୟରେ ଭଜନ ଗୁଡ଼ିକ ଅତି ରୋମାଞ୍ଚକର ମନେ ହେଉଥାଏ । ସ୍ୱାମୀ ପରମାନନ୍ଦରେ ବୁଡ଼ି ରହିଥା'ନ୍ତି । ଲୋକଗହଳି ଶେଷରେ ଏତେ ଅଧିକ ହେଲା ଯେ ମନ୍ଦିରରେ ଜାଗା ହେଲା ନାହିଁ । ସ୍ୱାମୀ ଭକ୍ତମାନଙ୍କୁ ଯାଇ ଚଉତରାରେ ବସିବାକୁ କହିଲେ । ସ୍ୱାମୀ ଚୁଡ଼ାରେ ତିଆରି ନୈବେଦ୍ୟ ସ୍ପର୍ଶ କରି ସାବିତ୍ରୀ ଆମ୍ମାଙ୍କୁ କହିଲେ, "ମୁଁ ଏ ନୈବେଦ୍ୟକୁ ସ୍ପର୍ଶ କରିଛି । ଏହା କେବେ ଶେଷ ହେବ ନାହିଁ । ତେଣୁ ମାପି ମାପି ପ୍ରସାଦ ଦିଅ ନାହିଁ । ମୋ ଭକ୍ତମାନେ ଯିଏ ଯେତେ ଚାହୁଛନ୍ତି ସେମାନଙ୍କୁ ସେତେ ପ୍ରସାଦ ଦିଅ । ମୋ ଭକ୍ତମାନେ ଖାଇଲେ ମୁଁ ଖୁବ୍ ଆନନ୍ଦ ପାଏ ।" ପ୍ରତ୍ୟେକଙ୍କୁ ପ୍ରସାଦ ମିଳିଲା । ପରେ ସ୍ୱାମୀ ଫୁଲରେ ସଜା ଯାଇଥିବା ଏକ ପାଲିଙ୍କିରେ ବସି ଶୋଭଯାତ୍ରାରେ ଗଲେ । ଆମେ ପାଲିଙ୍କି ଆଗରେ ଭଜନ ଗାଇ ଗାଇ ଚାଲିଥାଉ । ଫେରିବା ବେଳକୁ ଅପରାହ୍ନ ତିନିଟା ହୋଇଥାଏ । ରାତି ପାହିବା ଯାଏଁ ଭଜନ ହେଲା । ଆରତୀ ପରେ ପୁଣି ଥରେ ସମସ୍ତେ ପ୍ରସାଦ ପାଇଲେ । ପରଦିନ ସକାଳେ ସମସ୍ତେ ଉପବାସ ଭାଙ୍ଗିଲେ । ସ୍ୱାମୀ ଭକ୍ତମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଥା'ନ୍ତି । ସେଡ୍ ଭିତରେ ସମସ୍ତଙ୍କୁ ଭୋଜନ ପରିବେଷଣ କରାଗଲା । ସ୍ୱାମୀଙ୍କ ଭୋଜନ, ମଝିରେ ପଡ଼ିଥିବା ଏକ ଟେବୁଲ ଉପରେ ପରସା ଯାଇଥାଏ । ସେଠାରେ ସ୍ୱାମୀ ଭୋଜନ କଲେ ଓ ସମସ୍ତେ ତାଙ୍କୁ ନୟନଭରି ଦର୍ଶନ କଲେ ।

ପରଦିନ ସନ୍ଧ୍ୟାରେ ସ୍ୱାମୀ ଚଉତରା ପଛରେ ଥିବା ବାରଣ୍ଡାରେ ବସିଥା'ନ୍ତି । ମୁଁ ଓ ଆଉ ପାଞ୍ଚ ଜଣ ଭକ୍ତ ସେଠାରେ ଠିଆ ହୋଇଥାଉ । ସ୍ୱାମୀ ହଠାତ୍ ପଚାରିଲେ, "ବାମନଙ୍କର ଗୋଟିଏ ପଦ ସମଗ୍ର ଆକାଶକୁ ଆବୃତ୍ତ କରିଦେଲା ଓ ଆଉ ଗୋଟିଏ ସାରା ପୃଥିବୀକୁ ଆବୃତ୍ତ କଲା, ସେ ତୃତୀୟ ପାଦକୁ ବଳିର ମସ୍ତକ ଉପରେ ରଖି କହିଲେ ତାଙ୍କର ତିନି ପାଦ ଶେଷ ହେଲା । ଏହା କିପରି ସମ୍ଭବ ହେଲା ? ବଳି ରାଜାଙ୍କର ମସ୍ତକ କ'ଣ ଆକାଶ ବା ଧରିତ୍ରୀ ସମ ବିଶାଳ ଥିଲା ? ଏହାର ଅନ୍ତରାର୍ଥ କ'ଣ ?" କେହି ଏ ପ୍ରଶ୍ନର ଉତ୍ତର ଦେଇ ପାରିଲେ ନାହିଁ । ବୋକା ଭଳି ଆମେ ମଧ୍ୟ ସେଦିନ ବାବାଙ୍କୁ ସେ କରିଥିବା ପ୍ରଶ୍ନର ଉତ୍ତର ପଚାରିଲୁ ନାହିଁ । ବାବା ମଧ୍ୟ ସେ ବିଷୟରେ ସେଦିନ କିଛି କହିଲେ ନାହିଁ । ବହୁ ବର୍ଷ ପରେ ସ୍ୱାମୀ ପ୍ରଶାନ୍ତି ନିଳୟରେ "ଓନମ୍' ସମ୍ଭାଷଣରେ ଏହି କଥା ବୁଝାଇ କହିଲେ । ବଳି ରାଜାଙ୍କ ମସ୍ତକ ଉପରେ ବାମନ ତାଙ୍କର ତୃତୀୟ ପାଦ ସ୍ଥାପନ କରିବାର ସାଙ୍କେତିକ ଅର୍ଥ ହେଲା ସେ ବଳିର ମନୋଲୋକ ଉପରେ ତାଙ୍କର ପାଦ ସ୍ଥାପନ କଲେ ।

ଏଥର ସ୍ୱାମୀ ଆମ ଆଡ଼କୁ ଚାହିଁ କହିଲେ" ତୁମେମାନେ ମୋ' ଠାରୁ ଯାହା ଚାହୁଁଛ ତାହା ତୁମ ଜୀବନ କାଳ ଶେଷରେ ପାଇବ ।" ଆମେ ପର୍ତ୍ତିରେ ଆଉ ତିନି ଦିନ

ରହିଲୁ । ସ୍ୱାମୀ ଆମକୁ ଡାକି ବିଭୂତି ସୃଷ୍ଟି କରି ଦେଲେ ଓ କହିଲେ "ମୁଁ ସବୁବେଳେ ତୁମ ସଙ୍ଗେ ଚାଲିଛି, ତୁମେ ଆନନ୍ଦରେ ରହୁଥାଅ, ଭଜନ ଗାଉଥାଅ ।" ଏତିକି କହି ସେ ଆମକୁ ବିଦାୟ ଦେଲେ ।

✍

ଫେବୃୟାରୀ ୧୯୫୧ ରେ ମୁଁ ଓ ମୋ ସ୍ୱାମୀ ପୁଣିଥରେ ଶିବରାତ୍ରି ଉତ୍ସବ ପାଇଁ ପୁଟ୍ଟପର୍ତ୍ତି ଗଲୁ । ସ୍ୱାମୀ ଲିଙ୍ଗ ସୃଷ୍ଟି କଲେ । ଭଜନ ସନ୍ଧ୍ୟାରେ ଆରମ୍ଭ ହୋଇ ପରଦିନ ସକାଳ ଯାଏଁ ଚାଲିଲା । ସେ ସମୟରେ ସ୍ୱାମୀ ଦୀର୍ଘ ସମୟ ଧରି ଆମ ସଙ୍ଗେ ବସି ଭଜନ ଗାଉଥା'ନ୍ତି । ଏଥର ମଧ୍ୟ ସେ ଭଜନ ଗାନ କଲେ ଓ କିଛି ସମୟ ପରେ ଉପର ମହଲାକୁ ଚାଲିଗଲେ । ପରଦିନ ସକାଳେ ମହାମଙ୍ଗଳ ଆରତୀ ପରେ ସେ ପ୍ରସାଦ ବିତରଣ କଲେ । ତା' ପରେ ଆମେମାନେ ଆମମାନଙ୍କର ଉପବାସ ଭଙ୍ଗ କଲୁ । ସେଦିନ ସବୁ ଭକ୍ତ ପ୍ରଶାନ୍ତି ନିଳୟମର ହଲ୍ ମଧ୍ୟରେ ଭୋଜନ କଲେ । ସ୍ୱାମୀ ନିଜେ ସମସ୍ତ ଆୟୋଜନ ନିଜେ ବୁଝୁଥାଁନ୍ତି ଏବଂ ସମସ୍ତେ ଯେଭଳି ଭଲଭାବେ ଖାଇବେ ସେଥିପ୍ରତି ଦୃଷ୍ଟି ଦେଉଥା'ନ୍ତି । ପରଦିନ ସକାଳେ ବେଶୀ ସଂଖ୍ୟାରେ ଭକ୍ତ ନ'ଥିବା ଦେଖି ମୁଁ ଓ ମୋ ଭଉଣୀ ଶଙ୍କରୀ ଉପରକୁ ଗଲୁ । ସ୍ୱାମୀ ତାଙ୍କର କମରାରୁ ବାହାରକୁ ଆସୁଥାଆନ୍ତି । ଆମେ ବାରଣ୍ଡା ପାଖରେ ଛିଡ଼ା ହେଇଥାଉ । ଆମକୁ ଦେଖି ସେ ପରିହାସରେ କହିଲେ, "ଝିଅ ତୁ କାହିଁକି ଉପରକୁ ଆସିଥିଲୁ ?"

ଆମେ କହିଲୁ "ସ୍ୱାମୀ, ଆପଣ ଖୁବ୍ କମ୍ ବାହାରକୁ ଆସୁଛନ୍ତି, ଆପଣଙ୍କ ସଙ୍ଗେ କଥା ହେବା ପ୍ରାୟ ଅସମ୍ଭବ ହୋଇପଡୁଛି । ଯିବା ଆଗରୁ ଆପଣଙ୍କ ଅନୁମତି ନେବାର ସୁଯୋଗ ପାଇବୁ କି ନାହିଁ, ତାହା ସନ୍ଦେହ ଲାଗିଲା ।" ସେ କହିଲେ, "ତୁମେ ଉପରକୁ ଆସିବାକୁ ମୁଁ କେବେ ମନା କରିଛି ? ମୁଁ କେବେ ତୁମକୁ ବାରଣ କରେନା । ରେଳରେ ଯାଉଥିବା ଲୋକଙ୍କୁ ବାହାରର ଗଛ, ଲତା, ପାହାଡ଼ ସବୁ ଚାଲିବା ଭଳି ମନେ ହୁଏ । ପ୍ରକୃତରେ କିନ୍ତୁ ରେଳ ଗାଡ଼ି ଚାଲିଥାଏ, ନୁହଁ କି ? ସେମିତି ତୁମେ ସବୁ ଏକ ଭ୍ରମ ମଧ୍ୟରେ ରହିଛ । ଈଶ୍ୱରସ୍ଥିର ଓ ନିରପେକ୍ଷ । ତୁମେ କିନ୍ତୁ ଈଶ୍ୱରଙ୍କ ଠାରେ ମଧ୍ୟ ଭୁଲ ଦେଖିବାକୁ ଚେଷ୍ଟା କର । ତୁମ ପାଖରେ ମାଠିଆ ଅଛି, ଦଉଡ଼ି ଅଛି, ମାଠିଆରେ ଦଉଡ଼ି ଲଗାଇ ତୁମେ ତାକୁ କୂଅରେ ବୁଡ଼ାଉଛ । ମାଠିଆରେ ପାଣି ଭରି ହେଲା କି ନାହିଁ, ଏକଥା ନିଶ୍ଚିତ ହେବାକୁ ତୁମକୁ ଥରେ କୂଅ ଭିତରକୁ ଦେଖିବାକୁ ହେବ । ତେବେ ଯାଇ ତୁମେ ମାଠିଆଟିକୁ ଟାଣି ଉପରକୁ ଆଣିବା ପରେ ସେଥିରେ ପାଣି ପାଇବ । ସେହି ପାଣି ହିଁ ଈଶ୍ୱର (ନିଜକୁ ଇଙ୍ଗିତ କରି) । ମାଠିଆକୁ ପାଣିରେ ବୁଡ଼ାଇବା ପରେ ତୁମେ ଯଦି ସେଥିରେ ପାଣି ଭର୍ତ୍ତି ହେଲା କି ନାହିଁ ତାହା ନ ଦେଖ, କିନ୍ତୁ ପରେ ପାଣି ପାଇଲ ନାହିଁ ବୋଲି ଦୁଃଖ କର, ତାହା କ'ଣ ଠିକ୍ ହେବ ? ଦୋକାନୀକୁ ପଇସା ଦେଲେ ତୁମେ

ଜିନିଷ ପାଇବ । ପଇସା ନ ଦେଇ ତୁମେ ଯଦି ଜିନିଷ ମାଗ, ତେବେ କ'ଣ ତାହା ପାଇବ ? ଠିକ୍ ସେମିତି, ଭକ୍ତିର ଧନ ଦେଇ ଈଶ୍ୱରଙ୍କ କୃପା ଲାଭ କର, ଭକ୍ତି ତୁମକୁ ଶକ୍ତି ଦେବ ।"

ମୁଁ କହିଲି, "ସ୍ୱାମୀ କାଲି ଆମକୁ ଯିବାକୁ ହେବ । ଦୟାକରି ଆମକୁ ଯିବାର ଅନୁମତି ଦିଅନ୍ତୁ" । ସେ କହିଲେ, "ଏତେ ତରବର କାହିଁକି ? ମହୀଶୂରରେ ଏମିତି କି ଧନ ଲୁଚାଇ ରଖିଛ ଯେ ହଡ଼ବଡ଼ ହୋଇ ଫେରିଯିବ ? ଘରେ ପିଲାପିଲି ଅଛନ୍ତି । ତେଣୁ ଆଉ କିଛି ଦିନ ମନ ଆନନ୍ଦରେ ରହି, ତାପରେ ଘରକୁ ବାହୁଡ଼ ।" ମୁଁ କହିଲି, "ମୋ ପାଖରେ ଯଥେଷ୍ଟ ପଇସା ନାହିଁ ।" ସ୍ୱାମୀ କହିଲେ "କ'ଣ କହିଲ, ତୁମ ପାଖରେ ପଇସା ନାହିଁ । ତୁମ ପାଖରେ ମୁଁ ପାହାଡ଼ ଭଳି ଛିଡ଼ା ହୋଇଛି, ଆଉ ତୁମେ କହୁଛ, ତୁମ ପାଖରେ ପଇସା ନାହିଁ । ମୁଁ ଯେତେବେଳେ ତୁମର, ତୁମର ଆଉ ପଇସାର କି ଅଭାବ ହେବ ? ତୁମ ମା ଓ ଭଉଣୀ ମଧ୍ୟ ସବୁବେଳେ ଏହି କଥା କହୁଥା'ନ୍ତି । ତୁମକୁ କେତେ ଦରକାର ମୋତେ କହିଲ, ମୁଁ ତାହା ଦେବି ।" ତା' ପରେ ସେ କହିଲେ, "ଯଦି ଈଶ୍ୱର ଦରକାର ଏଠି ରୁହ, ଆଉ ଯଦି ସଂସାର ଦରକାର ଘରକୁ ଯାଅ ।"

ପରେ ସେ ମୋ ମାଈଁଙ୍କ ପାଖକୁ ଯାଇ ତାଙ୍କୁ କହିଲେ ଯେ ମୁଁ ଆଉ ଦୁଇ ଦିନ ରହିବା କଥା ଚିନ୍ତା କରୁଛି, ତେଣୁ ସେମାନେ ମଧ୍ୟ ରୁହନ୍ତୁ । ଏକଥା ଶୁଣି ମୁଁ ଯେତେବେଳେ କହିବାକୁ ଚେଷ୍ଟା କଲି ଯେ ମୁଁ ଏମିତି କିଛି କହିନାହିଁ, ସେ ମୋତେ ଠାରି ଚୁପ୍ ରହିବାକୁ କହିଲେ । ଆଉ ଦୁଇ ଦିନ ବିତି ଗଲା, ଯେଉଁ ଦିନ ଆମର ଯିବାର ଥିଲା ସେଦିନ ଆମେ ଉପର ମହଲାର କକ୍ଷ ପାଖରେ ଅପେକ୍ଷା କରି ଛିଡ଼ା ହେଲୁ । କିଛି ସମୟ ପରେ ସ୍ୱାମୀ ସ୍ମିତହାସ ବଦନରେ ସେଠାରେ ଆସି ପହଞ୍ଚିଲେ ଓ ନିଜେ ବସି ଆମକୁ ତାଙ୍କ ଚାରିପାଖେ ବସିବାକୁ କହିଲେ । ମୋ ଆଡ଼କୁ ଚାହିଁ ସେ କହିଲେ, "କନ୍ନମ୍ମା ! କାହିଁକି ଚୁପ୍ ହୋଇ ବସିଛୁ ?" ମୁଁ ଯେତେବେଳେ ତାଙ୍କୁ କହିଲି ଯେ ସେମିତି କିଛି କଥାବାର୍ତ୍ତା ହେବାକୁ ନାହିଁ, ସେ ମୋତେ କହିଲେ ଯେ ମୁଁ ଯେକୌଣସି ବିଷୟରେ କଥାବାର୍ତ୍ତା ହୋଇପାରେ । ମୋ ମନରେ ଅନେକ କଥା ଥିଲେ ମୁଁ ପାଟି ବନ୍ଦ କରି ବସିଥାଏ । ସେ ମୋତେ ଆମ ଘର ତିଆରି ଶେଷ ହେଲା କି ବୋଲି ପଚାରିଲେ । ମୁଁ କହିଲି, ତାହା ଶେଷ ହୋଇଯାଇଛି । ଥଟ୍ଟା କରି ସେ ମୋତେ କହିଲେ, "ତିଆରି ତ ଶେଷ ହେଲା, ଏଥର ଭାଙ୍ଗିବା ଆରମ୍ଭ କର ।" ମୁଁ କହିଲି, "ସ୍ୱାମୀ, ମା ଅସୁସ୍ଥ । ସେ ବଞ୍ଚିଥିବା ଅବସ୍ଥାରେ ମୁଁ ମୋ ବଡ଼ ପୁଅର ଉପନୟନ ଆପଣଙ୍କ ଉପସ୍ଥିତିରେ କରିବାକୁ ଚାହୁଁଛି ।" ସ୍ୱାମୀ ବଡ଼ ପାଟିରେ ହସି କହିଲେ, "ଓ ! ସେଇ ଦୁଷ୍ଟ ପିଲାର ବ୍ରତ ! ହଁ, ଏଠାରେ ନିଶ୍ଚୟ କରିବ । ମୁଁ ଭାରି ଖୁସି ହେବି" କିଛି ସମୟ ପରେ ଆମେ ପାଦନମସ୍କାର କରି ବାହାରକୁ ଆସିଲୁ । ସ୍ୱାମୀ ଦୁଆର ମୁହଁରେ ହସି ହସି ଛିଡ଼ା

ହୋଇଥା'ନ୍ତି । ଆମେ ପ୍ରାର୍ଥନା କଲୁ, "ସ୍ୱାମୀ ଆମକୁ, ନିର୍ମଳ ଭକ୍ତି ଦିଅନ୍ତୁ ।" ସ୍ୱାମୀ ତାଙ୍କର ଦିବ୍ୟ ହସ୍ତ ମୋ ମଥା ଉପରେ ପ୍ରେମରେ ରଖି କହିଲେ, "ତାହା ହିଁ ହେବ ।"

✍

ଫେବୃୟାରୀ ୧୯୫୪ ରେ ଆମେ ଶିବ୍ରାତ୍ରି ଉପଲକ୍ଷେ ପୁଟ୍ଟପର୍ତ୍ତି ଗଲୁ । ସ୍ୱାମୀଙ୍କୁ ଦର୍ଶନ କଲୁ । ଅପରାହ୍ନରେ ସେ ଶ୍ରୀ ଶିରିଡ଼ି ସାଇବାବାଙ୍କ ବିଗ୍ରହର ଅଭିଷେକ କଲେ ଏବଂ ଲିଙ୍ଗୋଦ୍ଭାବ କଲେ । ଭଜନ ଖୁବ୍ ଭଲ ଲାଗୁଥାଏ ଓ ତାହା ସାରା ରାତି ଚାଲିଥାଏ । ସୂର୍ଯ୍ୟୋଦୟ ସମୟରେ ସ୍ୱାମୀ ଆସି ସିଂହାସନରେ ବସି ସମସ୍ତଙ୍କୁ ଦର୍ଶନ ଦେଲେ ।

ମହାମଙ୍ଗଳ ଆରତୀ ପରେ ସ୍ୱାମୀଙ୍କ ଉପସ୍ଥିତିରେ ପ୍ରତ୍ୟେକଙ୍କୁ ପ୍ରସାଦ ଦିଆଗଲା । ବହୁତ ଗହଳି ଥିବାରୁ ସ୍ୱାମୀଙ୍କ ସହିତ କଥା ହେବାକୁ ଆମକୁ ବହୁ ଦିନ ଅପେକ୍ଷା କରିବାକୁ ପଡ଼ିଲା । ଦିନେ ସନ୍ଧ୍ୟାରେ ସ୍ୱାମୀ ଆମକୁ ଆମ ମାଇଁଙ୍କ ସଙ୍ଗେ ଇଣ୍ଟରଭ୍ୟୁ ପାଇଁ ଡାକିଲେ । ମୋ ଭଉଣୀ ସଙ୍ଗେ କଥାବାର୍ତ୍ତା ହେବାପରେ ସେ ମୋ ପାଖକୁ ଆସିଲେ । ମୋ ହାତରେ ଥିବା ମିଶିରି ଖଣ୍ଡଟିକୁ ନେଇ ସେ ପାଟିରେ ଦେଲେ ଏବଂ ମୋତେ କହିଲେ, "କନ୍ନମ୍ମା ! କି ଖବର ? ଘରେ ସମସ୍ତେ ଭଲ ଅଛନ୍ତି ତ ? ଅଗ୍ନିକୁ ସାକ୍ଷୀ ରଖି ଯାହାକୁ ବିବାହ କରିଛ, ସେ ସ୍ୱାମୀର ତ ସେବା କରିବ କିନ୍ତୁ ତା ସଙ୍ଗେ ସଙ୍ଗେ ଏହି ସ୍ୱାମୀଙ୍କୁ ମଧ୍ୟ (ପରମାତ୍ମାଙ୍କୁ ସୂଚାଇବା ପାଇଁ ନିଜ ଆଡ଼କୁ ଆଙ୍ଗୁଠି ଦେଖାଇ) ଧ୍ୟାନ କରିବାକୁ ପଡ଼ିବ ।" ସ୍ୱାମୀ ପରଦିନ ଆମକୁ ପୁଣି ଥରେ ଡାକିବେ ବୋଲି ପ୍ରତିଶ୍ରୁତି ଦେଲେ ।

ପରଦିନ ସ୍ୱାମୀ ମୋତେ, ମୋର ପତିଙ୍କୁ ଓ ଭଉଣୀକୁ ପୁଣି ଥରେ ଡାକିଲେ । ମୋ ଭଉଣୀକୁ ଚାହିଁ ସେ ଥଟ୍ଟାରେ କହିଲେ, "ତୁ ଖାଲି ଗୋଟିଏ ଛୁଆକୁ ଧରି ଆସୁଥା ?" ସେ ଉତ୍ତର ଦେଲା, 'ଗୋଟିଏ ଯଥେଷ୍ଟ । ବର୍ତ୍ତମାନ ପରିସ୍ଥିତିରେ ଗୋଟିଏ ଛୁଆରୁ ଅଧିକ ହେଲେ ମୋତେ ପୁଟ୍ଟପର୍ତ୍ତିକୁ ଭୁଲିଯିବାକୁ ହେବ ।" ସ୍ୱାମୀ କହିଲେ, "ନା, ନା, ବିବାହ ପରେ ତୁ ଏକ ସନ୍ତାନ ଚାହିଁଥିଲୁ । ମୋତେ ଦର୍ଶନ କରିବା ପରେ ତୋ ଭିତରେ ଆଉ ସେହି ଇଚ୍ଛା ରହିଲା ନାହିଁ, କିନ୍ତୁ ତୁ ଯେତେବେଳେ ଏକ ମୃତ ଶିଶୁକୁ ଜନ୍ମ ଦେଲୁ ସେତେବେଳେ ପୁଣି ଥରେ ଏକ ସନ୍ତାନ ଚାହିଁଲୁ । ଏହା କ'ଣ ସତ ନୁହଁ ?" ରାଧା ନୀରବ ରହିଲା । ସ୍ୱାମୀ ପୁଣି କହିଲେ, "ସେଥିପାଇଁ ମୁଁ ତୋତେ ଆଉ ଏକ ସନ୍ତାନର ଆଶୀର୍ବାଦ ଦେଲି ।"

ସ୍ୱାମୀ କହିଲେ, "କଣ ସବୁ ଲୋକ ଖରାପ ? ପୁରୁଷ ହୁଅନ୍ତୁ ବା ସ୍ତ୍ରୀ ହୁଅନ୍ତୁ ସମସ୍ତଙ୍କୁ ନିଜ ନିଜର ଧର୍ମ ମାନି ଚଳିବାକୁ ହେବ । ଦ୍ରୌପଦୀ ତାଙ୍କର ପଞ୍ଚପତିଙ୍କୁ ମାନି ପତିବ୍ରତା ହେଲେ । ତେଣୁ ତୁମକୁ ମଧ୍ୟ ତୁମର ଧର୍ମ ମାନି ଚଳିବାକୁ ହେବ । ଅର୍ଜୁନଙ୍କୁ

କ'ଣ ଠିକ୍ ଏହି ଉପଦେଶ ଦିଆ ଯାଇ ନଥିଲା ? (ଏଠାରେ ସ୍ୱାମୀ ଭଗବତ୍ ଗୀତାର ଏକ ଶ୍ଳୋକ ଆବୃତ୍ତି କଲେ) 'ଯେଉଁମାନେ ମୋତେ ଉପାସନା କରନ୍ତି ବା ମୋତେ ସ୍ମରଣ କରନ୍ତି, ସେମାନେ ମୋତେ ପାଇଥା'ନ୍ତି ।' କଳିଯୁଗରେ ହରି ନାମ ସ୍ମରଣ ହିଁ ଈଶ୍ୱରଙ୍କୁ ପାଇବାର ସର୍ବୋତ୍କୃଷ୍ଟ ଉପାୟ । କେବଳ ସେତିକି କର । ମୁଁ ଯେଉଁଥି ପାଇଁ ଆସିଛି ସେ କାମ ଆହୁରି ଆରମ୍ଭ କରି ନାହିଁ, କିନ୍ତୁ ମୁଁ ଯଦି ଏମିତି ଇଣ୍ଟରଭ୍ୟୁ ଦେଇ ଚାଲିଥିବି ତେବେ ମୋ କାମ କିମିତି ଆରମ୍ଭ କରିବି ? ଲଡୁ ତିଆରି ପାଇଁ ସବୁ ଜିନିଷ ଯୋଗାଡ଼ ହୋଇ ସାରିଲାରି । ଶୀଘ୍ର ମୁଁ ଲଡୁ ତିଆରି ଆରମ୍ଭ କରିବି ? ସେ କହିଲେ "ଆରେ ମୁଁ ତ ତୁମକୁ ସାମିଲ କରିସାରିଛି ।" ମୁଁ ପଚାରିଲି ସ୍ୱାମୀ ଏ ଲଡୁ ତିଆରି କ'ଣ ?" ଆପଣ କ'ଣ କରିବାକୁ ଯାଉଛନ୍ତି ?" ସେ କହିଲେ, "ଏବେ କିଛି କହିବି ନାହିଁ, ମୁଁ ଯେତେବେଳେ କରିବି ସେତେବେଳେ ତୁମେ ନିଜେ ଜାଣିବ ।"

ମୋ ଭଉଣୀ କହିଲା "ସ୍ୱାମୀ ଆମେ ଆହୁରି ଅଧିକ ଏଠାକୁ ଯେମିତି ଆସିବୁ, ଆମକୁ ଆଶୀର୍ବାଦ କରନ୍ତୁ ।" ସ୍ୱାମୀ କହିଲେ, "ହଁ, ତୁମର ସାଧନା ଥିଲେ ତୁମେ ଈଶ୍ୱରଙ୍କ କୃପା ପାଇଥାଅ । ମୁଁ ତୁମକୁ ଆହୁରି ଅଧିକବାର ଏଠାକୁ ଆଣିବି, ଆଉ ମୋର ଦର୍ଶନ ସ୍ପର୍ଶନ ଓ ସମ୍ଭାଷଣର ସୁଯୋଗ ଦେବି । ବଲବ୍ ଓ ଜେନେରେଟ୍‌ର ମଧ୍ୟରେ ବିଦ୍ୟୁତ୍ ଥିଲେ ହେଁ ସ୍ୱିଚ୍ ନ ଟିପିବା ଯାଏ ବଲବ୍ ଜଳିବ ନାହିଁ । ମୁଁ ସେମିତି ତୁମ ଭିତରେ ଆଧ୍ୟାତ୍ମିକ ଶକ୍ତି ଭରି ଦେଇ ତୁମକୁ ଘରକୁ ପଠାଇବି । ଈଶ୍ୱର ଭାବପ୍ରିୟ, ବାହ୍ୟ ପ୍ରିୟ ନୁହଁ । ଯିଏ ତାଙ୍କୁ ପ୍ରାର୍ଥନା କରେ ସେ ତାର ପ୍ରାର୍ଥନା ଶୁଣିବା ପାଇଁ କାନ ଡେରି ରହିଥାଆନ୍ତି । 'ସ୍ୱାମୀ ! ତୁମ ଦୟାର୍ଦ୍ର ଦୃଷ୍ଟି କି ମୋ ଉପରେ ପଡ଼ିବ ନାହିଁ' ବୋଲି ଯିଏ ପ୍ରାର୍ଥନା କରେ, ଈଶ୍ୱର ତାକୁ ତାଙ୍କର ସକରୁଣ ଦୃଷ୍ଟିରେ ରଖିଥା'ନ୍ତି । ହେ ପ୍ରଭୁ ! ତୁମ ପାଦ ଦୁଇଟି ଜାବୁଡ଼ି ଧରିଛି, ମୋତେ ଛାଡ଼ି ଚାଲି ଯାଅ ନାହିଁ" ବୋଲି ଯିଏ ପ୍ରାର୍ଥନା କରେ ଭଗବାନ ତାକୁ ତାଙ୍କର ଦୁଇ ପାଦ ବଢ଼େଇ ଦିଅନ୍ତି । "ହେ ପ୍ରଭୁ ! ତୁମର ଅଭୟ ହସ୍ତ ମୋତେ ସକଳ ଆପଦରୁ ଉଦ୍ଧାର କରୁ' ବୋଲି ଯିଏ ପ୍ରାର୍ଥନା କରେ ଭଗବାନ ତାଙ୍କୁ ତାଙ୍କର ଦୁଇ ହାତରେ ଟୋଳି ଧରିଥାଆନ୍ତି । ତୁମେ ଯେମିତି ଭାବିଥାଅ ସେ ସେମିତି ତୁମକୁ କୃପା କରନ୍ତି । ସେ ତୁମ ଭାବକୁ ଭଲ ପାଆନ୍ତି । ତୁମ ଭାବର ପ୍ରଗାଢ଼ତା ଅନୁସାରେ ତାଙ୍କର କୃପା ବହିଥାଏ ।"

ସ୍ୱାମୀ ଆମକୁ ନ ଭୁଲନ୍ତୁ, ଆମକୁ ଛାଡ଼ି ନ ଯା'ନ୍ତୁ", ଆମେ ବାରମ୍ବାର ତାଙ୍କୁ ଏହି ପ୍ରାର୍ଥନା କରିଥାଉ । ସେ କହିଲେ, "ମୁଁ କେବେ ତୁମକୁ ଭୁଲିବି ନାହିଁ । ମନରେ ଏହି ବିଶ୍ୱାସ ରଖ ଓ ନିଶ୍ଚିନ୍ତ ରୁହ ।" ସେ ବିଭୂତି ସୃଷ୍ଟି କରି ଆମ ସମସ୍ତଙ୍କୁ ଦେଲେ । କିଛି ବିଭୂତି ଆମ କପାଳରେ ଲଗାଇ ତାଙ୍କର ଅଭୟ ହସ୍ତ ଆମ ମଥାରେ ରଖିଲେ ।

ମୋ ଭଉଣୀ ସ୍ୱାମୀଙ୍କ ଛବି ଥିବା ଗୋଟିଏ ପଥର ମୁଦି ହାତରେ ଧରିଥାଏ । ସେ ସ୍ୱାମୀଙ୍କୁ ତାର ଝିଅ ଦ୍ୱାରକା ପାଇଁ ସେହି ମୁଦିଟିକୁ ଆଶୀର୍ବାଦ କରିବାକୁ ସ୍ୱାମୀଙ୍କୁ

ପ୍ରାର୍ଥନା କଲା । ସ୍ୱାମୀ ମୁଦିଟିକୁ ଆଶୀର୍ବାଦ କରି ତାହା ପୁଣି ମୋ ଭଉଣୀକୁ ଫେରେଇବା ସମୟରେ ଥରେ ମୁଦିଟିକୁ ଦେଖିଲେ ଓ କହିଲେ, "ମୁଦିଟି ଭଲ ନାହିଁ, ମୁଁ ଆଉ ଏକ ମୁଦି ଦେବି ।" ସ୍ୱାମୀ ବିଭୂତି ସୃଷ୍ଟି କରି ଦ୍ୱାରକାର ପାଟିରେ ଦେଲେ । ଆମ ସମସ୍ତଙ୍କୁ ବିଭୂତି ପୁଡ଼ା ଓ ବହି ଦେଇ ସେ ଆମକୁ ବିଦାୟ ଦେଲେ ।

✍

୧୯୫୪ ମସିହା ଅପ୍ରିଲ ୧୪ ତାରିଖ ଦିନ ଆମେ ନୂଆ ମନ୍ଦିର ପାଖରେ ଦର୍ଶନ ପାଇଁ ଅପେକ୍ଷା କରିଥିଲୁ । ସ୍ୱାମୀ ପ୍ରଥମ ମହଲାର ବାରଣ୍ଡାରୁ ଆମକୁ ଦର୍ଶନ ଦେଲେ । ସେ ଆମକୁ କହିଲେ, "ଖରାରେ କାହିଁକି ଛିଡ଼ା ହେଇଛ ? ଛାଇରେ ଯାଇ ବସ । ତୁମେ କ'ଣ ଆଜି ଫେରି ଯାଉଛ ? ଆମେ ନାହିଁ କଲୁ । "ଭଲ କଥା" କହି , ସେ ଭିତରକୁ ଚାଲିଗଲେ ।

ମୁଁ ଓ ମୋ ମା' ମନ୍ଦିର ଆଗରେ ଛାଇରେ ବସିଥାଉ । ଆମେ ବାଙ୍ଗାଲୋରର ଜଣେ ସାଧୁଙ୍କ ସମ୍ବନ୍ଧରେ କଥା ହେଉଥାଉ । ଆମେ କଥାବାର୍ତ୍ତାରେ ଏମିତି ବୁଡ଼ି ଯାଇଥାଉ ଯେ ସ୍ୱାମୀ ଯେ ବାଲ୍‌କୋନିରେ ଛିଡ଼ା ହୋଇ ଆମକୁ ଲକ୍ଷ୍ୟ କରୁଛନ୍ତି, ସେଥିପ୍ରତି ଆମର ଖିଆଲ ନଥାଏ । ଆମେ ଉପରକୁ ଚାହିଁ ଦେଖିଲୁ, ସ୍ୱାମୀ ଆମକୁ ଚାହିଁ ରହିଛନ୍ତି । ଖୁବ୍ ଅସ୍ୱସ୍ତି ଲାଗିଲା । ସ୍ୱାମୀ ପଚାରିଲେ, "ଝିଅ ଏଠି ଥଣ୍ଡା ଲାଗୁନି ?" ମୁଁ କହିଲି, "ହଁ ସ୍ୱାମୀ" । ସେ ମୋ ମା'କୁ କହିଲେ "ତୁମ ପିଲାମାନେ ଘରକୁ ଫେରିଯାଆନ୍ତୁ, ତୁମେ ଏଠି ରହିଯାଅ । ବର୍ତ୍ତମାନ ତୁମେ ଏଇଠି ହିଁ ରୁହ । ତୁମେ ଯେତେବେଳେ ଆସୁଛ ମୁଁ ରହୁନାହିଁ, ମୁଁ ଯେତେବେଳେ ରହୁଛି, ତୁମେ ସେତେବେଳେ ଆସି ପାରୁ ନାହିଁ । ଏଥର ଆଉ ସେମିତି ହେବ ନାହିଁ । ତୁମେ ଏଇଠେ ରହିଯାଅ । ମୁଁ ତୁମ ପିଲାମାନଙ୍କ ଭଲମନ୍ଦ ବୁଝିବି । ଝିଅମାନଙ୍କୁ ତ ହାତକୁ ଦୁଇହାତ କରିଦେଲ । ଆଉ ଚିନ୍ତା କ'ଣ ? ସେମାନଙ୍କ ସ୍ୱାମୀ ସେମାନଙ୍କ କଥା ବୁଝିବେ ।" ଏତିକି କହି ବାବା ମୋ ଆଡ଼କୁ ଚାହିଁ ହସି ଦେଲେ । ସକରୁଣ ଦୃଷ୍ଟିରେ ମୁଖରେ ଏକ ସୁନ୍ଦର ହସ ଫୁଟାଇ ସେ ମୋତେ ମୁଁ ଫେରି ଯାଉଛି କି ବୋଲି ପ୍ରଶ୍ନ କଲେ । ଆଜିଯାଏ ମୋ ମନରେ ସେ ଦିନର ସ୍ମୃତି ସଦ୍ୟ ରହିଛି ।

ସ୍ୱାମୀଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୯୫୪ରୁ ମୋ ମା' ମହୀଶୂର ଛାଡ଼ି ସବୁଦିନ ପାଇଁ ପୁଟ୍ଟପର୍ତ୍ତିରେ ରହିଲେ । ତାଙ୍କର ରହିବାପାଇଁ ସ୍ୱାମୀ ପୁରୁଣା ମନ୍ଦିରରେ ଯେଉଁ କକ୍ଷରେ ନିଜେ ରହୁଥାନ୍ତି, ସେହି କକ୍ଷଟି ଦେଇ ଦେଲେ ।

✍

ଫେବୃୟାରୀ ୧୯୬୪, ଶିବରାତ୍ରି ଦିନ, ସନ୍ଧ୍ୟା ୬ଟାରେ ଭଜନ ଆରମ୍ଭ ହେଲା । ରାତ୍ରି ୯ଟାରେ ଭକ୍ତମାନେ ଯେତେବେଳେ ଉଚ୍ଚସ୍ୱରରେ ଭଜନ ଗାନ କରୁଥାଆନ୍ତି, ସ୍ୱାମୀ

ତାଙ୍କ ମୁଖରୁ ଏକ ଲିଙ୍ଗ ଉଦ୍ଭବ କଲେ । ତାହା ଥିଲା ଏକ ବଡ଼, ଅଣ୍ଡାକୃତିର ଲିଙ୍ଗ । ଲିଙ୍ଗର ଉଦ୍‌ଗମନ ପାଇଁ ଭଗବାନଙ୍କୁ ପୁରା ତାଙ୍କ ପାଟି ମେଲାଇବାକୁ ପଡ଼ିଲା, ଫଳରେ ପାଟିର ଏକ କୋଣରୁ ରକ୍ତ ବାହାରିଥିଲା । ସ୍ୱାମୀ କନା ଖଣ୍ଡେ ନେଇ ମୁହଁ ପୋଛିଦେଲେ ଓ ସମସ୍ତଙ୍କୁ ଲିଙ୍ଗଟିକୁ ଦେଖାଇଲେ । ଉକ୍ତ ଲିଙ୍ଗ ଈଷତ୍ ବାଇଗଣି ରଙ୍ଗର ହୋଇଥାଏ । ସ୍ୱାମୀ ସେହି ଲିଙ୍ଗର ବର୍ଣ୍ଣନା କରି କହିଲେ, "ଏହା ମଧ୍ୟରେ ପଞ୍ଚଭୂତ ରହିଛି । ଏହା ମଧ୍ୟରେ ଗ୍ରହ, ନକ୍ଷତ୍ର ରହିଛନ୍ତି ଏବଂ ଉପଗ୍ରହମାନ ଗ୍ରହାଦିର ଚତୁର୍ଦ୍ଦିଗରେ ଘୂର୍ଣ୍ଣନ କରୁଛନ୍ତି । ଚତୁର୍ଦ୍ଦଶ ଭୁବନ ଯେ ମୋ ଗର୍ଭରେ ବିଦ୍ୟମାନ ତାହାର ଏହା ନିଦର୍ଶନ ।" ସ୍ୱାମୀଙ୍କ ମୁଖରୁ ଏହା ଶୁଣି ଭକ୍ତମାନେ ଉଲ୍ଲସିତ ହେଲେ । ସ୍ୱାମୀ ପୁଣି କହିଲେ, "କେବଳ ପଞ୍ଚଭୂତ ନୁହଁ, ତୃତୀୟ ନେତ୍ର ମଧ୍ୟ ଏହା ମଧ୍ୟେ ସନ୍ନିବିଷ୍ଟ । ଏହି ଅପୂର୍ବ ଲୀଳା ଦର୍ଶନ କରି ଥିବାରୁ ତୁମେମାନେ ଅତ୍ୟନ୍ତ ଭାଗ୍ୟବାନ । ତୁମମାନଙ୍କର ଜନ୍ମ ସାର୍ଥକ ହେଲା ବୋଲି ଜାଣ । ଏହି ଜନ୍ମର ନୁହଁ ପୂର୍ବ ଜନ୍ମର ସୁକୃତ ଯୋଗୁଁ ତୁମେ ଏହା ଦର୍ଶନ କରିପାରିଲ । ଗତ ଜନ୍ମରେ ତୁମେମାନେ ଯୋଗଭ୍ରଷ୍ଟ ହୋଇଯାଇଥିଲ । କୋଟି କୋଟି ଲୋକଙ୍କ ମଧ୍ୟରେ ତୁମେ ଏ ସୁଯୋଗ ପାଇଲ, ତେଣୁ ତୁମେମାନେ ଅତ୍ୟନ୍ତ ଭାଗ୍ୟବାନ । ଏହା ବ୍ରହ୍ମାଣ୍ଡ ଲିଙ୍ଗ, ଅତ୍ୟନ୍ତ ଦୁର୍ଲଭ ଲିଙ୍ଗ । ଏହାର ଦର୍ଶନ ପରେ ତୁମର ଆଉ ପୁନର୍ଜନ୍ମ ନାହିଁ ।" ଭଗବାନଙ୍କ ଏକଥା ଶୁଣି ଭକ୍ତମାନଙ୍କ ମନ ଆନନ୍ଦରେ ନାଚି ଉଠିଲା । ସେ ସମୟରେ ଭଗବାନ ଯେତେବେଳେ ଏମିତି କିଛି ଚମତ୍କାର ଲୀଳା ପ୍ରଦର୍ଶନ କରୁଥିଲେ ବା କିଛି ଦିବ୍ୟ ଘୋଷଣା କରୁଥିଲେ, ଭକ୍ତମାନେ ତାଙ୍କ ପ୍ରତି ଭକ୍ତି ଦୃଷ୍ଟିରୁ କରତାଳି ଦେଉ ନଥିଲେ । ବେଳେ ବେଳେ ସ୍ୱାମୀ କହୁଥାନ୍ତି, 'ହାତରେ ତାଳି ମାର ନାହିଁ, ଛାତିକୁ ବାଡ଼େଇ ହୁଅ (ଅର୍ଥାତ୍ ହୃଦୟକୁ ପବିତ୍ର କର) ।' ସାରା ରାତ୍ରି ଭଜନ ଚାଲିଲା ଓ ପରଦିନ ସକାଳେ ସ୍ୱାମୀଙ୍କୁ ମହାମଙ୍ଗଳ ଆରତୀ ଦିଆଗଲା । ଭଜନରେ ଅନେକ ଲୋକ ବସିଥିବାରୁ ଆମ ପାଇଁ ଆଉ ଜାଗା ନଥାଏ । ତେଣୁ ଆମେ ଖଣ୍ଡେ ଦୂରରେ ଠିଆ ହୋଇଥାଉ । ସ୍ୱାମୀ ପୁଣିଥରେ ଲିଙ୍ଗଟି ସମସ୍ତଙ୍କୁ ଦେଖାଇଲେ । ସେ ଆମର ଅତି ନିକଟକୁ ଆସି ଆମକୁ ତାହା ଦେଖାଇ କହିଲେ, "ତୁମେମାନେ ହୁଏତ ଦେବତା, ଶାପଗ୍ରସ୍ତ ହୋଇ ବର୍ତ୍ତମାନ ମଣିଷ ହୋଇଛ । ନଚେତ୍ ତୁମେ କଦାପି ଏ ଦର୍ଶନ ପାଇନଥା'ନ୍ତ ।"

ଥରେ ପୁରୁଣା ମନ୍ଦିରରେ ସ୍ୱାମୀ ଭକ୍ତମାନଙ୍କୁ କହିଲେ, ଯେ ଶିବରାତ୍ରି ଦିନ ସେ ପ୍ରତ୍ୟେକ ପରିବାରକୁ ଯାଇ ଭିକ୍ଷା ନେବେ । ମନ୍ଦିରରେ ସେତେବେଳେ ୩୦ ରୁ ୪୦ ପରିବାର ରହୁଥାଆନ୍ତି, ଶିବରାତ୍ରିରେ ଉପବାସ କରିଥିବାରୁ ସମସ୍ତେ କିଛି ନା କିଛି ଲଘୁ ପାକ କରିଥାଆନ୍ତି । ମୋ ମା' କିନ୍ତୁ ମୋ ଭଉଣୀ ରାଧା ପାଇଁ ଭାତ ଓ ସମ୍ବର କରିଥାଏ । ସ୍ୱାମୀ ପ୍ରତ୍ୟେକ ପରିବାରକୁ ଯାଉ ଥାଆନ୍ତି ଓ ହାତ ପାତି ଯାହା ଘରେ ଯେଉଁ ଖାଦ୍ୟ ଦିଆଗଲା, ସେଥିରୁ ମୁଠାଏ ଖାଉଥା'ନ୍ତି । ହାତ ପୁପାଲିରେ ଜଳ ନେଇ

ପିଉଥା'ନ୍ତି ଓ ହାତ ଧୋଇ ଅନ୍ୟ ଏକ ଘରକୁ ଯାଉଥା'ନ୍ତି । ଏଭଳି ଭାବେ ସେ ପ୍ରତ୍ୟେକଟି ପରିବାରକୁ ଯାଇଥିଲେ । ସେ ମୋ ମା' ପାଖକୁ ଆସି ଭାତ ଓ ସମ୍ବର ଗୋଳାଇ ତାଙ୍କୁ ତିନି ଚାମୁଚ ଦେବାକୁ କହିଲେ ଓ ତାହା ଖାଇ ପାଣି ପି' ହ ।ତ ଧୋଇ ଦେଲେ । ସେ ଦିନ ଜଣେ ଭକ୍ତ ତାଙ୍କୁ ସେ ଏତେ ଗୁଡ଼ାଏ ପରିବାର ତାଂକୁ ଯାହା ଦେଲେ ତାହା କିପରି ଖାଇପାରିଲେ ବୋଲି ପଚାରିଲେ । ସ୍ୱାମୀ ଉତ୍ତର ଦେଲେ "ତୁମେମାନେ ସମସ୍ତେ କ'ଣ କେବେ ମୋ ପେଟ ଭରି ପାରିବ ?" ଶିବରାତ୍ରି ଦିନ ସ୍ୱୟଂ ଶିବ ଭିକ୍ଷା ପାଇଁ ସମସ୍ତଙ୍କ ଘରକୁ ଆସିଥା'ନ୍ତି । ସ୍ୱାମୀଙ୍କୁ ଭିକ୍ଷା ଦେବା ଯଦିଓ ଭକ୍ତମାନେ ଚାହୁଁ ନଥିଲେ ତଥାପି ସ୍ୱାମୀଙ୍କ ନିର୍ଦ୍ଦେଶ ମାନି ସେ ଦିନ ସେମାନେ ତାହା କରିଥିଲେ । ଏହା ଦ୍ୱାରା ସେଦିନ ସ୍ୱାମୀ ଓ ତାଙ୍କ ଭକ୍ତମାନେ ଅମିତ ଆନନ୍ଦ ଲାଭ କରିଥିଲେ ।

✍

ପୁଟ୍ଟପର୍ତ୍ତିରେ ଶ୍ରୀମତୀ ନରସମ୍ମା ନାମ୍ନୀ ଜଣେ ମହିଳା ମୋ ମା'ଙ୍କ ବାନ୍ଧବୀ ଥା'ନ୍ତି । ତାଙ୍କର ମଧ୍ୟ ମୋ ମା'ଙ୍କ ଭଳି ବାଲ୍ୟାବସ୍ଥାରେ ବିବାହ ହୋଇଥିଲା ଏବଂ ସେ ଅଳ୍ପ ବୟସରେ ତାଙ୍କ ସ୍ୱାମୀଙ୍କୁ ହରାଇଥିଲେ । ସେହି ଅଳ୍ପ ବୟସରେ ସେ ବୁଝିପାରୁ ନଥିଲେ, ଯେ ଯଦିଚ ତାଙ୍କରି ବୟସର ଅନ୍ୟ ଝିଅମାନେ କପାଳରେ କୁଙ୍କୁମ ଦେଉଛନ୍ତି, ଓ ହାତରେ ଚୁଡ଼ି ପିନ୍ଧୁଛନ୍ତି ଓ ମଥାରେ ଫୁଲ ଦେଉଛନ୍ତି, ତାଙ୍କ ମା' ତାଙ୍କୁ କାହିଁକି ସେଥିରୁ ବାରଣ କରୁଛନ୍ତି । ସେ ଏକ ଧନୀ ପରିବାରର ଥିଲେ । ତାଙ୍କ ମା ତାଙ୍କୁ ରାମଙ୍କର ଏକ ଛବି ଦେଇଥାଆନ୍ତି ଏବଂ ତାକୁ ନିୟମିତ ଭାବେ ପ୍ରତିଦିନ ପୂଜା କରିବାକୁ କହିଥା'ନ୍ତି । ଏମିତି ପ୍ରତିଦିନ ପୂଜା କରିବା ଫଳରେ ତାଙ୍କର ପୂଜା ପ୍ରତି ଏକ ଶ୍ରଦ୍ଧା ଜାତ ହେଲା । ଇତି ମଧ୍ୟରେ ତାଙ୍କରପିତା, ମାତା ଖବର ପାଇଲେ ଯେ ସ୍ୱାମୀ ମାନ୍ଦ୍ରାଜ ଆସୁଛନ୍ତି । ସେମାନେ ତାଙ୍କୁ ସାଙ୍ଗରେ ନେଇ ସ୍ୱାମୀଙ୍କର ଦର୍ଶନ କଲେ । କିଛି ଦିନ ପରେ ସେମାନେ ତାଙ୍କୁ ପୁଟ୍ଟପର୍ତ୍ତି ମଧ୍ୟ ନେଇଗଲେ । ସ୍ୱାମୀ ତାଙ୍କୁ ପୁଟ୍ଟପର୍ତ୍ତିରେ ରହିଯିବାକୁ କହିଲେ । ସେ ତାଙ୍କର ସାରା ଜୀବନ ପୁଟ୍ଟପର୍ତ୍ତିରେ ବିତାଇ ଦେଲେ । ସ୍ୱାମୀ ବିଭିନ୍ନ ପ୍ରତିମା, ଶିବ ଲିଙ୍ଗ, ଓ ଅନ୍ୟାନ୍ୟ ବସ୍ତୁ ସୃଷ୍ଟି କରି ସେଗୁଡ଼ିକ ପୂଜା କରିବାପାଇଁ ଭକ୍ତମାନଙ୍କୁ ଦେଉଥିବା ଦେଖି ତାଙ୍କ ମନରେ ମଧ୍ୟ ଏକ ଇଚ୍ଛା ହେଲା ଯେ ସ୍ୱାମୀ ତାଙ୍କୁ ଏମିତି କିଛି ଦିଅନ୍ତେ, ଯାହାକୁ ନେଇ ସେ ପୂଜା କରନ୍ତେ । ତାଙ୍କର ମନ କଥା ଜାଣି ସ୍ୱାମୀ ଏକ ଲିଙ୍ଗ ସୃଷ୍ଟି କରି ତାଙ୍କୁ ଦେଲେ ଓ କହିଲେ ଯେ ତାହା ଆତ୍ମଲିଙ୍ଗ ଏବଂ ତାକୁ ସେ ନିଷ୍ଠାର ସହ ପ୍ରତିଦିନ ପୂଜା କରିବାକୁ ହେବ ।

ସେ କିନ୍ତୁ ପୃଥୁଳକାୟ ଥିବାରୁ ତାଙ୍କ ପକ୍ଷରେ ପୂଜା କରିବା ତ ଦୂର କଥା, ଏମିତି ଦୈନନ୍ଦିନ କର୍ମ କରିବା ମଧ୍ୟ କଷ୍ଟ ହେଉଥାଏ । ସେ ପୂଜା କରିବେ ବୋଲି

ଜଣକୁ କ୍ଷୀର, ଅନ୍ୟ ଜଣକୁ ଫୁଲ, ଜଣକୁ ଫଳ ଓ ଆଉ ଜଣକୁ ସମସ୍ତ ଯୋଗାଡ଼ଯନ୍ତ୍ର କରିବା ପାଇଁ କହିଥା'ନ୍ତି । ଏଭଳି ଭାବେ ଅନେକଙ୍କ ସାହାଯ୍ୟ ନେଇ ସେ ପୂଜା କର୍ମ କରୁଥା'ନ୍ତି । ସ୍ୱାମୀଙ୍କର ଆଉ ଏକ ସର୍ତ୍ତ ମଧ୍ୟ ଥାଏ ଯେ ପ୍ରତିଦିନ ସ୍ୱାମୀଙ୍କ ହାତରୁ ତୀର୍ଥ ନେବା ପରେ ଯାଇ ମଧ୍ୟାହ୍ନ ଭୋଜନ କରିବେ । ନରସମ୍ମା ମନେ ମନେ ଭାବିଥା'ନ୍ତି ଯେ ପ୍ରତିଦିନ ସ୍ୱାମୀଙ୍କ ହାତରୁ ତୀର୍ଥ ଜଳ ନେବା ବିଶେଷ ଅସୁବିଧା ହେବ ନାହିଁ । ସକାଳେ ଜଳଖିଆ ଖାଉ ନ'ଥିବାରୁ ତାଙ୍କର ଶିଘ୍ର ମଧ୍ୟାହ୍ନ ଭୋଜନ କରିବାର ଅଭ୍ୟାସ ଥାଏ । ସେ ସମୟରେ ସ୍ୱାମୀ ବୁଲି ବୁଲି ଭକ୍ତମାନଙ୍କୁ ଭେଟୁଥାଆନ୍ତି । ନରସମ୍ମା ଗୋଟିଏ ଛୋଟ ଦାଟିରେ ଅଭିଷେକ ଜଳ ନେଇ ସ୍ୱାମୀଙ୍କ ପଛେ ପଛେ ଘୁରି ବୁଲୁଥା'ନ୍ତି । ଏଣେ ସ୍ୱାମୀ କିନ୍ତୁ ତାଙ୍କ ପ୍ରତି ନଜର ନ ଦେଇ, ଗୋଟଏ ଦଳ ଲୋକଙ୍କ ସହ କଥାବାର୍ତ୍ତା ହେବା ପରେ ଆଉ ଏକ ଦଳ ପାଖକୁ ଚାଲି ଯାଉଥାଆନ୍ତି । ନରସମ୍ମା ଯଦି ଗୋଟିଏ ଜାଗାରେ ଛିଡ଼ା ହୋଇଥାଆନ୍ତି, ସ୍ୱାମୀ ଆଉ କାହାକୁ ଭେଟିବା ପାଇଁ ଅନ୍ୟ ଏକ ଜାଗାକୁ ଚାଲିଯାଉଥା'ନ୍ତି । ଏଭଳି ଭାବେ ସ୍ୱାମୀଙ୍କୁ ତୀର୍ଥ ଜଳ ଦେବା ବେଳକୁ ଦିନ ଗୋଟେ ବା ଦୁଇଟା ହୋଇ ଯାଉଥାଏ । ସେତେବେଳକୁ ଭୋକରେ ନରସମ୍ମା ପ୍ରାଣ ପଛପଟ ହେଉଥାଏ । ଏମିତି କିଛି ଦିନ ପରେ ନରସମ୍ମାଙ୍କ ଜ୍ଞାନୋଦୟ ହେଲା ଏବଂ ସେ ବୁଝି ପାରିଲେ ଯେ ସ୍ୱାମୀଙ୍କୁ ଲିଙ୍ଗଟି ମାଗି ସେ ଭୁଲ କରିଛନ୍ତି । ଦିନେ ସେ ପୂଜା କରିବାକୁ ବାହାରିଥା'ନ୍ତି, ଦେଖିଲେ ଲିଙ୍ଗଟି ଆଉ ଦିଶୁ ନାହିଁ । ସେ ଖୁବ୍ ବ୍ୟସ୍ତ ହୋଇ ଉଠିଲେ ଏବଂ ତୁରନ୍ତ ମନ୍ଦିରର ଉପରମହଲାକୁ ଧାଇଁ ଗଲେ । ସ୍ୱାମୀଙ୍କ ଆଗରେ ସାଷ୍ଟାଙ୍ଗ ପଡ଼ି ସେ କାନ୍ଦି କାନ୍ଦି କହିଲେ "ସ୍ୱାମୀ, ମୁଁ ପ୍ରତିଦିନ ନିର୍ଭୁଲ ଭାବେ ଭକ୍ତି ସହକାରେ ପୂଜା କରିଥିଲି, କିନ୍ତୁ ଆଜି ଦେଖିଲି, ଲିଙ୍ଗଟି ଦିଶୁ ନାହିଁ । କିପରି ଯେ ଏହା ହେଲା, ମୁଁ ଜାଣି ପାରୁନାହିଁ ।" ସ୍ୱାମୀ କହିଲେ "ଗଲେ ଯାଉ, ଲିଙ୍ଗଟି ମୋ ପାଖକୁ ଚାଲିଆସିଛି । ଭବିଷ୍ୟତରେ ଆଉ ଏପରି ଚାହିଁବୁ ନାହିଁ । ଭଲ ଶିକ୍ଷା ପାଇଲୁ ତ ? ଏଥର ପାଦନମସ୍କାର କରି ଯା ।" ଏହା କହି ସ୍ୱାମୀ ତାଙ୍କୁ ଆଶୀର୍ବାଦ କଲେ ।

ନବମ ଅଧ୍ୟାୟ

ସାଇତ୍ରି

ସଂସାରରେ ସାଧୁ, ସତ୍ ପୁରୁଷ, ଆସ୍ତିକ ସାଧକ ତଥା ଗୁରୁ ଓ ଜ୍ଞାନୀମାନେ ମୋତେ ଆତୁର ଭାବେ ଚାହିଁଲେ, ତେଣୁ ମୁଁ ଆସିଲି ।

– ଶ୍ରୀ ସତ୍ୟସାଇ ବାବା

ସାଇ ଅବତାରତ୍ରୟୀଙ୍କର ଧରାପୃଷ୍ଠକୁ ଆଗମନ ସମ୍ବନ୍ଧୀୟ ଭବିଷ୍ୟ ବାଣୀ ପାଞ୍ଚ ହଜାର ବର୍ଷ ପୂର୍ବେ ହୋଇଥିଲା । ଏହି ତିନି ଅବତାରଙ୍କ ସମ୍ବନ୍ଧରେ ବିବିଧ ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ଅଛି । ୧୯୪୦ ମସିହାର କୌଣସି ଏକ ଦିନରେ ପୁରୁଣା ମନ୍ଦିରରେ ସ୍ୱାମୀ ଭକ୍ତମାନଙ୍କ ସମ୍ମୁଖରେ ଏପରି ଘୋଷଣା କରିଥିଲେ ।

"ରାମ ଓ କୃଷ୍ଣଙ୍କ ପରେ ତିନୋଟି ଅବତାର ଧରାଧାମରେ ଅବତୀର୍ଣ୍ଣ ହେବେ । ଏହା ପୁଣ୍ୟ ଭୂମି ଭାରତ ବର୍ଷରେ ହିଁ ହେବ । ପ୍ରଥମେ ଶିରିଡ଼ିରେ ଶିରିଡ଼ି ସାଇ ରୂପେ, ପରେ ପୁଟ୍ଟପର୍ତ୍ତିରେ ସତ୍ୟସାଇ ରୂପେ ଏବଂ ଶେଷର କର୍ଣ୍ଣାଟକର ଏକ ଗ୍ରାମରେ ପ୍ରେମ ସାଇ ରୂପେ ଏହି ଅବତାର ତ୍ରୟଙ୍କର ଆବିର୍ଭାବ ଘଟିବ । ଶ୍ରୀ ଶିରିଡ଼ି ସାଇ ଅବତାର ଘଟିଯାଇଛି । ସତ୍ୟ ସାଇ ଅବତାର ଏହି ଶରୀରରେ ୯୬ ବର୍ଷ ଯାଏ ରହିବେ ଏବଂ ଏକ ବର୍ଷ ଅନ୍ତରରେ ପ୍ରେମ ସାଇ ଅବତାର ହୋଇ ନର ଦେହରେ ଆସିବେ ଓ ୭୫ ବର୍ଷ ଯାଏ ରହିବେ । ଏହି ତିନି ଅବତାର ମଧ୍ୟରେ ମୋର ସଙ୍କଳ୍ପ ସାକାର ହେବ, ଧରା ବକ୍ଷରେ ଶାନ୍ତି ଓ ଆନନ୍ଦର ପ୍ଲାବନ ହେବ ।"

"ବିଜ୍ଞାନର ଏକ ସୀମା ଅଛି । ବୈଜ୍ଞାନିକମାନେ ସବୁକିଛିର ବ୍ୟାଖ୍ୟା କରିବା ଅବସ୍ଥାରେ ନାହାନ୍ତି । ଭୌତକି ବିଜ୍ଞାନ କେବଳ ପଞ୍ଚଭୂତରେ ଗଢ଼ା ଜଗତକୁ ଦେଖିପାରେ । ତାହା ମଧ୍ୟ ଇନ୍ଦ୍ରିୟଗ୍ରାହ୍ୟବସ୍ତୁ ମଧ୍ୟରେ ସୀମିତ । ଇନ୍ଦ୍ରିୟାତୀତ ବିଷୟକୁ ବିଜ୍ଞାନ ବୁଝିପାରେ ନାହିଁ । କେବଳ ଆଧ୍ୟାତ୍ମିକ ଦୃଷ୍ଟି ଦ୍ୱାରା ଏହା ସମ୍ଭବ । ମୁଁ ସେ ସମସ୍ତ କିଛି ଦେଖିପାରେ ଯାହା ବିଜ୍ଞାନର ଅତ୍ୟାଧୁନିକ ଉପକରଣ ମଧ୍ୟ ଦେଖିପାରେ ନାହିଁ । ମୁଁ ସେ ସମସ୍ତ ରୋଗର ନିଦାନ କରି ମଣିଷକୁ ରୋଗମୁକ୍ତ କରିପାରେ ଯାହା ଚିକିତ୍ସା ବିଜ୍ଞାନ ପକ୍ଷରେ ଅସମ୍ଭବ । ମୁଁ କୌଣସି ବହି ପଢ଼େ ନାହିଁ, କିନ୍ତୁ ସୃଷ୍ଟିର ସମସ୍ତ ଇତିହାସ ମୁଁ ଜାଣେ । ମୁଁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଦେଖିପାରେ, ମୁଁ ସ୍ଥାନ ଓ କାଳର ଅତୀତ । ଏକ ସମୟରେ ମୁଁ ଦୁଇଟି ସ୍ଥାନରେ ରହୁଥିବା ଦେଖି ତୁମେ ଆଚମ୍ବିତ ହେଉଛ । ଭବିଷ୍ୟତରେ ଖାଲି ଦୁଇଟି ସ୍ଥାନରେ କାହିଁକି, ମୁଁ ସହସ୍ର ରୂପ ଧାରଣ କରି

ବିଭିନ୍ନ ସ୍ଥାନରେ ଏକ ସମୟରେ ଆବିର୍ଭୂତ ହେବି । ମୁଁ ବିଭିନ୍ନ ବସ୍ତୁ ସୃଷ୍ଟି କରିଥାଏ; ମୋର ଅଫୁରନ୍ତ ପ୍ରେମର ପରିପ୍ରକାଶ ପାଇଁ, ଗ୍ରହୀତାଙ୍କୁ ଆନନ୍ଦ ଦେବା ପାଇଁ । ତୁମ ପାଇଁ ମୁଁ ଯଦିବା କିଛି ସୃଷ୍ଟି କରି ନଥାଏ, ତଥାପି ତୁମ ମଧ୍ୟର ମୋ ପ୍ରତି ଯଦି ପ୍ରଗାଢ଼ ଭକ୍ତି ଓ ବିଶ୍ୱାସ ଥାଏ, ତେବେ ମୁଁ ସବୁ ସମୟରେ ଓ ସବୁ ସ୍ଥାନରେ ତୁମକୁ ସବୁପ୍ରକାର ବିପଦ ଆପଦରୁ ରକ୍ଷା କରିବାକୁ ଆଗେଇ ଆସିଥାଏ । ତୁମେ ଯେକୌଣସି ରୂପକୁ ନାମ ଦେଇ ଭଗବାନଙ୍କୁ ପ୍ରାର୍ଥନା କଲେ ମଧ୍ୟ ମୁଁ ତୁମର ପ୍ରାର୍ଥନା ଶୁଣିଥାଏ କାରଣ ସବୁ ନାମ ଓ ରୂପ ତ ମୋର ।"

"ମୁଁ ସାମାନ୍ୟ ଲୌକିକ କର୍ମ କରିବାକୁ ଅବତାର ଗ୍ରହଣ କରିନାହିଁ । ମହୋନ୍ନତ କାର୍ଯ୍ୟ ସମ୍ପାଦନ କରି ସଂସାରକୁ ଉଦ୍ଧାର କରିବା ପାଇଁ ମୁଁ ଆସିଅଛି । ସମଗ୍ର ବିଶ୍ୱକୁ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ସନ୍ମାର୍ଗରେ ପରିଚାଳିତ କରି ମାନବ ଜାତିକୁ ଉଦ୍ଧାର ଏବଂ ମୋକ୍ଷ ପିପାସୁ ସାଧକମାନଙ୍କୁ ସେମାନଙ୍କର ବାଞ୍ଛିତ ଫଳ ପ୍ରଦାନ କରିବାର ବିଶାଳ ଦାୟିତ୍ୱ ମୁଁ ମୋ ହାତକୁ ନେଇଛି । ମୁଁ ମୋର କାର୍ଯ୍ୟ ସମ୍ପାଦନ କରିବା ସମୟରେ କାହାକୁ ଭୟ କରେ ନାହିଁ । ମୁଁ କେବେ କାହା ନିକଟରେ ନତମସ୍ତକ ହୁଏ ନାହିଁ, କାରଣ ମୁଁ ହିଁ ସତ୍ୟ ।

✍

ସ୍ୱାମୀ ଥରେ କହିଲେ, "ଏମିତି ଅନେକ କଳ୍ପ, ମନ୍ୱନ୍ତର ଓ ଚର୍ତୁଯୁଗ ଆସିଛି ଓ ଆସିବ । ଏଥି ପୂର୍ବରୁ ଅନେକ ଚତୁର୍ଯୁଗ ଆସିଛି ଏବଂ ଦଶାବତାର ମଧ୍ୟ ଅବତୀର୍ଣ୍ଣ ହୋଇଛନ୍ତି । ବର୍ତ୍ତମାନର ଚତୁର୍ଯୁଗର ଦଶମ ଅବତାର ହେଉଛନ୍ତି କଳ୍କୀ ଓ ସେ ତିନୋଟି ପର୍ଯ୍ୟାୟରେ ଶିରିଡ଼ି ସାଇ, ସତ୍ୟ ସାଇ ଓ ପ୍ରେମ ସାଇ ସାଇ ରୂପେ ଆତ୍ମ ପ୍ରକାଶ କରୁଛନ୍ତି । ଏଥି ପୂର୍ବରୁ ଏହା ହୋଇ ନାହିଁ, କେବଳ କଳି ଯୁଗରେ ଏହା ଘଟିବ । ପୂର୍ବର କଳିଯୁଗ ମାନଙ୍କରେ ସାଇ ଅବତାର ଆସି ନଥିଲେ ଏବଂ ଭବିଷ୍ୟତରେ ମଧ୍ୟ ସେ ଆସିବେ ନାହିଁ । ଶିରିଡ଼ି ଅବତାରରେ ମୁଁ ଖାଦ୍ୟ ପ୍ରସ୍ତୁତ କରୁଥିଲି । ଲୋକେ କହନ୍ତି ଶ୍ରୀ ଶିରିଡ଼ି ବାବା ରାଗି ଯାଉଥିଲେ । ରୋଷେଇ କରିବା ସମୟରେ ପିଲାମାନେ ବିରକ୍ତ କଲେ, ମା କ'ଣ ରାଗିବନି ?"

ଦଶମ ଅଧ୍ୟାୟ

ପୁରୁଣା ମନ୍ଦିର ସ୍ମୃତି

ଚମତ୍କାରିତା ମୋର ଆଗମନ ପତ୍ର (Visiting card) । ନାସ୍ତିକର ମନରେ ବିଶ୍ୱାସର ବୀଜ ବପନ କରି ତା' ମଧ୍ୟରେ ସେହି ମହତ୍ତର ଶକ୍ତି ପ୍ରତି ଭକ୍ତି ଓ ନମ୍ରତା ବୃଦ୍ଧି କରିବା ନିମନ୍ତେ ଏହା ଉଦ୍ଦିଷ୍ଟ ।

– ଶ୍ରୀ ସତ୍ୟସାଇ ବାବା

ଆଗର ଦିନମାନଙ୍କରେ, ଭକ୍ତମାନେ ସହଜରେ ସ୍ୱାମୀଙ୍କୁ ପାଇପାରୁଥିଲେ । ପୁରୁଣା ମନ୍ଦିରରୁ ନୂଆ ମନ୍ଦିର (ପ୍ରଶାନ୍ତି ନିଳୟମ)କୁ ଯିବା ପରେ କିନ୍ତୁ ଆଉ ସ୍ୱାମୀ ସହଜରେ ମିଳୁ ନ'ଥାନ୍ତି । ୧୯୭୦ ପରେ ଇଣ୍ଟରଭ୍ୟୁ ଦେବା କ୍ରମଶଃ କମିଗଲା । ଏହାର ଯଥେଷ୍ଟ ଆଗରୁ ସ୍ୱାମୀଙ୍କ ସାନ୍ନିଧ୍ୟ ଲାଭ କରିବା ଆମର ମହାଭାଗ୍ୟ ଥିଲା । ୧୯୪୭ ରୁ ୧୯୫୦ ପର୍ଯ୍ୟନ୍ତ ଆମେ ବିତେଇଥିବା ସେହିଦିନ ଗୁଡ଼ିକର ଅଭୁଲା ସ୍ମୃତିରୁ କିଛି ପୂର୍ବ ଅଧ୍ୟାୟମାନଙ୍କରେ ବର୍ଣ୍ଣନା କରିବା ପରେ ଏହି ଅଧ୍ୟାୟରେ ଆଉ କିଛି କିଛି ପୁନରୁଜ୍ଜିବୀତ ସ୍ମୃତି ଉପସ୍ଥାପନ କରାଯାଉଛି ।

✍

୧୯୪୮ ମେ'ରେ ଆମେ ପୁଟ୍ଟପର୍ତ୍ତି ଯାଇ ଥାଉ । ମାସେ କାଳେ ସେଠାରେ ରହିବା ପରେ ଆମର ପୁଟ୍ଟପର୍ତ୍ତି ଛାଡ଼ିବା ଦିନ ଆସି ପହଁଞ୍ଚିଲା । ସ୍ୱାମୀଙ୍କଠୁ ଦୂରରେ ଦିନ ପରେ ଦିନ ବିତାଇବାକୁ ହେବ, ଏହି ଚିନ୍ତା ମନରେ ବିଷାଦ ଆଣି ଦେଉଥାଏ । ସେଦିନ ଭଜନ ପରେ ସ୍ୱାମୀ ଆମକୁ ଇଣ୍ଟଭ୍ୟୁକୁ ଡାକିଲେ ।

ମୋ ମା ସ୍ୱାମୀଙ୍କ ନିକଟକୁ ଆସି କହିଲା, "ସ୍ୱାମୀ ମୋ ଜୀବନ ସରି ଆସୁଛି । ମୋତେ ସାଧନାରେ ଆଗେଇବାକୁ ଆଶୀର୍ବାଦ କର ।" ସ୍ୱାମୀ ଉତ୍ତର ଦେଲେ, "ଝିଅ, ଧୈର୍ଯ୍ୟ କର । ମୁଁ ମୋ ବଚନ ସବୁବେଳେ ରଖିଥାଏ । ତୁମ ଉପରେ ମୋ କୃପା ଢ଼ାଳି ଦେବାର ଉଚିତ ସମୟ ଆହୁରି ଆସି ନାହିଁ । ମୁଁ ତୁମକୁ କଥା ଦେଉଛି, ତୁମ ପ୍ରାର୍ଥନା ନିଶ୍ଚୟ ଚରିତାର୍ଥ କରିବି ।" ସେ ଅନୁରୂପ ଅଭୟ ହସ୍ତ ସ୍ଥାପନ କରି ଆମମାନଙ୍କୁ ଆଶୀର୍ବାଦ କଲେ । ତାପରେ ଡାହାଣ ହାତକୁ ଘୁରାଇ ସେ ଏକ ଲକେଟ ସୃଷ୍ଟି କଲେ । ଲକେଟଟି ରୂପାର ଭଳି ମନେ ହେଉଥାଏ, ଆକାରରେ ଗୋଲ ଦିଶୁଥିବା, ଏହି ଲକେଟର ଦୁଇ ପାଖରେ ଓ ଧାରରେ ସୁନ୍ଦର କାରୁକାର୍ଯ୍ୟ ହୋଇଥାଏ ତା ଉପର ଶ୍ରୀ ଶିରିଡ଼ି ସାଇବାବା ଓ ସତ୍ୟସାଇ ବାବାଙ୍କ ଛବି ମଧ୍ୟ ଥାଏ । ଗୋଟିଏ ପାଖରେ 'ଶ୍ରୀ ଶିରିଡ଼ି ସାଇ ବାବା' ଓ ଅନ୍ୟ ପାଖରେ 'ଭଗବାନ ଶ୍ରୀ ସତ୍ୟସାଇ, ପୁଟ୍ଟପର୍ତ୍ତି, ସୁନ୍ଦର

ଅକ୍ଷରରେ ଖୋଦିତ ହୋଇଥାଏ । ଲକେଟ୍‌ରେ ଶ୍ରୀ ଶିରିଡ଼ି ସାଇ ବାବା ତାଙ୍କର ବାମ ଗୋଡ଼କୁ ଭାଙ୍ଗି ମସିଣା ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ ବସିଥା'ନ୍ତି ଓ ପଛରେ ଏକ ତକିଆକୁ ଭରା ଦେଇ ତାଙ୍କ ବାମ ହାତଟି ରଖିଥାନ୍ତି। ସଳଖରେ ଥିବା ଡାହାଣ ଗୋଡ଼ର ଜାନୁ ଉପରେ ସେ ତାଙ୍କର ଡାହାଣ ହାତଟିକୁ ରଖିଥାନ୍ତି (ଠିକ୍ ଜଣେ ହିନ୍ଦୁ ବର ବସିବା ପରି) । ଶ୍ରୀ ଶିରିଡ଼ି ସାଇ ବାବାଙ୍କର ମଥା ଚାରିପାଖେ ଏକ ଉଜ୍ଜ୍ୱଳ ଆଭାମଣ୍ଡଳ ଶୋଭା ପାଉଥାଏ । ଏକ ଲମ୍ବା ଫୁଲମାଳ ଗଳାକୁ ମଣ୍ଡନ କରିଥାଏ ଏବଂ କପାଳରେ ଥାଏ ଏକ କନାର ପଟି । ବାବାଙ୍କ ଆଗରେ ଦୁଇଟି ପାଦୁକା ମଧ୍ୟ ଦିଶୁଥାଏ । ଲକେଟ୍‌ରେ ସ୍ୱାମୀ (ଶ୍ରୀ ସତ୍ୟସାଇ ବାବା) ଖୋଲା ଛାତିରେ ବ୍ୟାଘ୍ର ଚର୍ମ ଉପରେ ପଦ୍ମାସନରେ ବସିଥାନ୍ତି । ସେ ଧୋତି ପିନ୍ଧି ଥାଆନ୍ତି ଏବଂ ତାଙ୍କ ଗଳାରେ ମଧ୍ୟ ଏକ ଫୁଲମାଳ ଶୋଭା ପାଉଥାଏ । ସ୍ୱାମୀ ମୋ ମା'ଙ୍କୁ ଯେତେବେଳେ ଲକେଟଟି ଦେଲେ, ମା ତାହା ଗ୍ରହଣ କରିବାକୁ ମନା କଲେ, ମୋ ଭଉଣୀ ମଧ୍ୟ ତାହା ଗ୍ରହଣ କରିବାକୁ ମନା କଲା । ସେ ଯେତେବେଳେ ତାହା ମୋତେ ଦେବାକୁ ଚାହିଁଲେ, ମୁଁ ତାଙ୍କୁ ପଚାରିଲି, ଏମିତି ସବୁ ଉପହାର ଦେଇ ସେ ଆମଠୁ କଣ ଖସି ଯିବାକୁ ଚାହୁଁଛନ୍ତି । (ଆମେ ସମସ୍ତେ କେବଳ ତାଙ୍କୁ ଚାହିଁଥାଉ, ତାଙ୍କ ଠାରୁ ଅନ୍ୟ କୌଣସି ଦ୍ରବ୍ୟ ଆମେ ଚାହୁଁନା, ସେ ହିଁ ଆମର ସର୍ବସ୍ୱ !)

ସ୍ୱାମୀ କହିଲେ, "ଏମିତି ଭାବ ନାହିଁ । ଦେଖ ଏ ଛବି କାହାର ? ଏଇଟା କ'ଣ ମୋ ଛବି ନୁହଁ ? ତୁମକୁ କ'ଣ ମୁଁ ଦରକାର ନାହିଁ ? ତୁମର ପିଲାପିଲି ଅଛନ୍ତି, ସେମାନଙ୍କ ଦେହ ଖରାପ ହେଲେ କ୍ଷୀରରେ ଏହି ଲକେଟକୁ ଅଭିଷେକ କରି ସେହି କ୍ଷୀର ସେମାନଙ୍କୁ ଦିଅ । ସେମାନଙ୍କ ଦେହ ଭଲ ହେଇଯିବ ।" ଏହା କହି ସେ ମୋତେ ଲକେଟଟି ଦେଲେ, ବାଧ୍ୟ ହୋଇ ମୁଁ ଲକେଟଟି ଗ୍ରହଣ କଲି । ୫୨ ବର୍ଷ ଧରି ସେଇ ଲକେଟ ଆମ ପାଖରେ ଅଛି ଏବଂ ବର୍ତ୍ତମାନ ବି ତାହା ସେମିତି ଚକ୍ ଚକ୍ ଦିଶୁଛି । ସେଦିନଠାରୁ ଆମେ ପ୍ରତିଦିନ ତାକୁ ଅଭିଷେକ କରିଥାଉ ଓ ସେହି ଅଭିଷେକ ତୀର୍ଥକୁ ପ୍ରସାଦ ରୂପେ ଗ୍ରହଣ କରିଥାଉ ।

ସେ ବିଭୂତି ସୃଷ୍ଟି କରି ତାହା ଆମ ପ୍ରତ୍ୟେକଙ୍କ କପାଳରେ ମାଖି ଦେଲେ । ଏଥର ସେ ଆମକୁ ଯିବାକୁ ଅନୁମତି ଦେଲେ । ଯେତେ ସମୟ ଧରି ଆମ ଚଳା ଶଗଡ଼ଟି ତାଙ୍କ ଆଖିକୁ ଦିଶୁଥାଏ, ସେତେ ସମୟ ସ୍ୱାମୀ ଗେଟ୍ ନିକଟରେ ଛିଡ଼ା ହୋଇ ତାଙ୍କର ହାତ ଉପରକୁ ଉଠାଇ ଆମକୁ ଅଭୟ ଦେଉଥାଆନ୍ତି ।

୧୯୪୮ରେ ମୁଁ ଓ ରାଧା କିଛି ଦିନ ପାଇଁ ପୁଟ୍ଟପର୍ତ୍ତି ଯାଇଥାଉ । ଦିନେ ଆମେ ସ୍ୱାମୀଙ୍କ କମରାର ଝରକା ଦେଇ ତାଙ୍କୁ ଦର୍ଶନ କରିବାକୁ ଚାହିଁଥିଲୁ । ଆମକୁ ଦେଖି ସ୍ୱାମୀ ପଚାରିଲେ, "ତୁମେ କେଉଠୁ ଆସିଛ ?" ଆମେ କହିଲୁ "ସ୍ୱାମୀ, ମହୀଶୂରରୁ

ଆସିଛୁ ।" ସେ ସେହି ପ୍ରଶ୍ନ ଆଉ ଦୁଇଥର ଦୋହରାଇ ପଚାରିଲେ ଏବଂ ଆମେ ତାଙ୍କୁ ସେହି ଉତ୍ତର ଦେଲୁ । ଶେଷରେ ସ୍ୱାମୀ କହିଲେ, "ନା, ନା, ତୁମ ଘର ମହୀଶୂର ନୁହଁ, ପୁଟ୍ଟପର୍ତ୍ତି । କୁହ ଯେ ତୁମେ ପୁଟପର୍ତ୍ତିରୁ ଆସିଛ ?" ଆମେ ସମସ୍ତେ ତାଙ୍କର– ସେ ଏହି କଥା ଆମକୁ କହିବାକୁ ଚାହଁଥିଲେ ।

✍

ବିବାହର ବାର ବର୍ଷ ପରେ ମୋ ଭଉଣୀ ରାଧା ପ୍ରଥମ ଥର ପାଇଁ ଅନ୍ତଃସତ୍ତ୍ୱା ହୋଇଥାଏ । ୧୯୪୯ରେ ସେ ପୁଟ୍ଟପର୍ତ୍ତି ଯାଇ ସେଠାରେ କିଛି ଦିନ ରହିଥାଏ । ଦିନେ ବାବା ତାକୁ କହିଲେ, "ରାଧାମ୍ମା ମୁଁ ସେଠାରେ ବନ୍ଧା । ତୁ ଯମିତି କହିବୁ ମୁଁ ସେମିତି କରିବି ।" ଯେତେଦିନ ସେ ସେଠାରେ ଥାଏ, ପ୍ରତିଦିନ ସନ୍ଧ୍ୟାରେ କ୍ଷୀର ଗରମ କରି ସ୍ୱାମୀଙ୍କୁ ଦେଉଥାଏ । କେବଳ ତା'ର ଆନନ୍ଦ ପାଇଁ ସ୍ୱାମୀ ତାକୁ ଗ୍ରହଣ କରୁଥା'ନ୍ତି । ପୁଟ୍ଟପର୍ତ୍ତିରୁ ଫେରିବା ପରେ ସେ ଏକ ମୃତ ଶିଶୁକୁ ଜନ୍ମ ଦେଲା । କିଛି ଦିନ ପରେ ମୋ ପିତା ମୋ ମା'ଙ୍କୁ ନେଇ ପୁଟ୍ଟପର୍ତ୍ତି ଯାଇଥା'ନ୍ତି । ସେମାନଙ୍କୁ ଦେଖିବା ମାତ୍ରେ ସ୍ୱାମୀ କହିଲେ, "ସେ ଘଟଣା ପରେ ମଧ୍ୟ ତୁମେମାନେ ମୋ ଦର୍ଶନ ପାଇଁ ଆସିଛ !" ମୋ ମା କହିଲା, "ସ୍ୱାମୀ, ଯାହା କିଛି ହେଲା ତାହା ଆମର କର୍ମର ଫଳ । ତୁମ ଉପରେ ଆମେ କାହିଁକି ରୁଷ୍ଟ ହେବୁ ? ତୁମେ ବା ଆମର କି ଅନିଷ୍ଟ କଲ ? ସ୍ୱାମୀ କହିଲେ, "ତୁମେ ହୁଏତ ମୋତ ଗାଳି ଦେବନି କିନ୍ତୁ ତୁମ ଘର ଅନ୍ୟ ବଡ଼ଲୋକମାନେ ମୋତେ ଛାଡ଼ିବେ ନାହିଁ । ତେଣୁ ମୁଁ ରାଧାମ୍ମାକୁ ଆଉ ଏକ ସନ୍ତାନ ଆଶୀର୍ବାଦ କରୁଛି । ତାର ମନୋବଳ ଅଧିକ ତେଣୁ ସେ ଏ ଦୁଃଖକୁ ସହ୍ୟ କରିପାରିଲା । ବିଚାରି, ତା ଭାଗ୍ୟରେ ଏମିତି ହେବା ଠିକ୍ ହେଲାନି ।?" ସ୍ୱାମୀ ପୁଣି କହିଲେ, "କାନ୍ନାମ୍ମା ମଧ୍ୟ ଏମିତି କଷ୍ଟ ଭୋଗିଥିଲା । ସେ ମରଣ ମୁଖରେ ପଡ଼ିଥିଲେ ହେଁ ଯେହେତୁ ସେ ମୋର ଭକ୍ତ, ମୁଁ ତାକୁ ଉଦ୍ଧାର କଲି ।" ସେମାନେ ପୁଟ୍ଟପର୍ତ୍ତିରେ ଦୁଇଦିନ ରହିଲେ, ଫେରିବା ଆଗରୁ ସ୍ୱାମୀ ସେମାନଙ୍କୁ ବିଭୂତି ଓ ପ୍ରସାଦ ଦେଇ ମୋ ମା' ଙ୍କୁ ପଚାରିଲେ "କନ୍ନମ୍ମା ତୁମ ହାତରେ କିଛି ଚିଠି ପଠେଇନି ।" ଏହା କହି ସେ ମୋ ମା'ଙ୍କ ଆଡ଼କୁ ହାତ ବଢ଼େଇଲେ । ମୋ ମା ଯେତେବେଳେ ମୁଁ ଏମିତି କିଛି ଚିଠି ଦେଇ ନାହିଁ ବୋଲି ତାଙ୍କୁ କହିଲେ, ସେ କହିଲେ, "ତାକୁ କହିବ, ମୁଁ ମୋ ଭକ୍ତମାନଙ୍କୁ ସବୁବେଳେ ହୃଦୟରେ ରଖିଥାଏ ।" ଆଉ ମଧ୍ୟ ସେ ମୋ ମା'ଙ୍କୁ କହିଲେ, "ବିଶ୍ୱାସ ରଖ, ମୁଁ ହିଁ ତୁମର ରକ୍ଷକ ।"

✍

୧୯୪୯ ରେ ଆମେ ଆଉ ଥରେ ପୁଟ୍ଟପର୍ତ୍ତି ଯାଇଥିବା ସମୟରେ ରାଧାକୁ ସ୍ୱାମୀ ତାଙ୍କର ଏକ ଛବି ସୃଷ୍ଟି କରି ଦେଇଥିଲେ । ସ୍ୱାମୀ ଶୂନ୍ୟରେ ହାତ ଘୁରାଇବା ସମୟରେ ସେ

ତାଙ୍କର ହାତ ପାପୁଲିରେ ଏକ କାଗଜ ଗୋଳା ଦେଖିପାରିଲା । ଛବିଟି ରାଧା ହାତକୁ ଦେଇ ସ୍ୱାମୀ ତାକୁ କହିଲେ, "ଝିଅ, ଏ ଛବିଟା ସିଧା ମୋ ଷ୍ଟୁଡ଼ିଓରୁ ଆସିଛି । ଦେଖ ଆହୁରି ଓଦା ଅଛି । ତାକୁ କିଛି ସମୟ ଶୁଖିବାକୁ ଦେ ।" ସେହି ଛବିରେ ସ୍ୱାମୀ ସେ ସମୟରେ ଯେମିତି ଦିଶୁଥିଲେ ଅବିକଳ ସେମିତି ଦେଖା ଯାଉ ଥାଆନ୍ତି । ଗାଲିଚା ପଡ଼ିଥିବା ଏକ କକ୍ଷ ମଧ୍ୟରେ ସୁନ୍ଦର ଖୋଳ ପଡ଼ିଥିବା ଏକ ସୋଫାରେ ବସିଥା'ନ୍ତି । ଆଜିଯାଏ ରାଧା ପ୍ରତିଦିନ ସେହି ଫଟୋକୁ ପୂଜା କରିଥାଏ ।

୧୯୪୯ ଶିବରାତ୍ରିରେ ଆମେ ସଙ୍ଗେ ପୁଟ୍ଟପର୍ତ୍ତି ଆସିଥିବା ଆମର ଏକ ବନ୍ଧୁଙ୍କୁ ସ୍ୱାମୀ ପଚାରିଲେ, "ତୁମେ କ'ଣ ମିଲିଟାରୀରେ ଯୋଗ ଦେଇଛ ?" ବାବାଙ୍କ ପ୍ରଶ୍ନରେ ଭକ୍ତ ବ୍ୟକ୍ତି 'ହଁ' ଭରିଲେ । ଏଥର ସ୍ୱାମୀ କହିଲେ, "ତୁମେ ଯେ କାହିଁକି ଏଠାକୁ ଆସିଛ, ମୁଁ ଜାଣେ । ପୂର୍ବଦିନ ସ୍ୱାମୀ ତାଙ୍କୁ ଆମ ସଙ୍ଗେ ଦେଖିଥିଲେ ହେଁ ତାଙ୍କ ସହ କଥାବାର୍ତ୍ତା ହୋଇ ନଥା'ନ୍ତି । ସେହି ବ୍ୟକ୍ତି ଏକ ଜାଲ୍. ଟି.ଏ.ବିଲ୍ (ସରକାରୀ ଗସ୍ତ ଖର୍ଚ୍ଚ) ଦେଇଥା'ନ୍ତି । କିରାଣି ଚାକିରୀ ପାଇଁ ଇଣ୍ଟରଭ୍ୟୁ ଦେବା ପାଇଁ ସେ ଏକାକୀ ସିମଲା ଯାଇ ଥାଆନ୍ତି, କିନ୍ତୁ ଗସ୍ତ ଖର୍ଚ୍ଚର ହିସାବ ଦେବା ସମୟରେ ସେ ସପରିବାର ରେଳରେ ଯିବା ଭଳି ହିସାବ ଦେଖାଇ ପ୍ରତାରଣା କରିଥା'ନ୍ତି । ତାଙ୍କର ଏହି ପ୍ରତାରଣା କର୍ତ୍ତୃପକ୍ଷଙ୍କର ନଜରରେ ପଡ଼ିଥାଏ ଓ ଏକ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥାଏ । ଏକ ଭଦ୍ର ପରିବାରରୁ ଆସିଥିବା ଏହି ବ୍ୟକ୍ତି ନିଜ କୁକର୍ମ ଯୋଗୁ ଲଜ୍ଜିତ ହେଉଥା'ନ୍ତି । ଏଭଳି ପରିସ୍ଥିତିରେ ସେ ଦିନେ ଆମ ଘରକୁ ଆସି ମୋ ସ୍ୱାମୀଙ୍କୁ ତାଙ୍କୁ ଥରେ ବାବାଙ୍କ ନିକଟକୁ ନେଇ ଯିବାକୁ ଅନୁରୋଧ କଲେ ।

ପରଦିନ ସକାଳେ ସ୍ୱାମୀ ମୋ ପତିଙ୍କୁ ତାଙ୍କ ମିତ୍ରକୁ ଡାକିବାକୁ କହିଲେ । ମୋ ପତି ଉକ୍ତ ବ୍ୟକ୍ତିଙ୍କୁ ଖୋଜି ଆଣିବା ପାଇଁ ବାହାରିଥା'ନ୍ତି । ସ୍ୱାମୀ ତାଙ୍କୁ କହିଲେ, "ସେ ନଦୀ କୂଳକୁ ଯାଇଛନ୍ତି । ସେଠାରୁ ଫେରନ୍ତୁ ।" ମନ୍ଦିରକୁ ଫେରିବାରେ ପରେ ସ୍ୱାମୀ ତାଙ୍କୁ ଅଲଗା ଡାକି କହିଲେ, "ତୁମେ ପ୍ରଥମ ଥର ପାଇଁ ଏମିତି ଭୁଲ କରିଥିବାରୁ ମୁଁ ତୁମକୁ ରକ୍ଷା କରିବି । କିନ୍ତୁ ଜୀବନରେ ଫେର ଏମିତି କେବେ ହେଲେ କରିବ ନାହିଁ ନିଜକୁ ସମର୍ପଣ କରିଦିଅ । ଭୟ କର ନାହିଁ, ମୁଁ ତୁମକୁ ରକ୍ଷା କରିବି, କିନ୍ତୁ ଘରେ ହିଁ ରହିଥାଅ ।" ସ୍ୱାମୀ ବିଭୂତି ସୃଷ୍ଟି କରି ତାଙ୍କ କପାଳରେ ଦେଲେ । ପୁଟ୍ଟପର୍ତ୍ତିରୁ ଫେରିବା ପରେ ଉକ୍ତ ବ୍ୟକ୍ତି ଦିନ ରାତି ସ୍ୱାମୀଙ୍କୁ ପ୍ରାର୍ଥନା କରୁଥା'ନ୍ତି । ଅପରାଧର ମାର୍ଜନା ନ ହେଲେ ସେ ଆତ୍ମହତ୍ୟା କରିବେ ବୋଲି ଭାବିନେଇଥା'ନ୍ତି । ଶେଷରେ ପୋଲିସ ଆଦୌ ଆସିଲେ ନାହିଁ ଓ ସିମଲାରେ ଥିବା ତାଙ୍କର ବନ୍ଧୁମାନେ ଖବର ଦେଲେ ଯେ କୌଣସି ଅଜ୍ଞାତ କାରଣରୁ ତାଙ୍କର ବିରୁଦ୍ଧରେ ହେବାକୁ ତଦନ୍ତ ଖାରଜ କରି ଦିଆ ଯାଇଛି । ପୁଣି

ଥରେ ସେ ତାଙ୍କର ଭକ୍ତି ପରାୟଣା ସ୍ତ୍ରୀକୁ ନେଇ ବାଙ୍ଗାଲୋରର ଶ୍ରୀ ତିରୁବେଙ୍ଗମ ସେଟ୍ଟିଙ୍କ ଘରେ ସ୍ୱାମୀଙ୍କୁ ଦର୍ଶନ କଲେ । ପ୍ରଥମ ସାକ୍ଷାତ ପରେ ସ୍ୱାମୀ ତାଙ୍କୁ ପୁଣି ଥରେ ଆସିବା ସମୟରେ ସସ୍ତ୍ରୀକ ଆସିବାକୁ କହିଥିଲେ । ପତିବ୍ରତା ସ୍ତ୍ରୀ ତାର ସ୍ୱାମୀଙ୍କୁ ବିପଦରୁ ରକ୍ଷା କରିବା ପାଇଁ ଭଗବାନଙ୍କୁ ଯେଉଁ ପ୍ରାର୍ଥନା କରେ, ଭଗବାନ ତାହା ନିଶ୍ଚିତ ରୂପେ ଶୁଣିଥା'ନ୍ତି ।

ସକାଳର ଜଳଖିଆ ଓ ମଧ୍ୟାହ୍ନ ଭୋଜନ ନିମନ୍ତେ ଭକ୍ତମାନେ ଯାହା ପ୍ରସ୍ତୁତ କରୁଥିଲେ ସେଥିରୁ ସାମାନ୍ୟ ସ୍ୱାମୀ ସେବନ କରୁଥିଲେ ଏବଂ ଅବଶିଷ୍ଟାଂଶ ସମସ୍ତଙ୍କ ମଧ୍ୟରେ ପ୍ରସାଦ ରୂପେ ବିତରଣ କରୁଥିଲେ । ଦିନେ ପୁରୁଣା ମନ୍ଦିରରେ, ସେ ଦିନ ସେଠାରେ ଉପସ୍ଥିତ ଥିବା କେତେକ ଭକ୍ତଙ୍କୁ ସ୍ୱାମୀ କହିଲେ, "ତୁମେମାନେ ସମସ୍ତେ ମୋତେ ଭଗବାନ ମାନି ଭକ୍ତି କରୁଛ । ମୋତେ ଦେଉଥିବା ଖାଦ୍ୟ ନୈବେଦ୍ୟ ଭଳି ହେବା କଥା, କିନ୍ତୁ ତୁମ ଭିତରୁ ଅନେକ ସ୍ନାନ ମଧ ନ କରି ଖାଦ୍ୟ ପ୍ରସ୍ତୁତ କରୁଥିବା କଥା ମୁଁ ଜାଣେ । ଏ ସମ୍ବନ୍ଧରେ ତୁମମାନଙ୍କୁ ସାବଧାନ ହେବାକୁ ହେବ । ଏଠାରେ ମୁଁ ତୁମକୁ ଗୋଟିଏ ଗପ କହିବି । କର୍ଣ୍ଣାଟକର ମଲର ନାମକ ସ୍ଥାନରେ ଜଣେ ବ୍ରାହ୍ମଣ ରହୁଥାଏ । ଲୋକଟିର ଭଲ ଗୁଣ ଯୋଗୁ ସମସ୍ତେ ତାକୁ ଆଦର କରୁଥାଆନ୍ତି । ଦିନେ ଜଣେ ସନ୍ନ୍ୟାସୀ ତା' ନିକଟକୁ ଆସି ତାକୁ କିଛି ଖାଦ୍ୟ ମାଗିଲେ । ସେଦିନ ତା'ର ସ୍ତ୍ରୀ ରୋଷେଇ କରି ନପାରିବାରୁ ପଡ଼ୋଶୀ ମହିଳା ଜଣକ ସନ୍ନ୍ୟାସୀଙ୍କ ପାଇଁ ରୋଷେଇ କରିଥିଲା । ସନ୍ନ୍ୟାସୀ ଖାଇବା ସମୟରେ ତାଙ୍କୁ ଯେଉଁ ରୂପା ଗିଲାସରେ ପାଣି ଦିଆଯାଇଥିଲା, ସେହି ଗିଲାସକୁ ଚୋରି କରିବାପାଇଁ ତାଙ୍କ ମନରେ ଦୁରାଶୟ ଜାତହେଲା । ଖାଇବା ପରେ ସନ୍ନ୍ୟାସୀ ରୂପା ଗିଲାସଟି ନେଇ ଚାଲିଗଲେ । ଆଶ୍ରମରେ ପହଞ୍ଚିବା ପରେ ତାଙ୍କର ମନେ ହେଲା, ସେ ଏକ ଘୋର ଅପରାଧ କରିଛନ୍ତି । ତେଣୁ ସେ ପୁଣି ଥରେ ବ୍ରାହ୍ମଣର ଘରକୁ ଯାଇ ନିଜର ଭୁଲ ସ୍ୱୀକାର କରି ଗିଲାସଟି ଫେରାଇ ଦେଲେ । ବ୍ରାହ୍ମଣ କିନ୍ତୁ ଭାବି ପାରୁ ନ'ଥାଏ ଯେ ଜଣେ ସନ୍ନ୍ୟାସୀ ଏଭଳି ଏକ ହୀନ କର୍ମ କରି ପାରନ୍ତି । ପରେ କିନ୍ତୁ ସେ ଜାଣି ପାରିଲା ଯେ ସେଦିନ ତା'ର ପଡ଼ୋଶୀ ଏଭଳି ଏକ ଲୋକ ହାତରେ ରୋଷେଇ କରେଇଥାଆନ୍ତି ଯାହାର ଚୋରି କରିବାର ପ୍ରବୃତ୍ତି ଥାଏ ।

ତୁମେ ଖାଉଥିବା ଖାଦ୍ୟ ସାତ୍ତ୍ୱିକ ହେବା ଉଚିତ୍ । ସାତ୍ତ୍ୱିକ ମାନେ ଶୁଦ୍ଧ ଏବଂ ଖାଦ୍ୟର ତିନୋଟି ଶୁଦ୍ଧି ଆବଶ୍ୟକ ।

ପାତ୍ର ଶୁଦ୍ଧି : ଯେଉଁ ପାତ୍ରରେ ରନ୍ଧନ କରାଯାଏ ତାହା ନିର୍ମଳ ରହିବା ଦରକାର ।

ପାକ ଶୁଦ୍ଧି : ଯିଏ ରନ୍ଧନ କରୁଛି ତା'ର ଦେହ ଓ ମନ ଶୁଦ୍ଧ ହେବା ଆବଶ୍ୟକ ।

ପଦାର୍ଥ ଶୁଦ୍ଧି ଯେଉଁ ଦ୍ରବ୍ୟାଦିକୁ ନେଇ ରନ୍ଧନ କରାଯାଉଛି ତାହା ସନ୍ମାର୍ଗରେ ଅର୍ଜିତ ହୋଇଥିବ ।"

ଯିଏ ଯାହା ରୋଷେଇ କରୁଥା'ନ୍ତି ତାହା ସ୍ୱାମୀଙ୍କୁ ନୈବେଦ୍ୟ କରୁଥାଆନ୍ତି କିନ୍ତୁ କେତେକଙ୍କ ପ୍ରସ୍ତୁତ ଖାଦ୍ୟ ସ୍ୱାମୀ ସେବନ କରନ୍ତି ନାହିଁ । ପରଷୁଥିବା ଭକ୍ତମାନେ ଯେତେବେଳେ ତାଙ୍କୁ କାହିଁକି ସେ ଏକ ନିର୍ଦ୍ଦିଷ୍ଟ ପାତ୍ରରେ ଥିବା ଖାଦ୍ୟ ସେବନ କରୁ ନାହାନ୍ତି ବୋଲି ପ୍ରଶ୍ନ କରନ୍ତି ସେ କହନ୍ତି, ଯେଉଁମାନେ ସେ ଖାଦ୍ୟ ପ୍ରସ୍ତୁତ କରିଛନ୍ତି ସେମାନଙ୍କର ସାତ ପୁରୁଷରେ କେହି ଭଗବାନଙ୍କୁ ବିଶ୍ୱାସ କରି ନାହାନ୍ତି, ତେଣୁ ସେମାନେ ରାନ୍ଧିଥିବା ଖାଦ୍ୟ ସେ ଖାଇବେ ନାହିଁ । ଅନ୍ୟ ଏକ ପାତ୍ରରୁ କିଛି ଖାଦ୍ୟ ଦେଲେ ସେ କହିବେ ପାତ୍ରର ତଳେ ବାଳଟିଏ ପଡ଼ିଛି, ତେଣୁ ସେ ତାହା ଖାଇବେ ନାହିଁ । ପରେ ଆମ ଦେଖୁ ବାବା ଯାହା କହିଲେ ତାହା ସତ । ଆଉ କିଛି କିଛି ପାତ୍ରର ଖାଦ୍ୟ ବାବା ଖାଆନ୍ତି ନାହିଁ କାରଣ ସେ କହନ୍ତି, ତାହା ଯିଏ ରୋଷେଇ କରିଛି ସେ ମନର କ୍ରୋଧ ଭାବ ନେଇ ରୋଷେଇ କରିଛି, ତାହା ଯିଏ ଖାଇବ ତାର ମନରେ ମଧ୍ୟ କ୍ରୋଧ ଭାବ ବଢ଼ିବ ।" ବାବା ସବୁବେଳେ କହୁଥା'ନ୍ତି ଯେ ରନ୍ଧନ କରୁଥିବା ବ୍ୟକ୍ତି ମନରେ ପବିତ୍ର ଭାବ ନେଇ ଖାଦ୍ୟ ରନ୍ଧନ କରିବା ଉଚିତ୍ । ତେବେ ଯିଏ ସେ ଖାଦ୍ୟ ଗ୍ରହଣ କରିବ ତାହା ମନରେ ମଧ୍ୟ ପବିତ୍ରତା ଆସିବ ।

ଦିନେ ମନ୍ଦିର ମଧ୍ୟରେ ଦର୍ଶନ ପରେ ଅନ୍ୟାନ୍ୟ ଭକ୍ତମାନଙ୍କ ସହ ମୋ ଭଉଣୀ ମଧ୍ୟ ସ୍ୱାମୀଙ୍କ ନିକଟରେ ବସିଥାଏ । କକ୍ଷ ମଧ୍ୟରେ କିଛି ପାଟଲୁଗା ଦେଖି ମୋ ଭଉଣୀ କହିଲା, 'ସେହି ଲାଲ ରଙ୍ଗର ବସ୍ତ୍ରଟି ଖୁବ୍ ସୁନ୍ଦର ହୋଇଛି ।" ସ୍ୱାମୀ କହିଲେ, "ଝିଅ ସେଇଟା ନେଇଯା" ମୋ ଭଉଣୀ ଉତ୍ତର ଦେଲା, "ନା, ସ୍ୱାମୀ, ମୋତେ ଏଥିରୁ କିଛି ଦରକାର ନାହିଁ । ତୁମ କୃପା ଯଦି ସବୁ ସମୟରେ ଆମ ଉପରେ ଥାଏ, ଆଉ ତୁମେ ଯଦି ଆମକୁ କେବେ ଭୁଲ ନାହିଁ, ସେତିକି ଆମ ପାଇଁ ଯଥେଷ୍ଟ ।" ସ୍ୱାମୀ କହିଲେ, "ନିଶ୍ଚୟ ମୋର କୃପା ସବୁବେଳେ ତୁମ ଉପରେ ରହିଛି । ପ୍ରତି ପାଞ୍ଚ ମିନିଟ୍‌ରେ ଥରେ ମୁଁ ତୁମକୁ ମନେ ପକାଏ ।"

ଥରେ ମୋ ମା ଚହ୍ଲା ପି'ବାକୁ ମନ୍ଦିର ଭିତରକୁ ଯାଇଥାଆନ୍ତି । ହାତରେ ଚହ୍ଲା ଗିଲାସଟି ଧରି ସେ ମନେ ମନେ ଦୁଃଖ କରୁଥାଆନ୍ତି ଯେ ସେ ଏତେ ଦିନ ଧରି ପର୍ତ୍ତିରେ ରହିଲେ, ଅଥଚ ସ୍ୱାମୀ ତାଙ୍କୁ ସାଧନା ସମ୍ବନ୍ଧରେ କିଛି ଶିକ୍ଷା ଦେଲେ ନାହିଁ । ତାଙ୍କର ମହୀଶୂର

ଫେରିବା ସମୟ ହୋଇଯାଇଥାଏ । ହଠାତ୍ ସ୍ୱାମୀ ତାଙ୍କୁ କହୁଥିବା ସେ ଶୁଣିବାକୁ ପାଇଲେ, "ଝିଅ, କାନ୍ଦ ନାହିଁ, ସବୁକିଛିର ଏକ ସମୟ ଅଛି । ମୋକ୍ଷ ପିପାସା ମଧ୍ୟ ଏକ କାମନା । ତେଣୁ ମନରେ କୌଣସି ଅଭିଳାଷ ପୋଷଣ ନ କରି କେବଳ ମୋତେ ଧ୍ୟାନ କର । ତେବେ ଯାଇ ତୁମେ ମୁକ୍ତି ପାଇବ ।" ମାଆ ପଛକୁ ଚାହିଁ ଦେଖିଲେ, ସ୍ୱାମୀଙ୍କ ଆଖିରେ ଟୋପାଏ ଲୁହ !

✍

ପୁଟ୍ଟପର୍ତ୍ତିର ପ୍ରଚଣ୍ଡ ଗରମ ଯୋଗୁ ଶଙ୍କର ଥରେ ଅସୁସ୍ଥ ହୋଇ ପଡ଼ିଲା । ମୁହଁ ସାରା ଘିମିରି ହୋଇଯାଇଥାଏ । ମୁଁ ତାକୁ ନେଇ ସ୍ୱାମୀଙ୍କୁ ଦେଖାଇଲି । ସେ କହିଲେ ଯେ ପିଲାଟି କିଛି କଷ୍ଟ ପାଇବ ନାହିଁ, କାରଣ ତାଙ୍କର କୃପା ଦୃଷ୍ଟି ତା' ଉପରେ ରହିଛି । ସେ ଆଉ ମଧ୍ୟ କହିଲେ, "ଯିଏ ତାକୁ ଦେଖିବ, ସେ ହୁଏତ ଭୟ କରିବ । ଜଡ଼ା ତେଲରେ ସାମାନ୍ୟ ପାଣି ମିଶାଇ ତା ମୁହଁରେ ଲଗାଅ ଓ ତାକୁ ଗରମ ପାଣିରେ ଗାଧୋଇ ଦିଅ, ଆଉ ଘିମିରି ରହିବ ନାହିଁ।" ବାବା କହିବା ଅନୁସାରେ ଚିକିତ୍ସା କରିବାରୁ ଅବସ୍ଥାରେ ଉନ୍ନତି ହେଲା । ବାବା ଯେହେତୁ କହିଥା'ନ୍ତି ଯେ ଥଣ୍ଡା ଅଞ୍ଚଳରୁ ଯେଉଁମାନେ ଆସିଛନ୍ତି ସେମାନେ ପୁଟ୍ଟପର୍ତ୍ତିରେ ଗରମ ସହ୍ୟ କରିପାରିବେ ନାହିଁ, ଆମେ ଠିକ୍ କଲୁ ଯେ ମହୀଶୂର ଫେରିଯିବୁ ।

✍

ଥରେ ରେଙ୍ଗୁନ୍ (ବର୍ତ୍ତମାନର ମେନମାର)ରୁ ଦଳେ ଭକ୍ତ ଆସି ମନ୍ଦିରରେ ରହିଥାଆନ୍ତି । ସେହି ଦଳରେ ଜଣେ ବୁଢ଼ୀ ଥାଏ । ସେ ସବୁବେଳେ ତାମିଲ ଭାଷାରେ ରଚିତ ପେରିୟା ପୁରାଣମ୍ (ଶିବଲୀଳା) ବହିଟି ପଢୁଥାନ୍ତି । ମୋ ମା' ଯାଇ ସେହି ବୁଢ଼ୀ ପାଖରେ ବସୁଥା'ନ୍ତି ଓ ସେ ମା'କୁ ସେହି ବହିରୁ ଶିବଙ୍କର ବିବିଧ ଲୀଳା ବୁଝାଇ କହୁଥା'ଏ । ଦିନେ ମନ୍ଦିର ହଲ୍‌ର ପଛରେ ଥିବା ଚଉତରାରେ ମା ବସିଥାଏ । ସ୍ୱାମୀ ମଧ୍ୟ ସେଠାରେ ବସିଥା'ନ୍ତି । ସେ ସେଦିନ ବୁଢ଼ୀ ପାଖକୁ ଆସି ତାର ମଥା ଉପରେ ତାଙ୍କର ହାତ ରଖିଲେ । ହଠାତ୍ ବୁଢ଼ୀ ଅନୁଭବ କଲା ତାର ଚାରିପାଖରେ ସବୁକିଛି, ଏପରିକି ମନ୍ଦିର, ଗଛଲତା ଓ ଲୋକେ ସବୁ ଘୁରୁଛନ୍ତି । ସେ ଚିତ୍କାର କଲା, "ସ୍ୱାମୀ ! ଏକ କଣ, ଏ କଣ ।" କିଛି ସମୟ ପରେ ସେ ଅଚେତ୍ ହୋଇଗଲା । ସ୍ୱାମୀ ତାକୁ ନୀରବରେ ଲକ୍ଷ୍ୟ କରୁଥାଆନ୍ତି । ପରେ ତା' ସଙ୍ଗେ ଥିବା ତାର ଆତ୍ମୀୟମାନେ ତାଙ୍କୁ ମନ୍ଦିରକୁ ନେଇ ଆସିଲେ । ସେ ଭଲ ହେବା ପରେ ମୋ ମା ତାକୁ ଯେତେବେଳେ ସେ ଦିନ କ'ଣ ହଲା ବୋଲି ପଚାରିଲେ ସେ କହିଲା, "ମୋ ଚାରି ପାଖେ ସବୁକିଛି ଘୁରିବାକୁ ଲାଗିଲା । ସ୍ୱାମୀଙ୍କ କୃପାରୁ ମୁଁ ତାଙ୍କୁ ବିବିଧ ରୂପରେ ଦର୍ଶନ କଲି ।" ସେ ଆହୁରି ପ୍ରକାଶ କଲା ଯଦିଓ ସେ ତାର ସମସ୍ତ ଅନୁଭୂତି କହିବାକୁ ଚାହେଁ ତଥାପି ଭିତରୁ କିଛି

ଏକ ଶକ୍ତି ତାକୁ ତାହା କରାଇ ଦେଉ ନାହିଁ । ପରେ ମୋ ମା ମୋତେ କହିଲେ ଯେ ଅତୀତରେ ସ୍ୱାମୀ ବିବେକାନନ୍ଦ, ଶ୍ରୀରାମକୃଷ୍ଣ ପରମହଂସ ତାଙ୍କୁ ସ୍ପର୍ଶ କରିବା ମାତ୍ରକେ ଯେଭଳି ଅନୁଭବ ଲାଭ କରିଥିଲେ, ଭକ୍ତ ମହିଳା ସେଦିନ ବାବାଙ୍କ ସ୍ପର୍ଶ ପାଇ ଅନୁରୂପ ଅନୁଭୂତି ଲାଭ କରିଥିଲା । ସ୍ୱାମୀ ସେଇ ବୁଢ଼ୀର ଆତ୍ମୀୟମାନଙ୍କୁ ସେଦିନ ପରାମର୍ଶ ଦେଇ ତାକୁ ଘରକୁ ନେଇଯିବାକୁ କହିଲେ କାରଣ ସେ ଆଉ ଏକ ମାସରୁ ଅଧିକ କାଳ ଜୀବିତ ରହିବ ନାହିଁ । ପରେ ଆମେ ଜାଣିବାକୁ ପାଇଲୁ ଯେ ସେହି ବୁଢ଼ୀ ଏକ ସନ୍ନ୍ୟାସୀ ପରିବାରରୁ ଆସିଥାଏ ।

✍

ତେଲୁଗୁ ନବବର୍ଷ 'ଯୁଗାଦି' ଦିନ ପୁରୁଣା ମନ୍ଦିରରେ ଥିବା ମହିଳାମାନେ ସ୍ଥିର କଲେ ଯେ ସେମାନଙ୍କ ମଧ୍ୟରୁ କେହି ସେଦିନ ରୋଷେଇ କରିବେ ନାହିଁ ଏବଂ ସେମାନେ ସମସ୍ତେ ସ୍ୱାମୀଙ୍କୁ ଭୋଜି ଦେବାକୁ ଅନୁରୋଧ କରିବେ । ସେମାନେ ସ୍ୱାମୀଙ୍କ ନିକଟକୁ ଯାଇ ତାଙ୍କୁ ସେମାନଙ୍କର ପ୍ରାର୍ଥନା ଶୁଣିବାକୁ କହିଲେ । ମହିଳାମାନଙ୍କର ସେହି ଦଳରେ ମୋ ଜେଜେମା ଓ ରାଧା ମଧ୍ୟ ଥାଆନ୍ତି ।

ମହିଳାମାନେ ସ୍ୱାମୀଙ୍କୁ କହୁଥା'ନ୍ତି ଯେ ସେମାନେ ଗୋଟିଏ ଦିନ ପାଇଁ ଖାଲି ହାଣ୍ଡିଶାଳରୁ ଛୁଟି ଚାହାନ୍ତି ନାହିଁ, ତା ସଙ୍ଗେ ସେ ଦିନ ସେମାନେ ସ୍ୱାମୀଙ୍କର କିଛି ଏକ ଚମତ୍କାର ଲୀଳା ଦେଖି ସେଥିରୁ ମଧ୍ୟ ଆନନ୍ଦ ପାଇବାକୁ ଚାହାନ୍ତି । ସ୍ୱାମୀ ସେମାନଙ୍କର କଥାରେ ରାଜି ହେଲେ ଏବଂ ସେମାନଙ୍କୁ କିଛି ଶୂନ୍ୟ ପାତ୍ର ଆଣି ପ୍ରତ୍ୟେକ ପାତ୍ର ଉପରେ ଘୋଡ଼ଣି ଦେଇ ଦେବାକୁ କହିଲେ । ପାତ୍ର ଗୁଡ଼ିକ ଉପରେ ଘୋଡ଼ଣି ଦେବା ପରେ ସ୍ୱାମୀ ସେଗୁଡ଼ିକ ଚାରିପାଖେ ଘୁରି ପ୍ରତିଟି ପାତ୍ରକୁ ସ୍ପର୍ଶ କଲେ । ସଙ୍ଗେ ସଙ୍ଗେ ସବୁପାତ୍ରରେ ଗରମ ଗରମ ସୁସ୍ୱାଦୁ ଖାଦ୍ୟ ଭରିଗଲା । ସମସ୍ତ ମହିଳା ମନଭରି ଭୋଜନ କଲେ ଏବଂ ସ୍ୱାମୀଙ୍କୁ ସଭକ୍ତି ପ୍ରଣାମ କଲେ ।

✍

ତାମିଲନାଡୁର ତିରୁଚିନାପଲ୍ଲୀରେ ଡାକ ବିଭାଗରେ କାର୍ଯ୍ୟ କରୁଥିବା ଶ୍ରୀ ଚକ୍ରବର୍ତ୍ତୀ ଆୟଙ୍ଗର ଏବଂ ତାଙ୍କର ସ୍ତ୍ରୀ ଶ୍ରୀମତୀ କୁଞ୍ଜମ୍ମା ପୁଟ୍ଟପର୍ତ୍ତିକୁ ବହୁ ସମୟରେ ଆସୁଥା'ନ୍ତି । ପ୍ରତ୍ୟେକ ଥର ପୁଟ୍ଟପର୍ତ୍ତି ଯିବା ସମୟରେ କୁଞ୍ଜମ୍ମା ସ୍ୱାମୀଙ୍କୁ ଏକ ସନ୍ତାନ ପ୍ରାପ୍ତିର ଆଶୀର୍ବାଦ ଭିକ୍ଷା କରୁଥା'ନ୍ତି । ଏପରିକି ଭକ୍ତମାନେ ମଧ୍ୟ ସ୍ୱାମୀଙ୍କୁ ସେ କାହିଁକି କୁଞ୍ଜମ୍ମାଙ୍କ ଆତୁର ପ୍ରାର୍ଥନା ଶୁଣୁ ନାହାନ୍ତି ବୋଲି ପଚାରୁଥାଆନ୍ତି । ସ୍ୱାମୀ କହୁଥାନ୍ତି, "ମା, ଏ ଜନ୍ମରେ ସନ୍ତାନ ଜନ୍ମ ତୁମ କପାଳରେ ନାହିଁ । କିନ୍ତୁ ମୁଁ ତୁମର ଯତ୍ନ ନେବି ।" ସେମାନଙ୍କର ଧନ ସମ୍ପଦ ପ୍ରଚୁର ଥାଏ । ଯେଉଁଦିନ କୁଞ୍ଜମ୍ମା ସ୍ୱାମୀଙ୍କ ମୁଖରୁ ଶୁଣିଲେ ଯେ ତାଙ୍କର ସନ୍ତାନ ଜନ୍ମ ହେବ ନାହିଁ, ସେ ପୁଟ୍ଟପର୍ତ୍ତିରୁ ଫେରି ଗୋଟିଏ ପୋଷ୍ୟପୁତ୍ର

କଲେ । ପିଲାଟି ଯେତେବେଳେ ବଡ଼ ହେଲା, ସେ ମିଛ କହିବା ଓ ଘରୁ ଚୋରି କରିବା ଆରମ୍ଭ କଲା ଏବଂ ଶେଷରେ ଦିନେ ଘର ଛାଡ଼ି ପଳାଇଗଲା । ଏଥିରେ ହତାଶ ହୋଇ ସ୍ୱାମୀ-ସ୍ତ୍ରୀ ଶେଷରେ ବାବାଙ୍କ ପୂଜା ଓ ଭଜନରେ ସେମାନଙ୍କ ସମୟ ବିତାଇବାକୁ ଲାଗିଲେ । ଦିନେ ସକାଳେ କୁଞ୍ଜମ୍ମା ତାଙ୍କ ପତିଙ୍କୁ ଜଳଖିଆ ଦେବା ସମୟରେ ତାଙ୍କର ଗୋଡ଼ ଖସିଗଲା ଏବଂ ସେ ତଳେ ପଡ଼ି ମୃତ୍ୟୁବରଣ କଲେ । ସ୍ତ୍ରୀର ଆକସ୍ମିକ ବିୟୋଗରେ ଚକ୍ରବର୍ତ୍ତୀ ମର୍ମାହତ ହେଲେ । ସେ ସ୍ତ୍ରୀର ଶେଷକୃତ୍ୟ ସମାପନ କରି ତାଙ୍କର ସମସ୍ତ ସମ୍ବଳ ସଂଗ୍ରହ କଲେ ଓ ପୁଟ୍ଟପର୍ତ୍ତି ଚାଲି ଆସିଲେ । ସ୍ୱାମୀ ତାଙ୍କୁ ଏକ ଇଣ୍ଟରଭ୍ୟୁ ଦେଲେ । ଇଣ୍ଟରଭ୍ୟୁରେ ଚକ୍ରବର୍ତ୍ତୀ ତାଙ୍କର ସବୁକିଛି ସ୍ୱାମୀଙ୍କୁ ଅର୍ପଣ କରି କହିଲେ ଯେ ସେ ତାଙ୍କଠାରୁ କିଛି ଚାହାନ୍ତି ନାହିଁ । ପରେ ଚକ୍ରବର୍ତ୍ତୀ ଏ ସମସ୍ତ କଥା ମୋ ମା'ଙ୍କୁ କହିଲେ । ସ୍ୱାମୀଙ୍କ କଥାର ଗୂଢ଼ାର୍ଥ ମୋ ମା ବୁଝିପାରିଲେ କିନ୍ତୁ ସେ ଚକ୍ରବର୍ତ୍ତୀଙ୍କୁ ଏ ସମ୍ବନ୍ଧରେ କିଛି କହିଲେ ନାହିଁ । ଏହି ଘଟଣାର ମାସେ ପରେ ଚକ୍ରବର୍ତ୍ତୀ ଦିନେ ସକାଳେ ଧ୍ୟାନରେ ବସିଥିବା ଅବସ୍ଥାରେ ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଚକ୍ରବର୍ତ୍ତୀ ଦମ୍ପତିଙ୍କୁ ସ୍ୱାମୀ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସେମାନଙ୍କ ଶେଷ ଜୀବନରେ ଯେପରି କିଛି ଅସୁବିଧା ନ ହୁଏ, ସ୍ୱାମୀ ସେଥିପ୍ରତି ଦୃଷ୍ଟି ଦେଇଥିଲେ ।

✍

ମୋର ମାମୁଁ କଲ୍ୟାଣ ବରଦାୟ ଖୁବ୍ ବଦରାଗୀ ଥିଲେ । ସେ ଥିଲେ ଜଣେ ନିପଟ ନାସ୍ତିକ । ଘରେ ତାଙ୍କ ସ୍ତ୍ରୀ ଦିଅଁଙ୍କୁ ଦୀପ ଦେଲେ ସେ ଅଯଥା ତେଲ ନଷ୍ଟ ହେଉଛି କହି ଦୀପରୁ ସଳିତା କାଢ଼ି ନେଉଥିଲେ । ରେଳବାଇରେ ଚାକିରି କରୁଥିବା ହେତୁ ତାଙ୍କର ଘନ ଘନ ବଦଳି ହେଉଥାଏ । ତାଙ୍କର ମଧୁମେହ ରୋଗ ମଧ୍ୟ ଥାଏ । ତେଣୁ ସେ କଡ଼ାକଡ଼ି ଭାବେ ଖାଇବାରେ ସଂଯମ ରଖୁଥା'ନ୍ତି । ତାଙ୍କର ଅସୁସ୍ଥ ଓ ଚିଡ଼ଚିଡ଼ିଆ ସ୍ୱଭାବ ହେତୁ ତାଙ୍କର ସ୍ତ୍ରୀ ବିଶେଷ କଷ୍ଟ ଭୋଗୁଥା'ନ୍ତି । ଏଭଳି ପରିସ୍ଥିତିରେ ମୋ ମା' ଦିନେ ତାଙ୍କ ଘରକୁ ଯାଇଥାଆନ୍ତି । ସେତେବେଳେ ସେମାନେ ତାମିଲନାଡୁର ଜୋଲାରପେଟ୍‌ରେ ରହୁଥାଆନ୍ତି । ମୋ ମାଇଁ ତାଙ୍କର ସମସ୍ତ ଦୁଃଖ ମୋ ମା'ଙ୍କ ଆଗରେ ବଖାଣିଲେ । ମୋ ମା' ମାଇଁଙ୍କୁ ସ୍ୱାମୀ ଏବଂ ତାଙ୍କର ବିବିଧ ମହିମା ସମ୍ବନ୍ଧରେ ଅନେକ କଥା କହିଲେ । ତେଣେ ମାମୁଁ ଅଲକ୍ଷ୍ୟରେ ମା'ଙ୍କ କଥା ଶୁଣୁଥା'ନ୍ତି । ସବୁ ଶୁଣିବାପରେ ସେ ଥରେ ସସ୍ତ୍ରୀକ ପୁଟ୍ଟପର୍ତ୍ତି ଯିବେ ବୋଲି ସ୍ଥିର କଲେ । ପୁଟ୍ଟପର୍ତ୍ତିରେ ସେମାନେ ସ୍ୱାମୀଙ୍କ ଦର୍ଶନ ଓ ଆଶୀର୍ବାଦ ଲାଭ କରି ଫେରିଲେ ।

ତା ପରଠାରୁ ସେ ନିୟମିତ ଭାବେ ପୁଟ୍ଟପର୍ତ୍ତି ଯାଉଥାଆନ୍ତି । ଏମିତି ଥରେ ପୁଟପର୍ତ୍ତି ଯାଇଥାଆନ୍ତି, ଦଶହରା ଉତ୍ସବ ପୂର୍ତ୍ତି ହେବାଯାଏ ସେମାନେ ପର୍ତ୍ତିରେ ରହିଗଲେ । ସ୍ୱାମୀ ସବୁ ଭକ୍ତଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରିଥାଆନ୍ତି । ସେ ସମୟରେ

ପ୍ରତ୍ୟେକ ଭକ୍ତଙ୍କୁ ସ୍ୱାମୀ ସ୍ୱହସ୍ତରେ ମିଠେଇ ଦେଉଥାଆନ୍ତି । ଦିନେ ଏମିତି ଚକ୍ରପୋଙ୍ଗଲୁ (ଏକ ସୁମିଷ୍ଟ ପଦାର୍ଥ) ତିଆରି ହୋଇଥାଏ । ସ୍ୱାମୀ ମୋ ମାମୁଁଙ୍କ ଖଲିରେ କିଛି ଚକ୍ରପୋଙ୍ଗଲୁ ଦେଲେ । ମାମୁଁ ହଠାତ୍ ତାହା ଖଲିରୁ ବାହାରକୁ ଠେଲି ଦେଇ କହିଲେ, "ସ୍ୱାମୀ ମୋର ମଧୁମେହ ରୋଗ, ମୁଁ ମିଠା ଖାଏ ନାହିଁ ।" ସ୍ୱାମୀ ତାଙ୍କୁ କଡ଼ା ସ୍ୱରରେ କହିଲେ, "ସେଇ ମିଠାକୁ ତଳୁ ଉଠାଇ ପୁଣି ଖଲିରେ ପକା । ତୋର ଯେହେତୁ ମଧୁମେହ ରୋଗ, ସେଥିପାଇଁ ମୁଁ ତୋତେ ମିଠା ଦେଉଛି ।" ମାମୁଁ ସ୍ୱାମୀଙ୍କ ଉପରେ କ୍ରୋଧ ପ୍ରକାଶ କରି ନପାରି ବାଧ୍ୟ ହୋଇ ତଳେ ପଡ଼ିଥିବା ମିଠାକୁ ପୁଣି ଖଲିରେ ପକାଇ ଖାଇଲେ । ଦଶହରା ଶେଷରେ ସେ ଘରକୁ ଫେରି ରକ୍ତ ପରୀକ୍ଷା ପାଇଁ ଡାକ୍ତରଖାନା ଗଲେ । ଆଶ୍ଚର୍ଯ୍ୟ କଥା, ମଧୁମେହ ରୋଗର ଚିହ୍ନବର୍ଣ୍ଣ ନାହିଁ ! ସ୍ୱାମୀ ତାଙ୍କୁ ସମ୍ପୂର୍ଣ୍ଣ ରୋଗମୁକ୍ତ କରିଦେଇଥାଆନ୍ତି ।

ସ୍ୱାମୀଙ୍କୁ ବାରମ୍ବାର ଦର୍ଶନ କରିବା ଫଳରେ ତାଙ୍କର ଆଉ ଆଗର ଗରମ ମିଜାଜ୍ ରହିଲା ନାହିଁ । ସ୍ୱାମୀ ତାଙ୍କୁ ନାମ ଦେଇଥିଲେ ଦୁର୍ବାସା । ଏଭଳି ଏକ ନାସ୍ତିକକୁ ସ୍ୱାମୀ ତାଙ୍କର ଭକ୍ତ କରିଦେଲେ । ଦିନେ ସ୍ୱାମୀ ଏକ ଲକେଟ୍ ଓ ରୁଦ୍ରାକ୍ଷ ମାଳ ସୃଷ୍ଟି କରି ମୋ ମାମୁଁଙ୍କୁ ଦେଲେ । ସେହି ମାଳକୁ ସବୁଦିନ ଅଭିଷେକ କରି ତା'ର ତୀର୍ଥଜଳକୁ ପି'ଇବାକୁ ସ୍ୱାମୀ କହିଥାଆନ୍ତି । ଆଉ ମଧ୍ୟ ରୁଦ୍ରାକ୍ଷମାଳାକୁ ଗଳାରେ ଦେବାପାଇଁ ତାଙ୍କୁ କୁହାଯାଇଥାଏ । ପରେ ପରେ ତାଙ୍କ ଘରେ ନିୟମିତ ଭାବେ ସ୍ୱାମୀଙ୍କ ପୂଜା ଓ ଭଜନ ଆରମ୍ଭ ହେଲା । ରୋଗମୁକ୍ତ ହେବା ପରେ ସ୍ୱାମୀଙ୍କ ପ୍ରତି ତାଙ୍କର ଭକ୍ତି ଆହୁରି ବୃଦ୍ଧି ପାଇଲା । ଘରେ ସମସ୍ତେ ଶାନ୍ତି ପାଇଲେ । ଦିନେ ପୁଟ୍ଟପର୍ତ୍ତିରେ ସେ ଆମ ସମସ୍ତଙ୍କୁ ସୁନା ତାରରେ ଗୁନ୍ଥା ତାଙ୍କର ରୁଦ୍ରାକ୍ଷ ମାଳା ଦେଖାଇଥିଲେ ।

✍

ଥରେ ଏକ ବ୍ୟବସାୟୀ ପରିବାର ମନ୍ଦିରକୁ ଆସିଥା'ନ୍ତି । ସେମାନେ ସ୍ୱାମୀଙ୍କୁ ସେମାନଙ୍କର ଧନ ସମ୍ପତ୍ତି ଆହୁରି ବୃଦ୍ଧି ପାଉ ବୋଲି ପ୍ରାର୍ଥନା କରୁଥାନ୍ତି । ସେମାନେ ପୁଟ୍ଟପର୍ତ୍ତି ଛାଡ଼ିବା ସମୟରେ ସ୍ୱାମୀ ଏକ ନଡ଼ିଆ ସୃଷ୍ଟି କରି ସେମାନଙ୍କୁ ଦେଲେ ଏବଂ ନଡ଼ିଆ ଭିତରେ ଲକ୍ଷ୍ମୀ ଠାକୁରାଣୀଙ୍କର ଏକ ସୁନାର ମୂର୍ତ୍ତି ଥିବା କଥା ସେମାନଙ୍କୁ କହିଲେ । ଆଉ ମଧ୍ୟ ସେ ସେମାନଙ୍କୁ କହିଲେ ଯେ ସେହି ନଡ଼ିଆକୁ ପୂଜା କଲେ ସେମାନଙ୍କର ଧନ ସମ୍ପତ୍ତି ବୃଦ୍ଧି ପାଇବ । ନଡ଼ିଆକୁ କୌଣସି ପରିସ୍ଥିତିରେ ସେ ନଭାଙ୍ଗିବା ପାଇଁ ସେମାନଙ୍କୁ ସାବଧାନ କରିଥା'ନ୍ତି । ସ୍ୱାମୀ ନଡ଼ିଆଟିକୁ ହଲାଇବା ସମୟରେ ଭିତରେ କିଛି ଏକ ବସ୍ତୁ ହଲଚଲ ହୋଇ ଶବ୍ଦ କରୁଥିବା ସେମାନେ ଶୁଣିଥାନ୍ତି । ମନ ଆନନ୍ଦରେ ପୁଟ୍ଟପର୍ତ୍ତି ଛାଡ଼ି ସେମାନେ ପେନୁକୋଣ୍ଡା ରେଲଷ୍ଟେସନରେ ପହଞ୍ଚିଲେ । ନଡ଼ିଆ ଭିତରେ ଥିବା ବିଗ୍ରହଟି ଦେଖିବାକୁ ସେମାନଙ୍କର ପ୍ରବଳ ଇଚ୍ଛା

ହେଉଥାଏ । ତେଣୁ ରେଳ ଷ୍ଟେସନରେ ହିଁ ସେମାନେ ନଡ଼ିଆଟିକୁ ଭାଙ୍ଗିଦେଲେ । ମା' ଲକ୍ଷ୍ମୀଙ୍କର ଛୋଟ ଏକ ବିଗ୍ରହ ନଡ଼ିଆ ଭିତରୁ ଉପରକୁ ଉଠି କୁଆଡ଼େ ଅଦୃଶ୍ୟ ହୋଇଗଲା । ଏହା ଦେଖି ମନଦୁଃଖରେ ସେମାନେ ପୁଟ୍ଟପର୍ତ୍ତି ଲେଉଟି ଆସିଲେ । ସେମାନେ ଯାହା କିଛି ଘଟିଗଲା ତାହା ସ୍ୱାମୀଙ୍କୁ କହି ଆଉ ଏପରି ଭୁଲ କରିବେ ନାହିଁ ବୋଲି କଥା ଦେଲେ ଏବଂ ପ୍ରତିମାଟି ଆଉଥରେ ଦେବା ପାଇଁ ତାଙ୍କୁ ପ୍ରାର୍ଥନା କଲେ । ସ୍ୱାମୀ କହିଲେ, "ମୁଁ ତୁମକୁ ସାବଧାନ କରିବା ସତ୍ତ୍ୱେ ତୁମେ ମୋ କଥା ଶୁଣିଲ ନାହିଁ, ତେଣୁ ଆଉ ଥରେ ମୁଁ ତୁମକୁ ତାହା ଦେବି ନାହିଁ ।"

ବିବାହ ସମ୍ବନ୍ଧରେ ସ୍ୱାମୀଙ୍କ ଉପଦେଶ ଏପରି ଥିଲା : "ନିକଟ ଆତ୍ମୀୟ ସହ ବିବାହ କର ନାହିଁ । ଭିନ୍ନ ଏକ ପରିବାରରେ ବିବାହ କଲେ ବୁଦ୍ଧିମାନ ସନ୍ତାନ ଜନ୍ମ ହେବ । ନିକଟ ସମ୍ପର୍କୀୟ ସଙ୍ଗେ ବିବାହ କଲେ ଜନ୍ମିତ ଶିଶୁର ସ୍ୱାସ୍ଥ୍ୟ ଓ ବୁଦ୍ଧିର ବିକାଶ ଉପରେ ଖରାପ ପ୍ରଭାବ ପଡ଼ିବ । ଯେଉଁ ପରିବାରରେ ବଂଶାନୁକ୍ରମେ କିଛି ରୋଗ ଚାଲି ଆସୁଅଛି ସେଠାରେ ବିବାହ କର ନାହିଁ । ଯେଉଁ ପରିବାରର ସଭ୍ୟମାନେ ନାସ୍ତିକ ସେଠାରେ ମଧ୍ୟ ବିବାହ କର ନାହିଁ ।" ତା' ପରେ ସ୍ୱାମୀ କହିଲେ, 'ବିବାହର ଉଦ୍ଦେଶ୍ୟ କ'ଣ ତାହା ତୁମେ କ'ଣ ଜାଣିଛ ? ପ୍ରଥମେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ପରସ୍ପର ପ୍ରତି ପ୍ରେମ ଥାଏ । ସନ୍ତାନ ଜନ୍ମ ହେବା ପରେ ସେହି ପ୍ରେମ ସନ୍ତାନ ପ୍ରତି ପ୍ରସାରିତ ହୁଏ । କାଳକ୍ରମେ ଏହି ପ୍ରେମ ନିଜର ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ସମାଜ ପ୍ରତି ବିସ୍ତାରିତ ହେବା ଆବଶ୍ୟକ । ଏଭଳି ଭାବେ ପ୍ରେମର ସମ୍ପ୍ରସାରଣ ହେବା ଦରକାର । ଜୀବନ ସଙ୍କୁଚିତ ନ' ହୋଇ ପ୍ରସାରିତ ହେବା ଆବଶ୍ୟକ ।"

କେତକ ଭକ୍ତ ସ୍ୱାମୀଙ୍କୁ ବ୍ୟୟ ବହୁଳ ବିବାହ ସମ୍ବନ୍ଧରେ ଉଲ୍ଲେଖ କରି କମ୍ ଖର୍ଚ୍ଚରେ ବିବାହ ସମାପନ କରିବାକୁ ଉପଦେଶ ଦେବେ କି ବୋଲି ପ୍ରଶ୍ନ ପଚାରିଲେ । ସ୍ୱାମୀ ଭକ୍ତମାନଙ୍କୁ କହିଲେ, "ପୂର୍ବେ ଝିଅମାନଙ୍କର ଅଳ୍ପ ବୟସରେ ବିବାହ ହୋଇ ଯାଉଥିଲା । ଗୁରୁଜନମାନେ ପରିବାରର ସଂସ୍କାର କ'ଣ ଓ ବିବାହ ପରେ ଦୁଇ ପରିବାର ମଧ୍ୟରେ ସୌହାର୍ଦ୍ଦ୍ୟ ରହିବ କି ନାହିଁ ତାହା ବିଚାର କରୁଥିଲେ । କନ୍ୟାର ପିତାଙ୍କର ଆର୍ଥିକ ଅବସ୍ଥା ଯଦି ସ୍ୱଚ୍ଛଳ ଥାଏ ଓ କିଛି ଦେବାର ସାମର୍ଥ୍ୟ ଥାଏ ତେବେ ସେ କନ୍ୟାକୁ ଗୋଟିଏ କିମ୍ବା ଦୁଇଟି ଗାଈ ଦେଉଥାଆନ୍ତି । ସେ ସମୟରେ ପୁଅଝିଅ କେବଳ ବିବାହ ଉତ୍ସବରେ ପରସ୍ପରକୁ ପ୍ରଥମ ଥର ପାଇଁ ଦେଖୁଥିଲେ । ଆଜିକାଲି ପୁଅ ଝିଅ ପରସ୍ପରକୁ ଭେଟି, ବିବାହ କରିବେ କି ନାହିଁ ନଜେ ସ୍ଥିର କରୁଛନ୍ତି । ଏହା ତ ଗନ୍ଧର୍ବ ବିବାହ । ଏଭଳି ବିବାହରେ ଶାସ୍ତ୍ରସିଦ୍ଧ କିଛି ପଦ୍ଧତି ନ'ଥାଏ । ସେ ସମୟରେ ଅଶ୍ୱତ୍‌ଥ ବୃକ୍ଷ, ସୂର୍ଯ୍ୟ ଓ ଧରିତ୍ରୀକୁ ସାକ୍ଷୀ କରି ସେଗୁଡ଼ିକର ଆଶୀର୍ବାଦ ନେଉଥିଲେ ଏବଂ ଆତ୍ମୀୟ

ସ୍ୱଜନମାନଙ୍କର ଉପସ୍ଥିତିରେ ବିବାହ ଉତ୍ସବ ସମାପନ କରିବା ଉପରେ ଗୁରୁତ୍ୱ ଦିଆଯାଉଥିଲା । ବର୍ତ୍ତମାନ ତ ତୁମେମାନେ ବିବାହର କେତେ କଣ ବିଚିତ୍ର ରୀତି ରିବାଜ୍ ଆଉ ଦିଆ-ନିଆର କେତେ କଣ ପଦ୍ଧତି ଆରମ୍ଭ କରି ଦେଇଛ । ମୁଁ ବା ଆଉ କ'ଣ କରି ପାରେ ?"

✍

ଦିନେ ସ୍ୱାମୀ ମନ୍ଦିର ପଛପଟେ ତାଙ୍କର କକ୍ଷକୁ ଲାଗି ରହିଥିବା ବାରଣ୍ଡାରେ ବସିଥିଲେ । ତାଙ୍କ ହାତରେ ପାନ ବଟୁଆଟି ଥାଏ । ଜଣେ ମହିଳା ସ୍ୱାମୀଙ୍କ ନିକଟକୁ ଆସି ତାଙ୍କୁ ଏକ ସୁମିଷ୍ଟ ଦ୍ରବ୍ୟ ଗ୍ରହଣ କରିବାକୁ ଅନୁରୋଧ କଲେ । ଏହି ସୁମିଷ୍ଟ ପଦାର୍ଥ ସ୍ୱାମୀ ଭଲ ପାଉଥାଆନ୍ତି । ସ୍ୱାମୀ ତାହାକୁ ଥାଳିଆରୁ ନେଇ ଖାଇବା ଭଳି ଅଭିନୟ କଲେ କିନ୍ତୁ ଖୁବ୍ ଚାଲାଖି କରି ତାହାକୁ ଏକ ତଉଲିଆ ଭିତରେ ଗୁଡ଼ାଇ ପାନ ଖାଇବାକୁ ଲାଗିଲେ । ଯେଉଁ ମହିଳା ସ୍ୱାମୀଙ୍କୁ ସେହି ଖାଦ୍ୟ ଦେଇଥାଆନ୍ତି ସେ ଏହା ଲକ୍ଷ୍ୟ କରି ନଥାନ୍ତି । ସ୍ୱାମୀ କିନ୍ତୁ ତାଙ୍କୁ କହିଲେ ଯେ ସେ ଦେଇଥିବା ଖାଦ୍ୟ ଖୁବ୍ ସ୍ୱାଦିଷ୍ଟ ହୋଇଛି । ଉକ୍ତ ଭଦ୍ର ମହିଳା ସେଠାରୁ ଯିବାପରେ ସ୍ୱାମୀ କହିଲେ ଯେ ସେହି ମହିଳା ଏହି ଖାଦ୍ୟ ପ୍ରସ୍ତୁତ କରିବାକୁ ଯାଇ ତାର ଚାକରମାନଙ୍କୁ ବହୁତ କଲବଲ କରିଛି । ଏଭଳି ନୈବେଦ୍ୟ ସେ ଗ୍ରହଣ କରନ୍ତି ନାହିଁ ।

✍

ଦିନେ ମୋ ମା ଖାଦ୍ୟ ପ୍ରସ୍ତୁତ କରି ହଲ୍‌ରେ ବସିଥାଏ । କଦିରପ୍ପା ନାମକ ଜଣେ ନୌକର ଭକ୍ତମାନଙ୍କର ବାସନକୁସନ ମାଜି ଦେଉଥାଏ ଓ ବଦଳରେ ଭକ୍ତମାନ ତାକୁ ଖାଇବାକୁ ଦେଉଥାଆନ୍ତି । ସେଦିନ ସମସ୍ତ ଖାଲି ତାକୁ ଶୁଖିଲା ଭାତ ଦେଇଥା'ନ୍ତି ଓ କଦରିପ୍ପା ଚଉତରାରେ ବସି ସେହି ସେହି ଶୁଖିଲା ଭାତ ଖାଉଥାଏ । ସ୍ୱାମୀ ଏ କଥା ତାଙ୍କ କକ୍ଷରେ ବସିଥିବା ଅବସ୍ଥାରେ ଦେଖି ମୋ ମା ଯେଉଁଠାରେ ବସିଥାଏ ସେଠାକୁ ଗଲେ ଓ ସେ ତିଆରି କରିଥିବା ଚଟଣିରୁ କିଛି କଦିରପ୍ପାଙ୍କୁ ଦେଇ ତାକୁ ତାହା ଭାତରେ ଗୋଳେଇ ଖାଇବାକୁ କହିଲେ । କଦିରପ୍ପାକୁ ଚଟଣି ଦେବା ପରେ ସ୍ୱାମୀ ମୋ ମା ପାଖକୁ ଆସି କହିଲେ, "ନାମଗିରିଅମ୍ମା ! କଦରିପ୍ପା ଶୁଖିଲା ଭାତ ଖାଉଥିଲା, ତେଣୁ ତୁମେ କରିଥିବା ଚଟଣିରୁ ଟିକେ ମୁଁ ନେଇ ତାକୁ ଦେଲି । ମୁଁ ତୁମ ତିଆରି ଖାଦ୍ୟ ଛୁଇଁ ଦେଲି, କିଛି ଅସୁବିଧା ନାହିଁ ତ ?" ମୋ ମା କହିଲା, "ସ୍ୱାମୀ ଆପଣ ତ ଭଗବାନ, ମୋ ତିଆରି ଖାଦ୍ୟ ଆପଣ ସ୍ପର୍ଶ କରିବା ମୋ ଭାଗ୍ୟ ।" ସ୍ୱାମୀ ହସି ହସି ସେଠାରୁ ଚାଲିଗଲେ ।

ଦିନେ ମୋ ମା ସ୍ନାନ ପରେ ଅଗଣାରେ ଗୋଟିଏ ପାଖରୁ ଆଉ ଗୋଟିଏ ପାଖକୁ ଯାଉଥାଏ । ସମସ୍ତେ ସେହି ଅଗଣା ଦେଇ ଚାଲି ଜାଗାକୁ ଅଶୌଚ କରିଦେଉଛନ୍ତି

ବୋଲି ସେ ଆଗକୁ ପାଣି ଛିଞ୍ଚି ଛିଞ୍ଚି ଚାଲୁଥାଏ । ସ୍ୱାମୀ ତାକୁ ଲକ୍ଷ୍ୟ କରି ସେ କାହିଁକି ଏମିତି କରୁଛି ପଚାରିଲେ । ସେ କହିଲା, "ସ୍ୱାମୀ, ଜାଗାଟା ଅଶୌଚ ହୋଇଯାଉଛି ଭାବି ମୁଁ ଏମିତି କରୁଛି ।" ସ୍ୱାମୀ ମା'ର କଥା ଶୁଣି ହସି ଉଠିଲେ ଓ ନିଜର ପାଦକୁ ଦେଖାଇ କହିଲେ, "ମୋ ପାଦରେ ଶଙ୍ଖ ଚକ୍ର ଅଛି । ମୁଁ ଏହି ଜାଗାରେ ଚଲାବୁଲା କରୁଛି । ତେଣୁ ଏ ସ୍ଥାନର ପ୍ରତ୍ୟେକ ଧୂଳିକଣା ପବିତ୍ର । ଏମିତି କାମ ସବୁ ବନ୍ଦ କର ।"

ଦିନେ ଅପରାହ୍ଣରେ ଭଜନ ଶେଷ ହୋଇ ଖାଇବାର ସମୟ ହୋଇଥାଏ । ସ୍ୱାମୀ ଆସି ଅଗଣାରେ ଛିଡ଼ା ହେଲେ । ମୋ ମା ପଦନମସ୍କାର କଲା । ସ୍ୱାମୀ ପରିହାସ କରି କହିଲେ, "ଆରେ ଏବେ ତୁମେ ଜଣେ ଅବ୍ରାହ୍ମଣକୁ ଛୁଇଁଲ । ତେଣୁ ପୁଣିଥରେ ସ୍ନାନ କରି ଲୁଗା ପାଲଟିବାକୁ ହେବ ।" ସ୍ୱାମୀଙ୍କ କଥା ଶୁଣି ସମସ୍ତେ ହସି ଉଠିଲେ । ଦିନେ ରାଧା, ମୋ ମା ଓ ମାଉସୀ ମନ୍ଦିରରେ ସ୍ୱାମୀଙ୍କୁ ମୁହଁ କରି ଠିଆ ହୋଇଥା'ନ୍ତି । ସ୍ୱାମୀ ପଚାରିଲେ 'ପୁଣି କେବେ ତୁମେ ଆସୁଛ ?' ସେମାନେ ଏକ ସ୍ୱରରେ ଉତ୍ତର ଦେଲେ, "ସ୍ୱାମୀ ! ଯେବେ ଆପଣ ଡାକିବେ ସେବେ ଆସିବୁ ।" ରାଧା ସ୍ୱାମୀଙ୍କୁ କହିଲା "ପୁଟ୍ଟପର୍ତ୍ତିକୁ ନୁହଁ, ସ୍ୱାମୀଙ୍କ କୋଳକୁ ।" ମୋ ମା'ଙ୍କୁ ଦେଖେଇ ସ୍ୱାମୀ କହିଲେ, "ସେ ପ୍ରଥମେ ଆସିବ ।" ମୋ ମାଉସୀ ତହୁଁ ସ୍ୱାମୀଙ୍କୁ କହିଲା, "ମୁଁ କିନ୍ତୁ ସ୍ୱାମୀ ତା'ର ବଡ଼ ଭଉଣୀ । ତେଣୁ ମୋତେ ପ୍ରଥମେ ନେବାକୁ ହେବ ।" ସ୍ୱାମୀ ତାକୁ କହିଲେ, "ବୟସ ନୁହଁ, ଭକ୍ତି ହେଲା ମାପକାଠି । ତେଣୁ ନାମଗିରିଆମ୍ମା ପ୍ରଥମେ ଆସିବ ।"

ସ୍ୱାମୀ ଥରେ ମୋ ମା'କୁ କହିଥିଲେ, "ତୁମର ପୂର୍ବ ପୁରୁଷମାନେ ସାଧୁସନ୍ଥଙ୍କର ଯେଉଁ ସେବା କରିଥିଲେ, ତାର ଫଳ ସ୍ୱରୂପ ତୁମେ ପୁଟ୍ଟପର୍ତ୍ତି ଆସୁଛ ।" ପ୍ରକୃତରେ ମୋ ମା'ର କେହି ଜଣେ ପୂର୍ବପୁରୁଷ କର୍ଣ୍ଣାଟକର ଶୃଙ୍ଗେରୀ ପୀଠର ମଠାଧିପତିଙ୍କର ସେବା କରିଥିଲେ ।

ଦିନେ ସ୍ୱାମୀ ଭକ୍ତମାନଙ୍କ ସଙ୍ଗେ ଆଳାପ କରୁଥାନ୍ତି । ଭକ୍ତମାନଙ୍କ ମଧ୍ୟରୁ ଦୁଇଜଣ ବିଦାୟ ନେବାକୁ ସ୍ୱାମୀଙ୍କର ଅନୁମତି ଚାହିଁଲେ । ସ୍ୱାମୀ ସେମାନଙ୍କୁ ଚାହିଁ ତିନିଥର "ମାଞ୍ଚିଦି କାନି" (ଭଲ ହେଉ) କହିଲେ । ଯା' ଆଗରୁ ସ୍ୱାମୀ ଏମିତି କାହାକୁ କହିବା ଭକ୍ତମାନେ ଶୁଣି ନ'ଥାନ୍ତି । ସେ ଦୁଇ ଜଣ ସେଠାରୁ ଯିବା ପରେ ଅନ୍ୟମାନେ ସ୍ୱାମୀଙ୍କୁ ସେ କାହିଁକି ସେମିତି କହିଲେ ପଚାରିଲେ । ସ୍ୱାମୀ କିଛି ଉତ୍ତର ଦେଲେ ନାହିଁ । ମାତ୍ର କିଛି ସମୟ ପରେ ସେ ଦୁହେଁ ଧାଇଁ ଧାଇଁ ଆସି ସ୍ୱାମୀଙ୍କ ଗୋଡ଼ ତଳେ ପଡ଼ି କହିଲେ, "ସ୍ୱାମୀ, ଆପଣ ଆମକୁ ନିଶ୍ଚିତ ମୃତ୍ୟୁରୁ ରକ୍ଷା କଲେ । ଆମେ ମନ୍ଦିର ଛାଡ଼ିବା ପରେ ଗୋଟିଏ ବଡ଼ ଢ଼ିପ ଉପର ଦେଇ ଯାଉଥିଲୁ । ଢିପ ଉପରକୁ ଉଠିବା ବେଳକୁ ଆମ

ପାଖରେ ଗୋଟିଏ ମସ୍ତବଡ଼ ନାଗ ସାପ ଫଣା ଉଠାଇ ରହିଥାଏ । ଆମଠୁ ତାର ଫଣା ଥାଉ ମାତ୍ର କେତେ ଇଞ୍ଚ ଦୂରରେ ! ସେ ଚୋଟ ପକାଇଥିଲେ ଆମେ ଖାଁ ଖାଁ କରି ମରିଯାଇଥା'ନ୍ତୁ । ଆମେ ବଡ଼ ପାଟିରେ ଚିତ୍କାର କଲୁ 'ସ୍ୱାମୀ, ସ୍ୱାମୀ' । ସାପଟି ଢ଼ିପ ତଳକୁ ଯାଇ କୁଆଡ଼େ ଅଦୃଶ୍ୟ ହୋଇଗଲା । ଆପଣଙ୍କ କୃପା ହେତୁ ଆମକୁ କିଛି ହେଲା ନାହିଁ" । ସ୍ୱାମୀ କହିଲେ, "ସେଥିପାଇଁ ଭଲ ହେଉ ବୋଲି ମୁଁ ତିନିଥର କହିଲି ।" ସ୍ୱାମୀ ପାଖରେ ବସିଥିବା ଭକ୍ତମାନଙ୍କୁ ଲକ୍ଷ୍ୟ କରି କହିଲେ, "ଯେତେବେଳେ କେହି ତୁମ ଘର ଛାଡ଼ିଯା'ନ୍ତି, ସେତେବେଳେ ସେମାନଙ୍କର ମଙ୍ଗଳ କାମନା କର ।"

✍

ଦିନେ ମନ୍ଦିରରେ ମୋ ମା ଠିକ୍ ଭଜନ ପୂର୍ବରୁ ବିବିଧ ପୂଜା ସାମଗ୍ରୀ ଓ ଆଳତୀ ଥାଳିଆ ସଜଉଥାଏ । ସେ ହଠାତ୍ ସ୍ୱାମୀ ତାକୁ କ୍ରୋଧରେ ଏମିତି କହିବା ଶୁଣିଲା, 'ଏଗୁଡ଼ିକୁ କ'ଣ ଏମିତି ସଜା ଯାଏ ? ଆଳତୀ ଥାଳିଆଟା ଠିକ୍ ଭାବରେ ରଖି ପାରୁନୁ ?' ସ୍ୱାମୀ ଏଭଳି କଥା କହିବା ସେ ଆଗରୁ କେବେ ଶୁଣି ନ' ଥାଏ । ତେଣୁ ତାଙ୍କ କଥାରେ ଚମକି ପଡ଼ି ସେ ଯେତେବେଳେ ତାଙ୍କ ଆଡ଼କୁ ଚାହେଁ, ସେଠାରେ ସେ ସ୍ୱାମୀଙ୍କୁ ଦେଖୁ ନଥାଏ; ଦେଖୁଥାଏ ସର୍ବାଳଙ୍କାର ଭୂଷିତା ଶକ୍ତି ସ୍ୱରୂପିଣୀ ମା'ଙ୍କୁ । ସେଇଠେ ସେ ବୁଝିପାରିଲା ଯେ ସ୍ୱାମୀ ତାକୁ ଅପରୂପ ଶୋଭା-ସମ୍ଭାରରେ ବିମଣ୍ଡିତ ଦେବୀଙ୍କର ଦର୍ଶନ ଦେବାକୁ ଚାହିଁଥିଲେ । ତେଣୁ ସେଥିପ୍ରତି ତାର ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ତାକୁ ସେଦିନ ସେମିତି କଥା କହିଲେ ।

✍

ଦିନେ କେତେକ ଭକ୍ତ ସ୍ୱାମୀଙ୍କ ପାଦ ପୂଜା କରୁଥାଆନ୍ତି । ସେ ସେମାନଙ୍କୁ କହିଲେ, "କିଛି ଗୀତ ଗାଇ ପାଦ ପୂଜା କର ।" ଭକ୍ତମାନେ ସେମାନଙ୍କୁ ଗୀତ ଗାଇ ଆସେନି ବୋଲି କହିଲେ । ମୁଁ ସେମାନଙ୍କ ପାଖରେ ବସିଥିବାରୁ ସ୍ୱାମୀ ମୋତେ ଗୀତ ଗାଇବାକୁ କହିଲେ । ମୁଁ ଯେଉଁ ଗୀତଟି ଗାଇଲି ତାହାର ଭାବ ଥିଲା, 'କଳିଯୁଗରେ ହରିନାମ ଗାନ କଲେ ବହୁ ପୁରୁଷ ଉଦ୍ଧାର ପାଇଯିବେ ।' ସ୍ୱାମୀ ମନ ଦେଇ ଗୀତଟି ଶୁଣୁ ଥାଆନ୍ତି । ଗୀତ ଶେଷରେ ସେ କହିଲେ, "ଶୁଣ ପୁରନ୍ଦର ଦାସ କହୁଥାନ୍ତି ଯେ କଳିଯୁଗରେ ନାମ ସ୍ମରଣ ଯଥେଷ୍ଟ, ମୁଁ ମଧ୍ୟ ସେହି କଥା କହୁଛି । କେବଳ ହରି ନାମ ନେଲେ ଯଥେଷ୍ଟ ।"

✍

ତିରୁମଲ ରାଓ ଦମ୍ପତିଙ୍କର ପୁତ୍ର ସନ୍ତାନ ନ'ଥାନ୍ତି । ସେମାନଙ୍କର ଅଜସ୍ର ଧନ ସମ୍ପଦ ଥାଏ ଏବଂ ସେମାନେ ସ୍ୱାମୀଙ୍କୁ ଏକ ପୁତ୍ର ସନ୍ତାନ ପାଇଁ ପ୍ରାର୍ଥନା କରୁଥାଆନ୍ତି, ଯିଏ

ପରେ ତାଙ୍କର ଧନ-ସମ୍ପଦର ଉତ୍ତରାଧିକାରୀ ହେବ । ସ୍ୱାମୀ କିନ୍ତୁ କିଛି ଦିନ ଯାଏଁ ତିରୁମଲ ରାଓଙ୍କୁ ଧରା ଛୁଆଁ ଦେଉ ନ'ଥାନ୍ତି । ଦିନେ ସ୍ୱାମୀ ସମସ୍ତଙ୍କୁ ନଦୀ ବାଲି ଉପରକୁ ନେଇଥା'ନ୍ତି । ସେଦିନ ସେ ତିରୁମଲ ରାଓଙ୍କ ପତ୍ନୀଙ୍କୁ ଡାକି ଏକ ଫଳ ସୃଷ୍ଟି କରି ଦେଲେ ।

ତିରୁମଲ ରାଓଙ୍କ ସ୍ତ୍ରୀ ସେହି ଫଳରୁ ଅଧା ତାଙ୍କ ଯା'କୁ ଦେଲେ କାରଣ ସେ ମଧ୍ୟ ଅପୁତ୍ରିକ ଥାଏ । ଉଭୟେ ଗର୍ଭବତୀ ହେଲେ । ତିରୁମଲ ରାଓଙ୍କ ମା' ପରେ ଜାଣିପାରିଲେ ଯେ ସ୍ୱାମୀ ଦେଇଥିବା ଫଳଟି ଦୁଇ ଜଣ ଅଧା ଅଧା ଖାଇଛନ୍ତି । ସେ ସଙ୍ଗେ ସଙ୍ଗେ ପୁଟ୍ଟପର୍ତ୍ତି ଯାଇ ସ୍ୱାମୀଙ୍କୁ ଏକଥା ଜଣାଇଲେ । ତାଙ୍କ ମନରେ ଭୟ ଥିଲା, ଏହା ଫଳରେ ହୁଏତ ଦୁଇଜଣ ବିକଳାଙ୍ଗ ଶିଶୁ ଜନ୍ମ ହେବେ । ସ୍ୱାମୀ ତିରୁମଲ ରାଓଙ୍କ ମା'ଙ୍କୁ କହିଲେ ଯେ ତାଙ୍କୁ ନ ପଚାରି ଫଳଟି ଅଧା ଅଧା ଖାଇବା ଠିକ୍ ହୋଇ ନାହିଁ । ଅବଶ୍ୟ କିଛି ଅଘଟଣ ଘଟିବ ନାହିଁ ବୋଲି ସେ ତାଙ୍କୁ ପ୍ରତିଶ୍ରୁତି ଦେଲେ । ଉଭୟେ ସୁସ୍ଥ ସୌଷ୍ଠବ ଶିଶୁଙ୍କୁ ଜନ୍ମ ଦେଲେ ।

କୌଣସି ଏକ ଭକ୍ତର ବିବାହ ଉତ୍ସବରେ ଯୋଗ ଦେବାପାଇଁ ଥରେ ସ୍ୱାମୀ ପୁଟ୍ଟପର୍ତ୍ତିରୁ ବାହାରିଲେ । ଏଥିପାଇଁ ପୁଟ୍ଟପର୍ତ୍ତିର ଭକ୍ତମାନେ ମନ ଦୁଃଖରେ ଥା'ନ୍ତି । ସେ କିନ୍ତୁ ସେମାନଙ୍କୁ ଶୀଘ୍ର ଫେରିଆସିବେ ବୋଲି ପ୍ରତିଶ୍ରୁତି ଦେଇ ସ୍ଥାନୀୟ ଏକ ଓଭରସିଅରଙ୍କୁ ମନ୍ଦିରରେ ଭକ୍ତମାନଙ୍କର ଭଲ ମନ୍ଦ ବୁଝିବାର ଦାୟିତ୍ୱ ଦେଇଥିଲେ । ପରଦିନ ଭକ୍ତ ଓଭରସିଅର ସ୍ୱାମୀ ନଥିବାରୁ ଦୁଃଖରେ ସ୍ୱାମୀଙ୍କୁ ମନେ ପକେଇ ସତ୍ୟଭାମା ମନ୍ଦିର ପାଖରେ ବସିଥାନ୍ତି । ଦିନ ପ୍ରାୟ ବାରଟା ହେବ, ସେ ଚିତ୍ରାବତୀ ନଦୀ ଆଡ଼କୁ ଚାହିଁ ରହିଥାନ୍ତି । ଖଣ୍ଡେ ଦୂରରେ ସେ କମଳା ରଙ୍ଗର ବସ୍ତ୍ର ପରିହିତ କାହାକୁ ଜଣକୁ ଦେଖିବାକୁ ପାଇଲେ । ଆରେ ଏ କ'ଣ ଦେଖୁଛନ୍ତି ! ସ୍ୱାମୀ ଖାଲି ପାଦରେ ତତଲା ବାଲି ଉପରେ ଚାଲି ଚାଲି ଆସୁଛନ୍ତି ! ହେ ପ୍ରଭୁ ! ତୁମର କି କରୁଣା !

ଓଭରସିଅର ଜଣକ ମନ୍ଦିରକୁ ଧାଇଁ ଯାଇ ସମସ୍ତଙ୍କୁ କହିଲେ ସେ ସ୍ୱାମୀ ଆସୁଛନ୍ତି । ସେ ସେମାନଙ୍କୁ ପାଦ ପୂଜା ଓ ଆରତୀ ପାଇଁ ପ୍ରସ୍ତୁତ ହେବାକୁ କହୁଥାନ୍ତି । ତା' ପରେ ସେ ହାତରେ ସ୍ୱାମୀଙ୍କ କଠଉ ଧରି ସ୍ୱାମୀ ଯେଉଁ ଦିଗରୁ ଆସୁଥିବା ଦେଖିଥିଲେ, ସେଇ ଦିଗକୁ ଧାଇଁଲେ । ସ୍ୱାମୀ ସେ ଦେଇଥିବା କଠଉ ପିନ୍ଧି ମନ୍ଦିରରେ ପ୍ରବେଶ କଲେ । ସ୍ୱାମୀ ଭକ୍ତମାନଙ୍କୁ କହିଲେ, "ଦେଖ, ମୋ ପାଦରେ କିମିତି ଫୋଟକା ପଡ଼ି ଯାଇଛି । ବିବାହ ସମ୍ବର୍ଦ୍ଧନା ଉତ୍ସବ ଯାଏ ମୁଁ ଆଉ ରହିଲି ନାହିଁ । ତୁମେମାନେ ଯେହେତୁ ମୁଁ ଶୀଘ୍ର ଫେରିଆସେ ବୋଲି ପ୍ରାର୍ଥନା କରୁଥିଲ ମୁଁ କାହାକୁ କିଛି ନ କହି ଚାଲି ଆସିଲି ।"

ସ୍ୱାମୀ ଆମମାନଙ୍କୁ ମନ୍ଦିରର ବିଗ୍ରହମାନଙ୍କୁ ଆରତୀ ଦେବାକୁ ନିର୍ଦ୍ଦେଶ ଦେଲେ । ତା’ ପର ସେ ଏକ ପଥର ଉପରେ ଛିଡ଼ା ହେଲେ ଓ ଆମେ ତାଙ୍କର ଆରତୀ କଲୁ । ସ୍ୱାମୀ ସେତେବେଳେ ଗାଉଥାନ୍ତି, “ନାନୁ ପାଲିମ୍ପା ନାଡ଼ିଚି ଓ୍ୱଚିତିଓ୍ୱି ନା ପ୍ରାଣନାଥ, (ଆମକୁ ପାଳନ କରିବାକୁ ଚାଲି ଚାଲି ଆସିଛ, କି ହେ ପ୍ରାଣ ନାଥ ।) ତାଙ୍କ ସକରୁଣ ଦୃଷ୍ଟି ଆମମାନଙ୍କ ଉପର ଥାଏ ।

ସ୍ୱାମୀ ସେତେବେଳେ ଦଶହରା ଓ ଜନ୍ମୋତ୍ସବରେ ଯୋଗଦେବା ପାଇଁ ଭକ୍ତମାନଙ୍କୁ ନିମନ୍ତ୍ରଣ ପଠଉଥା’ନ୍ତି । ଥରେ ଆମେ ତାଙ୍କଠାରୁ ନିମନ୍ତ୍ରଣ ପାଇଲୁ ନାହିଁ । ପୁଟ୍ଟପର୍ତ୍ତିରେ ପହଁଞ୍ଚି ମୋ ପତି, ସ୍ୱାମୀଙ୍କୁ ସେହି ବର୍ଷ ସେମାନେ କୌଣସି ନିମନ୍ତ୍ରଣ ପାଇ ନ’ଥିବା କଥା ଜଣାଇଲେ । ସ୍ୱାମୀ କ୍ରୋଧ ପ୍ରକାଶ କରି କହିଲେ, “ପରିବାରର ଲୋକଙ୍କୁ କ’ଣ ନିମନ୍ତ୍ରଣ କରିବାକୁ ହୁଏ ? ଏହା ଯେହେତୁ ତୁମ ସମସ୍ତଙ୍କ ପରିବାରର ଉତ୍ସବ, ତୁମେମାନେ ଆପଣା ଛାଏଁ ଏଠାକୁ ଆସି କାମ କରିବା କଥା ।”

ଆମେ ଆମ ଘରର ଗୋଟିଏ ଭାଗ ଭଡ଼ା ଦେଇ ଥାଉ । ଥରେ ଆମ ଘରେ ଯେଉଁମାନେ ଭଡ଼ାକୁ ଥା’ନ୍ତି, ସେମାନେ ଆମ ସଙ୍ଗେ ପୁଟ୍ଟପର୍ତ୍ତି ଆସିଲେ । ସ୍ୱାମୀ ସେମାନଙ୍କୁ ଇଣ୍ଟରଭ୍ୟୁକୁ ଡାକି ସେ ତାଙ୍କ ଘରେ ଛ’ ମାସ ଧରି ଅଛନ୍ତି ବୋଲି କହିଲେ । ସ୍ୱାମୀଙ୍କ କଥାରେ ଆଶ୍ଚର୍ଯ୍ୟ ହୋଇ ସେମାନେ ସ୍ୱାମୀ କେବେ ତାଙ୍କ ଘରକୁ ଆସିଥିଲେ ବୋଲି ପ୍ରଶ୍ନ କଲେ । ସ୍ୱାମୀ ସେମାନଙ୍କୁ ଗତ ଛ’ ମାସ ଧରି ସେମାନେ ତାଙ୍କ ଫଟୋକୁ ପୂଜା କରୁଥିବା କଥା କହିଲେ । ଛ’ ମାସ ତଳେ ସେମାନେ ଆମକୁ ସ୍ୱାମୀଙ୍କ ଏକ ଫଟୋ ମାଗି ତାହା ପୂଜା କରିବା ଆରମ୍ଭ କରିଥିଲେ ।

ସ୍ୱାମୀ ଆମକୁ ସବୁବେଳେ କହୁଥାଆନ୍ତି, “ତୁମେ ପ୍ରତିଦିନ ତୁମ ଘରେ ଯେଉଁ ସ୍ଥାନରେ ପୂଜା କରୁଛ, ସେହି ସ୍ଥାନ ପରିବର୍ତ୍ତନ କର ନାହିଁ । ଗୋଟିଏ ଜାଗାରେ ଛ’ ମାସ ଧରି ଯଦି ପୂଜା କରାଯାଏ, ସେହି ସ୍ଥାନରେ ଶକ୍ତିର ସଞ୍ଚାର ହୁଏ ଓ ସେତେବେଳେ ଯିଏ ଯାହା ଚାହିଁ ଥାଏ ତାହା ପୂର୍ଣ୍ଣ ହୋଇଥାଏ ।”

ଦିନେ ମୋ ମା’ ସ୍ୱାମୀଙ୍କ ପାଖରେ ଛିଡ଼ା ହୋଇଥିବା ଅବସ୍ଥାରେ ସ୍ୱାମୀ ଭକ୍ତମାନେ ତାଙ୍କୁ ଦେଇଥିବା ଫୁଲମାଳ ସବୁ ମୋ ମା’କୁ ଦେଲେ । ସ୍ୱାମୀଙ୍କ ହାତରୁ ମାଳ ଗୁଡ଼ିକ ନେଇ

ସେ କିଛି ସମୟ ସେଠାରେ ସେମିତି ଛିଡ଼ା ହୋଇଥାଏ । ସ୍ୱାମୀ ସେ ସ୍ଥାନ ଛାଡ଼ିବା ପରେ ସେ ମାଳ ଗୁଡ଼ିକୁ ଅଳିଆ ଗଦାରେ ଫିଙ୍ଗି ଦେଲା । ସ୍ୱାମୀ ପୁଣିଥରେ ସେଠାକୁ ଆସି ମୋ ମା'କୁ ମାଳ ଗୁଡ଼ିକ ମାଗିଲେ । ମା' ଉତ୍ତର ଦେଲା, "ସ୍ୱାମୀ, ଯେହେତୁ ମାଳ ଗୁଡ଼ିକ ଜଣେ ମଣିଷ ଥରେ ପିନ୍ଧି ସାରିଛନ୍ତି ତେଣୁ ମୁଁ ସେଗୁଡ଼ିକୁ ଅଳିଆ ଗଦାରେ ଫିଙ୍ଗି ଦେଲି ।" ମୋ ମା'ର କଥା ଶୁଣି ସ୍ୱାମୀ ମନ୍ଦିରରେ ସମସ୍ତଙ୍କୁ ଥଟ୍ଟାରେ କହିଲେ, "ଦେଖ, ଏ ମୋତେ ଜଣେ ସାଧାରଣ ମଣିଷ କହୁଛି ।"

ଥରେ ମୋ ମା ସେଠାରେ ଥିବା ସମୟରେ ରମଣ ମହର୍ଷିଙ୍କର କେତେ ଜଣ ଶିଷ୍ୟ ସେଠାକୁ ଆସିଥା'ନ୍ତି । ସେ ସମୟରେ ମନ୍ଦିରରେ ପ୍ରାୟ ସମସ୍ତ ଭକ୍ତ ତେଲୁଗୁରେ କଥାବାର୍ତ୍ତା ହେଉଥା'ନ୍ତି । ରମଣ ମହର୍ଷିଙ୍କର ଏହି ଶିଷ୍ୟମାନେ କିନ୍ତୁ ତାମିଲରେ କଥାବାର୍ତ୍ତା ହେଉଥାଆନ୍ତି ଯାହା କେହି ବୁଝୁ ନ'ଥାନ୍ତି । ସେମାନଙ୍କୁ ମନ୍ଦିର ପଛପଟେ ରହୁଥବବା ଜଣେ ତାମିଲଭାଷୀ ବ୍ୟକ୍ତିଙ୍କ ପାଖକୁ ଯିବାକୁ କୁହାଗଲା । ସେମାନେ ଖୋଜି ଖୋଜି ମୋ ମା'କୁ ପାଇଲେ । ମା ସେମାନଙ୍କୁ ସେମାନଙ୍କର ଆସିବାର କାରଣ ପଚାରିଲା । ସେମାନେ ମୋ ମା'କୁ କହିଲେ ଯେ ସେମାନେ ରମଣ ମହର୍ଷିଙ୍କ ଶିଷ୍ୟ । ସେମାନେ ତାମିଲନାଡୁର ତିରୁବନମଲାଇରେ ଥିବା ରମଣାଶ୍ରମରୁ ଆସିଛନ୍ତି । ଆଉ ମଧ ସେମାନେ କହିଲେ ଯେ ରମଣ ମହର୍ଷିଙ୍କ ସ୍ୱାସ୍ଥ୍ୟ ଭଲ ନାହିଁ । ସେମାନେ ରମଣ ମହର୍ଷିଙ୍କୁ ଦର୍ଶନ କରିବାକୁ ଯିବାରୁ ମହର୍ଷି ସେମାନଙ୍କୁ କହିଲେ, 'ତୁମେ ଏଠାକୁ କାହିଁକି ଆସିଛ ? ଭଗବାନ ଆନ୍ଧ୍ରପ୍ରଦେଶର ଏକ ଗ୍ରାମରେ ଅବତୀର୍ଣ୍ଣ ହୋଇ ସାରିଲେଣି । ସେଠାକୁ ଯାଇଁ ତାଙ୍କୁ ଦର୍ଶନ କର ।" ମୋ ମା ସେମାନଙ୍କୁ ପଚାରିଲା, ରମଣ ମହର୍ଷି ସେମାନଙ୍କୁ ଏଠାରେ କ'ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେମାନେ କହିଲେ, "ଆମେ ଗୁରୁଙ୍କ ତାହା ପଚାରିବାରୁ ସେ ଆମକୁ କହିଲେ, "ସେଠାରେ ତୁମକୁ କିଛି କରିବାକୁ ହେବ ନାହିଁ । ଖାଲି ଯାଇ ଭଜନ ସମୟରେ ତାଙ୍କ ପାଖରେ ବସ । ମୋ ମା ତାହା ଶୁଣି ଆନନ୍ଦବିଭୋର ହୋଇ ଉଠିଲା । ଭଜନରେ ସ୍ୱାମୀଙ୍କ ସଙ୍ଗେ ବସିବା ଯେ ସତେ କେତେ ଲାଭପ୍ରଦ !

✍

ଦିନେ ମୋ ମା ଓ ଭଉଣୀ ମନ୍ଦିରରେ ସ୍ୱାମୀଙ୍କ ସଙ୍ଗେ ବସିଥାନ୍ତି । ସ୍ୱାମୀ ସେମାନଙ୍କୁ କହିଲେ, "ଝିଅ ବ୍ୟବସାୟୀ ଓ ଧନୀ ଲୋକମାନେ ସବୁବେଳେ ମୋତେ ଏହା ଦିଅ ତାହା ଦିଅ କହି ବିରକ୍ତ କରିଥା'ନ୍ତି । ସବୁଦିନ ଭଳି ଦିନେ ମୁଁ ସେମାନଙ୍କୁ ନେଇ ନଦୀବାଲିକୁ ଯାଇଥାଏ । କିଛି ସମୟ ପରେ ମୁଁ ବାଲିରେ ଏକ ବଡ଼ ବୃତ୍ତ ଟାଣି ସେମାନଙ୍କୁ କହିଲି ଏହି ବୃତ୍ତର ପରିଧି ଭିତରେ ସେମାନଙ୍କ ମଧ୍ୟରୁ ଯିଏ ଯାହା ଚାହିଁବ ତାହା ପାଇବ । ପରେ ମୁଁ ମନ୍ଦିରକୁ ଫେରିଆସିଲି । ସେତେବେଳକୁ ଅନ୍ଧାର ହୋଇ

ଆସିଥାଏ । ଅନ୍ୟମାନେ ସମସ୍ତେ ବାଲି ଖୋଳିବା ଆରମ୍ଭ କଲେ । ଅନେକ ସମୟ ବିତିଗଲା, କିନ୍ତୁ ସେମାନେ କେହି ଫେରୁ ନ'ଥାନ୍ତି । ମୁଁ କିଷ୍ଟପ୍ପା (ସ୍ୱାମୀଙ୍କ ପିଉସୀ ପୁଅ)କୁ ଡାକି ଗୋଟିଏ ଲଣ୍ଠନ ନେଇ ନଦୀକୂଳରୁ ସେମାନଙ୍କୁ ମନ୍ଦିରକୁ ନେଇ ଆସିବାକୁ କହିଲି, କାରଣ ଆଉ ବିଳମ୍ବ ହେଲେ ସେମାନେ ହୁଏତ ନଦୀକୂଳରେ ରାତିରେ ବୁଲୁଥିବା ବାଘର ଶିକାର ହେବେ । କିଷ୍ଟପ୍ପା ସେଠାକୁ ଯାଇ ଦେଖେ, ସେମାନେ ନଦୀ ବାଲି ଆହୁରି ଖୋଳିବାରେ ବ୍ୟସ୍ତ । କିଷ୍ଟପ୍ପା ସେମାନଙ୍କୁ ବୁଝେଇସୁଝେଇ ଶେଷରେ ମନ୍ଦିରକୁ ନେଇ ଆସିଲା । ମୁଁ ସେମାନଙ୍କୁ ଯିଏ ଯାହା ଚାହିଁଥିଲେ ପାଇଛନ୍ତି କି ବୋଲି ପଚାରିଲି । ସେମାନେ ସବୁ ଖୁସିରେ ଯିଏ ଯାହା ଚାହିଁଥିଲେ ତାହା ପାଇଛନ୍ତି କହିଲେ; କିନ୍ତୁ ସାଥିରେ ଆଣିଥିଲେ କଣ ? ଗଦାଏ ଗଦାଏ ବାଲି ! ମୁଁ ସେମାନଙ୍କୁ ସେହି ବାଲିକୁ ନେଇ ମନ୍ଦିର କାନ୍ଥର ଧାରରେ ଗଦା କରିବାକୁ କହିଲି । ସେମାନେ ସେମିତି କଲେ । ଲଣ୍ଠନର ଆଲୁଅରେ ଅନ୍ୟମାନେ ଯେତେବେଳେ କୌତୂହଳରେ ବାଲିଗଦାରେ କ'ଣ ଅଛି ଦେଖିଲେ, ସେଥିରେ ଥିଲା ଗଧ, ମେଣ୍ଢା ଆଉ ପକ୍ଷୀମାନଙ୍କର ଶୁଖିଲା ମଳ ଆଉ ଛୋଟ ବଡ଼ କିଛି ପଥର, ବ୍ୟବସାୟୀମାନେ ତାହା ଦେଖି ଖୁବ୍ ଲଜ୍ଜିତ ହେଲେ । ସେମାନେ ଭାବିଥା'ନ୍ତି ଯେ ଅନ୍ଧାରରେ ସେମାନେ ଯେଉଁ ବାଲି ଆଣିଛନ୍ତି ସେଥିରେ ଅନେକ ସୁନା, ରୁପା ଓ ହୀରାର ଖଣ୍ଡ ରହିଥିବ । ମୁଁ ଓ ଅନ୍ୟ ସମସ୍ତେ ଏହା ଦେଖି ମନଖୋଲି ହସିଲୁ । ଭବିଷ୍ୟତରେ ଆଉ ଏଭଳି କାମନା ପୋଷଣ ନ' କରିବାକୁ ମୁଁ ସେମାନଙ୍କୁ କହିଲି ।"

ବାଲିରୁ ରତ୍ନ ଦରାଣ୍ଡୁ ଥିବା ସେହି ଦଳରେ ତାମିଲନାଡୁର ସେଚି ନାମକ ଜଣେ ଭଦ୍ର ବ୍ୟକ୍ତିଥା'ନ୍ତି । ସେ ପ୍ରତିଦିନ ସଞ୍ଜ ନ' ହଉଣୁ ମନ୍ଦିରକୁ ଫେରିଆସି ସ୍ୱାମୀ ଚିତ୍ରାବତୀରୁ ଫେରିବା ପରେ ଗୋଡ଼ ଧୋଇବା ପାଇଁ ପାଣି ଗରମ କରି ରଖୁଥାନ୍ତି ଏବଂ ସଞ୍ଜ ଆରତୀଟି ଦେଉଥାନ୍ତି । ସ୍ୱାମୀ ତାଙ୍କୁ ଏହା ନ' କରିବା ପାଇଁ ଅନେକଥର କହିଥା'ନ୍ତି କିନ୍ତୁ ସେ ବଡ଼ ଭକ୍ତିରେ ତାହା କରି ଚାଲିଥାନ୍ତି । ସେଦିନ ସେ ମଧ୍ୟ ହୀରା ମୋତି ପାଇବା ପାଇଁ ଅନ୍ୟମାନଙ୍କ ସହ ନଦୀ ବାଲି ଖୋଳିବାରେ ଲାଗିଥାନ୍ତି । ସନ୍ଧ୍ୟାରେ ସ୍ୱାମୀ ତାଙ୍କୁ ଦଳର ଅନ୍ୟମାନଙ୍କ ସଙ୍ଗେ ମନ ଦୁଃଖରେ ବସିଥିବା ଦେଖି ପଚାରିଲେ, "ସେଚି, ଆଜି ନିଜେ ନିଜେ ନେଇଥିବା ଡ୍ୟୁଟି ତ' କଲୁ ନାହିଁ ?"

ଥରେ ମୋ ମା' ପୁଟ୍ଟପର୍ତ୍ତିରେ ଥିବା ସମୟରେ ଏକ ମହିଳାକୁ ଅଣାଯାଇଥାଏ । ତା'ର ଦୁଇ ପାଦ ପକ୍ଷାଘାତରେ ଅଚଳ ହୋଇ ଯାଇଥାଏ । ସେ ସମୟରେ ସ୍ୱାମୀ ସମସ୍ତଙ୍କୁ ଭଜନ ଗାଇବାକୁ କହି ଭଜନ ଶୁଣୁଥା'ନ୍ତି । ସେ ଏ ସ୍ତ୍ରୀ ଲୋକକୁ ମଧ୍ୟ ଗୋଟିଏ ଭଜନ ଗାଇବାକୁ କହିଲେ, କିନ୍ତୁ ସ୍ତ୍ରୀ ଲୋକଟିର ଗଳା ଏତେ କର୍କଶ ଥିଲା ଯେ ଅନ୍ୟମାନେ

ତା'ର ଭଜନ ଶୁଣିପାରୁ ନ'ଥାନ୍ତି । ସ୍ୱାମୀ କିନ୍ତୁ ଖୁବ୍ ମନ ଦେଇ ଶୁଣୁଥା'ନ୍ତି । ଭକ୍ତମାନଙ୍କ ମଧ୍ୟରୁ ଜଣେ ଦିନେ ସ୍ୱାମୀଙ୍କୁ ଏହି ମହିଳା ସମ୍ବନ୍ଧରେ ପଚାରିଲେ । ସ୍ୱାମୀ ସେଦିନ ସେ ଭକ୍ତକୁ କହିଲେ ଯେ ଉକ୍ତ ମହିଳା ତା'ର ପୂର୍ବ ଜନ୍ମରେ ଗୁଣି-ଗାରିଡ଼ି ପ୍ରୟୋଗ କରି ତା'ର ଶତ୍ରୁମାନଙ୍କର ପାଦକୁ ପକ୍ଷାଘାତରେ ଅଚଳ କରି ଦେଉଥାଏ । ତାର ସେହି କୁକର୍ମର ଫଳ ସ୍ୱରୂପ ସେ ଏ ଜନ୍ମରେ ନିଜେ ପକ୍ଷାଘାତରେ ଅଚଳ ହୋଇଯାଇଛି । ସେ ଜନ୍ମରେ ସେ ଗୁଣିଗାରିଡ଼ି ପ୍ରୟୋଗ କରି ଭଗବାନଙ୍କୁ ପ୍ରାର୍ଥନା କରୁଥାଏ ଯେ ତାର ଶତ୍ରୁ ସକାଳେ ଉଠୁ ଉଠୁ ପକ୍ଷାଘାତରେ ଅଚଳ ହୋଇଯାଉ । ମନ୍ଦ ଉଦ୍ଦେଶ୍ୟ ନେଇ ହଉ ପଛକେ, ସେତେବେଳେ ସେ ଭଗବାନଙ୍କୁ ଯେଉଁ ପ୍ରାର୍ଥନା କରୁଥାଏ, ତାର ଫଳ ସ୍ୱରୂପ ଏ ଜନ୍ମରେ ସ୍ୱାମୀଙ୍କର ଦର୍ଶନ ପାଇ ପାରିଛି । ତାଙ୍କର ଅପାର କରୁଣାରୁ ସ୍ୱାମୀ ଏଭଳି ଜଘନ୍ୟ ପାପ କରିଥିବା ଉକ୍ତ ମହିଳାକୁ କ୍ଷମା ଦେଇ ତାକୁ ଦର୍ଶନ ପ୍ରଦାନ କରିଛନ୍ତି । ସ୍ୱାମୀ ସବୁବେଳେ କହନ୍ତି "ଭକ୍ତି ଯେତିକି କୃପା ସେତିକି, ଦୁଷ୍କର୍ମ ଯେମିତି ଶାସ୍ତି ସେମିତି ।"

✍

ଦିନେ ଅପରାହ୍ନରେ ମୋ ଭଉଣୀ ଓ ଆଉ ପାଞ୍ଚ ଜଣ ଭକ୍ତ ସ୍ୱାମୀଙ୍କ ସଙ୍ଗେ ମନ୍ଦିରରେ ବସିଥା'ନ୍ତି । ଭକ୍ତମାନଙ୍କ ମଧ୍ୟରୁ ଜଣଙ୍କର ସଙ୍ଗୀତ ଶାସ୍ତ୍ରରେ ପ୍ରବେଶ ଥାଏ । ସ୍ୱାମୀ ତାକୁ ଗୋଟିଏ ଗୀତ ଗାଇବାକୁ କହିଲେ । ସେ ଗୀତଟିଏ ଗାଇଲା । ତା' ପରେ ସ୍ୱାମୀ ମୋ ଭଉଣୀକୁ ଗୋଟିଏ ଗୀତ ଗାଇବାକୁ କହିଲେ । ସେତେବେଳେ ମୋ ଭଉଣୀ ସ୍ୱାମୀଙ୍କୁ କହିଲା, "ସ୍ୱାମୀ, ସଙ୍ଗୀତଜ୍ଞଙ୍କ ଆଗରେ ମୁଁ କ'ଣ ଗାଇପାରେ !" ସ୍ୱାମୀ କହିଲେ, "ମୁଁ ଗୀତର ରାଗ-ତାଳ ଦେଖି ନଥାଏ, ଭାବକୁ ଦେଖି ଥାଏ । ତେଣୁ ତୋତେ ଗାଇବାକୁ ହେବ ।" ସ୍ୱାମୀଙ୍କ ଆଦେଶକୁ ମାନି ସେଦିନ ମୋ ଭଉଣୀ କମ୍ପିତ ସ୍ୱରରେ ଯେଉଁ ଗୀତଟି ଗାଇଥିଲା ତାହା ଥିଲା "ମି ଓ୍ୱଲ୍ ଗୁଣ ଦୋଷମୁ ଏମି !" (ତୁମେ କଳଙ୍କ ରହିତ) ।" ସ୍ୱାମୀ ଗୀତଟିକୁ ଶୁଣି ଖୁବ୍ ଖୁସି ହେଲେ। ମୋ ଭଉଣୀର ଗଳା ଖୁବ୍ ସୁନ୍ଦର ଥାଏ ଏବଂ ସେ ସ୍ୱାମୀଙ୍କ ଉପସ୍ଥିତିରେ ଭଜନ ଓ ଶାସ୍ତ୍ରୀୟ ସଙ୍ଗୀତ ଗାନ କରୁଥାଏ ।

✍

ଦିନେ ସ୍ୱାମୀ ମନ୍ଦିରରେ ଗୋଟିଏ ଚୌକିରେ ବସିଥା'ନ୍ତି ଓ ଆମେ କେତେ ଜଣ ଭକ୍ତ ତାଙ୍କୁ ଘେରି ଛିଡ଼ା ହୋଇଥାଉ । ସ୍ୱାମୀ ସେଦିନ ଆମକୁ କହିଲେ, "ଗାଁରେ ଜଣେ ସ୍ତ୍ରୀ ଲୋକ ଆଜି ମୋତେ ବିଷାକ୍ତ ବରା ଦେଇଥିଲା । ମୁଁ ସେ ବରା ଖାଇ ମନ୍ଦିରକୁ ଆସିଲି ଓ ଏଠାରେ ସବୁ ବାନ୍ତି କରିଦେଲି । ମୁଁ ତାହା ଶୁଣି ସ୍ୱାମୀଙ୍କୁ ପଚାରିଲି, "ସ୍ୱାମୀ ! ଏଭଳି ଲୋକଙ୍କୁ ମନ୍ଦିରକୁ ଆସିବାକୁ ଆପଣ କାହିଁକି ପ୍ରଶ୍ରୟ ଦେଉଛନ୍ତି ? ଖାଲି ସେତିକି

ନୁହଁ, ତା' ଘରର ଭୋଜି ପାଇଁ ଆପଣ ମନ୍ଦିରରୁ ବଡ଼ ବଡ଼ ଡେକ୍‌ଚି -ହାଣ୍ଡି ମଧ୍ୟ ପଠେଇ ଦେଇଛନ୍ତି ।"

ସ୍ୱାମୀ ଉତ୍ତରରେ କହିଲେ, "ଝିଅ, ଏହି ମନ୍ଦିର ବିଷ ବଦଳରେ ଅମୃତ ଦେଇଥାଏ । ଏଠାକୁ ଯିଏ ଆସିବାକୁ ଚାହିଁବ, ତାକୁ ମୁଁ କେବେ ମନା କରିବି ନାହିଁ । କିଏ ଭଲ କିଏ ଖରାପ ମୁଁ ବାଛି·ନ ଥାଏ । ମୋ ଆଖିରେ ସମସ୍ତେ ସମାନ ।"

✍

ମୁଁ ଓ ରାଧା ପ୍ରଥମ ଥର ପୁଟ୍ଟପର୍ତ୍ତି ଯାଇଥିବା ସମୟରେ ଦିନେ ମନ୍ଦିରର ହଲରେ ଛିଡ଼ା ହୋଇଥାଉ । ସେଦିନ ସ୍ୱାମୀ ଆମ ପାଖକୁ ଆସି ପଚାରିଲେ, "ତୁମ ପିଲାମାନଙ୍କର ନାମ କଣ ?" ମୁଁ ଉତ୍ତର ଦେଲି, "ମୁରଲୀ, ରଘୁ ଓ ଶଙ୍କର ।" ସ୍ୱାମୀ ନାଁ ଗୁଡ଼ିକ ବାରମ୍ବାର ଦୋହରାଇ କହିଲେ, "ପୁଣି ଯେବେ ତୁମେ ପୁଟ୍ଟପର୍ତ୍ତି ଆସିବ, ଏକା ଆସିବ ନାହିଁ । ପିଲାମାନଙ୍କୁ ନେଇ ଆସିବ । ମନ୍ଦିରର ଏହି ନିଃଶବ୍ଦ ପରିବେଶ, ତୁମ ପିଲାମାନଙ୍କର ଖେଳ କୌତୁକରେ ଟିକିଏ କୋଳାହଳମୟ ହେଉ ।"

✍

ପ୍ରଥମେ ପ୍ରଥମେ ସ୍ୱାମୀ ମୋତେ ଦେଇଥିବା ଇଣ୍ଟରଭ୍ୟୁ ମଧ୍ୟରେ ଦିନେ ମୁଁ ସ୍ୱାମୀଙ୍କୁ ମୋତେ ଧ୍ୟାନ ଶିକ୍ଷା ଦେବାକୁ ପ୍ରାର୍ଥନା କରିଥିଲି । ସ୍ୱାମୀ ମୋତେ କହିଲେ, "ଏବେ ନୁହଁ ! ଏତେ ଛୋଟ ଛୋଟ ଛୁଆଙ୍କୁ ନେଇ ତୁ ଜପଧ୍ୟାନ କିମିତି କରିବୁ ? ସେମାନେ ଯେତେବେଳେ ବଡ଼ ହୋଇଯିବେ, ସେତେବେଳେ ଏସବୁ କରିବୁ । ବର୍ତ୍ତମାନ ତୋତେ ସେମାନଙ୍କର ଲାଳନ ପାଳନ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ସେମାନଙ୍କର ଦୁଷ୍ଟାମି ସହ୍ୟ କରିବାକୁ ହେବ । ବେଳେବେଳେ ସେମାନଙ୍କ ଉପରେ ତୁ ରାଗିଯିବୁ । ଧ୍ୟାନରୁ ପାଇଥିବା ସମସ୍ତ ଫଳ କ୍ରୋଧ ଯୋଗୁ ନଷ୍ଟ ହୋଇଯିବ ।" ମୁଁ ସ୍ୱାମୀଙ୍କୁ ପଚାରିଲି, "ସନ୍ତାନ ସନ୍ତତିଙ୍କ ପ୍ରତି ଆମର କର୍ତ୍ତବ୍ୟ କେଉଁଯାଏ ?" ସ୍ୱାମୀ କହିଲେ, "ତୁମେ ସେମାନଙ୍କୁ ସ୍ୱାସ୍ଥ୍ୟବାନ କରି ଗଢ଼ିବାକୁ ହେବ, ଶିକ୍ଷା ଦେବାକୁ ହେବ, ଜୀବିକାର୍ଜନ ପାଇଁ ପ୍ରସ୍ତୁତ କରିବାକୁ ହବ, ଭଲ ପାତ୍ର ପାତ୍ରୀ ଦେଖି ବିବାହ ଦେବାକୁ ହେବ। ତା' ପରେ ଯାଇ ତୁମର କର୍ତ୍ତବ୍ୟ ଶେଷ ହେବ ।"

✍

ମନ୍ଦିରରେ ଦିନେ ଭଜନ ପରେ ସ୍ୱାମୀ ଦେଖିଲେ ସେଠାରେ ମାତ୍ର ଦଶ ପନ୍ଦର ଜଣ ମହିଳା ଅଛନ୍ତି । ସ୍ୱାମୀ ଆମକୁ ଘଣ୍ଟି ବଜାଇବାକୁ ମନା କଲେ । ସେ ଥରେ ଘଣ୍ଟି ଆଡ଼କୁ ଚାହିଁ ଆରତୀ ଦେବା ଆରମ୍ଭ କଲେ । ଘଣ୍ଟି ଆରତୀ ଶେଷ ହେବା ଯାଏ ତା'ର ସେ ବାଜୁଥାଏ ।

✍

ସ୍ୱାମୀ ସନ୍ଧ୍ୟାରେ ଭକ୍ତମାନଙ୍କୁ ନଦୀ ଶଯ୍ୟାକୁ ନେଇ ଯାଉଥାନ୍ତି । ଦିନେ ସନ୍ଧ୍ୟାରେ ମନ୍ଦିରକୁ ଫେରି ଆସିବା ବେଳ ହୋଇଥାଏ । କେତେକ ଚିତାବାଘ ନଦୀର ଆରପାରିରେ ଥିବା ପାହାଡ଼ରୁ ତଳକୁ ନଦୀ ଆଡ଼କୁ ପ୍ରାୟ ଅଧାବାଟ ଚାଲି ଆସିଥା'ନ୍ତି । ବାଘ ଦେଖି କେତେକ ଭକ୍ତ ମନ୍ଦିର ଆଡ଼କୁ ଧାଇଁଲେ ସ୍ୱାମୀ ତାଙ୍କର ଉପସ୍ଥିତିରେ ବାଘମାନେ କିଛି କରିବେ ନାହିଁ ବୋଲି କହି ସେମାନଙ୍କୁ ଶାନ୍ତ କରିବାକୁ ଚେଷ୍ଟା କଲେ, କିନ୍ତୁ କେତେକ ଭକ୍ତ ଏତେ ଭୟଭୀତ ହୋଇ ଯାଇଥା'ନ୍ତି ଯେ ସେମାନେ ଆଉ ସ୍ୱାମୀଙ୍କ କଥା ନ' ଶୁଣି ଧାଉଁଥା'ନ୍ତି । ସ୍ୱାମୀ ଏଥର ଚିତାବାଘଗୁଡ଼ିକୁ କିଛି ସମୟ ଚାହିଁଲେ । ସ୍ୱାମୀଙ୍କ ଦୃଷ୍ଟି ପଡ଼ିବା କ୍ଷଣି ସେଗୁଡ଼ିକ ଆଉ ଆଗକୁ ନଯାଇ ରହିଗଲେ ଏବଂ ପରେ ପାହାଡ଼ ଚଢ଼ି ଆରପଟକୁ ଚାଲିଗଲେ ।

✍

ପାଖରେ ଥିବା ସହରରେ କ୍ଷୁଦ୍ର ବ୍ୟବସାୟ କରୁଥିବା ଏକ ବ୍ୟକ୍ତି ନିୟମିତ ଭାବେ ସସ୍ତ୍ରୀକ ମନ୍ଦିରକୁ ଆସୁଥାଆନ୍ତି। ସେ ଉଦର ପୀଡ଼ା ଜନିତ କଷ୍ଟ ହେତୁ କିଛି ଖାଇ ପାରୁ ନଥାନ୍ତି । ଉଭୟ ସ୍ୱାମୀ ଓ ସ୍ତ୍ରୀ ସ୍ୱାମୀଙ୍କୁ ଏଥିପାଇଁ ପ୍ରାର୍ଥନା କରୁଥା'ନ୍ତି । ସ୍ୱାମୀ ଲୋକଟିର ପେଟ ବଥା ଭଲ କରିଦେବେ ବୋଲି କହୁଥା'ନ୍ତି। ଦିନେ ସ୍ୱାମୀ ଏକ ଧଳା ଗାଉନ ପିନ୍ଧି ଆସିଲେ । ମନ୍ଦିରର ଯେଉଁଠାରେ ବିଗ୍ରହମାନେ ରଖାଯାଇଥାନ୍ତି ତା'ର ସାମନାରେ ଏକ ପର୍ଦ୍ଦା ଝୁଲୁଥାଏ । ସ୍ୱାମୀ ଏହି ଲୋକକୁ ପର୍ଦ୍ଦା ପଛକୁ ନେଇ ବିଗ୍ରହ ଗୁଡ଼ିକର ସାମନାରେ ଶୋଇ ରହିବାକୁ କହିଲେ ଏବଂ ନିଜେ ସେଠାକୁ ଯାଇ ପର୍ଦ୍ଦାଟି ଟାଣି ଦେଲେ । ସ୍ୱାମୀ ତାକୁ କିଛି କଷ୍ଟ ହେବ ନାହିଁ ବୋଲି ଆଶ୍ୱସ୍ତ କରି ନିର୍ଭୟ ରହିବାକୁ କହିଲେ । ତା' ପରେ ସ୍ୱାମୀ ତାଙ୍କ ଆଙ୍ଗୁଠିରେ ତା'ର ପେଟରେ ଏକ ଚିହ୍ନ କଲେ ଏବଂ ସେହି ଚିହ୍ନିତ ଜାଗାରେ ତାଙ୍କର ଆଙ୍ଗୁଠି ଭର୍ତ୍ତିକରି ପେଟଭିତରେ ଗୋଟିଏ ବଡ଼ ଘା' (tumor) କାଢ଼ି ବାହାର କରିଦେଲେ । ସ୍ୱାମୀ କୌଣସି ଅସ୍ତ୍ରୋପଚାରର ଉପକରଣ ବା ଚୈତନ୍ୟ ନାଶକ ଔଷଧ ବ୍ୟବହାର କରି ନଥା'ନ୍ତି । ଏହି ଲୋକଜଣକ ସ୍ୱାମୀ ଯାହା କରୁଥାଆନ୍ତି ସବୁ ଦେଖୁଥାଆନ୍ତି କିନ୍ତୁ କିଛି କଷ୍ଟ ଅନୁଭବ କରୁନଥା'ନ୍ତି । ସ୍ୱାମୀ ତାଙ୍କୁ କିଛି ସମୟ ବିଶ୍ରାମ ନେଇ ସେଠାରୁ ଚାଲି ଯିବାକୁ କହିଲେ । ସେଠାରେ ଥିବା ଅନ୍ୟ ଭକ୍ତମାନଙ୍କୁ (ସେମାନଙ୍କ ମଧ୍ୟର ମୋ ମା' ଓ ଭଉଣୀ ମଧ୍ୟ ଥାଆନ୍ତି) ସ୍ୱାମୀ କହିଲେ, "ଏମିତି ଏକ ଅପରେସନ କରିବାକୁ ଡାକ୍ତରଖାନାରେ କେତେ ହୋ ହଲା କରନ୍ତି । ଏଠାରେ ସବୁକିଛି ପାଞ୍ଚ ମିନିଟରେ ଶେଷ ।"

ତା' ପରେ ସ୍ୱାମୀ ସେହି ଲୋକର ସ୍ତ୍ରୀ ଭେଙ୍କଟଲକ୍ଷ୍ମୀମ୍ମାଙ୍କୁ ତାଙ୍କ ପାଇଁ କିଛି ଖାଦ୍ୟ ପ୍ରସ୍ତୁତ କରିବାକୁ କହିଲେ, କାରଣ ସେ କିଛି ଦିନ ହେଲା ଖାଇ ନଥାନ୍ତି ।

ଅନେକ ବର୍ଷ ଯାଏଁ ଏହି ଦମ୍ପତିଙ୍କର ମନ୍ଦିରର ମୁଖ୍ୟ ଦ୍ୱାର ସାମ୍ନାରେ ଏକ ଛୋଟ ଦୋକାନ ଥାଏ ।

✍

ରାଧାର ସ୍ୱାମୀ ତା' ପାଇଁ ଶିବରାତ୍ରି ସମୟରେ ଏକ ଶାଢ଼ୀ ଆଣି ଦେଇଥା'ନ୍ତି । ସ୍ୱାମୀ ମୋ ମା'କୁ ସେତେବେଳେ କହିଲେ, "ତୋର ଜୋଇଁ ରାଧା ପାଇଁ ଏକ ଶାଢ଼ି ଆଣି ଦେଇଛି"। ଶିବରାତ୍ରି ଦିନ ରାଧାମ୍ମା ସ୍ୱାମୀଙ୍କ ଆଶୀର୍ବାଦ ପାଇଁ ସେହି ଶାଢ଼ିଟି ନେଇ ସ୍ୱାମୀଙ୍କ ପାଖକୁ ଗଲା । ସ୍ୱାମୀ ମନ୍ଦିରର ଚଉତରାରେ ଛିଡ଼ା ହୋଇଥା'ନ୍ତି । ସ୍ୱାମୀ ରାଧମ୍ମାକୁ ଦେଖି କହିଲେ, 'ରାଧାମ୍ମା ତୋର ସେହି ଶାଢ଼ିଟି ଦେଲୁ ।" ସ୍ୱାମୀ ଶାଢ଼ିଟିକୁ ତଳେ ରଖି ତା ଉପରେ ଛିଡ଼ା ହେଲେ । ତା' ପରେ କହିଲେ, "ଏଥର ତୁ ପାଦ ନମସ୍କାର କର ।" ସେ ପାଦ ନମସ୍କାର କଲା । ସ୍ୱାମୀ ଶାଢ଼ିଟି ତାକୁ ଦେଇ ପିନ୍ଧିବାକୁ କହିଲେ । ରାଧା କହେ ସେହି ଦିନଠାରୁ ସେ କେବେ ଶାଢ଼ିର ଅଭାବ ଅନୁଭବ କରି ନାହିଁ ।

✍

ଦିନେ ସ୍ୱାମୀ ମୋତେ ଡାକି କହିଲେ, "ଝିଅ, ଏହି ଅବତାରରେ ମୁଁ ନାରଦଙ୍କୁ ମୋ ସାଙ୍ଗରେ ଆଣି ନାହିଁ । କାହିଁକି ଜାଣିଛୁ ? ନାରଦ ଆସିଥିଲେ ପୁଣ୍ୟରୁ କିଛି ଭାଗ ସେ ପାଇ ଯାଇ ଥାଆନ୍ତେ । ମୋ ଭକ୍ତମାନଙ୍କର ସେହି ସାମାନ୍ୟ କ୍ଷତି ମଧ୍ୟ ମୁଁ ଚାହୁଁ ନଥିଲି । ମୁଁ ଚାହେଁ, ମୋ ଭକ୍ତମାନେ ସମସ୍ତ ପୁଣ୍ୟ ପା'ନ୍ତୁ ।"

✍

ଦିନେ ସ୍ୱାମୀ କହିଲେ, "ଭଲ ଲୋକ ଖରାପ ଲୋକ ସଙ୍ଗେ ମିଶିଲେ ଧୀରେଧୀରେ ନିଜେ ଖରାପ ହୋଇଯା'ନ୍ତି । ତେଲ ଆଉ ପାଣିକୁ ଗୋଟିଏ ଯାଗାରେ ରଖିଲେ ସେ ଦୁଇଟି ମିଶନ୍ତି ନାହିଁ, ଅଲଗା ଅଲଗା ରୁହନ୍ତି । କିଛି ଦିନ ପରେ ସେହି ପାତ୍ରରୁ ଦୁର୍ଗନ୍ଧ ବାହାରେ । ତେଣୁ ଦୁଃସଙ୍ଗ ଛାଡ଼ ।"

✍

ଥରେ ଦଶହରା ଉତ୍ସବ ସମୟରେ ଡିଜେଲ ଅଭାବରୁ ଜେନେରେଟର କାମ କଲା ନାହିଁ । ସେ ସମୟରେ ପୁଟ୍ଟପର୍ତ୍ତିରେ ବିଜୁଳି ଆଲୁଅ ନ'ଥାଏ । ସ୍ୱାମୀ ଯେତେବେଳେ ଏ ଖବର ପାଇଲେ, ସେ ଟାଙ୍କିରେ ଗୋଟିଏ ମାଠିଆ ପାଣି ଭରି ଦେଇ ଜେନେରେଟର ଚଲାଇବାକୁ କହିଲେ । କି ଆଶ୍ଚର୍ଯ୍ୟ ! ଜେନେରେଟର ଚାଲିଲା । ଭକ୍ତମାନେ ଭଗବାନଙ୍କର ଅଦ୍ଭୁତ ଲୀଳା ଓ ବର୍ଣ୍ଣାଢ଼୍ୟ ଦଶହରା ଉତ୍ସବ ଉଭୟକୁ ଦେଖି ଆନନ୍ଦ ପାଇଲେ ।

✍

ସ୍ୱାମୀ ଥରେ କହିଲେ, "ନୂଆ ମନ୍ଦିର ଗଢ଼ିବା ପରିବର୍ତ୍ତେ ପୁରୁଣା ଓ ଭଙ୍ଗା ରୁଜା ମନ୍ଦିରଗୁଡ଼ିକୁ ପୁଣି ଥରେ ତିଆରି କରିବା ଭଲ । ପୂର୍ବେ କୌଣସି ମଠାଧିପତି ବା ସାଧୁ ସନ୍ଥଙ୍କୁ ନିମନ୍ତ୍ରଣ କରି ବିଗ୍ରହ ପ୍ରତିଷ୍ଠା କରିବାର ଏ ପଦ୍ଧତି ଥିଲା । ବିଗ୍ରହ ପ୍ରତିଷ୍ଠା ସମୟରେ ସେମାନେ ଉକ୍ତ ବିଗ୍ରହ ମଧ୍ୟରେ ଆଧ୍ୟାତ୍ମିକ ଶକ୍ତି ସଞ୍ଚାର କରୁଥିଲେ । ମନ୍ଦିର ଗୁଡ଼ିକ ଏଭଳିଭାବେ ପବିତ୍ରୀକୃତ ହେଉଥିଲା । ତେଣୁ ପୁରୁଣା ମନ୍ଦିରଗୁଡ଼ିକ ମହିମାମୟ ହୋଇରହିଥାନ୍ତି । ପୁରାତନ ମନ୍ଦିରଗୁଡ଼ିକର ଜୀର୍ଣ୍ଣ ସଂସ୍କାରରେ ସହାୟକ ହୁଅ ।" ମନ୍ଦିରର ଅଗଣାରେ ଦିନେ ସ୍ୱାମୀ ମୋତେ କହିଲେ, "ଝିଅ, ଏଇ ଦେହର ଖୋଳପା ଭିତରେ କ'ଣ ଅଛି ଜାଣୁ ? କେବଳ ଦିବ୍ୟ ଜ୍ୟୋତି ।"

✍

ଦିନେ ସ୍ୱାମୀ ମୋ ଭଉଣୀ ଓ ଅନ୍ୟ କେତେକ ଭକ୍ତଙ୍କୁ ଭଜନ ହଲ ମଧ୍ୟରେ କହିଲେ, "ତୁମେ ସବୁ ଏମିତି ସେମିତି ବ୍ରାହ୍ମଣ ନୁହଁ । ତୁମେ ସବୁ ସାଇ ପରିବାରର ସଭ୍ୟ ।"

ଏକାଦଶ ଅଧ୍ୟାୟ

ପ୍ରଶାନ୍ତି ନିଳୟମର ଶୁଭ ଉଦ୍‌ଘାଟନ

"ମୋ ମଧ୍ୟରୁ ନିଃସରିତ ଜ୍ୟୋତି ତିନି ପ୍ରକାରର । ପ୍ରଥମଟି "ସ୍ଥୁଳ', ଯାହା ପ୍ରଶାନ୍ତି ନିଯମକୁ ଆବୋରି ରହେ, ଦ୍ୱିତୀୟଟି 'ସୂକ୍ଷ୍ମ' ଯାହା ସାରା ପୃଥିବୀରେ ବିଛୁରିତ ଏବଂ ତୃତୀୟଟି 'କାରଣ' ଯାହା ସାରା ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ।"

– ଶ୍ରୀ ସତ୍ୟସାଇ ବାବା

ସ୍ୱାମୀଙ୍କର ଏକବିଂଶତିତମ ଜନ୍ମ ଦିବସ ଅବସରରେ ୧୯୫୦ ମସିହା ନଭମ୍ବେର ୨୩ ତାରିଖ ଦିନ ନୂତନ ମନ୍ଦିର ପ୍ରଶାନ୍ତି ନିଳୟମର ଉଦ୍‌ଘାଟନ ହେଲା । ମନ୍ଦିର ନିର୍ମାଣ ପ୍ରାୟ ଦୁଇ ବର୍ଷ ଲାଗିଲା । ମନ୍ଦିର ନିର୍ମାଣ ସମୟରେ ଯେଉଁ ସମସ୍ତ ଦୁରତିପ୍ରାୟ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା, ସେ ସମସ୍ତ ତାଙ୍କ କୃପା ବଳରେ କିପରି ପ୍ରତିହତ ହେଲା, ତାହା ଅନେକେ ଜାଣନ୍ତି । ସେଥିମଧ୍ୟରୁ ଗୋଟିଏ ଥିଲା ମୁଖ୍ୟ ପ୍ରାର୍ଥନା ମନ୍ଦିର ପାଇଁ ଗୋଟିଏ ସୁବିଶାଳ ଶକ୍ତ ଲୁହାକଡ଼ି ତିରୁଚିନ୍ନାପଲ୍ଲୀରୁ ପୁଟପର୍ତ୍ତି ଆଣି ତାହାକୁ ଶହ ଶହ ଭକ୍ତଙ୍କ କଣ୍ଠରୁ ନିନାଦିତ 'ସାଇରାମ' ଧ୍ୱନି ମଧ୍ୟରେ ଯଥାବସ୍ଥାରେ ସ୍ଥାପନ କରିବା । ଉଦ୍‌ଘାଟନ ଉତ୍ସବ ପାଞ୍ଚଦିନ ଧରି ଚାଲିଥିଲା ଏବଂ ଉକ୍ତ ଉତ୍ସବରେ ହଜାର ହଜାର ଭକ୍ତ ଯୋଗ ଦେଇଥିଲେ । ଏ ସମସ୍ତ କାର୍ଯ୍ୟକ୍ରମ ମଧ୍ୟରେ ସ୍ୱାମୀ ମୋ ମାଙ୍କ ସହ କଥାବାର୍ତ୍ତା ହେବା ପାଇଁ ଏବଂ ରାଧା ଓ ମୋର ପରିବାରକୁ ତାଙ୍କର ଆଶୀର୍ବାଦ ଜଣାଇବା ପାଇଁ ସମୟ ବାହାର କରିଥିଲେ ।

ସୁନିର୍ମିତ ଭବନର ମଧ୍ୟ ଭାଗରେ ଥାଏ ଏକ ପ୍ରାର୍ଥନା ଗୃହ ଏବଂ ତାକୁ ଲାଗି ଆଉ ଚାରୋଟି କକ୍ଷ । ମନ୍ଦିରର ପୃଷ୍ଠ ଭାଗରେ ଥିବା ଦୁଇଟି କକ୍ଷରେ ପୂଜା ଦ୍ରବ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ରଖାଯାଉଥାଏ ଏବଂ ମନ୍ଦିରର ସମ୍ମୁଖ ଭାଗର ଦୁଇଟି କକ୍ଷ ମଧ୍ୟରେ ସ୍ୱାମୀ ଭକ୍ତମାନଙ୍କୁ ବ୍ୟକ୍ତିଗତ ସାକ୍ଷାତକାର (Interview) ପ୍ରଦାନ କରୁଥାଆନ୍ତି । ବର୍ତ୍ତମାନର Interview କକ୍ଷର ବିପରୀତ ଦିଗରେ ଥିବା କକ୍ଷଟି କେବଳ ପାଦପୂଜା ନିମନ୍ତେ ବ୍ୟବହୃତ ହେଉଥାଏ । ଉପର ମହଲାରେ ଦୁଇଟି କକ୍ଷ ଥାଏ- ଇଣ୍ଟରଭ୍ୟୁ କକ୍ଷର ଉପରେ ଥିବା କକ୍ଷ ମଧ୍ୟରେ ସ୍ୱାମୀ ରହୁଥା'ନ୍ତି ଏବଂ ପାଦ ପୂଜା କକ୍ଷ ଉପରେ ଥିବା କକ୍ଷଟି ଥାଏ ସ୍ୱାମୀଙ୍କର ଖାଇବା ଘର । ମଝିରେ ଥିବା ପ୍ରାର୍ଥନା ଗୃହର ଦୁଇ ଦିଗରେ ଦୁଇଟି ମଣ୍ଡପ ଥାଏ । ଉପର ମହଲାର ସମ୍ମୁଖରେ ଏକ ମଣ୍ଡପ ଥାଏ

ଯେଉଁଠାରୁ ସ୍ୱାମୀ ତଳେ ଥିବା ଭକ୍ତମାନଙ୍କୁ ଦର୍ଶନ ଦେଉଥାଆନ୍ତି ଏବଂ ଜନ୍ମ ଦିବସ ଭଳି ବିଭିନ୍ନ ଉତ୍ସବ ସମୟରେ ତାଙ୍କର ଦିବ୍ୟ ସମ୍ଭାଷଣ ପ୍ରଦାନ କରୁଥାଆନ୍ତି । ଉପର ମହଲାରୁ ଛାତ ଉପରକୁ ଏକ ଶିଢ଼ି ଲମ୍ବିଥାଏ ଏବଂ ଛାତର ମଧ୍ୟ ଭାଗରେ ରାସ୍ତାକୁ ମୁହଁକରି ସ୍ୱାମୀଙ୍କର ଏକ ଆବକ୍ଷ ମୂର୍ତ୍ତି ଥାଏ । ଆଉ ମଧ୍ୟ ସେଠାରେ ଏକ ପତାକା ଖୁଣ୍ଟିଥାଏ, ଯେଉଁଠାରୁ ସ୍ୱାମୀ ଉତ୍ସବ ଦିନମାନଙ୍କରେ ପ୍ରଶାନ୍ତି ପତାକା ଉତ୍ତୋଳନ କରୁଥାଆନ୍ତି । ମଝିରେ ଥିବା ପ୍ରାର୍ଥନା ଗୃହକୁ କେବଳ ଭଜନ ନିମନ୍ତେ ବ୍ୟବହାର କରାଯାଉଥାଏ ଏବଂ ସେହି ପ୍ରାର୍ଥନା ଗୃହ ସ୍ୱାମୀଙ୍କ ଦିବ୍ୟ ଉପସ୍ଥିତିରେ ଦିବ୍ୟାୟିତ ହୋଇ ଉଠୁଥାଏ ।

ନିଲୟମ୍‌ର ସାମ୍ନାରେ କେତେକ ସମକୈନ୍ଦ୍ରିକ ବୃତ୍ତର ମଧ୍ୟଭାଗରେ ଏକ ପଦ୍ମାକାରର ସ୍ତମ୍ଭ ଥାଏ । ବିଭିନ୍ନ ଉତ୍ସବ ସମୟରେ ସ୍ୱାମୀ ସେହି ସମକୈନ୍ଦ୍ରିକ ବୃତ୍ତ ଓ ତାହାର ମଧ୍ୟରେ ଥିବା ସ୍ତମ୍ଭର ସାଙ୍କେତିକ ଅର୍ଥ ଆମକୁ ବୁଝାଇ କହୁଥା'ନ୍ତି ଯେ ସେଗୁଡ଼ିକ ଯୋଗ ସାଧନାର ବିବିଧ ସୋପାନର ପ୍ରତୀକାତ୍ମକ ସ୍ୱରୂପ ।

ଅତୀତର ସେହି ଦିନମାନଙ୍କରେ ପ୍ରଶାନ୍ତି ନିଲୟମକୁ ଆସୁଥିବା ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଏକାକି ବା କୌଣସି ଦଳରେ ସାମିଲ ହୋଇ ସ୍ୱାମୀଙ୍କ ସହ ଇଣ୍ଟରଭ୍ୟୁର ସୁଯୋଗ ପାଉଥାଆନ୍ତି । ଅଧ୍ୟାପକ ଏନ୍.କସ୍ତୁରୀ ଲେଖନ୍ତି, "ପ୍ରଶାନ୍ତି ନିଳୟମର ଇଣ୍ଟଭ୍ୟୁ କକ୍ଷ ମଧ୍ୟରେ ଅଗଣିତ ଲୋକଙ୍କର ଚରିତ୍ରର ପରିବର୍ତ୍ତନ ହୋଇଛି, ଚିନ୍ତାଧାରା ବଦଳି ଯାଇଛି, ବିଶ୍ୱାସ ଦୃଢ଼ୀଭୂତ ହୋଇଛି, ବ୍ୟାଧିର ଉପଶମ ହୋଇଛି, ମିଜାଜ୍ ଥଣ୍ଡା ହୋଇଛି, ଘୃଣା ଓ ବିଦ୍ୱେଷ ଭାବ ଦୂରିଭୂତ ହୋଇଛି, ଜୀବନ ଉଦ୍ଧାର ପାଇଛି ଏବଂ ହୃଦୟର ପୁନର୍ମିଳନ ହୋଇଛି । ଅଶ୍ରୁଳ ନୟନରେ ଇଣ୍ଟରଭ୍ୟୁ କକ୍ଷରୁ ନ ବାହାରିବା ଲୋକ ଖୁବ୍ କ୍ୱଚିତ୍ ଦେଖାଯାନ୍ତି ।"

ଆଜି କିନ୍ତୁ ସ୍ୱାମୀଙ୍କ ସହ ଇଣ୍ଟଭ୍ୟୁ ଦୁର୍ଲଭ ହୋଇଯାଇଛି – ତଥାପି ଇଣ୍ଟଭ୍ୟୁର ସେହି ଐନ୍ଦ୍ରଜାଲିକ ସ୍ପର୍ଶ ଅଦ୍ୟାବଧି ରହିଛି ଯାହା ଅତି ନିକୃଷ୍ଟ ଧାତୁକୁ ମଧ୍ୟ ସ୍ୱର୍ଣ୍ଣରେ ପରିଣତ କରିପାରେ ।

ଦ୍ୱାଦଶ ଅଧ୍ୟାୟ

ଲୀଲାମ୍ମା

ମୁଁ ରାଗ ଅପେକ୍ଷା ଅନୁରାଗକୁ, ବାହ୍ୟ ଅପେକ୍ଷା ଭାବକୁ ଅଧିକ ମୂଲ୍ୟ ଦେଇଥାଏ ।

– ଶ୍ରୀ ସତ୍ୟସାଇ ବାବା

ଶ୍ରୀମତୀ ଲୀଳା ଭି.ରାଓ ଯାହାଙ୍କୁ ତାଙ୍କର ସାଥୀମାନେ ଲୀଲାମ୍ମା ବୋଲି ଜାଣନ୍ତି, ଥିଲେ ମହୀଶୂର ରାଜ ପ୍ରାସାଦର ଜଣେ ବରିଷ୍ଠ କର୍ମଚାରୀଙ୍କର କନ୍ୟା । ସେ କର୍ଣ୍ଣାଟକ ଓ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ପାରଦର୍ଶିତା ଲାଭ କରିଥିବା ଜଣେ ଉତ୍ତମ ଗାୟିକା ଥିଲେ ଏବଂ ପୁଟ୍ଟପର୍ତ୍ତିରେ ଭଜନମାନଙ୍କରେ ଅନେକ ସମୟରେ ଅଗ୍ରଗାୟନ କରୁଥା'ନ୍ତି । ସେ ସ୍ୱାମୀଙ୍କର ଜଣେ ଅନ୍ତରଙ୍ଗ ଭକ୍ତ ଥିଲେ । ଶାରୀରିକ ଅକ୍ଷମତା ତଥା ଅସୁସ୍ଥତା ସତ୍ତ୍ୱେ ସେ ମହୀଶୂର ଶ୍ରୀ ସତ୍ୟସାଇ ସେବା ସମିତିରେ ଶିକ୍ଷା ତଥା ଆଧ୍ୟାତ୍ମିକ ବିଭାଗର ସଂଯୋଜିକା ରୂପେ କାର୍ଯ୍ୟ କରୁଥାଆନ୍ତି । ସେ ଅବିବାହିତା ଥିଲେ ଏବଂ ତାଙ୍କର ସାରା ଜୀବନ ସ୍ୱାମୀଙ୍କ ସେବାରେ ବିନିଯୋଗ କରିଥିଲେ ।

ଲୀଲାମ୍ମା ତାଙ୍କର ବସ୍ତ୍ର ପରିପାଟୀରେ ଉନ୍ନତ ରୁଚି ରଖିଥିଲେ । ସେ ଭଲ ପିନ୍ଧୁଥିଲେ ଏବଂ ହୁଏତ ତାଙ୍କର ଏହି ସ୍ୱଭାବ ହେତୁ ସେ ସମୟରେ ସ୍ୱାମୀ ଯାହା ପିନ୍ଧୁଥିଲେ ତାହା ସାଧାରଣରେ ଆମ ନଜରରେ ପଡୁନଥିଲେ ମଧ୍ୟ ଲୀଲାମ୍ମା ତାହା ଅତି ନିଖୁଣ ଭାବେ ଲକ୍ଷ୍ୟ କରିପାରୁଥିଲେ । ସ୍ୱାମୀ ପିନ୍ଧୁଥିବା ଧୋତି ଓ ଗାଉନ୍ ଏବଂ ତାର ସୂତ୍ର ବିନ୍ୟାସର ଟିକିନିଖି ବିବରଣୀ ସେ ତାଙ୍କ ଦିନ ଲିପିରେ ୧୯୪୮ ରୁ ୧୯୫୪ ମଧ୍ୟରେ ଲେଖି ରଖିଛନ୍ତି । ଉକ୍ତ ଡାଇରି ଆମେ ତାଙ୍କ ଭାଇ ଗୋପୁଠାରୁ ପାଇଥାଉ । ଆଜିଯାଏ ସ୍ୱାମୀଙ୍କର ବେଶପୋଷାକର ସେଭଳି ବର୍ଣ୍ଣନା ଆମେ କେଉଁଠାରେ ପଢ଼ିନାହୁଁ । ସ୍ୱାମୀ ସେ ସମୟରେ ନୀଳ, ବାଇଗଣୀ, ଗୋଲାପୀ, କଳା, ସବୁଜ, ଈଷତ୍ ସବୁଜ, ତାମ୍ର, ଧୂସର ଆଦି ବିଭିନ୍ନ ବର୍ଣ୍ଣର ଅଙ୍ଗ ବସ୍ତ୍ର ଏବଂ କେବେ କେବେ ସୁନା କିମ୍ବା ରୂପାର ଜରି ଲଗା ବସ୍ତ୍ର ପରିଧାନ କରୁଥାଆନ୍ତି । ଏ ସମସ୍ତ ବସ୍ତ୍ର ଭକ୍ତମାନେ ସ୍ୱାମୀଙ୍କୁ ଉପହାର ସ୍ୱରୂପ ଦେଇଥାଆନ୍ତି । ଭକ୍ତମାନେ ଯେତେବେଳେ ସ୍ୱାମୀଙ୍କୁ କୌଣସି ଏକ ରଙ୍ଗର ବସ୍ତ୍ର ପିନ୍ଧିବାକୁ ପ୍ରାର୍ଥନା କରନ୍ତି, ସ୍ୱାମୀ ସେମାନଙ୍କର ଅନୁରୋଧ ରକ୍ଷା କରି ସେହି ରଙ୍ଗର ବସ୍ତ୍ର ପରିଧାନ କରୁଥାଆନ୍ତି ।

ଲୀଲାମ୍ମାଙ୍କ ଡାଇରିରୁ ସେ ଯେ ସ୍ୱାମୀଙ୍କ ପାଇଁ କେତେ ବ୍ୟାକୁଳ ହେଉ ଥିଲେ, ତାହା ଜଣା ପଡ଼େ । ସେ ସବୁ ସମୟରେ ସ୍ୱାମୀଙ୍କ ପାଖରେ ରହିବାକୁ ଚାହୁଁଥିଲେ ।

(ଯାହା କେବେ ସମ୍ଭବ ନୁହଁ) । ମାତ୍ର କିଛି ଘଣ୍ଟାର ଦର୍ଶନ ଓ ଦିନ ଭିତରେ ଅତି କମ୍‌ରେ ତିନି ଥର ପାଦ ନମସ୍କାରରେ ସେ ସନ୍ତୁଷ୍ଟ ହେଉ ନଥିଲେ । ଗାଁରେ କୌଣସି ବାହାଘରେ କିମ୍ବା ବୁକ୍କପଟନମ୍ ରାଜସ୍ୱ ଦପ୍ତରରେ ଜମି ରେଜେଷ୍ଟ୍ରି ସଙ୍କ୍ରାନ୍ତୀୟ କୌଣସି ସରକାରୀ କାର୍ଯ୍ୟରେ ଯୋଗ ଦେଇ ସ୍ୱାମୀ ଯେତେବେଳେ କ୍ଲାନ୍ତ ହୋଇ ମନ୍ଦିରକୁ ଫେରନ୍ତି, ସେତେବେଳେ ଲୀଳମ୍ମା ତାଙ୍କର ବାଟକୁ ଚାହିଁ ବସିଥାଆନ୍ତି । ଉଦୁଉଦିଆ ଖରାରେ ଚାଲି ଚାଲି ସ୍ୱାମୀ ଯେ ଥକି ଯାଇଛନ୍ତି, ତାହା ସେ ବୁଝିପାରୁଥିଲେ କିନ୍ତୁ ସ୍ୱାମୀଙ୍କ ପାଦତଳେ ପଡ଼ିବାର ପ୍ରଲୋଭନକୁ ଏଡ଼େଇ ପାରୁ ନଥିଲେ । ଏଥିପାଇଁ ବହୁବାର ସ୍ୱାମୀ ତାଙ୍କ ଉପରେ ଖୁବ୍ ବିରକ୍ତ ହୁଅନ୍ତି ଏମିତିକି ତାଙ୍କୁ ଅନେକ ସମୟରେ ଗୋଟିଏ ବିଛାବୋଲି କହୁଥାଆନ୍ତି । ସ୍ୱାମୀଙ୍କ ଏପରି ତିରସ୍କାର କିନ୍ତୁ ତାଙ୍କ ପାଇଁ ପରେ ପୁରସ୍କାର ହେଉଥିଲା, କାରଣ ସ୍ୱାମୀ ତାଙ୍କର ପୂର୍ବର ଅସନ୍ତୋଷଠୁ ଅଧିକ କରୁଣା ପ୍ରଦର୍ଶନ କରି ତାଙ୍କୁ ଦର୍ଶନ, ସ୍ପର୍ଶନ ଓ ପାଦନମସ୍କାରର ଆନନ୍ଦ ପ୍ରଦାନ କରୁଥିଲେ । ଏପରିକି ଥରେ ସ୍ୱାମୀ ପାଦ ପୂଜା ଗ୍ରହଣ କରିବା ସମୟରେ ତାଙ୍କର ସିଂହାସନ ଉପରେ ଯେଉଁ ନୂଆ ବସ୍ତ୍ରଟି ବିଛା ଯାଇଥାଏ, ତାହା ତାଙ୍କୁ ଦେଇ ଦେଇଥିଲେ । ଥରେ ସେ ସ୍ୱାମୀଙ୍କ କପାଳରେ ବିଭୂତିର ଦୁଇଟି ଗାର ଲମ୍ୱି ଯାଇଥିବା ମଧ୍ୟ ଦେଖିଥିଲେ । ଆଉ ଦିନେ ସ୍ୱାମୀଙ୍କ କପାଳରେ ତିଳକକୁ ଲକ୍ଷ୍ୟ କରି ସେ ଡାଇରିରେ ଲେଖିଥିଲେ, 'ଆଜି ସ୍ୱାମୀ କୃଷ୍ଣଙ୍କ ଭଳି ଦିଶୁଥା'ନ୍ତି । (ଏଠାରେ ଡକ୍ଟର ଜନ. ହିସ୍‌ଲପ୍‌ଙ୍କୁ ସ୍ୱାମୀ କିପରି ଶ୍ରୀକୃଷ୍ଣଙ୍କ ରୂପରେ ଦର୍ଶନ ଦେଇ ଆଚମ୍ବିତ କରିଥିଲେ, ତାହା ମନେ ପଡ଼େ) ।

ଏଥିପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ଲୀଲାମ୍ମା ଥିଲେ କର୍ଣ୍ଣାଟକ ସଙ୍ଗୀତ ଶିକ୍ଷା କରିଥିବା ଏକ ଉତ୍ତମ ଗାୟିକା । ପୁରୁଣା ମନ୍ଦିରରେ ଲୀଳମ୍ମା ତାଙ୍କ ମା ଓ ଭାଇଙ୍କ ସଙ୍ଗେ ରହୁଥିବା ସମୟରେ ସ୍ୱାମୀ ତାଙ୍କୁ ଅନେକ ଥର ତାଙ୍କ ପସନ୍ଦର ଗୀତଗୁଡ଼ିକ ଗାଇବାକୁ କହୁଥାଆନ୍ତି । ସ୍ୱାମୀଙ୍କ ପସନ୍ଦର ଯେଉଁ ସବୁ ଗୀତ ସେ ଲୀଲାମ୍ମାଙ୍କୁ ବାରମ୍ବାର ଗାଇବାକୁ କହୁଥାଆନ୍ତି, ତାହାର ଏକ ତାଲିକା ମଧ୍ୟ ବର୍ତ୍ତମାନ ପାଖରେ ଅଛି । ସ୍ୱାମୀଙ୍କୁ ଶୁଣାଇବାକୁ ସେ ଯେଉଁ ସବୁ ଗୀତ ଗାଉଥିଲେ, ସେଗୁଡ଼ିକ ହେଲା, 'ରା ରା ନି ପିଲିଚିତେ, ରାଧା ମୁଖ କମଲ, ନିନ୍ନୁ ୟୁସି ଧନୁଡୁ ଐତି, ନିନୁ ବନୟା, ବାବା ନିସମାନମେବରୁ, ତୁମ ବିନ୍ ମୋର, ଶ୍ରୀ ସାଇନାଥ ପରାତ୍‌ପର ପରମେଶ୍ୱର, ଦରଶନ ଦିଜୋ, ସୁମିରନ କରଲେ, ବାଲଗୋପାଲା, ଗିରିଧର ଗୋପାଲା ।'

ସନ୍ଥ ତ୍ୟାଗରାଜାଙ୍କର କେତେକ କୃତି ମଧ୍ୟ ସେ ଗାନ କରୁଥା'ନ୍ତି । ସେଗୁଡ଼ିକ ହେଲା, ଶମ୍ଭୋ ମହାଦେବ, ନିଟିଉମୁ ନା ଭାଗ୍ୟମୁ, ତୁଲସୀଦଲ ମୁଲଚେ, ଏନ୍ତରାନି ନେକେନ୍ତପୋନି, ନିଦୁ ଚରଣମୁଲେ, ରାଜଗୋପାଲା, ନି ଦିବ୍ୟ, ଏଟୁଲ ବ୍ରୋଡୁଓ୍ୱୋ ତେଲିୟା ଏବଂ ତାମ୍ବୁଲ୍ଲାନିଉ ।

ଉନବିଂଶ ଶତାବ୍ଦିର ସନ୍ଥ ତ୍ୟାଗରାଜ ତାମିଲନାଡୁର ତିରୁଓ୍ୱୟୁର୍‌ରେ ରହୁଥାଆନ୍ତି । ସେ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କୁ ନାଦୋପସନା କରୁଥାଆନ୍ତି । ଆଜି ସ୍ୱାମୀ ତ୍ୟାଗରାଜଙ୍କ କୃତି ଶୁଣୁଥିବା ସମୟରେ ମନେ ହୁଏ, ହୁଏତ ଭଗବାନ ରାମଚନ୍ଦ୍ର ଦୁଇ ଶହ ବର୍ଷ ପରେ ପୁଣି ଥରେ ସାଇ ଅବତାରରେ ତ୍ୟାଗରାଜଙ୍କର ସେହି କୃତିମାନ ଶୁଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ନିଃସନ୍ଦେହରେ ନାଦୋପାସନା କରିବା ପାଇଁ ଲୀଲମ୍ମା ସ୍ୱାମୀଙ୍କର ଆଶୀର୍ବାଦ ଲାଭ କରିଥିଲେ ।

ଆଜି ୧୯୫୯ ମେ' ୩୦ ତାରିଖର ଏକ ଘଟଣା ମନେ ପଡୁଛି । ଲୀଲମ୍ମା ତାଙ୍କ ବୃଦ୍ଧ ତଥା ରୁଗ୍ଣ ମା'ଙ୍କ ସହ ଗୋଟିଏ ଘରେ ରହୁଥା'ନ୍ତି । ଦିନେ ବିଜୁଳି ମାରିବା ଫଳରେ ସେହି ଘରର କାନ୍ଥଗୁଡ଼ିକର କ୍ଷତି ହେଲା, ଘର ଭିତରେ ବିଦ୍ୟୁତ୍ ତାରଗୁଡ଼ିକ ମଧ୍ୟ ଜଳିଗଲା । ସାରା ରାତି ଭୟରେ ବିତାଇବା ପରେ ସକାଳୁ ସକାଳୁ ସେ ମୋ ପାଖକୁ ଧାଇଁ ଆସିଲେ । ସ୍ୱାମୀଙ୍କୁ ଦର୍ଶନ ନ' କଲେ ଶାନ୍ତି ପାଇବେ ନାହିଁ ବୋଲି ସେ ମୋତେ କହୁଥା'ନ୍ତି। ସେତେବେଳେ ସ୍ୱାମୀ ବାଙ୍ଗାଲୋରରେ ଶ୍ରୀ ଭେଙ୍କଟରମଣ (ସେ ଜଣେ ନାମ୍‌ଜାଦା ଏକାଉଣ୍ଟେଣ୍ଟ) ଙ୍କ ଘରେ ରହୁଥା'ନ୍ତି । ମୁଁ ଓ ମୋ ଭଉଣୀ ଲୀଲମ୍ମାଙ୍କୁ ସାଙ୍ଗରେ ନେଇ ବାଙ୍ଗାଲୋର ଗଲୁ । ବାଙ୍ଗାଲୋରରେ ଆମେ ପହଁଞ୍ଚିବା ବେଳକୁ ସକାଳ ଆଠଟା ହୋଇଥାଏ ଏବଂ ସ୍ୱାମୀ ପ୍ରାତଃ ଦର୍ଶନ ପରେ ଉପର ମହଲାକୁ ଚାଲିଯାଇଥାନ୍ତି । ଆମେ ନିରାଶ ହେଲୁ । କିଛି ସମୟ ପରେ ସ୍ୱାମୀ ସେଠାରେ ରହୁଥିବା ଜଣେ ବ୍ୟକ୍ତିଙ୍କ ହାତରେ ସେ ପୁଣି ଆମକୁ ଭେଟିବା ପାଇଁ ତଳକୁ ଆସିବେ ଓ ସେ ଯାଏଁ ଅପେକ୍ଷା କରି ରହିବା ପାଇଁ ଖବର ପଠାଇଲେ । ଉକ୍ତ ବ୍ୟକ୍ତି ଆମକୁ ଘର ଭିତରେ ବସିବାକୁ ଅନୁମତି ଦେଲେ । ସ୍ୱାମୀଙ୍କ ଆମ ପ୍ରତି ଦୟା ହେତୁ ଆମେ ତାଙ୍କୁ ମନେ ମନେ ଧନ୍ୟବାଦ ଜଣାଉ ଥାଉ ।

ଅଳ୍ପ ସମୟ ପରେ ସ୍ୱାମୀ ହସି ହସି ତଳକୁ ଆସିଲେ । ସେ ଆମକୁ କୁଶଳ ପ୍ରଶ୍ନ କଲେ । ଲୀଲମ୍ମା ସ୍ୱାମୀଙ୍କ ଦୁଇ ପାଦରେ ମଥା ରଖି ଭୋ ଭୋ କାନ୍ଦି ଉଠିଲେ ଏବଂ କହିଲେ, "ସ୍ୱାମୀ ଗତ କାଲି ରାତିରେ ଆପଣ ଆମକୁ ରକ୍ଷା କରିଦେଲେ ନଚେତ୍ ଆମ ଅବସ୍ଥା କ'ଣ ହୋଇଥା'ନ୍ତା ?" ସ୍ୱାମୀ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, "ଝିଅ, ମୋ ଛଡ଼ା ତୋତେ ଆଉ କିଏ ରକ୍ଷା କରିବ ?" ସ୍ୱାମୀଙ୍କ ସେହି ଉକ୍ତି ମଧ୍ୟରେ ଲୀଲମ୍ମାଙ୍କ ଜୀବନର ସମସ୍ତ ପ୍ରଶ୍ନ ଓ ତା'ର ଉତ୍ତର ଲୁଚି ରହିଥାଏ ।

ସ୍ୱାମୀ ପରେ ପିଲାମାନେ କ'ଣ କରୁଛନ୍ତି ଏବଂ ସେମାନେ ଆଗକୁ କ'ଣ ପଢ଼ିବେ ତାହା ପଚାରି ବୁଝିଲେ, ପରେ ସ୍ୱାମୀ ବିଭୂତି ସୃଷ୍ଟିକରି ଆମ ତିନିଜଣଙ୍କ କପାଳରେ ଲଗାଇ ଦେଲେ ଏବଂ ତାଙ୍କ ଦିବ୍ୟ ହସ୍ତରେ ଆମ ମଥାକୁ ସ୍ପର୍ଶ କରି ଆମକୁ ଆଶୀର୍ବାଦ କଲେ । ଶ୍ରୀମତୀ ଲୀଲମ୍ମାଙ୍କ ଜୀବନ ଦୀପ ଜୁଲାଇ ୧୭, ୧୯୮୩ ରେ ଲିଭି ଗଲା ।

ତ୍ରୟୋଦଶ ଅଧ୍ୟାୟ

ମନନ

ଜୀବନର ଉତ୍‌ଥାନ ପତନରେ ଅବିଚଳିତ ରହୁଥିବା
ସେହି ନିଥର ଶାନ୍ତି କେବଳ ଈଶ୍ୱରଙ୍କ ନାମରେ ନିତ୍ୟ
ନିମଜ୍ଜିତ ହେବା ଦ୍ୱାରା ଲବ୍ଧ ହୁଏ ।

– ଶ୍ରୀ ସତ୍ୟସାଇ ବାବା

ଫେବୃୟାରୀ ୧୯୫୫ର କୌଣସି ଏକ ଅପରାହ୍ନରେ ଆମେ ପୁଟ୍ଟପର୍ତ୍ତି ଛାଡ଼ିବାର କାର୍ଯ୍ୟକ୍ରମ ଥିଲା । ତେଣୁ ସେଦିନ ସକାଳେ ଆମେ ସ୍ୱାମୀଙ୍କ ସଙ୍ଗେ ଇଣ୍ଟର୍ଭ୍ୟୁ ପାଇଁ ଯାଇ ଥାଉ । ପରେ ଆମେ ଶୁଣିବାକୁ ପାଇଲୁ ଯେ ସ୍ୱାମୀ ସକାଳେ ଆମକୁ ଲକ୍ଷ୍ୟ କରି, ମହୀଶୂରର ସେହି ଦଳ କାହାନ୍ତି ବୋଲି ପଚାରୁଥିଲେ । ସ୍ୱାମୀଙ୍କ ଡାକରା ପାଇ ଆମେ ଯେତେବେଳେ ଅପରାହ୍ନରେ ତାଙ୍କୁ ଭେଟିବା ପାଇଁ ଗଲୁ, ସେ କୌତୁକ ଭରା କଣ୍ଠରେ ଆମକୁ ମୃଦୁ ଭର୍ତ୍ସନା କରି କହିଲେ, "ଆରେ ବାବା ! ତୁମେ ତ ସବୁ ବଡ଼ଲୋକ । ସକାଳେ ମୋତେ ତୁମକୁ କେତେଥର ଖୋଜିବାକୁ ପଡ଼ିଲା । ତୁମେ ସବୁ କେଉଁଠି ଥିଲ ? ଆମେ ସ୍ୱାମୀଙ୍କୁ କହିଲୁ, "ସ୍ୱାମୀ, ଆମେ ଉପରବେଳା ପୁଟ୍ଟପର୍ତ୍ତି ଛାଡ଼ିବୁ ବୋଲି ସ୍ଥିର କରିଥିଲୁ, ତେଣୁ ସକାଳେ ପୁଣି ଆପଣଙ୍କୁ ହଇରାଣ କରିବାକୁ ଚାହିଁଲୁ ନାହିଁ ।" ମୋ ପତି, ରାଧା ଓ ଲୀଲମ୍ମା ସ୍ୱାମୀଙ୍କୁ ପାଦ ନମସ୍କାର କଲେ; ଆଉ ମୁଁ ବୋକୀ ଭଳି ମୋ କାଖରେ ଥିବା ଛୁଆଟିକୁ ସ୍ୱାମୀଙ୍କ ହାତକୁ ଦେଇ ତାଙ୍କୁ ପାଦ ନମସ୍କାର କଲି । ପାଦ ନମସ୍କାର ପରେ ସ୍ୱାମୀ ଛୁଆକୁ ମୋ ହାତକୁ ଦେଇ ମୋତେ ପଚାରିଲେ, "କନମ୍ମା ! ତୁ ଜନ୍ମ ହେବା ପରେ ମଲୁ । ମରିବା ପରେ ଜନ୍ମ ହେଲୁ ? ଏମିତି ଆଉ କେତେ ଦିନପରେ ତୋର ଦାୟିତ୍ୱ ସରିବ ? ତୁମମାନଙ୍କ ମନରେ କ'ଣ କେବେ ବିରକ୍ତି ଭାବ ଆସେ ନାହିଁ ?" ଛୁଆଟି ସ୍ୱାମୀଙ୍କ ମୁହଁକୁ ଚାହିଁ ଖିଲି ଖିଲି ହସି ଉଠିଲା । ତାକୁ ଦେଖେଇ ସ୍ୱାମୀ କହିଲେ, "ତାକୁ ଦେଖେ ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦୟ ହୋଇପାରେ କିନ୍ତୁ ସେ ମୋତେ ବିଶ୍ୱାସ କରିବ ନାହିଁ ।" ଏଥର ଆମେ ସ୍ୱାମୀଙ୍କୁ ପିଲାଟିର ନାମକରଣ କରିବାକୁ ପ୍ରାର୍ଥନା କଲୁ । ସ୍ୱାମୀ ପଚାରିଲେ, "ତୁମ ଘରର ଇଷ୍ଟ ଦେବତା କିଏ ?" ମୁଁ ନୀରବ ରହିଲି । ପୁଣି ଥରେ ସ୍ୱାମୀ ପଚାରି ଆମର ଇଷ୍ଟ ଦେବତା କିଏ ଜାଣିବାକୁ ଚାହିଁଲେ । ମୁଁ ସେତେବେଳେ କହିଲି, "ସ୍ୱାମୀ ଆପଣ ଆମର ଇଷ୍ଟଦେବତା ।" ବାରମ୍ବାର ସ୍ୱାମୀ ଆମକୁ ସେହି ପ୍ରଶ୍ନ ପଚାରିବାରୁ ମୋତେ ଶେଷରେ 'ସୁବ୍ରହ୍ମଣ୍ୟ' ବୋଲି କହିବାକୁ ପଡ଼ିଲା । ସ୍ୱାମୀ ତାହା ଶୁଣି ପିଲାଟିକୁ 'ସୁରେଶ' ନାମ ଦେଲେ । ଏଥର ସେ ଆମକୁ କହିଲେ, "ଜାଣିଛ, ପିଲାମାନଙ୍କୁ କାହିଁକି ଦେବୀ-

ଦେବତାଙ୍କ ନାମ ଦିଆଯାଏ ? ହୁଏତ ମୃତ୍ୟୁ ଶଯ୍ୟାରେ ବାପା-ମା ନିଜର ପିଲାଛୁଆଙ୍କୁ ମନେ ପକାଇ ଭଗବାନଙ୍କ ନାମ ନେବେ ।"

"ଜଣେ ବେପାରୀର ଚାରୋଟି ପୁଅ ଥା'ନ୍ତି । ସେ ସେମାନଙ୍କୁ ରାମ, କୃଷ୍ଣ, ଗୋବିନ୍ଦ ଓ ନାରାୟଣ ବୋଲି ନାମ ଦେଇଥିଲା । ଜୀବନର ଅନ୍ତିମ ଘଡ଼ିରେ ସେ ତାର ଚାରି ପୁଅଙ୍କୁ ଜଣକ ପରେ ଜଣକୁ ନାମ ଧରି ଡାକିଲା । ଚାରି ପୁଅ ଆସି ତାର ଶେଯ ଚାରିପାଖେ ଯେତେବେଳେ ଘେରିଗଲେ ସେ ବ୍ୟସ୍ତ ହୋଇ ପଚାରିଲା, "ଆରେ ତୁମେ ତ ସବୁ ଏଇଠେ, ଦୋକାନ ଦେଖୁଛି କିଏ ? ଏତିକି କହି ସେ ମରିଗଲା । ଜୀବନର ଶେଷ ସମୟରେ ମଧ୍ୟ ଈଶ୍ୱର ଚିନ୍ତା ନୁହଁ, ଦୋକାନ ଚିନ୍ତା ତା ମନକୁ ଅକ୍ତିଆର କରିଥାଏ ।" ସ୍ୱାମୀ ଆମକୁ ବୁଝାଇ କହିଲେ ଯେ ଯିଏ ସାରା ଜୀବନ ଭଗବାନଙ୍କୁ ମନେ ପକାଏ, ଭଗବାନ ତାକୁ ତାର ମୃତ୍ୟୁ ସମୟରେ ତାଙ୍କୁ ମନେ ପକାଇବାକୁ କୃପା କରନ୍ତି । ଏଥିଲାଗି ଅନ୍ୟ କିଛି ଉପାୟ କିନ୍ତୁ କାମରେ ଆସେନା ।"

ସ୍ୱାମୀ ଆମକୁ ରାଧାମ୍ମା ଓ ଲୀଲମ୍ମାଙ୍କ ପରିବାରରେ ସମସ୍ତେ କିମିତି ଅଛନ୍ତି ବୋଲି ପ୍ରଶ୍ନ କଲେ । ସ୍ୱାମୀ ଆମକୁ କେବେ ଭୁଲନ୍ତୁ ନାହିଁ ବୋଲି ଆମେ ତାଙ୍କୁ ପ୍ରାର୍ଥନା କଲୁ । ସେ ଆମକୁ କଥା ଦେଲେ, "ନା, ମୁଁ କେବେ ତୁମକୁ ଭୁଲିବି ନାହିଁ । ତୁମେ ସବୁ ବଦଳି ଯାଇଥାଅ, ମୁଁ କିନ୍ତୁ ଯେମିତି ସେମିତି ଥାଏ । ହଜାର ହଜାର ଲୋକ ଏଠାକୁ ଆସନ୍ତି । ତା ବୋଲି କ'ଣ ମୁଁ ତୁମକୁ ଭୁଲିଯାଉଛି ?"

ସେ ସମୟରେ ସ୍ୱାମୀ ପରିଶ୍ରମ ମଧ୍ୟରେ ଭକ୍ତମାନଙ୍କ ଦ୍ୱାରା ସେବାକାର୍ଯ୍ୟ ଓ ପଣ୍ଡିତମାନଙ୍କ ଦ୍ୱାରା ପ୍ରବଚନର ଆୟୋଜନ କରୁଥା'ନ୍ତି । ସେବାକାର୍ଯ୍ୟ ଅପରାହ୍ଣ ତିନିଟାରେ ଆରମ୍ଭ ହୁଏ । ସେବାକାର୍ଯ୍ୟ ମଧ୍ୟରେ ଥାଏ ଗଛ ଲତାକୁ ପାଣି ଦେବା ଏବଂ ଆଶ୍ରମର ଯେଉଁଠାରେ କିଛି ତିଆର ହେଉଥାଏ, ସେଠାରେ ଜଣଙ୍କ ପଛରେ ଜଣେ ଧାଡ଼ି ବାନ୍ଧି ଠିଆ ହୋଇ ନିର୍ମାଣ କାର୍ଯ୍ୟରେ ସାହାଯ୍ୟ କରିବା । ପଣ୍ଡିତମାନଙ୍କ ପ୍ରବଚନ ସନ୍ଧ୍ୟା ୪ ଟାରେ ଆରମ୍ଭ ହୁଏ ଓ ପ୍ରତିଦିନ ଶେଷରେ ସ୍ୱାମୀ ତାଙ୍କର ଦିବ୍ୟ ସମ୍ଭାଷଣ ଦିଅନ୍ତି ।

ଏହିଭଳି ଥରେ, ୧୯୫୭ ଡିସେମ୍ବର ୨ ତାରିଖ ଦିନ, ସାଲେମ୍‌ର ଶ୍ରୀ ଲକ୍ଷ୍ମୀ ନାରାୟଣ ଶାସ୍ତ୍ରୀ ଅମ୍ବରିସ ଚରିତ ବର୍ଣ୍ଣନା କରୁଥାଆନ୍ତି । ପ୍ରସଙ୍ଗ କ୍ରମେ ପଣ୍ଡିତ ମହାଶୟ କହିଲେ ଯେ ରାଜା ଅମ୍ବରିସ, ଦୁର୍ବାସାମୁନି ପ୍ରତ୍ୟୁଷରୁ ନିତ୍ୟକର୍ମ ସାରି ଫେରିବେ ବୋଲି ଅପେକ୍ଷାରେ ରହିଥାଆନ୍ତି । ସେଠାରେ ଉପସ୍ଥିତ ସମସ୍ତ ଋଷିଗଣଙ୍କୁ ସେ ଅନୁରୋଧ କଲେ ଯେ ସେମାନେ କେବଳ ପ୍ରଭୁଙ୍କ ପାଦପୂଜାରେ ତୀର୍ଥଜଳକୁ ସେବନ କରନ୍ତୁ । ଭୋଜ୍ୟ ପଦାର୍ଥ ପରିବେଷଣ କରିବା ପୂର୍ବରୁ ସେ ଅନ୍ୟାନ୍ୟ ଋଷି ଏବଂ ତାଙ୍କର ପତ୍ନୀଙ୍କ ସହ ଦୁର୍ବାସାମୁନିଙ୍କ ଆଗମନ ପାଇଁ ଅପେକ୍ଷା କରୁଥାଆନ୍ତି ।

ଏହିଠାରେ ସ୍ୱାମୀ ଶାସ୍ତ୍ରୀଙ୍କର କଥାକୁ ସଂଶୋଧନ କରି କହିଲେ, "ନା ରାଜା ଅମ୍ବରିସ ସେଠାରେ ଥିବା ଋଷିମାନଙ୍କୁ ଖାଦ୍ୟ ପରିବେଷଣ କଲେ । ଦୁର୍ବାସା ମୁନି ଫେରିବା ବେଳକୁ ଦୁଇ ତିନି ଦଳ ଋଷିଙ୍କର ଭୋଜନ ସରିଥାଏ । ସେ ଆସିବା ଆଗରୁ ଅନ୍ୟ ଋଷିମାନେ ଖାଦ୍ୟ ଗ୍ରହଣ କରିଥିବା ଦେଖି ଦୁର୍ବାସା ମୁନି ପ୍ରଚଣ୍ଡ କ୍ରୋଧ ପ୍ରକାଶ କରି ଅଭିଶାପ ଦେଲେ ଯେ ସମସ୍ତ ଖାଦ୍ୟ ପୋକ ହୋଇଯାଉ । ଭୋଜନ ପାଇଁ ବସିଥିବା ଋଷିମାନେ ଖାଦ୍ୟକୁ ଠେଲି ଦେଇ ଉଠି ଛିଡ଼ା ହେଲେ । ରାଜା ଅମ୍ବରିସ ମନ ଦୁଃଖରେ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ ବିଷ୍ଣୁ ଦୁର୍ବାସା ମୁନିଙ୍କୁ ଲକ୍ଷ୍ୟ କରି ସୁଦର୍ଶନ ଛାଡ଼ିଲେ । ଚକ୍ର ଘୂରି ଚାଲିଥାଏ, ଦୁର୍ବାସା ପ୍ରାଣ ବିକଳରେ ଧାଉଁଥାଆନ୍ତି । ସେ ଶେଷରେ ଯାଇ ଶିବଙ୍କ ଶରଣ ପଶିଲେ । ଶିବ ତାଙ୍କୁ କହିଲେ ଯେ ତାଙ୍କ ମଧ୍ୟରେ ଅହଙ୍କାର ଏତେ ପ୍ରବଳ ଥିବାରୁ ସେ ତାଙ୍କୁ ରକ୍ଷା କରିବେ ନାହିଁ । ଦୁର୍ବାସା ଏଥର ବୈକୁଣ୍ଠକୁ ଯାଇ ସେଠାରେ ବିଷ୍ଣୁକୁ ରକ୍ଷା କରିବାକୁ ପ୍ରାର୍ଥନା କଲେ । ବିଷ୍ଣୁ କହିଲେ ଯେ ସେ କେବଳ ଚକ୍ରକୁ ଛାଡ଼ି ପାରନ୍ତି କିନ୍ତୁ ତାହାକୁ ଫେରାଇ ଆଣି ପାରିବେ ନାହିଁ । ଦୁର୍ବାସା ସୁଦର୍ଶନ ଚକ୍ରକୁ ପ୍ରାର୍ଥନା କରିବାରୁ ଚକ୍ର ତାଙ୍କୁ କହିଲା ଯେ ସେ ଅମ୍ବରିସଙ୍କ ପାଦ ତଳେ ପଡ଼ି ତାଙ୍କୁ କ୍ଷମା ଭିକ୍ଷା କଲେ, ସେ ତାଙ୍କୁ ଛାଡ଼ି ଦେବ । ଶେଷରେ ଦୁର୍ବାସାଙ୍କୁ ସମସ୍ତଙ୍କ ଆଗରେ ଅମ୍ବରିସଙ୍କ ପାଦ ତଳେ ପଡ଼ି କ୍ଷମା ପ୍ରାର୍ଥନା କରିବାକୁ ପଡ଼ିଲା । ଏ ସବୁ କାହିଁକି ହେଲା ? ଦୁର୍ବାସା ଜ୍ଞାନମାର୍ଗ ଅନୁସରଣ କରି ଲଭିଥିବା ଅଷ୍ଟସିଦ୍ଧିକୁ ନେଇ ଗର୍ବିତ ଥିଲେ । ଏହା ହିଁ ତାଙ୍କର ସମସ୍ତ ଅସୁବିଧାର କାରଣ ହେଲା । ରାଜା ଅମ୍ବରିସ ଭଗବାନଙ୍କର ଏକନିଷ୍ଠ ଭକ୍ତ ଥିଲେ ଓ ଭଗବାନଙ୍କ ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ତେଣୁ ଭଗବାନ ତାଙ୍କୁ ଉଦ୍ଧାର କଲେ । ଏତିକି କହି ସ୍ୱାମୀ ଏହି ମର୍ମରେ ଏକ ଗୀତ ଗାଇଲେ :–

'ଅଷ୍ଟସିଦ୍ଧି ଲଭିବାକୁ ସାଧନା ଯେ କରୁ,
ମୋହ ଜାଲେ ବାନ୍ଧି ହୋଇ ମାୟା ମଧ୍ୟେ ଘୂରୁ
ସଂସାରର ଘନାରଣ୍ୟେ ପଥ ଅନ୍ଧକାର
ବିଷ୍ଣୁ ନାମର ପ୍ରଦୀପ କରେ ତାକୁ ଦୂର ।'

ସେ ଆମକୁ ଜ୍ଞାନମାର୍ଗରେ ନ' ଯାଇ ଭକ୍ତି ମାର୍ଗ ଅନୁସରଣ କରିବାକୁ ଉପଦେଶ ଦେଲେ । (ଦୈବତ୍ୱର ଅତଳ ଗର୍ଭରେ ଅହଙ୍କାରକୁ ଲୀନ କରିବା ନିମନ୍ତେ ଭକ୍ତି ହିଁ ସର୍ବୋତ୍କୃଷ୍ଟ ସାଧନା । କଳିଯୁଗରେ ସାଧାରଣ ମଣିଷ ପାଇଁ ଏହା ହିଁ ସବୁଠାରୁ ସହଜ ମାର୍ଗ)

✍

ଅଳଙ୍କାର ବ୍ୟବସାୟୀ ଶ୍ରୀ. ପି.ରାମଚନ୍ଦ୍ର ସେଟ୍ଟି, ତାଙ୍କର ସହଧର୍ମିଣୀ ଶ୍ରୀମତୀ ସୁନ୍ଦରମ୍ମା ଓ ତାଙ୍କର ପରିବାରର ଅନ୍ୟ ସମସ୍ତେ ଦୀର୍ଘ ଦିନ ଧରି ସ୍ୱାମୀଙ୍କର ଏକ ନିଷ୍ଠ ଭକ୍ତ ଥା'ନ୍ତି ।

ରାମଚନ୍ଦ୍ର ସେଟ୍ଟିଙ୍କର ଶ୍ରୀ ବିଶ୍ୱନାଥ ସେଟ୍ଟି ଓ ଶ୍ରୀ ଭେଙ୍କଟ ଚଲପତି ସେଟ୍ଟି ନାମରେ ଦୁଇ ପୁଅ ଥା'ନ୍ତି । ସେମାନେ ଯଥାକ୍ରମେ ଶ୍ରୀମତୀ ମାଣିକ୍ୟମ୍ମା ଓ ଶ୍ରୀମତୀ ସରୋଜମ୍ମାଙ୍କୁ ବିବାହ କରିଥା'ନ୍ତି ।

୧୯୫୯ ଜୁନ୍ ମାସ ୧୮ ତାରିଖରେ ସ୍ୱାମୀ ରାମଚନ୍ଦ୍ର ସେଟ୍ଟିଙ୍କର ମହୀଶୂର ସ୍ଥିତ ବାସଭବନକୁ ଯାଇଥା'ନ୍ତି । ସେ ସେଠାକୁ ସକାଳ ପ୍ରାୟ ୭ଟା୩୦ରେ ପହଞ୍ଚିଥା'ନ୍ତି । ଆମେ ସେଠାରେ ପହଞ୍ଚିଲୁ ସକାଳ ୯ଟାରେ । ପହଞ୍ଚିବାର କିଛି ସମୟ ପରେ ଆମେ ଉପର ମହଲାକୁ ଯାଇ ସ୍ୱାମୀଙ୍କୁ ପୁଷ୍ପମାଲ୍ୟ ଦେଇ ପାଦ ନମସ୍କାର କଲୁ । ସେହି ସମୟରେ ସ୍ୱାମୀ ତାଙ୍କ ସଙ୍ଗେ ଆସିଥିବା ଭକ୍ତମାନଙ୍କ ଆଡ଼କୁ ଚାହିଁ କହିଲେ, "ବର୍ତ୍ତମାନ ତୁମେ ସହରର ଦର୍ଶନୀୟ ସ୍ଥାନମାନ ଦେଖି ଆସିପାର । ମୋର ଭକ୍ତମାନେ ମୋର ଦର୍ଶନ ପାଇଁ ଆସିବେ । ଏଠାରେ ବିଶେଷ ଜାଗା ନାହିଁ ।" ମୁଁ ସ୍ୱାମୀଙ୍କୁ ପଚାରିଲି, "ସ୍ୱାମୀ, ଆମ ଘରକୁ କେବେ ଆସିବେ ?" ସ୍ୱାମୀ କହିଲେ, "ଆସିବି, ମହୀଶୂର ଆସି ଆଉ କ'ଣ ମୁଁ ତୁମ ଘରକୁ ଆସିବିନି ? ଏବେ ମୁଁ ସ୍ନାନ ସାରେ, ତୁମ ଘରକୁ କେବେ ଯିବି, ପରେ କହିବି ।" ଆମେ ସବୁ ତଳକୁ ଆସିଲୁ । ସ୍ୱାମୀ ଦିନ ପ୍ରାୟ ଏଗାରଟା ବେଳେ ପ୍ରାର୍ଥନା ଗୃହ ମଧ୍ୟକୁ ପ୍ରବେଶ କରି ସେଠାରେ ପଡ଼ିଥିବା ସୋଫାରେ ବସିଲେ । ସେ ସମବେତ ଭକ୍ତମାନଙ୍କୁ ଭଜନ ଗାନ କରିବାକୁ କହିଲେ । ଭଜନ ମଧ୍ୟାହ୍ନ ବାରଟା ଯାଏଁ ଚାଲିଲା । ରାମଚନ୍ଦ୍ର ସେଟ୍ଟି ସ୍ୱାମୀଙ୍କୁ କର୍ପୁର ଆଳତୀ ଦେଲେ ସେଠାରେ କେତେ ଜଣଙ୍କର ପାଦ ନମସ୍କାର ଗ୍ରହଣ କରି ସ୍ୱାମୀ ଉପର ମହଲାକୁ ଚାଲିଗଲେ । ସେଟ୍ଟି ପରିବାରର ସମସ୍ତେ ସ୍ୱାମୀଙ୍କ ପଛେ ପଛେ ଗଲେ । ସେମାନେ ସ୍ୱାମୀଙ୍କ ପାଦ ପୂଜା କଲେ । କିଛି ସମୟ ପରେ ଆମେ ଉପରକୁ ଯାଇ ସ୍ୱାମୀଙ୍କ ପାଦ ନମସ୍କାର କଲୁ ।

ସ୍ୱାମୀ ଆମ ଘରକୁ ସନ୍ଧ୍ୟା ୫ ଟା ପରେ ଆସିବାର ପ୍ରତିଶ୍ରୁତି ଦେଇ ଅପେକ୍ଷା କରି ରହିବାପାଇଁ କହିଲେ । ସେ କହିଲେ ଯେ ସେଦିନ ରାତିରେ ସେ ବାଙ୍ଗାଲୋର ଯାଉଥିବାରୁ ଅଳ୍ପ ସମୟ ପାଇଁ କେତେଜଣଙ୍କ ଘରକୁ ଯିବେ । ସ୍ୱାମୀଙ୍କ କଥା ଶୁଣି ଆମ ମନ ଦୁଃଖ ହେଲା । ଆମେ ତାଙ୍କୁ କହିଲୁ, "ସ୍ୱାମୀ ଆପଣ ପ୍ରାୟ ବାର ବର୍ଷ ପରେ ଏଠାକୁ ଆସୁଛନ୍ତି । ଏତେ ଦିନ ପରେ ଆସି, ଗୋଟିଏ ପୁରାଦିନ କିମ୍ବା ତାହା ନ' ହେଲେ ଅନ୍ତତଃ ଅଧାଦିନ ଆମ ସଙ୍ଗେ ନରହିଲେ, ଆମ ମନ ଭାରି କଷ୍ଟ ହେବ ।" ସ୍ୱାମୀ କହିଲେ, "କାହିଁକି ମନ କଷ୍ଟ କରୁଛ ? ଯେତିକି ମୋତେ ପାଉଛ, ସେତିକିର ସଦ୍‌ବିନିଯୋଗ କର । ମନେକର ଏଠାରେ ମୁଁ ତିନି ଦିନ ରହିବି, କିନ୍ତୁ ତୁମେ ମୋତେ ପାଇବ ମାତ୍ର ପାଞ୍ଚ ମିନିଟ୍ ପାଇଁ ସେଥିରୁ କି ଲାଭ ହେବ ? ତୁମେ ସବୁ ମୋର ଆଉ ମୁଁ ତୁମର । ମୋର ଘର ବୋଲି କିଛି ନାହିଁ । ତୁମର ହୃଦୟ ହିଁ ମୋର ଘର । ସବୁ କିଛିର ଏକ ସୀମା ରହିବା ଦରକାର । ସୀମା ଟପିଲେ ସବୁ ଖରାପ ଲାଗେ ।'

ସେଠାରେ ଥିବା ଗୋଟିଏ ଛୋଟ ପୁଅକୁ ଲକ୍ଷ୍ୟ କରି ସେ କହିଲେ, "ଭୋକ ଲାଗୁଛି କି ନାହିଁ ଜାଣି ପିଲାମାନେ ଖାଇଚାଲିଥା'ନ୍ତି । ମା କିନ୍ତୁ ଛୁଆକୁ ଅତିରିକ୍ତ ଖାଇବାକୁ ଦିଏ ନାହିଁ । ଛୁଆ ଯେତିକି ଖାଇ ପାରିବ, ସେ ତାକୁ ସେତିକି ଦେଇଥାଏ । ମା' ଜାଣେ ଯେ ଛୁଆ ଅତ୍ୟଧିକ ଖାଇଲେ ତାକୁ ହିଁ ଅସୁବିଧା ଭୋଗିବାକୁ ହେବ । ସେମିତି ମୁଁ ମଧ୍ୟ ମୋ ଭକ୍ତମାନେ ଯେତିକି କୃପା ହଜମ କରିପାରିବେ ସେତିକି ଦେଇଥାଏ । ଟାଙ୍କିଟି ଯଦି ଶକ୍ତ ନ'ଥାଏ, ଆଉ ସେଥିରେ ବହୁତ ପାଣି ଭର୍ତ୍ତି କରାଯାଏ, ତେବେ ସେଥିରୁ ପାଣି ଗଳିବା ଆରମ୍ଭ ହୁଏ ଏବଂ ଶେଷରେ ଟାଙ୍କିଟି ଫାଟି ଯାଏ । ତେଣୁ ଯେତିକି ପାଣି ଟାଙ୍କିରେ ଧରି ହେବ ସେତିକି ପାଣି ହିଁ ମୁଁ ସେଥିରେ ଭର୍ତ୍ତି କରିଥାଏ । ତିରିଶ ତାରିଖ ପରେ ଆସିଥିଲେ ମୁଁ ଚାରିଦିନ ରହିଥା'ନ୍ତି । ସେଚ୍ଚି ତା'ସଙ୍ଗେ ବର୍ତ୍ତମାନ ଆସିବା ପାଇଁ ମୋତେ ଅନୁନୟ ପ୍ରାର୍ଥନା କରିବାରୁ ମୁଁ ଦିନକ ପାଇଁ ଏଠାକୁ ଆସିଲି । ସ୍ତ୍ରୀ ଲୋକଙ୍କ ଆଖିର ଧାରରେ ଗଙ୍ଗା ରହିଥାଏ । ସେମାନଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିବାପାଇଁ ମୁଁ ସେମାନଙ୍କୁ ଆଖି ଦେଇଛି, କିନ୍ତୁ ସେମାନେ ବିଷୟ ବାସନାରେ ବୁଡ଼ି ରହି ଦୁଃଖର ଅଶ୍ରୁ ତର୍ପଣ କରିବା ପାଇଁ ତାହା ବ୍ୟବହାର କରନ୍ତି । କାନ୍ଦିବ ତ ଭଗବାନଙ୍କ ପାଇଁ କାନ୍ଦ, ଅନ୍ୟ କୌଣସି ଜିନିଷ ଲାଗି କାନ୍ଦ ନାହିଁ ।" ଆମେ କିନ୍ତୁ ସ୍ୱାମୀଙ୍କୁ କହିଲୁ, "ସ୍ୱାମୀ ! ଆପଣ ଏମିତି ପାଞ୍ଚ ମିନିଟ୍ ଲାଗି ଆସି ତରବରରେ ଚାଲି ଯିବା ଠିକ୍ ହଉ ନାହିଁ ।"

ସ୍ୱାମୀ କହିଲେ, "କ'ଣ କରିବି ? ମୋର ସମୟ ନାହିଁ । ତୁମେ ଯେତିକି ସମୟ ପାଉଛ ତାର ସଦ୍‌ବିନିଯୋଗ କର । ମୁଁ ଉଡ଼ା ଜାହାଜରେ ଟିକେଟ୍ କିଣି ସାରିଛି । ଟ୍ରେନ ବା ବସ୍ ଛାଡ଼ିବାରେ ବିଳମ୍ୱ ହୋଇ ପାରେ କିନ୍ତୁ ପ୍ଲେନ୍ ଠିକ୍ ସମୟରେ ଛାଡ଼ିବ । ଆମେ ଅନ୍ୟକୁ ଅସୁବିଧାରେ ପକାଇବା ଉଚିତ୍ ନୁହଁ । ମୋର ନିୟମ ହେଲା, ଶାରିରୀକ ଭାବେ ହେଉ କିମ୍ବା ମାନସିକ ଭାବେ ହେଉ, ଭକ୍ତମାନଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ କୌଣସି ପ୍ରକାର ଅସୁବିଧାରେ ପକାଇବା ମୁଁ ଚାହେଁ ନାହିଁ । ମୁଁ ହେଲି ମାଠିଆ, ତୁମେ ହେଲ ଦଉଡ଼ି, କୂଅରୁ ପାଣି କାଢ଼ିବା ଭଳି ତୁମେ ଯେବେ ମୋତେ ଟାଣିବ, ମୁଁ ସେବେ ଆସିବି ।"

ସ୍ୱାମୀ ସେ ଦିନ ସନ୍ଧ୍ୟା ୭ ଟାରେ ଆମ ଘରକୁ ଆସିଲେ । ସେ ପାହାଚ ଚଢ଼ି ଉପରକୁ ଆସିବା ସମୟରେ ମୁରଲି ତାଙ୍କ ସାମନାରେ ଛିଡ଼ା ହୋଇଥାଏ । ସ୍ୱାମୀ ମୋ ଆଡ଼କୁ ଚାହିଁ ଥଟ୍ଟାରେ କହିଲେ "କନ୍ନମା, ଏ କ'ଣ ? ମୁଁ ଆଜି ଗୋଟାଏ ଗୁଣ୍ଡାର ଦର୍ଶନ କରୁଛି ।" ମୁଁ ସ୍ୱାମୀଙ୍କୁ କହିଲି, "ସ୍ୱାମୀ ଆଜିକାଲି ସେ ଆପଣଙ୍କୁ ଭୟ କରୁଛି ।" "ହଁ, ସେ ମୋତେ ଭୟ କରେ", କହି କୌଣସି ଏକ ଗୀତକୁ ଗୁଣୁଗୁଣୁ କରି ଗାଉଥିବା ଅବସ୍ଥାରେ ସେ କକ୍ଷ ମଧ୍ୟକୁ ପ୍ରବେଶ କଲେ । ଟେବୁଲ ଉପରେ ଥିବା ଶ୍ରୀ ଶିରିଡ଼ି ସାଇବାବାଙ୍କର ଏକ ପ୍ରତିମୂର୍ତ୍ତିକୁ ହାତରେ ନେଇ ସ୍ୱାମୀ ପଚାରିଲେ, "ଏଇଟା କେଉଁଠୁ ଆସିଛି ?" ଗୋପୁ ତାହା ଦେଇଛି ବୋଲି ମୁଁ ଉତ୍ତର ଦେଲି । ପ୍ରତିକୃତିଟିକୁ

ସେ କିଛି ସମୟ ନିରୀକ୍ଷଣ କଲେ । ସାମନା କାନ୍ଥରେ ଝୁଲୁଥିବା ଦର୍ପଣ ମଧ୍ୟରେ ନିଜର ପ୍ରତିବିମ୍ବକୁ ଦେଖି ସେ କହିଲେ, "ମୋତେ ୮ଟାବେଳକୁ ବାହାରିବାକୁ ହେବ । ଅନ୍ୟ ଦୁଇଟି ଜାଗାକୁ ନ' ଗଲେ ମଧ୍ୟ ଚଳିଥାଆନ୍ତା । କିନ୍ତୁ ମୁଁ ଯାଇ ଆସିଛି ।" ସେ ଏତେ ଅଳ୍ପ ସମୟ ପାଇଁ ଆସିଥିବାରୁ ଆମେ ଆମ ଦୁଃଖ ଜଣାଇଲୁ । ସ୍ୱାମୀ କହିଲେ, "ଆହୁରି ମୋତେ ତିନୋଟି ଘର ଯିବାକୁ ହେବ । ମୁଁ ସୁନ୍ଦରମ୍ମା ଓ ଲକ୍ଷ୍ମୀମ୍ମାର ଘରକୁ ଦୁଇ ଥର ଯାଇଛି । କ'ଣ କରିବି ?" ଯା ଭିତରେ ଆମେ ତାଙ୍କର ପାଦ ପୂଜା କରିପାରିବୁ କି ବୋଲି ତାଙ୍କୁ ପଚାରିଲୁ । "ନିଶ୍ଚୟ ମନ ଆନନ୍ଦରେ କରିପାର" କହି ସ୍ୱାମୀ ସେଠାରେ ଥିବା ଖଟ ଉପରେ ବସିବାକୁ ଉଦ୍ୟତ ହେଲେ । ଆମେ କିନ୍ତୁ ସ୍ୱାମୀଙ୍କୁ ପାଖ କମ୍‌ରାକୁ ଯିବାପାଇଁ ଅନୁରୋଧ କଲୁ। ସ୍ୱାମୀ ପରିହାସ କରି କହିଲେ, "ହଉ ଯିବା, ସେ କମରାଟି କାହାର ?" ମୁରଲୀ କହିଲା, "ସ୍ୱାମୀ ଏ ଘର ତୁମର ।" ସ୍ୱାମୀ ପ୍ରେମପୂର୍ଣ୍ଣ ଗଳାରେ ମୃଦୁ ଭର୍ତ୍ସନା କରି କହିଲେ, "ଚୁପ୍ କର, ମୋ ସଙ୍ଗେ କଥା କହନା ।" ଏଥର ସ୍ୱାମୀ ପୂଜା ଗୃହକୁ ଆସି ସେଠାରେ ତାଙ୍କ ପାଇଁ ରଖାଯାଇଥିବା ସୁସଜ୍ଜିତ ସିଂହାସନରେ ବସିଲେ । ଆମ ମନ ଆନନ୍ଦରେ ଭରି ଗଲା । ପ୍ରଦୀପ ପ୍ରଜ୍ୱଳନ କରି ଆମେ କହିଲୁ, "ସ୍ୱାମୀ ! ଆପଣ ପୁରା ଗୋଟିଏ ଦିନ ରହିବେ କହିଥିଲେ । ଅବିକା କିନ୍ତୁ ଯିବାକୁ ତରବର ହେଉଛନ୍ତି । ଆପଣ ଆସିବେ, ଆମ ଆଉ କିଛି ଆଧ୍ୟାତ୍ମିକ ବିଷୟ ଜାଣିବୁ ବୋଲି ମନରେ ଆଶା ବାନ୍ଧି ରହିଥିଲୁ । "ସ୍ୱାମୀ ପ୍ରକଟ କଲେ, "ମୁଁ ବ୍ରହ୍ମ, ମୁଁ ବ୍ରହ୍ମ, ସ୍ୱୟଂ ବ୍ରହ୍ମ ଆଜି ତୁମ ପାଖକୁ ଆସିଛନ୍ତି । ଯାହା ଚାହୁଁଛ ପଚାର, ଯାହା ପ୍ରାପ୍ୟ ତାହା ନିଅ ।"

ମୁଁ ପଚାରିଲି, "ସ୍ୱାମୀ ! ଆପଣ କହିଛନ୍ତି ଯେ ପ୍ରାଣତ୍ୟାଗ ସମୟରେ ଭଗବାନଙ୍କୁ ସ୍ମରଣ କରିପାରୁ କିନ୍ତୁ ଧ୍ୟାନ କରିବା ସମୟରେ କେବଳ ଗୋଟିଏ ନାମ ଓ ରୂପ ଉପରେ ଧ୍ୟାନ କରିବା ଠିକ୍ ହେବ । ଭଗବାନଙ୍କର ବିବିଧ ନାମ ଉଚ୍ଚାରଣ କରିବା ପରିବର୍ତ୍ତେ ଖାଲି ଆପଣଙ୍କ ନାମ ନିତ୍ୟ ସ୍ମରଣ କରିବା କ'ଣ ଠିକ୍ ହେବ ନାହିଁ ? ସ୍ୱାମୀ କହିଲେ, "ନିଶ୍ଚୟ ଏହା ତ ଅଧିକ ମଙ୍ଗଳକର । ଈଶ୍ୱର ଉପାସନାର ମୂଳ ଜିନିଷ ହେଲା ଜପ । ତାହା ହିଁ କର ତାହା କରିବା ଭଲ । କିନ୍ତୁ ମନେରଖ, ଧ୍ୟାନ ସବୁବେଳେ ଗୋଟିଏ ନାମ ଓ ରୂପ ଉପରେ କରିବ; ନାମ ଓ ରୂପକୁ ନିତ୍ୟ ମନନ କରିବା ଯଦି ଅଭ୍ୟାସ କରାଯାଏ, ଶେଷ ନିଃଶ୍ୱାସ ସମୟରେ ତାଙ୍କୁ ସ୍ମରଣ କରି ହେବ । ସେତେବେଳେ ଯାଇ ତୁମେ ଜନ୍ମ ମୃତ୍ୟୁର ଚକ୍ରାବର୍ତ୍ତରୁ ଉଦ୍ଧାର ପାଇବ ।" ଏହାପରେ ପ୍ରତ୍ୟେକେ ସ୍ୱାମୀଙ୍କର ଚରଣକମଳକୁ ସୁବାସିତ ଜଳରେ ପ୍ରକ୍ଷାଳନ କଲେ ଓ ପୁଷ୍ପମାଲ୍ୟ ଦେଇ ତାଙ୍କର ଆରାଧନା କଲେ । ସେତେବେଳେ ମୋ ମା ସ୍ୱାମୀଙ୍କୁ କହିଲେ, "ସ୍ୱାମୀ ! ଆପଣ ଏତେ ବିଳମ୍ବରେ ଆସିବେ ବୋଲି ଆଗରୁ ଜାଣିଥିଲେ ଆମେ ଆପଣଙ୍କର ରାତ୍ରି ଭୋଜନ ପ୍ରସ୍ତୁତ କରି ରଖିଥା'ନ୍ତୁ । ସ୍ୱାମୀ କହିଲେ, "ହଉ ହେଲା, ତୁମ ଖୁସି ପାଇଁ, ତୁମେ ଯାହା ରାନ୍ଧିଛ ତାହା ଖାଇବି । ଆଣ, ପରଷ ।"

ସବୁ ପିଲା ସ୍ୱାମୀଙ୍କ ନିକଟରେ ବସି ତାଙ୍କର ପାଦ ଚିପି ଦେଉଥା'ନ୍ତି । ମୁଁ ପଚାରିଲି, "ସ୍ୱାମୀ ଆମେ ସବୁବେଳେ ଆପଣଙ୍କୁ ପାଇବାକୁ ହେଲେ କ'ଣ କରିବାକୁ ହେବ ?" ସ୍ୱାମୀ ଉତ୍ତର ଦେଲେ, "ନାମ ସ୍ମରଣ, ନାମ ସ୍ମରଣ । ଏଥିପାଇଁ ନିରନ୍ତର ନାମ ସ୍ମରଣ କରିବାକୁ ହେବ । ଭକ୍ତି ଯେଉଁଠେ, ଭଗବାନ ସେଇଠେ ।"

ମୁଁ ଯେତେବେଳେ ଗୋଟିଏ ପ୍ଲେଟରେ ମିଠା ଓ କିଛି ସ୍ୱାଦିଷ୍ଟ ପଦାର୍ଥ ନେଇ ସ୍ୱାମୀଙ୍କ ପାଇଁ ଟେବୁଲ ଉପରେ ରଖିବାକୁ ଯାଉଥିଲି, ସେ କହିଲେ, "ନା ନା ହାତରେ ଧରି ରହ ମୁଁ ପ୍ଲେଟ୍‌ରୁ ଖାଇବି ।" ସେ ସବୁଥିରୁ ଅଳ୍ପ ଅଳ୍ପ ଖାଇ ଗରମ ପାନୀୟରୁ କିଛି ସେବନ କଲେ । ପିଲାମାନଙ୍କ ଆଡ଼କୁ ଚାହିଁ ସ୍ୱାମୀ କହିଲେ, "ସବୁ ଜିନିଷ ମା'କୁ କାହିଁକି ମାଗୁଛ ? ତାକୁ ମାଗିଲେ ସେ ତୁମକୁ ତାର ଅଶାନ୍ତିରୁ କିଛି ଦେବ । ଯାହା ମାଗୁଛ ମୋତେ ମାଗ । ତୁମେ ଯାହା ଚାହିଁବ ତାହା ଦେବି ।

ସ୍ୱାମୀ ତା'ପରେ ଯେଉଁଠାରେ ବିଭିନ୍ନ ଦେବଦେବୀଙ୍କ ଫଟୋ ଟଙ୍ଗା ହୋଇଥାଏ, ସେଠାକୁ ଗଲେ ଓ ସାମାନ୍ୟ ନଇଁ ଫଟୋଗୁଡ଼ିକୁ ପାଖରୁ ଦେଖି କହିଲେ, "ବଡ଼ମାଳଗୁଡ଼ିକ ମୋତେ ଆଉ ଛୋଟମାଳ ଗୁଡ଼ିକୁ ଅନ୍ୟ ଦେବଦେବୀଙ୍କୁ !" ଆମେ କହିଲୁ, ସ୍ୱାମୀ, ଆପଣଙ୍କ ଫଟୋ ସୁନ୍ଦର ଭାବେ ସଜାଇବା ପରେ ଯାହା ଫୁଲ ବଳେ ତାହା ଅନ୍ୟ ଦେବ-ଦେବୀଙ୍କୁ ଲାଗେ ।" ଆମ କଥା ଶୁଣି ସ୍ୱାମୀ ଖୁବ୍ ହସିଲେ ।

ଆରତୀ କରିବା ସମୟରେ ସ୍ୱାମୀ ଆମକୁ "ପାବନ ପୁରୁଷ" ଗୀତଟି ଗାଇବାକୁ କହିଲେ । ଯେତେ ସମୟ ଗୀତଟି ଗାନ କରାଯାଉଥାଏ, ସେତେ ସମୟ ସେ ଛିଡ଼ା ହୋଇ ନିଜ ପାଦରେ ତାଳ ଦେଇ ଦେଇ ଅର୍ଦ୍ଧ ନିମୀଳିତ ଚକ୍ଷୁରେ, ଏକ ଲୟରେ ଭଜନଟି ଶୁଣୁଥା'ନ୍ତି । ଆରତୀ ପରେ ଆମେ ସମସ୍ତେ ତାଙ୍କୁ ପାଦନମସ୍କାର କଲୁ । ତା' ପରେ ସ୍ୱାମୀ ରଘୁ ଓ ଶଙ୍କର ଉଭୟଙ୍କୁ ନିଜ ବାହୁରେ ଚାପି ଧରି ଆଲିଙ୍ଗନ କଲେ ଏବଂ ତାଙ୍କ ସଙ୍ଗେ କକ୍ଷ ବାହାରକୁ ଚାଲିଆସିଲେ । ଶିଡ଼ି ଦେଇ ତଳକୁ ଆସି ସେ କାରରେ ବସିଲେ ଓ ଆମ ଠାରୁ ବିଦାୟ ନେଲେ । ଏତେ ସମୟ ଧରି ସ୍ୱାମୀଙ୍କ ସାନ୍ନିଧ ଲାଭ କରିଥିବାରୁ ଆମ ଆନନ୍ଦର ସୀମା ନ'ଥାଏ କିନ୍ତୁ ସେ ଚାଲିଯିବା ପରେ ଆମେ ଦୁଃଖ ଅନୁଭବ କଲୁ ।

ରାମଚନ୍ଦ୍ର ସେଟ୍ଟିଙ୍କ ପତ୍ନୀ ସ୍ୱାମୀଙ୍କୁ କହିଲେ, "ସ୍ୱାମୀ ଆମେ ତ ଆପଣଙ୍କ ସଙ୍ଗେ ବଦ୍ରୀ ଯାଇପାରିବୁ ନାହିଁ । ଆପଣ ଦୟାକରି ଆମ ପାଇଁ ଗଙ୍ଗା ଆଣି ଦିଅନ୍ତୁ ।" ତାଙ୍କର ପ୍ରାର୍ଥନା ଶୁଣି ସ୍ୱାମୀ ତାଙ୍କୁ ଏକ ପାନୀୟ ପାତ୍ର ଆଣିବାକୁ କହିଲେ । ଶ୍ରୀମତୀ ସେଟ୍ଟୀ ରୂପାର ଏକ ବଡ଼ ଗିଲାସ ଆଣି ସ୍ୱାମୀଙ୍କୁ ଦେଲେ । ସ୍ୱାମୀ ମୁହୂର୍ତ୍ତକ ପାଇଁ ଗିଲାସକୁ ନିଜ ପାପୁଲିରେ ଢ଼ାଙ୍କି ଦେଲେ । ଦେଖ କି ଚମତ୍କାର ! ଗଙ୍ଗା ଜଳରେ ଗିଲାସଟି ଭରିଗଲା,

ପାଣି ଭିତରେ ସଦ୍ୟ ତୁଳସୀ ଓ ବେଲପତ୍ର ଭାସୁଥାଏ ଏବଂ ତଳେ ଥାଏ ନବରତ୍ନ । ଉଦାରମନା ଶ୍ରୀ ସେଟ୍ଟି ଉକ୍ତ ଗଙ୍ଗାତୀର୍ଥକୁ ସେଠାରେ ଥିବା ସମସ୍ତଙ୍କ ମଧ୍ୟରେ ବିତରଣ କଲେ ।

ସନ୍ଧ୍ୟାରେ ଉପର ମହଲାରେ ସ୍ୱାମୀ, ସେଟ୍ଟି ପରିବାରର ସମସ୍ତେ ଓ ଆମେ କେତେ ଜଣ ଥାଉ । ସ୍ୱାମୀ କହିଲେ, "ଆଜି ସକାଳେ ଝରକା ପାଖରେ ବସି ମୁଁ ରାସ୍ତାର ଲୋକମାନଙ୍କୁ ଲକ୍ଷ୍ୟ କରୁଥିଲି । ଲୋକମାନେ ହାତରେ ଫୁଲ, ଫଳ ଧରି ଯାଉଥାଆନ୍ତି (ସେଦିନ ଥିଲା ନାଗ ଚତୁର୍ଥୀ) । ତାହା ଦେଖି ମୋତେ ଭଲ ଲାଗିଲା । କୌଣସି ପ୍ରକାର ହେଉ, ଭଗବାନଙ୍କର ପୂଜା ଭଜନ, ସତ୍‌ସଙ୍ଗ, ଶୋଭାଯାତ୍ରା ହେବା ଦରକାର । ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଏଭଳି ପର୍ବ ପର୍ବାଣୀ ହେଉଥିବାରୁ ଦେଶରେ ଏତିକି ହେଲେ ଶାନ୍ତି ରହିଛି । ତାହା ନ' ହୋଇଥିଲେ, ଅନେକ ଆଗରୁ ଦେଶ ଧ୍ୱଂସ ପାଇଯାଇଥା'ନ୍ତା । ସମୂହ ଭାବେ ପୂଜା ଅର୍ଚ୍ଚନା ଓ ଅନ୍ୟାନ୍ୟ ଭଗବତ୍ କାର୍ଯ୍ୟ କଲେ ସମଗ୍ର ପରିବେଶ ପବିତ୍ର ଓ ପରିଶୁଦ୍ଧି ହୁଏ ।

ସେଟ୍ଟି କହିଲେ, "ସ୍ୱାମୀ ଆପଣଙ୍କ ବ୍ୟତୀତ ମୁଁ ଅନ୍ୟ କିଛି ଚାହେଁ ନାହିଁ । ଆଉ କାହାକୁ କୌଣସି ବିଷୟରେ ସାହାଯ୍ୟ ମାଗିବା ମୁଁ ପସନ୍ଦ କରେ ନାହିଁ । ଆପଣଙ୍କ ଉପରେ ଆମର ଦୃଢ଼ ଆସ୍ଥା ରହିଛି, ଆପଣ କ'ଣ ଭଲ ମନ୍ଦ ବୁଝିବେ ନାହିଁ ?"

ସ୍ୱାମୀ କହିଲେ, "ଭଗବାନ ସିଧାସଳଖ ଆସି ମଣିଷକୁ ସାହାଯ୍ୟ କରିନଥା'ନ୍ତି । ଦୈବମ୍ ମାନୁଷ ରୂପେଣ । ସେ ମଣିଷ ରୂପରେ ଆସି ତାଙ୍କ ସଙ୍କଳ୍ପ କାର୍ଯ୍ୟକାରୀ କରନ୍ତି । ଜଣେ ଭିକାରୀଠାରୁ ମଧ୍ୟ ତୁମେ ସାହାଯ୍ୟ ପାଇପାର । ତେଣୁ କେବେ କୁହ ନାହିଁ ଯେ ଅନ୍ୟର ସାହାଯ୍ୟ ତୁମକୁ ଦରକାର ନାହିଁ ।"

ସେଟ୍ଟି ପ୍ରଶ୍ନ କଲେ "ସ୍ୱାମୀ, କୁହାଯାଏ ଯେ କଳି ଯୁଗ ପରେ ଆଉ ଯୁଗ ନାହିଁ, ଆଉ ଏହା ପ୍ରଳୟରେ ଶେଷ ହେବ । ଏହା କଣ ସତ ?" ସ୍ୱାମୀ କହିଲେ, "ନା, ପ୍ରଳୟ ବୋଲି କିଛି ହେବ ନାହିଁ । କିନ୍ତୁ କେବେ କେବେ ବିପଦ ବିପର୍ଯ୍ୟୟ ଘଟିବ । ଘରର ଗୋଟିଏ ଭାଗ ଭାଙ୍ଗିଗଲେ, ତୁମେ ସେଇ ଭାଗଟିକୁ ମରାମତିର କର ନା ପୁରା ଘରଟାକୁ ଭାଙ୍ଗି ଦିଅ ? ସେହିଭଳି ପୃଥିବୀର ଯେଉଁ ଅଂଶଟି କ୍ଷତିଗ୍ରସ୍ତ ହୁଏ, ମୁଁ ସେହି ଅଂଶର ମରାମତି କରିଥାଏ ।" ସେଟ୍ଟି ପଚାରିଲେ, "ସ୍ୱାମୀ, କେଉଁ ଅଂଶଟି କ୍ଷତିଗ୍ରସ୍ତ ହେଲା, ଆପଣ କିମିତି ଜାଣୁଛନ୍ତି ?" ସ୍ୱାମୀ କହିଲେ ସମଗ୍ର ବିଶ୍ୱ ଯେହେତୁ ମୋର ଶରୀର, ସେହେତୁ ବିଶ୍ୱରେ ଯେଉଁଠାରେ ଯାହା ଘଟିଲେ ମଧ୍ୟ ମୁଁ ଜାଣିପାରେ ।"

ଏଥର ସ୍ୱାମୀ ମାଣକ୍ୟାମ୍ମାକୁ ଚାହିଁ ପଚାରିଲେ, "ମାଣିକ୍ୟାମ୍ମା, ତୁ କ'ଣ ସନ୍ତାନ ଚାହୁ ନାହୁଁ ? ମାଣିକ୍ୟାମ୍ମା କହିଲା, "ସ୍ୱାମୀ, ମୋ ଦିଅର, ଚଲପତିର ମଧ୍ୟ ପିଲାପିଲି ନାହାନ୍ତି । ତାକୁ ଦୟାକରି ଆଶୀର୍ବାଦ କରନ୍ତୁ ।" ଚଲପତିକୁ ଚାହିଁ ସ୍ୱାମୀ ପରିହାସ

କରିବା ସ୍ୱରରେ କହିଲେ, "କ'ଣ ? ବୈରାଗ୍ୟ ଚାଲି ଆସିଛି ? ପିଲାପିଲି ଦରକାର ନାହିଁ ?" ଚଲପତି କିନ୍ତୁ ଚୁପ୍ ଥାଏ । ସ୍ୱାମୀ କହିଲେ, "କ'ଣ ହେଲା ? ତୁମେ କ'ଣ ଚାହୁଁଛ, ତୁମ ଘରେ ମୋର ପୂଜା, ବ୍ରତ, ଆନନ୍ଦ ଉତ୍ସବ କିଛି ରହିବ ନାହିଁ ? ଏ ସବୁ ଦରକାର ଯଦି ଘରେ ପିଲାଛୁଆ ଦରକାର ।" କିନ୍ତୁ ଚଲପତି ସବୁ ଶୁଣି ମଧ୍ୟ ନୀରବ ରହିଥାଏ । ତା'ପରେ ସ୍ୱାମୀ ମାଣିକ୍ୟମ୍ମାକୁ ପଚାରିଲେ, 'ମାଣିକ୍ୟମ୍ମା, ତୋର ବୟସ କେତେ ? ମାଣିକ୍ୟମ୍ମା ଉତ୍ତର ଦେଲା, 'ଛବିଶ ବର୍ଷ' । ସ୍ୱାମୀ ତାକୁ ଆଶୀର୍ବାଦ କରି କହିଲେ, "ତୁ ସନ୍ତାନବତୀ ହ" । ତା' ପର ବର୍ଷ ମାଣିକ୍ୟମ୍ମାର ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହେଲା । ସ୍ୱାମୀ ନିଜେ ତାଙ୍କ ଘରକୁ ଯାଇ ଛୁଆଟିକୁ ତୀର୍ଥ ନାରାୟଣ ନାମ ଦେଇଥିଲେ । ମାର୍ଚ୍ଚ ୧୯୮୫ ରେ ସ୍ୱାମୀ ତାର ଉପନୟନ କଲେ । ୧୯୯୩ ମାର୍ଚ୍ଚ ୧୨ ତାରିଖ ଦିନ ବୃନ୍ଦାବନରେ ସ୍ୱାମୀ ତାଙ୍କର ଭକ୍ତ ପ୍ରସନ୍ନଲକ୍ଷ୍ମୀ ସହ ତା'ର ବିବାହ କରାଇଥିଲେ ।

✍

୧୯୫୮ ଡିସେମ୍ବର ୧୭ ତାରିଖ ରାତି ୯.୩୦ରେ ସ୍ୱାମୀ ଶ୍ରୀ ରାମଚନ୍ଦ୍ର ସେଟ୍ଟିର ଘରେ ଆସି ପହଁଞ୍ଚିଲେ । ସେତେବେଳେ ସେଠାରେ ଭଜନ ଚାଲିଥାଏ । ଆରତୀ ପରେ ଉପସ୍ଥିତ ସମସ୍ତ ଭକ୍ତ ପ୍ରସାଦ ସେବନ କଲେ । ସ୍ୱାମୀଙ୍କ ଭୋଜନ ପରେ ମୁଁ ତାଙ୍କୁ ଆମ ଘରକୁ ଆସିବାକୁ ପ୍ରାର୍ଥନା କଲି । ସ୍ୱାମୀ କହିଲେ, "ନା, ଅଧରାତି ହେଲାଣି, ମୋତେ ବଡ଼ି ଭୋରୁ ବାହାରି ଯିବାକୁ ହେବ । ପ୍ରତିଥର ତୁମ ଘରକୁ ଯିବାକୁ କାହିଁକି ଜିଦ୍ କରୁଛ ? ତୁମ ହୃଦୟ ହିଁ ମୋର ଘର । ଆଉ ଏକ ଘର ମୋର କି ଦରକାର ? ପରଦିନ ବାଙ୍ଗାଲୋରରେ ସେମାନେ ଏକ ଶୋଭାଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି ।" ମୁଁ କହିଲି, "ସ୍ୱାମୀ ପିଲାମାନେ ଆପଣ ଆସିବେ ବୋଲି ଚାହିଁ ବସିଛନ୍ତି । ଆପଣ ନ' ଆସିଲେ ନିରାଶ ହେବେ ।" ସ୍ୱାମୀ କହିଲେ, "ସେମାନଙ୍କୁ କହ, ସକାଳ ୫ ଟାରେ ଆସି ମୋତେ ଦର୍ଶନ କରିବେ ।"

ପୁଣି ଥରେ ୧୯୫୯ ଜାନୁଆରୀ ୧୧ ତାରିଖ ଦିନ ସ୍ୱାମୀ ସେଟ୍ଟିଙ୍କ ଘରକୁ ଆସିଥା'ନ୍ତି; ଭାଗ୍ୟକୁ ମୋ ପିଲାମାନେ ସେଦିନ ସେଠାରେ ଥା'ନ୍ତି । ପରଦିନ ସକାଳେ ମୁଁ ଓ ମୋ ସ୍ୱାମୀ ଯାଇ ସ୍ୱାମୀଙ୍କୁ ଆମ ଘରକୁ ଆସିବାକୁ ନିମନ୍ତ୍ରଣ କଲୁ । ସ୍ୱାମୀ ଶ୍ରୀ.ସି.ଏ. ଗୋପାଳ ସେଟ୍ଟିଙ୍କ ଘରେ ଜଳପାନ କରି ବାଙ୍ଗାଲୋର ଚାଲି ଯାଉଥିବାରୁ ଭାଗ୍ୟବଶତଃ ଆମେ ସ୍ୱାମୀଙ୍କୁ ପୁଷ୍ପମାଲ୍ୟ ଦେଇ ପାଦ ନମସ୍କାର କରିପାରିଲୁ । ସ୍ୱାମୀ ବିଭୂତି ସୃଷ୍ଟି କରି ମୋତେ, ଲୀଲମ୍ମା ଓ ତାଙ୍କ ମା' ଏବଂ ଆଉ କେତେଜଣଙ୍କୁ ତାହା ଦେଲେ । ମେ' ୧୯୫୯ ରେ ଆଉ ଥରେ ସ୍ୱାମୀ ରାମଚନ୍ଦ୍ର ସେଟ୍ଟିଙ୍କ ଘରକୁ ଆସି ମହୀଶୂରରେ ସମସ୍ତ ଭକ୍ତଙ୍କୁ ଆଶୀର୍ବାଦ କରିଥିଲେ ।

✍

ନଭେମ୍ବର ୧୪, ୧୯୬୧ ଦିନ ଆମେ ପୁଟ୍ଟପର୍ତ୍ତି ବାହାରିଲୁ । ସନ୍ଧ୍ୟାରେ ଇଣ୍ଟରଭ୍ୟୁ କକ୍ଷର ବାହାରେ ଆମେ ସ୍ୱାମୀଙ୍କୁ ଦର୍ଶନ କଲୁ । ପାଦନମସ୍କାରର ଆଶା ନେଇ ଆମେ ସେଠାରେ ଅପେକ୍ଷା କରିଥାଉ । ସଙ୍ଗେ ସଙ୍ଗେ ସ୍ୱାମୀ ଆମକୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକିଲେ । ଆମେ ସ୍ୱାମୀଙ୍କୁ ପାଦ ନମସ୍କାର କଲୁ । ମୁଁ ସ୍ୱାମୀଙ୍କୁ ରାଧା ଲେଖିଥିବା ଚିଠିଟି ଦେଲି । ସେ ଘରର ଜଣ ଜଣଙ୍କର କୁଶଳ ପ୍ରଶ୍ନ କଲେ । ମୁଁ ସ୍ୱାମୀଙ୍କୁ ପଚାରିଲି, "ସ୍ୱାମୀ, ଅଳ୍ପଦିନ ତଳେ ଆପଣ ଏକ ଦିବ୍ୟ ସମ୍ଭାଷଣରେ କହିଛନ୍ତି ଯେ ଖୁବ୍ ଶୀଘ୍ର ବର୍ତ୍ତମାନ ଯେପରି ଅନାୟାସରେ ଆପଣଙ୍କୁ ପାଇପାରୁଛୁ ସେପରି ଆଉ ପାଇବୁ ନାହିଁ ଏବଂ ଅତି ଶୀଘ୍ର ଏହା ଘଟିବାକୁ ଯାଉଛି । ଆଉ ମଧ୍ୟ ଆମେ ଶୁଣୁଛୁ ଯେ ଆପଣ ଆଉ ଇଣ୍ଟରଭ୍ୟୁ ଦେବେ ନାହିଁ ଓ ପୁଟ୍ଟପର୍ତ୍ତିରେ ଯେଉଁ ସବୁ ଉତ୍ସବ ପାଳନ କରାଯାଉଛି, ତାହା ମଧ୍ୟ କମେଇ ଦେବେ । ଏସବୁ ଶୁଣିବା ପରେ ଆମ ମନରେ ଖୁବ୍ ଦୁଃଖ ହେଉଛି । ଆପଣ ଆମ ଜୀବନ, ଆପଣଙ୍କୁ ବାରମ୍ବାର ଦର୍ଶନ ନ' କଲେ ଆମେ ଆଦୌ ବଞ୍ଚିପାରିବୁ ନାହିଁ ।"

ସ୍ୱାମୀ କହିଲେ, "ଏ ସବୁ ତୁମକୁ କିଏ କହିଲା ? ଏଭଳି ମିଥ୍ୟା ଗୁଜବ ଶୁଣି ତୁମେ ଅଯଥା ବ୍ୟସ୍ତ ହେଉଛ । ତୁମଠାରୁ ନିଜକୁ ଦୂରେଇ ନେଇ ମୋର କି ଲାଭ ହେବ ? ମୋର କିଛି ଯୋଗାଭ୍ୟାସ କରିବାର ଅଛି, ନା କୌଣସି ସାଧନା କରିବାର ଅଛି ? ମୁଁ ଭକ୍ତମାନଙ୍କ ଠାରୁ ଦୂରକୁ ଯିବି ବା କାହିଁକି ? ଭବିଷ୍ୟତରେ ଯେତେବେଳେ ଅଧିକରୁ ଅଧିକ ଲୋକ ଏଠାକୁ ଆସିବେ, ସେତେବେଳେ ମୋତେ ଭେଟିବାର ସୁଯୋଗ ତୁମ ପାଇଁ କମିଯିବ । ବାହାରକୁ ଥରେ ଦେଖ, କେତେ ଲୋକ ଇଣ୍ଟରଭ୍ୟୁ ପାଇଁ ବସି ରହିଛନ୍ତି । ମୁଁ ଅଧିକାଂଶ ସମୟ ଇଣ୍ଟରଭ୍ୟୁ ଦେବାରେ ବିତେଇ ଥାଏ । ତୁମେ ତ ଜାଣୁଛ, ମୋତେ ପାଇବା ଧୀରେ ଧୀରେ ଦୁର୍ଲଭ ହୋଇଯାଉଛି । ଆଗାମୀ ଦିନମାନଙ୍କରେ ତାହା ଆହୁରି ଦୁର୍ଲଭ ହୋଇଯିବ ।"

ମୁଁ ପଚାରିଲି, "ସ୍ୱାମୀ, ଭବିଷ୍ୟତରେ ଆଉ କ'ଣ ଆପଣ ଭକ୍ତମାନଙ୍କର ବିବାହ, ଉପନୟନ ଆଦି କରିବେ ନାହିଁ ?" ସ୍ୱାମୀ କହିଲେ, "କିଏ କହିଲା କରିବିନି ? ନିଶ୍ଚୟ କରିବି ଏବଂ ବର୍ତ୍ତମାନ ଭଳି ସମସ୍ତ ଉତ୍ସବ ପାଳନ କରାଯିବ ।" ସେଠାରେ ଥିବା ଜଣେ କିଏ କହିଲା ଯେ ଦୀପାବଳି ଆଉ ଆଗ ଭଳି ହେଉ ନାହିଁ । ସ୍ୱାମୀ କହିଲେ, "ନା, ସବୁକିଛି ଠିକ୍ ଠିକ୍ ହେଉଛି । ବିଜୁଳି ତାରଗୁଡ଼ିକ ମନ୍ଦିର ଉପର ଦେଇ ଯାଇଥିବାରୁ ଉପରକୁ ଉଠୁଥିବା ଆତସବାଜି ଫୁଟା ନଯାଇ; ତଳେ ଆତସବାଜି ଫୁଟା ଯାଉଛି ।"

ସ୍ୱାମୀ ଅଦାଲତରେ ଚାଲିଥିବା ମକଦ୍ଦମା ସମ୍ବନ୍ଧରେ ଆମକୁ ପଚାରିଲେ । ଆମେ ଟିକିନିଖି କରି ତାଙ୍କୁ ସବୁ କହିଲୁ । ମୁଁ କହିଲି, "ସ୍ୱାମୀ ଆମ ଘରକୁ ଆସିବା ସମୟରେ ଆପଣ ରଘୁ ଓ ଶଙ୍କରର ଉପନୟନ କରିବେ ବୋଲି କଥା ଦେଇଥିଲେ। ଦୟାକରି ତାହା କରି ଦିଅନ୍ତୁ ।" ସ୍ୱାମୀ କହିଲେ, "ହଁ, କରିବି । ମାଲି ମକଦ୍ଦମା ଆଗ ଶେଷ ହେଉ । ଏଇ ମାସରେ ମୂର୍ତ୍ତି ପ୍ରତିଷ୍ଠା ପାଇଁ ମୋତେ ଅନେକ ଜାଗା ଯିବାକୁ ହେବ । ତା' ପରେ ମୋତେ ଟିକିଏ ବିଶ୍ରାମ ମିଳିବ" ଆମେ ପାଦ ନମସ୍କାର ପାଇ ପ୍ରସାଦ ନେଇ ଇଣ୍ଟରଭ୍ୟୁ କକ୍ଷରୁ ବାହାରକୁ ଆସିଲୁ ।

୧୯୬୧ ନଭେମ୍ବର ୧୮, ଶନିବାର ସକାଳେ ମୁଁ, ମୋ ସ୍ୱାମୀ ଓ ମୋ ମା' ଇଣ୍ଟରଭ୍ୟୁ କକ୍ଷ ପାଖରେ ବସିଥାଉ । କେତେକ ଲୋକଙ୍କୁ ଡାକିବା ପରେ, ସ୍ୱାମୀ ଆମକୁ ଭିତରକୁ ଡାକିଲେ ।

ସ୍ୱାମୀ କିଛି ସମୟ ଆଉ ଦୁହିଁଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ପଚାରିଲେ, "ତୁମେ ଯଦି ଆହୁରି ଏମିତି ରୁହ, ତୁମ ଭିତରେ ମୁଁ ପ୍ରବେଶ କରିବି କେବେ ? ତୁମେ ନିଜକୁ ଆହୁରି ସଂଶୋଧନ କରିବାକୁ ହେବ ।" ଆମେ କହିଲୁ, "ସ୍ୱାମୀ କୁହନ୍ତୁ, ଆମେ ଆଉ କ'ଣ କରିବୁ । ଆମେ ଆପଣଙ୍କର ଶରଣାଗତ ।"

ସ୍ୱାମୀ କହିଲେ, "ମୁଁ ଯଦି ସବୁ କରିବି, ତୁମେ ଆଉ କରିବ କ'ଣ ? ମୁଁ କହିଲି, "ସ୍ୱାମୀ ଆମେ ଯେ ତୁମର ।" ସ୍ୱାମୀ କହିଲେ, "ହଁ, ଯେହେତୁ ତୁମେମାନେ ମୋର, ତୁମେ ସାମାନ୍ୟ ଭୁଲ କଲେ ମଧ୍ୟ ମୁଁ ତୁମକୁ ଶାସ୍ତି ଦିଏ । ଅନ୍ୟମାନେ ଘୋର ଅପରାଧ କଲେ ବି ମୁଁ ସେମାନଙ୍କୁ ଶାସ୍ତି ଦିଏ ନାହିଁ । ମା' କେବଳ ତାରି ସନ୍ତାନକୁ ଶାସନ କରେ, ଅନ୍ୟର ସନ୍ତାନକୁ ନୁହଁ ।"

ମୋ ମା' ସ୍ୱାମୀଙ୍କୁ ପଚାରିଲା, "ସ୍ୱାମୀ 'ବ୍ୟକ୍ତିଗତ ସାକ୍ଷାତକାର' ମାନେ କ'ଣ, ଟିକିଏ ବୁଝାଇ ଦିଅନ୍ତୁ ।" ସ୍ୱାମୀ ମା'କୁ କହିଲେ, "ପ୍ରଥମେ ତୁମେ ମୋତେ ଉତ୍ତରଦିଅ, କାହିଁକି ତୁମେ ତା' (ସେଠାରେ ଥିବା ଆଉ ଜଣଙ୍କୁ ଦେଖାଇ) ଘରକୁ ଯାଇଥାଅ ?" ମା' କହିଲା, "ସେ କିଛି ଭଲ ଭଲ ବହି ପଢ଼େ, ମୁଁ ତାହା ଶୁଣିବାକୁ ଯାଏ ।" ସ୍ୱାମୀ କହିଲେ, "ତୁମେ ସେଠାକୁ ଯିବା ଦରକାର ନାହିଁ । ପୁସ୍ତକରେ ଯାହା ଅଛି, ମସ୍ତକରେ ତାହା ନାହିଁ । ଏ ଯାଏଁ ତୁମେ ଯାହା ଶିଖିଛ, ସେତିକି ମନେ ରଖିଲେ ଯଥେଷ୍ଟ । ନିଜର ପିଲାପିଲିଙ୍କୁ ଛାଡ଼ି ଏଠାକୁ ଆସିବା ପରେ ଏଠାରେ ଯା' ତା' ପାଖକୁ ଯାଅ କାହିଁକି ? ଲୋକେ ଖଣ୍ଡେ କୋଇଲା ପାଇଁ ମାଡ଼ଗୋଳ ଲାଗନ୍ତି କିନ୍ତୁ ଈଶ୍ୱରଙ୍କ ପାଇଁ କେହି ମାଡ଼ଗୋଳ ଲାଗେ ନାହିଁ । ଦୁଇଟି ଜିନିଷ ଅଛି-ଗୁରୁ ଓ ଗୁରି (ଲକ୍ଷ୍ୟ) । ଗୁରି (ଲକ୍ଷ୍ୟ) ଗୁରୁଠାରୁ ବଡ଼ । ଗୁରି ଉପରେ ଦୃଷ୍ଟକୁ ସ୍ଥିର ରଖିଲେ, ଗୁରୁ ତୁମ ନିକଟକୁ ଆପେ ଆପେ ଆସିଯିବେ ।"

ଏହା କହି ସ୍ୱାମୀ ଖୁବ୍ ସ୍ନେହରେ ଅନେକଗୁଡ଼ିଏ ବିଭୂତି ପୁଡ଼ା ତା' ହାତରେ ଦେଇ ହାତକୁ ମୃଦୁ ଭାବେ ଚାପି ଧରିଲେ । ଆମେ ପ୍ରଦକ୍ଷିଣ କରିବାକୁ ଚାହୁଁଥିବାରୁ , ସ୍ୱାମୀ କକ୍ଷ ମଝିରେ ଛିଡ଼ା ହେଲେ । ଆମେ ତାଙ୍କ ଚାରିପାଖେ ତିନିଥର ଘୁରି ପ୍ରଦକ୍ଷିଣ କଲୁ । ସ୍ୱାମୀ ତା' ପରେ ପଚାରିଲେ, "ତୁମେ ମୋତେ କି ଦକ୍ଷିଣା ଦେବାକୁ ହେବ । ଜାଣ ?" ସେ କ'ଣ ଚାହାନ୍ତି ବୋଲି ଆମେ ପ୍ରଶ୍ନ କରିବାରୁ ସ୍ୱାମୀ କହିଲେ, "ପୂଜା ସମୟରେ ତୁମେ ଯେପରି ଫୁଲ ଚାଙ୍ଗୁଡ଼ାରୁ ଧୂଳିମାଟି ଓ ଛିଣ୍ଡା ପାଖୁଡ଼ା ଗୁଡ଼ିକୁ ଅଲଗା କରିଦିଅ, ମୁଁ ସେଭଳି ଚାହେଁ ଯେ ତୁମେ ତୁମର ମନୋପୁଷ୍ପକୁ ପରିଷ୍କାର କରି ମୋତେ ଅର୍ପଣ କର । ଲୋକମାନେ ଏହି କ୍ଷଣଭଙ୍ଗୁର ଦେହ ପାଇଁ ଅନେକ କଷ୍ଟ ଭୋଗନ୍ତି । ତୁଚ୍ଛ ଜିନିଷ ପାଇଁ ଏତେ ବ୍ୟସ୍ତ ହୁଅ କାହିଁକି ? କଳହ ମନୋଭାବ ସମସ୍ତଙ୍କ ମଧ୍ୟରେ କଳଙ୍କ ସମାନ ଦୃଷ୍ଟିଗୋଚର ହୁଏ ।" ସ୍ୱାମୀ ବିଭୂତି ସୃଷ୍ଟି କରି ଆମମାନଙ୍କ କପାଳରେ ଲଗାଇ ଦେଲେ । ଆମେ ପ୍ରସାଦ ନେଇ, ତାଙ୍କୁ ପ୍ରଣାମ କରି ବାହାରକୁ ଆସିଲୁ ।

✍

୧୯୬୧, ନଭେମ୍ବର ୧୯ ବେଳକୁ ସ୍ୱାମୀଙ୍କ ଜନ୍ମୋତ୍ସବ ନିମନ୍ତେ ବହୁ ସଂଖ୍ୟାରେ ଭକ୍ତ ପୁଟ୍ଟପର୍ତ୍ତିରେ ପହଞ୍ଚିବାରେ ଲାଗିଥା'ନ୍ତି । ଦିନ ପରେ ଦିନ ପ୍ରଶାନ୍ତିରେ ଭିଡ଼ ବଢୁଥାଏ । ଆମେ କିନ୍ତୁ ପ୍ରଶାନ୍ତି ଛାଡ଼ିବାକୁ ସ୍ଥିର କରିଥାଉ । ଏଥି ପାଇଁ ମୁଁ ଓ ମୋ ଭଉଣୀ ରାଧା ସ୍ୱାମୀଙ୍କ ନିକଟକୁ ଅନୁମତି ଭିକ୍ଷା କରିବାକୁ ଗଲୁ । ପୂର୍ବ ଦିନ ରାତିରେ ସ୍ୱାମୀ ରାଧାକୁ ସ୍ୱପ୍ନରେ ଦେଖା ଦେଇ କହିଥିଲେ ଯେ ସେ ଜନ୍ମୋତ୍ସବ ପୂର୍ବରୁ ପୁଟ୍ଟପର୍ତ୍ତି ଛାଡ଼ିବା ତାଙ୍କର ପସନ୍ଦ ହେଉ ନାହିଁ ।

ଆମେ ସ୍ୱାମୀଙ୍କ ନିକଟକୁ ଯିବା ସମୟରେ ଶଙ୍କର ମଧ୍ୟ ଆମ ସଙ୍ଗେ ଆସିଲା । ସ୍ୱାମୀ ବାରଣ୍ଡା ଉପରକୁ ଆସିଥା'ନ୍ତି । ସେଠାରେ ଆମକୁ ଦେଖି ପଚାରିଲେ, "ତୁମେ କ'ଣ ଯାଉଛ ?" ମୁଁ କହିଲି, "ହଁ ସ୍ୱାମୀ ! ଗହଳି ବେଶୀ ହେଲେ ଛୋଟ ଛୁଆଟିକୁ ନେଇ ରହିବା କଷ୍ଟ ହେବ ।" ସ୍ୱାମୀ କହିଲେ, "ଜନ୍ମ ଦିନ ସମାରୋହ ଆଉ ମାତ୍ର ଅଳ୍ପ ଦିନ ଅଛି, ଆଉ ତୁମେ ପୁଟ୍ଟପର୍ତ୍ତିରୁ ଫେରିଯିବାକୁ ବସିଛ ! ଯାଅ, ଦୁହେଁ ଯାକ ଚାଲିଯାଅ । (କପାଳ ଉପରୁ ହାତଟିକୁ ଘୁରାଇ ଆଣି) ଜନ୍ମୋତ୍ସବରେ ଉପସ୍ଥିତ ରହିବା ତୁମ ଭାଗ୍ୟରେ ନାହିଁ । କାଲି ଚାଲିଯିବ ବୋଲି ବର୍ତ୍ତମାନ ମୋତେ କହୁଛ । ଇଣ୍ଟରଭ୍ୟୁ ପରେ କିନ୍ତୁ ନ'ଯାଇ ରହିଯିବ ।" କିଛି ସମୟ ପରେ ସ୍ୱାମୀ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଆମକୁ ଡାକିଲେ । ଆମେ ତିନିଜଣ ସ୍ୱାମୀଙ୍କ ଚରଣ କମଳରେ ଫୁଲ ରଖି ପାଦନମସ୍କାର କଲୁ । ରାଧାକୁ ଚାହିଁ ସ୍ୱାମୀ ପଚାରିଲେ, "କଣ ହେଲା ? କାହିଁକି ଚାଲିଯାଉଛ ?" ସେ କହିଲା, "ଏତେ ଜନସମାଗମ ମଧ୍ୟରେ ଛୁଆଟିର ଯତ୍ନ ନେବା କଷ୍ଟ ହେବ । ସ୍ୱାମୀ କହିଲେ, "ଏଠାରେ ତୁମର ସବୁ ସୁବିଧା ରହିଛି । ପିଲାମାନେ

ବାହାରେ ଖେଳିବେ । ମୋ ପାଇଁ ଯଦି ତୁମ ଦୁଇ ଦିନ ଲାଗି ଏମିତି ଗୋଟିଏ ଛୋଟ ପିଲାର ଯତ୍ନ ନେଇପାରିବ ନାହିଁ ଆଉ କି ସାଧନା କରିବ ? ଏଇଠେ ରହ, ଆଉ ଜନ୍ମୋତ୍ସବ ପରେ ଯାଅ, ସେତେବେଳେ ତୁମେ ସମସ୍ତେ ଫେରିଯାଇପାର ।" ରାଧା କହିଲା ଯେ ସେ କେଉଁ ଦିନ ଫେରିବ, ତାହା ତା'ର ସ୍ୱାମୀଙ୍କୁ ଆଗରୁ ଜଣାଇବାକୁ ହେବ, କାରଣ ସେମାନେ ରହୁଥିବା ଜାଗାକୁ ଟ୍ରେନ ବିଳମ୍ବ ରାତିରେ ପହଞ୍ଚେ । ତେଣୁ ସେ ଠିକ୍ କେଉଁ ଦିନ ପହଞ୍ଚିବ ବୋଲି ତାର ସ୍ୱାମୀଙ୍କୁ ଲେଖିବ, ତାହା ସ୍ୱାମୀଙ୍କୁ ପଚାରିଲା । ସ୍ୱାମୀ ତାକୁ ତା'ର ସ୍ୱାମୀଙ୍କୁ ଠିକ୍ ୨୫ ତାରିଖରେ ପହଞ୍ଚିବ ବୋଲି ଲେଖିବାକୁ କହିଲେ । ମୁଁ କହିଲି, "ସ୍ୱାମୀ ଆମର ଆପଣଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଏବଂ ଆମେ ଜାଣୁ ଆପଣ ହିଁ ଆମ ଜୀବନର ସବୁ କିଛି କରିଥା'ନ୍ତି ।" ସ୍ୱାମୀ କହିଲେ, "ହଁ ତୁମର ସେ ବିଶ୍ୱାସ ଅଛି ।" ସ୍ୱାମୀ ବିଭୂତି ସୃଷ୍ଟି କରି ଆମ କପାଳରେ ଲଗାଇଲେ। ଆମେ ପାଦ ନମସ୍କାର କରି ଇଣ୍ଟର୍ଭ୍ୟୁ କକ୍ଷରୁ ବାହାରିଲୁ ।

୧୯୬୧ ଡିସେମ୍ବର ୩୦ ତାରିଖ ଦିନ ସ୍ୱାମୀ ଆମକୁ ଇଣ୍ଟର୍ଭ୍ୟୁ କକ୍ଷ ମଧ୍ୟକୁ ଡାକିଲେ ଓ ବିଭୂତି ସୃଷ୍ଟି କରି ଆମ ସମସ୍ତଙ୍କ କପାଳରେ ଦେଲେ । ତା' ପରେ ସେ ମୋତେ ପଚାରିଲେ, "ଖବର କ'ଣ ?" ମୁଁ କ'ଣ କହିବି ଭାବି ପାରୁନ'ଥାଏ । ସେ କହିଲେ, "ଯାହା କହିବା କଥା, ଶୀଘ୍ର କହ, ବାହାରେ ଅନେକ ଲୋକ ଅପେକ୍ଷା କରିଛନ୍ତି ।" ମୁଁ ରଘୁ ଓ ଶଙ୍କରର ଉପନୟନ ସମ୍ବନ୍ଧରେ ପୁଣି ଥରେ ପଚାରିଲି, ସେ କହିଲେ, "ଅବିକା କରନା, ମାର୍ଚ୍ଚ ହେଉଛି ଅଶୁଭ ମାସ । ଅପ୍ରିଲ୍ ମାସରେ ପିଲାଙ୍କ ପରୀକ୍ଷା ସରିଥିବ । ସେତେବେଳେ ତୁ ତାହା ନିଶ୍ଚିନ୍ତରେ କରିପାରିବୁ ।" ଶଙ୍କରର ପରୀକ୍ଷା ଅପ୍ରିଲ୍‌ରେ ଅଛି ବୋଲି ମୁଁ କହିଲି, ସ୍ୱାମୀ କହିଲେ, "ଅପ୍ରିଲ୍‌ରେ ଅଛି ? ତେବେ ଆମେ ଅପ୍ରିଲ୍‌ରେ ପରୀକ୍ଷା ସରିଲେ ମେ'ରେ କରିବା," ସ୍ୱାମୀ (ହାତରେ ପଇସାର ଇଙ୍ଗିତ ଦେଇ) କହିଲେ, "ଠନ୍ ଠନ୍ କେଉଠୁ ମିଳିବ" ? ତୁମ ପାଖରେ କ'ଣ ଅଛି? ନା, ମେ' ମାସରେ ହିଁ କର ।" ରାଧା ସେମାନେ ମହୀଶୂରକୁ ଘୁଞ୍ଚିବା ବେଳେ ଠିକ୍ ହେବ, ପଚାରିଲା । ସ୍ୱାମୀ କହିଲେ, "ଦୂରରେ ରହିବା ଭଲ । ପାଖକୁ ଆସନା" ରାଧା କହିଲା ସେ ତା' ସ୍ୱାମୀକୁ କ'ଣ କହିବ । ସ୍ୱାମୀ କହିଲେ ଫୁଲକୁ ସୂତା, ପାଦକୁ ଯୋତା ଭଳି ତୋ ସ୍ୱାମୀ, ଆଜି ଯାହା ନୂଆ କାଲିକି ପୁରୁଣା । ରାଧା କହିଲା, "ସ୍ୱାମୀ ଆମକୁ କେବେ ଭୁଲିବେ ନାହିଁ ।' ସ୍ୱାମୀ କହିଲେ, "ଯିଏ ଭୁଲିଯା'ନ୍ତି, ତାଙ୍କୁ ଯାଇ ଏକଥା କହ, ମୋତେ ନୁହେଁ ।"

ଜପଧ୍ୟାନ ସମ୍ବନ୍ଧରେ ପଚାରିବାରୁ ସ୍ୱାମୀ କହିଲେ, "ବର୍ତ୍ତମାନ ଆହୁରି ପିଲାଙ୍କର ଯତ୍ନ ନେବାର ଅଛି, ତୁ ଜପଧ୍ୟାନ କରି ପାରିବୁ ନାହିଁ, ସେମାନେ ବଡ଼ ହୁଅନ୍ତୁ ।" ମୁରଲୀ କହିଲା, "ସ୍ୱାମୀ ଆପଣଙ୍କର ପ୍ରଦକ୍ଷିଣ କରିବୁ ।" ସେ ସମୟରେ ସେଠାରେ ଆଉ ଦଳେ ଲୋକ ଥାନ୍ତି । ସ୍ୱାମୀ କହିଲେ, "ନା, ତୁମକୁ ଦେଖି ସେମାନେ ମଧ୍ୟ

ପ୍ରଦକ୍ଷିଣ ଆରମ୍ଭ କରିବେ, ସବୁ ଗୋଳମାଳିଆ ହୋଇଯିବ ।" ଆମେ ପାଦ ନମସ୍କାର କରି ପ୍ରସାଦ ନେଇ ଫେରିଲୁ ।

୧୯୬୨ ମାର୍ଚ୍ଚ ୧୫ ତାରିଖ ଦିନ ସ୍ୱାମୀ ଆମକୁ ଇଣ୍ଟରଭ୍ୟୁ ପାଇଁ ଡାକିଲେ । ରାମଚନ୍ଦ୍ର ସେଟ୍ଟିଙ୍କ ପରିବାର ମଧ୍ୟ ଆମ ସଙ୍ଗେ ଥା'ନ୍ତି । ଆମେ ପାଦନମସ୍କାର କଲୁ । ସେ ପଚାରିଲେ, "କି ଖବର ?" ମୁଁ କହିଲି, "ବର୍ତ୍ତମାନ ପିଲାମାନଙ୍କର ପରୀକ୍ଷା ଚାଲିଛି । ସେମାନେ ମୋତେ ଆପଣଙ୍କର ଆଶିଷ ଓ ପ୍ରସାଦ ନେଇ ଆସିବାକୁ ଚିଠି ଲେଖିଛନ୍ତି । ସ୍ୱାମୀ କହିଲେ, "ମୋର ଆଶିଷ ସବୁବେଳେ ରହିଛି । ମୁଁ ପ୍ରସାଦ ଦେବି, ସେମାନଙ୍କ ପାଇଁ ନେଇଯାଅ ।"

ମୁଁ କହିଲି, "ସ୍ୱାମୀ ଆପଣଙ୍କ କୃପା ସବୁବେଳେ, ଆମ ଉପରେ ରହିଥାଉ ।" ସ୍ୱାମୀ କହିଲେ, "ମୋ କୃପା ଥିବାରୁ ତୁମେ ଏଠାକୁ ଆସିପାରୁଛ । ମୋ କୃପା ପର୍ବତ ସମାନ । ଆଚ୍ଛା, ଶିବରାତ୍ରି କିମିତି ଲାଗିଲା ?" ମୁଁ କହିଲି, ସେଡ୍ ଭିତରେ ଶିବରାତ୍ରି ହେବା ହେତୁ ସମସ୍ତେ ଆପଣଙ୍କର ଦର୍ଶନ ପାଇପାରିଲେ । ପ୍ରଶାନ୍ତି ମନ୍ଦିର ଭିତରେ ହୋଇଥିଲେ ସମସ୍ତେ ଦେଖି ପାରି ନ'ଥାଆନ୍ତେ । ସ୍ୱାମୀ କହିଲେ, "ତୁମର ତ ଶିବରାତ୍ରି ଶେଷହେଲା ମୋର କିନ୍ତୁ ଆରମ୍ଭ ହେଲା । ତୁମେ ଲକ୍ଷ୍ୟ କରୁଛ; ମୁଁ ସାରା ଦିନ ଇଣ୍ଟରଭ୍ୟୁ ଦେବାରେ ବ୍ୟସ୍ତ । ଯଥେଷ୍ଟ ହେଲାଣି, ମୁଁ ଥକି ଗଲିଣି ।"

ଆମେ କହିଲୁ, "ହଁ ସ୍ୱାମୀ, ଖୁବ୍ ପରିଶ୍ରମ ହଉଥିବ ।" ସେଟ୍ଟିଙ୍କ ପରିବାର ବର୍ଗ କହିଲେ, "ସ୍ୱାମୀ ଆପଣ ମହୀଶୂର ଆସନ୍ତୁ, ଭଲ ବିଶ୍ରାମ ମିଳିବ ।" ସ୍ୱାମୀ ସଙ୍ଗେ ସଙ୍ଗେ ଜାବବ ଦେଲେ, "ତୁମ ଘରେ ଭକ୍ତ କେଉଁ କମ୍ ଅଛନ୍ତି ।" ସେଟ୍ଟି କହିଲେ, "ନା, ସ୍ୱାମୀ ଆପଣ ଆସନ୍ତୁ । ଆମେ କାହାକୁ ଖବର ଦେବୁ ନାହିଁ । ସ୍ୱାମୀ କହିଲେ, "ତୁମେ କାହାକୁ ନ' କହିଲେ ମଧ୍ୟ ଲୋକମାନେ କୌଣସି ନା କୌଣସି ପ୍ରକାର ଜାଣି ଯିବେ । ଫୁଲର ସୁଗନ୍ଧରୁ ମହୁମାଛି ଟାଣି ହୋଇ ଆସିବା ଭଳି ସେମାନେ ମୋ ଦର୍ଶନ ପାଇଁ ଚାଲି ଆସିବେ । ବର୍ତ୍ତମାନ ମହୀଶୂରରେ ବି ଭକ୍ତଙ୍କ ସଂଖ୍ୟା କମ୍ ନୁହଁ ।" ତଥାପି ସେଟ୍ଟି ପରିବାର ସ୍ୱାମୀଙ୍କୁ ମହୀଶୂର ଆସିବା ପାଇଁ ପ୍ରାର୍ଥନା କରି ଚାଲିଥା'ନ୍ତି ।

ସ୍ୱାମୀ କହିଲେ ସେ ଯେଉଁ ଦିଗରେ ଯିବାର ଯୋଜନା କରିଛନ୍ତି, ସେହି ରାସ୍ତାରେ ମହୀଶୂର ପଡୁନାହିଁ । ତେଣୁ ଆଉ ଥରେ କେବେ ଆସି ସେ ମହୀଶୂରରେ ପୂରା ତିନି ଦିନ ରହିବେ । ଆମେ ଯେତେବେଳେ କହିଲୁ ଯେ ସେ ଆମକୁ ମିଛରେ ଏମିତି ଆଶା ଦେଉଛନ୍ତି ସ୍ୱାମୀ କହିଲେ, "କ'ଣ କରିବି, କୁହ । ଭକ୍ତମାନଙ୍କ ସଂଖ୍ୟା ବଢୁଥିବା ହେତୁ ମୋତେ ପୁଟପର୍ତ୍ତିରେ ରହିବାକୁ ପଡୁଛି ।" ସ୍ୱାମୀ ବିଭୂତି ସୃଷ୍ଟି କଲେ ଏବଂ ଆମ ପ୍ରତ୍ୟେକଙ୍କ ହାତରେ କିଛି ଦେଇ ସମସ୍ତଙ୍କ କପାଳରେ ତାହା ବୋଳି

ଦେଲେ । ଆମେ ହାତରେ ବିଭୂତି ଧରି ରହିଥିବା ଦେଖି ସେ ଆମକୁ ତାହା ଖାଇବାକୁ କହିଲେ । ମୁଁ ଯେତେବେଳେ କହିଲି ଯେ ମୁଁ ତାହା ମୋ ପିଲାଙ୍କ ପାଇଁ ସାଇତି ରଖିଛି, ସ୍ୱାମୀ କହିଲେ ଯେ ସେ ସେମାନଙ୍କ ପାଇଁ ଅଲାଗା କରି ଦେବେ । ସ୍ୱାମୀ କହିଲେ, "ମୁଁ ତୁମକୁ ଯାହା ଦେଉଥାଏ ତାହା ଖାଲି ତୁମ ପାଇଁ ତେଣୁ ତାହା ପାଟିରେ ପକାଅ ।" ସ୍ୱାମୀଙ୍କ କଥା ମାନି ମୁଁ ବିଭୂତି ପାଟିରେ ଦେଲି । ସ୍ୱାମୀ ପଚାରିଲେ, "ମୋ ସମ୍ଭାଷଣ କିମିତି ଥିଲା ?" ମୁଁ କହିଲି ତାହାଖୁବ୍ ଭଲ ଲାଗିଲା । ମୁଁ ପୁଣି ଥରେ ଖୁବ୍ ଭଲ ଲାଗିଲା ବୋଲି କହିଲି । ସ୍ୱାମୀ କହିଲେ, "ଟିପା ଖାତାରେ ଟିପି କିଛି ଲାଭ ହେବ ନାହିଁ, ହୃଦୟରେ ତାକୁ ଟିପି ରଖ । ଆଚ୍ଛା କହିଲ, ତୁମେ ପାଦ ନମସ୍କାର କରିଛ କି ନାହିଁ ?" ଆମେ କହିଲୁ, "ହଁ ସ୍ୱାମୀ କରିଛୁ ।" ସ୍ୱାମୀ କହିଲେ, "ଯଥେଷ୍ଟ ପାଇଚ, ନା କ'ଣ ?" ଆମ ପ୍ରତ୍ୟେକଙ୍କୁ ବିଭୂତି ପୁଡ଼ା ଦେଇ ସେ କହିଲେ, "ଯେଉଁ ଟିକକ ଇଣ୍ଟରଭ୍ୟୁ ବର୍ତ୍ତମାନ ପାଉଛ, ସେଥିପାଇଁ ନିଜକୁ ଖୁବ୍ ଭାଗ୍ୟବାନ ମନେକର । ତୁମେ ଯେତିକି ପାଉଛ, ନୂଆକରି ଯେଉଁମାନେ ଆସୁଛନ୍ତି, ସେମାନେ ସେତିକି ପାଇବେନି । ସେମାନେ ତ ତୁମକୁ ଏକ କଥା କହି ନିଜ ଭାଗ୍ୟକୁ ନିନ୍ଦୁଥିବେ । ୟା ଆଗରୁ ମଧ୍ୟ ମୁଁ ତୁମକୁ କହିଛି, ପାହୁଣ୍ଡ ପାହୁଣ୍ଡକୁ ଏଠାରେ ଦଣଜଣ ଲୋକ ଅଛନ୍ତି । ଉଡ଼ିପିର ସନ୍ନ୍ୟାସୀମାନେ ମୋତେ ପ୍ରାର୍ଥନା କରୁଛନ୍ତି । ମୋତେ ସେଠାକୁ ଥରେ ଯିବାକୁ ହେବ ।"

✍

ଥରେ ସ୍ୱାମୀ ରାମଚନ୍ଦ୍ର ସେଟ୍ଟିକୁ କହିଲେ ଯେ ସେ ଏକ ନିର୍ଦ୍ଦିଷ୍ଟ ଦିନ ତାଙ୍କ ଘରକୁ ଯିବେ । ସ୍ୱାମୀ ତାଙ୍କୁ କହିଥାନ୍ତି, "ତୁମେ କିନ୍ତୁ ଏକଥା କାହାକୁ କହିବ ନାହିଁ" କେବଳ ତୁମର ପରିବାରର ଲୋକମାନେ ଉପସ୍ଥିତ ରହିବେ । ତୁମେ ଯଦି ଅନ୍ୟକାହାକୁ କୁହ, ମୁଁ ସଙ୍ଗେ ସଙ୍ଗେ ଫେରିଆସିବି ।" ସେଟ୍ଟି ଜଣେ ଉଦାରଚେତା ବ୍ୟକ୍ତି ହୋଇଥିବା ହେତୁ ମନେ ମନେ ଦୁଃଖ କଲେ । ଭକ୍ତମାନେ ବର୍ଷସାରା ଘରକୁ ଆସି ଭଜନ କରୁଥା'ନ୍ତି । ସେ କିମିତି ସେମାନଙ୍କୁ ସ୍ୱାମୀ ଆସୁଥିବା କଥା ଲୁଚେଇ ରଖିବେ ? ଅନ୍ୟପକ୍ଷରେ ଅନ୍ୟଙ୍କୁ କହିବା ମାନେ ସ୍ୱାମୀଙ୍କ ନିର୍ଦ୍ଦେଶକୁ ଉପେକ୍ଷା କରିବା ଓ ଏହା କଲେ ସ୍ୱାମୀ ସଙ୍ଗେ ସଙ୍ଗେ ଫେରିଯିବେ । ସେଟ୍ଟି ବଡ଼ ସମସ୍ୟାରେ ପଡ଼ିଲେ ।

ପୂର୍ବ ନିର୍ଦ୍ଧାରିତ ୧୯୬୦ ଜୁନ୍ ୧୯ ତାରିଖରେ ସ୍ୱାମୀ ଆସିଲେ ଏବଂ ପଚାରିଲେ, "ସେଟ୍ଟି, ତୁମେ ଅନ୍ୟ କାହାକୁ କହିନ ତ ? ଖାଲି ତୁମ ପରିବାରର ଲୋକ ଅଛନ୍ତି ନା ?" ସେଟ୍ଟି ଉତ୍ତର ଦେଲେ, "ହଁ ସ୍ୱାମୀ, ସ୍ୱାମୀ ଚାରି ଆଡ଼କୁ ମୁହଁ ବୁଲାଇ ସେଟ୍ଟି ତାଙ୍କର ଆଜ୍ଞା ପାଳନ କରିଥିବାରୁ ନିଜର ପ୍ରସନ୍ନତା ପ୍ରକାଶ କଲେ ଏବଂ କହିଲେ, "ଠିକ୍ ଅଛି, ବର୍ତ୍ତମାନ ସବୁ ଭକ୍ତମାନଙ୍କୁ ଖବର ଦିଅ । ପ୍ରଥମେ କନ୍ନମାକୁ

ଖବର ପଠାଅ । କେତେ ଖୁସିରେ ସେ ଏଠାକୁ ଆସିବ !" ସେଚ୍ଚିଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ଆମ ସମସ୍ତଙ୍କୁ ଖବର ଦେଲେ । ଆମେ ସଙ୍ଗେ ସଙ୍ଗେ ତାଙ୍କ ବାସଭବନକୁ ଯାଇ ସେହି ପରମାନନ୍ଦରେ ସ୍ନାନ କଲୁ ।

✍

ଥରେ ସ୍ୱାମୀ ଆମ ଘରକୁ ଆସିଥିବା ସମୟରେ ତାଙ୍କ ସଙ୍ଗେ ସେଚ୍ଚି ମଧ୍ୟ ଆସିଥା'ନ୍ତି କିନ୍ତୁ ଆମେ ସ୍ୱାମୀଙ୍କ ସଙ୍ଗେ ଆମ ପୂଜା ଗୃହ ମଧ୍ୟରେ ଥିବା ସମୟରେ ମୁଁ ଜାଣିପାରିଲି ଯେ ସେଚ୍ଚି ସେ ସମୟରେ ପୂଜା ଘର ଭିତରେ ନଥିଲେ । କିଛି ଦିନ ପରେ ଗୁରୁବାର ଭଜନରେ ମୁଁ ସେଚ୍ଚିଙ୍କ ସଙ୍ଗେ ତାଙ୍କ ଘରେ କଥାବାର୍ତ୍ତା ହେଉଥିବା ସମୟରେ ପଚାରିଲି, "ଆପଣ ସେଦିନ ଆମ ପୂଜାଘର ଭିତରକୁ ଆସିଲେନି କାହିଁକି ?" ସେ କହିଲେ, "ସ୍ୱାମୀ ହୁଏତ ତୁମ ପରିବାରର ଲୋକଙ୍କ ସହ କିଛି ବ୍ୟକ୍ତିଗତ ଆଲୋଚନା କରିବେ, ସେଥିପାଇଁ ମୁଁ ବାହାରେ ରହିଗଲି ।" ଆମ ସେଚ୍ଚିଙ୍କ ମନ ଏତେ ବିଶାଳ ଥିଲା !

✍

ବଶିଷ୍ଠ ଗୁମ୍ଫାର ତପସ୍ୱୀ ଶ୍ରୀ ପୁରୁଷୋତ୍ତମାନନ୍ଦଙ୍କର ଜଣେ ଶିଷ୍ୟ ଥରେ ପୁଟ୍ଟପର୍ତ୍ତି ଆସିଥାଆନ୍ତି ସେ ପୁରୁଣା ମନ୍ଦିରରେ ରହୁଥା'ନ୍ତି । ସେ ଜଣେ ମହାନ ସାଧକ ଥିଲେ । ଦିନେ ମୋ ମା ତାଙ୍କୁ ପଚାରିଲେ "ଧ୍ୟାନରେ ପରିପକ୍ୱତା ଆସିଲା ବୋଲି କିପରି ଜାଣି ହେବ ?" ସେ ଉତ୍ତର ଦେଲେ, "ଯାହା ଚାହାନ୍ତି ତାହା ପାଇବା, ଏହାର ଏକ ପ୍ରମାଣ ।" ସେଦିନ ମୋ ମା'କୁ ମୁଣ୍ଡ ବଥା ହୋଇ ବାନ୍ତି ବାନ୍ତି ଲାଗୁଥାଏ, ସେ ଭାବିଲା ଯେ ଲେମ୍ବୁଟିଏ ମିଳିଲେ ସର୍‌ବତ୍ କରି ପିଅନ୍ତା ସେହି ଋତୁରେ ଲେମ୍ବୁ ମିଳୁ ନଥାଏ । ସେଦିନ ସନ୍ଧ୍ୟାରେ ସେ ଭଜନକୁ ଯାଉଛି, ପୁରୁଣା ମନ୍ଦିର ଗେଟ୍ ପାଖରେ ଗୋଟିଏ ଛୋଟ ଝିଅ ହାତରେ ଝୁଡ଼ିଏ ଲେମ୍ବୁ ଧରି ପଚାରୁଛି, "ମା ଲେମ୍ବୁ ଦରକାର ?" ମୋ ମା ଏହା ଦେଖି ଆଶ୍ଚର୍ଯ୍ୟ ହେଲା । ସେତେବେଳେ ସେହି ସାଧକ କହିଲେ, "ଦେଖିଲ ଯାହା ଚାହିଁଲ ତାହା ପାଇଲ କିନ୍ତୁ ସବୁ ବେଳେ ଏମିତି ପରୀକ୍ଷା କରିବ ନାହିଁ । ପରୀକ୍ଷା କଲେ ଯାହା ପାଇଛ ତାହା ଚାଲିଯିବ । ସାଧନା କରିଯାଅ ।"

ଚତୁର୍ଦ୍ଦଶ ଅଧ୍ୟାୟ

ଅନନ୍ୟ ଭକ୍ତି

ଭକ୍ତିର ମୋହର ପଡ଼ିଥିଲେ, ତୁମ ପ୍ରାର୍ଥନା, ତା'ର ଲକ୍ଷ୍ୟ, ଈଶ୍ୱରଙ୍କ ନିକଟରେ ପହଞ୍ଚିଥାଏ ।

– ଶ୍ରୀ ସତ୍ୟସାଇ ବାବା

ଦିନେ ଅପରାହ୍ଣ ତିନିଟାରୁ ଚାରିଟା ମଧ୍ୟରେ ଶ୍ରମଦାନ କରିବା ପାଇଁ ଭକ୍ତମାନେ ପାହାଡ଼ ଉପରେ ଜଣଙ୍କ ପଛରେ ଜଣେ ଧାଡ଼ିରେ ଛିଡ଼ାହୋଇ ଗଛଗୁଡ଼ିକୁ ପାଣି ଦେଉଥାନ୍ତି । ସ୍ୱାମୀ ସେଠାରେ ଆମମାନଙ୍କ ମଧ୍ୟରେ ବୁଲୁଥାନ୍ତି । ଗଛଗୁଡ଼ିକୁ ପାଣିଦେବା ଶେଷ ହେବାପରେ ସ୍ୱାମୀ ଗୋଟିଏ ଝୁଡ଼ିରେ ଝୁଡ଼ିଏ ଫଳ ଆଣି ଆମମାନଙ୍କ ମଧ୍ୟରେ ବିତରଣ କଲେ । ଯେଉଁମାନେ ଫଳ ପାଇଲେ, ସେମାନଙ୍କୁ ସେ ମନ୍ଦିରକୁ ଯିବାକୁ ନିର୍ଦ୍ଦେଶ ଦେଉଥାନ୍ତି । ପାହାଡ଼ ତଳେ ଯେଉଁମାନେ ଥାନ୍ତି ସେମାନେ ଉପରକୁ ଉଠିବା ଆରମ୍ଭ କଲେ । ତାହା ଦେଖି ସ୍ୱାମୀ କହିଲେ "ଉପରକୁ ଉଠନି । ଯେଉଁମାନେ ଉପରେ ଅଛନ୍ତି ମୁଁ ସେମାନଙ୍କୁ ଛୋଟ ଛୋଟ କଦଳୀ ଦେଉଛି, ତୁମମାନଙ୍କ ପାଇଁ ବଡ଼ ବଡ଼ ରସାଳ ମୋସାମ୍ବି ରଖିଛି ।" ଏହା କହି ସେ ଝୁଡ଼ିରୁ ଗୋଟିଏ ମୋସାମ୍ବି ବାହାର କରି ତଳେ ଥିବା ଭକ୍ତମାନଙ୍କୁ ଦେଖାଇଲେ ।

ପରେ ସମସ୍ତେ ଦିବ୍ୟ ସମ୍ଭାଷଣ ଶୁଣିବା ପାଇଁ ମନ୍ଦିରରେ ଏକାଠି ହେଲେ । ସ୍ୱାମୀ ଉପର ମହଲାର ଝରକାରୁ ଭକ୍ତମାନଙ୍କୁ ଚାହିଁ କଦଳୀ ଚୋପା ଛଡ଼ାଇବା ଭଙ୍ଗୀରେ ବିଦ୍ରୁପ କଲାଭଳି କହୁଥାନ୍ତି, "ତେବେ ତୁମେସବୁ କଦଳୀ ଖାଇ ଏଠାକୁ ଆସିଛ ?"

କିଛି ସମୟପରେ ସ୍ୱାମୀ ମନ୍ଦିର ମଧ୍ୟରେ ପ୍ରବେଶ କରି ସିଂହାସନରେ ବସିଲେ । ତା' ପରେ ସାଲେମ୍‌ର ଶ୍ରୀ ଲକ୍ଷ୍ମୀ ନାରାୟଣ ଶାସ୍ତ୍ରୀ ତାଙ୍କର ପ୍ରବଚନ ଆରମ୍ଭ କଲେ । ସେ କହୁଥାନ୍ତି, "ଗୋଧୂଳି ଲଗ୍ନରେ କୃଷ୍ଣଙ୍କୁ ଅକ୍ରୁର ସାକ୍ଷାତ କଲେ" । ସ୍ୱାମୀ ପଚାରିଲେ, "ଶାସ୍ତ୍ରୀ, କୃଷ୍ଣଙ୍କୁ ଅକ୍ରୁର ଠିକ୍ ସେହି ସମୟରେ ଭେଟିଥିଲେ ବୋଲି ତୁମେ କିମିତି ଜାଣିଲ ?" ଶାସ୍ତ୍ରୀ ଉତ୍ତର ଦେଲେ, "ସ୍ୱାମୀ, ମୁଁ ପୋଥିରେ ଥିବା ପାଠ କହୁଛି । ମୁଁ ଯା' ଆଗରୁ ଆପଣଙ୍କୁ ବହୁବାର କହିଛି ଯେ ସେ ଯୁଗରେ ମୁଁ ନଥିଲି କିନ୍ତୁ ଆପଣ ଥିଲେ । ମୁଁ କିଛି ଭୁଲ କହିଲେ ହିଁ ସେ ଯୁଗରେ ପ୍ରକୃତରେ କ'ଣ ଘଟିଥିଲା ତାହା ଆପଣ ପ୍ରକଟ କରିବେ ।"

ସ୍ୱାମୀ କହିଲେ, "ତୁମେ ଅକ୍ରୁର ସମ୍ବନ୍ଧରେ କହୁଛ, କିନ୍ତୁ ମୁଁ ଚାହେଁ ତୁମେ ମୋ ଭକ୍ତମାନଙ୍କୁ ଗୋପୀମାନଙ୍କ ସମ୍ବନ୍ଧରେ କିଛି କୁହ ।" ଶାସ୍ତ୍ରୀ କହିଲେ "ସ୍ୱାମୀ, ତାହା ମୁଁ

ଆପଣଙ୍କୁ ଛାଡ଼ି ଦେଉଛି । ଗୋପୀମାନେ ଯେ କେତେ ବ୍ୟାକୁଳ ହୋଇ କୃଷ୍ଣଙ୍କୁ ଚାହୁଁଥିଲେ, ତାହା ଆପଣ ହିଁ ଜାଣନ୍ତି । ଆପଣଙ୍କ ମୁଖରୁ ତାହା ଶୁଣିଲେ ଚମତ୍କାର ହେବ । ମୁଁ ବା କ'ଣ ଜାଣେ ? ଶାସ୍ତ୍ରରେ ଯାହା ଲେଖା ଅଛି କେବଳ ସେତିକି କହି ପାରିବି ।"

ସ୍ୱାମୀ କିଛି ନ କହି ନୀରବ ରହିଥାନ୍ତି । ଶାସ୍ତ୍ରୀ ତାଙ୍କର ପ୍ରବଚନ ଜାରି ରଖି କହିଲେ ଯେ କୃଷ୍ଣ ମଥୁରାକୁ ଆଠବର୍ଷ ବୟସରେ ଯାଇଥିଲେ । ସ୍ୱାମୀ ମଝିରେ କହିଲେ, "ଏହା କି କେବେ ସମ୍ଭବ ? କୃଷ୍ଣ ମଥୁରାକୁ ଚଉଦ ବର୍ଷ ବୟସରେ ଯାଇଥିଲେ । କଣ ଠିକ୍ କହଲି ?" ଶାସ୍ତ୍ରୀ କହିଲେ, "ସ୍ୱାମୀ ମୁଁ କ'ଣ ଜାଣିଛି ? ଭାଗବତରେ ଯାହା ଲେଖାଅଛି କହିଲି । ଆପଣ ହିଁ ଜାଣନ୍ତି ଆପଣ ମଥୁରାକୁ ଯିବା ସମୟରେ ଆପଣଙ୍କ ବୟସ କେତେ ଥିଲା । ଆପଣଙ୍କ ସମସ୍ତ ରହସ୍ୟ ଆପଣ ନିଜେ କହନ୍ତୁ ।" ସ୍ୱାମୀଙ୍କ ଓଷ୍ଠପୁଟରେ ମନ୍ଦହାସ ଫୁଟିଉଠିଲା । ଭକ୍ତମାନଙ୍କ ଆଡ଼କୁ ଚାହିଁ ସେ ତାଙ୍କର ଗାଥା ଆରମ୍ଭ କଲେ ।

"କୃଷ୍ଣ ମଥୁରାକୁ ଆଠବର୍ଷ ବୟସରେ ନୁହଁ, ଚଉଦ ବର୍ଷ ବୟସରେ ଯାଇଥାନ୍ତି । ଏଗାର ବର୍ଷ ଯାଏ ସେ ଗୋପାଳଙ୍କ ମେଳରେ ଥାନ୍ତି । ଏଗାର ବର୍ଷରୁ ଚଉଦ ବର୍ଷ ଯାଏ ସେ ଗୋପୀମାନଙ୍କ ସଙ୍ଗେ ଥାନ୍ତି ।

"ଥରେ କଂସ କୃଷ୍ଣଙ୍କୁ ମାରିବାପାଇଁ ଗୋଟିଏ ମସ୍ତବଡ଼ ଅଜଗର ସାପ ପଠାଇଥାଏ । ସେ ସମୟର କୃଷ୍ଣ ରେପଲ୍ଲୀ ନାମକ ଗ୍ରାମରେ ଥାନ୍ତି । ଏହି ଗ୍ରାମର ଚାରିପଟେ ଅନେକ ପାହାଡ଼ ଥାଏ ଏବଂ ଗାଁକୁ ଯାଆସ କରିବାପାଇଁ ଦୁଇ ପାହାଡ଼ ମଝିଦେଇ ଗୋଟିଏ ସରୁ ରାସ୍ତା ପଡ଼ିଥାଏ । ଏହି ମସ୍ତବଡ଼ ଅଜଗରଟି ସେହି ରାସ୍ତାର ମଝିରେ ତା'ର ମୁହଁ ମେଲେଇ ଶୋଇଥାଏ । କୃଷ୍ଣ ସେ'କଥା ଜାଣିଥା'ନ୍ତି । ଗାଈ ଗୋଠ ଚରିବା ଶେଷ ହେବା ପରେ ସେ ଗୋପାଳମାନଙ୍କୁ ନେଇ ସେଠାରେ ପହଞ୍ଚିଲେ । ଅଜଗର ପାଟିରେ କୃଷ୍ଣ ପ୍ରବେଶ କଲେ ଏବଂ ଅନ୍ୟ ଗୋପାଳମାନଙ୍କୁ ତାଙ୍କ ପଛେ ପଛେ ଆସିବାକୁ କହିଲେ । ଅଜଗର ଶରୀର ଭିତରେ ଦେଇ କୃଷ୍ଣ ଚାଲିଚାଲି ତାର ପେଟକୁ ବିଦାରି ଦେଲେ । ସମସ୍ତ ଗୋପାଳ ଗୋ ଗୋଷ୍ଠକୁ ନେଇ ନିରାପଦରେ ଅଜଗର ଦେହରୁ ବାହାରି ଆସିଲେ । ତା' ପରେ କୃଷ୍ଣ ଗୋପାଳମାନଙ୍କୁ ପୁରା ଘଟଣାଟି ବୁଝାଇ କହିଲେ । ଅଜଗର ବାଟରେ ଜଗିଛି ବୋଲି ଆଗରୁ ଜାଣିଥିଲେ ସେମାନେ କୃଷ୍ଣଙ୍କ ପଛେ ପଛେ ତା' ପାଟି ଭିତରକୁ ଯିବାକୁ ସାହସ କରି ନଥା'ନ୍ତେ" ।

"ଚଉଦ ବର୍ଷ ଯାଏ କୃଷ୍ଣ ନାନା ରକମର ଖେଳ କୌତୁକ କରି ଗୋପୀମାନଙ୍କୁ ଚିଡ଼ଉଥା'ନ୍ତି । ସେମାନେ ଯଶୋଦାଙ୍କ ନିକଟକୁ ଯାଇ କୃଷ୍ଣଙ୍କର ଅସହନୀୟ ଓ କ୍ରୋଧୋଦ୍ଦୀପକ ଦୁଷ୍ଟାମି ସମ୍ବନ୍ଧରେ ଅଭିଯୋଗ କରନ୍ତି । କେବେ କେବେ ଏସବୁ ଶୁଣି ଯଶୋଦା ବିରକ୍ତ ହୋଇଯା'ନ୍ତି । ଦିନେ ଯଶୋଦା, କୃଷ୍ଣ ଗୋପୀମାନଙ୍କୁ ହଇରାଣ

କରୁଥିବାରୁ ସେ ତାଙ୍କ ଉପରେ ରୁଷିଛନ୍ତି ବୋଲି କହିଲେ । କୃଷ୍ଣ ମା' ଯଶୋଦାଙ୍କୁ କହିଲେ, "ମା, ମୁଁ କେବେ ତାଙ୍କୁ ହଇରାଣ କଲି ? କାଲି ରାତିରେ ମୁଁ ତୁମ ପାଖରେ ଶୋଇଥିଲି ନା ନାହିଁ ? ମୁଁ ହଇରାଣ କରୁଛି ବୋଲି ସେମାନେ ତୁମ ଆଗରେ ଅଭିଯୋଗ କଲେ, ତୁମେ, କାହିଁକି ବିଶ୍ୱାସ କରୁଛ ?" ଯଶୋଦାଙ୍କୁ ଏଭଳି କଥା କହି ଥଣ୍ଡା କରିଦେବା କୃଷ୍ଣଙ୍କପାଇଁ କିଛି କାଠିକାର ପାଠ ନ'ଥିଲା । ଏସବୁ ସତ୍ତ୍ୱେ ଗୋପୀମାନେ କୃଷ୍ଣଙ୍କୁ ଛାଡ଼ି ଦଣ୍ଡେ ରହି ପାରୁନଥିଲେ । ଏସବୁ ଦେଖି ଗ୍ରାମବାସୀମାନେ କୃଷ୍ଣଙ୍କୁ ଗୋକୁଳରୁ ନେଇ ବୃନ୍ଦାବନରେ ରଖିଲେ ଏବଂ ଯିଏ ବୃନ୍ଦାବନ ଭିତରକୁ ପ୍ରବେଶ କରିବ ତା' ଉପରେ ଜୋରିମାନା ପଡ଼ିବାର ବ୍ୟବସ୍ଥା କଲେ ।"

"ସେ ସମୟରେ ଗାଁର ଲୋକେ କୃଷ୍ଣଙ୍କୁ ଗୋପୀମାନଙ୍କଠାରୁ ଅଲଗା ରଖିବାକୁ ଯେମିତି ଚେଷ୍ଟା କରିଥିଲେ, ଆଜି ମଧ୍ୟ ପୁଟ୍ଟପର୍ତ୍ତିର ଗ୍ରାମବାସୀମାନେ ମୁଁ କାଳେ ଅଜସ୍ର ସମ୍ପତ୍ତି ଅର୍ଜନ କରିନେବି ବୋଲି ଭୟରେ ମୋତେ ବାହାରକୁ ତଡ଼ି ଦେବାକୁ ଚାହାନ୍ତି । (ସ୍ୱାମୀଙ୍କ ସମ୍ପତ୍ତି ତ' ତାଙ୍କର ଭକ୍ତ) ।

"କିନ୍ତୁ ରାଧା ବୃନ୍ଦାବନ ମଧ୍ୟକୁ ପ୍ରବେଶ କଲେ । ବୃନ୍ଦାବନର ଜଗୁଆଳୀ ଥିବା ବୁଢ଼ାଲୋକଟି ରାଧାଙ୍କୁ ରୋକିଲା ଏବଂ ଟିକସ ଦେଇ ଭିତରକୁ ଯିବାକୁ କହିଲା । ରାଧା କହିଲେ "ମୁଁ ଗରିବ ଝିଅଟିଏ, ଟିକସ ଦେବାକୁ ମୋ କତିରେ ପଇସା ନାହିଁ ।" ବୁଢ଼ା ଏକଥା ଯାଇ କୃଷ୍ଣଙ୍କୁ କହିବାରୁ କୃଷ୍ଣ କହିଲେ, "ସତରେ ଏମିତି କହିଲା" ? ଆଉ ଥରେ ଆସିଲେ, ଭିତରକୁ ଛାଡ଼ିବନି । ତାକୁ ଧରି ମୋତେ ଖବର ଦେବ । ମୁଁ ଆସି ସବୁ କଥା ବୁଝିବି ।" ପରଦିନ ରାଧା ପୁଣି ଥରେ ଆସିଲେ ଏବଂ ବୁଢ଼ା ଜଗୁଆଳୀଠାରୁ କୃଷ୍ଣ ଆସି ତାଙ୍କ କଥା ବୁଝିବେ ବୋଲି ଶୁଣି ମନ ଆନନ୍ଦରେ ନାଚି ଉଠିଲେ । କୃଷ୍ଣ ସେଠାକୁ ଆସି ରାଧାଙ୍କୁ କହିଲେ, "ତୁ କାହିଁକି ଆସିଛୁ ? ଆଗ ଟିକସ ଦେ ।" ରାଧା ଉତ୍ତର ଦେଲେ, "ହେ କୃଷ୍ଣ ମୋ ପାଖରେ ଝୁଡ଼ିଏ ଗୋବର ଛଡ଼ା ଆଉ କିଛି ନାହିଁ' । ରାଧାଙ୍କ କଥା ଶୁଣି କୃଷ୍ଣ କହିଲେ 'କିଛି ନ' ଦେଇ ପାରିଲେ ନିଜକୁ ଦେଇ ଦେ (ଆତ୍ମାର୍ପଣ) ।' କୃଷ୍ଣଙ୍କ କଥାରେ ରାଜି ହୋଇ ସେ ତାଙ୍କର ଆତ୍ମାକୁ ସମ୍ପୂର୍ଣ୍ଣଭାବେ ଅର୍ପଣ କରିଦେଲେ । ମୁକ୍ତିଲାଭର ଅନେକ ମାର୍ଗ ଅଛି, କିନ୍ତୁ ସେଥିପାଇଁ ତୁମର ଯୋଗ୍ୟତା ଦରକାର ।

"ଗୋକୁଳର ଗୋପାଳମାନେ ରୀତିମତ ଏକ ଉତ୍ସବ କରନ୍ତି ଯେଉଁଥିରେ ଦେବରାଜ ଇନ୍ଦ୍ରଙ୍କର ଉପାସନା କରାଯାଏ । କୃଷ୍ଣ ଦିନେ ଯଶୋଦାଙ୍କୁ ପଚାରିଲେ, 'ମା, ଏଇ ଉତ୍ସବ କାହିଁକି କରାଯାଏ ?" ଯଶୋଦା କହିଲେ, 'ଇନ୍ଦ୍ରଙ୍କର କୃପା ହେଲେ ସମୟରେ ବର୍ଷା ହୁଏ ଏବଂ ବର୍ଷା ଠିକ୍ ସମୟରେ ହେଲେ ଆମ କିଆରିଗୁଡ଼ିକ ସବୁଜ ରହନ୍ତି, ଆଉ ଗାଈପଲ ସୁସ୍ଥ ରହନ୍ତି । ତେଣୁ ଆମେ ଇନ୍ଦ୍ରଙ୍କୁ ପୂଜା କରୁ । କୃଷ୍ଣ କହିଲେ, 'ଇନ୍ଦ୍ର ହୁଏତ ତୁଷ୍ଟ ହେଉଥିବେ କିନ୍ତୁ ଗୋବର୍ଦ୍ଧନ ପର୍ବତ ଥିବା ହେତୁ ଆମ ଚାରିଦିଗରେ

ସବୁଜିମା ରହିଛି । ତେବେ ଗୋବର୍ଦ୍ଧନ ପର୍ବତକୁ କାହିଁକି ପୂଜା କରିବାନି ?' କୃଷ୍ଣଙ୍କ କଥା ଶୁଣି ଗୋପାଳମାନେ ଗୋବର୍ଦ୍ଧନ ପର୍ବତକୁ ପୂଜା କଲେ ।

"କିଛି ଦିନ ପରେ କୃଷ୍ଣ ଦିନେ ଯଶୋଦାଙ୍କୁ ପଚାରିଲେ, "ମା, ତୁମେ କାହିଁକି ଗୋବର୍ଦ୍ଧନ ପର୍ବତକୁ ପୂଜା କରୁଛ ? ଗୋବର୍ଦ୍ଧନ ଯୋଗୁଁ ସିନା ଚାରିଆଡ଼େ ସବୁଜ ଗଛପତ୍ର ଓ ଘାସ ରହିଛି, କିନ୍ତୁ ଯେଉଁ ଗୋରୁମାନେ ଏଇ ସବୁଜ ଘାସ-ପତ୍ର ଖାଇଥା'ନ୍ତି ସେମାନେ ଆମକୁ ଦୁଧ, ଦହି, ଲହୁଣୀ ଦିଅନ୍ତି । ତେବେ ଗୋରୁଙ୍କୁ କାହିଁକି ପୂଜା କରିବାନି ?" କୃଷ୍ଣଙ୍କ କଥାମାନି ଏଥର ଗୋପାଳମାନେ ଗୋ-ସମ୍ପଦକୁ ପୂଜା କଲେ ।"

ପୁଣି କିଛି ଦିନ ପରେ କୃଷ୍ଣ ଯଶୋଦାଙ୍କୁ ପଚାରିଲେ, 'ମା ତୁମେ ଗୋରୁମାନଙ୍କୁ କାହିଁକି ପୂଜା କରୁଛ ?' ତା ହେଲେ ମୋତେ କିଆଁ ପୂଜା ନ କରିବ ? ଏଥର ଗୋପୀମାନେ ଅନ୍ୟ କେଉଁ ଦେବ-ଦେବୀଙ୍କୁ ପୂଜା' ନ କରି ଖାଲି କୃଷ୍ଣଙ୍କୁ ପୂଜା କଲେ । ଗୋପୀମାନଙ୍କର ଏଭଳି ଐକାନ୍ତିକ ଭକ୍ତି ଦେଖି ସେମାନଙ୍କର ସ୍ୱାମୀ ଓ ଶାଶୁ ତା'ର ବିରୋଧ କଲେ ଓ ସେମାନଙ୍କୁ ବିଭିନ୍ନ ପ୍ରକାର ଅତ୍ୟାଚାର କଲେ, କିନ୍ତୁ ଗୋପୀମାନେ କୃଷ୍ଣନାମ ସ୍ମରଣ କରି ଏସବୁ ସହ୍ୟ କରୁଥିଲେ । କୃଷ୍ଣଙ୍କୁ ନେଇ ଅକ୍ରୁର ମଥୁରା ଯିବା ସମୟରେ ଗୋପୀମାନଙ୍କର ଦୁଃଖକୁ ଭାଷାରେ ବର୍ଣ୍ଣନା କରି ହେବ ନାହିଁ । କେତେକ ଗୋପୀ ରଥର ଆଗରେ ପଡ଼ି ଯାଉଥାନ୍ତି, ଆଉ କେତେକ ଘୋଡ଼ାର ଲଗାମଧରି ନେଉଥାନ୍ତି । କେତେକ ଗୋପୀ ସେମାନଙ୍କର କେଶଗୁଚ୍ଛକୁ ରଥର ଚକ ଦେହରେ ବାନ୍ଧି ଦେଉଛନ୍ତି, ଆଉ କେତେକ ରଥଚକକୁ ହାତରେ ଧରି ରଥକୁ ରୋକିବାକୁ ଚେଷ୍ଟା କରୁଥାନ୍ତି । ଗୋପୀମାନେ ଯେ କିପରି ଅନୁନୟ ବିନୟକରି କୃଷ୍ଣଙ୍କୁ ନ ଯିବା ପାଇଁ ପ୍ରାର୍ଥନା କରୁଥାନ୍ତି, ତାହା ଅକ୍ରୁର ସ୍ୱଚକ୍ଷୁରେ ଦେଖିଲେ । ସେମାନଙ୍କର ଦୁଃଖ ଅକ୍ରୁରଙ୍କୁ ଅଭିଭୂତ କଲା ଏବଂ ସେ ରଥକୁ ରୋକିଲେ । କୃଷ୍ଣ ରଥରୁ ଓହ୍ଲାଇ ସେମାନଙ୍କୁ ସାନ୍ତ୍ୱନା ଦେଲେ । ରଥକୁ ରୋକିବାକୁ ଚେଷ୍ଟା କରିବା ଫଳରେ ସେମାନଙ୍କ ଶରୀର କ୍ଷତ-ବିକ୍ଷତ ହୋଇ ରକ୍ତ ବହୁଥାଏ । କୃଷ୍ଣଙ୍କୁ କିଛି କହିବା ପାଇଁ ମଧ୍ୟ ସେମାନଙ୍କ ଶରୀରରେ ଶକ୍ତି ନଥାଏ । କୃଷ୍ଣ ପୁଣିଥରେ ଫେରି ଆସିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଯାଇ ସେମାନେ ତାଙ୍କୁ ଯିବାକୁ ଛାଡ଼ିଲେ । କୃଷ୍ଣ ବିଦାୟ ନେବା ପରେ ସାରା ଗୋକୁଳରେ ବିଷାଦ ଛାଇଗଲା । ସମସ୍ତଙ୍କ ମୁହଁ ଝାଉଁଳି ଯାଇଥାଏ ଓ ଆଖିରେ ଲୁହ ଭରି ରହିଥାଏ ।"

"ଥରେ କୃଷ୍ଣ, ରୁକ୍ମିଣୀ ଓ ସତ୍ୟଭାମାଙ୍କୁ ସାଙ୍ଗରେ ନେଇ ଗୋବର୍ଦ୍ଧନ ଗିରି ପୂଜାରେ ଯୋଗଦେବାକୁ ଗୋକୁଳ ଆସିଥାନ୍ତି । ରାଧାର ଭଉଣୀଟିଏ ଥାଏ, ତା'ର ନାମ ଚନ୍ଦ୍ରବଲ୍ଲୀ । ଦୁଇ ଭଉଣୀଙ୍କର ଜୀବନ ପ୍ରତି ଦୃଷ୍ଟିକୋଣ ପରସ୍ପରର ସମ୍ପୂର୍ଣ୍ଣ ବିପରୀତ ଥାଏ ।"

"ଚନ୍ଦ୍ରବଲ୍ଲୀ କୃଷ୍ଣଙ୍କୁ ଘୃଣା କରୁଥାଏ । ନଟକୁଟିଆ କୃଷ୍ଣ ଗୋପୀମାନଙ୍କୁ ଅକାରଣେ ହଇରାଣ ହରକତ କରନ୍ତି ବୋଲି ସେ ଭାବୁଥାଏ । ଗୋପୀମାନଙ୍କ ଚିତ୍ତ ହରଣ କରି ଏବଂ ସେମାନେ ଯେଉଁଭଳି କେବଳ ତାଙ୍କରି କଥା ସୁମରିବେ ସେଭଳି ତନ୍ମୟତ୍ୱ ମଧ୍ୟକୁ ନେଇ ଯାଇ ସେ ସେମାନଙ୍କୁ ସେମାନଙ୍କର ସ୍ୱାମୀ ଓ ଅନ୍ୟ ଆତ୍ମୀୟ ସ୍ୱଜନଙ୍କଠାରୁ ଅଲଗା କରି ଦେଉଛନ୍ତି ବୋଲି ତା'ର ଅଭିଯୋଗ ଥାଏ । କୃଷ୍ଣଙ୍କ ସମ୍ମୋହନରେ ଫଶିବାକୁ ଚାହୁଁ ନଥିବା ହେତୁ, ସେ ସବୁ ସମୟରେ ତା'ର ସ୍ୱାମୀଙ୍କ ଘରେ ରହୁଥାଏ । ତା'ର ମା' କିନ୍ତୁ ଏଥିରେ ଖୁସି ନ'ଥିଲେ ଏବଂ ସେ ତାଙ୍କ ଜୋଇଁଙ୍କୁ ଚନ୍ଦ୍ରବଲ୍ଲୀକୁ ଗୋବର୍ଦ୍ଧନ ଉତ୍ସବରେ ଯୋଗଦେବାକୁ ପଠେଇବାକୁ ବୁଝେଇଲେ । ମନରେ ଅନିଚ୍ଛାସତ୍ତ୍ୱେ ସେ ତାକୁ ତିନିଦିନ ପାଇଁ ପଠେଇବାକୁ ରାଜି ହେଲେ । ଚନ୍ଦ୍ରବଲ୍ଲୀ ତା'ର ମା' ଘରକୁ ଆସିଲା ଓ କୃଷ୍ଣଙ୍କ ପ୍ରତି ତା'ର ତୀବ୍ର ହତାଦର ହେତୁ ଘର ଭିତରେ କବାଟ କିଳି ରହିଲା । ରାଧା କିନ୍ତୁ ଚାହୁଁଥିଲେ, କୌଣସି ମତେ ଚନ୍ଦ୍ରବଲ୍ଲୀ ଉତ୍ସବରେ ଯୋଗ ଦେଉ । ରାଧା ଆସି ଚନ୍ଦ୍ରବଲ୍ଲୀ ଯେଉଁ ଘରେ ଥାଏ ସେ ଘରର କବାଟ ଫିଟେଇ ତାକୁ ଡାକିଲେ କିନ୍ତୁ ଡାକିବା ସମୟରେ ଚନ୍ଦ୍ରା ବୋଲି ଡାକି "କୃଷ୍ଣ, କୃଷ୍ଣ' ବୋଲି ଡାକୁଥା'ନ୍ତି । କୃଷ୍ଣ ନାମ ଶୁଣି ଚନ୍ଦ୍ରା ଆହୁରି ରାଗିଗଲା । କୌଣସି ପ୍ରକାରେ ରାଧା ତାକୁ ମନେଇ ପାଣି ଆଣିବା ପାଇଁ ନଦୀକୂଳକୁ ନେଇଗଲେ । ରାଧା ତାକୁ କହୁଥାନ୍ତି ଯେ କୃଷ୍ଣ ଗୋବର୍ଦ୍ଧନ ଗିରି ଉତ୍ସବରେ ଥିବାରୁ ନଦୀକୂଳକୁ ଆସିବେ ନାହିଁ । କିଛି ଦୂର ଚାଲିଛନ୍ତି, ଚନ୍ଦ୍ରବଲ୍ଲୀ ଦେଖିଲା କୃଷ୍ଣ ତାରି ଆଡ଼କୁ ଚାଲିଚାଲି ଆସୁଛନ୍ତି । ମୁହୂର୍ତ୍ତକ ପାଇଁ ସେ ତା ହାତର ଗରା, ସେ ପିନ୍ଧିଥିବା ଲୁଗା, ଗଛଲତା, ଫୁଲ, ଫଳ ଉପର ଆକାଶ, ତଳର ଧରିତ୍ରୀ ଏବଂ ତା ସଙ୍ଗେ ଆସୁଥିବା ରାଧା, ଯାହା ଚାହିଁଲା ତାହା କୃଷ୍ଣ ଭଳି ଦିଶିଲା । କ୍ରୋଧରେ ଅନ୍ଧ ହୋଇ ସେ କୃଷ୍ଣଙ୍କୁ ଗୋଟିଏ ଚାପୁଡ଼ା ମାରିଲା । ରାଧା ଏହା ଦେଖି ଚମକି ଉଠିଲେ । ସେ ମୁହଁ ବୁଲାଇ ଚନ୍ଦ୍ରାକୁ ଗାଳି ଦେବାକୁ ଲାଗିଲେ । ଚାପୁଡ଼ା ମାଡ଼ରେ ଗାଲରେ ବସିଥିବା ତିନୋଟି ଦାଗକୁ ଦେଖାଇ କୃଷ୍ଣ ରାଧାଙ୍କୁ କହିଲେ, 'ନା, ତାକୁ ଗାଳି ଦିଅନା, ସେ ମୋତେ ଚାପୁଡ଼ାମାରି ପ୍ରମାଣ କରିଦେଲା ଯେ ଆମେ ତିନିଜଣ ସମାନ' । ଏହା କହି କୃଷ୍ଣ ସେଠାରୁ ଚାଲିଗଲେ ।"

"କୃଷ୍ଣ ଘରକୁ ଫେରିବା ପରେ ସତ୍ୟଭାମା କୃଷ୍ଣଙ୍କ ଗାଲରେ ଚାପୁଡ଼ାର ଦାଗ ଦେଖି ରୁକ୍ମିଣୀଙ୍କୁ କହିଲେ, "ନାନୀ, କୃଷ୍ଣଙ୍କ ଗାଲକୁ ଦେଖିଛ ? କିଏ ଜଣେ ତାଙ୍କୁ ଚାପୁଡ଼ା ମାରିଛି ।" ରୁକ୍ମିଣୀ ସତ୍ତ୍ୱଗୁଣ ସମ୍ପନ୍ନା ହୋଇଥିବାରୁ ତାଙ୍କ ଆଖିକୁ ସେ ଦାଗ ଦିଶିଲା ନାହିଁ, କୃଷ୍ଣ ସତ୍ୟଭାମାଙ୍କୁ ସାନ୍ତ୍ୱନା ଦେଇ ଚନ୍ଦ୍ରବଲ୍ଲୀର ଘର ଆଡ଼କୁ ବାହାରିଲେ ।"

"ଚନ୍ଦ୍ରବଲ୍ଲୀ ଘରେ ବିଶ୍ରାମ ନେଉଥିବା ସମୟରେ କୃଷ୍ଣ ରାଧାଙ୍କ ରୂପରେ ତା' ପାଖକୁ ଗଲେ ଏବଂ କହିଲେ, "ତୁ ଜାଣୁ, ମୁଁ କୃଷ୍ଣଙ୍କୁ ସୁମରିବା ମାତ୍ରକେ କୃଷ୍ଣଙ୍କ ରୂପ

ଧରି ନିଏ ।" ଏହି କଥା ବିଶ୍ୱାସ କରି, କୃଷ୍ଣଙ୍କୁ ରାଧା ମନେକରି ଚନ୍ଦ୍ରବଲ୍ଲୀ ତିନି ଦିନ କୃଷ୍ଣଙ୍କ ସଙ୍ଗ ବିତେଇଲା । ବେଳେବେଳେ କୃଷ୍ଣ ତା' ଆଗରେ ନିଜ ରୂପରେ ଉଭା ହେଉଥାନ୍ତି କିନ୍ତ ଚନ୍ଦ୍ରବଲ୍ଲୀ ତାଙ୍କୁ ରାଧା ଭାବି ନୀରବ ରହେ । ଚନ୍ଦ୍ରବଲ୍ଲୀର ଶାଶୁଘରକୁ ଯିବା ସମୟ ହେଲା, କୃଷ୍ଣ ତା'ର ସ୍ୱାମୀର ରୂପ ଧାରଣ କରି ତା' ପାଖକୁ ଆସିଲେ ଏବଂ ତାକୁ ସେ ଏତେ ଦିନ ଭିତରେ କେବେ କୃଷ୍ଣଙ୍କୁ ଦେଖିଛି ବା କଥା କହିଛି କି ବୋଲି ପଚାରି ବୁଝିଲେ । ତାର ସ୍ୱାମୀର ରୂପ ଧାରଣ କରି ତା ସଙ୍ଗେ ଶଗଡ଼ରେ ଯାଉଥିବା ସମୟରେ କୃଷ୍ଣ ତାକୁ ବାଟରେ କହିଲେ "ଦେଖ୍, କୃଷ୍ଣ ତୋ ସ୍ୱାମୀର ରୂପ ନେଇ ଆସି ପାରେ । ତାକୁ ବିଶ୍ୱାସ କରିବୁନି ।" ସେହି ସମୟରେ ଚନ୍ଦ୍ରବଲ୍ଲୀର ସ୍ୱାମୀ ତାକୁ ଖୋଜି ଖୋଜି ତାରି ପାଖକୁ ଆସୁଥାଏ । କୃଷ୍ଣଙ୍କ ପ୍ରତି ଚନ୍ଦ୍ରବଲ୍ଲୀର ଘୃଣାଭାବ ଏତେ ପ୍ରବଳ ଥିଲା ଯେ ସେ ତାର ପ୍ରକୃତ ସ୍ୱାମୀକୁ କୃଷ୍ଣ ଭାବି ଶଗଡ଼ରୁ ଓହ୍ଲାଇ ଆସିଲା ଏବଂ ତାକୁ ନିର୍ଦ୍ଧୂମ୍ ପ୍ରହାର ଦେଲା । ସ୍ତ୍ରୀର ଏଭଳି ବ୍ୟବହାରରେ ପ୍ରଚଣ୍ଡ ରାଗିଯାଇ ଚନ୍ଦ୍ରବଲ୍ଲୀର ସ୍ୱାମୀ ତାକୁ ତିରସ୍କାର କରି ସେଠାରୁ ଚାଲିଗଲା । ଗାଁର ଲୋକେ କୃଷ୍ଣଙ୍କର ଏସବୁ ନାଟ ବୁଝି ନ ପାରି, ଯାହା ଘଟି ଯାଉଥାଏ ତାହା ଦେଖି ଆଶଙ୍କିତ ହେଉଥାନ୍ତି । ଗାଁର ଅନ୍ୟ କୌଣସି ସ୍ତ୍ରୀଲୋକ ଯେପରି ଅବାଟରେ ନ ପଡ଼ନ୍ତି, ସେଥିପ୍ରତି ସମସ୍ତଙ୍କୁ ସାବଧାନ କରିବା ପାଇଁ ସେମାନେ ଚିତା ଜଳାଇ ରାଧା ଓ ଚନ୍ଦ୍ରବଲ୍ଲୀଙ୍କୁ ସେଥିରେ ବସିବାକୁ କହିଲେ । ସେମାନେ ଚାହୁଁଥିଲେ ଯେ କୃଷ୍ଣଙ୍କ ପଛରେ ଧାଉଁଥିବା ସବୁ ସ୍ତ୍ରୀଲୋକଙ୍କୁ ଏହା ଏକ ଶିକ୍ଷା ହେଉ । ସେମାନଙ୍କୁ ଜିଅନ୍ତା ଜାଳି ଦେବାପାଇଁ ଯେତେବେଳେ ଅଗ୍ନି ସଂଯୋଗ କରାଗଲା, ରାଧା ସେତେବେଳେ ଦେଖୁଥାନ୍ତି କୃଷ୍ଣ ଚିତା ସାମ୍ନାରେ ଛିଡ଼ା ହୋଇଛନ୍ତି । କୃଷ୍ଣଙ୍କୁ ଚାହିଁ ରାଧା କହିଲେ, "ଆମ ଉପରେ ଯାହା କିଛି ବିପତ୍ତି ପଡୁ ପଛେ ଆମେ ଭୟ କରିବୁ ନାହିଁ । ହେ କୃଷ୍ଣ ! ଆମକୁ ସେମିତି ଚାହିଁ ରହିଥାଅ । କୌଣସି ଯାତନା ଆମ ଦେହକୁ ଲାଗିବ ନାହିଁ ।" ହୁତାଶନ ହୁ ହୁ ହୋଇ ଯେତେବେଳେ ଜଳିବା ଆରମ୍ଭ କଲା ରାଧା ଓ ଚନ୍ଦ୍ରବଲ୍ଲୀ ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲେ । କୃଷ୍ଣ ମଧ୍ୟ ମୁହୂର୍ତ୍ତକ ମଧ୍ୟେ ଅଦୃଶ୍ୟ ହୋଇଗଲେ । ଗାଁ ଲୋକ ଆକାଶକୁ ଚାହିଁ ଦେଖିଲେ ଭଗବାନ ବିଷ୍ଣୁ ଗରୁଡ଼ ବାହନରେ ବସିଛନ୍ତି, ଏବଂ ତାଙ୍କ ଦୁଇ ପାଖେ ଅଛନ୍ତି ଭୂଦେବୀ ଓ ଶ୍ରୀଦେବୀ । ଏଭଳି ବିସ୍ମୟକୁ ଦେଖି ସେମାନେ ଚକିତ ହେଲେ । ଏହି ଘଟଣାରୁ ଗାଁଲୋକଙ୍କ ଆଖି ଖୋଲିଗଲା ଏବଂ ସେମାନେ ବୁଝିପାରିଲେ ଯେ କୃଷ୍ଣ ଭଗବାନ୍ ବିଷ୍ଣୁଙ୍କ ବ୍ୟତୀତ ଆଉ କେହି ନୁହଁ । ଆଖି ଆଗରେ ଯାହା ସବୁ ଘଟିଗଲା ତାକୁ ନେଇ ସେମାନେ ପରସ୍ପର ଭିତରେ ଆଲୋଚନା କଲେ ଏବଂ ଉପଲବ୍ଧି କଲେ ଯେ କୃଷ୍ଣତତ୍ତ୍ୱ ମଧ୍ୟରେ ସର୍ବଜ୍ଞ ଓ ସର୍ବବ୍ୟାପକ ଭଗବାନ, ତାଙ୍କୁ ଘୃଣା କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ତାଙ୍କ କୃପାର ବଳୟର ବାହରେ ଦେଖି ନ'ଥାନ୍ତି । ତେଣୁ ଭକ୍ତି ମାର୍ଗରେ ମୁକ୍ତି ପାଇବା ଯେ କେତେ ସହଜ ।"

"ଗୋପୀମାନଙ୍କର ଏଭଳି ପବିତ୍ର ଓ ଅନାବିଳ ପ୍ରେମକୁ ସାଧାରଣ ଲୋକେ ଭୁଲ ଅର୍ଥରେ ନେଇଥାନ୍ତି । ଦୈହିକ ଭାବନାରେ ତୁମେ ବୁଡ଼ି ରହିଥାଅ, ତେଣୁ କୌଣସି ପବିତ୍ର ଓ ପାରମାର୍ଥିକ ବିଷୟକୁ ମଧ୍ଯ ତୁମେ ଏହି ଦୈହିକ ଭାବନା ନେଇ ଦେଖି ଥାଅ । ଈଶ୍ୱରଙ୍କ ସମ୍ବନ୍ଧ ଦୈହିକ ନୁହଁ । ଗୋପୀମାନଙ୍କ ପରିଶୁଦ୍ଧ ପ୍ରେମକୁ କେବଳ ଏକ ପରିଶୁଦ୍ଧ ମନ ବୁଝିପାରେ ଓ ସ୍ୱଚ୍ଛ ଓ ପବିତ୍ର ଭାବ ଦ୍ୱାରା ହିଁ ଈଶ୍ୱରଙ୍କୁ ପାଇ ହୁଏ । ଅପବିତ୍ର ଭାବ ପ୍ରତି ଈଶ୍ୱର କେବେ ଆକୃଷ୍ଟ ହୁଅନ୍ତି ନାହିଁ । ଗୋପୀମାନଙ୍କ ମଧ୍ୟରେ ଏଭଳି ସ୍ୱଚ୍ଛ ଓ ପବିତ୍ର ଭାବ ଥାଏ । ସେମାନଙ୍କ ଅନୁପମ ପ୍ରେମ ଓ ଅନ୍ୟାନ୍ୟ ଭକ୍ତିର ପଟାନ୍ତର ନାହିଁ । ତୁମେ ସେମାନଙ୍କୁ ତୁମ ଜୀବନର ଆଦର୍ଶ କର । ତୁମେ ହୁଏତ ପଚାରିବ, 'ଗୋପୀମାନଙ୍କର ଏମିତି କ'ଣ ମହତ୍ତ୍ୱ ଥିଲା ? ରାମଦାସ, କବୀର ସୁରଦାସ ଓ ଅନ୍ୟମାନଙ୍କର ଭକ୍ତି କ'ଣ ଗୋପୀମାନଙ୍କ ଭକ୍ତ ସହ ସମାନ ନୁହେଁ ? ଅନ୍ୟମାନଙ୍କ ଭକ୍ତି ଗୋପୀମାନଙ୍କ ଭକ୍ତିଠାରୁ କିଛି କମ୍ ହିଁ ହେବ । ଈଶ୍ୱର ପବିତ୍ର ଅଟନ୍ତି, ତେଣୁ ମନରେ ପବିତ୍ର ଭାବନେଇ ଈଶ୍ୱରଙ୍କୁ ପାଇବାକୁ ଚେଷ୍ଟାକର ।"

"ପବିତ୍ର ଭାବ ଓ ଅନ୍ୟନ୍ୟ ଭକ୍ତିଦ୍ୱାରା ହିଁ ତାଙ୍କୁ ପାଇ ହୁଏ ।" ଏହି ସନ୍ଦେଶ ଭକ୍ତମାନଙ୍କୁ ଦେଇ ସ୍ୱାମୀ ତାଙ୍କର ଦିବ୍ୟ ସମ୍ଭାଷଣ ଶେଷ କଲେ ।

ପଞ୍ଚଦଶ ଅଧ୍ୟାୟ

ଗୁରୁପୂର୍ଣ୍ଣିମା

ଗୁରୁ ଏକ । ସେ ହେଉଛନ୍ତି ଈଶ୍ୱର ଓ ସେ ତୁମ ମଧ୍ୟରେ ଅଛନ୍ତି ।

– ଶ୍ରୀ ସତ୍ୟସାଇ ବାବା

'ସ୍ୱାମୀ ୧୯୬୧ ଜୁଲାଇ ୨୬ ତାରିଖ ଦିନ ଶ୍ରୀ ରାମଚନ୍ଦ୍ର ସେଟ୍ଟିଙ୍କ ଘରେ ପହଞ୍ଚିବେ'– ଏଇ ଖବର ଦାବାନଳ ଭଳି ଚତୁର୍ଦ୍ଦିଗରେ ବ୍ୟାପିଗଲା । ପର ଦିନ ଥାଏ ଗୁରୁପୂର୍ଣ୍ଣିମା । ସ୍ୱାମୀଙ୍କ ଦିବ୍ୟ ଉପସ୍ଥିତିରେ ପ୍ରଥମ ଥର ପାଇଁ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଉଥାଏ । ସନ୍ଧ୍ୟା ୬.୩୦ ରୁ ଭକ୍ତମାନେ ସେଟ୍ଟିଙ୍କ ଘରେ ଗୁଣ୍ଡ ହେବାକୁ ଲାଗିଲେ । ରାତି ୮.୩୦ ରେ ଭଜନ ଆରମ୍ଭ ହେଲା । ସ୍ୱାମୀ ପହଞ୍ଚିଲେ ରାତି ୧୧.୩୦ ରେ । ପ୍ରାର୍ଥନା ଗୃହ ମଧ୍ୟରେ କିଛି ସମୟ ଛିଡ଼ା ହୋଇ ରହି ସେ ଆରତୀ ଗ୍ରହଣ କଲେ ଭକ୍ତମାନଙ୍କୁ ଆଶୀର୍ବାଦ କଲେ । ପରେ ସେ ଉପରକୁ ଯାଇ ବିଶ୍ରାମ ନେଲେ । ପରଦିନ ସକାଳେ ସ୍ୱାମୀ ମନ୍ଦହାସ ବଦନରେ ବାହାରକୁ ଆସି ସୋଫାରେ ବସିଲେ । ଭିଡ଼ ଯେତେବେଳେ ବଢ଼ିଲା, ସ୍ୱାମୀ ଦ୍ୱାର ଦେଶରେ ଦୀର୍ଘ ଦୁଇ ଘଣ୍ଟା ଠିଆ ହୋଇ ରହି ଭକ୍ତମାନଙ୍କୁ ପାଦ ନମସ୍କାରର ସୁଯୋଗ ଦେଲେ । ମଙ୍ଗଳ ଆରତୀ ଓ ପ୍ରାସଦ ବିତରଣ ପରେ ସ୍ୱାମୀ ନିଜ କକ୍ଷକୁ ଯାଇ ବିଶ୍ରାମ ନେଲେ । ସମସ୍ତ ଭକ୍ତଙ୍କ ନିମନ୍ତେ ସେଟ୍ଟି ଭୋଜନର ବ୍ୟବସ୍ଥା କରିଥାନ୍ତି । ସନ୍ଧ୍ୟା ୩ ଟାରେ ସ୍ୱାମୀ ପ୍ରାର୍ଥନା କକ୍ଷ ମଧ୍ୟକୁ ପ୍ରବେଶ କଲେ । ପ୍ରତ୍ୟେକେ ସ୍ୱାମୀଙ୍କୁ ସାଷ୍ଟାଙ୍ଗ ପ୍ରମାଣ କଲେ । ସନ୍ଧ୍ୟାରେ ପ୍ରଦର୍ଶନୀ ପଡ଼ିଆରେ ସ୍ୱାମୀଙ୍କର ଦିବ୍ୟ ସମ୍ଭାଷଣର ସମସ୍ତ ଆୟୋଜନ ହୋଇଥାଏ । ସେଠାରେ ସନ୍ଧ୍ୟା ୫ଟାରେ ଭକ୍ତମାନଙ୍କର ସମାଗମ ହେଲା । ସନ୍ଧ୍ୟା ୬ରୁ ୬.୩୦ ଯାଏ ଭଜନ ହେଲା । ସେତେବେଳକୁ ସ୍ୱାମୀ ଓ ତାଙ୍କ ପଛେ ପଛେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଶ୍ରୀ ବି.ଡ଼ି. ଜଟ୍ଟି ଏବଂ ଅନ୍ୟାନ୍ୟ ଭକ୍ତ ଆସି ସଭା ମଣ୍ଡପରେ ପହଞ୍ଚିଥା'ନ୍ତି । ମଞ୍ଚ ଉପରେ ସ୍ୱାମୀ ଓ ଅନ୍ୟମାନେ ଆସନ ଗ୍ରହଣ କଲେ । ଶ୍ରୀମତୀ ସୁନନ୍ଦମ୍ମାଙ୍କ ସ୍ତବପାଠ ପରେ ସେଟ୍ଟି ସ୍ୱାମୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କଲେ ଓ ଏକ ପ୍ରଶଂସା ପତ୍ରପାଠ କରି ତାହା ସ୍ୱାମୀଙ୍କୁ ନିବେଦନ କଲେ ।

ଏହାପରେ ଶ୍ରୀ ଜଟ୍ଟି ଏକ ସଂକ୍ଷିପ୍ତ ଭାଷଣ ଦେଲେ । ସେ ତାଙ୍କ ଜୀବନର କିଛି ଅନୁଭୂତି ଓ ଉଲ୍ଲେଖ କରି ସ୍ୱାମୀଙ୍କ ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ବ୍ୟକ୍ତ କଲେ । ସମବେତ ଭକ୍ତଗଣଙ୍କୁ ସ୍ୱାମୀଙ୍କ ଉପରେ ସେମାନଙ୍କର ବିଶ୍ୱାସକୁ ଦୃଢ଼ କରି ତାଙ୍କର କୃପା ଲାଭ କରିବାପାଇଁ ସେ ଆହ୍ୱାନ କଲେ । ଏହା ପରେ ସ୍ୱାମୀ ତାଙ୍କର ଦିବ୍ୟ ସମ୍ଭାଷଣ

ପ୍ରଦାନ କଲେ । ସେ କହିଲେ, ବିପଦ-ଆପଦରେ ପରସ୍ପରକୁ ସାହାଯ୍ୟ କରିବା ହେଲା ମଣିଷର ଧର୍ମ । ସ୍ୱାମୀ କହିଲେ, "ତୁମେ ସାରା ଜୀବନ ବ୍ରହ୍ମଚାରୀ ହୋଇ ରହିବା ଆବଶ୍ୟକ ନାହିଁ । ଏହା କଳିଯୁଗରେ ଏତେ ସହଜ ମଧ୍ୟ ନୁହଁ । ନିଜକୁ ବ୍ରହ୍ମଚାରୀ କହି ଅନୁଚିତ ଜୀବନ ଯାପନ କରିବା ଅପେକ୍ଷା ସଂସାରୀ ହୋଇ ପବିତ୍ର ଜୀବନ ଯାପନ କରିବା ଶ୍ରେୟସ୍କର । ମୁଁ ତୁମର ଓ ତୁମେ ସମସ୍ତେ ମୋର । ତୁମମାନଙ୍କୁ ଏଭଳି ଏକ ସୁବର୍ଣ୍ଣ ସୁଯୋଗ ଦେଇଥିବାରୁ ରାମଚନ୍ଦ୍ର ସେଟ୍ଟିଙ୍କ ପ୍ରତି କୃତଜ୍ଞ ରୁହ । ମୁଁ ଏହି ସହରକୁ ବିଗତ କୋଡିଏ ବର୍ଷ ମଧ୍ୟରେ ଅନେକ ବାର ଆସିଥିଲେ ହେଁ ଏଭଳି ଏକ ସମାବେଶରେ ପ୍ରଥମ ଥର ଉଦ୍‌ବୋଧନ ଦେଉଛି । ଯାହା କିଛି ଘଟିଥାଏ ତାହାର ଏକ ନିର୍ଦ୍ଦିଷ୍ଟ କାରଣ ଓ ସମୁଚିତ ସମୟ ଥାଏ । ଈଶ୍ୱର କାଳସ୍ୱରୂପ ଅଟନ୍ତି । ତେଣୁ ସମୟ ବୃଥା ନଷ୍ଟ କରନାହିଁ । ତାଙ୍କୁ ସ୍ମରଣ କରି ତାଙ୍କର କୃପା ଲାଭ କର । ମୁଁ ତୁମ ସମସ୍ତଙ୍କୁ ମୋର ଆଶୀର୍ବାଦ ଦେଇ ମୋର ସମ୍ଭାଷଣ ସାଙ୍ଗ କରୁଛି ।" ସମ୍ଭାଷଣ ଶେଷ ହେବା ପରେ ରାମଚନ୍ଦ୍ର ସେଟ୍ଟି ସ୍ୱାମୀଙ୍କୁ ଆରତୀ ଦେଲେ । ଏଣେ ସେଟ୍ଟିଙ୍କ ବାସଗୃହରେ ଭଜନ ଚାଲିଥାଏ । ଏହା ପରେ ସେଟ୍ଟି ପରିବାରର ସମସ୍ତେ ସ୍ୱାମୀଙ୍କ ପଦପଙ୍କଜକୁ ନାନାବିଧ ପରିମଳ ପୁଷ୍ପଦେଇ ପୂଜାକଲେ । ସ୍ୱାମୀ ତାଙ୍କର ଗଳା ଯାଏଁ ଫୁଲରେ ବୁଡ଼ି ରହିଥାନ୍ତି । ଏହି ଦୃଶ୍ୟ ଭକ୍ତମାନଙ୍କୁ ଯେଉଁ ନୟନାନନ୍ଦ ପ୍ରଦାନ କରୁଥାଏ, ତାହା ଭାଷାରେ କହି ହେବ ନାହିଁ । ମଙ୍ଗଳ ଆରତୀ ପରେ ସ୍ୱାମୀ ଓ ଉପସ୍ଥିତ ସମସ୍ତ ଭକ୍ତ ପ୍ରସାଦ ଗ୍ରହଣ କଲେ । ସ୍ୱାମୀ ପରଦିନ କାହା କାହା ଘରକୁ ଯିବେ ତାହା ଭକ୍ତମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଥିବା ଆମେ ଶୁଣିଲୁ । ଆମେ ସ୍ୱାମୀଙ୍କୁ ଭେଟିବାପାଇଁ ଉପର ମହଲାକୁ ଗଲୁ । ଆମକୁ ଦେଖିବା ମାତ୍ରକେ, ସ୍ୱାମୀ କହିଲେ ଯେ ସେ ୧୯୬୧, ଜୁଲାଇ ୨୮ ତାରିଖ ଅପରାହ୍ଣ ଗୋଟାଏ ସମୟରେ ମଧ୍ୟାହ୍ନ ଭୋଜନ ସାରି ଆମ ଘରକୁ ଆସିବେ । ସେ ଆମକୁ ସେ ଦିନ ସେଟ୍ଟିଙ୍କ ଘରେ ଭଜନରେ ଯୋଗ ନ ଦେଇ ନିଜ ଘରେ ଅପେକ୍ଷା କରି ରହିବାକୁ କହିଲେ ।

ଆମେ ପାହାଚ ଓହ୍ଲାଇ ଚାଲି ଆସୁଛୁ, ସ୍ୱାମୀ କକ୍ଷରୁ ବାହାରି ମୋ ପାଖକୁ ଆସିଲେ ଏବଂ ପଚାରିଲେ, "କନ୍ନମ୍ମା ମୋ ଭାଷଣ କିମିତି ଲାଗିଲା ?" ମୁଁ କହିଲି, "ଖୁବ୍ ଚମତ୍କାର ଓ ଚିତ୍ତାକର୍ଷକ ଥିଲା । ତା' ନ ହେଲେ କଅଣ ଏତେ ଲୋକ୍ ଆପଣଙ୍କ ଦିବ୍ୟ ସମ୍ଭାଷଣ ଶେଷ ହେବା ଯାଏଁ ସେମିତି ନୀରବ ନିସ୍ତବ୍ଧ ଭାବେ ବସି ରହିଥା'ନ୍ତେ ?" ସ୍ୱାମୀ କହିଲେ, "କେବଳ ଗୋଟିଏ କାରଣରୁ ଏ ସବୁ ସମ୍ଭବ ହେଉଛି- ତାହା ପ୍ରେମ ।"

✍

୧୯୬୧ ଜୁଲାଇ ୨୮ ତାରିଖ ଥିଲା ଆମମାନଙ୍କ ପାଇଁ ଏକ ଶୁଭ ଦିନ, କାରଣ ସେ ଦିନ ସ୍ୱାମୀ ଆମ ଘରକୁ ଆସିବାର କାର୍ଯ୍ୟକ୍ରମ ଥାଏ । ମୋ ସ୍ୱାମୀ ଓ ଆମ ପୁଅ ମୁରଲୀ,

ସେଟ୍ଟିଙ୍କ ଘରେ ଅପେକ୍ଷା କରି ରହିଥା'ନ୍ତି, ସ୍ୱାମୀଙ୍କୁ ଆମ ଘରକୁ ପାଛୋଟି ଆଣିବାପାଇଁ । ସ୍ୱାମୀଙ୍କ ଗାଡ଼ିର ଶବ୍ଦ କାନରେ ବାଜିବା ମାତ୍ରକେ ମୁଁ ଘରୁ ବାହାରି ଦେଖିଲି ସ୍ୱାମୀ ଗାଡ଼ିରୁ ଓହ୍ଲାଉଛନ୍ତି । ଗାଡ଼ିର ଦୁଆର ପାଖରେ ଥିବା ଶଙ୍କରକୁ ସ୍ୱାମୀ ତା'ର ମା ସେଠାରେ ଅଛନ୍ତି କି ବୋଲି ପ୍ରଶ୍ନ କରି ଘର ଭିତରକୁ ପ୍ରବେଶ କଲେ । ସ୍ୱାମୀ ସିଧା ଆମ ଘରର ଉପର ମହଲାରେ ଥିବା ପୂଜାଘର ଭିତରକୁ ଚାଲି ଆସିଲେ । ମୁଁ ସ୍ୱାମୀଙ୍କ ପଛେ ପଛେ ଆସି କହିଲି, "ସ୍ୱାମୀ, ଲିଲମ୍ମା ନାହିଁ, ମୋ ସ୍ୱାମୀ ମଧ୍ୟ ଘରେ ନାହାଁନ୍ତି । ମୁଁ କଅଣ କରିବି ?" ସ୍ୱାମୀ କହିଲେ, "ସେମାନଙ୍କ ଭାଗ୍ୟରେ ନାହିଁ । ତୁ ପୂଜା କର । ସେତିକି ଯଥେଷ୍ଟ ।" ମୁଁ ଯେତେବେଳେ କହିଲି "ସେମାନେ ସେଟ୍ଟିଙ୍କ ଘରେ ଆପଣଙ୍କୁ ଅପେକ୍ଷା କରିଛନ୍ତି", ସ୍ୱାମୀ କହିଲେ "କିଏ କହିଲା ସେମାନଙ୍କୁ ସେଠାକୁ ଯିବାପାଇଁ ? ଗତକାଲି ମୁଁ ତୁମମାନଙ୍କୁ କହିଥିଲି ଯେ ସମସ୍ତେ ଘରେ ରହିବ ଏବେ ସେମାନେ ସେଠାରୁ ଫେରି ଲୁହ ଗଡ଼ାନ୍ତୁ ।" ମୁଁ ଯେତେବେଳେ କହିଲି ମୂରଲୀର ମନ ଭାରି କଷ୍ଟ ହେବ, ସେ କହିଲେ, 'ସେ ମଧ୍ୟ କାନ୍ଦୁ' । ପୂଜା ଘର ଭିତରେ ବିଭିନ୍ନ ଦେବ ଦେବୀଙ୍କର ଛବିଗୁଡ଼ିକୁ ଦେଖିବା ପରେ ସେ ଚୌକିରେ ବସିଲେ । ମୁଁ ଫୁଲ ଦେଇ ତାଙ୍କୁ ଆପାଦମସ୍ତକ ପୂଜା କଲି, ତାଙ୍କ ଗଳାରେ ସୁଗନ୍ଧ ରାଜ ଫୁଲର ମାଳା ଦେଇ ପାଦ ନମସ୍କାର କଲି ।

ପରେ ରଘୁ ଓ ଶଙ୍କର ସ୍ୱାମୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ପାଦ ନମସ୍କାର କଲେ । ସ୍ୱାମୀ କହିଲେ, "ମୁଁ ସୁନନ୍ଦମ୍ମାର ଘରେ ଜଳଖିଆ କରି ସାରିଛି । ମୋତେ ଖାଲି ପିଇବାକୁ ଟିକିଏ ପାଣି ଦିଅ । ସେତିକି ଯଥେଷ୍ଟ ।" ସେ କସ୍ତୁରୀଙ୍କ ଆଡ଼କୁ ଚାହିଁ କହିଲେ, "କସ୍ତୁରୀ ଦେଖିଲ, ସବୁକିଛି ଏଠାରେ ପ୍ରସ୍ତୁତ ଥିଲା । ଏମାନେ ମୋର ପୁରୁଣା ଭକ୍ତ । ଏମାନେ ମୋ କଥା ସବୁ ଜାଣନ୍ତି, ତେଣୁ ସବୁବେଳେ ପ୍ରସ୍ତୁତ (ରେଡ଼ି) ଥା'ନ୍ତି ।" ସେ ପୁଣିଥରେ ମୋତେ ତାଙ୍କର ପୂର୍ବ ଦିନର ସମ୍ଭାଷଣ ସମ୍ବନ୍ଧରେ ପଚାରିଲେ । ମୁଁ କହିଲି, "ସ୍ୱାମୀ ଆପଣଙ୍କ ସମ୍ଭାଷଣ ଚମତ୍କାର ଥିଲା । ଆପଣଙ୍କ ଦିବ୍ୟ ସମ୍ଭାଷଣ ଥିବା ହେତୁ ଅନେକ ଲୋକ ଆପଣଙ୍କ ଦର୍ଶନ ପାଇ ପାରିଲେ । ଗତଥର ଆପଣ ଯେତେବେଳେ ଆସିଥିଲେ, ଅନେକ ଲୋକ ଆପଣଙ୍କ ଦର୍ଶନ ନ'ପାଇ ମନ ଦୁଃଖରେ ଫେରି ଯାଇଥିଲେ ।" ସ୍ୱାମୀ କହିଲେ, "ଆହା ବିଚରା" । ଆମେ କହିଲୁ, "ସ୍ୱାମୀ ଆପଣ ଆମ ଘରକୁ ଆସିବା ମୋର ମହାଭାଗ୍ୟ" । ସ୍ୱାମୀ କହିଲେ, "ଠିକ୍ କଥା, ଏତେ ବଡ଼ ବଡ଼ ଲୋକ ମୋତେ ନିମନ୍ତ୍ରଣ କରିଥା'ନ୍ତି, ତଥାପି ମୁଁ ଏଠାକୁ ଆସିଥାଏ ।"

ଆମେ ସ୍ୱାମୀଙ୍କ ସଙ୍ଗେ ଏକ ଫଟୋ ଉଠାଇବାର ଆମର ଇଚ୍ଛା ତାଙ୍କୁ ପ୍ରକାଶ କରି ତାଙ୍କର ଅନୁମତି ଭିକ୍ଷା କଲୁ । ସ୍ୱାମୀ କହିଲେ "ତୁମ ଫଟୋ ମୋ ଆତ୍ମାରେ ଆଙ୍କି ହୋଇ ଯାଇଛି । ବାହାରର ଏ ଫଟୋରୁ ତୁମେ କ'ଣ ପାଇବ ?" ମୋର ଠିକ୍

ଆଗରେ ରଖା ଯାଇଥିଲେ ମଧ୍ୟ ମୁଁ ସ୍ୱାମୀଙ୍କୁ ପାନ ପତ୍ର ଓ ଫଳ ଦେବା ପୁରା ଭଲି ଯାଇଥିଲି । ଶଙ୍କର ସ୍ୱାମୀଙ୍କୁ ତା'ର ଓ ରଘୁର ଉପନୟନ କରି ଦେବାପାଇଁ ପ୍ରାର୍ଥନା କଲା । ସ୍ୱାମୀ ପରିହାସ କରି କହିଲେ, "ତୋର ବିଭାଘରେ ଉପନୟନ ହେବ ।" ମୁଁ ସ୍ୱାମୀଙ୍କୁ ସେମାନଙ୍କର ଜପମାଳାକୁ ଛୁଇଁ ଆଶୀର୍ବାଦ କରିବାକୁ ପ୍ରାର୍ଥନା କଲି । ସେ ଆଶୀର୍ବାଦ କରି ପଚାରିଲେ, "ଏଇ ପିଲାମାନେ କ'ଣ ଧ୍ୟାନ କରନ୍ତି ?" ତା' ପରେ ସେ ବିଭୂତି ସୃଷ୍ଟି କରି ଆମ କପାଳରେ ଲଗାଇଦେଲେ । କିଛି ବିଭୂତି ସେ ମୋ ହାତରେ ଦେଇଥା'ନ୍ତି । ଆମେ ତାଙ୍କୁ ତାଙ୍କର କୃପା ସବୁ ସମୟରେ ଆମ ଉପରେ ଥାଉ ବୋଲି ପ୍ରାର୍ଥନା କଲୁ । 'ପାବନ ପୁରୁଷ' ଗାନଟି ଗାଇ ସ୍ୱାମୀଙ୍କୁ ଆରତୀ କଲୁ । ସ୍ୱାମୀ ଅର୍ଦ୍ଧନିମୀଳିତ ଚକ୍ଷୁରେ ମନଧ୍ୟାନ ଦେଇ ତାହା ଶୁଣୁଥା'ନ୍ତି ଏବଂ ଉପଭୋଗ କରୁଥା'ନ୍ତି । ମୁଖରେ ମନ୍ଦହାସ ଫୁଟାଇ ସେ ଆମକୁ ଚାହିଁଲେ । ଆମେ ପୁଣିଥରେ ପାଦ ନମସ୍କାର କଲୁ । ସ୍ୱାମୀ ତଳକୁ ଓହ୍ଲାଇ ଆସି ଗାଡ଼ି ଆଡ଼କୁ ପାଦ ବଢ଼ାଇଲେ । ବାଟରେ ମୋର ପିଲାଙ୍କର ଦୁଇ ଜଣ ସାଙ୍ଗ ରାମ ରାଜୁ ଓ ଭେଙ୍କୋବା ରାଓ ମଧ୍ୟ ସ୍ୱାମୀଙ୍କୁ ପାଦ ନମସ୍କାର କଲେ । ସ୍ୱାମୀ ସେମାନଙ୍କୁ ଚାହିଁ 'ମାଞ୍ଚି ମନସୁ' (ଭଲମନ) କହି କାରରେ ପ୍ରବେଶ କଲେ ଓ ଆମଠାରୁ ବିଦାୟ ନେଲେ ।

✍

୧୯୬୩ ଗୁରୁ ପୂର୍ଣ୍ଣିମାର ପୂର୍ବ ସପ୍ତାହରେ ସ୍ୱାମୀ ଅସୁସ୍ଥ ହୋଇଗଲେ । ସ୍ୱାମୀ କିପରି ଜଣେ ଭକ୍ତର ଦୁରାରୋଗ୍ୟକୁ ନିଜେ ବହନ କଲେ, କିଭଳି ଅଲୌକିକଭାବେ ସେ ନିଜକୁ ରୋଗମୁକ୍ତ କଲେ ଏବଂ କାହିଁକି ସେ ଏତେ ନିଦାରୁଣ ଯନ୍ତ୍ରଣା ନିଜ ଉପରକୁ ନେଲେ, ତାର ଟିକିନିଖି ବିବରଣୀ ଅନ୍ୟାନ୍ୟ ପୁସ୍ତମାନଙ୍କରେ ଲିପିବଦ୍ଧ ଅଛି । ଏହା କିନ୍ତୁ ଥିଲା ଭକ୍ତମାଙ୍କର ଭକ୍ତି ଓ ବିଶ୍ୱାସର ଏକ କଠିନ ପରୀକ୍ଷା । ଘଣ୍ଟାର ଦୋଳକଭଳି ଆମ ମନ ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ପୁଣିଥରେ ଝୁଲୁଛି କି ନାହିଁ, ତାହା ଜାଣିବା ପାଇଁ ଓ ନିଜ ନିଜର ଅନ୍ତର ମଧ୍ୟରେ ସନ୍ଧାନୀ ଆଲୋକ ପକାଇ ନିଜକୁ ପରଖି ନେବାପାଇଁ ଏହା ଥିଲା ଆଉ ଏକ ବିରଳ ସୁଯୋଗ । ଏଭଳି ବିଷମ ପରିସ୍ଥିତିରେ ଜଣେ ଭକ୍ତ ଯେ କିଭଳି ପ୍ରତିକ୍ରିୟା ପ୍ରକାଶ କରିବା ଉଚିତ ତାହା ଶିକ୍ଷା କରିବାପାଇଁ ଏହା ଥିଲା ଏକ ଅବକାଶ । ସେ ବର୍ଷର ଗୁରୁ ପୂର୍ଣ୍ଣିମା ସମ୍ଭାଷଣ ଶେଷ ହେବା ପରେ ଆମେ ତାଙ୍କର ଦର୍ଶନାର୍ଥେ ଗଲୁ ଓ କୃପା ପରବଶ ହୋଇ ସେ ଆମକୁ ଇଣ୍ଟରଭ୍ୟୁକୁ ଡାକିଲେ ।

ମୁଁ ସେଠାରେ ସ୍ୱାମୀଙ୍କୁ ପଚାରିଲି, "ସ୍ୱାମୀ, ଆପଣ ଆମର ରକ୍ଷାକର୍ତ୍ତା । ଆପଣ ଯେତେବେଳେ ଅସୁସ୍ଥ ହୋଇଯା'ନ୍ତି, ଆମକୁ ବହୁତ କଷ୍ଟଲାଗେ । ସେ ସମୟରେ ଆମେ ଆପଣଙ୍କ ପାଇଁ କ'ଣ କରି ପାରିବୁ, ଦୟାକରି ତାହା କହନ୍ତୁ ।" ସ୍ୱାମୀ କହିଲେ, "ତୁମକୁ କିଛି କରିବାକୁ ହେବ ନାହିଁ । ସବୁ କିଛି ଆପେ ଆପେ ଠିକ୍ ହୋଇଯିବ । ମୁଁ

ବହୁବାର ତାଙ୍କୁ ଏହି ପ୍ରଶ୍ନ କରିଛି ଏବଂ ପ୍ରତ୍ୟେକ ଥର ଠିକ୍ ଏହି ଉତ୍ତର ପାଇଛି । ସେ କହିଲେ, "ତୁମେ ସମସ୍ତେ ମୋ ଆଜ୍ଞା ପାଳନ କଲେ, ସେତିକି ଯଥେଷ୍ଟ ।" ମୁଁ ପଚାରିଲି, "ସ୍ୱାମୀ ଆପଣଙ୍କର କି ଆଜ୍ଞା ଏବଂ ଆମେ ତାହା କିଭଳି ପାଳନ କରିବୁ ?" ସେ କହିଲେ "ମନେକର, ମୁଁ ତୁମକୁ ଡାକିଲି । ତୁମକୁ ସଙ୍ଗେ ସଙ୍ଗେ ଆସିବାକୁ ହେବ । ତୁମେ ଯେମିତି ଅଛ, ସେମିତି ଚାଲି ଆସ । ହାତରେ କିଛି ଧରି ଆସିବାର ଚେଷ୍ଟା ମଧ୍ୟ କର ନାହିଁ ।"

ମୁଁ କହିଲି, "ସ୍ୱାମୀ ମହୀଶୂର ଓ ବାଙ୍ଗାଲୋରରେ କେତେକ ଲୋକ ଆପଣଙ୍କର କଟୁ ଆଲୋଚନା କରୁଛନ୍ତି । ସେମାନେ ବିଭିନ୍ନ ସମ୍ବାଦପତ୍ରରେ ବ୍ୟଙ୍ଗାତ୍ମକ ଲେଖା ମଧ୍ୟ ପ୍ରକାଶ କରୁଛନ୍ତି । ଆପଣ ଯଦି ସେମାନଙ୍କୁ ଶାସ୍ତି ନ' ଦିଅନ୍ତି, କିଛି ନ ହେଲେ ବି ଯଦି ସେମାନଙ୍କୁ ଠିକଣା ଜବାବ୍ ନ' ଦିଅନ୍ତି, ତେବେ ସେମାନେ ଯାହା କହୁଛନ୍ତି, ତାହା ଠିକ୍ ବୋଲି ସମସ୍ତେ ଭାବିବେନି କି ?" ସ୍ୱାମୀ ଧୀରସ୍ଥିର ଭାବେ ଉତ୍ତର ଦେଲେ, "ଝିଅ, ମୁଁ ଗୁଣାତୀତ । ଯେଉଁମାନେ ଗୁଣଦ୍ୱାରା ବନ୍ଧା ସେମାନେ ଏ ସବୁରେ କ୍ରୋଧାନ୍ୱିତ ହେବେ ଏବଂ ଏଭଳି ଭିତ୍ତିହୀନ ମିଥ୍ୟାରୋପର ଉତ୍ତର ଦେବାର ଭୁଲ କରି ବସିବେ ।" ମୁଁ କହିଲି, "ସ୍ୱାମୀ ତାହାମାନେ କ'ଣ ଏମାନେ କେବେ ଶାସ୍ତି ପାଇବେନି ?" ସ୍ୱାମୀ କହିଲେ, "ହଁ, ଶାସ୍ତି ପାଇବେ । ମୁଁ ସେମାନଙ୍କୁ ଦଣ୍ଡ ଦେବି ନାହିଁ, ସେମାନେ ନିଜେ ନିଜଦ୍ୱାରା ଦଣ୍ଡିତ ହେବେ । ପୂର୍ବ ଜନ୍ମରେ ଯଦି କିଛି ଭଲ କରିଥା'ନ୍ତି, ତେବେ ଏ ଜନ୍ମରେ ସତ୍‌କର୍ମରୁ ଲବ୍ଧ ସଞ୍ଚିତ ପୁଣ୍ୟ ଥରେ ଶେଷ ହୋଇଗଲେ ସେମାନେ ସମ୍ପୂର୍ଣ୍ଣ ରସାତଳକୁ ଚାଲିଯିବେ । ଭବିଷ୍ୟତରେ କ'ଣ ଘଟୁଛି ତାହା ତୁମେ ନିଜେ ଦେଖିବ । ସେମାନେ ପୁଣି ମୁଣ୍ଡ ଉଠାଇ ପାରିବେ ନାହିଁ । ମୋର ସଙ୍କଳ୍ପ ନଥିଲେ ଘାସଟିଏ ମଧ୍ୟ ହଲିବ ନାହିଁ । ଯେହେତୁ ତୁମେ ସମସ୍ତେ ଧର୍ମକୁ ମାନି ଚଲୁଛ, ମୁଁ ତୁମକୁ ଏସବୁ କହୁଛି ।"

ଷୋଡ଼ଶ ଅଧ୍ୟାୟ

ମନ୍ଦିରମାଳିନୀ ନଗରୀ ମଧ୍ୟଦେଇ

ତୁମର ଧନ-ସମ୍ପତ୍ତି, କର୍ମ ବା ସନ୍ତାନ ସନ୍ତତି ତୁମକୁ ଅମୃତତ୍ୱ ଦେବେ ନାହିଁ । ତ୍ୟାଗ ଦ୍ୱାରା ହିଁ ଅମୃତତ୍ୱ ପ୍ରାପ୍ତି ହୁଏ ।

– ଶ୍ରୀ ସତ୍ୟସାଇ ବାବା

୧୯୬୧, ମାର୍ଚ୍ଚ ୯ ତାରିଖ ଦିନ ଆମେ ପୁଟପର୍ତ୍ତି ପହଞ୍ଚିବା ବେଳକୁ ବିଳମ୍ବ ହେଇ ଯାଇଥାଏ । ଆମେ ଜିନିଷ ପତ୍ର ରଖି ଧୁଆଧୋଇ ହେବା ପାଇଁ ଆମେ ପ୍ରଥମେ ପୁରୁଣା ମନ୍ଦିରରେ ରହୁଥିବା ମୋ ମା'ଙ୍କ ପାଖକୁ ଗଲୁ, କିନ୍ତୁ ସେଠାରେ ପହଞ୍ଚି ଦେଖିଲୁ ମନ୍ଦିରର ଗେଟ୍ ବନ୍ଦ ଅଛି । ତାହା ଦେଖି ଆମେ ନିଶ୍ଚିତ ହେଲୁ ଯେ ନୂଆ ମନ୍ଦିରରେ କିଛି କାର୍ଯ୍ୟକ୍ରମ ଚାଲିଛି । ଗେଟ୍ ପାଖରେ ଜିନିଷ ପତ୍ର ଛାଡ଼ି ଆମେ ନୂଆ ମନ୍ଦିରକୁ ଧାଇଁଲୁ । ସ୍ୱାମୀ ଠିକ୍ ସେତେବେଳେ କହୁଥାନ୍ତି ଯେ ସେ ନିକଟରେ ମାନ୍ଦ୍ରାଜ (ବର୍ତ୍ତମାନର ଚେନ୍ନାଇ) ବାରାଣାସୀ ଓ ଅଯୋଧ୍ୟା ଯାଇ ଫେରିଛନ୍ତି ଏବଂ ଭକ୍ତମାନଙ୍କୁ ତାଙ୍କର ସେହି ଯାତ୍ରା ସମ୍ବନ୍ଧରେ କିଛି କହିବେ । ସ୍ୱାମୀଙ୍କର ସେଦିନର ସମ୍ଭାଷଣର ସାଂରାଶ ନିମ୍ନରେ ଦିଆଗଲା ।

"ପ୍ରେମ ସ୍ୱରୂପଗଣ ! ମାନ୍ଦ୍ରାଜାର ଶ୍ରୀ ସତ୍ୟସାଇ ସମାଜର ବାର୍ଷିକୋତ୍ସବରେ ପୌରହିତ୍ୟ କରିବାପାଇଁ ମୋତେ ନିମନ୍ତ୍ରଣ ଆସିଥିଲା । ସେଦିନ ସେଠାରେ ବିପୁଳ ଜନ ସମାଗମ ହୋଇଥାଏ । ଉକ୍ତ ସଭାରେ ଉତ୍ତର ପ୍ରଦେଶର ରାଜ୍ୟପାଳ ଶ୍ରୀ ବୁର୍‌ଗୁଲା ରାମକ୍ରିଷ୍ଣ ରାଓ ତାଙ୍କର ପ୍ରାରମ୍ଭିକ ଭାଷଣରେ କହିଲେ ଯେ ଭୌତିକ ଓ ଆଧ୍ୟାତ୍ମିକ, ଉଭୟ ଦିଗରୁ ଭାରତ ଅଧିକରୁ ଅଧିକ ଦରିଦ୍ର ହୋଇ ଯାଉଛି । ସେ କହିଲେ ଯେ ବର୍ତ୍ତମାନଠାରୁ ଦେଶ ଏକ ଆଲୋକର ସନ୍ଧାନ ପାଇବ କାରଣ ସର୍ବଶକ୍ତିମାନ ଈଶ୍ୱର ଏଠାରେ ଅବତାର ଗ୍ରହଣ କରିଛନ୍ତି । ରାଓଙ୍କର ଉପରୋକ୍ତ ବକ୍ତବ୍ୟରେ ମୁଁ ଅସମ୍ମତି ପ୍ରକାଶ କଲି ଏବଂ କହିଲି ଯେ ଆର୍ଥିକ ଦୃଷ୍ଟିରୁ ଭାରତର ଲୋକମାନେ ବର୍ତ୍ତମାନ ଗରିବ ହେଲେ ହେଁ ଭାରତ କେବେ ଗରିବ ଦେଶ ହେବ ନାହିଁ । ଆଧ୍ୟାତ୍ମିକତାରେ ଭାରତ ସର୍ବଦା ଏକ ମାର୍ଗଦୀପିକା ହୋଇ ଆସିଅଛି । ଆମ୍ବ ଖାଇବାପରେ ତୁମେ ଯେତେବେଳେ ହାକୁଟି ମାର ସେତେବେଳେ ଆମ୍ବର ସୁବାସ ଅନୁଭବ କରିଥାଅ । ସେହିଭଳି ଭାରତବର୍ଷରୁ ଆଧ୍ୟାତ୍ମିକତାର ସୁଗନ୍ଧ ଏ ଯାଏଁ ଦୂର ହୋଇ ନାହିଁ । ଭାରତର ହୃତ ଗୌରବକୁ ଫେରାଇ ଆଣିବାପାଇଁ ସାମାନ୍ୟ ଆଲୋକ ଦରକାର ।

"ଆମ ସଂସ୍କୃତିର ସାରକୁ ନଷ୍ଟ କରି ଦେଉଥିବା ସମସ୍ତ ମନ୍ଦ ଶକ୍ତିର ମୂଳୋତ୍ପାଟନ କରିବାକୁ ହେବ । ସମସ୍ୟାର ଉପର ଉପର ଉପଚାର କଲେ ତାହା ବିଶେଷ ଫଳପ୍ରଦ ହେବନାହିଁ । ହାତୀ ଯେଉଁଭଳି ତା'ର ଶୁଣ୍ଡଗଛର ମୂଳରେ ଗୁଡ଼ାଇ ଗଛକୁ ଓପାଡ଼ି ଦିଏ, ମୋତେ ସେହି ଭଳି ସମସ୍ୟାକୁ ତା'ର ମୂଳରୁ ଓପାଡ଼ିବାକୁ ହେବ । ସମଗ୍ର ଦେଶ ଏହି ଆଲୋକରେ ଦେଦୀପ୍ୟମାନ ହୋଇ ଉଠିବ । ମୁଁ ଯେଉଁଠାକୁ ଗଲି ସେଠାରେ ଲୋକମାନଙ୍କର ଭକ୍ତି ଓ ଶ୍ରଦ୍ଧା ମୋତେ ଯଥେଷ୍ଟ ଆନନ୍ଦ ଦେଲା । କେବଳ ଗଛର ଡାଳଗୁଡ଼ିକୁ ଝାଙ୍କି ଦେଲେ ମୁଁ ସେଥିରେ ସନ୍ତୁଷ୍ଟ ହୁଏ ନାହିଁ । ଦୁଃସାଧ୍ୟ ରୋଗର ଦୂରଗାମୀ ଉପଚାର ଦରକାର ।"

"ରାମକୃଷ୍ଣ ରାଓଙ୍କର ଭକ୍ତି ଓ ପ୍ରପତ୍ତି ପ୍ରଶଂସନୀୟ ଅଟେ । ଏହା ଅନ୍ୟମାନଙ୍କର ଅନୁସରଣଯୋଗ୍ୟ ଏକ ଆଦର୍ଶ । ତାହା ବ୍ୟତୀତ ମୁଁ ଯେଉଁଠାକୁ ଯାଉଥାଏ ସେଠାକୁ ମୋ ସଙ୍ଗେ ବରିଷ୍ଠ ମିଲିଟାରୀ ଅଫିସର ଜେନେରାଲ ତିମୟା, ଶ୍ରୀ କୋଠାରୀ ଓ ଶ୍ରୀ ତୋହରା ମଧ୍ୟ ଭକ୍ତି ସହକାରେ ଆସୁଥାନ୍ତି । ଏମାନଙ୍କର ଅଜସ୍ର ଧନ ଓ ଅଖଣ୍ଡ କ୍ଷମତା ରହିଛି, ପରିବାରରେ ସୁଖ ସମୃଦ୍ଧିର ଅଭାବ ନାହିଁ । ସମାଧାନ କରିବାପାଇଁ କିଛି ସମସ୍ୟା ନାହିଁ ବା ଚରିତାର୍ଥ କରିବାପାଇଁ କିଛି କାମନା ନାହିଁ । ଏମାନେ ନିର୍ଦ୍ଧାରିତ ସମୟର ପୂର୍ବରୁ ହିଁ ଚାକିରୀରୁ ଅବସର ଗ୍ରହଣ କରି ସାଇ ସେବାରେ ନିଜକୁ ଉତ୍ସର୍ଗ କରିବାପାଇଁ ପ୍ରସ୍ତୁତ ଅଛନ୍ତି । ଯେହେତୁ ଦେଶ ବର୍ତ୍ତମାନ ଏକ ବିଷମ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି, ମୁଁ ସେମାନଙ୍କୁ ତାହା ନ କରିବାପାଇଁ କହିଲି । ମୁଁ ସେମାନଙ୍କୁ କହିଲି, 'ମୋତେ ସ୍ମରଣ କର ଓ ତୁମର କର୍ତ୍ତବ୍ୟ କରିଯାଅ ।" ସେମାନେ କହିଲେ, "ସ୍ୱାମୀ ଆପଣ ଆମ ପଛରେ ଅଛନ୍ତି, ଆମର ଆଉ ଭୟ କରିବାର କିଛି ନାହିଁ । ଆମେ ଚୀନ୍‌ର ଆକ୍ରମଣକୁ ନିର୍ଭୟରେ ମୁକାବିଲା କରିବୁ ।" କାୟା ସଙ୍ଗେ ଛାୟା ଭଳି ସେମାନେ ମୋ ସଙ୍ଗେ ରହିଥାନ୍ତି। ମୋ ସହିତ ଆସିଥିବା ଅନ୍ୟ ଭକ୍ତମାନେ ଏଥିରୁ କିଛି ଶିକ୍ଷା କରନ୍ତୁ ବୋଲି ମୁଁ ଚାହୁଁଥିଲି । ନିଷ୍କାମ କର୍ମ ହିଁ ନିଷ୍କାମ କର୍ମର ଫଳ ।

"କାଶୀକୁ ଯାଇ ମୁଁ ଦେଖିଲି ଭଗବାନ୍ ଶିବଙ୍କ ଦର୍ଶନ ପାଇଁ ଭକ୍ତମାନେ ମନ୍ଦିରର ଚାରିଦ୍ୱାର ଦେଇ ପ୍ରବେଶ କରୁଛନ୍ତି । ଶିବଲିଙ୍ଗକୁ ପୃଷ୍ଠରୁ ଦର୍ଶନ କରିବା ଯେହେତୁ ଅନୁଚିତ, ଲିଙ୍ଗର ମୁଖକୁ ସୂଚାଇବା ପାଇଁ ମୁଁ ସେଠାରେ ହାରରେ ଝୁଲୁଥିବା ଏକ ପଦକ ସୃଷ୍ଟି କଲି । ପଦକରେ ପ୍ରଥମ ଧାରରେ ହୀରା, ଦ୍ୱିତୀୟଧାରରେ ପଦ୍ମରାଗ ମଣି ଓ ତୃତୀୟ ଧାରରେ ବିଲ୍ୱପତ୍ରର ଆକରରେ ସବୁଜ ରଙ୍ଗର ପଥର ଶୋଭା ପାଉଥାଏ । ପଦକର ଶୀର୍ଷଭାଗରେ "ଓଁ" ଅକ୍ଷର ଖୋଦିତ ହୋଇଥାଏ । ମୁଁ ସେଠାକାର ଅର୍ଚ୍ଚକଙ୍କୁ ପଦକକୁ ଲିଙ୍ଗର ସେଇ ସମ୍ମୁଖ ଭାଗରେ ଲଗାଇ ଦେବାକୁ କହିଲି ଏବଂ ଲୋକମାନଙ୍କୁ କେବଳ ସେହି ଦିଗରୁ ଲିଙ୍ଗପୂଜା କରିବାକୁ ଉପଦେଶ ଦେଲି । ରାମକୃଷ୍ଣ ରାଓ ସମସ୍ତଙ୍କୁ ମୁଁ କହିବା ଅନୁଯାୟୀ ପୂଜା ପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ନିର୍ଦ୍ଦେଶ ଦେଲେ । ମୁଁ ତାପରେ ବିଭୂତି ଓ ଚନ୍ଦନ ସୃଷ୍ଟି କରି ଲିଙ୍ଗରେ ଲେପନ କଲି । ଉପରେ ଝୁଲୁଥିବା

କଳସକୁ ମୁଁ ହାତରେ ସ୍ପର୍ଶ କରିବା ମାତ୍ରକେ ସେଥିରୁ ଗଙ୍ଗା ନିରବଚ୍ଛିନ୍ନଭାବେ ବହିବା ଆରମ୍ଭ ହେଲା । ସେଠାକାର ପଣ୍ଡାମାନେ ଏଥି ଯୋଗୁଁ ବିବାଦ ସୃଷ୍ଟି ହେବ ବୋଲି ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଥାନ୍ତି, କାରଣ ଉକ୍ତ ପାତ୍ରରେ ସବୁଦିନ ଗଙ୍ଗାଜଳ ଭରିବାର ଦାୟିତ୍ୱ ଓ ଅଧିକାର କେବଳ ଏକ ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ଦିଆଯାଇଥାଏ । କାହାକୁ ଅପମାନିତ କରିବା ଯେହେତୁ ମୋର ଉଦ୍ଦେଶ୍ୟ ନୁହଁ, ମୋ ଯୋଗୁ କୌଣସି ବିବାଦ ସୃଷ୍ଟି ହେବା ମୁଁ ଚାହୁଁ ନଥିଲି। ତେଣୁ ଗଙ୍ଗାର ସେହି ପ୍ରବାହକୁ ମୁଁ ବନ୍ଦ କରିଦେଲି । ମୁଁ ଅନ୍ନପୂର୍ଣ୍ଣାଙ୍କ ଭାଲପଟର ଶୋଭା ପାଇଁ ଆଉ ଏକ ହୀରକ ସୃଷ୍ଟି କଲି । ମୋର ଏତାଦୃଶ କର୍ମର ଔଚିତ୍ୟକୁ ନେଇ ପୁଣି ଯେତେବେଳେ ପ୍ରଶ୍ନ ହେଲା ମୁଁ ସେହି ହୀରାମଣିକୁ ଏକ ଅଙ୍ଗୁଷ୍ଠିରେ ରୂପାନ୍ତରିତ କରି ତାହା ରାମକୃଷ୍ଣ ରାଓଙ୍କ ଆଙ୍ଗୁଠିରେ ପିନ୍ଧେଇ ଦେଲି । କାଶୀ ଓ ଉତ୍ତରଭାରତର ଅନ୍ୟାନ୍ୟ ସ୍ଥାନରେ ଅନେକ ସନ୍ନ୍ୟାସୀ ଓ ଗୃହସ୍ଥ "ରାମ, ରାମ" ମନ୍ତ୍ର ଉଚ୍ଚାରଣ କରି ଚାଲିଥା'ନ୍ତି । ଏଭଳି ପୁଣ୍ୟ ସ୍ଥାନମାନଙ୍କରେ ନିବିଷ୍ଟ ଚିତ୍ତରେ ମନ୍ତ୍ର ଉଚ୍ଚାରଣ ନ' କଲେ ମଧ୍ୟ ମନ୍ତ୍ରୋଉଚ୍ଚାରଣର ଶକ୍ତିକୁ ଅନୁଭବ କରି ହୁଏ । ତୁମେ ହୁଏତ ପଚାରିବ 'ଏହା କ'ଣ ସମ୍ଭବ ?' ତୁମେ ଜାଣିବା ଅବସ୍ଥାରେ ହେଉ ବା ଅଜାଣତରେ ହେଉ ଅଗ୍ନିକୁ ସ୍ପର୍ଶ କରିବା ମାତ୍ରକେ ତାହ ଯେପରି ଦହନ କରେ, ପବିତ୍ର ସ୍ଥାନରେ ମନ୍ତ୍ର ଉଚ୍ଚାରଣ କଲେ ତାହାର ତାଦୃଶ ଫଳ ମିଳିଥାଏ । ଏହି ଉଦ୍ଦେଶ୍ୟରେ ତୁମର ପୂର୍ବଜମାନେ ତୀର୍ଥସ୍ଥାନକୁ ବିଶେଷ ଗୁରୁତ୍ୱ ଦେଉଥିଲେ ।"

"ଅଯୋଧ୍ୟାରେ ଶହ ଶହ ସଂଖ୍ୟାରେ ସନ୍ୟାସୀମାନଙ୍କର ମଠ ରହିଛି । ସବୁ ମଠର ଅନ୍ତେବାସୀମାନେ ଯଦି ଗୋଟିଏ ଧାଡ଼ିରେ ଶୋଭଯାତ୍ରା କରନ୍ତି, ତେବେ ଧାଡ଼ିଟି ମାଇଲେ ଯାଏ ଲମ୍ବିଯିବ । ସେମାନେ ସମସ୍ତେ ସମ୍ମିଳିତ ଭାବେ ମୋତେ ସ୍ୱାଗତ ଜଣାଇଲେ ଏବଂ ଭକ୍ତିପୂତ ଚିତ୍ତରେ ମୋର ସତ୍କାର କଲେ । ମୋତେ ଓ ମୋର ଭକ୍ତମାନଙ୍କୁ ସୁଗନ୍ଧ ଲେପନ କରିବା ସହ ସେମାନେ ଆମକୁ ସୁବାସିତ ଜଳରେ ଭିଜା ପୁଷ୍ପମାଲ୍ୟ ଅର୍ପଣ କଲେ । ପ୍ରସାଦ ମଧ୍ୟ ସୁଗନ୍ଧରେ ମହକି ଉଠୁଥାଏ । ମୁଁ ସେମାନଙ୍କୁ କହିଲି ଯେ ସନ୍ୟାସୀମାନେ ଏଭଳି ସାଂସାରିକ ସମ୍ଭୋଗରୁ ନିବୃତ୍ତ ହେବା ଉଚିତ । ସେମାନେ କହିଲେ 'ସ୍ୱାମୀ, ଆପଣ ଏ କ'ଣ କହୁଛନ୍ତି ? ସଂସାର ଆଜି ପୂତିଗନ୍ଧମୟ । ଏହି ଦୁର୍ଗନ୍ଧକୁ ଦୂର କରିବାପାଇଁ ସୁଗନ୍ଧ ଦରକାର । ଈଶ୍ୱରଙ୍କୁ ସୁଗନ୍ଧ ନ ଦେଇ ଆଉ କାହହାକୁ ଦିଆଯିବ ।" ପୁଟ୍ଟପର୍ତ୍ତିରେ ମଧ୍ୟ କେତେକ ଲୋକ ସେମାନଙ୍କ ମଥାରେ ସୁଗନ୍ଧି ଲଗାଇ ମୋର ପାଦ ନମସ୍କାର କରନ୍ତି । ସ୍ୱାମୀଙ୍କ ପାଦରେ ସେହି ସୁବାସ ଲାଗିଯାଏ । ସୁବାସିତ ଦ୍ରବ୍ୟ ବ୍ୟବହାର କରୁ ନଥିବା ଭକ୍ତମାନେ ଯେତେବେଳେ ସ୍ୱାମୀଙ୍କୁ ପାଦ ନମସ୍କାର କରନ୍ତି, ସେମାନେ ଭାବନ୍ତି ଯେ ସ୍ୱାମୀ ତାଙ୍କ ପାଦରେ କୌଣସି ସୁବାସିତ ଅତର ଲଗାଇଥା'ନ୍ତି । ଅଯୋଧ୍ୟାର ସନ୍ୟାସୀମାନେ ମୁଁ ବାରଣ କରିବା ସତ୍ତ୍ୱେ ମୋ ଦେହରେ ସୁଗନ୍ଧି ଲଗାଇଲେ । ଆଉ ଏଠାରେ ତୁମେମାନେ ଭାବୁଛ ଯେ ମୁଁ ସୁଗନ୍ଧି ବୋଳିହୁଏ ।"

"ଅଯୋଧ୍ୟାରେ ସନ୍ୟାସୀମାନେ କୌଣସି ଏକ ମନ୍ଦିରରେ ଏକ ସଭାର ଆୟୋଜନ କରିଥାନ୍ତି । ସେହି ମନ୍ଦିର ମଧ୍ୟରେ ଥିବା ଏକ ବିଗ୍ରହରେ ସ୍ୱୟଂ ରାମଚନ୍ଦ୍ର ହନୁମାନଙ୍କୁ ରାଜା ରୂପେ ଅଭିଷିକ୍ତ କରୁଥାନ୍ତି । ଫେରିବା ବାଟରେ ରାମକୃଷ୍ଣ ରାଓ ମୋତେ ପଚାରିଲେ ଯେ ସତେ କ'ଣ ରାମଚନ୍ଦ୍ର କେବେ ହନୁମାନଙ୍କର ରାଜ୍ୟାଭିଷେକ କରିଥିଲେ, କାରଣ ସେ ଏକଥା କେଉଁଠାରେ ପଢ଼ିନାହାନ୍ତି । ମୁଁ କହିଲି ଯେ ଏହା ସତ୍ୟ କାରଣ ଯେଉଁଠାରେ ହନୁମାନ ରହନ୍ତି, ସେଠାରେ ରାମନାମର ପ୍ରସାର ଘଟେ । ସେଭଳି ଜଣେ ଭକ୍ତି ଯଦି ରାଜା ହୁଅନ୍ତି, ତେବେ ସାରା ରାଜ୍ୟରେ ରାମନାମ ପ୍ରତିଧ୍ୱନିତ ହେବ । ତେଣୁ ରାମ, ହନୁମାନଙ୍କୁ ରାଜା ରୂପେ ଅଭିଷିକ୍ତ କରିଥିଲେ ।"

"ରାଜ୍ୟାଭିଷେକ ସମୟରେ ଉପସ୍ଥିତ ସମସ୍ତଙ୍କ ଉପରେ ରାମ ତାଙ୍କ କୃପା ବର୍ଷଣ କରିଥିଲେ । ସେଦିନ ସେଠାରେ ବଶିଷ୍ଠ ଓ ବିଶ୍ୱାମିତ୍ର ମଧ ଉପସ୍ଥିତ ଥା'ନ୍ତି । ସେ ପ୍ରତ୍ୟେକଙ୍କୁ କିଛି ନା କିଛି ଉପହାର ଦେଲେ ଏବଂ କାହାକୁ ତାଙ୍କର ଅଭୟ ହସ୍ତଦ୍ୱାରା, ଅନ୍ୟ କାହାକୁ ତାଙ୍କର କଟାକ୍ଷଦ୍ୱାରା ଓ କାହାଙ୍କୁ ତାଙ୍କର ମନ୍ଦହାସ ଦ୍ୱାରା ଆଶୀର୍ବାଦ କଲେ ।"

"କେବଳ ହନୁମାନ କୌଣସି ଦ୍ରବ୍ୟକୁ ଉପହାର ସ୍ୱରୂପ ଗ୍ରହଣ କରିବାପାଇଁ ରାଜି ନ'ଥାନ୍ତି । ରାମ ହନୁମାନଙ୍କୁ ସେ କିଛି ଉପହାର ନ ନେବାର କାରଣ ପଚାରିଲେ । ହନୁମାନ କହିଲେ, "ସ୍ୱାମୀ, ଆପଣ ସର୍ବଜ୍ଞ ଓ ସର୍ବଶକ୍ତିମାନ୍ ହୋଇ ମଧ ସୀତାଙ୍କୁ ହରେଇଲେ ଏବଂ ମୋତେ ମା ସୀତାଙ୍କୁ ଠାବ କରିବାପାଇଁ ପଠାଇଲେ । ଏହା ପଛରେ ଯେ କି ରହସ୍ୟ ରହିଛି ତାହା ମୁଁ ଏଯାଏଁ ବୁଝି ନାହିଁ । କୃପା କରି ମୋତେ ତାହା ବୁଝେଇ ଆତ୍ମଜ୍ଞାନ ପ୍ରଦାନ କରନ୍ତୁ । ଶ୍ରୀରାମ କହିଲେ, "ନିର୍ଗୁଣ ବ୍ରହ୍ମଙ୍କ ମଧରେ ମୂଳ ପ୍ରକୃତି ଥାଏ । ଏହି ମୂଳ ପ୍ରକୃତିକୁ ମାୟା କୁହାଯାଏ ଯାହା ମଣିଷକୁ ବନ୍ଧନ ମଧ୍ୟରେ ପକାଏ ଓ ଅନ୍ଧ କରିଦିଏ । ମାୟା ଏ ସମସ୍ତ ସ୍ଥୁଳ ଦେହକୁ ସୃଷ୍ଟି କରି, ରାମ, ସୀତା, ହନୁମାନ ଆଦି ନାମରେ ନାମିତ ଏହି ଦେହମାନଙ୍କ ମଧ୍ୟରେ ସୂକ୍ଷ୍ମରୂପରେ ପ୍ରବେଶ କରିଥାଏ । ମୂଳ ପୁରୁଷଙ୍କର କୌଣସି ଆକାର ନ'ଥାଏ ଓ ସେ ଜଡ଼ । ଏଭଳି ପରିସ୍ଥିତିରେ ମୂଳ ପୁରୁଷ ସ୍ଥୁଳ ରୂପରେ କିଭଳି ପ୍ରତିଭାତ ହେବେ ? ରାମ ମଧ ପୁରୁଷ ନୁହଁ । ସେ ପ୍ରକୃତି ପୁରୁଷଙ୍କୁ କ'ଣ ଚର୍ମନେତ୍ର ଦେଇ ଦେଖିବା କେବେ ସମ୍ଭବ ? ମୁଁ ଯାହା କହୁଛି ତାହାର ସତ୍ୟତାର ପ୍ରମାଣ ତୁମେ ସୀତାଙ୍କୁ ପଚାରିଲେ ଜାଣିପାରିବ ।" ଏଥର ହନୁମାନ ସୀତାଙ୍କୁ ଚାହିଁ ପ୍ରଶ୍ନ କଲେ, 'ମା, ଏହା କ'ଣ ସତ ?" ସୀତା କହିଲେ "ହଁ ହନୁମାନ । ରାମାୟଣ ଏକ ଅଭିନୟ ଯାହାର ସ୍ରଷ୍ଟା ମୁଁ ନିଜେ । ମୁଁ ହିଁ ରାମ, ମୁଁ ହିଁ ସବୁକିଛି । ସ୍ଥୁଳ ରୂପରେ ସବୁ ଭିନ୍ନ ହେଲେ ହେଁ, ସୂକ୍ଷ୍ମ ରୂପରେ ସବୁ ଏକ ଓ ଅନନ୍ୟ । ତାହା ହିଁ ପ୍ରକୃତି । ଆତ୍ମା ପ୍ରକୃତି ଅପେକ୍ଷା ମଧ ସୂକ୍ଷ୍ମତର ।"

ସପ୍ତଦଶ ଅଧ୍ୟାୟ

ଶ୍ରୀ ସତ୍ୟସାଇ ସେବା ସମିତି ଜନ୍ମନେଲା

ସେବା ହିଁ ଉପାସନା । ତୁମେ କରୁଥିବା ପ୍ରତ୍ୟେକଟି ସେବାକାର୍ଯ୍ୟ ପ୍ରଭୁଙ୍କ ଚରଣ କମଳରେ ସମର୍ପିତ ଏକ ପୁଷ୍ପ, କିନ୍ତୁ ସେହି କାର୍ଯ୍ୟ ଯଦି ଅହଙ୍କାର ଦ୍ୱାରା କଳୁଷିତ ହୁଏ ତେବେ ତାହା ଏକ କୀଟଦ୍ରଂଷ୍ଟ ପୁଷ୍ପକୁ ଈଶ୍ୱରଙ୍କଠାରେ ନିବେଦନ କଲା ଭଳି ହେବ ।

– ଶ୍ରୀ ସତ୍ୟସାଇ ବାବା

୧୯୬୧ର ଦଶହରା ଉତ୍ସବ ସାଇଯୁଗର ଇତିହାସରେ ଉଲ୍ଲେଖନୀୟ ହୋଇ ରହିବ । ସେହି ବର୍ଷ ପ୍ରଥମ ଥର ପାଇଁ ବେଦ ପୁରୁଷ ସପ୍ତାହ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଥାଏ । ସେବେଠାରୁ ପୁଟ୍ଟପର୍ତ୍ତିର ଦଶହରା ଉତ୍ସବରେ ଏହି ଯଜ୍ଞ ନିୟମିତଭାବେ ଅନୁଷ୍ଠିତ ହୋଇ ଆସୁଛି । ସପ୍ତାହବ୍ୟାପୀ ଅନୁଷ୍ଠିତ ଏହି ଯଜ୍ଞର ଅନ୍ତିମ ଦିବସରେ ସ୍ୱାମୀ ବେଦପୁରୁଷ ଭାବେ ଆବିର୍ଭୂତ ହୋଇ ବିଶ୍ୱ କଲ୍ୟାଣ ନିମନ୍ତେ ଯଜ୍ଞାହୁତି ସମୟରେ ଯଜ୍ଞ କୁଣ୍ଡ ମଧ୍ୟକୁ ନବବିଧ ଶସ୍ୟ ଓ ନବରତ୍ନ ସୃଷ୍ଟି କରି ନିକ୍ଷେପ କରିଥା'ନ୍ତି । ୧୯୬୧ ମସିହା ଶ୍ରୀ ସତ୍ୟ ସାଇ ସେବା ସଙ୍ଗଠନ ପାଇଁ ମଧ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ଥିଲା । ପୂର୍ଣ୍ଣାହୁତି ପରେ ସ୍ୱାମୀ ମନ୍ଦିରକୁ ଆସି ସେଠାରେ ସମାବିଷ୍ଟ ବିଶାଳ ଜନସମୂହକୁ ଉଦ୍‌ବୋଧନ ଦେବା ଅବସରରେ ଘୋଷଣା କଲେ, "ମୁଁ ଏକ ସେବା ସମିତି ଆରମ୍ଭ କରିବାକୁ ଯାଉଛି । ଯେଉଁମାନେ ଏହି ସମିତିର ସଭ୍ୟ ହୋଇ ନିଃସ୍ୱାର୍ଥ ସେବା କରି ଚାଲିବେ ସେମାନେ ଜନ୍ମ-ମୃତ୍ୟୁର ଆବର୍ତ୍ତରୁ ଉଦ୍ଧାର ପାଇବେ । ଖାଲି ସେତିକି ନୁହଁ, ସେମାନଙ୍କର ନାତି, ଅଣନାତି ଓ ପଣନାତି ଯାଏଁ ସମସ୍ତେ ସଂସାର ପାଶରୁ ଉଦ୍ଧାର ପାଇବେ, କିନ୍ତୁ ମୁଁ ସେମାନଙ୍କର କଠିନ ପରୀକ୍ଷା କରିବି ଏବଂ ଦେଖିବି କେତେଜଣ ମୋର ସେହି ପରୀକ୍ଷାର ସମ୍ମୁଖୀନ ହୋଇ ଶେଷରେ ବିଜୟ ଲାଭ କରି ପାରୁଛନ୍ତି ।"

୧୯୬୮ ସାଲ୍‌ରେ ବମ୍ବେ (ବର୍ତ୍ତମାନର ମୁମ୍ବାଇ) ଠାରେ ଅନୁଷ୍ଠିତ ଶ୍ରୀ ସତ୍ୟସାଇ ସେବା ସମିତିର ସର୍ବଭାରତୀୟ ସମ୍ମିଳନୀରେ ମୁଁ ଓ ମୋର ସ୍ୱାମୀ ଯୋଗ ଦେଇଥାଉ । ଉକ୍ତ ସମାବେଶରେ ଉଦ୍‌ବୋଧନ ଦେଇ ସ୍ୱାମୀ କହିଲେ, "ସତ୍ୟ ସାଇ ଟଙ୍କା ପଇସାକୁ ନେଇ କିଛି କରିବାର ନାହିଁ । ତୁମ ଧନ-ସମ୍ପତ୍ତିକୁ ସେ ବିଚାରକୁ ନିଅନ୍ତି ନାହିଁ । ସେ ଦେଖିଥାନ୍ତି ତୁମ ଭିତରେ ଥିବା ଗୁଣ ଓ ତୁମ ଭିତରର ମନକୁ । ଗୋଟିଏ

ଭଜନ ମଣ୍ଡଳୀ ବା ପାଠଚକ୍ର ବା ବାଳବିକାଶ ପରିଚାଳନା ନିମନ୍ତେ ଅର୍ଥ ଆବଶ୍ୟକ ନୁହଁ । ଅର୍ଥ ଜଗତର ସର୍ବସ୍ୱ ନୁହଁ । ସେବା ହିଁ ସଂସାରର ସର୍ବଶ୍ରେଷ୍ଠ ସମ୍ପଦ । କୌଣସି କାର୍ଯ୍ୟକୁ ମିଳିମିଶି, ମନପ୍ରାଣ ଦେଇ କଲେ ଅର୍ଥର ପ୍ରୟୋଜନ ହିଁ ରହେ ନାହିଁ । ସେବା ସମିତି ହେଲା ବୁଢ଼ା ଆଙ୍ଗୁଠି, ସେବାଦଳ ହେଲା ମଝି ଆଙ୍ଗୁଠି, ବାଳ ବିକାଶ ହେଲା ଅନାମିକ ଆଙ୍ଗୁଠି ଓ ଭଜନ ମଣ୍ଡଳୀ ହେଲା କାଣି ଆଙ୍ଗୁଠି । ଏହି ପାଞ୍ଚୋଟି ପରସ୍ପରକୁ ସାହାଯ୍ୟ ଓ ସହଯୋଗ କରିବା ଆବଶ୍ୟକ । ସମିତିର ସଭ୍ୟମାନଙ୍କ ମଧ୍ୟରେ ତଥା ଏକ ସମିତି ଓ ଅନ୍ୟ ଏକ ସମିତି ମଧ୍ୟରେ ସଦ୍‌ଭାବ ରହିବା ଉଚିତ୍, କାରଣ ଏ ସମସ୍ତ ଏକ ଶରୀରର ଭିନ୍ନ ଭିନ୍ନ ଅଙ୍ଗ ମାତ୍ର ।”

ସେଦିନ ସ୍ୱାମୀ ଯେଉଁ ସମିତିର ଶୁଭାରମ୍ଭ କରିଥିଲେ ତାହା ଆଜି ପୃଥିବୀର ଏକଶହ ଚଷଠିଟି ଦେଶକୁ ନେଇ ଏକ ବିଶ୍ୱବ୍ୟାପୀ ସଙ୍ଗଠନର ପରିଣତ ହୋଇଛି ।

ଅଷ୍ଟାଦଶ ଅଧ୍ୟାୟ

କର୍ଣ୍ଣାଟକ ଗସ୍ତ

ଯିଏ ଆଡ଼ମ୍ବରକୁ ଭଲ ପାଏ, ଅହଙ୍କାରରେ ସ୍ଫିତ ହୁଏ
ଏବଂ ଅସୂୟାଦ୍ୱାରା କବଳିତ ହୁଏ, ତାହାକୁ କୌଣସି
ମାପକାଠିରେ ଭକ୍ତ କୁହାଯିବ ନାହିଁ ।

–ଶ୍ରୀ ସତ୍ୟସାଇ ବାବା

ସ୍ୱାମୀ ୧୯୬୨, ମାର୍ଚ୍ଚ ୨୫ ତାରିଖ ଦିନ ମହୀଶୂର ଆସି ଶ୍ରୀ ରାମଚନ୍ଦ୍ର ସେଟ୍ଟିଙ୍କ ଘରେ ରହିଥା'ନ୍ତି । ସେଦିନ ସ୍ୱାମୀଙ୍କ ଆଖି ଦୁଇଟି ଛୋଟ ଓ ଲାଲ ଦିଶୁଥାଏ, ଦେଖିଲେ ମନେ ହେଉଥାଏ ସେ ବେଶ୍ ଥକି ଯାଇଛନ୍ତି । କକ୍ଷ ମଧ୍ୟକୁ ପ୍ରବେଶ କରିବା ସମୟରେ ସେ କିଛି କଷ୍ଟ ଅନୁଭବ କଲାଭଳି ମନେ ହେଉଥାନ୍ତି । ବସିବା ସମୟରେ ଆଣ୍ଠୁ ଦୁଇଟି ଉପରେ ହାତ ଦେଇ ବସୁଥା'ନ୍ତି ।

ସେଟ୍ଟିଙ୍କ ପୂଜାଗୃହ ମଧ୍ୟରେ ବସି ଆମେ ସ୍ୱାମୀଙ୍କୁ ଲକ୍ଷ୍ୟ କରୁଥାଉ । ଶ୍ରୀଚିନ୍ନପା ଗଉଡ଼ାଙ୍କ ନିମନ୍ତ୍ରଣ ରକ୍ଷା କରି ସ୍ୱାମୀ ଏଇମାତ୍ର, ନାଲୁର୍, ତୀର୍ଥହଲ୍ଲି, ମାଙ୍ଗାଲୋର, ତୁମ୍‌କୁର୍ ଭଦ୍ରାବତୀ ଏବଂ କର୍ଣ୍ଣାଟକର ଅନ୍ୟ କେତେକ ସ୍ଥାନକୁ ସୁଦୀର୍ଘ ଯାତ୍ରା କରି ଫେରିଥା'ନ୍ତି । ଖୁବ୍ କ୍ଳାନ୍ତ ମନେହେଉଥିଲେ ହେଁ ସେ ତାଙ୍କର କର୍ଣ୍ଣାଟକ ଯାତ୍ରା ସମ୍ବନ୍ଧରେ କହିବା ସମୟରେ ତାଙ୍କ କଣ୍ଠସ୍ୱରରେ ଅପୂର୍ବ ଉଲ୍ଲାସ ଲକ୍ଷ୍ୟ କରାଯାଉଥାଏ ।

ସ୍ୱାମୀ କହିଲେ, "ଝିଅ, ମୁଁ ବାଙ୍ଗାଲୋର ଓ ଅନ୍ୟ କେତେକ ସ୍ଥାନକୁ ଯାତ୍ରା କଲି । ସେ ସବୁ ସ୍ଥାନରେ ଲୋକମାନଙ୍କ ମଧ୍ୟରେ ପ୍ରକୃତରେ ଯଥେଷ୍ଟ ଶ୍ରଦ୍ଧା ଓ ଭକ୍ତି ରହିଛି । ମୋର ଆଗମନ ପାଇଁ ସେମାନେ ଚାରିମାସ ଆଗରୁ ସେମାନଙ୍କର ପ୍ରସ୍ତୁତି ଆରମ୍ଭ କରିଥାନ୍ତି । ସବୁ କିଛିର ସେମାନେ ସୁନ୍ଦର ବ୍ୟବସ୍ଥା କରିଥାନ୍ତି । ପେଣ୍ଡାଲ୍ ଖୁବ୍ ସୁନ୍ଦର ଦିଶୁଥାଏ । ଗୋଟିଏ ପେଣ୍ଡାଲରେ ହଜାର ହଜାର ଲୋକ ବସିବାର ବ୍ୟବସ୍ଥା ଥାଏ । ସାଜସଜ୍ଜା ଅତ୍ୟନ୍ତ ଚମତ୍କାର ହୋଇଥାଏ । ପ୍ରତ୍ୟେକ ଦିନ ନୂତନ ଭାବେ ସାଜସଜ୍ଜା ହେଉଥାଏ । କେବଳ ପେଣ୍ଡାଲ୍ ପାଇଁ ସେମାନେ ହୁଏତ ଆଠ ହଜାର ଟଙ୍କା ଖର୍ଚ୍ଚ କରିଥିଲେ, କିନ୍ତୁ ବାଙ୍ଗାଲୋର୍‌ର ଲୋକଙ୍କର ପଇସାର ଅଭାବ ନାହିଁ । ଯେଉଁମାନେ ଏସବୁ ଆୟୋଜନ କରିଥିଲେ ସେମାନେ ଥିଲେ ପଦସ୍ଥ ଅଧିକାରୀ, ବଡ଼ ବଡ଼ ସଂସ୍ଥାର ମାଲିକ୍ ଏବଂ ଅନେକ ଉଚ୍ଚ ଶିକ୍ଷିତ ବ୍ୟକ୍ତି । ଅନୁଷ୍ଠାନରେ ଯୋଗଦେଇଥିବା ପ୍ରତ୍ୟେକଙ୍କ ପାଇଁ ଭୋଜନର ବ୍ୟବସ୍ଥା ହୋଇଥାଏ ଏବଂ ଜଣେ ହେଲେ ବ୍ୟକ୍ତି ହୋଟେଲକୁ ଯାଇ

ଖାଇ ନ'ଥିଲେ । ରୋଷେଇ ପାଇଁ ପଚାଶ ଷାଠିଏ ଜଣ ରାନ୍ଧୁଣିଆଙ୍କୁ ଖଞ୍ଜା ଯାଇଥାଏ । ଅଫିସରଙ୍କଠାରୁ ଆରମ୍ଭ କରି କଲେଜ ଛାତ୍ର ପର୍ଯ୍ୟନ୍ତ ସମସ୍ତେ ମିଳିମିଶି ସବୁକାମ କରୁଥା'ନ୍ତି । ଲୋକ ଥଟ୍ଟାରେ କୁହାକୁହି ହେଉଥାନ୍ତି ଯେ ଯେଉଁମାନେ ଉତ୍ସବରେ ଯୋଗଦେବାକୁ ଆସିଛନ୍ତି ସେମାନଙ୍କର କେବଳ ଦୁଇଟି କାମ 'ବସ ଆଉ ଖାଅ' । ଏହା ମିଳିମିଶି କାମ କରିବାର ଏହା ଅନୁପମ ଦୃଷ୍ଟାନ୍ତ ଥିଲା । ଯେ କୌଣସି କାର୍ଯ୍ୟକୁ ଏହି ଭଳି କରିବା ଉଚିତ୍ ।"

ମୁଁ କହିଲି "ସ୍ୱାମୀ, ଆପଣ ସେମାନଙ୍କ ମନକୁ ଆକର୍ଷଣ କରିଥିଲେ । ତେଣୁ ସେମାନେ ସେଭଳି କାର୍ଯ୍ୟ କରିପାରିଲେ । ନଚେତ୍ ସେମାନେ କାହିଁକି ବା ଏମିତି କାର୍ଯ୍ୟ କରିଥାନ୍ତେ ?" ସ୍ୱାମୀ କହିଲେ, "ହଁ ତାହା ବି ଠିକ୍ କଥା । ମୁଁ ଯେହେତୁ ସେମାନଙ୍କୁ ଆକର୍ଷଣ କରିଥିଲି, ସେମାନେ ସେଭଳି କାର୍ଯ୍ୟ କରିପାରିଲେ । ଜାଗାଟି ଅସଂଖ୍ୟ କାର୍‌ରେ ଭର୍ତ୍ତି ହୋଇଯାଇଥାଏ । କାର୍‌ଗୁଡ଼ିକୁ ଗୋଟିଏ ଜାଗାରେ ରଖିବା ଏବଂ ଯିବା ସମୟରେ ଗାଡ଼ିଗୁଡ଼ିକୁ ବାହାର କରି ନେବା କାଠିକର ପାଠ ଥିଲା । ଉତ୍ସବ ଦେଖିବାରେ ସ୍ତ୍ରୀ ଲୋକମାନେ ଏମିତି ମଜ୍ଜି ଯାଇଥାନ୍ତି ଯେ ନିଜ ପିଲାପିଲିଙ୍କ କଥା ମଧ୍ୟ ଭୁଲିଯାଉଥାନ୍ତି । ହଜିଯାଇଥିବା ପିଲାମାନଙ୍କୁ ସେମାନଙ୍କର ମା-ବାପାଙ୍କ ପାଖରେ ପହଞ୍ଚେଇ ଦେବା ପାଇଁ ଦୁଇଘଣ୍ଟା ଧରି ଡାକବାଜି ଯନ୍ତ୍ରରେ ଘୋଷଣା ଚାଲିଥାଏ । ସେମାନଙ୍କ କାର୍ଯ୍ୟରେ ସତେ କେତେ ଆନ୍ତରିକତା ଥିଲା ! ଝିଅ ମୁଁ ସେଠାରେ ମୋର ସମ୍ଭାଷଣ ଦେଲି । ମୁଁ ତେଲୁଗୁରେ କହିଲି । ସେମାନେ ତେଲୁଗୁ ବୁଝୁ ନଥିବା ହେତୁମୋର ଭାଷଣରୁ କିଛି ବୁଝି ପାରିଲେ ନାହିଁ । ମୁଁ ଦୁଇଘଣ୍ଟା ଧରି ଭାଷଣ ଦେବା ସତ୍ତ୍ୱେ ସମସ୍ତେ ସମ୍ପୂର୍ଣ୍ଣ ନୀରବତା ମଧ୍ୟରେ ବସି ରହିଥାନ୍ତି, ସତେ ଯେପରି ମୁଁ ଯାହା କହୁଛି ସେମାନେ ସବୁ ବୁଝୁଛନ୍ତି । ମଝିରେ ଯେତେବେଳେ ମୁଁ କହିଲି ଯେ ମୋ ଭାଷା ସେମାନେ ବୁଝିପାରୁ ନ'ଥିବାରୁ ମୁଁ ମୋର ଭାଷଣ ବନ୍ଦ କରିବି, ସେମାନେ ମୋତେ ବନ୍ଦ ନ କରିବା ପାଇଁ ଅନୁରୋଧ କଲେ । ସେମାନେ କହୁଥା'ନ୍ତି ଯେ ମୁଁ ଯାହା କହୁଛି ସେମାନେ ବୁଝୁଛନ୍ତି । ଝିଅ, ଏହା କ'ଣ ଭକ୍ତି ନୁହଁ ? ଏହା କ'ଣ ତପସ୍ୟା ନୁହଁ ?"

ମୁଁ କହିଲି, "ହଁ ସ୍ୱାମୀ, ବୁଝି ନ' ପାରିଲେ ମଧ୍ୟ ସେମାନେ ଆପଣଙ୍କ ମୁଖରୁ ଆହୁରି ଶୁଣିବାକୁ ଚାହୁଁଥିଲେ । ସେମାନଙ୍କର ହିଁ ପ୍ରକୃତ ଭକ୍ତି ବୋଲି କୁହାଯିବ ।" ସ୍ୱାମୀ କହିଲେ, "ସେମାନଙ୍କ ଭକ୍ତି ଓ ଶ୍ରଦ୍ଧାରେ ମୁଁ ଅତ୍ୟନ୍ତ ପ୍ରୀତ । ମୋ ସମ୍ଭାଷଣ ଆଗରୁ ସେମାନେ ଅନ୍ୟ କାହାକୁ କହିବାକୁ ଦେଇନଥିଲେ । ସେମାନେ ଭାବୁଥିଲେ ଯେ ସ୍ୱାମୀଙ୍କ ଅପେକ୍ଷା ଅଧିକ ଭଲ ଆଉ କେହି କହି ପାରିବେ ନାହିଁ । ସ୍ୱାମୀଙ୍କ ସମ୍ଭାଷଣ ପରେ ମଧ୍ୟ ଆଉ କେହି କହିବା ସେମାନେ ଚାହୁଁ ନଥିଲେ । ସେମାନେ ଏକ ପୁଣ୍ୟାହବଚନ ପ୍ରଥମେ ଗାନ କରି ମୋତେ ମୋର ସମ୍ଭାଷଣ ଆରମ୍ଭ କରିବାକୁ ପ୍ରାର୍ଥନା କଲେ ।

ସ୍ୱାମୀ ତାଙ୍କର କଥା ଜାରି ରଖି କହିଲେ, "ଭଦ୍ରାବତୀର ଭକ୍ତମାନେ ଟେଲିଫୋନ୍ ଦ୍ୱାରା ଜାଣି ପାରିଲେ ଯେ ମୁଁ ଅଳ୍ପ ସମୟ ମଧ୍ୟରେ ତୁମ୍‌କୁର ଛାଡ଼ିବି' । ସେମାନେ ରାସ୍ତାର ଧାରରେ ଛିଡ଼ା ହୋଇ ଭଜନ ଗାନ କରୁଥାନ୍ତି । ଖାଲି ସେତିକି ନୁହଁ, ରାସ୍ତାରେ ଯାଉଥିବା ପ୍ରତ୍ୟେକ ଗାଡ଼ିକୁ ରୋକି ସେଥିରେ ସ୍ୱାମୀ ଅଛନ୍ତି କି ନାହିଁ ଦେଖି ଗାଡ଼ିଗୁଡ଼ିକୁ ଛାଡୁଥାନ୍ତି । ମୋ ଗାଡ଼ି ପହଞ୍ଚିବା ଯାଏ, ସେମାନେ ଏମିତି କରି ଚାଲିଥାନ୍ତି । ଭକ୍ତମାନେ ରାତି ୮ଟା ରୁ ପ୍ରାୟ ପାହାନ୍ତିଆ ତିନିଟା ଯାଏ ଭଜନ ଗାନ କରି ମୋ ପାଇଁ ଅପେକ୍ଷା କରିଥାନ୍ତି । ସେମାନଙ୍କୁ ଦେଖି ମୁଁ ଭାବୁଥାଏ ଯେ ମୋର ଯାତ୍ରା ସମ୍ବନ୍ଧରେ ଏମାନେ ଜାଣିଲେ କିପରି ? ସବୁ କିଛି ତ ମୁଁ ଗୋପନୀୟ ରଖିଥିଲି । ମୋତେ ଏହା ଆଶ୍ଚର୍ଯ୍ୟ ଲାଗିଲା । ସତରେ ସେମାନଙ୍କର କି ଭକ୍ତି ! ମୁଁ ଛଦ୍ମବେଶରେ ଗଲେ ବି ଲୋକେ ମୋତେ ଚିହ୍ନି ପାରିବେ । ତୁମେମାନେ ଜାଣିଛ, ମୁଁ ଯାତ୍ରା କରିବା ସମୟରେ ଗାଡ଼ିର ମଝିରେ ବସି ନଥାଏ । ତଥାପି କେହି ଯଦି ମୁଁ ଗାଡ଼ିରେ ବସିଥିବା ଠଉରେଇ ପାରେ, ସେ ଆଉ ଟିକିଏ ଭଲ ଦର୍ଶନପାଇବାପାଇଁ ଝରକା ଭିତରକୁ ଉଙ୍କି ଦେଖିବାକୁ ଚେଷ୍ଟାକରେ । ଝିଅ, କର୍ଣ୍ଣାଟ ଗସ୍ତ ମଧ୍ୟରେ, ମୁଁ ରାତିସାରା ଗାଡ଼ିରେ ଯାତ୍ରା କରିଥାଏ ଓ ଦିନସାରା ଭକ୍ତମାନଙ୍କୁ ଦର୍ଶନ ଦେଉଥାଏ ।" ମୁଁ କହିଲି "ସ୍ୱାମୀ ଆପଣ ସତରେ କେତେ ପରିଶ୍ରମ କରୁଛନ୍ତି ।"

ସ୍ୱାମୀ କହିଲେ, "ଗତକାଲି ସନ୍ଧ୍ୟା ୪ଟାରେ ମୁଁ ବାହାରିଲି ଓ ବାଟରେ କେଉଁଠି ନ ରହି ସିଧା ଏଠାକୁ ଆସିଲି । ବେଶ୍ କ୍ଳାନ୍ତ ହୋଇ ଯାଇଥିଲେ ହେଁ ମହୀଶୂର ନ ଆସି ଆଉ ଏକ ପାଖରାସ୍ତା ଦେଇ ସିଧା ବାଙ୍ଗାଲୋର୍ ଯିବାର ବାଟ ଜାଣିଥିଲେ ହେଁ, ଏଠାକାର ସମସ୍ତ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ମୁଁ ମହୀଶୂର୍ ଆସିଲି । ମୁଁ ଯଦି ହସନ୍ ଦେଇ ଯାଇଥାନ୍ତି ବାଟ କମ୍ ହୋଇଥାନ୍ତା । ଝିଅ, ଅନେକ ସମୟ ଧରି ଗାଡ଼ିରେ ବସି ରହିବା ଫଳରେ ମୋର ଆଣ୍ଠୁ ଦୁଇଟି ବଥା ହେଉଛି । ପାଦ ମଧ୍ୟ ବିନ୍ଧୁଛି । ଡ୍ରାଇଭର ଯେଭଳି ଗାଡ଼ି ଚଳେଇବା ସମୟରେ ଶୋଇ ନଯାଏ ସେଥି ପାଇଁ ମୁଁ ରାତି ପାହିବା ଯାଏ ତାକୁ ଛୋଟ ଛୋଟ କାହାଣୀ ଓ ଅନ୍ୟାନ୍ୟ ଅନେକ ବିଷୟ କହୁଥାଏ । ତା'ର ଆଖି ପଡ଼ିଗଲେ ଗାଡ଼ି ଭିତରେ ବସିଥିବା ସମସ୍ତେ ଘୋର ବିପଦରେ ପଡ଼ିବେ । ପୁଟ୍ଟପର୍ତ୍ତିରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ଇଣ୍ଟର୍ଭ୍ୟୁ ଦେବା ଫଳରେ ପାଦ ଦୁଇଟି ଆଉ ମୋ' ବଶରେ ନଥିଲା ଏବଂ ଗୋଡ଼ ଦୁଇଟିକୁ ମୁଁ ମୋଡ଼ି ପାରୁନଥିଲି । ବର୍ତ୍ତମାନ ଏତେ ସମୟ ଧରି କାର୍‌ରେ ବସିବା ଫଳରେ ଗୋଡ଼ ଦୁଇଟି ସବୁ ସମୟପାଇଁ ବଙ୍କି ଯାଇଛି ସତେଯେମିତି । ଲଗାତାର ଭାବେ ଗାଡ଼ିରେ ଯାତ୍ରା କରି ମୁଁ ହାଲିଆ ହୋଇ ଯାଇଛି । ତା' ପରେ ଏଠାରେ ସମସ୍ତ ଭକ୍ତଙ୍କୁ ଦର୍ଶନ ଦେବାପାଇଁ ମୁଁ ମହୀଶୂର ଆସିଛି ।"

ମୁଁ କହିଲି, 'ସ୍ୱାମୀ ଆମେ ଆପଣଙ୍କୁ ସବୁବେଳେ କଷ୍ଟ ଦେଉ ।' ସ୍ୱାମୀ କହିଲେ 'ନା, ତାହା ନୁହଁ। ମୁଁ କେବଳ ତୁମର ଆନନ୍ଦ ଚାହେଁ । ମୋର କ୍ଳାନ୍ତିକୁ ମୁଁ ଖାତିର୍

କରେ ନା ।' ମୁଁ କହିଲି, 'ସ୍ୱାମୀ ଯେଉଁମାନେ ଭଜନକୁ ଆସିଥିଲେ ସେମାନେ ଆପଣଙ୍କ ଦର୍ଶନ ପାଇଁ ଆତୁରଭାବେ ଚାହିଁ ରହିଛନ୍ତି ।' ସ୍ୱାମୀ କହିଲେ, 'ହଁ, ଏଠାରେ ମଧ୍ୟ ଶ୍ରଦ୍ଧାଳୁ ଭକ୍ତ ଅଛନ୍ତି ।" ମୁଁ କହିଲି 'ନୂତନ ଭାବେ ଆସିଥିବା କେତେକ କେବଳ ଆପଣଙ୍କ ଫଟୋ ଦେଖି ତୃପ୍ତ ହୋଇଯାଇଛନ୍ତି ।' ସ୍ୱାମୀ କହିଲେ, 'ତାହା ହିଁ ପ୍ରକୃତ ଭକ୍ତି । ବର୍ଷ ବର୍ଷ ଧରି ଯେଉଁମାନେ ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣର ସୁଯୋଗ ପାଉଛନ୍ତି ସେମାନଙ୍କ ଅପେକ୍ଷା ଏମାନେ ଉନ୍ନତ ସ୍ତରରେ ଅଛନ୍ତି । ଝିଅ, ପୂର୍ବକାଳରେ ଲୋକେ ଭୁଲରେ ଭାବୁଥିଲେ ଯେ ସେମାନେ ତପଆଚରଣ କରି ଏହି ଶରୀରକୁ କ୍ଳେଶ ଦେଇ ଈଶ୍ୱରଙ୍କୁ ପାଇଯିବେ ।"

ମୁଁ ପଚାରିଲି, 'ସ୍ୱାମୀ, ସେମାନେ କାହିଁକି ଏଭଳି କଷ୍ଟ ବରଣ କରୁଥିଲେ ? ଆପଣଙ୍କୁ ପାଇବାର ସହଜ ମାର୍ଗ ସେମାନେ କାହିଁକି ବୁଝିପାରିଲେ ନାହିଁ ।' ସ୍ୱାମୀ କହିଲେ "ଶରୀରକୁ କଷ୍ଟ ଦେଲେ ଈଶ୍ୱର ମିଳି ନ'ଥାନ୍ତି ।" କଠୋର ତପସ୍ୟା କରିବା ପରେ ସେମାନେ ବୁଝି ପାରିଲେ ଯେ ଶରୀରକୁ କଷ୍ଟ ଦେବା ଦ୍ୱାରା ନୁହଁ, ମନକୁ ଈଶ୍ୱରଙ୍କ ମଧ୍ୟରେ ଲୀନ କରିବା ଦ୍ୱାରା ଭଗବତ୍ ଉପଲବ୍ଧି ସମ୍ଭବ । ସେମାନେ ଶେଷରେ ବିଭୁନାମ ସ୍ମରଣର ମହୌଷଧି ଲାଭ କଲେ ଏବଂ ତୁମେମାନେ ସେହି ନାମସ୍ମରଣ କରି ତାହାର ଆନନ୍ଦ ଆସ୍ୱାଦନ କରିବ ବୋଲି ତୁମମାନଙ୍କ ପାଇଁ ତାହା ଛାଡ଼ି ଯାଇଛନ୍ତି । ତୁମମାନଙ୍କୁ ଏହି ମହୌଷଧି ପାନ କରିବାକୁ ହେବ । ଏହା ହିଁ ଈଶ୍ୱର ପ୍ରାପ୍ତିର ସହଜ ମାର୍ଗ ।"

ମୁଁ କହିଲି, 'ସ୍ୱାମୀ, ସେମାନେ ଏତେ କଠୋର ସାଧନା କରି ମଧ୍ୟ ତୁମକୁ ପାଇ ପାରିଲେ ନାହିଁ, ଅଥଚ ଆମେ ଏତେ ସହଜରେ ଆପଣଙ୍କୁ ପାଇଗଲୁ ।" ସ୍ୱାମୀ କହିଲେ, 'ହଁ ମୋତେ ଖୋଜି ପାଇବାପାଇଁ ସେମାନେ ଖୁବ୍ ପରିଶ୍ରମ କଲେ । ମୋ ଭକ୍ତମାନେ, ଭୋକ ହେଉ ବା ପେଟ ଭରିଥାଉ, ସୁଖରେ ଥାନ୍ତୁ ବା ଦୁଃଖରେ ଥାନ୍ତୁ- ସକଳ ପରିସ୍ଥିତିରେ ସେମାନଙ୍କ ମନକୁ ମୋ' ଉପରେ ନିବିଷ୍ଟ ରଖିଥାନ୍ତି । ପୁଟ୍ଟପର୍ତ୍ତିରେ ଲୋକମାନଙ୍କୁ ଲକ୍ଷ୍ୟ କର । ଏତେ ଲୋକ ପ୍ରଚଣ୍ଡ ରୌଦ୍ରରେ ମଧ୍ୟ ଗଛତଳେ ବସି କଷ୍ଟ ଭୋଗୁଥାନ୍ତି । ସେମାନଙ୍କୁ ସେଡ୍‌କୁ ଯାଇ ରହିବାପାଇଁ କହିଲେ, କହନ୍ତି ସେମାନେ ଗଛ ତଳେ ରହିଲେ ସ୍ୱାମୀ ଗୋଟିଏ ବଖରାରୁ ଆଉ ଗୋଟିଏ ବଖରାକୁ ଯିବା ସମୟରେ ତାଙ୍କୁ ଦର୍ଶନ କରିପାରିବେ । ସେମାନେ ଟାଣ୍ ଖରାକୁ ଖାତିର କରନ୍ତି ନାହିଁ । ଏହାକୁ ତପସ୍ୟା ନ କହି ଆଉ କ'ଣ କହିବ ? କି ଅତୁଟ ଭକ୍ତି ସେମାନଙ୍କର ! ମୁଁ ଗୋଟିଏ କମରାରୁ ଆଉ ଗୋଟିଏ କମରାକୁ ଯିବା ସମୟରେ ମୋର ସାମାନ୍ୟ ଦର୍ଶନ ପାଇବେ ବୋଲି ସାରାଦିନ ଖରାରେ ବସି ରହନ୍ତି । ମୁଁ ସନାତନ ସାରଥିରେ ଘୋଷଣା କରିଥିଲି ଯେ ୧୫ ତାରିଖ ପର୍ଯ୍ୟନ୍ତ ମୁଁ ପୁଟ୍ଟପର୍ତ୍ତିରେ ରହୁନାହିଁ । ତଥାପି ମୁଁ ଶୁଣିବାକୁ ପାଉଛି ଯେ ଅନେକ ଲୋକ ପୁଟ୍ଟପର୍ତ୍ତି ଯାଇ ସେଠାରେ ଦଶହରା ଉତ୍ସବ ପାଇଁ ଅପେକ୍ଷା କରି

ରହିଛନ୍ତି, ଯେତେଦିନ ହଉ ପଛେ ପର୍ତ୍ତିରେ ରହି ଉତ୍ସବ ଶେଷରେ ଫେରିବା ପାଇଁ ମନସ୍ଥ କରି ସେମାନେ ଆସିଛନ୍ତି । ଝିଅ, ଏହା କ'ଣ ତପସ୍ୟା ନୁହଁ ?"

ନିଜ ଗୋଡ଼ ନିଜେ ମୋଡ଼ି ହୋଇ ସ୍ୱାମୀ କହିଲେ, "ମୁଁ ଯେଉଁଠାକୁ ଗଲି ସେଠାରେ ପ୍ରାୟ ପ୍ରତ୍ୟେକଙ୍କୁ ପାଦ ନମସ୍କାର ଦେଲି । ମୁଁ ମୋ ସ୍ୱହସ୍ତରେ ସମସ୍ତଙ୍କୁ ପ୍ରସାଦ ବିତରଣ କଲି । ବର୍ତ୍ତମାନ ମୋର ସାରା ଶରୀରରେ ପୀଡ଼ା ହେଉଛି । ମୁଁ ଯେଉଁଠାକୁ ଗଲେ ବି ମୋର ବିଶ୍ରାମ ନଥାଏ । ପୁଟ୍ଟପର୍ତ୍ତି ବରଂ ଭଲ, ସେଠାରେ ଅଳ୍ପ ହେଲେ ବି ବିଶ୍ରାମ ପାଇଥାଏ । ସେଠାରେ ମୁଁ ଆଜି କାହାକୁ ଇଣ୍ଟରଭ୍ୟୁ ଦେବି ନାହିଁ କହି ଚୁପ୍‌ଚାପ୍ ବସି ପାରିବି ।" ସ୍ୱାମୀଙ୍କ କଥାରେ ମୁଁ 'ହଁ' ଭରିଲି ।

ସେହି ସମୟରେ ରାମଚନ୍ଦ୍ର ସେଟ୍ଟି ଆସି ସ୍ୱାମୀଙ୍କୁ ଭୋଜନ ପ୍ରସ୍ତୁତ ଅଛି ଓ ତାହା ସେ ସେବନ କରନ୍ତୁ ବୋଲି ପ୍ରାର୍ଥନା କଲେ । ସ୍ୱାମୀ ମୋ ଆଡ଼କୁ ଚାହିଁ କହିଲେ, 'ଝିଅ, ୟା'ର ଆଉ ଏକ ନାମ ଅଛି ଜାଣୁ ?' ତାହା ସାଇଚନ୍ଦ୍ର ସେଟ୍ଟି । ଦିନେ ମୋତେ ଜଣେ ଭକ୍ତ କହିଲା ଯେ ସେ ମୋର ଫଟୋ ସାଇଚନ୍ଦ୍ର ସେଟ୍ଟିର ଘରେ ଦେଖିଛି । ସାଇ ଚନ୍ଦ୍ର ସେଟ୍ଟି କିଏ ବୋଲି ମୁଁ ଭାବୁଥିଲି । ମୁଁ ଭାବିଲି, ହୁଏତ ଭୋଣ୍ଟିକୋପଲ୍ (ମହୀଶୂର ସହରର ଏକ ସ୍ଥାନ) ରେ ଗୋଟିଏ ନୂଆ ମନ୍ଦିର ଗଢ଼ା ହୋଇଛି ଓ ଏହି ଲୋକଟି ତା'ର ଦାୟିତ୍ୱରେ ରହିଛି । ପରେ ମୁଁ ଜାଣି ପାରିଲି ଯେ ସାଇ ଚନ୍ଦ୍ର ସେଟ୍ଟି ଅନ୍ୟ କେହି ନୁହଁ । ସେ ଆମର ରାମଚନ୍ଦ୍ର ସେଟ୍ଟି । ଝିଅ, ମୋର ଗୋଡ଼ ଦୁଇଟି ଖୁବ୍ ବିନ୍ଧୁଛି ।" ଏହା କହି ସ୍ୱାମୀ ଧୀରେ ଆସନରୁ ଉଠିଲେ ଏବଂ 'ମୁଁ ଯାଉଛି, ସେମାନେ ମୋତେ ଭୋଜନପାଇଁ ଡାକିଲେଣି', କହି ସେଠାରୁ ଚାଲିଗଲେ ।

ସନ୍ଧ୍ୟାରେ ଭକ୍ତମାନେ ସେଟ୍ଟିଙ୍କ ଘରେ ଖୁବ୍ ଉତ୍ସାହରେ ଭଜନ ଗାଉଥାନ୍ତି । ସ୍ୱାମୀଙ୍କ ଆରତୀ ହେବା ପରେ ପ୍ରସାଦ ବିତରଣ କରାଗଲା । ରାତିରେ ପୁଣି ଥରେ ସ୍ୱାମୀ ଆସି ପୂଜାଘରେ ଆମ ସାମନାରେ ଛିଡ଼ା ହେଲେ । ଦ୍ୱାରକା (ମୋ ଭଉଣୀର ଝିଅ)କୁ ଦେଖଇ ଭର୍ତ୍ସନାର ସ୍ୱରରେ କହିଲେ, 'ମଇଷି, ଆଜିକାଲି କ'ଣ ତୋର ବ୍ୟବହାର ଠିକ୍ ରହୁଛି ?' ଲୀଲମ୍ମା ବୀଣାବାଦନ ସମୟର ବ୍ୟବହୃତ ଆଙ୍ଗୁଠିରେ ଏକ ଆଚ୍ଛାଦନୀ ସ୍ୱାମୀଙ୍କ ହାତକୁ ଦେଇ ସ୍ୱାମୀଙ୍କୁ ପ୍ରାର୍ଥନା କଲେ ଯେ ସେ ତାହାକୁ ଆଶୀର୍ବାଦ କରନ୍ତୁ, ଫଳରେ ସେ ଆହୁରି ଭଲଭାବେ ବୀଣା ଶିଖି ପାରିବେ । ଲୀଲମ୍ମାଙ୍କ କଥା ଶୁଣି ସ୍ୱାମୀ ଆମ ଆଡକୁ ଚାହିଁଲେ ଓ ହସି ହସି କହିଲେ, "ଲୀଲମ୍ମା ବୀଣା ଶିଖିବାକୁ ଚାହୁଁଛି !" ସ୍ୱାମୀ କଥାଟିକୁ ଏଭଳି ସ୍ୱରରେ କହିଲେ ଯେ ଆମମାନଙ୍କୁ ମଧ୍ୟ ହସ ମାଡ଼ିଲା । ସ୍ୱାମୀ ଲୀଲ୍ଲମାଙ୍କୁ କହିଲେ, "ମୁଁ ଆସିବା ସମୟରେ ଠିକ୍ ତୁମରି ଘର ଆଗ ଦେଇ ଆସିଲି । ଲୀଲମ୍ମା କହିଲେ, 'ମୁଁ ତାହା ଜାଣିଥିଲେ, ରାସ୍ତାକଡ଼ରେ ଛିଡ଼ା ହୋଇ ଆପଣଙ୍କ ଦର୍ଶନ କରିପାରିଥାନ୍ତି ।' ସ୍ୱାମୀ କହିଲେ, "ଆରେ ତୁ କ'ଣ ? ଘରର ଲୋକ ମଧ୍ୟ ଜାଣି ନଥା'ନ୍ତି ଯେ ମୁଁ ଆସୁଛି ।"

ଲୀଲମ୍ମା କହିଲେ, 'ସେଟ୍ଟିଙ୍କ ଘରର ଲୋକଙ୍କୁ ଆମ ଘରେ ହେଉଥିବା ଭଜନରେ ଯୋଗ ଦେବାକୁ କହିବାପାଇଁ ମୁଁ ଜଣଙ୍କୁ ପଠେଇଥିଲି ।' ସ୍ୱାମୀ କହିଲେ, 'ହଁ ଲୋକଟି ଏଠାକୁ ଆସିଥିଲା ।" ଏଥର ମୋ ଆଡ଼କୁ ଚାହିଁ ସ୍ୱାମୀ କହିଲେ, ଯେଉଁଠାରେ ସ୍ୱାମୀ ଅଛନ୍ତି ସେଠାରେ ଭଜନ ନ କରି, ଯେଉଁଠି ସ୍ୱାମୀ ସଶରୀରେ ନାହାନ୍ତି ସେଠାରେ ସେ ଭଜନ କରିବାକୁ ଚାହେଁ । ଏହା କହି ସ୍ୱାମୀ ହସି ଉଠିଲେ । ଲୀଲମ୍ମା କହିଲେ ପ୍ରତି ମାସରେ ଆପଣଙ୍କୁ ଦର୍ଶନ କରିପାରୁଥିବାରୁ ସତରେ ଆମେ ଖୁବ୍ ଭାଗ୍ୟବାନ୍ । ସ୍ୱାମୀ କହିଲେ, 'ତୁ ଏମିତି କହି ଚାଲିଥା । ଦିନେ ମୁଁ ତୋତେ ଠିକ୍ ଶିକ୍ଷା ଦେବି।' ସ୍ୱାମୀ ହାତରେ ଏକ ଫଟୋଧରି ଦୁଆର ପାଖରେ ଛିଡ଼ା ହୋଇଥାନ୍ତି । ସେ ସୁନ୍ଦରମ୍ମାଙ୍କୁ କହିଲେ, 'ଏଇ ଫଟୋଟି ତୁମ ଗୁରୁ ପୂର୍ଣ୍ଣିମା ଉତ୍ସବର । ଏଥିରେ ସ୍ୱାମୀ ଚନ୍ଦ୍ର ଭିତରେ ଅଛନ୍ତି ।' ସେଟ୍ଟି ଘରର କୂଳବଧୂମାନଙ୍କୁ ଚାହିଁ ସ୍ୱାମୀ ପଚାରିଲେ, 'ଆଜି ଖାଇଛ ?' ସେମାନେ 'ହଁ' କହିଲେ । ସ୍ୱାମୀ ସକରୁଣ ଦୃଷ୍ଟିରେ ସେମାନଙ୍କୁ ଚାହିଁ କହିଲେ, 'ତୁମେ ବିଚରା କ'ଣ ଖାଅ' । ଏଥର ମୋ ଆଡ଼କୁ ଚାହିଁ ସେ କହିଲେ, 'କନ୍ନମା ମୋର ମନେ ହେଉନି ଯେ ଏମାନେ କେବେ ଭାତ ଖାଆନ୍ତି, ସ୍ୱାମୀଙ୍କ କଥା ଶୁଣି ଆମେ ହସି ଉଠିଲୁ । ସ୍ୱାମୀଙ୍କୁ ପ୍ରଣାମ କରି ଆମେ ନିଜ ନିଜ ଘରକୁ ଫେରିଲୁ ।

ଊନବିଂଶ ଅଧ୍ୟାୟ

ଶିଶୁଙ୍କ ଗହଣରେ ସ୍ୱାମୀ

ମୁଁ ନୃତ୍ୟାଚାର୍ଯ୍ୟ ନଟରାଜ। ନୃତ୍ୟର ପ୍ରତ୍ୟେକ ପଦଚାଳନ ତୁମକୁ ଶିକ୍ଷାଦେବା ଯେ କେତେ ବେଦନାଦାୟକ ତାହା ମୁଁ କେବଳ ଜାଣେ ।

– ଶ୍ରୀ ସତ୍ୟସାଇ ବାବା

ଯେଉଁମାନେ ସ୍ୱାମୀଙ୍କୁ ୧୯୪୦ରୁ ଦେଖି ଆସୁଛନ୍ତି, ସେମାନେ ପୁଟ୍ଟପର୍ତ୍ତିରେ ଛୋଟ ଛୋଟ ପିଲାମାନେ ରହୁଥିବା ସମୟରେ ବାଳସାଇ ସେମାନଙ୍କ ସଙ୍ଗେ କିପରି ଖେଳ କୌତୁକ କରୁଥିଲେ ତାହା ଆନନ୍ଦରେ ମନେ ପକେଇଥାନ୍ତି । ତାହା କୃଷ୍ଣଙ୍କର ଗୋକୁଳରେ ବାଲଲୀଳା ଭଳି ମନେ ହେଉଥାଏ, କିନ୍ତୁ ସ୍ୱାମୀ ଯେତେବେଳେ ଭଜନ ବା ଦିବ୍ୟ ସମ୍ଭାଷଣ ପାଇଁ ଆସି ସିଂହାସନରେ ବସନ୍ତି ସେତେବେଳେ ସେମାନେ ତାଙ୍କୁ ଦେଖି "ଇଏ କ'ଣ ସେମାନେ ଆଗରୁ ଦେଖିଥିବା ସେହି କୌତୁକପ୍ରିୟ ବାଳକ" ଭାବି ବିସ୍ମିତ ହେଉଥାନ୍ତି ।

ପିଲାମାନଙ୍କୁ ଭଲ ପାଇବା, ସେମାନଙ୍କ ଭଲମନ୍ଦ ବୁଝିବା, ସମୟ ସମୟରେ ତାଙ୍କ ପ୍ରତି କୋହଳ ହେବା କିନ୍ତୁ ଶୃଙ୍ଖଳା, ସମୟାନୁବର୍ତ୍ତିତା ତଥା କର୍ତ୍ତବ୍ୟନିଷ୍ଠା ସମ୍ବନ୍ଧୀୟ ବ୍ୟାପାରରେ କୌଣସି ପ୍ରକାର ସାଲିସ ନ କରିବା– ପିଲାମାନଙ୍କ ସହ ସ୍ୱାମୀଙ୍କର ଏଭଳି ସମ୍ପର୍କ ସବୁବେଳେ ରହି ଆସିଛି ।

ପୁଟ୍ଟପର୍ତ୍ତିରେ ସବୁ ସମୟରେ ପିଲାମାନେ ରହୁଥାନ୍ତି । ସେ ସମୟରେ ଭକ୍ତମାନେ ସେମାନଙ୍କର ପରିବାରବର୍ଗ ସହ ପୁଟ୍ଟପର୍ତ୍ତି ଆସୁଥାନ୍ତି । ଛୁଟିଦିନମାନଙ୍କରେ ପିଲାମାନଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଉଥାଏ । ପିଲାମାନଙ୍କ ସ୍ୱଭାବ ସବୁଠାରେ ସମାନ । ତେଣୁ ପୁଟ୍ଟପର୍ତ୍ତି ଏଥିରେ କିଛି ବ୍ୟତିକ୍ରମ ନଥିଲା । ସେଠାରେ ମଧ୍ୟ ସେମାନେ ମଉଜ କରୁଥାନ୍ତି । କେବେ କେବେ କଳହ କରୁଥାନ୍ତି ଓ ବଡ଼ପାଟିରେ ଦୁଷ୍ଟାମି କରୁଥାନ୍ତି । ସ୍ୱାମୀ ଯେ ଭଗବାନ ଏ ଚେତନା ସେମାନଙ୍କ ମଧ୍ୟରେ ନ'ଥାଏ, କିନ୍ତୁ ସେମାନେ ସ୍ୱାମୀଙ୍କୁ ଭଲ ପାଉଥାନ୍ତି ଏବଂ ସବୁବେଳେ ତାଙ୍କରି ଚାରିପଟେ ରହୁଥାନ୍ତି । ସ୍ୱାମୀ ମଧ୍ୟ ସେମାନଙ୍କୁ ଆଶ୍ରମ ପରିସର ଓଳେଇ ସଫା କରିବା, ବୟୋଜ୍ୟେଷ୍ଠ ଲୋକମାନଙ୍କୁ ଗଛରେ ପାଣି ଦେବାରେ ସାହାଯ୍ୟ କରିବା, ଗାଁକୁ ଯାଇ ଦୁଧ ବାଣ୍ଟିବା, ମାସିକ ପତ୍ରିକା ସନାତନ ସାରଥି ଆଶ୍ରମର ଅନ୍ତେବାସୀମାନଙ୍କ ଘରେ ପହଞ୍ଚାଇ ଦେବା, ଗାଁରେ ଧୋବାଘରୁ ସ୍ୱାମୀଙ୍କ ଅଙ୍ଗ ବସ୍ତ୍ର ଇସ୍ତ୍ରୀ କରି ଆଣିବା ଭଳି ଛୋଟ ଛୋଟ କାମ କରିବାକୁ ଦେଉଥାନ୍ତି । ସ୍ୱାମୀ ଦେଉଥିବା କାମକୁ ପିଲାମାନେ ଖୁବ୍ ଉତ୍ସାହରେ କରିଯାଉଥାନ୍ତି ।

ସ୍ୱାମୀ ଧଳା ଗାଉନ୍ ପିନ୍ଧିଲେ ପିଲାମାନେ ଜାଣି ପାରୁଥାନ୍ତି ଯେ ସ୍ୱାମୀ ବାହାରକୁ କୁଆଡ଼େ ଯାଉଛନ୍ତି । ତେଣୁ ସେମାନେ ତାଙ୍କୁ ବିଦାୟ ଜଣାଇବାକୁ ପ୍ରସ୍ତୁତ ହୋଇ ଯାଉଥାନ୍ତି । ଖଣ୍ଡେ ଦୂରରୁ ସ୍ୱାମୀଙ୍କ ଗାଡ଼ିକୁ ଦେଖି ସ୍ୱାମୀ ଫେରୁଛନ୍ତି ବୋଲି ଜାଣିପାରି ସେମାନେ ଚିତ୍ରାବତୀ ବାଲିରେ ଧାଇଁ ଧାଇଁ ଯାଇ ତାଙ୍କୁ ସ୍ୱାଗତ ଜଣାଉଥାନ୍ତି । ସେ ସମୟରେ କାର୍‌କୁ କର୍ଣ୍ଣାଟକପଲ୍ଲୀଠାରୁ ବଳଦ ଗାଡ଼ିରେ ଟାଣି ଆଣିବାକୁ ହେଉଥାଏ ଏବଂ ଆଖ ପାଖର କୋତଚେରୁଭୁ, ବୁକ୍କପଟ୍ଟନମ୍ ଓ ପେନୁକୋଣ୍ଡା ଆଦି ସ୍ଥାନକୁ ଯିବା ପାଇଁ କର୍ଣ୍ଣାଟକପଲ୍ଲୀଠାରୁ ଗୋଟିଏ ମାତ୍ର ରାସ୍ତା ଥାଏ । ସ୍ୱାମୀଙ୍କ ସଙ୍ଗେ ପିଲାମାନେ ଚାଲୁଥିବା ସମୟରେ, କେତେକ ବାଲି ଉପରେ ସ୍ୱାମୀଙ୍କ ପଦଚିହ୍ନକୁ ଦେଖି ତାରି ଉପରେ ମନ ଆନନ୍ଦରେ ଚାଲନ୍ତି, ଆଉ କେତେକ ପବନରେ ଫୁରୁ ଫୁରୁ ଉଡୁଥିବା ସ୍ୱାମୀଙ୍କ ଗାଉନ୍ ସଙ୍ଗେ ଖେଳୁଥାନ୍ତି । କେତେକ ସ୍ୱାମୀଙ୍କ ପାଦୁକାକୁ ମୁଣ୍ଡରେ ଧରି, ଆଉ କେତେକ ହାତରେ ଧରି ସ୍ୱାମୀଙ୍କ ସଙ୍ଗେ ଚାଲିଥାନ୍ତି । ସ୍ୱାମୀ ପିଲାମାନଙ୍କ ମେଳରେ ସେହି ଆନନ୍ଦକୁ ଉପଭୋଗ କରୁଥାନ୍ତି ।

ସ୍ୱାମୀଙ୍କ କାର୍ ସେ ସମୟରେ ପିଲାମାନଙ୍କର ଅନ୍ୟ ଏକ ଆକର୍ଷଣ ଥିଲା । ସ୍ୱାମୀ ମନ୍ଦିର ଚାରିପଟେ ନିଜେ କାର୍‌ଟି ଚଲାଉଥାନ୍ତି ଓ ଅନେକ ସମୟରେ ପିଲାମାନଙ୍କୁ ସେଥିରେ ବସାଇ ବୁଲାଇ ଆଣନ୍ତି । ବେଳେବେଳେ ଗାଡ଼ି ଷ୍ଟାର୍ଟ ନହେଲେ ପିଲାମାନେ ତାକୁ ଠେଲିବା ପାଇଁ ଏକଜୁଟ୍ ହୋଇଯାନ୍ତି ।

ସ୍ୱାମୀ ପିଲାମାନଙ୍କୁ ତାଙ୍କ ଚାରିପାଖେ ବସାଇ ନାନା ରକମର ମିଠେଇ ସୃଷ୍ଟି କରି ଦେଉଥାନ୍ତି ଓ କାହାଣୀ କହୁଥାନ୍ତି । କିନ୍ତୁ ସେ ଶୃଙ୍ଖଳା ବ୍ୟପାରରେ ଖୁବ୍ କଡ଼ା ରହୁଥାନ୍ତି । ମୋର ମନେ ପଡୁଛି, ମୋ ପୁଅମାନଙ୍କୁ ସେ ସ୍ନେହରେ 'ମହୀଶୂର ଟୋକା' ବୋଲି ଡାକୁଥାନ୍ତି । ଥରେ ତାଙ୍କର ସମ୍ଭାଷଣକୁ ବିଳମ୍ବରେ ଆସିବାରୁ ସେ ସେମାନଙ୍କୁ ଭର୍ତ୍ସନା କରିଥିଲେ । ସ୍ୱାମୀଙ୍କ ସମ୍ଭାଷଣରୁ ପିଲାମାନେ କିଛି ବୁଝନ୍ତୁ ବା ନ ବୁଝନ୍ତୁ, ସେଥିରେ କିଛି ଯାଏ ଆସେ ନ'ଥିଲା, କିନ୍ତୁ ସମ୍ଭାଷଣ ସମୟରେ ଉପସ୍ଥିତ ରହିବା ବାଧ୍ୟତାମୂଳକ ଥିଲା । ଭଜନ ଶେଷରେ ପ୍ରସାଦ ପାଇବାର ଲୋଭ ଏତେ ପ୍ରବଳ ଥିଲା ଯେ ପିଲାମାନେ ଠିକ୍ ସମୟର ଭଜନକୁ ଆସି ଯାଉଥିଲେ । ଆଉ ମଧ୍ୟ ସେମାନେ ପ୍ରତିଦିନ ଭଜନପରେ ମନ୍ଦିର ସାମ୍ନାରେ ଛିଡ଼ା ହୋଇ ରହୁଥିଲେ ଓ ସ୍ୱାମୀ ଉପର ବାଲ୍‌କୋନୀରୁ ସେମାନଙ୍କ ଉପରକୁ ଫଳ ନ ଫିଙ୍ଗିବା ଯାଏ ଖାଇବାକୁ ଯାଉ ନ ଥିଲେ ।

ମୋର ସବୁ ପୁଅ ସେମାନଙ୍କର ବଢ଼ନ୍ତି ବୟସରେ ସ୍ୱାମୀଙ୍କ ସାହାଯ୍ୟ ଲାଭ କରି ବଢ଼ିଥିଲେ, ତାଙ୍କର ବାହୁଛାୟା ତଳେ ଭର୍ତ୍ସନା, ଉପଦେଶ ଓ ଦିଗ୍‌ଦର୍ଶନ ଲାଭ କରି ଉପକୃତ ହେବାର ସୌଭାଗ୍ୟ ଲାଭକରିଥିଲେ । ଶଙ୍କର ଥରେ ପୁଟ୍ଟପର୍ତ୍ତି ଯାଇଥିବା ସମୟରେ ତା'ର ଅନୁଭୂତି ସଂକ୍ଷେପରେ ଏହିଭଳି ବ୍ୟକ୍ତ କରେ;

"ରଘୁ, ମୁଁ ଓ ଆମ ସାଙ୍ଗ ୧୯୬୨ ଜୁନ୍ ମାସ ୧୩ ତାରିଖ ଦିନ ମହୀଶୂରରୁ ପୁଟ୍ଟପର୍ତ୍ତି ବାହାରିଲୁ । ଆମେ ସନ୍ଧ୍ୟା ୫ ଟାରେ ପୁଟ୍ଟପର୍ତ୍ତିରେ ପହଁଞ୍ଚିଥିଲୁ । ଠିକ୍ ସେହି ଦିନ ଅପରାହ୍ନ ୩ଟାରେ ସ୍ୱାମୀ ବୃନ୍ଦାବନରୁ ପୁଟ୍ଟପର୍ତ୍ତି ଫେରିଥାନ୍ତି । ସନ୍ଧ୍ୟାରେ ଭଜନ ଆରମ୍ଭ ହେଲା । ଭଜନରେ ଆମେ ଦ୍ୱିତୀୟ ଧାଡ଼ିରେ ବସିଥାଉ । ଭଜନ ଶେଷ ହେବା ଯାଏଁ ସ୍ୱାମୀ ବସି ରହିଥାନ୍ତି । କେତୋଟି ଭଜନ ପରେ ସ୍ୱାମୀ ଆମ ଆଡ଼କୁ ଚାହିଁ ଭଜନ ଗାଇବାକୁ ଇଙ୍ଗିତ ଦେଲେ । ସ୍ୱାମୀଙ୍କ ଇଙ୍ଗିତ ଆମେ ବୁଝି ପାରିଲୁ ନାହିଁ। ସ୍ୱାମୀ ତିନି ଚାରି ଥର ଇଙ୍ଗିତ ଦେଇ ଶେଷରେ କହିଲେ, 'ଗାଅ' । ତଥାପି ଆମେ ଗାଇଲୁ ନାହିଁ । ସ୍ୱାମୀ ଭଜନ କକ୍ଷରୁ ବାହାରି ଆସି ଶ୍ରୀ ଏନ୍. କସ୍ତୁରୀଙ୍କ ଦ୍ୱାରା ଆମକୁ ଭଜନ ଗାଇବା ପାଇଁ ତାଙ୍କର ନିର୍ଦ୍ଦେଶ ଜଣେଇଲେ । ତା' ପରେ ସେ ପୁଣିଥରେ ଭଜନରେ ଆସି ବସିଲେ । ଆମେ ଭଜନ ଗାଇଲୁ।

ଚଉଦ ତାରିଖ ଦିନ ଆମେ ଇଣ୍ଟରଭ୍ୟୁ ପାଇଁ ବସିଥାଉ । ସେ ଆମକୁ ଡାକିଲେ ନାହିଁ। ପନ୍ଦର ତାରିଖ ଦିନ ସେ ଆମକୁ ଡାକି ଥଟ୍ଟାରେ ପଚାରିଲେ, 'ତୁମେ ଦୁହେଁ କେବେ ବାହା ହେଉଛ' ? ସ୍ୱାମୀ କେବଳ ଆମ ଦୁଇଜଣଙ୍କୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକିଥାନ୍ତି । ସ୍ୱାମୀ ଥଟ୍ଟାରେ କରିଥିବା ପ୍ରଶ୍ନର ଆମେ କିଛି ଉତ୍ତର ଦେଲୁ ନାହିଁ । ପରେ ମୁଁ କହିଲି, 'ସ୍ୱାମୀ, ବାପା ମା, ଆଉ ମୁରଲୀ ଆପଣଙ୍କୁ ସେମାନଙ୍କର ପ୍ରଣାମ ଜଣେଇଛନ୍ତି ।" ସ୍ୱାମୀ କହିଲେ, "ସେମାନଙ୍କୁ ମୋର ଆଶିଷ ଜଣେଇଦିଅ ।' ମୁଁ କହିଲି, 'ସ୍ୱାମୀ, ଆପଣଙ୍କ କୃପାରୁ ମୁଁ ପରୀକ୍ଷାରେ ଭଲ କରିଛି । ଭାବୁଛି ପାସ ହୋଇଯିବି ।" ସେ କହିଲେ, 'ତୁ ଫାଷ୍ଟ୍ କ୍ଲାସରେ ପାସ ହେବୁ' । ମୁଁ କୃତଜ୍ଞତାରେ ମୁଣ୍ଡ ନୁଆଁଇଲି । ତାପରେ ମୁଁ ପଚାରିଲି, 'ସ୍ୱାମୀ, ମୁଁ ଭବିଷ୍ୟତରେ କ'ଣ କରିବି ?' ସେ କହିଲେ 'ପଢ଼ ପଢ଼, ପଢ଼ା ଛାଡ଼େନା' । କ'ଣ ପଢ଼ିବି ବୋଲି ପଚାରିବାରୁ ସେ କି କି ପାଠ୍ୟକ୍ରମ ଅଛି ଜାଣିବାକୁ ଚାହିଁଲେ । ମୁଁ କହିଲି 'BE' ଅଛି, ଅଛି 'AMIE'। ସେ କହିଲେ 'ବି.ଇ' ପଢ଼ ।

ମୁଁ କହିଲି, 'ସ୍ୱାମୀ, ଆପଣଙ୍କ ଅନୁଗ୍ରହରୁ ମୁଁ ଗତ ତିନି ବର୍ଷ ଧରି ତିନିଶହ ଟଙ୍କା ବୃତ୍ତି ପାଉଛି । ବି.ଇ. ପଢ଼ିଲେ ପାଞ୍ଚଶହ ଟଙ୍କା ବୃତ୍ତି ମିଳିବ । ବି.ଇରେ, ମଧ୍ୟ ବୃତ୍ତି ପାଇବାକୁ କୃପା କରନ୍ତୁ ।" ସ୍ୱାମୀ କହିଲେ, 'ସିଟ୍ ମିଳିବ, ଆଉ ବୃତ୍ତି ମିଳିବ, ଭଲକରି ପଢ଼ ।" ତା' ପରେ ସ୍ୱାମୀ ରଘୁକୁ ଚାହିଁ ପଚାରିଲେ, 'ତୋ କଥା କ'ଣ' ? ସେ କହିଲା, 'ସ୍ୱାମୀ ଏ ବର୍ଷ ପରୀକ୍ଷାରେ ଭଲ କରିନି । ଯଦି ପାସ୍ କରିବି ତା ତାହା ଆପଣଙ୍କ କୃପାରୁ ।' ସ୍ୱାମୀ କହିଲେ, "ଏ ବର୍ଷ ସବୁ ଶୂନ୍ ପାଇଚୁ । କେବଳ ମୋ କୃପାରୁ ପାସ୍ ହୋଇଛୁ ।"

ପରେ ସ୍ୱାମୀ ବିଭୂତି ସୃଷ୍ଟି କଲେ ଓ ଆମ ଦୁହିଁଙ୍କ କପାଳରେ ବୋଳି ଦେଲେ । ସେ ଘରେ ସମସ୍ତଙ୍କୁ ତାଙ୍କର ଆଶିଷ ଜଣେଇ ଦେବା ପାଇଁ ଆମକୁ କହିଲେ । ମୁଁ

ଯେତେବେଳେ ସ୍ୱାମୀଙ୍କୁ କହିଲି ଯେ ଆମେ ଆଉ ଏକ ସପ୍ତାହ ପର୍ତ୍ତିରେ ରହିବୁ ବୋଲି ଭାବିଛୁ, ସେ କହିଲେ, 'ଖୁସିରେ ରୁହ । ମନ ଆନନ୍ଦରେ ଭଜନ କର, ତା' ପରେ ଯାଅ' । ସ୍ୱାମୀ ପଚାରିଲେ, 'ମୁଁ ତୁମକୁ ଭଜନ ଗାଇବାକୁ ଯେତେବେଳେ ଇସାରା ଦେଲି ତୁମେ ଚୁପ୍‌ଚାପ୍ ବସି ରହିଲ କାହିଁକି ?' ମୁଁ ସ୍ୱାମୀଙ୍କୁ କହିଲି ଯେ ଆମେ ତାଙ୍କ ଇଙ୍ଗିତ ବୁଝିପାରିଲୁ ନାହିଁ, ସେ ଆମ ଭୁଲ୍ ପାଇଁ କ୍ଷମା କରନ୍ତୁ । ସେ କହିଲେ, 'ଠିକ୍ ଅଛି, ଠିକ୍ ଅଛି' । ଆମେ ଯେତେବେଳେ ତାଙ୍କୁ ସଙ୍ଗୀତ ଶିଖିବାପାଇଁ ଆମର ଇଚ୍ଛା ଅଛି ବୋଲି ଜଣାଇଲୁ ସେ କହିଲେ, 'ବର୍ତ୍ତମାନ ନୁହେଁ । ପ୍ରଥମେ ପାଠ, ପରେ ସଙ୍ଗୀତ । ତୁମେ ଦୁହେଁ ମିଶି ସଙ୍ଗୀତ ଶିଖ, ନ' ହେଲେ ତୁମ ଦୁହିଁଙ୍କ ସ୍ୱର ମିଳିବ ନାହିଁ' । ଆମେ ସ୍ୱାମୀଙ୍କୁ ପ୍ରଦକ୍ଷିଣ କରି ପାଦ ନମସ୍କାର କଲୁ ଓ ଇଣ୍ଟରଭ୍ୟୁ କକ୍ଷରୁ ବାହାରକୁ ଆସିଲୁ ।

ମୂରଲୀ ୧୭ ତାରିଖ ଦିନ ସନ୍ଧ୍ୟାରେ ଆସି ପହଞ୍ଚିଲା । ସେ ୧୯ ତାରିଖ ସକାଳେ ଇଣ୍ଟରଭ୍ୟୁ ପାଇଁ ବସିଥାଏ । ସ୍ୱାମୀ ତାକୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକିଲେ । ଏକୋଇଶ ତାରିଖ ଦିନ ଆମେ ପୁଣି ଥରେ ଇଣ୍ଟରଭ୍ୟୁ ପାଇଁ ବସିଥାଉ । ସ୍ୱାମୀ ଆମକୁ ଭିତରକୁ ଡାକି ପଚାରିଲେ, 'ମୂରଲୀ କ'ଣ ଆସିନି ?' ଆମେ ଉତ୍ତର ଦେଲୁ ଯେ ସେ ଇଣ୍ଟଭ୍ୟୁ ପାଇଁ ଆସିନି କିନ୍ତୁ ପୁଟ୍ଟପର୍ତ୍ତିରେ ଅଛି । ତାକୁ ଡାକି ଆଣିବୁ କି ବୋଲି ଆମେ ତାଙ୍କୁ ପଚାରିଲୁ । ସେ କେବେ ପୁଟ୍ଟପର୍ତ୍ତି ଛାଡୁଛି ବୋଲି ସ୍ୱାମୀ ପ୍ରଶ୍ନ କଲେ । ଆମେ କହିଲୁ, 'ସେ ରବିବାର ପୁଟ୍ଟପର୍ତ୍ତି ଛାଡୁଛି' । ସ୍ୱାମୀ କହିଲେ, 'ତେବେ ଠିକ୍ ଅଛି ।' ତା' ପରେ ସ୍ୱାମୀ ଉପରକୁ ଗଲେ ଏବଂ କିଛି ସେକେଣ୍ଡ ମଧ୍ୟରେ ହାତରେ ମୋ ମା'ଙ୍କ ଠିକଣାରେ ଏକ ଲଫାଫା ଧରି ତଳକୁ ଓହ୍ଲାଇଲେ । ସେ ମୋ ହାତରେ ତାହା ଦେଇ ମା'ଙ୍କୁ ଦେଇଦେବାକୁ କହିଲେ । ମୁଁ ଯେତେବେଳେ ସ୍ୱାମୀଙ୍କୁ ସେ କେବେ ଆମକୁ ପୁଟ୍ଟପର୍ତ୍ତି ଛାଡ଼ିବାକୁ ଅନୁମତି ଦେବେ ବୋଲି ପଚାରିଲି, ସ୍ୱାମୀ କହିଲେ, "କ'ଣ ହେଲା ଅବିକା ତୁମେ ପୁଟ୍ଟପର୍ତ୍ତି ଛାଡୁନ ?" ମୁଁ ଉତ୍ତରରେ କହିଲି, 'ସେ ଆମକୁ ଯେବେ ଯିବାକୁ କହିବେ ସେବେ ଯିବୁ ।' ସେ କହିଲେ, "କାଲି ବା ପହରଦିନ ଯା' ମୁଁ କହିଲି, 'ସ୍ୱାମୀ, ମୂରଲୀ ରବିବାର ଦିନ ଯାଉଛି । ଆମେ ତାହା ସଙ୍ଗେ ଚାଲଯିବୁ ?' ସ୍ୱାମୀ କହିଲେ 'ହଁ, ତା ସଙ୍ଗେ ଯାଇ ପାର କିନ୍ତୁ ଯିବା ଆଗରୁ ଆସି ମୋତେ ଦେଖା କରିବ । ମୁଁ ଭାବିଥିଲି, ତୁମେ ଆଜି ହିଁ ଯାଉଛ । ତେଣୁ ଏତେ ତରବରରେ ଚିଠିଟି ଲେଖିଲି ।' ଏହା କହି ସେ ଲଫାଫାଟି ଚିରି ଚିଠିଟି ବାହାର କଲେ । ଚିଠିରେ ପାଞ୍ଚ ଛ' ଧାଡ଼ିରେ କ'ଣ ଲେଖା ହୋଇଥାଏ । ସ୍ୱାମୀ କହିଲେ, "କାଲି ଆସ । ତୁମକୁ ମୁଁ ଅଲଗା ଗୋଟିଏ ଚିଠି ଦେବି । ତୁମ ମା'କୁ ଆଉ କେତେଗୁଡ଼ିଏ କଥା ଲେଖିବାକୁ ହେବ ।" ଆମେ ଯେତେବେଳେ ସ୍ୱାମୀଙ୍କୁ କହିଲୁ ଯେ ସେ ସେଇ ଚିଠିଟି ଦେଇ ଦିଅନ୍ତୁ ପରେ ଆଉ ଏକ

ଚିଠି ଦେବେ, ସ୍ୱାମୀ କହିଲେ "ନା, ଦୁଇଟି ଯାକ ବିଷୟ ଗୋଟିଏ ଚିଠିରେ ଲେଖିବି ।" ମୁଁ କହିଲି, "ସ୍ୱାମୀ, ଆପଣଙ୍କ ଅନୁଗ୍ରହରୁ ଆମର ସବୁ ସାଥୀ ଆପଣଙ୍କର ଭକ୍ତ । ଆମେ ସବୁବେଳେ ଆପଣଙ୍କ ବିଷୟରେ ହିଁ କଥା ହେଉଁ ।" ସ୍ୱାମୀ କହିଲେ, "ତୁମ ସାଙ୍ଗମାନଙ୍କର ଚିନ୍ତା ଭାବନା ଭିନ୍ନ ପ୍ରକାରର ।"

ଏକୋଇଶ ତାରିଖଦିନ ମୂରଲୀ ବଡ଼ିଭୋରୁ ଉଠି ଦର୍ଶନ ପାଇଁ ପାଞ୍ଚଟାବେଳେ ଚାନ୍ଦିନୀ ପାଖରେ ଛିଡ଼ା ହୋଇଥାଏ। ସ୍ୱାମୀ ତାକୁ ଦର୍ଶନ ଦେଇ ତା' ହାତରେ ତିନୋଟି ଆମ୍ବ ଦେଲେ । ସକାଳ ଆଠଟାରେ ରଘୁ, ମୂରଲୀ ଓ ମୁଁ ମନ୍ଦିରରୁ ଖଣ୍ଡେ ଦୂରରେ ଛିଡ଼ା ହୋଇଥାଉ । ସ୍ୱାମୀ ରାମଚନ୍ଦ୍ର ସେଟ୍ଟି ଓ ତାଙ୍କ ସ୍ତ୍ରୀଙ୍କୁ ଇଣ୍ଟରଭ୍ୟୁ ପାଇଁ ଡାକିଲେ । ତା' ପରେ ସେ ଆମ ଆଡ଼କୁ ଚାହିଁ କହିଲେ, "ତୁମେମାନେ ବି ଭିତରକୁ ଆସ ।" ଆମେ ଭିତରକୁ ଯାଇ ତାଙ୍କୁ ପାଦ ନମସ୍କାର କଲୁ । ସେ ଆମକୁ ଗୋଟିଏ କଡ଼କୁ ଡାକି ଆମ ସଙ୍ଗେ ଅଲଗା କଥାବାର୍ତ୍ତା ହେଲେ । ସେ ଆମ ପଢ଼ାପଢ଼ି ବିଷୟରେ ପୁଣି ଥରେ ପଚାରି କହିଲେ, "ମୁଁ ଭଗବାନ, ଏହି ଅଖିଳ ବ୍ରହ୍ମାଣ୍ଡର ଅଧିପତି । ମୋ ବଚନ କେବେ ବ୍ୟର୍ଥ ହୁଏନା, ମୁଁ ସଙ୍କଳ୍ପମାତ୍ରକେ ଯେ କୌଣସି ପରିବର୍ତ୍ତନ ଆଣିପାରେ । ଏସବୁ ସରକାରୀ ଡିଗ୍ରୀରେ କି ଲାଭ ଅଛି ? ତୁମେ ମୋ ପରୀକ୍ଷାରେ ପାସ ହେଲେ ସାରା ଜଗତକୁ ଜିଣି ପାରିବ । ମୋ ଆଜ୍ଞାକୁ ମାନି ଚଳିଲେ ମୋକ୍ଷ ମଧ୍ୟ ତୁମର କରଗତ ହେବ । ଏସବୁ କାମନା ବାସନା କାହିଁକି ? ମୁଁ ତୁମକୁ କୈବଲ୍ୟର ପଥ ଦେଖେଇ ଦେବି । ମୋତେ କେବେ ଛାଡ଼ିବ ନାହିଁ । ସାଂସାରିକ ବିଷୟ ଭୋଗରୁ କି ଲାଭ ମିଳେ ? ବାଲ୍ମିକୀଙ୍କୁ ଥରେ ଯେତେବେଳେ ପଥ ଦେଖେଇ ଦିଆଗଲା ସେ ସଙ୍ଗେ ସଙ୍ଗେ ବସି 'ରାମ, ରାମ' ଧ୍ୟାନ କଲେ । ସେ ଧ୍ୟାନ କରୁଥାନ୍ତି, ତାଙ୍କ ଚାରିପାଖେ ଉଇହୁଙ୍କା ହୋଇଗଲା । ତାଙ୍କର ଶରୀର ଦୁର୍ବଳ ହୋଇଗଲା କିନ୍ତୁ ସେ ସେହି ପବିତ୍ର ନାମକୁ ନିରବଧି ସ୍ମରଣ କରୁଥାନ୍ତି । ସେମିତି ତୁମେ ମଧ୍ୟ କେବେ ବିଭୁନାମ ସ୍ମରଣ ବନ୍ଦ କରିବ ନାହିଁ । ଏ ଜୀବନରେ ଯେଉଁ ଅପୂର୍ବ ସୁଯୋଗ ପାଇଛ, ତାହାକୁ କେବେ ହାତଛଡ଼ା କରିବ ନାହିଁ । ସ୍ୱାମୀଙ୍କୁ ଦୃଢ଼ଭାବେ ଧରି ରୁହ, ମୁହୂର୍ତ୍ତକ ପାଇଁ ମଧ୍ୟ ଛାଡ଼ ନାହିଁ । ଲକ୍ଷ୍ୟରେ ପହଞ୍ଚି ମୋର କୃପା ଲାଭ କର । ନଦୀ ଯେପରି ବିଭିନ୍ନ ସ୍ଥାନ ଦେଇ ଗତି କରି କେବେ ଉପରକୁ ତ କେବେ ତଳକୁ ପ୍ରବାହିତ ହୋଇ ଶେଷରେ ସମୁଦ୍ରରେ ପହଞ୍ଚେ, ତୁମକୁ ମଧ୍ୟ ଶେଷରେ ମୋ' ଠାରେ ପହଞ୍ଚିବାକୁ ହେବ । ସ୍ୱାମୀ ଅନେକ କବିତା ଓ ଶ୍ଳୋକ ଆବୃତ୍ତି କରି ଆମକୁ ଉପଦେଶ ଦେଉଥାନ୍ତି । ମୁଁ କହିଲି, "ସ୍ୱାମୀ ମା ମଧ୍ୟ ତା'ର ଚିଠିରେ ଆମକୁ ଏଇ କଥା ଲେଖିଛି 'କରୁଣାମୟ ପ୍ରଭୁଙ୍କୁ ପ୍ରାର୍ଥନା କର । ସେ କେବେ ତାଙ୍କ କୃପାରୁ ବଞ୍ଚିତ କରିବେ ନାହିଁ । ତାଙ୍କରି କୃପା ଲାଭ କର ।" ସ୍ୱାମୀ କହିଲେ "ହଁ, ସେ ଠିକ୍ ଲେଖିଛି"

ସେ ମୋ ହାତକୁ ତାଙ୍କର ଚିଠିଟି ଦେଇ ମା'କୁ ତାହା ଯତ୍ନରେ ଦେଇ ଦେବା ପାଇଁ କହିଲେ । ସେ ଆମକୁ ସବୁବେଳେ ଭଲ ପିଲାଙ୍କୁ ସାଙ୍ଗ କରିବାକୁ ସତର୍କ କଲେ ।

ସ୍ୱାମୀ କହିଲେ, "ବାହାରେ ଏତେ ଭକ୍ତ ଅପେକ୍ଷା କରି ରହିଥିବା ସମୟରେ ମୁଁ ତୁମ ସଙ୍ଗେ ପ୍ରେମରେ ଏ ସମସ୍ତ ବିଷୟ ଆଲୋଚନା କରୁଛି । ଗୌରାଙ୍ଗ, ଚୈତନ୍ୟ ବିବେକାନନ୍ଦ, ବ୍ରହ୍ମାନନ୍ଦ, ରାମକୃଷ୍ଣ ପରମହଂସ - ଏ ସମସ୍ତେ ସାଧନା କରୁଥିବା ସମୟରେ ଅନେକ ଅକଥନୀୟ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଦିନେ ଭକ୍ତମାନେ ରାମକୃଷ୍ଣଙ୍କୁ ରାଣୀ ରାସମଣୀଙ୍କର ମନ୍ଦିରରେ ତଳେ ଗଡୁଥିବା ଦେଖି ସେ ହୁଏତ ପେଟବଥା ଯୋଗୁ ଛଟପଟ ହେଉଛନ୍ତି ଭାବି ତାଙ୍କ ପ୍ରତି ଦୟା ପ୍ରକାଶ କଲେ । ସେମାନେ ସବୁ ପ୍ରକାର ରାମକୃଷ୍ଣଙ୍କୁ ସାନ୍ତନା ଦେବାକୁ ଚେଷ୍ଟା କଲେ କିନ୍ତୁ ସେ ସମୟରେ ରାମକୃଷ୍ଣ ମା କାଳୀଙ୍କୁ ପ୍ରାର୍ଥନା କରି କହୁଥାନ୍ତି, 'ମା, ଆଉ କେବେ ମୁଁ ତୁମ ଦର୍ଶନ ପାଇବି ? ଆଉ କେତେଦିନ ଏମିତି ଅପେକ୍ଷା କରିବି ?' ସେ ନିଜକୁ ରାଧା ମନେକରି କୃଷ୍ଣଙ୍କର ଆରାଧନା କରୁଥିଲେ । ଦିନେ ସେ ମାଥୁର୍‌ବାବୁଙ୍କୁ ପୂଜାପାଇଁ ମନ୍ଦିରକୁ ଆସିବାକୁ କହିଲେ । ମନ୍ଦିରକୁ ଯାଇ ମାଥୁରବାବୁ ଦେଖିଲେ ସେଠରେ ନାନା ଅଳଙ୍କାରରେ ସଜ ହୋଇ ଜଣେ ସ୍ତ୍ରୀ ଲୋକ ପୂଜା କରୁଛି । ମନ୍ଦିରକୁ ହୁଏତ କେହି ଜଣେ ସ୍ତ୍ରୀ ଲୋକ ପୂଜା କରିବାକୁ ଆସିଚି ଭାବି ସେ ଆଉ ମନ୍ଦିର ଭିତରକୁ ନ' ଯାଇ ଫେରି ଆସିଲେ । ପରେ ରାମକୃଷ୍ଣ ମାଥୁର୍‌ବାବୁଙ୍କୁ ସେ ମନ୍ଦିରକୁ ଆସିଥିଲେ କି ବୋଲି ପଚାରିଲେ । ମାଥୁର ବାବୁ କହିଲେ ଯେ ସେ ମନ୍ଦିରକୁ ଆସିଥିଲେ ଏବଂ ସେଠାରେ ଜଣେ ମହିଳା ପୂଜା କରୁଥିବା ଦେଖିଲେ । ରାମକୃଷ୍ଣ କହିଲେ, "ସେ ମହିଳା ଅନ୍ୟ କେହି ନୁହଁ, ମୁଁ ନିଜେ ରାଧା ରୂପରେ ସେଭଳି ଦିଶୁଥାଏ । ସେମିତି ସେ ନିଜକୁ ହନୁମାନ ମନେକରି ଯେତେବେଳେ ରାମଙ୍କୁ ପୂଜା କଲେ, ତାଙ୍କର ଦେହରେ ଗୋଟିଏ ଛୋଟ ଲାଙ୍ଗୁଳ ବାହାରିଲା । ଭକ୍ତିରେ ଭାବ ଏମିତି ପ୍ରଗାଢ଼ ହେବା ଦରକାର ।"

"ଭଗବାନ ସ୍ୱର, ରାଗ, ତାଳ ଅପେକ୍ଷା ଭାବ ପ୍ରତି ଅଧିକ ଦୃଷ୍ଟି ଦେଇଥାନ୍ତି । ଯା ମାନେ ନୁହଁ ଯେ ତୁମେ ଯେମିତି ଇଛା ସେମିତି ଗାଇବ । ଭଜନଗୁଡ଼ିକ ଠିକ୍ ତାଳରେ ଓ ସୁନ୍ଦର ସ୍ୱରରେ ଗାଇବା ଦରକାର । ଈଶ୍ୱର ଭାବପ୍ରିୟ- ମୁଁ ଏଇ କଥାକୁ ଜୋର୍ ଦେବାକୁ ଚାହୁଁଥିଲି ।

"ତୁମେ ପିଲାମାନେ ମୋତେ ତୁମ ଶୈଶବରୁ ଦେଖି ଆସୁଛ । ତୁମମାନଙ୍କର ଯେଉଁ ଭାଗ୍ୟ, ତାହା ଅନ୍ୟମାନଙ୍କର ନାହିଁ । ଛୋଟ ବର ଗଛର ଯତ୍ନ ନେଲା ଭଳି ମୁଁ ତୁମ ଶୈଶବରୁ ତୁମର ଯତ୍ନ ନେଇ ଆସୁଛି । ତୁମେ କ'ଣ ଜାଣିଛ ଯେ ଯିଏ ସ୍ୱାମୀଙ୍କ ଦୃଷ୍ଟିରେ ହିରୋ ହୋଇ ପାରିନି, ସେ ଅନ୍ୟ ସବୁଠେ ଜିରୋ ହିଁ ହେବ । ତୁମ ମା

ଲେଖିଛନ୍ତି, 'ଆପଣ ମହୀଶୂର ଆସି ନାହାନ୍ତି, ଆମ ମନ ଭାରି ଦୁଃଖ, ଆପଣ ଆମକୁ ଡାକିଲେ, ଆମେ ସଙ୍ଗେ ସଙ୍ଗେ ଚାଲିଆସିବୁ ।' ମୁଁ ମହିଶୂର ଗଲେ ବଢ଼ିଆ ହେବ ନା ?" ଆମେ ସମସ୍ତେ ଏକ ସ୍ୱରରେ କହିଲୁ, "ହଁ ସ୍ୱାମୀ ।"

ଇଣ୍ଟରଭ୍ୟୁ ପରେ ସ୍ୱାମୀ ଆମକୁ ଓ ସେଢ଼ି ପରିବାରକୁ ତାଙ୍କ ଚାରିପାଖେ ବସିବାକୁ କହି ପୁଣି ତାଙ୍କର ଆଳାପ ଆରମ୍ଭ କଲେ । ଏଥର 'କାହା ପାଇଁ ଭଜନ ଗାଇବା କଥା' - ଏ ବିଷୟ ଆଲୋଚନା ହେଲା । ସ୍ୱାମୀ ଆମକୁ ଏହି ପ୍ରଶ୍ନ କରିବାରୁ ଆମେ ଉତ୍ତରରେ କହିଲୁ, "ସ୍ୱାମୀ, ଆମେ ଆପଣଙ୍କ ପାଇଁ ଆପଣଙ୍କୁ ଭଜନ କରିଥାଉ । ଅନ୍ୟ କାହାପାଇଁ ନୁହେଁ । କେବଳ ଆପଣଙ୍କ କୃପା ଲାଭ କରିବାପାଇଁ ଆମେ ଭଜନ ଗାଉ । ସେଢ଼ି କହିଲେ, "ସ୍ୱାମୀ ତାହା ନୁହେଁ, ଆମେ ଆମ ଭଲ ପାଇଁ ଭଜନ ଗାଉ ଥାଉ" ସ୍ୱାମୀ କହିଲେ, "ତୁମେ ଭୁଲ କରୁଛ, ସେମାନେ ଯାହା କହିଲେ ଠିକ୍ ଭଗବାନଙ୍କ ପ୍ରୀତି ପାଇଁ ଭଜନ ଗାନ କରାଯାଏ ।" ସ୍ୱାମୀ ସେଢ଼ିଙ୍କୁ ଅଲଗା ଡାକି ତାଙ୍କ ସଙ୍ଗେ କିଛି ସମୟ ଆଳାପ କଲେ । ପରେ ସେ ମୋତେ, ରଘୁ ଓ ମୂରଲୀକୁ ଡାକି ଆମ ସଙ୍ଗେ କଥାବାର୍ତ୍ତା ହେଲେ । ଆମ ସଙ୍ଗେ ଅଲଗା କଥା ହେବା ସମୟରେ ସେ ଆମକୁ ପ୍ରଶଂସା କରୁଥାନ୍ତି କିନ୍ତୁ ସେଢ଼ିଙ୍କ ସାମ୍ନାରେ ସେ ଆମକୁ ଗାଳି ଦେଇ ପରିହାସ କରୁଥାନ୍ତି ।

ସ୍ୱାମୀ କହିଲେ, "ପ୍ରତିଷ୍ଠା, ପ୍ରତିପତ୍ତି ଓ ସଂସାରର ବିଷୟ ଭୋଗ ପ୍ରତି ଲାଳସା ରଖନାହିଁ । ଯାହା ନିତ୍ୟ ଓ ଶାଶ୍ୱତ, ତାହାକୁ ଆଶା କର । ସ୍ୱାମୀ ଯାହା କିଛି କରନ୍ତି, ତାହା ତୁମରି ଭଲ ପାଇଁ ।" ଏତିକି କହି ସେ ବିଭୂତି ସୃଷ୍ଟିକଲେ ଓ ଆମ ତିନିଜଣଙ୍କ କପାଳରେ ବୋଳି ଦେଲେ । ସେଦିନ ତିନିଥର ସ୍ୱାମୀ ଆମକୁ ବିଭୂତି ସୃଷ୍ଟି କରି ଦେବା ଥିଲା ଆମର ପରମ ସୌଭାଗ୍ୟ । ମୁଁ କହିଲି, "ସ୍ୱାମୀ, ଛବିଶ ତାରିଖ ଦିନ ଆମ ପରୀକ୍ଷା ଫଳ ବାହାରି ପାରେ । ମୋତେ ଆଶୀର୍ବାଦ କରନ୍ତୁ, ମୁଁ ପାସ୍ କରିବି ।" ସ୍ୱାମୀ କହିଲେ "ତୁ ଫେଲ୍ ହ' , ରଘୁ ଫେଲ୍ ହଉ, ସମସ୍ତେ ଫେଲ୍ ହୁଅ, ଖାଲି ସ୍ୱାମୀଙ୍କ ଡ୍ରିଗୀରେ ସମସ୍ତେ ପାସ୍ ହୁଅ ।" ସ୍ୱାମୀଙ୍କ ଆଶୀର୍ବାଦ ପାଇ ଆମେ ତାଙ୍କୁ ଧନ୍ୟବାଦ ଜଣାଇଲୁ ।

ମୁଁ କହିଲି, "ସ୍ୱାମୀ, ମୋର ଟନ୍‌ସିଲ ମୋତେ ଅଡୁଆ କରୁଛି । ଡାକ୍ତରମାନେ ଦୁଇଥର ଇଞ୍ଜେକ୍‌ସନ୍ ଦେଇ ତାକୁ ଠିକ୍ କରିବାକୁ ଚେଷ୍ଟା କଲେ । ଏଥର ସେମାନେ ଅପରେସନ୍ କରିବେ କହୁଛନ୍ତି ।" ସ୍ୱାମୀ କହିଲେ, "କିଛି ହେବ ନାହିଁ । ମୁଁ ଅପରେସନ୍ କରିବି, ଅବିକା ନୁହଁ, ପରେ" ତା' ପରେ ବିନା ଅସ୍ତ୍ରୋପଚାରର ମୋ ଟନ୍‌ସିଲ ଠିକ୍ ହୋଇଗଲା । ସ୍ୱାମୀ ପୁଣିଥରେ ରଘୁକୁ ଡାକି ତା' ସଙ୍ଗେ କିଛି କଥାବାର୍ତ୍ତା

ହେଲେ । ଇଣ୍ଟରଭ୍ୟୁ କକ୍ଷ ଛାଡ଼ିବା ପୂର୍ବରୁ ଆମେ କେବେ ମହୀଶୂର୍ ଫେରିବୁ ବୋଲି ସ୍ୱାମୀଙ୍କୁ ପ୍ରଶ୍ନ କଲୁ । ସ୍ୱାମୀ କହିଲେ, "ଏ କ'ଣ ? ମୁଁ ଦେଖୁଛି ତୁମେମାନେ ପ୍ରତ୍ୟେକ ଦିନ କହୁଛ ଯେ ପରଦିନ ଫେରିଯିବ । କିନ୍ତୁ ଯାଉ ନାହିଁ ।" ମୁଁ କହିଲି, "ସ୍ୱାମୀ, ଆପଣ ହିଁ କହିଥିଲେ ଯେ ଆମେ ରବିବାର ଦିନ ଯାଇପାରୁ ।" ସ୍ୱାମୀ କହିଲେ, "ତା' ହେଲେ ରବିବାର ଫେରିଯାଅ ।"

ସନ୍ଧ୍ୟାରେ ଭଜନ ପରେ ଆମେ ମନ୍ଦିରର ପୋଟିକୋ ପାଖରେ ଛିଡ଼ା ହୋଇଥାଉ, ଇଞ୍ଜିନିୟର୍ ବି. କାଶୀପତେୟାଙ୍କ ପତ୍ନୀ ଶ୍ରୀମତୀ ଲଳିତାମ୍ମା ଆମ ମା' ଦେଇଛନ୍ତି କହି ଆମକୁ ଦୁଇଟି ଚିଠି ଦେଲେ ।

ସ୍ୱାମୀ ଉପରମହଲାର ବାରଣ୍ଡାରୁ ଆମ ଆଡ଼କୁ ଥରେ ଚାହିଁଲେ ଏବଂ ଭିତରକୁ ଚାଲିଗଲେ । କାଳେ ସ୍ୱାମୀ ଆମକୁ ଆଉ କିଛି କହିବେ ଭାବି ସ୍ୱାମୀଙ୍କ ରାତ୍ରି ଭୋଜନ ଶେଷ ହେବାଯାଏ ଆମେ ଅପେକ୍ଷା କରିବୁ ବୋଲି ସ୍ଥିର କଲୁ । ସ୍ୱାମୀ ବାହାରକୁ ଆସି ମୋତେ 'ଆସ' ବୋଲି ଡାକିଲେ । ମୁଁ ଉପରକୁ ଗଲି । ସ୍ୱାମୀ ପଚାରିଲେ, "ଆଉ ଦୁଇଜଣ କାହାନ୍ତି ।" ଏଥର ସେମାନେ ମଧ୍ୟ ଉପରକୁ ଆସିଲେ । ସ୍ୱାମୀ ସେଠାରେ ଥିବା ଶ୍ରୀ ବିରଭଦ୍ରମ୍‌ଙ୍କୁ ସେ ଭୋଜନ ସାରି ଆଉଥରେ ଆସନ୍ତୁ ବୋଲି କହିଲେ ।

ମୁଁ ସ୍ୱାମୀଙ୍କ ହାତକୁ ଦୁଇଟି ଚିଠି ବଢ଼େଇ କହିଲି, "ସ୍ୱାମୀ, ଆପଣଙ୍କ ଅନୁଗ୍ରହରୁ ଆମେ ମକଦ୍ଦମା ଜିଣି ଯାଇଛୁ ।" ସ୍ୱାମୀ କହିଲେ, "ଆରେ, ତୁମକୁ କ'ଣ ମୋତେ ତାହା କହିବାକୁ ହେବ ! ମୁଁ ସେ କଥା ଆଗରୁ ଜାଣେ, ସେ ଦିନ ତୋ'ର ମାଁ ମୋତେ ଖୁବ୍ ପୂଜା କରିଥିଲା । ସେ ବର୍ତ୍ତମାନ ଖୁବ୍ ଖୁସି ଅଛି ।" ମୁଁ କହିଲି, "ସ୍ୱାମୀ, ଏଥର ହୁଏତ ସେମାନେ ସୁପ୍ରିମ କୋର୍ଟ ଯିବେ" । ସ୍ୱାମୀ କହିଲେ, "କିଛି ହେବ ନାହିଁ ।" ସ୍ୱାମୀ ମୋ ହାତରୁ ଚିଠି ଦୁଇଟି ନେଇ ସେଥିରୁ ଗୋଟିଏ ମୋତେ ଫେରେଇ ଦେଲେ ଏବଂ କହିଲେ, "ଏଇ ଚିଠି ତୋ ଜେଜେମାଙ୍କ ଠିକଣାରେ ଆସିଛି" । ସେ କହିଲେ "ଗତକାଲି ତୋର ବାପା ଜମିବାଡ଼ି ଦେଖିବାକୁ କ୍ରିଷ୍ଣରାଜନଗର ଯାଇଥିଲେ ।"

ସ୍ୱାମୀ ଆମକୁ ଚାହିଁ କହିଲେ, "ବାହାରେ ଏତେ ଲୋକ ମୋ ପାଇଁ ଆତୁର ହେଉଛନ୍ତି । ସେମାନଙ୍କ ମଧ୍ୟରେ କେତେକ କୋଟିପତି ଅଛନ୍ତି । ମାଙ୍ଗାଲୋର୍‌ରୁ କେତେକ ମେଡ଼ିକାଲ ଛାତ୍ର ଆସି ପହଞ୍ଚିଛନ୍ତି । ମୋର ପୂର୍ବ ଅବତାରରେ ମୋତେ ସେବା କରିଥିବା କାକା ଦିକ୍ଷୀତ୍ ମଧ୍ୟ ଏଠାରେ ଅଛି । ସେମାନଙ୍କୁ ଛାଡ଼ି ମୁଁ ତୁମମାନଙ୍କୁ ଏତେ ଥର ଡାକୁଛି, ତୁମ ସଙ୍ଗେ ଆଳାପ କରୁଛି ତୁମକୁ ଆନନ୍ଦ ଦେଉଛି, ଥରେ ଭାବି ଦେଖ, ତୁମ ଉପରେ ସ୍ୱାମୀ କେତେ କୃପା ଅଜାଡ଼ି ଦେଉଛନ୍ତି । ମୁଁ ହୃଦୟକୁ ପରଖିଥାଏ, ତୁମ ହୃଦୟକୁ ପରଖି ତୁମକୁ ଡାକିଛି ।" ଆମେ କହିଲୁ, 'ସ୍ୱାମୀ, ଆମେ

ସତରେ ଖୁବ୍ ଭାଗ୍ୟବାନ ।' ସେ କହିଲେ, "ହଁ, କୃପା ଉଚ୍ଛୁଳୁଛି, ତାକୁ ଧରି ରଖ । ମୁଁ ଯେତେବେଳେ ତୁମକୁ କିଛି ସୁଯୋଗ ଦିଏ, ତୁମେ କ'ଣ କରିବା କଥା ଜାଣ ? ସେତେବେଳେ ମନରେ ଭାବ, "ସ୍ୱାମୀ ଆମ ଉପରେ କେତେ କୃପା ବୃଷ୍ଟି କରୁଛନ୍ତି । ଆମେ କ'ଣ ତାଙ୍କ ଆଜ୍ଞା ମାନିବାନି ? ଆମେ କ'ଣ ତାଙ୍କ ସୁନାମ ଆଣିବାନି ?" ତୁମେ ମୋତେ ଜାଣ, ମୁଁ ତୁମକୁ ଜାଣେ, ଅନ୍ୟମାନେ କ'ଣ ଏହା ବୁଝନ୍ତି ? ଅନ୍ୟମାନେ ମୋତେ ଏ ଯାଏଁ ଜାଣି ନାହାନ୍ତି ।"

ଏଥର ଜପ ଓ ଧ୍ୟାନ କଥା ଉଠିଲା । ସ୍ୱାମୀ ମୋତେ କହିଲେ , "ତୁ ଗୋଟିଏ ବୋହୂ ଭଳି ଅଣ୍ଟା ନୁଆଁଇ ବସୁ । ତାହା ଠିକ୍ ନୁହଁ ସିଧା ବସିବା ଅଭ୍ୟାସ କର । କିମିତି ବସିବାକୁ ହେବ ତାହା ସ୍ୱାମୀ ନିଜେ ବସି ଆମକୁ ଦେଖେଇଲେ ଏବଂ କହିଲେ, "ବିଜ୍ଞାନ କହେ, ସିଧା ନ' ବସି ନଇଁ ହୋଇ ବସିଲେ ଶରୀରର ରକ୍ତ ମସ୍ତିଷ୍କକୁ ଅନାୟାସରେ ଗତି କରେ ନାହିଁ । ମସ୍ତିଷ୍କକୁ ରକ୍ତର ପ୍ରବାହ ଠିକ୍ ନ ହେଲେ ମନ ଅସ୍ଥିର ହୁଏ । ତେଣୁ ସବୁବେଳେ ସିଧା ବସିବା ଉଚିତ୍ । ସେତେବେଳେ ମସ୍ତିଷ୍କକୁ ରକ୍ତର ପ୍ରବାହ ସ୍ଥିର ହେବ ଏବଂ ତୁମ ମନ ଆଉ ବିଚଳିତ ହେବ ନାହିଁ । ତେଣୁ ଧ୍ୟାନ ସମୟରେ ତୁମର ଦୁଇ ହାତକୁ ଦୁଇ ଆଣ୍ଠୁ ଉପରେ ସିଧା ରଖିବାକୁ କୁହାଯାଏ । ପାଦ ଦୁଇଟିକୁ ଦୁଇ ଜଙ୍ଘ ଉପରେ ରଖି ପଦ୍ମାସନରେ ବସିବା ଦରକାର ।"

ମୁରଲୀ ସ୍ୱାମୀଙ୍କୁ ଜପମାଳା ଆଙ୍ଗୁଠିରେ କିମିତି ଧରିବାକୁ ହେବ ପଚାରିଲା । ସ୍ୱାମୀ କହିଲେ, "ବୁଢ଼ା ଆଙ୍ଗୁଠି ଓ ମଝି ଆଙ୍ଗୁଠିରେ ଜପମାଳା ଧରିବା ଉଚିତ । ଏଥି ପାଇଁ ବିଶି ଆଙ୍ଗୁଠିକୁ ବ୍ୟବହାର କରିବା ଠିକ୍ ନୁହଁ, କାରଣ ବିଶି ଆଙ୍ଗୁଠିକୁ ମଣିଷ ସାଧାରଣତଃ ଦୋଷ ଦେଖେଇବା ପାଇଁ କିମ୍ବା ଭୟ ଦେଖେଇବା ପାଇଁ ବ୍ୟବହାର କରେ ।" ମୁଁ କହିଲି, 'ସ୍ୱାମୀ ଆମେ ଏ ଯାଏଁ କିନ୍ତୁ ବିଶି ଆଙ୍ଗୁଠିକୁ ବ୍ୟବହାର କରୁଥିଲୁ ।' ସ୍ୱାମୀ କହିଲେ, "ଠିକ୍ ଅଛି, ଏଥର କିନ୍ତୁ ଆଉ ସେ ଭୁଲ କର ନାହିଁ । କେବଳ ଧ୍ୟାନ ସମୟରେ ଦୁଇ ହାତକୁ ଦୁଇ ଆଣ୍ଠୁ ଉପରେ ସିଧା ରଖିବ କିନ୍ତୁ ଜପ ସମୟରେ ତାହା କଲେ ଜପମାଳା ଭୂମିକୁ ଲାଗିବ ।"

ସେଛିଙ୍କ ଘରେ ସ୍ୱାମୀ ଧ୍ୟାନରେ ବସିଥିବା ଭଙ୍ଗୀରେ ଥିବା ଫଟୋକୁ ଉଲ୍ଲେଖ କରି ସ୍ୱାମୀ କହିଲେ, "ମୁଁ କାହିଁକି ଧ୍ୟାନ କରିବି ? ମୁଁ କ'ଣ ଯୋଗୀ ? ମୁଁ ସେମାନଙ୍କୁ ସେହି ଫଟୋଟି ନ ରଖିବାକୁ କହିଛି କାରଣ ଯିଏ ସେ ଫଟୋ ଦେଖିବ ସେ ଭାବିବ ଯେ ସ୍ୱାମୀ ମଧ୍ୟ ଧ୍ୟାନ କରନ୍ତି' । ବାଙ୍ଗାଲୋର୍‌ରେ ସ୍ୱାମୀ ଥରେ ଜପ କିପରି କରିବାକୁ ହୁଏ ତାହା ବୁଝାଉଥିବା ସମୟରେ ଜଣେ ଭକ୍ତ ସେହି ଫଟୋ ଉଠେଇଥିଲା । ଆମେ କହିଲୁ, "ଆମେ ଆମ ଘରେ ସେହି ଫଟୋ ପୂଜାରେ ବ୍ୟବହାର କରିଥାଉ ।" ସ୍ୱାମୀ କହିଲେ, "ସେ ଫଟୋ ରଖ ନାହିଁ ।" ଆମେ ପଚାରିଲୁ "ସ୍ୱାମୀ, ଆମେ କେଉଁ ଫଟୋ ରଖିବା

ଠିକ୍ ହେବ ?" ସ୍ୱାମୀ କହିଲେ, "ତୁମ ପସନ୍ଦର ଅନ୍ୟ ଯେକୌଣସି ଫଟୋ ରଖିପାର ।" କକ୍ଷ ମଧ୍ୟରେ ଥିବା ଏକ ଫଟୋକୁ ଦେଖାଇ ମୁଁ କହିଲି, "ସେ ଫଟୋଟି ଖୁବ୍ ସୁନ୍ଦର ହୋଇଛି ।" (ଫଟୋ ମଧ୍ୟରେ ସ୍ୱାମୀ ମନ୍ଦିରର ଭଜନ ହଲ ଭିତରେ ଶିରିଡ଼ିବାବା ଓ ପର୍ତ୍ତିବାବାଙ୍କର ଦୁଇଟି ଚିତ୍ରପଟ ମଝିରେ ସିଂହାସନରେ ବସିଛନ୍ତି। ସିଂହାସନ ଉପରେ ରୌପ୍ୟ ଛତ୍ର ଶୋଭା ପାଉଛି) ସ୍ୱାମୀ କହିଲେ, "ହଁ, ଏହାର କାରଣ ଫଟୋରେ ଦୁହେଁ (ଶିରିଡ଼ି ବାବା, ପର୍ତ୍ତିବାବା) ଅଛନ୍ତି ।" ମୁଁ କହିଲି, 'ନା ସ୍ୱାମୀ, ଆପଣ ସେହି ରୌପ୍ୟ ଛତ୍ର ତଳେ ସିଂହାସନରେ ବସିଥିବା ଅବସ୍ଥାରେ ଖୁବ୍ ସୁନ୍ଦର ଦିଶୁଛନ୍ତି ।" ସ୍ୱାମୀ କହିଲେ, "ତୋତେ ଯଦି ଫଟୋଟି ଏତେ ଭଲ ଲାଗୁଛି, ତୁ ଫେରିବା ଆଗରୁ ମୁଁ ତୋତେ ସେହି ଫଟୋଟି ଦେଇଦେବି ।"

କଥାବାର୍ତ୍ତା ମଧ୍ୟରେ ମୂରଲୀ ବାରମ୍ବାର 'ଆପଣ ଆମେ' ଶବ୍ଦ ବ୍ୟବହାର କରୁଥାଏ । ସ୍ୱାମୀ କହିଲେ, "ତୁମେ କାହିଁକି ମୋତେ ତୁମଠାରୁ ଅଲଗା ଭାବିଥାଅ ?" ଆମେ ସମସ୍ତେ ଏକ । ପରେ ସ୍ୱାମୀ କହିଲେ, "ମୁଁ ଧରାଧାମରେ ଅବତରଣ କଲି କାହିଁକି ? ଈଶ୍ୱର ତ ନିରାକାର । ସେ ଗୁଣାତୀତ ମଧ୍ୟ ।"

"ମୋତେ ଜାଣିବା ବା ବୁଝିବା ଭକ୍ତମାନଙ୍କ ପାଇଁ କଷ୍ଟସାଧ୍ୟ ହୁଏ", ତେଣୁ ମୁଁ ଏହି ରୂପଧାରଣ କରି ଭୂପୃଷ୍ଠରେ ଅବତୀର୍ଣ୍ଣ ହେଲି ଯଦ୍ୱାରା ସାଧନାର ପ୍ରାରମ୍ଭିକ ସ୍ତରରେ ଥିବା ଲୋକେ ଈଶ୍ୱରଙ୍କ ରୂପକୁ ଆରାଧନା କରିବେ । ପରବର୍ତ୍ତୀ ଅବସ୍ଥାରେ ସେମାନେ ନିର୍ଗୁଣ, ନିରାକାର ପରବ୍ରହ୍ମଙ୍କ ମଧ୍ୟରେ ଲୀନ ହୋଇ ପାରିବେ ।" ଏହା କହି ସ୍ୱାମୀ ଆମକୁ ଏକାଧିକ କବିତା ଆବୃତ୍ତି କରି ଶୁଣାଇଲେ । ସେଥିମଧ୍ୟରୁ ଏକ କବିତାର ସାରମର୍ମ ଥିଲା, "ଆଖି ଦେଇ ସ୍ୱାମୀଙ୍କ ରୂପ ଦେଖିବା, କାନ ଦେଇ ସ୍ୱାମୀଙ୍କ କଥା ଶୁଣିବା, ଆତ୍ମା ଦେଇ ସ୍ୱାମୀଙ୍କ କୃପା ପାଇବା ।"

ସ୍ୱାମୀ କହିଲେ, "ଲୋକେ କଳ୍ପବୃକ୍ଷ ମୂଳକୁ ଆସି ସାମାନ୍ୟ କୋଇଲା ଚାହୁଛନ୍ତି" । ସାଂସାରିକ ବିଷୟ ବାସନା ପରିହାର କରି ମୋ ମଧ୍ୟରେ ଲୀନ ହୁଅ । ମୁଁ ତୁମର, ତୁମେ ମୋର । ଆପାତତଃ ଆମେ ଭିନ୍ନ କିନ୍ତୁ ପରିଶେଷରେ ଆମେ ହେବା ଏକ । ମୁଁ ତୁମଠାରୁ କିଛି ଆଶା କରିନଥାଏ । ତୁମେ ତୁମର ନିର୍ମଳ ପ୍ରେମ ମୋତେ ଦେଇ ପାରିଲେ, ସେତିକି ଯଥେଷ୍ଟ । ତୁମେ ଯାହା କିଛି ଚାହୁଁଛ ମାଗ, ମୁଁ ତାହା ତୁମକୁ ଦେବି । ମୁଁ କହିଲି, "ସ୍ୱାମୀ, ମୋତେ ଆପଣ ଆପଣଙ୍କ ପ୍ରତି ଶୁଦ୍ଧ ଭକ୍ତି ପ୍ରଦାନ କରନ୍ତୁ । ମୁଁ ଆଉ କିଛି ଚାହେଁ ନାହିଁ ।" ରଘୁ କହିଲା, "ସ୍ୱାମୀ, ଆପଣଙ୍କ ପ୍ରେମ ମୋ ପାଇଁ ଯଥେଷ୍ଟ ।" ମୂରଲୀ କହିଲା, "ସ୍ୱାମୀ ମୋ, ଜୀବନକୁ ସାର୍ଥକ କରନ୍ତୁ ।"

ସ୍ୱାମୀ କହିଲେ, "ଏକ କଣ୍ଠରୁ ଅନେକ ରାଗ ଗାନ କରାଯାଇପାରେ । ବୀଣାର ଚାରୋଟି ତାରର ସାହାଯ୍ୟ ନେଇ ଚାରିଶହ ସ୍ୱର ବାଦନ କରା ଯାଇପାରେ । ସେହିପରି,

ଏକ ମନରେ ଅନେକ ଚିନ୍ତା ଆସି ପାରେ । ତୁମେ ଯାହା ଚାହିଁଛ ତାହା ଅତି ଉତ୍ତମ । ସ୍ୱାମୀ ସବୁ ସମୟରେ ତୁମର ହୋଇ ରହିଛନ୍ତି ।" ସ୍ୱାମୀଙ୍କର ଆଶୀର୍ବାଦ ଲାଭ କରି ଆମେ ତାଙ୍କୁ ପାଦନମସ୍କାର କଲୁ । ସେ କହିଲେ, "ତୁମକୁ ଭଲ ମଣିଷ କରିବା ପାଇଁ ଏବଂ ସବୁବେଳେ ମୋର ଭକ୍ତ କରି ରଖିବାପାଇଁ ତୁମ ମା ନିତ୍ୟ ମୋତେ ପ୍ରାର୍ଥନା କରିଥାଏ । ତା'ର ସେହି ପ୍ରାର୍ଥନା ହେତୁ ତୁମେ ମୋର କୃପା ଲାଭ କରୁଛ । ଏସବୁ ତାରି ସାଧନାର ଫଳ । ମୁଁ କହିଲି, 'ସ୍ୱାମୀ, ଆମେ ସବୁ ଆପଣଙ୍କ ସମ୍ପଦ, ଆପଣଙ୍କ ସନ୍ତାନ ।' ମୋ କଥା ଶୁଣି ସ୍ୱାମୀ ଭାରି ଖୁସି ହେଲେ ଏବଂ କହିଲେ, 'ଏଥର ତୁମେ ଯାଅ' ।

ଆମେ ପାହାଚ ଦେଇ ତଳକୁ ଓହ୍ଲେଇବାକୁ ଯାଉଛୁ, ସ୍ୱାମୀ କହିଲେ, "ତୁମର ଉପନୟନର କି ଆୟୋଜନ କରାଯାଇଛି ?" ଆମେ ଉତ୍ତର ଦେଲୁ, 'ସ୍ୱାମୀ , ଆପଣ ଯାହା କହିବେ ।' ସ୍ୱାମୀ କହିଲେ, 'ତା ହେଲେ ବର୍ତ୍ତମାନ ମୁଁ ତୁମର ଉପନୟନ କରିଦେବି । ନା, ତୁମର ବାପା ମା ଉପନୟନ ଦେଖି ଆନନ୍ଦ ପାଇବା ଦରକାର । ତୁମ ଉପନୟନ କିନ୍ତୁ ମୁଁ ହିଁ କରିବି ।' ସେ ବୀରଭଦ୍ରମ୍‌ଙ୍କୁ ଡାକି ଭଲ ବେଳା ନକ୍ଷତ୍ର କେବେ ଅଛି ପଚାରିଲେ । ବୀରଭଦ୍ରମ୍ କହିଲେ, ସତେଇଶ, ଅଠେଇଶ ତାରିଖରେ ଭଲ ମୁହୂର୍ତ୍ତ ଅଛି । ମୂରଲୀ ପଚାରିଲା, 'ସ୍ୱାମୀ, ମୁଁ ଯାଇ ବାପା ମା'ଙ୍କୁ ନେଇ ଆସିବି ?' ସ୍ୱାମୀ କହିଲେ, "ହଁ ଯା, ଅଛନ୍ତି କି ନାହିଁ, ମୋତେ ଟେଲିଗ୍ରାମ ଦେଇ ଜଣା । ଆଚ୍ଛା, ଆଗ ଯେଉଁ ଚିଠିଟି ଦେଇଥିଲି, ତାହା ମୋତେ ଦେଲୁ, ଆଉ ଏକ ଚିଠି ତୋତେ ମୁଁ ଦେବି ।" ମୁଁ କହିଲି, 'ସ୍ୱାମୀ, ଆପଣଙ୍କ ପ୍ରେମର ସନ୍ତକ ମନେକରି ଆମେ ତାହା ସାଇତି ରଖିବୁ । ଚିଠିଟି ଆମ ପାଖରେ ଥାଉ ।' ସ୍ୱାମୀ ମୂରଲୀକୁ କହିଲେ, "ଠିକ୍ ଅଛି, ସେଇ ଚିଠିଟି କାଲିଥରେ ଆଣିବୁ । ତା'ରି ଉପରେ ମୁଁ ଆଉ ଯାହା ଲେଖିବା କଥା, ଲେଖି ଦେବି ।"

ମୁଁ କହିଲି, 'ସ୍ୱାମୀ, ଟେଲିଗ୍ରାମ କି ଦରକାର ? ଆପଣ ସେମାନଙ୍କୁ ଏଠାରେ ଚାହୁଁଛନ୍ତି ଜାଣିଲେ ସେମାନେ ସଙ୍ଗେ ସଙ୍ଗେ ଚାଲିଆସିବେ' । ସ୍ୱାମୀ କହିଲେ, "ଧେତ୍, ତୋ' ଘରର କି ସମସ୍ୟା ତୁ କି ଜାଣୁ ?" ମୁରଲୀକୁ ଚାହିଁ ସେ କହିଲେ, "କାଲି ସକାଳେ ଆସ । କାହାର କାର୍ ଯାଉଥିବ, ସେଥିରେ ତୋତେ ବାଙ୍ଗାଲୋର ପଠେଇଦେବି । ସେଠୁ ତୁ ବସ୍‌ରେ ମହୀଶୂର ଚାଲିଯିବୁ ।" ମୂରଲୀ କହିଲା, "ସ୍ୱାମୀ, ଏହି କ୍ଷଣି ଆପଣ ଉପନୟନ କରି ଦିଅନ୍ତୁ । ଆପଣଙ୍କ ହାତରେ ଯେତେବେଳେ ଉପନୟନ ହେବ, ଆଉ ଶୁଭ ଲଗ୍ନ ଖୋଜିବା କି ଦରକାର ?"

ସ୍ୱାମୀ କହିଲେ, 'ତୁ ଏମିତି କହୁଛୁ, କାରଣ ତୋ'ର ଉପନୟନ ସରି ଯାଇଛି' । ବିରଭଦ୍ରମ୍, ମୁଁ ଏଇ ହଲ୍‌ରେ ସକାଳ ୬ଟାରେ ଉପନୟନ କରିବି ।' ସେ ଆପାରାଓଙ୍କୁ ଡାକି ପଞ୍ଜିକା ଆଣିବାକୁ କହିଲେ । ସ୍ୱାମୀ ରଘୁକୁ ତାର ଜନ୍ମନାମ (ତା'ର

ଜନ୍ମ ନାମ ଥିଲା ସୁବ୍ରହ୍ମଣ୍ୟ) ଓ ଜନ୍ମ ନକ୍ଷତ୍ର କ'ଣ ପଚାରିଲେ । ସ୍ୱାମୀ କହିଲେ ୨୭ ତାରିଖ ଭଲଦିନ ଅଛି ଓ ସେ ସେଦିନ ଆମ ଦୁହିଁଙ୍କର ଉପନୟନ କରିବେ । ସ୍ୱାମୀ କହିଲେ, "ସବୁକିଛି ମୁଁ ଯୋଗାଡ଼ କରିବି, ବଢ଼ିଆ ଭୋଜିର ବନ୍ଦୋବସ୍ତ କରିବି, ତୁମର ସବୁ ଜ୍ଞାତି ସହୋଦରଙ୍କୁ ଡାକ ।"

ବୀରଭଦ୍ରମ୍ ଯେତେବେଳେ ତାଙ୍କର ଅନ୍ୟ କୌଣସି କାର୍ଯ୍ୟର ଆଳରେ ସେଦିନ ନ ରହିବାପାଇଁ ଅନୁମତି ଭିକ୍ଷା କଲେ, ସ୍ୱାମୀ କହିଲେ, "କ'ଣ ? ପୂର୍ବ ଗୋଦାବରୀରେ ତୁମେ କ'ଣ ତୁମ ପୈତୃକ ସମ୍ପତ୍ତିର ହେଫାଜତ କରିବାକୁ ଯିବ ? ଏଠି ଆଉ କିଛି ଦିନ ରହି ତାପରେ ଯାଅ, ଏଇ ପିଲାମାନଙ୍କର ଉପନୟନ ତୁମେ କରିବ । ଆମେ ଏହା ଶାସ୍ତ୍ରୋକ୍ତ ବିଧିରେ କରିବା । ପ୍ରତ୍ୟେକେ ସେମାନଙ୍କର ନିଜ ନିଜ ଧର୍ମର ବିଧିବିଧାନକୁ ମାନିବା ଉଚିତ୍ । ମୁଁ ନିଜେ ଏମାନଙ୍କ କାନ୍ଧରେ ପଇତା ଦେବି । ଶୁଭଦିନ ଦେଖି ଏହା ନ' କଲେ ଭବିଷ୍ୟତରେ ଏଥିଯୋଗୁ ଅନିଷ୍ଟ ହୋଇପାରେ । ଏଠାରେ ଏହି ପ୍ରଚଣ୍ଡ ଅଗ୍ନି ଥାଉ ଥାଉ କାହାର କେବେ କିଛି ଅରିଷ୍ଟ ହେବ ନାହିଁ ।"

ସ୍ୱାମୀ ମୋତେ ପଚାରିଲେ, "ହଇରେ ବରପିଲା ! ତୁ ଏଥିରେ ରାଜିତ ?" ମୁଁ କହିଲି, "ସ୍ୱାମୀ ଆପଣ ଯାହା କହିବେ ସେଥିରେ ମୁଁ ରାଜି ।" ରଘୁକୁ ମଧ୍ୟ ସ୍ୱାମୀ ସେଇ ପ୍ରଶ୍ନ କରିଲେ । ରଘୁ ମଧ୍ୟ ସେଇ ଉତ୍ତର ଦେଲା । ମୁଁ କହିଲି, 'ସ୍ୱାମୀ କାଲି ଫେରିଯିବାକୁ ହେବ ଭାବି ଆମେ ମନ କଷ୍ଟ କରୁଥିଲୁ । ଏବେ କିନ୍ତୁ ଆମେ ଆଉ ଚାରିଦିନ ରହିବାକୁ ଚାହୁଁ । ସ୍ୱାମୀ ରଘୁକୁ ଥଟ୍ଟା କରି ମୋତେ କହିଲେ, "ତୁ ସିନା ଏମିତି ଭାବୁଛୁ, ସେ କିନ୍ତୁ କେତେ ଶୀଘ୍ର ଚାଲିଯିବ ଭାବୁଛି ।" ତୁମ କୌଳିକ ପରମ୍ପରାରେ ପୁଅକୁ ଦଶବର୍ଷ ହେଲେ ବ୍ରତ କରିବା କଥା । ତୁମର କିନ୍ତୁ ଏ ଯାଏଁ ବ୍ରତ ହୋଇନି । ତୁମେମାନେ ଗାୟତ୍ରୀ ମନ୍ତ୍ର ଜପ କରିବା କଥା । ତୁମର କିନ୍ତୁ ଏ ଯାଏଁ ବ୍ରତ ହୋଇନି । ତୁମେମାନେ ଗାୟତ୍ରୀ ମନ୍ତ୍ର ଜପ ନ କଲେ, ତୁମ ବୁଦ୍ଧି ମାନ୍ଦା ହୋଇଯିବ । ସଂସାରରେ ସୁଖ ଶାନ୍ତି ଓ ସମୃଦ୍ଧି ପାଇଁ ଗାୟତ୍ରୀ ମନ୍ତ୍ର ଅନ୍ୟ ମନ୍ତ୍ରଗୁଡ଼ିକ ଆତ୍ମାର ବିକାଶ ପାଇଁ ।" ସ୍ୱାମୀ ମୂରଲୀକୁ ପରଦିନ ଆସି ଦେଖା କରିବାକୁ କହିଲେ ।

ପଚିଶ ତାରିଖ ସକାଳେ ଆମେ ପୋଟିକୋ ପାଖରେ ଛିଡ଼ା ହୋଇଥାଉ । ସ୍ୱାମୀ ମୂରଲୀକୁ କହିଥିଲେ ଯେ ସେ ମହୀଶୂର ଯିବା ସମୟରେ ତା' ହାତରେ ଗୋଟିଏ ଚିଠି ପଠେଇବେ । ତେଣୁ ମୂରଲୀ ଅପେକ୍ଷା କରିଥାଏ । ସ୍ୱାମୀ ଇଣ୍ଟରଭ୍ୟୁ କକ୍ଷରୁ ଖଣ୍ଡେ ଦୂରରେ ଛିଡ଼ା ହୋଇଥାନ୍ତି । ସେ ମୂରଲୀକୁ ଡାକି କହିଲେ, "ଉପନୟନ ପରେ ହେବ, ମୁଁ ଶ୍ରାବଣ ମାସର ପ୍ରଥମ ସପ୍ତାହରେ ନିଶ୍ଚୟ ତାହା କରିବି, ଭିକ୍ଷା ପାଇଁ ଅର୍ଥ ଯୋଗାଡ଼ କରିବାକୁ ତୋର ଆଈକୁ ଆଉ କିଛି ସମୟ ଦରକାର । ତୋ'ର ମାଇଁ ରାଧାମ୍ମା

କେତେଦିନୁ ତୁମର ବ୍ରତ ଦେଖିବ ବୋଲି ଚାହିଁ ବସିଛି କିନ୍ତୁ ସେ ସତେଇଶ ତାରିଖରେ ପୁଟ୍ଟପର୍ତ୍ତି ଆସି ପାରିବ ନାହିଁ । ତାକୁ ଏଇ ଖବର ଟେଲିଗ୍ରାମ ଦେଇ ଜଣାଇବାକୁ ହେବ । ମୁଁ ସାରା ରାତି ଏହି କଥା ଚିନ୍ତା କଲି ଏବଂ ଭାବିଲି ଯେ ଏତେ ହଡ଼ବଡ଼ରେ ଏହା କରିବା ଠିକ୍ ହେବନି ।" ସ୍ୱାମୀ ମୂରଲୀ ହାତରେ ଖବର ଦେଲେ ଯେ ସେ ମୋତେ ଓ ରଘୁକୁ ଇଣ୍ଟରଭ୍ୟୁ କକ୍ଷକୁ ଡାକି ଅଲଗା କଥା ହେବେ । ସ୍ୱାମୀ ମା'ଙ୍କୁ ଏକ ଚିଠି ଲେଖି ତାହା ମୂରଲୀ ହାତରେ ଦେଲେ ।

କିଛି ସମୟପରେ ସ୍ୱାମୀ ଆମକୁ ଡାକିଲେ । ରଘୁ ଓ ମୁଁ ସ୍ୱାମୀଙ୍କ ନିକଟକୁ ଗଲୁ । ସ୍ୱାମୀ କହିଲେ, "ତୁମ ଭିତରୁ ଜଣେ ଆସ, ମୁଁ ଜଣ ଜଣ କରି ଡାକିବି ନଚେତ୍ ଲୋକେ ଭାବିବେ ଯେ ମୁଁ ସବୁବେଳେ ଖାଲି ତୁମକୁ ଇଣ୍ଟରଭ୍ୟୁ ଦେଉଛି ।" ଏହା କହି ସେ ମୋତେ ଭିତରକୁ ଡାକି ନେଲେ ଏବଂ କହିଲେ, "ତୁମେ ତିନିଜଣ କେବଳ ମୋତେ ଚାହିଁଥିଲ । ମୁଁ ନିଶ୍ଚୟ ତୁମର ଅଭିଳାଷ ପୂରଣ କରିବି। ତୁମକୁ ମୋର ଆଜ୍ଞା ମାନି ଚଳିବାକୁ ହେବ ।" ସେ ଅତ୍ୟନ୍ତ ପ୍ରେମ ସହକାରେ ଆମ ସଙ୍ଗେ ଆଳାପ କଲେ । ଆମେ ଦିବ୍ୟାନନ୍ଦ ଅନୁଭବ କଲୁ ।

ଏହିଭଳି ସ୍ୱାମୀ ମୋର ପୁଅମାନଙ୍କୁ ସେମାନଙ୍କର ପୁଟ୍ଟପର୍ତ୍ତିର ଦୁଇ ସପ୍ତାହ ରହଣି ମଧ୍ୟରେ ଅଜସ୍ର କୃପା ଢାଳି ସେମାନଙ୍କୁ ଅସୀମ ଆନନ୍ଦ ପ୍ରଦାନ କଲେ । ସ୍ୱାମୀ ସେମାନଙ୍କୁ ସକଳ ବିପଦରୁ ସର୍ବଦା ରକ୍ଷା କରି ଆସିଛନ୍ତି ଏବଂ ତାଙ୍କର ଅପାର କରୁଣାରୁ ସେମାନେ ମୋଟାମୋଟି ବେଶ୍ ଭଲ ଭାବେ ଜୀବନରେ ଛିଡ଼ା ହୋଇପାରିଛନ୍ତି ଏବଂ ମନରେ ସବୁବେଳେ ପ୍ରଭୁସାଇଙ୍କୁ ସ୍ମରଣ କରି ଶାନ୍ତି ଓ ସନ୍ତୋଷରେ ଜୀବନ ଅତିବାହିତ କରୁଛନ୍ତି ।

ତ୍ରିଂଶ ଅଧ୍ୟାୟ

ନାମ କରଣ... ଉପନୟନ...

ଶାସ୍ତ୍ରଗୁଡ଼ିକ ଏଭଳି ଭାବେ ରଚନା କରାଯାଇଛି ଯେ ବ୍ୟକ୍ତିର ବୟସ, ବୃତ୍ତି ବା ଉପଲବ୍ଧି ଯାହା ହେଉ ନା କାହିଁକି, ସେଗୁଡ଼ିକ ତାର ସର୍ବୋତ୍ତମ ଆବଶ୍ୟକତା ପୂରଣ କରିଥାନ୍ତି । ଏକ ସ୍ନେହମୟୀ ଜନନୀ ସଦୃଶ ବେଦମାତା ତାଙ୍କର ସମସ୍ତ ସନ୍ତାନଙ୍କୁ ପଥ ଦେଖାଇଥାନ୍ତି ଓ ରକ୍ଷା କରିଥାନ୍ତି ।

—ଶ୍ରୀ ସତ୍ୟସାଇ ବାବା

ହିନ୍ଦୁଧର୍ମର ବିବିଧ ବ୍ୟବସ୍ଥା ମଧ୍ୟରେ ବୈଦିକ କର୍ମକାଣ୍ଡ ଏକ ମୁଖ୍ୟ ଅଙ୍ଗ ଅଟେ । ନାମ କରଣ, ଉପନୟନ ଚୌଳ, ଅକ୍ଷରାଭ୍ୟାସ ଓ ଉପନୟନ- ଏହିଭଳି କେତୋଟି ସଂସ୍କାର କର୍ମକାଣ୍ଡ ମଧ୍ୟରେ ଅନ୍ତର୍ଭୁକ୍ତ ।

ଉପନୟନର ଆକ୍ଷରିକ ଅର୍ଥ ହେଲା ଯେ (ଦ୍ୱିତୀୟ) ନୟନ (ଦୃଷ୍ଟି) । ଏଠାରେ ଦୃଷ୍ଟିର ଅର୍ଥ ହେଲା ମଣିଷର ଅନ୍ତରଦୃଷ୍ଟି ବା ଦିବ୍ୟ ଦୃଷ୍ଟିର ଉନ୍ମୀଳନ । ଉପବୀତ ମଧ୍ୟରେ ତିନୋଟି ଖିଅର ସୂତାକୁ ଗୋଟିଏ ଗଣ୍ଠିରେ ବନ୍ଧା ଯାଇଥାଏ ଯେଉଁ ଗଣ୍ଠିକୁ ବ୍ରହ୍ମଗଣ୍ଠି କୁହାଯାଏ । ଭୂଃ ଭୁବଃ ଓ ସ୍ୱଃ ରୂପେ ନାମିତ ଏହି ତିନି ଖିଅ ତିନି ଲୋକର ପ୍ରତୀକ । ସେଗୁଡ଼ିକ ତ୍ରିକାଳ ଓ ତ୍ରିଗୁଣକୁ ମଧ୍ୟ ସୂଚାଇଥାନ୍ତି ।

ଏହି ସଂସ୍କାରର ବୈଶିଷ୍ଟ୍ୟକୁ ସ୍ୱାମୀ ବହୁବାର ତାଙ୍କର ଦିବ୍ୟ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି । ପ୍ରଥମେ ମଣିଷ ମାତୃଗର୍ଭରୁ ଜନ୍ମ ନିଏ । ଯଜ୍ଞୋପବୀତ ଧାରଣ କରିବାପରେ ସେ ଦ୍ୱୀତୟ ଥର ପାଇଁ ଜନ୍ମ ହୁଏ । ଉପବୀତ ଧାରଣ ସଙ୍ଗେ ସେ ଗାୟତ୍ରୀ ଉପଦେଶ ଲାଭ କରେ । ତାପରେ ସେ ସଂସାର ମଧ୍ୟରେ ପ୍ରବେଶ କରି ଧର୍ମନିଷ୍ଠ ଜୀବନଯାପନ କରେ, ଅର୍ଥାତ୍ ସତ୍‌ଚିନ୍ତା ଓ ସତ୍‌କର୍ମକୁ ଜୀବନର ଆଧାର କରେ । ସେତେବେଳେ ତାହାକୁ କୁହାଯାଏ ବିପ୍ର । ବିଷ୍ଣୁନାମ ଚିନ୍ତନ ତଥା ଦିବ୍ୟାନୁଭୂତି ଆହରଣକୁ ପାଥେୟ କରି ସେ ବ୍ରହ୍ମୋପଲବ୍ଧିର ମାର୍ଗରେ ପାଦ ଦିଏ । ବ୍ରହ୍ମମାର୍ଗରେ ଯାତ୍ରା କରୁଥିବା ବ୍ୟକ୍ତି ହିଁ ପ୍ରକୃତ ବ୍ରାହ୍ମଣ । ଅତୀତରେ ଝିଅମାନଙ୍କର ମଧ୍ୟ ଉପନୟନ କରା ଯାଉଥିଲା । ଜନକ ରାଜା ତାଙ୍କର କନ୍ୟା ସୀତାଙ୍କର ଉପନୟନ କରିବା କଥା ରାମାୟଣରେ ଉଲ୍ଲେଖ ଅଛି । ସ୍ୱାମୀ କହନ୍ତି ଯେ କାଳକ୍ରମେ ଝିଅମାନେ ଉପବୀତ

ପରିବର୍ତ୍ତେ ଶୁଭଦିନ ମାନଙ୍କରେ ସେମାନଙ୍କ ହାତର ମଣିବନ୍ଧରେ ଡୋରି ବାନ୍ଧିବାକୁ ଲାଗିଲେ ।

ଆଶୀର୍ବାଦ ପାଇଁ ଭକ୍ତମାନେ ପ୍ରାର୍ଥନା କଲେ ସ୍ୱାମୀ ସେମାନଙ୍କ ଗୁହାରି ଶୁଣି ଉପନୟନ ସଂସ୍କାର ସମାପନ ମାଧ୍ୟମରେ ଆନନ୍ଦ ଦେଉଥିଲେ । ଆମ ଉପରେ ସେ ଏଭଳି ବହୁବାର ତାଙ୍କର କୃପା ବର୍ଷଣ କରିଛନ୍ତି ।

୧୯୫୧ ଶିବରାତ୍ରି ଉତ୍ସବ ସମୟରେ ସ୍ୱାମୀ ମୋର ପତିଦେବଙ୍କୁ ଇଣ୍ଟରଭ୍ୟୁ ଦେଇ ସେ ଆମ ବଡ଼ପୁଅ ମୂରଲୀର ବ୍ରତୋପନୟନ ପ୍ରଶାନ୍ତି ନିଳୟମ୍‌ରେ କରିବେ ବୋଲି ସଦୟ ସମ୍ମତି ଦେଇଥିଲେ । ଏହି ସନ୍ଦର୍ଭରେ, ଉପନୟନର ତିଥି ନିର୍ଦ୍ଧାରଣ କରି ଉପନୟନର ପ୍ରସ୍ତୁତି ନିମନ୍ତେ ସ୍ୱାମୀଙ୍କର ପରାମର୍ଶ ନେବା ପାଇଁ ଆମେ ୧୯୫୧ ଅକ୍ଟୋବର ୨୮ ତାରିଖ ଦିନ ପୁଟ୍ଟପର୍ତ୍ତି ଅଭିମୁଖେ ଯାତ୍ରା କଲୁ । ଯିବା ବାଟରେ ଆମ ରେଳଗାଡ଼ି ଯଶବନ୍ତପୁର ଷ୍ଟେସନ ଅତିକ୍ରମ କରିବା ପରେ ପରେ ଆମେ ବସିଥିବା ରେଳଡବାର ଅଖ ଭାଙ୍ଗିଗଲା । ଅଖ ଭାଙ୍ଗିବା ଫଳରେ ଚକଗୁଡ଼ିକ ରେଳଡବାର ତଳର କାଠପଟାକୁ ଭେଦି ଉପରକୁ ଚାଲିଆସିଲେ । ଆସ ସାମ୍‌ନାରେ ବସିଥିବା ଜଣେ ଗ୍ରାମବାସୀ ସଙ୍ଗେ ସଙ୍ଗେ ବିପଦ ଘଣ୍ଟି (ଆଲାରାମ୍) ଟାଣି ଖୋଲା ଝରକା ଦେଇ ବାହାରକୁ ଡେଇଁ ପଡ଼ିଲା । ତତ୍‌କ୍ଷଣାତ୍ ଗାଡ଼ିଟି ପ୍ରଚଣ୍ଡ ଶବ୍ଦ କରି ରହିଗଲା । କେହି ଆହତ ହେଲେ ନାହିଁ । ସ୍ୱାମୀ ଜଣେ ଗ୍ରାମବାସୀର ରୂପରେ ଆସି ଆମକୁ ରକ୍ଷାକଲେ । ତାଙ୍କ କୃପା ବିନା ଆମେ ସେ ବିପତ୍ତିରୁ ରକ୍ଷା ପାଇ ନଥାନ୍ତୁ । ଉକ୍ତ ଗାଡ଼ି ରାତି ଅଢ଼େଇଟାରେ ପେନୁକୋଣ୍ଡାରେ ପହଞ୍ଚିବା କଥା, କିନ୍ତୁ ପହଞ୍ଚିଲା ସକାଳ ସାତଟାରେ । ସେଦିନ ଥିଲା ଦୀପାବଳୀ ଏବଂ ଆମେ ପୁଟ୍ଟପର୍ତ୍ତିରେ ପହଞ୍ଚିଲୁ ୧୯୫୧, ଅକ୍ଟୋବର ୨୮ ତାରିଖ ଅପରାହ୍ନ ୨ଟାରେ । ସ୍ୱାମୀ ଉପର ମହଲାରୁ ସ୍ମିତ ହାସ ବଦନରେ ଆମକୁ ଚାହୁଁଥାନ୍ତି, ସତେ ଯେପରି ସେ ଆମକୁ ପରୀକ୍ଷା କରୁଛନ୍ତି । ସ୍ୱାମୀଙ୍କ ଦର୍ଶନ ପାଇ ଆମେ ଆନନ୍ଦିତ ହେଲୁ । ସ୍ୱାମୀ ସେଦିନ ଖୁବ୍ ଉତ୍‌ଫୁଲ୍ଲ ମନେ ହେଉଥାନ୍ତି ।

ସେ ଆମକୁ ଆମେ ଏତେ ଶୀଘ୍ର ପୁଣି ଥରେ କାହିଁକି ଆସିଲୁ ପଚାରିଲେ । ମାସେ ତଳେ ଦଶହରା ସମୟରେ ଆମେ ପୁଟ୍ଟପର୍ତ୍ତି ଆସି ଥାଉ । ସେ ଆମକୁ ଉପର ମହଲାକୁ ଆସିବାକୁ ନିର୍ଦ୍ଦେଶ ଦେଲେ । ଆମେ ଉପରକୁ ଗଲୁ । ସ୍ୱାମୀ ତଳେ ବସି ଆମକୁ ତାଙ୍କ ଚାରିପାଖେ ବସିବାକୁ କହିଲେ । ସ୍ୱାମୀ ପିନ୍ଧିଥିବା ପୀତାମ୍ବରକୁ ଦେଖି ଆମେ ତାଙ୍କୁ ତାହା ବେଶ୍ ମାନୁଛି ବୋଲି କହିଲୁ । ସ୍ୱାମୀ ନିଜର ବସ୍ତ୍ରକୁ ଦେଖି କହିଲେ, ଓ ଏଇଟା ଭେଙ୍କଟଗିରର ରାଜା ମୋତେ ଦେଇ ପିନ୍ଧିବାକୁ ପଡ଼ିବ ବୋଲି ବାଧ୍ୟ କଲେ । ତେଣୁ ମୁଁ ପିନ୍ଧିଛି ।' ସ୍ୱାମୀ ମୋ ମା'ଙ୍କ ସ୍ୱାସ୍ଥ୍ୟ କେମିତି ଅଛି ପଚାରିଲେ ଏବଂ କହିଲେ, "ସଂସାରରେ ସବୁଠୁ ବଡ଼ ସେବା ହେଲା ମାତୃସେବା ।"

ସ୍ୱାମୀ କହିଲେ, "ନଭେମ୍ବର ମାସରେ ଜନ୍ମଦିନର ଠିକ୍ ପରଦିନ ସେ ଉପନୟନ କିରବେ । ସେ ଆମକୁ ଆମେ ପଞ୍ଜିକା ଆଣିଛୁ କି ପଚାରିଲେ । ଆମେ ଆଣିନୁ କହିଲୁ । ସେ କହିଲେ, ମନେରଖ, ମାସଗୁଡ଼ିକ ମଧ୍ୟରେ କାର୍ତ୍ତିକ ମାସ ସବୁଠୁ ଶ୍ରେଷ୍ଠ । ସେହି ମାସରେ ଯେକୌଣସି କାମ ଯେକୌଣସି ସମୟରେ କରିପାର, କେବଳ ରାହୁକାଳକୁ ବାଦ୍‌ଦେଇ । ଆମେ ସ୍ୱାମୀଙ୍କୁ ତାଙ୍କର କକ୍ଷ ମଧ୍ୟରେ ଉପନୟନ କରିବାକୁ ଅନୁରୋଧ କଲୁ । ସେ କହିଲେ, "ନା, ନା, ତୁମ ଘରର ଏହା ପ୍ରଥମ ଉତ୍ସବ । ଲୋକମାନଙ୍କୁ ବେକାରରେ ଟାପରା କରିବାକୁ ପ୍ରଶ୍ରୟ ଦିଅନା । ତୁମେ ମଧ୍ୟ ତୁମ ସଙ୍ଗେ ଜଣେ ପୁରୋହିତକୁ ଆଣି ଥାଅ ।" ଆମେ କହିଲୁ ଉପନୟନ ଦିନ ଆମେ ମନ୍ଦିରର ସମସ୍ତ ଭକ୍ତଙ୍କୁ ଭୋଜିକୁ ଡାକିବୁ ଭାବିଛୁ । ସେ କହିଲେ, "ଏତେ ହଇରାଣ ହୁଅନାହିଁ" । ତଥାପି ଯଦି ଚାହଁ, ଖାଲି ଭୋଜନର ବ୍ୟବସ୍ଥା କର । କଫି, ଜଳଖିଆ, ଏସବୁ କରିବା ଦରକାର ନାହିଁ । କାହିଁକି ଏସବୁରେ ପଇସା ବରବାଦ କରିବ ? ସମସ୍ତଙ୍କୁ ହାତଲେଖା ଚିଠି ଦେଇ ନିମନ୍ତ୍ରଣ କର । ଯିଏ ଏହାକୁ ନିମନ୍ତ୍ରଣ ଭାବିବନି ଓ ଲୋକ ନିଜେ ଆସି ଡାକିବାକୁ ହେବ ଭାବିବ, ସେ ବରଂ ନ ଆସୁ ।"

ଆମେ ତାଙ୍କଠାରୁ ବିଦାୟ ଲୋଡ଼ିଲୁ ଏବଂ ଯିବା ଆଗରୁ ରେଳ ଦୁର୍ଘଟଣା ସମ୍ବନ୍ଧରେ ତାଙ୍କୁ କହିଲୁ । ସେ ଯେ ଜଣେ ଗାଉଁଲି ଲୋକ ଭଳି ଆସି ଆମକୁ ଦୁର୍ଘଟଣାରୁ ରକ୍ଷା କଲେ, ତାହା ତାଙ୍କୁ ଜଣାଇଲୁ । ସେ ଆଶ୍ଚର୍ଯ୍ୟରେ ଆମକୁ ଚାହିଁ କିଛି ନ ଜାଣିବା ଭଳି ଅଭିନୟ କଲେ ଓ କଥାକୁ ହଠାତ୍ ପାଲଟି ଦେଲେ । ତାପରେ ବିଭୂତି ସୃଷ୍ଟିକରି ସେ ଆମ କପାଳରେ ବୋଳିଦେଲେ ଓ ହାତରେ ଗୋଟିଏ ଫଳ ଓ ତା' ସଙ୍ଗେ ଆମେ ତାଙ୍କୁ ଦେଇଥିବା ମାଳରୁ ଖଣ୍ଡିଏ ଫୁଲ ପ୍ରସାଦ ରୂପେ ଦେଇ ଆମକୁ ବିଦାୟ ଦେଲେ ।

ପରଦିନ ଅର୍ଥାତ୍ ୧୯୫୧ ଅକ୍ଟୋବର ୩୦, ଥିଲା ଦୀପାବଳି । ଆମେ ସମସ୍ତେ ନଦୀରେ ସ୍ନାନ କରି ମନ୍ଦିରକୁ ଗଲୁ । ସ୍ୱାମୀ ଏକ ତାମ୍ରବର୍ଣ୍ଣର ଅଙ୍ଗବସ୍ତ୍ର ପିନ୍ଧି ପୋର୍ଟିକୋରେ ଛିଡ଼ା ହୋଇଥାନ୍ତି । ଶ୍ରୀମତୀ ଲୀଲମ୍ମା ମଧ୍ୟ ଆମ ସଙ୍ଗେ ଆସିଥାନ୍ତି । ସ୍ୱାମୀ ସେଦିନ ତାଙ୍କୁ ତାଙ୍କ ମା'ଙ୍କର ସ୍ୱାସ୍ଥ୍ୟ କେମିତି ଅଛି ପଚାରିଲେ । କିଛି ସମୟ ପରେ ଆମେ ଉପରକୁ ଯାଇ ସ୍ୱାମୀଙ୍କୁ ପୁଷ୍ପମାଲ୍ୟ ଓ ଫଳ ଦେଲୁ ଓ ପାଦ ନମସ୍କାର କଲୁ । ସ୍ୱାମୀ ଝରକା ପାଖରେ ଥିବା ଏକ ସୋଫାରେ ବସି ଲୀଲମ୍ମା ଓ ଆମ ସଙ୍ଗେ ପ୍ରାୟ ତିରିଶି ମିନିଟ୍ କଥାବାର୍ତ୍ତା ହେଲେ । ସେ ଆମକୁ ସେଦିନ ବିଶ୍ରାମ ନେବାକୁ କହି ପରଦିନ ଇଣ୍ଟରଭ୍ୟୁ ଦେଲେ । ସ୍ୱାମୀ ସେଦିନ ତାଙ୍କର ଏକ ଅଙ୍ଗବସ୍ତ୍ର ମୋ ସ୍ୱାମୀଙ୍କୁ ଦେଲେ । (ଉପନୟନ ଅବସରରେ ସ୍ୱାମୀ ଯେଉଁ ନୂଆ ଗାଉନ୍ ପିନ୍ଧିବେ ତା'ର ମାପ ପାଇଁ ଗାଉନ୍‌ଟି ଦରକାର ଥିଲା) । ସେ ବିଭୂତି ସୃଷ୍ଟିକରି ଆମ କପାଳରେ ବୋଳି

ଦେଲେ । ଆମେ ତାଙ୍କୁ ନିବେଦନ କରିଥିବା ମାଳରୁ ଖଣ୍ଡିଏ ଓ ଗୋଟିଏ ଗୋଟିଏ ମୋସାମ୍ବି ଫଳ, ସେ ସମସ୍ତଙ୍କୁ ପ୍ରସାଦ ରୂପେ ଦେଲେ ।

ଦୀପାବଳୀର ରାତି ଥିଲା । ଉପର ମହଲାରେ ଧାଡ଼ି ଧାଡ଼ି ସଜା ଯାଇଥିବା ଦୀପଗୁଡ଼ିକୁ ସ୍ୱାମୀ ଜଳେଇଲେ । ଦୀପ ଜଳିବାପରେ ସେ ତଳକୁ ଆସି ଆମମାନଙ୍କୁ ଦୀପଗୁଡ଼ିକୁ ଦେଖାଇ ଦୀପ ତାଙ୍କୁ ଭାରି ଭଲଲାଗେ ବୋଲି କହିଲେ । ଦ୍ୱିତୀୟ ମହଲାକୁ ଚାଲିଯାଇ ସେ କେତେକ ବାଣ ଫୁଟେଇଲେ । କିଛି କିଛି ସେ ତଳକୁ ଫିଙ୍ଗି ଦେଉଥାନ୍ତି ଓ ବାଣ ଫୁଟିବା ସମୟରେ ଭୟରେ ଭକ୍ତମାନେ ଯେତେବଳେ ଦଉଡୁଥାନ୍ତି ତାହା ଦେଖି ହସୁଥାନ୍ତି । ତାପରେ ସେ କେତୋଟି ଭଜନ ଗାଇଲେ । ସେଠାରେ ଥିବା ଶ୍ରୀଲକ୍ଷ୍ମଣ ମଧ୍ୟ କେତୋଟି ଭଜନ ଗାଇଥାନ୍ତି । ତାଙ୍କର ସୁମଧୁର ସ୍ୱର ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥାଏ । ତାଙ୍କର ଶେଷ ଭଜନଟି ଥିଲା, "ଭଜରେ ଭଜ ମାନସ ରାମା ।" ଭଜନଟି କନ୍ନଡ଼ା ରାଗରେ ଥିଲା । ସ୍ୱାମୀ ଆସନରେ ସ୍ଥିରଭାବେ ବସି ମୁଦ୍ରିତ ନୟନରେ ସେହି ଚିତ୍ତାକର୍ଷକ ଭଜନଟି ଶୁଣୁଥାନ୍ତି ।

ଭଜନ ସରିଗଲା କିନ୍ତୁ ସ୍ୱାମୀ ସେମିତି ନିଶ୍ଚଳ ଥାନ୍ତି । ଅନେକ ସମୟ ପରେ, ସେ ଆଖି ଖୋଲି ଲକ୍ଷ୍ମଣଙ୍କୁ ଭଜନଟି ସରିଗଲା କି ବୋଲି ପଚାରିଲେ । ଆଉ କିଛି ସମୟ ଭଜନ ହେବାପରେ ମହାମଙ୍ଗଳ ଆରତି ଦିଆଗଲା । ପରଦିନ ଆମେ ସ୍ୱାମୀଙ୍କଠାରୁ ବିଦାୟ ନେଇ ଫେରିଲୁ ।

୧୯୫୧ ନଭେମ୍ବରରେ ଆମେ ଉପନୟନ ପାଇଁ ସବୁକିଛି ବ୍ୟବସ୍ଥା ଶେଷ କରି ସ୍ୱାମୀଙ୍କ ଜନ୍ମୋତ୍ସବ ପାଇଁ ପୁଟ୍ଟପର୍ତ୍ତି ଗଲୁ । ପୁଟ୍ଟପର୍ତ୍ତିରେ ସେମିତି କିଛି ବେଶୀ ଭକ୍ତ ନଥାନ୍ତି । ଆମେ ସ୍ୱାମୀଙ୍କୁ କେଉଁଠେ ପାଇଲୁ ନାହିଁ । ଭକ୍ତମାନେ ସମସ୍ତେ ଖୁବ୍ ଚିନ୍ତିତ ମନେ ହେଉଥାନ୍ତି । ଆମେ ବ୍ୟସ୍ତ ହୋଇ ସ୍ୱାମୀଙ୍କ ଦେହ ଖରାପ ଅଛି କି ବୋଲି ପ୍ରଶ୍ନ କଲୁ । ସମସ୍ତେ କହିଲେ ସ୍ୱାମୀ ସମାଧୀସ୍ଥ ହୋଇଥିଲେ ଓ ଗତ ତିନିଦିନ ଧରି ଶରୀର ତ୍ୟାଗ କରିଥିଲେ । ସମାଧୀ ଭଙ୍ଗ ହେବାପରେ ସେ ଖବ୍ ଦୁର୍ବଳ ଦିଶୁଥାନ୍ତି । ଟୋପାଏ ଦୁଧ ମଧ୍ୟ ତାଙ୍କ କଣ୍ଠଦେଇ ଯାଉ ନଥାଏ । ତାଙ୍କୁ ଥରେ ଦେଖିବାପାଇଁ ଆମ ମନ ବିକଳ ହେଲା କିନ୍ତୁ କାହାକୁ ଉପରକୁ ଯିବାକୁ ଅନୁମତି ନଥିଲା । ପରଦିନ ସକାଳେ ଆମର ବାନ୍ଧବୀ ଶ୍ରୀମତୀ ନରସମ୍ମା ଉପରକୁ ଯାଇ ସେଠାରୁ ଆମକୁ ଆସିବାକୁ ଇଙ୍ଗିତ ଦେଲେ। ନୀରବରେ ଆମେ ଉପରକୁ ଉଠିଲୁ । ଯେଉଁ କକ୍ଷ ମଧ୍ୟରେ ସ୍ୱାମୀ ଥାନ୍ତି ସେହି କକ୍ଷର ଦ୍ୱାର ସାମାନ୍ୟ ମେଲି ହୋଇଥାଏ । ଆମେ କବାଟ ଫାଙ୍କରୁ ଦେଖିଲୁ ସ୍ୱାମୀ ଆଖି ଖୋଲି ଆମକୁ ଚାହିଁଲେ । ତାଙ୍କର ଦୃଷ୍ଟି ପଡ଼ିବା ମାତ୍ରକେ ଆମେ ଅନେକଟା ଆଶ୍ୱସ୍ତ ହେଲୁ । ତାଙ୍କର ମୁଖ ବିଷର୍ଣ୍ଣ ଦିଶୁଥାଏ । ଓଠ ଦୁଇଟି ନେଳି ଦିଶୁଥାଏ । ସେଠାରେ ଆଉ ଅଧିକ ସମୟ ରହି ଆମେ ତାଙ୍କର ବିଶ୍ରାମ ଭଙ୍ଗ କରିବାକୁ ଚାହିଁଲୁ ନାହିଁ, ତେଣୁ ତଳକୁ ଓହ୍ଲେଇ ଆସିଲୁ ।

ଜନ୍ମଦିନ ଆଉ ମାତ୍ର କେତେ ଦିନ ଥାଏ, ସ୍ୱାମୀ ତାଙ୍କର ସ୍ୱାସ୍ଥ୍ୟ ଫେରି ପାଇଲେ । ସେ ମଧ୍ୟ ମୋ ସ୍ୱାମୀ ଶ୍ରୀରାମମୂର୍ତ୍ତିଙ୍କୁ ସବୁକଥା ବୁଝି ଉପନୟନ ପାଇଁ ଦରକାର ହେଉଥିବା ସମସ୍ତ ଦ୍ରବ୍ୟ ଯୋଗାଡ଼ କରି ରଖିବାକୁ ନିର୍ଦ୍ଦେଶ ଦେଲେ । ଜନ୍ମୋତ୍ସବ ଆନନ୍ଦ ଓ ଉଲ୍ଲାସରେ କରାଗଲା। ଆମର କରୁଣାମୟ ପ୍ରଭୁ ସାଇ ତାଙ୍କର ଜନ୍ମ ଦିନରେ ଏକ ତୈଳ ପାତ୍ର ମଧ୍ୟରେ ଗୋଟିଏ ଫୁଲକୁ ଭିଜାଇ ତାଙ୍କ ମଥାରେ ତିନିଥର ତେଲ ଦେବାର ବିରଳ ସୁଯୋଗ ମୋତେ, ମୋ ସ୍ୱାମୀ ଓ ମୋ ଭଉଣୀ ରାଧାକୁ ଦେଇଥାନ୍ତି । ଅପରାହ୍ନ ଭଜନ ପରେ ସ୍ୱାମୀ ମନ୍ଦିରର ଉପର ମହଲାର ବାରଣ୍ଡାକୁ ଆସି ଆମ ଆଡ଼କୁ ଚାହିଁ ସେଦିନ ସମସ୍ତଙ୍କୁ ଭଜନ ନିମନ୍ତେ ମିମନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ଦେଲେ । ନୂଆ ମନ୍ଦିର ପାଖରେ ଗୋଟିଏ ତମ୍ବୁ ପୋତା ହୋଇଥାଏ । ପୁରୁଣା ମନ୍ଦିରରେ ଖାଦ୍ୟ ରନ୍ଧା ହଉଥାଏ ଓ ସେହିଠାରେ ହିଁ ଖାଦ୍ୟ ପରିବେଷଣର ବ୍ୟବସ୍ଥା ହୋଇଥାଏ ।

ସ୍ୱାମୀ ଆମକୁ ରାହୁକାଳ ପୂର୍ବରୁ ଆମର ସମସ୍ତ ପାରମ୍ପରିକ ରୀତି ରିବାଜ୍ ଶେଷ କରିବାକୁ କହିଥାନ୍ତି । ସେସବୁ ଶେଷ ହେବା ପରେ ସେ ମୂରଲୀର କାନ୍ଧରେ ପଇତା ପକେଇବେ ବୋଲି ମଧ୍ୟ କହିଥାନ୍ତି । ଆମେ ମୂରଲୀର ଚୌଳ ସମେତ ଆଉ ଯାହା କିଛି ବିଧି ବିଧାନ ଥିଲା, ତାହା ୧୯୫୧ ନଭେମ୍ବର ୨୪ ବଡ଼ିଭୋରୁ ହିଁ ଆରମ୍ଭ କରିଥିଲୁ । ତା' ପରେ ଆମେ ନୂଆ ମନ୍ଦିରକୁ ଗଲୁ । ସ୍ୱାମୀ ସେତେବେଳକୁ ଆମ ପାଇଁ ଅପେକ୍ଷା କରି ରହିଥାନ୍ତି । ଭଜନ ଚାଲିଥାଏ । ମଣ୍ଡପ ପାଖରେ ଗୋଟିଏ ସିଂହାସନ ପଡ଼ିଥାଏ । ତାହା ଉପରେ ସ୍ୱାମୀ ବସିଥାନ୍ତି । ଆମେ ସ୍ୱାମୀଙ୍କର ପାଦ ପୂଜାକଲୁ । ପୁରୋହିତ ଆହୁରି କିଛି କର୍ମକାଣ୍ଡ କରିବାରେ ବ୍ୟସ୍ତଥାନ୍ତି । ସ୍ୱାମୀ କହିଲେ, 'ବଟେ ହେବ ପିଲା, ତାକୁ ଏତେ କଷ୍ଟ କାହିଁକି ଦେଉଛ ? ବହୁତ କର୍ମକାଣ୍ଡ ହେଲା, ଏଥର ସେତିକିରେ ରହୁ ।' ସେ ତା' ପରେ ମୁରଲୀକୁ ଡାକି ତା' କାନ୍ଧରେ ପଇତା ପକେଇଲେ, ବିଭୂତି ସୃଷ୍ଟି କରି ତା ମୁଣ୍ଡରେ ଦେଲେ ଏବଂ କିଛି ତା' କପାଳରେ ବୋଳି ଦେଲେ । ମୁଁ ଯେତେବେଳେ ଆରତି ଦେବାକୁ ଯାଏ, କର୍ପୂରରୁ ଖଣ୍ଡେ ଆରତି ଥାଳୀ ମଧ୍ୟରେ ତଳକୁ ଗଡ଼ି ଆସିଲା । ମୁଁ ତାକୁ ମଝିକୁ ଆଣିବାକୁ ଚେଷ୍ଟା ନ କରୁଣୁ, କର୍ପୁରଖଣ୍ଡଟି ଆପେ ଆପେ ମଝିକୁ ଚାଲି ଆସି ଜଳିବାକୁ ଲାଗିଲା । ସ୍ୱାମୀ ମୋ ଆଡ଼କୁ ଚାହିଁ ସାମାନ୍ୟ ହସିଲେ ଓ କହିଲେ ଏହା ଶୁଭସୂଚକ । ଆମେ ପାଦନମସ୍କାର କରିବାପରେ ସ୍ୱାମୀ ଫେର୍ ଯାଇ ସିଂହାସନରେ ବସିଲେ । ସ୍ୱାମୀଙ୍କୁ ଆରତି ଦିଆଗଲା । ସେ କେତେ ଜଣ ସେବାଦଳକୁ ଡାକି ସେମାନଙ୍କୁ ପୁରୁଣା ମନ୍ଦିରକୁ ଯାଇ ସେଠାରେ ଭକ୍ତମାନଙ୍କୁ ବଢ଼ାବଢ଼ିରେ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଭକ୍ତମାନେ ସ୍ୱାମୀଙ୍କ ସ୍ତୁତିଗାନ କରି ଆନନ୍ଦରେ ଅନ୍ନସେବନ କଲେ ।

ସେ ସମୟରେ ସ୍ୱାମୀ ପ୍ରତିଦିନ ସ୍ନାନ କରିବା ପାଇଁ ପୁରୁଣା ମନ୍ଦିରକୁ ଆସୁଥାନ୍ତି । ଉପନୟନ ଦିନ ଯେଉଁଠାରେ ରନ୍ଧାରନ୍ଧି ହେଉଥାଏ ସେଠାକୁ ସ୍ୱାମୀ

ଆସିଲେ । ସେ ଢାଙ୍କୁଣିଗୁଡ଼ିକ ବାହାର କରି ଥରେ ଖାଦ୍ୟ ସାମଗ୍ରୀଗୁଡ଼ିକୁ ଚାହିଁଲେ ଓ କହିଲେ, 'ଏଥର ତୁମେ ପରଶି ପାର ।' ଶହ ଶହ ଲୋକ ଭୋଜନ କଲେ କିନ୍ତୁ ତା' ପରେ ମଧ୍ୟ ଖାଦ୍ୟ ବଳିଥାଏ । ସ୍ୱାମୀ ଥରେ ମାତ୍ର ଅନ୍ନ ଉପରେ ଦୃଷ୍ଟି ପକାଇଲେ ଏବଂ ତାହା ଅକ୍ଷୟ ହୋଇଗଲା । ବଳି ଯାଇଥିବା ଖାଦ୍ୟକୁ ଗ୍ରାମବାସୀଙ୍କ ମଧ୍ୟରେ ବିତରଣ କରାଗଲା । ସ୍ୱାମୀଙ୍କୁ ଅନ୍ନ ନୈବେଦ୍ୟ କରିବାକୁ ଆମେ ନୂଆ ମନ୍ଦିରକୁ ଯାଇ ଦେଖିଲୁ, ସ୍ୱାମୀ କିଛି ଲେଖୁଛନ୍ତି । ସେ ଆମ ଆଡ଼କୁ ଚାହିଁ, କାହିଁକି ଆସିଛୁ ପଚାରିଲେ । ଆମେ ତାଙ୍କ ପାଇଁ ଅନ୍ନ ଆଣିଛୁ କହି ଭୋଜନ କରିବାକୁ ପ୍ରାର୍ଥନା କଲୁ । ସ୍ୱାମୀ କହିଲେ, "ହଁ ଝିଅ, ଅଲବତ୍ ଖାଇବି, ମୁଁ ଖାଲି ତୁମ ମନର ନୈବେଦ୍ୟ ଚାହେ ଆଉ କିଛି ନୁହଁ ।"

ସ୍ୱାମୀ ମୋ ଭଉଣୀର ଝିଅ ଦ୍ୱାରକାର ମୁଣ୍ଡନ ଏବଂ ଅନ୍ନପ୍ରାସନ୍ନ ସେଇଦିନ କରିଥିଲେ । ସ୍ୱାମୀ ପାୟସାନ୍ନ ଥିବା ବାଟିଟି ମାଗିଲେ ଓ ଚାମୁଚରେ ଦୁଇ ତିନି ଚାମୁଚ ପାୟସ ନେଇ ତା ପାଟିରେ ଭରିଦେଲେ । ମୋ ଭଉଣୀ ସ୍ୱାମୀଙ୍କୁ ତା ଝିଅ ଯେପରି ସଦ୍‌ଗୁଣସମ୍ପନ୍ନା ହେବ, ସେପରି ଆଶୀର୍ବାଦ କରିବାପାଇଁ ପ୍ରାର୍ଥନା କଲା । ସ୍ୱାମୀ ଛୁଆଟିକୁ ଆଶୀର୍ବାଦ କଲେ । ମୁଁ କହିଲି, 'ସ୍ୱାମୀ, ଆପଣ ଅସୁସ୍ଥ ଥିବା ଦେଖି ଉପନୟନ ହେବ କି ନାହିଁ ବୋଲି ମୁଁ ମନେ ମନେ ଭୟ କରୁଥିଲି ।' ସ୍ୱାମୀ କହିଲେ, "ଝିଅ, ମୁଁ ନିଜେ ଉପନୟନ କରିବି ବୋଲି କଥା ଦେଇ କ'ଣ ତୁମକୁ ତୁମ ଜ୍ଞାତି କୁଟୁମ୍ବଙ୍କ ସାମନାରେ ଲଜ୍ଜିତ କରିବି ? ତୁମେ ତ ଜାଣ, ମୁଁ ମୋ ଭକ୍ତମାନଙ୍କ ପାଇଁ ଯେ କୌଣସି ସମୟରେ ଶରୀର ତ୍ୟାଗ କରି ଯେକୌଣସି ସ୍ଥାନକୁ ଯାଇଥାଏ । ମୋ' କଥା କ'ଣ ତୁମକୁ ଅଜଣା ଅଛି ? ସେଥିପାଇଁ ମୁଁ ଆଗରୁ ତୁମକୁ ଜନ୍ମ ଦିବସର ପରଦିନ ଉପନୟନ କରିବା ପାଇଁ କହିଥିଲି । କେଉଁ ଦିନ କାହାକୁ କ'ଣ ହେବ, ତାହା ମୁଁ ଆଗରୁ ଜାଣିଥାଏ । ଏମିତି ଭବିଷ୍ୟତରେ ହେବାକୁ ଯାଉଛି ଜାଣି ମୁଁ ତୁମକୁ ଉପନୟନର ତାରିଖ ଦେଇଥିଲି ।" ପରେ ଆମେ ପାଦ ନମସ୍କାର କରି ବାହାରକୁ ଆସିଲୁ ।

ଆମେ ଫେରିବାକୁ ପ୍ରସ୍ତୁତ ହେଲୁ ଓ ଯିବା ଆଗରୁ ସ୍ୱାମୀଙ୍କ ଅନୁମତି ନେବା ପାଇଁ ଉପର ମହଲାକୁ ଗଲୁ । ସେ ଆମକୁ ପଚାରିଲେ, 'କନ୍ନମ୍ମା, ତୁମେ ଯେମିତି ଚାହିଁଥିଲ ସେମିତି ଉପନୟନ ହେଲା ତ ?' ମୁଁ ଉତ୍ତର ଦେଲି, 'ହଁ, ସ୍ୱାମୀ' । ସେ କହିଲେ, 'ଆଉ କ'ଣ କେଉଁଠେ ତୁମେ ଉପନୟନରେ ଯୋଗଦେବାପାଇଁ ଏତେ ସଂଖ୍ୟାରେ ସଧବା ଓ ଭକ୍ତଙ୍କୁ ପାଇବ ?' ଅନ୍ୟମାନେ ଯିଏ ଯାହା ଭାବୁଛନ୍ତି ଭାବନ୍ତୁ ତୁମେ ଯେମିତି ଚାହିଁଥିଲ, ସେମିତି ଉପନୟନ କରିପାରିଲ, ମୁଁ କିନ୍ତୁ ଖୁସି । ମୋ ମା'ଙ୍କୁ ଚାହିଁ ସେ କହିଲେ, 'ଶୁଣ, ପିଲା କୁଟୁମ୍ବଙ୍କୁ ନେଇ ଘର-ସଂସାର କରିବା ଖୁବ୍ ହେଇଗଲା । ଏଥର ଏଠିକି ଆସି ମନ ଆନନ୍ଦରେ ରହ ।' ମା' ଉତ୍ତର ଦେଲା 'ସ୍ୱାମୀ, ତୁମର ମୋ ଉପରେ ଏତେ କୃପା ଥିଲେ, ମୋର ଆଉ କ'ଣ ଦରକାର ?' ମୁଁ ମଧ୍ୟ ତାହା ଚାହୁଁଥିଲି । ମୋ ସ୍ୱାମୀ ଧୀର ଗଳାରେ ପଚାରିଲେ, "ସ୍ୱାମୀ ଆପଣ ଆମକୁ

ଆପଣଙ୍କର ଏକ ପୁରୁଣା ବସ୍ତ୍ର ଦେବେ କହିଥିଲେ ।” ସ୍ୱାମୀ କହିଲେ, “କ’ଣ ! ଗୋଟିଏ ଦେଇ ଆଉ ଗୋଟିଏ ନେଇ ଯାଅ । (ନିଜକୁଦେଖେଇ) ଏ ଲୋକଠାରୁ ଯାହା ମିଳିଥାଏ ତାହା ନ ଚାହିଁ ମୋତେ ଚାହଁ । ଯାହାଠାରୁ ସବୁ ଆସିଛି, ତାକୁ ପାଇଗଲେ, ଅନ୍ୟ ସବୁନେଇ ବା କ’ଣ କରିବ ? ତାଙ୍କର ଏକଥା ଶୁଣି ଆମେ ଆନନ୍ଦିତ ହେଲୁ ।

ମୋ ସ୍ୱାମୀ ପିଲାଟିର ଉତ୍ତମ ଶିକ୍ଷା ପାଇଁ ସ୍ୱାମୀଙ୍କର ଆଶୀର୍ବାଦ ଚାହିଁଲେ । ସ୍ୱାମୀ କହିଲେ, ଉପନୟନ ହୋଇଗଲା, ଏଥର ବିଦ୍ୟା ଭଲ ହେବ ।” ଆଉ କିଛି ସମୟ ଆଳାପ କରି ସ୍ୱାମୀ ବିଭୂତି ସୃଷ୍ଟି କଲେ ଏବଂ ତାହା ଆମ କପାଳରେ ଦେଇ ଆମକୁ ବିଦାୟ ଦେଲେ ।

✍

ମୋର ଦୁଇ ପୁଅ ସତୀଶ ଓ ସୁରେଶର ଚୌଳ ସ୍ୱାମୀ ନିଜେ ଯଥାକ୍ରମେ ୧୯୫୩ ଓ ୧୯୫୫ ରେ କରିଥିଲେ । ସେ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ସେମାନଙ୍କ ମଥା ଚାରିପଟୁ କିଛି ଚୂଳ ପ୍ରତୀକାତ୍ମକ ଭାବେ କର୍ତ୍ତନ କରିଥିଲେ । ପରେ ସେମାନେ ମହୀଶୂରରେ ଲଣ୍ଡା ହୋଇଥିଲେ । ଆମେ ସ୍ୱାମୀଙ୍କୁ ଦେଇଥିବା ନୈବେଦ୍ୟ ସ୍ୱାମୀ ଗ୍ରହଣ କରିଥିଲେ ।

✍

୧୯୫୪ ରେ ଥରେ ଆମେ ପ୍ରଶାନ୍ତି ନିଳୟରେ ସ୍ୱାମୀଙ୍କର ପାଦପୂଜା କରୁଥିଲୁ । ପାଦପୂଜା ସମୟରେ ସ୍ୱାମୀ ଆମକୁ କିଛି କହୁଥାନ୍ତି । ସେହି ସମୟରେ ଗୋଟିଏ ଫୁଲ ସ୍ୱାମୀଙ୍କ ପାଦରୁ ତଳକୁ ଗଡ଼ି ଆସିଲା । ସତୀଶର୍ ବୟସ ସେତେବେଳକୁ ମାତ୍ର ଦୁଇବର୍ଷ । ସ୍ୱାମୀ ୧୯୫୨ ରେ ତାର ନାମକରଣ କରିଥାନ୍ତି । ସତୀଶ୍ ଗଡ଼ି ଯାଇଥିବା ଫୁଲଟିକୁ ଧୀରେ ଗୋଟେଇ ପୁଣି ଆଣି ସ୍ୱାମୀଙ୍କ ପାଦରେ ଥୋଇଲା । ସ୍ୱାମୀ ଏହା ଦେଖି ଅତ୍ୟନ୍ତ ପ୍ରୀତ ହେଲେ ଓ ତାଙ୍କର ହାତ ସତୀଶର ମଥା ଉପରେ ରଖି ତାକୁ ଆଶୀର୍ବାଦ କଲେ ଓ କହିଲେ “ତୁ ମୋର ମନୋପୁଷ୍ପ ହୋଇ ଯା ।”

✍

ସ୍ୱାମୀ ୧୯୫୬ରେ ରାଧାର ଝିଅକୁ ‘ଗୀତାଲତା’ ନାମ ଦେଲେ । ୧୯୫୭ରେ ସେ ରାଧାକୁ କହିଥାନ୍ତି ଯେ ସେ ତାର ପୁଅର ଚୌଳ କରିବେ । ଆମେ ପାଦପୂଜା ପାଇଁ ପ୍ରସ୍ତୁତ ହୋଇ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ଅପେକ୍ଷା କରିଥାଉ । ପାଦପୂଜା ଶେଷ ହେଲା । ସ୍ୱାମୀ ରାଧାର ପୁଅର ଚୂଳ କାଟିବା ସମୟରେ ମୋ ମା’ କହିଲା, “ସ୍ୱାମୀ ଏଇ ପିଲାର ବାପା ଖୁବ୍ ଦାୟିତ୍ୱହୀନ ।” ସ୍ୱାମୀ କହିଲେ “ଝିଅ ମୁଁ ତାକୁ ପାଦର ଯୋତା, ମାଳର ସୂତା ଭଳି ରଖିଛି । ଦାୟିତ୍ୱହୀନ ଲୋକଙ୍କୁ ମୁଁ କିଛି କହିବି ନାହିଁ ।”

✍

୧୯୬୦ ନଭେମ୍ବର ୧୭ ତାରିଖ ଦିନ ସ୍ୱାମୀ ରାଧାର ପୁଅ ବିଜୟ ସାଇର୍ ଚୌଳ କରିବେ ବୋଲି ଠିକ୍ ହୋଇଥାଏ । ସେଦିନ ରାଧାକୁ ଚାହିଁ ସ୍ୱାମୀ ପଚାରିଲେ, "ଏ କ'ଣ କଲୁ । ପୂଜା ଲାଗି ସବୁ ଜିନିଷ ତ ଆଣିଛୁ । ଏସବୁ ନ ଆଣିଲେ ହୋଇଥାନ୍ତା । ମାଳଟି ଦେଇ ପାଦ ନମସ୍କାର କର ।" ସ୍ୱାମୀ କହିବା ସତ୍ତ୍ୱେ ସେ ସ୍ୱାମୀଙ୍କ ପାଦରେ ହଳଦୀ ଓ କୁଙ୍କୁମ ଲେପନ କରି ତାଙ୍କୁ ମାଳ ଦେଲା ଓ ପାଦ ନମସ୍କାର କଲା । ସ୍ୱାମୀ ପିଲାଟିକୁ ଚାହିଁ କହିଲେ, "ଆରେ, ଯାର ମୁହଁ ଅନେକଟା ବଦଳି ଯାଇଛି, ନୁହଁ ? ଆଗ ଖାଲି ମୁର୍କୁଟିଆ ଦିଶୁଥାଏ, ଏବେ ଭଲ ଦିଶୁଛି ।"

ରାଧା କହିଲା, 'ସ୍ୱାମୀ, ଆପଣ କହୁଥିଲେ ପିଲାମାନଙ୍କ ପାଇଁ ଜବାର ମଣ୍ଡ ଭଲ । ଆମେ ଛୁଆକୁ ତାହା ଦେଉଥିଲୁ । ମାଁ ଈଶ୍ୱରମ୍ମା କିଛି ଡାଲିଚୂନା ଆମକୁ ଦେଇଥିଲେ, ଛୁଆକୁ ଗାଧୋଇବା ସମୟରେ ତା ଦେହରେ ମାଖିବା ପାଇଁ । ସେ କହିଥିଲେ, ଯାକୁ ମାଖିଲେ ଛୁଆ ଗୋଲଗାଲ ହେବ, ଆଉ କୌଣସି ଚର୍ମରୋଗ ହେବ ନାହିଁ । ସେ ଯେମିତି କହିଥିଲେ ଆମେ ସେମିତି କଲୁ । ଏବେ ଛୁଆ ବେଶ୍ ଭଲ ଅଛି ।" ସ୍ୱାମୀ ଏକଥା ଶୁଣି ଖୁସି ହେଲେ ଓ ଛୁଆର ମଥାରୁ ସାମାନ୍ୟ ଚୂଳ କର୍ତ୍ତନ କଲେ । ରାଧା କହିଲା, ଘରକୁ ଫେରି ସେମାନେ ଛୁଆକୁ ଲଣ୍ଡା କରିବେ । ସ୍ୱାମୀ କହିଲେ, "ନା, ଏବେ କରନା, ଆଉ କେତେ ଦିନ ଯାଉ । ସ୍ୱାମୀ ବିଭୂତି ସୃଷ୍ଟି କରି ରାଧାର ପୁଅ ଓ ସେଠାରେ ଥିବା ଅନ୍ୟ ଛୁଆଙ୍କ କପାଳରେ ବୋଳି ଦେଲେ ।"

ଛୁଆଙ୍କ ପାଇଁ ଗାଧୁଆ ଚୂନା : ନିମ୍ନରେ ଦିଆଯାଇଥିବା କଞ୍ଚା, ଡାଲିଗୁଡ଼ିକୁ ସଫା କରି ଶୁଖାଅ ଓ ଚେରଗୁଡ଼ିକୁ ଖଣ୍ଡ ଖଣ୍ଡ କରି କାଟ । ତା' ପରେ ଏ ସବୁକୁ ଘୋରି ଚୂନା କର। ଏଭଳି ଭାବେ ଛୁଆ ଦେହରେ ବୋଳିବା ପାଇଁ ଗାଧୁଆ ଚୂନା ପ୍ରସ୍ତୁତ କରାଯାଇ ପାରେ । ଏହା ବ୍ୟବହାର କଲେ ଅନ୍ୟ କୌଣସି ଗାଧୁଆ ସାବୁନ୍ ଆବଶ୍ୟକ ହେବ ନାହିଁ ।

- ସମପରିମାଣର ମଟର ଡାଲି
- ବୁଟ ଡାଲି
- ବିରିଡାଲି
- ରାମ କେଦାର ଗଛ ଚେରର କିଛି ଖଣ୍ଡ (ସୁବାସ ପାଇଁ)
- କସ୍ତୁରୀ ହଳଦୀର କିଛି ଖଣ୍ଡ (ଜୀବାଣୁ ପ୍ରତିଷେଧକ ଭାବେ)

ପିଲାଙ୍କ ଦେହରେ ଲଗାଇବାପାଇଁ ସ୍ୱାମୀ କହିଥିବା ଆଉ ଏକ ଗାଧୁଆ ଚୂନା ନିମ୍ନଲିଖିତ ଦ୍ରବ୍ୟର ମିଶ୍ରଣରେ କରାଯାଇପାରେ ।

- ସମପରିମାଣର ହଦର୍ଣ୍ଣ ଫୁଲର ଗୁଣ୍ଡ
- ମୁଗଚୂନା
- କପା ମଞ୍ଜୀଗୁଣ୍ଡ
- ମାଣ୍ଡିଆ ଚୂନା
- ମୁଣ୍ଡରେ ମାଖିବା ପାଇଁ ହରଡ଼ ଚୂନା ବ୍ୟବହାର କର ।

✍

ବହୁବର୍ଷ ଧରି ବହୁବାର ପ୍ରାର୍ଥନା କରିବା ପରେ ସ୍ୱାମୀ ମୋର ଦୁଇପୁଅ ରଘୁ ଓ ଶଙ୍କରଙ୍କର ଉପନୟନ ୧୯୬୨ ସାଲ୍ ଜୁନ୍ ମାସରେ ସେମାନେ ପୁଟ୍ଟପର୍ତ୍ତିରେ ଥିବା ସମୟରେ କରିବାପାଇଁ ସମ୍ମତି ଦେଲେ । ସ୍ୱାମୀ ତାହା ଅଗଷ୍ଟ ମାସରେ କରିବେ ବୋଲି ରାଜି ହୋଇଥାନ୍ତି । ପିଲାଙ୍କ ଉପରେ ସ୍ୱାମୀ କୃପା ବୃଷ୍ଟି କରିଥିବାରୁ ତାଙ୍କୁ ଆମର କୃତଜ୍ଞତା ଜ୍ଞାପନ କରିବା ପାଇଁ ଓ ଉପନୟନ ପାଇଁ କିକି ଆୟୋଜନ କରିବାକୁ ହେବ, ସେ ସମ୍ବନ୍ଧରେ ତାଙ୍କର ନିର୍ଦ୍ଦେଶ ନେବା ପାଇଁ ୧୯୬୨ ମସିହା ଅଗଷ୍ଟ ୪ ତାରିଖ ଦିନ ଆମେ ପୁଟ୍ଟପର୍ତ୍ତି ଆସିଥିଲୁ ।

ପୁଟ୍ଟପର୍ତ୍ତି ପହଞ୍ଚିବାବେଳକୁ ସନ୍ଧ୍ୟା ହୋଇ ଯାଇଥାଏ । ସ୍ୱାମୀ ଆମକୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକି କଥା ହେଲେ । ସେ ପ୍ରଥମେ ଆମକୁ ଆମେ କି କି ଆୟୋଜନ କରିଛୁ ପଚାରି ବୁଝିଲେ । ଆମେ କହିଲୁ, 'ସ୍ୱାମୀ ଆପଣ କହିବା ଅନୁଯାୟୀ ଆମେ ଆମ ସଙ୍ଗେ କିଛି ଆଣି ନାହୁଁ ।' ସ୍ୱାମୀ କହିଲେ, "ମୁଁ ସବୁ ଯୋଗାଡ଼ଯନ୍ତ୍ର କରି ଦେଇଛି । ତୁମେ ତୁମ ସଙ୍ଗେ ଜଣେ ପୁରୋହିତକୁ ଆଣିଛ ତ ?" ଆମ କହିଲୁ 'ହଁ ସ୍ୱାମୀ ଶ୍ରୀ ସୀତାରାମୟା ଆମ ସଙ୍ଗେ ଆସିଛନ୍ତି', ସ୍ୱାମୀ କହିଲେ, 'ପୁରୋହିତଙ୍କୁ କହିବ କାଲି ମନ୍ଦିର ଭିତରେ ପୂଜାପୀଠର ବିପରୀତ ଦିଗରେ ଥିବା କାଷ୍ଠ ମଣ୍ଡପ ଉପରେ ପିଲାଙ୍କୁ ବସେଇ ହୋମ ଆଦି' ପ୍ରାରମ୍ଭିକ କର୍ମକାଣ୍ଡ ଆରମ୍ଭ କରିବେ । ଆମେ ସ୍ୱାମୀଙ୍କୁ କେଉଁ ପ୍ରକାର ମିଠା ତିଆରି କରି ଭକ୍ତଙ୍କ ଭିତରେ ବାଣ୍ଟିବୁ ପଚାରିଲୁ। ସ୍ୱାମୀ ସେସବୁ ଦରକାର ନାହିଁ କହିଲେ ।

ପରଦିନ ସ୍ୱାମୀ ପୁରୋହିତକୁ ପଚାରିଲେ, 'ନବଗ୍ରହ ପୂଜା କରିବାକୁ ତୁମର କେତେ ସମୟ ଲାଗିବ' ପୁରୋହିତ ଉତ୍ତର ଦେଲେ, 'ପ୍ରାୟ ଏକ ଘଣ୍ଟା ଲାଗିବ ।'. ସ୍ୱାମୀ କହିଲେ, 'ନା, ତୁମକୁ ଏହା ତିରିଶି ମିନିଟ୍ ଭିତରେ ସାରିବାକୁ ହେବ ।' ପୁରୋହିତ ପଚାରିଲେ, 'ସ୍ୱାମୀ ନନ୍ଦିପୂଜା ହେବନି ?' ସ୍ୱାମୀ କହିଲେ, 'ମୁଁ ଥାଉ ଥାଉ ନନ୍ଦି କ'ଣ ହେବ ? କୌଣସି ଶୁଭ କାମ ଆରମ୍ଭ କରିବା ପୂର୍ବରୁ ନବଗ୍ରହ ପୂଜା କରିବା

ଦରକାର । ଆଉ ରାହୁକାଳରେ କୌଣସି ଶୁଭକାମ କରିବା କଥା ନୁହଁ । ବେଶ୍ ଏତିକି ମନେରଖ ।’

ତା’ ପରଦିନ ପୁରୁଣା ମନ୍ଦିରରେ ସ୍ନାନ ସାରି ଆମେ ଉପନୟନ ପାଇଁ ନୂଆ ମନ୍ଦିରକୁ ଗଲୁ । ସ୍ୱାମୀ ଗୋଟିଏ ଚୌକିରେ ବସି କ’ଣ କ’ଣ କରାଯାଉଛି ଲକ୍ଷ୍ୟ କରୁଥାନ୍ତି । ଉପନୟନ ମୁହୂର୍ତ୍ତରେ ସେ ମଣ୍ଡପ ଉପରକୁ ଆସି ପିଲାଙ୍କ ମଥାରେ ହାତ ଦେଲେ, ପିଲାଙ୍କ ମଥାରେ ବିଭୂତି ଭରି ଗଲା ।

ମନ୍ତ୍ରୋପଦେଶ ଦେବା ସମୟ ହେବା ସଙ୍ଗେ ସଙ୍ଗେ ମୁଁ ସ୍ୱାମୀଙ୍କ ନିକଟକୁ ଯାଇ ତାଙ୍କୁ ପିଲାମାନଙ୍କୁ ଗାୟତ୍ରୀ ଉପଦେଶ ଦେବା ପାଇଁ ପ୍ରାର୍ଥନା କଲି । ସ୍ୱାମୀ କହିଲେ, “ବର୍ତ୍ତମାନ ପିଲାଙ୍କ ବାପା ଗାୟତ୍ରୀ ଉପଦେଶ ଦିଅନ୍ତୁ । ମୋ ମନ୍ତ୍ରୋପଦେଶ ମୁଁ ପରେ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ଦେବି । ଉପନୟନ ସଂସ୍କାର ଶେଷ ହେବାପରେ ସ୍ୱାମୀ ଆମ ସମସ୍ତଙ୍କୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ନେଇଗଲେ । ସେଠାରେ ଆମକୁ ଚାହିଁ ସ୍ୱାମୀ କହିଲେ, “ଆଜି ତୁମମାନଙ୍କର ସମସ୍ତ କର୍ମର ଅବସାନ ହେଲା ।” ଆମେ ସ୍ୱାମୀଙ୍କୁ ପୁଷ୍ପମାଲ୍ୟ ଦେଇ ପାଦନମସ୍କାର କଲୁ । ଆମ ପରେ ରଘୁ ଓ ଶଙ୍କର ମଧ୍ୟ ସ୍ୱାମୀଙ୍କୁ ପୁଷ୍ପମାଲ୍ୟ ଦେଲେ । ସ୍ୱାମୀ ସେହି ପୁଷ୍ପମାଲ୍ୟକୁ ନିଜ ଗଳାରୁ କାଢ଼ି ସେମାନଙ୍କ ଗଳାରେ ଦେଲେ । ଏହାପରେ ସ୍ୱାମୀ ସେ ଦୁଇଜଣଙ୍କୁ ଭିତରକୁ ନେଇ ସେଠାରେ ସେମାନଙ୍କୁ ମନ୍ତ୍ରୋପଦେଶ ଦେଲେ । ସେ ସେଠାରେ ବିଭୂତି ଓ ଅମୃତ ଭଳି ଛ’ଟି ଉପାଦାନ ସୃଷ୍ଟିକରି ସେମାନଙ୍କ ମୁଖରେ ଦେଲେ । ସ୍ୱାମୀ ସେମାନଙ୍କର ମସ୍ତକ ଉପରେ ତାଙ୍କର ପବିତ୍ର ପାଦକୁ ସ୍ଥାପନ କରି ଜଣକ ପରେ ଜଣଙ୍କୁ ମନ୍ତ୍ରୋପଦେଶ ପ୍ରଦାନ କଲେ । ସେ ସେମାନଙ୍କୁ ଆହୁରି ଅନେକ ଉପହାର ମଧ୍ୟ ଦେଇଥାନ୍ତି । ଏସବୁ ସରିବା ପରେ ସ୍ୱାମୀ କହିଲେ, “ଠିକ୍ ବୟସରେ ଉପନୟନ କଲେ, ପିଲାମାନେ ଭଲ ପଢ଼ନ୍ତି ଓ ବଢ଼ନ୍ତି ମଧ୍ୟ ।”

ଏହାପରେ ସ୍ୱାମୀ ଆମକୁ କହିଲେ ଯେ ସେ କ୍ୟାଣ୍ଟିନରେ ଆମର ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଛନ୍ତି ଏବଂ ଆମେ ଆମ ମଧ୍ୟରୁ ପଚାଶ ଜଣଙ୍କୁ ବାଛି ସେଠାରେ ମଧ୍ୟାହ୍ନ ଭୋଜନ ଦେଇପାରୁ । ତା’ ପରେ ସେ ବିଭୂତି ସୃଷ୍ଟିକରି ଆମ ସମସ୍ତଙ୍କ କପାଳରେ ବୋଳି ଦେଲେ । ଆମେ ତାଙ୍କୁ ପ୍ରଦକ୍ଷିଣ କରି ପାଦନମସ୍କାର କଲୁ । ସ୍ୱାମୀ ତା’ ପରେ ମୋତେ ଓ ମୋର ଭଉଣୀକୁ ଉଦ୍ଦେଶ୍ୟକରି ତେଲୁଗୁରେ କବିତା ଲେଖି ଆମକୁ ଆଶୀର୍ବାଦ କଲେ ।

✍

୧୯୬୩ ଫେବୃୟାରୀ ତିନି ତାରିଖ ଦିନ ବେଦ ପାଠଶାଳାର ତିରିଶ ଜଣ ଛାତ୍ର ଓ ଅନ୍ୟ କେତେକ ଭକ୍ତଙ୍କର ସନ୍ତାନମାନଙ୍କର ଉପନୟନ ସ୍ୱାମୀ କରିଥାନ୍ତି ଏବଂ ତାହା ସ୍ୱଚକ୍ଷୁରେ

ଦେଖିବାର ସୌଭାଗ୍ୟ ଆମେ ପାଇଥାଉ । ବେଦ ପାଠଶାଳାର ତିରିଶ ଜଣ ଛାତ୍ରଙ୍କ ମଧ୍ୟରେ ମୋର ଦୁଇ ପୁଅ ସତୀଶ ଓ ସୁରେଶ ମଧ୍ୟ ଥା'ନ୍ତି ।

୧୯୬୩ ଫେବୃଆରୀ ତିନିତାରିଖ ପ୍ରତ୍ୟୁଷରୁ ସଭାଗୃହର ପଛପଟେ ପିଲାମାନେ ଗାଧୋଇବା ପାଇଁ ମାଠିଆଗୁଡ଼ିକରେ ପାଣି ରଖାଯାଇଥାଏ । ମୁଁ ପିଲାମାନଙ୍କୁ ଗାଧୋଇ ଦେଉଥିବା ସମୟରେ ସ୍ୱାମୀ ସେଠାକୁ ଆସିଲେ । ଖୋଲା ପବନରେ ଥଣ୍ଡା ପାଣିରେ ଗାଧୋଉଥିବାରୁ ପିଲାମାନେ ଶୀତରେ ଥରୁଥାନ୍ତି । ତାହାଦେଖି ସ୍ୱାମୀ କହିଲେ, "ଆହା ବିଚରା, ଶୀତ ଦିନ ସେଥିରେ ପୁଣି ମାଠିଆର ଥଣ୍ଡାପାଣି ! ଶୀଘ୍ର ସେମାନଙ୍କୁ ପୋଛି ଦିଅ । ସେମାନେ ଲାଜ କରୁଛନ୍ତି, ଗୁଡ଼େଇ ହେବା ପାଇଁ ସେମାନଙ୍କୁ ଗାମୁଛା ଦିଅ ।" ସ୍ୱାମୀ ଖୁବ୍ ଉତ୍ଫୁଲ୍ଲ ଦିଶୁଥାନ୍ତି ।

ମନ୍ଦିର ଭିତରେ ଗଣେଶଙ୍କର ପୂଜା ହେଲା । ସ୍ୱାମୀ ନିଜେ ସିଂହାସନର ସାମ୍ନାରେ ତଳେ ବସି ଯେଉଁ ପିଲାମାନଙ୍କର କାନଫୋଡ଼ା ହେଇ ନ ଥାଏ ସେମାନଙ୍କୁ ତାଙ୍କ ଚାରିପାଖେ ବସିବାକୁ କହିଲେ । ତା' ପରେ ସେ ସେମାନଙ୍କୁ ସ୍ନେହବୋଳା କଥା କହିବା ଭିତରେ ଶୂନ୍ୟରୁ ସୁନାର କର୍ଣ୍ଣ ମୁଦ୍ରିକା ସୃଷ୍ଟିକରି ସେମାନଙ୍କ କାନ ଫୋଡ଼ିଦେଲେ । ସେ କର୍ଣ୍ଣମୁଦ୍ରିକା ଏଭଳି ଭାବେ ପ୍ରତ୍ୟେକଙ୍କ କାନରେ ଲଗାଇଦେଲେ ଯେ କେହି କାନଫୋଡ଼ାର ସାମାନ୍ୟ କଷ୍ଟ ମଧ୍ୟ ବାରିପାରିଲେ ନାହିଁ । କାନଫୋଡ଼ା ଶେଷରେ ସେ ବିଭୂତି ସୃଷ୍ଟି କରି ପ୍ରତ୍ୟେକଙ୍କ କାନରେ ବୋଳିଦେଲେ । ଏହାପରେ ସେ ପ୍ରତ୍ୟେକ ବାଳକକୁ ପୀତବର୍ଣ୍ଣର ଧୋତି ଓ ଅଙ୍ଗବସ୍ତ୍ର ଦେଲେ ।

ମଙ୍ଗଳ ବାଦ୍ୟ ଓ ପଣ୍ଡିତମାନଙ୍କର ବେଦଧ୍ୱନି ମଧ୍ୟରେ ସ୍ୱାମୀ ସେଇ ତିରିଶ ଜଣ ପିଲାଙ୍କୁ ସଭାଗୃହ ମଧ୍ୟକୁ ନେଇଗଲେ । ଶାସ୍ତ୍ରୋକ୍ତ ବିଧିରେ ହୋମ କରାଗଲା । ସେଠାରେ ଥିବା କେତେକ ପିଲାଙ୍କର ବାପା, ମାଙ୍କୁ ସ୍ୱାମୀ କହିଲେ, "ତୁମମାନଙ୍କୁ ଯଦି ମୁଁ ତୁମ ପିଲାମାନଙ୍କର ପାଖରେ ବସିବାକୁ କହିବି, ତେବେ ଯେଉଁ ପିଲାଙ୍କର ବାପା ମା ଆସିନାହାନ୍ତି ସେମାନଙ୍କର ମନ କଷ୍ଟ ହେବ । ତେଣୁ ତୁମେ ସମସ୍ତେ ପଛକୁ ଯାଇ ଛିଡ଼ା ହୁଅ ।" ସ୍ୱାମୀଙ୍କ କଥା ମାନି ଆମେ ପଛରେ ଛିଡ଼ା ହେଲୁ । ପ୍ରତ୍ୟେକେ ବାଳକକୁ ଜଣେ ପୁରୋହିତ ଗାୟତ୍ରୀ ଉପଦେଶ ଦେଉଥାନ୍ତି । ସ୍ୱାମୀ ପ୍ରତିଟି ପିଲାର ପାଖରେ ବସି ଗୋଟିଏ ଗାମୁଛାରେ ନିଜକୁ ଓ ସେହି ପିଲାଙ୍କୁ ଢାଙ୍କି ଜଣ ଜଣଙ୍କ କାନରେ ଗାୟତ୍ରୀ ମନ୍ତ୍ର ଦୀକ୍ଷା ଦେଉଥାନ୍ତି । ବେଦରେ ଗୁରୁଙ୍କର ସ୍ତୁତିଗାନ କରାଯାଇ ଶିଷ୍ୟଙ୍କୁ ଗୁରୁପୂଜା କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ । ସତରେ ଏଇ ପିଲାମାନେ ଯେ କେତେ ଭାଗ୍ୟବାନ ! ସେମାନେ ସେଦିନ ସ୍ୱୟଂ ଜଗଦ୍‌ଗୁରୁଙ୍କୁ ଗୁରୁ ରୂପେ ପାଇଥାନ୍ତି ।

ହୋମକୁଣ୍ଡରେ ଚନ୍ଦନ କାଷ୍ଠ ନିକ୍ଷେପ କରି ବେଦ ସମ୍ରାଟ୍ ଶ୍ରୀ କାମେଶ୍ୱର ଗଣପତି ବେଦୋଚ୍ଚାରଣ କରୁଥାନ୍ତି । ଭାଗ୍ୟବାନ୍ ବ୍ରହ୍ମଚାରୀଗଣ ନିଜ ନିଜ ପିତା ମାତାଙ୍କୁ

ପାଦନମସ୍କାର କରି ସ୍ୱାମୀଙ୍କଠାରୁ ଭିକ୍ଷା ଗ୍ରହଣ କରୁଥାନ୍ତି । ବାସ୍ତବିକ ତାହାଥିଲା ଅତ୍ୟନ୍ତ ପ୍ରେରଣାଦାୟକ ଦୃଶ୍ୟ ! ସେଇ ଭାଗ୍ୟବାନ ପିଲାମାନେ ସେଦିନ ସାଇଙ୍କୁ ଜୀବନର ଆଶ୍ରୟ ରୂପେ ପାଇଥାନ୍ତି । ବେଦପୋଷଣ ଓ ଧର୍ମ ସଂସ୍ଥାପନର ଯେଉଁ ଦିବ୍ୟ ସଙ୍କଳ୍ପ ସ୍ୱାମୀ ନେଇଥାନ୍ତି, ତାହାର ଏହି ଉପନୟନ ଏକ ପଦକ୍ଷେପ ଥିଲା । ଉପନୟନ ଶେଷରେ, ସ୍ୱାମୀ ପ୍ରତ୍ୟେକ ପିଲାକୁ ଗୋଟିଏ ଗୋଟିଏ ଶାଢ଼ୀ ଦେଇ ତାହା ତା'ର ମାଙ୍କୁ ଦେବାକୁ କହିଲେ । ସେ ସେମାନଙ୍କୁ ପାଦନମସ୍କାରର ଅନୁମତି ମଧ୍ୟ ଦେଲେ । ତା' ପରେ ସ୍ୱାମୀ ପିଲାମାନଙ୍କ ଓ ସେମାନଙ୍କ ପିତାମାତାଙ୍କ ମଥାରେ ଅକ୍ଷତ ଚାଉଳ ଦେଇ ସେମାନଙ୍କୁ ଆଶୀର୍ବାଦ କଲେ ।

ଉପନୟନର ଠିକ୍ ପୂର୍ବରୁ ସ୍ୱାମୀ ଆମକୁ ଇଣ୍ଟରଭ୍ୟୁ କକ୍ଷ ଭିତରକୁ ଡାକିଥିଲେ । ସ୍ୱାମୀ ସୋଫାରେ ବସିଥାନ୍ତି, ମୁଁ ଓ ମୋର ସ୍ୱାମୀ ତାଙ୍କର ପଦସେବା କରୁଥାଉ । ସବୁବେଳ ଭଳି ସ୍ୱାମୀ ଘରର ପ୍ରତ୍ୟେକଙ୍କ ସମ୍ବନ୍ଧରେ କୁଶଳପ୍ରଶ୍ନ କଲେ ଓ ଉପନୟନ ନିମନ୍ତେ କି କି ପ୍ରସ୍ତୁତି ସରିଛି ତାହା ଜାଣିବାକୁ ଚାହିଁଲେ । ସୁରେଶ ଓ ସତିଶର୍ ଉପନୟନ ପାଇଁ ଆମେ ଖାଲି ହାତରେ ଯାଇ ଥାଉ । ସ୍ୱାମୀ କହିଲେ, 'କସ୍ତୁରୀର ଭାର୍ଯ୍ୟା କହୁଥିଲା, ଚକୁଳି ତିଆରି କରିବାକୁ ହେବ ।" ମୁଁ କହିଲି, 'ସ୍ୱାମୀ ସେଥିପାଇଁ ଯାହା ଦରକାର, ମୁଁ କିଛି ଆଣି ନାହିଁ ।" ସ୍ୱାମୀ ଆମକୁ ଆଶ୍ୱସ୍ତ କରି କହିଲେ, 'ଠିକ୍ ଅଛି ।' ବ୍ୟସ୍ତ ହେବାର କିଛି ନାହିଁ । ଯଦି ସେ କହିଛି ସେ ହିଁ ଚକୁଳି କରିବ ।' ସେହି ଅନୁସାରେ କସ୍ତୁରୀଙ୍କ ସ୍ତ୍ରୀ ଭୋଜିରେ ଚକୁଳି ତିଆରି କରିଥିଲେ, ମୁଁ ମଧ୍ୟ ତାଙ୍କ ସଙ୍ଗେ କିଛି ଚକୁଳି କଲି ।

ସ୍ୱାମୀ ସବୁକିଛିର ଆୟୋଜନ କରିଥାନ୍ତି । ସଭାଗୃହ ମଧ୍ୟରେ ଭୋଜନର ବ୍ୟବସ୍ଥା ହୋଇଥାଏ । ପିଲାମାନେ ଖାଉଥିବା ସମୟରେ ସ୍ୱାମୀ ସେଠାରେ ବୁଲୁଥାନ୍ତି । ପିଲାମାନଙ୍କୁ ପେଟଭରି ଖାଇବାକୁ କହି ସେ ଆନନ୍ଦ ପାଉଥାନ୍ତି । ସନ୍ଧ୍ୟାରେ ଭକ୍ତମାନେ ଆଣିଥିବା ନାନାବିଧ ସୁମିଷ୍ଟ ପଦାର୍ଥକୁ ସ୍ୱାମୀ ବଟୁମାନଙ୍କ ମଧ୍ୟରେ ବିତରଣ କଲେ ।

ପରେ ସ୍ୱାମୀ ସମବେତ ଭକ୍ତଙ୍କୁ ଏକ ଦିବ୍ୟ ସମ୍ଭାଷଣ ପ୍ରଦାନ କରି ଉପନୟନ ସଂସ୍କାରର ମହତ୍ତ୍ୱ ସମ୍ବନ୍ଧରେ ବୁଝାଇଲେ । ସେ କହିଲେ ଯେ ସେ ଯେଉଁ ଉପଦେଶ ଦେଇଛନ୍ତି ତାହା ଅତ୍ୟନ୍ତ ପବିତ୍ର ଓ ଏହି ଉପଦେଶ ପିଲାମାନେ କରିଥିବା ପୁଣ୍ୟ ଯୋଗୁ ପାଇଲେ ।

✍

୧୯୮୩ ମାର୍ଚ୍ଚ ୧୨ ତାରିଖ ଦିନ ଆମେ ୬୮୦ ଜଣ ବଟୁଙ୍କର ଏକ ଚମତ୍କାର ଉପନୟନ ଦେଖିବାର ସୌଭାଗ୍ୟ ଲାଭ କରିଥିଲୁ । ପୂର୍ବଦିନ ସନ୍ଧ୍ୟାରେ ଏସବୁ ପିଲାଙ୍କର ନାମ ଘୋଷଣା କରାଗଲା ଓ ପ୍ରତ୍ୟେକ ପିଲା ଜଣଙ୍କ ପରେ ଜଣେ ମନ୍ଦିର

ଭିତରକୁ ଯାଇ ସ୍ୱାମୀଙ୍କ ଦିବ୍ୟ ହସ୍ତରୁ ପରଦିନ ସେମାନେ ପିନ୍ଧିବାକୁ ଥିବା ପାରମ୍ପରିକ ବସ୍ତ୍ର ଗ୍ରହଣ କଲେ । ସେମାନେ ସ୍ୱାମୀଙ୍କୁ ପାଦନମସ୍କାର ମଧ୍ୟ କଲେ । ମୋର ତିନି ନାତି ରବୀନ୍ଦ୍ର, ଶଶିଧର ଓ ମଧୁସୂଦନଙ୍କର ସୌଭାଗ୍ୟ ହେତୁ ସେମାନେ ଏହି ଦଳ ଭିତରେ ସ୍ଥାନ ପାଇଥାନ୍ତି ।

୧୭ ତାରିଖ ଦିନ ସକାଳେ ଉତ୍ସବ ଆରମ୍ଭ ହେବା ମାତ୍ରକେ ପୂର୍ଣ୍ଣଚନ୍ଦ୍ର ସଭାକକ୍ଷ ମଙ୍ଗଳବାଦ୍ୟ ଓ ବେଦମନ୍ତ୍ରର ନିନାଦରେ ପ୍ରତିଧ୍ୱନିତ ହେଲା । ପିଲାମାନେ ପୂର୍ବ ସନ୍ଧ୍ୟାରେ ସ୍ୱାମୀଙ୍କଠୁ ପାଇଥିବା ପାରମ୍ପରିକ ବସ୍ତ୍ର ପରିଧାନ କରି ମନ୍ଦିରରୁ ସଭାଗୃହ ମଧ୍ୟକୁ ଏକ ଶୋଭାଯାତ୍ରାରେ ଆସିଲେ ଓ ସେଠାରେ ସେମାନଙ୍କ ପାଇଁ ନିର୍ଦ୍ଧାରିତ ସ୍ଥାନରେ ନିଜ ନିଜର ପିତାମାତାଙ୍କ ସଙ୍ଗେ ବସିଲେ ।

ସ୍ୱାମୀ ପ୍ରତ୍ୟେକ ପିଲାକୁ ଯଜ୍ଞୋପବୀତ ପ୍ରଦାନ କଲେ । ପରେ ସେ ନିଜେ ପ୍ରତି ପିଲାର ଗଳାରେ ଯଜ୍ଞୋପବୀତ ପକାଇଥିଲେ । ସ୍ୱାମୀ ପ୍ରତ୍ୟେକ ବଟୁର ମଥାରେ ଅକ୍ଷତ ଚାଉଳ ନିକ୍ଷେପ କରି ସେମାନଙ୍କୁ ଆଶୀର୍ବାଦ କରିଥିଲେ । ପରେ ସେ ସେମାନଙ୍କ ଉପରେ ପବିତ୍ର ପୁଣ୍ୟାବାଚନ ଜଳ ସିଞ୍ଚନ କରି ସେମାନଙ୍କୁ ସମୂହଭାବେ ବ୍ରହ୍ମୋପଦେଶ ପ୍ରଦାନ କଲେ । ସ୍ୱାମୀ ସମସ୍ତ ବଟୁ ଓ ସେମାନଙ୍କର ଅଭିଭାବକ ଓ ଆତ୍ମୀୟ ସ୍ୱଜନଙ୍କୁ ଆଶୀର୍ବାଦ କଲେ । ପ୍ରାୟ ଚାରି ହଜାର ଲୋକଙ୍କୁ ଭୁରି ଭୋଜନରେ ଆପ୍ୟାୟିତ କରାଗଲା ।

ସନ୍ଧ୍ୟାରେ ସ୍ୱାମୀ ତାଙ୍କର ଦିବ୍ୟ ସମ୍ଭାଷଣରେ ପିଲାମାନଙ୍କୁ ଉପଦେଶ ଦେଇ କହିଲେ "ମୋ ସ୍ନେହର ପିଲାମାନେ, ପ୍ରେମସ୍ୱରୂପ ଗଣ, ମାତୃଗର୍ଭରୁ ଜନ୍ମ ହେବା ସହଜ ଜନ୍ମ । ଗାୟତ୍ରୀ ମନ୍ତ୍ରର ଉପଦେଶ ଲାଭ କରିବା ପରେ ତୁମେମାନେ ଦ୍ୱିତୀୟ ଜନ୍ମ ଲାଭ କଲ ଅର୍ଥାତ୍ ଦ୍ୱିଜ ହେଲ । ଗାୟତ୍ରୀ ବେଦମାତା ଓ ସର୍ବଜୀବ ସଂରକ୍ଷିକା । ଗାୟତ୍ରୀ ମନ୍ତ୍ରକୁ ମନ୍ତ୍ରୋପଦେଶ ଭାବେ ଗ୍ରହଣ କରିବା ପରେ ତୁମେ ଯେ ଦ୍ୱିତୀୟ ଜନ୍ମ ଲାଭ କଲ, ତାହା ହୃଦୟଙ୍ଗମ କରିବା ଆବଶ୍ୟକ । ଏହି ମନ୍ତ୍ରକୁ ଦିନରେ ତିନିଥର ଉଚ୍ଚାରଣ କରିବା ଦରକାର । ସକାଳ ୪ ଟାରୁ ୮ଟା ଓ ସନ୍ଧ୍ୟା ୪ ଟାରୁ ୮ଟାକୁ ସାତ୍ତ୍ୱିକ କାଳ କୁହାଯାଏ । ସକାଳ ୮ଟାରୁ ସନ୍ଧ୍ୟା ୪ ଟା ହେଉଛି, ରାଜସିକ କାଳ । ଏବଂ ରାତ୍ରି ୮ଟାରୁ ସକାଳ ୪ଟା ହେଉଛି ତାମସିକ କାଳ । ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ନିମନ୍ତେ ସର୍ବୋତ୍କୃଷ୍ଟ ସମୟ ହେଲା ସକାଳ ଛ'ଟା, ଦିନ ବାରଟା ଓ ସନ୍ଧ୍ୟା ଛ'ଟା । ମା ଗାୟତ୍ରୀ ତାଙ୍କର ତିନୋଟି ବିଭାବରେ ଗାୟତ୍ରୀ ରୂପରେ ବୁଦ୍ଧି ପ୍ରଦାନ କରନ୍ତି, ସାବିତ୍ରୀ ରୂପରେ ରକ୍ଷା କରନ୍ତି ଓ ସରସ୍ୱତୀ ରୂପରେ ବିଦ୍ୟା ପ୍ରଦାନ କରନ୍ତି ।'

ଗାୟତ୍ରୀ ସର୍ବଦେବତା ସ୍ୱରୂପିଣୀ । ଦିନରେ ଅନ୍ତତଃ ଦୁଇଥର, ସକାଳେ ଓ ସନ୍ଧ୍ୟାରେ ଯଦି ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରାଯାଏ, ତେବେ ଦିନ ମଧ୍ୟରେ ଅଜାଣତରେ

ଯଦି କିଛି ପାପକର୍ମ କରା ଯାଇଥାଏ ତାହାର ବିନାଶ ହୁଏ ଏବଂ ଯଦି କିଛି କର୍ମଶେଷ ରହିଯାଇଥାଏ, ତାହା ଦୂର ହୁଏ। ଏଭଳି ସାଧନା କରୁଥିବା ବ୍ୟକ୍ତି ପରିଶୁଦ୍ଧ ହୁଏ ଓ କାଳକ୍ରମେ ଦୈବତ୍ୱର ଅଧିକରୁ ଅଧିକ ସମୀପ ହୁଏ । ସାତ୍ତ୍ୱିକ କାଳରେ କରୁଥିବା ଧ୍ୟାନ ଓ ପ୍ରାର୍ଥନା ସାଧକକୁ ଈଶ୍ୱରଙ୍କ ନିକଟରେ ପହଞ୍ଚାଇ ଦିଏ । ଏଥିରେ କୌଣସି ସନ୍ଦେହ ନାହିଁ ।"

"ଆଜିକାଲି ଅନେକ କହନ୍ତି ଯେ ଗାୟତ୍ରୀ ଜପ କରିବା ପାଇଁ ସେମାନଙ୍କର ସମୟ ନାହିଁ । ସମୟ ନ ଥିବା ଠିକ୍ ନୁହେଁ, ଅସଲ କଥା ହେଲା ଶ୍ରଦ୍ଧା ନାହିଁ । ଯାହାର ମନରେ ଦୃଢ଼ ସଙ୍କଳ୍ପ ଅଛି, ସେ ଦିନରେ ଅନ୍ତତଃ ଦୁଇଥର ଏହା ଜପ କରି ପାରିବ ସ୍ନାନ କରିବା ସମୟରେ ଗାୟତ୍ରୀ ଉଚ୍ଚାରଣ କଲେ ମନ୍ତ୍ର ଜପ ଓ ମନ୍ତ୍ର ଅଭିଷେକ ଦୁଇଟି ଏକ ସଙ୍ଗେ ହୋଇଯିବ । ମଧ୍ୟାହ୍ନ ଭୋଜନ ପୂର୍ବରୁ ଏହାକୁ ଉଚ୍ଚାରଣକଲେ- ଏହା ଦ୍ୱାରା ତୁମର ଖାଦ୍ୟ ପରିଶୁଦ୍ଧ ହେବ ଓ ଖାଦ୍ୟକୁ ନିବେଦନ କରିବା ହେବ । ପୁଣି ଗାୟତ୍ରୀ ମନ୍ତ୍ର ସନ୍ଧ୍ୟାରେ ଜପକର । ପ୍ରତିଦିନ ତୁମେ ଏହା କରିପାରିଲେ, ଅନ୍ୟ କୌଣସି ମନ୍ତ୍ରଜପ ତୁମପାଇଁ ଆବଶ୍ୟକ ହେବ ନାହିଁ । ତୁମେ ଏଭଳି ଭାବେ ତୁମ ଜୀବନକୁ ପବିତ୍ର କରିପାରିବ । ଗାୟତ୍ରୀ ସର୍ବଶକ୍ତି ସ୍ୱରୂପିଣୀ, ସେ ତୁମକୁ ବୁଦ୍ଧି, ବିଦ୍ୟା ଓ ସାଫଲ୍ୟ ଦେଇଥାନ୍ତି ।"

ଏହା ଲକ୍ଷ୍ୟ କରାଯାଏ ଯେ ଉପନୟନ ପରେ, ପୂର୍ବରୁ ଯେଉଁ ପିଲାଙ୍କର ମସ୍ତିଷ୍କ ମାନ୍ଦା ଥାଏ, ସେମାନଙ୍କ ମଧ୍ୟରେ ଅଭୂତପୂର୍ବ ବୁଦ୍ଧି ଓ ସ୍ଫୂର୍ତ୍ତି ଦେଖାଯାଏ ଓ ସେମାନେ ଉତ୍ତମ ଚରିତ୍ର ଲାଭ କରନ୍ତି । ସୂର୍ଯ୍ୟ ଅନ୍ଧକାରକୁ ଦୂର କଲା ଭଳି, ଗାୟତ୍ରୀ ମନ୍ତ୍ର ଅଜ୍ଞାନ, ତନ୍ଦ୍ରା ଓ ଆଳସ୍ୟକୁ ଦୂର କରେ । ଏହା ଦ୍ୱାରା ତୁମେ ପ୍ରଜ୍ଞାନ, ସୁଜ୍ଞାନ ଓ ବିଜ୍ଞାନ ଲାଭକର । ମୁଁ ଆଶାକରେ, ତୁମେମାନେ ସାରା ଜୀବନ ଦିନରେ ଅନ୍ତତଃ ଦୁଇଥର ଗାୟତ୍ରୀ ଜପ କରିବ ଓ ଭାରତର ଆଦର୍ଶ ନାଗରିକ ହେବ ।"

୧୯୮୮ରେ ଗ୍ରୀଷ୍ମକାଳରେ ସ୍ୱାମୀ ମହୀଶୂର ଦେଇ ଉଟି ଯିବା ସମୟରେ ଆମେ ମହୀଶୂରରେ ତାଙ୍କର ଦର୍ଶନ ପାଇଥିଲୁ । କିଛି ଦିନ ପରେ ମୁଁ, ମୋର ମା, ବୋହୂ ସାଇଗୀତା ଓ ତାର ଝିଅ ଜ୍ୟୋତିର୍ମୟୀ ସ୍ୱାମୀଙ୍କ ଦର୍ଶନପାଇଁ ଉଟି ଗଲୁ । ଦର୍ଶନ ଧାଡ଼ିରେ ସ୍ୱାମୀ ଆମ ପାଖଦେଇ ଯିବା ସମୟରେ ମୋ ମା'କୁ କହିଲେ "ତୋର ଦୁଇ ଝିଅ, ତୋ' ଦୁଇ ଆଖି ଭଳି । ସେମାନଙ୍କ ଭିତରେ ବାଛବିଚାର କରନା । ତୋର ସମ୍ପତ୍ତିକୁ ଦୁଇଜଣଙ୍କ ମଧ୍ୟରେ ସମାନ ସମାନ ବାଣ୍ଟିଦେ ।" ମୁଁ କହିଲି, "ସ୍ୱାମୀ, ଦୟାକରି ମୋ ନାତିର ଅକ୍ଷରାଭ୍ୟାସ କରି ଦିଅନ୍ତୁ ।" ସେ ସଙ୍ଗେ ସଙ୍ଗେ ଜ୍ୟୋତିର୍ମୟୀ ହାତରୁ ସିଲଟ ଓ ଖଡ଼ି ନେଇ 'ଓଁ' ଲେଖିଲେ ଏବଂ ତାହା ଜ୍ୟୋର୍ତିମୟୀ ହାତକୁ ଫେରେଇ ଦେଲେ ।

✍

୨୦୦୦ ମସିହା ଅପ୍ରିଲ ୯ ତାରିଖ ଶ୍ରୀ ସତ୍ୟ ସାଇ ଟ୍ରଷ୍ଟ କର୍ଣ୍ଣାଟକ, ବୃନ୍ଦାବନ, ହ୍ୱାଇଟ୍ ଫିଲଡ୍‌ଠାରେ ଦୁଇଶହ ପିଲାଙ୍କର ଉପନୟନର ଆୟୋଜନ କରିଥାନ୍ତି । ମୋର ନାତି ଶ୍ୟାମନନ୍ଦନ ସେହି ଦୁଇଶହ ଭାଗ୍ୟବାନ୍ ପିଲାଙ୍କ ମଧ୍ୟରେ ଜଣେ ଥାଏ । ସ୍ୱାମୀଙ୍କ ଦିବ୍ୟ ଉପସ୍ଥିତିରେ ଉପନୟନ ସମାରୋହ ସମାପିତ ହେଲା । ସ୍ୱାମୀ ବଟୁମାନଙ୍କୁ ଆଶୀର୍ବାଦ କରି ତାଙ୍କର ଦିବ୍ୟ ସମ୍ଭାଷଣ ପ୍ରଦାନ କରିଥିଲେ । ପ୍ରକୃତରେ, ପନ୍ଦର ବର୍ଷ ପୂର୍ବେ ସ୍ୱାମୀ ଶ୍ୟାମର ଉପନୟନ କରିବେ ବୋଲି ଆମକୁ ପ୍ରତିଶ୍ରୁତି ଦେଇଥିଲେ ।

✍

୨୦୦୦ ମସିହା ଏପ୍ରିଲ ୨୮ ତାରିଖ ଦିନ ମୋ ନାତି ଶଶୀଧର ସଙ୍ଗେ ତୀର୍ଥ ହଲ୍ଲୀର ଶ୍ରୀ ରମେଶ ଓ ଶ୍ରୀମତୀ ରାଜଲକ୍ଷ୍ମୀଙ୍କର କନ୍ୟା ସହନା ସହ 'ବୃନ୍ଦାବନ' ହ୍ୱାଇଟ୍ ଫିଲଡ୍‌ରେ ବିବାହ ପାଇଁ ସ୍ୱାମୀ ସ୍ୱୀକୃତି ଓ ଆଶିଷ ପ୍ରଦାନ କରିଥିଲେ । ସ୍ୱାମୀଙ୍କ ଅନ୍ତରଙ୍ଗ ଭକ୍ତ ଶ୍ରୀମତୀ କମଳା ପଦ୍ମନାଭନ୍ ଓ ଡକ୍ଟର ଆର ପଦ୍ମନାଭମ୍ ଏହି ବିବାହ ପ୍ରସ୍ତାବ ଆଣିଥାନ୍ତି । ସ୍ୱାମୀଙ୍କ ଆଶୀର୍ବାଦରୁ ୨୦୦୦ ମସିହା ଅକ୍ଟୋବର ୧୩ ତାରିଖରେ ଏହି ବିବାହ ସମ୍ପନ୍ନ ହେଲା ।

ଏକବିଂଶ ଅଧ୍ୟାୟ

ଭଗବାନ୍
ଶ୍ରୀ ସତ୍ୟସାଇବାବା ବିଦ୍ୟାଳୟ

ଜ୍ଞାନ ବିହୀନ ଶିକ୍ଷା ଓ ବିନୟ ବିହୀନ ଜ୍ଞାନ ଉଭୟ,
ଭିତରେ ଚାଉଳ ନ ଥିବା ଧାନ (ଚଷୁ) ସଦୃଶ ।
– ଶ୍ରୀ ସତ୍ୟସାଇ ବାବା

ସ୍ୱାମୀ ସେପ୍ଟେମ୍ବର ୧୪, ୧୯୬୩ ଦିନ ମହୀଶୂର ଆସି ଶ୍ରୀ ରାମଚନ୍ଦ୍ର ସେଟ୍ଟିଙ୍କ ବାସଗୃହରେ ରହିଥାନ୍ତି । ଶ୍ରୀମତୀ ସୁନନ୍ଦମ୍ମାନାମ୍ନୀ ଜଣେ ସ୍ୱାଧୀନତା ସଂଗ୍ରାମୀ ତାଙ୍କ ନିଜ ଜମିରେ ପିଲାମାନଙ୍କ ପାଇଁ ଗୋଟିଏ ବିଦ୍ୟାଳୟ ଗଢ଼ିବାର ଯୋଜନା କରୁଥାନ୍ତି । ସେହି ବିଦ୍ୟାଳୟର ନାମ 'ଶ୍ରୀ ସତ୍ୟସାଇ ସ୍କୁଲ' ହେବ ବୋଲି ମଧ୍ୟ ସେ ମନସ୍ଥ କରିଥାନ୍ତି । ସେ ସ୍ୱାମୀଙ୍କୁ ଉକ୍ତ ବିଦ୍ୟାଳୟ ଭବନର ଶିଳାନ୍ୟାସ କରିବାକୁ ଅନୁରୋଧ କରିଥାନ୍ତି । ସ୍ୱାମୀ ବିଦ୍ୟାଳୟ ଭବନ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରି ଏକ ଦିବ୍ୟ ସମ୍ଭାଷଣ ପ୍ରଦାନ କରିଥିଲେ ।

ସନ୍ଧ୍ୟାରେ ଟ୍ରଷ୍ଟିମାନଙ୍କୁ ଉଦ୍‌ବୋଧନ ଦେବା ସମୟରେ ସେ ବିଦ୍ୟାଳୟ ନିର୍ମାଣ ଶେଷ କରିବାପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ ହୋଇ ପାରିବ କି ନାହିଁ ବୋଲି ସୁନନ୍ଦମ୍ମାଙ୍କ ମନରେ ଥିବା ଭୟ ସମ୍ବନ୍ଧରେ ଉଲ୍ଲେଖ କଲେ । ସ୍ୱାମୀ କହିଲେ 'ସୁନନ୍ଦାମ୍ମା ମୋତେ ବାଟ ଦେଖାଇବା ପାଇଁ ପ୍ରାର୍ଥନା କରୁଛନ୍ତି ।' ଏ ଯାଏଁ ଯିଏ ବାଟ ଦେଖେଇଛି, ଏହା ପରେ ମଧ୍ୟ ସେ ବାଟ ଦେଖେଇବେ । ନିଃସନ୍ଦେହରେ ଏ କାର୍ଯ୍ୟ ସମାପ୍ତ ହେବ । ତାହା ନ ହେବାର ଥିଲେ ମୁଁ ଭିତ୍ତି ପ୍ରସ୍ତର ସ୍ଥାପନ କରି ନ'ଥାନ୍ତି । ସମ୍ବଳର ଅଭାବ ହେତୁ କୌଣସି ସତ୍‌କର୍ମ କେବେ ବନ୍ଦ ହୁଏ ନାହିଁ । ସ୍ୱୟଂ ଭଗବାନ ଏଭଳି କାର୍ଯ୍ୟରେ ସାହା ହୋଇଥାନ୍ତି ।

ସ୍ୱାମୀ ସେଦିନ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ବିଦ୍ୟାଳୟ ନିର୍ମାଣ ଶେଷ ହେଲା । ଖାଲି ସେତିକି ନୁହେଁ, ପରବର୍ତ୍ତୀ କାଳରେ ବିଦ୍ୟାଳୟର ଉତ୍ତମ ବିକାଶ ମଧ୍ୟ ହେଲା ।

ନ୍ୟୁଇଣ୍ଡିଏନ୍ ଏକ୍ସପ୍ରେସ୍‌ର ବାଙ୍ଗାଲୋର ପ୍ରକାଶନରେ ଅଳ୍ପ ଦିନ ତଳେ ପ୍ରକାଶିତ ଏକ ବିବରଣୀ ନିମ୍ନରେ ଉପସ୍ଥାପନ କରାଯାଉଛି ।

ମୂଲ୍ୟବୋଧ ଶିକ୍ଷା ପ୍ରଦାନ କରୁଥିବା ଏକ ବିଦ୍ୟାଳୟ

ମହୀଶୂରରେ ପ୍ରାଥମିକ ସ୍ତରରେ ମୂଲ୍ୟବୋଧ ଶିକ୍ଷା ଦାନ କ୍ଷେତ୍ରରେ ଭଗବାନ ଶ୍ରୀ ସତ୍ୟସାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକ ଅଭିନବ ପ୍ରୟୋଗ ଅଟେ । ସ୍ୱାଧୀନତା

ସଂଗ୍ରାମୀ ସୁନନ୍ଦମ୍ମା ଓ ତାଙ୍କ ସ୍ୱାମୀ ନରସିଂହ ଅୟଙ୍ଗାରଙ୍କ କଳ୍ପନା ପ୍ରସୂତ ଏହି ବିଦ୍ୟାଳୟ, ଯାହା ମାତ୍ର ଦୁଇଜଣ ଛାତ୍ରଙ୍କୁ ନେଇ ୧୯୫୯ ରେ ଆରମ୍ଭ ହୋଇଥିଲା, ତାହା ଆଜି ସମାଜର ଧନହୀନ ବର୍ଗର ଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଏକ ବିରଳ ଅନୁଷ୍ଠାନ ହୋଇ ଗଢ଼ି ଉଠିଛି ।

ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ନେଇଥିବା ସୁନନ୍ଦମ୍ମା ଓ ତାଙ୍କ ସ୍ୱାମୀ ନରସିଂହ ଅୟଙ୍ଗାର ପ୍ରଥମେ ଏହି ବିଦ୍ୟାଳୟ ସ୍ୱରାଜ ଭବନରେ ଆରମ୍ଭ କରିଥିଲେ । ଧୀରେଧୀରେ ଏହି ଅନୁଷ୍ଠାନ ପଦ୍ମବରହଲ୍ଲୀ ଓ ତା'ର ଆଖପାଖ ଅଞ୍ଚଳର ଅନେକ ଗରିବ ଛାତ୍ରଛାତ୍ରୀଙ୍କର ଶିକ୍ଷାର ଦାୟିତ୍ୱ ନେଲା । ପରବର୍ତ୍ତୀ ସମୟରେ ଏହି ବିଦ୍ୟାଳୟ ଜୟଲକ୍ଷ୍ମୀପୁରରେ ଏକ ସୁବିଶାଳ ଭବନକୁ ସ୍ଥାନାନ୍ତରିତ ହୋଇଥିଲା । ସନ୍ତାନହୀନ ସୁନନ୍ଦମ୍ମା ଓ ନରସିଂହ ଅୟଙ୍ଗାର ପଦ୍ମବରହଲ୍ଲୀର ଗରିବ ଓ ଅଶିକ୍ଷିତ ବାସିନ୍ଦାଙ୍କ ଘର ଘରକୁ ଯାଇ ସେମାନଙ୍କର ପିଲାମାନଙ୍କୁ ଗୋଟେଇ ଆଣିଥିଲେ ଓ ସେମାନଙ୍କୁ କନ୍ନଡ଼ ଭାଷାର ପ୍ରାଥମିକ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଅତିରିକ୍ତ ବିଷୟଭାବେ ହିନ୍ଦୀ ଓ ଇଂରାଜୀ ଶିକ୍ଷା ମଧ୍ୟ ଦେଉଥିଲେ ।

ସୁନନ୍ଦମ୍ମା ବିଶ୍ୱାସ କରୁଥିଲେ ଯେ ସଂସ୍କୃତ ଶିକ୍ଷା ବିନା କୌଣସି ଶିକ୍ଷା ସମ୍ପୂର୍ଣ୍ଣ ହୁଏ ନାହିଁ । ତେଣୁ ସେ ସଂସ୍କୃତ ଶିକ୍ଷାକୁ ବାଧ୍ୟତାମୂଳକ କରିଥିଲେ । ପରବର୍ତ୍ତୀ କାଳରେ ସୁନନ୍ଦମ୍ମା ଓ ନରସିଂହ ସ୍ୱାମୀଙ୍କର ଇଚ୍ଛାପତ୍ର ଅନୁଯାୟୀ, ଶ୍ରୀ ସତ୍ୟସାଇବାବା ଏହି ବିଦ୍ୟାଳୟକୁ ନିଜ ହାତକୁ ନେଲେ ଏବଂ ଆଜି ଏହି ବିଦ୍ୟାଳୟ ନର୍ସରୀରୁ ସପ୍ତମ ଶ୍ରେଣୀଯାଏ ପ୍ରାୟ ୫୭୦ ଜଣ ଛାତ୍ରଙ୍କୁ ଶିକ୍ଷାଦାନ କରୁଛି ।

ସଂସ୍କୃତର ଲିଖନ ତଥା ଆବୃତ୍ତି ପରୀକ୍ଷା ହେତୁ ପିଲାମାନଙ୍କର ମାତୃଭାଷା ଉଚ୍ଚାରଣ ଉନ୍ନତ ହେଉଛି ।

ଏତଦ୍ ବ୍ୟତୀତ ବିଦ୍ୟାଳୟ ତଥା ଆନ୍ତର୍ବିଦ୍ୟାଳୟ ପ୍ରତିଯୋଗୀତାମାନଙ୍କରେ ଏହି ପିଲାମାନେ ସଂସ୍କୃତ ନାଟକ ମଞ୍ଚସ୍ଥ କରିବାର ତାଲିମ୍ ପାଉଛନ୍ତି ।

ଅବଶ୍ୟ ଏହି ଛାତ୍ରମାନେ ସଂସ୍କୃତଭାଷାକୁ କନ୍ନଡ଼ ଭାଷାଲିପିରେ ଲେଖିଥାନ୍ତି ଓ ଉଚ୍ଚ ବିଦ୍ୟାଳୟରେ ସେମାନଙ୍କୁ ସଂସ୍କୃତ ଭାଷାକୁ ପ୍ରଥମ ଭାଷା ରୂପେ ଗ୍ରହଣ କରିବାକୁ ପ୍ରୋତ୍ସାହନ ଦିଆ ଯାଇଥାଏ । ସଂସ୍କୃତ ଶିକ୍ଷା ପ୍ରଦାନ କରୁଥିବା ଆହୁରି ଅନେକ ଘରୋଇ ବିଦ୍ୟାଳୟ ଥିଲେ ହେଁ, ସତ୍ୟସାଇ ସ୍କୁଲ୍ କେବେ ଚାନ୍ଦା ସଂଗ୍ରହ କରି ନାହିଁ ଏବଂ ଏହା ଆଜି ଯାଏ ଦାରିଦ୍ର୍ୟ ସୀମାରେଖାର ତଳେ ଥିବା ଗରିବ ପିଲାମାନଙ୍କୁ ହିଁ ଶିକ୍ଷାଦାନ କରି ଆସିଛି ।

ଦ୍ୱାବିଂଶ ଅଧ୍ୟାୟ

ଦିବ୍ୟ ହସ୍ତକ୍ଷେପ

ମୋର ଅନୁଗ୍ରହ ଥିବା ଯାଏଁ କୌଣସି ଗ୍ରହ ତୁମର କିଛି ଅନିଷ୍ଟ କରି ପାରିବ ନାହିଁ ।

– ଶ୍ରୀ ସତ୍ୟସାଇବାବା

ଆଜି ଆପଣଙ୍କ ଗହଣରେ ଥିବା ଅସାଧାରଣ ଆଧ୍ୟାତ୍ମପୁରୁଷ ହେଉଛନ୍ତି ସ୍ୱାମୀ । ଅନେକଙ୍କ ପାଇଁ ସେ ଏକ ବିରଳ ବ୍ୟକ୍ତିତ୍ୱ । ସେ ଏକାଧାରରେ ଜଣେ ଜଗଦ୍‌ଗୁରୁ, ଯୋଗୀଶ୍ୱର, ଦେହ ଓ ମନର ସମସ୍ତ ବ୍ୟାଧିରୁ ଉପଶମ ପ୍ରଦାନ କରି ପାରୁଥିବା ଚମତ୍କାର ବୈଦ୍ୟ, ବିଶ୍ୱର ବିବିଧ ଧର୍ମ ମଧ୍ୟରେ ଐକ୍ୟ ପ୍ରତିଷ୍ଠାପକ ଓ ସର୍ବୋପରି ଏଭଳି ଏକ ବିସ୍ମୟ ପୁରୁଷ ଯିଏ କି, ଡକ୍ଟର ସାଣ୍ଡୱିସଙ୍କ ଭାଷାରେ ଲିପିବଦ୍ଧମାନବ ଇତିହାସରେ ମାତ୍ର ଦୁଇ ତିନିଥର ଆସିଛନ୍ତି । ତାଙ୍କର ଭକ୍ତମାନଙ୍କ ପାଇଁ ସ୍ୱାମୀ ଅନ୍ୟ ସବୁକିଛି ଅପେକ୍ଷା ମୁଖ୍ୟତଃ ଏକ ପ୍ରେମାବତାର ଯାହାଙ୍କର ସମ୍ବେଦନଶୀଳ ତଥା ସକରୁଣ ହୃଦୟ ସମସ୍ତଙ୍କପାଇଁ ସର୍ବଦା ଉନ୍ମୁକ୍ତ ।

ସ୍ୱାମୀ ତାଙ୍କର ଅଲୌକିକ ଶକ୍ତିକୁ ନିଜେ ଖୁବ୍ କମ୍ ପ୍ରାଧାନ୍ୟ ଦିଅନ୍ତି । ଈଶ୍ୱରଙ୍କ ନିକଟକୁ ପଡ଼ିଥିବା ପ୍ରାଚୀନ ରାଜମାର୍ଗର ପୁନରୁଦ୍ଧାର ତଥା ପୁନଃନିର୍ମାଣର ମହତ୍ କାର୍ଯ୍ୟରେ ସେ ତାଙ୍କର ଏହି ଚମତ୍କାର ଶକ୍ତିକୁ ଏକ ସାଧନ ରୂପେ ବ୍ୟବହାର କରିଥାନ୍ତି । ଚମତ୍କାରିତାର ଉଦ୍ଦେଶ୍ୟ ମଧ୍ୟ ଅତ୍ୟନ୍ତ ସୀମିତ- ତାହା ହେଉଛି, ଏକ ସାଧାରଣ ବ୍ୟକ୍ତିକୁ ଈଶ୍ୱରଙ୍କ ନିବାସର ମୁଖ୍ୟଦ୍ୱାର ଯାଏ ନେଇଯିବା ଓ ଭକ୍ତ ନିବାସ ମଧ୍ୟରେ ଯେ କ'ଣ ଅଛି ସେ ସମ୍ବନ୍ଧରେ ସମ୍ୟକ୍ ଧାରଣା ଦେବା ।

ପଞ୍ଚଦଶକରୁ ଉର୍ଦ୍ଧ୍ୱକାଳ ତାଙ୍କର ବାହୁଛାୟା ତଳେ ରହିବା ମଧ୍ୟରେ ଯେଉଁ କତିପୟ ଘଟଣା ଏ ଯାଏ ମୋର ସ୍ମୃତି ପଟଳରେ ସୁସ୍ପଷ୍ଟ ରହିଛି ତାହା ମୁଁ ନିମ୍ନରେ ବର୍ଣ୍ଣନା କରୁଛି । ଏ ସମସ୍ତ ଘଟଣାବଳୀରୁ ଭକ୍ତମାନଙ୍କ ଜୀବନରେ ତାଙ୍କର ଦିବ୍ୟ ହସ୍ତକ୍ଷେପର ଆଭାସ ଆମେ ପାଇଥାଉ । ଯେଉଁମାନେ ନିଜେ ସମ୍ପୂର୍ଣ୍ଣ ସାଇ ଆଶ୍ରିତ ନୁହଁନ୍ତି, ସେମାନଙ୍କୁ ଏଥି ମଧ୍ୟରୁ କେତେକ ଘଟଣା ଅତି ସାଧାରଣ ମନେ ହୋଇପାରେ, କିନ୍ତୁ ଭକ୍ତମାନଙ୍କ ପାଇଁ ଏହି ସମସ୍ତ ଘଟଣାର ମହତ୍ତ୍ୱ ଯଥେଷ୍ଟ ବେଶୀ, କାରଣ ଏ ସବୁ ଘଟଣା ମଧ୍ୟରେ ସ୍ୱାମୀ ଯେ ତାଙ୍କର ଚରଣାଶ୍ରିତ ନର-ନାରୀଙ୍କର ନ୍ୟୁନତମ ଆବଶ୍ୟକତାକୁ କିଭଳି ବୁଝିଥାନ୍ତି ଓ ପୂରଣ କରିଥାନ୍ତି ତାହା ଜଣାଯାଏ । ସେ ତାଙ୍କର ପ୍ରତ୍ୟେକ ଭକ୍ତର ସମସ୍ତ ଯତ୍ନ ନିଅନ୍ତି ।

✍

ଚାଳିଶ ଦଶକର ଶେଷ ଆଡ଼କୁ ସ୍ୱାମୀ ଥରେ ଆମର ଘରକୁ ଆସିଥିବା ସମୟରେ ଆମ ସାମ୍ନା ଘରର ଏକ ଝିଅ ସ୍ୱାମୀଙ୍କ ଦର୍ଶନ ପାଇଁ ଆସିଥାଏ । ଅନେକ ଲୋକ ସ୍ୱାମୀଙ୍କ ଦର୍ଶନ ପାଇଁ ଆସିଥିବାରୁ ସେ ଅନ୍ୟମାନଙ୍କ ଉପସ୍ଥିତିରେ ତାର ମନୋବେଦନା ସ୍ୱାମୀଙ୍କୁ ବ୍ୟକ୍ତ କରି ପାରିଲା ନାହିଁ । ଆମେ ତାକୁ ପରଦିନ ସକାଳେ ଆସି ସ୍ୱାମୀଙ୍କୁ ସାକ୍ଷାତ କରିବାକୁ ପରାମର୍ଶ ଦେଲୁ, କିନ୍ତୁ ସେ ପରଦିନ ଆସିଲା ନାହିଁ । ସ୍ୱାମୀ ଫେରିଗଲେ । ଆମେ ପରେ ତାକୁ ସେ କାହିଁକି ଆସିଲା ନାହିଁ ପଚାରି ବୁଝିଲୁ । ସେ କହିଲା ଯେ ସେଦିନ ରାତିରେ ସ୍ୱାମୀ ତାକୁ ସ୍ୱପ୍ନରେ ଦେଖା ଦେଇ ତାର ଦୁଃଖ ଶୁଣିଲେ ଓ ତାକୁ ଏକ ସୁଖମୟ ଦାମ୍ପତ୍ୟ ଜୀବନ ଯାପନ କରୁ ବୋଲି ଆଶୀର୍ବାଦ କଲେ । ସେ ଝିଅର ବାପା ମା' ନ ଥାନ୍ତି । ବଡ଼ ଭାଇ ସ୍ୱଳ୍ପ ବେତନର ଏକ ଚାକିରୀ କରୁଥାଏ । ତା ଦେହରେ ଧଳା ଛଉର ଦାଗ ଥାଏ । ସେମାନେ ଖୁବ୍ ଦାରିଦ୍ର୍ୟ ଭିତରେ ଦିନ କାଟୁଥାନ୍ତି । ସ୍ୱାମୀଙ୍କୁ ଦର୍ଶନ କରିବାପରେ ତାର ସବୁ ସମସ୍ୟାର ସମାଧାନ ହୋଇଗଲା । ଧଳାଦାଗଗୁଡ଼ିକ ଉଭେଇ ଗଲା ଓ ସେ ବିବାହ କରି ସୁଖରେ ଦିନ କାଟିଲା ।

ନିମ୍ନରେ ଉଲ୍ଲେଖ କରୁଥିବା ଘଟଣାବଳୀ ୧୯୫୧ ରୁ ୧୯୬୦ ମଧ୍ୟରେ ଘଟିଥିଲା ।

✍

ଥରେ ମୋର ବଡ଼ ପୁଅ ମୁରଲୀ ମନ୍ଦିରରେ ସ୍ୱାମୀଙ୍କ ସଙ୍ଗେ ଥାଏ । ସ୍ୱାମୀ ତାକୁ କହିଲେ, "ତୋ କପାଳରେ ଦୁଇଟି ବିବାହ ଲେଖା ଅଛି" । ମୁରଲୀ ସ୍ୱାମୀଙ୍କୁ ଉତ୍ତର ଦେଲା, "ସ୍ୱାମୀ ଆପଣ ମୋ ସଙ୍ଗେ ଥାଉ ଥାଉ ମୋର ଭୟ କ'ଣ ?" ସ୍ୱାମୀ ପୁଣିଥରେ କହିଲେ, "ହଁ ଦୁଇଥର ବିବାହ ତୋ ଭାଗ୍ୟରେ ଅଛି ।" କିନ୍ତୁ ମୁଁ ତୁମ କୁଟୁମ୍ବରେ ଏଭଳି ଘଟଣା ହେବାକୁ ଦେବି ନାହିଁ ।

✍

ଥରେ ଖରାଦିନେ, ପୁଟ୍ଟପର୍ତ୍ତିରେ ରହିବା ପାଇଁ ସ୍ୱାମୀ ଆମକୁ ଏକ କକ୍ଷ ଦେଇଥାନ୍ତି । ଯେତେବେଳେ ସେ କକ୍ଷ ମଧ୍ୟକୁ ଆସୁଥାନ୍ତି, ପ୍ରତ୍ୟେକ ଥର ଆମକୁ ସେହି କକ୍ଷ ମଧ୍ୟରେ ଥିବା ଝରକା ଓ ନାଳକୁ ଦେଖାଇ ଝରକା କେବେ ନ ଖୋଲିବାକୁ ଓ ନାଳକୁ ବନ୍ଦ ରଖିବାକୁ କହୁଥାନ୍ତି । ତାହା ଏକ ଛପର ଘର ଥିଲା ଓ ଘର ଭିତରେ ପ୍ରବଳ ମୂଷା ଥାନ୍ତି । ଆମେ ବାହାର ବାରଣ୍ଡାରେ ଶୋଉଥାଉ । ରାତିରେ ଆମେ ଯେବେ ଉଠୁ ସେତେବେଳେ ସ୍ୱାମୀଙ୍କୁ ବାହାର ଚାନ୍ଦୀନିରେ ଛିଡ଼ା ହୋଇ ବାରଣ୍ଡା ଉପରକୁ ଟର୍ଚ୍ଚ ପକାଉଥିବା ଦେଖୁଥାଉ ।

ଆମେ ପୁଣି ଥରେ ଯେତେବେଳେ ଗଲୁ, ସେତେବେଳେ ସେଠାରେ ରହୁଥିବା ଲୋକମାନେ ଆମକୁ କହିଲେ ଯେ ଦିନେ ସ୍ୱାମୀ ଆସି ସେହି ଘରର ସାମ୍ନାରେ ଛିଡ଼ା ହେଲେ । ସେତେବେଳେ ଏକ ମସ୍ତବଡ଼ ସାପ ଘରର ନାଳ ମଧ୍ୟଦେଇ ଭିତରକୁ ଯାଉଥାଏ । ସ୍ୱାମୀ ସାପକୁ ଲକ୍ଷ୍ୟ କରି କହିଲେ, "ତୁ ଏ ଘର ଭିତରକୁ ଆସୁଛୁ କାହିଁକି ? ଲୋକେ ତୋତେ ଦେଖିଲେ କ'ଣ ଜିଅନ୍ତା ଛାଡ଼ିଦେବେ ?" ସେଇ ଦିନରୁ ସେହି ସାପକୁ ଆଉ କେହି କେବେ ଦେଖି ନାହାନ୍ତି । ସ୍ୱାମୀ ଯେ କାହିଁକି ଆମକୁ ଘରର ଝରକା ଓ ପାଣିନାଳକୁ ବନ୍ଦ ରଖିବାକୁ କହୁଥିଲେ, ସେଦିନ ଆମେ ବୁଝିପାରିଲୁ ।

✍

ଥରେ ମୋ ମା ତାଙ୍କର ମା ଶ୍ରୀମତୀ ପାର୍ବତମ୍ମାଙ୍କୁ ସ୍ୱାମୀଙ୍କ ଦର୍ଶନ ଲାଗି ପୁଟ୍ଟପର୍ତ୍ତି ଆଣିଥାନ୍ତି । ସେ ସମୟରେ ଆମେ ବଳଦ ଗାଡ଼ିରେ ପୁଟ୍ଟପର୍ତ୍ତି ଆସୁଥାଉ ଓ ପୁଟ୍ଟପର୍ତ୍ତି ପହଞ୍ଚିବାପରେ ପାଖ ଦୋକାନରୁ ଏକ ବେଞ୍ଚ ଆଣି ତାରି ଉପରେ ଗୋଡ଼ଦେଇ ବଳଦଗାଡ଼ିରୁ ଓହ୍ଲାଉଥାଉ, କାରଣ ବଳଦଗାଡ଼ି ଭୂମିର ଯଥେଷ୍ଟ ଉପରକୁ ରହୁଥାଏ । ମୋ ମା' ତାଙ୍କ ମା'ଙ୍କୁ ବେଞ୍ଚ ଆଣିବା ଯାଏ ଅପେକ୍ଷା କରିବାକୁ କହି ବେଞ୍ଚ୍ ପାଇଁ ଯାଇଥାନ୍ତି । କିନ୍ତୁ ମୋ ଆଇମା ତରବରରେ ଗାଡ଼ିରୁ ଡେଇଁ ଓହ୍ଲାଇବାକୁ ଚେଷ୍ଟା କଲେ, ଫଳରେ ତାଙ୍କ ପାଦ ମୋଡ଼ି ହୋଇ ଫୁଲିଗଲା । ଆଉ ସେ ଆଗକୁ ପାଦେ ଚାଲି ପାରୁନଥାନ୍ତି । ପାଖରେ ଥିବା ଜଣେ ଭକ୍ତଙ୍କ ବାରଣ୍ଡାରେ ସେ ବସି ରହିଥାନ୍ତି । ପ୍ରତିଦିନ ମୋ ମା ଯାଇ ସ୍ୱାମୀଙ୍କୁ ଦର୍ଶନ କରୁଥାନ୍ତି । ଦର୍ଶନ ପରେ ଭଜନ ସରିବା ଯାଏଁ ସେ ସେଠାରେ ବସୁଥାନ୍ତି । ଦିନେ ଭଜନ ଶେଷରେ ସ୍ୱାମୀ ଯେତେବେଳେ ବାରଣ୍ଡା ଉପରକୁ ଆସିଲେ, ମୋ ମା ସ୍ୱାମୀଙ୍କୁ ସବୁକଥା ଖୋଲି କହିଲେ । ସ୍ୱାମୀ କହିଲେ 'ଦେଖିଲ ପୁଟ୍ଟପର୍ତ୍ତି ଆସି ମଧ୍ୟ ତୁମ ମା ମୋ ଦର୍ଶନ ସଙ୍ଗେ ସଙ୍ଗେ ପାଉ ନାହାନ୍ତି । ତାଙ୍କର କିଛି କର୍ମଶେଷ ରହିଯାଇଥିଲା । ତେଣୁ ଏହା ଘଟିଲା' । ତା' ପରେ ସ୍ୱାମୀ ମୋ ମାଙ୍କ ପାଖକୁ ଚାଲି ଚାଲି ଗଲେ ଓ ତାଙ୍କୁ ପାଦନମସ୍କାର କରିବାକୁ ଅନୁମତି ଦେଲେ । ସେ ସେଠାରେ ବିଭୂତି ସୃଷ୍ଟି କରି କିଛି ତାଙ୍କ କପାଳରେ ବୋଳି ଦେଲେ । ସେ ମୋ ମା'ଙ୍କୁ କହିଲେ, "ଯେ ପର୍ଯ୍ୟନ୍ତ ଜଣଙ୍କର କର୍ମ ପୂର୍ତ୍ତି ହୋଇନାହିଁ, ସେ ପର୍ଯ୍ୟନ୍ତ ସେ ମୋର ଦର୍ଶନ ପାଇବ ନାହିଁ ।' ମୋ ଆଇମାଙ୍କର ଖୁବ୍ ଧୈର୍ଯ୍ୟ ଥାଏ । ସ୍ୱାମୀ ତାଙ୍କୁ କହିଲେ, "ତୁମର ଧୈର୍ଯ୍ୟ ଓ ସହନଶୀଳତା ହେତୁ ତୁମେ ଆହୁରି ଉନ୍ନତ ଜନ୍ମ ଲାଭ କରିବ ।"

✍

ଦିନେ ମୋ ମା ଓ ଆଇମା ସ୍ୱାମୀଙ୍କର ପାଦପୂଜା କରୁଥାନ୍ତି । ସ୍ୱାମୀ ସେତେବେଳେ "କମଲମ୍ମା, ନା ଚିନ୍ତା ତିର୍ଚ୍ଚୱମା" (ମା କମଳା, ତୁମେ ମୋ ଚିନ୍ତା ଦୂର କର) ଗୀତଟି ଗାଉଥାନ୍ତି । ମୋ ଆଇମା ସ୍ୱାମୀଙ୍କୁ ପଚାରିଲେ 'ସ୍ୱାମୀ ଆପଣ କିମିତି ଏ ଗୀତ

ଜାଣିଛନ୍ତି ?' ସ୍ୱାମୀ କହିଲେ, "ତୁମେ ସବୁଦିନ ଠାକୁରଙ୍କୁ ଦୀପ ଦେଇ ରୋଷେଇ ଘର କବାଟ ପଛରେ ବସି ଏହି ଗୀତଟି ଗାଇ ଥାଅ ନା ?" ପାଦପୂଜା ଶେଷରେ ମୋ ଆଈମା ବିଧବା ହୋଇଥିବା ହେତୁ ସ୍ୱାମୀଙ୍କୁ ଆରତି ଦେବେ ନାହିଁ ବୋଲି କହିଲେ । ସ୍ୱାମୀ କହିଲେ, "ତୁମେ ଆରତି ଦିଅ ।" ସ୍ୱାମୀଙ୍କ କଥା ମାନି ସେଦିନ ମୋ ଆଈମା ସ୍ୱାମୀଙ୍କୁ ଆରତି ଦେଲେ ।

ଶ୍ରୀ ନାରାୟଣ ରାଓ ମୋ' ସ୍ୱାମୀଙ୍କ ସଙ୍ଗେ ରେଳବାଇରେ ଫୋରମ୍ୟାନ୍ କାର୍ଯ୍ୟ କରୁଥାନ୍ତି । ସେ ଥରେ ଆମ ସଙ୍ଗେ ପୁଟପର୍ତ୍ତି ଆସିଥାନ୍ତି । ସପ୍ତାହେ ସେଠାରେ ରହିବାପରେ ଆମେ ସମସ୍ତେ ବାରଣ୍ଡାରେ ଇଣ୍ଟରଭ୍ୟୁ ପାଇଁ ବସିଥାଉ । ସ୍ୱାମୀ ଅନେକଙ୍କୁ ଇଣ୍ଟରଭ୍ୟୁ ଦେବା ପରେ ଆମକୁ ଭିତରକୁ ଡାକିଲେ । ନାରାୟଣ ରାଓ ଆମ ସହିତ ଭିତରକୁ ପ୍ରବେଶ କରିବା ସମୟରେ ସ୍ୱାମୀ କହିଲେ, "ମୁଁ ତ ତୁମକୁ ଡାକି ନାହିଁ, ତୁମେ କାହିଁକି ଆସିଛ ?" ସ୍ୱାମୀଙ୍କ କଥା ଶୁଣି ସେ ଆଉ ଆଗକୁ ନ ବଢ଼ି ପଛକୁ ଫେରି ଗଲେ । ଆମେ ସବୁ ଭିତରକୁ ଯାଇ ସ୍ୱାମୀଙ୍କ ସଙ୍ଗେ କଥାହେଲୁ, ପ୍ରସାଦ ଓ ଆଶିଷ ପାଇ ବାହାରକୁ ଆସିଲୁ । ମୋ ସ୍ୱାମୀ ନାରାୟଣ ରାଓଙ୍କ ଅଧସ୍ତନ କର୍ମଚାରୀ ହୋଇଥିବା ହେତୁ ସେ ଭୟ କରୁଥାନ୍ତି ଯେ ସ୍ୱାମୀ ହୁଏତ ତାଙ୍କୁ ପଛକୁ ଫେରାଇ ଦେବାରୁ ସେ ମନରେ କ'ଣ ଭାବିଥିବେ । ତେଣୁ ସେ ରାଓଙ୍କୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲେ । କିନ୍ତୁ ରାଓ କହିଲେ, "ତୁମେ କାହିଁକି ଦୁଃଖ କରୁଛ ? ହୁଏତ ମୋର କର୍ମ ମୋଚନ ହୋଇ ନାହିଁ । ତେଣୁ ସ୍ୱାମୀ ମୋତେ ଡାକିଲେ ନାହିଁ । ତୁମେ ଏଥିରେ ଦୁଃଖ କରିବାର କିଛି ନାହିଁ ।" ଏହା କହି ସେ ଓଲଟି ମୋ ସ୍ୱାମୀଙ୍କୁ ସାନ୍ତ୍ୱନା ଦେଉଥାନ୍ତି ।

ପରଦିନ ପୁଟପର୍ତ୍ତି ଛାଡ଼ିବା ପୂର୍ବରୁ ଆମେ ସ୍ୱାମୀଙ୍କୁ ପାଦନମସ୍କାର କରିବୁ ବୋଲି ଭାବିଥାଉ । ନାରାୟଣ ରାଓ ମଧ୍ୟ ଆମ ସଙ୍ଗେ ଥାନ୍ତି । ସ୍ୱାମୀ ତାଙ୍କୁ କକ୍ଷ ମଧ୍ୟକୁ ପ୍ରବେଶ କରୁଥିବା ଦେଖି ପୁଣି ଥରେ କହିଲେ, "ମୁଁ ତୁମକୁ ଡାକି ନାହିଁ ଆସୁଛ କାହିଁକି ?" ସେ ଚୁପ୍‌ଚାପ୍ କକ୍ଷରୁ ବାହାରି ଆସିଲେ । ଆମକୁ ଭାରି ଅସ୍ୱସ୍ତି ଲାଗୁଥାଏ କିନ୍ତୁ ଆମେ ଦେଖି ଆଶ୍ଚର୍ଯ୍ୟହେଲୁ ରାଓ ଆଦୌ ଖରାପ ଭାବୁ ନଥାନ୍ତି । ସେ କହିଲେ 'ଏ ଯାଏ ମୋର କର୍ମ ଶେଷ ହୋଇ ନାହିଁ । ତେଣୁ ସ୍ୱାମୀ ମୋ ସଙ୍ଗେ କଥା ହେଉ ନାହାଁନ୍ତି । ଗୁରୁମାନଙ୍କ ବ୍ୟବହାର ବଡ଼ ବିଚିତ୍ର !'

ନାରାୟଣ ରାଓ ଜଣେ ବ୍ରାହ୍ମଣ ଥାନ୍ତି । ସେ ଓ ତାଙ୍କର ପତ୍ନୀ ଈଶ୍ୱର ବିଶ୍ୱାସୀ ଥିଲେ । ସେମାନେ ସମସ୍ତ ପ୍ରକାର ପୂଜା ପଦ୍ଧତି, ବ୍ରତ ଓ ଉପବାସକୁ ଖୁବ୍ ମାନୁଥାନ୍ତି । ଏଭଳି ଜଣେ ସଦାଶୟ ବ୍ୟକ୍ତିଙ୍କୁ ଏହା ଭୋଗିବାକୁ ହେଲା ଭାବି ଆମେ ଦୁଃଖ କରୁଥାଉ । ତାଙ୍କର ତିନି ଝିଅ ଓ ଗୋଟିଏ ପୁଅ । ତାଙ୍କର ଝିଅମାନେ କିନ୍ତୁ ଈଶ୍ୱରଙ୍କୁ

ବିଶ୍ୱାସ କରୁନଥାନ୍ତି । ବର୍ଷକ ପରେ ସେ ପୁଣି ଥରେ ଆମସଙ୍ଗେ ପୁଟ୍ଟପର୍ତ୍ତି ଆସିଥାନ୍ତି । ଭାଙ୍ଗି ନ ପଡ଼ି ସାଇକୃପା ଲାଭ କରିବାକୁ ସେ ପୁଣି ଥରେ ଯେଭଳି ଚେଷ୍ଟା କରୁଥାନ୍ତି ତାହା ଦେଖି ଆମେ ଆଶ୍ଚର୍ଯ୍ୟ ହେଉଥାଉ । କିଛି ଦିନ ପୁଟ୍ଟପର୍ତ୍ତିରେ ବିତାଇବାପରେ ଆମେ ସମସ୍ତେ ଇଣ୍ଟରଭ୍ୟୁ ପାଇଁ ବାରଣ୍ଡାରେ ବସିଥାଉ । ନାରାୟଣ ରାଓ ମଧ୍ୟ ଝିଅକୁ ସାଙ୍ଗରେ ନେଇ ବାରଣ୍ଡାରେ ବସିଥାନ୍ତି । ସ୍ୱାମୀ କକ୍ଷରୁ ବାହାରିବା ସଙ୍ଗେ ସଙ୍ଗେ କହିଲେ, "ନାରାୟଣ ରାଓ ଆସ" । ବାପ ଝିଅ ଦୁହେଁ କକ୍ଷମଧ୍ୟକୁ ପ୍ରବେଶ କଲେ । ସ୍ୱାମୀ କହିଲେ, "ଗତଥର ମୁଁ କାହିଁକି ତୁମକୁ ଇଣ୍ଟରଭ୍ୟୁ ଦେଲି ନାହିଁ ଜାଣିଛ ? ମୁଁ ଚାହୁଁଥିଲି ତୁମେ ତୁମ ଝିଅକୁ ସାଙ୍ଗରେ ନେଇ ଆସ।" ତା' ପରେ ସେ ସେମାନଙ୍କ ସଙ୍ଗେ ସେମାନଙ୍କର ପାରିବାରିକ ସମସ୍ୟା ସମ୍ବନ୍ଧରେ କଥାବାର୍ତ୍ତା ହେଲେ ଓ ସେମାନଙ୍କୁ ପ୍ରସାଦ ଓ ଆଶୀର୍ବାଦ ଦେଲେ । ସେଦିନ ସେମାନେ ଖୁବ୍ ଖୁସିଥାନ୍ତି । ଆମେ ମଧ୍ୟ ଖୁସି ଥାଉ । ସ୍ୱାମୀ ଯେ କେମିତି ତାଙ୍କ ନାଁ ଜାଣିପାରିଲେ ଭାବି ନାରାୟଣ ରାଓ ବିସ୍ମିତ ହେଉଥାନ୍ତି ।

ମୋ ଭାଣିଜି ଦ୍ୱାରକାର କିଛି ଘରୋଇ ସମସ୍ୟା ଥାଏ । ତେଣୁ ସେ ତା'ର ସମସ୍ୟାର ସମାଧାନ ପାଇଁ ତାମିଲନାଡୁ ତିରୁବତ୍ତିୟୁର ତିରୁବୁଦେୟିଦେବୀଙ୍କଠାରେ ମାନସିକ କରିଥାଏ । ଯେଉଁ ଦିନ ସେ ମାନସିକ କଲା, ସେଦିନ ରାତିରେ ସ୍ୱାମୀ ତାକୁ ସ୍ୱପ୍ନରେ ଦର୍ଶନ ଦେଇ ପଚାରିଲେ, "ଝିଅ, ତୁ ମୋତେ ମନାସିଥିଲେ ମୁଁ କ'ଣ ତୋର ସମସ୍ୟା ଦୂର କରି ନ ଥାନ୍ତି ?"

ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କର ଦୁଇଜଣ ଶିଷ୍ୟ, ଶ୍ରୀ ସଦାନନ୍ଦ ଓ ଶ୍ରୀ ଚିଦାନନ୍ଦ ପୁଟ୍ଟପର୍ତ୍ତି ଆସିଥାନ୍ତି । ସେ ଦୁହିଁଙ୍କ ମଧ୍ୟରୁ ଜଣଙ୍କ ପାଇଁ ତିନି ଦିନ ଧରି ଖାଦ୍ୟ ରୋଷେଇ କରି ଦେବାର ସୌଭାଗ୍ୟ ମୋ ମା'ଙ୍କ କପାଳକୁ ଜୁଟିଥାଏ । ସେମାନେ ଅତି ଉଚ୍ଚ ସ୍ତରର ଯୋଗୀ ଥାନ୍ତି ଓ ନିଜର ସବୁ କାମ, ଏଭଳିକି ଘର ଓଳେଇବା, ମଜାମଜି କରିବା, ଲଣ୍ଠନ ସଫା କରିବା (ସେ ସମୟରେ ପୁଟ୍ଟପର୍ତ୍ତିରେ ବିଦ୍ୟୁତ୍ ଆଲୋକ ନ ଥାଏ) ଭଳି ଘରୋଇ କାମ ନିଜେ ନିଜେ କରୁଥାନ୍ତି । ମୋ ମା ଯେତେବେଳେ ସେମାନଙ୍କୁ ଏସବୁ କାମ କରି ସେମାନଙ୍କର ସେବା କରିବାର ସୁଯୋଗ ଦିଅନ୍ତୁ ବୋଲି ଜିଦ୍ କରେ ସେମାନେ କହନ୍ତି, 'ଯେତେବେଳେ କେହି ଆମ କାମ କରେ, ସେତେବେଳେ ସେ ଯେତିକି ସମୟ ଆମ କାମ କରେ ସେତିକି ସମୟ ମଧ୍ୟରେ ଆମେ ଯେତିକି ଥର ନିଃଶ୍ୱାସ ଛାଡ଼ିଥାଉ ସେତିକି ଜପର ଫଳ ତାକୁ ଦେଇ ଦେବାକୁ ହୁଏ । ଜଣେ କୋଟିପତି ପାଇଁ କାହାକୁ ଶହେଟଙ୍କା ଦେବା କଷ୍ଟ ହେବ ନାହିଁ, କିନ୍ତୁ ଜଣେ ସାଧାରଣ ଲୋକକୁ

ଯଦି କାହାକୁ ମାତ୍ର ପାଞ୍ଚଟଙ୍କା ଦେବାକୁ ହୁଏ, ତାକୁ ଦି'ଥର ଭାବିବାକୁ ହୁଏ । ତପୋଧନ ଅର୍ଜନ କରିବା ବ୍ୟାପାରରେ ମଧ୍ୟ ଏହା ଠିକ୍ । ସେ ଧନକୁ ଏମିତି ଉଡ଼େଇ ଦେବା ଠିକ୍ ହେବ ନାହିଁ ।' ଏଇ ଯୋଗୀ ଦୁଇଜଣ କାହାକୁ ସେମାନଙ୍କର ପାଦସ୍ପର୍ଶ କରିବାକୁ ମଧ୍ୟ ଦେଉ ନଥାନ୍ତି, କାରଣ ସାଧନା କରୁ ନଥିବା ବ୍ୟକ୍ତି ଜଣେ ସାଧକର ପାଦ ଛୁଇଁଲେ ସାଧକର ସମସ୍ତ ଆଧାତ୍ମିକ ଶକ୍ତି ତା ନିକଟକୁ ଚାଲିଯାଏ । ସେହିଭାବେ ଜଣେ ନିଷ୍ପାପର ସାଧକ ଯଦି ଜଣେ ଭଣ୍ଡଯୋଗୀର ପାଦ ଛୁଏଁ ତେବେ ତାର ଆଧାତ୍ମିକ ଶକ୍ତି ମଧ୍ୟ ଭଣ୍ଡଯୋଗୀ ନିକଟକୁ ଚାଲିଯାଏ ।

ସେତେବେଳେ ଆମେ ବୁଝିପାରିଲୁ, କାହିଁକି ସ୍ୱାମୀ ଆମକୁ ଅଜଣା ଅଶୁଣା ଲୋକଙ୍କ ପାଦ ଛୁଇଁବାକୁ ବାରଣ କରିଥାନ୍ତି । ସ୍ୱାମୀ ଥରେ ତାଙ୍କର ଦିବ୍ୟ ସମ୍ଭାଷଣରେ କହିଥାନ୍ତି "ମୋ ପାଦ ସ୍ପର୍ଶ କରିବା ପରେ ଅନ୍ୟ କାହାର ପାଦସ୍ପର୍ଶ କରିବା ତୁମ ପାଇଁ ଆବଶ୍ୟକ ନୁହଁ ।"

ମୋ ମା ଦିନେ ସେହି ଦୁଇଜଣ ଯୋଗୀଙ୍କୁ ପଚାରିଲେ, "ଆପଣ ଦୁହେଁ କ'ଣ ସବୁ ସମୟରେ ଖାଲି ଜପ ଧ୍ୟାନ କରି ବିତାଇଥାନ୍ତି ?" ସେମାନେ ଉତ୍ତରରେ କହିଥିଲେ "ନା, ମା, ଆମେ ସବୁ ସମୟରେ ତାହା କରି ପାରିବୁ ନାହିଁ । ଜପଧ୍ୟାନ ସମୟ ବାଦ ଦେବାପରେ ଅନ୍ୟ ସମୟତକ ଆମେ ସତ୍‌ଚିନ୍ତାରେ ବିତେଇଥାଉ । ଦୁର୍ଘଟଣା, ଅଗ୍ନି ପ୍ରମାଦ ବା ଭୂମିକମ୍ପ ଭଳି ଦୁଃସମ୍ବାଦ ପାଇଲେ ଆମେ ସେଭଳି ଦୁର୍ବିପାକର ଶିକାର ହୋଇଥବା ଲୋକଙ୍କ ସାହା ହେବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥାଉ । ଆମ ମନର ଏଭଳି ଭାବନା କୌଣସି ସଦାଶୟ ବ୍ୟକ୍ତିର ହୃଦୟକୁ ଭେଦ କରେ ଓ ତାରି ମାଧ୍ୟମରେ ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତିଙ୍କର ସହାୟତା କାର୍ଯ୍ୟ ଆରମ୍ଭ ହୋଇଥାଏ । ଏଭଳି ଭାବେ ଆମ ସାରା ବିଶ୍ୱର ସମସ୍ତ ଲୋକଙ୍କର ମଙ୍ଗଳ କାମନା କରି ପ୍ରାର୍ଥନା କରିଥାଉ, ଲୋକାଃ ସମସ୍ତା ସୁଖୀନୋ ଭାବନ୍ତୁ ।'

ଯୋଗୀ ଦୁଇଜଣ ମୋ ମା'ଙ୍କୁ ସେ ସ୍ୱାମୀଙ୍କଠାରୁ ଉପଦେଶ ପାଇଛନ୍ତି କି ବୋଲି ପଚାରିଲେ । ମୋ ମା କୌଣସି ଉପଦେଶ ନ ପାଇଥିବା କଥା ଶୁଣି ସେମାନେ ଆଶ୍ଚର୍ଯ୍ୟ ହେଲେ । ସେମାନେ ତାଙ୍କୁ, ସେ ବିନା ଉପଦେଶ ଓ ସାଧନାରେ ପୁଟ୍ଟପର୍ତ୍ତିରେ ସବୁ ସମୟରେ କ'ଣ କରିଥାନ୍ତି ବୋଲି ପଚାରିଲେ ।

ମୋ ମା କହିଲେ ସେ ପ୍ରତିଦିନ ସ୍ୱାମୀଙ୍କୁ ଦର୍ଶନ କରନ୍ତି ଓ ନିୟମିତ ଭାବେ ଦିନରେ ଦୁଇଥର ହେଉଥିବା ଭଜନରେ ଯୋଗ ଦିଅନ୍ତି । ମୋ ମା'ଙ୍କ ଦିନଚର୍ଯ୍ୟା ସମ୍ବନ୍ଧରେ ଶୁଣି ଯୋଗୀ ଦୁଇ ଜଣ ଆଶ୍ଚର୍ଯ୍ୟ ହେଉଥାନ୍ତି । ଆଉ ମଧ୍ୟ ସେମାନେ ଆଶ୍ରମର ଅନ୍ତେବାସୀମାନଙ୍କୁ ଉତ୍ତମ ଖାଦ୍ୟ ସେବନ କରି, ଉତ୍ତମ ବସ୍ତ୍ର ପରିଧାନ କରି ଉତ୍ତମ ଜୀବନ ଯାପନ କରୁଥିବା ଦେଖି ବିସ୍ମିତ ହେଉଥାନ୍ତି । ମୋ ମା ସେମାନଙ୍କୁ ଏ ସବୁ ବିଷୟ ସ୍ୱାମୀଙ୍କୁ ପଚାରି ବୁଝିବା ପାଇଁ ପରାମର୍ଶ ଦେଲେ । ସେମାନେ ଯେତେବେଳେ

ସ୍ୱାମୀଙ୍କୁ ଏକଥା ପଚାରିଲେ ସ୍ୱାମୀ କହିଲେ, 'ସେମାନେ ପୂର୍ବ ଜନ୍ମମାନଙ୍କରେ ଖୁବ୍ ସାଧନା କରି ଏ ଜନ୍ମରେ ମୋତେ ପାଇଛନ୍ତି, ତେଣୁ ଏ ଜନ୍ମରେ ମୋ ନିକଟରେ ରହି ଆନନ୍ଦରେ ଦିନ କାଟୁଛନ୍ତି ।'

✍

ନଭେମ୍ବର ୧୬, ୧୯୬୦ ସକାଳେ ଆମେ ସ୍ୱାମୀଙ୍କୁ ଦର୍ଶନ କଲୁ । ଆମକୁ ଦେଖି ସେ ପଚାରିଲେ, "ଆଜି କ'ଣ ତୁମେ ମହୀଶୂର ଯାଉଛ ?' ଯଦିଓ ଆମର ସଙ୍ଗେ ସଙ୍ଗେ ପୁଟ୍ଟପର୍ତ୍ତି ଛାଡ଼ିବାର କାର୍ଯ୍ୟକ୍ରମ ନଥିଲା ତଥାପି ଆମେ ଉତ୍ତରରେ ହଁ କହିଲୁ, ଆମେ ଭାବୁଥାଉ ଯେ ଜନ୍ମ ଦିବସର ପ୍ରବଳ ଭିଡ଼ ଭିତରେ ତାଙ୍କର ତାଙ୍କ ସହ କଥାବାର୍ତ୍ତା ହେବା ଏବଂ ତାଙ୍କଠାରୁ ବିଦାୟ ଅନୁମତି ନେବା କଷ୍ଟ ହେବ, ତେଣୁ ଆଗରୁ ତାହା କରିଦେବା ଭଲ । ସେ ଭଜନ ସମୟରେ ତଳକୁ ଆସି ଆମକୁ ଡାକିଲେ ଏବଂ କହିଲେ, 'ଆଚ୍ଛା ବୁଝିଲି ବର୍ତ୍ତମାନ ତୁମେ କୁଆଡ଼େ ଯାଉନ । ମୋ ସଙ୍ଗେ କଥା ହେବାକୁ ଏମିତି ଗୋଟିଏ ବାହାନା ଖୋଜୁଛ । ଅବିକା ରହିଥାଅ । ଜନ୍ମଦିନ ସରିଲେ ଯିବ ।' ଆମେ କହିଲୁ ସ୍ୱାମୀ, ରହିବୁ । ସ୍ୱାମୀ କହିଲେ, 'ଘର ସଂସାର କଥା ଯଦି କିଛି କହିବାର ଅଛି ଏଇ କ୍ଷଣି କୁହ' ମୁଁ କହିଲି, 'ସ୍ୱାମୀ ହୁଏତ ମୂରଲୀର ଚାକିରୀ ଚାଲିଯିବ । ଆମେ କରିବୁ କ'ଣ ? ସ୍ୱାମୀ କହିଲେ, 'ନା ଭୟ କରନା, ତାର ଚାକିରୀ ଯିବ ନାହିଁ । ମୂରଲୀ ସେତେବେଳେ ରେଳବାଇରେ ଶିକ୍ଷାନବିସ ଥାଏ ଏବଂ ପୁଟ୍ଟପର୍ତ୍ତିକୁ ଘନ ଘନ ଆସିବା ଫଳରେ ଚାକିରୀରେ ଭର୍ତ୍ତି ହେବାପାଇଁ ଯେତିକି ଉପସ୍ଥାନ ଦରକାର ସେତିକି ତା'ର ନଥାଏ । ତେଣୁ ହୁଏତ ତା'ର ଚାକିରୀ ରହିବ ନାହିଁ ଭାବି ଆମେ ଆମେ ଭୟ କରୁଥାଉ । ପରେ କିନ୍ତୁ, ସ୍ୱାମୀ କହିବା ଅନୁଯାୟୀ ମୂରଲୀ ନିୟମିତ ଭାବେ ଚାକିରୀରେ ଭର୍ତ୍ତି ହେଲା ।

ମୋ ପତିଦେବ ତା' ପରେ ସ୍ୱାମୀଙ୍କୁ ପଚାରିଲେ ଯେ ସେ ଅବସର ଗ୍ରହଣ କରୁଥିବା ହେତୁ ପେନ୍‌ସନ୍ ନେବା ଠିକ୍ ହେବ ନା ପୁରା ପଇସା ନେଇ ଚାକିରୀରୁ ଅବସର ନେବା ଠିକ୍ ହେବ । ସେ କହିଲେ "ନା, ପେନ୍‌ସନ ନିଅନାହିଁ । ପୁରା ପଇସା ଉଠେଇ କିଛି ମୋଟା ରକମ ଫିକ୍ସଡ୍ ଡେପୋଜିଟ୍ କିରଦିଅ । ଆଉ ବାକି ପଇସାରେ କିଛି ଏକ ବ୍ୟବସାୟ ଆରମ୍ଭ କର । ମୁଁ କହିଲି, 'ସ୍ୱାମୀ, ଆମ ଭଳି ଗୃହସ୍ଥଙ୍କ ପାଇଁ କିଛି ସହଜ ସାଧନା ବୁଝେଇ ଦିଅନ୍ତୁ ।' ସେ କହିଲେ "ବର୍ତ୍ତମାନ ଯାହା କରୁଛ, ତାହା ଯଥେଷ୍ଟ । ଖାଲି ନାମସ୍ମରଣ ଯଥେଷ୍ଟ, ପୁଣିଥରେ ତୁମେ ଆସି ମୋ ସାମ୍ନାରେ ଛିଡ଼ା ହୋଇ ଏଇ ପ୍ରଶ୍ନ ପଚାରିଲେ ମୁଁ ଅବିକଳ ସେଇ ଉତ୍ତର ହିଁ ଦୋହରଉଥିବି ।" ମୁଁ ପଚାରିଲି 'ସ୍ୱାମୀ, ଆଉ ଥରେ ଆସିଲେ ଆପଣ କ'ଣ ମୋତେ ଗାଳି ଦେବେ ?' ସ୍ୱାମୀ କହିଲେ, "ଗାଳି ଦେଲେ, ଗାଳିକୁ ଗ୍ରହଣ କର, ତାହା ମଧ୍ୟ ତୁମ ପାଇଁ ଭଲ ।

କିନ୍ତୁ ଝିଅ ମୁଁ ଗାଳି ଦେବିନାହିଁ । ଆଉ କେତେକ ପୁରୁଣା ଭକ୍ତ ଅଛନ୍ତି ଯେଉଁମାନେ ମୋତେ ବାରମ୍ବାର ବିରକ୍ତ କରନ୍ତି । ତେଣୁ ମୁଁ ତାଙ୍କୁ ଗାଳି ଦେଇଥାଏ ।" ସ୍ୱାମୀ ବିଭୂତି ସୃଷ୍ଟିକରି ଆମ କପାଳରେ ବୋଳି ଦେଲେ ଏବଂ ଆମକୁ ପାଦନମସ୍କାର ନେବାକୁ ଅନୁମତି ଦେଲେ ।

ନିମ୍ନଲିଖିତ ଘଟଣା ଘଟିଥିଲା ୧୯୬୧ ରୁ ୭୦ ମଧ୍ୟରେ ।

✍

ମୋ ମାଙ୍କର ପୁଟ୍ଟପର୍ତ୍ତିରେ ଜଣେ ବାନ୍ଧବୀ ଥାନ୍ତି, ଯିଏ କେରଳରୁ ଆସିଥାନ୍ତି । ସ୍ୱାମୀଙ୍କର ଅସଂଖ୍ୟ ଲୀଳା ଓ ମହିମା ଦେଖିବା ପରେ ମଧ୍ୟ ତାଙ୍କର ହୃଦ୍‌ବୋଧ ହେଉନଥାଏ ଯେ ସ୍ୱାମୀ ଭଗବାନ । ସ୍ୱାମୀଙ୍କର ସକାଳର ଜଳଖିଆ ପ୍ରସ୍ତୁତ କରିବା ଏବଂ ଅନ୍ୟମାନେ ସ୍ୱାମୀଙ୍କୁ ନୈବେଦ୍ୟ ଦେବାପାଇଁ ଆଣିଥିବା ଖାଦ୍ୟ ସାମଗ୍ରୀକୁ ସଜାଡ଼ିବା ଥାଏ ତାଙ୍କର କାମ । ସେ ଖୁବ୍ ଶ୍ରଦ୍ଧାର ସହ ସେହି କାମ କରୁଥାନ୍ତି । ସେ ମାନ୍ଦ୍ରାଜାର ଜଣେ ଉଚ୍ଚ ପଦସ୍ଥ ଅଧିକାରୀଙ୍କର ପତ୍ନୀଥିଲେ । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ତାଙ୍କର ପୁଅ ବିଦେଶ ଯାଇ ସେଠାରେ ରହି ଯାଇଥାଏ । ଝିଅର ମଧ୍ୟ ବାହାଘର ସରିଥାଏ । ମାନ୍ଦ୍ରାଜର ଏକ ବଡ଼ ଯାଗାରେ ତାଙ୍କର ଏକ ମସ୍ତବଡ଼ ବଙ୍ଗଳା ଥାଏ । ବେଳେବେଳେ ସ୍ୱାମୀ ମାନ୍ଦ୍ରାଜ ଗସ୍ତରେ ଗଲେ ତାଙ୍କର ସେହି ବଙ୍ଗଳାରେ ରହୁଥାନ୍ତି । ଥରେ ସ୍ୱାମୀ ଉକ୍ତ ମହିଳାଙ୍କର ଜଣେ ସମ୍ପର୍କୀୟଙ୍କର ବିବାହ ଉତ୍ସବରେ ଯୋଗ ଦେବାପାଇଁ ତାଙ୍କର ଘରକୁ ଯାଇଥାନ୍ତି । ପରଦିନ ସ୍ୱାମୀ ଉଠି ତାଙ୍କୁ ପୁଟ୍ଟପର୍ତ୍ତି ଯିବାପାଇଁ ପ୍ରସ୍ତୁତ ହେବାକୁ କହିଲେ । ଯିବା ପାଇଁ ଯୋଗାଡ଼ଯନ୍ତ୍ର କରିବାକୁ ତାଙ୍କୁ କିଛି ସମୟ ଦରକାର ଥିଲା । ତେଣୁ ସେ ତାଙ୍କର କିଛି ଜରୁରୀ କାମ ସାରି ବାହାରିବା ଲାଗି ସ୍ୱାମୀଙ୍କୁ ସମୟ ମାଗିଲେ । ସ୍ୱାମୀ ତାଙ୍କୁ ଆଉ କିଛି କହିଲେ ନାହିଁ । ସେ ତାଙ୍କୁ ନ' ନେଇ ଏକା ପୁଟ୍ଟପର୍ତ୍ତି ଫେରିଆସିଲେ । ଘରର ସମସ୍ତ କାମ ଶେଷ କରି ଉକ୍ତ ମହିଳା ପରଦିନ ପୁଟ୍ଟପର୍ତ୍ତି ଆସିଲେ । ସ୍ୱାମୀ ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥାନ୍ତି । ସେ ମନ୍ଦିର ସାମନାରେ ଥିବା ଗୋଟିଏ ଗଛର ଛାଇରେ ଜିନିଷ ପତ୍ର ନେଇ ସେମିତି ଅପେକ୍ଷା କରିଥାନ୍ତି । ସ୍ୱାମୀ ନା ତାଙ୍କ ଆଡ଼କୁ ଚାହିଁଲେ ନା ତାଙ୍କୁ କିଛି କହିଲେ । ଦୀର୍ଘ ସମୟ ଅପେକ୍ଷା କରି ଶେଷରେ ସେ ମାନ୍ଦ୍ରାଜ ଫେରି ଗଲେ । କିଛି ଦିନ ପରେ ସେ ପୁଣିଥରେ ପୁଟ୍ଟପର୍ତ୍ତି ଆସିଥାନ୍ତି । ସେତେବେଳେ ସ୍ୱାମୀ ତାଙ୍କୁ କହିଲେ, "ମୁଁ ସଙ୍ଗେ ସଙ୍ଗେ ଚାଲ୍ କହିଲେ, ତୋତେ ସମୟ ଦରକାର ହେଉଛି । ଯେତେବେଳ ଯମ ଆସି ତୋତେ ଡାକିବ ସେତେବେଳେ ତୁ ଯମକୁ ଏମିତି କହି ପାରିବୁ ?" (ସ୍ୱାମୀ ଚାହାନ୍ତି ସେ ତାଙ୍କର ଭକ୍ତମାନଙ୍କୁ ଯେତେବେଳେ ଯାହା କହୁଛନ୍ତି ସେମାନେ ସଙ୍ଗେ ସଙ୍ଗେ ତାହା ପାଳନ କରନ୍ତୁ)

ତା'ର କିଛି ଦିନପରେ ତାଙ୍କର ସୌଭାଗ୍ୟକ୍ରମେ, ସ୍ୱାମୀ ୧୯୬୧ ମସିହାରେ ବଦ୍ରୀନାଥ ଯାତ୍ରା କରିବା ସମୟରେ ଅନ୍ୟ ଭକ୍ତମାନଙ୍କ ସହ ତାଙ୍କୁ ମଧ୍ୟ ନେଇଥିଲେ । ବ୍ରହ୍ମକପାଳ ନାମକ ସ୍ଥାନରେ ସେଇ ସ୍ଥାନର ପରମ୍ପରା ଅନୁଯାୟୀ ଯେଉଁମାନେ ନିଃସନ୍ତାନଥାନ୍ତି ସେମାନଙ୍କୁ ସ୍ୱାମୀ ସେମାନଙ୍କର ନିଜ ନିଜର ଶେଷକୃତ୍ୟ ନିଜେ କରି ଦେବାପାଇଁ କହିଥିଲେ । ସ୍ୱାମୀ ଏହି ମହିଳାଙ୍କୁ ମଧ୍ୟ ତାହା କରିବାକୁ ନିର୍ଦ୍ଦେଶ ଦେଲେ । ଭଦ୍ର ମହିଳା କହିଲେ ଯେ ତାଙ୍କର ଏକ ପୁତ୍ର ସନ୍ତାନ ଅଛି ଓ ସେ ଭବିଷ୍ୟତରେ ତାଙ୍କର ଶେଷକୃତ୍ୟ କରିବ । ସ୍ୱାମୀ କିନ୍ତୁ ତାଙ୍କୁ କହିଲେ ଯେ ତାଙ୍କର ପୁଅ ତାହା କରିବାକୁ ମନ ବଳେଇବ ନାହିଁ ଓ ଶେଷରେ ତାହା ତାଙ୍କୁ (ସ୍ୱାମୀଙ୍କୁ) ହିଁ କରିବାକୁ ପଡ଼ିବ । ତେଣୁ ସେ ବ୍ରହ୍ମକପାଳରେ ନିଜର ଶେଷକୃତ୍ୟ କରି ଯାନ୍ତୁ । ସ୍ୱାମୀଙ୍କ କଥା ମାନି ଉକ୍ତ ମହିଳା ବଦ୍ରିନାଥରେ ତାଙ୍କର ନିଜର ଶେଷକୃତ୍ର କରିଥିଲେ ।

କେତେକ ଭକ୍ତ ସ୍ୱାମୀଙ୍କୁ ପଚାରିଲେ ଯେ ସେମାନେ ଆଗରୁ ଶୁଣିଥିଲେ ଋଷିମାନେ ହିମାଳୟରେ ତପସ୍ୟା କରନ୍ତି କିନ୍ତୁ ସେଭଳି କୌଣସି ଋଷି ତ ତାଙ୍କ ଦୃଷ୍ଟିରେ ପଡୁ ନାହିଁ । ସ୍ୱାମୀ କହିଲେ, 'ବର୍ତ୍ତମାନ ମଧ୍ୟ ଋଷିମାନେ ତପସ୍ୟା କରୁଛନ୍ତି, କିନ୍ତୁ ତୁମ ନଜରରେ ସେମାନେ ପଡ଼ିଲେ, ତୁମେ କ'ଣ ସେମାନଙ୍କୁ ଶାନ୍ତିରେ ରହିବାକୁ ଦେବ ? ତେଣୁ ସେମାନେ ସ୍ୱୟଂ ହିମ (ବରଫ) ପାଲଟି ଯାଇ ଧ୍ୟାନ କରୁଛନ୍ତି ।'

ଉକ୍ତ ଭଦ୍ରମହିଳାଙ୍କର ଅଳ୍ପ ବୟସରୁ ହିଁ ଧ୍ୟାନ ଓ ସାଧନା କରିବାର ଶ୍ରଦ୍ଧା ଥାଏ । ସେ ସେଦିନ ସ୍ୱାମୀଙ୍କୁ ପ୍ରାର୍ଥନା କଲେ ଯେ ସ୍ୱାମୀ ବଦ୍ରୀରେ ଜଣେ ଧ୍ୟାନମଗ୍ନ ଋଷିଙ୍କର ଦର୍ଶନ ସୌଭାଗ୍ୟ ତାଙ୍କୁ ପ୍ରଦାନ କରନ୍ତୁ । ବଦ୍ରୀ ଛାଡ଼ିବାକୁ ଆଉ ଦିନେ ଥାଏ ସେ ସବୁ ଦିନ ଭଳି ମନ୍ଦିର ପଛକୁ ଯାଇ ଧ୍ୟାନରେ ବସିଥାନ୍ତି । ସ୍ୱାମୀ ତାଙ୍କର ଇଚ୍ଛା ପୂରଣ କରି ନଥିବାରୁ ମନରେ ଦୁଃଖ ଥାଏ । ହଠାତ୍ ସେ ଦେଖିଲେ, ସ୍ୱାମୀ ତାଙ୍କ ପାଖରେ ଛିଡ଼ା ହୋଇଛନ୍ତି ତାଙ୍କୁ ପଛେ ପଛେ ଆସିବାକୁ ନିର୍ଦ୍ଦେଶ ଦେଉଛନ୍ତି । ସ୍ୱାମୀଙ୍କ ପଛେ ପଛେ ସେ କିଛି ଦୂର ଚାଲିଲେ । ସ୍ୱାମୀ ତା' ପରେ ଆଙ୍ଗୁଠି ଦେଖାଇ କହିଲେ, "ସେଇଠି ଦେଖ", ସେଠାରେ ଉକ୍ତ ଭଦ୍ର ମହିଳା ଦେଖିଲେ, ଏକ ଅର୍ଦ୍ଧଭଗ୍ନ କୁଟୀର ଯାହାର ଦ୍ୱାର ସାମାନ୍ୟ ଖୋଲା ଅଛି । ସେ ଆହୁରି ପାଖକୁ ଯାଇ ଦରଜା ଦେଇ ଉଙ୍କି ମାରିଲେ । ସେଠାରେ ସେ ଦେଖିଲେ ଜଣେ ଋଷି ସମାଧୀସ୍ଥ ହୋଇ ବସିଛନ୍ତି । ଋଷିଙ୍କର ଦୀର୍ଘକେଶ ଓ ସ୍ମଶ୍ରୁ ଥାଏ ଏବଂ ଦୁଇଟି ଦାନ୍ତ ସାମାନ୍ୟ ବାହାରି ଆସି ଥାଏ । ହାତ ଓ ଗୋଡ଼ର ନଖଗୁଡ଼ିକ ଲମ୍ବା ଲମ୍ବା ହୋଇ ମାଟି ଭିତରକୁ ଭେଦି ଯାଇଥାଏ । ଋଷିଙ୍କୁ ଦେଖି ତାଙ୍କ ମନକୁ ଭୟ ଛୁଇଁଲା । ସ୍ୱାମୀ କହିଲେ, ସେ ବଶିଷ୍ଠ ଋଷି । ପୁଟ୍ଟପର୍ତ୍ତି ଫେରିବା ପରେ ଉକ୍ତ ମହିଳା ଏଇ କଥା ମୋ ମା'ଙ୍କୁ କହିଥିଲେ ।"

କିଛି ଦିନ ପରେ ତାଙ୍କର ଦେହ ଖରାପ ହେଲା । ଦିନେ ତାଙ୍କ ମନରେ ସ୍ୱାମୀଙ୍କୁ ପୁଷ୍ପମାଲ୍ୟ ଦେଇ ପାଦନମସ୍କାର କରିବାକୁ ଭାରି ଇଚ୍ଛା ହେଲା । ସେ ଅତିକଷ୍ଟରେ

ମନ୍ଦିରର ପାହାଚ ଚଢ଼ି ସ୍ୱାମୀଙ୍କ କକ୍ଷ ନିକଟକୁ ଗଲେ । ସେ ସ୍ୱାମୀଙ୍କୁ ପୁଷ୍ପମାଲ୍ୟ ଦେଇ ପାଦନମସ୍କାର କରିବା ସମୟରେ ହଠାତ୍ ତାଙ୍କର ମୁଣ୍ଡ ଘୁରିବାକୁ ଲାଗିଲା ଓ ସେ ସ୍ୱାମୀଙ୍କ ପାଦରେ ବାନ୍ତି କରିଦେଲେ । ସ୍ୱାମୀ ହାତରେ ଏକ ପାତ୍ର ଧରି ତାଙ୍କୁ ସେଥିରେ ବାନ୍ତି କରିବାକୁ କହିଲେ । ପରେ ସେ ଭକ୍ତମାନଙ୍କୁ ଉକ୍ତ ମହିଳାଙ୍କୁ ତଳକୁ ନେଇ ଯାଇ ତାଙ୍କ କମରାରେ ଶୁଆଇ ଦେବାକୁ କହିଲେ । ଅପରାହ୍ନ ଗୋଟାଏ ସମୟରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ବଦ୍ରୀନାଥରେ ତାଙ୍କୁ ତାଙ୍କ ନିଜର ଶେଷକୃତ୍ୟ ନିଜେ କରିବାପାଇଁ ସ୍ୱାମୀ ତାଙ୍କୁ ବାଧ କରିବା ପଛରେ ହୁଏତ ଏହା ହିଁ କାରଣ ଥିଲା । ସ୍ୱାମୀ ସମସ୍ତଙ୍କର ସବୁ କଥା ଜାଣିଥାନ୍ତି ।

୧୯୬୧ରେ ସ୍ୱାମୀ ଭକ୍ତମାନଙ୍କୁ ନେଇ ହରିଦ୍ୱାର ଯାଇଥାନ୍ତି । ଦିନେ ସନ୍ଧ୍ୟାରେ ସେ ଦେଖିଲେ, ସମସ୍ତେ କକ୍ଷ ମଧ୍ୟରେ ନୀରବରେ ବସିଛନ୍ତି । ସ୍ୱାମୀ କହିଲେ, "ତୁମେ ସବୁ ଚୁପ୍ ହୋଇ ବସିଛ କାହିଁକି ?" ସ୍ୱାମୀ କହିଲେ, "ତୀର୍ଥରେ ଆସିଲେ ମନେ ରଖିବା ପାଇଁ କିଛି ଜିନିଷ କିଣିବା ଦରକାର । ମୁଁ ତୁମକୁ ପଇସା ଦେଉଛି ।" ଏହା କହି ସ୍ୱାମୀ ପ୍ରତ୍ୟେକଙ୍କୁ ଶହେ ଶହେ ଟଙ୍କା ଦେଲେ । ସ୍ୱାମୀ ତାଙ୍କର ଭ୍ରାତୃକ, କ୍ରିଷ୍ଣପ୍ପା (ସ୍ୱାମୀ ତାଙ୍କୁ କିଷ୍ଟପ୍ପା କହି ଡାକୁଥାନ୍ତି) କୁ ଡାକି ତା' ହାତରେ ମଧ୍ୟ ଶହେ ଟଙ୍କା ଦେଇ ବଜାର କରିବାକୁ କହିଲେ । ସମସ୍ତେ ବଜାରରୁ ଫେରିବା ପରେ, କିଏ କ'ଣ କିଣିଛି, ସ୍ୱାମୀ ଦେଖୁଥାନ୍ତି । ସ୍ୱାମୀ ପଚାରିଲେ, "କିଷ୍ଟପ୍ପା, ତୁ କ'ଣ କିଣିଲୁ ?" କିଷ୍ଟପ୍ପା କହିଲା ଯେ ବଜାରରେ ଜଣେ ପକେଟମାର ତା'ର ଟଙ୍କା ଚୋରି କରି ନେଇଛି । ସ୍ୱାମୀ କହିଲେ "ଆରେ ସେ ଯଦି ଚୋର ମୁଁ ମହାଚୋର । ନେ ତୋ ଟଙ୍କା ତୁ ନେ ।" ପକେଟମାର ଯେଉଁ ନୋଟ୍‌ଟି ଚୋରି କରି ନେଇଥିଲା, ଅବିକଳ ସେହି ନୋଟ୍‌ଟି ଉଦ୍ଧାର କରି ସ୍ୱାମୀ ପୁଣି ତାହା କିଷ୍ଟପ୍ପାକୁ ଦେଇ ଦେଲେ ।

ମୋ ପୁଅ ରଘୁ ସେଇ ମାତ୍ର ବି.ଏସ୍.ସି. ପାସ୍ କରିଥାଏ । ତା'ର ଆହୁରି କିଛି ଚାକିରୀ ହୋଇ ନଥାଏ । ୧୯୬୩ ରେ ଆମେ ପୁଟ୍ଟପର୍ତ୍ତି ଯାଇଥାଉ । ସ୍ୱାମୀ ରଘୁକୁ ତାଙ୍କ ନିକଟକୁ ପଠାଇବା ପାଇଁ ଆମକୁ କହିଲେ । ରଘୁ ପୁଟ୍ଟପର୍ତ୍ତି ଯିବାକୁ ବାହାରିଥାଏ । ସ୍ୱାମୀ ଆସି ହ୍ୱାଇଟଫିଲଡରେ ପହଞ୍ଚିଲେ । ମୁରଲୀ ଓ ରଘୁ ହ୍ୱାଇଟ୍‌ଫିଲଡ ଯାଇଥାନ୍ତି । ସେମାନେ ସ୍ୱାମୀଙ୍କ ସାଙ୍ଗ ସପ୍ତାହେ ରହିଲେ । ତା' ପରେ ସ୍ୱାମୀ ରଘୁକୁ ନେଇ ପୁଟ୍ଟପର୍ତ୍ତି ଚାଲିଗଲେ ଓ ସେଠାରେ ତାଙ୍କୁ ତାଙ୍କ ସଙ୍ଗେ ଛ' ବର୍ଷ ରଖିଲେ । ସେ ସମୟ ରଘୁ ଦିନରେ ଦୁଇଥର ଶ୍ରୀ ବି.ଭି.ରାଜା ରେଡ୍ଡିଙ୍କ ସହ ଭଜନରେ ଅଗ୍ରଗାୟନ କରୁଥାଏ । ସେହି ଦିନ ମାନଙ୍କରେ ରାଧାଭକ୍ତି, ସକୁବାଇ ଭଳି ଅନେକ ଭକ୍ତିରସ ସମ୍ବଳିତ ନାଟକକୁ

ସ୍ୱାମୀ ନିଜେ ନିର୍ଦ୍ଦେଶନା ଦେଉଥାନ୍ତି । ବେଦ ପାଠଶାଳାର ପିଲାମାନେ ଏସବୁ ନାଟକରେ ଅଭିନୟ କରୁଥାନ୍ତି । ନାଟକର ଗୀତଗୁଡ଼ିକ ସ୍ୱାମୀ ପ୍ରଥମେ ରଘୁକୁ ଶିଖାଉଥାନ୍ତି ଓ ପରେ ରଘୁ ସେଗୁଡ଼ିକୁ ପାଠଶାଳାର ପିଲାମାନଙ୍କୁ ଶିଖଉଥାଏ । ଅନେକ ନାଟକରେ ରଘୁ ନିଜେ ପ୍ରଚ୍ଛଦପଟ ଗାୟକରୂପେ ଗୀତଗୁଡ଼ିକୁ ଗାଉଥାଏ । ସେହି ସମୟରେ ରଘୁ ବାଙ୍ଗାଲୋରର ହିସାବ ନୀରକ୍ଷକଙ୍କ ଦପ୍ତରରେ ଦୁଇଥର ଚାକିରୀ ପାଇଲା । ସେ ଯେତେବେଳେ ସ୍ୱାମୀଙ୍କୁ ଚାକିରୀରେ ଯୋଗ ଦେବ କି ବୋଲି ପଚାରୁଥାଏ, ସ୍ୱାମୀ କହୁଥାନ୍ତି, "ଦେଖାଯାଉ, ତୁ ମୋତେ ବେଶୀ ମୂଲ୍ୟ ଦେଉଛୁ ନା ଚାକିରୀକୁ ବେଶୀ ମୂଲ୍ୟ ଦେଉଛୁ ।" ସ୍ୱାଭାବିକ ରୂପେ ରଘୁ ସ୍ୱାମୀଙ୍କ ସଙ୍ଗେ ରହିବାକୁ ପସନ୍ଦ କଲା । ୧୯୬୯ ରେ ସ୍ୱାମୀ ରଘୁକୁ ଘରକୁ ପଠେଇ ଦେଲେ । ସେ ମହୀଶୂରରେ ନ୍ୟାୟଶାସ୍ତ୍ରରେ ସ୍ନାତକ ଡିଗ୍ରୀ ଶେଷ କଲା ।

ତା' ପରେ ସେ କର୍ଣ୍ଣାଟକ ବିଦ୍ୟୁତ୍ ବୋର୍ଡରେ ଏକ ଚାକିରୀ ପାଇଁ ଇଣ୍ଟରଭ୍ୟୁକୁ ଯାଇଥାଏ । ସେଠାରେ ସ୍ୱାମୀଙ୍କର ଜଣେ ଭକ୍ତ ବରିଷ୍ଠ ଇଞ୍ଜିନିୟର ଥା'ନ୍ତି । ତାଙ୍କର ସାହାଯ୍ୟରେ ସେ ସେହି ଚାକିରୀ ପାଇଲା । ଦିନେ ଆମରି ସାହିର ଗୋଟିଏ ଖାଲି ଘରର ଦୁଆର ମୁହଁରେ ଆମର ଜଣେ ପଡ଼ୋଶୀ ଗୋଟିଏ ଲଫାପା ପଡ଼ିଥିବା ଦେଖିଲେ। ଲଫାପା କାହା ଠିକଣାରେ ଅଛି ବୋଲି ଜାଣିବାପାଇଁ ସେ ଯେତେବେଳେ କୌତୁହଳରେ ତାହା ଉଠେଇ ଦେଖିଲେ, ସେଥିରେ ରଘୁର ଠିକଣା ଦେଖି ଆଶ୍ଚର୍ଯ୍ୟ ହେଲେ ସେ ସଙ୍ଗେ ସଙ୍ଗେ ଆମ ଘରକୁ ଆସି ଲଫାପାଟି ଆମକୁ ଦେଲେ । ସେଥିରେ ରଘୁର ଚାକିରୀର ନିଯୁକ୍ତି ପତ୍ରଥାଏ । କଲାସା ନାମକ ସ୍ଥାନରେ ଚାକିରୀରେ ଯୋଗଦେବାକୁ ତା' ହାତରେ ମାତ୍ର ଆଉ ଦୁଇଦିନ ଥାଏ । ଏ ଯାଗାଟି ଯେ କେଉଁଠେ, ତାହା ମଧ୍ୟ ଆମେ ଠିକ୍‌ଭାବେ ଜାଣି ନଥାଉ । କୌଣସି ପ୍ରକାରେ ସେ ଶେଷ ଦିନରେ ସେଠାରେ ପହଞ୍ଚି ଚାକିରୀରେ ଯୋଗ ଦେଇପାରିଲା । ଅଗଷ୍ଟ ୨୦୦୦ରେ ସେ ଏକାଉଣ୍ଟସ୍ ଅଫିସର୍‌ଭାବେ ଚାକିରୀରୁ ଅବସର ନେଲା ।

✍

ସ୍ତ୍ରୀ ହୁଅନ୍ତୁ ବା ପୁରୁଷ ହୁଅନ୍ତୁ, ଧନୀ ହୁଅନ୍ତୁ ବା ଗରିବ ହୁଅନ୍ତୁ, ସ୍ୱାମୀ ସମସ୍ତଙ୍କୁ ନିଜ ନିଜର କର୍ତ୍ତବ୍ୟ ଠିକ୍‌ଭାବେ କରିବା ବିଷୟରେ ଖୁବ୍ ଗୁରୁତ୍ୱ ଦେଇଥାନ୍ତି । ଏହି ବିଷୟରେ ସ୍ୱାମୀ ଯେ କେତେ କଠୋର ତାହାର ଏକ ଦୃଷ୍ଟାନ୍ତ ମୋର ମନେ ପଡୁଛି ।

ନୂଆ ମନ୍ଦିରରେ କିଛି ଏକ ଉତ୍ସବ ଚାଲିଥାଏ । ଉତ୍ସବର ଦୁଇ ଦିନ ପରେ ସ୍ୱାମୀ ମନ୍ଦିରକୁ ଆସି ସେଠାରେ ଭଜନ ପାଇଁ ଏକତ୍ରିତ ହୋଇଥିବା ସମସ୍ତଙ୍କୁ ଥରେ ଚାହିଁଲେ । ସେଦିନ ସ୍ୱାମୀ ବହୁ ସଂଖ୍ୟାରେ ମହିଳାମାନେ ସେଠାରେ ବସିଥିବା ଦେଖିଲେ । ଭଜନ ଶେଷରେ ସ୍ୱାମୀ ମହିଳାମାନଙ୍କୁ ନିଜ ନିଜର ଘରର କାମଧନ୍ଦା ଛାଡ଼ି ପୂଜାପର୍ବରେ

ଅନାବଶ୍ୟକ ଭାବେ ଦିନ ଦିନ ଧରି ରହିବାକୁ ବାରଣ କଲେ । ସେ ସେମାନଙ୍କୁ ପଚାରିଲେ; ସେମାନେ କ'ଣ ବୁଝିପାରୁଛନ୍ତି ଯେ ସେମାନେ ପୁଟ୍ଟପର୍ତ୍ତିରେ ମନ ଆନନ୍ଦରେ ଦିନ କାଟୁଥିବା ସମୟରେ ତାଙ୍କର ସ୍ୱାମୀମାନେ ଘରେ ରୋଷେଇ କରିବା, ପିଲାମାନଙ୍କର ଯତ୍ନ ନେବା ଭଳି କାମ କିମିତି କରୁଛନ୍ତି ? ଅବଶ୍ୟ ପୁଟ୍ଟପର୍ତ୍ତିରେ ଉତ୍ସବ ଥିଲା ଓ ଉତ୍ସବରେ ଉପସ୍ଥିତ ରହିବାକୁ ଆଗ୍ରହ ଦେଖାଇବା ଖୁବ୍ ସ୍ୱାଭାବିକ । ବର୍ତ୍ତମାନ ଯେହେତୁ ଉତ୍ସବ ଶେଷ ହୋଇଯାଇଛି ସେ ସେମାନଙ୍କୁ ତୁରନ୍ତ ଘରକୁ ଫେରି ନିଜ ନିଜ କର୍ତ୍ତବ୍ୟ କରିବାକୁ ଉପଦେଶ ଦେଲେ ।

ପୁରୁଷ ବା ସ୍ତ୍ରୀ ସ୍ୱାମୀ ସମସ୍ତଙ୍କୁ ସମାନ ଭାବେ ନ୍ୟାୟ ଦେଇଥାନ୍ତି । ଏ ସବୁ ବ୍ୟାପାରରେ ସ୍ୱାମୀ ପୁରୁଷମାନଙ୍କୁ ମଧ୍ୟ କୌଣସି ପ୍ରକାର ବିଶେଷ କୃପା ଦେଖାଇ ନଥାନ୍ତି । ଥରେ ମୋ ପୁଅ ପୁଟ୍ଟପର୍ତ୍ତିରେ ଥିବା ଭିତରେ ତା'ର ଗୋଟିଏ ଆଖିରେ କିଛି ଜୀବାଣୁ ସଂକ୍ରମିତ ହେବାରୁ ସେ ସେହି ଆଖିରେ ପଟି ଦେଇଥାଏ ଓ ସେଥି ପାଇଁ ସେ ତା'ର ଛୁଟି ଶେଷ ହେବାପରେ ପୁଣି ଥରେ ଛୁଟି ବଢ଼େଇ ସେଠାରେ ରହିଥାଏ । ସ୍ୱାମୀ କସ୍ତୁରୀଙ୍କ ହାତରେ ଖବର ପଠେଇଲେ ଯେ ଶଙ୍କର ସଙ୍ଗେ ସଙ୍ଗେ ଫେରିଯାଇ ସେ ଯେଉଁ କାରଖାନାରେ ଶିକ୍ଷାନବିସ ଅଛି ସେଠାରେ ଯୋଗ ଦେଉ । ଶଙ୍କର ପରେ ଯେତେବେଳେ ସ୍ୱାମୀଙ୍କୁ ବୁଝେଇଲା ଯେ ତା'ର ଆଖି ପୁରା ଭଲ ନହେଲେ, କର୍ତ୍ତୃପକ୍ଷ ତାକୁ ଚାକିରୀରେ ଯୋଗ ଦେବାକୁ ଦେବେ ନାହିଁ, ସେତେବେଳେ ସ୍ୱାମୀ ତାକୁ ପୁଟ୍ଟପର୍ତ୍ତିରେ ଆଉ କିଛି ଦିନ ରହିବାକୁ ଅନୁମତି ଦେଲେ ।

✍

ରମଣ ରେଡ୍ଡି ନାମକ ଏକ ବାଳକ ଓ ତା'ର ଭାଇ ମୋର ପୁଅମାନଙ୍କ ସଙ୍ଗେ ବେଦ ପାଠଶାଳାରେ ସଂସ୍କୃତ ଅଧ୍ୟୟନ କରୁଥାନ୍ତି । ପାଠଶାଳା ବନ୍ଦ ହୋଇଯିବାପରେ ତାର ଭାଇ ବାଙ୍ଗାଲୋରର ଏକ ଛାପାକଳରେ କାମ କରୁଥିଲା । ପରେ ସେ ଦୁବାଇ ଯାଇ ସେଠାରେ ପ୍ରାୟ ଦଶବର୍ଷ ଚାକିରୀ କଲା । ଦୁବାଇରୁ ଫେରିବା ପରେ ସେ ପୁଟ୍ଟପର୍ତ୍ତି ଆସି ସ୍ୱାମୀଙ୍କୁ ଦର୍ଶନ କରିଥିଲା । ସେତିକିବେଳେ ସ୍ୱାମୀ ତାଙ୍କୁ ପୁଣି ଥରେ ଦୁବାଇ ନ'ଯିବାକୁ କହିଥିଲେ । ସ୍ୱାମୀଙ୍କ କଥା ମାନି ସେ ଭାରତରେ ରହିଥାଏ । ଇତି ମଧ୍ୟରେ ଚାକିରୀରେ ଯୋଗଦେବାପାଇଁ ତାକୁ ଦୁବାଇରୁ ଘନ ଘନ ଚିଠି ଆସୁଥାଏ । ଶେଷରେ ଆଉ କିଛି ପଇସା କମାଇବାକୁ ସେ ପୁଣି ଥରେ ଦୁବାଇ ଗଲା । ଦୁର୍ଭାଗ୍ୟବଶତଃ ଦୁବାଇରେ କାମ କରୁଥିବା ସମୟରେ ଦିନେ ସେ ଏକ ଉଚ୍ଚ ଯାଗାରୁ ତଳକୁ ଖସିଗଲା ଓ ତାର ଗୋଡ଼ହାତ ଭାଙ୍ଗିଗଲା । ସେ ଯାଏଁ ସେ ଯାହା କିଛି ସଞ୍ଚୟ କରିଥିଲା, ସେଥିରୁ ବେଶୀ ଭାଗ ତାର ଅସ୍ତ୍ରୋପଚାର ଓ ଚିକିତ୍ସାରେ ଖର୍ଚ୍ଚ ହୋଇଗଲା । ଏକ ଭଗ୍ନ ହୃଦୟ ନେଇ ସେ ଭାରତକୁ ଫେରିଲା । ଆଗପଛ ସବୁ ଜାଣିଥିବା ଈଶ୍ୱରଙ୍କ କଥା ନ ମାନି ସେ କାର୍ଯ୍ୟକଲା, ତେଣୁ ଏଭଳି ବିପଦରେ ପଡ଼ିଲା ।

✍

ପୁରୁଣା ମନ୍ଦିରରେ ଏକ ଚକ୍ଷୁ ଚିକିତ୍ସା ଶିବିର ଖୋଲା ଯାଇଥାଏ । ଶିବିର ଉଦ୍‌ଯାପନ ହେବାପରେ ସମସ୍ତ ଯନ୍ତ୍ରପାତି ଭିତରେ ରଖିବା କାମ ଶେଷ ହୋଇଥାଏ । ସେତିକି ବେଳକୁ ଜଣେ ବୁଢ଼ାଲୋକ ସେଠାରେ ପହଞ୍ଚି ତାର ଆଖି ଥରେ ପରୀକ୍ଷା କରି କିଛି ଔଷଧ ଦେବାପାଇଁ ବହୁତ ଅନୁରୋଧ କଲା । ସେଠାରେ ଥିବା ଦୁଇଜଣ ଡାକ୍ତର କହିଲେ, 'ସବୁ ଉପକରଣ ଭିତରେ ରଖାସରିଛି, ଆଉ ଆଖି ପରୀକ୍ଷା କରି ହେବ ନାହିଁ ।' ବୁଢ଼ା ଜଣକ ଏଥର ତୃତୀୟ ଡାକ୍ତରଙ୍କ ପାଖକୁ ଯାଇ ତାଙ୍କୁ କାକୁତିମିନତି ହେଲା । ଏହି ଡାକ୍ତର କିନ୍ତୁ ତା ପ୍ରତି ଦୟା ପ୍ରକାଶ କରି ତାର ଆଖି ପରୀକ୍ଷା କଲେ ଓ ତାକୁ ଆବଶ୍ୟକୀୟ ଔଷଧ ଦେଲେ । ଆଉ ମଧ୍ୟ ଡାକ୍ତର ବୁଢ଼ାକୁ ସବୁବେଳେ 'ସାଇରାମ ଜପ' କରିବାକୁ ବୁଝାଇଲେ ।

ପରଦିନ, ଶିବିରରେ ଭାଗ ନେଇଥିବା ସମସ୍ତ ଡାକ୍ତର ଓ ତାଙ୍କର ସହକାରୀମାନେ ପାଦନମସ୍କାର ପାଇଁ ପ୍ରଶାନ୍ତି ନିଳୟମ୍ ସାମନାରେ ବସିଥାନ୍ତି । ସ୍ୱାମୀ ସିଧା ସେହି ତିନିଜଣ ଡାକ୍ତରଙ୍କ ପାଖକୁ ଆସି ସେମାନେ ଗତକାଲି ସେହି ବୁଢ଼ାକୁ କ'ଣ କହିଲେ ବୋଲି ପଚାରିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ କହିଲେ ଯେ ସବୁ ଯନ୍ତ୍ରପାତି ରଖି ସାରିବା ପରେ ଆସିଥିବା ଜଣେ ବୁଢ଼ାର ଆଖି ପରୀକ୍ଷା ନକରି ସେମାନେ ତାକୁ ଫେରେଇ ଦେଲେ । ତୃତୀୟ ଡାକ୍ତର କିନ୍ତୁ ସେ ବୁଢ଼ାକୁ ପରୀକ୍ଷା କରି ଔଷଧ ଦେଇଛନ୍ତି ବୋଲି କହିଲେ । ସ୍ୱାମୀ କହିଲେ, 'ତୁମେ ତାକୁ "ସାଇରାମ" ଜପ କରିବାକୁ ମଧ୍ୟ କହିଛ ନା ?' ସ୍ୱାମୀ କେବଳ ସେହି ଡାକ୍ତରଙ୍କୁ ପାଦନମସ୍କାରର ଅନୁମତି ଦେଇ ତା' ମଥାରେ ବିଭୂତି ବୋଳି ଦେଲେ । ଆଉ ମଧ୍ୟ ସେ ଏକ ମୁଦି ସୃଷ୍ଟି କରି ତାର ଆଙ୍ଗୁଠିରେ ପିନ୍ଧାଇ ଦେଲେ । ଏହାପରେ ସେ ସବୁ ଡାକ୍ତରଙ୍କୁ ଚାହିଁ ପଚାରିଲେ "ସେ ବୁଢ଼ାଜଣକ କିଏ ବୋଲି ତୁମେ ଭାବୁଛ" ମୁଁ ନିଜେ ?

ପୁଟ୍ଟପର୍ତ୍ତିରେ ରହୁଥିବା ମୋର ବାନ୍ଧବୀ ସାବିତ୍ରୀଆମ୍ମାଙ୍କ ମନରେ ଅନେକ ଦୁଶ୍ଚିନ୍ତା ରହୁଥିବାରୁ ତାଙ୍କୁ ରାତିରେ ନିଦ ହେଉ ନଥାଏ । ଥରେ ତାଙ୍କ ଭାଇ ପୁଟ୍ଟପର୍ତ୍ତି ଆସିଥାନ୍ତି । ସ୍ୱାମୀ ତାଙ୍କୁ ଇଣ୍ଟରଭ୍ୟୁକୁ ଡାକିଲେ । ସାବିତ୍ରୀଆମ୍ମା ତାଙ୍କ ଭାଇ ସଙ୍ଗେ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ପ୍ରବେଶ କଲେ । ସାବିତ୍ରୀଆମ୍ମାଙ୍କ ଭାଇ ସ୍ୱାମୀଙ୍କୁ ତାଙ୍କର ଭଉଣୀ ରାତିରେ ନ ଶୋଇବା ଫଳରେ ତାଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଯାଉଥିବା କଥା କହି ତାଙ୍କ ଭଉଣୀର ଅନିଦ୍ରା ରୋଗ ଭଲ କରିଦେବାକୁ ପ୍ରାର୍ଥନା କଲେ । ସ୍ୱାମୀ ସାବିତ୍ରୀ ଅମ୍ମାଙ୍କ ଆଗରେ ଛିଡ଼ା ହୋଇ କହିଲେ, 'ଝିଅ, ଆଜିଠାରୁ ତୋତେ ଭଲ ଭାବେ ଶୋଇବାକୁ ହେବ ।' ସ୍ୱାମୀ କହିବା ଅନୁସାରେ ସେହି ଦିନଠାରୁ ସାବିତ୍ରୀଆମ୍ମା ରାତିରେ ଭଲ ଶୋଇପାରିଲେ ।

✍

ଜଣେ ଭକ୍ତ ସ୍ୱାମୀଙ୍କର ଯେତେ ପ୍ରିୟ ହଉ ପଛେ ଯେ ଯଦି ତାର କର୍ମଫଳ ଭୋଗ କରୁଥାଏ, ସେଥିରେ ସ୍ୱାମୀଙ୍କ ଅନୁଗ୍ରହ କେବେ କିଛି ହସ୍ତକ୍ଷେପ କରେ ନାହିଁ କିନ୍ତୁ ସ୍ୱାମୀ ଯଦି ସଙ୍କଳ୍ପ କରନ୍ତି ତେବେ ତଜ୍ଜନିତ ଯନ୍ତ୍ରଣାର ତୀବ୍ରତା ଆଉ ରହେ ନାହିଁ ଓ ଉକ୍ତ ଭକ୍ତ ବିନା କଷ୍ଟରେ ସେହି କର୍ମଫଳ ଭୋଗ କରିଥାଏ । ସେଭଳି ଏକ ଘଟଣା ନିମ୍ନରେ ବର୍ଣ୍ଣନା କରାଯାଇଛି ।

ମୋ ମା'ଙ୍କର ଜନାର୍ଦ୍ଦନମ୍ମା ନାମ୍ନୀ ଆଉ ଜଣେ ବାନ୍ଧବୀ ପୁଟ୍ଟପର୍ତ୍ତିରେ ରହୁଥାନ୍ତି । ଆନ୍ଧ୍ରପ୍ରଦେଶରେ ତାଙ୍କ ଘରେ ଥିବା ତିନିପୁଅଙ୍କ ମଧ୍ୟରୁ ସାନପୁଅକୁ ଭୂତ ଧରିଥାଏ ଓ ଏଥି ଯୋଗୁଁ ସେ ଖୁବ୍ ବ୍ୟସ୍ତ ଓ ବିଚଳିତ ହେଉଥାନ୍ତି । ଥରେ ସ୍ୱାମୀ ସ୍ତ୍ରୀ ଦୁହେଁ ପିଲାଟିକୁ ଆଣି ସେଠାରେ ତିନି ମାସ ରହିଲେ । ସ୍ୱାମୀ ଦିନେ ସେମାନଙ୍କୁ କହିଲେ, 'କାହିଁକି ତୁମେ ତା' ପାଇଁ ବ୍ୟସ୍ତ ହଉଛ ? ତାକୁ ମୋ ଜିମା ଛାଡ଼ିଦିଅ ।' ପିଲାଟିର ବାପାଙ୍କର କିନ୍ତୁ ଧୈର୍ଯ୍ୟ ରହିଲା ନାହିଁ ଓ ସେ ଜନାର୍ଦ୍ଦନାମ୍ମା ମନା କରିବା ସତ୍ତ୍ୱେ, ପିଲାଟିକୁ ନେଇ ଘରକୁ ଫେରି ଆସିଲେ । ତା' ପରେ ଜନାର୍ଦ୍ଦନାମ୍ମା ମଝିରେ ମଝିରେ ପୁଟ୍ଟପର୍ତ୍ତି ଆସି ଦିନେ ଦୁଇଦିନ ରହୁଥାନ୍ତି ।

ଥରେ ସେ ପୁଟ୍ଟପର୍ତ୍ତିରେ ଥାନ୍ତି, ଗାଁରୁ ଖବର ଆସିଲା, ସେଇ ପିଲାଟିକୁ ଟାଇଫଏଡ୍ ହୋଇଛି । ପିଲାର ଅବସ୍ଥା ଗୁରୁତର ଥିବା ହେତୁ ଶୀଘ୍ର ଆସିବା ପାଇଁ ତାଙ୍କୁ ତାରବାର୍ତ୍ତା ଆସିଥାଏ । ତେଣୁ ସେ ତାରବାର୍ତ୍ତାଟି ସ୍ୱାମୀଙ୍କ ଦେଖେଇଲେ । ସ୍ୱାମୀ ତାଙ୍କୁ କହିଲେ ପିଲାଟି ଭଲ ହୋଇଯିବ ଓ ସେ ଯିବା ଦରକାର ନାହିଁ । ପରଦିନ କିନ୍ତୁ ପିଲାର ମୃତ୍ୟୁ ହୋଇ ଯାଇଛି ବୋଲି ଆଉ ଏକ ତାରବାର୍ତ୍ତା ଆସି ପହଞ୍ଚିଲା । ଜନାର୍ଦ୍ଦନମ୍ମା ଏହି ଖବର ପାଇ ସ୍ୱାମୀଙ୍କ ନିକଟକୁ ଧାଇଁଗଲେ ଓ ଭୋ ଭୋ କାନ୍ଦି କହିଲେ ଯେ ତାଙ୍କର କଥାମାନି ସେ ଘରକୁ ଫେରିଲେ ନାହିଁ, ଫଳରେ ପିଲାଟିର ମୃତ୍ୟୁ ସମୟରେ ସେ ତା'ର ମୃତ୍ୟୁ ଶଯ୍ୟା ପାଖରେ ମଧ୍ୟ ରହିପାରିଲେ ନାହିଁ । ଏମିତି ଅନେକ ସମୟ ଧରି ସେ କାନ୍ଦୁଥାନ୍ତି । ଶେଷରେ ସ୍ୱାମୀ ତାଙ୍କୁ ପଚାରିଲେ, 'ତୋର କାନ୍ଦ ଶେଷ ହେଲା ତ ?' ଏତିକି କହି ସ୍ୱାମୀ ତାଙ୍କର ବିଶି ଆଙ୍ଗୁଠିରେ ଜନାର୍ଦ୍ଦନାମ୍ମାଙ୍କ ଗଳା ସ୍ପର୍ଶ କରିବା ମାତ୍ରକେ ତାଙ୍କ କାନ୍ଦ ବନ୍ଦ ହୋଇଗଲା ଓ ସେ ଶାନ୍ତ ହେଲେ । ସ୍ୱାମୀ ତାଙ୍କୁ କହିଲେ, 'ତୋର ପୁଣ୍ୟ ତାକୁ ଦେଇ ମୁଁ ତୋ ପୁଅ ଦେହରୁ ଭୂତ ଛଡ଼େଇ ଦେଇଛି । ମୃତ୍ୟୁ ପରେ ସେ ମୋ କୃପାରୁ ଏକ ଉତ୍ତମ ଜନ୍ମ ପାଇଛି । ତା' ପାଇଁ ଝୁରି ଝୁରି ମନକୁ କଷ୍ଟ ଦେ'ନା, ନିୟମିତ ଭାବେ ସାଧନା କରି ହରେଇଥିବା ପୁଣ୍ୟ ଫେରିପା । ତୋତେ ସେଠିକି ଯିବାରେ ବାରଣ କରିବା ପଛରେ କିଛି ନିର୍ଦ୍ଦିଷ୍ଟ କାରଣ ଥିଲା ।' ଜନାର୍ଦ୍ଦନମ୍ମା କୃତାର୍ଥ ହୋଇ ସ୍ୱାମୀଙ୍କୁ ପ୍ରଣାମ କଲେ ।

✍

ଥରେ ସ୍ୱାମୀ ଆମକୁ ନିମ୍ନରେ ଘଟିଯାଇଥିବା ଘଟଣା କହୁଥାନ୍ତି ।

"ଥରେ ଜଣେ ରୋଗୀ ଏଲୁରୁ ସହରରୁ ଆସିଥାଏ । ଏଇ ଲୋକ ଜଣକ ତା'ର ଚିକିତ୍ସା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଅନେକ ଡାକ୍ତରଙ୍କର ପରାମର୍ଶ ନେବା ପରେ ଶେଷରେ ପୁଟପର୍ତ୍ତିରେ ଆସି ପହଞ୍ଚିଥାଏ । ତା'ର ଡାକ୍ତରମାନଙ୍କ ଉପରେ କେତେ ବିଶ୍ୱାସ, ମୁଁ ଥରେ ପରୀକ୍ଷା କରିବାକୁ ଚାହୁଁଥିଲି । ମୁଁ ପ୍ରଶାନ୍ତି ନିଳୟମ୍‌ରେ ଶ୍ରୀ ସତ୍ୟସାଇ ହସପିଟଲ୍‌ର ଡାକ୍ତର ବରଦା ବ୍ରହ୍ମଙ୍କୁ ରୋଗୀକୁ ଆବଶ୍ୟକ ଇଞ୍ଜେକସନ୍ ଦେବାକୁ କହିଲି । ଲୋକଟି ବାରମ୍ବାର ରକ୍ତବାନ୍ତି କରୁଥାଏ । ଡାକ୍ତର ହାତରେ ସିରିଞ୍ଜ ଧରି ତା' ଆଡ଼କୁ ଆସୁଥବବା ଦେଖି ସେ ବଡ଼ ପାଟିରେ କହିଲା, 'ଚାଲିଯାଅ, ତୁମ ଇଞ୍ଜେକସନ୍ ନେବାକୁ ମୁଁ ଏଠିକି ଆସିନି । ମୋ ଦେହରେ ଏମିତି ଶହ ଶହ ଇଞ୍ଜେକସନ୍ ଫୋଡ଼ା ସରିଛି । ମୁଁ ଏଠିକି ଆସିଛି ସ୍ୱାମୀଙ୍କ କୃପା ପାଇଁ । ମୋର ଅନ୍ୟ କୌଣସି ଇଞ୍ଜେକସନ୍ ଲୋଡ଼ା ନାହିଁ ।"

ଡାକ୍ତର ଯେତେବେଳେ ଆସି ମୋତେ ଏକଥା କହିଲେ, ମୁଁ ତାଙ୍କୁ ରୋଗୀକୁ ମୋ ନିକଟକୁ ଆଣିବାକୁ କହିଲି । ରୋଗୀକୁ ଦେଖିବା ମାତ୍ରକେ ମୁଁ ଠୋ ଠୋ ହସି ଉଠିଲି । ଡକ୍ଟର ବ୍ରହ୍ମଙ୍କର ଆଧ୍ୟାତ୍ମିକ ପ୍ରବେଶ ଥିବା ହେତୁ ସେ ମୁଁ ହସିବାର ଅର୍ଥ ବୁଝିପାରିଲେ ଓ କହିଲେ, 'ସ୍ୱାମୀ, ଆପଣ ହସିଲେ ମାନେ ଲୋକଟିର ରୋଗ ଭଲ ହୋଇଯିବ । ମୁଁ ତାକୁ ଆଉ ଔଷଧ ଦେବା ଦରକାର ହେବ ନାହିଁ ।" ଡାକ୍ତର ଓ ରୋଗୀ ଉଭୟଙ୍କର ମୋ' ଉପରେ ଯେହେତୁ ବିଶ୍ୱାସ ଥିଲା, ମୁଁ ଏକ ଔଷଧ ବୋତଲ ସୃଷ୍ଟି କରି ଦେଲି । ସେ ଔଷଧ କ'ଣ ଥିଲା ଜାଣିଛ ? ବିଭୂତି ମିଶା ପାଣି । ମୁଁ ଚାହୁଁ ନଥିଲି ଯେ ସେମାନେ ଏକଥା ଜାଣି ସେମାନଙ୍କର ବିଶ୍ୱାସ ହରାନ୍ତୁ । ତେଣୁ ମୁଁ ରୋଗୀକୁ ତାହା ଥରକୁ ଦୁଇ ଟୋପା ହିସାବରେ ଖାଇବାକୁ କହିଲି । ସେ ସେଇ ଔଷଧ ଖାଇବା ଆରମ୍ଭ କଲା ଓ ସପ୍ତାହକ ଭିତରେ କାହାର ସାହାଯ୍ୟ ନ ନେଇ ମନ୍ଦିରକୁ ନିଜେ ନିଜେ ଆସି ପାରିଲା । ତା'ର ରୋଗ ପୁରାପୁରି ଭଲ ହୋଇ ଯାଇଥାଏ ।"

"ଏହି ଘଟଣା ଘଟିବାର ସପ୍ତାହେ ପରେ ତା'ର ପୁଅ ତାକୁ ଦେଖିବାକୁ ଆସିଥାଏ । ସେ ଅନ୍ୟମାନଙ୍କଠୁ ବୁଝି ଜାଣିପାରିଲା ଯେ ତା'ର ବାପା ମନ୍ଦିରକୁ ଯାଇଛନ୍ତି । ଚାରି ଜଣଙ୍କ ସାହାଯ୍ୟ ନ ନେଇ ପାହୁଣ୍ଡେ ଚାଲି ପାରୁନଥିବା ତାର ବାପା ଏକାକୀ ମନ୍ଦିରକୁ ଯାଇଛନ୍ତି ଶୁଣି ସେ ଆଶ୍ଚର୍ଯ୍ୟ ହେଉଥାଏ । ତାକୁ ଅନ୍ୟମାନେ କହିଲେ ସ୍ୱାମୀ ତାକୁ ସାଙ୍ଗରେ ମନ୍ଦିର ନେଇ ଯାଉଛନ୍ତି । ସେ ଆଶ୍ଚର୍ଯ୍ୟ ହୋଇ ପଚାରୁ ଥାଏ, 'ସ୍ୱାମୀଙ୍କ ଭଳି ପତଳା ବାଙ୍ଗରା ମଣିଷ ମୋ ବାପାଙ୍କ ଭଳି ମୋଟା ଲୋକକୁ କିମିତି ନେଇ ପାରୁଛନ୍ତି ?' ତେଣୁ ମୁଁ ତୁମକୁ ସବୁବେଳେ କହେ, ଏହି ପିଢ଼ିର ଲୋକମାନଙ୍କର

ବିଦ୍ୟା ବେଶୀ କିନ୍ତୁ ବୁଦ୍ଧି କମ୍ । ସେ ଥିଲା ଜଣେ ଇଞ୍ଜିନିୟର ତେଣୁ ଖାଲି ଗଣିତ କଷି ଜାଣିଥାଏ । ପରେ ସେ ସବୁ କଥା ଶୁଣିଲା ଓ ବୁଝିପାରିଲା ଯେ ଈଶ୍ୱରଙ୍କ ଉପରେ ପୂର୍ଣ୍ଣ ଆସ୍ଥା ରଖିଲେ ସବୁ କିଛି ସମ୍ଭବ ହୋଇପାରେ ।"

✍

ପୁଟପର୍ତ୍ତିରେ ରହୁଥିବା ଆମର ଜଣେ ବାନ୍ଧବୀ ନାଗମଣିଙ୍କୁ ସବୁବେଳେ ପେଟବଥା ହେଉଥାଏ । ଦିନେ ତାଙ୍କର ଝିଅ ସ୍ୱପ୍ନରେ ଦେଖିଲା, ସ୍ୱାମୀ ତା'ର ମା'ର ଅସ୍ତ୍ରୋପଚାର କରି ଶେଷରେ ତା' ହାତରେ ଗୋଟିଏ ବଡ଼ କୃମି ଦେଇ ତାକୁ ତାହା ବାହାରେ ଫିଙ୍ଗି ଦେବାକୁ କହୁଛନ୍ତି । ପରଦିନ ଉଠି ସେ ଦେଖେ ତା'ର ମା ସଂପୂର୍ଣ୍ଣ ସୁସ୍ଥ ହୋଇ ଯାଇଛନ୍ତି । ଅତି ଆନନ୍ଦରେ ସେ ମା'କୁ ତାର ସ୍ୱପ୍ନ ବୃତ୍ତାନ୍ତ କହିଲା । ସେ ଦିନ ଯାଏଁ ନାଗମଣି ଅସହ୍ୟ ଉଦର ପୀଡ଼ା ଅନୁଭବ କରୁଥାନ୍ତି ଓ ଚିକିତ୍ସା ପାଇଁ ଅଜସ୍ର ଅର୍ଥ ବ୍ୟୟ କରିଥାନ୍ତି । ସେ ଆସି ଆମକୁ ଏହି ଘଟଣା କହୁଥାନ୍ତି ଓ ସ୍ୱାମୀ ସଦୟହୋଇ ତାଙ୍କୁ ଆରୋଗ୍ୟ ପ୍ରଦାନ କରିଥିବା ହେତୁ ଆନନ୍ଦ ପ୍ରକାଶ କରୁଥାନ୍ତି ।

ନିମ୍ନରେ ବର୍ଣ୍ଣିତ ଘଟଣାଗୁଡ଼ିକ ୧୯୭୦ ପରେ ଘଟିଥିଲା ।

✍

୧୯୭୩ରେ ମୋର ପୁତ୍ରବଧୂ ବସନ୍ତାର ବାପଘରେ ଥିବା ସ୍ୱାମୀଙ୍କ ଚିତ୍ରପଟରେ ସ୍ୱାମୀଙ୍କ କପାଳରୁ ଓଁ ଆକାରରେ ବିଭୂତି କ୍ଷରିତ ହେଲା । ଫଟୋର ଫ୍ରେମ୍‌ଟି ପୁରୁଣା ହୋଇ ଯାଇଥିବାରୁ ସେମାନେ ଏକ ନୂଆ ଫ୍ରେମ୍ ପକାଇବାକୁ ଚାହୁଁଥିଲେ । ଏଥିପାଇଁ ସେମାନେ ଉକ୍ତ ଫଟୋକୁ ଏକ ଫଟୋ ଦୋକାନୀ ପାଖକୁ ନେଇଗଲେ । ସେମାନେ ଦୋକାନୀକୁ ଖୁବ୍ ସାବଧାନରେ ଓ ଫ୍ରେମ୍‌ଟି ବାନ୍ଧିବାକୁ କହିଲେ, ଯେମିତି ଓଁକାର ହଲଚଲ ହେବ ନାହିଁ, କିନ୍ତୁ ଦୋକାନୀ ନୂତନ ଫ୍ରେମ୍ ପକାଇ ଯେତେବେଳେ ଫଟୋଟି ଫେରେଇଲା ସେଥିରେ ଆଉ ଓଁ ଚିହ୍ନଟି ନଥାଏ । ଏହା ଦେଖି ସେମାନଙ୍କର ମନ ଭାରି କଷ୍ଟ ହେଲା । ଦିନେ ରାତିରେ ସ୍ୱାମୀ ବସନ୍ତାର ମା ଗୋମତିଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, 'କାହିଁକି ମନ ଦୁଃଖ କରୁଛ ?' ତୁମ ଘରେ ଓଁ କାରକୁ ନେଇ ଏକ ସନ୍ତାନ ଜନ୍ମ ହେବା ପରେ ଫଟୋ ଉପରର ଓଁକାର ପାଇଁ କାହିଁକି ଏତେ ବ୍ୟସ୍ତ ହେଉଛ ?" (ସ୍ୱାମୀ ବସନ୍ତାର ଗର୍ଭରୁ ଶଶୀଧରର ଜନ୍ମ ସମ୍ବନ୍ଧରେ କହୁଥାନ୍ତି)

✍

୧୯୭୯ରେ ମୋ ପୁଅ ଶଙ୍କର ସାନ୍ଧ୍ୟ ମହାବିଦ୍ୟାଳୟରେ ବି.ଇ.ପରୀକ୍ଷା ଦେବାପାଇଁ ପଢୁଥାଏ । ସେହି ସମୟରେ ତାକୁ ଥରେ ଖୁବ୍ ଜ୍ୱର ହେଲା ଓ ତା'ର ଦୁଇ ପାଦ କୋଲ ପଡ଼ିଗଲା । ସେତେବେଳକୁ ମୁଁ ପୁଟପର୍ତ୍ତିରେ ଥାଏ । ଶଙ୍କର ଭୟରେ ମୋ ପାଖକୁ ଚିଠି

ଲେଖିଥାଏ । ତା ଚିଠି ପାଇ ମୁଁ ସ୍ୱାମୀଙ୍କୁ ଏକ ଚିଠି ଲେଖି ଦର୍ଶନ ସମୟରେ ତାହା ତାଙ୍କ ହାତକୁ ବଢ଼େଇ ଦେଲି । ଦର୍ଶନ ଧାଡ଼ିରେ ବସି ମୁଁ ସ୍ୱାମୀଙ୍କୁ ମୋର ପୁଅର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଥାଏ । ସ୍ୱାମୀ କହିଲେ, 'ଭଲ ହେଇଛି' । ମୁଁ କହିଲି, 'ସ୍ୱାମୀ ମୋ' ପୁଅର ଦେହ ଭଲ ନାହିଁ ବୋଲି ଆପଣଙ୍କୁ କହୁଛି, ଆଉ ଆପଣ କହୁଛନ୍ତି 'ଭଲ ହେଇଛି' ? କିଛିଦୂର ଆଗକୁ ଚାଲି ଯାଇଥିବା ସ୍ୱାମୀ ପଛକୁ ଚାହିଁ ପୁଣିଥରେ କହିଲେ, 'ଭଲ ହେଇଛି' । ସେ ଦିନ ରାତିରେ ସ୍ୱାମୀ ଶଙ୍କରକୁ ସ୍ୱପ୍ନରେ ଦର୍ଶନ ଦେଇ କଡ଼ା ସ୍ୱରରେ କହିଲେ, 'ତୋର' କ'ଣ ହେଇଛି ? କାହିଁକି ଏମିତି ଚିତ୍କାର କରୁଛୁ ?' ତା' ପରେ ସେ ବିଭୂତି ସୃଷ୍ଟିକରି ମୋ ପୁଅର କପାଳରେ ବୋଳି ଦେଲେ । ପରଦିନ ସକାଳେ ସେ ପୁରା ସୁସ୍ଥ ଅନୁଭବ କଲା ଓ ପରୀକ୍ଷା ଦେଲା ।

ଜୁଲାଇ ୧୯୮୦ ରେ ପୁଟ୍ଟପର୍ତ୍ତିରେ ଗୁରୁପୂର୍ଣ୍ଣିମା ଉତ୍ସବରେ ଯୋଗ ଦେଇ ସ୍ୱାମୀଙ୍କୁ ଦର୍ଶନ କରିବାପାଇଁ ମୋ ମନରେ ପ୍ରବଳ ଇଚ୍ଛା ଥାଏ କିନ୍ତୁ ମୋ ସଙ୍ଗେ ପୁଟ୍ଟପର୍ତ୍ତି ଆସିବାକୁ ମୁଁ କାହାକୁ ପାଉ ନଥାଏ । କୌଣସି ମତେ ପୁଟ୍ଟପର୍ତ୍ତି ଯିବାର ବାଟ କରି ଦିଅନ୍ତୁ ବୋଲି ମୁଁ ସ୍ୱାମୀଙ୍କୁ ପ୍ରାର୍ଥନା କରୁଥାଏ ।

ମୋ ସ୍ୱାମୀ କିଛି ଦିନ ଚିକିତ୍ସାଧୀନ ରହିବାପରେ ସେଇ ମାତ୍ର ଡାକ୍ତରଖାନାରୁ ଘରକୁ ଫେରିଥାନ୍ତି । ଘରେ ତାଙ୍କର ଯତ୍ନ ନେବାପାଇଁ ବସନ୍ତା ଥିଲେ ହେଁ ମୋ ପୁଅ ଶଙ୍କର ମୋତେ ପୁଟ୍ଟପର୍ତ୍ତି ଯିବାକୁ ବାରଣ କରୁଥାଏ । ସେ କହୁଥାଏ ଯେ ମୋ ସ୍ୱାମୀଙ୍କୁ ସେଭଳି ଅବସ୍ଥାରେ ଛାଡ଼ି ମୁଁ ପୁଟ୍ଟପର୍ତ୍ତି ଯିବା ଠିକ୍ ହେବ ନାହିଁ । ମୋ ମନର ବିଶ୍ୱାସ କିନ୍ତୁ କହୁଥାଏ ଯେ ମୁଁ ପୁଟ୍ଟପର୍ତ୍ତିରେ ସ୍ୱାମୀଙ୍କ ନିକଟରେ ରହିଲେ, ଘରେ ମୋ ସ୍ୱାମୀଙ୍କର ଯତ୍ନ ସେ ନେବେ ।

ସେଦିନ ରାତିରେ ଶଙ୍କର ଶେଯରେ ଶୋଇ ଗୋଟିଏ ବହି ପଢୁଥାଏ । ସେହି ସମୟରେ ସେ ସ୍ପଷ୍ଟଭାବେ ତେଲୁଗୁ ଭାଷାରେ ସ୍ୱାମୀ ତା' କାନରେ କହୁଥିବା ଶୁଣିଲା, 'ତୁ କିଏ ତୋ ମା'କୁ ପୁଟ୍ଟପର୍ତ୍ତି ଆସିବାକୁ ମନା କରିବାପାଇଁ ? ସଙ୍ଗେ ସଙ୍ଗେ ସେ ମୋ ପାଖକୁ ଆସି କହିଲା, 'ମା, ତୁମେ ଯଦି ପୁଟ୍ଟପର୍ତ୍ତି ଯିବାକୁ ଚାହୁଁଛ, ଯାଅ । ଏଇ ମାତ୍ର ସ୍ୱାମୀ ମୋତେ ତାହା କହିଲେ ।'

ପୁଟ୍ଟପର୍ତ୍ତି ଯିବାକୁ ସିନା ଅନୁମତି ମିଳିଗଲା କିନ୍ତୁ ମୋ' ସଙ୍ଗେ ଯିବା ପାଇଁ ମୁଁ କାହାକୁ ପାଉ ନଥାଏ । ପରଦିନ ଶଙ୍କରର ଶାଶୁ ଗୋମତି ବାଙ୍ଗାଲୋର୍‌ରୁ ଆସି ପହଞ୍ଚିଲେ । ସେ ମୋତେ କହିଲେ ଯେ ତାଙ୍କ ସ୍ୱାମୀ ଶ୍ରୀ ଆର. ପାଣ୍ଡୁରଙ୍ଗ ନା ନିଜେ ପୁଟ୍ଟପର୍ତ୍ତି ଯିବା ଅବସ୍ଥାରେ ଅଛନ୍ତି ନା ତାଙ୍କୁ ଏକାକୀ ଛାଡ଼ିବା ପାଇଁ ରାଜି ଅଛନ୍ତି । କେହି ଜଣେ ଯଦି ତାଙ୍କ ସଙ୍ଗେ ଆସିବାକୁ ରାଜି ହୁଅନ୍ତି ତେବେ ସେ ଗୁରୁ ପୂର୍ଣ୍ଣିମାରେ ପୁଟ୍ଟପର୍ତ୍ତି ଯାଇ ପାରନ୍ତେ । ମୁଁ ମଧ୍ୟ ତାହା ଚାହୁଁଥିଲି ।

ସଙ୍ଗେ ସଙ୍ଗେ ଆମେ ବାଙ୍ଗାଲୋର ବାହାରିଲୁ । ବାଙ୍ଗାଲୋର ପହଞ୍ଚିବା ପରେ ଆମେ ଜାଣିପାରିଲୁ ଯେ ମଲ୍ଲେଶ୍ୱରମ୍, ବାଙ୍ଗାଲୋରରେ ଥିବା 'ପପୁଲାର ଷ୍ଟୋରସ'ର ମାଲିକ ପର୍ତ୍ତିରେ ଗୁରୁ ପୂର୍ଣ୍ଣିମା ଉତ୍ସବକୁ ଭକ୍ତମାନଙ୍କୁ ନେବା ପାଇଁ ଏକ ସ୍ୱତନ୍ତ୍ର ବସ୍‌ର ଆୟୋଜନ କରିଛନ୍ତି । ଆମେ ସେହି ବସ୍‌ରେ ଗଲୁ ଓ ସ୍ୱାମୀଙ୍କ ଦିବ୍ୟ ଦର୍ଶନ ପାଇ ଫେରିଲୁ ।

✍

୧୯୭୦ରେ ସତୀଶ୍‌ର ପାଦରେ କିଛି ଅସୁବିଧା ହେଲା । ତା'ର ଚିକିତ୍ସା ପାଇଁ ଆମେ ତାକୁ ତାମିଲନାଡୁର ଏକ ସ୍ଥାନକୁ ନେଇ ଯିବାକୁ ସ୍ଥିର କଲୁ । ଆମେ ଶୁଣିଥିଲୁ ଯେ ସେହି ସ୍ଥାନରେ ଜଣେ ଯୋଗୀଙ୍କର ସମାଧୀ ଅଛି ଓ ସେଠାରେ ପ୍ରାର୍ଥନା କଲେ ଯେ କୌଣସି ପ୍ରକାର ସମସ୍ୟାର ସମାଧାନ ହୋଇଯିବ । ଆମେ ଏମିତି ଭାବିବା ଭିତରେ ସ୍ୱାମୀ ସତୀଶକୁ ସ୍ୱପ୍ନରେ ଦର୍ଶନ ଦେଇ କଡ଼ା ସ୍ୱରରେ ପଚାରିଲେ 'ତୁ କେଉଁଠିକି ଯିବୁ ଭାବୁଛୁ ? ଆମେ ଆମର ପୂର୍ବ ନିଷ୍ପତ୍ତି ଲାଗି ଲଜ୍ଜିତ ହେଲୁ ଓ ଆମର ପ୍ରସ୍ତାବିତ ତାମିଲନାଡୁ ଯାତ୍ରା ବନ୍ଦ କଲୁ । ସତୀଶର ପାଦ ସେହି ଦିନଠୁ ଠିକ୍ ଅଛି ।

✍

ମୋର ବାନ୍ଧବୀ କଲ୍ୟାଣୀ ନିୟମିତ ଭାବେ ବମ୍ବେ (ବର୍ତ୍ତମାନର ମୁମ୍ବାଇ)ରୁ ପୁଟ୍ଟପର୍ତ୍ତି ଆସୁଥାନ୍ତି । ଏମିତି ଥରେ ପୁଟ୍ଟପର୍ତ୍ତି ଆସିଥିବା ସମୟରେ ସେ ତାଙ୍କର ଦୁଃଖ ମୋତେ କହୁଥାନ୍ତି । ତାଙ୍କର ଦୁଇ ଝିଅ ଶରୀରରେ ରକ୍ତ-ରଞ୍ଜକର ଗୁରୁତର ଅଭାବ ଜନିତ ରୋଗରେ ପୀଡ଼ିତ ଥାନ୍ତି । ଡାକ୍ତରମାନେ ତାଙ୍କୁ କହିଥାନ୍ତି ଯେ ଏଭଳି ବ୍ୟାଧିର ଦୀର୍ଘକାଳୀନ ଚିକିତ୍ସା ଦରକାର ଓ ଚିକିତ୍ସା ପରେ ନିଶ୍ଚିତ ଆରୋଗ୍ୟ ହେବ ବୋଲି ମଧ୍ୟ କହି ହେବ ନାହିଁ । ଏଥି ପାଇଁ ସେ ଦୁଃଖରେ ଥାନ୍ତି । ଏହି ବିଷୟରେ ସେ ସ୍ୱାମୀଙ୍କ ପରାମର୍ଶ ଚାହୁଁଥାନ୍ତି କିନ୍ତୁ ଏକ ଇଣ୍ଟରଭ୍ୟୁ ପାଇବା ତ ସହଜ କଥା ନୁହଁ । ଅବଶ୍ୟ, ଏଭଳି ବ୍ୟାଧି ସତ୍ତ୍ୱେ ତାଙ୍କର ଦୁଇ ପୁଅ ସେମାନଙ୍କର ସ୍ୱାଭାବିକ ଜୀବନ ଯାପନ କରୁଥାନ୍ତି ଓ ନିଜ କାମ ନିଜେ କରୁଥାନ୍ତି । ସେମାନେ ଅନେକ ଥର ପୁଟ୍ଟପର୍ତ୍ତି ଆସି ସ୍ୱାମୀଙ୍କ ସଙ୍ଗେ କଥା ହେବାକୁ ମଧ୍ୟ ଚେଷ୍ଟା କରିଥାନ୍ତି । ସେଇଥର କଲ୍ୟାଣୀଙ୍କ ସଙ୍ଗେ ତାଙ୍କର ଜଣେ ଆତ୍ମୀୟ ମଧ୍ୟ ପୁଟ୍ଟପର୍ତ୍ତି ଆସିଥାନ୍ତି । ସ୍ୱାମୀ ଉକ୍ତ ବ୍ୟକ୍ତିଙ୍କୁ ଇଣ୍ଟରଭ୍ୟୁ ପାଇଁ ଡାକିଲେ । କଲ୍ୟାଣୀ ତାଙ୍କ ସଙ୍ଗେ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ପ୍ରବେଶ କରିବାକୁ ଚାହୁଁଥିଲେ ସୁଦ୍ଧା ମନରେ ଭୟ ଥାଏ ସ୍ୱାମୀ ଯଦି କହନ୍ତି ଯେ ସେ ତାଙ୍କୁ ଇଣ୍ଟରଭ୍ୟୁକୁ ଡାକି ନାହାନ୍ତି, ତେବେ କ'ଣ ହେବ ? ତଥାପି ସାହସ ସଞ୍ଚୟ କରି ସେ ଭିତରକୁ ଗଲେ । ସ୍ୱାମୀ ମଧ୍ୟ ସେ ଭିତରକୁ ପ୍ରବେଶ କରିବା ଦେଖିଲେ କିନ୍ତୁ କିଛି କହିଲେ ନାହିଁ । ତେଣୁ ସେ ଅନ୍ୟମାନଙ୍କ ସହ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଆସିଗଲେ ।

ଇଣ୍ଟରଭ୍ୟୁ ସମୟରେ ସେ ସ୍ୱାମୀଙ୍କୁ ତାଙ୍କ କଷ୍ଟ ଜଣାଇ କାନ୍ଦୁଥାନ୍ତି । ସେ କହିଲେ, 'ସ୍ୱାମୀ, ମୋ ପିଲାଙ୍କର ଯଦି କିଛ ଅଘଟଣ ଘଟିଯିବ ମୁଁ କିମିତି ବଞ୍ଚିବି ?' ସ୍ୱାମୀ କହିଲେ 'ତିରିଶି ବର୍ଷ ତଳେ ମୁଁ ତୋ ମୁଣ୍ଡରେ ହାତ ରଖି ପ୍ରତିଶ୍ରୁତି ଦେଇଥିଲି ଯେ ମୁଁ ତୋ ପିଲାମାନଙ୍କୁ ରକ୍ଷା କରିବି । ତୋର ତାହା ମନେ ଅଛି ତ ? ତୁ ହୁଏତ ଭୁଲି ଯାଇଥିବୁ, କିନ୍ତୁ ମୋର ମନେ ଅଛି । ହଁ, ଡାକ୍ତରମାନେ କହିଛନ୍ତି ଯେ ଏହା ଏକ ଗୁରୁତର ବ୍ୟାଧି କିନ୍ତୁ ସେମାନେ ବର୍ତ୍ତମାନ କ'ଣ କିଛି କଷ୍ଟ ଭୋଗ କରୁଛନ୍ତି ? ମୁଁ ସେମାନଙ୍କୁ ରକ୍ଷା କରୁଛି । ସେମାନଙ୍କୁ କୌଣସି ଔଷଧ ଦେବା ଦରକାର ନାହିଁ । ସେମାନେ ଭଲରେ ରହିବେ ।' ସ୍ୱାମୀଙ୍କ କଥା ଶୁଣି କଲ୍ୟାଣୀର ଆନନ୍ଦର ସୀମା ନଥାଏ । ସେ ମନ ଆନନ୍ଦରେ ଆସି ସବୁ କଥା ମୋତେ କହିଲା । ପରଦିନ ତା'ର ଦୁଇ ପୁଅ ଦର୍ଶନ ପାଇଁ ପ୍ରଥମ ଧାଡ଼ିରେ ବସିବାର ସୁଯୋଗ ପାଇଲେ । ସ୍ୱାମୀ ସେମାନଙ୍କ ପାଖ ଦେଇ ଯିବା ସମୟରେ ଗୋଟିଏ ପୁଅ ସ୍ୱାମୀଙ୍କ ହାତକୁ ଏକ ଚିଠି ବଢ଼େଇଲା ଓ ଅନ୍ୟ ପୁଅଟି ପାଦନମସ୍କାର କଲା । ସେହି ସମୟରେ ଜଣେ କେହି ଫଟୋ ଉଠାଇଥାଏ । ତିନିଦିନ ପରେ କଲ୍ୟାଣୀ ସେହି ଫଟୋକୁ ଗୋଟିଏ ଦୋକାନରେ ଦେଖି ଆଶ୍ଚର୍ଯ୍ୟ ହେଲା । ସେ ଫଟୋଟି କିଣି ଆମକୁ ଦେଖାଇଲା । ଆମେ ମଧ୍ୟ ତାହା ଦେଖି ଖୁସି ହେଲୁ ।

✍

ମୋର ପୁତୁବଧୂ ସାଇ ଗୀତାର ଭାଇ ଶ୍ରୀ ମୁରଲୀଧରନ୍ ବୃନ୍ଦାବନ, ହ୍ୱାଇଟ୍ ଫିଲଡର ଜଣେ ସେବାଦଳ ସଭ୍ୟ ଥାନ୍ତି । ଦିନେ ଦର୍ଶନ ପରେ ସେ ଦେଖିଲେ ଜଣେ ମହିଳା ଗେଟ୍ ପାଖରେ ବସି କାନ୍ଦୁଛି । ସେ ଉକ୍ତ ମହିଳା ନିକଟକୁ ଯିବା ପାଇଁ ଭୟ କରୁଥାନ୍ତି, କାରଣ ପୁରୁଷ ସେବାଦଳରେ କେହି ସ୍ତ୍ରୀଲୋକଙ୍କ ସହ କଥାବାର୍ତ୍ତା ହେବା ସ୍ୱାମୀ ପସନ୍ଦ କରନ୍ତି ନାହିଁ । ତଥାପି ସେ ତାଙ୍କ ନିକଟକୁ ଯାଇ ତାଙ୍କୁ କିଛି ସାହାଯ୍ୟ ଦରକାର କି ବୋଲି ପଚାରିଲେ । ଉକ୍ତ ମହିଳା କହିଲେ ଯେ ସ୍ୱାମୀ ଅନେକ ଦିନ ଧରି ତାଙ୍କ ସଙ୍ଗେ କଥା ହେଉ ନାହାଁନ୍ତି । ତାଙ୍କର ଦୁଃଖର କାରଣ କହି ସେ ମୁରଲୀଧରନ୍‌ଙ୍କୁ ତାଙ୍କ ପାଇଁ ପ୍ରାର୍ଥନା କରିବାକୁ ଅନୁରୋଧ କଲେ । ତାଙ୍କ ଦୁଃଖରେ ସହାନୁଭୂତି ପ୍ରକାଶ କରି ମୁରଲୀଧରନ୍ ଗୋଟିଏ ଗଛ ଛାଇରେ ଯାଇ ବସିଲେ ଓ ସାଇରାମ୍ ଜପ କଲେ । ସେ 'ସାଇରାମ୍' ଜପ ଶହେ ଆଠ ଥର କରିଛନ୍ତି, ଦେଖି ଆଶ୍ଚର୍ଯ୍ୟ ହେଲେ ଯେ ସ୍ୱାମୀ ଗେଟ୍ ବାହାରକୁ ଆସି ଉକ୍ତ ମହିଳାଙ୍କ ସହ କଥାବାର୍ତ୍ତା ହେଉଛନ୍ତି । କଥାବାର୍ତ୍ତା ଶେଷରେ ଉକ୍ତ ମହିଳା ସ୍ୱାମୀଙ୍କୁ ପାଦନମସ୍କାର କଲେ । ସ୍ୱାମୀ ତାଙ୍କୁ ଆଶୀର୍ବାଦ କଲେ ।

ଆଉ ଦିନେ ଜଣେ ଯୁବକ ଆସି ତାଙ୍କୁ ପଚାରିଲା, 'ମୁଁ ଶୁଣିଛି ଏଠାରେ ଜଣେ ବ୍ୟକ୍ତି ଅଛନ୍ତି ଯିଏ ଅନେକ ଚମତ୍କାର କରନ୍ତି । ସେ କ'ଣ ଏଠି ଅଛନ୍ତି ?'

ମୁରଲୀଧରନ୍ ଉତ୍ତର ଦେଲେ, 'ହଁ, ସେ ଏଠି ଅଛନ୍ତି । ବର୍ତ୍ତମାନ ବାହାରକୁ ଯାଇଛନ୍ତି । କିଛି ସମୟ ପରେ ତୁମେ ଆସ ।' ଯୁବକ ଜଣକ ଫେରୁଥିବା ସମୟରେ ବାଟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହେଲା ଓ ତା ଗୋଡ଼କୁ ଆଘାତ ଲାଗିଲା । ସେ ରାସ୍ତା କଡ଼ରେ ବସିଥାଏ । କିଛି ସମୟ ପରେ ଏକ ଟ୍ୟାକ୍ସି ଆସି ତା ନିକଟରେ ଛିଡ଼ା ହେଲା । ଜଣେ ବୟସ୍କ ବ୍ୟକ୍ତି କାର୍‌ରୁ ବାହାରି ତାକୁ କ'ଣ ହୋଇଛି ବୋଲି ପଚାରିଲେ । ଯୁବକ ସବୁକଥା ଟିକିନିଖି କରି ତାଙ୍କୁ କହିଲା । ବୟସ୍କ ବ୍ୟକ୍ତି ଜଣକ ଥିଲେ ଜଣେ ଡାକ୍ତର। ସେ ଯୁବକର କ୍ଷତକୁ ସଫା କରି ମଲମ୍ ଲଗେଇ ଏକ ପଟି ବାନ୍ଧିଦେଲେ । ତା' ପରେ ସେ ଉକ୍ତ ଯବୁକକୁ କହିଲେ ଯେ ସେ ମଧ ସେହି ଅଲୌକିକ ମଣିଷକୁ ଥରେ ଦେଖିବାକୁ ଚାହାଁନ୍ତି, ଯାହାଙ୍କୁ ଦେଖିବାକୁ ସେ ଆସିଛି । ସେମାନେ ପୁଣି ବୃନ୍ଦାବନ ଫେରି ଆସିବା ବେଳକୁ ସ୍ୱାମୀ ଚାଲି ଆସିଥାନ୍ତି । ସ୍ୱାମୀ ଗେଟ୍ ନିକଟକୁ ଆସି ଉକ୍ତ ଡାକ୍ତର ଓ ତାଙ୍କ ସଙ୍ଗେ ଥିବା ଅନ୍ୟ ତିନିଜଣ ମହିଳାଙ୍କୁ ଭିତରକୁ ଡାକିଲେ, କିନ୍ତୁ ଯୁବକକୁ ଡାକିଲେ ନାହିଁ ।

ଇଣ୍ଟରଭ୍ୟୁ କକ୍ଷ ମଧରେ ସ୍ୱାମୀ ସେମାନଙ୍କର ସମସ୍ତ ଅସୁବିଧା ସେମାନଙ୍କୁ କହୁଥାନ୍ତି । ସେମାନେ ତାହା ଶୁଣି ଆଶ୍ଚର୍ଯ୍ୟ ହେଉଥାନ୍ତି । ସେ ବିଭୂତି ପ୍ରସାଦ ସୃଷ୍ଟି କରି ସେମାନଙ୍କୁ ଦେଲେ ଓ ସବୁବେଳେ ସେମାନଙ୍କୁ ରକ୍ଷା କରିବେ ବୋଲି ପ୍ରତିଶ୍ରୁତି ମଧ ଦେଲେ । ସ୍ୱାମୀ ତା' ପରେ ପଚାରିଲେ, 'ତୁମକୁ ଡାକି ମୁଁ କାହିଁକି କଥା ହେଲି, ତୁମେ କ'ଣ ଜାଣ ? ତୁମେ ଜଣେ ଡାକ୍ତର । ତୁମେ ସେହି ଲୋକକୁ ନ ଜାଣି ମଧ ସେ ଆଘାତ ପାଇଥିବା ଦେଖି ତା'ର ଉପଚାର କଲ । ଜଣେ ଡାକ୍ତର ଯାହା କରିବା କଥା ତାହା କଲ । ତାହାଦେଖି ମୋତେ ଭଲ ଲାଗିଲା । ତେଣୁ ମୁଁ ତୁମକୁ ଡାକି କଥା ହେଲି ।' ସ୍ୱାମୀ ତା' ପରେ ବାହାରକୁ ଆସି ସେହି ଯୁବକକୁ କହିଲେ, 'ଚମତ୍କାର କରୁଥିବା ମଣିଷକୁ ତୁମେ ଦେଖିବାକୁ ଚାହୁଁଥିଲ । ମୁଁ ହିଁ ସେହି ମଣିଷ ।' ଏତିକି କହି ସ୍ୱାମୀ ଭିତରକୁ ଚାଲିଗଲେ । ଯେଉଁ ବୟସ୍କ ବ୍ୟକ୍ତିମାନେ ଟ୍ୟାକ୍ସିରେ ଆସିଥାନ୍ତି ସେମାନେ ଉତ୍ତର ଭାରତରୁ ଭ୍ରମଣ ଉଦ୍ଦେଶ୍ୟରେ ଆସିଥିଲେ । ବାଙ୍ଗାଲୋରର ଚତୁଃପାର୍ଶ୍ୱରେ ଥିବା ଦର୍ଶନୀୟ ସ୍ଥାନମାନ ଦେଖିବା ମଧରେ ସ୍ୱାମୀଙ୍କ ସଙ୍ଗେ କଥାବାର୍ତ୍ତା ହେବା ଓ ତାଙ୍କର ଆଶୀର୍ବାଦ ପାଇବାଭଳି ଏକ ସୁଯୋଗ ଅପ୍ରତ୍ୟାଶିତ ଭାବେ ତାଙ୍କୁ ମିଳିଥିଲା । ଇଣ୍ଟରଭ୍ୟୁ କକ୍ଷରୁ ବାହାରିବା ସମୟରେ ସେମାନେ ଭାବ-ବିଭୋର ହୋଇ ଯାଇଥାନ୍ତି । ଆଖିରୁ ଲୁହ ବୋହି ଯାଉଥାଏ ଓ ମୁଖରୁ କଥା ସ୍ଫୁରୁ ନଥାଏ । ପରେ ସେମାନେ ଇଣ୍ଟରଭ୍ୟୁ କକ୍ଷ ମଧରେ ସେମାନଙ୍କର ରୋମହର୍ଷଣକାରୀ ଅନୁଭୂତି ମୁରଲୀଧରନ୍‌ଙ୍କ ଆଗରେ ବର୍ଣ୍ଣନା କରିଥିଲେ ।

ମୋର ସ୍ୱାମୀ ୧୯୮୭ ମସିହା ଅପ୍ରିଲ ୧୦ ତାରିଖ ଦିନ ୭୬ ବର୍ଷ ବୟସରେ ମୃତ୍ୟୁବରଣ କଲେ । ତାଙ୍କର ସୀମିତ ଆର୍ଥିକ ସମ୍ବଳ ମଧରେ ସେ ଆମର ଉତ୍ତମ ଯତ୍ନ

ନେଇଥିଲେ, ଆମକୁ ଅଶେଷ ପ୍ରେମ ଦେଇଥିଲେ । ଆମର ସନ୍ତାନ ମାନଙ୍କର ମନରେ ସ୍ୱାମୀଙ୍କ ପ୍ରତି ଅତୁଟ ବିଶ୍ୱାସର ଶକ୍ତ ମୂଳଦୁଆ ପକାଇବାପାଇଁ ମୋର ଯେଉଁ ପ୍ରୟାସ, ସେଥିରେ ସେ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିଥିଲେ ଏବଂ ସମାଜରେ ଯଥେଷ୍ଟ ସମ୍ମାନ ପାଉଥିଲେ । ଆମର ଜୀବନ ପ୍ରଦୀପ ନିର୍ବାପିତ ହେବା ପରେ ଆମର ଇପ୍ସିତ ଫଳ ଆମକୁ ପ୍ରଦାନ କରିବେ ବୋଲି ସ୍ୱାମୀ ଦେଇଥିବା ପ୍ରତିଶ୍ରୁତି ଉପରେ ତାଙ୍କର ପୂର୍ଣ୍ଣ ଆସ୍ଥା ଥିଲା । ସେ ବହୁବର୍ଷ ଧରି ମହୀଶୂରର ଶ୍ରୀ ସତ୍ୟସାଇସେବା ସମିତିର ସଭ୍ୟ ଥିଲେ ।

ସ୍ୱାମୀ ମହୀଶୂର ଦେଇ ଉଟି ଯାଉଥାନ୍ତି । ସ୍ୱାମୀଙ୍କ କାର ଯେଉଁ ରାସ୍ତା ଦେଇ ଯିବାର ଥାଏ, ସେହି ରାସ୍ତାର ଉଭୟ ପାର୍ଶ୍ୱରେ ଭକ୍ତମାନେ ଛିଡ଼ା ହୋଇଥାନ୍ତି, ଗାଡ଼ି ଯିବା ସମୟରେ ସ୍ୱାମୀଙ୍କୁ ଟିକିଏ ଦର୍ଶନ କରିବାପାଇଁ । ବେଳେବେଳେ ସ୍ୱାମୀ ଗାଡ଼ିକୁ ରଖି ଦୁଇ ପଦ କଥା କହି ସମସ୍ତଙ୍କୁ ଆଶୀର୍ବାଦ କରନ୍ତି, ତା' ପରେ ଗାଡ଼ି ଆଗକୁ ବଢ଼େ । ମୋର ସ୍ୱାମୀଙ୍କ ମୃତ୍ୟୁର ମାତ୍ର ପାଞ୍ଚ ଦିନ ପରେ ଆମେ ସ୍ୱାମୀଙ୍କୁ ଏହିଭଳି ଦର୍ଶନ କରିଥିଲୁ । ଗାଡ଼ି ଯେତେବେଳେ ଆସି ଆମ ପାଖରେ ରହିଲା ମୋର ପିଲାମାନେ ସ୍ୱାମୀଙ୍କୁ କହିଲେ, "ସ୍ୱାମୀ ଆମ ବାପା...'ସ୍ୱାମୀ କହିଲେ "ମୁଁ ସବୁ କଥା ଜାଣେ ।" ଶଙ୍କର କହିଲା, "ସ୍ୱାମୀ ମୋ ମା'ଙ୍କୁ ଟିକିଏ ସାନ୍ତ୍ୱନା ଦିଅନ୍ତୁ ।" ସ୍ୱାମୀ କହିଲେ, "କ'ଣ ରାସ୍ତା ଉପରେ ସାନ୍ତ୍ୱନା ଦେବି ? ତାକୁ ପୁଟପର୍ତ୍ତି ନେଇ ଆସ ।" ମୁଁ ସ୍ୱାମୀଙ୍କୁ ସେହି ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କଲି । କିଛି ଦିନପରେ ଆମେ ପୁଟପର୍ତ୍ତି ଗଲୁ । ସେ ସଦୟ ହୋଇ ଆମ ସଙ୍ଗେ କଥାବାର୍ତ୍ତା କଲେ । ଆମେ ତାଙ୍କର ପାଦ ନମସ୍କାର କରି କିଛି ଦିନ ପରେ ମହୀଶୂର ଫେରି ଆସିଲୁ ।

ଆମେ ସମସ୍ତେ ଓ ବିଶେଷ କରି ଶଙ୍କର, ମୋର ପତିଙ୍କର ଅନୁପସ୍ଥିତିକୁ ଅନୁଭବ କରୁଥାଉ । ହୁଏତ ପିତାଙ୍କ ମୃତ୍ୟୁରେ ବ୍ୟଥିତ ତା'ର ପ୍ରାଣକୁ ସାନ୍ତ୍ୱନା ଦେବା ପାଇଁ ତିନି ବର୍ଷ ପରେ ସ୍ୱାମୀ ଦିନେ ରାତିରେ ତାକୁ ସ୍ୱପ୍ନରେ ଦର୍ଶନ ଦେଲେ । ସ୍ୱପ୍ନରେ ସେ ଦେଖିଲା, ଚିତ୍ରାବତୀ ତୀରରେ ସେ ସ୍ୱାମୀଙ୍କ ସଙ୍ଗେ ଚାଲୁଥିବା ଅବସ୍ଥାରେ ସ୍ୱାମୀଙ୍କୁ ତା'ର ପିତାଙ୍କର ଆତ୍ମା କେଉଁ ଅବସ୍ଥାରେ ଅଛି ବୋଲି ପଚାରୁଛି । ସ୍ୱାମୀ ତାକୁ ଇଂରାଜୀରେ ଉତ୍ତର ଦେଲେ, "It is in a state of Bliss" ଏହା ଏକ ଆନନ୍ଦମୟ ଅବସ୍ଥାରେ ଅଛି । ସ୍ୱାମୀଙ୍କ ଏହି ଉକ୍ତି ଶୁଣି ଆମେ ଆନନ୍ଦିତ ହେଲୁ ।

ଆମ ପରିବାରର ବନ୍ଧୁ ଶ୍ରୀମତୀ ଉମା ଚନ୍ଦ୍ରଶେଖର ମହୀଶୂରର CFTRI ରେ ଚାକିରୀ କରୁଥାନ୍ତି ଏବଂ ଜଣେ ବାଳବିକାଶ ଗୁରୁଥା'ନ୍ତି । ତାଙ୍କର ଅନୁଭୂତି ତାଙ୍କରି ଭାଷାରେ ମୁଁ ନିମ୍ନରେ ଉଦ୍ଧାର କରୁଛି ।

ଆମର ଦ୍ୱିତୀୟ ଝିଅ ସ୍ମିତା ଜନ୍ମ ହୋଇଥିଲା ୧୯୮୮ ମସିହା ଜାନୁଆରୀ ମାସ ୨୮ ତାରିଖ ଦିନ । ଜନ୍ମ ହେବା ସମୟରେ ଦେଖାଗଲା ତା'ର ଡାହାଣ ହାତ ନେଳି ଦିଶୁଥାଏ ଏବଂ ତାହା କାମ କରୁ ନଥାଏ । ତା'ର ଆବଶ୍ୟକୀୟ ଚିକିତ୍ସା କରାଗଲା କିନ୍ତୁ କିଛି ଫଳ ମିଳିଲା ନାହିଁ । ଆମେ ମନ ଦୁଃଖରେ ଘରକୁ ଆସିଲୁ ତା' ପରେ ମୁଁ ସ୍ୱାମୀଙ୍କୁ ପ୍ରାର୍ଥନା କରିବା ଆରମ୍ଭ କଲି ।

ମାସେ ପରେ, ଦିନେ ବଡ଼ି ଭୋରରେ ମୁଁ ଏକ ସ୍ୱପ୍ନ ଦେଖିଲି । ସ୍ୱପ୍ନରେ ମୁଁ ଦେଖୁଥାଏ, ଛୁଆକୁ ନେଇ ମୁଁ ଦର୍ଶନ ଧାଡ଼ିରେ ବସିଛି । ସ୍ୱାମୀ ଆମ ପାଖକୁ ଆସିଲେ ବିଭୂତି ସୃଷ୍ଟିକରି ମୋ ଝିଅର ଡାହାଣ ହାତରେ ବୋଳି ଦେଲେ ଏବଂ କହିଲେ, "ମୁଁ ତାକୁ ଠିକ୍ କରି ଦେବି, ବ୍ୟସ୍ତ ହ'ନା ।' ପରଦିନ ମୁଁ ତାକୁ ଗାଧୋଇବାକୁ ନେବା ସମୟରେ ଦେଖି ଆଶ୍ଚର୍ଯ୍ୟ ହେଲି ଯେ ସେ ତା' ଡାହାଣ ହାତରେ ତାର ଡାହାଣ ପାଦର ତଳିପାକୁ ଧରି ପାରୁଛି । ତାର ହାତରେ ବିଭୂତିର ସୁଗନ୍ଧ ମହକୁ ଥାଏ । ସେ ଯାଏଁ, ଅଚଳ ହାତକୁ ସେ ବେଶ ହଲେଇ ପାରୁଥାଏ ଓ ହାତର ନୀଳ ରଙ୍ଗ ମଧ୍ୟ ଆଉ ନଥାଏ ।

କିନ୍ତୁ ଖୁବ୍ ଶୀଘ୍ର ମୁଁ ଲକ୍ଷ୍ୟ କଲି ସବୁକିଛି ଠିକ୍ ନାହିଁ । ପିଲାଟି ବଢ଼ିବା ସଙ୍ଗେ ଆମେ ଦେଖିଲୁ ସେ ଚାଲିବାକୁ ଚେଷ୍ଟା କରିବା ସମୟରେ ତାର ଡାହାଣ ଗୋଡ଼ର ଆଣ୍ଠୁତଳ ତାକୁ ଚାଲିବାକୁ ଦେଉ ନାହିଁ ଓ ସେ ପଡ଼ି ଯାଉଛି । ତାପରେ ଅନେକ ପରୀକ୍ଷା ନିରୀକ୍ଷା ହେଲା ଓ ଏକାଧିକ ଡାକ୍ତରଙ୍କ ପରାମର୍ଶ ନିଆଗଲା । ଜଣେ ଅସ୍ଥିଶଲ୍ୟ ଚିକିତ୍ସକ ତାର ପାଦର ଅସ୍ତ୍ରୋପଚାର କଲେ ଏବଂ ତାପାଇଁ ବିଶେଷ ଯୋତା ମଧ୍ୟ ଅଣାଗଲା । କିନ୍ତୁ ସବୁ ପ୍ରକାର ଚେଷ୍ଟା ବ୍ୟର୍ଥ ହେଲା । ସେ ବିକଳାଙ୍ଗ ହୋଇ ଚୌକୀରେ ବସି ରହିଲା । ଘରେ ନିଜକୁ ଓ ତାର ବାପା ଓ ମାଙ୍କୁ ଏବଂ ବିଦ୍ୟାଳୟରେ ଯୋଗ ଦେବା ପରେ ଶିକ୍ଷକଙ୍କୁ ସେ ଅନେକ ଅସୁବିଧାରେ ପକାଉଥାଏ । ତାରି ବୟସର ପିଲାମାନେ ଖେଳାଖେଳି କରୁଥିବା ସମୟରେ ସେ ନିଃସହାୟ ଭାବେ ଗୋଟିଏ କୋଣରେ ବସି ରହିଥିବା ଦେଖି ଆମ ହୃଦୟ ବିଦୀର୍ଣ୍ଣ ହୋଇ ଯାଉଥାଏ । ମୋ ସ୍ୱାମୀ ଓ ମୁଁ ଆହୁରି ଅନ୍ତର ଭରି ପ୍ରାର୍ଥନା କରିବାକୁ ଲାଗିଲୁ । ଆମେ ତାକୁ ନେଇ ଦୁଇଥର ପୁଟ୍ଟପର୍ତ୍ତି ଗଲୁ ଏବଂ ସ୍ୱାମୀଙ୍କୁ ଦର୍ଶନ କଲୁ ।

୧୯୯୭ ମସିହା, ସେତେବେଳକୁ ମୋ ଝିଅ ଚତୁର୍ଥ ଷ୍ଟାଣ୍ଡାର୍ଡରେ ପଢୁଥାଏ । ଦିନେ ମୋର ଜଣେ ସହକର୍ମୀ ଶ୍ରୀ ଆର୍ ଶଙ୍କର ମୋତେ ଜଣେ ସ୍ନାୟୁ ଚିକିତ୍ସକଙ୍କ ପରାମର୍ଶ ଲୋଡ଼ିବା ପାଇଁ କହିଲେ ଓ ଏଥିପାଇଁ ସେ ସବୁ ପ୍ରକାର ସାହାଯ୍ୟ କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଲେ । ତାଙ୍କରି କଥା ଅନୁଯାୟୀ ଆମେ ଡକ୍ଟର ଜେ. ଏନ୍.ଭଟ୍ଟ ନାମକ ଚିକିତ୍ସକ ତଥା ସ୍ୱାମୀଙ୍କ ଭକ୍ତଙ୍କୁ ସାକ୍ଷାତ କଲୁ ଓ ଆମକୁ ଡକ୍ଟର ଜି.ଏସ. ଜନାର୍ଦ୍ଦନ ନାମକ ଜଣେ ସ୍ନାୟୁ ଚିକିତ୍ସକଙ୍କୁ ପାଖକୁ ପଠେଇ ଦେଲେ । ଡକ୍ଟର ଜନାର୍ଦ୍ଦନ ରୋଗୀକୁ ଟିକିନିଖି ପରୀକ୍ଷା କରିବା ପରେ କହିଲେ ଯେ ରୋଗଟି ଖୁବ୍ ବିଷମ ଓ

ଏଥିପାଇଁ ଦୀର୍ଘ ଦିନର ଚିକିତ୍ସା ଦରକାର । ଚିକିତ୍ସା ପରେ ରୋଗ ସବୁଦିନ ପାଇଁ ଭଲ ହୋଇଯିବ ବୋଲି କିଛି କହି ହେବନାହିଁ । ସେ ଯଥାସାଧ ଚେଷ୍ଟା କରିବେ ବୋଲି ଆମକୁ କଥା ଦେଲେ । ଆରମ୍ଭରୁ ପରୀକ୍ଷାମୂଳକ ଭାବେ ସେ ଗୋଟିଏ ବଟିକାର ଚାରିଭାଗରୁ ଭାଗେ ଝିଅକୁ ଦେବାକୁ କହିଲେ । ତାହା ଖାଇଲେ ଚିକିତ୍ସାର ପାର୍ଶ୍ୱପ୍ରତିକ୍ରିୟା ରହିବ ନାହିଁ, ତା' ପରେ ତାକୁ ଆଉ ଚାରି ପାଞ୍ଚୋଟି ଔଷଧ ଦିଆଯିବ ।

ମୋ ଝିଅ ଥିଲା ବାଲବିକାଶର ଛାତ୍ରୀ । ତା' ମନରେ ସ୍ୱାମୀଙ୍କ ଉପରେ ଗଭୀର ଆସ୍ଥାଥାଏ ଓ ସ୍ୱାମୀ ଦିନେ ତାକୁ ଭଲ କରିଦେବେ ବୋଲି ସେ ବିଶ୍ୱାସ କରୁଥାଏ । ତେଣୁ ସେ ଜିଦ୍ କଲା ଯେ ଶ୍ରୀମତୀ କରୁଣାମ୍ମା ସ୍ୱାମୀଙ୍କ ଲକେଟ୍‌କୁ ଅଭିଷେକ କରିବା ପରେ ସହି ତୀର୍ଥଜଳ ସଙ୍ଗେ ସେ ବଟିକା ଖାଇବ । ଔଷଧର ପ୍ରଥମ ପାନ ସଙ୍ଗେ ତୀର୍ଥ ଓ ବିଭୂତି ଗୋଳେଇ ତାହା ସ୍ମିତାକୁ ଦିଆଗଲା । ସେଦିନ ଥିଲା ୧୯୯୮, ସେପ୍ଟେମ୍ବର ଏକ ତାରିଖ । ସେ ଔଷଧ ଖାଇବା ପରେ ମୁଁ ତାକୁ ମୋର ୮୫ ବର୍ଷ ବୟସ୍କ ବୃଦ୍ଧ ଶ୍ୱଶୁରଙ୍କ ଜିମାରେ ଛାଡ଼ି ଇନଷ୍ଟିଚ୍ୟୁଟ୍‌କୁ ଚାଲିଗଲି ।

ଦିନ ପ୍ରାୟ ୧୨ଟା ସମୟରେ ଔଷଧ ଖାଇବା ପରେ ତାର କିଛି ପାର୍ଶ୍ୱ-ପ୍ରତିକ୍ରିୟା ହେଲା କି ନାହିଁ ଜାଣିବାପାଇଁ ମୁଁ ଅଫିସରୁ ମୋ ଶ୍ୱଶୁରଙ୍କୁ ଫୋନ୍ କଲି । ସେ ସଂକ୍ଷେପରେ ମୋତେ ଉତ୍ତର ଦେଲେ "ନିଜେ ଆସି ଦେଖିଯା।" କାଳେ କ'ଣ ଖରାପ ହୋଇଥିବ ବୋଲି ପ୍ରମାଦ ଗଣି ମୁଁ ଘରକୁ ଆସିଲି । ଘରେ ପହଞ୍ଚି ଯାହା ଦେଖିଲି, ମୋ ଆଖିକୁ ମୁଁ ନିଜେ ବିଶ୍ୱାସ କରି ପାରୁ ନଥାଏ । ମୋ ଝିଅ ଧାଇଁ ଧାଇଁ ମୋ ପାଖକୁ ଚାଲି ଆସିଲା ଓ ଆମେ ଦୁହେଁ ଆନନ୍ଦରେ ନାଚୁ ଥାଉ । ଅଚଳ ପାଦଟି ପ୍ରାୟ ଭଲ ହୋଇଯାଇଥାଏ । ମୁଁ ତାକୁ ଏସବୁ କିମିତି ହେଲା ପଚାରିଲି । ସେ କିଛି କହି ନ ପାରି ଖାଲି କହୁଥାଏ ଯେ ବଟିକା ଖାଇବା ପରେ ତାକୁ ଭାରି ଆରାମ୍ ମନେହେଲା ଓ ଭଲ ଲାଗିଲା । ମୁଁ ତାକୁ ସଙ୍ଗେ ସଙ୍ଗେ ଡକ୍ଟର ଜନାର୍ଦ୍ଦନଙ୍କ ପାଖକୁ ନେଇଗଲି । ସେ ଚାଲି ପାରୁଥିବା ଦେଖି ଜନାର୍ଦ୍ଦନ ଆଶ୍ଚର୍ଯ୍ୟ ହେଲେ ଏବଂ କହିଲେ, "ଏଥର ଆଉ କିଛି ଔଷଧ ଦରକାର ନାହିଁ । ତେବେ ବଟିକାକୁ ଚାରିଭାଗ କରି ଭାଗେ ଲେଖାଏଁ ଖାଉଥାଉ ।"

ଆମେ ବୁଝିପାରୁଥାଉ ଯେ ମାତ୍ର ଗୋଟିଏ ଦିନ୍ ବଟିକାର ଚାରିଭାଗରୁ ଭାଗେ ଖାଇବା ଫଳରେ ଏଭଳି ଚମତ୍କାର କେବେ ହେବ ନାହିଁ । ସ୍ୱାମୀ ଉକ୍ତ ଡାକ୍ତରଙ୍କୁ ମାଧ୍ୟମ କରି ମୋ ଝିଅକୁ ନୂତନ ଜୀବନ ଦେଇଛନ୍ତି । ପରଦିନ ଠାରୁ ତା'ର ହସ୍ତଲିପି, ଚାଲି, ଖେଳାଖେଳି ସବୁଥିରେ ଆମେ ଉଲ୍ଲେଖଯୋଗ୍ୟ ଉନ୍ନତି ଲକ୍ଷ୍ୟ କଲୁ ।

✍

ମୋ ନାତି ଶ୍ୟାମ ନନ୍ଦନ, ଶଙ୍କରର ଦ୍ୱିତୀୟ ପୁଅ କ୍ରିକେଟ ଖେଳରେ ପାଗଳ ଥାଏ । କ୍ରିକେଟ ଖେଳିବାରେ ଓ ଖେଳ ଦେଖିବାରେ ତା'ର ଖୁବ୍ ଆଗ୍ରହ । ସେ ପରୀକ୍ଷାରେ

ପ୍ରଥମ ଶ୍ରେଣୀରେ ପାସ୍ ହେଉଥାଏ । କିନ୍ତ ଆହୁରି ଭଲ କରିବାକୁ ତା'ର ଚେଷ୍ଟା ନଥାଏ । ଶ୍ୟାମ୍ ଏସ୍.ଏସ୍.ଏଲ୍.ସି. ପାସ୍ କରିବା ପରେ କିମିତି ଏକ ଭଲ କଲେଜରେ ଭର୍ତ୍ତି ହେବ ବୋଲି ଶଙ୍କର ବ୍ୟସ୍ତ ହେଉଥାଏ । ଶ୍ୟାମ୍ ସ୍ୱାମୀଙ୍କ କଲେଜରେ ପାଇଲେ କେତେ ଭଲ ହୁଅନ୍ତା ବୋଲି ସେ ମନେ ମନେ ଭାବୁଥାଏ । ୧୯୯୨ ମସିହାରେ ମୁଁ ଦିନେ ଧ୍ୟାନରେ ବସିଥିବା ଅବସ୍ଥାରେ ଗୋଟିଏ ଦୃଶ୍ୟ ଦେଖିଲି । ଧ୍ୟାନରେ ମୁଁ ଦେଖୁଥାଏ ଗୋଟିଏ କୋଠରୀ ମଧ୍ୟରେ ଝାପ୍‌ସା ଅନ୍ଧାର ହୋଇଥାଏ । ସ୍ୱାମୀ ଏକ ଚୌକିରେ ବସିଥାନ୍ତି । ଦୁଇଟି ପିଲା ଦୁଆର ମଧ୍ୟ ଦେଇ ଧାଇଁ ଧାଇଁ ଆସିଲେ । ସେ ଦୁଇଜଣଙ୍କ ମଧ୍ୟରୁ ଜଣେ ଥାଏ ଶ୍ୟାମ । ସେ ଖଣ୍ଡେ ଦୂରରୁ ସ୍ୱାମୀଙ୍କୁ ପାଦ ନମସ୍କାର କଲା । ଦୂରରୁ ପାଦନମସ୍କାର କରନା କହି ସ୍ୱାମୀ ତାକୁ ଧୀରେ ପାଖକୁ ଟାଣି ଆଣିଲେ ଓ ତାଙ୍କର ଦିବ୍ୟପାଦ ତାର ମଥା ଉପରେ ରଖିଲେ ।

ମୁଁ ଧ୍ୟାନାବସ୍ଥାରେ ଯାହା ଦେଖିଲି ଶଙ୍କରକୁ କହିଲି । ମୋ କଥା ଶୁଣି ସେ ଭାରି ଖୁସି ହେଲା ଏବଂ ସ୍ୱାମୀ ତା'ର ପ୍ରାର୍ଥନା ଶୁଣିଛନ୍ତି ବୋଲି ଜାଣିପାରିଲା । କର୍ଣ୍ଣାଟକର ମଦନହଲ୍ଲୀରେ ଥିବା ଶ୍ରୀ ସତ୍ୟସାଇ ଗ୍ରାମର ଶ୍ରୀ ସତ୍ୟସାଇ ଲୋକ ସେବା ପ୍ରତିଷ୍ଠାନରେ ଶ୍ୟାମ ପଢ଼ିବା ପାଇଁ ଯୋଗ ଦେଲା । ସେଠାରେ ପଢୁଥିବା ସମୟର ସେ ଭଲ ନମ୍ବର ରଖୁଥାଏ ଓ ସହିଠାରେ ସେ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଲାଭ କଲା । ପରେ ସେ ମହୀଶୂରରେ ଏମ୍.ସି.ଏ. ପଢ଼ିଲା ।

ଶ୍ରୀ ଏ. ଆର. ମେନନ୍ ତାଙ୍କ ସ୍ତ୍ରୀ ଶ୍ରୀମତୀ ରାଜେଶ୍ୱରୀ ଓ ଝିଅ ଦୁର୍ଗା ଆମର ପାରିବାରିକ ବନ୍ଧୁଅଟନ୍ତି । ରାଜେଶ୍ୱରୀ ଦିନେ ମୋତେ ଜୁନ୍ ୧୯୯୨ ରେ ଘଟିଥିବା ଏକ ଘଟଣା କହୁଥାନ୍ତି । ଅଳ୍ପ କିଛି ଦିନ ଛୁଟି ମିଳିବାରୁ ରାଜେଶ୍ୱରୀ ଓ ଦୁର୍ଗା କେରଳରେ ସେମାନଙ୍କୁ ସ୍ୱଗ୍ରାମକୁ ଯାଇଥାନ୍ତି । ସେହି ସମୟ ମଧ୍ୟରେ ସେମାନେ କୌଣସି ଏକ ଶୋକାକୁଳ ପରିବାରକୁ ସାନ୍ତ୍ୱନା ଜଣାଇବାପାଇଁ କୋଟାୟାମ ସହରକୁ ଯିବାର କାର୍ଯ୍ୟକ୍ରମ ମଧ୍ୟ ଥିଲା । କୋଟାୟାମ ସମ୍ବନ୍ଧରେ ତାଙ୍କର ଧାରଣା ନଥିବାରୁ ସେ ତାଙ୍କ ମାଙ୍କୁ ନେଇ କୋଚି ଗଲେ । ସେ ସେଠାରେ ରହୁଥିବା ତାଙ୍କର ଭିଣୋଇଙ୍କୁ ଅନୁରୋଧ କରିଥାନ୍ତେ ତାଙ୍କୁ କାର୍‌ରେ ଥରେ କୋଟାୟାମ୍ ନେଇ ଯିବାପାଇଁ । ତାଙ୍କର ଭିଣୋଇ କାର୍ଯ୍ୟବ୍ୟସ୍ତ ଥିବାରୁ ସେ ସେମାନଙ୍କୁ ରେଳଷ୍ଟେସନରେ ଓହ୍ଲାଇ ଦେଲେ । ସେମାନେ ଷ୍ଟେସନରେ ପହଞ୍ଚିଲାବେଳକୁ ରେଳଗାଡ଼ି ଷ୍ଟେସନ ଛାଡ଼ି ଦେଇଥାଏ । ପରବର୍ତ୍ତୀ ଗାଡ଼ି ଆସିବାକୁ ଆଉ କେତେ ଘଣ୍ଟାର ବ୍ୟବଧାନ ଥାଏ । ସେତିକିବେଳକୁ ଝିପିଝିପି ବର୍ଷା ପଡ଼ିବା ଆରମ୍ଭ ହେଲା । ଏଭଳି ପରିସ୍ଥିତିରେ ତିନିଜଣ ମହିଳା ସାଙ୍ଗରେ କୌଣସି ପୁରୁଷ ନଥାଇ କୋଟାୟାମ୍ ଯିବା ତାଙ୍କର ମା ପସନ୍ଦ କରୁନଥିଲେ । ତେଣୁ ସେ କୋଟାୟାମ୍

ଯାତ୍ରା ବାତିଲ କରିଦେବାକୁ କହୁଥାନ୍ତି । କିନ୍ତୁ ରାଜେଶ୍ୱରୀ ଜିଦ୍ ଧରି କହୁଥାନ୍ତି ସ୍ୱାମୀଙ୍କ କୃପା ହେଲେ ସେମାନେ ନିରାପଦରେ ଯାତ୍ରା କରିପାରିବେ ତେଣୁ ପରବର୍ତ୍ତୀ ଗାଡ଼ି ଆସିବା ଯାଏଁ ଅପେକ୍ଷା କରିବା ଉଚିତ୍ । ମା'ର କଥା ଶୁଣି ଦୁର୍ଗା କହିଲାଏମିତି ଛୋଟଛୋଟ କଥାରେ ସ୍ୱାମୀଙ୍କୁ ହଇରାଣ କରିବା ଠିକ୍ ନୁହେଁ । ରାଜେଶ୍ୱରୀ କିନ୍ତୁ କହୁଥାନ୍ତି ଯେ ଭକ୍ତର କୌଣସି ସମସ୍ୟା ସ୍ୱମୀଙ୍କ ପାଇଁ ସାମାନ୍ୟ ନୁହଁ, ତେଣୁ ସବୁ ବିଷୟରେ ସେ ସ୍ୱାମୀଙ୍କୁ ହିଁ ଡାକିବେ ।

ସେଠାରେ ଥିବା ଜଣେ ଯୁବକ ଏ ତିନି ଜଣଙ୍କର କଥାବାର୍ତ୍ତା ଶୁଣି ସେମାନଙ୍କ ନିକଟକୁ ଆସିଲା ଓ ରାଜେଶ୍ୱରୀଙ୍କ ମୁଦି ଉପରେ ସ୍ୱାମୀଙ୍କ ଛବି ଦେଖି ତାହା ସ୍ୱାମୀ ସୃଷ୍ଟି କରି ଦେଇଛନ୍ତି କି ବୋଲି ପଚାରିଲା । ରାଜେଶ୍ୱରୀ କହିଲେ, "ନା, ତୁମେ କ'ଣ ସ୍ୱାମୀଙ୍କ ଭକ୍ତ ?" ସେ ଉତ୍ତରରେ 'ହଁ' ଭରିଲା ଓ ସ୍ୱାମୀ ତା' ପାଇଁ ସୃଷ୍ଟି କରି ଦେଇଥିବା ଏକ ଲକେଟ୍ ତାଙ୍କୁ ଦେଖାଇଲା । ରାଜେଶ୍ୱରୀ ତାଙ୍କୁ ସେ କେଉଁଠିକି ଯାଉଛି ପଚାରିଲେ । ସେ କହିଲା "କୋଟାୟାମ୍" । ରାଜେଶ୍ୱରୀ ତାକୁ କୋଟାୟାମ୍‌ରେ କେଉଁ ଯାଗାକୁ ଯିବ ବୋଲି ପଚାରିଲେ । ଯୁବକ ଜଣକ ସେ ଯେଉଁଠିକି ଯିବ ତାହା ଟିକିନିଖିଭାବେ କହିଲା । ଏଥର ରାଜେଶ୍ୱରୀ ତାକୁ ସେ କିମିତି ସ୍ୱାମୀଙ୍କ ଭକ୍ତ ହେଲା ପଚାରିଲେ ।

ସେ କହିଲା, 'ମୁଁ ଏକ ନୈଷ୍ଠିକ ଖ୍ରୀଷ୍ଟିୟାନ ପରିବାରରୁ ଆସିଛି । ମୁଁ ବାଙ୍ଗୋଲୋର୍‌ରେ ପଢୁଥିବା ସମୟରେ ବାବାଙ୍କୁ ବହୁତ ଉପହାସ କରୁଥାଏ ଓ କଲେଜ୍‌ର ସାଂସ୍କୃତିକ କାର୍ଯ୍ୟକ୍ରମମାନଙ୍କରେ ତାଙ୍କର ବିକୃତ ଅନୁକରଣ କରୁଥାଏ । ପରୀକ୍ଷା ପରେ ସେମିତି କୌଣସି କାରଣ ନଥାଇ ମୁଁ ପୁଟ୍ଟପର୍ତ୍ତି ଯାଇଥାଏ । ମୁଁ ଦର୍ଶନ ଧାଡ଼ିରେ ବସିଥିବା ସମୟରେ ସ୍ୱାମୀ ମୋ ନିକଟକୁ ଆସି କହିଲେ, "କେରଳରୁ ଥୋମାସ୍ ନା ?" ପ୍ରଥମ ଥର ଯାଇଥିବାରୁ ମୁଁ ଭାବିଲି ସ୍ୱାମୀ ହୁଏତ ଅନ୍ୟ କାହାକୁ ଡାକୁଛନ୍ତି । ତା' ପରେ ବାବା ସିଧା ମୋ ଆଡ଼କୁ ଚାହିଁଲେ । ମୋତେ କ'ଣ କରିବାକୁ ହେବ ମୁଁ ବୁଝି ପାରୁ ନ ଥାଏ । ସେଠାରେ ଜଣେ କେହି ମୋତେ ଇଣ୍ଟରଭ୍ୟୁ କକ୍ଷ ଆଡ଼କୁ ଯିବାକୁ ଇସାରା କଲେ । ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ଆଉ କେତେକ ଲୋକ ମଧ୍ୟ ଥାନ୍ତି । ବାବାଙ୍କ ପ୍ରସାରିତ ପାପୁଲିରେ କିଛି ଏକ ତରଳ ପଦାର୍ଥ ସୃଷ୍ଟି ହେଉଥିବା ମୁଁ ଲକ୍ଷ୍ୟ କଲି । ବାବା ଉକ୍ତ ତରଳ ପଦାର୍ଥକୁ ମୋ ମୁଣ୍ଡ ଉପରେ ଛିଞ୍ଚି ମୋତେ ପାଦନମସ୍କାର କରିବାକୁ କହିଲେ । ତା' ପରେ ସେ ଏକ ଲକେଟ୍ ସୃଷ୍ଟି କଲେ ଯାହାର ଗୋଟିଏ ପାଖରେ ଥାଏ ଶ୍ରୀରାମଙ୍କର ରାଜ୍ୟାଭିଷେକର ଛବି ଓ ଅନ୍ୟ ପାଖରେ ଥାଏ ଶ୍ରୀ ସରିଡ଼ି ସାଇବାବାଙ୍କର ଏକ ଛବି । ମୁଁ ଜୀବନରେ ଖୁବ୍ ଏକ ଖରାପ ସମୟ ଦେଇ ଗତି କରୁଥିବାରୁ ସେ ମୋତେ ସେହି ଲକେଟ୍‌କୁ ସବୁବେଳେ ପିନ୍ଧିବାକୁ କହିଲେ । ମୁଁ ଯେତେବେଳେ ବାବାଙ୍କୁ ଚାହିଁଲି, ବାବା ଖର୍ବକାୟ ହେଲେ ହେଁ ମୋର ମନେ ହେଲା ଯେ ଏକ ବିଶାଳ ମୂର୍ତ୍ତି, ମୋ' ଠାରୁ ଢେର

ଲମ୍ବା । ତାଙ୍କ ଦୁଇ ଆଖିରେ ଥାଏ ଏକ ଅପୂର୍ବ ଚମକ । ସ୍ୱାମୀ ସେ ଦିନ ମୋ ପାଇଁ ଏକ ମୁଦି ମଧ୍ୟ ସୃଷ୍ଟି କରି ଦେଇଥାନ୍ତି ।'

ଏହି ଘଟଣା ପରେ ପରେ ମୁଁ ଗୋଟିଏ ପରେ ଗୋଟିଏ ଦୁର୍ଘଟଣାର ସମ୍ମୁଖୀନ ହେଉଥିଲି କିନ୍ତୁ ପ୍ରତ୍ୟେକ ଥର ଚମତ୍କାର ଭାବେ ଅନାହତ ଅବସ୍ଥାରେ ରକ୍ଷା ପାଇ ଯାଉଥିଲି । ସେବେଠାରୁ ମୁଁ ନିୟମିତ ଭାବେ ପୁଟ୍ଟପର୍ତ୍ତି ଯାଏ । ବାବାଙ୍କର ଜଣେ ହିନ୍ଦୁଭକ୍ତ ତାଙ୍କର ଝିଅ ସହ ମୋର ବିବାହ ପ୍ରସ୍ତାବ ଆଣିଲେ । ମୁଁ ତାଙ୍କୁ କହିଲି ଯେ କେବଳ ବାବା ରାଜି ହେଲେ ମୁଁ ସେଇ ଝିଅକୁ ବିବାହ କରିବି । କିନ୍ତୁ ବାବା ମୋତେ ମୋର ଧର୍ମ ପରାୟଣ ପିତାମାତାଙ୍କ ମନକୁ କଷ୍ଟ ନଦେଇ ସେମାନଙ୍କର ମନୋନୀତ ଗୋଟିଏ ଝିଅକୁ ବାହା ହେବାକୁ କହିଲେ । ମୋର ବିବାହ ହୋଇ ଛ'ବର୍ଷ ବିତି ଗଲାଣି । ପରିବାରର କେହି, ଏପରିକି ମୋର ସ୍ତ୍ରୀ ମଧ୍ୟ କେବେ ପୁଟ୍ଟପର୍ତ୍ତି ଆସି ନାହାନ୍ତି । ବାବା ସେମାନଙ୍କୁ ବାଧ୍ୟ ନ କରିବା ପାଇଁ ମୋତେ ବହୁବାର କହିଛନ୍ତି । କିନ୍ତୁ ମୁଁ ଯେବେ ଯେବେ ପୁଟ୍ଟପର୍ତ୍ତି ଯାଏ ବାବା ତାଙ୍କର ପ୍ରେମ ମୋ' ଉପରେ ଢାଳି ଦେଇ ମୋତେ ଆଶୀର୍ବାଦ କରିଥାନ୍ତି ।'

ଇତି ମଧ୍ୟରେ ରେଳଗାଡ଼ି ଆସି ପହଞ୍ଚିଲା । ସେଇ ଯୁବକ କଣ ସେ ଆଉ ଗୋଟିଏ ଡବାରେ ବସୁଛି କହି ଚାଲିଗଲା । ରାଜେଶ୍ୱରୀ ଓ ତାଙ୍କ ପରିବାରର ଅନ୍ୟମାନେ ସେଇ ଦିନ ସନ୍ଧ୍ୟାରେ କୋଚି ଫେରି ଆସିଲେ । ସେମାନେ ଗୋଟିଏ ଅଟୋ ରିକ୍ସାରେ ଘର ଯାଏ ପହଞ୍ଚି ଯିବେ ବୋଲି ସ୍ଥିର କଲେ । ସାଧାରଣରେ ତାଙ୍କର ଭିଣୋଇ ଯେଉଁଠାରେ ରହୁଥାନ୍ତି, ସେଠାକୁ ଯିବାପାଇଁ ସେହି ସମୟରେ ଭଡ଼ା ଅଟୋ ରିକ୍ସା ମିଳି ନଥାଏ କିନ୍ତୁ ଜଣେ ଅଟୋ ଚାଳକ ସେମାନଙ୍କୁ ନେଇ ଯିବାପାଇଁ ରାଜି ହେଲା । ରାଜେଶ୍ୱରୀ ଲକ୍ଷ୍ୟ କଲେ, ଉକ୍ତ ଅଟୋ ଚାଳକ ତା'ର ଗଳାରେ ସ୍ୱାମୀଙ୍କର ଏକ ଲକେଟ୍ ପିନ୍ଧିଥାଏ ।

୧୯୯୦ ମସିହାରେ ମୋର ପୁଟ୍ଟପର୍ତ୍ତି ରହଣି ମଧ୍ୟରେ ମୁଁ ଶ୍ରୀଲଙ୍କାର କେତେକ ମହିଳାଙ୍କ ସହ କଥାବାର୍ତ୍ତା ହେବାର ସୁଯୋଗ ପାଇଥିଲି । ସେମାନେ ତାମିଲ୍ ଭାଷାର କଥା କହୁଥାନ୍ତି । ସେମାନେ କହୁଥିଲେ, "ଗତଥର ଆମେ ପୁଟ୍ଟପର୍ତ୍ତି ଆସିଥିବା ସମୟରେ ସ୍ୱାମୀଙ୍କୁ ପ୍ରାର୍ଥନା କରିଥିଲୁ, 'ସ୍ୱାମୀ ଆମକୁ ଆମ ଦେଶକୁ ଫେରିବାକୁ ଭୟ ଲାଗୁଛି । ଯେକୌଣସି ସମୟରେ, ଯେକୌଣସି ଯାଗାରେ ଆମକୁ କେହି ହତ୍ୟା କରିପାରେ, ଆମର ଘରକୁ କେହି ଜାଳି ଦେଇପାରେ । ଆମେ ସେଠାରେ ପହଞ୍ଚିବୁ କେମିତି ?" ସ୍ୱାମୀ ସେଦିନ ଆମ ପ୍ରତ୍ୟେକଙ୍କ ପାଇଁ ଗୋଟିଏ ଗୋଟିଏ ଏକ ଇଞ୍ଚ ଲମ୍ବର ରୂପାର ଗଣେଶ ମୂର୍ତ୍ତି ସୃଷ୍ଟି କରିଥିଲେ । ଆମେ ଏକ ପ୍ରକାର ଚିନ୍ତିତ ହୋଇ କହିଲୁ, "ସ୍ୱାମୀ ଆମେ ଏହି ମୂର୍ତ୍ତିକୁ ହୁଏତ ପ୍ରତିଦିନ ପୂଜା କରିପାରିବୁ ନାହିଁ ।" ସ୍ୱାମୀ କହିଲେ, 'ତୁମକୁ ଏହି ମୂର୍ତ୍ତି ପୂଜା କରିବାକୁ ପଡ଼ିବ ନାହିଁ, ଖାଲି ତୁମ ହାତ ବ୍ୟାଗରେ ରଖିଥାଅ ।

ତାହା ତୁମକୁ ରକ୍ଷା କରିବ । ଆମେ ସ୍ୱାମୀଙ୍କ କଥା ମାନିଲୁ ଓ ତାପରଠୁ ପ୍ରାଣହାନୀ ଭଳି ଅନେକ ବିପଦରୁ ବହୁବାର ରକ୍ଷା ପାଇଲୁ ।" ଏହା କହି ସେମାନେ ସେହି ରୁପାର ମୂର୍ତ୍ତିଗୁଡ଼ିକୁ ମୋତେ ଦେଖାଇଥିଲେ ।

✍

୧୯୯୩ରେ ସ୍ୱାମୀ ହ୍ୱାଇଟଫିଲଡରେ ଥାନ୍ତି । ମୋ' ପୁଅ ଶଙ୍କର ଓ ତା ସ୍ତ୍ରୀ ବସନ୍ତା ସବୁ ଦିନ ଭୋର ସକାଳୁ ଥଣ୍ଡା ପବନ ଖାଇ ଦୁଇ ଚକିଆ ଗାଡ଼ିରେ ବାଙ୍ଗାଲୋରରୁ ହ୍ୱାଇଟ୍‌ଫିଲଡ ସ୍ୱାମୀଙ୍କ ଦର୍ଶନ ପାଇଁ ଯାଉଥାନ୍ତି ଓ ସନ୍ଧ୍ୟାରେ ଫେରୁଥାନ୍ତି । ଏମିତି ଦଶଦିନ ଯାଏଁ କୌଣସି ଅସୁବିଧା ନଥାଇ ସେମାନେ ସ୍ୱାମୀଙ୍କ ଦର୍ଶନ ପାଉଥିଲେ । ଶେଷଦିନ ସକାଳ ଦର୍ଶନ ପରେ ସେମାନେ ଶୁଣିଲେ ଯେ ଗ୍ରୀଷ୍ମ ଶିବିର ପାଇଁ କିଭଳି ପ୍ରସ୍ତୁତି ହୋଇଚି ତାହା ତଦାରଖ କରିବାପାଇଁ ସ୍ୱାମୀ କଲେଜ୍ ପରିସରକୁ ଯିବେ । ତାହା ଶୁଣି ସେମାନେ ଦର୍ଶନ ପାଇଁ ରାସ୍ତା ଧାରରେ ଛିଡ଼ା ହୋଇଥାନ୍ତି ।

ହଠାତ୍ ଶଙ୍କର ତା'ର ଦୁଇ କାନରେ ଅସହ୍ୟ ପୀଡ଼ା ଅନୁଭବ କଲା । ମିନିଟ୍ ମଧ୍ୟରେ ପୀଡ଼ା ଏତେ ତୀବ୍ର ହେଲା ଯେ ସେ ଆଉ ତାହା ସହ୍ୟ କରି ପାରୁ ନଥାଏ । ସଙ୍ଗେ ସଙ୍ଗେ ତା ମନକୁ ଛୁଇଁଲା ଯେ ଦୁଇ କାନରେ ତୁଳା ଦେଇଦେଲେ ଆଉ କାନକୁ ଥଣ୍ଡା ବାଜିବନି । ପାଖରେ ଥିବା ଦୋକାନଗୁଡ଼ିକରେ କାଳେ ତୁଳା ମିଳିବ ବୋଲି ସେମାନେ ଖୋଜିଲେ, କିନ୍ତୁ କେଉଁଠେ ପାଇଲେ ନାହିଁ । ସେହି ସମୟରେ ସେଠାକୁ ଜଣେ ବୁଢ଼ୀ ଆସି ତେଲୁଗୁରେ ପଚାରିଲା, "ସ୍ୱାମୀ କ'ଣ ଏଇ ବାଟ ଦେଇ ଗଲେ ?" ଶଙ୍କର ତେଲୁଗୁରେ ଉତ୍ତର ଦେଲା, "ନା, ଆମେ ମଧ୍ୟ ସ୍ୱାମୀଙ୍କ ପାଇଁ ଅପେକ୍ଷା କରିଛୁ" ତା' ପରେ ବୁଢ଼ୀଟି କହିଲା, ତା' ଘର ଖଡ଼ଗପୁରରେ ଓ ସେ ସବୁବେଳେ ପୁଟ୍ଟପର୍ତ୍ତିରେ ରହେ । ଏତକି କହି ସେ ତା' ମୁଣାରୁ କିଛି ତୁଳା ବାହାର କରି ମୋ ବୋହୂକୁ ଦେଲା ଏବଂ କହିଲା, "ନୋ ମା, ୟାଙ୍କୁ ଦେ ।" ଏଥିରେ ସଳିତା କରି ଠାକୁରଙ୍କୁ ଦୀପ ଦେ । ତୁଳା କିନ୍ତୁ ତଳେ ପକେଇବୁ ନାହିଁ । ମୁଁ ଏବେ କ୍ୟାଣ୍ଟିନ୍‌କୁ ଯାଉଛି ।"

ବସନ୍ତା ତୁଳାକୁ ତା' ବ୍ୟାଗରେ ରଖି ମୁହଁ ଫେରେଇ ସେଇ ବୁଢ଼ୀକୁ ଧନ୍ୟବାଦ ଦେବା ପାଇଁ ଚାହିଁଲା କିନ୍ତୁ ଆଉ ସେ ବୁଢ଼ୀ ଦିଶୁନଥାଏ । ତା' ପରେ ସେ ବୁଝିପାରିଲା ଯେ ଖଡଗପୁରର ଜଣେ ସ୍ତ୍ରୀ ଏମିତି ଶୁଦ୍ଧ ତେଲୁଗୁ ଏତେ ପରିଷ୍କାର ଭାବେ କେବେ କହି ପାରିବ ନାହିଁ । ଶଙ୍କର ଏବେ ବି ମନେ ପକେଇ କହେ ଯେ ସେଇ ବୁଢ଼ୀର ମୁହଁ ଅବିକଳ ମା ଈଶ୍ୱରମ୍ମାଙ୍କ ମୁହଁ ଭଳି ଥିଲା । ଶଙ୍କର ମାତା ଈଶ୍ୱରମ୍ମାଙ୍କୁ ପିଲାଦିନୁ ପୁଟ୍ଟପର୍ତ୍ତିରେ ଦେଖି ଆସୁଥାଏ ।

✍

ମୁରଲୀଧରନ୍‌ଙ୍କର ଆଉ ଏକ ଅନୁଭୂତି ତାଙ୍କରି ଭାଷାରେ କହିବି :

ସେପ୍ଟେମ୍ବର ୧୯୯୯ରେ ମୋର ୮୨ ବର୍ଷର ବାପା ଶ୍ରୀ ଭି. ରଙ୍ଗନାଥନ ଏମିତି ବେମାର ପଡ଼ିଲେ ଯେ ପାଣି ମଧ୍ୟ ପି'ପାରୁ ନଥାନ୍ତି । ବାଙ୍ଗାଲୋର୍‌ର ଏକ ବଡ଼ ଡାକ୍ତରଖାନାରେ ବହୁତ କିଛି ପରୀକ୍ଷା କରିବା ପରେ ଡାକ୍ତରମାନେ କହିଲେ ଯେ ସେମାନେ ବାପାଙ୍କ ଗଳାରେ କର୍କଟ ରୋଗ ହୋଇଥିବା ସନ୍ଦେହ କରୁଛନ୍ତି ଓ ସଙ୍ଗେ ସଙ୍ଗେ ତା'ର ଅସ୍ତ୍ରୋପଚାର କରିବାକୁ ହେବ । ବାପାଙ୍କ ଦେହ ଆହୁରି ଖରାପ ଆଡ଼କୁ ଗତି କଲା, ଯେତେବେଳେ ୟା ସାଙ୍ଗକୁ ତାଙ୍କର ଏକ ଗୁରୁତର ପ୍ରସାବ ବେମାରୀ ବାହାରିଲା । ଡାକ୍ତରମାନେ ତାହାକୁ ବର୍ଦ୍ଧିତ Prostate ବେମାରୀ କହିଲେ ଅଶିତୀ ବର୍ଷ ମଣିଷର ଦେହରେ ଦୁଇ ଦୁଇଟି ଗୁରୁତର ବ୍ୟାଧିକୁ ସମ୍ଭାଳିବା କାଠିକର ପାଠ ଥିଲା । ବାପା ଏ କଥା ଜାଣି ପାରି ଆରମ୍ଭରେ କୌଣସି ପ୍ରକାର ଅସ୍ତ୍ରୋପଚାରକୁ ରାଜି ହେଉ ନ'ଥାନ୍ତି । ସେ କେବଳ ସ୍ୱାମୀଙ୍କ ତୀର୍ଥକୁ ଔଷଧ ଭଳି ଖାଇବେ ବୋଲି କହୁଥାନ୍ତି, କିନ୍ତୁ ଅନ୍ୟାନ୍ୟ ପ୍ରାରମ୍ଭିକ ପରୀକ୍ଷାକୁ ମନା କରୁ ନ'ଥାନ୍ତି ।

ଏଭଳି ଏକ ମାନସିକ ସ୍ଥିତିରେ ମୁଁ ସେପ୍ଟେମ୍ବର ପଚିଶ ତାରିଖ ଦିନ ପୁଟ୍ଟପର୍ତ୍ତିରେ ପହଞ୍ଚିଲି । ମୁଁ ସେଠାରେ ବସି ନିବିଷ୍ଟ ଚିତ୍ତରେ ସ୍ୱାମୀଙ୍କୁ ପ୍ରାର୍ଥନା କରୁଥାଏ- ମୋତେ କିଛି ରାହା ଦେଖାଇବାପାଇଁ । ଛବିଶ ତାରିଖ ଦିନ ସକାଳେ ସ୍ୱାମୀ ମୋ ନିକଟକୁ ଆସିଲେ ଓ ମୁଁ ସେଇ ସୁଯୋଗ ନେଇ ମୋ ପିତାଙ୍କର ଆଶୁ ଆରୋଗ୍ୟ ପାଇଁ ତାଙ୍କୁ ପ୍ରାର୍ଥନା କଲି । ସ୍ୱାମୀ ତିନିଥର 'ହଁ ହଁ ହଁ' କହିଲେ ଓ ମୋତେ ପାଦନମସ୍କାରର ଅନୁମତି ଦେଲେ । ମୁଁ ପୁଟ୍ଟପର୍ତ୍ତିରୁ ଫେରିଲି ।

ପରଦିନ, ଉଭୟ କର୍କଟ ରୋଗ ବିଶେଷଜ୍ଞ ଓ ମୂତ୍ରରୋଗ ବିଶେଷଜ୍ଞ ବାପାଙ୍କ ପାଖକୁ ଆସିଲେ । ସେମାନଙ୍କ ମୁଖରେ ମୁଁ ଏକ ବିସ୍ମୟ ଭାବ ଲକ୍ଷ୍ୟ କରୁଥାଏ । ସେମାନେ କହିଲେ, ପରୀକ୍ଷାରୁ ଜଣା ପଡ଼ିଛି ଯେ ବାପାଙ୍କର କର୍କଟ ରୋଗ ନାହିଁ ଓ ପ୍ରୋଷ୍ଟେଟର ସମସ୍ୟାକୁ ଆଧୁନିକ ଅସ୍ତ୍ରୋପଚାର ଦ୍ୱାରା ଦୂର କରିହେବ । ମୋ ବାପା ସୁନ୍ଦର ଭାବେ ଅସ୍ତ୍ରୋପଚାରର କଷ୍ଟକୁ ସହ୍ୟ କଲେ ଓ ଅତି ଶୀଘ୍ର ସ୍ୱାସ୍ଥ୍ୟ ଫେରିପାଇଲେ ।

ଆମେ ସମସ୍ତେ ଖୁସି ହେଲୁ । ମୋ ବାପା ସେତିକିବେଳେ ମୋତେ କହିଲେ ଯେ ପଚିଶ ତାରିଖ ଦିନ ସକାଳେ ତାଙ୍କର ସାରା ଶରୀର ପ୍ରବଳ ଥଣ୍ଡାରେ କମ୍ପିବାକୁ ଲାଗିଲା ଓ କେହି ଜଣେ ତାଙ୍କ ଛାତିକୁ ଜୋରରେ ଦାବୁଥିବା ସେ ଅନୁଭବ କଲେ । ସେ କାହାକୁ ଦେଖିପାରୁ ନଥାନ୍ତି, କିନ୍ତୁ ସ୍ପଷ୍ଟଭାବେ ସ୍ୱାମୀଙ୍କ କଣ୍ଠସ୍ୱର ଶୁଣୁଥାନ୍ତି । ସ୍ୱାମୀ ତାଙ୍କୁ କହୁଥାନ୍ତି, "ନେ ନେ" ଅର୍ଥାତ୍ "ମୁଁ... ମୁଁ" ।

ତ୍ରୟୋବିଂଶ ଅଧ୍ୟାୟ

ପ୍ରେମର ସହ-ରୁଷ୍ ଦେଶରୁ

Come you next (ପରେ ତୁମେ ଆସିବ), Not Communist (କମ୍ୟୁନିଷ୍ଟ ନୁହଁ) ।

– ଶ୍ରୀ ସତ୍ୟସାଇ ବାବା

ସେପ୍ଟେମ୍ବର ୧୯୭୯ରେ ମୋ ପୁଅ ଶଙ୍କର ଏକ UNIDO Fellowship ଲାଭ କରି ଉକ୍ତ ସଂସ୍ଥାର ପ୍ରତିନିଧି ରୂପେ ରଷ୍ (ପୂର୍ବତନ ସୋଭିଏତ୍ ୟୁନିୟନ)କୁ ଯାଇଥିଲା । ସେ ଦକ୍ଷିଣ ରଷିଆର କ୍ରାସ୍‌ନାଦୋର ସହରର କାକଜ୍ ହୋଟେଲ୍‌ରେ ରହୁଥାଏ । ସେଠାରେ ତାର ଏଫାନ୍‌ସିଭ ଭ୍ଲାଡିମିର ନାମକ ଜଣେ ଗାୟକ ତଥା ଗିଟାରବାଦକ ସହ ସାକ୍ଷାତ୍ ହେଲା । ଶଙ୍କର ଜାଣି ପାରିଲା ଯେ ଏହି ବ୍ୟକ୍ତି ଜଣକ ଆଧ୍ୟାତ୍ମିକ ଶାସ୍ତ୍ରଗୁଡ଼ିକ ସମ୍ବନ୍ଧରେ ଖୁବ୍ ଆଗ୍ରହୀ । ସେ ଯୋଗାଭ୍ୟାସ କରନ୍ତି ଓ ଇଂରାଜୀ ଭାଷା ଜାଣନ୍ତି । ନିଜର କେହି ବନ୍ଧୁ ବା ଆତ୍ମୀୟ ନ'ଥିବା ଦେଶରେ ଶଙ୍କର ଏହି ଭଳି ଜଣେ ବନ୍ଧୁଙ୍କୁ ଚାହିଁଥିଲା । ତାଙ୍କ ସହ ବନ୍ଧୁତା ଯୋଗୁଁ ଶଙ୍କର ବେଶ୍ ଖୁସି ଥାଏ ଓ ଏଭଳି ଭାବେ ସ୍ୱାମୀଙ୍କ କୃପା ଲାଭ କରିଥିବାରୁ ସ୍ୱାମୀଙ୍କୁ ଧନ୍ୟବାଦ ଦେଉଥାଏ ।

ଭ୍ଲାଡିମିର ଶଙ୍କରକୁ କହିଲେ ଯେ ପରମହଂସ ଯୋଗାନନ୍ଦଙ୍କ ରଚିତ 'ଯୋଗୀର ଆତ୍ମଚରିତ' ଭଳି ଅନେକ ଆଧ୍ୟାତ୍ମିକ ପୁସ୍ତକ ସେ ପଢ଼ିଛନ୍ତି । ଶଙ୍କରକୁ ସେ ତାଙ୍କର ଅନେକ ଅନୁଭୂତି କହୁଥାନ୍ତି ଓ ତା' ସଙ୍ଗେ ଅନେକ କଥା ଆଲୋଚନା କରୁଥାନ୍ତି । ଶଙ୍କର ତାଙ୍କୁ ଓ ତାଙ୍କ ସ୍ତ୍ରୀ ନେଲିଙ୍କୁ ସ୍ୱାମୀଙ୍କ ସମ୍ବନ୍ଧରେ କହିବା ଆରମ୍ଭ କଲା । ପ୍ରତିଦିନ ତା' ଠାରୁ ସ୍ୱାମୀଙ୍କ କଥା ଶୁଣି ସେମାନଙ୍କ ମନରେ ସ୍ୱାମୀଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ଜନ୍ମିଲା । ଶଙ୍କର ଭକ୍ତିଯୋଗ ସମ୍ବନ୍ଧରେ ଯେତିକି ଜାଣିଥାଏ, ତାହା ସେମାନଙ୍କୁ ବୁଝାଇଲା । ଶେଷରେ ଏମିତି ହେଲା ଯେ ଭ୍ଲାଡିମିର ଶଙ୍କର ସଙ୍ଗେ ନ ମିଶି ଦିନେ ମଧ୍ୟ ରହି ପାରିଲେ ନାହିଁ । ସ୍ୱାମୀଙ୍କ ଦର୍ଶନ ପାଇ ପାରୁ ନାହାନ୍ତି ବୋଲି ଭ୍ଲାଡିମିର ଓ ତାଙ୍କ ସ୍ତ୍ରୀ ଦୁଃଖରେ କାନ୍ଦୁଥାନ୍ତି । ସେମାନଙ୍କୁ ଦେଖି ଶଙ୍କରର ମନ ଦୁଃଖ ହୁଏ ଓ ସେ ସେମାନଙ୍କୁ ବୁଝାଏ ଯେ ସ୍ୱାମୀ ସବୁକଥା ଜାଣିଛନ୍ତି ଏବଂ ଦିନେ ସେ ସେମାନଙ୍କୁ ଭାରତକୁ ଟାଣି ଆଣିବେ । ଇତି ମଧ୍ୟରେ ଶଙ୍କରର ଭାରତକୁ ଫେରିବାର ଦିନ ଆସିଗଲା । ଭ୍ଲାଡିମିର୍ ଓ ନେଲି ଶଙ୍କର ସେମାନଙ୍କୁ ଛାଡ଼ି ଚାଲି ଯାଉଥିବାରୁ ମନର କୋହକୁ ରୋକି ପାରୁନଥାନ୍ତି । ସେମାନେ ତାକୁ ସାଶ୍ରୁ ନୟରେ ବିଦାୟ ଦେଲେ । ଶଙ୍କର ସେମାନ୍‌ଙ୍କୁ ସ୍ୱାମୀଙ୍କ ଛବି ଦେଇଥାଏ । ସେମାନେ ପ୍ରତିଦିନ ସ୍ୱାମୀଙ୍କ ପୂଜା କରୁଥାନ୍ତି ଓ ତାଙ୍କର

ନାମ ଜପ କରୁଥାନ୍ତି । ମନର ଏଭଳି ବଳବତି ଆଗ୍ରହ ସତ୍ତ୍ୱେ ସେମାନେ ଦଶ ବର୍ଷ ପରେ ସ୍ୱାମୀଙ୍କ ଦର୍ଶନ ଲାଭ କଲେ ।

ସ୍ୱାମୀ ସେମାନଙ୍କ ପ୍ରାର୍ଥନା ଶୁଣିଲେ । ଶଙ୍କରର ନିମନ୍ତ୍ରଣରେ ଭାରତ ଯିବାକୁ ଗୋର୍ଭାଚୋଭ ସରକାର ଭ୍ଲାଡ଼ିମିର୍‌ଙ୍କୁ ଅନୁମତି ଦେଲେ । ସେ ଭାରତ ଯାତ୍ରାରେ ଆସି ସେଠାରେ ତିନିମାସ ରହିବାପାଇଁ ଅନୁମତି ପାଇଥାନ୍ତି । ସେ ଭାରତ ଆସିଲେ, ଶଙ୍କର ତାଙ୍କୁ ବାଙ୍ଗାଲୋରରେ ଭେଟି ପୁଟ୍ଟପର୍ତ୍ତି ନେଇ ଆସିଲା ଏବଂ ସେଠାରେ ସନାତନ ସାରଥିର ସମ୍ପାଦକ ଶ୍ରୀ ଭି.କେ. ନରସିଂହଙ୍କୁ ଭ୍ଲାଡିମିର୍ ସମ୍ବନ୍ଧରେ ସ୍ୱାମୀଙ୍କୁ ଥରେ ଜଣାଇବା ପାଇଁ ଅନୁରୋଧ କଲା । ସ୍ୱାମୀଙ୍କୁ ଏକଥା କହିବାରୁ ସେ କହିଲେ, 'ସେ ରୁଷ ଛାଡ଼ି ଆସିଥିବା କଥା ମୁଁ ଜାଣେ । ତୁମେ ତାହା ମୋତେ କହିବା ଦରକାର ନାହିଁ ।' ପରଦିନ ସ୍ୱାମୀ ଭ୍ଲାଡିମିର୍‌ଙ୍କୁ ଇଣ୍ଟରଭ୍ୟୁକୁ ଡାକିଲେ । ଭ୍ଲାଡିମିରଙ୍କର ଆନନ୍ଦର ସୀମା ନଥାଏ । ପୁଟ୍ଟପର୍ତ୍ତିକୁ ଆସିଥିବା ପ୍ରଥମ ଋଷ ନାଗରିକ ହେଉଛନ୍ତି ସେ । ପୁଟ୍ଟପର୍ତ୍ତିରେ ଭ୍ଲାଡିମିର୍‌ଙ୍କ ଅନ୍ୟାନ୍ୟ ଦେଶରୁ ଆସିଥିବା ଭକ୍ତମାନଙ୍କ ସହ ପରିଚୟ ହୋଇଗଲା । ଶଙ୍କର ତାଙ୍କ ପାଇଁ ଅନେକ ଆଧ୍ୟାତ୍ମିକ ପୁସ୍ତକ କିଣି ଆଣିଲା ଓ ତାଙ୍କୁ ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନକୁ ନେଇ ବୁଲେଇ ଆଣିଲା ।

ଭ୍ଲାଡିମିର ଭଜନ ଗାଇବା ଶିଖୁଥାନ୍ତି ଓ ଖୁବ୍ ସୁନ୍ଦର ଭାବେ ଭଜନ ଗାଉଥାନ୍ତି । ସେ ଯେତିକି ଦିନ ଭାରତରେ ରହିଲେ, ମନ ଆନନ୍ଦରେ ବିତାଇଲେ ଓ ପରେ ଋଷ୍‌କୁ ଫେରିଗଲେ । ସେଠାରେ ସେ ତାଙ୍କର ମିତ୍ରମାନଙ୍କୁ ନେଇ ସ୍ୱାମୀଙ୍କ ସମ୍ବନ୍ଧରେ ସତ୍‌ସଙ୍ଗ କଲେ, ଭଜନ ଆୟୋଜନ କଲେ ଓ ପାଠଚକ୍ର ଆରମ୍ଭ କଲେ । ସେ ପୁଣି ଥରେ ଜାନୁଆରୀ ୧୯୯୨ରେ ଭାରତ ଆସିଲେ । ସେ ଭାରତରେ କୌଣସି ଆଶ୍ରମରୁ ଉପଦେଶ ଲାଭ କରି ଈଶ୍ୱର ପ୍ରାପ୍ତି ନିମନ୍ତେ ସାଧନା କରିବାକୁ ମନ ବଳେଇଥାନ୍ତି । ସେ ଜାଣିଥାନ୍ତି ଯେ ସ୍ୱାମୀ କାହାକୁ ଉପଦେଶ ଦିଅନ୍ତି ନାହିଁ । ତେଣୁ ସେ ଭାରତର ଅନ୍ୟ କେତେକ ଆଶ୍ରମକୁ ଗଲେ କିନ୍ତୁ ସବୁଯାଗାରେ ହତାଶ ହେଲେ । ସେ ପୁଟ୍ଟପର୍ତ୍ତିରେ କିଛି ଦିନ ବିତାଇ ବାଙ୍ଗାଲୋର ଆସିଲେ ଓ ସେଠାରେ ଆହୁରି ଅନେକ ବହି କିଣିଲେ । ବହି କିଣିବାରେ ତାଙ୍କର ଏତେ ପଇସା ଖର୍ଚ୍ଚ ହୋଇଗଲା ଯେ ଋଷ୍ ଫେରିବାପାଇଁ ତାଙ୍କ ପାଖରେ ଆଉ ଯଥେଷ୍ଟ ପଇସା ନଥାଏ । ଏତେ ଗୁଡ଼ିଏ ବହି ନେଇ ବିମାନରେ ଯିବା ମଧ୍ୟ ସମ୍ଭବ ନଥିଲା । ତେଣୁ ସେ ଭାରତରେ ଅନେକ ବହି ଛାଡ଼ି ଚାଲିଗଲେ ।

ଋଷ୍ ଦେଶରେ ବିଶ୍ୱୋନ୍ମୁଖୀ ଅର୍ଥନୀତି ଓ ଉଦାରୀକରଣ ନୀତି ଆରମ୍ଭ ହେଲା । ସେଠାକାର ସମ୍ପୂର୍ଣ୍ଣ ସମାଜ ବ୍ୟବସ୍ଥା ଓଲଟ ପାଲଟ ହୋଇଗଲା । କର୍ମନିଯୁକ୍ତି ଓ ନିରାପତ୍ତା ତ ଦୂରକଥା, ଏଭଳି କି ଖାଦ୍ୟଦ୍ରବ୍ୟ ମିଳିବା ମଧ୍ୟ କଷ୍ଟକର ହୋଇଗଲା । ଆରମ୍ଭର ସେଇ କେତେ ଦିନ ଖୁବ୍ ଭୟାବହ ଥିଲା । ଭ୍ଲାଡିମିର ତାଙ୍କର ପରିବାର ଓ ବିଶେଷକରି ପିଲାମାନଙ୍କର ଭବିଷ୍ୟତକୁ ନେଇ ଖୁବ୍ ବ୍ୟସ୍ତ ଥାନ୍ତି । ସେ ସେଠାରେ

ତାଙ୍କର ସମସ୍ତ ସମ୍ପତ୍ତି ବିକ୍ରୀ କରି ମେ ୧୯୯୪ରେ ଭାରତର ମହୀଶୂରକୁ ସ୍ତ୍ରୀ ନେଲି ଓ ଦୁଇଟି ପିଲା ଷ୍ଟେଲା ଓ ଭ୍ଲାଡିକଙ୍କୁ ନେଇ ଚାଲି ଆସିଲେ । ସେହି ସମୟରେ ସ୍ୱାମୀ ସେମାନଙ୍କୁ ବହୁବାର ଇଣ୍ଟରଭ୍ୟୁ ଦେଲେ ।

ସ୍ୱାମୀ ଭ୍ଲାଡିମିର୍‌ଙ୍କ ପୁତ୍ର ଭ୍ଲାଡିକ୍‌କୁ ଗାୟତ୍ରୀମନ୍ତ୍ର ଦୀକ୍ଷା ଦେଲେ । ଭ୍ଲାଡିମିର୍‌ଙ୍କ ସ୍ତ୍ରୀ ନେଲିଙ୍କ ଶାନ୍ତ ସ୍ୱଭାବକୁ ସେ ପ୍ରଶଂସା କରୁଥାନ୍ତି । ସ୍ୱାମୀ ଭ୍ଲାଡିମିର୍‌ଙ୍କ କନ୍ୟା ଷ୍ଟେଲାକୁ ସେ ଗୋଟିଏ ଭଲ ବର ପାଉ ବୋଲି ଆଶୀର୍ବାଦ କଲେ । ଭ୍ଲାଡିମିର୍, ତାଙ୍କ ସ୍ତ୍ରୀ ଓ ପିଲାମାନେ ଆଶ୍ରମର କ୍ୟାଣ୍ଟିନ୍‌ରେ ସକ୍ରିୟଭାବେ ସେବା କରୁଥାନ୍ତି । ସାତମାସ ପରେ ସେମାନେ ଋଷ ଫେରିଗଲେ । ସେଠାରୁ ସେ ଚିଠି ଲେଖିଥାନ୍ତି ଯେ ସେ ଓ ତାଙ୍କ ସ୍ତ୍ରୀ ଚାକିରୀ ପାଇ ଯାଇଛନ୍ତି ଓ ପିଲାମାନେ ସ୍କୁଲକୁ ଯାଉଛନ୍ତି । ସେମାନେ ଗୋଟିଏ ଘର କିଣିଛନ୍ତି ଓ କିଛି ଦିନ କଷ୍ଟରେ ବିତିଲେ ମଧ୍ୟ ସ୍ୱାମୀଙ୍କ କୃପାରୁ ବର୍ତ୍ତମାନ ଭଲରେ ଅଛନ୍ତି । ସେମାନଙ୍କ ଖବର ପାଇ ଆମେ ମଧ୍ୟ ଖୁସି ହେଲୁ ।

ଅପ୍ରିଲ ୨୦୦୦ରେ ଭ୍ଲାଡିମିର ସ୍ୱାମୀଙ୍କ ସମ୍ବନ୍ଧରେ "ଏକ ଋଷ ତୀର୍ଥଯାତ୍ରୀଙ୍କର ଟିପ୍‌ପଣୀ- ପ୍ରଥମ ଭାଗ" ଶୀର୍ଷକ ଏକ ପୁସ୍ତକ ରଚନା କରିଥାନ୍ତି, ଯାହା ଋଷ୍‌ର ସାଇ ପ୍ରକାଶନ, ଦ୍ୱାରା ପ୍ରକାଶିତ ହୋଇଥିଲା । ସେ ବର୍ତ୍ତମାନ ସେହି ବହିକୁ ଇଂରାଜୀ ଭାଷାରେ ଅନୁବାଦ କରୁଛନ୍ତି । ଏହି ପୁସ୍ତକର କିଛି ଅଂଶ ତାଙ୍କର ସେହି ବହି ମଧ୍ୟରେ ସ୍ଥାନ ପାଇଛି । ସେ ଭକ୍ତି ଓ ଶ୍ରଦ୍ଧାର ସହ କ୍ରାସ୍ନାଦୋରର ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ଦାୟିତ୍ୱ ତୁଲଉଛନ୍ତି ।

ସ୍ୱାମୀ ତାଙ୍କୁ ଦେଇଥିବା ଏକ ଇଣ୍ଟରଭ୍ୟୁରେ ଦୁଇଥର ତାଙ୍କର ଦୁଇହାତ ଦେଖାଇ କହିଲେ, 'ଏଇ ଦୁଇ ହାତରୁ ନ' ମିଳିବ, ଏମିତି କିଛି ନାହିଁ । ତେଣୁ ଅନ୍ୟ କେଉଁଠିକି ଯାଅ ନାହିଁ । ମୋର ଦୁଇ ହାତରେ ସବୁ କିଛି ଅଛି । ଯାହା ମାଗିବ, ତାହା ପାଇବ ।'

ଚତୁର୍ବିଂଶ ଅଧ୍ୟାୟ

ଆପଦ୍‌ବାନ୍ଧବ

ଆଖିପତା ଆଖିକୁ ରକ୍ଷା କରିବା ଭଳି ମୁଁ ତୁମକୁ ରକ୍ଷା କରିବି ।

– ଶ୍ରୀ ସତ୍ୟସାଇ ବାବା

ଆମେ ବିପତ୍ତି ମାନେ ଯାହା ବୁଝିଥାଉ ତାହା ଏକ ଆକସ୍ମିକ ତଥା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଯାହା ଅପ୍ରତ୍ୟାଶିତ ଭାବେ ଆମ ଜୀବନକୁ ମାଡ଼ି ଆସିଥାଏ କିମ୍ୱା ଯାହା ଆଡ଼କୁ ଆମେ ଅପରିଣାମଦର୍ଶିତାର ଶିକାର ହୋଇ ଅସାବଧାନ ଭାବେ ମାଡ଼ି ଯାଇଥାଉ । ଭକ୍ତରକ୍ଷଣ ଅବତାରଙ୍କର ଏକ ଉଦ୍‌ଘୋଷିତ ଧର୍ମ । ସ୍ୱାମୀ ସେମାନଙ୍କର ଭକ୍ତମାନଙ୍କୁ ବହୁ ଅଜ୍ଞାତପୂର୍ବ ବିପଦ ଓ ବିପର୍ଯ୍ୟୟରୁ ଉଦ୍ଧାର କରିବାର ଅନେକ ଦୃଷ୍ଟାନ୍ତ ରହିଛି । ସ୍ୱାମୀ ବହୁବାର ତାଙ୍କର ଭକ୍ତମାନଙ୍କର ଗୁରୁତର ବ୍ୟାଧିକୁ ନିଜ ଉପରକୁ ନେଇ ଭକ୍ତମାନଙ୍କୁ ନୂତନ ଜୀବନ ଦାନ କରିବାର ଘଟଣା ମଧ୍ୟ ଅଛି । ଆଉ ମଧ୍ୟ, ସ୍ୱାମୀ ସାଧକମାନଙ୍କୁ ସମୟୋଚିତ ଉପଦେଶ ଦେଇ ଏବଂ ସାଧାନା ପଥରେ କେଉଁଠେ କେଉଁଠେ ବିପଦ ରହିଛି ତାହା ଦର୍ଶାଇ ସେମାନଙ୍କୁ ଆଧ୍ୟାତ୍ମିକ ସ୍ଖଳନରୁ ରକ୍ଷା କରନ୍ତି । ସେ ଆମ ଆପଦବାନ୍ଧବ । ସେ ମଧ୍ୟ ଆମର ନିତ୍ୟସହଚର । ନିର୍ଝରର ଜଳ ସମ ତାଙ୍କର ପ୍ରେମ ସମସ୍ତଙ୍କ ପ୍ରତି ପ୍ରବାହିତ ହୁଏ କିନ୍ତୁ ସେ ଜଣେ କଠୋର କର୍ମ ନିର୍ଦ୍ଦେଶକ ମଧ୍ୟ । ସେ ତାଙ୍କର ଭକ୍ତମାନଙ୍କର ବିଶ୍ୱାସ କେତେ ଅତୁଟ ତାହା ଜାଣିବା ପାଇଁ ସେମାନଙ୍କୁ କଠିନ ପରୀକ୍ଷାରେ ମଧ୍ୟ ପକେଇଥାନ୍ତି । ସ୍ୱାମୀ ତାହାକୁ ଉତ୍ତୀର୍ଣ୍ଣକାରୀ ପରୀକ୍ଷା ବୋଲି କହିଥାନ୍ତି । ଏହି ସବୁ ପରୀକ୍ଷାରେ କୃତକାର୍ଯ୍ୟ ହେଲେ ହେଁ ସେ ଭକ୍ତକୁ ପରବର୍ତ୍ତୀ ସୋପାନକୁ ଉତ୍ତୀର୍ଣ୍ଣ କରାଇଥାନ୍ତି । ଏହି ଭଳି କେତେକ ଘଟଣା ଯେଉଁଠାରେ ଭଗବାନ ଆମର ତ୍ରାଣକର୍ତ୍ତା ହୋଇଛନ୍ତି; ଆମକୁ ପରୀକ୍ଷା କରିଛନ୍ତି ଓ ବିପଦରୁ ରକ୍ଷା କରିଛନ୍ତି ତାହା ନିମ୍ନରେ ଦିଆଗଲା ।

(ନିମ୍ନରେ ଦିଆଯାଇଥିବା ଘଟଣାମାନ ୧୯୫୧ ରୁ ୬୦ ମଧ୍ୟରେ ଘଟିଥିଲା)

ମୋର ବଡ଼ ପୁଅ ମୁରଲୀକୁ ତା'ର ପିଲାଦିନେ ଥରେ ବସନ୍ତ ହୋଇଥାଏ । ଏହା ଯେ କିଭଳି ଏକ ସାଙ୍ଘାତିକ ରୋଗ ସେ ସମ୍ୱନ୍ଧରେ ଆମର ଧାରଣା ନ'ଥାଏ । ମୁରଲୀର ଦେହ ସାରା ଫୋଟକା ହୋଇଯାଇଥାଏ । ଦେହରେ ବେଶୀ ଜ୍ୱର ଥାଏ ଏବଂ ଅନବରତ ବାନ୍ତି ହେଉଥାଏ । ଦୁଇଦିନ ପରେ ଫୋଟାକା ଆହୁରି ବେଶୀ ହେଲା । ମାଛି ଓ ପିମ୍ପୁଡ଼ି

ତାର ଶେଯ ଚାରିପାଖେ ଜମା ହେବାକୁ ଲାଗିଲେ । ଏକଥା ଜଣାଇବା ପାଇଁ ମୁଁ ସ୍ୱାମୀଙ୍କୁ ଏକ ଚିଠି ଲେଖିଥାଏ । ଇତି ମଧ୍ୟରେ ମୋର ଆଉ ଦୁଇ ପୁଅ, ରଘୁ ଓ ଶଙ୍କର ମଧ୍ୟ ବସନ୍ତରେ ପଡ଼ିଲେ । ମୋ ମା ସ୍ୱାମୀଙ୍କ ହାତକୁ ଚିଠିଟି ଦେଇ ଘରେ ମୋତେ ସାହାଯ୍ୟ କରିବାପାଇଁ ସେ ମହୀଶୂର ଫେରି ଯିବାକୁ ଚାହୁଁଛନ୍ତି ବୋଲି ତାଙ୍କୁ କହିଲେ । ସ୍ୱାମୀ ତାଙ୍କୁ ପଚାରିଲେ, 'ତୁମେ ମହୀଶୂର ଯାଇ ତୁମ ଝିଅକୁ କି ସାହାଯ୍ୟ କରିବ ?' ମା ଉତ୍ତର ଦେଲେ 'ଆଉ କିଛି ନ ହେଉ, ଅନ୍ତତଃ ରନ୍ଧାରନ୍ଧି କରି ତା କାମକୁ ଟିକିଏ ହାଲୁକା କରି ପାରନ୍ତି ।' ସ୍ୱାମୀ ପଚାରିଲେ, 'ଆଉ କଣ କରିପାରିବ ?' ମୋ ମା କହିଲେ, 'ଆଉ କିଛି କରି ପାରିବିନି, ସେମାନଙ୍କୁ ରକ୍ଷା କରିବାପାଇଁ କେବଳ ତୁମକୁ ପ୍ରାର୍ଥନା କରି ପାରିବି ।' ସ୍ୱାମୀ କହିଲେ, "ତାହା ତ ତୁମେ ଏଇଠେ ଥାଇ କରିପାରିବ ।' ତୁମେ ଯିବା ଦରକାର ନାହିଁ । ମୁଁ ସେମାନଙ୍କୁ ରକ୍ଷା କରିବି । ତାହାପରେ କିନ୍ତୁ ପିଲାଙ୍କ ଦେହରେ ଆଉ ଫୋଟକା ନ ବଢ଼ି ଶୁଖିବା ଆରମ୍ଭ ହେଲା । ଏକ ସମୟରେ ଏଭଳି ସଂକ୍ରାମକ ରୋଗରେ ପଡ଼ିଥିବା ଆମର ତିନି ପୁଅଙ୍କୁ ସ୍ୱାମୀ ଏମିତି ଉଦ୍ଧାର କଲେ ।

ସୁରେଶର ଦେହରେ ଛୋଟ ଛୋଟ ଫୋଟକା ଦିଶିଲା । ପୂର୍ବରୁ ସତୀଶ୍‌ର ଦେହରେ ଉଠିଥିବା ଫୋଟକା ଭଳି ତାହା ଦିଶୁଥାଏ । ମୁଁ ସ୍ୱାମୀଙ୍କୁ ଫୋଟକାଗୁଡ଼ିକୁ ଦେଖାଇଲି । ମୁଁ ତାଙ୍କୁ କହିଲି ଯେ ଯାକୁ ମଧ୍ୟ ଯଦି ସେଇ ରୋଗ ହୋଇଥିବ ତା'ର ଯତ୍ନ ନେବାପାଇଁ ମୋ ଦେହରେ ଆଉ ଶକ୍ତି ନାହିଁ । ସ୍ୱାମୀ ଛୁଆଟିକୁ ଛୁଇଁ କହିଲେ, 'ନା, ଯାର୍ କିଛି ହେବ ନାହିଁ ।' ଆମେ ପାଦ ନମସ୍କାର କଲୁ । ସ୍ୱାମୀ ଆମକୁ ଆଶୀର୍ବାଦ କରି ପ୍ରସାଦ ଦେଲେ । ସତରେ ଛୁଆର କିଛି ହେଲା ନାହିଁ ।

ମୋର ବଡ଼ ପୁଅ, ମୂରଲୀ ଏକା ପୁଟ୍ଟପର୍ତ୍ତି ଯାଇଥାଏ । ଯେଉଁଦିନ ସେ ପୁଟ୍ଟପର୍ତ୍ତି ଛାଡ଼ିବ ବୋଲି ଭାବିଥାଏ, ସେହି ଦିନ ଅନ୍ୟ କେତେକ ଭକ୍ତଙ୍କ ସହ ସ୍ୱାମୀ ତାକୁ ଇଣ୍ଟରଭ୍ୟୁକୁ ଡାକିଲେ । ସ୍ୱାମୀ ଇଣ୍ଟରଭ୍ୟୁରେ କହିଲେ ଯେ ସେଦିନ କେହି ପୁଟ୍ଟପର୍ତ୍ତିରୁ ବସ୍‌ରେ ଯିବେ ନାହିଁ । ସ୍ୱାମୀଙ୍କ କଥା ମାନି ମୋ ପୁଅ ନଯାଇ ରହିଗଲା । ଯେଉଁମାନେ ତରବରରେ ଥା'ନ୍ତି, ସେମାନେ ସ୍ୱାମୀଙ୍କ କଥା ନ ମାନି ଚାଲିଗଲେ । ସେଦିନ ସବୁଦିନର ବସ ଡ୍ରାଇଭର ନଥିବା ହେତୁ ସନ୍ଧ୍ୟାର ବସ୍‌କୁ ଚଲେଇବା ପାଇଁ ଜଣେ ଟ୍ରକ୍ ଡ୍ରାଇଭରକୁ ପଠା ଯାଇଥାଏ । ଏଇ ଲୋକଟି ମଦ ପି'ଥାଏ । ସେ ଅନ୍ଧାରରେ ରାସ୍ତାକୁ ଭଲଭାବେ ଦେଖି ନପାରି ଗାଡ଼ିକୁ ଗୋଟିଏ କିଆରୀ ଭିତରକୁ ମଡ଼େଇ ଦେଲା । ଶେଷରେ ସେ ବସ୍‌କୁ ଲେଉଟାଇ ଗ୍ରାମର ଏକ ଖୋଲା କୂଅ ଭିତରକୁ ନେଇଗଲା । ବସ୍‌ରେ ଥିବା ସବୁ ଯାତ୍ରୀ ପ୍ରାଣ ହରେଇଲେ ।

ପରଦିନ ସକାଳେ ସ୍ୱାମୀଙ୍କ ପାଖରେ ଏ ଖବର ପହଞ୍ଚିଲା । ସ୍ୱାମୀ କୂଅରୁ ଶବଗୁଡ଼ିକୁ ଉଦ୍ଧାର କରିବାପାଇଁ ଦଉଡ଼ି ଓ ଉପକରଣ ପଠେଇଲେ । ସ୍ୱାମୀଙ୍କ ଦର୍ଶନ ଲାଗି ମୂରଲୀ ଯେତେବେଳେ ମନ୍ଦିରକୁ ଯାଏ, ତଳ ମହଲାର ବାରଣ୍ଡାରେ ଛିଡ଼ା ହୋଇଥିବା ସ୍ୱାମୀ ମୂରଲୀକୁ ଚାହିଁ କହିଲେ, "ମୋ କଥା ନଶୁଣି ତୁ ମଧ୍ୟ ଯଦି ଯାଇଥାନ୍ତୁ, ତୋର ବି ଏହି ଦଶା ହୋଇଥାନ୍ତା ।'

ଆମେ ଯେତେବେଳେ ଖବର କାଗଜରୁ ବସ୍ ଦୁର୍ଘଟଣା କଥା ଜାଣିଲୁ, ମୂରଲୀ ହୁଏତ ସେଇ ଦୁର୍ଘଟଣାରେ ପ୍ରାଣ ହରାଇଛି ଭାବି ଭୟ କଲୁ । ସେ ଘରେ ପହଞ୍ଚିବା ପରେ ଆମେ ଜାଣିଲୁ ଯେ ସେହ ସେହି ବସ୍‌ରେ ନଥିଲା । ଏସବୁ ବିଷୟ ସ୍ୱାମୀ କେବଳ ଥରେ କହନ୍ତି, ସେ ଆଉ ଥରେ ସାବଧାନ କରନ୍ତି ନାହିଁ । ଆମେ ହୁଏତ ଦୁର୍ଯୋଗକୁ ଏଡ଼େଇ ପାରିବୁ ବୋଲି ଥରେ ସେ ସତର୍କ କରିଥାନ୍ତି । ତାଙ୍କ କଥା ନମାନିଲେ ଆମକୁ ଦୁର୍ଦ୍ଦଶା ଭୋଗିବାକୁ ହୁଏ ।

୧୯୫୭ ମସିହାର ଖରାଦିନ । ସ୍ୱାମୀ ପିଲାମାନଙ୍କୁ ନେଇ ପୁଟ୍ଟପର୍ତ୍ତି ଆସିବାକୁ ମୋତେ ଏକ ଚିଠି ଲେଖିବାପାଇଁ ମୋ ମାଙ୍କୁ କହିଲେ । ମୋ ମା କହିଲା, 'ସ୍ୱାମୀ ପିଲାମାନେ ବେଶୀ ପାଟିତୁଣ୍ଡ କରିବେ । ରହିବାକୁ ଯାଗାର ମଧ୍ୟ ଅଭାବ ଅଛି, ଆଉ ବେଶ୍ ଖରା ହେଉଛି ।' ସ୍ୱାମୀ କହିଲେ, 'ମୁଁ ତୋତେ ଚିଠି ଲେଖିବାକୁ କହିଲି । ଆଉ କିଛି ନ କହି ଚିଠି ଲେଖ । ସେମାନେ ଆସି ମୋ ମୁଣ୍ଡ ଉପରେ ତ ବସିବେନି । ମୋ ମା ଏସବୁ କଥା ଜଣାଇ ମୋତେ ଚିଠି ଲେଖିଥାଏ । ଏଭଳି ଗରମ ଦିନରେ ପିଲାମାନଙ୍କ ଦୁଷ୍ଟାମିକୁ କିମିତି ସମ୍ଭାଳିବି ଭାବି ମୁଁ ବ୍ୟସ୍ତ ହେଉଥାଏ । ସ୍ୱାମୀ ଯେହେତୁ ଆମକୁ ଆସିବାକୁ କହିଛନ୍ତି, ଆମେ ତାହା ଅକ୍ଷରେ ଅକ୍ଷରେ ମାନିବାକୁ ହେବ । ଯେଉଁଦିନ ଆମେ ପୁଟ୍ଟପର୍ତ୍ତିକୁ ବାହାରିବୁ, ତା'ର ପୂର୍ବଦିନ ସନ୍ଧ୍ୟାରେ ମୋର ଦ୍ୱିତୀୟ ପୁଅ ରଘୁ, ସୁନ୍ଦରମ୍ମାଙ୍କ ଘର ଭଜନକୁ ଯାଇଥାଏ । ସେମାନେ ସେଦିନ ସେମାନଙ୍କ ପୋଷା କୁକୁରକୁ ବାନ୍ଧି ନଥାନ୍ତି । ରଘୁ ଘର ଭିତରକୁ ଯିବା ମାତ୍ରକେ, କୁକୁରଟି ତା' ଉପରେ ଝାମ୍ପି ପଡ଼ିଲା ଏବଂ ତାର ପ୍ୟାଣ୍ଟ ଚିରିଦେଇ ତାକୁ ଗୋଡ଼ରେ କାମୁଡ଼ି ଖଣ୍ଡିଆ କରିଦେଲା । ସେ ରକ୍ତାକ୍ତ ଅବସ୍ଥାରେ ଘରକୁ ଫେରିଲା । ସ୍ୱାମୀ ଆମକୁ ଆସିବାକୁ ଆଦେଶ ଦେଇଥିବାରୁ ଆମେ ଯାତ୍ରାରେ ବିଳମ୍ବ କରି ପାରିଲୁ ନାହିଁ । ପୁଅକୁ ରକ୍ଷା କରିବାର ଭାର ସ୍ୱାମୀଙ୍କୁ ଦେଇ ଆମେ ପୁଟ୍ଟପର୍ତ୍ତି ବାହାରିଲୁ । ଆମେ ପୁଟ୍ଟପର୍ତ୍ତି ପହଞ୍ଚିବା ମାତ୍ରକେ ସ୍ୱାମୀ ଆମକୁ ଡାକି ଆମ ସଙ୍ଗେ କଥା ହେଲେ । ମୁଁ ତାଙ୍କୁ ରଘୁକୁ କୁକୁର କାମୁଡ଼ିବା କଥା କହିଲି । ପୁଟ୍ଟପର୍ତ୍ତି ଆସିଥିବାରୁ କୌଣସି କୁକୁର କାମୁଡ଼ା ଇଞ୍ଜେକ୍‌ସନ୍ ମଧ୍ୟ ଦିଆ ଯାଇ ନାହିଁ ବୋଲି ତାଙ୍କୁ ଜଣେଇଲି । ସ୍ୱାମୀ ତା'ର କିଛି ହେବ ନାହିଁ ବୋଲି ଆମକୁ ପ୍ରତିଶ୍ରୁତି

ଦେଲେ । ସେ ବିଭୂତି ସୃଷ୍ଟି କରି ତା'ର କ୍ଷତରେ ବୋଳି ଦେଲେ । ରଘୁର କିଛି ହେଲା ନାହିଁ ।

ସେହି ସମୟରେ ପ୍ରଶାନ୍ତି ନିଳୟମ୍‌ର ସଲଗ୍ନ ଘର ଗୁଡ଼ିକର କାମ ଚାଲିଥାଏ । ସେଠାରେ ଥିବା ସମସ୍ତ ଭକ୍ତ ଅଦମ୍ୟ ଉତ୍ସାହରେ କିଏ ଟ୍ରକରୁ ଇଟାବାଲି ଓହ୍ଲଉଥାନ୍ତି ତ ଆଉ କିଏ ମାଟି ବୋହୁଥାନ୍ତି । ଆମ ପିଲାମାନେ ମଧ୍ୟ ସେମାନଙ୍କ ସଙ୍ଗେ ଯୋଗ ଦେଇଥାନ୍ତି । କାମ ଶେଷରେ, ମୋ ପୁଅ ଶଙ୍କର ଗୋଟିଏ ଟ୍ରକ ପଛରେ ଛିଡ଼ା ହୋଇ ତା'ର ଲୁଗାପଟା ଓ ହାତ-ଗୋଡ଼ ଝାଡ଼ିଝୁଡ଼ି ହେଉଥାଏ । ସେତିକି ବେଳକୁ ଡ୍ରାଇଭର ପଛକୁ ନ ଚାହିଁ ଗାଡ଼ି ଚଳେଇଲା । ଗାଡ଼ିର ମାଡ଼ରେ ଶଙ୍କର ତଳେ ପଡ଼ିଗଲା ଓ ତାର ବାଁ ଗୋଡ଼ ଉପରେ ଗାଡ଼ିର ଚକ ଚଢ଼ିଗଲା । ଶଙ୍କର ତାର ଡାହାଣ ଗୋଡ଼ରେ ଉଠି ସ୍ୱାମୀଙ୍କ କକ୍ଷ ଆଡ଼କୁ ଚାହିଁ ଚିତ୍କାର କଲା, 'ସ୍ୱାମୀ ! ମୋ ଗୋଡ଼ଟି ଗଲା' ଗୋଡ଼ରୁ ଭୀଷଣ ରକ୍ତସ୍ରାବ ହେଉଥାଏ । ସେତିକି ବେଳକୁ ସ୍ୱାମୀ ନିଳୟମ୍‌ର ଚାନ୍ଦିନୀ ଉପରେ ଛିଡ଼ା ହୋଇ ଲୋକଙ୍କର ପାଟିତୁଣ୍ଡକୁ ଲକ୍ଷ୍ୟ କରୁଥାନ୍ତି । ଶଙ୍କରର ଅବସ୍ଥା ଦେଖି ମୋ' ବଡ଼ ପୁଅ ମୂରଲୀ ସ୍ୱାମୀଙ୍କ ପାଖକୁ ଧାଇଁଗଲା ଓ ତାଙ୍କୁ ସବୁ କଥା ଜଣେଇଲା । ସ୍ୱାମୀ କହିଲେ ' ଗାଡ଼ିର ଚକ ତା' ଗୋଡ଼ ଦେଇ ଯାଇନି, ଏଇ ଦେଖ୍' ଏତକି କହି ସ୍ୱାମୀ ତାଙ୍କ ଜାମାର ଅସ୍ତୀନ୍ ଉପରକୁ ଉଠାଇଲେ ଓ ତାଙ୍କ ବାହୁ ଉପରେ ପଡ଼ିଥିବା ଚକର ଦାଗ ଦେଖେଇଲେ । ସ୍ୱାମୀ ପିଲାଟିକୁ ଡାକ୍ତରଖାନା ନେଇଯିବା ପାଇଁ ନିର୍ଦ୍ଦେଶ ଦେଲେ । ସେଠାରେ ଥିବା ଜଗୁଆଳୀ ଚାକାଲା ସୁବନ୍ନା ତା' ମୁଣ୍ଡରେ ଭିଡ଼ିଥିବା ମଇଳା ଗାମୁଛାକୁ ପିଲାଟିର ଗୋଡ଼ରେ ଗୁଡ଼ାଇଦେଲା ଏବଂ ସ୍ୱାମୀ କହିବା ମତେ ତାକୁ କାନ୍ଧରେ ବୋହି ଡାକ୍ତରଖାନାକୁ ନେଇଗଲା । ଦୁର୍ଘଟଣା ସମୟରେ ଆମେ ପୁରୁଣା ମନ୍ଦିର ଭିତରେ ଥିବାରୁ ଯାହା କିଛି ଘଟି ଯାଇଥାଏ ଜାଣି ନଥାଉଁ । ଖବର ପାଇବା ସଙ୍ଗେ ସଙ୍ଗେ ଆମେ ନୂଆ ମନ୍ଦିରକୁ ଧାଇଁ ଆସିଲୁ ଓ ଦେଖିଲୁ ଶଙ୍କରର କ୍ଷତରେ ପଟି ବନ୍ଧା ସରିଛି ଏବଂ ସେ ଗୋଟିଏ ଘରର ବାରଣ୍ଡା ଉପରେ ବସିଛି । ସ୍ୱାମୀ ପିଲାଟିକୁ ଦେଖିବା ପାଇଁ ସେଠାକୁ ଆସିଲେ । ମୋ ପାଖକୁ ଆସି ସେ କହିଲେ, 'ସେ ସେଠିକି ଯାଇ ଛିଡ଼ା ହେଲା କାହିଁକି ? 'ମୁଁ କହିଲି, 'ସ୍ୱାମୀ ସେଇଟା ତା'ର ଲକ୍ଷଣ । ସେ ସବୁ କାମ ଏମିତି ହଡ଼ବଡ଼ ହୋଇ କରେ ।" ସ୍ୱାମୀ କହିଲେ, 'ହଁ, ମୁଁ ତାହା ହିଁ କହୁଛି ।' ଅନ୍ୟମାନେ ସେ କାମ କରି ପାରିଥାନ୍ତେ । ସେ କାହିଁକି ସେଠିକି ଗଲା ? ମୁଁ କହିଲି, 'ସ୍ୱାମୀ ଆପଣଙ୍କ କୃପାରୁ ସେ ରକ୍ଷା ପାଇଗଲା । ନ ହେଲେ ଯେ କ'ଣ ହେଇଥାନ୍ତା ।" ସ୍ୱାମୀ ମୋ ଆଡ଼କୁ ଚାହିଁ ନୀରବ ରହିଲେ ।

✍

ପିଲାଟିର ଗୋଡ଼ର ବୁଢ଼ା ଆଙ୍ଗୁଠିଟି ଅନ୍ୟ ଆଙ୍ଗୁଠିଠାରୁ ଅଲଗା ହୋଇ ଯାଇଥାଏ ଏବଂ ସେଇ ଯାଗାରେ କ୍ଷତ ଖୁବ୍ ଗଭୀର ଥାଏ । ତାହା ଦେଖି ସ୍ୱାମୀ କହିଲେ, 'ତୁମର କୌଳିକ ପ୍ରଥା ଅନୁଯାୟୀ ବିବାହ ସମୟରେ ବରକୁ ଏକ ଝୁଡ଼ିରେ ଗୋଟିଏ ପାଦ ରଖି ଏକ ଗୋଡ଼ିଆ ଛିଡ଼ା ହେବାକୁ ହୋଇଥାଏ । ସେତେବେଳେ କନ୍ୟା ପକ୍ଷ ଯଦି ପଚାରିବେ, କାହିଁକି ପାଦଟି ଏମିତି ଅଛି, ତୁମେ କ'ଣ କହିବ ? 'ଆରେ ନାହିଁ, ତାର ବାଁ ଗୋଡ଼ଟି ଖଣ୍ଡିଆ, ତାକୁ ତ ତାର ଡାହାଣ ଗୋଡ଼ ଝୁଡ଼ିରେ ରଖିବାକୁ ହେବ । କିଛି ଅସୁବିଧା ନାହିଁ । ତେବେ ବି ଯଦି ସେମାନେ ପଚାରନ୍ତି, ମୁଁ କହିବି ଯେ ସେ ମୋର ଭକ୍ତ ଓ ସେ ଏଠାକୁ ଆସିଥିବା ସମୟରେ ତା'ର ପାଦର ଆଙ୍ଗୁଠିରେ ମାଡ଼ ବାଜିଥିଲା । ଆଙ୍ଗୁଠି ଉପରେ ପଟି ବାନ୍ଧିବା ଯୋଗୁ ସେଇ ଆଙ୍ଗୁଠିଟି ଆଙ୍ଗୁଠିଗୁଡ଼ିକରୁଅଲଗା ହୋଇ ଯାଇଛି ।' ମୁଁ କହିଲି, 'ସ୍ୱାମୀ ଆପଣ ଆମକୁ ସକଳ ବିପଦରୁ ଉଦ୍ଧାର କରିଥାନ୍ତି ।' ସ୍ୱାମୀ କହିଲେ, 'ଝିଅ, ମୁଁ ତୁମକୁ ଅସୁବିଧାରେ ପକାଏ, ମୁଁ ତୁମକୁ ରକ୍ଷା କରେ, ଆଉ ଶାନ୍ତି ମଧ୍ୟ ଦିଏ ।' ଅଳ୍ପ କେତେଦିନ ଭିତରେ ଶଙ୍କରର ଅବସ୍ଥାରେ ଉନ୍ନତି ହେଲା ଓ ସେ ଛୋଟେଇ ଛୋଟେଇ ଚାଲିବା ଆରମ୍ଭ କଲା । ସ୍ୱାମୀ ପ୍ରତିଦିନ ମନ୍ଦିରର ଚାନ୍ଦିନୀ ଉପରୁ ତଳେ ଥିବା ଭକ୍ତମାନଙ୍କୁ ଆମ୍ବ ଫିଙ୍ଗୁଥାନ୍ତି । ଶଙ୍କର ସବୁ ଦିନ ସେଠିକି ଯାଏ । ତାକୁ ଦେଖି ସ୍ୱାମୀ କହନ୍ତି, 'ଆରେ ଛୋଟା ବତକ ଆସିଛି ।' ଏହା କହି ସେ ପ୍ରଥମେ ତାରି ପାଖକୁ ଗୋଟିଏ ଆମ୍ବ ଫିଙ୍ଗନ୍ତି । ଦୁଇ ସପ୍ତାହ ମଧ୍ୟରେ କେବଳ ବିଭୂତି ପ୍ରସାଦ ନେଇ ତାର ଗୋଡ଼ଟି ପୁରା ଭଲ ହୋଇଗଲା ।"

✍

ଏହି ଘଟଣାର କିଛି ଦିନ ପରେ ୧୯୫୭ ମସିହା ଖରାଦିନର ଏକ ଦି' ପହରରେ ଆମେ ପୁରୁଣା ମନ୍ଦିରରେ ଆମ କମରା ଭିତରେ ବସି ଖାଉଥାଉ । ମୋ ପୁଅ ସତୀଶ ବାହାରକୁ ଦଉଡ଼ି ଗଲା ଓ ବାରଣ୍ଡା ପାଖ ଦୁଆରର ଏରୁଣ୍ଡି ଉପରେ ଝୁଣ୍ଟି ପଡ଼ିଲା । ଫଳରେ ତାର ନାକ ହାଡ଼ ଭାଙ୍ଗିଗଲା । ନାକରୁ ରକ୍ତ ବୋହୁଥାଏ । ଡାକ୍ତର ଔଷଧ ଦେବା ସତ୍ତ୍ୱେ ରକ୍ତ ବନ୍ଦ ହେଉ ନଥାଏ । ତା'ର ଆଖି ନାକ ଓ ସାରା ମୁହଁ ଫୁଲି ଯାଇ ଥାଏ । ସ୍ୱାମୀ ତାକୁ ଥରେ ଦେଖିଲେ ଭଲ ହୁଅନ୍ତା ବୋଲି ଆମେ ଭାବୁଥାଉ । ତେଣୁ ଶଙ୍କର ଯେଉଁ ଘରେ ଥାଏ ଆମେ ସତୀଶକୁ ମଧ୍ୟ ସେଇଠେ ରଖିଲୁ । ସ୍ୱାମୀ ସବୁଦିନ ଭଳି ଆସିଲେ ଓ ପ୍ରତ୍ୟେକଙ୍କ ଘରକୁ ଗଲେ । ଅନ୍ଧକାର ମାଡ଼ି ଆସୁଥାଏ କିନ୍ତୁ ସ୍ୱାମୀ ଆମ ଆଡ଼କୁ ଆସି ନଥାନ୍ତି । ଝିପିଝିପି ବର୍ଷା ମଧ୍ୟ ଆରମ୍ଭ ହେଲା । ସ୍ୱାମୀ ହୁଏତ ଆଉ ଆସିବେନି ଭାବି ଆମେ ମନ ଦୁଃଖରେ ଥାଉ ।

କିଛି ସମୟପରେ ସ୍ୱାମୀ ଅନ୍ୟ କେତେଜଣଙ୍କ ସଙ୍ଗେ ମନ୍ଦିରକୁ ଫେରି ଯାଉଥାନ୍ତି । ଚାଲୁ ଚାଲୁ ସେ ହଠାତ୍ ଆମ ଆଡ଼କୁ ଚାହିଁ କହିଲେ, 'କିରେ କେତେ ସମୟ ଧରି ମୋତେ ଚାହିଁ ରହିଛ ?" ସେ ଭିତରକୁ ଆସିଲେ, ତାଙ୍କୁ ପାଇ ଆମେ ସବୁ ଖୁସି ହେଲୁ, ପାଦନମସ୍କାର କଲୁ ଓ ସତୀଶକୁ ମାଡ଼ ବାଜିଥିବା କଥା ତାଙ୍କୁ କହିଲୁ । ସ୍ୱାମୀ ତା ମୁହଁ ଆଲୁଅ ଆଡ଼କୁ ଘୁରାଇ ଭଲଭାବେ ଦେଖିଲେ ଓ କହିଲେ, 'କିଛି ହବନି, ସବୁ ଠିକ୍ ହେଇଯିବ । ସେ ଶୋଇ ରହିଥାଉ, ତାକୁ ଉଠି ବସିବାକୁ ଦିଅ ନାହିଁ । ରକ୍ତସ୍ରାବ ବନ୍ଦ ହୋଇଯିବ । ସେ କ'ଣ ନାକ ବିନ୍ଧିବା କଥା କହୁଥିଲା ?' ଆମେ କହିଲୁ, 'ନା ସ୍ୱାମୀ ତା'ର ସେ ଖେଳୁଛି ।' ସ୍ୱାମୀ କହିଲେ, "ଦେଖ, ତାକୁ କଷ୍ଟ ନହଉ ବୋଲି ମୁଁ ଯେତେବେଳେ ସଙ୍କଳ୍ପ କରିଛି, କଷ୍ଟ ହେବ କିମିତି ? ତା' ନାକ ହୁଏତ ବିନ୍ଧୁଛି ବୋଲି ତୁମେ ଭାବୁଛ । ସେ ପୁରା ଠିକ୍ ହେବା ବେଳକୁ ପିଲାଙ୍କର ଖରାଛୁଟି ଶେଷ ହୋଇ ଯାଇଥାଏ ଓ ଆମର ଫେରିବା ସମୟ ଚାଲି ଆସିଥାଏ । ମୋତେ ଜଣେ ଭକ୍ତ କହିଲେ, ପୁଟପର୍ତ୍ତି ଛାଡ଼ିବା ପୂର୍ବରୁ ଭବିଷ୍ୟତରେ ଆଉ କିଛି ଅରିଷ୍ଟ ନ' ହେବାପାଇଁ, ରାତିରେ ଗୋଟିଏ ନଡ଼ିଆ ଦୁଇ ପୁଅଙ୍କ ମୁହଁ ଚାରିପାଖେ ଘୂରାଇ, ଗେଟ୍ ବାହାରେ ସେଇ ନଡ଼ିଆଟି ଭାଙ୍ଗିବା ଭଲ । ମହିଳାମାନେ ରାତିରେ ଏକା ବୁଲିବା ସ୍ୱାମୀ ପସନ୍ଦ କରନ୍ତି ନାହିଁ । ତେଣୁ ମୁଁ ନଡ଼ିଆକୁ ସ୍ୱାମୀଙ୍କ ଚାରିପାଖେ ଘୁରାଇ ଭାଙ୍ଗିବି ବୋଲି ସ୍ଥିର କଲି । ଆମେ ପୁଟପର୍ତ୍ତି ଛାଡ଼ିବା ପୂର୍ବରୁ ସ୍ୱାମୀ ଆମକୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକିଲେ । କକ୍ଷ ମଧ୍ୟରେ ଆମେ ସମସ୍ତେ ସ୍ୱାମୀଙ୍କୁ ପାଦ ନମସ୍କାର କଲୁ । ସ୍ୱାମୀ କହିଲେ, 'ଝିଅ, ଏଇଠେ ରହିବା ଭିତରେ ତୋର କଣ କିଛି ଅସୁବିଧା ହେଲା ? ତୁମମାନଙ୍କୁ ଏଠିକି ମୁଁ କାହିଁକି ଡାକିଥିଲି, ତାହା ଏବେ ବୁଝିଲୁ କି ? ମହୀଶୂରରେ ଯଦି ଏସବୁ ଘଟିଥାନ୍ତା, କ'ଣ କରିଥାନ୍ତି ?'

ମୁଁ କହିଲି, 'ସ୍ୱାମୀ ସେଇଠେ ମଧ ଆପଣ ହିଁ ରକ୍ଷା କରିଥାନ୍ତେ ।' ସ୍ୱାମୀ କହିଲେ, 'ହଁ ଠିକ୍ କହୁଛୁ, ତଥାପି ଭଲ ହେଲା, ଏଠାରେ ସବୁ କିଛି ମୋ ଆଗରେ ଘଟିଲା । ତୁ ମୋ ଚାରିପାଖେ ନଡ଼ିଆ ଘୁରେଇ ଭାଙ୍ଗିବାକୁ ଚାହୁଁଥିଲୁ ନା ? ଶଙ୍କରର ଦୁର୍ଘଟଣା ସମୟରେ ତୁ ଗୋଟିଏ ନଡ଼ିଆ କିଣିଥିଲୁ । ସେଇ ନଡ଼ିଆଟି କାଇଁ ?' ସେତିକି ବେଳକୁ ସେ ନଡ଼ିଆ କଥା ମନେପଡ଼ି ମୁଁ କହିଲି, 'ସ୍ୱାମୀ, ମୁଁ ଭୁଲି ଯାଇଥିଲି' ସ୍ୱାମୀ କହିଲେ: 'ଯା ନେଇ ଆସେ ।' ମୁଁ ଯାଇ ନଡ଼ିଆଟି ଘେନି ଆସିଲି ଓ ସ୍ୱାମୀଙ୍କ ଚାରିପାଖେ ତିନିଥର ଘୁରେଇ ଆଣିଲି । ସେ ମନ୍ଦିର ସାମ୍ନାରେ ନଡ଼ିଆଟି ଭାଙ୍ଗିବାକୁ ମୋତେ କହିଲେ । ସ୍ୱାମୀ କିଛି ସମୟ ଆମ ସମସ୍ତଙ୍କ ସଙ୍ଗେ କଥା ହେଲେ, ଆମକୁ ଆଶୀର୍ବାଦ କଲେ, ପାଦ ନମସ୍କାର ଦେଲେ, ବିଭୂତି ସୃଷ୍ଟିକରି ଆମ ସମସ୍ତଙ୍କ କପାଳରେ ବୋଳି ଦେଲେ । ତା' ପରେ ସେ ଆମ ମାନଙ୍କୁ ବିଦାୟ ଦେଲେ ।"

✍

ନିମ୍ନରେ ଘଟଣାବଳୀ ୧୯୬୧ରୁ ୭୦ ମଧ୍ୟରେ ହୋଇଥାଏ ।

ଶଙ୍କର ଓ ମୁଁ ୧୯୬୧ ସେପ୍ଟେମ୍ବର ୨୯ ତାରିଖ ଦିନ ପୁଟ୍ଟପର୍ତ୍ତି ଯାଇଥାଉଁ । ମୋ ମନ ସେ ସମୟରେ ଖୁବ୍ ଆନ୍ଦୋଳିତ ଥାଏ । ମହୀଶୂର ସହରର ଏକ ମୁଖ୍ୟ ଯାଗାରେ ଥିବା ଆମର ଏକ ସମ୍ପତ୍ତିକୁ କେନ୍ଦ୍ରକରି ତଳ ଅଦାଲତରେ ଚାଲିଥିବା ଏକ ମକଦ୍ଦମାରେ ଆମେ ହାରିଯିବା ଫଳରେ ଆମର ଗୁରୁତର ଆର୍ଥିକ କ୍ଷତି ହୋଇଥାଏ । ମୁଁ ପୁରୁଣା ମନ୍ଦିରରେ ରହୁ ଥିବା ମୋର ମା'ଙ୍କ ନିକଟକୁ ସଙ୍ଗେ ସଙ୍ଗେ ଗଲି ଓ ତାଙ୍କୁ ଆମର ସମସ୍ୟା ସମ୍ବନ୍ଧରେ ଜଣେଇଲି । ଏକଥା ଶୁଣି ତାଙ୍କ ପ୍ରତିକ୍ରିୟା ଆମେ ଆଶା କରିବା ଭଳି ଶାନ୍ତ ଥିଲା । ସ୍ୱାମୀଙ୍କ ଉପରେ ଅବିଚଳିତ ବିଶ୍ୱାସ ରଖି ସେ କହିଲେ, 'ଆମକୁ କ୍ଷତି ହେବା ଭଳି ମନେ ସିନା ହଉଛି, କିନ୍ତୁ ସ୍ୱାମୀ ଯାହା କରନ୍ତି ତାହା ଆମର ମଙ୍ଗଳ ପାଇଁ ।'

ଆମେ ଦର୍ଶନ ପାଇଁ ଇଣ୍ଟରଭ୍ୟୁ କକ୍ଷ ପାଖରେ ଅପେକ୍ଷା କରିଥାଉ । ଭଜନ ଚାଲିଥାଏ । ଆହୁରି ଅନେକ ଲୋକ ଇଣ୍ଟରଭ୍ୟୁ ପାଇଁ ବାରଣ୍ଡାରେ ବସିଥାନ୍ତି । ବେଶ୍ କିଛି ସମୟପରେ ସ୍ୱାମୀ ବାହାରକୁ ଆସିଲେ । ଆମ ଆଡ଼କୁ ଚାହିଁ ସ୍ୱାମୀ ପୁରୁଣା ଭକ୍ତମାନଙ୍କୁ କହିଲେ, 'ଯାଇ ଭଜନରେ ବସ । ଯେଉଁମାନେ ନୂଆ ଆସିଛନ୍ତି ସେମାନଙ୍କୁ ମୁଁ ପ୍ରଥମେ ଦେଖିବି । ଅବିକା ତୁମେ ଖାଲି ପାଦନମସ୍କାର କରି ପାର । ଆମେ ପାଦନମସ୍କାର କରି ଭଜନରେ ଯାଇ ବସିଲୁ । ପରଦିନ ଭଜନ ଆରମ୍ଭ ହେବା ପୂର୍ବରୁ ଆମେ ଯାଇ ଇଣ୍ଟରଭ୍ୟୁ କକ୍ଷ ପାଖରେ ଅପେକ୍ଷା କରିଥାଉ । ସ୍ୱାମୀ ଆମକୁ ଡାକିଲେ, ଆମେ ଭିତରକୁ ଗଲୁ। ଆମେ ଦୁହେଁ ପାଦ ନମସ୍କାର କଲୁ । ସେ ପଚାରିଲେ, 'କ'ଣ ହେଇଛି ?' 'ସ୍ୱାମୀ, ଆମେ ହାରିଗଲୁ କହି', ମୁଁ ସବୁ କଥା ଟିକିନିଖି ଭାବେ ବଖାଣିଲି । ସ୍ୱାମୀ ଉପର ଅଦାଲତରେ ଅପିଲ କରିବାକୁ କହିଲେ । ମୁଁ କହିଲି, ସେଥିପାଇଁ ଆହୁରି ଖର୍ଚ୍ଚ କରିବାକୁ ହେବ ଓ ଆମ ପାଖରେ ସମ୍ବଳ ନାହିଁ ।

ସ୍ୱାମୀ ତାଙ୍କ ହାତ ମାଆ ମଥା ଉପରେ ରଖି କହିଲେ, 'ସ୍ୱାମୀ ଅଛନ୍ତି । ସେ ସବୁ କଥା ବୁଝିବେ ।' ପରେ ସେ ଏକ ଶ୍ଳୋକ ଆବୃତ୍ତି କରି କହିଲେ, 'ଲକ୍ଷ୍ମଣ ରାମଙ୍କୁ କ'ଣ ମାଗିଥିଲା ଜାଣୁ ? ସେ ରାମଙ୍କୁ ପ୍ରାର୍ଥନା କରି କହିଥିଲା, "ହେ ରାମ ! ତୁମେ ଭଗବାନ୍ ବିଷ୍ଣୁ ହୋଇ ଆଦିଶେଷକୁ ଯେପରି ତୁମର ଶଯ୍ୟାରୂପେ ବ୍ୟବହାର କରିଥାଅ, ମୋତେ ସେହିପରି ନିତ୍ୟ ତୁମର ଦିବ୍ୟ ସାନ୍ନିଧରେ ରହିବାକୁ ଦିଅ । ଲକ୍ଷ୍ମଣର କ'ଣ ଅଭାବ ଥିଲା ? ରାଜ୍ୟ, ଧନ-ସମ୍ପଦ ଭାର୍ଯ୍ୟା ପିତାମାତା- ସବୁଥିଲା । ତଥାପି ସେ ସବୁବେଳେ ରାମଙ୍କର ସାମୀପ୍ୟ ଚାହୁଁଥିଲା ଏବଂ ସେଥିପାଇଁ ସର୍ବସ୍ୱ ତ୍ୟାଗ କଲା ।

ସେମିତି ତୁମେ କେବଳ ମୋ ପାଇଁ ବ୍ୟାକୁଳ ହେବା କଥା, ସେତେବେଳେ ସବୁ କିଛି ଅସୁବିଧା ତୁମେ ଅନାୟାସରେ ପାର ହୋଇଯିବ ।

ମୁଁ କହିଲି, 'ସ୍ୱାମୀ, ସବୁବେଳେ ତୁମେ ଆମକୁ ତୁମ ମନରେ ରଖିଥାଅ । ସ୍ୱାମୀ, ଆମେ କ'ଣ ଆଉଥରେ ଅଦାଲତାକୁ ଯିବୁ ? ଅଦାଲତ ଆମ ଭବିଷ୍ୟତକୁ ଗଢ଼ିବ ନଚେତ୍ ଭାଙ୍ଗିବ ।" ସ୍ୱାମୀ ଆମକୁ ଉପର ଅଦାଲତରେ ଅପିଲ କରିବାକୁ କହିଲେ, ଆମେ ସମସ୍ତେ ପାଦ ନମସ୍କାର କରି ଇଣ୍ଟରଭ୍ୟୁ କକ୍ଷ ଛାଡ଼ିଲୁ ।

ଆମେ ଉପର ଅଦାଲତରେ ଅପିଲ କରି ପୁଣି ହାରିଲୁ । ଆମର ଦୁଃଖର ସୀମା ନଥାଏ । ପୁରାପରି ଭାଙ୍ଗି ପଡ଼ି ଆମେ ପୁଟ୍ଟପର୍ତ୍ତି ଆସିଥାଉ । ପରଦିନ ଥିଲା ସୋମବାର । ଆମେ ଇଣ୍ଟରଭ୍ୟୁ କକ୍ଷ ବାହାରେ ବସିଥାଉ । ପ୍ରଥମେ କେତେଜଣଙ୍କୁ ଡାକିବା ପରେ ସ୍ୱାମୀ ଆମକୁ ଭିତରକୁ ଡାକିଲେ । ଆମେ ସେଠାକୁ କେବଳ ପାଦ ନମସ୍କାର ପାଇଁ ଯାଇ ଥାଉ କିନ୍ତୁ ଭାଗ୍ୟକୁ କଥାବାର୍ତ୍ତା ହେବାର ସୁଯୋଗ ମିଳିଗଲା । ସ୍ୱାମୀ ମୋ ନିକଟକୁ ଆସି କହିଲେ, 'ଖାଲି ପଇସା, ପଇସା ପଇସା, ପଇସାକୁ ନେଇ ବ୍ୟସ୍ତ । କେଉଁ ଲାଗି ବ୍ୟସ୍ତ ହେବା କଥା ଜାଣୁ ? ଭଗବାନଙ୍କୁ ଯେ ଏଯାଏଁ ପାଇନାହୁଁ, ସେଥିପାଇଁ ବ୍ୟସ୍ତ ହ ।'

ମୁଁ କହିଲି, 'ସ୍ୱାମୀ, ମୁଁ ସେଥିପାଇଁ ମଧ୍ୟ ବ୍ୟସ୍ତ ହୁଏ ।' ସ୍ୱାମୀ କହିଲେ, 'ତେବେ ଏଥିପାଇଁ କାହିଁକି ଏତେ ବ୍ୟସ୍ତ ହେଉଛୁ ?' ପଇସା ଥଳୀ (ପର୍ସ) ଯେତେ ସମୟ ତୋ ପାଖରେ ଥିଲା ତୁ ବ୍ୟସ୍ତ ହେଉଥିଲୁ । ଅବିକା ତୁ ତାହା ମାତେ ଦେଇ ଦେଇଛୁ । ତା'ର ଯତ୍ନ ନେବା ହେଲା ମୋର କାମ । ତଥାପି ତୁ ବ୍ୟସ୍ତ ହେବୁ ?' ମୁଁ କହିଲି, 'ନା ସ୍ୱାମୀ ଆମେ ବ୍ୟସ୍ତ ହେବା କଥା ନୁହଁ, ଆମର ଚିନ୍ତା ହେଲା, ଯେତିକି ଧାର-କରଜ କରିଛୁ ତାକୁ ଶୁଝିବୁ କିମିତି ? ତା'ର କିଛି ଉପାୟ ଆମେ ଖୋଜି ପାଉନାହୁଁ ।'

ସ୍ୱାମୀ ଆମକୁ ବୁଝେଇ କହିଲେ, 'ତୁମ ମନକୁ ଭୟ ଆସୁଛି, କାରଣ ତୁମର ମୋ ଉପରେ ବିଶ୍ୱାସ କମି ଗଲାଣି । ମୋ ଉପରେ ପୂର୍ଣ୍ଣ ଆସ୍ଥା ରଖିଲେ, ତୁମେ ଏମିତି ଭୟ କରିବ ନାହିଁ । ଆତ୍ମାର୍ପଣ ମାନେ କ'ଣ ଜାଣ ? ଯାହା କିଛି ହେଉଯାଉ, ତୁମେ ସବୁବେଳେ ତାଙ୍କୁ ହିଁ ଅନୁସରଣ କରିବ । ସେ କିଛି ନା କିଛି ତୁମ ପାଇଁ କରିବେ । କୌଣସି ପ୍ରକାରେ ସେ ସବୁ ଠିକ୍ କରିଦେବେ । ସେ (ନିଜକୁ ଦେଖାଇ) ସବୁ କିଛି କରି ପାରନ୍ତି । ରାମଦାସ ଓ ଅନ୍ୟମାନ କ'ଣ କରିଥିଲେ ? ଖାଲି ଏତିକି କରିଥିଲେ ନା ? ଯାହା କିଛି ଶାସ୍ତି ହେଲେ ମଧ୍ୟ ସେମାନେ ନିରନ୍ତର ରାମଙ୍କୁ ସ୍ମରଣ କରୁଥିଲେ ।'

ମୁଁ କହିଲି, 'ସ୍ୱାମୀ, ରାମଦାସଙ୍କ ଭଳି ଭକ୍ତ ମଧ୍ୟ ଯେତେବେଳେ ସେମାନଙ୍କର କଷ୍ଟ ଅସହ୍ୟ ହୋଇଗଲା, ସେତେବେଳେ ତୁମକୁ ଦୋଷ ଦେଇଥିଲେ । ଆଉ ଆମ ଭଳି

ସାଧାରଣ ଲୋକଙ୍କ କଥା କ'ଣ କୁହାଯିବ ? ସ୍ୱାମୀ ଆମେ ହାରିଯାଇଥିବା ମକଦ୍ଦମାରେ ଆମର ଯେ କି ଘୋର କ୍ଷତି ହୋଇଛି, ତାହା ତୁମେ ଜାଣ ।' ଏହା ଶୁଣି ସ୍ୱାମୀ ଜୋର୍‌ରେ ହସି ଦେଲେ ।

ମୁଁ ପଚାରିଲି, 'ସ୍ୱାମୀ, ତୁମେ ଯଦି ସତରେ ଆମ ଅନ୍ତରରେ ରହିଛ, ତେବେ ଆମେ ଏତେ ଦୁଃଖକଷ୍ଟ ଓ ଦୁଶ୍ଚିନ୍ତାରେ ପଡୁଛୁ କାହିଁକି ? ସେ କହିଲେ 'ରାମଦାସ ଓ ଅନ୍ୟମାନେ କ'ଣ ଏଭଳି ଅସୁବିଧା ଭୋଗ କରି ନଥିଲେ ?' ମୁଁ କହିଲି, 'ସ୍ୱାମୀ, ତୁମେ ସେମାନଙ୍କ ହୃଦୟରେ ନଥିବା ସମୟରେ ସେମାନେ ହୁଏତ କିଛି ଭୁଲ କରିଥିଲେ । ଆମେ କିନ୍ତୁ ନିଶ୍ଚିତ ଯେ ଏଭଳି ଦୁର୍ଦ୍ଦଶା ଭୋଗ କରିବା ପାଇଁ ଆମେ ସେମିତି କିଛି ଭୁଲ କରି ନାହୁଁ । ସ୍ୱାମୀ କହିଲେ, 'ମଣିଷ ଦେହ ଧାରଣ କଲେ ଅବଶ୍ୟ ଭୁଲ କରିବ । କିନ୍ତୁ ସେ ସବୁ ତୁମେ ଭାବିବା କଥା ନୁହଁ, ଖାଲି ତାଙ୍କରି କଥା ଭାବ ।' ଏଥର ସ୍ୱାମୀ ଶଙ୍କରର ଗାଲ ଚିମୁଟି ପଚାରିଲେ, 'ବାପା ମା'ଙ୍କ କଥା ମାନୁଛୁ ତ ?' ସେ କହିଲା, 'ହଁ ମାନୁଛି' ।

ଆମେ ସ୍ୱାମୀଙ୍କୁ ସେ କେବେ ଆମକୁ ଛାଡ଼ି ନ ଦିଅନ୍ତୁ ବୋଲି ପ୍ରାର୍ଥନା କଲୁ । ସେ ଆମକୁ କେବେ ଛାଡ଼ିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଲେ । ଆମେ ତାଙ୍କର ଦୁଇ ହାତ ନେଇ ଆମ ଆଖିରେ ମାରିଲୁ । ଶଙ୍କର ସ୍ୱାମୀଙ୍କୁ ତାଙ୍କ ଚାରିପାଖେ ପ୍ରଦକ୍ଷିଣ କରିବାକୁ ଅନୁମତି ଚାହିଁଲା । ସ୍ୱାମୀ କକ୍ଷର ଠିକ୍ ମଝିରେ ଛିଡ଼ା ହେଲେ । ଆମେ ଦୁହେଁ ତାଙ୍କୁ ପ୍ରଦକ୍ଷିଣ କରି ପାଦନମସ୍କାର କଲୁ । ହଠାତ୍ ମନେହେଲା, ଆମେ ଜଗନ୍ମାତାଙ୍କର ପ୍ରଦକ୍ଷିଣ କରୁଛୁ !

ସ୍ୱାମୀ କହିଲେ, "ଏଭଳି ଏକ ସାମାନ୍ୟ ବିଷୟରେ ତୁମେ ଏମିତି ଭାଙ୍ଗି ପଡ଼ିବା ବଡ଼ ଦୁଃଖର କଥା । ମକଦ୍ଦମାକୁ ନେଇ ଏଥିପୂର୍ବରୁ କରିଥିବା ଆଲୋଚନାର ଖିଅକୁ ଧରି ମୁଁ ପୁଣି କହିଲି, 'ଋଣ ଶୁଝିବାର ଚିନ୍ତା ଆମକୁ ଘାରି ଦେଉଛି ।' ସ୍ୱାମୀ ଆମକୁ ସାନ୍ତ୍ୱନା ଦେଇ କହିଲେ, 'ମିଜାଜ୍ ଥଣ୍ଡା କରେ । ଋଣ ପରିଶୋଧପାଇଁ ଆବଶ୍ୟକୀୟ ଅର୍ଥର ଯୋଗାଡ଼ ହୋଇଯିବ। ମେଘ ନଥାଇ ଆକାଶ ଥାଏ ନା କଣ୍ଟା ନ ଥାଇ ଗୋଲାପ ଥାଏ ? ଆଉ ଚିନ୍ତା ନ ଥାଇ କ'ଣ ମଣିଷ ଥାଏ ?' ମୁଁ କହିଲି, 'ସ୍ୱାମୀ, ଗୋଲାପକୁ କଣ୍ଟା ଛୁଇଁ ନଥାଏ, କଣ୍ଟା ଫୁଲରୁ ଅଲଗା ଥାଏ, ତେଣୁ ତୁମେ ଆମକୁ ଏମିତି କୃପା କର ଯେ ଆମ ଦେହର କଣ୍ଟା ଅନ୍ୟକୁ କଷ୍ଟ ନଦେଉ ।' ସ୍ୱାମୀ କହିଲେ, 'ତାହା ହିଁ ତ ମୋ କାମ, ମୁଁ ତାହା କରିବି ।'

ମୁଁ କହିଲି, 'ସ୍ୱାମୀ, ଦୟାକରି ଧ୍ୟାନ ସମ୍ବନ୍ଧରେ କିଛି କହନ୍ତୁ।' ସ୍ୱାମୀ କହିଲେ, 'ଆଗ ସେ ଘର (ମକଦ୍ଦମା) ର କାମ ଶେଷ ହଉ, ତା' ପରେ ମୁଁ ଏ ଘର (ମୋଆଡ଼କୁ ଦେଖାଇ)କୁ ଆସିବି । ମୁଁ କହିଲି, 'ସ୍ୱାମୀ କଣ କହିଲେ ବୁଝି ପାରିଲି ନି । ସେ କଥାକୁ

ଦୋହରାଇ କହିଲେ 'ଏ ଘର (ମୋତେ ଦେଖାଇ) ମୋ ନାଁରେ ନଥିଭୁକ୍ତ (ରେଜିଷ୍ଟ୍ରି) ହୋଇଛି ।' ସ୍ୱାମୀ ମୋ ଉପରେ ଏଭଳି କୃପା ବୃଷ୍ଟି କରିଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଦେଲି । ସ୍ୱାମୀ ତା' ପରେ ମୋତେ ମୋର ସ୍ୱାମୀ ଓ ପିଲାମାନେ କିମିତି ଅଛନ୍ତି ପଚାରି ବୁଝିଲେ ।

ସ୍ୱାମୀ ଆମକୁ ବିଭୂତି ସୃଷ୍ଟି କରି ଦେଇ ସାରିଥାନ୍ତି ।ଏଥର ସେ ଆମକୁ ତାଙ୍କର କିଛି ଫଟୋ ଦେଇ କହିଲେ, 'ଏ ଫଟୋଗୁଡ଼ିକ ତୁମ ପାଇଁ ଦେଉନାହିଁ । ଯିଏ ତୁମକୁ ଫଟୋ ମାଗିବ ତାକୁ ଏଥିରୁ ଦିଅ । ତା'ପରେ ସେ ଆମକୁ କିଛି ବିଭୂତି ପୁଡ଼ା ଦେଲେ । ଶଙ୍କର ସ୍ୱାମୀ ଦେଇଥିବା ଫଟୋରୁ ଗୋଟିକ ଉପରେ ତାଙ୍କର ଦସ୍ତଖତ କରିବାକୁ ତାଙ୍କୁ ଅନୁରୋଧ କଲା । ତାହା କରିବାକୁ ମନା କରି ସ୍ୱାମୀ କହିଲେ, 'କ'ଣ ହେଲା, ଗତଥର ଏତେଗୁଡ଼ିଏ ଫଟୋ ଦସ୍ତଖତ କରେଇ ନେଲୁ ଏବେ ପୁଣି ମାଗୁଛୁ ? ନା କରିବି ନାହିଁ' । କରୁଣା ପରବଶ ହୋଇ ସେ ଫଟୋଗୁଡ଼ିକୁ ସ୍ପର୍ଶ କରି ଆମ ହାତକୁ ଦେଲେ । ଶଙ୍କର ସ୍ୱାମୀଙ୍କୁ ତାର ଆଗକୁ ଥିବା ଅଧ୍ୟୟନ ଗସ୍ତ ସମ୍ବନ୍ଧରେ କହିଲା । ସ୍ୱାମୀ କହିଲେ, 'ଭଲ କଥା' । ଏଥର ମୋ ଆଡ଼କୁ ଚାହିଁ ସେ କହିଲେ, 'ମକଦ୍ଦମା ହାରିଲ, ମୋତେ ପାଇଲ । କେଉଁଟି ବଡ଼ ? ମକଦ୍ଦମା ନା ମୁଁ ?" ମୁଁ କହିଲି, "ଆପଣ ସ୍ୱାମୀ, ଯାହା ହାରିଲୁ ତାହା ଅପେକ୍ଷା ଯାହା ପାଇଛୁ ତାହା ଯଥେଷ୍ଟ ବେଶୀ । ଯାହା ଆମକୁ ଦେଇଛ, ତାହା ଆହୁରି ଅଧିକ ଦେଉଥାଅ ।'

ଶଙ୍କର ସ୍ୱାମୀଙ୍କୁ "ମକରାନ୍ତ" ମାନେ କ'ଣ ପଚାରିଲା । ସ୍ୱାମୀ ପଚାରିଲେ, 'ମକର ମାନେ କ'ଣ ।' ଶଙ୍କର କିଛି ଉତ୍ତର ଦେଲା ନାହିଁ । ମୁଁ କହିଲି, "ମକରାନ୍ଧ ବିଭେଦନ", ଏମିତି ଏକ ଶବ୍ଦ ନାମାବଳୀ ମଧ୍ୟରେ ରହିଛି । କସ୍ତୁରୀ ମଧ୍ୟ କହିଲେ ଯେ ସେ ଏହାର ଅର୍ଥ ଜାଣି ନାହାଁନ୍ତି । ଆମେ ବି ତାହା ଜାଣିନାହୁଁ ।' ସ୍ୱାମୀ ବୁଝେଇ କହିଲେ, "ଶବ୍ଦଟିକୁ ଏମିତି ଦେଖିଲେ, ତାର କିଛି ଅର୍ଥ ନାହିଁ । 'କାମ କୋଟି' ମାନେ ଅସଂଖ୍ୟ କାମନା । ସେଗୁଡ଼ିକ ମକର (କୁମ୍ଭୀର) ଭଳି । ବିଭେଦନ ମାନେ ଯିଏ ତାହାର ବିନାଶ କରେ ।' ଆମେ ସ୍ୱାମୀଙ୍କ ପାଦରେ ସାଷ୍ଟାଙ୍ଗ ପଡ଼ି ବାହାରକୁ ଆସିଲୁ ।

✍

ଅଗଷ୍ଟ ୧୯୬୨ରେ ଆମେ ପୁଟ୍ଟପର୍ତ୍ତିରେ ଥିବା ସମୟରେ ମୋତେ ମୋର ପୁଅ ସତୀଶ ଦିନେ କହିଲା ଯେ ତାର ବାଁ ଗୋଡ଼ ଖୁବ୍ ବିନ୍ଧୁଛି ଓ ସେ ଆଉ ଛିଡ଼ା ହୋଇ ପାରୁନାହିଁ । ସ୍ୱାମୀଙ୍କ ଦର୍ଶନପରେ ଆମେ ପୁରୁଣା ମନ୍ଦିରକୁ ଚାଲିଚାଲି ଯାଉଥାଉ । କେତେକ ଲୋକ ସତୀଶର ଗୋଡ଼ ହୁଏତ ମକଚି ଯାଇଛି ଭାବି ତାକୁ ସୋରିଷ ତେଲ ଦେଇ ମାଲିସ କଲେ । କିନ୍ତୁ ମାଲିସ୍ ପରେ ବଥା ଆହୁରି ବେଶୀ ହୋଇଗଲା । ତା ଦେହରେ ଜ୍ୱର ମଧ୍ୟ ଥାଏ । ସାରା ରାତି ସେ ଭୀଷଣ ଯନ୍ତ୍ରଣାରେ ଛଟପଟ ହେଲା ଓ ଆଦୌ ଶୋଇ

ପାରିଲା ନାହିଁ । ସେ ଏମିତି କଷ୍ଟ ପାଉଥିବା ଦେଖି ଆମ ମନକୁ କଷ୍ଟ ଲାଗୁଥାଏ । ଆମେ ସ୍ୱାମୀଙ୍କୁ ପ୍ରାର୍ଥନା କଲୁ ଓ ସେ ଆମକୁ ଦେଇଥିବା ବିଭୂତି ତା' ପାଦରେ ଲଗେଇଲୁ ।

ସତୀଶର ବଥା ବଢୁଥାଏ । ସେ ସହ୍ୟ କରି ନ ପାରି ପ୍ରଳାପ ମଧ୍ୟ କରୁଥାଏ ସ୍ୱାମୀ ପୁଟ୍ଟପର୍ତ୍ତି ଛାଡ଼ି ବାହାରକୁ ଗସ୍ତରେ ଯାଉଥିବାରୁ ଆମେ ମଧ୍ୟ ମହୀଶୂର ଫେରିଯିବାକୁ ସ୍ଥିର କରିଥିଲୁ । ଏଥିପାଇଁ ଅନୁମତି ନେବାକୁ ଆମେ ତାଙ୍କ ନିକଟକୁ ଗଲୁ । ସତୀଶକୁ ନୂଆ ମନ୍ଦିରକୁ ଟେକି ଟେକି ନେବାକୁ ପଡ଼ିଲା। ସ୍ୱାମୀ ଆମକୁ ଇଣ୍ଟରଭ୍ୟୁ କକ୍ଷ ଭିତରକୁ ଡାକିଲେ । ସେଠାରେ ଆମେ ସତୀଶର ସ୍ୱାସ୍ଥ୍ୟ କଥା ଉଠେଇଲେ ମଧ୍ୟ ସ୍ୱାମୀ ସେହି ବିଷୟଟି ଏଡ଼େଇ ଦେଇ ଅନ୍ୟ ସବୁ କଥା କହୁଥାନ୍ତି । ଶେଷରେ ସ୍ୱାମୀ ବିଭୂତି ସୃଷ୍ଟିକରି ତା ଗୋଡ଼ରେ ବୋଳି ଦେଲେ । ଆମେ ସ୍ୱାମୀଙ୍କ ଅନୁମତି ନେଇ ବାହାରକୁ ଆସିଲୁ । ସତୀଶକୁ ମହୀଶୂର ଯାଏଁ ନେବା ଏକ କାଠିକର ପାଠଥିଲା । ଶଗଡ଼ଗାଡ଼ିରେ ତାକୁ ବୁକ୍କପଟ୍ଟନମ୍ ଯାଏଁ ନେବା ଅସମ୍ଭବ ଥିଲା । ତା'ର ଗୋଡ଼ ଏତେ ଫୁଲି ଯାଇଥାଏ ଓ ଅଚଳ ହୋଇଯାଇଥାଏ ଯେ ବୁକ୍କପଟ୍ଟନମ୍‌ରୁ ତାକୁ ବସ୍‌ରେ ନେବା ଅବସ୍ଥାରେ ମଧ୍ୟ ଆମେ ନ'ଥାଉ । ସେଦିନ ଅପରାହ୍ଣରେ ସ୍ୱାମୀ ପୁଟ୍ଟପର୍ତ୍ତିରେ ଛାଡ଼ି ବାହାରକୁ ଯାଉଥିବା ଖବର ପାଇ ମୋର ଅନ୍ୟ ପିଲାମାନେ ସ୍ୱାମୀଙ୍କ ଦର୍ଶନ ପାଇଁ ଧାଇଁଗଲେ । ସେମାନଙ୍କୁ ଦେଖି ସ୍ୱାମୀ କହିଲେ, "ମନ ଦେଇ ପାଠ ପଢ଼ । ମୋର ଆଶୀର୍ବାଦ ତୁମ ଉପରେ ରହିଛି।" ପିଲାମାନେ ଯେତେବେଳେ ସତୀଶର ଅବସ୍ଥା ସମ୍ବନ୍ଧରେ ତାଙ୍କୁ କହିଲେ, ସ୍ୱାମୀ କ୍ରୋଧରେ କହିଲେ "ମୁଁ ପୁଟ୍ଟପର୍ତ୍ତି ଛାଡ଼ିବା ପରେ ତୁମେମାନେ କେହି ଏଠାରେ ରହିବ ନାହିଁ ।" ସ୍ୱାମୀ ଏଥି ପୂର୍ବରୁ ଏଭଳି ଭାବେ ଆମ ଉପରେ କେବେ ରାଗି ନ' ଥିବାରୁ ମୋ ମନ ଦୁଃଖ ହେଲା । ପାଖରେ ଛିଡ଼ା ହୋଇଥିବା କୋଡ଼ଗୁରୁ ଶ୍ରୀ ରବିନ୍ଦ୍ର ପୁଞ୍ଜା ନାମକ ଜଣେ ଭକ୍ତ ସତୀଶକୁ ତାଙ୍କ କାରରେ ପେନୁକେଣ୍ଡା ରେଳଷ୍ଟେସନ ଯାଏଁ ନେଇ ଯିବେ ବୋଲି କହିଲେ । ଆଉ ମଧ୍ୟ ସେ କହିଲେ ଯେ ତାଙ୍କର କିଛି ଜରୁରୀ କାମ ନଥିଲେ ସେ ପିଲାଟିକୁ ମହୀଶୂର ଯାଏ ମଧ୍ୟ ନେଇ ଯାଇଥାନ୍ତେ । ସତରେ କି ଦୟା ତାଙ୍କର । ସେ ଆମକୁ ସାହାଯ୍ୟ କରିବାପାଇଁ ସ୍ୱତଃପ୍ରବୃତ୍ତ ହୋଇ ଆସିଥିବାରୁ ଆମେ ତାଙ୍କୁ ଆମର କୃତଜ୍ଞତା ପ୍ରକାଶ କଲୁ । ଆମେ ଏହାକୁ ସ୍ୱାମୀଙ୍କ କୃପାର ନିଦର୍ଶନ ମନେ କରୁଥାଉ ।

ମହୀଶୂର ପହଞ୍ଚିବା ମାତ୍ରେ ଆମେ ସତୀଶକୁ ଶ୍ରୀକୃଷ୍ଣ ରାଜେନ୍ଦ୍ର ହସ୍‌ପିଟାଲରେ ଭର୍ତ୍ତି କଲୁ । ସେ ଅର୍ଦ୍ଧଚେତନ ଅବସ୍ଥାରେ ଥାଏ ଓ ଅଧିକରୁ ଅଧିକ ଅସ୍ଥିର ହୋଇ ଉଠୁଥାଏ । ସେ ଦିନ ରାତି ଏଣୁତେଣୁ ପ୍ରଳାପ କରୁଥାଏ । ତାର ପାଦ ଦୁଇଟି ଭୀଷଣ ଭାବେ ଫୁଲି ଯାଇଥାଏ । ଡାକ୍ତରଖାନାରେ ଡାକ୍ତରମାନେ ତାର ବିଶେଷ ଯତ୍ନ ନେଉଥାନ୍ତି । ସେମାନେ ତା'ର ଫୁଲା ପାଦରୁ ତିନିଥର ଜଳୀୟ ଅଂଶତକ ବାହାର

କରିଦେଲେ । କିନ୍ତୁ ସେହି ଜଳୀୟ ଅଂଶ ଖୁବ୍ ଶୀଘ୍ର ପାଦରେ ପୁଣି ଜମି ଯାଉଥାଏ । କିଛି ଦିନ ପରେ ଡାକ୍ତରମାନେ କହିଲେ ଯେ ତା'ର ପ୍ରାଣ ରକ୍ଷା କରିବାକୁ ହେଲେ ତା'ର ଗୋଡ଼ଟି କାଟିବାକୁ ପଡ଼ିବ । ଅନନ୍ୟୋପାୟ ହୋଇ ଆମେ ଏହି ପ୍ରସ୍ତାବରେ ରାଜି ହେଲୁ । ଆମ ଭାଗ୍ୟକୁ ଯେଉଁଦିନ ଅସ୍ତ୍ରୋପଚାର ହେବ, ସେହିଦିନ ସ୍ୱାମୀ ମହୀଶୂର ଆସିଥାନ୍ତି । ସେ ଶ୍ରୀ ସେଟ୍ଟିଙ୍କ ଘରେ ରହୁଥାନ୍ତି । ଆମ ସ୍ୱାମୀ ଠିକ୍ ସମୟରେ ଆମ ପାଖକୁ ଆସିଛନ୍ତି ଭାବି ମୁଁ ତୁରନ୍ତ ଯାଇ ସେଠାରେ ପହଞ୍ଚିଲି । ସେଟ୍ଟିଙ୍କ ଘରେ ମୋତେ ଦେଖିବା କ୍ଷଣି ସ୍ୱାମୀ ମୋତେ ପଚାରିଲେ, 'ଝିଅ, ପୁଅ କିମିତି ଅଛି'? ମୁଁ ଉତ୍ତର ଦେଲି, 'ସ୍ୱାମୀ, ଡାକ୍ତରମାନେ କାଲି ତା'ର ଗୋଡ଼ କାଟିଦେବେ ବୋଲି ସ୍ଥିର କରିଛନ୍ତି ।'

ସ୍ୱାମୀ ପରିହାସ କରି କହିଲେ, 'ଏଇ ଡାକ୍ତରମାନେ ବା ଆଉ କ'ଣ କରି ପାରନ୍ତି ? ଗୋଡ଼କାଟି ଦିଅ, ହାତ କାଟି ଦିଅ, ତଣ୍ଟି କାଟି ଦିଅ । ମୁଁ ତୋତେ ସାମାନ୍ୟ ବିଭୂତି ଦେବି, ତାକୁ ତା' ପାଟିରେ ପକା । ସବୁ ଠିକ୍ ହୋଇଯିବ ।' ମୁଁ କହିଲି, ସ୍ୱାମୀଙ୍କ ଦର୍ଶନ ପାଇଁ ସତୀଶ, ସେଟ୍ଟିଙ୍କ ଘରକୁ ଆସିବ ବୋଲି ଜିଦ୍ କରୁଛି।' ସ୍ୱାମୀ କହିଲେ, 'ନା, ଏଇ ପରିସ୍ଥିତିରେ ସେ ଏଠାକୁ ଆସିବା ଠିକ୍ ହେବ ନାହିଁ , ତାକୁ କହ, ଦେହ ଭଲ ହେଲେ ସେ ମୋର ଦର୍ଶନ କରିବ ।' ସ୍ୱାମୀଙ୍କ କଥା ମାନି ମୁଁ ସାମାନ୍ୟ ବିଭୂତି ସତୀଶର ପାଟିରେ ଦେଲି । ସଙ୍ଗେ ସଙ୍ଗେ ପାଦରେ ପାଣି ଜମିବା ବନ୍ଦ ହୋଇଗଲା । ଡାକ୍ତରମାନେ ତାହା ଦେଖି ଆଶ୍ଚର୍ଯ୍ୟ ହେଲେ । ସେମାନେ ମୋତେ ପଚାରିଲେ "ତୁମେ କ'ଣ କଲ ?" ମୁଁ କହିଲି, "ଆମ ସତ୍ୟସାଇନାଥଙ୍କ ପ୍ରସାଦ ତାକୁ ଭଲ କରି ଦେଲା । ପରଦିନ ହେବାକୁ ଥିବା ଅସ୍ତ୍ରୋପଚାର ବାତିଲ କରାଗଲା । ପରଦିନ ଆମେ ସେଟ୍ଟିଙ୍କ ଘରେ ସ୍ୱାମୀଙ୍କୁ ଦର୍ଶନ କଲୁ । ସ୍ୱାମୀ ଆମକୁ ଉପର ମହଲାକୁ ଆସିବାକୁ କହିଲେ । ଆମେ ସମସ୍ତେ ଯାଇ ତାଙ୍କର ପାଦନମସ୍କାର କଲୁ ।

ସ୍ୱାମୀ କହିଲେ, 'ଝିଅ, ମୁଁ ପୁଟ୍ଟପର୍ତ୍ତିରେ ରୁକ୍ଷ ସ୍ୱରରେ କଥା କହିଥିବାରୁ ତୋ ମନ କଷ୍ଟ ହେଇଥିବ । ମୁଁ ଯିବା ପରେ ତୁମେମାନେ ଯଦି ସେଠାରେ ରହିଥାନ୍ତ, ତୁମ ମଧ୍ୟରୁ ଜଣଙ୍କର ସେଠାରେ ମୃତ୍ୟୁ ହେଇଥାନ୍ତା । ମୁଁ ନରମ ସ୍ୱରରେ କହିଥିଲେ ତୁମେ ମୋ କଥା ଶୁଣି ନଥାନ୍ତ । ଝିଅ, ତୁମମାନଙ୍କ ବିଶ୍ୱାସ କେତେ ଦୃଢ଼ ହେବା କଥା ଜାଣ ? ମୋର ନାମ ନେଇ ତୁମେ ଗୋଟିଏ ପଥର ଫିଙ୍ଗିଲେ ପଥର ମଧ୍ୟ ହୀରା ହେଇଯିବା ଦରକାର । ଏଥର ସବୁ ଠିକ୍ ଠିକ୍ ଚାଲିବ । ସେ ସୁସ୍ଥ ହୋଇ ଘରକୁ ଫେରି ଆସିବ । ତୁମେ ଦଶହରାକୁ ପୁଟ୍ଟପର୍ତ୍ତି ଆସିବ । ଆଉ ବ୍ୟସ୍ତ ହୁଅ ନାହିଁ ।' ସ୍ୱାମୀ ଏଭଳି କହି ମୋତେ ଆଶୀର୍ବାଦ କଲେ ଓ ମୋ ହାତରେ ମେଞ୍ଚାଏ ବିଭୂତି ପୁଡ଼ା ଗୁଞ୍ଜିଦେଲେ । ଆମେ ପାଦନମସ୍କାର କରି ବାହାରକୁ ଆସିଲୁ । ସ୍ୱାମୀଙ୍କ ଭବିଷ୍ୟବାଣୀ ଅନୁଯାୟୀ ସତୀଶ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଘରକୁ ଆସିଲା । ମୁଁ ଦଶହରାରେ ପୁଟ୍ଟପର୍ତ୍ତି ଗଲି ।

ଏହି ଘଟଣାର କିଛି ଦିନପରେ ଆମେ ସତୀଶର ଜାତକ ଜଣେ ବିଜ୍ଞ ଜ୍ୟୋତିଷକୁ ଦେଖେଇଥିଲୁ । ସେ ଜାତକ ଦେଖି କହିଲେ ଯେ ପିଲାଟିର ଗୋଟିଏ ଗୋଡ଼ ରହିବ ନାହିଁ ବୋଲି ଜାତକ କହୁଛି । ଆମ ପ୍ରିୟ ସ୍ୱାମୀ ତା ଉପରେ ତାଙ୍କର କୃପା ବର୍ଷଣ କରି ତାକୁ ଏଭଳି ଏକ ବିପର୍ଯ୍ୟୟରୁ ଉଦ୍ଧାର କଲେ ଓ ଏଥିପାଇଁ ସେ ତାର ଅଦୃଷ୍ଟକୁ ହିଁ ବଦଳେଇ ଦେଲେ । ଡାକ୍ତରଖାନା ଛାଡ଼ିବା ସମୟରେ ଡାକ୍ତରମାନେ ଆମକୁ ସତର୍କ କରି କହିଲେ ଯେ ସତୀଶର ଦୁର୍ବଳ ସ୍ୱାସ୍ଥ୍ୟ ଓ ଅତ୍ୟନ୍ତ ସ୍ପର୍ଶକାତର ମନ ହେତୁ ତାର ବିଶେଷ ଯତ୍ନ ନେବାକୁ ହେବ ଓ ତା' ଉପରେ ସବୁବେଳେ ନଜର ରଖିବାକୁ ହେବ । ସେ ପିଲାଦିନୁ ଭାରି ଦୁଷ୍ଟଥାଏ, କେତେବେଳେ କି କାଣ୍ଡ କରିବ କହି ହଉ ନଥାଏ ଓ ଭାରି ଖିଆଲି ଥାଏ । ତାର ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହୁ ନଥାଏ । ତାକୁ ନେଇ ଆମେ ଅନେକ ସମସ୍ୟାରେ ପଡୁଥାଉ । ସେ ସମୟର ଆବଶ୍ୟକତା ଦୃଷ୍ଟିରୁ ଡାକ୍ତରଖାନାରେ ଦିଆଯାଇଥିବା କଡ଼ା ଔଷଧ ତା'ର ଶରୀରକୁ ଆହୁରି ଦୁର୍ବଳ କରି ଦେଇଥାଏ ଓ ମନର ସ୍ପର୍ଶକାତରତା ବୃଦ୍ଧି କରିଥାଏ । ଡାକ୍ତରମାନେ ଆମକୁ କହିଥାନ୍ତି ଯେ ପିଲାଟିକୁ ତା'ର ଶିକ୍ଷକ କୌଣସି ଶାସ୍ତି ଦେଲେ ବା ସାଙ୍ଗସାଥୀମାନେ ପରିହାସ କଲେ, ତାହା ବରଦାସ୍ତ କରି ପାରିବ ନାହିଁ । ତେଣୁ ଏଭଳି ବିଶେଷ ଯତ୍ନ ନେଉଥିବା କୌଣସି ଶିକ୍ଷାନୁଷ୍ଠାନରେ ତାକୁ ଭର୍ତ୍ତି କରିବା ଭଲ ।

ଏହି କଥା କହିବା ସହଜ ଥିଲା କିନ୍ତୁ କରିବା ନୁହଁ । ଏଭଳି କୌଣସି ଶିକ୍ଷାନୁଷ୍ଠାନ ଅଛି କି ନାହିଁ ଆମେ ପ୍ରଥମେ ତାହା ଜାଣି ନଥିଲୁ । ପରେ ଯେତେବେଳେ ସେଭଳି ଏକ ଶିକ୍ଷାନୁଷ୍ଠାନ ପାଇଲୁ, ସେଥିରେ ନାମ ଲେଖାଇବା ଏତେ ଖର୍ଚ୍ଚ ବହୁଳ ଥିଲା ଯେ ତାହା ଆମ ସମ୍ବଳର ବାହାରେ । ଏଭଳି ଏକ ସମୟରେ ଆମେ ଖବର ପାଇଲୁ ଯେ ସ୍ୱାମୀ ପୁଟ୍ଟପର୍ତ୍ତିରେ ଏକ ସଂସ୍କୃତ ପାଠଶାଳା ଖୋଲିବାକୁ ଯାଉଛନ୍ତି, ଯେଉଁଠାରେ ସେ ନିଜେ ଛାତ୍ରମାନଙ୍କୁ ବ୍ରହ୍ମୋପଦେଶ ପ୍ରଦାନ କରିବେ । ଆମେ ପୁଟ୍ଟପର୍ତ୍ତି ଯାଇ ସ୍ୱାମୀଙ୍କୁ ତାଙ୍କର ସେହି ପାଠଶାଳାରେ ସତୀଶକୁ ସ୍ଥାନ ଦେବାପାଇଁ ଓ ତାଙ୍କର ସଯତ୍ନ ପ୍ରେମରେ ତାକୁ ରଖିବା ପାଇଁ ଅନୁରୋଧ କରିବୁ ବୋଲି ସ୍ଥିର କଲୁ ।

ଜାନୁଆରୀରେ ମୁଁ ଯେତେବେଳେ ପୁଟ୍ଟପର୍ତ୍ତି ଯାଇଥାଏ, ସତିଶ ସାଙ୍ଗରେ ସୁରେଶକୁ ମଧ୍ୟ ମୋ ସଙ୍ଗେ ନେଇଥାଏ । ସ୍ୱାମୀ ମୋତେ ପଚାରିଲେ, 'ପିଲାଙ୍କୁ ଆଗରୁ କାହିଁକି ଆଣିଲୁ ନାହିଁ' ? ମୁଁ କହିଲି, 'ସ୍ୱାମୀ ମୁଁ ଏଇମାତ୍ର ସଂସ୍କୃତ ପାଠଶାଳା ସମ୍ବନ୍ଧରେ ଜାଣିବାକୁ ପାଇଲି ।' ସ୍ୱାମୀ କହିଲେ, 'ମୁଁ ଆଶ୍ରମର ଜଣେ ଅନ୍ତେବାସୀଙ୍କୁ ଏ ସମ୍ବନ୍ଧରେ ମହୀଶୂରକୁ ଚିଠି ଲେଖି ଜଣେଇବାକୁ କହିଥିଲି । ହଉ, ସେ କଥା ଛାଡ଼ । ଡେରିରେ ହଉପଛେ ଏବେ ଅନ୍ତତଃ ଆସିଛ, ମୁଁ ଖୁସି ।' ସେଦିନ ସେମାନେ ପାଠଶାଳାରେ ନାମ ଲେଖେଇବାର ଥିଲା । ମୁଁ ସ୍ୱାମୀଙ୍କୁ ଭେଟି ପିଲାମାନଙ୍କୁ ଆଶୀର୍ବାଦ କରିବାପାଇଁ

ଅନୁରୋଧ କରିବାକୁ ଯାଇଥିଲି । ମୋ ହାତରେ ଗୋଟିଏ ମୁଣା ଦେଖି ସ୍ୱାମୀ ସେ ଭିତରେ କ'ଣ ଅଛି ଜାଣିବାକୁ ଚାହିଁଲେ । ମୁଁ କହିଲି, 'ସ୍ୱାମୀ ପାଠଶାଳାରେ ଶିକ୍ଷକମାନଙ୍କ ପାଇଁ ମୁଁ କିଛି ଗୁରୁ ଦକ୍ଷିଣା ଆଣିଛି ।' ସ୍ୱାମୀ କହିଲେ, 'ମୁଁ ଗୁରୁ, ଏ ପାଠଶାଳା ମୁଁ ଚଳଉଛି, ସେମାନେ ନୁହଁ । ତୁ ସେମାନଙ୍କୁ ଗୁରୁ ଦକ୍ଷିଣା ଦେବାକୁ ଚାହୁଁଛୁ ? ଆଣେ, ମୋତେ ସେ ଦକ୍ଷିଣା ଦେ ।' ସେ ମୋ ହାତରୁ ମୁଣାଟି ଏକ ପ୍ରକାର ଟାଣି ନେଲେ ଓ ମୁଣା ଭିତରେ ହାତ ଭର୍ତ୍ତି କରି କହିଲେ, 'ଓହୋ ! ଫଳ ଓ ମିଶିରି ଅଛି ।' ଏହା କହି ସେ ସେଗୁଡ଼ିକୁ ଟେବୁଲ ଉପରେ ରଖିଲେ । ମୁଁ କହିଲି, 'ସ୍ୱାମୀ, ମୁଁ ମୋ ପିଲାଙ୍କୁ ଆପଣଙ୍କ ଜିମାରେ ଛାଡ଼ିଲି । ସ୍ୱାମୀ ପିଲା ଦୁଇଜଣଙ୍କୁ ପାଖକୁ ଡାକିଲେ ଓ ତାଙ୍କର ହାତ ସେମାନଙ୍କ ମଥା ଉପରେ ରଖି କହିଲେ, 'କାନାମ୍ମା, ତୁ ତୋ ପିଲାମାନଙ୍କୁ ମୋତେ ପୋଷ୍ୟପୁତ୍ର ରୂପେ ଦେଉଛୁ ବୋଲି ଜାଣେ, ମୁଁ ସେମାନଙ୍କୁ ମୋର ପୋଷ୍ୟପୁତ୍ର ରୂପେ ଗ୍ରହଣ କଲି ।' ପିଲାମାନେ ୧୯୬୪ ଜାନୁଆରୀ ୧୧ତାରିଖ ଦିନ ପାଠଶାଳାରେ ଯୋଗଦେଲେ ।

✍

୧୯୬୩ ମସିହାରେ ମୋର ଦୁଇ ଛୋଟ ପୁଅ, ସତୀଶ ଓ ସୁରେଶ ମହୀଶୂରର ଏକ ସରକାର ବିଦ୍ୟାଳୟରେ ଯଥାକ୍ରମେ ଚତୁର୍ଥ ଓ ଦ୍ୱିତୀୟ ଶ୍ରେଣୀରେ ପଢୁଥାନ୍ତି । ସ୍ୱାମୀ ବୈଦିକ ଶିକ୍ଷାର ପରିପୋଷଣ ତଥା ପରିବର୍ଦ୍ଧନ ନିମନ୍ତେ ପୁଟପର୍ତ୍ତିରେ ଯେଉଁ ବେଦ ପାଠଶାଳା ଆରମ୍ଭ କରିଥାନ୍ତି, ସେଥିରେ ମୋର ଏଇ ଦୁଇ ପୁଅଙ୍କୁ ଭର୍ତ୍ତି କରାଇଲେ । ଆଠବର୍ଷ ଏଭଳି ଭାବେ ବେଦ ଓ ସଂସ୍କୃତ ଭାଷା ଶିକ୍ଷା ଦେବା ପରେ ସ୍ୱାମୀ ଉକ୍ତ ବିଦ୍ୟାଳୟକୁ ବନ୍ଦ କରିଦେଲେ ଓ ସବୁ ପିଲାଙ୍କୁ ଫେରେଇ ଦେଲେ । ମୋର ଦୁଇ ପୁଅ ମଧ୍ୟ ମହୀଶୂର ଫେରି ଆସିଲେ । ଚାକିରୀ କରିବା ନିମନ୍ତେ ସେଭଳି କୌଣସି ଯୋଗ୍ୟତା ଲାଭ ନକରି ସେମାନଙ୍କର ଆଠ ବର୍ଷ ବିତି ଗଲା । ସେମାନଙ୍କ ପକ୍ଷରେ କିଛି ନା କିଛି ଚାକିରୀ କରିବା ପାଇଁ ନ୍ୟୁନତମ ଯୋଗ୍ୟତା ଏସ.ଏସ. ଏଲ. ସି (ମାଟ୍ରିକ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ମଧ୍ୟ ସମ୍ଭାବନାର ବାହାରେ ଥାଏ । ସେମାନଙ୍କୁ ଅ, ଆ ଠାରୁ ଆରମ୍ଭ କରି ଅନେକ କିଛି ଶିଖିବା ବାକିଥିଲା । ପିଲାମାନଙ୍କର ମନ ପୁରାପୁରି ଭାଙ୍ଗି ଯାଇଥାଏ । ଆମେ ମଧ୍ୟ ଭାଙ୍ଗି ପଡ଼ିଥିଲୁ । ଗଭୀର ମନୋବେଦନା ନେଇ ମୁଁ ସ୍ୱାମୀଙ୍କୁ ପ୍ରାର୍ଥନା କରୁଥାଏ ଯେ ଆମେ ତାଙ୍କର ବାହୁଛାୟା ତଳେ ରହିଥିବାରୁ ସେ ମୋ ଦୁଇପୁଅଙ୍କୁ ଏଭଳି ମଝି ଦରିଆରେ ଛାଡ଼ି ନ'ଦିଅନ୍ତୁ । ସେହି ଦୁଃସମୟରେ ଆମର ଆଉ କେହି ଆଶ୍ରା ନଥାନ୍ତି । ଏସ୍.ଏସ.ଏଲ. ସି ପାଠ୍ୟକ୍ରମ ଅନୁଯାୟୀ ପିଲାମାନଙ୍କୁ ଇଂରାଜୀ, ଗଣିତ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ଶିକ୍ଷା ଦେବା ପାଇଁ ଜଣେ ଶିକ୍ଷକଙ୍କୁ ନିଯୁକ୍ତ କଲୁ । ପିଲାମାନେ ବିଦ୍ୟାଳୟକୁ ନଯାଇ ଘରୋଇ ଭାବେ ଶିକ୍ଷା ଲାଭ କରୁଥିବାରୁ ପରୀକ୍ଷାରେ

ଉତ୍ତୀର୍ଣ୍ଣ ହେବେ ବୋଲି ଆଶାବାନ୍ ନ'ଥାନ୍ତି । କିନ୍ତୁ ତାଙ୍କର କୃପାରୁ ଉଭୟେ ପରୀକ୍ଷାରେ କୃତକାର୍ଯ୍ୟ ହେଲେ ।

ବେଦପାଠଶାଳାରେ ଯୋଗ ଦେଇଥିବା ପ୍ରଥମ ଛାତ୍ରଦଳଙ୍କୁ ନିର୍ଦ୍ଦେଶ କରି ସ୍ୱାମୀ ଘୋଷଣା କରିଥିଲେ, 'ଏହି ବାଳକମାନେ ସନାତନଧର୍ମର ସୁଦୃଢ଼ ସ୍ତମ୍ଭ ହୋଇ ବାହାରିବେ ।' ଯେଉଁ ଅଭିଭାବକମାନେ ସେମାନଙ୍କର ପିଲାଙ୍କୁ ଏହି ପାଠଶାଳାକୁ ପଠାଇଛନ୍ତି ସେମାନେ ଆନନ୍ଦିତ ହେବାର କାରଣ ରହିଛି, କାରଣ ଏହି ପିଲାମାନେ ବୈଦିକ ଜ୍ୟୋତିକୁ ଚତୁର୍ଦ୍ଦିଗରେ ବିକିରଣ କରିପାରୁଥିବା ଉଜ୍ଜ୍ୱଳ ରତ୍ନ ହେବେ । ଯେକୌଣସି ମା ଅପେକ୍ଷା ଅଧିକ ସ୍ନେହ ଦେଇ ମୁଁ ସେମାନଙ୍କର ଲାଳନ ପାଳନ କରିବି ।'

ପ୍ରକୃତରେ ସ୍ୱାମୀ ହିଁ ମୋର ପିଲାଙ୍କର ଲାଳନ ପାଳନ କରୁଥାନ୍ତି । ଉଚ୍ଚଶିକ୍ଷା ଲାଭ କରି ସେମାନେ ଆଜି ନିଜ ଗୋଡ଼ରେ ନିଜେ ଭଲଭାବେ ଛିଡ଼ା ହୋଇ ପାରିଛନ୍ତି । ଆଠ ବର୍ଷର ବେଦଶିକ୍ଷା ସେମାନଙ୍କ ପାଇଁ ସ୍ୱାମୀଙ୍କଠାରୁ ପ୍ରାପ୍ତ ଅତିରିକ୍ତ ଲାଭ ଥିଲା । ଆମର ସନାତନ ବୈଦିକ ଜ୍ଞାନରେ ସେମାନଙ୍କର ଏକ ଶକ୍ତ ମୂଳଦୁଆ ପଡ଼ିଗଲା । ଅନେକେ ଜୀବନରେ ଏହା ଚାହିଁଥାନ୍ତି କିନ୍ତୁ ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଏହା ଜୁଟିଥାଏ ।

ସ୍ୱାମୀ ୧୯୬୩ ମସିହାରେ ଦିନେ ମୋତେ କହିଲେ ଯେ ସେ ମୋ ମା'ଙ୍କୁ ବେଦପାଠଶାଳା ସଂଲଗ୍ନ ରନ୍ଧନଶାଳାର ଦାୟିତ୍ୱ ଦେବେ । ଏକଥା ମୁଁ ମୋ ମା'ଙ୍କୁ କହିବା ପାଇଁ ଟିକିଏ ପଛଉଥାଏ କାରଣ ସେତେବେଳେକୁ ମୋର ମା'ର ବୟସ ଷାଠିଏ ହୋଇ ଯାଇଥାଏ । ଗୋଟିଏ ଆଖିକୁ ବିଲ୍‌କୁଲ ଦିଶୁ ନଥାଏ ଓ ଆଉ ଗୋଟିଏ ଆଖିକୁ ଆଂଶିକ ଭାବେ ଦିଶୁଥାଏ ।

ତଥାପି ମୁଁ ମା'କୁ ସ୍ୱାମୀ ଯାହା ଭାବିଛନ୍ତି ତାହା କହିଲି । ପରଦିନ ଆମେ ଦୁହେଁ ସ୍ୱାମୀଙ୍କ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଗଲୁ । ମୋ ମା ସ୍ୱାମୀଙ୍କୁ ତା ଆଖି କଥା କହିଲା, କିନ୍ତୁ ସ୍ୱାମୀ ଜିଦ୍ କରି କହୁଥାନ୍ତି 'ହେ ଝିଅ, କାମ କିଛି କଷ୍ଟ ନୁହଁ । ମାତ୍ର ସାତ, ଆଠଟି ପିଲା, ମୁଠାଏ ଚାଉଳ ନେଇ ଭାତ ପକେଇବା କଥା, ଏତିକି କ'ଣ କରିପାରିବୁନି ?'

ମୋ ମା ସେଇ ଦାୟିତ୍ୱ ନେଲା । ଧୀରେ ଧୀରେ ପିଲାଙ୍କ ସଂଖ୍ୟା ବଢ଼ି ଚାଳିଶହେଲା, ତା ସାଙ୍ଗକୁ ଚାରିଜଣ ଶିକ୍ଷକ । ମୋ ମା' ସୀତାମ୍ମାଙ୍କୁ ଜଣେ ମାତ୍ର ସାହାଯ୍ୟ କରୁଥାଏ । ଏମିତି ସେ ତାକୁ ୭୦ ବର୍ଷ ହେବା ଯାଏଁ ଦୀର୍ଘ ଆଠ ବର୍ଷ ପିଲାଙ୍କୁ ରୋଷେଇ କରି ଦେଉଥାଏ । ତା'ର ଶରୀରର ଦୁର୍ବଳତା ତାକୁ ତାର ଦାୟିତ୍ୱକୁ ସୁଚାରୁ

ରୂପେ ସମ୍ପାଦନ କରିବାରେ କୌଣସି ପ୍ରକାର ଅନ୍ତରାୟ ସୃଷ୍ଟି କଲା ନାହିଁ । ଏତେଦିନ ସ୍ୱାମୀଙ୍କ କୃପା ବିନା ଆଉ କ'ଣ ତାକୁ ସେହି ଶକ୍ତି ଓ ସାମର୍ଥ୍ୟ ଦେଇଥିବ ?

✍

ଆମେ ୧୯୬୪ ମସିହାର ବର୍ଷା ଋତୁରେ ପୁଟ୍ଟପର୍ତ୍ତିରେ ଥାଉ । ଦିନେ ସକାଳେ ଭଜନ ପରେ ସ୍ୱାମୀ ବାହାରକୁ ଆସି କହିଲେ ଯେ ପୁରୁଣା ମନ୍ଦିରରେ ରହୁଥିବା ସମସ୍ତେ ସନ୍ଧ୍ୟା ପାଞ୍ଚଟା ପୂର୍ବରୁ ନୂଆ ମନ୍ଦିରକୁ ଚାଲି ଆସନ୍ତୁ । ଆମେ କିନ୍ତୁ ଟିକିଏ ହେଳା କରି ବିଳମ୍ବରେ ପୁରୁଣା ମନ୍ଦିର ଛାଡ଼ିଲୁ । ସେଦିନ ସାରା ପାଗ ମେଘୁଆ ଥାଏ ଓ ସନ୍ଧ୍ୟା ବେଳକୁ ଝିପିଝିପି ବର୍ଷା ଆରମ୍ଭ ହେଲା । ଧୀରେଧୀରେ ବର୍ଷା ବଢ଼ିଲା । ସେତେବେଳକୁ କିଟିକିଟି ଅନ୍ଧାର । ମାତ୍ର କେତେ ମିନିଟ୍ ଭିତରେ ଚିତ୍ରାବତୀର ପାଣି ପୁରୁଣା ମନ୍ଦିର ଭିତରକୁ ପଶିବାକୁ ଲାଗିଲା । ମନ୍ଦିର ଚଉତରାର ସାମ୍ନାରେ ଥିବା ଘରଗୁଡ଼ିକରେ ଯେଉଁମାନେ ରହୁଥାନ୍ତି ସେମାନେ ନିଜ ନିଜ ଘର ଖାଲି କରି ସାରିଥାନ୍ତି । ଚଉତରାରେ ପାଣି ଭର୍ତ୍ତି ହେଇଗଲା ଓ ତାହା ଆସ୍ତେ ଆସ୍ତେ ଘର ଗୁଡ଼ିକରେ ପ୍ରବେଶ କଲା । ଆମେ ଘରୁ ବାହାରକୁ ଚାଲି ଆସିଲୁ ଓ ଜିନିଷପତ୍ର ନିରାପଦ ରଖିବାକୁ ଘରର କବାଟ ଦରଜା ବନ୍ଦ କରିଦେଲୁ । କବାଟ ବନ୍ଦ କରିବା ମାତ୍ରକେ ଆଲୁଅ ଲିଭିଗଲା କିଟି କିଟି ଅନ୍ଧାର ଭିତରେ ଆମେ କେଉଁ ଦିଗକୁ ଯିବୁ ଜାଣି ପାରୁନଥାଉ । ସେତେବେଳକୁ ସ୍ୱାମୀ କେତେକ ଭକ୍ତଙ୍କ ହାତରେ ଟର୍ଚ୍ଚ ଦେଇ ପଠେଇଥାନ୍ତି ଆମକୁ ପୁରୁଣା ମନ୍ଦିରରୁ ନୂଆ ମନ୍ଦିରକୁ ନେଇ ଆସିବାପାଇଁ । ସେମାନେ ପହଞ୍ଚିବା ବେଳକୁ ପାଣି ପ୍ରବଳ ଭାବେ ବଢ଼ି ଯାଇଥାଏ । ସେମାନେ ଆମକୁ ପୁରୁଣା ମନ୍ଦିରରୁ ଉଦ୍ଧାର କଲେ । ଆମେ ପୁରା ଭିଜି ଯାଇଥାଉ । ଏଭଳି ଅବସ୍ଥାରେ ଆମେ ଯେତେବେଳେ ମନ୍ଦିରରେ ପହଞ୍ଚିଲୁ, ସ୍ୱାମୀ ପୋର୍ଟିକୋରେ ଛିଡ଼ା ହୋଇଥାନ୍ତି । ସେ ଆମକୁ ଭର୍ତ୍ସନା କରି କହିଲେ, 'ତୁମ ସବୁ ମାଇକିନାଙ୍କର କ'ଣ ମୁଣ୍ଡ କାମ କରୁନି ? ବେଳ ଥାଉ ଥାଉ ତୁମେ ଏଠିକି ଆସିଲନି କାହିଁକି ? ମୁଁ ଯେତେବେଳେ ତୁମକୁ ଶୀଘ୍ର ଚାଲି ଆସିବାକୁ କହିଲି, ମୋ କଥା ମାନିବା କ'ଣ ଦରକାର ନାହିଁ ? ମୋ କଥା ନ ମାନିଲେ ଏଇ ଫଳହୁଏ । ତୁମେ ଠିକ୍ ସମୟରେ ଆସିବ ବୋଲି ମୋତେ କ'ଣ ଅମୁକ ଜିନିଷ ଅମୁକ ସମୟରେ ଘଟିବାକୁ ଯାଉଛି ବୋଲି ସବୁ ଆଗରୁ ଖୋଲି କହିବାକୁ ପଡ଼ିବ ?'

ଆମେ ରାତିଟି ନୂଆ ମନ୍ଦିରରେ ବିତେଇ ସକାଳୁ ପୁଣି ପୁରୁଣା ମନ୍ଦିରକୁ ଗଲୁ । ପୁରୁଣା ମନ୍ଦିର ପାଖରେ ଗୋଟିଏ ହନୁମାନ ମନ୍ଦିର ଅଛି । ମନ୍ଦିର ପରେ ଗୋଟିଏ ଛୋଟ ପୋଖରୀ ଅଛି ଓ ପୋଖରୀର ଗୋଟିଏ ପାଖକୁ ଆଠ ଫୁଟ ଚଉଡ଼ାର ଗୋଟିଏ ବନ୍ଧ ଅଛି । ବନ୍ଧଟି ପାଖରେ ଥିବା ବଗିଚା ଯାଏଁ ଲମ୍ବି ଯାଇଛି । ବର୍ଷା ପାଣି ସେଇ ଦିଗରେ ବହିଯାଇଥାଏ ଓ ସକାଳେ ଆମେ ଦେଖି ଆଶ୍ଚର୍ଯ୍ୟ ହେଲୁ ଯେ ପୁରା ବନ୍ଧଟି

ଭାସି ଯାଇଛି । ପାଣି ଯଦି ତାର ସ୍ୱାଭାବିକ ଗତିରେ ମନ୍ଦିର ଆଡ଼କୁ ବହିଥାନ୍ତା, ତେବେ ପୁରା ମନ୍ଦିରଟି ବୁଡ଼ି ଯାଇଥାନ୍ତା ଓ ଆମେ ସବୁ ଭାସି ଯାଇଥାନ୍ତୁ । ସ୍ୱାମୀ ଆମକୁ ରକ୍ଷା କରିବାପାଇଁ ସେହି ବନ୍ଧଟିକୁ ଭଙ୍ଗେଇ ଦେଇ ପାଣିର ଗତିପଥକୁ ବଦଳେଇ ଦେଇଥାନ୍ତି ।

✍

ନିମ୍ନରେ ବର୍ଣ୍ଣିତ ଘଟଣାଗୁଡ଼ିକ ୧୯୮୯ ଓ ତା' ପରେ ଘଟିଥିଲା ।

ମୋର ବୋହୂ ସରସ୍ୱତୀର (ରଘୁର ସ୍ତ୍ରୀ) ଅନେକ ଦିନ ଧରି ପେଟବଥା ହେଉଥାଏ । ତାକୁ ୧୯୮୯ ମସିହାରେ ବାଙ୍ଗାଲୋରର ଏମ୍.ଏସ. ରମେୟା ଡାକ୍ତରଖାନାରେ ଭର୍ତ୍ତି କରାଗଲା । ଅନେକ ପରୀକ୍ଷା ନିରୀକ୍ଷା ପରେ ଡାକ୍ତରମାନେ କହିଲେ ଯେ ତାର ବୃହଦ୍‌ଅନ୍ତ୍ରରେ କ୍ଷତ ହୋଇଛି ଓ ତାହା ବେଶ୍ ନଷ୍ଟ ହୋଇ ଯାଇଛି । ତାକୁ କୁହାଗଲା ଯେ ବୃହଦ୍‌ଅନ୍ତ୍ରକୁ ଅସ୍ତ୍ରୋପଚାର କରି ବାହାର ନକଲେ ତାହା ତାର କ୍ଷୁଦ୍ରଅନ୍ତ୍ରକୁ ମଧ୍ୟ ନଷ୍ଟ କରିଦେବ ଓ ସେତେବେଳେ ଅବସ୍ଥା ଖୁବ୍ ମାରାତ୍ମକ ହୋଇଯିବ । ଅସ୍ତ୍ରୋପଚାର ପୂର୍ବର ଆଉ କେତେକ ପରୀକ୍ଷା ତଥା ମଧୁମେହ ରୋଗର ନିୟନ୍ତ୍ରଣ ପାଇଁ ତାକୁ ଆଉ କିଛି ଦିନ ଡାକ୍ତରଖାନାରେ ରହିବାକୁ ପଡ଼ିଲା । ତା' ସ୍ୱାସ୍ଥ୍ୟକୁ ନେଇ ଆମେ ସବୁ ବ୍ୟସ୍ତ ଥାଉ । ମୁଁ ସବୁ ବିଷୟ ଚିକିନିଖି ଭାବେ ଚିଠିରେ ଲେଖି ସରସ୍ୱତୀକୁ ରକ୍ଷା କରନ୍ତୁ ବୋଲି ସ୍ୱାମୀଙ୍କୁ ପ୍ରାର୍ଥନା କଲି । ଅସ୍ତ୍ରୋପଚାର ଦିନ ପାଖେଇ ଆସୁଥାଏ ।

ମୋ ସାନ ବୋହୂ ସାଇଗୀତାର ଭାଇ ଶ୍ରୀମୂରଲୀଧରନ୍ ସେବାଦଳ କର୍ମୀଥାନ୍ତି । ପ୍ରତିଦିନ ସକାଳୁ ଉଠି ଧ୍ୟାନ କରିବା ତାଙ୍କର ଅଭ୍ୟାସ ଥାଏ । ସରସ୍ୱତୀର କଷ୍ଟ ଜାଣିବା ପରଠାରୁ ସେ ମଧ୍ୟ ଆମ ସଙ୍ଗେ ତାକୁ ରକ୍ଷା କରିବାପାଇଁ ସ୍ୱାମୀଙ୍କ ପ୍ରାର୍ଥନା କରୁଥାନ୍ତି ।

ଦିନେ ସକାଳେ ସେ ଧ୍ୟାନରେ ବସିବା ସମୟରେ ସରସ୍ୱତୀର ଚିକିତ୍ସା ଚିନ୍ତା ତାଙ୍କ ମନକୁ ଆଚ୍ଛନ୍ନ କରିଥାଏ । ଧ୍ୟାନରେ ସେ ଦେଖିଲେ ସ୍ୱାମୀ ତାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ ତାଙ୍କ ସଙ୍ଗରେ ଆସିବାକୁ କହୁଛନ୍ତି । ସ୍ୱାମୀଙ୍କ ସଙ୍ଗେ ଯାଇ ସେ ଏକ ଡାକ୍ତରଖାନାରେ ପହଞ୍ଚିଛନ୍ତି । ଡାକ୍ତରଖାନାରେ ୱାର୍ଡ଼ଗୁଡ଼ିକ ମଝିରେ ଏକ ଅଗଣା ଅଛି ଓ ସେହି ଅଗଣାରେ ରୋଗୀମାନେ ବସିବାକୁ ବେଞ୍ଚ ପଡ଼ିଛି । ସ୍ୱାମୀ ଅଗଣା ପାର ହୋଇ ଗୋଟିଏ ଲମ୍ବା ବାରଣ୍ଡା ଦେଇ ଚାଲିଥାନ୍ତି । ବାରଣ୍ଡାର ଦୁଇପାଖରେ ରୋଗୀମାନଙ୍କ ପାଇଁ କମରାଗୁଡ଼ିଏ ଥାଏ । ଗୋଟିଏ କମରା ଛାଡ଼ି ଅନ୍ୟ ସବୁ କମରାର ଦ୍ୱାର ବନ୍ଦ ଥାଏ । ଏଇ କମରାଟି କିନ୍ତୁ ଆଂଶିକ ଭାବେ ଖୋଲା ଥାଏ । ସ୍ୱାମୀ କମରା ଭିତରକୁ ଗଲେ ଓ ଅଳ୍ପ ସମୟ ମଧ୍ୟରେ ପୁଣି ବାହାରକୁ ଚାଲି ଆସିଲେ । ତା' ପରେ ସ୍ୱାମୀ ମୂରଲୀଧରନ୍‌କୁ କହିଲେ, ସେ ଭଲ ଅଛି । ସେ ଭଲ ରହିବ । ଚାଲ ଏଥର ଯିବା ।' ସେ ସ୍ୱାମୀଙ୍କ ପଛେ ପଛେ ଆସିଲେ । ମୂରଲୀଧରନ୍ ଆଖି ଖୋଲି ଦେଖିଲେ, ସ୍ୱାମୀଙ୍କ ପାଦ ତାଙ୍କ ସାମ୍‌ନାରେ ଅଛି । ଏଭଳି ଅନୁଭୂତି ତାଙ୍କ ପାଇଁ ପ୍ରଥମ ଥିଲା ଓ ଏଥି ପୂର୍ବରୁ ସେ କାହା

ପାଇଁ ଏତେ ଅନ୍ତରଭରି କେବେ ପ୍ରାର୍ଥନା କରି ନଥିଲେ । ଏହି ଅନୁଭୂତି ତାଙ୍କୁ ଭାବବିହ୍ୱଳ କଲା ଓ ଦୀର୍ଘସମୟ ତାଙ୍କ ମନକୁ ଆଚ୍ଛନ୍ନ କରି ରଖିଲା ।

ପରଦିନ ସେ ଆସି ମୋତେ ପୁରା ଘଟଣା କହିଲେ । ସେ କହୁଥାନ୍ତି ଯେ ସେ ସେହି ଡାକ୍ତରଖାନା ଏଥି ପୂର୍ବରୁ ଥରେ ମଧ୍ୟ ଦେଖି ନାହାନ୍ତି । ତଥାପି ସ୍ୱପ୍ନରେ ସେ ସ୍ୱାମୀଙ୍କ ସଙ୍ଗେ ଯାହା ଦେଖିଥାନ୍ତି ତାହା ମୁଁ ଏଥି ପୂର୍ବରୁ ୱାର୍ଡ ଓ ଅଗଣାର ଯେଉଁ ବର୍ଣ୍ଣନା କରିଥିଲି ତାହା ସଙ୍ଗେ ପୁରାପୁରି ମେଳ ଖାଉଥିଲା । ସେ ଆଉ ମଧ୍ୟ କହିଲେ ଯେ ଏ ସମସ୍ତ ଅନୁଭୂତି ମଧ୍ୟରେ ସେ କେବେ ଅନୁଭବ କରୁ ନଥାନ୍ତି ଯେ ସେ ନିଦରେ ଅଛନ୍ତି। ଅସ୍ତ୍ର ଚିକିତ୍ସା ସମୟରେ ଡାକ୍ତରମାନେ ଦେଖିଲେ ରୋଗୀର ଦେହରେ କିଛି ଦୋଷ ନାହିଁ । ତାହାଦେଖି ସେମାନେ ଆଶ୍ଚର୍ଯ୍ୟ ହେଉଥାନ୍ତି । ରୋଗୀକୁ ଡାକ୍ତରଖାନାରେ ଭର୍ତ୍ତି କରିବାପୂର୍ବରୁ ଚିକିତ୍ସକ ଡକ୍ଟର ମୋହନ ରାଓ ରଞ୍ଜନ ରଶ୍ମିରେ ବ୍ୟାରିୟମ୍ ମିଲ୍ ଫଟୋ ଉଠେଇ ଅନ୍ତରେ ଯେଉଁ କ୍ଷତ ସ୍ପଷ୍ଟ ଭାବେ ଦେଖିଥିଲେ, ତାହା କ'ଣ ହେଲା ? ସେମାନେ ପରସ୍ପରକୁ କହୁଥାନ୍ତି ଯେ ଏଭଳି ଭୁଲ ସେମାନଙ୍କର ହେବା କଥା ନୁହଁ । ଶେଷରେ କେବଳ ଏପେଣ୍ଡିସେକ୍ଟୋମି କରାଗଲା ଓ ସେ ଉତ୍ତମ ସ୍ୱାସ୍ଥ୍ୟ ନେଇ ଘରକୁ ଫେରିଲା । ଆମେ ସମସ୍ତେ ଖୁସି ହେଲୁ ଏବଂ ସ୍ୱାମୀଙ୍କ କୃପା ପାଇଥିବା ହେତୁ ତାଙ୍କୁ ଆମର ହୃଦୟର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜଣାଇଲୁ ।

ମୋର ବୋହୂ (ଶଙ୍କରର ସ୍ତ୍ରୀ) ବସନ୍ତାକୁ ଅଗଷ୍ଟ ୧୯୯୦ ରେ hysterectomy ଚିକିତ୍ସା ନିମନ୍ତେ ମହୀଶୂରର ଚେଲୁବାମ୍ବା ଡାକ୍ତର ଖାନାରେ ଭର୍ତ୍ତି କରାଗଲା । ନିଶ୍ଚେତକ (Anaesthesia) ଦେବା ପାଇଁ ଆଉ ମାତ୍ର କିଛି ସେକେଣ୍ଡେ ଥାଏ, ତାର ହୃଦକମ୍ପନ ଆରମ୍ଭହେଲା । ସେ ଚିତ୍କାର କରି କହୁଥାଏ, ଯେ ତା'ର ହୃଦସ୍ପନ୍ଦନ ଉଦ୍‌ବେଗଜନକ ଭାବେ ବଢ଼ି ଯାଉଛି । ଚୈତନ୍ୟ ନାଶକ ଦେବାକୁ ଯାଉଥିବା ଡାକ୍ତର ଆଉ ତାହା ଦେଲେ ନାହିଁ । ଅସ୍ତ୍ରୋପଚାର କକ୍ଷ ମଧ୍ୟରେ ଡାକ୍ତରମାନେ ହୃଦକମ୍ପନ ରୋକିବା ପାଇଁ କରୁଥିବା କୌଣସି ଚେଷ୍ଟା କାମ ଦେଲାନି, ଫଳରେ ଅସ୍ତ୍ରୋପଚାରକୁ ଗଡ଼େଇ ଦିଆଗଲା । ନିଶ୍ଚେତକ ଦେବା ଦାୟିତ୍ୱରେ ଥିବା ବିଶେଷଜ୍ଞ ମୋ ପୁଅ ଶଙ୍କରକୁ ଅସ୍ତ୍ରୋପଚାର କକ୍ଷ ମଧ୍ୟକୁ ଡାକିଲେ, ଯାହା ସାଧାରଣରେ ହୋଇ ନଥାଏ ଓ ତାକୁ ବୁଝେଇ କହିଲେ ଯେ ଦୀର୍ଘ ତିରିଶ ମିନିଟ୍ ଧରି ସେମାନେ ରୋଗୀକୁ ସ୍ୱାଭାବିକ ଅବସ୍ଥାକୁ ଆଣିବାକୁ ସବୁ ପ୍ରକାର ଚେଷ୍ଟା କରିଥିଲେ ହେଁ ସେମାନଙ୍କର ଚେଷ୍ଟା ବିଫଳ ହୋଇଛି । ସେ ଆଉ ମଧ୍ୟ କହିଲେ ଯେ ରୋଗୀ ଖୁବ୍ ଭାଗ୍ୟବାନ୍ କାରଣ ଠିକ୍ ସମୟରେ ସେମାନେ ତାକୁ ନିଶ୍ଚେତକ ଦେବାରୁ ନିବୃତ୍ତ ହେଲେ । ତାହା ଯଦି ଦିଆଯାଇଥାନ୍ତା ତେବେ ରୋଗୀ ଘୋର ବିପଦରେ ପଡ଼ିଥାନ୍ତା । ଉକ୍ତ ଡାକ୍ତର କହିଲେ

ଯେ ତାଙ୍କର ବହୁ ଦଶନ୍ଧିର ଅଭିଜ୍ଞତା ମଧ୍ୟରେ ସେ ଏଭଳି କଥା କେବେ ଦେଖି ନଥିଲେ । କିନ୍ତୁ ବସନ୍ତାର ହିଷ୍ଟେରେକ୍ଟୋମି ଚିକିତ୍ସାକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଘୁଞ୍ଚାଇବା ମଧ୍ୟ ସମ୍ଭବ ନଥିଲା । ଆମେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ସ୍ୱାମୀଙ୍କୁ ଆମକୁ କିଛି ରାହା ଦେଖାନ୍ତୁ ବୋଲି ପ୍ରାର୍ଥନା କଲୁ ।

ପରଦିନ ସ୍ୱାମୀ ମୋ ମା'କୁ ସ୍ୱପ୍ନରେ ଦର୍ଶନ ଦେଲେ । ସ୍ୱପ୍ନରେ ମା' ଦେଖିଲା ଯେ ସ୍ୱାମୀ ସେହି ଡାକ୍ତରଖାନାକୁ ଯାଉଛନ୍ତି ଓ ବସନ୍ତା ଯେଉଁ ୱାର୍ଡରେ ଭର୍ତ୍ତି ହୋଇଥାଏ, ସେଠାକୁ ଆସିଛନ୍ତି । ସେ ତାର ଶଯ୍ୟା ପାର୍ଶ୍ୱକୁ ଯାଇ ତାକୁ କିଛି ସମୟ ଚାହିଁଲେ ଅଳ୍ପ ଦିନ ମଧ୍ୟରେ ତା'ର ଅବସ୍ଥାରେ ଉନ୍ନତି ହେଲା ଓ କୌଣସି ଜଟିଳତା ନ'ଥାଇ ତା'ର ଅସ୍ତ୍ରୋପଚାର ସଫଳ ଭାବେ କରାଗଲା । କରୁଣାମୟ ସ୍ୱାମୀଙ୍କ କୃପାରୁ ସେ ନିରାପଦରେ ଘରକୁ ଫେରିଲା ।

✍

ମୋ ବୋହୂ ବସନ୍ତା ଓ ପୁଅ ଶଙ୍କର ୧୯୯୦ ସାଲ୍‌ର ଏକ ସନ୍ଧ୍ୟାରେ କୌଣସି ଏକ ଉତ୍ସବରେ ଯୋଗ ଦେବାପାଇଁ ବାହାରକୁ ଯାଇଥାନ୍ତି । ତରବର ହୋଇ ଯିବା ଭିତରେ ବସନ୍ତା ଘରର ଆଲୁଅ ଗୁଡ଼ିକୁ ଲିଭାଇ ଦେଇଥାଏ କିନ୍ତୁ ଘରକୁ ତାଲା ପକାଇବା ଭୁଲି ଯାଇଥାଏ । ପରେ ତା' ମନରେ ସନ୍ଦେହ ହେଲା, ସେ ଆସିବା ସମୟରେ ଘରର ତାଲା ଦେଇଛି ନା ନାହିଁ । ଶଙ୍କରକୁ ଏକଥା କହିଲେ ସେ ହୁଏତ ଗାଳିଦେବ ବୋଲି ଭୟରେ ବସନ୍ତା ଘରର ଯତ୍ନ ନେବାପାଇଁ କେବଳ ସ୍ୱାମୀଙ୍କୁ ପ୍ରାର୍ଥନା କରୁଥାଏ । ଉତ୍ସବ ଶେଷରେ ସେ ଓ ଶଙ୍କର ଘରକୁ ଫେରିଲେ । ଘରକୁ ଆସି ସେ ଯେତେବେଳେ କବାଟଟି ଠେଲିଦିଏ, ତାହା ହଠାତ୍ ଖୋଲିଗଲା । କିନ୍ତୁ ଆଶ୍ଚର୍ଯ୍ୟ କଥା, ଘରେ ସବୁ କିଛି ଠିକ୍ ଠାକ୍ ଥାଏ । ସ୍ୱାମୀଙ୍କ କୃପା ହେତୁ ତାଙ୍କୁ ତାର କୃତଜ୍ଞତା ଜଣାଇବ ଓ ସେ କରିଥିବା ଅପରାଧ ପାଇଁ କ୍ଷମା ମାଗିବ ବୋଲି ପୂଜାଘରକୁ ଧାଇଁ ଗଲା । ସେଠାକୁ ଯାଇ ସେ ଯାହା ଦେଖିଲା ତାହା ଆହୁରି ବିସ୍ମୟକର! ସବୁଦିନ ଭଳି ସେଦିନ ସକାଳେ ସେ ୧୯୪୮ ସାଲ୍‌ରେ ସ୍ୱାମୀ ତାକୁ ଦେଇଥିବା ଲକେଟ୍‌କୁ ଫୁଲରେ ପୂଜା କରିଥାଏ । ଲକେଟଟି ଫୁଲରେ ଘୋଡ଼େଇ ହୋଇ ରହିଥାଏ । ବର୍ତ୍ତମାନ କିନ୍ତୁ ସେ ଦେଖୁଥାଏ ଯେ ଫୁଲଗୁଡ଼ିକ ଏଡ଼େଇ ହୋଇ ରହିଥାନ୍ତି ଓ ଲକେଟ୍‌ଟି ସ୍ପଷ୍ଟଭାବେ ବାହାରକୁ ଦିଶୁଥାଏ । ଏହା ସୂଚନା ଦେଉଥାଏ ଓ ଯେ ସ୍ୱାମୀ ତାର ପ୍ରାର୍ଥନା ଶୁଣି ଲକେଟ୍‌ରୁ ସେଦିନ ବାହାରି ଆସିଥିଲେ । ସ୍ୱାମୀଙ୍କୁ ଏଭଳି ଭାବେ ବିରକ୍ତ କରି ଥିବାରୁ ସେ ମନେ ମନେ ଅନୁତାପ କରୁଥାଏ । ଏ ଦୁହେଁ ଯେତେବେଳେ ଉତ୍ସବରେ ଥାନ୍ତି, ମୋର ଆଉ ଏକ ବୋହୂ (ମୁରଲୀର ସ୍ତ୍ରୀ) ବିମଳାଦେବୀ (ଦିନେ ସେ ଘରକାମରେ ବ୍ୟସ୍ତ ଥିବା ସମୟରେ ସ୍ୱାମୀ ତାକୁ କିଛି ସେକେଣ୍ଡ ପାଇଁ ଦର୍ଶନ ଦେଇଥିଲେ) ସେଇ ଘରକୁ ଆସିଥାଏ । ସେ ସେଠାରେ

କଲିଂବେଲ ଟିପି କବାଟ ବାଡ଼ଇଥିଲା କିନ୍ତୁ କେହି କବାଟ ଖୋଲି ନଥିଲେ । ସେ କବାଟକୁ ଠେଲିବା ସତ୍ତ୍ୱେ କବାଟଟି ଖୋଲି ନଥିଲା ।

ସ୍ୱାମୀଙ୍କ କୃପାର ଧାରା ଅବିରତ ଆମମାନଙ୍କ ଜୀବନରେ ପ୍ରବାହିତ ହୋଇଥାଏ । ସ୍ୱାମୀ ଶଙ୍କରକୁ ପ୍ରଥମେ ଶୈଶବରେ ଏବଂ ପରେ କୈଶୋରରେ ଗୁରୁତର ବ୍ୟାଧି ଓ ମାରତ୍ମକ ଦୁର୍ଘଟଣାରୁ ରକ୍ଷା କରିଥିଲେ । ତା'ର ସାଂସାରିକ ଜୀବନର ସମୃଦ୍ଧିରେ ମଧ୍ୟ ସେ ସବୁବେଳେ ସାହା ହୋଇଥିଲେ । ସେ ମହୀଶୂରର କେନ୍ଦ୍ରୀୟ ଖାଦ୍ୟଦ୍ରବ୍ୟ ଗବେଷଣାଗାରରେ ବରିଷ୍ଠ ବୈଜ୍ଞାନିକ ଥାଏ । ସ୍ୱାମୀଙ୍କ ସେବାରେ ନିଜକୁ ନିୟୋଜିତ କରିବାପାଇଁ ସେ ଚାକିରୀରୁ ପ୍ରାକ୍କାଳୀନ ଅବସର ଗ୍ରହଣ କରିଥାଏ । ସ୍ୱାମୀ ତାକୁ ବିଭିନ୍ନ ସମୟରେ ଘୋର ବିପତ୍ତିରୁ ଉଦ୍ଧାର କରିଥିବା କେତେକ ଘଟଣା ଶଙ୍କର ଏଠାରେ ବର୍ଣ୍ଣନା କରୁଛି;

'ଅକ୍ଟୋବର ୧୯୯୩ରେ ନୂଆଦିଲ୍ଲୀର Food Corporation of India (FCI) ରୁ ମହିଶୂରକୁ ଏକ ତାରବାର୍ତ୍ତା ପହଞ୍ଚିଲା । ଉକ୍ତ ବାର୍ତ୍ତା ଅନୁଯାୟୀ CFIRI କୌଣସି ଏକ ବିଷୟର ଏକ ନିରପେକ୍ଷ ତଦନ୍ତ କରି ଭାରତ ସରକାରଙ୍କୁ ତା'ର ବିବରଣୀ ଦେବାପାଇଁ ନିର୍ଦ୍ଦେଶ ଥିଲା । କେନ୍ଦ୍ର ସରକାର ଓ ପଞ୍ଜାବର ଚାଉଳ କଳ ମାଲିକ ମଧ୍ୟରେ ଥିବା ବିବାଦର ସମାଧାନର CRTRI ଦାୟିତ୍ୱ ତାକୁ ଦିଆ ଯାଇଥାଏ । ସେତେବେଳକୁ ମୁଁ ଆଦୌ ଭାବି ନଥାଏ ଯେ ଏଥିରୁ ଏଭଳି କିଛି ଘଟଣା ସୃଷ୍ଟି ହେବ, ଯାହା ମୁଁ ଜୀବନରେ କେବେ ଭୁଲି ପାରିବି ନାହିଁ ।'

'ଏହି କାର୍ଯ୍ୟ ନିମନ୍ତେ CRTRI ମୋତେ ପଞ୍ଜାବ ସହ ଉତ୍ତର ପ୍ରଦେଶ, ହରିଆନା ଓ କର୍ଣ୍ଣାଟକରେ ବଡ଼ ଧରଣର କିଛି କ୍ଷେତ୍ରୀୟ ଅନୁସନ୍ଧାନ ଓ ବ୍ୟାପକ ଗବେଷଣାର ଦାୟିତ୍ୱ ଦେଇଥାଏ । ଏହା ଛ' ମାସ ଧରି ଚାଲିବାର କାର୍ଯ୍ୟକ୍ରମ ଥାଏ । ମୁଁ ମୋର ଅନ୍ୟ ଦଶଜଣ ସହକର୍ମୀଙ୍କ ସହ ୧୯୯୩ ମସିହା ଅକ୍ଟୋବର ୭ ତାରିଖରେ ମୋର ଯାତ୍ରା ଆରମ୍ଭ କଲି । ଯାତ୍ରାରେ ବାହାରିବା ପୂର୍ବରୁ ମୁଁ ସ୍ୱାମୀଙ୍କୁ ମୋ କାର୍ଯ୍ୟର ସଫଳତା ପାଇଁ ପ୍ରାର୍ଥନା କରିଥିଲି ।'

'ରାଜ୍ୟ ସରକାରଙ୍କର ବରିଷ୍ଠ କର୍ମକର୍ତ୍ତା ତଥା ଧାନବଜାର ଓ ଚାଉଳ ମାଲିକମାନଙ୍କ ସହ ସଂଶ୍ଳିଷ୍ଟ FCI ଏବଂ ଅନ୍ୟାନ୍ୟ ସଂସ୍ଥାର କର୍ମଚାରୀମାନଙ୍କ ସହ ୯ ତାରିଖ ଦିନ ଆମର ଟିକିନିଖି ଆଲୋଚନା ହେଲା । ବିଭିନ୍ନ ଜିଲ୍ଲାର କ୍ଷେତ୍ର ପର୍ଯ୍ୟବେକ୍ଷଣ କରି ଆମେ ଆମର ବାହାରର କାମ ସାରିଲୁ ଓ ତାର ଫଳାଫଳ ଲିପିବଦ୍ଧ କଲୁ । ପରବର୍ତ୍ତୀ ସମୟରେ ଆମେ ଆମର ବିବରଣୀ ପ୍ରସ୍ତୁତ କରିବାପାଇଁ ଏହା ହିଁ ଆମର ମୌଳିକ ତଥ୍ୟ ଥିଲା ।'

'ଆମର କାର୍ଯ୍ୟରେ ସମନ୍ୱୟ ଆଣିବାପାଇଁ ପଞ୍ଜାବ ସରକାର ଶ୍ରୀ ଆର.ପି. ବିନ୍ଦ୍ରା ନାମକ ତାଙ୍କର ଜଣେ ବରିଷ୍ଠ କର୍ମଚାରୀଙ୍କୁ ମନୋନୀତ କରିଥାନ୍ତି । ତାଙ୍କ ସଙ୍ଗେ କାର୍ଯ୍ୟ କରିବା ଥିଲା ମୋର ପରମ ସୌଭାଗ୍ୟ ।"

'ସେ ସମୟରେ ଉତ୍ତରପ୍ରଦେଶରେ ଘଟିଥିବା ଦିନକର ଘଟଣା ମୋତେ ଏକ ରକମ ନିର୍ବାକ୍ କରି ଦେଇଥିଲା । ଦିନେ ଆମେ ଗୋଟିଏ କାର୍‌ରେ ନେପାଳ ସୀମାନ୍ତକୁ ଯାଉଥାଉ । ସେଠାରେ ଆମର ଶାରଦା ନଦୀ ପାର ହେବାର ଥିଲା । ହିମାଳୟରୁ ନିର୍ଗତ ଏହି ନଦୀ ପ୍ରଚଣ୍ଡ ବେଗରେ ପ୍ରବାହିତ ହେଉଥାଏ । ନଦୀ ଉପରେ ନିର୍ମିତ ପୋଲଟି ସଙ୍କୀର୍ଣ୍ଣ ଥାଏ । ଆମ କାର୍ ପୋଲର ଏକ ଚତୁର୍ଥାଂଶ ଅତିକ୍ରମ କରିବା ବେଳକୁ ଆମେ ଦେଖିଲୁ ବିପରୀତ ଦିଗରୁ ଏକ ଦ୍ରୁତଗାମୀ ଜିପ୍ ଆସୁଛି । ଏଭଳି ଏକ ସରୁ ପୋଲ ଉପରେ ଜିପ୍‌ଟି ପ୍ରବଳ ବେଗରେ ଆମ ଆଡ଼କୁ ମାଡ଼ି ଆସୁଥାଏ । ତାହାଦେଖି ମନେ ହେଲା ସତେ ଯେପରି ମୃତ୍ୟୁ ତାର ମୁଖ ବ୍ୟାଦାନ କରି ଆମକୁ ଗ୍ରାସ କରିବାକୁ ଆଗେଇ ଆସୁଛି । ମୋ ସହିତ ଥିବା ଅନ୍ୟମାନେ "ହା, ହା" ଚିତ୍କାର କଲେ । ସେମାନଙ୍କ ଚିତ୍କାରରେ ମୁଁ ଚମକି ଉଠିଲି । ମୁହାଁମୁହିଁ ଦୁଇଟି ଗାଡ଼ି ପରସ୍ପରକୁ ଧକ୍କା ମାରିବାପାଇଁ ଆଉ ମାତ୍ର ଏକ ସେକେଣ୍ଡରୁ କମ୍ ସମୟ ଥାଏ ମୋ ପାଟିରୁ ହଠାତ୍ ବାହାରି ଆସିଲା, "ସାଇରାମ୍" । ମୁଁ କେବଳ 'ସାଇ' କହିଥାଏ, 'ରାମ' କହିବା ପୂର୍ବରୁ ଦୁଇଟି ଗାଡ଼ି ଆସି ପରସ୍ପରକୁ ଧକ୍କା ମାରି ଯେଉଠେ ସେଇଠେ ଅଟକିଗଲେ କିନ୍ତୁ କୌଣସି ଗାଡ଼ି ତଳେ ବହି ଯାଉଥିବା ନଦୀ ମଧ୍ୟରେ ପଡ଼ିଲେ ନାହିଁ । ଦୁଇଟି ଗାଡ଼ିର ଅଗ୍ର ଭାଗ ଭାଙ୍ଗି ଚୁରମାର ହୋଇ ଯାଇଥାଏ, କିନ୍ତୁ ଗାଡ଼ି ଭିତରେ ବସିଥିବା କାହାକୁ କୌଣସି ଆଘାତ ବାଜି ନଥାଏ । ସମସ୍ତେ ସମ୍ଭ୍ରାନ୍ତ ହୋଇ ଯାଇଥାନ୍ତି । ଏହା ଥିଲା ସ୍ୱାମୀଙ୍କ ସଙ୍କଳ୍ପ । ଅନ୍ୟ ଯେକୌଣସି ପରିସ୍ଥିତିରେ ଦୁଇଟି ଗାଡ଼ିର ଏଭଳି ମୁହାଁମୁହିଁ ସଂଘର୍ଷରେ ଗାଡ଼ି ଦୁଇଟି ପୁରା ଚୁରମାର ହୋଇଯାଇଥାନ୍ତେ ଓ ତା'ର ସଂଘାତରେ ଗାଡ଼ି ଦୁଇଟି ଯାଇ ସିଧା ନଦୀ ଭିତରେ ପଡ଼ିଥାନ୍ତେ ଏବଂ ହୁଏତ କେହି ବଞ୍ଚି ନ'ଥାନ୍ତେ ।'

'ହିମାଚଳ ପ୍ରଦେଶର ସିମଲାରେ ଆମେ ଥିବା ସମୟରେ ଆଉ ଏକ ବିସ୍ମୟକର ଘଟଣା ଘଟିଲା । ମୁଁ ଓ ମୋର ସହକର୍ମୀ ଶ୍ରୀ. ବି ଏସ. ରମେଶ ଏକ ଅତିଥି ଭବନ ମଧ୍ୟରେ ରହିଥାଉ । ଶ୍ରୀ ରମେଶ ତାଙ୍କର କୌଣସି ଅସୁସ୍ଥତା ହେତୁ କିଛି ଔଷଧ ଖାଇଥାନ୍ତି ଓ ତା'ର ପ୍ରଭାବରେ ସାମାନ୍ୟ ତନ୍ଦ୍ରାବିଷ୍ଟ ଥାନ୍ତି । ଭୀଷଣ ଥଣ୍ଡା ପାଗ ଯୋଗୁ ଆମେ କାନ୍ଥ ପାଖରେ ଥିବା କକ୍ଷ ଉତ୍ତାପକ ଯନ୍ତ୍ରକୁ ଚଳାଇ ଦେଇଥାଉ । ଅଧରାତିରେ ମୁଁ ହଠାତ୍ ଉଠି ପଡ଼ିଲି, ସତେ ଯେମିତି ମୋତେ କେହି ନିଦରୁ ଉଠେଇ ଦେଇଛି । ଯଦିଓ ମୁଁ କକ୍ଷ ମଧ୍ୟରେ ଅନ୍ୟ କାହାକୁ ଦେଖିଲି ନାହିଁ, ତଥାପି ମୋ ନାକକୁ କିଛି ଏକ ପୋଡ଼ା ଗନ୍ଧ ବାଜୁଥାଏ । ଠିକ୍ ଏତିକି ବେଳକୁ ଦେଖିଲି କବାଟର ପରଦାକୁ ନିଆଁ ଧରିଛି । ଆଉ ମିନିଟେ ବିଳମ୍ବ ହୋଇଥିଲେ କାଠ ପଟାରେ ନିର୍ମିତ ସେହି ଘରେ ପୁରା

ନିଆଁ ଲାଗି ଯାଇଥାନ୍ତା । ଏଭଳି ଅଗ୍ନି ପ୍ରମାଦର ପ୍ରଥମ ଶିକାର ହୋଇଥାନ୍ତେ ଶ୍ରୀ ରମେଶ, ଯିଏ ସେହି ରୁମ୍ ହିଟରକୁ ଲାଗି ରହିଥିବା ଗୋଟିଏ କାଠ ଖଟରେ ଶୋଇଥାନ୍ତି । ମୁଁ ସଙ୍ଗେ ସଙ୍ଗେ ଉଠି ହିଟରର ସୁଇଚ୍ ବନ୍ଦ କରିଦେଲି । ପରଦାଗୁଡ଼ିକରେ ଲାଗିଥିବା ନିଆଁ ଲିଭେଇ ଦେଲି । ଠିକ୍ ସମୟରେ ମୋ ନିଦ ଭାଙ୍ଗିଲା କିଏ ? ସେ ପରମ କାରୁଣିକ ସାଇଙ୍କ ବିନା ଆଉ କିଏ ହେବେ ?'

'ବର୍ତ୍ତମାନ ମୁଁ ଯାହା ବର୍ଣ୍ଣନା କରିବାକୁ ଯାଉଛି, ତାହା ଆହୁରି ବିସ୍ମୟକର । ଉତ୍ତର ପ୍ରଦେଶରେ ଆମ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥାଏ । ମୋର ସହକର୍ମୀ ଶ୍ରୀ ଏ. ଶ୍ରୀ ନିବାସ ଓ ଶ୍ରୀ ବି.ଭି. ସତ୍ୟେନ୍ଦ୍ର ଲକ୍ଷ୍ନୌ ଓ ହାଇଦ୍ରାବାଦ୍ ଦେଇ ମହୀଶୂର ଫେରିଗଲେ । ଆମେ ଅନ୍ୟମାନେ ଦିଲ୍ଲୀ ଦେଇ ମହିଶୂର୍ ଫେରିଲୁ । ମୁଁ ମୋ ବ୍ରିଫ୍‌କେସରେ ଆଣିଥିବା ସମସ୍ତ ନଥିପତ୍ର ମୋ ଦପ୍ତରରେ ନିରାପଦରେ ଚାବି ଦେଇ ରଖିଥାଏ । ପରେ ଯେତେବେଳେ ଫାଇଲ୍ ଗୁଡ଼ିକ ବାହାର କରି ଦପ୍ତରରେ କାମ ଆରମ୍ଭ କରିବାପାଇଁ ମୁଁ ଆଲମାରୀ ଖୋଲିଲି, ସେତେବେଳେ ମୁଁ ମୋ ଜୀବନର ଏକ ମସ୍ତବଡ଼ ଧକ୍‌କା ଖାଇଲି ! ଯେଉଁ ଲାଲ୍ ରଙ୍ଗର ଫାଇଲରେ ଆମେ ଉତ୍ତର ପ୍ରଦେଶରେ କରିଥିବା ଆମର ସମସ୍ତ ଅନୁସନ୍ଧାନର ଫଳାଫଳ ଲେଖି ରଖିଥାଉ, ସେହି ଫାଇଲଟି ଆଉ ଦିଶୁନଥାଏ । ଭାବିଲି, ତାକୁ ଅନ୍ୟ କୌଣସି ଡ୍ରଏରରେ ରଖି ଦେଲିକି ?, କୌଣସି ଡ୍ରଏରରେ ତାହା ମିଳିଲା ନାହିଁ ।'

'ଏମିତି ତିନି ଦିନ ବିତି ଗଲା । କଣ କରିବି ଭାବି ପାରୁନଥାଏ । ଆମ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ କି ଜବାବ ଦେବି ? ଏଭଳି ଅଶାନ୍ତି ମଧ୍ୟରେ ଥିବା ଭିତରେ ଦିନେ ମୋ ସ୍ତ୍ରୀ ବସନ୍ତା ମୋ ଦପ୍ତରକୁ ଆସିଥାଏ । ମୁଁ ପୁଣିଥରେ, ସେ ଦପ୍ତରରେ ଥିବା ଅବସ୍ଥାରେ ମୋ ଟେବୁଲକୁ ଲାଗିଥିବା କାଚ ଅଲମାରୀରୁ ସମସ୍ତ ବହିପତ୍ର ବାହାର କରିଦେଲି । ଆମେ ଦୁହେଁ ମିଶି ପୁଣି ସେହି ହଜି ଯାଇଥିବା ଫାଇଲକୁ ଖୋଜୁଥାଏ । ଆଲମାରୀରୁ ଗୋଟିକ ପରେ ଗୋଟିଏ ବହି ବାହାର କରି ଦେଖୁଥାଉ । ଫାଇଲର ଚିହ୍ନବର୍ଣ୍ଣ ମିଳିଲା ନାହିଁ ।'

'ତା' ପରେ ମୁଁ ଆମ ଯାତ୍ରାର ପ୍ରତ୍ୟେକ ଘଟଣାକୁ ମନେ ପକାଇବାକୁ ଚେଷ୍ଟା କଲି । ଆମେ କେତେଜଣ ଦିଲ୍ଲୀ ଯିବା ପାଇଁ ଯେଉଁ ମାରୁତି ଭ୍ୟାନ୍‌ଟି ନେଇଥିଲୁ ସେଥିରେ ବ୍ରିଫ୍‌କେସ୍‌ଟି ରଖାଯାଇଥିଲା । ଶ୍ରୀନିବାସ ଓ ସତ୍ୟେନ୍ଦ୍ର ରାଓ ଆଉ ଏକ ମାରୁତି ଜିପ୍‌ରେ ଲକ୍ଷ୍ନୌ ଯାଇଥାନ୍ତି । ଆମେ ବାହାରିବାର ଠିକ୍ ପୂର୍ବରୁ ଶ୍ରୀନିବାସ ଆମର କିଛି ପରିସଂଖ୍ୟାନ ତଥ୍ୟର ଏକ ନକଲ ଚାହିଁଥିଲେ । ମୁଁ ସେତେବେଳେ ତାଙ୍କୁ କହିଥିଲି, 'ଫାଇଲଟି ବ୍ରିଫକେସ ଭିତରେ ଅଛି । ତାହା ବାହାର କରି ଆପଣ ନକଲ କରିଦିଅନ୍ତୁ ।' ଏସବୁ ଘଟଣା ମୋର ସ୍ପଷ୍ଟ ମନେଥାଏ । ତା' ପରେ ଆମେ ସମସ୍ତେ

ଏଫ.ସି.ଆଇ. ଓ ଉତ୍ତରପ୍ରଦେଶ ରାଜ୍ୟ ସରକାରଙ୍କର ଯେଉଁ କର୍ତ୍ତୃପକ୍ଷମାନେ ସେଠାରେ ଥିଲେ, ସେମାନଙ୍କଠାରୁ ବିଦାୟ ନେବାରେ ବ୍ୟସ୍ତ ରହିଲୁ । ତାପରେ କ'ଣ ହେଲା ? ମୁଁ ଶ୍ରୀନିବାସଙ୍କୁ କହିଲି, 'ଫାଇଲ ଭିତରେ ଥିବା କେତେକ କାଗଜର ନକଲ କରିବାପାଇଁ ଆପଣ ବ୍ରିଫକେସ୍‌କୁ ଆପଣଙ୍କ ମାରୁତି ଜିପ୍ ଗାଡ଼ି ଭିତରକୁ ନେଇ ଯାଇଥିଲେ । ତେଣୁ ଫାଇଲ ଅଦୃଶ୍ୟ ହେବାର ଠିକ୍ ପୂର୍ବରୁ ଶେଷ ଥର ଆପଣ ହିଁ ଫାଇଲ୍‌କୁ ଦେଖିଥିଲେ । ଆପଣ ଆପଣଙ୍କ କାମ ସାରି ଫାଇଲଟି କେଉଁଠେ ରଖିଲେ ଦୟାକରି ମନେ ପକାଇବାକୁ ଚେଷ୍ଟା କରନ୍ତୁ ।'

'ଶ୍ରୀନିବାସ ମାରୁତି ଜିପ୍‌ସି ଗାଡ଼ି ଭିତରେ ବସି ବ୍ରିଫକେସରୁ ଫାଇଲଟି ବାହାର କରିଥିଲେ । ସେ ଆବଶ୍ୟକୀୟ କାଗଜପତ୍ର ନକଲ କରିବାପାଇଁ ଫାଇଲକୁ ବାହାର କଲେ । ତାପରେ ? ତା' ପରେ ସେ ଅନ୍ୟମନସ୍କଭାବେ ଫାଇଲକୁ ଗାଡ଼ି ଭିତରେ ଛାଡ଼ିଦେଲେ । ଠିକ୍ ସେଇଠି ଫାଇଲଟି ବ୍ରିଫକେସରୁ ବାହାରକୁ ଚାଲିଗଲା । ଆମେ ମହୀଶୂର ଆସିବା ବେଳକୁ ଆଉ ଫାଇଲଟି ଆମ ସହିତ ଆସି ନଥିଲା । ସଙ୍ଗେ ସଙ୍ଗେ ଆମେ ଲକ୍ଷ୍ନୌ ଦପ୍ତରକୁ ଫୋନ୍‌କରି ଉକ୍ତ ମାରୁତି ଜିପ୍‌ସିର ଡ୍ରାଇଭର ସଙ୍ଗେ କଥା ହେଲୁ । ସେ କହିଲା, ସେମିତି କିଛି ଫାଇଲ୍ ତା' ଗାଡ଼ିରେ ନାହିଁ ।'

'ଆମେ ମହୀଶୂର ପହଞ୍ଚିବା ସପ୍ତାହେ ହୋଇଯାଇଥାଏ । ଯଥାଶୀଘ୍ର ଆମର ରିପୋର୍ଟ ଦେବାପାଇଁ ଆମ ଉପରେ ଚାପ ପଡୁଥାଏ । ସେ ସମୟରେ ମୋର ମାନସିକ ଆନ୍ଦୋଳନକୁ ମୁଁ ଭାଷାରେ କହି ପାରିବି ନାହିଁ । ମୋତେ ନିଦ ହେଉ ନଥାଏ, ଭୋକ ହେଉ ନଥାଏ ।'

'ଦିନେ ସନ୍ଧ୍ୟାରେ ମୁଁ ପ୍ରାର୍ଥନା କଲି, 'ସ୍ୱାମୀ, ଏହି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ନେବା ଆଗରୁ ମୁଁ ଆପଣଙ୍କ ଆଶିଷ କାମନା କରିଥିଲି । ଏହାକୁ ସଫଳ ଭାବେ ସମ୍ପାଦନ କରିବାରେ ଆପଣ ମୋର ସାହା ହେବେ, ଏହି ବିଶ୍ୱାସରେ ମୁଁ ଏ ଦାୟିତ୍ୱ ନେଲି । ବର୍ତ୍ତମାନ ଏ ଫାଇଲଟି ନମିଳିଲେ ତାହାମୋ ପାଇଁ ଏକ ଘୋର ବିପଦ ହେବ । ଚାକିରୀରୁ ଇସ୍ତଫା ଦେବା ଛଡ଼ା ମୋର ଅନ୍ୟ କିଛି ବାଟ ରହିବ ନାହିଁ । ମୋ ପରିବାରର ଭରଣପୋଷଣ କିମିତି କରିବି, ତାହା ଆପଣ ହିଁ ମୋତେ କହିବେ । ମୁଁ ଆଉ ତିନି ସପ୍ତାହ ଦେଖିବି, ଯା ଭିତରେ ଯଦି ଫାଇଲଟି ନ ପାଏ ତେବେ ଆମ ନିର୍ଦ୍ଦେଶକଙ୍କୁ ମୋର ଇସ୍ତଫା ଦେଇଦେବି । ଏଥିପାଇଁ ମୁଁ ଅନ୍ୟ କାହାକୁ ଦାୟୀ କରିବି ନାହିଁ । ସବୁ ଦୋଷ ମୋରି । ମୁଁ ଦପ୍ତରରୁ ଛୁଟି ନେଇ, ସାରା ସମୟ କେବଳ ସ୍ୱାମୀଙ୍କୁ ପ୍ରାର୍ଥନା କରୁଥାଏ । ମୋ ପାଇଁ ଅନ୍ୟ କିଛି ଉପାୟ ନଥାଏ ।'

'ଚାଳିଶ ବର୍ଷ ତଳେ ସ୍ୱାମୀ କହିଥିବା ଏକ ଘଟଣା ହଠାତ୍ ମୋର ମନେ ପଡ଼ିଲା । ଦିନେ ସନ୍ଧ୍ୟାରେ ମୁଁ ଓ ମୋର ଦୁଇ ଭାଇ ମୁରଲୀ ଓ ରଘୁ ଆମର ଆଉ

କେତେ ଜଣ ସାଙ୍ଗଙ୍କ ସଙ୍ଗେ ପ୍ରଶାନ୍ତି ନିଲୟମ୍ ସାମ୍‌ନାରେ ବାଲିରେ ଖେଳୁଥିବା ସମୟରେ ସ୍ୱାମୀ ଆମକୁ ଡାକିଲେ । ଆମ ସମସ୍ତେ ଯାଇ ତାଙ୍କର ପାଦ ନମସ୍କାର କଲୁ ଓ ତାଙ୍କର ଚରଣ ତଳେ ବସିଲୁ । ସ୍ୱାମୀ ଆମକୁ ପଚାରିଲେ, 'ତୁମକୁ ଗୋଟିଏ ଗପ କହିବି, ଶୁଣିବ ?' ଆମେ ସମସ୍ତେ ଏକ ସ୍ୱରରେ କହିଲୁ "ହଁ" ସ୍ୱାମୀ, ଦୟାକରି କହନ୍ତୁ ।" ସ୍ୱାମୀ କହିଲେ, "ଡକ୍ଟର ସୁରି ଭଗବନ୍ତମ୍ ନାମରେ ଜଣେ ବୈଜ୍ଞାନିକ ଥିଲେ । ଦିନେ ସେ ଲଣ୍ଡନ ବିମାନ ବନ୍ଦରରେ ପହଞ୍ଚି ତାଙ୍କର ପାସପୋର୍ଟ ଓ ଭିସା ପାଇଁ ପକେଟ୍‌ରେ ହାତ ପୂରାଇଥାନ୍ତି । ଜାଣିପାରିଲେ, ସେଗୁଡ଼ିକ ପକେଟରେ ନାହିଁ । ସେ ଭୀଷଣ ଭୟଭୀତ ହୋଇ ଯାଇଥାନ୍ତି । ବିମାନ ବନ୍ଦରରେ କର୍ତ୍ତୃପକ୍ଷ ତାଙ୍କୁ କହିଲେ, 'ମହାଶୟ, ଆମେ ଜାଣୁ ଯେ ଆପଣ ଜଣେ ସୁପ୍ରସିଦ୍ଧ ବୈଜ୍ଞାନିକ କିନ୍ତୁ ଠିକ୍ କାଗଜପତ୍ର ବିନା ଆମେ ଆପଣଙ୍କୁ ଏହି ବିମାନ ବନ୍ଦର ଛାଡ଼ି ଯିବାକୁ ଅନୁମତି ଦେବୁ ନାହିଁ ।' ସେତେବେଳେ ମୁଁ କ'ଣ କଲି ଜାଣ ? ତାଙ୍କ ପ୍ରତି ମୋର ଦୟା ହେଲା ଓ ତାଙ୍କ ସାମନାରେ ଥିବା ଟେବୁଲ ଉପରକୁ ମୁଁ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଫିଙ୍ଗିଦେଲି । ସେ ସମୟରେ ତାଙ୍କ ମୁଖରେ ଯେଉଁ ଆନନ୍ଦ ଫୁଟିଉଠିଥିଲା, ତାହା ତୁମେ ଦେଖିବା କଥା । ଏତିକି କହି ତା' ପରେ ସ୍ୱାମୀ ଆମକୁ ନିମ୍ନଲିଖିତ ଶ୍ଳୋକଟି ଶିଖାଇ ସେଠାରୁ ଚାଲିଗଲେ ।'

ଈଶ ଗିରୀଶ ନରେଶ ପରେଶ
ମହେଶ ସୁରେଶାୟ ଭୂଷଣଭୋ
ସାମ୍ବ ସଦାଶିବ ଶମ୍ଭୋ ଶଙ୍କର
ଶରଣମ୍ ମେ ତବ ଚରଣଯୁଗମ୍ ।।

'ଅନ୍ୟଥା ଶରଣମ୍ ନାସ୍ତି, ତ୍ୱମେବ ଶରଣମ୍ ମମ । ମୁଁ ମନେ ମନେ ପ୍ରାର୍ଥନା କରୁଥାଏ, 'ସ୍ୱାମୀ, ତୁମେ ଡକ୍ଟର ଭଗବନ୍ତମଙ୍କର ବିପଦରେ ସାହା ହେଲ, ମୋ ବିପଦରେ କ'ଣ ସାହା ହେବନି ?'

'ଇତି ମଧ୍ୟରେ ମୁଁ ଛୁଟିରେ ରହି ଅଠର ଦିନ ବିତି ଯାଇଥାଏ । ଘରେ ରହି ସାରା ସମୟ ସ୍ୱାମୀଙ୍କୁ ସ୍ମରଣ କରି ଓ ପ୍ରାର୍ଥନା କରି ବିତଉଥାଏ । ମନରେ ପ୍ରବଳ ଝଡ଼ ଉଠୁଥାଏ । ଚାକିରୀରେ ପୁଣି ଯୋଗ ଦେବାପାଇଁ ଦିନଟିଏ ମାତ୍ର ଥାଏ- ଫୋନ୍ ବାଜିଉଠିଲା । ଫୋନ୍ ଉଠେଇ ଶୁଣିଲି, 'ସାର୍ ମୁଁ ସତେନ୍ଦ୍ର ରାଓ କହୁଛି । National Institute of Engineering ରୁ କେତେଜଣ ଛାତ୍ର ଆସିଛନ୍ତି । ମୁଁ ଆପଣଙ୍କ ଅଫିସ୍‌ର କାଚ ଆଲମାରୀରେ ଥିବା କେତେକ ବହି ସେମାନଙ୍କୁ ଦେବାକୁ ଚାହେଁ । ଦେଇ ପାରିବି କି ?' ମୁଁ ତାଙ୍କୁ ବହି ଦେବାକୁ ଅନୁମତି ଦେଇ ଫୋନ ରଖିଦେଲି ।'

'ମାତ୍ର କିଛି ମିନିଟ୍ ପରେ ପୁଣି ଫୋନ୍ ବାଜିଉଠିଲା । ଏଥର ସତ୍ୟେନ୍ଦ୍ର ରାଓ ଖୁବ୍ ଉତ୍ତେଜିତ ହୋଇ କିଛି କହୁଥାନ୍ତି, ଶୁଣିଲେ ମନେହେଉଥାଏ ସେ ଚିତ୍କାର କରି କହୁଛନ୍ତି, 'ସାର୍, ସାର୍, ଫାଇଲ୍‌ଟି, ନାଲି ଫାଇଲ୍‌ଟି ମିଳିଗଲା । ମିଳିଗଲା ବୋଲି ଶୁଣିବା ମାତ୍ରକେ ମୋର ଆନନ୍ଦର ସୀମା ରହିଲା ନାହିଁ । ମୁଁ ପଚାରିଲି, କେଉଁଠି ମିଳିଲା ?"

'ସେ କହିଲେ ଆପଣଙ୍କ ଟେବୁଲ ପାଖରେ ଥିବା କାଚ ଆଲମାରୀରୁ ମିଳିଲା । ମୁଁ ଆଲ୍‌ମାରୀରୁ କେତେ ଗୁଡ଼ିଏ ବହି ବାହାର କରି ଇଞ୍ଜିନିୟରିଂ ଛାତ୍ରମାନଙ୍କୁ ଦେଖାଉଥାଏ । ଆଉ କେତେକ ବହି ବାହାର କରିବା ପରେ ଦେଖିଲି, ନାଲି ଫାଇଲଟି ସେହି ବହିଗୁଡ଼ିକ ପଛରେ ରହିଛି ।'

'ମୁଁ ସଙ୍ଗେ ସଙ୍ଗେ ଆସୁଛି କହି ଇନ୍‌ଷ୍ଟିଚ୍ୟୁଟ୍‌ରେ ଯାଇ ପହଞ୍ଚିଲି । ମୁଁ ମୋ ଗାଡ଼ିକୁ ସେଦିନ ଏତେ ଦ୍ରୁତ ଗତିରେ ଚଲଉଥାଏ ଯେ କୌଣସି ଦୁର୍ଘଟଣା ନହେବା ଆଶ୍ଚର୍ଯ୍ୟକର ଥିଲା । ସେଠାରେ ମୁଁ ମୋ' ନାଲି ଫାଇଲ୍ ପାଇଲି । ମୋର ଦୁଇ ସହକର୍ମୀଙ୍କ ମୁଖରେ ମୁଁ ଏକ ଆଶ୍ୱସ୍ତିଭାବ ଲକ୍ଷ୍ୟ କରୁଥାଏ । ସେଦିନ ଥିଲା ୧୯୯୪ ମସିହା ମୋ' ମାସ ୧୯ ତାରିଖ, ଗୁରୁବାର, ମୋ ଜୀବନର ଏକ ଅବିସ୍ମରଣୀୟ ଦିନ ।'

'ଡକଟର ଭଗବନ୍ତମ୍‌ଙ୍କ ହଜିଯାଇଥିବା ଦଲିଲପତ୍ର ଯଦି ଲଣ୍ଡନ ବିମାନ ବନ୍ଦରରେ ତାଙ୍କ ସାମ୍ନାରେ "ଟପ୍" କରି ଖସି ପଡ଼ି ପାରେ, ସନାତନ ସାରଥୀର ସମ୍ପାଦକ ଶ୍ରୀ ଭି.କେ. ନରସିଂହମ୍ ପୁଟପର୍ତ୍ତିରେ ଛାଡ଼ି ଆସିଥିବା ଚଷମା ଯଦି ୟୁରୋପରେ ସେ ଯୋଗଦେବା ପାଇଁ ଯାଇଥିବା ଏକ ସମ୍ମିଳନୀ ଅବସରରେ ସେ ରହୁଥିବା ହୋଟେଲ୍‌ର ଛାତରୁ ଆକସ୍ମିକ ଭାବେ ଖସିପାରେ, ତେବେ ଲକ୍ଷ୍ନୌରେ ମାରୁତି ଜିପ୍‌ସି ଗାଡ଼ି ଭିତରେ ଛାଡ଼ି ଆସିଥିବା ଓ ହଜିଯାଇଛି ବୋଲି ଧରି ନେଇଥିବା ଏକ ଫାଇଲକୁ ମହିଶୂର CFTRIର ଶସ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଜଣେ ବୈଜ୍ଞାନିକଙ୍କ କାଚ ଆଲମାରୀ ଭିତରେ ଫେରି ପାଇବାରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?'

'ହ୍ୱାଇଟଫିଲଡ୍‌ରେ ଥିବା ସ୍ୱାମୀଙ୍କୁ ଆମର କୃତଜ୍ଞତା ପ୍ରକାଶ କରିବାପାଇଁ ଆମେ ସଙ୍ଗେ ସଙ୍ଗେ ସେଠାକୁ ଗଲୁ । ସ୍ୱାମୀଙ୍କୁ ଦେଖିବା ମାତ୍ରେ ତାଙ୍କର ସେହି କଥା ଆମର ମନେ ପଡ଼ିଲା, 'ମୁଁ ଥାଉ ଥାଉ ଭୟ କାହିଁକି ?' ଏହା ସ୍ୱାମୀଙ୍କର ଏକ ଲୀଳା । ଆମର ପାଇଁ ଏହା ଏକ ଅଲୌକିକତା । ସେବେଠାରୁ ଆମର କାର୍ଯ୍ୟ ଠିକ୍ ଠିକ୍ ଆଗେଇଲା ଓ ଆମର ଅନୁସନ୍ଧାନ ବିବରଣୀ ପ୍ରସ୍ତୁତ ହୋଇଗଲା । CFTRI ଦେଇଥିବା ରିପୋର୍ଟକୁ

ଉଭୟ ମିଲ୍ ମାଲିକ ଓ ସରକାର ସଙ୍ଗେ ସଙ୍ଗେ ମାନି ନେଲେ । ସବୁକିଛି ଭଲଭାବେ ସମାପିତ ହେଲା ।

✍

ଶଙ୍କର ଓ ସୁନନ୍ଦା ଶ୍ରୀ ମେନନ୍‌ଙ୍କର ଝିଅ ଦୁର୍ଗାର ବାହାଘରେ ଯୋଗ ଦେବାପାଇଁ ୧୯୯୪ରେ ଦୁଇ ଦିନ ପାଇଁ ତ୍ରିଚୁର ଯାଇଥାନ୍ତି । ସେଇ ଦୁଇଦିନ ସେମାନେ ସ୍ୱାମୀଙ୍କ ଲକେଟ୍‌କୁ ପୂଜା କରି ପାରିଲେ ନାହିଁ । ସେମାନେ ସେଠାରୁ ଫେରିବା ପରେ ସ୍ୱାମୀ ସ୍ୱପ୍ନରେ ଦର୍ଶନ ଦେଇ ସତର୍କ କରି କହିଲେ, "ତୁ ମୋ କଥା ବୁଝୁ ନାହୁଁ, ମୁଁ ଘରଛାଡ଼ି ଚାଲିଯିବି । ଗଲାବେଳେ ଲକେଟ୍‌କୁ ମଧ୍ୟ ସାଙ୍ଗରେ ନେଇଯିବି ।"

✍

ମୋ ନାତି ଶଶୀଧର ପୁଟ୍ଟପର୍ତ୍ତିରେ ସ୍ୱାମୀଙ୍କ କଲେଜରେ ଏମ.ବି.ଏ ପଢୁଥାଏ । ଆମେ ସମସ୍ତେ ୧୯୯୬, ଫେବୃୟାରୀ ୩ ତାରିଖ ଦିନ ପୁଟ୍ଟପର୍ତ୍ତି ଯାଇଥାଉ । ମୋ ବୋହୂ ବସନ୍ତାର ହୃଦଯନ୍ତ୍ରରେ Mitral value ଠିକ୍ କାମ କରୁ ନଥାଏ । ତା ସାଙ୍ଗକୁ ଗତ ୬ ମାସ ଧରି ଶରୀରରେ ହେମୋଗ୍ଲୋବିନ୍‌ର ସଂଖ୍ୟା ଓ ଦେହରେ ଓଜନ କମି ଆସୁଥାଏ । ଅନେକ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରି ବହୁ ଔଷଧ ଦେବା ପରେ ମଧ୍ୟ ଅବସ୍ଥାରେ ଉନ୍ନତି ହେଉ ନଥାଏ ।

ସ୍ୱାମୀ ଛାତ୍ରମାନଙ୍କର ଧାଡ଼ି ପାଖଦେଇ ଯାଉଥିବା ସମୟରେ ଶଶୀଧର ପ୍ରାର୍ଥନା କଲା, "ସ୍ୱାମୀ, ମୋ ବାପା ମା ଆସିଛନ୍ତି । କୃପା କରି ସେମାନଙ୍କୁ ଇଣ୍ଟରଭ୍ୟୁ ଦିଅନ୍ତୁ ।" ସ୍ୱାମୀ ପଚାରିଲେ "ଇଣ୍ଟରଭ୍ୟୁ କ'ଣ ଦରକାର ?" ଶଶୀଧର ଉତ୍ତର ଦେଲା, "ସ୍ୱାମୀ, ମୋ ମା'ର ଦେହ ଭଲ ନାହିଁ" । ସ୍ୱାମୀ କହିଲେ, "ମୁଁ ବିଭୂତି ଦେବି ତାକୁନେଇ ଦେ" । ସ୍ୱାମୀ ବିଭୂତି ସୃଷ୍ଟି କରି ଶଶୀଧରକୁ ଦେଲେ । ସ୍ୱାମୀ ସାଧାରଣରେ ଯେଉଁ ବିଭୂତି ଦେଇଥାନ୍ତି, ତାହା ଗୁଣ୍ଡ ହୋଇଥାଏ ଓ ସେଥିରେ ଏକ ସୁଗନ୍ଧ ଥାଏ କିନ୍ତୁ ସେ ଦିନର ବିଭୂତି ଦାନା ଦାନା ହୋଇଥାଏ ଓ ପିତା ଲାଗୁଥାଏ ।

ବସନ୍ତା ବିଭୂତି ପ୍ରସାଦ ସେବନ କଲା । ଏକ ମାସ ଭିତରେ ହେମୋଗ୍ଲୋବିନ୍ ସଂଖ୍ୟା ଯେତିକି ରହିବା କଥା ସେତିକିକୁ ଆସିଗଲା ଓ ଶରୀରର ସ୍ୱାଭାବିକ ଓଜନ ଫେରି ଆସିଲା । ସେଇ ଦିନଠାରୁ ତା ଶରୀରରେ ସେମିତି କିଛି ଗୁରୁତର ସମସ୍ୟା ଦେଖାଦେଲା ନାହିଁ ।

✍

ମୋ ବୋହୂ ବସନ୍ତାର ମାମୁଁ ଶ୍ରୀ ପି.ନାରାୟଣନ୍ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ବରିଷ୍ଠ କର୍ମଚାରୀ ରୂପେ କାର୍ଯ୍ୟ କରୁଥାନ୍ତି । ଗତ ଚାରି ଦଶନ୍ଧି ଧରି ସେ ଜେନେଭା ଓ

ସ୍ୱିଜରଲାଣ୍ଡରେ ରହୁଥାନ୍ତି । ସେ ପଚିଶ ବର୍ଷ ଧରି ସ୍ୱାମୀଙ୍କର ଜଣେ ଅନ୍ତରଙ୍ଗ ଭକ୍ତ । ସେ ଜେନେଭାରେ ତାଙ୍କର ଝିଅ ଶାନ୍ତା, ଜୋଇଁ ଓ ନାତିନାତୁଣୀଙ୍କ ସଙ୍ଗେ ରହୁଥାନ୍ତି । ସେମାନେ ସମସ୍ତେ ସେଠାରେ ସତ୍ୟସାଇ ସଙ୍ଗଠନର ବିବିଧ କାର୍ଯ୍ୟକ୍ରମ ସହ ସଂଶ୍ଳିଷ୍ଟ ଥାନ୍ତି । ପ୍ରତିବର୍ଷ ତିନି ମାସ ପାଇଁ ନାରାୟଣନ୍ ଭାରତ ଆସି ପୁଟ୍ଟପର୍ତ୍ତିରେ ରହନ୍ତି ।

୧୯୯୭ରେ ସ୍ୱାମୀ ବିଭୂତି ସୃଷ୍ଟିକରି ତାଙ୍କୁ ଦେଲେ । ନାରାୟଣନ୍ ସ୍ୱାମୀଙ୍କଠାରୁ ବିଭୂତି ପ୍ରସାଦ ପାଇ ଉଲ୍ଲସିତ ହେଲେ । ସେ କିଛି ନ ମାଗୁଣୁ ସ୍ୱାମୀ ତାଙ୍କ ଉପରେ ଏଭଳି ଅଯାଚିତ କୃପା ବର୍ଷଣ କରିଥିବାରୁ ତାଙ୍କର ମନର ଆନନ୍ଦ ସେ ସମସ୍ତଙ୍କୁ ବ୍ୟକ୍ତ କରୁଥାନ୍ତି । ସେହି ସମୟରେ ମୁଁ ପୁଟ୍ଟପର୍ତ୍ତିରେ ଥାଏ । ସେ ମୋତେ ମଧ୍ୟ ଏଇ କଥା କହିଲେ । ମୁଁ କହିଲି, "ତୁମ କଥା ଶୁଣି ମୁଁ ଖୁବ୍ ଖୁସି ହେଲି । ଏଇ ପ୍ରସାଦ ସ୍ୱାମୀ ତୁମକୁ ଓ ତୁମ ପରିବାରକୁ ଦେଇଛନ୍ତି । ଏହା ଅନ୍ୟ କାହାକୁ ଦିଅ ନାହିଁ । ନିଜ ପାଖରେ ରଖି ଥାଅ ।" ମହୀଶୂର ଫେରିବା ପରେ ମୁଁ ବସନ୍ତାକୁ କହିଲି, "ତୁମ ମାମୁଁଙ୍କର ଆଗକୁ ହୁଏତ କିଛି ଦୁର୍ଦ୍ଦିନ ଅଛି । ତେଣୁ ସେ ନ' ମାଗୁଣୁ ସ୍ୱାମୀ ତାଙ୍କୁ ବିପଦରୁ ରକ୍ଷା କରିବାପାଇଁ ବିଭୂତି ସୃଷ୍ଟି କରି ଦେଇଛନ୍ତି ।"

ନାରାୟଣନ୍ ୧୯୯୭, ଡିସେମ୍ବର ୧୧ ତାରିଖ ଦିନ ଜେନେଭାରୁ ଟେଲିଫୋନ୍‌ରେ ଏକ ଖବର ପାଇଲେ । ତାଙ୍କ ଝିଅ ଶାନ୍ତା ତାଙ୍କୁ ଜଣେଇଲା ଯେ ତା'ର ସ୍ୱାମୀ ଶ୍ରୀସୀତାରାମନ ଏକ ଗୁରୁତର ମୋଟର ସାଇକେଲ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି; ତାଙ୍କୁ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି ଓ ତାଙ୍କର ଏକ ବଡ଼ ଧରଣର ଅସ୍ତ୍ରୋପଚାର ହେବ । ଡାକ୍ତରଙ୍କର ଭୟ ଥାଏ ଯେ ହୁଏତ ତାଙ୍କର ଡାହାଣ ଗୋଡ଼ଟି କାଟି ଦେବାକୁ ହେବ । ନାରାୟଣନ୍ ସ୍ୱାମୀଙ୍କୁ ପ୍ରାର୍ଥନା କରି ଆଉ କିଛି ଦିନ ପୁଟ୍ଟପର୍ତ୍ତିରେ ରହିଲେ ଓ ପରେ ସ୍ୱାମୀଙ୍କ ବିଭୂତି ପ୍ରସାଦ ନେଇ ଜେନେଭା ଫେରିଲେ । ତାଙ୍କର ଜୋଇଁଙ୍କ ଡାହାଣ ଗୋଡ଼ ଏକାଧିକ ଯାଗାରେ ଭାଙ୍ଗି ଯାଇଥାଏ, କିନ୍ତୁ ସେ ଆଶ୍ଚର୍ଯ୍ୟଜନକଭାବେ ଆଉ କିଛି ଘୋର ବିପଦରୁ ରକ୍ଷା ପାଇ ଯାଇଥାନ୍ତି । ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥାଏ । ଶାନ୍ତା ବିଭୂତି ପ୍ରସାଦ ତାଙ୍କ ପାଟିରେ ଦେଇ ଆଉ କିଛି କପାଳରେ ବୋଳିଦେଲେ । ସ୍ୱାମୀଙ୍କ ପ୍ରସାଦ ପାଇବାପରେ ଆଉ କିଛି ଦିନ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୀତାରାମନ୍ ତାଙ୍କର ସ୍ୱାସ୍ଥ୍ୟ ଫେରି ପାଇଲେ ଓ ଡାକ୍ତରଖାନାରୁ ବାହାରି ଆସିଲେ । ସୀତାରାମନ୍‌ଙ୍କ ପ୍ରାଣ ଓ ପାଦକୁ ରକ୍ଷା କରିଥିବାରୁ ସମସ୍ତେ ସ୍ୱାମୀଙ୍କୁ କୃତଜ୍ଞତା ପ୍ରକାଶ କଲେ ।

ଏତିକିରେ କିନ୍ତୁ ନାରାୟଣନଙ୍କର କଷ୍ଟ ଦୂର ହୋଇ ନଥାଏ । ଅସଲ ବିପଦ ଆହୁରି ଆଗକୁ ଥାଏ । ୧୯୯୮ ମସିହା ଅପ୍ରିଲ ୨୭ ତାରିଖ ଦିନ ନାରାୟଣନ୍ ସୀତାରାମନ୍‌ଙ୍କୁ ଗାଡ଼ିରେ ତାଙ୍କ ଦପ୍ତରକୁ ନେଇ ଯାଉଥାନ୍ତି । ଏକ ଦ୍ରୁତଗାମୀ ଆମ୍ବୁଲାନସ ଆସି ତାଙ୍କ କାର୍ ଦେହରେ ଧକ୍‌କା ମାରିଲା । କାର୍‌ର ସାମନା ଭାଗଟି ସମ୍ପୂର୍ଣ୍ଣ

ଭାଙ୍ଗିଗଲା । କବାଟ କଷ ହୋଇ ଆଉ ଖୋଲୁ ନଥାଏ । ବାୟୁ ନିରୋଧକ ଝରକା ଭାଙ୍ଗି ଚୁର୍‌ମାର ହୋଇ ଯାଇଥାଏ । କାର୍‌ଟି ସମ୍ପୂର୍ଣ୍ଣ ବେକାର ହୋଇ ଯାଇଥାଏ, କିନ୍ତୁ ସାମ୍‌ନାରେ ବସିଥିବା ଦୁହେଁ ଆଶ୍ଚର୍ଯ୍ୟଜନକ ଭାବେ ଅନାହତ ଥାନ୍ତି । ଏଭଳି ଏକ ମାନସିକ ଧକ୍‌କାରୁ ପ୍ରକୃତିସ୍ଥ ହେବା ପାଇଁ ନାରାୟଣନ୍‌ଙ୍କୁ କିଛି ସମୟ ଲାଗିଲା । ସ୍ୱାମୀ ସେମାନଙ୍କୁ ଏଭଳି ଭାବେ ରକ୍ଷା କରିଥିବାରୁ ସେମାନେ ସ୍ୱାମୀଙ୍କୁ ଧନ୍ୟବାଦ ଦେଇ କାର୍‌ରୁ ବାହାରିଲେ ଓ ନିକଟସ୍ଥ ରାସ୍ତାକୁ ଚାଲିଚାଲି ଗଲେ । ଆମ୍ବୁଲାନ୍‌ସର ଡ୍ରାଇଭର ନାରାୟଣନ୍‌ଙ୍କ ଝିଅକୁ ଫୋନ୍‌ରେ ଦୁର୍ଘଟଣାର ଖବର ଦେଲା । କମ୍ପିତ ହୃଦୟ ନେଇ ସେ ଦୁର୍ଘଟଣା ସ୍ଥଳରେ ପହଞ୍ଚିଲା ଓ ସେଠାରେ ତା'ର ପିତା ଓ ସ୍ୱାମୀଙ୍କୁ ଅନାହତ ଅବସ୍ଥାରେ ତା' ପାଇଁ ଅପେକ୍ଷା କରି ରହିଥିବା ଦେଖିଲା । ଏଭଳି ଏକ ଦୁର୍ଘଟଣାରୁ ସେମାନେ ନିରାପଦରେ ରକ୍ଷା ପାଇ ଯାଇଥିବା ଦେଖି ସେ ଅବାକ୍ ହୋଇ ଯାଇଥାଏ । ଗାଡ଼ିଟି ଆଉ ସଜଡ଼ା ହେବା ଅବସ୍ଥାରେ ନଥାଏ । ଏହି ଅଲୌକିକତା ପଛରେ ସ୍ୱାମୀଙ୍କ ଅଦୃଶ୍ୟ ହସ୍ତ କାର୍ଯ୍ୟ କରିଥିଲା । ନାରାୟଣନ୍ ୧୯୯୮ ସେପ୍ଟେମ୍ବରରେ ପୁଟ୍ଟପର୍ତ୍ତି ଆସି ସ୍ୱାମୀଙ୍କ ନିକଟରେ ନତଜାନୁ ହୋଇ ତାଙ୍କର କୃତଜ୍ଞତା ଜଣାଇଲେ ।

ଏଭଳି ପଦୋନ୍ନତକ ପରୀକ୍ଷାରୁ ସ୍ୱାମୀ କୌଣସି ଭକ୍ତକୁ ବାଦ୍ ଦେଇ ନଥା'ନ୍ତି । ସେ ଅନେକ ସମୟରେ ଆମକୁ ତାଙ୍କର ସ୍ୱଭାବସୁଲଭ ସହଜ ଓ ସାବଲୀଳ ସ୍ୱରରେ କହନ୍ତି, "କାନ୍ଥରେ କଣ୍ଟା ମାରିବା ପରେ ତାହା କାନ୍ଥ ଭିତରକୁ ଭଲ ଭାବେ ଭେଦିଛି କି ନାହିଁ ଜାଣିବାକୁ ତୁମେ ତାକୁ ହଲେଇ ଦେଖି ଥାଅ ।" ମୁଁ ସେମିତି ତୁମର ବିଶ୍ୱାସ କେତେ ପ୍ରଗାଢ଼ ଓ ବିଷମ ପରିସ୍ଥିତିରେ ତୁମେ ତୁମ ମନର ଶାନ୍ତି ଓ ସ୍ଥିରତାକୁ ହରଉଛ ନା ନାହିଁ ଜାଣିବାକୁ, ତୁମକୁ ହଲେଇ ଦେଖିଥାଏ ।

ପଞ୍ଚବିଂଶ ଅଧ୍ୟାୟ

ସାଇ ଇନ୍ଦ୍ରଧନୁ

"ମୁଁ ଭକ୍ତମାନଙ୍କର ଭକ୍ତ । ତୁମେ ମୋତେ ଯେକୌଣସି ନାମରେ ଡାକିପାର, ମୁଁ 'ଓ' କରିବି, କାରଣ ସବୁନାମ ତ' ମୋର ।"

–ଶ୍ରୀ ସତ୍ୟସାଇ ବାବା

ଭକ୍ତମାନଙ୍କ ପାଇଁ ସ୍ୱାମୀ ଏକ ଦିବ୍ୟ ଇନ୍ଦ୍ରଧନୁ, ଏକ ବହୁରଙ୍ଗୀ ବର୍ଣ୍ଣିଳ ସୁଷମା ଯାହାର ପ୍ରତ୍ୟେକ ରଙ୍ଗର ଏକ ନିଜସ୍ୱ ସୌନ୍ଦର୍ଯ୍ୟ ଥାଏ ଓ ସମସ୍ତ ରଙ୍ଗର ସମାହାରରେ ତାହା ଏକ ସମ୍ମୋହନକାରୀ ପ୍ରଭାବ ପକାଏ ଯାହା ଆମ ଚେତନାରେ ଆଣେ ସ୍ଫୁରଣ ଓ ହୃଦୟକୁ ଦିଏ ସ୍ପନ୍ଦନ ।

ପରବର୍ତ୍ତୀ ପୃଷ୍ଠାଗୁଡିକରେ ମୁଁ ଆପଣଙ୍କୁ ସ୍ୱାମୀଙ୍କ ସହ ଏକ ଆନନ୍ଦମୁଖର ଯାତ୍ରାରେ ନେଇଯାଉଛି । ଭକ୍ତି ଓ ବିନମ୍ରତାର ସହ ଏହି ପୃଷ୍ଠା ମଧ୍ୟ ଦେଇ ଯାତ୍ରା କରନ୍ତୁ ଓ ଯାତ୍ରାର ପ୍ରତ୍ୟେକ ମୋଡ଼ରେ କିଛି ସମୟ ରହିଯାଇ, ତାଙ୍କର ଅପୂର୍ବ ଲୀଳାର ସନ୍ଦର୍ଶନ କରନ୍ତୁ । ସ୍ୱାମୀଙ୍କ ସହ କଥୋପକଥନରେ କୌଣସି ସାଧାରଣ ମନ୍ତବ୍ୟର ଗୂଢ଼ ଅର୍ଥ ଆମେ ସେତେବେଳେ ବୁଝିପାରୁ ନ'ଥାଉ । ମୋର କିନ୍ତୁ ଦୃଢ଼ ବିଶ୍ୱାସ ଯେ, ତାଙ୍କର ସେ ସମସ୍ତ ମନ୍ତବ୍ୟ କାହାକୁ କେଉଁଠେ ଦିଏ ସାନ୍ତ୍ୱନାର ପରଶ; ଆଉ କାହା ପାଇଁ ହୁଏ ପ୍ରେରଣାର ଉତ୍ସ, କାହାପାଇଁ ଥାଏ ତାହା ଏକ ଉପଦେଶ, ଅନ୍ୟ କାହାପାଇଁ ଏକ ରକ୍ଷାର କବଚ ଏବଂ କେତେକଙ୍କ ପାଇଁ ତାହା ତାଙ୍କ ସହଜ, ଶୁଦ୍ଧ ପ୍ରେମର ଦିବ୍ୟ ପରିପ୍ରକାଶ ।

ନିମ୍ନରେ ବର୍ଣ୍ଣିତ ଘଟଣାବଳୀ ୧୯୫୧ ରୁ ୧୯୬୦ ମଧ୍ୟରେ ଘଟିଥିଲା । ଥରେ ସ୍ୱାମୀ ନିଜକୁ ଦେଖାଇ ମୋ ମାଙ୍କୁ କହିଲେ, 'ଭବିଷ୍ୟତରେ ଏହି ଫଳ ମହୀଶୂର ପ୍ରଦେଶ (ବର୍ତ୍ତମାନର କର୍ଣ୍ଣାଟକ)ର ଚିନ୍ନାପାଟ୍‌ନା ଅଞ୍ଚଳରେ ପୁଣି ଫଳିବ । କାହିଁକି ଏମିତି ବ୍ୟସ୍ତ ହେଉଛ ? ତୁମ ପିଲାମାନଙ୍କୁ ରକ୍ଷା କରିବାର ଦାୟିତ୍ୱ ମୋର । ତୁମ ମୃତ୍ୟୁପରେ ମୁଁ ତୁମ ସମ୍ପତ୍ତିକୁ ସେ ଦୁହିଁଙ୍କ ମଧ୍ୟରେ ସମାନ ସମାନ ବାଣ୍ଟିଦେବି, ନିଶ୍ଚିନ୍ତ ରୁହ ।'

କିଛି ସମୟପରେ ସେ ପଚାରିଲେ, 'ନାମଗିରିଅମ୍ମା, ରାଧମ୍ମା ଓ କନ୍ନମ୍ମା କାହା ଝିଅ ?' ମୋ ମା କହିଲା, 'ସ୍ୱାମୀ ସେମାନେ ମୋ ଝିଅ' । ସ୍ୱାମୀ ପଚାରିଲେ, ଠିକ୍ କହୁଛ ତ ?' ମା କହିଲା, 'ହଁ ସ୍ୱାମୀ' । ସ୍ୱାମୀ ତହୁଁ କହିଲେ, 'ଆଚ୍ଛା, ଆଚ୍ଛା, ମୁଁ ଭାବୁଥିଲି, ସେମାନେ ମୋ ଝିଅ", ମୋ ମା ସ୍ୱାମୀଙ୍କ କଥା ଶୁଣି ଲଜ୍ଜିତ ହେଲା,

ସେପର୍ଯ୍ୟନ୍ତ ଆମେ ସ୍ୱାମୀଙ୍କ କଥାର ଗୁଢ଼ ଅର୍ଥ ବୁଝି ନ'ଥିଲୁ । ବହୁ ବର୍ଷର ଅନୁଭୂତି ପରେ ଆଜି ବୁଝି ପାରୁଛୁ, ସେ ସେଦିନ କ'ଣ କହିବାକୁ ଚାହୁଁଥିଲେ ।

✍

ଦିନେ ସ୍ୱାମୀ ପ୍ରଶାନ୍ତି ମନ୍ଦିରର ବାଲକୋନୀ ଉପରେ ଛିଡ଼ା ହୋଇ ତଳେ କେତେକ ଭକ୍ତଙ୍କ ସହ ଆଳାପ କରୁଥିଲେ । ସେ ସମୟରେ ମନ୍ଦିରର ଚାରିପାଖେ ପାଚେରୀ ନଥିଲା । ଜଣେ ଗ୍ରାମବାସୀ ତାର ଶଗଡ଼କୁ ମନ୍ଦିର ପାଖଦେଇ ବେଣୁ ଗୋପାଳ ସ୍ୱାମୀଙ୍କ ମନ୍ଦିର ଆଡ଼କୁ (ବର୍ତ୍ତମାନର ଗୋପୁରମ୍ ରାସ୍ତା) ନେଉଥାଏ ସ୍ୱାମୀ ବାଲକୋନି ଉପରେ ଥାଇ ସେଇ ଶଗଡ଼ିଆ ବେଣୁଗୋପାଳ ସ୍ୱାମୀଙ୍କ ମନ୍ଦିର ପାଖରେ କେଉଁ ଦିଗକୁ ବୁଲିବା ଉଚିତ କହୁଥାନ୍ତି । କିଛି ସମୟ ପରେ ସ୍ୱାମୀ ଲକ୍ଷ୍ୟକଲେ, ଶଗଡ଼ଟି ଭୁଲ୍ ଦିଗରେ ଯାଉଛି । ତାହା ଦେଖି ସେ ମନ୍ଦିରରେ ଥିବା ଭକ୍ତମାନଙ୍କୁ କହିଲେ, 'ବର୍ତ୍ତମାନ ମୁଁ ତାର ମନକୁ ସଜାଡୁଛି, ଏଥର ଦେଖିବ, ମୁଁ ଯେଉଁ ଦିଗକୁ କହୁଛି ସେ ସେହି ଦିଗରେ ଯିବ' । ସ୍ୱାମୀ ଏତିକି କହିଛନ୍ତି, ଭକ୍ତମାନେ ଲକ୍ଷ୍ୟକଲେ, ଶଗଡ଼ିଆ ହଠାତ୍ ତାର ଦିଗ ପରିବର୍ତ୍ତନ କରି ସ୍ୱାମୀ ଯେଉଁ ଦିଗ କହୁଥାନ୍ତି, ସେହି ଦିଗରେ ଶଗଡ଼ଟିକୁ ଗଡ଼େଇ ନେଲା ।

✍

ଦିନେ ଆମେ କେତେଜଣ ସ୍ୱାମୀଙ୍କ ଦର୍ଶନ ପାଇଁ ମନ୍ଦିରର ପ୍ରଥମ ମହଲାକୁ ଯାଇଥାଉ, ସ୍ୱାମୀ ତାଙ୍କୁ କୌଣସି ଭକ୍ତ ଦେଇଥିବା ଏକ ଲମ୍ୱା ଫୁଲମାଳ ପକେଇ ଛିଡ଼ା ହୋଇଛନ୍ତି । ମାଳଟି ଏତେ ଲମ୍ୱା ଯେ ତାହା ଭୂଇଁକୁ ଛୁଉଁଥାଏ । ଆମକୁ ଦେଖିବା ମାତ୍ରକେ ସ୍ୱାମୀ ଆସି ଆମ ସଙ୍ଗେ କଥାହେଲେ । ଅନନ୍ତପୁରର ଓକିଲ ଶ୍ରୀ ଚିଦମ୍ୱରୟାଙ୍କ ସହଧର୍ମୀଣୀ ଶ୍ରୀମତୀ ସୁବମ୍ମା ସ୍ୱାମୀଙ୍କ ହାତକୁ ଏକ ବିବାହ ନିମନ୍ତ୍ରଣ ପତ୍ର ବଢ଼େଇ ସ୍ୱାମୀଙ୍କୁ ଉକ୍ତ ବିବାହରେ ଉପସ୍ଥିତ ରହି ବର- କନ୍ୟାଙ୍କୁ ଆଶୀର୍ବାଦ କରିବାକୁ ଅନୁରୋଧ କଲେ ।

ସ୍ୱାମୀ ନିମନ୍ତ୍ରଣ ପତ୍ରକୁ ଚାହିଁ ପଚାରିଲେ, 'ତୁମେ କ'ଣ ତୁମ ଘରର ଗୃହସ୍ୱାମୀ ?' ଏମିତି ପଚାରି ସେ ଇଙ୍ଗିତ ଦେଉଥାନ୍ତି ଯେ ତାଙ୍କ ସ୍ୱାମୀ ନିମନ୍ତ୍ରଣ ଦେବା ପାଇଁ ଆସିବା କଥା, ଆସି ନାହାନ୍ତି । ସୁବମ୍ମା କିଛି ଉତ୍ତର ଦେଲେ ନାହିଁ । ସ୍ୱାମୀ ଏଥର ପଚାରିଲେ "ଝିଅ, ତୁମେ ଅତିଥିମାନଙ୍କର ଅଭ୍ୟର୍ଥନା ପାଇଁ କିଛି ଆୟୋଜନ କରୁଛ କି ?' ସୁବମ୍ମା କହିଲେ, 'ନା, ସ୍ୱାମୀ, ସେମିତି କିଛି କରୁ ନାହିଁ । ତେବେ ଆପଣ କାହିଁକି ଏ ପ୍ରଶ୍ନ କଲେ ? ସ୍ୱାମୀ ମୃଦୁହସ ହସି କହିଲେ, ? 'କିଛି ନାହିଁ, ତୁମେ ଯଦି ସେମିତି କିଛି ଆୟୋଜନ କରୁଥାଅ, ତେବେ ତୁମ ଅତିଥିମାନଙ୍କ ଚିତ୍ତ ବିନୋଦନ ପାଇଁ ମୁଁ ମୋ ଗାଆଣ ଦଳକୁ ପଠେଇ ଥାନ୍ତି ।' ସ୍ୱାମୀଙ୍କ ଗାଆଣଦଳ କିଏ ଆମେ ସବୁ ଜାଣି

ନ' ପାରି ଆଶ୍ଚର୍ଯ୍ୟ ହେଉଥାଉ । ଆମ ଭିତରୁ ଜଣେ କହିଲା, 'ସ୍ୱାମୀ ଆପଣଙ୍କର ଏମିତି ଏକ ଦଳ ଅଛି ବୋଲି ତ ଆମେ ଜାଣିନୁ ।' ସ୍ୱାମୀ କହିଲେ, 'ଆରେ ମୋର ସେ ଦଳରେ କିଷ୍ଟମ୍ମା ଆଳାପ ଲମ୍ୱେଇବ, ରାଜମ୍ମା ତାଳ ପକେଇବ, ପୁଷ୍ପମ୍ମା ଢୋଲକି ବଜେଇବ, ଆଉ ଛାୟାମ୍ମା କାହାଳୀ ଫୁଙ୍କିବ (ଏହା କହି ସ୍ୱାମୀ ପ୍ରତ୍ୟେକଙ୍କର ବିଦ୍ରୁପ କରୁଥାନ୍ତି) । ଏ ହେଉଛନ୍ତି ମୋର ଗାଆଣ-ବାଜଣା ଦଳ । ତେଣୁ ମୁଁ ପଚାରୁଥିଲି' ।

ମନ୍ଦିରରେ ପ୍ରତିଦିନ ଭଜନ ଗାଉଥିବା ଲୋକଙ୍କୁ ସ୍ୱାମୀ ଏମିତି ପରିହାସ କରୁଥାନ୍ତି । ସ୍ୱାମୀ ଏକଥା କହୁଥିବା ସମୟରେ ସେମାନେ ସମସ୍ତେ ସେଠାରେ ଉପସ୍ଥିତ ଥାନ୍ତି । ସ୍ୱାମୀଙ୍କ କଥା ଶୁଣି ଆମେ ସମସ୍ତେ ହସିଲୁ । ଆମେ ସ୍ୱାମୀଙ୍କଠାରୁ ବିଦାୟ ନେବା ସମୟରେ ସ୍ୱାମୀ କହିଲେ, 'ଆରେ, ମୁଁ ମାଳଟି କାଢ଼ିବା ଭୁଲିଗଲି' ଆମେ କହିଲୁ 'ସ୍ୱାମୀ, ଆପଣ ଭୁଲି ଗଲେ ଭଲ ହେଲା, ଆମେ ଏତିକି ସମୟ ତ ବିଷ୍ଣୁ ଦର୍ଶନର ଆନନ୍ଦ ପାଇଲୁ ।'

✍

ପୁଟ୍ଟପର୍ତ୍ତିରେ ଶ୍ରୀ ଶାସ୍ତ୍ରୀ ଆଉ କିଛି ଦିନ ରହିଥାନ୍ତି । ଦିନେ ସ୍ୱାମୀଙ୍କ ଦର୍ଶନ ପାଇଁ ସେ ମନ୍ଦିରର ପ୍ରଥମ ମହଲାକୁ ଗଲେ । ସ୍ୱାମୀ ତାଙ୍କୁ ଏକ ଫଟୋ ଦେଇ ତାହା ସବୁବେଳେ ନିଜ ପାଖରେ ରଖିବାକୁ କହିଲେ । ଶାସ୍ତ୍ରୀ ତାହା ନେଇ ବାକ୍ସରେ ରଖିଥାନ୍ତି । ଥରେ ତାଙ୍କ ଝିଅ ପୁଟ୍ଟପର୍ତ୍ତି ଆସିଥିବା ସମୟରେ ସେ ସେହି ଫଟୋଟି ଦେଖି ତା' ସଙ୍ଗେ ନେଇଗଲା । ତାକୁ ନେଇ ସେ ତା'ର ରୋଷେଇ ଘରର ଆଲମାରୀ ଭିତରେ ରଖିଲା । ତା' ପରେ ଶାସ୍ତ୍ରୀ ଯେତେବେଳେ ସ୍ୱାମୀଙ୍କ ପାଖକୁ ଯା'ନ୍ତି, ସ୍ୱାମୀ ତାଙ୍କୁ ତାଙ୍କ ଝିଅ ଘରେ ଶାଶୁବୋହୂଙ୍କ ପ୍ରତିଦିନ କିଭଳି କଳି ହେଉଛି, ଶାଶୁ କ'ଣ କହିଲେ ବୋହୂ କି ଜବାବ ଦେଉଛି, ସବୁ ଟିକିନିଖି କହୁଥାନ୍ତି । ଶାସ୍ତ୍ରୀ ସ୍ୱାମୀଙ୍କୁ ପଚାରିଲେ, 'ସ୍ୱାମୀ, ଆପଣ ଏସବୁ ମୋତେ କାହିଁକି କାହୁଛନ୍ତି ? ଏଇଟା ତାଙ୍କ ସଂସାରର କଥା, ସେମାନେ ଯାହା କରୁଛନ୍ତି କରନ୍ତୁ ।' ସ୍ୱାମୀ କହିଲେ, 'ନା, ମୁଁ ଖାଲି ତୁମକୁ ଜଣେଇ ଦେବାକୁ ଏହା କହୁଥିଲି ।'

କିଛି ଦିନ ପରେ ଶାସ୍ତ୍ରୀଙ୍କ ଝିଅ ପୁଣି ଥରେ ପୁଟ୍ଟପର୍ତ୍ତି ଆସିଲା । ସେ ତାର ଓ ତା' ଶାଶୁଙ୍କ ଭିତରେ କିମିତି କଳି ହେଉଛି ତାହା ଶାସ୍ତ୍ରୀଙ୍କୁ କହୁଥାଏ । ଶାସ୍ତ୍ରୀ ଆଶ୍ଚର୍ଯ୍ୟ ହେଲେ ଯେ ସ୍ୱାମୀ ଏଥି ପୂର୍ବରୁ ଯାହା ସବୁ କହିଥାନ୍ତି, ତାଙ୍କ ଝିଅ ଅବିକଳ ତାହା ହିଁ ବଖାଣୁଥାଏ । ସେଦିନ ସେ ଯେତେବେଳେ ସ୍ୱାମୀଙ୍କ ପାଖକୁ ଗଲେ, ସ୍ୱାମୀ ତାଙ୍କୁ ହସି ହସି କହିଲେ, 'ଶାସ୍ତ୍ରୀ ତୁମେ କ'ଣ ଭାବୁଥିଲ ଯେ ମୁଁ ଖାଲି ତୁମ ଝିଅର ରୋଷେଇ ଘର ଆଲମାରୀ ଭିତରେ ବସିଥିଲି, ଆରେ, ସେ ଦୁହିଁଙ୍କର କଳି ମୁଁ ସବୁ ଦିନ ଦେଖୁଥାଏ ।' ଖରାଦିନ ଛୁଟିରେ ମୋ ପୁଅମାନେ ଓ ଅନ୍ୟକେତେକ ପିଲା ସ୍ୱାମୀଙ୍କୁ ସେମାନେ

ପରୀକ୍ଷାରେ ପାସ କରିବେ କି ନାହିଁ ପଚାରୁଥାନ୍ତି । ସ୍ୱାମୀ କହିଲେ, "ମୁଁ ତୁମ ପରୀକ୍ଷା ଫଳ କହିବିନି । ତୁମେ ପାସ୍ କରିବ ବୋଲି କହିଲେ, ତୁମେ ଭାବିବ 'ପାସ୍ ତ କରିବି, ଆଉ ପଢ଼ିବି କାହିଁକି ?' ଫେଲ୍ ହେବ ବୋଲି ଯଦି କହେ, ତେବେ ବି ପଢ଼ିବନି ଓ କହିବ, 'ଫେଲ୍ ତ ହେବି, ଆଉ ପଢ଼ି କି ଲାଭ ?' ମୁଁ ଖାଲି ଏତିକି କହିବି ଯେ ମନ ଦେଇ ପାଠପଢ଼, ଯେମିତି ଫଳ ପାଇବା କଥା ପାଇବ ।"

✍

ଦିନେ ଏକ ଇଣ୍ଟରଭ୍ୟୁ ସ୍ୱାମୀ କହିଲେ –

'ଯାହାର ଭୟେ ସୁରୁଜ ହୁଏ ଉଦୟ
ଯାହାର ଭୟେ ଇନ୍ଦୁ ଢ଼ାଳେ ଜୋଛନା ତାର
ଯାହାର ଭୟେ ହୁଏ ଅଗ୍ନି ପ୍ରଜ୍ୱଳ,
ଯାହାର ଭୟେ ବହେ ଜଳର ଧାର,
ସେ ନୁହେଁ ଅନ୍ୟ କେହି ମୁଁ ପରବ୍ରହ୍ମ,
ମୋ ଚିଦ୍‌ରୂପ ନ ଜାଣି ତୁମର ହୁଅଇ ଭ୍ରମ

ଚିତ୍ତ ଶୁଦ୍ଧି ମାନେ କ'ଣ ? ଏହା ଏଭଳି ଏକ ଅବସ୍ଥା, ଯେଉଁଠାରେ ତୁମେ ଭାବ ସହ ଯୁକ୍ତ ହୁଅ । ସଂସାରରେ ରହିବାକୁ ଓ ସଂସାରକୁ ଛାଡ଼ିବାକୁ ତୁମକୁ ସବୁବେଳେ ପ୍ରସ୍ତୁତ ରହିବାକୁ ହେବ ।'

✍

'ଦ୍ୱାପର ଯୁଗରେ ରାଜାମାନଙ୍କୁ କୁହାଯାଉଥିଲା, "ଅପୁତ୍ରସ୍ୟ ଗତିର୍‌ନାସ୍ତି" ଏହାର ଅର୍ଥ ହେଲା ରାଜାଙ୍କ ପରେ ରାଜ୍ୟକୁ ଶାସନ କରିବାପାଇଁ ତାଙ୍କର ସନ୍ତାନ ନ'ରହିଲେ ରାଜ୍ୟର ରାଜା ରହିବେ ନାହିଁ । କିନ୍ତୁ ଖାଲି ସନ୍ତାନ ରହିଲେ ଯଥେଷ୍ଟ ନୁହଁ, ଧୃତରାଷ୍ଟ୍ରଙ୍କର ଶହେ ପୁଅ ଥିଲେ, ହେଲେ କ'ଣ ହେଲା ? ତାଙ୍କର ଶେଷ କ୍ରିୟା କରିବାକୁ ଜଣେ ମଧ୍ୟ ବଞ୍ଚିଲା ନାହିଁ । ପୁଟ୍ଟପର୍ତ୍ତି ଭଳି ପୁଣ୍ୟକ୍ଷେତ୍ରକୁ ଲୋକ ଯଦି ଆସନ୍ତି, ପ୍ରଭୁଙ୍କ ସେବା କରନ୍ତି ଓ ସତକର୍ମ କରନ୍ତି, ତେବେ ସେମାନଙ୍କର ପିଲାମାନେ ସୁପୁତ୍ର ହେବେ । ଚାରି ପ୍ରକାର ପୁଅ ଥାନ୍ତି ।

'ନ୍ୟାସ ପୁତ୍ର– ଅନିବାର୍ଯ୍ୟ କାରଣ ହେତୁ ଏଭଳି ପୁତ୍ର କିଛି ସମୟ ପାଇଁ ଅନ୍ୟ ଯତ୍ନରେ ରହିଥାଏ । ବାପା-ମା ସେତିକି ଦିନ ପୁଅକୁ ପାଖରେ ପାଇବାର ଆନନ୍ଦରୁ ବଞ୍ଚିତ ହୁଅନ୍ତି ।

"ଋଣଭୋକ୍ତା– ପୂର୍ବ ଜନ୍ମରେ ଆମକୁ ସାହାଯ୍ୟ କରିଥିବା ଓ ଆମ ଉପରେ ଅଜସ୍ର ଅର୍ଥ ବ୍ୟୟ କରିଥିବା କୌଣସି ବ୍ୟକ୍ତିକୁ ଆମେ ଯଦି ପ୍ରତାରଣା କରିଥାଉ, ସେହି

ବ୍ୟକ୍ତି ଆମର ପୁଅ ହୋଇ ଜନ୍ମ ହୁଏ ଓ ଆମକୁ ଯନ୍ତ୍ରଣା ଦିଏ । ଆମକୁ ମଧ୍ୟ ତା' ଉପରେ ଅର୍ଥ ବ୍ୟୟ କରିବାକୁ ପଡ଼େ ।'

'ଋଣଦାତା- ଆମେ ଯଦି ପୂର୍ବ ଜନ୍ମରେ ବିପୁଳ ଅର୍ଥ ବ୍ୟୟକରି ଓ ସେବା କରି କାହାକୁ ସାହାଯ୍ୟ କରିଥାଉ, ସେ ଆମର ପୁତ୍ର ହୋଇ ଜନ୍ମ ହୁଏ ଓ ଆମର ସମସ୍ତ ଖର୍ଚ୍ଚ ବହନ କରି ଆମ କଷ୍ଟରେ ଭାଗୀହୁଏ ।'

'ଉପେକ୍ଷା ପୁତ୍ର- ଯାହା ପଛରେ ପୂର୍ବର କର୍ମ ନ'ଥାଏ ଓ ସେ ସ୍ୱେଚ୍ଛାରେ ମାନବ ସମାଜର ମଙ୍ଗଳ ପାଇଁ ଜନ୍ମ ନେଇଥାଏ ।

ପ୍ରଶାନ୍ତି ମନ୍ଦିରରେ ଭକ୍ତମାନଙ୍କ ସଙ୍ଗେ ଆଳାପ କରିବା ସମୟରେ ସ୍ୱାମୀ କହିଲେ, 'ଯିଏ କୌଣସି ସମୟରେ ଈଶ୍ୱରଙ୍କ କଥା ଚିନ୍ତା କରେ ନାହିଁ, ସେ ଅଧମ । ଯିଏ ଅନ୍ତର ଭରି ଈଶ୍ୱରଙ୍କୁ ମନେ ପକାଏ, ଅଥଚ ଦୁଃଖର ଘଡ଼ିରେ ତାଙ୍କୁ ଛାଡ଼ି ଦିଏ, ସେ ମଧ୍ୟମ, ଯିଏ କୌଣସି ପରିସ୍ଥିତିରେ ଈଶ୍ୱରଙ୍କୁ ଛାଡ଼େ ନାହିଁ, ସେ ଉତ୍ତମ ।'

କୃତଯୁଗରେ ଈଶ୍ୱରଙ୍କଠାରୁ ବେଦର ସୃଷ୍ଟି ହେଲା ଓ ଋଷିମାନେ ନିଷ୍ଠାର ସହ ତାହା ଆବୃତ୍ତି କଲେ । ତ୍ରେତାଯୁଗରେ ଈଶ୍ୱର ନର ରୂପଧରି ପ୍ରଭୁ ରାମ ହୋଇ ଜନ୍ମ ନେଲେ । ସେତେବେଳେ ଋଷିଗଣ ତାଙ୍କର କେବଳ ଦର୍ଶନ ପାଇଲେ । ସେମାନେ ତାଙ୍କୁ ସ୍ପର୍ଶ କରିବାର ଆତୁରତା ପ୍ରାର୍ଥନା ଦ୍ୱାରା ଜଣାଇଲେ । ଭଗବାନ ପରବର୍ତ୍ତୀ ଅବତାରରେ ତାଙ୍କର ଇଚ୍ଛା ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ଦ୍ୱାପରଯୁଗରେ ଭଗବାନ ପୁଣି ନର ରୂପରେ କୃଷ୍ଣ ହୋଇ ଅବତୀର୍ଣ୍ଣ ହେଲେ । ଋଷିମାନେ ଗୋପୀ ହୋଇ ଜନ୍ମ ନେଲେ ଓ ଦ୍ୱାପର ଯୁଗରେ ସେମାନଙ୍କ ପ୍ରାର୍ଥନା ପୂରଣ ହେଲା । ପ୍ରଭୁଙ୍କ ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ ଲାଭ କରିବାକୁ ସେମାନଙ୍କୁ ତିନି ଯୁଗ ଧରି ଆସିବାକୁ ହୋଇଥିଲା । ତିନି ଯୁଗ ଧରି କଠୋର ତପସ୍ୟା କରିବା ପରେ ସେମାନେ ପାଇଲେ କ'ଣ ? ସେମାନେ ପାଇଲେ ନାମ ସ୍ମରଣର ମହୌଷଧୀ । ତେଣୁ ମୁଁ ତୁମକୁ ସବୁବେଳେ ନାମ ସ୍ମରଣ କରିବାକୁ କହିଥାଏ । ଏହି ସହଜ ଓ ସୁଗମ ପଥ ଜାଣିବାକୁ ସେମାନଙ୍କୁ ତିନି ଯୁଗ ଲାଗିଲା । ତୁମେ ସତରେ ଭାଗ୍ୟବାନ ଯେ ଋଷିମାନେ ଯାହା ଛାଡ଼ି ଯାଇଥିଲେ, ତାହା ତୁମେ ପାଇଲ । ତୁମେମାନେ କଳିଯୁଗରେ ଦର୍ଶନ ପାଇଲ, ସ୍ପର୍ଶ ପାଇଲ, ଆଉ ସମ୍ଭାଷଣ ମଧ୍ୟ ପାଇଲ । ଏହା ହିଁ କଳିଯୁଗର ବୈଶିଷ୍ଟ୍ୟ । ତେଣୁ ମୁଁ ତୁମକୁ ନିରବଧି ନାମସ୍ମରଣ କରିବାକୁ କହିଥାଏ ।

ଏ ଅବତାର ଯେ କିଭଳି ଅବତାର, ତାହା ତୁମେ କ'ଣ ଜାଣ ? ଏହା କେବେ ଗଛକୁ କାଟିବ ନାହିଁ ବା ତା' ଭିତରେ ଥିବା ଉଇକୁ ମାରିବ ନାହିଁ । ଉଭୟଙ୍କୁ ବଞ୍ଚିବାକୁ ହେବ । ଗୋଟିଏ ଅନ୍ୟ ଗୋଟିଏ ପାଇଁ ବିପଦ ହେବ ନାହିଁ । କୃତଯୁଗରେ ଯାଗଯଜ୍ଞଙ୍କୁ

ଗୁରୁତ୍ୱ ଦିଆଯାଇଥିଲା ଯାହା ମାଧ୍ୟମରେ ମଣିଷ ଭିତରେ ଥିବା ପାପଗୁଣକୁ ଆହୂତି ଦିଆଯାଉଥିଲା । ତ୍ରେତାଯୁଗରେ ଅସୁରମାନଙ୍କୁ ମାରିବାପାଇଁ ରାମ କୋଦଣ୍ଡ ଧରି ଆସିଲେ । ଦ୍ୱାପର ଯୁଗରେ ଦୁଷ୍ଟଦଳନ ନିମନ୍ତେ କୃଷ୍ଣ ସୁଦର୍ଶନ ଧାରଣ କଲେ ।

କୃତଯୁଗରେ ବେଦୋଦ୍ଧାରଣ ପାଇଁ ଅନେକ ଅବତାର ଆସିଥିଲେ । ରାମାବତାର ଓ କୃଷ୍ଣାବତାରରେ ରାବଣ ଓ କଂସ ଥିଲେ ଏଭଳି ଗଛ ଓ ଅସୁରମାନେ ଥିଲେ ସେଇ ଗଛକୁ ଲାଗିଥିବା ଢଉ । ଏ ଯୁଗରେ ତ ଘରେ ଘରେ ଅସୁର । ଅବତାର ଅସୁର ସଂହାର କଲେ ଆଉ କେହି ବର୍ତ୍ତିବେ ନାହିଁ । ତେଣୁ ତୁମକୁ ଉଦ୍ଧାର କରିବାପାଇଁ ମୁଁ ଅତି ଶାନ୍ତ ଓ ସୌମ୍ୟ ରୂପ ନେଇ ଆସିଛି । ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରି ଜୀବନକୁ ସାର୍ଥକ କର । ପରେ ପଶ୍ଚାତ୍‌ତାପ କଲେ କିଛି ଲାଭ ହେବନି । ହଜି ଯାଇଥିବା ସମୟ ଫେରି ଆସିବନି । ଏଥିପାଇଁ ଉପାୟଟି ଖୁବ୍ ସହଜ- ନାମସ୍ମରଣ କର ।

ଇହ ସୁଖ ପାଇଁ ହେମତାରକ ବିଦ୍ୟା ପର ସୁଖ ପାଇଁ ବ୍ରହ୍ମ ବିଦ୍ୟା ।

ଲୌକିକ ବିଦ୍ୟା ତୁମକୁ ଅସ୍ଥାୟୀ ଓ କ୍ଷଣିକ ସୁଖ ଦିଏ, ଆତ୍ମ-ବିଦ୍ୟାରୁ ତୁମେ ପାଇଥାଅ ଚିରନ୍ତନ ଆନନ୍ଦ ।

ମୁଁ କାହା ଶରୀରକୁ ଶାନ୍ତି ଦେବି ନାହିଁ, ମନକୁ କିନ୍ତୁ ଶାନ୍ତି ଦେବି । ଆଣ୍ଠୁ ଗଣ୍ଠିବାତରେ ଗରମ ଲୁହାକୁ ଦେହର ଠିକ୍ ଯାଗାରେ ଯେମିତି ଦିଆଯାଇଥାଏ, ମୁଁ ସେମିତି ଗରମ ଲୁହାକୁ ମନ ଉପରେ ଥରକୁ ଥର ମାଡ଼ିବି କିନ୍ତୁ ଯଦି ଦେଖିଲି, ତାହା କାମ କରୁନି, ତେବେ ତାହା ଆଉ କରିବି ନାହିଁ । ତା' ଭାଗ୍ୟକୁ ତାକୁ ଛାଡ଼ିଦେବି । ତା' ପରେ ଆଉ ଭଗବାନ ହସ୍ତକ୍ଷେପ କରିବେ ନାହିଁ । ଗଛର ଗୋଟିଏ ଡାହି ମାଟିରେ ପୋତିଦେଲେ ଅଳ୍ପଦିନ ମଧ୍ୟରେ ସେହି ଡାହିରେ ଶାଗୁଆ ଶାଗୁଆ ପତ୍ର ଗଜୁରିବା ତୁମେ ଦେଖିଥାଅ, କିନ୍ତୁ କାଳକ୍ରମେ ସେହି ପତ୍ର ମଧ୍ୟ ଝଡ଼ିଯାଏ, ଅଥଚ ମଞ୍ଜିରୁ ଗଜୁରିଥିବା ଗଛ ନିଶ୍ଚିତ ରୂପେ ବଞ୍ଚି ରହେ । ସେମିତି ମୁଁ ତୁମକୁ ଭଲ ଉପଦେଶ ଦେଲେ, ତୁମେ ତାହା ଶୁଣି ଭୁଲି ଯାଅ । ଅନ୍ୟ ପକ୍ଷରେ ମୁଁ ତୁମକୁ ତୁମ ନିଜ ଭୁଲ ଯଦି ବୁଝିବାକୁ ଦିଏ, ତେବେ ତୁମର ଅନୁଭୂତିକୁ ତୁମେ ସବୁବେଳେ ପାଇଁ ମନେ ରଖି ଥାଅ। ତା' ପରେ ତୁମେ ସେଭଳି ଭୁଲ୍ ଆଉ କେବେ କର ନାହିଁ ।

ମୋତେ ଦେଖି ଅନେକେ ଭାବନ୍ତି ଯେ ଜଣେ ଲୋକ ଯିଏ ପାନ ଚୋବାଏ ପାଟଲୁଗା ପିନ୍ଧେ, ତୁମରି ଭଳି ଚାଲେ, କଥା କହେ, ସେ ଭଗବାନ କିଭଳି ହେବ ? ମୁଁ ସାଧାରଣ କଥାରେ ମଧ୍ୟ ଆଗ୍ରହ ଦେଖାଇଥାଏ । ମୁଁ ଚାହେଁ ଯେ ତୁମେ ମୋତେ ଲକ୍ଷ୍ୟ କରି କିଛି ଶିଖ ଓ ତୁମ କର୍ତ୍ତବ୍ୟ କରିବାରେ ନିଜକୁ ପୂର୍ଣ୍ଣ ପ୍ରାଣରେ ଉତ୍ସର୍ଗ କର । ଜଣେ

ବି.ଏ.ପାସ କରି ଥାଇପାରେ କିନ୍ତ ଅନ୍ୟଜଣଙ୍କୁ ଅକ୍ଷର ଶିଖାଇବା ସମୟରେ ତାକୁ ଅ, ଆ ରୁ ଆରମ୍ଭ କରିବାକୁ ହୁଏ । ଏବେ ତୁମେ ସବୁ ଏଇ ସ୍ତରରେ ଅଛ, ଅ, ଆ ଶିଖୁଛ । ପୁରୁଷଙ୍କ ତୁଳନାରେ ସ୍ତ୍ରୀ ଲୋକଙ୍କ ଭକ୍ତି ବେଶୀ । ପୁରୁଷ ଓ ମହିଳା ସମସ୍ତଙ୍କୁ ନିଜ ବ୍ୟବହାର ମାର୍ଜିତ କରିବାକୁ ପଡ଼ିବ । ନିଜ ମା'ଙ୍କୁ ଦେବତା ମଣ । ମାତୃସ୍ନେହଠୁ ବଳି ସ୍ନେହ ନାହିଁ। ଧ୍ରୁବର ମା ହିଁ ତା'ର ପ୍ରଥମ ଗୁରୁ ଥିଲେ । ଭକ୍ତ ପୁଣ୍ଡରୀକ ବିଶ୍ୱାସ କରୁଥିଲେ ଯେ ପିତାମାତାଙ୍କ ସେବା ହିଁ ଈଶ୍ୱରଙ୍କ ସେବା । ଭଗବାନ ଯେତେବେଳେ ତା' ଘରକୁ ଆସି ତା ଆଗରେ ଉଭା ହେଲେ, ସେ ତା'ମାଙ୍କ ଗୋଡ଼ ମୋଡ଼ି ଦେଉଥାଏ । ସେ ପ୍ରଭୁ ପାଣ୍ଡୁରଙ୍ଗଙ୍କୁ ଦେଖିଲା କିନ୍ତୁ ତାଙ୍କୁ ପାଛୋଟି ଆଣିବାକୁ ମାତୃସେବା ଅଧାରେ ଛାଡ଼ି ଚାଲିଗଲା ନାହିଁ । ସେ କହିଲା, "ବିଠଲା ଦୟାକରି ଅପେକ୍ଷା କରନ୍ତୁ । ଆପଣଙ୍କ ଦର୍ଶନ ପାଇଁ ମୁଁ ମୋର ଚଳନ୍ତି ଦେବତା, ମୋ ବାପା-ମାଙ୍କର ସେବାକୁ ଅଧାରେ ଛାଡ଼ି ପାରିବିନି ।' ଆପଣ ତ କାଁ ଭାଁ ଦର୍ଶନ ଦେଇଥାନ୍ତି ଓ ତାହା ମଧ୍ୟ କ୍ଷଣକ ପାଇଁ । ପିତା-ମାତାଙ୍କ ସେବା ସରିବା ଯାଏ ଆପଣ ଯଦି ଅପେକ୍ଷା କରି ପାରିବେ, ତେବେ ଏଇ ଇଟା ଉପରେ ଛିଡ଼ା ହୋଇଥାନ୍ତୁ ।' ଏହା କହି ସେ ଗୋଟିଏ ଇଟା ଫିଙ୍ଗି ଦେଲା ଯାହା ଉପରେ ପ୍ରଭୁ ଛିଡ଼ା ହୋଇ ପୁଣ୍ଡରୀକର ପିତାମାତାଙ୍କ ପ୍ରତି ଭକ୍ତି-ଶ୍ରଦ୍ଧାରେ ପ୍ରଭୁ ଅତ୍ୟନ୍ତ ପ୍ରୀତ ହେଲେ ଓ ତା' ଉପରେ ତାଙ୍କର ସହସ୍ର କୃପା ଢାଳି ଦେଲେ ।

'ସଂସାରର ଜଞ୍ଜାଳରେ ଜଳି ଗଲିଣି ବୋଲି କାହିଁକି ସବୁବେଳେ କୁହୁଛ ? ସଂସାରରୁ ଯେଉଁ ଅନୁଭୂତି ମିଳେ, ତାହା ଅନ୍ୟ କେଉଁଠେ ମିଳି ନଥାଏ । କିନ୍ତୁ ଘରକୁ ମଥାର ଭାର କର ନାହିଁ । ନାମ ସ୍ମରଣକୁ ଆଧାର କରି ତୁମେ ସବୁ ବାଧା ଲଙ୍ଘି ପାରିବ ।

'ଭକ୍ତମାନେ ସବୁବେଳେ ମୋ ପାଦପୂଜା କରିବାକୁ ମୋତେ ବ୍ୟସ୍ତ କରନ୍ତି । ମୁଁ ଯଦି ମନା କରେ ମୋତେ କହନ୍ତି, 'ମୁଁ ଭକ୍ତ ପରାଧୀନ, ମନା କରି ପାରିବିନି ।' କିନ୍ତୁ ସେମାନେ ବୁଝନ୍ତି ନାହିଁ ଯେ ମୁଁ ଭକ୍ତିରେ ବନ୍ଧା, ଭକ୍ତ ସଙ୍ଗେ ନୁହଁ । ଦିନେ ଜଣେ ଭକ୍ତ ମୋତେ ପଚାରିଲେ ଯେ ଯଦି ସେ ଶିବ ବା ବ୍ରହ୍ମାଙ୍କ ପୂଜା କରିବେ, ବିଷ୍ଣୁ କ'ଣ ତାଙ୍କ ଉପରେ ରୁଷିବେ ? ଏସବୁ ବାଜେ କଥା । ଈଶ୍ୱର ଏକ, ତାଙ୍କର ନାମ ରୂପ ଅନେକ । ତୁମେ ଯେମିତି ପୂଜା କଲେ ବି ତାହା ତାଙ୍କ ପାଖରେ ପହଞ୍ଚିଥାଏ । ତେବେ ଆଉ ଠାକୁର ରଷିବା କଥା ଆସିଲା କେଉଁଠୁ ?

'ଈଶ୍ୱରଙ୍କ ଦିବ୍ୟ ଉପସ୍ଥିତିରେ ଭଜନ ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭାଗନେଇ ନିଜ ନିଜର ସାଧନା ବୃଦ୍ଧି କରିବାର ଉଦ୍ଦେଶ୍ୟ ନେଇ ଅନ୍ତରଙ୍ଗ ଭକ୍ତମାନେ ଏଠାକୁ ଆସିଥାନ୍ତି । ଆଉ କେତେକ ଆସନ୍ତି, ମନ୍ଦିରର କଳା-ଭାସ୍କର୍ଯ୍ୟ ଦେଖିବାପାଇଁ ।

ଏଠାରେ ସେତିକି ଦେଖି ସେମାନେ ମନ ଆନନ୍ଦରେ ଫେରିଯାନ୍ତି । ଆଉ କେତେକ ଆସି ଔଦ୍ଧତ୍ୟ ପ୍ରକାଶ କରି କହନ୍ତି, 'ଏଇଠେ ଦେଖିବାକୁ କ'ଣ ଅଛି ? ଦିଅଁ କ'ଣ ଆମ ଦେହରେ ନାହାନ୍ତି ?" କିନ୍ତୁ ମୁଁ ଏଭଳି ଅହଙ୍କାରୀକୁ ମଧ୍ୟ ଛାଡ଼େ ନାହିଁ । ଏମାନଙ୍କୁ ବି ହେଳା କରେ ନାହିଁ । ଏମାନଙ୍କୁ ଏଠିକି ଟାଣି ଆଣିବାକୁ ମୁଁ ଗୋଟିଏ ଡାକ୍ତରଖାନା ଗଢ଼ିଛି । ଦେହରେ ତ ରୋଗ ହେବ, ଆଜି ନ ହେଲେ କାଲି ସମସ୍ତେ ଦିନେ ନା ଦିନେ ରୋଗରେ ପଡ଼ିବେ । ସେତେବେଳେ ସେମାନେ ରୋଗର ଚିକିତ୍ସା ପାଇଁ ଏଠିକି ଆସିବେ । ଚିକିତ୍ସା ଶେଷରେ କହିବେ, 'ଏଇଠେ ଡାକ୍ତରମାନଙ୍କର ଏତେ ଦୟା, ଆଉ ଔଷଧଗୁଡ଼ିକ ଏତେ ଭଲ ଯେ ଆମ ଦେହ ଭଲ ହୋଇଗଲା । ଘରକୁ ଫେରିବା ଆଗରୁ ଥରେ ମନ୍ଦିରକୁ ଯାଇ ଠାକୁରଙ୍କର ଦର୍ଶନ କରି ନେବା ।' ଏଇ ଭାବେ ମୁଁ ନାସ୍ତିକଙ୍କୁ ମଧ୍ୟ ଆସ୍ତିକ କରିଥାଏ । ଏଇ କ୍ଷେତ୍ରର ଧର୍ମ ହିଁ ଏହା । ଏଠାରେ ସମସ୍ତେ ମୋର, ମୁଁ ସମସ୍ତଙ୍କର ।'

✍

ଥରେ ଆମେ ପୁଟ୍ଟପର୍ତ୍ତି ଯିବା ସମୟରେ ସ୍ୱାମୀଙ୍କ ପାଇଁ କିଛି ହୋଲିଗେ (ଏକପ୍ରକାର ପିଠା) ନେଇ ଯାଇଥାଉ । ଆମେ ମନ୍ଦିର ଉପରକୁ ଗଲୁ, ସ୍ୱାମୀଙ୍କୁ ଦର୍ଶନ କଲୁ ଓ ତାଙ୍କୁ ଆମେ ଆଣିଥିବା ପିଠା ନୈବେଦ୍ୟ ଦେଲୁ । ପରଦିନ ଆମେ ତାଙ୍କର ଦର୍ଶନ ଲାଗି ଯାଇ ଦେଖିଲୁ ସେ ତାଙ୍କ କକ୍ଷରେ ଏକ ଟେବୁଲ୍ ସାମନାରେ ବସିଛନ୍ତି । ଟେବୁଲ ଉପରେ ଏକ କାଗଜ ବିଛା ହୋଇଥାଏ ଓ କାଗଜ ଉପରେ ଆମେ ପୂର୍ବ ରାତିରେ ଦେଇଥିବା ପିଠାରୁ ଖଣ୍ଡିଏ ଥାଏ । ପିଠାର ଚାରିଧାରକୁ ଛିଣ୍ଡେଇ କାଗଜର ଗୋଟିଏ ପାଖରେ ଜମା କରାଯାଇଥାଏ । ସ୍ୱାମୀ ଖାଲି ପିଠାର ମଝିଭାଗକୁ ଖାଉଥାନ୍ତି । ଆମକୁ ଦେଖି ସ୍ୱାମୀ କହିଲେ, "ଆସ, ଆସ ଦେଖ ପିଠାଗୁଡ଼ିକୁ କେତେ ମୋଟା କରିଛ । କାନ୍ନାମ୍ମା, ତୋ' ମା ଯେତେବେଳେ ପିଠା କରୁଥାନ୍ତି, ତୁ ସେତେବେଳେ ତାଙ୍କୁ ପିଠା ଯେତେ ପତଳା ହୋଇ ପାରିବ ସେତିକି ପତଳା କରିବାକୁ କହୁଥାଉ । ସେତେବେଳେ କିନ୍ତୁ ତୋ ମା ତୋତେ ଚୁପ୍ ରହିବାକୁ କହି କହୁଥାନ୍ତି, ସ୍ୱାମୀ ତ ପିଠା ଖାନ୍ତି ନାହିଁ, ପିଠା ପତଳା ହେଉ ବା ମୋଟା ହେଉ ଯାଆସ କ'ଣ ? ମୁଁ କ'ଣ ଠିକ୍ କହୁନି ? ଏବେ ତୁ ଯେଉଁ ପିଠାଦେଇଛୁ, ତାହାମୋର ପସନ୍ଦ ନ' ହେଲେ ବି ମୋତେ ଖାଇବାକୁ ହେବ । ତେଣୁ ମୁଁ ପିଠାର ମଝି କେବଳ ଖାଉଛି । ମୋ ମା' କହିଲେ, 'ସ୍ୱାମୀ, ଆପଣ ତ ପିଠା ଖା'ନ୍ତି ନାହିଁ' ସ୍ୱାମୀ ଉତ୍ତର ଦେଲେ, 'ସେଥିରେ ତୁମର କି ଯା' ଆସ ? ତୁମେ ପିଠା ଠିକ୍‌ଭାବେ କରିଥାନ୍ତ, ଖାଇବା ନ ଖାଇବା ମୋତେ ଛାଡ଼ିଦେଇଥା'ନ୍ତ । ସ୍ୱାମୀଙ୍କ କଥା ଶୁଣି ଆମେ ଆମ ହସ ରୋକି ପାରୁ ନଥାଉ । ସ୍ୱାମୀ ମଧ୍ୟ ମନ ଖୋଲି ହସିଲେ । ଆମେ ସମସ୍ତେ ତାଙ୍କର ପାଦନମସ୍କାର କରି ବାହାରକୁ ଆସିଲୁ ।

✍

ଶଙ୍କର ଜୟନ୍ତୀ ଅବସରରେ ସ୍ୱାମୀ ତାଙ୍କର ଦିବ୍ୟ ସମ୍ଭାଷଣରେ କହିଲେ, 'ମହାତ୍ମା, ଯୋଗୀ ଓ ଜ୍ଞାନୀମାନେ ଯେତେବେଳେ ଜନ୍ମ ନିଅନ୍ତି, ସେମାନେ ଈଶ୍ୱରଙ୍କ ନିର୍ଦ୍ଦେଶରେ କିଛି ଲୋକଙ୍କୁ ମୁକ୍ତି ଦେଇ ପାରନ୍ତି । ସେମାନେ ଛୋଟ ଛୋଟ ନୌକା ଭଳି ଯାହା ବେଶୀ ଭାର ବୋହି ପାରେ ନାହିଁ । ମୋ ଅବତାର କିନ୍ତୁ ଏକ ବାଷ୍ପୀୟ ପୋତ । ମୁଁ ଯେତେ ଲୋକ ଚାହେଁ ସମସ୍ତଙ୍କୁ ନେଇ ଅନ୍ୟ କୂଳକୁ ପହଞ୍ଚାଇ ପାରେ । ମୁଁ ସ୍ୱୟଂ ଭଗବାନ୍ । ମୁଁ ଯେହେତୁ ଆସିଛି, ତୁମେ ଏହି ସୁଯୋଗକୁ ବ୍ୟବହାର କରି ନଦୀ ପାର ହୋଇଯାଅ । ତୁମ କାମ ହେଲା ଖାଲି ପୋତରେ ଚଢ଼ିବା । ମୁଁ ପୋତର ଚାଳକ । ତୁମ ପାଇଁ ଅପେକ୍ଷା କରିଛି । ଆଗାମୀ ଦୁଇ ହଜାର ବର୍ଷ ମଧ୍ୟରେ ତୁମକୁ ଆର ପାରିକୁ ନେବାକୁ କେହି ଆସିବେ ନାହିଁ ।'

'ତୁମେ ଭାବୁଥିବ, ମୋ ଦର୍ଶନ ପାଇବା ପରେ ମଧ୍ୟ ଲୋକ କାହିଁକି କଷ୍ଟ ଭୋଗନ୍ତି ? ଏହା ଠିକ୍ ଯେ ତୁମକୁ କଷ୍ଟ ଭୋଗିବାକୁ ହେବ । ଏହା ତୁମ ପୂର୍ବ ଜନ୍ମର କର୍ମର ଫଳ । ଜଣେ ଚାଷୀ ହୁଏତ ତା' ଜମିରେ ମୋଟା ଚାଉଳର ଧାନ ଅମଳ କରେ । କନ୍ତୁ ଅମଳ ପରେ ସେ ସେହି ଚାଉଳ ଖାଇବାକୁ ଚାହେ ନାହିଁ, ସେତେବେଳେ ତାକୁ ହୁଏତ ଇଚ୍ଛା ବିରୁଦ୍ଧରେ ସେହି ଚାଉଳ ଖାଇବାକୁ ହେବ, ନଚେତ୍ ସେ ଭୋକରେ ରହିବ । ସେମିତି ବର୍ତ୍ତମାନ ତୁମେ ସରୁଚାଉଳର ଧାନ ବୁଣି ଥାଇପାର, ତେବେ ସେଇ ଧାନ ସଙ୍ଗେ ସଙ୍ଗେ ଅମଳ ହେବ ? ମୋର ଦର୍ଶନ ପରେ ତୁମେ ଭବିଷ୍ୟତରେ ଉତ୍ତମ ଜନ୍ମ ପାଇବ । ଉତ୍ତମ ଜନ୍ମ ପାଇଲେ ଆଉ ଭୁଲ କରିବ ନାହିଁ । ଭୁଲ ନକଲେ ଫେର୍ ଜନ୍ମ ପାଇବ ନାହିଁ । ଏହା ହେଉଛି ସହଜ ସତ୍ୟ ।'

ଥରେ ଜଣେ ଭକ୍ତ କହିଲେ, "ସ୍ୱାମୀ ତୀର୍ଥକ୍ଷେତ୍ରଗୁଡ଼ିକ ଖୁବ୍ ଅପରିଷ୍କାର ହୋଇଗଲାଣି, ସେଭିଳି କ୍ଷେତ୍ରରେ କ'ଣ ଈଶ୍ୱର ରହନ୍ତି ?" ସ୍ୱାମୀ ଉତ୍ତର ଦେଲେ, 'ଏସବୁ ତୁମ ଅଧ୍ୟବସାୟର ପରୀକ୍ଷା । ଯେଉଁ ଭକ୍ତ କୌଣସି ପ୍ରତିବାଦ ନକରି ସମସ୍ତ କଷ୍ଟ ବରଣ କରିନିଏ, ସେଇ ଭକ୍ତକୁ ଭଗବାନ ଆଦର କରନ୍ତି । ଏକାଗ୍ର ଭକ୍ତି ନେଇ ଯିଏ ତାଙ୍କ ପାଖକୁ ଆସିଥାଏ, ସେ ତାକୁ ଭଲପାନ୍ତି । ତୁମ ଦାମିକିଆ ମୁଦି ଯଦି ଦୈବାତ୍ ମଳ ଉପରେ ପଡ଼ିଯାଏ, ତୁମେ କ'ଣ କରିବ ? ମଳ ଉପରେ ପଡ଼ିଲାବୋଲି ତାକୁ କ'ଣ ତୁମେ ସେଇଠେ ଛାଡ଼ି ଚାଲି ଆସିବ ? ତଥାପି କ'ଣ ତାକୁ ଗୋଟେଇ ଆଣିବ ନାହିଁ ? ସେମିତି ପରିବେଶ ପରିଷ୍କାର କି ନୁହଁ, ତାହା ବଡ଼ କଥା ନୁହଁ, କିମିତି ଏକ ଲକ୍ଷ୍ୟରେ ଈଶ୍ୱରଙ୍କଠାରେ ପହଞ୍ଚିବ, ତାହା ବଡ଼ କଥା ? ସବୁବେଳେ ଏଇ କଥା ଚିନ୍ତା କର ।'

✍

ଥରେ ମୋ ମା ପୁଟ୍ଟପର୍ତ୍ତିରେ ଥିବା ସମୟରେ ଜଣେ ଯୁବ ସନ୍ନ୍ୟାସୀ ସ୍ୱାମୀଙ୍କ ଦର୍ଶନ ଲାଗି ସେଠାକୁ ଆସିଥାନ୍ତି । ସେ ତାଙ୍କ ସାଧନାରେ ଆଗେଇବା ପାଇଁ ସ୍ୱାମୀଙ୍କ କୃପା ପ୍ରାର୍ଥନା କଲେ । ସ୍ୱାମୀ ତାଙ୍କୁ ରୋକଠୋକ୍ ଭାବେ କହିଲେ, 'ସାଧନା ଢ଼େର ହେଇଗଲା, ଏଥର ନିଜର ଯାଗାକୁ ଯାଇ କିଛି କାମଧନ୍ଦା କର, ଆଉ ମା'ର ଯତ୍ନ ନିଅ ।' ସନ୍ୟାସୀ ଜଣକ କହିଲେ, 'ସ୍ୱାମୀ, ଏହା କ'ଣ ସମ୍ଭବ ? ଥରେ ସନ୍ନ୍ୟାସୀ ହେବା ପରେ ମୁଁ ସଂସାରକୁ ଫେରି ପାରିବି ନାହିଁ । ଏ ଯାଏଁ ମୁଁ ଯାହା କିଛି ସାଧନା କରିଛି ସବୁ ନିଷ୍ଫଳ ହୋଇଯିବ' । ସ୍ୱାମୀ କହିଲେ, 'ଏ ଯାଏ ତୁମେ ଯାହା ସାଧନା କରିଛ ସବୁ ତୁମ ମା'ର ଲୁହରେ ଭାସି ସାରିଲାଣି ।' ସେହି ସନ୍ୟାସୀ ମା'ଙ୍କର ଗୋଟିଏ ପୁଅ । ତାଙ୍କର ପିତାଙ୍କର ମୃତ୍ୟୁ ହୋଇ ଯାଇଥାଏ ଓ ମା'ଙ୍କର ବୟସ ହୋଇଯାଇଥାଏ । ମା'ର ଭବିଷ୍ୟତ କ'ଣ ହେବ, ଚିନ୍ତା ନ କରି ପୁଅ ସନ୍ୟାସୀ ହୋଇ ଯାଇଥାଏ । ତେଣେ ବୁଢ଼ୀ ବିଚରା ଖଟିଖାଉଥାଏ । ସ୍ୱାମୀ ସେଦିନ ତାଙ୍କୁ କହିଲେ ଯେ ସେ ତାଙ୍କର ମା'ଙ୍କର ଦେଖାଶୁଣା ନ କରି ଯଦି ସନ୍ୟାସୀ ହୁଅନ୍ତି, ତେବେ ତାଙ୍କ ଉପରେ ଭଗବାନଙ୍କ କୃପା ରହିବ ନାହିଁ ।

✍

ଦିନେ ସ୍ୱାମୀ ଗୋଟିଏ ଚୌକିରେ ବସିଥାନ୍ତି । ଆମେ ତାଙ୍କ ଚାରିପାଖେ ଛିଡ଼ା ହୋଇଥାଉ । ସ୍ୱାମୀ ସେଦିନ ଭକ୍ତମାନେ ତାଙ୍କ ସଙ୍ଗେ ଖୁବ୍ ଖୋଲାଖୋଲି କଥା ହେବା ବିଷୟରେ କହୁଥାନ୍ତି । ସେ ସେଦିନ ଆମକୁ ସାବଧାନ କରି କହିଲେ, 'ମୁଁ ତୁମ ସହ ବେଶ୍ ଖୋଲାଖୋଲି କଥା ହୋଇପାରେ, ଥଟ୍ଟା କରିପାରେ କିନ୍ତୁ ମୋ ସଙ୍ଗେ ତୁମେ ସେମିତି କଥା ହେବ ନାହିଁ । ତୁମେ କିଛି କହିଲେ ଯେ ମୋର ପ୍ରତିକ୍ରିୟା କ'ଣ ହେବ, ତାହା ତୁମେ ଠଉରେଇ ପାରିବ ନାହିଁ । ମହାତ୍ମାଙ୍କ ନିକଟରେ, ସାପ ପାଖରେ ଓ ନଦୀ କୂଳରେ ଜଣେ ସାବଧାନ ରହିବା ଉଚିତ୍ ।'

✍

ସ୍ୱାମୀ କହିଲେ, 'ଯେଉଁମାନେ ମୁହୂର୍ତ୍ତକ ମଧ୍ୟରେ ଧ୍ୟାନ ଶିଖେଇ ଦେବେ ବୋଲି ଦାବୀ କରନ୍ତି, ସେମାନେ ମୂର୍ଖ । ଯେଉଁମାନେ ସେଭଳି ଲୋକ ପାଖକୁ ଧ୍ୟାନ ଶିଖିବାକୁ ଯାନ୍ତି ସେମାନେ ବି ମୁର୍ଖ । ଆମେ ଯେତେବେଳ ଜଣକୁ ଭଲ ପାଉ, ସେତେବେଳେ ସବୁ ପ୍ରକାର କାମଦାମ ଭିତରେ ବ୍ୟସ୍ତ ରହି ମଧ୍ୟ ତାକୁ ମନେ ପକାଉ । ଏହାକୁ କହନ୍ତି ଧ୍ୟାନ । ମଣିଷକୁ ଭଲ ପାଇବାର ଫଳ ହୁଏତ ମିଳି ନ'ପାରେ ଓ ବେକାର ହୋଇ ଯାଇପାରେ, କିନ୍ତୁ ଭଗବାନଙ୍କ ପ୍ରତି ଭକ୍ତି ଓ ବ୍ୟାକୁଳତା କେବେ ନିଷ୍ଫଳ ହୁଏ ନାହିଁ ।

ସେ ତୁମକୁ ନିଶ୍ଚୟ ଦର୍ଶନ ଦେବେ । ସେ ତୁମକୁ ତାଙ୍କ ମଧ୍ୟକୁ ନେଇଯିବେ । ହୃଦୟ ପ୍ରେମାନୁସିକ୍ତ ନ' ହେଲେ ଧ୍ୟାନରେ ଦୀର୍ଘ ସମୟ ଏକାଗ୍ରତା ରହେ ନାହିଁ ।'

✍

ଥରେ ସ୍ୱାମୀ ଭକ୍ତମାନଙ୍କୁ ଚିତ୍ରାବତୀ ତୀରକୁ ନେଇ ଯାଇଥାନ୍ତି । ସେଠାରେ ସେ ବାଲିରୁ କିଛି ଶିବ ଲିଙ୍ଗ ବାହାର କଲେ । ସେଗୁଡ଼ିକୁ ସେଠାରେ ଥିବା କେତେ ଜଣ ଭକ୍ତଙ୍କୁ ସେ ଦେଇଦେଲେ । ଶେଷରେ ଆଉ ଗୋଟିଏ ଲିଙ୍ଗ ରହିଲା । ସ୍ୱାମୀ ତାହାକୁ ଏକ ତଉଲିଆରେ ଗୁଡ଼େଇ ରାଧା'ର ସ୍ୱାମୀଙ୍କୁ ଦେଲେ ଓ କହିଲେ 'ଯାକୁ ଯତ୍ନରେ ରଖିଥା । ମନ୍ଦିରରେ ମୋତେ ଦେଇଦେବୁ ।' ମନ୍ଦିରକୁ ଫେରିବା ସମୟରେ ରାଧା'ର ସ୍ୱାମୀ ତଉଲିଆରେ ଗୁଡ଼େଇ ରଖିଥିବା ସେଇ ଲିଙ୍ଗକୁ ଖୁବ୍ ଯତ୍ନରେ ଛାତିକୁ ଜାକି ଧରିଥାନ୍ତି । ମନ୍ଦିର ପହଞ୍ଚିବାପରେ ସ୍ୱାମୀ ସେଇ ଲିଙ୍ଗଟି ତାକୁ ମାଗିଲେ । ତଉଲିଆଟି ଖୋଲିବା ବେଳକୁ ଆଉ ସେଥିରେ ଲିଙ୍ଗ ନଥାଏ ! ସ୍ୱାମୀ ତାଙ୍କୁ ସେ ଲିଙ୍ଗଟି କେଉଠେ ଲୁଚେଇ ରଖିଛନ୍ତି କହି ମୃଦୁ ଭର୍ତ୍ସନା କଲେ, ପରେ କିନ୍ତୁ କହିଲେ ଯେ ସେ ଥଟ୍ଟା କରୁଛନ୍ତି ଓ ଅସଲରେ ଲିଙ୍ଗଟି ତାଙ୍କ ପାଖକୁ ଫେରି ଆସିଛି ।

✍

ଉତ୍ସବମାନଙ୍କରେ ବିଭିନ୍ନ ରଙ୍ଗର ରଙ୍ଗୀନ୍ କପଡ଼ାରେ ତିଆରି ଚଉଦଟି ତୋରଣମାଳା ମନ୍ଦିରର ଶୋଭା ବର୍ଦ୍ଧନ କରୁଥାନ୍ତି । ସ୍ୱାମୀ ଥରେ କହୁଥାନ୍ତି ଯେ ଚଉଦ ସଂଖ୍ୟାଟି ଚତୁର୍ଦ୍ଦଶ ଭୁବନକୁ ସୂଚାଏ ଓ ସେ ହେଉଛନ୍ତି ଚତୁର୍ଦ୍ଦଶ ଭୁବନର ଅଧିପତି ।

✍

ଥରେ ଆମେ ପୁଟ୍ଟପର୍ତ୍ତି ଛାଡ଼ିବା ପାଇଁ ସ୍ୱାମୀଙ୍କର ଅନୁମତି ଭିକ୍ଷା କରିବାକୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ଥାଉ । ମୁରଲୀ ସେଠାରେ ସ୍ୱାମୀଙ୍କଠୁ ତାଙ୍କ ଚାରିପାଖେ ପ୍ରଦକ୍ଷିଣ କରିବାପାଇଁ ଅନୁମତି ଚାହିଁଲା । ସ୍ୱାମୀ ତା'ର ପ୍ରାର୍ଥନା ଶୁଣିଲେ ଓ କକ୍ଷର ଠିକ୍ ମଝିରେ ଛିଡ଼ା ହେଲେ । ଆମେ 'ଯାନି କାନି ଚ ପାପାନି' ଶ୍ଳୋକଟି ଆବୃତ୍ତି କରି ତାଙ୍କର ପ୍ରଦକ୍ଷିଣ କଲୁ ଓ ପ୍ରଦକ୍ଷିଣ ଶେଷରେ ପାଦନମସ୍କାର କଲୁ । କିଛି ଦିନପରେ ସ୍ୱାମୀ ତାଙ୍କର ଏକ ଦିବ୍ୟ ସମ୍ଭାଷଣରେ କହିଲେ, 'ତୁମେ ମାନେ ପ୍ରଦକ୍ଷିଣ କରିବା ସମୟରେ ଯେଉଁ ଶ୍ଳୋକ ଆବୃତ୍ତି କରିଥାଅ, ତାହାର ଗୋଟିଏ ଧାଡ଼ିରେ କହିଥାଅ, 'ପାପୋହମ୍ ପାପକର୍ମାହମ୍ ପାପାତ୍ମା ପାପସମ୍ଭବଃ' । ଏମିତି ଆଉ କେବେ କୁହ ନାହିଁ । ତୁମେ ପ୍ରତ୍ୟେକ ପୁଣ୍ୟାତ୍ମା, କେହି ପାପାତ୍ମା ନୁହଁ' । ସ୍ୱାମୀ ଆମକୁ ସେହି ଶ୍ଳୋକଟି ଏଭଳି ଭାବେ କହିବାକୁ କହିଲେ,'

ଯାନି କାନି ଚ ପାପାନି ଜନ୍ମାନ୍ତର କୃତାନି ଚ
ତାନି ତାନି ବିନଶ୍ୟନ୍ତି ପ୍ରଦକ୍ଷିଣ ପଦେ ପଦେ
ପ୍ରାପ୍ତୋହମ୍ ପ୍ରାପ୍ତ କର୍ମୋହମ୍
ପ୍ରାପ୍ତାତ୍ମା ପ୍ରାପ୍ତସମ୍ଭବଃ ।'

✍

ଦିନେ ସ୍ୱାମୀ ମୋତେ କହିଲେ, "ଝିଅ, ତୋର ପୁଅମାନେ ଏଭଳି କିଛି ଭଜନ ଗାଉଛନ୍ତି ଯାହାର ଗୂଢ଼ ଅର୍ଥ ଅନେକେ ବୁଝି ପାରିବେ ନାହିଁ । ସେଗୁଡ଼ିକର ହୁଏତ ଭୁଲ ଅର୍ଥ ବାହାର କରାଯିବ । ସେମାନେ 'ଓଁ ଶ୍ରୀ ଦ୍ରମ୍ ଶ୍ରୀ ଗୁରୁ ଦତ୍ତାୟ ନମଃ' ଭଳି ବୀଜାକ୍ଷର ମନ୍ତ୍ର ପ୍ରୟୋଗ କରି ଭଜନ ଗାଇବା ମଧ୍ୟ ମୁଁ ଶୁଣିଛି । ପଛରେ ବସିଥିବା କେତେକ ଭଜନ ଭଲ ଭାବେ ଶୁଣି ପାରନ୍ତି ନାହିଁ ଓ ମୁଁ ଶୁଣିଛି ସେମାନେ ଦ୍ର. ଦ୍ରୀ ଆଦି ଉଚ୍ଚାରଣ କରୁଛନ୍ତି । ଏହାର ସୁଫଳ ଅପେକ୍ଷା କୁଫଳ ବେଶୀ । ତେଣୁ ଏଭଳି ଭଜନ ସର୍ବସାଧାରଣରେ ଗାଇବା କଥା ନୁହଁ । ସେମାନେ ଚାହିଁଲେ, ତାହା ନିଜ ଘରେ ଗାଇ ପାରନ୍ତି ।"

✍

ଦିନେ ସ୍ୱାମୀ ଆମମାନଙ୍କୁ କହିଲେ, 'ଭଗବାନ ଭକ୍ତଠାରୁ ଦୂରରେ ରହି ପାରନ୍ତି ନାହିଁ । କୃଷ୍ଣ ତାଙ୍କର ଭକ୍ତମାନଙ୍କୁ ଦଣ୍ଡେ ଛାଡ଼ି ରହି ପାରୁଥିଲେ କି ? ତାଙ୍କର ସାରା ଜୀବନ ଭକ୍ତମାନଙ୍କ ଗହଣରେ ବିତି ଥିଲା । ମୁଁ ମଧ୍ୟ ସବୁବେଳେ ମୋ ଭକ୍ତମାନଙ୍କ ମେଳରେ ରହିଥାଏ । ଅନେକ କିନ୍ତୁ ତାହା ଜାଣି ନ'ଥାନ୍ତି । ଗତ ମାସେ ହେବ, ମୁଁ ସ୍ଥିର କରିଛି ଯେ ମୋ' ପ୍ରେମ କିମିତି କାର୍ଯ୍ୟ କରେ, ତାହା ମୋ ଭକ୍ତମାନେ ଜାଣନ୍ତୁ । ଯେକୌଣସି ଭକ୍ତ ନିର୍ମଳ ପ୍ରେମରେ ମୋତେ ଆରାଧନା କଲେ ମୁଁ ଯେ ତାର କେତେ ଅନ୍ତରଙ୍ଗ, ସେହି ଅବବୋଧ ମୁଁ ତାକୁ ଦେବି । ତୁମେମାନେ ଅନେକ ସମୟରେ କହିଥାଅ, 'ସ୍ୱାମୀ, ଆପଣ ଆମକୁ ଭୁଲିଗଲେ' ତାହା ହିଁ ଯଦି ସତ ହୁଏ, ତୁମେ ଏଭଳି ଅଭିଯୋଗ କରିବା ପାଇଁ ଆଜି ମୋ ସାମ୍ନାରେ ବସି ନ'ଥାନ୍ତ । ମୋର ପ୍ରେମ ହିଁ ତୁମକୁ ଏଠାକୁ ଟାଣି ଆଣିଛି । ମୁଁ ଏଠାରେ ତୁମକୁ ଆଉ ଗୋଟିଏ କଥା କହିବି । ପ୍ରତିଦିନ, ଦିନ ମଧ୍ୟରେ ତୁମେ ଯେତିକି ସମୟ ମୋତେ ମନେ ପକେଇ ଥାଅ, ଠିକ୍ ସେତିକି ସମୟ ରାତିରେ ମୁଁ ତୁମକୁ ପରମାତ୍ମାଙ୍କ (ମୋ) ମଧ୍ୟରେ ଲୀନ ହେବାର ସୁଯୋଗ ଦେଇଥାଏ । ଏଭଳି ମୋ ମଧ୍ୟରେ ଲୟ ଭଜିବାର ପ୍ରମାଣ ହେଲା, ନିଦରୁ ଉଠିବା ପରେ ତୁମ ମନ ସାଂସାରିକ ବ୍ୟାପାର ଆଡ଼କୁ ନ'ଯାଇ ଈଶ୍ୱରଙ୍କୁ ମନେ ପକାଇବ ଓ ତୁମ ଶରୀରରେ କୌଣସି ଯନ୍ତ୍ରଣା ନ'ଥାଇ ତୁମେ ନିଜକୁ ଖୁବ୍ ହାଲୁକା ମନେ କରିବ ।'

ଥରେ ସ୍ୱାମୀ ଆମକୁ ଇଣ୍ଟରଭ୍ୟୁ ଦେବା ସମୟରେ କହିଲେ, 'ସାତ୍ତ୍ୱିକ କାଳରେ କରୁଥିବା ଜପ ଧ୍ୟାନ ଓ ନାମ ସ୍ମରଣ ଆଧ୍ୟାତ୍ମିକ ଦୃଷ୍ଟିରୁ ସୁଫଳ ଦେଇଥାଏ । ମୁଁ ଏହାକୁ ବ୍ୟାଙ୍କର ପୁନରାବର୍ତ୍ତିକ ଜମା (Recurring Deposit) ଭଳି ଯତ୍ନରେ ସାଇତି ରଖେ । ଦିନରେ ଅବଶିଷ୍ଟ ସମୟରେ କରୁଥିବା ଜପ, ଧ୍ୟାନ ଓ ନାମ ସ୍ମରଣ ଏଇ ସଞ୍ଚୟ ଜମା ଖାତା (Savings Bank Account)ରେ ଜମା ରଖିଥିବା ଧନ ରାଶି ଭଳି । ସାଂସାରିକ ତାପତ୍ରୟରେ ବିଦଗ୍ଧ ହୋଇ ତୁମେ ଯେତେବେଳେ ମୋତେ ପ୍ରାର୍ଥନା କର, ମୁଁ ତୁମର ଐହିକ ସମସ୍ୟାର ସମାଧାନ ପାଇଁ ଏହି ପୁଣ୍ୟରୁ କିଞ୍ଚିତ କିଞ୍ଚିତ୍ ଛାଡ଼ିଥାଏ । କିନ୍ତୁ ପ୍ରାତଃକାଳୀନ ସାଧନା ଆଧ୍ୟାତ୍ମିକତା ନିମନ୍ତେ ଉଦ୍ଦିଷ୍ଟ ଓ କେବଳ ସେଥିପାଇଁ ହିଁ ତାହା ବ୍ୟବହାର କରିବାକୁ ହୋଇଥାଏ ।'

ଆଉ ଥରେ ସ୍ୱାମୀ ଆମକୁ ଓ ଅନ୍ୟ କେତେକଙ୍କୁ ଇଣ୍ଟରଭ୍ୟୁ ପାଇଁ ଡାକିଥାନ୍ତି । ସେମାନଙ୍କ ମଧ୍ୟରେ ଏକ ବୟୋବୃଦ୍ଧ ଦମ୍ପତି ଥାନ୍ତି ଓ ସେମାନେ ସାଙ୍ଗରେ ସେମାନଙ୍କର ପୁଅକୁ ନେଇ ଆସିଥାନ୍ତି । ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ଉକ୍ତ ଦମ୍ପତି ସ୍ୱାମୀଙ୍କୁ ପାଦ ନମସ୍କାର କଲେ । ସେମାନଙ୍କ ପୁଅ ଯେତେବେଳେ ପାଦ ନମସ୍କାର କରିବାକୁ ଯାଏ, ସ୍ୱାମୀ ହଠାତ୍ ତାଙ୍କ ପାଦ ପଛକୁ ଟାଣି ନେଲେ ଓ ଖୁବ୍ କଡ଼ା ସ୍ୱରରେ କହିଲେ, 'ନା, ମୋତେ ଛୁଅନା ।' ସେଠାରେ ଥିବା ସମସ୍ତେ ଚକିତ ହୋଇ ଯାଇଥାଆନ୍ତି । ପିଲାଟିର ମା କାନ୍ଦି କାନ୍ଦି ପଚାରୁଥାଆନ୍ତି, 'କାହିଁକି ସ୍ୱାମୀ ?' ସ୍ୱାମୀ କହିଲେ, 'ଯେଉଁମାନେ ବାପା ମା'ଙ୍କୁ ଭକ୍ତି କରନ୍ତି ନାହିଁ ଓ ବାପା ମା'ଙ୍କ କଥା ମାନନ୍ତି ନାହିଁ, ମୁଁ ସେମାନଙ୍କୁ ଆଦର କରେ ନାହିଁ । ସେଭଳି ଲୋକ ପାଦ ନମସ୍କାର ପାଇଁ ଯୋଗ୍ୟ ନୁହଁ ।' ପିଲାଟିର ମା ବାପା ଦୁହେଁ ଖୁବ୍ ଅନୁନୟ ବିନୟ କଲେ ଓ କହିଲେ, 'ସ୍ୱାମୀ ତାକୁ କ୍ଷମା କରନ୍ତୁ, ତାକୁ ସଦୁପଦେଶ ଦେଇ ସଦ୍‌ବୁଦ୍ଧି ଦିଅନ୍ତୁ, ତାକୁ ରକ୍ଷା କରନ୍ତୁ ।' ପିଲାଟି ମଧ୍ୟ ସ୍ୱାମୀଙ୍କ ପ୍ରାର୍ଥନା କରୁଥାଏ, 'ସ୍ୱାମୀ' ଆଉ କେବେ ସେମିତି ଭୁଲ କରିବି ନାହିଁ । ବାପା ମା'ଙ୍କ କଥା ମାନିବି । ମୋ ଭୁଲ ପାଇଁ ମୋତେ କ୍ଷମା କରନ୍ତୁ । ଆପଣଙ୍କ ପାଦ ନମସ୍କାର କରିବାକୁ ଅନୁମତି ଦିଅନ୍ତୁ ।' ସ୍ୱାମୀ କହିଲେ ଏଥର ତୁ ଠିକ୍ ବ୍ୟବହାର କରିବୁ ବୋଲି ପ୍ରତିଜ୍ଞା କରୁଛୁ ତ ? ଯଦି କରିଥାଉ ପ୍ରଥମେ ବାପା ମା'ଙ୍କ ପାଦ ଛୁଇଁ ପ୍ରଣାମ କର ଓ ମୋ ସାମ୍ନାରେ ସେମାନଙ୍କର କ୍ଷମା ଭିକ୍ଷା କର । ତା' ପରେ ଦେଖିବା ।' ସ୍ୱାମୀ ସେଇ ପିଲାକୁ ତାର ଦୁଷ୍କର୍ମ ପାଇଁ ଅନୁତପ୍ତ ହେବାକୁ ଓ ପିତାମାତାଙ୍କର ପାଦ ଛୁଇଁ ପ୍ରଣାମ କରିବାକୁ ବାଧ୍ୟ କଲେ, ତା' ପରେ ତାକୁ ପାଦନମସ୍କାର ଅନୁମତି ଦେଲେ । ତିନି ହେଁ ମନ ଆନନ୍ଦରେ କୃତଜ୍ଞତାର ଅଶ୍ରୁମୋଚନ କଲେ ।

ବାପା ମା'ଙ୍କୁ ଯେଉଁମାନେ ଭକ୍ତି କରନ୍ତି ନାହିଁ, ସେମାନଙ୍କ ଉପରେ ସ୍ୱାମୀ ତୀବ୍ର ଅସନ୍ତୋଷ ପ୍ରକାଶ କରନ୍ତି ।

✍

ମୋ ମା' ପୁରୁଣା ମନ୍ଦିରରେ ରହୁଥିବା ସମୟରେ ପୁଟପର୍ତ୍ତିରେ ଛ' ସାତ ମାସ ଧରି ରହୁଥିବା କେରଳର ଶାରଦାମ୍ମା ନାମ୍ନୀ ମହିଳାଙ୍କ ସହ ତାଙ୍କର ପରିଚୟ ହେଲା । ଭଦ୍ରମହିଳା ମା କାଳୀଙ୍କର ମନ୍ତ୍ର ଦୀକ୍ଷା ନେଇ ସାଧନା କରୁଥାନ୍ତି, କିନ୍ତୁ ସେ କେବେ ସ୍ୱାମୀଙ୍କର ଦର୍ଶନ ପାଇଁ ଆସୁନଥାନ୍ତି ଏବଂ ସ୍ୱାମୀଙ୍କର ପାଦନମସ୍କାର କରୁନଥାନ୍ତି । ସେ ଯେଉଁ ପ୍ରକାର ସାଧନା କରୁଥାନ୍ତି ତାହା ହିଁ ସବୁଠୁ ଭଲ ବୋଲି ତାଙ୍କର ଏକ ବିଶ୍ୱାସ ଥାଏ । ସେ ବୁଝି ପାରୁ ନଥାନ୍ତି ଯେ ମା କାଳୀ ସ୍ୱୟଂ ସ୍ୱାମୀଙ୍କ ରୂପରେ ଆସିଛନ୍ତି । ସେ କହୁଥାନ୍ତି ଯେ ସ୍ୱାମୀ ଠିକ୍ ରୂପେ ଆଶ୍ରମର ରକ୍ଷଣାବେକ୍ଷଣ କରିପାରୁ ନାହାନ୍ତି ଓ ସେ ଯଦି ଦାୟିତ୍ୱରେ ଥାନ୍ତେ, ଆହୁରି ଭଲ ଭାବେ ଆଶ୍ରମର ପରିଚାଳନା କରି ପାରିଥାନ୍ତେ । ସୂର୍ଯ୍ୟାସ୍ତ ପରେ ସେ ଶ୍ମଶାନକୁ ଯାଇ ସେଠାରେ ଧ୍ୟାନରେ ବସୁଥା'ନ୍ତି । ମୋ ମା' ଦିନେ ତାଙ୍କୁ ପଚାରିଲେ, ' ରାତିରେ ଶ୍ମଶାନରେ ଆପଣଙ୍କୁ ଭୟ ଲାଗୁନାହିଁ ?' ସେ କହିଲେ, 'ନା' ।

ପୂର୍ବେ ଥରେ ତାଙ୍କର ଅଣ୍ଟାରୁ ପାଦ ଯାଏ ପୋଡ଼ି ଯାଇଥିବାରୁ ସେ ନଇଁ ପାରୁ ନ'ଥାନ୍ତି ଓ ତଳେ ବସି ପାରୁନଥା'ନ୍ତି । ସେ ମନ୍ଦିରର ଅନ୍ତେବାସୀମାନଙ୍କୁ କହୁଥାନ୍ତି ଯେ ସ୍ୱାମୀଙ୍କ ଦର୍ଶନରେ କିଛି ଲାଭ ନାହିଁ ଓ ଭଜନରୁ କିଛି ମିଳି ନଥାଏ । ସେ ଆଉ ମଧ୍ୟ ସେମାନଙ୍କୁ କହୁଥାନ୍ତି ଯେ ସେମାନେ ସ୍ୱାମୀଙ୍କ ନିକଟରେ ଏତେ ବର୍ଷ ଧରି ରହିବା ସତ୍ତ୍ୱେ ସ୍ୱାମୀ ସେମାନଙ୍କ ପାଇଁ କିଛି କରିନାହାନ୍ତି, କିନ୍ତୁ କେହି ତାଙ୍କ କଥା ଶୁଣୁ ନ'ଥାନ୍ତି । ପାର୍ବତମ୍ମା ନାମ୍ନୀ ଜଣେ ମହିଳା ତାଙ୍କର ରୋଷେଇବାସ କରୁଥାଏ । ଶାରଦାମ୍ମା ତାକୁ ସ୍ୱାମୀଙ୍କର ଦର୍ଶନ ବା ପାଦନମସ୍କାର ନ' କରିବାପାଇଁ ନିର୍ଦ୍ଦେଶ ଦେଇଥାନ୍ତି । ଶାରଦାମ୍ମାଙ୍କ ଅଜ୍ଞାତରେ ପାର୍ବତମ୍ମା ମନ୍ଦିରକୁ ଯାଉଥାଏ ଓ ସ୍ୱାମୀଙ୍କର ଦର୍ଶନ କରୁଥାଏ ।

ନୂଆ ମନ୍ଦିର ପଛରେ ସ୍ୱାମୀ ଯେତେବେଳେ ଗୋଟିଏ ଧାଡ଼ିରେ ଦଶ ବଖରା ଘର ତିଆରି କଲେ, ସେଥିରୁ ଗୋଟିଏ ବଖରା ଶାରଦାମ୍ମାଙ୍କୁ ମିଳିଥାଏ । ଦିନେ ଶରଦମ୍ମାଙ୍କୁ ଜ୍ୱର ହୋଇଥାଏ । ତାଙ୍କର ଚାକରାଣୀ ପାର୍ବତମ୍ମା ଭଜନରେ ଯୋଗ ଦେବାକୁ ମନ୍ଦିରକୁ ଆସିଥାଏ । ସ୍ୱାମୀ ତାକୁ ସେଠାରେ ଦେଖି ପଚାରିଲେ 'ପାର୍ବତମ୍ମା, ତାଙ୍କୁ ଜ୍ୱର ହେଇଛି, ଆଉ ତୁ ଏଠିକି ଭଜନକୁ ଆସିଛୁ । ଯାଇ ତାଙ୍କର ସେବା କର ।' ପାର୍ବତମ୍ମା ଘରକୁ ଯାଇ ଫେରି ଦେଖିଲା ଶାରଦମ୍ମା ଅଚେତ ହୋଇ ପଡ଼ିଛନ୍ତି । ତାଙ୍କର ବିଛଣା ଓଦା ହୋଇ ଯାଇଛି । ପାର୍ବତମ୍ମା ସଙ୍ଗେ ସଙ୍ଗେ ଶାରଦମ୍ମାଙ୍କ ଲୁଗା ବଦଳେଇ ତାଙ୍କୁ ଏକ ଚାଦର ଘୋଡ଼େଇ ଦେଲା । ଡାକ୍ତର କିଛି ଇଞ୍ଜେକ୍ସନ ଦେବା ପରେ ଶାରଦମ୍ମାଙ୍କ ଚେତା ଫେରି ଆସିଲା । ସେତିକି ବେଳକୁ ସ୍ୱାମୀ ଶରଦାମ୍ମାଙ୍କ କକ୍ଷକୁ ଆସି ଗୋଟିଏ ଚୌକିରେ ବସିଥାନ୍ତି । ସ୍ୱାମୀଙ୍କୁ ଦେଖିବା ମାତ୍ରକେ ଶାରଦମ୍ମାଙ୍କ ତାଙ୍କର ପାଦ ନମସ୍କାର କରିବାକୁ ଚେଷ୍ଟା କଲେ । ସ୍ୱାମୀ କହିଲେ, 'ନା, ତୁମେ କାହିଁକି ପାଦ ନମସ୍କାର କରିବାକୁ ଚାହୁଁଛ ?' ଏତିକି କହି ସେ ତାଙ୍କ ପାଇଁ କିଛି ବିଭୂତି ସୃଷ୍ଟି କଲେ ଏବଂ ସେଠାରୁ ଚାଲିଗଲେ ।

ଏହି ଘଟଣା ପରେ ଦିନେ ପାର୍ବତମ୍ମା ମୋ ମା'ଙ୍କ ପାଖକୁ ଆସି କହିଲା, 'ମା, ମୁଁ ମୋ ଗାଁକୁ ଫେରିଯାଉଛି । ମୋ ମା କାରଣ କ'ଣ ଜାଣିବାକୁ ଚାହିଁବାରୁ ସେ କହିଲା, 'ମୁଁ ସ୍ୱାମୀଙ୍କ ଦର୍ଶନ ପାଇଁ ମନ୍ଦିରକୁ ଯାଇଥିଲି, ସେ ମୋତେ ଇଣ୍ଟରଭ୍ୟୁ ପାଇଁ ଡାକିଲେ । ସେଠାରେ ସେ ମୋତେ ମୁଁ କାହିଁକି ଶାରଦମ୍ମାଙ୍କ ପାଖରେ ଖଟୁଛି ବୋଲି ପଚାରିଲେ । ସେ ମୋତେ ମୋ ଗାଁକୁ ଫେରିଯିବାକୁ କହି ମୋର ଯତ୍ନ ନେବେ ବୋଲି କଥାଦେଲେ । ଆଉ ମଧ୍ୟ ସେ କହିଲେ ଯେ ସେ ମୋ ଗାଁରେ ସବୁଦିନ ମୋତେ ଦର୍ଶନ ଦେଉଛନ୍ତି, ମୁଁ ଆଉ ଏଠିକି ଆସିଛି କାହିଁକି ? ତେଣୁ ମୁଁ ଫେରିଯାଉଛି ।' ସ୍ୱାମୀ ଯେ କିମିତି ତାକୁ ପ୍ରତିଦିନ ଦର୍ଶନ ଦେଉଥାନ୍ତି ତାହା ମୋ ମା ଜାଣିବାକୁ ଚାହିଁବାରୁ ସେ କହିଲା ଯେ ସେ କେରଳରେ ପ୍ରସିଦ୍ଧ ଗୁରୁବାୟୁରପ୍ପନ ମନ୍ଦିରରେ କାମ କରୁଥାଏ । ତାର କାମ ଥିଲା ମନ୍ଦିରର ଅଗଣା ଓ ଚଉତରାକୁ ନିର୍ମଳ କରି ଝୁଟି ଦେବା । ସେ କହୁଥାଏ ଯେ ସବୁଦିନ ଶ୍ରୀକୃଷ୍ଣ (ଗୁରୁବାୟୁରପ୍ପନ) ମନ୍ଦିରରୁ ବାହାରକୁ କେତେବେଳେ ଯାଉଥାନ୍ତି ତାହା ସେ ଜାଣୁ ନଥାଏ କିନ୍ତୁ ପ୍ରତିଦିନ ସେ ମନ୍ଦିରକୁ ଫେରୁଥିବା ଦେଖୁଥାଏ । ଫେରିବା ସମୟରେ ସେ ତା' ଆଡ଼କୁ ଚାହିଁ ସାମାନ୍ୟ ହସୁଥା'ନ୍ତି ।

କିଛି ଦିନ ପରେ ସ୍ୱାମୀ ତାଙ୍କୁ ସାଧନାରେ କିଛି ସାହାଯ୍ୟ କରି ନାହାନ୍ତି ବୋଲି ଅଭିଯୋଗ କରି ଶାରଦମ୍ମା କଲିକତା ଚାଲିଗଲେ । ସେଠାରେ ସେ ଏକ ଆଶ୍ରମରେ ସନ୍ନ୍ୟାସ ଗ୍ରହଣ କଲେ । ସେଇଠି ସେ ବୁଝିପାରିଲେ ଜଣେ ସନ୍ୟାସିନୀଙ୍କର ଜୀବନ କେତେ ଦୁର୍ବହ । ସନ୍ୟାସୀମାନେ ଗୋଟିଏ ସ୍ଥାନରେ ରହିବା ଯେହେତୁ ମନା, ତାଙ୍କୁ ଗୋଟିଏ ଯାଗାରୁ ଅନ୍ୟ ଏକ ଯାଗାକୁ ଯିବାକୁ ହେଉଥାଏ । ଥରେ ଏମିତି ସେ ଦକ୍ଷିଣ ଭାରତରେ ଏକ ପ୍ରସିଦ୍ଧ ଆଶ୍ରମକୁ ଯାଇଥାନ୍ତି । ସେହି ଆଶ୍ରମରେ ସେ କିଛି ଦିନ ରହିଲେ । ଆଶ୍ରମର ନିୟମ ଅନୁଯାୟୀ ସେଠାରେ କାହାକୁ ବିନା କାମରେ ବସିବାକୁ ଦିଆ ଯାଉ ନ'ଥିଲା । ପ୍ରତ୍ୟେକଙ୍କୁ କିଛ ନା କିଛି କାମ କରିବାକୁ ପଡୁଥାଏ । କିନ୍ତୁ ସେ କୌଣସି କାମ କରିବାକୁ ଚାହୁଁ ନ'ଥାନ୍ତି । ସେଠାରେ ସେ ଅଲଗା ଏକ କୁଟୀର ନିର୍ମାଣ କରି କେତେକ ଝିଅଙ୍କୁ ଯୋଗ ଶିକ୍ଷା ଦେବା ଆରମ୍ଭ କଲେ । ତାଙ୍କୁ ସନ୍ୟାସୀ ଦୀକ୍ଷା ଦେଇଥିବା ଗୁରୁଙ୍କ କୃପାରୁ ସେ ସେତେବେଳକୁ ନଇଁ ପାରୁଥାନ୍ତି, ତଳେ ବସି ପାରୁଥାନ୍ତି ଓ ଯୋଗାଭ୍ୟାସ କରିପାରୁଥା'ନ୍ତି । ଆଶ୍ରମରେ ଅନ୍ୟମାନେ କିନ୍ତୁ ତାଙ୍କୁ କହିଲେ ଯେ ସେ ଆଶ୍ରମରେ ରହି ଅଲଗା ଏମିତି କିଛି କରିପାରିବେ ନାହିଁ । ତାଙ୍କୁ ଶେଷରେ ସେ ଆଶ୍ରମ ଛାଡ଼ିବାକୁ ହେଲା । ସେ ତାଙ୍କର ଶିଷ୍ୟମାନଙ୍କୁ ନେଇ ପୁଣିଥରେ ପୁଟ୍ଟପର୍ତ୍ତି ଆସିଲେ । ସ୍ୱାମୀ ତାଙ୍କର ଶିଷ୍ୟମାନଙ୍କ ସହ କଥାବାର୍ତ୍ତା ହେଲେ ଓ କେତେକଙ୍କୁ ପାଦନମସ୍କାର ଦେଇ ସେଠାରୁ ଚାଲିଗଲେ ।

ପରେ ସେ ମୋ ମା ପାଖକୁ ଆସି ତାଙ୍କର ସମସ୍ତ କାହାଣୀ ଶୁଣେଇ ଦୁଃଖରେ କହୁଥାନ୍ତି, 'ମା', ତୁମେ ସ୍ୱାମୀଙ୍କୁ ପ୍ରତି ତୁମର ଏକାଗ୍ର ଭକ୍ତି ହେତୁ ତାର ସୁଫଳ ପାଇଲ,

ମୁଁ କିନ୍ତୁ ସ୍ୱାମୀଙ୍କୁ ଛାଡ଼ି ସବୁ ହରେଇଲି । ମୁଁ ଯାହା ହରେଇଛି, ହୁଏତ କେବେ ଫେରି ପାଇବିନି ।'

✍

ତାହା ଥାଏ ଖରାଦିନର ଏକ ପୂର୍ଣ୍ଣମୀ, ସ୍ୱାମୀ ପୁଟ୍ଟପର୍ତ୍ତିରେ ପ୍ରାୟ ପଚାଶ ହେବ ଭକ୍ତଙ୍କୁ ପ୍ରଶାନ୍ତି ମନ୍ଦିର ସାମନାରେ କିଛି ଚାଉଳରେ ତିଆରି ଖାଦ୍ୟ ଓ ଜଳଖିଆ ସହ ଅପେକ୍ଷା କରିବାକୁ କହିଲେ । ତାଙ୍କରି କଥା ଅନୁଯାୟୀ ଆମେ ସନ୍ଧ୍ୟାରେ ସେଠାରେ ଜମା ହେଲୁ । ସ୍ୱାମୀ ଆସିଲେ ଓ ଆମ ସମସ୍ତେ ମନ୍ଦିର ସାମନାରେ ସୁଶୋଭିତ ଗୋଲେଇର ଚାରିଧାରରେ ବସିଲୁ । ସ୍ୱାମୀ ଠିକ୍ ମଝିରେ ବସିଥାନ୍ତି । ସେହି ଶୀତଳ ସ୍ନିଗ୍ଧ ଜ୍ୟୋତ୍ସ୍ନା ରାତ୍ରିରେ ସ୍ୱାମୀ ପ୍ରତ୍ୟେକଙ୍କ ସହ ପ୍ରେମପୂର୍ଣ୍ଣ ଆଳାପ କରୁଥାନ୍ତି । ସେମାନଙ୍କ ସହ ପରିହାସ କରୁଥାନ୍ତି ଏବଂ ସେମାନଙ୍କର ବିବିଧ ପ୍ରଶ୍ନର ଉତ୍ତର ଦେଉଥାନ୍ତି । କେତେକ ଭକ୍ତ ସେଠାରେ ବସିଥିବା ସମସ୍ତଙ୍କୁ ଖାଦ୍ୟ ପରସିଲେ । ସ୍ୱାମୀ ମଧ୍ୟ ଆମ ସହ ଖାଇଲେ । ଖାଇ ସାରିବା ପରେ ସ୍ୱାମୀ ଆମକୁ ବାରଣ୍ଡାରେ ବସିବାକୁ କହିଲେ ଓ 'ଈଶ ଗିରୀଶ...' ଶିବ ସ୍ତୋତ୍ରଟି ଆବୃତ୍ତି କରାଇଲେ । ନିଜ କକ୍ଷ ମଧ୍ୟକୁ ଯିବା ପୂର୍ବରୁ ସେ ଆମକୁ କହିଲେ, 'ମୋର ଏଭଳି ଆଶୀର୍ବାଦ ସବୁବେଳେ ତୁମ ଉପରେ ଥାଉ ବୋଲି ପ୍ରାର୍ଥନା କର ।'

✍

ଦିନେ ତାଙ୍କ ଦିବ୍ୟ ସମ୍ଭାଷଣରେ ସ୍ୱାମୀ କହିଲେ ଯେ ସେଠାରେ ସମବେତ ଭକ୍ତମାନେ ଆଗାମୀ ଦିନମାନଙ୍କରେ ଆହୁରି ଚମତ୍କାର ଘଟଣାମାନ ଦେଖିବେ । ସ୍ୱାମୀଙ୍କ ଦିବ୍ୟ ସମ୍ଭାଷଣରେ ମୋ ମା ତାଙ୍କ ନିକଟକୁ ଯାଇ ଯେତେବେଳେ କହିଲା ଯେ ସେ ବୁଢ଼ୀ ହୋଇ ଗଲାଣି ଓ ଭବିଷ୍ୟତରେ ତାଙ୍କର ଚମତ୍କାର ଲୀଳା ଦେଖିବାକୁ ସେ ହୁଏତ ଜୀବିତ ନଥିବ, ସ୍ୱାମୀ କହିଲେ, "ଝିଅ, ତୁ ସବୁ ଅଲୌକିକ ଲୀଳା ଦେଖିବୁ । ମୁଁ ଅଳ୍ପାୟୁମାନଙ୍କୁ ମଧ୍ୟ ଦୀର୍ଘାୟୁ କରିପାରେ । ସମସ୍ତଙ୍କର ଜନ୍ମ ମୃତ୍ୟୁ ମୋ ହାତରେ ଅଛି ।"

✍

ମୁଁ ଥରେ ସ୍ୱାମୀଙ୍କୁ ଭକ୍ତି ଶାସ୍ତ୍ରରେ ବହୁ ଚର୍ଚ୍ଚିତ ସାଲୋକ୍ୟ, ସାମୀପ୍ୟ, ସାରୂପ୍ୟ ଓ ସାଯୁଜ୍ୟର ଅର୍ଥ ପଚାରିଲି । ସ୍ୱାମୀ ସେଗୁଡ଼ିକର ଅର୍ଥ ଏହିଭଳି କହିଲେ ।

ସାଲୋକ୍ୟ : ଈଶ୍ୱରଙ୍କ ସାମ୍ରାଜ୍ୟରେ ଜଣେ ସାଧାରଣ ନାଗରିକ ହୋଇ ରହିବା

ସାମୀପ୍ୟ : ମନରେ ଦାସ୍ୟଭାବ ନେଇ ଈଶ୍ୱରଙ୍କୁ କିଛି ସେବା ଆରାଧନା କରିବା, କିନ୍ତୁ ଜାଣିରଖ, ଭୃତ୍ୟ ସବୁ ସମୟରେ ତାର ପ୍ରଭୁଙ୍କୁ ଦର୍ଶନ କରିପାରେ ନାହିଁ ।

ସାରୂପ୍ୟ : ଅସାଧାରଣ ସଦ୍‌ଗୁଣ ସମ୍ପନ୍ନ କେତେକ ବ୍ୟକ୍ତି ଯାହାଙ୍କୁ ସମସ୍ତ ଚମତ୍କାର ତଥା ଦୁର୍ଲଭ ସ୍ୱଭାବର ଏକ ସୁନା ଖଣି- କହିଲେ ଅତ୍ୟୁକ୍ତି ହେବ ନାହିଁ, ସେମାନେ ଈଶ୍ୱରଙ୍କ ପୁତ୍ର ଭଳି ଆସିଥାନ୍ତି । ଈଶ୍ୱରଙ୍କ ଉତ୍ତରାଧିକାରୀ କହିବା ଠିକ୍ ହେବ । (ଜଣେ ରାଜ କୁମାର ତାଙ୍କର ନ୍ୟାଯ୍ୟ ଅଧିକାରକୁ ଜାହିର କଲା ଭଳି)

ସାଯୁଜ୍ୟ : ଉପରୋକ୍ତ ସମସ୍ତ କିଛିର ଫଳ ସ୍ୱରୂପ ଈଶ୍ୱରଙ୍କ ମଧ୍ୟରେ ଲୀନ ହେବା, ଏଗୁଡ଼ିକ ଈଶ୍ୱରଙ୍କ ପଥରେ ମାଇଲ ଖୁଣ୍ଟି ଭଳି ।

✍

ଦିନେ ସ୍ୱାମୀ ମନ୍ଦିରର ପ୍ରଥମ ମହଲାର ବାରଣ୍ଡାରେ ବସିଥାନ୍ତି । କେତେକ ଭକ୍ତ ତାଙ୍କ ପାଖରେ ଛିଡ଼ା ହୋଇଥାନ୍ତି । ହଠାତ୍ ସ୍ୱାମୀ ପାଟିରେ ଫୁଙ୍କି ଦେଲେ, ଅଜସ୍ର ମାତ୍ରାରେ ତାଙ୍କ ପାଟିରୁ ବିଭୂତି ବାହାରି ଖଣ୍ଡେ ଦୂରରେ ଯାଇ ପଡ଼ିଲା । ଭକ୍ତମାନେ ସ୍ୱାମୀଙ୍କୁ ସେ ଏଭଳି କରିବାର କାରଣ କ'ଣ ପଚାରିଲେ । ସ୍ୱାମୀ ସେମାନେ ପରଦିନ କଥାଟି ବୁଝିବେ ବୋଲି କହିଲେ । ପରଦିନ ଏକ ତାର ବାର୍ତ୍ତା ଆସିଲା ଯେ ପୂର୍ବଦିନ ଯେଉଁ ସମୟରେ ସ୍ୱମୀ ପର୍ତ୍ତିରେ ତାଙ୍କ ପାଟିକୁ ଫୁଙ୍କି ବିଭୂତି ବାହାର କରିଥାନ୍ତି, ଠିକ୍ ସେହି ସମୟରେ ସୁଦୂର କଲିକତାରେ ଶ୍ରୀ ରାମନ୍ ଓ ଶ୍ରୀ ଲକ୍ଷ୍ମଣଙ୍କ ମାତାଙ୍କର ମୃତ୍ୟୁ ଘଟିଥାଏ । ସ୍ୱାମୀ କହିଲେ ଯେ ସେ ଉକ୍ତ ମହିଳାଙ୍କ ଜୀବନ ଦୀପ ଲିଭି ଯିବା ସମୟରେ ତାଙ୍କ ପାଖକୁ ବିଭୂତି ପ୍ରସାଦ ପଠାଉଥିଲେ ।

✍

ଦିନେ ସନ୍ଧ୍ୟାରେ ସ୍ୱାମୀ ପ୍ରଶାନ୍ତି ନିଳୟମରେ ଆମ କକ୍ଷ ମଧ୍ୟକୁ ଆସିଥା'ନ୍ତି । ସେ ଆମ କାନ୍ଥରେ ପେନ୍‌ସିଲର ଦାଗ ଦେଖିଲେ (ମୁଁ ହିଁ କେଉଁଦିନ କେତେ କ୍ଷୀର କିଣୁଛି ତା'ର ହିସାବ ରଖିବା ପାଇଁ କାନ୍ଥରେ ପେ୍ସିଲରେ ଗାର ପକେଇଥାଏ) । ସେ ମୋତେ କହିଲେ ଯେ କାନ୍ଥରେ କିଛି ଲେଖିବା କଥା ନୁହଁ । ସେ ମୋତେ କାନ୍ଥରେ ପେନ୍‌ସିଲ ଦାଗଗୁଡ଼ିକୁ ପୋଛିଦୋବକୁ ନିର୍ଦ୍ଦେଶ ଦେଲେ ଓ କ୍ଷୀର ହିସାବ ରଖିବା ପାଇଁ ଗୋଟିଏ ଖାତା ବ୍ୟବହାର କରିବା ପାଇଁ ପରାମର୍ଶ ଦେଲେ । ସ୍ୱାମୀ ଏହି ପ୍ରସଙ୍ଗକୁ ଆହୁରି ବିସ୍ତାରିତ ଭାବରେ ବୁଝାଇ କହିଲେ, "କେଶ, ନଖ, ଧୂଳି, ବୁଢ଼ିଆଣୀ ଜାଲ, ସିଗାରେଟର ଧୂଆଁ ଓ କାନ୍ଥରେ ପେନସିଲର ଗାର ପ୍ରତି ଦୃଷ୍ଟ ଶକ୍ତିମାନେ ଆକୃଷ୍ଟ ହୋଇଥାନ୍ତି । ଭଗବାନ କେବଳ ନିର୍ମଳ ସ୍ଥାନରେ ରହନ୍ତି ।

ଆଉ ଦିନେ ସନ୍ଧ୍ୟା ପ୍ରାୟ ୫.୩୦ ହେବ, ସ୍ୱାମୀ ଆମ କକ୍ଷ ମଧ୍ୟକୁ ଆସିଲେ। ସେତେବେଳକୁ ଆହୁରି ଆଲୁଅ ଥାଏ । ସ୍ୱାମୀ ପଚାରିଲେ, "ଏ ଯାଏ କାହିଁକି ଦୀପ ଜାଳିନାହିଁ ? ମୁଁ କହିଲି, "ଆହୁରି ଆଲୁଅ ଥିବାରୁ ଦୀପ ଜାଳିନି ।"ସ୍ୱାମୀ ପଚାରିଲେ,

'ଦୁଷ୍ଟ ଶକ୍ତିଗୁଡ଼ିକ ଘରେ ପ୍ରବେଶ କରିବା ପରେ କ'ଣ ଦୀପ ଜାଳିବ ?" ସଞ୍ଜ, ହୋଇ ନ ଥିବ ଆକାଶରେ ସୂର୍ଯ୍ୟଥିବେ, ସେତିକି ବେଳେ ଦୀପ ଜାଳିବା ଦରକାର ।"

ଥରେ ରାଜ ପରିବାରର ଜଣେ ଭକ୍ତଙ୍କ ପାଇଁ ସ୍ୱାମୀ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କର ବଡ଼ ବଡ଼ ବିଗ୍ରହ ସୃଷ୍ଟି କରିଥାନ୍ତି । ସେଠାରେ ଥିବା ଅନ୍ୟଭକ୍ତମାନଙ୍କ ପାଇଁ ଛୋଟ ଛୋଟ ବିଗ୍ରହ ସୃଷ୍ଟି କରିଥିବାରୁ ସେମାନେ ମନେ ମନେ ଈର୍ଷାନ୍ୱିତ ହେଉଥାନ୍ତି । ସେମାନଙ୍କର ମନ କଥା ଜାଣିପାରି ସ୍ୱାମୀ କହିଲେ, ତୁମେ ମାନେ କ'ଣ ଭାବୁଛ, ମୁଁ ଜାଣିପାରୁଛି । ଶାସ୍ତ୍ରାନୁଯାୟୀ ବଡ଼ ବଡ଼ ବିଗ୍ରହକୁ ବିଧି ବିଧାନ ଅନୁସାରେ ନିଷ୍ଠାର ସହ ପୂଜା କରିବା ଦରକାର । ସେ ସମସ୍ତ ବିଧିବିଧାନକୁ ଧନୀଲୋକମାନେ ପାଳନ କରିପାରିବେ । ତୁମେମାନେ ତାହା କ'ଣ ପାଳନ କରିପାରିବ ? ସାଧାରଣ ଗୃହସ୍ଥମାନଙ୍କ ଘରେ ଦୁଇ ଇଞ୍ଚରୁ ଅଧିକ ବଡ଼ ବିଗ୍ରହ ରହିବା କଥା ନୁହେଁ । ବଡ଼ ବଡ଼ ପ୍ରତିମା ପାଇଁ ତଦନୁରୂପ ପୂଜା ଓ ନୈବେଦ୍ୟ ପ୍ରତିଦିନ କରିବାକୁ ପଡ଼ିବ । ତେଣୁ ମୁଁ ତୁମମାନଙ୍କ ମଧ୍ୟରୁ ଅଧିକାଂଶକୁ ଛୋଟ ଛୋଟ ପ୍ରତିମା ଦେଇଥାଏ" । ରାଜ ପରିବାରର ସେହି ଭକ୍ତ ଅନ୍ୟ କିଏ ନୁହଁ, ଭେଙ୍କଟଗିରିର ରାଜା-ସ୍ୱାମୀଙ୍କ ଜଣେ ଅନ୍ତରଙ୍ଗ ଭକ୍ତ ।

ନିମ୍ନରେ ବର୍ଣ୍ଣିତ ଘଟଣାଗୁଡ଼ିକ ୧୯୬୧-୭୦ ମଧ୍ୟରେ ଘଟିଥିଲା ।

ସ୍ୱାମୀ କହିଲେ, "୧୯୬୧ ମସିହାର ଉତ୍ତରଭାରତ ଯାତ୍ରା ସମୟରେ କାଶୀ ଓ ବୁଦ୍ଧଗୟା ଠାରେ ଜଣେ ଭକ୍ତ ମୋ'ଠାରୁ ମନ୍ତ୍ରୋପଦେଶ ଚାହିଁଥିଲେ । ଏଥିପାଇଁ ସେ ଅନେକ ଚେଷ୍ଟା କଲେ, କିନ୍ତୁ ମୁଁ ମନ୍ତ୍ରୋପଦେଶ ଦେଲି ନାହିଁ । କାହିଁକି ଜାଣିଛ ? କାରଣ ମୁଁ ଭଗବାନ୍ । ତୁମେ କ'ଣ ଭାବୁଛ ମୁଁ ଗୁରୁଙ୍କ ସ୍ତରକୁ ଓହ୍ଲାଇ ଆସିବି ଓ ଉପଦେଶ ଦେବି ? ମୁଁ ତୁମ ସଙ୍ଗେ ଥାଉ ଥାଉ ଉପଦେଶ କି ଦରକାର ? ଏହି ସଂସାରରେ କେବଳ ଭଲ ଅଛି, ଖରାପ ନାହିଁ ତେଣୁ ସତ୍ ଚିନ୍ତା ଓ ସତ୍ କର୍ମରେ ତୁମ ଦିନ ବିତେଇ ଦିଅ ।

୧୯୪୧ ମସିହାର ବେଦ ପୁରୁଷ ସପ୍ତାହ ଯଜ୍ଞ ଆରମ୍ଭ ହେବା ପୂର୍ବରୁ ଶ୍ରୀ ଗଣପତି ଶାସ୍ତ୍ରୀ ଏହିଭଳି କହିଲେ, "ବେଦ-ଶାସ୍ତ୍ରରେ ଈଶ୍ୱର ଓ ତାଙ୍କର ଲୀଳାର ବର୍ଣ୍ଣନା ରହିଛି କିନ୍ତୁ ଈଶ୍ୱରଙ୍କୁ କିଏ ଅନୁଭବ କରି ପାରିଛି ? ଈଶ୍ୱର ନର ରୂପ ଧାରଣ କରିଲେ ହିଁ ସାଧାରଣ ମଣିଷ ତାଙ୍କୁ ଅନୁଭବ କରିପାରେ ।" ତାଙ୍କ ପ୍ରବଚନ ମଝିରେ ସ୍ୱାମୀ କହିଲେ, "ହଁ, ଏହା ଠିକ୍, ଈଶ୍ୱର ହେଉଛନ୍ତି ମହାଶକ୍ତି । ମହାଶକ୍ତି ଓ ମାୟାଶକ୍ତିର ସଂଯୋଗ ପାଇଁ କିଛି ନିୟମ ରହିଛି । ତେଣୁ ଈଶ୍ୱର ମାୟାଶକ୍ତି ମଧ୍ୟରେ ପ୍ରବେଶ କରନ୍ତି ଓ ମାୟାଶକ୍ତିକୁ ତାଙ୍କ ମଧ୍ୟରେ ଲୀନ ହେବାକୁ ଦିଅନ୍ତି । ଆସନ୍ତା କାଲିଠାରୁ ଆରମ୍ଭ ହେବାକୁ ଯାଉଥିବା

ଯଜ୍ଞରେ ବିପ୍ରମାନେ ଯଦି ହୁଅନ୍ତି ତାରକା, ମୁଁ ହେବି ସେମାନଙ୍କ ମଧ୍ୟରେ ଶୋଭା ପାଉଥିବା ଚନ୍ଦ୍ର, ବଶିଷ୍ଠ ବିଶ୍ୱାମିତ୍ର ଆଦି ଋଷିମାନେ ଯଜ୍ଞ କରୁଥିବା ସମୟରେ ଅଯୋଧ୍ୟାରେ ନାଗରିକମାନେ ସେଥିରେ ଅଂଶ ଗ୍ରହଣ କରି ଯେଉଁଳି ଦିବ୍ୟାନନ୍ଦ ଅନୁଭବ କରିଥିଲେ, ମୁଁ ତୁମ୍ଭମାନଙ୍କୁ ସେଭଳି ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ କରିବି । ଆଗାମୀ ସାତଦିନ ତୁମେମାନେ ଯଦି ବିଦ୍‌ବତ୍ତାସମ୍ପନ୍ନ ଏହି ବିପ୍ରମାନଙ୍କର ପ୍ରବଚନ ମନଦେଇ ଶୁଣିବ, ତେବେ ନିଶ୍ଚିତ ରୂପେ ମୋକ୍ଷ ଲାଭ କରିବ ।"

୧୯୬୧ରେ ସ୍ୱାମୀ ଏକ ଇଣ୍ଟରଭ୍ୟୁରେ ଆମମାନଙ୍କୁ କହିଲେ, "ଭବିଷ୍ୟତରେ ତୁମେମାନେ କ୍ରମଶଃ ମୋର ଦର୍ଶନ କମ୍ ପାଇବ । ବର୍ଷ ପରେ ବର୍ଷ ବିତିବା ସଙ୍ଗେ ସଙ୍ଗେ ଏଠାରେ ବିପୁଳ ଜନ ସମାଗମ ହେବ ଏବଂ ମୁଖ୍ୟତଃ ଶ୍ରଦ୍ଧାବାନ୍ ସାଧକମାନେ ହିଁ ମୋର ଦର୍ଶନ ଲାଭ କରିବେ । ମୋର ଭାଷଣ ସେତେବେଳେ ହେବ ସମ୍ଭାଷଣ । ଯେଉଁ ସାଧକ ଏଠାକୁ ଆସିପାରିବ ନାହିଁ ସେ ମୋ ସମ୍ଭାଷଣ ମୁଦ୍ରାକ୍ଷରରେ ପଢ଼ିବ । ଦୁଃଖ କର ନାହିଁ । ଦୂରରୁ ହେଉ ପଛେ, ଦର୍ଶନ କରିବା ଏବଂ ଇଣ୍ଟରଭ୍ୟୁ କକ୍ଷରେ ସିଧାସଳଖ ମୋ କଥା ଶୁଣିବା ପରିବର୍ତ୍ତେ ଛପାକାଗଜରେ ସମ୍ଭାଷଣ ପଢ଼ିବା ମଧ୍ୟ କୌଣସି ପ୍ରକାର କମ୍ ମୂଲ୍ୟବାନ୍ ନୁହଁ । ଏ ବିଷୟରେ ମନରେ ସନ୍ଦେହ ପୋଷଣ କର ନାହିଁ । ମୋର ଦାୟିତ୍ୱ ବଢ଼ିବାରେ ଲାଗିଛି; ତେଣୁ ଉଭୟ ନୂଆ ଓ ପୁରୁଣା ଭକ୍ତଙ୍କଠାରୁ ମୋତ ଶାରୀରିକ ଭାବେ ଦୂରେଇ ଯିବାକୁ ହେବ ।

ସ୍ୱାମୀ ଆମକୁ ୧୯୬୨ରେ ଥରେ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକିଥାନ୍ତି । ମୁଁ ତାଙ୍କୁ କହିଲି ଯେ ମୋର ପୁଅ ଶଙ୍କର, ବମ୍ବେ ପୋତାଶ୍ରୟରେ ଏକ ଚାକିରୀର ଇଣ୍ଟରଭ୍ୟୁ ପାଇଁ ଡାକରା ପାଇଛି । ତାକୁ ସେଠାକୁ ପଠେଇବା ଠିକ୍ ହେବ କି ବୋଲି ମୁଁ ତାଙ୍କୁ ପଚାରିଲି । ସ୍ୱାମୀ କହିଲେ, "ତୋର ମୁଣ୍ଡରେ କିଛି ଅଛି ? ପଇସା ପାଇଁ କାହିଁକି ଏମିତି ପାଗଳ ହୋଇ ଯାଉଛୁ ? ସେ ସେଠାରେ ଚାକିରୀ କଲେ ଆଉ କ'ଣ ତୋ ଅକ୍ତିଆରରେ ରହିବ ?" ମୁଁ କହିଲି, "ସ୍ୱାମୀ ସେଇ ଚାକିରୀଟା ଭଲ ଓ ସେଥିରେ ଭଲ ଦରମା ମିଳିବ ବୋଲି ଜାଣି ମୁଁ କ'ଣ କରିବି ପଚାରିବାକୁ ଆସିଥିଲି ।" ସ୍ୱାମୀ ଠୋକ୍ ଠୋକ୍ କହିଲେ, "ନା, ତାକୁ ସେଠାକୁ ପଠାନା ।"

ଥରେ ଆମେ ଗୁରୁ ପୂର୍ଣ୍ଣିମା ଅବସରରେ ପୁଟ୍ଟପର୍ତ୍ତିରେ ଥାଉ । ସେ ସମୟରେ ପୂର୍ବକାଳରେ ସ୍ୱାମୀ ଭକ୍ତମାନଙ୍କୁ ପାଦନମସ୍କାର କରିବାକୁ ଅନୁମତି ଦେଉଥିଲେ । ଦିନ ଏଗାରଟାରେ ଭଜନ ଆରମ୍ଭ ହେବାକୁ ଥାଏ; ଦଶଟା ସମୟରେ ପାଦନମସ୍କାର କରିବାପାଇଁ ଆମେ ମନ୍ଦିର ବାହାରେ ଧାଡ଼ି ହୋଇଥାଉ । କିଛି ସମୟ ପରେ ସ୍ୱାମୀ

ବାହାରକୁ ଆସିଲେ । ସେଠାରେ ଆମକୁ ଦେଖି ସେ ପଚାରିଲେ, "ତୁମେମାନେ କାହିଁକି ଏଠାରେ ବସିଛ ? ଭଜନରେ ଯୋଗ ଦେବନିକି ?" ଆମେ ଉତ୍ତର ଦେଲୁ, "ସ୍ୱାମୀ, ଆଜି ପର୍ବକାଳ, ତେଣୁ ଆପଣଙ୍କୁ ପାଦ ନମସ୍କାର କରିବା ପାଇଁ ଆମେ ଏଇଠେ ବସିଛୁ ।" ସ୍ୱାମୀ କହିଲେ, "ଆଚ୍ଛା ଆଚ୍ଛା, କେବେ ପର୍ବକାଳ, କେବେ ପର୍ବକାଳ ନୁହଁ, ତୁମେମାନେ ଜାଣିଛ । ନୁହଁ କି ? ପର୍ବକାଳ କେବେ ଆସିବ, ତାହା ମୁଁ କେବଳ ଜାଣେ । ପର୍ବକାଳ ଏଯାଏଁ ଆସି ନାହିଁ । ଏଇନା ଯାଇ ସମସ୍ତେ ଭଜନରେ ବସ ।" ଭଜନ ପରେ ସ୍ୱାମୀ ସମସ୍ତଙ୍କୁ ଧାଡ଼ି ବାନ୍ଧି ବସିବାକୁ କହିଲେ, ଆମେ ପ୍ରତ୍ୟେକ ପାଦନମସ୍କାର ପାଇଲୁ ।

✍

ଦିନେ ପାଠଶାଳାରେ ପଢୁଥିବା ମୋର ଦୁଇ ପୁଅ ସତୀଶ ଓ ସୁରେଶ ବାରଣ୍ଡାରେ ବସି ଅନ୍ୟ ସହପାଠୀଙ୍କ ସହ ସନ୍ଧ୍ୟା ବନ୍ଦନା କରୁଥାନ୍ତି । ସ୍ୱାମୀ ସେଠାକୁ ଆସିଲେ । ସେତେବେଳକୁ ସମୟ ସନ୍ଧ୍ୟା ୬ଟା ହେବ । ସ୍ୱାମୀ କହିଲେ, "ପିଲାଏ ସମସ୍ତେ ଆସ, (ନିଜକୁ ଦେଖାଇ) ସୂର୍ଯ୍ୟ ଆସି ଯାଇଛନ୍ତି । ତୁମେ ସମସ୍ତେ ମୋତେ ଅର୍ଘ୍ୟ ଦିଅ ।" ସେଇ ଭାଗ୍ୟବାନ ପିଲାମାନେ ସେ ଦିନ ସ୍ୱାମୀଙ୍କୁ ଅର୍ଘ୍ୟ ଦେଲେ ।

ଆଉ ଦିନେ ପାଠାଶାଳାର ଗୁରୁମାନେ ପିଲାମାନଙ୍କୁ ଯୋଗାସନ ଶିକ୍ଷା ଦେଉଥାନ୍ତି । ସୁରେଶ ଶୀର୍ଷାସନ ପକଉଥାଏ । ଏହି ଆସନରେ ପାଦ ଦୁଇଟି ସିଧା ଉପରକୁ ରଖିବାକୁ ହୁଏ, କିନ୍ତୁ ତାର ପାଦ ଦୁଇଟି ଉପରଆଡୁ ସାମାନ୍ୟ ବଙ୍କି ରହିଥାଏ । ସେଠାରେ ଉପସ୍ଥିତ ଥିବା ସ୍ୱାମୀ ତାର ପାଦ ଦୁଇଟିକୁ ସିଧା କରୁଥାନ୍ତି । ସ୍ୱାମୀ ତାର ପାଦ ଦୁଇଟି ଧରୁଥିବା ଦେଖି ସୁରଶେ ଶଙ୍କି ଗଲା । ସେ ବିନମ୍ର ଭାବେ କହିଲା, "ସ୍ୱାମୀ, ଆପଣ ଯେ ମୋ ପାଖରେ ଛିଡ଼ା ହୋଇଛନ୍ତି, ତାହା ମୁଁ ଲକ୍ଷ୍ୟ କରି ନଥିଲି । ମୋତ କ୍ଷମା କରନ୍ତୁ ।" ସ୍ୱାମୀ କହିଲେ, "ହଁ ମୁଁ ଜାଣେ, ତୁ ଦେଖି ନଥିଲୁ, କାଳେ ତୁ ପଡ଼ିଯିବୁ ବୋଲି ମୁଁ ତୋର ଗୋଡ଼ ଦୁଇଟି ଧରିଥିଲି ।"

ଦିନେ ସ୍ୱାମୀ ଛାପାଖାନାକୁ ପାଠଶାଳାର ବାରଣ୍ଡା ଦେଇ ଯାଉଥାନ୍ତି । ସେ ଦେଖିଲେ, ପିଲାମାନେ ସେମାନଙ୍କର ଖାତା, କଲମ ସେଠାରେ ଛାଡ଼ି ଯାଉଛନ୍ତି । ବାରଣ୍ଡାରେ ବହିଗୁଡ଼ିକ ବିଞ୍ଚିହୋଇ ପଡ଼ିଥାଏ । ସ୍ୱାମୀ ତାଙ୍କର ପାଦ ଗୋଟିଏ ମଧ କାଗଜ ଉପରେ ନ' ପଡ଼ିଲା ଭଳି ସାବଧାନରେ ଚାଲୁଥାନ୍ତି । ପାଠ ବହିକୁ ପାଦରେ ମାଡ଼ିବା ସରସ୍ୱତୀଙ୍କ ପ୍ରତି ଅସମ୍ମାନ, ସ୍ୱାମୀ ତାହା ଆମକୁ ଶିଖାଉଥାନ୍ତି ।

✍

ସ୍ୱାମୀ ଥରେ ଜନ୍ମୋତ୍ସବ ସମୟରେ ତାଙ୍କର ଦିବ୍ୟ ଅବତାରର ରହସ୍ୟ ପ୍ରକଟନ କରିଥିଲେ । ସେହି ବର୍ଷ ସକାଳ ୭.୩୦ ମିରେ ସ୍ୱାମୀ ପ୍ରଶାନ୍ତି ନିଳୟମରେ ପତାକା ଉତ୍ତୋଳନ କରି ଦିବ୍ୟ ସମ୍ଭାଷଣ ପ୍ରଦାନ କଲେ । ସେ ତାଙ୍କର ଦିବ୍ୟ ସମ୍ଭାଷଣରେ

ଭକ୍ତମାନଙ୍କୁ କହିଲେ ଯେ ରାମ ଓ କୃଷ୍ଣ ପୁନଶ୍ଚ ଏ ଯୁଗର ଜନ୍ମ ନେଇଛନ୍ତି । ସ୍ୱାମୀ କହିଲେ ଯେ ସେ ପୂର୍ବରେ ସେହି ଭକ୍ତମାନଙ୍କର ସେବା ଗ୍ରହଣ କରିବା ପାଇଁ ପୁଣି ଥରେ ଧରାପୃଷ୍ଠକୁ ଆସିଛନ୍ତି । ସେ କହିଲେ ଯେ ତାଙ୍କର ଏହି ଅବତାରର ଅନ୍ୟ ଏକ ଉଦ୍ଦେଶ୍ୟ ହେଲା ଯୁଗଯୁଗ ଧରି ତାଙ୍କୁ ଭକ୍ତି କରି ଆସୁଥିବା ଭକ୍ତମାନଙ୍କୁ ଆନନ୍ଦ ଦେବା ।

ଦଶହରା ଉତ୍ସବ ସମୟରେ ଅନୁଷ୍ଠିତ ଯଜ୍ଞର ସମାପ୍ତି ଅବସରରେ ଦେଇଥିବା ଅନ୍ୟ ଏକ ଦିବ୍ୟ ସମ୍ଭାଷଣରେ ସ୍ୱାମୀ କହିଥିଲେ "ଈଶ୍ୱରଙ୍କ ନାମ ସବୁ ସମୟରେ ତୁମ ଜିଭ ଆଗରେ ନାଚିବା ଦରକାର । ଏ ବର୍ଷ ଯଜ୍ଞର ଏକ ବିଶେଷତ୍ୱ ରହିଛି । ପୂର୍ବ ବର୍ଷ ମାନଙ୍କରେ ମାତ୍ର କେତେଜଣ ପଣ୍ଡିତ ଏହି ଯଜ୍ଞରେ ଭାଗ ନେଉଥିଲେ । କିନ୍ତୁ ଏହି ବର୍ଷ ବିଭିନ୍ନ ପ୍ରଦେଶରୁ ଅନେକ ବିଦ୍ୱାନ୍ ଏଠାରେ ଏକତ୍ରିତ ହୋଇଛନ୍ତି । ତୁମେମାନେ କହିଥାଅ ଯେ ଗଙ୍ଗାରେ ସ୍ନାନ କଲେ ମଣିଷ ପବିତ୍ର ହୋଇଯାଏ ଏବଂ ଗୋଦାବରୀ ଓ କ୍ରିଷ୍ଣା ଭଳି ପୁଣ୍ୟତୋୟା ନଦୀରେ ସ୍ନାନ କଲେ ବହୁ ପୁଣ୍ୟ ଅର୍ଜନ କରାଯାଏ । ଏ ସମସ୍ତ ନଦୀ ମଧ୍ୟରୁ କୌଣସି ଗୋଟିଏ ନଦୀରେ ସ୍ନାନ କରିବା ଯଦି ତୁମେ ପବିତ୍ର ମନେ କରୁଛ, ତେବେ ଥରେ ଭାବି ଦେଖ ଏତେ ଗୁଡ଼ିଏ ନଦୀ (ବିଦ୍ୱାନମାନଙ୍କର ସମାବେଶ)ର ସମାଗମ ହୋଇଥିବା ଏହି ସମୁଦ୍ରରେ ଥରେ ବୁଡ଼ ପକାଇବା କେତେ ପବିତ୍ର ହୋଇଥିବ ।"

"ଏହି ବିଜ୍ଞ ପଣ୍ଡିତମାନଙ୍କର ପ୍ରୟାସରୁ ତୁମେ ସ୍ୱୟଂ ବେଦ ପୁରୁଷଙ୍କର ଦର୍ଶନ ଲାଭ କରିବ । ଏଭଳି ଏକ ସମାବେଶରେ ଉପସ୍ଥିତ ରହିବା ତୁମର ମହାଭାଗ୍ୟ । ଏଠାରେ ତୁମେ, ଯେଉଁ ଆନନ୍ଦ ଅନୁଭବ କରିବ, ତାହା ଭାଷାରେ ବର୍ଣ୍ଣନା କରି ହେବ ନାହିଁ । ଏହି ଦିନଗୁଡ଼ିକ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବା କଥା । ତୁମେମାନେ ପୂର୍ବ ଜନ୍ମରେ କରିଥିବା ସତ୍‌କର୍ମର ଫଳ ସ୍ୱରୂପ ଆଜି ଏଠାରେ ଅଛ । ତୁମେ, ତୁମର ପୁତ୍ର ପୌତ୍ରାଦି ଏବଂ ତୁମର ସାରା ବଂଶ ଏହି ପୁଣ୍ୟ ଅର୍ଜନ କରି ମୁକ୍ତି ପାଇଲ ବୋଲି ଜାଣ ।"

ବାଙ୍ଗାଲୋରର କେତେକ ଭକ୍ତ ଥରେ ଅଭିଯୋଗ କରି କହିଲେ, "ସ୍ୱାମୀ, ପୂଜାରୀ କ୍ରିଷ୍ଣାପ୍ପା ଠିକ୍ ଭାବେ ମନ୍ତ୍ରଗୁଡ଼ିକୁ ଉଚ୍ଚାରଣ କରୁ ନାହିଁ । ସେ ମନ୍ତ୍ର ପଢ଼ିବାରେ ଭୁଲ କରୁଛି । ଆମ ସହରରେ ଏମିତି ପଣ୍ଡିତ ଅଛନ୍ତି ଯେଉଁମାନେ ସଠିକ୍ ମନ୍ତ୍ରୋଚାରଣ କରି ପାରନ୍ତି । ଆପଣ ରାଜି ହେଲେ, ଏଠାରେ ପୂଜା କରିବାପାଇଁ ଆମେ ସେହି ପଣ୍ଡିତଙ୍କୁ ନେଇଆସିବୁ ।"

ସ୍ୱାମୀ ପଚାରିଲେ "ମନ୍ତ୍ର ମାନେ କ'ଣ ? ମନନାତ୍ ତ୍ରାୟତେ ଇତି ମନ୍ତ୍ରଃ । ଯାହାକୁ ମନନ କଲେ ମୁକ୍ତି ମିଳିଥାଏ, ତାହା ମନ୍ତ୍ର । ମୁଁ ହିଁ ମନ୍ତ୍ର । ମୁଁ ଯେଉଁଠାରେ ଅଛି

ସେଠାରେ ଅନ୍ୟ କୌଣସି ମନ୍ତ୍ରର ଆବଶ୍ୟକତା ନାହିଁ । କ୍ରିଷ୍ଟାପ୍ପା ଏତେ ଭକ୍ତିର ସହ ମୋର ପୂଜା କରିଥାଏ, ତାକୁ ମୁଁ ବାହାର କରି ଦେବି କିମିତି ? ସେ ଭୁଲ ଉଚ୍ଚାରଣ କଲେ ବି ଯାଏ ଆସେ ନାହିଁ । ସେ ଏଇଠେ ରହିଥାଉ । ତୁମ ପୂଜାରୀମାନେ ଯେଉଁଠେ ଅଛନ୍ତି, ସେଇଠେ ଥା'ନ୍ତୁ ।

✍

ଥରେ ଦଶହରା ଅବସରରେ ପତାକା ଉତ୍ତୋଳନ କରି ସ୍ୱାମୀ ଏପରି କହିଥିଲେ :

"ତୁମେ ଏଭଳି ଦେଖିଥାଅ ଯେ ଉତ୍ତମ ବ୍ୟକ୍ତି ସାଧୁ ଜୀବନ ଯାପନ କରି ମଧ୍ୟ ଅନେକ ଦୁଃଖ କଷ୍ଟ ମଧ୍ୟରେ ଦିନ କାଟିଥା'ନ୍ତି । ଏହାର କାରଣ ହେଲା ସେମାନେ ପୂର୍ବରୁ ଏତେ ଦୋଷତ୍ରୁଟି କରିଛନ୍ତି ଯାହା ସମ୍ବନ୍ଧରେ ତୁମେ ଅବଗତ ନୁହଁ ଏବଂ ଯାହା ବିଷଧର ସର୍ପର ବିଷଠାରୁ ମଧ୍ୟ ବିଷାକ୍ତ ।"

"ଆମେ ପଞ୍ଚଭୂତ ମଧ୍ୟରୁ କୌଣସି ଭୂତର ଦୁରୁପଯୋଗ କରିବା କଥା ନୁହେଁ । ପଞ୍ଚଭୂତ ହେଲେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ । ଏଗୁଡ଼ିକ ଈଶ୍ୱରଙ୍କର ପଞ୍ଚ ଅଙ୍ଗ ସଦୃଶ । ତୁମେ ଏହି ଭୂତମାନଙ୍କୁ ଯେତିକି ଆବଶ୍ୟକ ସେତିକି ବ୍ୟବହାର କରିବା ଦରକାର । ଅନ୍ୟ ଜଣେ ମଣିଷକୁ କଷ୍ଟ ଦେବା ଈଶ୍ୱରଙ୍କୁ କଷ୍ଟ ଦେବା ସହ ସମାନ, କାରଣ ଉଭୟେ ପଞ୍ଚଭୂତର ମୂର୍ତ୍ତିମନ୍ତ ସ୍ୱରୂପ ମାତ୍ର । ପଞ୍ଚଭୂତର ଅପବ୍ୟବହାର ଏକ ଜଘନ୍ୟ ଅପରାଧ । ସାରକଥା ହେଲା, ଏ ସବୁ ପରମାତ୍ମା ଭିନ୍ନ ଅନ୍ୟ କିଛି ନୁହଁ । ଏଣୁ ଏ ଗୁଡ଼ିକୁ ଯତ୍ନର ସହ ବ୍ୟବହାର କର । ଜଳର ଅତ୍ୟଧିକ ବ୍ୟବହାରରୁ ଶ୍ୱାସର ସମସ୍ୟା ଉପୁଜିବ, ଅଗ୍ନିର ଅତ୍ୟଧିକ ବ୍ୟବହାର କଲେ ତୁମେ ଅଗ୍ନି ପ୍ରମାଦର ସମ୍ମୁଖୀନ ହେବ, ବାୟୁର ଅପବ୍ୟବହାର କଲେ ମାନସିକ ରୋଗରେ ପୀଡ଼ିତ ହେବ । ନିଜର ଜରୁରୀ ଆବଶ୍ୟକତାଠାରୁ ଅଧିକ ଆଶା କରିବା ଠିକ୍ ନୁହେଁ । ଅତି ମାତ୍ରାରେ ସୁଖ ଚାହିଁବା ମଧ୍ୟ ଠିକ୍ ନୁହେଁ । ବେଶୀ ଲୋଭ କଲେ ତୁମର ଯାହା ଅଛି ତାହା ମଧ୍ୟ ହରାଇବ । ଜଣେ ସର୍ବଗ୍ରାସୀ ଭଳି ସବୁକିଛି ଖାଇ ଚାରିପାଖକୁ ଅଶୁଦ୍ଧ କରିବା କଥା ନୁହଁ । ନିଜର ଭରଣ ପୋଷଣ ପାଇଁ ଯେତିକି ଦରକାର ତାହାଠାରୁ ଅଧିକ ଜମି ରଖି ଚାଷ କରିବା ମଧ୍ୟ ଠିକ୍ ନୁହଁ । କଥା କହିବା ସମୟରେ ବା କାମ କରିବା ସମୟରେ ବଡ଼ ପାଟି କର ନାହିଁ । ସେଇ ପରିସ୍ଥିତିରେ ଯେତିକି ଦରକାର ତାହାଠାରୁ ବଡ଼ ଗଳାରେ କଥା କହିବା ଅନୁଚିତ । ବାସନକୁସନ ତଳେ ରଖିବା ସମୟରେ ମଧ୍ୟ ତାହା ଧୀରେ ରଖିବା ଅଭ୍ୟାସ କର । ଶବ୍ଦ କରିବା ମଧ୍ୟ ପାପ, ନୀରବତା ହିଁ ଈଶ୍ୱର ।

✍

ରାବଣ ସହ ଯୁଦ୍ଧ କରିବା ପୂର୍ବରୁ ଭଗବାନ ରାମଚନ୍ଦ୍ର ସେଥିରେ ସମ୍ପୃକ୍ତ, ସମସ୍ତଙ୍କର ମତାମତ ଲୋଡ଼ିବା ପାଇଁ ଏକ ବୈଠକ ଡାକିଲେ । ସେହି ସମୟରେ ସେମାନେ ଖବର ପାଇଲେ ଯେ ବିଭୀଷଣ ମଧ୍ୟ ଆସୁଛନ୍ତି । ବିଭୀଷଣଙ୍କୁ ଗ୍ରହଣ କରାଯିବ କି ନାହିଁ, ତାହା

ଏକ ଆଲୋଚନାର ବିଷୟ ଥିଲା । ରାମଚନ୍ଦ୍ର ଅନ୍ୟମାନଙ୍କର ମତ ଲୋଡ଼ିଲେ । ପ୍ରତ୍ୟେକେ ବିଭୀଷଣ ଉପରେ କ୍ରୋଧ ପ୍ରକାଶ କରୁଥାଆନ୍ତି । ସେମାନେ ଭାବୁଥା'ନ୍ତି ଯେ ସେ ଏକ ଗୁପ୍ତଚର ହୋଇ ଆସିଛନ୍ତି । ଲକ୍ଷ୍ମଣ ଓ ସୁଗ୍ରୀବ କହୁଥା'ନ୍ତି ଯେ ରାମଙ୍କ ଅନୁମତି ମିଳିଲେ ସେମାନେ ବିଭୀଷଣଙ୍କୁ ବଧ କରିବେ । ବିଭୀଷଣ କିନ୍ତୁ ଏସବୁ ପ୍ରତି ଦୃଷ୍ଟି ଦେଉନଥା'ନ୍ତି । ସେ କେବଳ ରାମଙ୍କର କଥା ଶୁଣିବାକୁ ଆତୁର ହୋଇ ଚାହିଁ ରହିଥାଆନ୍ତି । ଶେଷରେ ରାମ ଘୋଷଣା କଲେ ଯେ ସେ ବିଭୀଷଣଙ୍କୁ ଶରଣ ଦେବେ । ବିଭୀଷଣ ଏହି କଥା ଶୁଣି ରାମଚନ୍ଦ୍ରଙ୍କର ପାଦ ତଳେ ଲୋଟି ଗଲେ । ରାମ କହିଲେ, "ଏଭଳି ହେବାକୁ ହେବ । ଲୋକେ ଯିଏ ଯାହା କୁହନ୍ତୁ, ଭଗବାନ ଯାହା କହୁଛନ୍ତି ତାହା ହିଁ ଶେଷ କଥା ବୋଲି ମାନି ନେବାକୁ ହେବ । ମୁଁ ତୁମର ମତାମତ ଲୋଡ଼ିପାରେ, କିନ୍ତୁ କେବଳ ମୁଁ ଯାହା ସଙ୍କଳ୍ପ କରିଥାଏ, ଶେଷରେ ତାହା ହିଁ କରେ ।"

✍

ଥରେ ମୋ ଦୁଇ ପୁଅ ମୁରଲୀ ଓ ଶଙ୍କର ଏବଂ ତାଙ୍କର ସାଥୀ ସୁରି ଓ ସତୀଶ, ପେନୁକୋଣ୍ଡା ରେଳ ଷ୍ଟେସନରେ ବାଙ୍ଗାଲୋରକୁ ଯିବା ଗାଡ଼ି ପାଇଁ ଅପେକ୍ଷା କରିଥିବା ଅବସ୍ଥାରେ ପୁଡ଼ିଆରେ ଖାଦ୍ୟ ଖାଉଥାଆନ୍ତି । ସେମାନେ ସେହି ଦିନ ସକାଳେ ସ୍ୱାମୀଙ୍କଠାରୁ ଇଣ୍ଟରଭ୍ୟୁ ପାଇ ପ୍ରଶାନ୍ତି ନିଳୟମ୍‌ରୁ ଫେରୁଥାଆନ୍ତି । ସେମାନେ ଦେଖିଲେ, ରେଳ ଷ୍ଟେସନ୍ ପାଖରେ ଥିବା ଏକ ଲେଭେଲ୍ କ୍ରସିଙ୍ଗ୍ ଆଡ଼କୁ ସ୍ୱାମୀଙ୍କ କାର୍‌ଟି ଆସୁଛି । ତାହା ଦେଖିବା ସଙ୍ଗେ ସଙ୍ଗେ ସେମାନେ ରେଳ ଲାଇନ୍ ଉପରେ ଧାଇଁ ଧାଇଁ ଲେଭେଲ୍ କ୍ରସିଂ ନିକଟକୁ ଆସିଲେ । ରାସ୍ତା କଡ଼ରେ ଯୋଡ଼ ହସ୍ତ ହୋଇ ଠିଆ ହୋଇଥିବା ସେମାନଙ୍କୁ ଦେଖି ସ୍ୱାମୀ କାର୍ ରଖିଲେ ଓ କାର୍‌ର କାଚ ଖୋଲି ସେମାନଙ୍କୁ କହିଲେ, "ତୁମେ ତୁମ ମା'କୁ କହିବ, ରଘୁକୁ ମୁଁ ମୋ ସାଙ୍ଗରେ ମାନ୍ଦ୍ରାଜ ନେଇଯାଉଛି ।" ପିଲାମାନଙ୍କ ଅନୁରୋଧ ରଖି ସ୍ୱାମୀ ତାଙ୍କର ପାଦ ଦୁଇଟିକୁ ଫାଙ୍କ ମଧ୍ୟ ଦେଇ ବାହାର କଲେ ଏବଂ ପିଲାମାନେ ପାଦ ନମସ୍କାର କଲେ । ସେ ସେମାନଙ୍କୁ ଉପହାର ସ୍ୱରୂପ କିଛି ଟଙ୍କା ମଧ୍ୟ ଦେଲେ ।

✍

ଥରେ ବୈକୁଣ୍ଠ ଏକାଦଶୀ ସମୟରେ ଆମେ ସମସ୍ତେ ହ୍ୱାଇଟ୍‌ଫିଲ୍‌ଡ ଯାଇଥାଉ । ସନ୍ଧ୍ୟାରେ ସ୍ୱାମୀ ଏକ ବଡ଼ ଅଶ୍ୱତ୍ଥ ଗଛ ମୂଳେ ବସିଥାଆନ୍ତି । ଭକ୍ତମାନେ ତାଙ୍କ ଚାରିପଟେ ବସିଥା'ନ୍ତି । ସେ ସେତେବେଳେ ଦୁଇ ଲିଟର ପାଣି ଧରି ପାରୁଥିବା ଭଳି ଏକ କଳସ ଆଣିବାକୁ କହିଲେ । କଳସଟି ଅଣାଗଲା, ସ୍ୱାମୀ ତିନିଥର ତାକୁ ତଳମୁହାଁ କରି ଓଲଟାଇଲେ ଓ କଳସ ଭିତରେ ହାତ ଭର୍ତ୍ତି କରି କିଛି ସମୟ ଘାଣ୍ଟିବା ଭଳି କଲେ । ସେ ଯେତିକି ଯେତିକି ଘାଣ୍ଟୁଥାଆନ୍ତି କଳସରେ ଅମୃତ ଭରି ଯାଉଥାଏ । ଏଥର ସେ ଭକ୍ତମାନଙ୍କୁ ଧାଡ଼ିରେ ବସିବାକୁ କହିଲେ ଏବଂ ପ୍ରତ୍ୟେକଙ୍କ ପାଟିରେ କିଛି ବୁନ୍ଦା

ଅମୃତ ଢାଳିଲେ । ଯେବେ ଯେବେ ସ୍ୱାମୀ ଅମୃତ ସୃଷ୍ଟି କରନ୍ତି ସେ କହନ୍ତି "ସେ ଅମୃତ ପାଇବା ଯାଏଁ ଏ ଅମୃତ ପିଉଥାଅ ।" ଏ ଅମୃତ ଆମେ ବହୁବାର ପାନ କରିବାର ସୌଭାଗ୍ୟ ଲାଭ କରିଛୁ ।

✍

ଥରେ ସ୍ୱାମୀ କହିଲେ, "ଝିଅ, ପିମ୍ପୁଡ଼ି ଚିନିକୁ ଖୋଜିଥାନ୍ତି । କିନ୍ତୁ (ନିଜକୁ ଦେଖାଇ) ଆଜି ଚିନି ଯାଇ ପିମ୍ପୁଡ଼ି ଗଦାରେ ପଡ଼ିଛି ।"

✍

ସ୍ୱାମୀ ଆମକୁ ଅନେକଥର କହିଛନ୍ତି, "ଯାହାର ଭାଗ୍ୟକୁ ମୁଁ ନିର୍ମଳ ଭାବେ ପୋଛି ଦେଉଥାଏ, ସେଇମାନେ କେବଳ ପୁଟ୍ଟପର୍ତ୍ତି ଆସିପାରନ୍ତି ।"

ନିମ୍ନରେ ବର୍ଣ୍ଣିତ ଘଟଣାଗୁଡ଼ିକ ୧୯୭୧ ପରେ ଘଟିଥିଲା ।

✍

କେରଳର ଜଣେ ଡାକ୍ତର ସ୍ୱାମୀଙ୍କୁ ଦର୍ଶନ କରିବା ପରେ ତାଙ୍କ ପ୍ରତି ଖୁବ୍ ଆକୃଷ୍ଟ ହୋଇ ଯାଇଥା'ନ୍ତି । ସେ ସ୍ୱାମୀଙ୍କୁ କହିଲେ, "ସ୍ୱାମୀ, ମୁଁ ଆପଣଙ୍କ ଆଶ୍ରମରେ ଡାକ୍ତର ହୋଇ ସେବା କରିବାକୁ ଚାହେଁ ।" ସ୍ୱାମୀ କହିଲେ, "ନା, ବଙ୍ଗାରୁ, ତୁମେ ନିଜ ଯାଗାରେ ରହି ସେବା କର । ତୁମର ଦେହ ନୁହଁ, ତୁମର ମନ ମୋ ପାଖରେ ରହିବା ଦରକାର । ଏମିତି ତ, ମଶା, ମାଛି ମୋ ଦେହରେ ବସନ୍ତି, ସେମାନେ କ'ଣ ସେଥିପାଇଁ ମୁକ୍ତି ପାଇଯିବେ ?"

✍

ଥରେ ଜଣେ ସାଧକଙ୍କର ସନ୍ଦେହ ମୋଚନ କରି ସ୍ୱାମୀ କହିଲେ, "ଅଭାବୀ ଲୋକଙ୍କର ଯଥାସାଧ୍ୟ ସେବା କରିବା ମଧ୍ୟ ସାଧନା । ଗୃହିଣୀମାନେ ଯେଉଁ ଘରକାମ କରିଥାନ୍ତି ତାହା ସାଧନା ବ୍ୟତୀତ ଅନ୍ୟ କିଛି ନୁହଁ । ସେମାନେ ପ୍ରେମପୂର୍ଣ୍ଣ ହୃଦୟରେ ଯଦି ଘରର ଯତ୍ନ ନିଅନ୍ତି, ତାହାଠୁ ବଳି ଆଉ ସାଧନା ନାହିଁ । ଘର ପ୍ରତି ଅବହେଳା କରି ବାହାରେ ଏଣେ ତେଣେ ସେବା କରିବାକୁ ଯିବା ଦରକାର ନାହିଁ । ସେମାନେ ଅବସର ସମୟରେ ନାମ ଜପ କରନ୍ତୁ ।"

✍

ପ୍ରଶାନ୍ତି ନିଳୟମରେ କିଛି ଏକ ଉତ୍ସବ ଚାଲିଥାଏ । ସ୍ୱାମୀ ପଣ୍ଡିତମାନଙ୍କୁ ଆଧ୍ୟାତ୍ମିକତା ଉପରେ ପ୍ରବଚନ ଦେବାକୁ କହିଲେ । ସ୍ୱାମୀ ଶ୍ରୋତା ମଣ୍ଡଳୀକୁ ଜଣେ ପଣ୍ଡିତଙ୍କର ପରିଚୟ ଦେବାକୁ ଯାଇ କହିଲେ, "ଅଳ୍ପଦିନ ତଳେ ଏହି ପଣ୍ଡିତଙ୍କର ପୁଅ ହଠାତ୍ ମୃତ୍ୟୁ ବରଣ କଲା । ପଣ୍ଡିତେ କିନ୍ତୁ ମନର କୋହକୁ ମନରେ ରଖି ସାନ୍ନିଧ୍ୟରେ ରହିବାକୁ ଏଠାକୁ ଚାଲି ଆସିଲେ । ତାଙ୍କୁ ବିଚରା ଦେଖି ମୋ ମନ ଦୁଃଖ ହେଲା । ମୁଁ ତାଙ୍କୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକି, ସାନ୍ତ୍ୱନା ଦେଲି । ସେ କହିଲେ, 'ସ୍ୱାମୀ, ନା ମୋ ପୁଅ

ଆଗରୁ ଥିଲା, ନା ସେ ଭବିଷ୍ୟତରେ ରହିବ । ତୁମେ ଯଦି ସବୁବେଳେ ମୋ ପାଖେ ପାଖେ ଥାଅ, ସେତିକି ମୋ ପାଇଁ ଯଥେଷ୍ଟ ।" ଏହାକୁ କହନ୍ତି 'ବୈରାଗ୍ୟ' ।"

✍

ଥରେ ସ୍ୱାମୀ ପ୍ରଶାନ୍ତି ମନ୍ଦିର ଭିତରକୁ ସେବାଦଳ କର୍ମୀମାନଙ୍କୁ ଡାକି ତାଙ୍କର ଦିବ୍ୟ ସମ୍ଭାଷଣ ଦେଲେ । ଦିବ୍ୟ ସମ୍ଭାଷଣ ଶେଷରେ ସ୍ୱାମୀ କହିଲେ, "ଯେଉଁମାନେ ସେବାଦଳରେ ରହନ୍ତି ଓ ଭକ୍ତି ଓ ସମର୍ପଣ ଭାବ ନେଇ ସେବା କରନ୍ତି, ସେଇମାନଙ୍କୁ କେବଳ ମୋ ଆଧ୍ୟାତ୍ମିକ ଧନ ମିଳିଥାଏ ।"

✍

ଥରେ ଜଣେ ଶାସ୍ତ୍ରୀ ସ୍ୱାମୀଙ୍କର ଦର୍ଶନ ପାଇଁ ମନ୍ଦିରର ଉପର ମହଲାକୁ ଗଲେ । ତଳକୁ ଓହ୍ଲାଇବା ସମୟରେ ସେ ଝରକା ଧାରରେ ଦୁଇଟି ଫଳ ଦେଖିଲେ । ତାହା ଦେଖି ସେ ସ୍ୱାମୀଙ୍କୁ ପଚାରିଲେ, "ସ୍ୱାମୀ, ମୁଁ ଏ ଦୁଇଟି ଫଳ ନେବି ?" ସ୍ୱାମୀ ତାଙ୍କୁ ଫଳ ଦୁଇଟି ଦେଇ କହିଲେ, "ମୁଁ ଆପଣା ଛାଏଁ ତୁମକୁ କିଛି ଦେଲେ, ତାହା ମୋର କୃପା, ତୁମେ ମାଗିବାରୁ ମୁଁ ଯଦି କିଛି ଦିଏ ତାହା ତୁମର କାମନା ।"

✍

ଭକ୍ତମାନଙ୍କ ପ୍ରତି ତାଙ୍କର ଦିବ୍ୟ ପ୍ରେମର ସଙ୍କେତ ସ୍ୱରୂପ ସ୍ୱାମୀ ଘଡ଼ି, ମୁଦି ଓ ଲକେଟ୍ ଆଦି ସୃଷ୍ଟି କରିଥାନ୍ତି । ସେ ଯେ ଏସବୁ କିମିତି କରିଥା'ନ୍ତି, ତାହା ଦେଖି ଅନେକ ବିସ୍ମିତ ହୁଅନ୍ତି ।

୧୯୭୪ ମସିହାରେ ମୋ ପୁଅ ଶଙ୍କର, CFTRI ର ଦୁଇଜଣ ବରିଷ୍ଠ ବୈଜ୍ଞାନିକ ଡକ୍ଟର ଏନ୍.ସୁବ୍ରମଣ୍ୟମ୍ ଓ ଡକ୍ଟର ଏଚ୍.ଏସ୍.ଦେସିକାଚାରୀଙ୍କ ସଙ୍ଗେ କୌଣସି ସରକାରୀ କାମରେ କାର୍‌ରେ ହାଇଦ୍ରାବାଦ୍ ଯାଉଥାଏ । ଗାଡ଼ିରେ ପେଟ୍ରୋଲ ଭରିବା ପାଇଁ ଗାଡ଼ିଟି ଯାଇ ରହିଲା ପେନୁକୋଣ୍ଡାର ଏକ ପେଟ୍ରୋଲ ପମ୍ପରେ ।

ପୁଟ୍ଟପର୍ତ୍ତି ଦିଗରେ ଅନେକ ଗାଡ଼ି ଯାଉଥିବା ଲକ୍ଷ୍ୟ କରି ଡକ୍ଟର ସୁବ୍ରମଣ୍ୟମ୍ କହିଲେ, ଏମାନେ ସବୁ ଶିବରାତ୍ରି ଉତ୍ସବରେ ଶ୍ରୀ ସତ୍ୟସାଇବାବାଙ୍କର ସତ୍‌ସଙ୍ଗରେ ଯୋଗଦେବାକୁ ପୁଟ୍ଟପର୍ତ୍ତି ଯାଉଛନ୍ତି । ମୁଁ ଆପଣଙ୍କୁ ଏକ ବିସ୍ମୟକର ଘଟଣା କହିବି ।

"ସ୍ୱାମୀଙ୍କ ଅଲୌକିକତାକୁ ଜାଣିବା ଓ ବୁଝିବାର ସଦିଚ୍ଛା ନେଇ ହାଇଦ୍ରାବାଦର ଚାରିଜଣ ବୈଜ୍ଞାନିକ ପୁଟ୍ଟପର୍ତ୍ତି ଯାଇଥା'ନ୍ତି । ସ୍ୱାମୀ ସେମାନଙ୍କୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକି ପଚାରିଲେ "ତୁମେମାନେ କ'ଣ ଚାହଁ ?" ସେମାନଙ୍କ ମଧ୍ୟରୁ ଜଣେ କହିଲେ, "ସ୍ୱାମୀ, ମୁଁ ସୁଇଜରଲ୍ୟାଣ୍ଡରେ ତିଆରି ଏକ ହାତଘଡ଼ି ଚାହେଁ ।" ସ୍ୱାମୀ ଶୂନ୍ୟରୁ ତାଙ୍କର ହାତ ଘୁରାଇ ଆଣିଲେ ଓ ଏକ ହାତଘଡ଼ି ସୃଷ୍ଟି କରି ଭକ୍ତ ବୈଜ୍ଞାନିକଙ୍କୁ ଦେଲେ ।"

"ଇଣ୍ଟରଭ୍ୟୁ କକ୍ଷରୁ ବାହାରିବା ସଙ୍ଗେ ସଙ୍ଗେ ସେମାନେ ତରବରରେ ଡାକଘରକୁ ଗଲେ ଓ ସେଠାରୁ ସୁଇଜରଲ୍ୟାଣ୍ଡରେ ଥିବା ସେମାନଙ୍କର ଜଣେ ବନ୍ଧୁଙ୍କ ନିକଟକୁ ଏକ ବାର୍ତ୍ତା ପଠାଇଲେ । ଉକ୍ତ ବନ୍ଧୁଙ୍କୁ ସେମାନେ ସେମାନଙ୍କର ଏପରି ଏକ ବାର୍ତ୍ତା ପାଇଁ ଅପେକ୍ଷା କରିବାକୁ ଆଗରୁ କହିଥାନ୍ତି । ସେମାନେ ସେହି ଘଡ଼ିର ନମ୍ବର ଓ ଅନ୍ୟାନ୍ୟ ବିବରଣୀ ଯାହା ଘଡ଼ି ଉପରେ ଲେଖାଯାଇଥାଏ, ଉକ୍ତ ବନ୍ଧୁଙ୍କୁ ଦେଲେ ଏବଂ ଘଡ଼ିର ନିର୍ମାତା ସେହି ଘଡ଼ିକୁ କେଉଁ ଖୁଚୁରାଘଡ଼ି ଦୋକାନୀକୁ ବିକିଛନ୍ତି ଓ ସେହି ଦୋକାନର ଠିକଣା ଓ ଅନ୍ୟାନ୍ୟ ତଥ୍ୟଖୋଜି ବାହାର କରିବାକୁ କହିଲେ । ସୁଇଜରଲ୍ୟାଣ୍ଡରେ ସେମାନଙ୍କର ବନ୍ଧୁ ସେହି ଦୋକାନକୁ ଠାବ କଲେ ଓ ସେହି ଦୋକାନର ନଥିପତ୍ରରୁ ଜାଣି ପାରିଲେ ଯେ ଯେଉଁ ଦିନ ସେ ଭାରତରେ ତାଙ୍କର ଚାରିବନ୍ଧୁଙ୍କ ଠାରୁ ବାର୍ତ୍ତା ପାଇଲେ ଠିକ୍ ସେହି ଦିନ ସତ୍ୟସାଇବାବା ନାମକ ଜଣେ ବ୍ୟକ୍ତି ଉକ୍ତ ଘଡ଼ିଟି କିଣିଛନ୍ତି । ଏଠାରେ ଆହୁରି ଆଶ୍ଚର୍ଯ୍ୟ କଥାହେଲା, ଯେଉଁଦିନ, ଯେଉଁ ସମୟରେ ସ୍ୱିଜରଲ୍ୟାଣ୍ଡରେ ଘଡ଼ିଟି ବିକ୍ରୀ ହୋଇଛି, ଠିକ୍ ସେହି ଦିନ ସେହି ସମୟର ପୁଟ୍ଟପର୍ତ୍ତିରେ ସ୍ୱାମୀ ଘଡ଼ିଟି ସୃଷ୍ଟି କରି ଦେଇଛନ୍ତି । ଘଡ଼ିର କ୍ରମିକ ସଂଖ୍ୟା ମଧ୍ୟ ଠିକ୍ ଠିକ୍ ମିଳି ଯାଉଛି । ସ୍ୱାମୀ ଏକ ସମୟର ସ୍ୱିଜରଲ୍ୟାଣ୍ଡରେ ଘଡ଼ିଟି କିଣି ତାହାକୁ ପୁଟ୍ଟପର୍ତ୍ତିରେ ତାଙ୍କର ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ସ୍ଥାନାନ୍ତରିତ କରିଛନ୍ତି । ବାସ୍ତବିକ କି ବିସ୍ମୟକର ! ସେତେବେଳେ ସୁବ୍ରମଣ୍ୟମ୍‌ଙ୍କ ଧାରଣା ନ'ଥାଏ ଯେ ମୋ ପୁଅ ଶଙ୍କର ସ୍ୱାମୀଙ୍କର ଜଣେ ଭକ୍ତ ।

✍

୧୯୯୩ ଜାନୁଆରୀ ୨୬ ତାରିଖ ଦିନ ଶ୍ରୀ ସତ୍ୟସାଇ ଗ୍ରାମ ମଦନହଲ୍ଲୀରେ କର୍ଣ୍ଣାଟକ ଶ୍ରୀ ସତ୍ୟସାଇ ଲୋକସେବା ଟ୍ରଷ୍ଟ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ଏକ ଅଲୌକିକ ଘଟଣା ଘଟିଥିଲା ।

ଏହି ଶିକ୍ଷାୟତନର ଛାତ୍ରମାନେ ପୁଟ୍ଟପର୍ତ୍ତି ଯାଇଥିବା ଅବସରରେ ସ୍ୱାମୀଙ୍କୁ ସେମାନଙ୍କର ଶିକ୍ଷାନୁଷ୍ଠାନକୁ ଥରେ ଆସିବାପାଇଁ ପ୍ରାର୍ଥନା କରିଥିଲେ । ସ୍ୱାମୀ ସେମାନଙ୍କୁ ସେ ୧୯୯୩ ଫେବୃୟାରୀ ୮ ତାରିଖ ଦିନ ଯିବେ ବୋଲି ପ୍ରତିଶ୍ରୁତି ଦେଇଥାନ୍ତି । "ନିଶ୍ଚୟ ମୁଁ ଯିବି, କହି ସ୍ୱାମୀ କଥାଟିକୁ ପାଞ୍ଚଥର ଦୋହରାଇ ଥିଲେ । ସେହି ସମୟର ମୋର ନାତି ଶ୍ୟାମ ନନ୍ଦନ ମଧ୍ୟ ସେଠାରେ ପଢୁଥାଏ ।

ସେଇ ବର୍ଷର (୧୯୯୩) ଗଣତନ୍ତ୍ର ଦିବସ ମଧ୍ୟ ଶିକ୍ଷାୟତନ ମଧ୍ୟରେ ଯଥାରୀତି ପାଳନ କରାଯାଇଥାଏ । ସେଠାରେ ପଢୁଥିବା ଶଲିବାହନ ନାମକ ଜଣେ ଛାତ୍ର ସେଦିନର କାର୍ଯ୍ୟକ୍ରମର କିଛି କିଛି ବିଶେଷ ଅଂଶର ଫଟୋ ଉଠାଇ ଫଟୋଗୁଡ଼ିକର ଛାପା ବାହାର କରିବାକୁ ଏକ ଷ୍ଟିଡ଼ିଓକୁ ଦେଇଥାଏ ।

୧୯୯୩ ଫେବୃୟାରୀ ୮ ତାରିଖ ଦିନ ଶିକ୍ଷାୟତନର ଛାତ୍ର ଓ କର୍ମଚାରୀମାନେ ସ୍ୱାମୀଙ୍କ ଆଗମନର ଅପେକ୍ଷାରେ ଥାନ୍ତି । ସ୍ୱାମୀ କିନ୍ତୁ ଆସିଲେ ନାହିଁ । ସମସ୍ତଙ୍କ ମନ ଦୁଃଖ ହେଲା । ଇତି ମଧ୍ୟରେ ଷ୍ଟୁଡ଼ିଓକୁ ଦିଆଯାଇଥିବା ଫିଲମ୍‌ଟିରୁ ଫଟୋ ବାହାର କରାଯାଇଥାଏ ଓ ଶଲିବାହନ ଉକ୍ତ ଫଟୋଗୁଡ଼ିକୁ ଅନ୍ୟାନ୍ୟ ଛାତ୍ର ଓ କର୍ମଚାରୀମାନଙ୍କୁ ଦେଖାଉଥାଏ । ସେମାନେ ଯେତେବେଳେ ଫଟୋଗୁଡ଼ିକୁ ଦେଖିଲେ, ସେମାନଙ୍କର ଆଶ୍ଚର୍ଯ୍ୟର ସୀମା ନ'ଥାଏ । ସେମାନେ ଦେଖିଲେ, ଗୋଟିଏ ଲୋକନୃତ୍ୟର ଉଠା ଯାଇଥିବା ତିନିଟା ଫଟୋରେ ସ୍ୱାମୀ ରହିଥାନ୍ତି ! ଆନନ୍ଦବିଭୋର ହୋଇ ସେମାନେ ସେହି ତିନୋଟି ଫଟୋକୁ ତନ୍ନତନ୍ନ କରି ଦେଖୁଥାନ୍ତି । ସେ ଭିତରେ ଆହୁରି ଏକ ଆଶ୍ଚର୍ଯ୍ୟ କଥା ସେମାନେ ଲକ୍ଷ୍ୟ କଲେ । ସେମାନେ ଦେଖିଲେ, ସେ ସବୁ ଫଟୋରେ ସ୍ୱାମୀଙ୍କର ଭିନ୍ନ ଭିନ୍ନ ରଙ୍ଗର ବସ୍ତ୍ର ପରିହିତ ପାଞ୍ଚୋଟି ଛବି ରହିଛି । ପ୍ରଥମ ଛବିଟି ଏକ ଆଲୋକ ରଶ୍ମୀ ଭଳି ଦିଶୁଛି, ପରବର୍ତ୍ତୀ ଛବି ଗୁଡ଼ିକ ଧୀରେଧୀରେ ସ୍ପଷ୍ଟ ହୋଇ ଶେଷଛବି ଖୁବ୍ ସ୍ପଷ୍ଟ ଦିଶୁଛି ।

ସ୍ୱାମୀ ପର୍ତ୍ତିରେ ପାଞ୍ଚଥର କହିଥିଲେ, "ନିଶ୍ଚୟ ଆସିବି" ଏବଂ ଏଠାରେ ଉଠିଥିବା ଫଟୋରେ ସ୍ୱାମୀଙ୍କର ପାଞ୍ଚୋଟି ଛବି ଦେଖି ଶିକ୍ଷାୟତନର ସମସ୍ତ ଛାତ୍ର ଓ କର୍ମଚାରୀ ବିସ୍ମୟାଭିଭୂତ ଓ ଆନନ୍ଦବିଭୋର ହୋଇ ଉଠିଥାନ୍ତି । ସ୍ୱାମୀ ୧୯୯୩ ଫେବୃୟାରୀ ୮ ତାରିଖ ଦିନ ନିଶ୍ଚୟ ଆସିବେ ବୋଲି ସେମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥବଲେ, ତାହା ସେ ଏହି ଫଟୋ ମାଧ୍ୟମରେ ଆତ୍ମପ୍ରକାଶ କରି ପୂରଣ କରିଛନ୍ତି । ସମସ୍ତେ ଭକ୍ତିପୂର୍ବକ ସ୍ୱାମୀଙ୍କୁ ସେମାନଙ୍କର କୃତଜ୍ଞତା ପ୍ରକାଶ କଲେ ।

✍

ମୁଁ ପୁଟ୍ଟପର୍ତ୍ତିରୁ ଫେରିଥାଏ, ଶଙ୍କର ମୋତେ ଏହି ଘଟଣାଟି କହିଲା । ୧୯୯୭ ମସିହା ନଭେମ୍ବର ୨୩, ସ୍ୱାମୀଙ୍କ ଜନ୍ମ ଦିନ ସକାଳେ ଶଙ୍କର ଟେଲିଫୋନ୍‌ର ଘଣ୍ଟି ଶୁଣିବାକୁ ପାଇଲା । ଟେଲିଫୋନ୍ ଆସିଥାଏ ଶ୍ରୀମତୀ ଲଳିତା କ୍ରିଷ୍ଣମୂର୍ତ୍ତିଙ୍କଠାରୁ । ସେ ମହୀଶୂର ସେବା ସମିତିର ଜଣେ ସଭ୍ୟା ଏବଂ ସ୍ୱାମୀଙ୍କର ଅନ୍ତରଙ୍ଗ ଭକ୍ତ । ପୂର୍ବଦିନ ସେ ଦୁଃଖ କରୁଥାନ୍ତି ଯେ କୌଣସି ଅନିବାର୍ଯ୍ୟ ପରିସ୍ଥିତି ହେତୁ ସେ ପୁଟ୍ଟପର୍ତ୍ତି ଯାଇ ସ୍ୱାମୀଙ୍କ ଜନ୍ମୋତ୍ସବରେ ଯୋଗ ଦେଇ ପାରିଲେ ନାହିଁ । ତେଇଶ ତାରିଖ ପ୍ରତ୍ୟୁଷରେ ସ୍ୱାମୀ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, "କାହିଁକି କାନ୍ଦୁଛ ? ଦଶଟା ବେଳ୍‌କୁ ଘରକୁ ଯାଅ ।" ସେ ପଚାରିଲେ, "ସ୍ୱାମୀ କାହା ଘରକୁ ?" ସ୍ୱାମୀ ଉତ୍ତର ଦେଲେ, "କନ୍ନମ୍ମା ଘରକୁ" ତେଣୁ ସେ ଦିନ ଆମ ଘରକୁ ଆସି ପାରିବେ କି ବୋଲି ଜାଣିବା ପାଇଁ ଆମକୁ ଫୋନ୍ କରିଥିଲେ । ଶଙ୍କର ତାଙ୍କୁ ସେ ମନ ଆନନ୍ଦରେ ଆସି ପାରନ୍ତି ବୋଲି କହିଲା ।

ଘରେ ପୂଜାର ପ୍ରସ୍ତୁତି ଚାଲିଥାଏ, ଲଳିତମ୍ମା ପ୍ରବେଶ କଲେ । ସେ ନିଜେ ଆଣିଥିବା ଫୁଲ ଦେଇ ସ୍ୱାମୀଙ୍କ ଚିତ୍ରପଟକୁ ସଜେଇଲେ ଏବଂ ମଝିରେ ଗୋଟିଏ ଫୁଲ ରଖିଲେ । ଘଣ୍ଟାରେ ଠିକ୍ ଦଶଟା ବାଜିଛି, ଫଟୋରୁ ବଡ଼ ଫୁଲଟି ଖସିଗଲା । ସ୍ୱାମୀ ଲଳିତମ୍ମାଙ୍କୁ ଦେଇଥିବା କଥା ଅନୁସାରେ ସେ ଯେ ଠିକ୍ ଦଶଟାରେ ଆସି ପହଞ୍ଚି ଯାଇଛନ୍ତି, ଏହା ତାହାର ସୂଚନା ଦେଇଥାଏ । ସ୍ୱାମୀଙ୍କର ଏଭଳି ଅଦୃଶ୍ୟ ଉପସ୍ଥିତି ଓ ଆଶୀର୍ବାଦ ପାଇଁ ଆମେ ସମସ୍ତେ ଖୁବ୍ ଆନନ୍ଦିତ ହେଲୁ । ଆମେ କୃତଜ୍ଞତାର ସହ ମନ ଆନନ୍ଦରେ ସ୍ୱାମୀଙ୍କର ଆରତୀ କଲୁ ।

ସେଇ ଦିନ ରାତିରେ ଆଉ ଏକ ଅପୂର୍ବ ଘଟଣା ଘଟିଲା । ଶୋଇବାକୁ ଯିବା ପୂର୍ବରୁ ରାତି ଦଶଟାରେ ଶଙ୍କର ପୂଜାଘରର ଦୁଆର ଖୋଲି ଭିତରକୁ ଗଲା, ସ୍ୱାମୀ ସେଦିନ ଆମ ଘରକୁ ଆସିଥିବାରୁ ତାଙ୍କୁ ତା'ର କୃଜ୍ଞତା ଜଣାଇବା ପାଇଁ । ଇତି ମଧ୍ୟରେ ଆଉ ଗୋଟିଏ ଫୁଲ ମଧ୍ୟ ଫଟୋରୁ ଖସିଥାଏ । ସ୍ୱାମୀ ହୁଏତ ଆମକୁ ଜଣାଇବାକୁ ଚାହୁଁଥିଲେ, "ମୁଁ ସକାଳ ଦଶଟାରେ ଆସିବି ବା ରାତି ଦଶଟାରେ ଆସିବି ଲଳିତାକୁ କହି ନାହିଁ । ସେ ଯାହାହେଉ ନା କାହିଁକି, ମୁଁ ଦୁଇଟିଯାକ ସମୟରେ ଆସିଛି ।"

ଷଡ଼୍‌ବିଂଶ ଅଧ୍ୟାୟ

ଇଣ୍ଟରଭ୍ୟୁ ନୁହେଁ ଇନ୍‌ର ଭ୍ୟୁ

(ଅନ୍ତରାଳାପ ନୁହଁ, ଅନ୍ତରଦର୍ଶନ)

ଯେଉଁ ମସ୍ତିଷ୍କ ମଧ୍ୟରେ ବିବିଧ ମତବାଦ ତଥା
ସଂଶୟର ସଙ୍ଘର୍ଷ ହୋଇଥାଏ, ପ୍ରାର୍ଥନାର ସ୍ଫୁରଣ ସେହି
ମସ୍ତିଷ୍କମଧ୍ୟରୁ ନହୋଇ ହୃଦୟରୁ ହେବା ଆବଶ୍ୟକ ।
– ଶ୍ରୀ ସତ୍ୟସାଇ ବାବା

ଆଜିକାଲି ସ୍ୱାମୀଙ୍କଠାରୁ ଏକ ଇଣ୍ଟରଭ୍ୟୁ ପାଇବା ଯେ କେତେ ଦୁର୍ଲ୍ଲଭ ତାହା ଭକ୍ତମାନେ ଜାଣନ୍ତି । ଏହି ସୁଯୋଗ ପାଇଁ ଲୋକେ ସପ୍ତାହ ସପ୍ତାହ, ମାସ ମାସ ଧରି ଅପେକ୍ଷା କରନ୍ତି, କିନ୍ତୁ ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ତାହା ମିଳିଥାଏ । କିନ୍ତୁ ଚାଳିଶ ଓ ପଚାଶ ଦଶକରେ ପରିସ୍ଥିତି ଭିନ୍ନ ଥିଲା । ସ୍ୱାମୀଙ୍କ ସହ ସଂଳାପ କେବଳ ମୁଷ୍ଟିମେୟ ଲୋକଙ୍କ ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସୀମିତ ନଥିଲା । ସେଭଳି ସଂଳାପକୁ ଅନ୍ତରାଳାପ ନ କହି ଖୋଲାଖୋଲି କଥାବାର୍ତ୍ତା କହିବା ଉଚିତ୍ ହେବ ।

ସେ ସମୟରେ ସାଧାରଣରେ ଆଶ୍ରମରେ ରହୁଥିବା ଭକ୍ତଙ୍କ ସଂଖ୍ୟା ତିରିଶ ବା ଚାଳିଶରୁ ଅଧିକ ହେଉନଥାଏ । ସ୍ୱାମୀ ଅଧିକାଂଶ ସମୟ କେବେ ରନ୍ଧନଶାଳାରେ ତ କେବେ ଚିତ୍ରାବତୀ ବାଲିରେ, କେବେ କଳ୍ପତରୁର ଆଖପାଖରେ ତ କେବେ କେଉଁ ପାହାଡ଼ ପାଖରେ କିମ୍ବା ଭଜନ କକ୍ଷ ମଧ୍ୟରେ ଭକ୍ତମାନଙ୍କ ଗହଣରେ ରହୁଥାନ୍ତି । ସ୍ୱାମୀଙ୍କ ସଂଳାପ ବେଶ୍ ଅନୌପଚାରିକ ରହୁଥାଏ ଏବଂ ତାହା ମଧ୍ୟ ବିଭିନ୍ନ ବିଷୟରେ ହେଉଥାଏ । ଘରୋଇ ସମସ୍ୟା, ବ୍ୟକ୍ତିଗତ ସମସ୍ୟା, ଦାର୍ଶନିକ ତତ୍ତ୍ୱ, ସାଧକଙ୍କୁ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଏସବୁ ଆଲୋଚନା ମଧ୍ୟରେ ରହୁଥାଏ ।

କାଳକ୍ରମେ ଭକ୍ତମାନେ ହଜାର ନୁହଁ, ଲକ୍ଷ ସଂଖ୍ୟାରେ ବଢ଼ିବାକୁ ଲାଗିଲେ । ତେଣୁ ବ୍ୟକ୍ତିଗତ ସଂଳାପର ଅବକାଶ କମ୍ ହୋଇ ଆସିଲା । ଆଜିକାଲି ଇଣ୍ଟରଭ୍ୟୁ ଦିଆଗଲେ ମଧ୍ୟ ତାହା କୌଣସି ବ୍ୟକ୍ତି ବିଶେଷକୁ ଦିଆନଯାଇ ଗୋଟିଏ ଗୋଟିଏ ଗୋଷ୍ଠୀକୁ ଦିଆଯାଉଛି । ସ୍ୱାମୀ ଆମକୁ ଥରେ କହିଛନ୍ତି, ଦିନ ଆସିବ, ଏହା ମଧ୍ୟ ବନ୍ଦ ହୋଇଯିବ, ଯେତେବେଳେ ସ୍ୱାମୀଙ୍କ ଦିବ୍ୟ ସମ୍ଭାଷଣ ହିଁ ହେବ, ଏକ ମାତ୍ର ଇଣ୍ଟରଭ୍ୟୁ ମୁଁ ଯେତେବେଳେ ଲକ୍ଷ୍ୟ କରେ ଯେ ଏକ ସମୟରେ ଆମେ ସ୍ୱାମୀଙ୍କଠାରୁ ଯାହା ଏକ

ଅନ୍ତରଙ୍ଗ ତଥା ବ୍ୟକ୍ତିଗତ ସ୍ତରରେ ଶୁଣିଥିଲୁ, ତାହା ଆଜି କାଗଜରେ ମୁଦ୍ରିତ ହୋଇ ପ୍ରକାଶ ପାଉଛି, ତାହାମୋତେ ଖୁବ୍ ଆନନ୍ଦ ଦିଏ ।

୧୯୪୬ ରୁ ୧୯୭୬ ମଧ୍ୟରେ ମୁଁ ମୋ ଟିପାଖାତାରେ ଯାହା ଟିପିରଖିଥିଲି ତାହା କାଳାନୁକ୍ରମିକ ଭାବେ ଏଠାରେ ଉଲ୍ଲେଖ କରୁଛି ଠିକ୍ କେଉଁ ତାରିଖରେ ମୁଁ କ'ଣ ଶୁଣିଥିଲି ତାହାମୋ ଟିପା ଖାତାରେ ମୁଁ ଟିପି ନାହିଁ ଏସବୁ ଯେ ଦିନେ ମୁଁ ଛାପିବି, ସେ ଚିନ୍ତା ସେତେବେଳେ ମୋ ମନକୁ ଆସି ନଥାଏ । ଏକଥା ମୁଁ କହିପାରିବି ନାହିଁ ଯେ ମୁଁ ଓ ଅନ୍ୟମାନେ ବିଭିନ୍ନ ସମୟରେ ଯେଉଁ ସବୁ ପ୍ରଶ୍ନ ପଚାରିଥିଲୁ ସେସବୁ ଖୁବ୍ ତାତ୍ତ୍ୱିକ ଥିଲା କିନ୍ତୁ ସ୍ୱାମୀଙ୍କ ଉତ୍ତରଗୁଡ଼ିକ ନିଶ୍ଚିତ ଭାବେ ଭାବୋଦ୍ଦୀପକ । ସେଗୁଡ଼ିକ ତାଙ୍କର ସ୍ୱାକ୍ଷର ବା ଈଶ୍ୱରଙ୍କ ଆଲେଖ୍ୟ ବହନ କରୁଥିଲା । ଆଜି ମଧ୍ୟ ତାଙ୍କର କେତେକ ଉତ୍ତରର ସଠିକ୍ ଅର୍ଥ ମୋର ବୋଧଶକ୍ତିର ବାହାରେ ମନେ ହୁଏ । ତେଣୁ ସେ ଯାହା ଯେତେବେଳେ କହିଥିଲେ, ସେଥିରୁ ଗୋଟିଏ ଧାଡ଼ି ମଧ୍ୟ ମୁଁ କେଉଁଠାରେ ବାଦ୍ ଦେଇ ନାହିଁ, ତାହା ସ୍ୱାମୀଙ୍କ ମୁଖନିଃସୃତ ପରମ ସତ୍ୟ ।

ଦିନକୁ ଦିନ ଭକ୍ତମାନଙ୍କ ସଂଖ୍ୟା ବଢ଼ି ଲକ୍ଷରେ ପହଞ୍ଚିଲା । ନିମ୍ନରେ ଦିଆଯାଇଥିବା ସଂଳାପ ୧୯୪୬ ରୁ ୧୯୫୦ ମଧ୍ୟରେ ହୋଇଥିଲା ।

✍

ମୋର ମା ଓ ଭଉଣୀ ଡିସେମ୍ବର ୧୯୪୬ରେ ପୁଟ୍ଟପର୍ତ୍ତି ଯାଇ ସେଠାରେ ତିନିମାସ ଆନନ୍ଦରେ ବିତେଇଥାନ୍ତି । ପରେ ମେ ୧୯୪୮ରେ ଆମେ ସମସ୍ତେ ପୁଟ୍ଟପର୍ତ୍ତି ଯାଇ ସେଠାରେ ମାସେ କାଳ ରହିଥିଲୁ । ସେ ଥର ଆମେ ସନ୍ଧ୍ୟା ୬ଟାରେ ଯାଇ ପୁରୁଣା ମନ୍ଦିରରେ ପହଞ୍ଚିଲୁ । ସ୍ୱାମୀ ଯେତେବେଳେ ବାହାରକୁ ଆସିଲେ, ଆମେ ତାଙ୍କୁ ପୁଷ୍ପମାଲ୍ୟ ଓ ଫଳ ଦେଇ ପାଦନମସ୍କାର କଲୁ । ସେ ଆମକୁ କୁଶଳ ପ୍ରଶ୍ନ କଲେ । ସେହି ସମୟରେ ଦିନେ ସବୁ ଭକ୍ତ ସେଡ୍ ଭିତରେ ବସିଥାନ୍ତି, ସ୍ୱାମୀ ପାନପତ୍ର ଚୋବେଇ ଭିତତରକୁ ଆସିଲେ ଏବଂ ଗୋଟିଏ ଟ୍ରଙ୍କ ଉପରେ ବସିଲେ । ତା' ପରେ ସ୍ୱାମୀଙ୍କ ସହ ସଂଳାପ ଆରମ୍ଭ ହେଲା ।

ଭକ୍ତ ସ୍ୱାମୀ, କାଳାନୁମୋଦିତ ବ୍ରତ ବା ସାଧନା କରିବା ଆମ ପାଇଁ କଷ୍ଟକର । ଆମ ଭଳି ଲୋକଙ୍କ ଭାଗ୍ୟରେ କ'ଣ ଅଛି ?

ସ୍ୱାମୀ କଳି ଯୁଗରେ ଲୋକେ କେବଳ ଅନ୍ନରୁ ପୁଷ୍ଟି ପାଇଥାନ୍ତି, ତେଣୁ ସେମାନେ ଶାରୀରିକ ଦୃଷ୍ଟିରୁ ଦୁର୍ବଳ । ଏଥିପାଇଁ ଈଶ୍ୱର ସେମାନଙ୍କୁ ସ୍ମରଣ ଓ ମନନର ସହଜ ମାର୍ଗ ଦର୍ଶେଇଛନ୍ତି । ରାତିରେ ଶୋଇବା ପୂର୍ବରୁ ଅନ୍ତରଭରି ପ୍ରାର୍ଥନା କର, "ହେ ପ୍ରଭୁ! ସକାଳୁ ଏ ଯାଏଁ ମୁଁ କରିଥିବା ସମସ୍ତ କର୍ମ ଠିକ୍ କି ଭୁଲ, ମୁଁ ଜାଣେନା । ମୁଁ ସେ ସମସ୍ତ କର୍ମ ତୁମକୁ ଅର୍ପଣ କରୁଛି । ମୁଁ ଆସନ୍ତା କାଲି ସକାଳେ ଜୀବିତ ଥିବି କି ନାହିଁ

ଜାଣେନା । ମୋତେ କୃପାକର, ମୋ ପ୍ରଣାମ ଗ୍ରହଣ କର ।" ଏଭଳି ପ୍ରାର୍ଥନା କରି ଶୟନ କର । ସକାଳେ ଉଠିବା ପରେ ପ୍ରାର୍ଥନା କର, "ହେ ପ୍ରଭୁ ! ତୁମରି କୃପା ବଳରେ ମୁଁ ଅଦ୍ୟାପି ଜୀବିତ ଅଛି । ଆଜି ରାତି ଯାଏ ମୁଁ ଯେ କି କି କାମ କରିବି ଜାଣେନା । ମୁଁ ଯେଭଳି କୌଣସି ପାପକର୍ମରେ ଲିପ୍ତ ନ ହୁଏ, ସେଥିପାଇଁ ମୋତେ ସୁଜ୍ଞାନ ଦିଅ । ଭକ୍ତିର ସହ ଏଭଳି ପ୍ରାର୍ଥନା କର । ପ୍ରତିଦିନ ତୁମେ ଏହା କରିପାରିଲେ ସେତିକି ଯଥେଷ୍ଟ ।

✍

ଆଉ ଦିନେ, ସାନ୍ଧ୍ୟ ଭଜନ ପରେ ଆମେ ସବୁ ମନ୍ଦିର ବାହାରେ ବିଶ୍ରାମ ନେଉଥାଉ । ସ୍ୱାମୀ ସେଠାକୁ ଆସି ଆମ ସଙ୍ଗେ ବସିଲେ ଓ ଗୋଟିଏ ଘଟଣା କହିଲେ । ଜଣେ ଯୋଗୀ ହିମାଳୟ ପାଦ ଦେଶରେ ତପସ୍ୟା କରୁଥାନ୍ତି । ତାଙ୍କର ଅନେକ ଶିଷ୍ୟ ଥାନ୍ତି । ଦିନେ ଧ୍ୟାନସ୍ଥ ଥିବା ଅବସ୍ଥାରେ ଭଗବାନ ବିଷ୍ଣୁ ତାଙ୍କ ସମ୍ମୁଖରେ ଶଙ୍ଖ, ଚକ୍ର,ଗଦା, ପଦ୍ମ ଧାରଣ କରି ଆବିର୍ଭୂତ ହେଲେ ଏବଂ କହିଲେ, "ମୁଁ ବର୍ତ୍ତମାନ ଦକ୍ଷିଣ ଭାରତରେ ରହୁଛି, ମୋତେ ଆସି ଦର୍ଶନ କର ।" ସେହି ଯୋଗୀ ଦକ୍ଷିଣର ଅନେକ ସ୍ଥାନକୁ ଯିବାପରେ ବାଙ୍ଗାଲୋରରେ ଆସି ପହଞ୍ଚିଲେ । ବାଙ୍ଗାଲୋର ସହରର ଏକ ରାସ୍ତାଦେଇ ଯିବା ସମୟରେ ସେ ଗୋଟିଏ ଘରପାଖରେ ଅନେକ ଲୋକଙ୍କୁ ଦେଖିଲେ । ସେତିକିବେଳେ ସେ ମୋତେ ପାହାଚ ଦେଇ ଓହ୍ଲାଉଥିବା ଲକ୍ଷ୍ୟକଲେ । ଅକସ୍ମାତ ତାଙ୍କର ହୃଦ୍‌ବୋଧ ହେଲା ଯେ ସେ ସେଦିନ ମୋତେ ହିଁ ସ୍ୱପ୍ନରେ ଦେଖିଥାନ୍ତି । ସେ ମୋ ପାଖକୁ ଧାଇଁ ଆସି ମୋତେ ଆଲିଙ୍ଗନ କଲେ ସେ ଅନ୍ତରର କୋହକୁ ରୋକି ନ' ପାରି କାନ୍ଦୁଥାନ୍ତି। ସେ ଦଣ୍ଡେ ମଧ୍ୟ ମୋତେ ଛାଡ଼ି ରହିପାରିବେନି କହି ତାଙ୍କୁ ମୋରି ପାଖରେ ରଖିବାକୁ ମୋତେ ପ୍ରାର୍ଥନା କଲେ । ମୁଁ ତାଙ୍କୁ କହିଲି ଯେ ସେ ତାଙ୍କର ଶିଷ୍ୟମାନଙ୍କୁ ଏଭଳି ମଝି ଦରିଆରେ ଛାଡ଼ିଦେଲେ ସେମାନେ ଅନାଥ ହୋଇଯିବେ । ତେଣୁ ସେ ତାଙ୍କ ଆଶ୍ରମକୁ ଫେରି ଯା'ନ୍ତୁ । ମୁଁ ତାଙ୍କୁ ସେଠାରେ ଆଉ କିଛି ଦିନ ରହିବାକୁ କହି ପରେ ତାଙ୍କୁ ଡାକିବି ବୋଲି କହିଲି । ଏଇ ଘଟଣାର ମହତ୍ତ୍ୱ ସେଠାରେ ଥିବା କୌଣସି ଭକ୍ତ ବୁଝି ପାରୁନ'ଥାନ୍ତି । ମୋତେ ପରେ ସେମାନଙ୍କୁ ସବୁ କଥା ବୁଝେଇ ବାକୁପଡ଼ିଲା ।"

ସ୍ୱାମୀ : କଂସ ଯେତେବେଳେ ଜାଣି ପାରିଲା ଯେ କୃଷ୍ଣଙ୍କ ହାତରେ ତା'ର ଅନ୍ତ ହେବ, ସେତେବେଳେ ସେ କୃଷ୍ଣଙ୍କୁ ତା' ପଥରୁ ହଟେଇବାକୁ ସବୁ ପ୍ରକାର ଚେଷ୍ଟା କଲା । କୃଷ୍ଣଙ୍କ ପ୍ରତି ଭୟ ଓ ବିଦ୍ୱେଷ ସବୁବେଳେ ତା' ମନରେ ରହିଥାଏ । ରାଧାଙ୍କ ମନରେ ମଧ୍ୟ କୃଷ୍ଣ ଚିନ୍ତନ ବ୍ୟତୀତ ଅନ୍ୟ କୌଣସି ଭାବନା ନଥାଏ । ତେବେ ତାର କାରଣ ଭିନ୍ନ ଥାଏ-ପ୍ରଭୁଙ୍କ ପ୍ରତି ଉଚ୍ଛ୍ୱସିତ ପ୍ରେମ । ରାଧାର ଭଉଣୀ ଚନ୍ଦ୍ରବଲ୍ଲୀ

ସବୁବେଳେ କୃଷ୍ଣଙ୍କୁ ଘୃଣା କରୁଥାଏ । ଏ ତିନିହେଁ ମୁକ୍ତି ପାଇଲେ । ଏମାନଙ୍କ ମଧ୍ୟରେ ଗୋଟିଏ ବିଷୟ ସମାନ ଭାବେ ଥାଏ- ତାହା ଈଶ୍ୱରଙ୍କ ନିତ୍ୟ ଅନୁଚିନ୍ତନ ।

ତେବେ ଏ ଦୁଇଟି ପଦ୍ଧତିରେ ଏକ ବିଶେଷ ପାର୍ଥକ୍ୟ ରହିଛି । ମନରେ ବିଦ୍ୱେଷଭାବ ନେଇ ମୁକ୍ତି ପାଇବା ଭଗବାନଙ୍କୁ ଦଉଡ଼ି ଦେଇ ଟାଣିବା ଭଳି । ଭଗବାନଙ୍କୁ ପ୍ରେମରେ ମନେ ପକାଇବା ପ୍ରଭୁଙ୍କ ପାଦରେ ଏକ ମୁଲାୟମ୍ ପାଟଧଡ଼ି ବାନ୍ଧି ତାଙ୍କୁ ନିଜ ଆଡ଼କୁ ଟାଣିବା ଭଳି । ଅସଲ କଥା ହେଲା, ତାଙ୍କୁ ନିରନ୍ତର ମନେ ପକାଇବା ।

ଜଣେ ପାପୀ ହଉ ବା ପୁଣ୍ୟାତ୍ମା ହେଉ, ମୋ ପାଖକୁ ଯେଉଁମାନେ ଆସନ୍ତି, ମୁଁ କାହାକୁ ହତାଦର କରେ ନାହିଁ ବା ଫେରିବାକୁ କହେ ନାହିଁ । ମୋତେ ଘୃଣା କରନ୍ତୁ ବା ଭଲ ପାନ୍ତୁ, ମୁଁ ସମସ୍ତଙ୍କୁ ସ୍ୱାଗତ କରେ । ତୁମେ ମୋତେ ସ୍ମରଣ କଲେ ଯଥେଷ୍ଟ । ଅନାଚାର ଚାରିଆଡ଼େ ବ୍ୟାପୀଗଲେ ସୀମିତ କ୍ଷମତା ଥିବା ତଳିଆ କର୍ମଚାରୀ ନା ତାର ପ୍ରତିରୋଧ କରିପାରିବ ନା ଅବସାନ କରି ପାରିବ । ତେଣୁ ସେଭଳି ପରିସ୍ଥିତିରେ (ନିଜକୁ ଦେଖାଇ) ମେଜର୍ ଜେନେରାଲଙ୍କୁ ତାଙ୍କ କ୍ଷମତା ଜାହିର୍ କରିବା ପାଇଁ ଆସିବାକୁ ହୋଇଥାଏ ।

✍

ମନ୍ଦିରର ଫଟୋଗୁଡ଼ିକ ଉପରେ ବହୁତ ଧୂଳି ଜମି ଯାଇଥାଏ । ଦିନେ ସ୍ୱାମୀ ସେଗୁଡ଼ିକୁ ସଫାକରିବାକୁ ଆମକୁ କହିଲେ ଓ ଆମ ଗହଣରେ ବସି ଆମକୁ ଗୋଟିଏ ଛୋଟ କାହାଣୀ କହିଲେ ।

ଜଣେ ଗରିବ ଲୋକ ଜଙ୍ଗଲରେ ଶୁଖିଲା କାଠି-କୁଟା ଓ ଗୋବର ଗୋଟଉଥାଏ । କୁଟୁମ୍ବ ପୋଷିବାକୁ ଲୋକଟି ଏତେ ପରିଶ୍ରମ କରୁଥିବା ଦେଖି ଜଣେ ସନ୍ନ୍ୟାସୀ ମନେ ମନେ ଭାବୁଥାଏ, "ଧିକ୍‌ରେ ସଂସାରୀ, ଧନ୍ୟରେ ସନ୍ନ୍ୟାସୀ" । ସେଦିନ ସନ୍ଧ୍ୟାରେ ବର୍ଷା ହେଲା । ସନ୍ନ୍ୟାସୀକୁ ଭୋକ ଲାଗିଲା । ସେ ଭିକ୍ଷା କରିବାକୁ ସହରକୁ ଆସିଲା । ଗରିବ ସଂସାରୀ ସେତେବେଳକୁ ଘରକୁ ଫେରି ଆସିଥାଏ ଓ ଗରମ ପାଣିରେ ଗାଧୋଇ ଲୁଗା ପାଲଟି, ତା'ର ସ୍ତ୍ରୀ ପରଷିଥିବା ଗରମଭାତ ଖାଇ ଦାଣ୍ଡରେ ବସି ପାନ ଚୋବଉଥାଏ । ଯେତେବେଳେ ସେଇ ସନ୍ନ୍ୟାସୀ ବର୍ଷାରେ ଭିଜି ଭିଜି, ଥଣ୍ଡାରେ ଥୁରୁଥୁରୁ ହୋଇ ଭିକ୍ଷା ପାଇଁ ଏ ଦୁଆରରୁ ସେ ଦୁଆର ହେଉଥିବା ସଂସାରୀର ନଜରରେ ପଡ଼ିଲା, ସଂସାରୀ ମନେମନେ ଭାବିଲା, "ଧନ୍ୟରେ ସଂସାରୀ, ଧିକ୍‌ରେ ସନ୍ନ୍ୟାସୀ" ।

କନ୍ନମ୍ମା : ସ୍ୱାମୀ, ଆମକୁ ଏମିତି ଛୋଟଛୋଟ ହାଲୁକା ଗପ ନ' କହି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ କହନ୍ତୁ ।

ସ୍ୱାମୀ   କିଛି ସମୟପାଇଁ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ପ୍ରସଙ୍ଗକୁ ଏଡ଼େଇ ରଖ । ଏଇ କାହାଣୀଗୁଡ଼ିକ ମଧ୍ୟ ସମାନଭାବେ ଗୁରୁତ୍ୱପୂର୍ଣ୍ଣ ।

ରାଧା : ସ୍ୱାମୀ ଆପଣ ଆଗଭଳି ବେଶୀ ବେଶୀ ବାହାରକୁ ଆସୁ ନାହାନ୍ତି । ଆଗ ଭଳି ବେଶୀ କଥା କହୁନାହାନ୍ତି । ତାହା ଦେଖି ଆମ ମନ କଷ୍ଟ ହେଉଛି ।

ସ୍ୱାମୀ : କାହିଁକି ମନ କଷ୍ଟ କରୁଛ ? ମୁଁ ଖାଲି ତୁମ ସଙ୍ଗେ କଥା ହେଲେ, ଅନ୍ୟ ଭକ୍ତମାନେ ଅଭିଯୋଗ କରିବେ ଯେ ମୁଁ ସେମାନଙ୍କ ସଙ୍ଗେ କଥା ହଉନାହିଁ । ମୋତେ ସମସ୍ତଙ୍କୁ ଖୁସି କରିବାକୁ ହେବ, ସନ୍ତୋଷ ଦେବାକୁ ହେବ ।

ରାଧା : ସ୍ୱାମୀ, ଆପଣ ଆମ ସଙ୍ଗେ କଥା ହେବା ଅନେକ ଦିନ ହେଇଗଲାଣି ।

ସ୍ୱାମୀ : ଥରେ ଜଣେ ବେଶୀ ମିଠା ଖାଇଦେଲେ, ତାକୁ ଆଉ ସାଧା ଖାଇବାକୁ ଭଲ ଲାଗେନା । ଥରକରେ ତୁମେ ସବୁ ପାଇଗଲେ, ଆଉ ପୁଚ୍ଛପର୍ଚ୍ଛି ଆସିବ ନାହିଁ । ତେଣୁ ମୁଁ ମୋ ଦର୍ଶନ, ସ୍ପର୍ଶନ, ସମ୍ଭାଷଣ କିସ୍ତିରେ କିସ୍ତିରେ ଦେଉଛି । ମୁଁ ଦାନାଏ ଦାନାଏ ଲଡୁ ତୁମ ପାଟିରେ ଦେଉଛି । ଥରେ ତା'ର ସୁଆଦ ପାଇଲେ, ତୁମେ ବାରମ୍ବାର ପୁଚ୍ଛପର୍ଚ୍ଛି ଆସିବ ।

ରାମମୂର୍ତ୍ତି   ସ୍ୱାମୀ, ମୁଁ ରେଳବାଇରେ ଜଣେ ଅସ୍ଥାୟୀ କର୍ମଚାରୀଭାବେ କାର୍ଯ୍ୟ କରୁଛି । ସେମାନଙ୍କର କର୍ମଚାରୀ ସଂଖ୍ୟା ଅତ୍ୟଧିକ ହୋଇଯାଇଥିବାରୁ କାଳେ ମୋ ଚାକିରୀ ଚାଲିଯିବ ବୋଲି ମୋ ମନ ବ୍ୟସ୍ତ ହେଉଛି । ମୋ ଚାକିରୀ ରହୁ ବୋଲି ମୁଁ ସ୍ୱାମୀଙ୍କୁ ପ୍ରାର୍ଥନା କରୁଛି ।

ସ୍ୱାମୀ   (ଆକାଶରେ ଚନ୍ଦ୍ରକୁ ଚାହିଁ) ଭୟ କରନା, ସାହସ ରଖ । ତୁମେ ଯେହେତୁ ସ୍ୱାମୀଙ୍କ ଭକ୍ତ ତୁମ ଚାକିରୀ ଯିବ ନାହିଁ । ତୁମ ଚାକିରୀ ମଧ୍ୟ ସ୍ଥାୟୀ ହେବ । ମୁଁ ଦେବାଧିଦେବ । ମୋ କଥା କେବେ ଭୁଲ ହୁଏ ନାହିଁ । ତେଣୁ ଭୟ କର ନାହିଁ । (ସ୍ୱାମୀଙ୍କ ପ୍ରତିଶ୍ରୁତିମତେ ମୋ ସ୍ୱାମୀଙ୍କ ଚାକିରୀ ସ୍ଥାୟୀ ହେଲା)

ଅନେକ କଷ୍ଟ ଭୋଗିବାକୁ ହେଉଛି ବୋଲି ବିଳାପ କର ନାହିଁ । ଯେତିକି ଯେତିକି କଷ୍ଟ ଭୋଗିବ, ସେତିକି ସେତିକି କର୍ମ କ୍ଷୟ ହେବ । ଜଣେ ଯେତେବେଳେ ନାନାବିଧ ସମସ୍ୟା ଓ ଦୁଃଖକଷ୍ଟର ସମ୍ମୁଖୀନ ହୁଏ, ସେତେବେଳେ ସେ ଜାଣିବା ଦରକାର ଯେ ଅତି ଶୀଘ୍ର ତା'ର ଖୁବ୍ ଭଲଦିନ ଆସୁଛି । ସ୍ୱାମୀ ଏଠାରେ ଶ୍ରୀ ତିରୁମଲ ରାଓ ଓ ଶ୍ରୀ କୁରୁପ୍‌ଙ୍କ ଜୀବନର କେତୋଟି ଘଟଣା କହିଲେ ।

ତେଣୁ ଦୁର୍ଯୋଗ ପଡ଼ିଲେ ଦୁଃଖରେ ଭାଙ୍ଗି ପଡ଼ନାହିଁ ବା ବ୍ୟସ୍ତ ହୁଅ ନାହିଁ, ବରଂ ତାହାକୁ ସ୍ୱାଗତ ଜଣାଅ । ସବୁଦିନ ଖରାଦିନ ନୁହଁ କି ସବୁଦିନ ଶୀତଦିନ ନୁହଁ । ଦୁର୍ଭାଗ୍ୟ ପରେ ସୌଭାଗ୍ୟ ଆସେ, ସୌଭାଗ୍ୟ ପରେ ଦୁର୍ଭାଗ୍ୟ ଆସେ । ଏହାକୁ ସୂଚେଇବାକୁ ଭଗବାନ ମାସର ପନ୍ଦର ଦିନ କୃଷ୍ଣପକ୍ଷ ଓ ପନ୍ଦରଦିନ ଶୁକ୍ଳପକ୍ଷ ରଖି ଚନ୍ଦ୍ରର

ଶୀତଳ ଜୋଛନା ଚାରିଦିଗରେ ବିଛେଇ ଦେଇଛନ୍ତି । ସଂସାରରେ କିଛି ସ୍ଥାୟୀ ନୁହଁ । ସୁଖରେ ବରଂ ବ୍ୟସ୍ତ ହୁଅ କାରଣ ଦୁଃଖ ହୁଏତ ଅତି ଶୀଘ୍ର ଆସୁଛି ।

ଆଉ ଥରେ ଆମେ ସ୍ୱାମୀଙ୍କ ଆମର କେତେକ ସନ୍ଦେହ ପଚାରି ବୁଝୁଥାଉ ।

ଭକ୍ତ : ସ୍ୱାମୀ, ଆମେ ଶୁଣୁ ସେ ଯଦି ଜଣେ ଯୁଦ୍ଧରେ ମୃତ୍ୟୁବରଣ କରେ ସେ ବୀରସ୍ୱର୍ଗ ଲାଭ କରେ ।

ସ୍ୱାମୀ   ଏହା ଗୋଟିଏ କଥା ଉପରେ ନିର୍ଭର କରେ । ତୁମେ ଯଦି କେବଳ ତୁମର ଜୀବିକା ପାଇଁ ସୈନ୍ୟ ବାହିନୀରେ କାର୍ଯ୍ୟ କରୁଥାଅ, ତାହା ଭିନ୍ନ କଥା କିନ୍ତୁ ଯେଉଁମାନେ ଦେଶମାତୃକାର ସେବାରେ ନିଜ ଜୀବନକୁ ବଳି ଦେଇଥାନ୍ତି, ସେମାନେ ବୀରସ୍ୱର୍ଗ ଲାଭ କରନ୍ତି ।

ଭକ୍ତ : ସ୍ୱାମୀ, ଶ୍ରାଦ୍ଧ କରିବା କ'ଣ ଦରକାର ?

ସ୍ୱାମୀ   ତୁମେ ରାମ ନବମୀ, ଜନ୍ମାଷ୍ଟମୀ-ଏସବୁ କାହିଁକି ପାଳନ କରିଥାଅ ? ରାମ ଓ କୃଷ୍ଣଙ୍କୁ ମନେ ପକାଇବା ପାଇଁ ନୁହଁ କି ? ତେଣୁ ଆମ ହିନ୍ଦୁ ଶାସ୍ତ୍ରରେ ଶ୍ରାଦ୍ଧର ବ୍ୟବସ୍ଥା ରହିଛି । ପିତୃପୁରୁଷଙ୍କୁ ମନେ ପକେଇବା, ସେମାନଙ୍କୁ ସମ୍ମାନ ଜଣାଇବା ପାଇଁ ଆମର ସମସ୍ତ କ୍ରିୟା କର୍ମ ଓ ସଂସ୍କାର ଆମମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ପ୍ରାଧାନ୍ୟ ଦେଇଥାନ୍ତି । ଆଉ ମଧ୍ୟ ତୁମର ପୂର୍ବଜମାନେ କେତେକ ଉପଚାରକୁ ତୁମର କର୍ତ୍ତବ୍ୟ ବୋଲି ପ୍ରବର୍ତ୍ତନ କରି ଯାଇଛନ୍ତି, ଯାହାକୁ ତୁମେ ସମ୍ମାନ ଦେବା ଉଚିତ୍ ।

ସାଧାରଣରେ ବିଶ୍ୱାସ କରାଯାଏ ଯେ ଗୋଦାନ କଲେ ମୃତ୍ୟବକ୍ତି ଗାଈର ଲାଞ୍ଜକୁ ଧରି ସଂସାରର ବୈତରଣୀ ପାର ହୋଇ ପାରିବ । ଯା'କୁ କ'ଣ କେହି ଦେଖିଛି ? ସମସ୍ତ କ୍ରିୟା କର୍ମ ବିଶ୍ୱାସ ଉପରେ ଆଧାରିତ । ଏଥିରେ ଆଉ କିଛି ବିଶେଷତ୍ୱ ନାହିଁ । ଏସବୁ ମଣିଷକୁ ନାସ୍ତିକ ହେବାରୁ ମଧ୍ୟ ରୋକିଥାଏ ।

ଭକ୍ତ : ସ୍ୱାମୀ ଏହା କ'ଣ ସତ ଯେ ଛୋଟ ଛୋଟ ପିଲାଙ୍କ ମୃତ୍ୟୁପରେ ଆଉ ସେମାନଙ୍କର ପୂର୍ନଜନ୍ମ ନ'ଥାଏ ?

ସ୍ୱାମୀ   ହଁ, ତେବେ କେଉଁ ପ୍ରକାର ପିଲା ? ମୃତ ଶିଶୁର ପିତାମାତାଙ୍କର କୌଣସି ରୋଗ ନଥିବ ଏବଂ ସେମାନେ ସୁସ୍ଥ ଥିବେ । ସେଇ ଛୁଆ ମଧ୍ୟ କୌଣସି ରୋଗ ନେଇ ଜନ୍ମ ନେଇ ନଥିବ ଏବଂ ସୁସ୍ଥ ଭାବେ ଜନ୍ମ ହୋଇଥିବ । ସେଭଳି ଛୁଆ ମରିଗଲେ, ସେ ପୁଣି ଥରେ ଜନ୍ମ ହୁଏ ନାହିଁ । ପନ୍ଦର ବର୍ଷରୁ କମ୍ ପିଲା ସୁସ୍ଥ ଥିବା ଅବସ୍ଥାରେ ମୃତ୍ୟୁ ବରଣ କଲେ, ତା'ର ପୁନର୍ଜନ୍ମ ହୁଏ ନାହିଁ, କାରଣ ପନ୍ଦର ବର୍ଷ ପର୍ଯ୍ୟନ୍ତ କାମ, କ୍ରୋଧ ଆଦି ପିଲାର ମନକୁ କଳୁଷିତ କରି ନ'ଥାନ୍ତି । ଯୋଗୀମାନଙ୍କର

ଯଦି ମାତୃଗର୍ଭରେ ଥିବା ଅବସ୍ଥାରେ କିମ୍ବା ଶୈଶବରେ ଦୁଃଖ କଷ୍ଟ ମଧ୍ୟରେ କିଛି କର୍ମଶେଷ ରହିଯାଏ, ତେବେ ସେମାନେ ପୁଣିଥରେ ଜନ୍ମ ହୋଇ ସ୍ୱଳ୍ପ ସମୟ ପାଇଁ ନିଜର କର୍ମଫଳ ଭୋଗ କରି ସଂସାରରୁ ବିଦାୟ ନିଅନ୍ତି । ଏହା ହିଁ ହୁଏ ସେମାନଙ୍କର ଶେଷ ଜନ୍ମ ।

ଭକ୍ତ : ସ୍ୱାମୀ, ଆମେ ପ୍ରତିମା ପୂଜା କରିବା ଉଚିତ କାହିଁକି ?

ସ୍ୱାମୀ ମନକୁ କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ ଉପରେ ନିବିଷ୍ଟ ରଖିବା ପାଇଁ ଏହା ଦରକାର । ସାଧାରଣ ଲୋକ ଈଶ୍ୱରଙ୍କୁ ପାଇବା ପାଇଁ ସଗୁଣୋପାସନା ଏକ ସହଜ ଉପାୟ । ବାହାରର ଏକ ରୂପ ମନକୁ ଲକ୍ଷ୍ୟହୀନ ଭାବେ ଏଣେତେଣେ ଘୁରି ବୁଲିବାରୁ ନିବର୍ତ୍ତାଏ । ବିଗ୍ରହ ପୂଜା କରିବା ସମୟର ତୁମେ ସେହି ବିଗ୍ରହ ମଧ୍ୟରେ ତୁମ ଇଷ୍ଟଦେବତାଙ୍କ ସ୍ୱରୂପକୁ ଦେଖିଥାଅ । ଏହା ତୁମ ମଧ୍ୟରେ ଭାବର ଉଦ୍ରେକ କରାଏ । ତୁମର ଭାବ ହିଁ ଏକ ନିର୍ଜୀବ ମୃତ୍ତିକା ବା ପ୍ରସ୍ତରକୁ ଜୀବନ୍ତ ଈଶ୍ୱରରେ ରୂପାନ୍ତରିତ କରୁଛି । ପୂଜା କରିବା ସମୟରେ ଯେଉଁ ମୃତ୍ତିକାକୁ ନେଇ ମୂର୍ତ୍ତିଟି ହୋଇଚି ତା' ମଧ୍ୟରେ ଥିବା ଅଶୁଦ୍ଧତା ସମ୍ବନ୍ଧରେ ତୁମେ କେବେ ଭାବିଥାଅ କି ? ନା, କାରଣ ତୁମ ମନ ଥାଏ ଦେବତାଙ୍କ ସେହି ରୂପ ଉପରେ, ମୃତ୍ତିକା ଉପରେ ନୁହଁ ।

ଭକ୍ତ ସ୍ୱାମୀ, ଦୁଃଖ-ଦୁର୍ଦ୍ଦଶାରେ ପଡ଼ିବା ସମୟରେ ମୋର ଆତ୍ମହତ୍ୟା କରିବାକୁ ମନ ହୁଏ ।

ସ୍ୱାମୀ ତୁମ ମନରେ ଏଭଳି ଭାବନାକୁ ସ୍ଥାନ ଦେବା କଥା ନୁହଁ । ଜୀବନ ଯେତେ ଦୁଃଖଦ ହେଉ ନା କାହିଁକି, ତା'ର ପ୍ରଭୁ ହେବାକୁ ଚେଷ୍ଟା କର । ତାର ଦାସ ହୋଇ ଯାଅନା । ପ୍ରତ୍ୟେକ ମଣିଷର ଜୀବଦ୍ଦଶା ପୂର୍ବ ନିର୍ଦ୍ଧାରିତ । ଏହା ଭଡ଼ା ଘରେ ରହିବା ଭଳି । ଏ ଘର ଛାଡ଼ିବା ପୂର୍ବରୁ ଆଉ ଏକ ଘରେ ରହିବା ପାଇଁ ତୁମକୁ ଘର ଖୋଜିବାକୁ ହେବ । ସେହିପରି ଗୋଟିଏ ଘଟ ତ୍ୟାଗ କରିବା ପୂର୍ବରୁ ନିଜର କାର୍ମିକ ଋଣ ଅନୁଯାୟୀ ଈଶ୍ୱର ତୁମ ପାଇଁ ଆଉ ଏକ ଘଟ ଓ ତା'ର ଜୀବନ କାଳ ସ୍ଥିର କରିଥାନ୍ତି । ତୁମେ ସ୍ୱଇଚ୍ଛାରେ ମୃତ୍ୟୁକୁ ଆମନ୍ତ୍ରଣ କରିବାର ଅର୍ଥ ହେଲା, ତୁମେ ଯଥା ଶୀଘ୍ର ତୁମର କର୍ମକୁ ଭୋଗ କରି ସେହି ନିତ୍ୟଧାମରେ ପହଞ୍ଚିବାର ସୁଯୋଗରୁ ନିଜକୁ ନିଜେ ବଞ୍ଚିତ କରୁଛ ।

ଆତ୍ମହତ୍ୟା କଲେ ତୁମେ ମଝିବାଟରେ ରହିଯାଅ । ଏହା ତୁମ ପାଇଁ ଏକ ଭୟାନକ ଅବସ୍ଥା ହୁଏ । ଶୂନ୍ୟମଣ୍ଡଳରେ ଶୂନ୍ୟସ୍ଥାନ ନ'ଥାଏ । ଈଶ୍ୱର ଏଥି ମଧ୍ୟରେ ଭୂତପ୍ରେତ ତଥା ଆହୁରି ଅନେକ ଅଦୃଶ୍ୟ ସତ୍ତାକୁ ଭରି ରଖିଛନ୍ତି । ଆତ୍ମହତ୍ୟା କଲେ ଏଗୁଡ଼ିକ ମୁଣ୍ଡଟେକି ତୁମକୁ ଭୟଭୀତ କରନ୍ତି । ଅଧିକନ୍ତୁ, ଜୀବ ତାର ଜୀବଦ୍ଦଶା ମଧ୍ୟରେ ମାତ୍ର ଏକ ଘଣ୍ଟା ଏକ ଆନନ୍ଦମୟ ଈଶ୍ୱର ଚେତନା ମଧ୍ୟରେ ରହିଥାଏ ।

ପ୍ରଥମେ ମରଦେହ ତ୍ୟାଗ କରିବା ସମୟରେ ପନ୍ଦର ମିନିଟ୍, ଦ୍ୱିତୀୟରେ ମାତୃଗର୍ଭରୁ ଆସିବା ସମୟରେ ପନ୍ଦର ମିନିଟ୍ ଏବଂ ତୃତୀୟରେ ବିବାହ ସମୟରେ ତିରିଶ ମିନିଟ୍- ଏହି ତିନୋଟି ସମୟରେ ଈଶ୍ୱର ଜୀବ ସହ ରହିଥାନ୍ତି ।

ତେଣୁ ବିଭୁଦତ୍ତ ଜୀବନକୁ ନଷ୍ଟ କରି ଦିଅନା । ପ୍ରାପ୍ତ ଜୀବନକୁ ସନ୍ମାର୍ଗରେ ଚଳାଇ ନିଅ । ଯେଉଁ ବ୍ୟକ୍ତି ଶାନ୍ତ ଚିତ୍ତରେ ଜୀବନର ସମସ୍ତ ପରୀକ୍ଷାର ସମ୍ମୁଖୀନ ହୁଏ ଏବଂ ନିରନ୍ତର ଈଶ୍ୱରଙ୍କୁ ସ୍ମରଣ କରୁଥାଏ, ସେ ଦିନେ ନା ଦିନେ ନିଶ୍ଚିତଭାବେ ତାଙ୍କ କୃପାପ୍ରାପ୍ତ ହୁଏ । ଏହାର ସତ୍ୟତାକୁ ସନ୍ଦେହ କର ନାହିଁ । ତାଙ୍କର ଉପରେ ବିଶ୍ୱାସ ରଖି ଏ ସମସ୍ତ ପରୀକ୍ଷାର ସମ୍ମୁଖୀନ ହୁଅ ।

(ସ୍ୱାମୀ ଅନ୍ୟମାନଙ୍କୁ କାହାର କ'ଣ ସନ୍ଦେହ ଅଛି ପଚାରିବାକୁ କହିଲେ, କେହି କିଛି ପଚାରିଲେ ନାହିଁ ।)

ସ୍ୱାମୀ : ଏଭଳି ସୁନ୍ଦର ସୁଯୋଗ ତୁମେ ଆଉ କେବେ ପାଇବ ନାହିଁ । ଯାହାର ଯାହା ସନ୍ଦେହ ଅଛି ପଚାର, ମୁଁ ତାହା ଦୂର କରିବି ।

ଭକ୍ତ : ସ୍ୱାମୀ, ଭଗବାନ ଯେତେବେଳେ ଅବତାର ହୋଇ ଆସନ୍ତି ସେ ସାରା ସଂସାରକୁ ସୁଧାରି ଦିଅନ୍ତି ନି କାହିଁକି ? ସେ ମୁଷ୍ଟିମେୟ ଲୋକଙ୍କ ଉପରେ ହିଁ କାହିଁକି ତାଙ୍କର କୃପା ବର୍ଷଣ କରନ୍ତି ? ଏହା ଅନ୍ୟାୟ ନୁହଁକି ?

ସ୍ୱାମୀ : ନା, ତୁମକୁ ଏହା ଅନ୍ୟାୟ ମନେ ହୋଇ ପାରେ କିନ୍ତୁ ଈଶ୍ୱର କାହା ପ୍ରତି କେବେ ଅନ୍ୟାୟ କରନ୍ତି ନାହିଁ । ସେ କେବେ କାହାପ୍ରତି ପକ୍ଷପାତ ବିଚାର କରନ୍ତି ନାହିଁ । ଏଠାରେ ମୁଁ ତୁମକୁ ଏକ କାହାଣୀ କହିବି । ଦିନେ ନାରଦ ଭାବିଲେ ସଂସାରରେ ଏତେ ଅନ୍ୟାୟ, ଅତ୍ୟାଚାର ହେଉଛି । ସବୁ ଦେଖି ମଧ୍ୟ ଭଗବାନ ବିଷ୍ଣୁ ଚୁପ୍ ରହୁଛନ୍ତି । ସେ ଯଦି ମୋତେ ଦାୟିତ୍ୱ ଦିଅନ୍ତେ ମୁଁ ଲୋକଙ୍କୁ ସନ୍ମାର୍ଗକୁ ନେଇ ଆସନ୍ତି । ମନରେ ଏମିତିଭାବି ସେ ବୈକୁଣ୍ଠକୁ ଆସିଲେ । ବିଷ୍ଣୁ ନାରଦଙ୍କୁ ସ୍ୱାଗତ କରି ତାଙ୍କର ଆସିବାର କାରଣ ପଚାରିଲେ ନାରଦ ଯେତେବେଳେ ତାଙ୍କର ବିଚାର ବ୍ୟକ୍ତ କଲେ, ବିଷ୍ଣୁ କହିଲେ, "ତେବେ ଭୂମଣ୍ଡଳକୁ ଯାଇ ଭକ୍ତିମାର୍ଗର ପ୍ରଚାର କର ।" ମୁଁ ବିରକ୍ତ ହୋଇଗଲିଣି । ତେଣୁ ଏହି କାମ ତୁମକୁ ଦେଉଛି । ମର୍ତ୍ତ୍ୟଲୋକର ଏକ ଜଙ୍ଗଲ ଭିତରେ ତୁମେ ଗୋଟିଏ କାଉକୁ ଗଛ ଉପରେ ବସିଥିବା ଦେଖିବ । ସେଇ କାଉ ଆଗରେ ତୁମେ 'ଗୋବିନ୍ଦ, ଗୋବିନ୍ଦ, ଗୋବିନ୍ଦ' ତିନିଥର କହିବ । ତାପରେ କ'ଣ ହେଲା ମୋତେ ଆସି କହିବ ।"

ନାରଦ କାଉ ସାମନାରେ ତିନିତର 'ଗୋବିନ୍ଦ, ଗୋବିନ୍ଦ, ଗୋବିନ୍ଦ' କହିବା ପରେ ସେଇ କାଉ ତିନିଥର 'ଗୋବିନ୍ଦ ଗୋବିନ୍ଦ' କହି ତଳେ ପଡ଼ି ମରିଗଲା । ନାରଦ

ତାହା ଆସି ବିଷ୍ଣୁଙ୍କୁ କହିଲେ । ଏଥର ବିଷ୍ଣୁ ସେଇ କାମ ଗୋଟିଏ ଶୁଆ ଆଗରେ କହିବାକୁ କହିଲେ । ନାରଦ ସେହିଭଳି କଲେ ଓ ଏଥର ଶୁଆ ମଧ୍ୟ ତିନିଥର ଗୋବିନ୍ଦ ଗୋବିନ୍ଦ କହି ତଳେ ପଡ଼ିଗଲା । ନାରଦଙ୍କ ମନକୁ ଭୟ ଛୁଇଁଲା ଓ ସେ ଆସି ପୁଣିଥରେ ବିଷ୍ଣୁଙ୍କୁ ସବୁ କଥା କହିଲେ । ବିଷ୍ଣୁ କହିଲେ, "ଠିକ୍ ଅଛି, ଏଥର ସେଇ କଥା ଜଣେ ବ୍ରାହ୍ମଣର ଗୁହାଳରେ ଥିବା ବାଛୁରୀକୁ ଯାଇ କୁହ ।" ନାରଦ କହିଲେ, "ସ୍ୱାମୀ, ନା, ନା, ମୁଁ ତାହା କରିବି ନାହିଁ । ବାଛୁରୀଟି ମରିଗଲେ ମେତେ ଅଭିଶାପ ଦେବ ।" ବିଷ୍ଣୁ ତାଙ୍କୁ ଏଥରଟି ଯିବାପାଇଁ ଅନେକ ବୁଝେଇ ରାଜି କରେଇଲେ । ନାରଦ ରାଜି ହେଲେ । ବାଛୁରୀଟି ମଧ୍ୟ ମରିଗଲା । ନାରଦ ତାହା ଦେଖି ସଙ୍ଗେ ସଙ୍ଗେ ବିଷ୍ଣୁଙ୍କୁ ସବୁକଥା ଜଣେଇ କହିଲେ, "ମୁଁ ଆଉ ଆପଣଙ୍କ କଥାରେ ପଡ଼ିଲେ ସବୁଦିନ ପାଇଁ ନିନ୍ଦିତ ହେବି ।"

ବିଷ୍ଣୁ ନାରଦଙ୍କୁ ଶେଷଥର ପାଇଁ ସେ ଯାହା କହୁଛନ୍ତି ତାହା କରିବାକୁ ବହୁତ ବୁଝେଇ କହିଲେ "ପୁଣି ଯଦି ସେମିତି ହେବ, ତୁମେ ମୋ କଥା ଆଉ ଶୁଣିବ ନାହିଁ ।" ବିଷ୍ଣୁ ଏଥର ନାରଦଙ୍କୁ ଗୋବିନ୍ଦ ନାମ ଜଣେ ରାଜାଙ୍କର ସଦ୍ୟଜାତ ରାଜକୁମାରଙ୍କ ଆଗରେ କହିବାକୁ କହିଲେ । ଅନିଚ୍ଛାସତ୍ତ୍ୱେ ନାରଦ ଭୟାତୁର ହୋଇ ରାଜପ୍ରାସାଦ ମଧ୍ୟକୁ ପ୍ରବେଶ କଲେ । ରାଜା ନାରଦଙ୍କୁ ହୃଷ୍ଟଚିତ୍ତରେ ସ୍ୱାଗତ ଜଣେଇଲେ ଏବଂ ତାଙ୍କର ବିହିତ ସତ୍କାର କରି ତାଙ୍କର ପୁତ୍ରକୁ ଆଶୀର୍ବାଦ କରିବା ପାଇଁ ନାରଦଙ୍କୁ ପ୍ରାର୍ଥନା କଲେ । ମନରେ ଭୟ ଥିଲେ ହେଁ, ନାରଦ ସେହି ଶିଶୁ ଆଗରେ ତିନିଥର ଗୋବିନ୍ଦ ନାମ ଉଚ୍ଚାରଣ କଲେ । ଶିଶୁଟି ସଙ୍ଗେ ସଙ୍ଗେ କହିଲା, "ହେ ମୁନିବର ! ମୁଁ ଆପଣଙ୍କ ନିକଟରେ କୃତଜ୍ଞ । ମୁଁ ଯେତେବେଳେ କାଉ ଥିଲି, ଆପଣ ମୋତେ ଉପଦେଶ ଦେଲେ, ମୁଁ ସେତେବେଳେ ଶୁଆ ଜନ୍ମ ପାଇଲି । ସେତେବେଳେ ମଧ୍ୟ ଆପଣ ମୋତେ ଉପଦେଶ ଦେଲେ, ଆପଣଙ୍କ ଉପଦେଶ ପାଇ ମୁଁ ବାଛୁରୀ ହୋଇ ଜନ୍ମ ହେଲି । ପୁଣି ଥରେ ଆପଣ ଉପଦେଶ ଦେଲେ ଏବଂ ମୁଁ ରାଜକୁମାର ହୋଇ ଜନ୍ମ ହେଲି । ଆଜି ଆପଣଙ୍କ ଦର୍ଶନ ପାଇ ମୋ ଜନ୍ମ ସାର୍ଥକ ହେଲା । ଆପଣଙ୍କୁ ମୋର ପ୍ରଣାମ ।"

ଏକଥା ଶୁଣିବାପରେ ନାରଦ ମନେମନେ ଲଜ୍ଜିତ ହେଲେ ଏବଂ ସେତେବେଳେ ତାଙ୍କର ଜ୍ଞାନୋଦୟ ହେଲା ଯେ ଈଶ୍ୱର ସବୁବେଳେ ସମସ୍ତଙ୍କର ମଙ୍ଗଳ କରିଥାନ୍ତି । ସେ ଭାବିଲେ, "ଜଣେ କେବଳ ତାଙ୍କର ନାମକୁ ଉଚ୍ଚାରଣ କରି ଯଦି ଉନ୍ନତ ଜନ୍ମ ପ୍ରାପ୍ତ ହୋଇ ପାରୁଛି, ତେବେ କେହି କ'ଣ କେବେ ତାଙ୍କର ମହିମାକୁ କଳନା କରି ପାରିବ ? ଏକଥା ନ ବୁଝି ମୁଁ ଅଯଥା ଭଗବାନ ବିଷ୍ଣୁଙ୍କୁ ନିନ୍ଦା କରୁଥିଲି ।" ଅନୁତପ୍ତ ନାରଦ ବୈକୁଣ୍ଠକୁ ଆସି ଭଗବାନ ବିଷ୍ଣୁଙ୍କୁ ଆଗରେ ସାଷ୍ଟାଙ୍ଗ ପଡ଼ିଲେ ଏବଂ ନିଜର ଭୁଲ ପାଇଁ କ୍ଷମା ଯାଚନା କଲେ ।

ଚାଳିଶ ଦଶକର ଶେଷ ଆଡ଼କୁ ଦିନେ ଆମେ କେତେ ଜଣ ଶାନ୍ତି ବେଦୀକା ନିକଟରେ ବସିଥାଉ । ସ୍ୱାମୀଙ୍କ ସହ ଆଳାପ ଆରମ୍ଭ ହେଲା ।

ଭକ୍ତ : ସ୍ୱାମୀ ଆମେ ଜପ ଧ୍ୟାନ କରୁଛୁ, ତାହା ଆପଣ କିପରି ଜାଣି ପାରନ୍ତି ?

ସ୍ୱାମୀ ମୁଁ ଖୁବ୍ ଭଲଭାବେ ଜାଣିପାରେ ! ମନେକର, ଘରେ କୌଣସି ଯାଗାରେ ଧୂପକାଠି ଜଳୁଛି । ଘରେ ଯେଉଁଠି ଥିଲେ ବି ତା'ର ସୁଗନ୍ଧ ଆମ ନାକକୁ ବାଜିବ । ଠିକ୍ ସେମିତି ମୁଁ ତୁମ ଧ୍ୟାନକୁ ଜାଣିପାରେ । ତୁମର ଚୈତନ୍ୟ ଓ ମୋ' ଚୈତନ୍ୟ ସମାନ । ମୋର ବେଶୀ ଉଜ୍ଜ୍ୱଳ, ତୁମର କିନ୍ତୁ ଫିକା । ମୋର ଦର୍ଶନ ତୁମର ଚୈତନ୍ୟକୁ ପ୍ରଜ୍ୱଳିତ କରେ । ଉଜ୍ଜ୍ୱଳ ମନ ସବୁକିଛି ଦେଖିପାରେ । ସ୍ମରଣର ଉଷ୍ମତା ଲହୁଣୀକୁ ଘିଅ କରିପାରେ ।

ଭକ୍ତ ସ୍ୱାମୀ, ଆମେ ନିଦ୍ରାରେ ଆପଣଙ୍କର ଦର୍ଶନ କରିଥାଉ । ଏହା କ'ଣ ସତ ?

ସ୍ୱାମୀ :ହଁ, ତୁମର ଆଧ୍ୟାତ୍ମିକ ସଂଶୟର ସମାଧାନ ସ୍ୱପ୍ନ ମାଧ୍ୟମରେ ହୋଇଥାଏ । କିନ୍ତୁ ଖାଲି ତୁମେ ମୋତେ ଚିନ୍ତା କଲେ, ମୁଁ ତୁମ ସ୍ୱପ୍ନରେ ଆସି ନଥାଏ । ମୁଁ ଯେତେବେଳେ ତୁମ କଥା ଚିନ୍ତାକରେ, ସେତେବେଳେ ତୁମ ସ୍ୱପ୍ନରେ ଆସିଥାଏ ।

ଭକ୍ତ : ସ୍ୱାମୀ, କେବଳ ଗୋଟିଏ ଜନ୍ମରେ ନାମସ୍ମରଣ କରି କ'ଣ ମୁକ୍ତିଲାଭ କରାଯାଇ ପାରିବ ?

ସ୍ୱାମୀ : କେତେ ଜନ୍ମ ନୁହଁ, କେତେ ଶ୍ରଦ୍ଧାର ସହ ସାଧନା କରୁଛ, ତାହା ବଡ଼ କଥା । ଭକ୍ତି ଯେତିକି ପ୍ରଗାଢ଼ ହେବ ତାର ସୁଫଳ ସେତିକି ମିଳିବ । ମୋତେ କ୍ଷମା ମାଗ ନାହିଁ । ତୁମର ପ୍ରାର୍ଥନା ହେବା ଉଚିତ୍ "ହେ ପ୍ରଭୁ ! ମୁଁ କରିଥିବା ଭୁଲର ଫଳ ମୋତେ ଭୋଗିବାକୁ ଦିଅ ଏବଂ ତୁମ ମଧ୍ୟକୁ ମୋତେ ଶୀଘ୍ର ନେଇଯାଅ ।" ତୁମେ ଯଦି କ୍ଷମା ମାଗ, ତେବେ ତାହା ତୁମ ସାଧନା ପାଇଁ ବିଘ୍ନ ହୋଇପାରେ ।

ଭକ୍ତ : ସ୍ୱାମୀ, ଆତ୍ମ-ସାକ୍ଷାତ୍କାର ଲାଭ କରିବାପାଇଁ କିଭଳି କର୍ମ କରିବା ଉଚିତ ଏବଂ କିଭଳି କର୍ମ ନ' କରିବା ଉଚିତ, ଏ କଥା ଆମେ ଜାଣି ନାହୁଁ ।

ସ୍ୱାମୀ : ଯଦି ଶରୀରରେ ଶକ୍ତି ଅଛି ଏବଂ ପକେଟ୍‌ରେ ପଇସା ଅଛି, ତେବେ ଅନ୍ୟର ସେବା କର । ତୁମେ ଯଦି ଦୁର୍ବଳ ଓ ଧନହୀନ ଏବଂ ଅନ୍ୟକୁ ସାହାଯ୍ୟ କରିବାରେ ଅସମର୍ଥ, ତେବେ ଅନ୍ତତଃ ଅନ୍ୟର ଅନିଷ୍ଟ କର ନାହିଁ । ଅନ୍ୟକୁ ସାହାଯ୍ୟ କରିବାର ଶକ୍ତି ଯଦି ତୁମର ନାହିଁ, ତେବେ ଚୁପ୍‌ଚାପ ରୁହ । ଅନ୍ୟର ମନ୍ଦ ନ ପାଞ୍ଚିବା ହିଁ ଏକ ସାହାଯ୍ୟ । ଅନ୍ୟଜଣେ କରୁଥିବା ଦୋଷତ୍ରୁଟି ଯେହେତୁ ତୁମେ ମଧ୍ୟ କରିପାର,

ତେଣୁ ପ୍ରତ୍ୟେକ ଥର ନିଜକୁ ସଂଶୋଧନ କରିବା ପାଇଁ ଚେଷ୍ଟାକର । ଦିନେ ଧ୍ୟାନ କରିବା ସମୟରେ ଯେତିକି ସମୟ ତୁମର ମନ ପୂର୍ଣ୍ଣ, ଏକାଗ୍ରତାର ସହ ଈଶ୍ୱରଙ୍କ ଉପରେ ନିବିଷ୍ଟ ରହିଥାଏ, ରାତିରେ ସେତିକି ସମୟ ଜୀବାତ୍ମା ପରମାତ୍ମାଙ୍କ ସହ ଏକତ୍ୱ ଲଭି ଥାଏ । ଏହି ଜୀବ-ବ୍ରହ୍ମ ଏକତ୍ୱ ଭାବ ଅବ୍ୟାହତ ରହିଲେ ଅଧିକ ସମୟ ଯାଏଁ ଜପ ଓ ଧ୍ୟାନରେ ମନ ସ୍ଥିର ରହେ ।

ସମ୍ମୋହନ ଶକ୍ତିରେ ବିଶ୍ୱାସ କର ନାହିଁ । ଏହାକୁ ଶିଖ ନାହିଁ ବା ଅଭ୍ୟାସ କର ନାହିଁ । ଏଗୁଡ଼ିକ ପ୍ରେତଶକ୍ତି । ଈଶ୍ୱର କେବେ ଏତେ ନିକୃଷ୍ଟତା ମଧ୍ୟରେ ପ୍ରବେଶ କରି କଥା କହି ନ ଥାନ୍ତି । ମଣିଷ ଈଶ୍ୱରଙ୍କଠାରୁ ସାତ ପାହାଚ ତଳେ ଥାଏ, ପ୍ରେତଶକ୍ତିମାନେ ଈଶ୍ୱରଙ୍କଠାରୁ ଛ ପାହାଚ ତଳେ ଥାନ୍ତି । ଈଶ୍ୱରଙ୍କ ଔଜ୍ଜ୍ୱଲ୍ୟ ଏ ସବୁ ପାହାଚ ଉପରେ ପଡ଼ିଥାଏ । ତେଣୁ ପ୍ରେତମାନେ ମନୁଷ୍ୟଠାରୁ ସାମାନ୍ୟ ଶକ୍ତିଶାଳୀ । ଏହି ଅଧିକ ଶକ୍ତିକୁ ନେଇ ସେମାନେ ଈଶ୍ୱରଙ୍କ ମୁଖା ପିନ୍ଧି ମଣିଷକୁ ବିଭ୍ରାନ୍ତ କରନ୍ତି ।

ଭକ୍ତ ସ୍ୱାମୀ, ଆପଣ କହନ୍ତି ଯେ ଆମେ ନିଜ ନିଜ ସ୍ଥାନରେ ଧ୍ୟାନ କରି ପାରିବୁ ଓ ଏଥିପାଇଁ ପୁଟ୍ଟପର୍ତ୍ତିରେ ରହିବା ଦରକାର ନାହିଁ । ତେବେ ଆମେ ପୁଟ୍ଟପର୍ତ୍ତି ଆସିବୁ କାହିଁକି ?

ସ୍ୱାମୀ :ଆଧ୍ୟାତ୍ମିକ ବିଷୟରେ ତୁମ ମନରେ ଯଦି କିଛି ସନ୍ଦେହ ଥାଏ, ତେବେ ତୁମେ ପୁଟ୍ଟପର୍ତ୍ତି ଆସିବା ଉଚିତ୍ । ତୁମ ମନର ସନ୍ଦେହ ହିଁ ତୁମକୁ ପୁଟ୍ଟପର୍ତ୍ତି ଟାଣି ଆଣିବ । ଏଠାକୁ ଆସିବା ପରେ ତୁମର ସନ୍ଦେହ ଦୂର ହେବ ଓ ତୁମେ ମନରେ ଶାନ୍ତି ପାଇବ । ତୁମେ ସାମାନ୍ୟ ଧ୍ୟାନ କରି ଖୁବ୍ ବେଶୀ ଫଳ ଆଶାକର, କିନ୍ତୁ ତୁମର ସାଧନା ଅନୁଯାୟୀ ତୁମକୁ ଫଳ ମିଳିଥାଏ । ଭଗବାନ କାହାକୁ ପ୍ରତାରିତ ବା ବଞ୍ଚିତ କରନ୍ତି ନାହିଁ ।

ଦିନେ ଆମେ କେତେଜଣ ପୁରୁଣା ମନ୍ଦିରରେ ତାଙ୍କ ଚାରିପାଖେ ବସିଥାଉ । ମୋର ବିଧବା ମା' ମଧ୍ୟ ସେଠାରେ ଥାନ୍ତି । ତାଙ୍କର ପିତାଙ୍କ ମୃତ୍ୟୁବେଳକୁ ତାଙ୍କ ବୟସ ମାତ୍ର କୋଡିଏ ବର୍ଷ ହୋଇଥାଏ ।

ସ୍ୱାମୀ ଶାସ୍ତ୍ରଗୁଡ଼ିକ ଯେହେତୁ ମନୁଷ୍ୟକୃତ, ମଣିଷର ସୁବିଧା ହେବା ଭଳି ସେଗୁଡ଼ିକ ଲେଖାଯାଇଛି କିନ୍ତୁ ମଣିଷ ପାଇଁ ମଧ୍ୟ କିଛି ବିଧି ବିଧାନ ରହିଛି । ମୁଁ ତୁମମାନଙ୍କୁ ଠିକ୍ ଦକ୍ଷିଣାମୂର୍ତ୍ତିଙ୍କ ଭଳି କିଛି ଉପଦେଶ ଦେବି, ମୋ କଥା ମନଦେଇ ଶୁଣ । ତୁମେମାନେ ଉପବାସ ରହିବା ବା କୌଣସି ବ୍ରତ ପାଳନ କରିବା ଦରକାର ନାହିଁ । ଯଥା ସମୟରେ ଯଥୋଚିତ ମାତ୍ରାରେ ସାତ୍ତ୍ୱିକ ଆହାର ସେବନ କର । ନିଜ

ନିଜର ଗୃହ କର୍ମ କରୁଥାଅ ଏବଂ ବିଭୁନାମ ସ୍ମରଣ କରୁଥାଅ । ମହିଳାମାନେ ଗୀତ ଗାଇବେ ଏବଂ ପୁରୁଷମାନେ ମନ୍ତ୍ରପାଠ କରିବେ । ଜୋର୍ କରି ବ୍ରତ ବା ଉପବାସ ପାଳନ କଲେ ତାର ଇପ୍ସିତ ଫଳ ମିଳି ନଥାଏ । ପ୍ରକୃତି ହିଁ ନାରୀ । ସେ ସବୁବେଳେ ମଙ୍ଗଳ ସ୍ୱରୂପିଣୀ ଓ ଅଳଙ୍କାର ପ୍ରିୟା । ତୁମମାନଙ୍କ ପାଇଁ ଅଶୁଭ ବୋଲି କିଛି ନାହିଁ । ତୁମେ କୌଣସି ପାପ କରିନାହଁ । ମୁଁ ତୁମମାନଙ୍କୁ କ୍ଷମା କରିଦେଲି, କ୍ଷମା କରିଦେଲି ।

ପ୍ରକୃତରେ ଭକ୍ତମାନଙ୍କ ସହ ମୁଁ କେବେ କଥା କହେ ନାହିଁ । କାହିଁକି ଜାଣିଛ ? ସେମାନେ ମୋର ନାମକୁ ଯେତେବେଳେ ସୁଲଳିତ ସ୍ୱରରେ ଗାନ କରୁଥାନ୍ତି, ତାହା ମୁଁ ଆନନ୍ଦରେ ଉପଭୋଗ କରେ । ତାହା ମୋ କାନ ପାଇଁ ହୁଏ ସୁମଧୁର ସଙ୍ଗୀତ । ମୁଁ କଥା କହିଲେ ସେମାନଙ୍କ ନାମ ସ୍ମରଣରେ ବିଘ୍ନ ସୃଷ୍ଟି କରିବି । ତାହା ମୁଁ କରିବାକୁ ଚାହେଁ ନାହିଁ ।

ଯେଉଁମାନେ ପ୍ରଥମ ଥର ମୋତେ ଦର୍ଶନ କରିବା ପରେ ପୁନଃ ପୁନଃ ମୋର ଦର୍ଶନ ପାଇଁ ଏଠାକୁ ଆସିଥାନ୍ତି, ସେମାନଙ୍କର ବହୁ ଜନ୍ମଧରି ମୋ ସହ କିଛି ଏକ ସମ୍ପର୍କ ରହିଛି । ଆଉ କେତେକ ଯେତେ ଚେଷ୍ଟାକଲେ ବି ଏଠାକୁ ଆସି ପାରନ୍ତି ନାହିଁ ଏବଂ ସେମାନଙ୍କ ମନରେ ହୁଏତ ଏଠାକୁ ଆସିବା ପାଇଁ ଇଚ୍ଛା ମଧ୍ୟ ହୁଏ ନାହିଁ । ମୁଁ ଏହି ମରଦେହ ତ୍ୟାଗ କରିବା ପୂର୍ବରୁ ମୋର ସମସ୍ତ ଆଧ୍ୟାତ୍ମିକ ଧନକୁ ମୋର ପ୍ରକୃତ ଭକ୍ତମାନଙ୍କ ମଧ୍ୟରେ ସୁନ୍ଦର ଭାବେ ବିତରଣ କରିଦେବି । ମୁଁ କାହାକୁ କେଉଁଥିରୁ ବଞ୍ଚିତ କରିବି ନାହିଁ । ଏଭଳିକି ଯେଉଁମାନେ ମୋକ୍ଷ ପିପାସୁ, ସେମାନଙ୍କୁ ମଧ୍ୟ ସମସ୍ତ ନୈସର୍ଗିକ ଅନୁଭୂତି ପ୍ରଦାନ କରି ଶେଷରେ ମୁକ୍ତି ଦେବି । ତତ୍‌କ୍ଷଣାତ୍ ମୁକ୍ତି ପ୍ରାପ୍ତିରେ ଆନନ୍ଦ ନ'ଥାଏ ।

(ନିମ୍ନରେ ପ୍ରଦତ୍ତ ସଂଳାପ ୧୯୫୨ ରୁ ୬୦ ମଧ୍ୟରେ ହୋଇଥିଲା)

✍

ସ୍ୱାମୀଙ୍କ ଅପାରୁ କୃପାରୁ ଆମେ ୧୯୫୩ ମସିହା ସେପ୍ଟେମ୍ବର ମାସ ୩ ତାରିଖ ଦିନ ପୁଣି ଥରେ ପୁଟ୍ଟପର୍ତ୍ତି ଯାଇଥାଉ । ସ୍ୱାମୀ ସେଦିନ ନୂଆ ମନ୍ଦିର ବାହାରେ ଛିଡ଼ା ହୋଇଥାନ୍ତି ଏବଂ ସେ ଆମକୁ ଦେଖି ସ୍ୱାଗତ କଲେ । ଆମେ ତାଙ୍କୁ ଫୁଲ ଓ ଫଳ ନିବେଦନ କରି ତାଙ୍କ ପାଦ ନମସ୍କାର କଲୁ । ସନ୍ଧ୍ୟା ୭ଟାରୁ ୭.୩୦ ଯାଏ ସ୍ୱାମୀ ଭକ୍ତମାନଙ୍କ ସହ କଥାବାର୍ତ୍ତା ହେଲେ ଓ ପରେ ସେମାନଙ୍କୁ ଭଜନରେ ଯୋଗ ଦେବାକୁ କହିଲେ । ମୋ ମା'ଙ୍କ ଆଡ଼କୁ ଚାହିଁ ସେ ପଚାରିଲେ, "କନ୍ନମ୍ମା, ରାଧମ୍ମା ଓ ପିଲାମାନେ କିମିତ ଅଛନ୍ତି ?" ଆମେ କହିଲୁ, "ସ୍ୱାମୀ, ଆପଣଙ୍କ କୃପାରୁ ଆମେ ସମସ୍ତେ ଭଲ ଅଛୁ ।" ତା' ପରେ ମୁଁ କହିଲି, "ସ୍ୱାମୀ, ଆପଣଙ୍କ ମୁଣ୍ଡରେ ତେଲ ନାହିଁ । ଆପଣ ଏତେ ଦୁର୍ବଳ ଦିଶୁଛନ୍ତି ମୋତେ ଭାରି ଦୁଃଖ ଲାଗୁଛି ।"

ସ୍ୱାମୀ : ମୁଁ ମୋ ପାଇଁ କ'ଣ ଦରକାର, ତାହା ଭାବିବା ଛାଡ଼ିଦେଇଛି ।

ମୁଁ : ସ୍ୱାମୀ, ଆପଣ ନିତ୍ୟାନନ୍ଦ । ଆପଣଙ୍କ ପାଇଁ ଯାହା ଦରକାର, ସେଥିପ୍ରତି ଆପଣ ଦୃଷ୍ଟି ନଦେଲେ କିମିତି ହେବ ?

ସ୍ୱାମୀ : ମୁଁ ସେ କଥା ଭାବିବା ଛାଡ଼ିଦେଇଛି, କାରଣ ସେଇ ଟିକକ ସମୟ ମଧ୍ୟ ମୁଁ ମୋ ଭକ୍ତମାନଙ୍କ ପାଇଁ ବିନିଯୋଗ କରିବାକୁ ଚାହେଁ ।

ମାଁ : ସ୍ୱାମୀ, ଆପଣ ଆମଠୁ ଦୂରେଇ ଯାଉଛନ୍ତି, ଏମିତିକି ସ୍ୱପ୍ନରେ ମଧ୍ୟ ଦର୍ଶନ ଦେଉ ନାହାଁନ୍ତି । ସ୍ୱାମୀ ଆପଣ ଆମକୁ ଭୁଲି ଗଲେ କି ?

ସ୍ୱାମୀ : ମୁଁ ତୁମକୁ ଭୁଲି ନାହିଁ । ମୁଁ କେବଳ ଭକ୍ତମାନଙ୍କ ପାଇଁ ତ' ଆସିଛି । ମୋ ଦେହକୁ ନେଇ ମୁଁ ବ୍ୟସ୍ତ ହୁଏ ନାହିଁ । ମୋ କାମ ଏ ଯାଏଁ ସରି ନାହିଁ । ମୋ କାମକୁଛାଡ଼ି ମୁଁ ଦେହର ଯତ୍ନ ନେବାକୁ ଚାହେଁ ନାହିଁ । ଷୋହଳବର୍ଷ ଯାଏଁ ମୁଁ ଲୀଳାଖେଳା କଲି । ତା' ପରଠୁ ମୁଁ ମୋର ମହିମା ପ୍ରଦର୍ଶନ କରୁଛି । ମୋ ମହିମାରେ ଅବଗାହନ କରିବାପାଇଁ କେବଳ ନାମସ୍ମରଣ ଯଥେଷ୍ଟ । ନାମସ୍ମରଣ ତୁମର ସମସ୍ତ ଦୁଃଖକୁ ପ୍ରଶମିତ କରେ ଓ କଷ୍ଟକୁ ପ୍ରତିହତ କରେ ।

ମୁଁ: ସ୍ୱାମୀ, ମୁଁ ସେତିକି ମଧ୍ୟ କରିପାରୁ ନାହିଁ । ମୁଁ ପ୍ରଥମ ଥର ତୁମକୁ ଦର୍ଶନ କରିବା ସମୟରେ ମୋର ମାନସିକ ସ୍ଥିତି ଯାହା ଥିଲା, ସେ ମାନସିକ ସ୍ଥିତି ମଧ୍ୟ ମୋର ନାହିଁ । ମୁଁ ସାଂସାରିକ ଝଞ୍ଜାଳରେ ବାନ୍ଧି ହୋଇ ଯାଇଛି ।

ସ୍ୱାମୀ   ମୁଁ ତୁମକୁ ଦିନରେ ଚବିଶ ଘଣ୍ଟା ଦେଇଛି । ସେଥି ମଧ୍ୟରୁ ତୁମେ ବାରଘଣ୍ଟା ତୁମର ସାଂସାରିକ କର୍ତ୍ତବ୍ୟ ନିର୍ବାହରେ ବିନିଯୋଗ କର । ଆଉ ଛ' ଘଣ୍ଟା ନିଦ୍ରା ପାଇଁ ରଖ । ତୁମେ ଯଦି ସକାଳେ ଦୁଇଘଣ୍ଟା ଓ ସନ୍ଧ୍ୟାରେ ଦୁଇ ଘଣ୍ଟା ଧ୍ୟାନ କରିପାର, ତେବେ ପ୍ରତିଦିନ ଦୁଇଘଣ୍ଟା ଯୋଗନିଦ୍ରା ଲାଭ କରିବ ।

ମା : ସ୍ୱାମୀ, ମୁଁ ତାହା ମଧ୍ୟ କରିପାରୁ ନାହିଁ ।

ସ୍ୱାମୀ : ତୁମେ ଯେତିକି ସମୟ ମୋ ଉପରେ ମନୋନିବେଶ କରିବ ସେଇ ଅନୁପାତରେ ହିଁ ଫଳ ପାଇବ । ତୁମେ ତୁମ ମନରେ ମୁକ୍ତି ଲାଭର ଇଚ୍ଛା ପୋଷଣ କରିଥାଅ । ଏହା ମଧ୍ୟ କ'ଣ ଏକ ପ୍ରକାର କାମନା ନୁହଁ ? ଦିନରେ ତୁମେ କେତେ କ'ଣ କାମ କରିଥାଅ । ଧ୍ୟାନକୁ ମଧ୍ୟ ଏଭଳି ଏକ କାମ ଭାବି ତୁମେ ତାହା ପ୍ରତିଦିନ କରିପାରିବ । ଯାହା କିଛି କରୁଛ, ତାହାର ଫଳ ଚାହିଁବା ଠିକ୍ ନୁହଁ । ଦୁଇ ମିନିଟ୍ ମୋତେ ଏକାଗ୍ରଚିତ୍ତରେ ହୁଏତ ତୁମେ ଧ୍ୟାନକର, କିନ୍ତୁ ତା' ପରେ ମୋ' ଠାରୁ ଅସୁମାରି ଫଳ ଚାହଁ । ତୁମେ କରୁଥିବା କର୍ମ ଓ ଧ୍ୟାନ ଉଭୟକୁ ମୋ' ଠାରେ ନିବେଦନ କର । କଳିଯୁଗରେ ଫଳର ପ୍ରତ୍ୟାଶା ନ'ରଖି ନାମଜପ କରିବା ହିଁ ସର୍ବୋତ୍ତମ ସାଧନା । ଯେଉଁମାନେ ଅଚଞ୍ଚଳ ବିଶ୍ୱାସରେ ମୋତେ ଭକ୍ତି କରନ୍ତି ଏବଂ ଅନ୍ୟ କିଛି ନ

ଚାହିଁ, କେବଳ ମୋତେ ହିଁ ଚାହିଁଥାନ୍ତି, ସେମାନେ ଅନାୟାସରେ ଭବସାଗର ଅତିକ୍ରମ କରିପାରନ୍ତି । ସେମାନେ ଆନନ୍ଦ ସାଗରରେ ନିମଜ୍ଜିତ ହୋଇ ରହିପାରନ୍ତି ।

ମା: ସ୍ୱାମୀ, ଆମ ମନ ଆମକୁ ଧ୍ୟାନ କରିବାକୁ ଦିଏ ନାହିଁ । ମନକୁ କାବୁରେ ରଖିବା ଆମ ଶକ୍ତିର ବାହାରେ । ଆମେ କ'ଣ କରିବୁ ? ଏଥିପାଇଁ ଆପଣଙ୍କ ଅନୁଗ୍ରହ ନିତାନ୍ତ ଆବଶ୍ୟକ ।

ସ୍ୱାମୀ ମନକୁ ନିୟନ୍ତ୍ରଣ କରି ପାରୁ ନାହଁ ବୋଲି ବ୍ୟସ୍ତ ହୁଅ ନାହିଁ । ମନ ଯେଉଁଠାକୁ ଯାଉଛି ଯାଉ । ମନରେ ଉଠୁଥିବା ଚିନ୍ତାକୁ ଜବରଦସ୍ତ ଚାପି ଦେବାର ଚେଷ୍ଟା କର ନାହିଁ । କଳସର ମୁହଁ ଯାଏ ପାଣି ଭରିଲେ କିଛି ପାଣି ବାହାରକୁ ଚାଲି ଆସେ, ବାକିତକ ପାଣି କିନ୍ତୁ କଳସ ଭିତରେ ସ୍ଥିର ରହିଥାଏ । ନାମ ସ୍ମରଣ କର । ତୁମ ଶରୀର ଏକ ଘଟ ଓ ତା' ମଧ୍ୟର ଥିବା ଜଳ ହେଲା ତୁମର ମନ । ପାଣିରେ ଥିବା ମଇଳାକୁ ସଫା କରିବାପାଇଁ ପାଣି ଫୁଟେଇବା ଭଳି ନାମସ୍ମରଣର ଅଗ୍ନି ମନର ସମସ୍ତ ଆବିଳତାକୁ ନଷ୍ଟ କରି ଦିଏ ଏବଂଶେଷରେ ମନ ପରିଶୁଦ୍ଧ ହୁଏ । ଏହା ହିଁ ମନର ରହସ୍ୟ ।

ମା : ସ୍ୱାମୀ, ଆମକୁ ଆଉ କିଛି କୁହନ୍ତୁ ।

ସ୍ୱାମୀ : ସତ୍‌କର୍ମ କର ।

ମା : ସତ୍‌କର୍ମ ମାନେ ଆମ କ'ଣ କରିବୁ ?

ସ୍ୱାମୀ ଶୁଣ, ତୁମେ ସବୁଜ ଘାସର ଏକ ଘାସ ବଗିଚା କରିଥାଅ । ଘାସ ଗାଈକୁ ଦରକାର, ତୁମକୁ ନୁହଁ, କିନ୍ତୁ ଗାଈ ଯେତେବେଳେ ତାର ଭୋକ ମେଣ୍ଟାଇବା ପାଇଁ ଘାସ ଖାଇବାକୁ ଆସେ, ତୁମେ ତାକୁ ଘଉଡ଼ି ଦିଅ । ସବୁଜ ଘାସକୁ ଚାହିଁ ତୁମେ ଆନନ୍ଦ ପାଅ । ଅନ୍ୟକୁ କଷ୍ଟ ଦେଇ ତୁମେ ଆନନ୍ଦ ପାଇବା ଉଚିତ ନୁହଁ । ଖାଲି ନିଜେ ସୁଖରେ ରହିଲେ ଯଥେଷ୍ଟ ନୁହଁ । ଅନ୍ୟକୁ ସୁଖ ଦେବାକୁ ଯାଇ ତୁମେ ଯଦି କିଛି ଦୁଃଖ ପାଉଛ, ତେବେ ସେଭଳି ଦୁଃଖ ବରଂ ବରଣୀୟ ।

ମା : ସ୍ୱାମୀ, ମୋତେ ଦୁଃଖକଷ୍ଟ ଦିଅ, ଯାହା ଫଳରେ ମୋ ମନ ସବୁବେଳେ ତୁମ ଉପରେ ସ୍ଥିର ରହିବ ।

ସ୍ୱାମୀ : ତୁମ ମନ ଯଦି ମୋତେ ଧ୍ୟାନ କରୁଥାଏ, ମୁଁ ତୁମକୁ ସମସ୍ତ ଦୁଃଖକଷ୍ଟରୁ ରକ୍ଷା କରିବି । ମୁଁ ମଣିଷକୁ ତିନି ପା' ସୁଖ ଓ ପାଏ ମାତ୍ର ଦୁଃଖ ଦେଇଥାଏ । ଲୋକେ ତାହା ମଧ୍ୟ ସହି ପାରନ୍ତି ନାହିଁ ଓ ପାହାଡ଼ଟିଏ ମୁଣ୍ଡ ଉପରେ ଖସି ପଡ଼ିଲା ବୋଲି ଭାବନ୍ତି । ସେମାନେ ଯେତେବେଳ ଭୋକରେ ଥାନ୍ତି, ଖୁବ୍ ତରବରରେ ଖାଦ୍ୟ ଖାଇଯା'ନ୍ତି । ପେଟେ ଖାଇବା ପରେ ଶେଷ ଗୁଣ୍ଡା ଭାତରେ ଯଦି ଦୈବାତ୍ ଗୋଡ଼ିଟିଏ ଚାଲି ଆସିଲା ତେବେ ଭାତଯାକ ଗୋଡ଼ି କହି ଅଭିଯୋଗ କରନ୍ତି । ମୁଁ ମଝିରେ ମଝିରେ ସାମାନ୍ୟ ଦୁଃଖକଷ୍ଟ ଦେଇଥାଏ, ଯାହା ଫଳରେ ଲୋକଙ୍କ ମନ ସବୁବେଳେ

ଈଶ୍ୱରାଭିମୁଖୀ ହୋଇ ରହିବ । ଲୋକେ ଏକଥା ବୁଝି ନ'ପାରି ଈଶ୍ୱରଙ୍କୁ ଅଯଥା ନିନ୍ଦା କରନ୍ତି ।

ମୁଖ୍ୟରାସ୍ତା ମରାମତି ହେଉଥିବା ସମୟରେ ଲୋକଙ୍କୁ କିଛି ଦିନ ପାଇଁ କଚା ରାସ୍ତାରେ ଚାଲିବାକୁ ହୋଇଥାଏ । ରାସ୍ତାର ମରାମତି ଶେଷ ହେଲେ ଲୋକେ ପୁଣି ମୁଖ୍ୟରାସ୍ତାରେ ଚାଲିବା ଆରମ୍ଭ କରନ୍ତି । ଠିକ୍ ସେମିତି ବିଗିଡ଼ି ଯାଇଥିବା ତୁମକୁ ସଜାଡ଼ିବାର କାମ ଯେତେବେଳେ ଚାଲିଥାଏ, ମୁଁ ସେତେବେଳେ ଆଉ ଏକ ରାସ୍ତାରେ ଚାଲିଥାଏ । ତାହା ଦେଖି ତୁମେ ଭାବ ଯେ ମୁଁ ତୁମଠୁ ଦୂରେଇ ଦୂରେଇ ରହୁଛି । ତୁମେ ସେମିତି ଭାବିବା ଭୁଲ । ମୁଁ ଜାଣି ଜାଣି ତାହା କରିଥାଏ, କାରଣ ମୁଁ ଚାହେଁ ଯେ ମରାମତି ଶୀଘ୍ର ଶେଷ ହେଉ, ଯାହା ଫଳରେ ତୁମ ଓ ମୋ ମଧ୍ୟରେ ଥିବା ଆତ୍ମିକ ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ ।

✍

ଅପ୍ରିଲ ୧୯୫୪ର କୌଣସି ଏକ ଦିନରେ ଆମ ପୁଟ୍ଟପର୍ତ୍ତି ଯାଇଥାଉ । ସ୍ୱାମୀ ଉପରେ ମହଲାରେ ଏକ ସୋଫା ଉପରେ ବସି ହାତରେ ବିଞ୍ଚଣା ଧରି ବିଞ୍ଚି ହେଉଥାନ୍ତି । ମୋ ମା ମୁଁ ଓ ଅନ୍ୟ ଭକ୍ତମାନେ ତାଙ୍କୁ ପାଦନମସ୍କାର କଲୁ । ସେ ପଚାରିଲେ, "କନ୍ନମ୍ମା, କି ଖବର ?" ମୁଁ କହିଲି, "କିଛି ଖବର ନାହିଁ, ସ୍ୱାମୀ ।" ଏଥର ଆଧ୍ୟାତ୍ମିକ ବିଷୟରେ ଆଲୋଚନା ଆରମ୍ଭ ହେଲା ।

ଭକ୍ତ : ସ୍ୱାମୀ, ଆପଣ ଆମକୁ ମାୟାର ଜାଲରୁ ମୁକ୍ତ କରନ୍ତୁ ।

ସ୍ୱାମୀ : ଏହା କିମିତି ସମ୍ଭବ ? ତୁମକୁ ମୁଁ ଦେଇଥିବା ବିଚାରଶକ୍ତିକୁ ବ୍ୟବହାର କର । ତୁମେ ତୁମ ସମ୍ବନ୍ଧରେ ଯଦି ଜିଜ୍ଞାସାଭାବ ପୋଷଣ କର, ମୁଁ ନିଶ୍ଚୟ ତୁମକୁ ଆବଶ୍ୟକୀୟ ଶକ୍ତି ଦେବି ।

ଭକ୍ତ : ସ୍ୱାମୀ, ଆପଣ ତ ଆମକୁ ଆମ ପତିମାନଙ୍କ କଥାମାନିବାକୁ ହେବ କହି ବାନ୍ଧି ଦେଉଛନ୍ତି । ପତିମାନେ ଯଦି ଆମେ ଏଠାକୁ ଆସିବା ନ ଚାହିଁବେ, ଆମେ ଏଠାକୁ ଆସିବୁ କିମିତି ? ଏଠାରେ ରହି ଆପଣଙ୍କ ଆଶୀର୍ବାଦ ପାଇବୁ କିମିତି ?

ସ୍ୱାମୀ : ଓହୋ ! ଅତୀତରେ ବାହା ହେବାକୁ ଯାଉଛ ବୋଲି ଜାଣି ମନରେ କେତେ ଉତ୍ସାହ ଦେଖେଇଥିଲ, ତାହା ଆଜି ମନେପଡୁଛି ? ବର୍ତ୍ତମାନ ବିରକ୍ତି ଆସିଗଲା । ଅବିକା କ'ଣ ଲଡୁ ପିଡା ଲାଗୁଛି ? ଯେହେତୁ ବିବାହ କରିଛ, ସେଇ ଅନୁସାରେ ତୁମକୁ ଖାପଖୁଆଇ ଚଳିବାକୁ ହେବ । ଯେତେବେଳେ ପରିବାରର ବୋଝ ଦୁର୍ବହ ହୋଇଯାଏ, ସେତେବେଳେ ଗୁରୁଜନମାନେ କାହିଁକି ବିବାହ କରାଇଲେ ବୋଲି କାନ୍ଦିଥାଅ । ତାହା ଯଦି ହୁଏ, ତୁମେ ତେବେ ଅବିକା ତୁମ ପିଲାମାନଙ୍କ ବିବାହ ପାଇଁ

କାହିଁକି ଏତେ ଚେଷ୍ଟା କରି ଚାଲିଛ ? ଏମିତି କରି ତୁମେ ତୁମ ନିଜ ବୋଝକୁ ହାଲୁକା କରୁ ନାହଁ କି ? ଏଠାରେ ଢ଼େର ପାଣି ଅଛି, ଗୋଟିଏ ବଡ଼ ମାଠିଆ ଆଣି ଯେତେ ପାରୁଛ ପାଣି ଭରି ଯାଅ, ତୁମକୁ କିଏ ବାରଣ କରୁଛି ? ତୁମେ ଯେଉଁ ମାଠିଆ ଆଣିବ, ମୁଁ ସେଇ ମାଠିଆରେ ପାଣି ଭରିଦେବି ।

ଭକ୍ତ : ସ୍ୱାମୀ, ସେଇ ବଡ଼ ମାଠିଆ ଆପଣ ହିଁ ଆମକୁ ଦେବେ ।

ସ୍ୱାମୀ ହଁ ମୁଁ ଦେବି, କିନ୍ତୁ ତାକୁ ବୋହିବାର ଶକ୍ତି ତୁମଠେ ଅଛି ତ ? ଯେତିକି ପାରିବ ତା'ଠୁ ଯଦି ଅଧିକ ବୋହିବାକୁ ଚେଷ୍ଟା କର, ତେବେ ଗୋଡ଼ ଭାଙ୍ଗି ତଳେ ପଡ଼ିବ । ତୁମ ଶରୀରର ଶକ୍ତି ଯେତିକି କେବଳ ସେତିକି ଭାର ତୁମେ ବୋହି ପାରିବ ।

ଭକ୍ତ : ସ୍ୱାମୀ ସେଇ ଶକ୍ତି ମଧ୍ୟ ଆପଣଙ୍କୁ ହିଁ ଦେବାକୁ ହେବ । ଆପଣ ଆମକୁ ମାୟାରେ ବୁଡ଼େଇ ରଖିଛନ୍ତି । ଆମେ ଯେ କିମିତି ଚଳିବୁ, ତାହା ଆମେ ଜାଣି ନାହୁଁ ।

ସ୍ୱାମୀ : ଫେର ସେଇ ମାୟା ! ମାୟାକୁ ଦୋଷ ଦିଅ ନାହିଁ । ମାୟା ମଧ୍ୟରେ ଥାଇ ମଧ୍ୟ ତୁମ କର୍ତ୍ତବ୍ୟ କରିଯାଅ । ତେବେ ଯାଇ ଯା ମଧ୍ୟରେ ଥିବା ଗୂଢ଼ ତତ୍ତ୍ୱକୁ ବୁଝି ପାରିବ । ସେହି ତତ୍ତ୍ୱରୁ ଯେଉଁ ଜ୍ଞାନଲାଭ କଲେ ଶାନ୍ତି ମିଳିଥାଏ, ତାହା ତୁମେ ପାଇବ । ଶାନ୍ତିରୁ ତୁମେ ସୁଖ ଲାଭ କରିବ ଏବଂ ତାହା ହିଁ ହେବ ତୁମର ସ୍ୱର୍ଗ । ତୁମେ ଯଦି କାଣିଚାଏ ମଧ୍ୟ ଚେଷ୍ଟା ନ' କର, ମୁଁ ତୁମକୁ ସବୁ କିଛି ଦେଇ ପାରିବି ନାହିଁ । ଦୋକାନୀକୁ ପଇସା ନ ଦେଲେ ତୁମେ କୌଣସି ଜିନିଷ ପାଇବ ନାହିଁ । ଠିକ୍ ସେମିତି ତୁମେ ଜ୍ଞାନ, ଭକ୍ତି ଓ ବୈରାଗ୍ୟର ଧନ ଦେଲେ ଯାଇ ଆଧ୍ୟାତ୍ମିକ ଶକ୍ତି ପାଇ ପାରିବ । ଥରେ ଭାବି ଦେଖ, ଜଣେ ଇଞ୍ଜିନିୟର, ଯେତେ ଚାହେଁ ସେତେ ନକ୍ସା ଆଙ୍କିପାରେ, କିନ୍ତୁ ଜମି ଯାହାର ସେ ଯେତେବେଳେ ପଇସା ଖର୍ଚ୍ଚ କରେ ଓ ଶ୍ରମିକମାନେ ଘରକୁ ଗଢ଼ନ୍ତି, ସେତେବେଳେ ଯାଇ ଘର ତିଆରି ଶେଷ ହୁଏ । ତୁମର କାମନା ସବୁ ଗାଈକୁ କମ ଦାନା ଦେଇ ବେଶୀ କ୍ଷୀର ଆଶା କରିବା ଭଳି । ପାଖ ରାସ୍ତା ବୋଲି କିଛି ନାହିଁ । ସାଧନା କର, ସାଧନା କର, ସାଧନା କର । ସଂସାରର ତାପତ୍ରୟକୁ ନଦୀ ବାଲିର ଖାଲଢ଼ିପ ସହ ତୁଳନା କରାଯାଇପାରେ । ବଢ଼ିନ୍ତି ନଇରେ ଏସବୁ ଖାଲଢ଼ିପ ଲୁଚିଯାଏ । ନାମସ୍ମରଣ କରି ମୋର କୃପା ଲାଭ କଲେ ତୁମର ସମସ୍ତ ଦୁଃଖ କଷ୍ଟ ଉଭେଇ ଯିବ । ସେତେବେଳେ ସଂସାର-ବାରିଧିକୁ ମୁହୂର୍ତ୍ତରେ ପାର କରିହେବ ।

ଭକ୍ତ : ଆପଣ ଆମକୁ ଭିନ୍ନ ଭିନ୍ନ ବେଶ ପୋଷାକ ପିନ୍ଧେଇ ଆପଣଙ୍କ ନାଚରେ ନଚେଇଥାନ୍ତି । ତାହା ଆପଣଙ୍କ ଇଚ୍ଛା, ଆମେ ବା କ'ଣ କରିବୁ ? ଆମେ ନାଚାର ।

ସ୍ୱାମୀ : ତୁମେ ଭୁଲ ବୁଝିଛ । ଅଭିନୟର ନିର୍ଦ୍ଦେଶକ ଅଭିନେତାମାନଙ୍କୁ କିମିତି ଅଭିନୟ କରିବାକୁ ହବ କହିଥାନ୍ତି । ଅଭିନେତା ଯଦି ତା'ର ଚରିତ୍ରକୁ ଠିକ୍‌ଭାବେ

ଫୁଟେଇ ପାରେ ନାହିଁ, ସଂଳାପକୁ ଠିକ୍‌ଭାବେ ପରିବେଷଣ କରି ପାରେ ନାହିଁ ଏବଂ ଗୀତଗୁଡ଼ିକ ଠିକ୍ ଭାବେ ଗାଇପାରେ ନାହିଁ, ତେବେ ଦୋଷ ତା'ର ନିର୍ଦ୍ଦେଶକଙ୍କର ନୁହଁ। ବେଶ-ପୋଷାକ, ଚରିତ୍ର ଯାହା ହଉ ନା କାହିଁକି, ତାକୁ ନିର୍ଦ୍ଦେଶକଙ୍କର ନିର୍ଦ୍ଦେଶକୁ ମାନି ଯଥାସାଧ ଉତ୍ତମ ଅଭିନୟ କରିବାକୁ ଚେଷ୍ଟା କରିବାକୁ ପଡ଼ିବ । ତା'ର ଅଭିନୟ ଭଲ ହେଲେ, ଦର୍ଶକମାନେ ତାକୁ ଆଉ ଥରେ ଅଭିନୟ କରିବାକୁ କହିବେ, କିନ୍ତୁ ସେମାନେ ନିର୍ଦ୍ଦେଶକଙ୍କୁ 'ଆଉ ଥରେ ନିର୍ଦ୍ଦେଶନା ଦିଅ' ବୋଲି କହିବେ ନାହିଁ ।

ଥରେ ନାରଦ ଧର୍ମରାଜଙ୍କୁ ଉଭୟ ନର୍କ ଓ ସ୍ୱର୍ଗ ଘୁରେଇ ଆଣିଲେ । ସ୍ୱର୍ଗଲୋକରେ ଧର୍ମରାଜ ଇନ୍ଦ୍ରଙ୍କୁ ଦେଖି ତାଙ୍କୁ ପ୍ରଣାମ କଲେ । ତା' ପରେ ସେ ନାରଦଙ୍କୁ ପଚାରିଲେ "ଏଇ ଲୋକ ଏମିତି କେତେ ପୁଣ୍ୟ କରିଥିଲା ଯେ ଆଜି ଇନ୍ଦ୍ର ପଦବୀ ପାଇଛି ?" ନାରଦ କହିଲେ, "ଧର୍ମରାଜ, ଭଲଭାବେ ଦେଖ । ସେ ଅନ୍ୟ କେହି ନୁହଁ, ଦୁର୍ଯ୍ୟୋଧନ, ଯିଏ ଆଜି ଇନ୍ଦ୍ର ପଦରେ ବସିଛି ।" ତାହା ଦେଖି ଧର୍ମରାଜ ମନେ ମନେ ଭାବୁଥାନ୍ତି, "ଏ ଖଳନାୟକ ଯଦି ଇନ୍ଦ୍ର ହୋଇପାରେ, ତେବେ ମୋର ବଡ଼ ଭାଇ ଦାନବୀର କର୍ଣ୍ଣ, ଆହୁରି କେତେ ବଡ଼ ପଦରେ ବସିଥିବେ ।" ମନରେ ତାହା ଭାବି ସେ ନାରଦଙ୍କୁ କର୍ଣ୍ଣ ଯେଉଁଠାରେ ଅଛନ୍ତି ସେଠାକୁ ସଙ୍ଗେ ସଙ୍ଗେ ନେଇଯିବାକୁ ଅନୁରୋଧ କଲେ । ନାରଦ ତାଙ୍କୁ ନର୍କଲୋକକୁ ନେଇଗଲେ । ସେଠାରେ ଜଣେ ଲୋକକୁ କଲବଲ କରାଯାଉଥିବା ଦେଖି ଧର୍ମରାଜ କହିଲେ, "ବିଚରା ଲୋକଟି କେତେ ଦୁଷ୍କର୍ମ କରିଥିବ । ତା' କଷ୍ଟ ମୁଁ ଦେଖି ପାରୁ ନାହିଁ ।" ନାରଦ କହିଲେ "ଧର୍ମରାଜ, ଏଇ ତ ତୁମର ବଡ଼ ଭାଇ, ମହାଦାନୀ କର୍ଣ୍ଣ ।" ଏହା ଶୁଣି ଧର୍ମରାଜ ବିସ୍ମିତ ହେଲେ ଏବଂ କହିଲେ, "ଭଗବାନ ପକ୍ଷପାତ କରୁଛନ୍ତି । ସେ ଭଗବାନ ହୋଇ ଯଦି ଏହିପରି ଅବିଚାର କରନ୍ତି ସାଧାରଣ ମଣିଷ ଭୁଲ କଲେ ଆମେ କାହିଁକି ତାକୁ ଦୋଷାରୋପ କରିବା ?" ନାରଦ କହିଲେ, "କିନ୍ତୁ କର୍ଣ୍ଣ ତ ଥିଲା କୃତଘ୍ନ ।" ଧର୍ମରାଜ ତାହା କିମିତି ବୋଲି ପଚାରିଲେ । ନାରଦ କହିଲେ, "କର୍ଣ୍ଣ ଯେତେବେଳେ ତା'ର କେହି ନାହିଁ, ସେ ଜଣେ ଅନାଥ ବୋଲି କାନ୍ଦୁଥାଏ, ଦୁର୍ଯ୍ୟୋଧନ ତାକୁ ସାନ୍ତ୍ୱନା ଦେଇଥିଲା, ତାର ପରାକ୍ରମର ପ୍ରଶଂସା କରିଥିଲା ଏବଂ ତାକୁ ଅଙ୍ଗରାଜ୍ୟର ରାଜା କରିଥିଲା । କର୍ଣ୍ଣ ସେଥିରେ ଖୁସି ହୋଇ ସେ ଦୁର୍ଯ୍ୟୋଧନର ସମସ୍ତ ଶତ୍ରୁକୁ ସଂହାର କରିବ ବୋଲି ପ୍ରତିଜ୍ଞା କରିଥିଲା । ଯେତେବେଳେ ଯୁଦ୍ଧ ଘୋଷଣା ହେଲା, କର୍ଣ୍ଣ ଉପରେ ଆସ୍ଥା ରଖି ଦୁର୍ଯ୍ୟୋଧନ ଯୁଦ୍ଧର ଫଳାଫଳ ନେଇ ବ୍ୟସ୍ତ ହେଉ ନ ଥାଏ, କିନ୍ତୁ ଯୁଦ୍ଧ ପୂର୍ବରୁ କୃଷ୍ଣ କୁନ୍ତିଙ୍କୁ କର୍ଣ୍ଣ ପାଖକୁ ପଠାଇଲେ । କୁନ୍ତି କର୍ଣ୍ଣଠାରୁ କେତେକ ପ୍ରତିଶ୍ରୁତି ଚାହିଁଲେ । ମା'ର ଅନୁରୋଧ ଶୁଣି କର୍ଣ୍ଣର ହୃଦୟ ବିଗଳିତ ହେଲା ଏବଂ ସେ ପାଣ୍ଡବମାନଙ୍କର ଅନିଷ୍ଟ କରିବ ନାହିଁ ବୋଲି କୁନ୍ତିଙ୍କୁ ପ୍ରତିଶ୍ରୁତି ଦେଲା । ନିଜର ପ୍ରତିଜ୍ଞାପାଳନ କରି ସେ ନକୁଳ ଓ ସହଦେବଙ୍କୁ ଦୁର୍ଯ୍ୟୋଧନର କବଳରୁ ଉଦ୍ଧାର କଲା । ସେ ଅର୍ଜୁନଙ୍କୁ ମଧ ସୁଯୋଗ

ପାଇଥିବା ସମୟର ବଧ କଲା ନାହିଁ । ଏହା ଦୁର୍ଯ୍ୟୋଧନର ପରାଜୟ ଓ ମୃତ୍ୟୁର ବାଟ ସଫା କରିଦେଲା । କର୍ଣ୍ଣ କରିଥିବା ରାଜଦ୍ରୋହ ପାଇଁ ସେ ଆଜି ଅଛି ନର୍କରେ ।”

ଥରେ ସତ୍ୟଭାମା କୃଷ୍ଣଙ୍କୁ ପଚାରିଲେ, “ପାଣ୍ଡବମାନଙ୍କ ମଧ୍ୟରେ ତୁମେ ଅର୍ଜ୍ଜୁନଙ୍କୁ ସବୁଠୁ ବେଶୀ ଭଲ ପାଅ, ଧର୍ମରାଜଙ୍କୁ କାହିଁକି ସେତିକି ଭଲ ପାଅ ନାହିଁ ?” କୃଷ୍ଣ କହିଲେ, “ଅର୍ଜ୍ଜୁନର ଶରଣାଗତି ପୂର୍ଣ୍ଣ ଶରଣାଗତି । ମୋର କେତେକ ଚିନ୍ତା ଓ କର୍ମର ଔଚିତ୍ୟ ସମ୍ବନ୍ଧରେ ତା' ମନରେ କେବେ କେବେ ସନ୍ଦେହ ଆସିଲେ ମଧ୍ୟ ସେ ତାହାକୁ ପ୍ରଶ୍ନ କରେ ନାହିଁ । ଅନ୍ୟ ପକ୍ଷରେ ଧର୍ମରାଜ ସେଭଳି ବିଷୟକୁ ନେଇ ଯୁକ୍ତି କରନ୍ତି ଏବଂ ନିଜ ମତକୁ ଧରି ରହନ୍ତି । ଅର୍ଜ୍ଜୁନ ମୋ' କଥାରେ ‘ହଁ’ ଭରିବ, କାରଣ ସେ ଜାଣେ ଯେ ମୁଁ ଦିନକୁ ରାତି କରିପାରେ, ରାତିକୁ ଦିନ କରିପାରେ ।” କେବଳ ଦାନ ଓ ଧର୍ମ କରି ଜଣେ ମୋକ୍ଷ କାମନା କରି ପାରିବ ନାହିଁ । କିଏ ମୋ କୃପା ପାଇବାକୁ ଯୋଗ୍ୟ, ତାହା ମୁଁ କେବଳ ଜାଣେ ।” ତା' ପରେ ସ୍ୱାମୀ ଏକ କବିତାର ଦୁଇଧାଡ଼ି ଆବୃତ୍ତି କରି କହିଲେ,

“ଇହମୁନ ସୁଖୀୟିମ୍ପ ହେମ ତାରକ ବିଦ୍ୟା”
ପରମୁନ ସୁଖୀୟିମ୍ପ ବ୍ରହ୍ମ ବିଦ୍ୟା”

(ଲୌକିକ ଶିକ୍ଷାରୁ ତୁମେ କ୍ଷଣିକ ସୁଖ ପାଇଥାଅ । କେବଳ ଆଧ୍ୟାତ୍ମ ବିଦ୍ୟା ନିତ୍ୟାନନ୍ଦ ଦେଇପାରେ) ତେଣୁ ମୁଁ ତୁମର ଆଧ୍ୟାତ୍ମିକ ବିକାଶକୁ ପ୍ରାଧାନ୍ୟ ଦିଏ ।

ଭକ୍ତ : ସ୍ୱାମୀ, ଏଥିପାଇଁ ମଧ୍ୟ ଆମକୁ ଆପଣଙ୍କ କୃପା ଆବଶ୍ୟକ ।

ସ୍ୱାମୀ ତାହା ତ' ସବୁବେଳେ ରହିଛି । ସୂର୍ଯ୍ୟ କିରଣ ଯେଭଳି ସମସ୍ତଙ୍କ ଉପରେ ସମାନ ଭାବେ ପଡ଼ିଥାଏ, ଈଶ୍ୱର କୃପା ପ୍ରତ୍ୟେକଙ୍କ ଉପରେ ସମାନ ଭାବେ ବୃଷ୍ଟି ହୋଇଥାଏ । ସୂର୍ଯ୍ୟ କିରଣର ପଥରେ କୌଣସି ବାଧା ସୃଷ୍ଟି ହେଲେ ସେଇ ବାଧାକୁ ଅତିକ୍ରମ କରି ସୂର୍ଯ୍ୟ କିରଣ ପଡ଼ି ନଥାଏ । ସେଇଭଳି ଯେଉଁମାନଙ୍କ ମନରେ ମୋ ନାମ ଓ ରୂପ ପ୍ରତି ଭକ୍ତି ଓ ଶ୍ରଦ୍ଧା ଥାଏ, ସେଇମାନଙ୍କ ଉପରେ ମୋ କୃପା ପଡ଼ିଥାଏ । ଯେଉଁମାନଙ୍କର ଆଗ୍ରହ ନଥାଏ, ସେମାନଙ୍କ ଉପରେ ତାହା ପଡ଼େ ନାହିଁ । ପ୍ରତ୍ୟେକ ଜୀବକୁ ତା'ର ଜୀବନ କାଳ ମଧ୍ୟରେ ଥରେ ମାତ୍ର ସୁଯୋଗ ମିଳିଥାଏ । ଯେତେବେଳେ ତୁମେ କୌଣସି ଘର ସଫା କର ଓ ଘର ଭିତରେ ଜିନିଷପତ୍ରକୁ ନେଇ ବାହାରେ ରଖ, ସେତେବେଳେ ସେ ସବୁ ଜିନିଷପତ୍ର ଉପରେ ସୂର୍ଯ୍ୟାଲୋକ ପଡ଼େ । ସେମିତି ଜୀବ ଯେତେବେଳେ ମୋର ଦିବ୍ୟ ଜ୍ୟୋତିର ସ୍ପର୍ଶ ଅନୁଭବ କରେ, ସେତେବେଳେ ସେ ମୋତେ ମନେ ପକାଏ । କୃପା ପାଇବା ବା ନପାଇବା କେବଳ ତୁମ ଉପରେ ନିର୍ଭର କରେ ନାହିଁ । ଯେଉଁମାନେ ନିତ୍ୟ ମୋ' ନାମ ଓ ରୂପକୁ ସ୍ମରଣ କରନ୍ତି, ସେଇମାନେ କେବଳ ମୋ କୃପା ଲାଭ କରନ୍ତି । ଏଠାରେ ସ୍ୱାମୀ ଆଉ ଏକ ପଂକ୍ତି ଆବୃତ୍ତି କଲେ

ଯାହାର ଅର୍ଥ ଥିଲା, "ରେ ଭକ୍ତ ! ସାଇଙ୍କୁ ପିତା, ମାତା, ବନ୍ଧୁ, ଓ ସାଖା ରୂପେ ପାଇବା ପରେ ଆଉ କାହିଁକି ବ୍ୟସ୍ତ ହେଉଛୁ ?"

ସଂସାରରେ ସମସ୍ତେ ସମାନ । କୌଣସି ବ୍ୟକ୍ତି ଅନ୍ୟମାନଙ୍କଠାରୁ ନିଜକୁ ବଡ଼ମନେ କରି ଗର୍ବିତ ହେବା ଉଚିତ ନୁହଁ । ଥରେ ହାତର ପାଞ୍ଚ ଆଙ୍ଗୁଠି, ସେମାନଙ୍କ ମଧ୍ୟରେ କିଏ ବଡ଼ ବୋଲି କଳହ ଆରମ୍ଭ କଲେ । କେଉଁ ଆଙ୍ଗୁଠିର ବଡ଼ ପଣିଆ କେଉଁଠି ବୋଲି ପ୍ରଶ୍ନହବାରୁ କାଣି ଆଙ୍ଗୁଠି କହିଲା, "ଯେତେବେଳେ କାହାକୁ ଶାସ୍ତି ଦେବାକୁ ହୁଏ, ମୁଁ ପ୍ରଥମେ ଶାସ୍ତି ଦେଇଥାଏ । ମୁଁ ସୈନ୍ୟବାହିନୀର ସେନାପତି ଭଳି, ଅନ୍ୟମାନେ ମୋ ପଛରେ ଆସିଥାନ୍ତି ।" ଅନାମିକା ଆଙ୍ଗୁଠି କହିଲା, "ମୋତେ ସବୁବେଳେ ସୁନା ରୂପା ହୀରାରେ ସଜାଯାଏ, ଅନ୍ୟ ଆଙ୍ଗୁଠିଗୁଡ଼ିକର କ'ଣ ଅଛି ?" ମଝି ଆଙ୍ଗୁଠି କହିଲା, "ମୋର ଦୁଇପାଖରେ ଦୁଇଜଣ ଦେହରକ୍ଷୀ ଥାନ୍ତି । ମୁଁ ମଝିରେ ରାଜା ଭଳି ଥାଏ ।" ବିଶି ଆଙ୍ଗୁଠି କହିଲା "ମୁଁ ଭଲ କ'ଣ, ଖରାପ କ'ଣ ଦେଖେଇଥାଏ ।" ବୁଢ଼ା ଆଙ୍ଗୁଠି କହିଲା, "ମୁଁ ନଥିଲେ ଅନ୍ୟ ଚାରି ଆଙ୍ଗୁଠି ଅକାମୀ ହୋଇଯିବେ ।" ପ୍ରତ୍ୟେକ ଆଙ୍ଗୁଠିର କୌଣସି ନା କୌଣସି ବିଶେଷତ୍ୱ ରହିଛି । କିନ୍ତୁ କୌଣସି ଆଙ୍ଗୁଠି ଏକା କିଛି କାମରେ ଆସେ ନାହିଁ । ତେଣୁ ସବୁବେଳେ ନମ୍ର ହୁଅ ।

ଗୋପାଳର ଅର୍ଥ ଯିଏ ଗୋ ଜାତିକୁ ପାଳନ କରେ । ଗୋପାଳ ହେଉଛନ୍ତି ଗୋପଳକମାନଙ୍କର ଅଧିନାୟକ । ଗୋପୀମାନେ କିଏ ? ବୃନ୍ଦାବନରେ ରହୁଥିବା ଅବଳାମାନେ କ'ଣ କେବଳ ଗୋପୀ ? ନା, ବିଭୁନାମ ସ୍ମରଣ ମାତ୍ରକେ ଯେଉଁମାନେ ନିଜକୁ ଭୁଲି ଯା'ନ୍ତି ସେମାନେ ଗୋପୀ । କୃଷ୍ଣ ନାମ କାନରେ ପଡ଼ିବା ମାତ୍ରେ ଚୈତନ୍ୟ ମହାପ୍ରଭୁ ବାହ୍ୟଜ୍ଞାନ ଶୂନ୍ୟ ହୋଇ ଯାଉଥିଲେ । ତେଣୁ ତାଙ୍କର ନାମ ହେଲା କୃଷ୍ଣଚୈତନ୍ୟ । ସବୁଠୁ ବଡ଼ ହେଲା ମନ ।

ଭକ୍ତ : ସ୍ୱାମୀ, ମନ ସବୁବେଳେ ଖରାପ କାମ କରିବାକୁ ତତ୍ପର ହୁଏ ଏବଂ କ୍ୱଚିତ୍ ଭଲ କାମ କରିବାକୁ ଚେଷ୍ଟା କରେ ।

ସ୍ୱାମୀ : ତାହା ମଣିଷର ସ୍ୱଭାବ । ଆମେ କାହିଁକି ପିଆଜ ସଙ୍ଗେ ଅଳେଇଚ ବା ଜାଫ୍ରନ୍ ଭଳି ସୁଗନ୍ଧିଯୁକ୍ତ ଦ୍ରବ୍ୟ ମିଶେଇ ନ'ଥାଉ ? ଏଗୁଡ଼ିକ ମିଶେଇଲେ କ'ଣ ପିଆଜର ଦୁର୍ଗନ୍ଧ କୁଆଡ଼େ ଚାଲିଯିବ । ତେଣୁ ପିଆଜର ଗନ୍ଧ କମେଇବାକୁ ଆମେ ଲୁଣ, ଗୋଲମରିଚ ଆଦି ବ୍ୟବହାର କରୁ । ଲୁଣ, ତେନ୍ତୁଳି ଓ ଗୋଲମରିଚ ଅନ୍ୟ କିଛି ନୁହଁ, ଏଗୁଡ଼ିକ ଜ୍ଞାନ, ଭକ୍ତି ଓ ବୈରାଗ୍ୟ । ଏଗୁଡ଼ିକୁ ବ୍ୟବହାର କରି ଆମେ ପିଆଜ ଭଳି ମନର ଉତ୍କଟତାକୁ କମେଇ ପାରିବା ।

୧୯୫୮ ମସିହା ଜୁନମାସ ଅଠାର ତାରିଖ ଦିନ ସ୍ୱାମୀ କିଛି ସମୟ ପାଇଁ ଆମ ଘରକୁ ଆସିଥାନ୍ତି ।

କନ୍ନମ୍ମା : ସ୍ୱାମୀ, ଆପଣ ପୁରା ଗୋଟିଏ ଦିନ ରହିବେ ବୋଲି କହିଥିଲେ, କିନ୍ତୁ ତରବରରେ ଚାଲି ଯାଉଛନ୍ତି । ଏଥର ଆପଣଙ୍କୁ ଆଧ୍ୟାତ୍ମିକ ବିଷୟରେ କିଛି ପଚାରି ପାରିବୁ ଭାବିଥିଲୁ, ଆମ ଉପରେ ଏତେ ପ୍ରେମ ଢ଼ାଳି ଆପଣ ଯଦି ଶୀଘ୍ର ଚାଲିଯାନ୍ତି, ଆମ ମନ ଦୁଃଖ ହେବ ।

ସ୍ୱାମୀ ମୁଁ କୁଆଡ଼େ ଯିବି ? ମୁଁ ସବୁବେଳେ ତୁମ ସାଥୀରେ ରହିବି । ମୁଁ ହୁଏତ କାହାକୁ ଦିଶିବି ନାହିଁ, କିନ୍ତୁ ସବୁବେଳେ ମୋ ଭକ୍ତମାନଙ୍କ ସାଥୀରେ ରହିଥିବି ।

କନ୍ନମ୍ମା ଆପଣ ହୁଏତ ଭେଙ୍କଟଗିରିର ରାମ ଶର୍ମାଙ୍କୁ କହିଛନ୍ତି ଯେ ଜଣେ ବ୍ୟକ୍ତି ଗୋଟିଏ ଜନ୍ମରେ ଆତ୍ମ-ସାକ୍ଷାତକାର ଲାଭ କରି ପାରିବ ନାହିଁ । କାହିଁକି ଏହା ସମ୍ଭବ ନୁହଁ ?

ସ୍ୱାମୀ ଏହା ବ୍ୟକ୍ତିର ବ୍ୟାକୁଳତା କେତେ ପ୍ରଗାଢ଼ ତାହା ଉପରେ ନିର୍ଭର କରେ । ତୁମେ କାହିଁକି ଆତ୍ମ ସାକ୍ଷାତକାର ଚାହୁଁଛ ? ଏହା କେବଳ ପାଞ୍ଚ ମିନିଟ୍ ପାଇଁ ଆନନ୍ଦ ଦିଏ । ସେଇ ଅନୁଭୂତି ପରେ ତୁମ ଶରୀରରେ ଆଉ ମାତ୍ର ଏକୋଇଶ ଦିନ ଜୀବନ ରହିବ । ତୁମର ସମୟକୁ ସବୁବେଳେ ଭଜନ ଓ ଧ୍ୟାନରେ ବିତେଇବା ତାହା ଅପେକ୍ଷା ଭଲ ।

କନ୍ନମ୍ମା : ସ୍ୱାମୀ ସେଭଳି ଅନୁଭୂତି ଯଦି ଆମେ ପାଇ ପାରିବୁ ନାହିଁ, ତେବେ ଆମେ କ'ଣ ଆମ ଅବଶିଷ୍ଟ ଜୀବନ ଏହିଭଳି ବିତେଇବୁ ?

ସ୍ୱାମୀ : ନା, ମୁଁ ଚାହିଁଲେ ତୁମକୁ ସେହି ଅନୁଭୂତି, ଗୋଟିଏ ମିନିଟ୍‌ରେ ଘଣ୍ଟାରେ ବା ଦିନରେ ଦେଇ ପାରିବି । କିନ୍ତୁ ତାହା ପାଇବାର ଯୋଗ୍ୟତା ତୁମଠାରେ ରହିବା ଦରକାର । ତେଣୁ ମୁଁ ତୁମକୁ ସେଇ ଯୋଗ୍ୟତା ଲାଭ କରିବାପାଇଁ ବାରମ୍ବାର କହିଥାଏ । ମୁଁ ଯେକୌଣସି ସମୟରେ ମୋର ଅନୁଗ୍ରହ ତୁମ ଉପରେ ଢ଼ାଳି ଦେଇଥାଏ ।

କନ୍ନମ୍ମା : ସ୍ୱାମୀ, ଆମେ ଆପଣଙ୍କୁ ଆମର ସର୍ବସ୍ୱ ମନେ କରିଥାଉ ।

ସ୍ୱାମୀ : ମୁଁ ଜାଣେ । ତୁମେ ଯେହେତୁ ମୋର ଭକ୍ତ, ମୁଁ ତୁମ ଘରକୁ ଆସିଛି । ଅନ୍ୟଥା ମୁଁ ଆସି ନଥାନ୍ତି । (ମୋର ସନ୍ତାନମାନଙ୍କ ଆଡ଼କୁ ଚାହିଁ) ଶୁଣ, ମୁଁ ତୁମମାନଙ୍କ ପାଇଁ ବା ତୁମ ବାପାଙ୍କ ପାଇଁ ଏଠାକୁ ଆସି ନାହିଁ ମୁଁ କେବଳ ତମ ମା'ଙ୍କ ଭକ୍ତି ପାଇଁ ଏଠାକୁ ଆସିଛି ।

କନ୍ନମ୍ମା: ସ୍ୱାମୀ ଆପଣ ଆମ ହୃଦୟରେ ଓ ପୁଟ୍ଟପର୍ତ୍ତିରେ ଆମ ପାଇଁ ଟିକିଏ ଯାଗା ରଖିଥାନ୍ତୁ, ଆମର ଏତିକି ପ୍ରାର୍ଥନା ।

ସ୍ୱାମୀ : ତଥାସ୍ତୁ । ତୁମମାନଙ୍କ ନାଁ ମୋ ତାଲିକାରେ ରହିଲା ।

କାନ୍ନମ୍ମା ସ୍ୱାମୀ, ଆପଣ କହିଲେ ଆଉ ପାଞ୍ଚବର୍ଷ ପରେ ଦର୍ଶନ ଓ ଇଣ୍ଟରଭ୍ୟୁ କ୍ରମଶ କମି କମି ଆସିବ । ତାହା ଶୁଣି ଆମ ମନ ଦୁଃଖ ହେଲା । ଆପଣଙ୍କର ଦର୍ଶନ ନ ମିଳିଲେ ପୁଟ୍ଟପର୍ତ୍ତିରେ ଆମ ଜୀବନର କି ମାନେ ରହିବ ?

ସ୍ୱାମୀ ମୁଁ କହିବାର ଅର୍ଥ ତାହା ନ' ଥିଲା । ଭବିଷ୍ୟତରେ ଆହୁରି ଅଧିକ ଲୋକ ଆସିବାର ଅଛି । ଯେହେତୁ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବାକୁ ହେବ, ମୋତେ ତୁମେମାନେ ପାଇବା ନିଶ୍ଚିତ ଭାବେ କମିଯିବ । ମୁଁ ସବୁବେଳେ ଏଇମିତି ଥିବି । ମୁଁ କ'ଣ ଜଣେ ସାଧକ ? ମୁଁ ହେଲି ବ୍ରହ୍ମ । ମୋ ମଧ୍ୟରେ ପରିବର୍ତ୍ତନ ହେବ ନାହିଁ । ତୁମେମାନେ ମୋର ଭକ୍ତ । ତୁମମାନଙ୍କର ମଧ୍ୟ କେବେ ପରିବର୍ତ୍ତନ ହେବ ନାହିଁ । ଶରୀରଠାରୁ ଦୂରରେ ରହିଲେ ବି ଆତ୍ମାର ନିକଟ ହୋଇ ରହିବ । ଏହାର ପ୍ରମାଣ ହେଲା ତୁମର ମା ପୁଟ୍ଟପର୍ତ୍ତିରେ ରହି ମଧ୍ୟ ମୋର ଦର୍ଶନ ପାଇବେ ନାହିଁ । ଶରୀର ଦୃଷ୍ଟିରୁ ମଧ୍ୟ ସ୍ୱାମୀଙ୍କର ପରିବର୍ତ୍ତନ ହେବ ନାହିଁ, କିନ୍ତୁ ଭକ୍ତମାନଙ୍କର ପରିବର୍ତ୍ତନ ହେବ ।

କନ୍ନମ୍ମା : ସ୍ୱାମୀ ଆମେ ସାଧନାରେ ଆଦୌ ଆଗେଇ ନାହୁଁ, ପରବର୍ତ୍ତୀ ପାହାଚକୁ ଯିବୁ କେବେ ?

ସ୍ୱାମୀ : ଏସବୁ ପାହାଚ କଥା ଭୁଲିଯାଅ । ଈଶ୍ୱରଙ୍କ କୃପାପ୍ରାପ୍ତି ପାଇଁ ନିଜକୁ ଯୋଗ୍ୟ କରିପାରିଲେ ସେତିକି ଯଥେଷ୍ଟ । ତେଣୁ ମୁଁ ସବୁବେଳେ ତୁମ ମନକୁ ପରିପକ୍ୱ ଅବସ୍ଥାରେ ରଖିବାକୁ କହିଥାଏ । ଗୋଟିଏ ଜନ୍ମରେ ଜଣେ ଅଚଞ୍ଚଳ ଭକ୍ତି ଲାଭ କରି ପାରେ ନାହିଁ, କିନ୍ତୁ ତୁମେମାନେ ମୋତେ ଦେଖିବା କ୍ଷଣି ତୁମ ମନରେ ମୋ' ପ୍ରତି ଅଚଞ୍ଚଳ ଭକ୍ତିର ଉଦ୍ରେକ ହେଲା । ଏହା ତୁମେମାନେ ପୂର୍ବଜନ୍ମରେ କରିଥିବା ସତ୍‌କର୍ମର ଫଳ । ମୋର ଦର୍ଶନ ମାତ୍ରକେ ଯେଉଁମାନଙ୍କର ମନ ମୋ ସହ ବ୍ଲଟିଙ୍ଗ କାଗଜ ଭଳି ଲାଖିଯାଏ, ସେଇମାନେ ମୋର ପ୍ରକୃତ ଭକ୍ତ । ବହୁ ଜନ୍ମର ସାଧନାର ଫଳସ୍ୱରୂପ ଲୋକେ ଈଶ୍ୱରଙ୍କୁ ଦର୍ଶନ କରିବା ମାତ୍ରକେ ସେମାନଙ୍କର ମନକୁ ଈଶ୍ୱରଙ୍କ ଉପରେ ନିବିଷ୍ଟ ରଖି ପାରନ୍ତି ।

କନ୍ନମ୍ମା : ସ୍ୱାମୀ, ଆପଣ ଆମମାନଙ୍କୁ ନିଜ ନିଜକୁ ମୀରାବାଈ, ଶକ୍କୁବାଈ ସହ ତୁଳନା କରିବାକୁ ମନା କରିଛନ୍ତି । ସେଭଳି ତୁଳନା କରିବାର ଦୁଃସାହସ ମଧ୍ୟ ଆମର ନାହିଁ । ତେବେ ଆମେମାନେ ସେମାନଙ୍କ ଭଳି ଆମ ଜୀବନକୁ ଭଜନ ଓ ଧ୍ୟାନ ମଧ୍ୟରେ ସବୁ ସମୟରେ ବୁଡ଼େଇ ରଖିବାପାଇଁ ଆପଣ ଆମ ଉପରେ କୃପା କରି ପାରନ୍ତି ।

ସ୍ୱାମୀ : ତୁମମାନଙ୍କ ଜୀବନ ବର୍ତ୍ତମାନ ସେହି ଭଳି ହିଁ ଚାଲିଛି । ତୁମେମାନେ ସବୁବେଳେ ସେମିତି ହିଁ ରହିବ । ବିଚରା ମୀରା ଓ ଶକ୍କୁ ସେମାନଙ୍କ ଜୀବନରେ ଅନେକ ଦୁଃଖ ଭୋଗିଥିଲେ ।

କନ୍ନମ୍ମା ସ୍ୱାମୀ, ସେମାନେ ଦୈବାଂଶସମ୍ଭୁତା ହୋଇଥିବା ହେତୁ ଓ ସେ ସବୁ କଷ୍ଟକୁ ଲଘି ପାରିଲେ ।

ସ୍ୱାମୀ ସମସ୍ତେ ଦୈବାଂଶସମ୍ଭୁତ । ପ୍ରତ୍ୟେକେ ଈଶ୍ୱରଙ୍କୁ ପାଇ ପାରିବେ । ପ୍ରତ୍ୟେକେ ଜଣେ ଜଣେ ପରମହଂସ ।

କନ୍ନମ୍ମା : ସ୍ୱାମୀ ଆମେ ଓଁକାର ଓ ଧ୍ୟାନ ପାଇଁ ଏହି ପୂଜାଘରକୁ ଅଲଗା ରଖିଛୁ । ଏଇ ଯାଗାଟି କ'ଣ ଠିକ୍ ଅଛି ? ଏଠାରେ ଆମେ ସାଧନା କରିପାରିବୁ ?

ସ୍ୱାମୀ : (ଘରର ଚାରିଦିଗକୁ ଚାହିଁ) ହଁ, ଯାଗାଟି ଖୁବ୍ ଭଲ ହୋଇଛି । ତୁମେ ଓଁକାରରେ ବସ କିମିତି ? ଖାଲି ଭୂମି ଉପରେ ବସିବନି । ତୁମର ଆସନ ଭୂମି ଉପରୁ ଅତି କମ୍‌ରେ ଅଢ଼େଇ ଇଞ୍ଚ ଉପରେ ରହିବ । ଆସନ ଉପରେ ଏକ ସ୍ୱଚ୍ଛ, ଶୁଭ୍ର ଅବ୍ୟବହୃତ ବସ୍ତ୍ର ପକାଅ ଏବଂ ତା' ଉପରେ ଧ୍ୟାନରେ ବସ ।

କନ୍ନମ୍ମା : ସ୍ୱାମୀ ଆପଣଙ୍କ ଦିବ୍ୟ ସାନ୍ନିଧ୍ୟରେ ମୁଁ ରଘୁ ଓ ଶଙ୍କରର ଉପନୟନ କରିବାକୁ ଚାହେଁ । କିନ୍ତୁ ଏଭଳି ଏକ ଉତ୍ସବ ଆୟୋଜନ କରିବାକୁ ଆମର ଅଛି ନା ଶାରୀରିକ ବଳ ନା ଆର୍ଥିକ ସମ୍ବଳ । ସ୍ୱାମୀ, ଆପଣ ଆପଣଙ୍କ କକ୍ଷ ମଧ୍ୟରେ ଏମାନଙ୍କୁ ଗାୟତ୍ରୀ ଦୀକ୍ଷା ଦେଲେ ଆମେ କୃତାର୍ଥ ହେବୁ ।

ସ୍ୱାମୀ ଆନନ୍ଦରେ ଉପନୟନ କର । ମୁଁ ମୋ କକ୍ଷ ମଧ୍ୟରେ ନିଶ୍ଚୟ ସେମାନଙ୍କୁ ଉପଦେଶ ଦେବି । ଝିଅ, ଜଣେ ଭକ୍ତଙ୍କ ଘରେ ପାନ ଖାଇ ମୋ ଜିଭ ଖାଇ ଯାଇଛି । ସେମାନେ ହୁଏତ ପାନରେ ବେଶି ଚୂନ ଦେଇ ଦେଇଥିଲେ । (ଏହା କହି ସ୍ୱାମୀ ତାଙ୍କର ଜିଭ ବାହାର କରି ଆମକୁ ଦେଖେଇଲେ)

କନ୍ନମ୍ମା : ସ୍ୱାମୀ, ଆମେ ଭକ୍ତମାନେ ଆପଣଙ୍କୁ ସାହାଯ୍ୟ କ'ଣ କରିବୁ ବରଂ ବେଶୀ ବିରକ୍ତ କରିଥାଉ ।

ସ୍ୱାମୀ ତୁମ ଭଳି ଭକ୍ତଙ୍କ ପାଇଁ ମୁଁ ଯେକୌଣସି କଷ୍ଟ ବରଣ କରିବାକୁ ପ୍ରସ୍ତୁତ । ଏହା ମୋ ପାଇଁ କଷ୍ଟ ନୁହଁ ।

କନ୍ନମ୍ମା : ସ୍ୱାମୀ, 'ସତ୍ୟ ସାଇ ରାମ୍' ମାନେ କ'ଣ ?

ସ୍ୱାମୀ : 'ରା' ମାନେ ଅଗ୍ନି, 'ମ' ମାନେ ଅମୃତ । ଅଗ୍ନି ପାର୍ଶ୍ୱରେ ସବୁବେଳେ ଅମୃତ ରହିବା ଉଚିତ, ନଚେତ୍ ସବୁକିଛି ଜଳିଯିବ । ଯିଏ ସତ୍ୟ ଉପରେ ଶୟନ କରିଥାନ୍ତି ସେ ସତ୍ୟସାଇ । ରାମ ହେଉଛନ୍ତି ପ୍ରେମ ସ୍ୱରୂପ । ରାମଙ୍କ ଠାରେ 'କାମ' ନଥାଏ ।

ମୁରଲୀ ସ୍ୱାମୀଙ୍କୁ ସଦ୍‌ବୁଦ୍ଧିପାଇଁ ପ୍ରାର୍ଥନା କଲା । ମୋର ପିଲାମାନେ ଯେତେବେଳେ ଛୋଟ ଥିଲେ, ସ୍ୱାମୀ ସେମାନଙ୍କୁ ପଚାରୁଥିଲେ, "ତୁମ ମା ତୁମକୁ କି

ପ୍ରାର୍ଥନା କରିବା ଶିଖେଇଛି ?" ପିଲାମାନେ କହୁଥିଲେ, "ମା ଆମକୁ ସୁମତି ଓ ସୁରକ୍ଷା ପାଇଁ ଆପଣଙ୍କୁ ପ୍ରାର୍ଥନା କରିବା ଶିଖେଇଛି ।" ସ୍ୱାମୀ ସେମାନଙ୍କ କଥା ଶୁଣି କହନ୍ତି, "ସେଇ ଗୋଟିଏ ଜିନିଷ (ଜ୍ଞାନ) ଯଦି ତୁମ ପାଖରେ ଥାଏ, ଈଶ୍ୱରଙ୍କୁ ପାଇବାପାଇଁ ତୁମ ମଧ୍ୟରେ ଆଉ କିଛି ରହିବା ଆବଶ୍ୟକ ନାହିଁ" ।

ସ୍ୱାମୀ : ତୁମେ ସବୁବେଳେ ମୋତେ ଏହି ପ୍ରାର୍ଥନା କର : "ସ୍ୱାମୀ ଉତ୍ତମ ଗୁଣ ସମ୍ପନ୍ନ ହୋଇ ଜୀବନ ଯାପନ କରିବାକୁ ମୋତେ ଆଶୀର୍ବାଦ କର ।"

ରଘୁ : ସ୍ୱାମୀ, ମୁଁ ସଙ୍ଗୀତ ଶିଖିବି କି ?

ସ୍ୱାମୀ : ଶିଖ୍ ।

ଶଙ୍କର : ସ୍ୱାମୀ, ମୁଁ ଏସ୍.ଏସ୍.ଏଲ.ସି ପାସ୍ କରିଗଲି । ଏଥର ଆଗକୁ କ'ଣ ପଢ଼ିବି ?

ସ୍ୱାମୀ : ତୋତେ ଆଗକୁ ହିଁ ପଢ଼ିବାକୁ ହେବ । କେହି କ'ଣ ପଛକୁ ପଢ଼େ ? ତୋ ଆଖି ଅଛି ଆଗରେ ନା ପଛରେ ?

ଶଙ୍କର ସ୍ୱାମୀ ମୁଁ ଇଞ୍ଜିନିଅରିଂ ପଢ଼ିବାକୁ ଚାହେଁ, କିନ୍ତୁ ସମସ୍ତେ କହୁଛନ୍ତି କଲେଜରେ ଭଲ ପଢ଼ା ହେଉନି ।

ସ୍ୱାମୀ ପଢ଼ା ବିଷୟରେ କାହିଁକି ବ୍ୟସ୍ତ ହେଉଛୁ ? ସବୁକିଛି ଛାତ୍ରର ଶ୍ରଦ୍ଧା ଉପରେ ନିର୍ଭର କରେ । ମୋତେ ମନେ ପକାଇବା ସହଜ ହେଲେ ପାଠ ମଧ୍ୟ ସହଜ ହୋଇଯିବ । (ସିପିସି ପଲିଟେକେନିକ୍ ମହୀଶୂର ଆଡ଼କୁ ଅଙ୍ଗୁଳି ଦେଖେଇ) ସେଇ ସ୍କୁଲ୍‌ରେ ମେକାନିକଲ୍ ଇଞ୍ଜିନିଅରିଂ ରେ ଡିପ୍ଲୋମା କର । ଭବିଷ୍ୟତରେ ଯାନ୍ତ୍ରିକ ଯୁଗ ଆସୁଛି, ତେଣୁ ସେଇ କ୍ଷେତ୍ରରେ ତୋର ଉନ୍ନତି ହେବ ।

ଶଙ୍କର ସ୍ୱାମୀ, ବିଷୟଗୁଡ଼ିକୁ ସହଜରେ ବୁଝିବାପାଇଁ ଆପଣଙ୍କ ସାହାଯ୍ୟ ଦରକାର ।

ସ୍ୱାମୀ : ତାହା ହିଁ ହେବ, ତୁମେ ସମସ୍ତେ ନିତ୍ୟ ମୋତେ ସ୍ମରଣ କରି ଶ୍ରଦ୍ଧାର ସହ ନିଜ ନିଜ କାମ କରିଯାଅ । ମୁଁ ସବୁ କଥା ବୁଝିବି (ସତକୁ ସତ ଶଙ୍କରକୁ ତା' ପାଠ୍ୟକ୍ରମରେ ଅନେକ ଗୁଡ଼ିଏ କଷ୍ଟ ବିଷୟ ସ୍ୱାମୀ ସ୍ୱପ୍ନରେ ବୁଝେଇ ଦେଇଥିଲେ ଓ ସେ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ମଧ୍ୟ ପାଇଲା)

୧୯୫୮ ଡିସେମ୍ବର ୧୭ ତାରିଖ ଦିନ ସ୍ୱାମୀ ରାମଚନ୍ଦ୍ର ସେଟ୍ଟିଙ୍କ ଘରକୁ ଆସିଥାନ୍ତି ସେଟ୍ଟି ପରିବାର ସ୍ୱାମୀଙ୍କର ପାଦପୂଜା କଲେ । ପୂଜାପରେ ସେଠାରେ ସମବେତ ଗୃହିଣୀମାନଙ୍କୁ ସ୍ୱାମୀ ଏକ ସଂକ୍ଷିପ୍ତ ସମ୍ଭାଷଣ ପ୍ରଦାନ କଲେ ।

ଶ୍ରଦ୍ଧାର ସହ ନିଜ କର୍ତ୍ତବ୍ୟ ସମ୍ପାଦନ କର ଏବଂ ଅବସର ସମୟରେ ଈଶ୍ୱରଙ୍କୁ ସ୍ମରଣ କର । ଏହା ହିଁ ତୁମର ଧର୍ମ । ସୂର୍ଯ୍ୟ ଓ ଚନ୍ଦ୍ର ଯେଭଳି ସୃଷ୍ଟିର ଦୁଇ ନେତ୍ର, ତୁମର ଦୁଇ ନେତ୍ର ମଧ୍ୟ ତୁମ ଶରୀରର ଅତି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ମନର ନେତ୍ର ହେଲା ଧର୍ମ । ଧର୍ମ ବିନା ଜୀବନ ତମସାଚ୍ଛନ୍ନ ହୋଇଯାଏ । ତେଣୁ ଧର୍ମାନୁସରଣ କର । ସ୍ୱାମୀ ଓ ସନ୍ତାନ ସନ୍ତତିଙ୍କର ଯତ୍ନ ନିଅ । ଏହା ଦରକାର, ତାହା ଦରକାର କହି ବେଶୀ ଜିଦ୍ କର ନାହିଁ । ସ୍ୱାମୀଙ୍କର ଆୟ ଯଦି ଶହେ ଟଙ୍କା, ସେ ତୁମକୁ ଶହେ ପଚାଶ ଟଙ୍କାର ଶାଢ଼ୀ କେଉଠୁ ଆଣିଦେବେ ?

ସତ୍‌କର୍ମ କରିଯାଅ । ଅନ୍ୟ ଜଣେ ଯାହା କରିବା କଥା ତାହା ତୁମ ମୁଣ୍ଡ ଉପରକୁ ନିଅ ନାହିଁ ଏବଂ ତୁମେ ଯାହା କରିବା କଥା, ତାହା ଅନ୍ୟର ମୁଣ୍ଡକୁ ଠେଲି ଦିଅ ନାହିଁ । କଞ୍ଚାଫଳଟି ତା'ର ସିଏ ଗଛରୁ ଖସି ନ'ଥାଏ କିନ୍ତୁ ପାଚିଲା ଫଳ ତା'ର ସିଏ ଗଛରୁ ଖସିଯାଏ । ମୁଣ୍ଡକୁ ଖାଲିଲଣ୍ଡା କରିଦେଲେ କ'ଣ ମନର ଦୁଶ୍ଚିନ୍ତା କେଉଁଠିକି ଉଭେଇ ଯିବ ? ତେଣୁ ମନ କାମନା -ବାସନାରୁ ମୁକ୍ତ ହେବା ପାଇଁ ସାଧନା କରିବାକୁ ହେବ । ବାହାରକୁ ଦେଖେଇ ହେଇ ଲାଭ କ'ଣ ? ନିଜର କାମନାକୁ କମେଇବାକୁ ଚେଷ୍ଟାକର । ଫଳଟି (ଶରୀର) ପଚିଗଲେ ତ ତାକୁ ଫିଙ୍ଗି ଦିଆଯିବ । ଫଳଟି ଯେତେବେଳେ ଭଲ ଅଛି, ତାକୁ କ'ଣ ଠାକୁରଙ୍କ ପାଖରେ ନୈବେଦ୍ୟ କରିବା କଥା ନୁହଁ ? ନିଜର କର୍ତ୍ତବ୍ୟ ନ' କରି ତୁମେ ଶାନ୍ତିରେ ରହି ପାରିବ ନାହିଁ, ନିଃଶ୍ୱାସ ପ୍ରଶ୍ୱାସ ମଧ୍ୟ ଏକ କର୍ମ । ତାହା ବନ୍ଦ ହୋଇଗଲେ ଆଉ କୌଣସି କାମ କରି ହେବ ନାହିଁ । ତେଣୁ ଈଶ୍ୱରଙ୍କୁ ସ୍ମରଣ କରି ତୁମର କର୍ତ୍ତବ୍ୟ ଶ୍ରଦ୍ଧାର ସହ କରିଯାଅ ।

ଅଳ୍ପ ସମୟର ବିରତି ମଧ୍ୟରେ କେତେକ ଭକ୍ତ ସେମାନଙ୍କ ସନ୍ଦେହର ସମାଧାନ ସ୍ୱାମୀଙ୍କଠାରୁ ଲୋଡ଼ିଥିଲେ ।

କନ୍ନମ୍ମା : ସ୍ୱାମୀ, "ମାନବ" ମାନେ କ'ଣ ?

ସ୍ୱାମୀ : ମୁଁ କଥାଟି ଏମିତି କହିବି

ଜୀବ+ମୋହ = ମାନବ

ଜୀବ–ମୋହ = ଈଶ୍ୱର

ତା' ମାନେ ମାନବ ମୋହ ସହିତ ଓ ଈଶ୍ୱର ମୋହ ରହିତ । (ସ୍ୱାମୀ "ରାମା ନାନ୍ନୁ ବ୍ରୋୱାରା" ଅର୍ଥାତ୍ ହେ ରାମ ମୋର ସାହା ହୁଅ ଗୀତଟି ଗାଇଲେ) ବିବେକ ଓ ବୈରାଗ୍ୟର ଗୁରୁତ୍ୱ କେତେ ତାହା ବୁଝେଇବାକୁ ଯାଇ ସେ "ଚିମଲୋ ବ୍ରହ୍ମମୁ" ଗୀତଟି ଗାଇଲେ । ଏହି ଗୀତରେ ତ୍ୟାଗରାଜ ଏକ ପିମ୍ପୁଡ଼ି ଭିତରେ ମଧ୍ୟ ବ୍ରହ୍ମ ଅଛନ୍ତି ବୋଲି କହିଛନ୍ତି । ସେ ଜାଣି ଜାଣି ଏଠାରେ ମଣିଷକୁ ଉଲ୍ଲେଖ କରି ନାହାନ୍ତି, କାରଣ ଚିନି ସଙ୍ଗେ ବାଲି ମିଶିଲେ ପିମ୍ପୁଡ଼ି ତାର ବିବେକକୁ ପ୍ରୟୋଗ କରି ବାଲିଠାରୁ ଚିନିକୁ ଅଲଗା

କରିଥାଏ । ପିମ୍ପୁଡ଼ି ଚିନିକୁ ନେଇ ବାଲିକୁ ଛାଡ଼ିଦିଏ । ମଣିଷ ଯାହା ମିଳେ ତାହାଧରି ଦୁଃଖ ଭୋଗିଥାଏ ।

କନ୍ନମ୍ମା : ସ୍ୱାମୀ, ଏମିତି ଏକ ସଂସାର ଆପଣ ସୃଷ୍ଟି କଲେ କାହିଁକି ?

ସ୍ୱାମୀ : ମଣିଷର କ୍ରମବିକାଶ ପାଇଁ ସେ ଦୁଃଖ କଷ୍ଟରୁ କିଛି ଶିଖିବ ଏବଂ ତାର ବିବେକ ଓ ବିଚାରକୁ ଜୀବନରେ ପ୍ରୟୋଗ କରିବ- ଏଥିପାଇଁ ମୁଁ ଏଭଳି ଏକ ସଂସାର ଗଢ଼ିଛି ।

କନ୍ନମ୍ମା : ସ୍ୱାମୀ ଆପଣ କ'ଣ ଆପଣଙ୍କର ଚିତ୍ତବିନୋଦନ ପାଇଁ ଏହି ଜଗତର ସର୍ଜନା କରିଛନ୍ତି ?

ସ୍ୱାମୀ ନା, କଦାପି ନୁହଁ । ଭଗବାନଙ୍କର ଗୋଟିଏ ମିନିଟ୍ ମଧ୍ୟ ଫୁରସତ୍ ନଥାଏ । ମଣିଷକୁ ଉଚିତ ଶିକ୍ଷା ଦେଇ ତା'ର ଅଭ୍ୟୁଦୟରେ ସାହାଯ୍ୟ କରିବାପାଇଁ ଭଗବାନ୍ ସମସ୍ତ ସୌନ୍ଦର୍ଯ୍ୟରେ ଭରପୂର ଏହି ସଂସାର ଗଢ଼ିଛନ୍ତି ।

ଲୀଲମ୍ମା ଈଶ୍ୱରଙ୍କଠାରେ ପହଞ୍ଚିବା ପାଇଁ ସାଧନା କରିବା ସମୟରେ ଭକ୍ତିମାର୍ଗରେ ଆସୁଥିବା ବାଧା-ବିଘ୍ନ ସମ୍ବନ୍ଧରେ ସ୍ୱାମୀଙ୍କୁ କହିଲେ । (ଜୀବନର ଦୁଃଖକଷ୍ଟ, ବିଶ୍ୱାସ ଦୋଦୁଲ୍ୟମାନ ହେବା ଇତ୍ୟାଦି)

ସ୍ୱାମୀ : ନା', ତମେ ଯାହା ଭାବୁଛ ତାହା ଭୁଲ । ମା ତା' ଛୁଆକୁ ଶାସ୍ତି ଦିଏ ବୋଲି କାହିଁକି ଭାବୁଛ ? ଏହାଶିକ୍ଷା (ଶାସନ) ନୁହେଁ, ଶିକ୍ଷଣ, (ଅନୁଶାସନ) ଈଶ୍ୱରଙ୍କ ସମ୍ବନ୍ଧରେ ମଧ୍ୟ ଏହା ହିଁ ପ୍ରଯୁଜ୍ୟ । ମା ଛୁଆକୁ ବେଳେ ବେଳେ ଗାଳି ଦିଏ ବୋଲି ଛୁଆ ତା' ମାଠାରୁ ମୁହଁ ମୋଡ଼ି ଚାଲିଯାଏ ନାହିଁ । ତୁମର ଛୁଆ ଗୁରୁତର ଭାବେ ଅସୁସ୍ଥ ହେଲେ ତୁମେ କାହାକୁ ଚାହିଁଥାଅ ? ସେତେବେଳେ ତୁମେ ତୁମର ଧନବାନ୍ ପିତା, ପତି ବା ଅନ୍ୟ କାହାକୁ ପ୍ରାର୍ଥନା କରି ନ'ଥାଅ । ତୁମେ, 'ହେ ପ୍ରଭୁ ! ମୋ ପୁଅକୁ ରକ୍ଷା କର !' କହି ଈଶ୍ୱରଙ୍କୁ ପ୍ରାର୍ଥନା କରି ନଥାଅ କି ?

ଏହି ସଂସାରରେ ଧନୀ ହେଉ ବା ଗରିବ ହେଉ, ପ୍ରତ୍ୟେକେ ଜଣେ ଜଣେ ଭିକାରୀ । ଭଗବାନ କାହାକୁ ଟିକିଏ ବେଶୀ ଭିକ ଦେଇଥାନ୍ତି ତ କାହାକୁ କମ୍ ଭିକ ଦେଇଥାନ୍ତି । ଜଣେ ବଡ଼ ଭିକାରୀ ତ ଆଉ ଜଣେ ଛୋଟ ଭିକାରୀ, ବେଶ୍ ଏତିକି । କିଏ କେତେ ଭିକ ପାଇବ ତାହା ତା'ର କର୍ମ ଉପରେ ନିର୍ଭର କରେ । ତେଣୁ କାହାକୁ ଘୃଣା କର ନାହିଁ । କାହା ପ୍ରତି ଈର୍ଷା କର ନାହିଁ । ମିଳିମିଶି ରୁହ, ମନ ଆନନ୍ଦରେ କାମକର, ସବୁକିଛି ସମସ୍ତଙ୍କ ସହ ସମାନ ସମାନ ବାଣ୍ଟି ନିଅ ଏବଂ ଈଶ୍ୱରଙ୍କୁ ତୁଷ୍ଟ କରିବାକୁ ଚେଷ୍ଟା କର ।

ଶଙ୍କର : ସ୍ୱାମୀ, ଆତ୍ମା କ'ଣ ?

ସ୍ୱାମୀ : ତାହା ବୁଝିବାର ବୟସ ତୋର ହୋଇ ନାହିଁ । (ସେଚିଙ୍କ ଆଡ଼କୁ ଚାହିଁ) ଆତ୍ମାର ଆକାର ନାହିଁ । ଏହା ଅନନ୍ତ ।

ଆମେ ୧୯୫୯ ସାଲ୍ ଜୁନ୍‌ମାସ ଚଉଦ ତାରିଖ ଦିନ ପର୍ତ୍ତିରେ ପହଞ୍ଚିଲୁ । ଆମକୁ ଦେଖିବା ମାତ୍ରକେ ସେ ତାଙ୍କର ଡାହାଣ ହାତ ଉପରକୁ ଉଠାଇ ଆମକୁ ଆଶୀର୍ବାଦ କଲେ, ଆମ ପିଲାମାନେ କିମିତି ଅଛନ୍ତି ଏବଂ ସେମାନଙ୍କର ପରୀକ୍ଷା ଫଳ କ'ଣ ହୋଇଛି ପଚାରିଲେ । ମୋ ପତିଦେବ ସ୍ୱାମୀଙ୍କୁ ତାଙ୍କର କୃପାରେ ପିଲାମାନେ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି କହିଲେ । ସ୍ୱାମୀ ହସି ହସି କହିଲେ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ମୋ କୃପା, ଆଉ ସବୁ ଫଳ ପାଇଁ ତୁମ କୃପା" । ସ୍ୱାମୀ ପଚାରିଲେ "ତୁମେମାନେ ଗତକାଲି ଆସିବାର ଥିଲା ନା ?" ମୋ ସ୍ୱାମୀ କହିଲେ, "ଆମେ ଆସି ପାରିଲୁ ନାହିଁ ।" ସ୍ୱାମୀ କହିଲେ, "ତୁମର ତ ପୁଟପର୍ତ୍ତି ଆସିବାର ଯୋଜନା ହିଁ ନ ଥିଲା ! ମୋ ସ୍ୱାମୀ ଚୁପ୍ ରହିଲେ । ସ୍ୱାମୀ ଏଥର ପଚାରିଲେ, "ରାଧାମ୍ମା ଭଲ ଅଛି ତ ? ସେ କ'ଣ ତା ଘରକୁ ଫେରିଗଲାଣି ?" ପରଦିନ ସ୍ୱାମୀଙ୍କୁ ଦର୍ଶନ କରିବା ପରେ ମୁଁ ତାଙ୍କର ପାଦନମସ୍କାର କଲି । ଅପରାହ୍ନରେ ସ୍ୱାମୀଙ୍କୁ ସାକ୍ଷାତ୍ କରିବାକୁ ଯାଇଥାଏ । ସେ କହିଲେ, "ମୁଁ ମଧ୍ୟାହ୍ନ ଭୋଜନ ପରେ ତୁମ ସହ କଥା ହେବି ।" ମୁଁ କହିଲି "ସ୍ୱାମୀ ଆମେ କାଲି ଫେରିଯିବୁ । ଆମକୁ ପାଦପୂଜା କରିବାକୁ ଅନୁମତି ଦିଅନ୍ତୁ ।" ସ୍ୱାମୀ କହିଲେ, "ତୁମେ ଯଦି କାଲି ସକାଳୁ ବାହାରୁଛ, ପାଦପୂଜା କରିବ କିମିତି ? ପାଦପୂଜାରେ ବସିଲେ ବସ୍ ଚାଲିଯିବ ।" ମୁଁ କହିଲି, "ସ୍ୱାମୀ, ଆପଣ ଅନୁମତି ଦେଲେ ଆମେ ସନ୍ଧ୍ୟା ବସ୍‌ରେ ଯିବୁ ।" ସେ କହିଲେ "ଖୁବ୍ ଭଲ ।"

ମଙ୍ଗଳବାର ଦିନ ଆମେ ପାଦପୂଜା ପାଇଁ ଅପେକ୍ଷା କରିଥାଉ । ଭଜନ ଓ ମଙ୍ଗଳ ଆରତୀ ପରେ ମଧ୍ୟାହ୍ନ ଭୋଜନ ପାଇଁ ସ୍ୱାମୀ ଉପରମହଲାକୁ ଚାଲିଗଲେ । ମୁଁ ଉପର ମହଲାକୁ ଯାଇ ତାଙ୍କ ପାଇଁ ଅପେକ୍ଷା କରିଥାଏ । ସ୍ୱାମୀ କବାଟ ଖୋଲି ମୋତେ ଦେଖି ପଚାରିଲେ, "କ'ଣ ହେଲା ?" ମୁଁ ଉତ୍ତର ଦେଲି, "ଆମେ ପାଦ ପୂଜାପାଇଁ ଅପେକ୍ଷା କରିଛୁ ।" ସେ ପଚାରିଲେ, "କି ପାଦ ପୂଜା ? ତୁମେ ତ ତାହା ମୋତେ ମାଗି ନ'ଥିଲ । ସକାଳେ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଆସିଲେ କ'ଣ ହୋଇ ନଥାନ୍ତା ? ଏଇଆ କହି ସେ ତଳ ମହଲାକୁ ଚାଲି ଆସିଲେ ଏବଂ ମୋ ମା'କୁ ଚାହିଁ କହିଲେ, "ତୁମେ କ'ଣ ଏମାନଙ୍କୁ କହିବା ଉଚିତ୍ ନୁହଁ ଯେ ଆଧ୍ୟାତ୍ମିକ ପଥରେ ଚାଲୁଥିବା ଭକ୍ତମାନେ ଏଭଳି ବହିରଙ୍ଗ ପୂଜା କରିବା ଦରକାର ନାହିଁ ।"

କନ୍ନମ୍ମା : ସ୍ୱାମୀ, ଆମର ପୂଜା ଯୋଗୁଁ ଆପଣଙ୍କର ଅସୁବିଧା ହେଉଛି, ଆମେ ତାହା କରିବୁ ନାହିଁ ।

ସ୍ୱାମୀ : ନା, ମୁଁ କ୍ଲାନ୍ତ ହୋଇନି । ତୁମେମାନେ କିନ୍ତୁ ଭ୍ରମରେ ପଡୁଛ । ତୁମେ ଏ ଯାଏ ଯଦି କେବଳ ବାହ୍ୟ ପୂଜାରେ ବ୍ୟସ୍ତ ରୁହ, ତୁମ ଅନ୍ତରରେ ପୂଜା କରିବା ଆଉ କେବେ ଆରମ୍ଭ କରିବ ? ତୁମେ କ'ଣ ଭାବୁଛ ଖାଲି ମୋ ପାଦକୁ ଜଳରେ ଧୋଇଦେଲେ ପୂଜା ହୋଇଗଲା ? ପରେ ସେ ଆମକୁ ପାଦପୂଜା କରିବାକୁ ଅନୁମତି ଦେଲେ ।

ମା : ସ୍ୱାମୀ, ମୋତେ ନିରାକାର ଧ୍ୟାନ ବୁଝେଇ ଦିଅନ୍ତୁ ।

ସ୍ୱାମୀ ତାହା ଠିକ୍ ନୁହଁ । ଯେଉଁଠେ ରାସ୍ତା ଅଛି ସେଇଠି ଚାଲିବା ଭଲ । କଙ୍କରିତ ପଥକୁ ପରିହାର କରି ରାଜମାର୍ଗରେ ଚାଲ । ତାହେଲେ ତୁମେ ଉଚିତ ଦିଗକୁ ଜାଣିପାରିବ । ରାସ୍ତାରେ ପଡ଼ିଥିବା ଗୋଟିଏ କାଚଖଣ୍ଡକୁ ଦେଖି ତୁମେ ହୀରା ମନେ କରୁ ଥାଇପାର । ସତରେ ଯେତେବେଳେ ହୀରା ନଜରରେ ପଡ଼ିବ, ସେତେବେଳେ ତାହାକୁ କାଚଖଣ୍ଡ ମନେ କରି ଛାଡ଼ି ଦେଇ ପାର । ତୁମକୁ କିଏ ପରାମର୍ଶ ଦେବ ? ତେଣୁ ସାକାର ଧ୍ୟାନ ଭଲ । ନିରାକାର ଧ୍ୟାନ ଖୁବ୍ ଏକ କଷ୍ଟକର ମାର୍ଗ । କୃଷ୍ଣଙ୍କ ପାଟି ଭିତରେ ବ୍ରହ୍ମାଣ୍ଡ ଦିଶିଥିଲା । କୃଷ୍ଣ ବ୍ରହ୍ମାଣ୍ଡ ମଧ୍ୟରେ ଦିଶି ନଥିଲେ । ବ୍ୟକ୍ତି ମଧ୍ୟରେ ଶକ୍ତିଥାଏ, ଶକ୍ତି ମଧ୍ୟରେ ବ୍ୟକ୍ତି ନଥାଏ । ତୁମେ ସେ ବାଟରେ ଯିବାକୁ ଚେଷ୍ଟା କରୁଛ କାହିଁକି ? ଧ୍ୟାନର ମୂଳକଥା ହେଲା ପବିତ୍ର ଭାବ ନେଇ ଧ୍ୟାନ କରିବା । ସେଠାରେ ଅନ୍ୟକାହାର ଚିନ୍ତା-ଭାବନା ପ୍ରବେଶ କରିବା କଥା ନୁହଁ ।

ମହୀଶୂର ଫେରିବା ପୂର୍ବରୁ ପୁଣିଥରେ କେଉଁଠେ ତାଙ୍କୁ ଦର୍ଶନ କରି ପାରିବୁ ବୋଲି ଆମେ ତାଙ୍କୁ ପଚାରିଲୁ । ସେ ଆମକୁ ଇଣ୍ଟରଭ୍ୟୁ କକ୍ଷ ପାଖକୁ ଆସିବାକୁ କହିଲେ । ଅପରାହ୍ନ ୩ ଟା ପରେ ଆମେ ଇଣ୍ଟରଭ୍ୟୁ କକ୍ଷ ବାହାରେ ଛିଡ଼ା ହୋଇଥିବା ଦେଖି ସ୍ୱାମୀ ଉପରମହଲାରୁ ଆମକୁ ଆସିବାକୁ ଇଙ୍ଗିତ କଲେ । ମନ୍ଦିରର ପୂଜାପୀଠର ଠିକ୍ ଉପରକୁ ଥିବା ଏକ କକ୍ଷ ମଧ୍ୟକୁ ସେ ଆମକୁ ନେଲେ । ଆମେ ବସିବା ପରେ ମୋ ପତି ସ୍ୱାମୀଙ୍କ ଗୋଡ଼ ମୋଡ଼ି ଦେଉଥାନ୍ତି ।

କନ୍ନମ୍ମା : ଆପଣ ସନାତନ ସାରଥିରେ କହିଛନ୍ତି ଆମେ ଓଁକାର ସହ ଜପଧ୍ୟାନ କରିବା ଉଚିତ । ତିନୋଟି ଏକ ସଙ୍ଗେ ଆମେ କରି ପାରୁ ନାହୁଁ ।

ସ୍ୱାମୀ : ତୁମେ ଭୁଲ ବୁଝିଛ । ଓଁକାର କରିବା ସମୟରେ ମନ୍ତ୍ର ଜପ କରିବା ବା ଧ୍ୟାନ କରିବା କ'ଣ ସମ୍ଭବ । ଓଁକାର କରିବା ସମୟରେ କେବଳ ଓଁକାର ନାଦ ଉପରେ ମନକୁ ସ୍ଥିର ରଖ । ପରେ ଓଁକାର ନାଦକୁ ଅନୁଭବ କରି ଓଁ ଅକ୍ଷରକୁ ଧ୍ୟାନକର ଏବଂ ମନ୍ତ୍ର ଉଚ୍ଚାରଣ କର । ମନ୍ତ୍ର ଜପ ବନ୍ଦ ହେଲେ ଧ୍ୟାନ କରି ଚାଲ । ଜପ ବନ୍ଦ ହେଲେ ବ୍ୟସ୍ତ ହୁଅ ନାହିଁ, ଧ୍ୟାନ କରୁଥାଅ ।

କନ୍ନମ୍ମା ସ୍ୱାମୀ, ଧ୍ୟାନ କରିବା ସମୟରେ ଆମେ କାହିଁକି ଆନନ୍ଦ ଅନୁଭବ କରିପାରୁ ନାହୁଁ ?

ସ୍ୱାମୀ ଆରମ୍ଭରେ କୌଣସି ଅନୁଭୂତି ରହେ ନାହିଁ । ତୁମେ କିନ୍ତୁ ତୁମ ଅଭ୍ୟାସକୁ ଅବ୍ୟାହତ ରଖ । ଧ୍ୟାନ ସମୟରେ ଆଖି ବୁଜି ଦେଲେ ତୁମେ ଖାଲି ଅନ୍ଧାରକୁ ଦେଖିଥାଅ । ସେଇ ଅନ୍ଧାର ଭିତରେ ତୁମେ ଏକ ଆଲୋକ ଦେଖିବ ଏବଂ ଆଲୋକ ମଧ୍ୟରେ ମୋତେ ଦେଖିବ, ବେଶ୍ ଏତିକି ଦରକାର । ଧ୍ୟାନ ସମୟରେ ଅନ୍ୟକିଛି ଦର୍ଶନ ନ କରିବା ଭଲ । ଆତ୍ମ ସାକ୍ଷାତ୍‌କାର ହିଁ ଚରମ ଉପଲବ୍ଧି । ତା' ପରେ ସବୁକିଛି ବ୍ରହ୍ମମୟ ବୋଲି ଅନୁଭବ କରି ହେବ । ସେଇ ଅବସ୍ଥାରେ ଜଣେ ନିଜକୁ ଭୁଲିଯାଏ । ସେଇ ଅବସ୍ଥାକୁ ଜପ ଓ ଧ୍ୟାନ ସାହାଯ୍ୟରେ ପହଞ୍ଚ ହୁଏ । ସ୍ୱାମୀ ବିବେକାନନ୍ଦଙ୍କ ଆନ୍ଦୋଳିତ ମନକୁ ପ୍ରଶମିତ କରିବାପାଇଁ ରାମକୃଷ୍ଣ ପରମହଂସ ତାଙ୍କୁ ସ୍ୱଳ୍ପ ସମୟ ପାଇଁ ସାକ୍ଷାତକାରର ଅନୁଭୂତି ପ୍ରଦାନ କଲେ । ସେ ସେହି ଅନୁଭୂତିକୁ ବିବେକାନନ୍ଦଙ୍କ ମଧ୍ୟରେ ସବୁ ସମୟରେ ରହିବାକୁ ଦେଲେ ନାହିଁ ।

ମୁଁ ତୁମକୁ ପୂର୍ଣ୍ଣ ଆତ୍ମ-ସମର୍ପଣର ଏକ ଦୃଷ୍ଟାନ୍ତ ଦେବି । ଥରେ ଖଟ୍ୱାଙ୍ଗର ରାଜା ଏକ ଅରଣ୍ୟ ମଧ୍ୟ ଦେଇ ଯାଉଥାନ୍ତି । ଯାତ୍ରା ପଥରେ ସେ ଏକ ଋଷିଙ୍କୁ ଭେଟିଲେ । ଋଷିଙ୍କ ଦର୍ଶନମାତ୍ରକେ ସେ ଘୋଡ଼ାରୁ ଓହ୍ଲେଇ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ ଏବଂ ପ୍ରାର୍ଥନା କଲେ, "ଗୁରୁଜୀ, ମୁଁ ପୁଣି ଥରେ ଘୋଡ଼ା ଚଢ଼ିବା ପାଇଁ ପା-ଦାନରେ ମୋ ପାଦ ରଖିବା ଭିତରେ ଆତ୍ମ-ସାକ୍ଷାତ୍‌କାର ଚାହେଁ ।" ଋଷି କହିଲେ, "ତାହା ଯଦି ଚାହଁ, ମୁଁ ଯାହା କହୁଛି ତାହା କରିବାକୁ ହେବ ।" ରାଜା ସେଥିରେ ରାଜି ହେଲେ । ଋଷି କହିଲେ, ତୁମର ଶରୀର, ବାକ୍ ଓ ମନ ମୋତେ ଦେଇ ଦିଅ ।" ରାଜା କହିଲେ "ମୁଁ ସେ ତିନୋଟି ଆପଣଙ୍କୁ ଦେଇଦେଲି ।" ଋଷି ଅନ୍ତର୍ଦ୍ଧାନ ହୋଇଗଲେ । ରାଜା ସେଇ ସ୍ଥାନରେ ହେଁପରି ଛିଡ଼ା ହୋଇ ରହିଥାନ୍ତି ।

ଦୀର୍ଘ ସମୟ ଧରି ରାଜା ନ' ଫେରିବା ଫଳରେ ତାଙ୍କର ପରିବାରବର୍ଗ ତାଙ୍କୁ ଖୋଜିବାକୁ ବାହାରିଲେ । ଅରଣ୍ୟ ମଧ୍ୟରେ ତାଙ୍କୁ ପାଇ ସେମାନେ ତାଙ୍କ ସହ କଥାବାର୍ତ୍ତା ହେବାକୁ ଚେଷ୍ଟା କଲେ । ରାଜା ପଦେ ମଧ୍ୟ କିଛି କହୁନଥାନ୍ତି । ସେମାନେ ଭାବିଲେ ଯେ ରାଜା ହୁଏତ କୌଣସି ଏକ ମହାତ୍ମାଙ୍କ ଉପଦେଶ ମାନି ସେଭଳି ଏକ ମାନସିକ ସ୍ଥିତିରେ ଅଛନ୍ତି । ପରେ ସେମାନେ ଅରଣ୍ୟ ମଧ୍ୟରେ ଉକ୍ତ ଋଷିଙ୍କୁ ଖୋଜି ବାହାର କଲେ ଏବଂ ରାଜା ଯେଉଁଠାରେ ସ୍ଥାଣୁବତ ରହି ଯାଇଛନ୍ତି ସେଠାକୁ ଯିବା ପାଇଁ ତାଙ୍କୁ ଅନୁରୋଧ କଲେ । ରାଜା ଋଷିଙ୍କୁ ପ୍ରଣାମ କଲେ ଏବଂ ତାଙ୍କ ସହ ଆଳାପ କଲେ । ତାଙ୍କର ପରିବାରର୍ଗ ଯେତେବେଳେ ତାଙ୍କୁ ସେ କାହିଁକି ନୀରବ ରହିଥିଲେ ବୋଲି ପ୍ରଶ୍ନ କଲେ, ସେ ଋଷିଙ୍କର ଅନୁମତି ନେଇ କହିଲେ, "ମୁଁ ମୋ ଶରୀର, ବାକ୍ ଓ ମନ ଋଷିଙ୍କୁ ସମର୍ପଣ କରି ଦେଇଥିଲି, ତେଣୁ ତାଙ୍କ ଅନୁମତି ବିନା କିଛି କରିବାର ଅଧିକାର ମୋର ନଥିଲା ।" ଋଷି ରାଜାଙ୍କର ଏଭଳି ପୂର୍ଣ୍ଣ ଶରଣାଗତିରେ ପ୍ରୀତ ହୋଇ ତାଙ୍କୁ

ଅଶ୍ୱାରୋହଣ କରିବାକୁ କହିଲେ । ରାଜା ପା-ଦାନରେ ପାଦ ଦେଉ ଦେଉ ତାଙ୍କର ଆତ୍ମା-ସାକ୍ଷାତ୍କାର ହେଲା ଏବଂ ସେ ମୋକ୍ଷ ଲାଭ କଲେ ।

କନ୍ନମ୍ମା ସ୍ୱାମୀ, ଜଣେ କ'ଣ ତା ଜୀବନ କାଳମଧ୍ୟରେ ଆତ୍ମ-ସାକ୍ଷାତ୍କାର ଲାଭ କରି ପାରିବ ନାହିଁ ?

ସ୍ୱାମୀ ଏହା ସମ୍ଭବ । ଗୁରୁ କୃପା ଥିଲେ ଜଣେ ଏକ ସେକେଣ୍ଡ, ଏକ ଘଣ୍ଟା ଏକ ଦିନ, ଏକ ମାସ, ଏକ ବର୍ଷ ମଧ୍ୟରେ ଆତ୍ମାକୁ ଉପଲବଧି କରିପାରେ ।

କନ୍ନମ୍ମା ତା' ହେଲେ ଯେଉଁମାନେ ଏକାନ୍ତଭାବେ ଆପଣଙ୍କ ଉପରେ ନିର୍ଭରଶୀଳ ଏବଂ ଆପଣଙ୍କ ଅନୁଗ୍ରହକୁ ଆଶା କରିଥାନ୍ତି ସେମାନଙ୍କୁ କ'ଣ ଆପଣ କୃପା କରିବା କଥା ନୁହଁ ?

ସ୍ୱାମୀ ମୁଁ ନିଶ୍ଚୟ ସେମାନଙ୍କୁ କୃପା କରିବି । ସେଥିପାଇଁ ଏବଂ ସେଭଳି ସାଧକମାନଙ୍କ ପାଇଁ କେବଳ ମୁଁ ଏଠାରେ ଅଛି । ତୁମର ଆହୁରି ସାଂସାରିକ କର୍ତ୍ତବ୍ୟ ବାକି ରହିଛି । ସେସବୁ ଶେଷ ହେବା ପରେ ମୁଁ ତୁମ ଉପରେ ମୋ କୃପା ବର୍ଷଣ କରିବି । ନିଜର କର୍ତ୍ତବ୍ୟ ଶେଷ ନକରି ତୁମେ ତାହା ଯଦି ଆଶା କର, ତେବେ ତାହା ହେବ ସ୍ୱାର୍ଥପରତା ।

କନ୍ନମ୍ମା ସ୍ୱାମୀ, ଏମିତି କ'ଣ ଲୋକ ନାହାନ୍ତି ଯେଉଁମାନେ ସେମାନଙ୍କର କର୍ତ୍ତବ୍ୟ ଓ ସାଧନା ଏକ ସଙ୍ଗେ କରିଥାନ୍ତି ?

ସ୍ୱାମୀ : ହଁ ଅଛନ୍ତି । ତେବେ ପ୍ରଥମେ ନିଜର କର୍ତ୍ତବ୍ୟ ଶେଷ କରିବା ଭଲ ।

କନ୍ନମ୍ମା : ସ୍ୱାମୀ, ଏହା ଏକ ଅସରନ୍ତି ସଂସାର । ଏଠାରେ କର୍ତ୍ତବ୍ୟର ଶେଷ ନାହିଁ ।

ସ୍ୱାମୀ : ତାହା ଠିକ୍ ନୁହଁ । ଏମିତି ଏକ ଦିନ ଆସିବ ଯେତେବେଳେ ତୁମର କର୍ତ୍ତବ୍ୟ ଶେଷ ହେବ । ସବୁଦିନ ଏମିତି ରହିବ ନାହିଁ । ତୁମେ କ'ଣ ଜାଣ ମୁଁ କାହିଁକି ତୁମକୁ କାମ (ସେବା) କରିବାକୁ କହିଥାଏ, କାରଣ ଏହା କଲେ ତୁମକୁ ଆଉ ଥରେ ଦେହ ଧାରଣ କରିବାକୁ ହେବ ନାହିଁ । ତୁମର ମନ ହୁଏତ ପରିଶୁଦ୍ଧ ହୋଇ ଯାଇଛି, କିନ୍ତୁ ତୁମର ଶରୀର ଯେତିକି ଶାରୀରିକ ପରିଶ୍ରମ କରିବା କଥା କରିନାହିଁ । ସେତେବେଳେ ତୁମକୁ ଆଉଥରେ ଜନ୍ମ ନେବାକୁ ହେବ, ଯଦିଚ ତାହା ପୂର୍ବାପେକ୍ଷା ଏକ ଉନ୍ନତ ଜନ୍ମ ହେବ । ଆଉ ଥରେ ଯେମିତି ଦେହ ଧାରଣ କରିବାକୁ ହେବ ନାହିଁ ସେଥିପାଇଁ ନିଶ୍ଚିତ ହୁଅ । ମୋ ଉପରେ ବିଶ୍ୱାସ ରଖ, ମୁଁ ନିଶ୍ଚୟ ତୁମକୁ କୃପା କରିବି ।

କନ୍ନମ୍ମା : ସ୍ୱାମୀ, ଏମିତି ତ ଆମ ଶରୀର ଦୁର୍ବଳ ହୋଇଗଲାଣି, ଏବେ ଯାହା କରିପାରୁ ନାହୁଁ, ପରେ କ'ଣ ତାହା କରିପାରିବୁ ? ଜପ ବା ଧ୍ୟାନରେ ବସିବା ସମୟରେ

ଗୋଡ଼ ବଥା ହେଲେ ମନ ତେଣେ ଚାଲି ଯାଉଛି । ଆମେ ଯେତେବେଳ ବୃଦ୍ଧ ହୋଇଯିବୁ, ଆମକୁ ଆହୁରି ଅଧିକ ବିଚଳିତ କରିବାପାଇଁ ଅନେକ ସମସ୍ୟା ଆସି ଛିଡ଼ା ହେବ ।

ସ୍ୱାମୀ : ଶରୀରଠୁ ମନ ବଡ଼ । ମନ ନ'ଥାଇ ଖାଲି ଜପମାଳାର କଣ୍ଠି ଗଣିଲେ ସେଥିରୁ କି ଫଳ ମିଳିବ ? ମନର ଯେ କେତେ ଶକ୍ତି, ତାହା କ'ଣ ତୁମେ ଜାଣ ? ମନ ଯଦି ନିଷ୍ଚୟ କରେ, ଦେହର ଅବସ୍ଥା ଯାହା ହେଉନା କାହିଁକି, ତାହା ଦେହକୁ ଯାହା କହିବ, ଦେହ ଶୁଣିବ । ପାଦର ବ୍ୟଥାକୁ ଧ୍ୟାନ ନ' ଦେଇ ଜପ-ଧ୍ୟାନ ଉପରେ ମନକୁ ସ୍ଥିର ରଖ । ପାଦ ବଥା ଆପେ ଆପେ କମିଯିବ । ତୁମେମାନେ ନଦୀ ବାଲିରେ ମାଟି ଓ ଗୋଳିଆ ପାଣି ଭର୍ତ୍ତି ହୋଇଥିବା ଗାତ ଭଳି । ନଦୀର ମୁଖ୍ୟ ଧାରାରୁ ଦୂରରେ ଥିବା ଏହିଗାତ ଗୁଡ଼ିକୁ ଖୋଜି ଖୋଜି କ'ଣ ନଦୀ ବହିବ ? କିନ୍ତୁ ନଦୀରେ ଯେତେବେଳେ ବଢ଼ି ହେବ, ସେତେବେଳେ ଏସବୁ ମାଟି ଓ ଗୋଳିଆପାଣି ବଢ଼ି ପାଣିରେ ଧୋଇ ହୋଇଯିବେ, ଭିତରେ ରହିବ ଖାଲି ଭଲ ପାଣି । ଠିକ୍ ସେମିତି ମନକୁ ପରିଷ୍କାର କଲେ ଆତ୍ମାକୁ ଆବିଷ୍କାର କରିହେବ । ବିଭୁ-କୃପା ବନ୍ୟା ସମାନ, ନଦୀ ହେଉଛି ନାମ ସ୍ମରଣ । ସବୁ ନଦୀ କ'ଣ ଯାଇ ସମୁଦ୍ରରେ ମିଶିଥାନ୍ତି ? ନା, କିଛି କିଛି ନଦୀ ଯାଇ ହ୍ରଦ ବା ସରୋବରରେ ଶେଷ ହୁଅନ୍ତି । ଈଶ୍ୱରଙ୍କ କୃପା-ବୃଷ୍ଟି ନାମ ସ୍ମରଣର ନଦୀରେ ପଡ଼ିଲେ ସେଇ ନଦୀରେ ବନ୍ୟା ହୁଏ ଏବଂ ତାହା ନିଶ୍ଚିତ ଭାବେ ଯାଇ ଈଶ୍ୱରଙ୍କ ସହ ମିଳିତ ହୁଏ । କଳିଯୁଗରେ ନାମସ୍ମରଣ ଛଡ଼ା ଅନ୍ୟ କିଛି ତୁମେ କରିବା ଦରକାର ନାହିଁ । ମୋର ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ ଲାଭ କଲେ ତୁମ କର୍ମର ବିନାଶ ହୁଏ । ତୁମେ ଆଜେବାଜେ କଥା କହି ସମୟ ନଷ୍ଟ କରିବ ନାହିଁ, ସେଥିପାଇଁ ମୁଁ ଓଁକାର, ଜପ, ଭଜନ ଆଦି କାର୍ଯ୍ୟକ୍ରମ ରଖିଛି । ତା'ଛଡ଼ା ଆଉ କିଛି ନୁହେଁ ।

କନ୍ନମ୍ମା : କିନ୍ତୁ ଘରେ ତ ଆମେ ଏସବୁ ଯଥାରୀତି କରିବା ଦରକାର ।

ସ୍ୱାମୀ : ହଁ, ତୁମକୁ ତାହା କରିବାକୁ ହେବ । ତୁମେ ପୂଜା, ଭଜନ ଓ ଅନ୍ୟାନ୍ୟ ସତ୍‌କର୍ମ କଲେ ତୁମର ପିଲାମାନେ ଏସବୁ ଉତ୍ତମ ଅଭ୍ୟାସ ତୁମଠୁ ଶିଖିବେ ।

କନ୍ନମ୍ମା ସ୍ୱାମୀ, ଆପଣଙ୍କ କୃପା ସବୁବେଳେ ଆମ ଉପରେ ରହିବା ଦରକାର ।

ସ୍ୱାମୀ ତାହା ଅଛି, ଢେର୍ ଅଛି । ମୋ କୃପା ସବୁବେଳେ ତୁମ ଉପରେ ଅଛି ।

ଏହା କହି ସ୍ୱାମୀ ଆମ ଦୁହିଁଙ୍କ ମଥା ଉପରେ ତାଙ୍କର ହାତ ରଖି ଆମକୁ ଆଶୀର୍ବାଦ କଲେ । ସେ ବିଭୂତି ସୃଷ୍ଟି କରି ଆମ କପାଳରେ ଦେଲେ ଏବଂ ଘରେ ପିଲାମାନଙ୍କ ପାଇଁ ଆଉ କିଛି ବିଭୂତି ଦେଲେ । ବିଭୂତି ଗୁଡ଼େଇ ରଖିବାପାଇଁ ସେ

ଆମକୁ ଖଣ୍ଡେ କାଗଜ ମଧ୍ୟ ଦେଇଥାନ୍ତି । ମୁଁ କହିଲି, "ସ୍ୱାମୀ, ଆପଣଙ୍କ ନିର୍ଦ୍ଦେଶ ଅନୁଯାୟୀ ମୋ ପୁଅ ଡିପ୍ଲୋମା ପଢ଼ିବାପାଇଁ ଦରଖାସ୍ତ ଦେଇଛି ।" ସେ ଯେମିତି ଗୋଟିଏ ସିଟ୍ ପାଇବ ତାକୁ ଆଶୀର୍ବାଦ କରନ୍ତୁ । ସ୍ୱାମୀ କହିଲେ, "କାହିଁକି ? ଯେଉଁ ଛାତ୍ରର ଯୋଗ୍ୟତା ଅଛି, ତାକୁ ସବୁଠେ ସିଟ୍ ମିଳିବ ।" ମୁଁ କହିଲି, "ଆଉ ପୁଅକୁ ମଧ୍ୟ ଏକ ସିଟ୍ ଦରକାର ।" ସ୍ୱାମୀ କହିଲେ, "ନିଶ୍ଚୟ ତାକୁ ମଧ୍ୟ ସିଟ୍ ମିଳିବ ।" (ସ୍ୱାମୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ଉଭୟେ ନିଜ ନିଜ ବିଦ୍ୟାନୁଷ୍ଠାନରେ ସିଟ୍ ପାଇଲେ ।)

ପାଦ ନମସ୍କାର କରିବାପରେ ମୁଁ ପଚାରିଲି, "ସ୍ୱାମୀ, ପିଲାମାନଙ୍କର ଦଶ ଦିନ ଦଶହରାଛୁଟି ଆସୁଛି, ଆମେ ସମସ୍ତେ ପୁଟ୍ଟପର୍ତ୍ତି ଆସି ପାରିବୁ କି ? "ସ୍ୱାମୀ ଉତ୍ତର ଦେଲେ, "ନା, ଆସିବ କାହିଁକି ? ଘରେ ବସି 'ରାମମୂର୍ତ୍ତି ରାମମୂର୍ତ୍ତି' (ମୋ ସ୍ୱାମୀଙ୍କ ନାମ) ଜପ କର ।" ଏହା କହି ସ୍ୱାମୀ ହସି ହସି କହିଲେ । "ଏଇଟା ତୁମ ମା ଘର । ଆଉ କୁଆଡ଼େ ଯିବ ? ତୁମକୁ ଏଠିକି ଆସିବାକୁ ହେବ । ଝିଅ, ପାଦପୂଜା ଚାହିଁବାରୁ ମୁଁ ବିରକ୍ତ ହେଲି ବୋଲି ମନଖରାପ କର ନାହିଁ । ମୁଁ ରାଗି ନାହିଁ । ମୁଁ ଥଟ୍ଟାରେ ସେମିତି କହୁଥିଲି ।" ମୋ ସ୍ୱାମୀ କହିଲେ ଯେ ଗତ ପନ୍ଦର ଦିନ ଧରି ତାଙ୍କ ଦେହ ଭଲ ରହୁନି । ସ୍ୱାମୀ କହିଲେ, "ସତରେ ? କନ୍ନମ୍ମା, ତୁମେ ୟାଙ୍କୁ ବାହା ହୋଇଯାଅ, ସବୁ ଠିକ୍ ହୋଇଯିବ ।" ଏହା କହି ସ୍ୱାମୀ ପୁଣି ହସିଲେ । ମୁଁ ପଚାରିଲି "ସ୍ୱାମୀ ଆମେ ଅବିକା ଯିବୁ ନା କାଲି ସକାଳେ ଯିବୁ ?" ସ୍ୱାମୀ କହିଲେ, "ଆଜି ବରଂ ରହିଯାଅ, କାଲିଯାଅ, ପାଦ ନମସ୍କାର ନେଇ କାଲି ସକାଳେ ତୁମେ ଫେରିପାର । ଭଜନ ଡେରି ହୋଇଯାଉଛି, ଏଥର ଯିବା ?" ଏହାକହି ସ୍ୱାମୀ ଆସନରୁ ଉଠିଲେ, ଆମେ ପଛ ପଛେ ତଳକୁ ଆସିଲୁ ।

ପରଦିନ ସକାଳ ସାତଟାରେ ଆମେ ଦୁହେଁ ମନ୍ଦିର ବାହାରେ ଛିଡ଼ା ହୋଇଥାଉ । ସ୍ୱାମୀ ବାଲକୋନି ଉପରକୁ ଆସି ଆମକୁ ଚାହିଁ ବସିଲେ । ସେ ପଚାରିଲେ, "ଦୁହେଁ ଏମିତି କାହିଁକି ଦୂରରେ ଦୂରରେ ଛିଡ଼ା ହୋଇଛ ? କାଲି କ'ଣ କଳି କରିଥିଲ ? ଆମ ନାହିଁ କଲୁ । ସେ ଆମକୁ ଉପରକୁ ଆସିବାକୁ ସଙ୍କେତ ଦେଲେ । ଆମେ ଉପରକୁ ଗଲୁ । ସ୍ୱାମୀ କହିଲେ, "ତୁମ ପିଲାମାନଙ୍କୁ କହିବ ମୁଁ ସେମାନଙ୍କ କଥା ପଚାରୁଥିଲି ।" ଆମ କହିଲୁ, "ସ୍ୱାମୀ ସେମାନେ କଲେଜରେ ସିଟ୍ ପାଇବାକୁ ଆପଣ ସାହାଯ୍ୟ କରିବେ ।" ସ୍ୱାମୀ ତାଙ୍କ ଛାତିରେ ହାତ ରଖି କହିଲେ, "ମୁଁ ଅଛି ସେମାନଙ୍କର ସିଟ୍ ପାଇଁ ମୁଁ ଅଛି । କିଛି ବ୍ୟସ୍ତ ହୁଅ ନାହିଁ ।" ଆମେ ଦୁହେଁ ପାଦନମସ୍କାର କଲୁ ।

ଆମେ କହିଲୁ, "ସ୍ୱାମୀ ଆପଣ ସବୁବେଳେ ଆମର ହୋଇ ରହିଥାନ୍ତୁ ।" ସ୍ୱାମୀ ଆମ ହାତରେ ହାତ ରଖି କହିଲେ, "ମୁଁ ସବୁବେଳେ ତୁମର, ଅବିକା ତୁମର, ଭବିଷ୍ୟତରେ ତୁମର ହୋଇରହିବି, ଅତୀତରେ ମଧ୍ୟ ତୁମର ହୋଇ ରହିଥିଲି ।" ଆମେ ତାହା ଶୁଣି ଖୁସି ହେଲୁ । ଆନନ୍ଦବିହ୍ୱଳ ଅବସ୍ଥାରେ ଆମେ ପ୍ରସାଦ ନେବା କଥା ସମ୍ପୂର୍ଣ୍ଣ

ଭୁଲିଯାଇ ତଳକୁ ଓହ୍ଲାଇ ଆସିଥିଲୁ । ସ୍ୱାମୀ କହିଲେ "କନ୍ନମ୍ମା, ପ୍ରସାଦ କିଛି ନେଇ ଯାଅ ।" ଏହା କହି ସେ ମୋତେ ମୁଠାଏ ହେବ ବିଭୂତି ପୁଡ଼ା ଦେଲେ । ମୁଁ ସେତେବେଳେ ଲୀଳମ୍ମାଙ୍କ ପାଇଁ କିଛି ବିଭୂତି ମାଗିଲି । ସେ ମୋତେ ଦେଇଥିବା ବିଭୂତିରୁ କିଛି ତାକୁ ଦେବା ପାଇଁ କହିଲେ ।

ମୁଁ ପଚାରିଲି, "ଆପଣ କ'ଣ ଜୁଲାଇ ମାସରେ ମହୀଶୂର ଆସୁଛନ୍ତି ?" ସ୍ୱାମୀ କହିଲେ, "ହଁ ନିଶ୍ଚୟ ଆସିବି । ସେଚ୍ଚି ମୋତେ ଗୁରୁ ପୂର୍ଣ୍ଣିମାକୁ ନିମନ୍ତ୍ରଣ କରିଛି ।" ମୁଁ ପଚାରିଲି, "ଆପଣ ଆମ ଘରକୁ ଆସିବେନି ? ସ୍ୱାମୀ କହିଲେ, "ନିଶ୍ଚୟ ଆସିବି । ଦିନକ ପାଇଁ ଗଲେ ବି ମୁଁ କ'ଣ ତୁମ ଘରକୁ ଯାଇନି ?" ସେଚ୍ଚି ପରିବାର ମୋର ଭକ୍ତ । କିନ୍ତୁ ମୋ ଯୋଗୁ ସେମାନେ ସେମାନଙ୍କର ବନ୍ଧୁବାନ୍ଧବଙ୍କଠାରୁ ଏଣୁତେଣୁ କଥା ଶୁଣିବେ, ତାହା ମୁଁ ଚାହେଁ ନାହିଁ । ତେଣୁ ସେଠାରେ ମୁଁ ବେଶୀ ସମୟ ରହିବି ନାହିଁ । ତାଙ୍କ ଘର ବି ଖୁବ୍ ଛୋଟ, ମୋର ଉପସ୍ଥିତି ଲୋକଙ୍କୁ ଅସୁବିଧାରେ ପକେଇବା କଥା ନୁହଁ ।

✍

୧୯୫୯, ଅକ୍ଟୋବର ୩୦ରେ ଆମେ ପୁଟ୍ଟପର୍ତ୍ତି ଯାଇ ସ୍ୱାମୀଙ୍କୁ ଫୁଲମାଳ ଦେଇ ପାଦନମସ୍କାର କଲୁ । ମୋତେ ଚାହିଁ ସେ ପଚାରିଲେ, "କାନ୍ନାମ୍ମା, ତୁମେ ଆସିଛ ?" ମୁଁ କହିଲି "ହଁ ସ୍ୱାମୀ" । ସେ କହିଲେ, ଖୁବ୍ ଖୁସି, ଖୁବ୍ ଖୁସି" ଏହାକହି ମୋତେ ପ୍ରସାଦରୂପେ ସେ ଗୋଟିଏ ଫୁଲ ଦେଲେ ।

✍

୧୯୫୯, ନଭେମ୍ବର ୭ ତାରିକ ଦିନ ଏଗାରଟାରେ ସ୍ୱାମୀ ଆମକୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକିଲେ ।

ସ୍ୱାମୀ : କାନ୍ନାମ୍ମା, ତୁମେ କ'ଣ ବର୍ତ୍ତମାନ ବାହାରୁଛ ?

କନ୍ନମ୍ମା : କାଲି ସକାଳ ବସରେ ବାହାରିବୁ ବୋଲି ଆମେ ଭାବୁଛୁ ।

ସ୍ୱାମୀ : ଆଜି ଅଷ୍ଟମୀ ନବମୀ । ଆଜି ଦିନଟା କ'ଣ କରିବ ? ସନ୍ଧ୍ୟାରେ ମୁଁ ତୁମ ସଙ୍ଗେ କଥାବାର୍ତ୍ତା ହେବି ।

କନ୍ନାମ୍ମା କ'ଣ କରିବି ସ୍ୱାମୀ ? କାଲି ସକାଳ ୬ଟାରେ ଯିବି ବୋଲି ଭାବିଥିଲି ।

ସ୍ୱାମୀ : ହଁ, କାଲି ସକାଳେ ଯାଇ ପାର, ଦିନ ତିନିଟା ଯାଏ ଅଷ୍ଟମୀ ରହୁଛି । ତେଣୁ ଏବେ ନୁହେଁ, ସନ୍ଧ୍ୟାରେ ମୁଁ ତୁମ ସଙ୍ଗେ କଥା ହେବି । (ଆମେ ଦୁହେଁ ତାଙ୍କୁ ପୁଷ୍ପମାଲ୍ୟ ଦେଇ ପାଦ ନମସ୍କାର କଲୁ) ତୁମେ ସ୍ୱାମୀ-ସ୍ତ୍ରୀ ଦୁହେଁ କିମିତି ଅଛ ?

କନ୍ନମ୍ମା : ଭଲରେ ଅଛୁ, ସ୍ୱାମୀ ।

ସ୍ୱାମୀ : ତୁମକୁ ପୁଅ ଦରକାର ନା ଝିଅ ଦରକାର ?

କନ୍ନମ୍ମା : କିଛି ଦରକାର ନାହିଁ, ସ୍ୱାମୀ

ସ୍ୱାମୀ ତୁମେ କାହିଁକି ସେ ଅର୍ଥରେ ବୁଝୁଛ ? ମୁଁ ଯାହା କହୁଛି ତାହାକୁ ଆଧ୍ୟାତ୍ମିକ ଦୃଷ୍ଟିରେ ଗ୍ରହଣ ନକରି ଲୌକିକ ଦୃଷ୍ଟିରେ କାହିଁକି ଗ୍ରହଣ କରୁଛ ? ତୁମେ କ'ଣ ବିଜ୍ଞାନ ନାମ୍ନୀ ଝିଅ ଓ ସୁଜ୍ଞାନ ନାମକ ପୁଅକୁ ଚାହଁନା ?

କନ୍ନାମ୍ମା : ହଁ ସ୍ୱାମୀ, ସେପରି ସନ୍ତାନ ମୋର ଦରକାର ।

ସ୍ୱାମୀ : ତାହେଲେ, ଦରକାର ନାହିଁ ବୋଲି କାହିଁକି କହୁଥିଲ ? ଏବେଠାରୁ ମୁଁ ଯାହା କହୁଛି ତାର ଅନ୍ତରାର୍ଥ ବୁଝିବାକୁ ଚେଷ୍ଟାକର । ତୁମର କେବଳ ସାଂସାରିକ ଦୃଷ୍ଟିକୋଣ ରହିଲେ ହେବ ନାହିଁ । ଈଶ୍ୱର ଓ ଭକ୍ତ ମଧ୍ୟରେ ପରସ୍ପରର ଆକର୍ଷଣକୁ ଭାଷାରେ ବର୍ଣ୍ଣନା କରି ହେବ ନାହିଁ । ଝିଅ, ତୁମେ ହୁଏତ ଜାଣି ନଥିବ, କିନ୍ତୁ ଭଗବାନଙ୍କୁ ପାଇ ଯାଇଥିବ । ତୁମେ ଯଦି ନୌକାରେ ବସିଥାଅ, ତେବେ ନଦୀର ସମସ୍ତ ଭଉଁରିରୁ ସହଜରେ ଖସି ଆସି ପାରିବ ।

କନ୍ନାମ୍ମା : ସ୍ୱାମୀ, କିମିତି ଖସି ଆସିବାକୁ ହୁଏ, ଆମେ ଜାଣିନୁ ।

ସ୍ୱାମୀ (ନିଜକୁଦେଖାଇ) ତୁମେ ଏଇ ନୌକା ମଧ୍ୟରେ ଥାଉ ଥାଉ ଭୟ କାହିଁକି ? ଯେ କୌଣସି ବିପଦସଙ୍କୁଳ ଆବର୍ତ୍ତକୁ ମୁଁ ପାର କରେଇ ଦେବି । ପରମାତ୍ମା ରୂପୀ ନୌକା ସର୍ବାପେକ୍ଷା ନିରାପଦ । ମୋତେ ଯେତେବେଳେ ପାଇଛ, ତୁମର ଅନ୍ୟ କୌଣସି ସାଧନାର ଆବଶ୍ୟକତା ନାହିଁ । କେବଳ ମୋତେ ଧ୍ୟାନ କର, ଦିବ୍ୟଚେତନା ଲାଭ କରିବ । ତୁମର କର୍ମର ଗଣ୍ଠୁଲି କେତେ ଭାବି ଭୟ କର ନାହିଁ । ସମସ୍ତ କର୍ମଫଳ ଭୋଗ କରି ସବୁ ସମୟ ପାଇଁ ତାହା ଶେଷ କରିଦେବାର ଏହା ହିଁ ପ୍ରକୃଷ୍ଟ ସମୟ ।

ସନ୍ଧ୍ୟାରେ ଆମେ ପୁଣି ଥରେ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ସ୍ୱାମୀଙ୍କୁ ଦର୍ଶନ କଲୁ । ମୁଁ ଯେଉଁ ଫୁଲମାଳଟି ନେଇଥାଏ ତାହା ଛନ୍ଦି ହୋଇ ଯାଇଥିବାରୁ ତାକୁ ସିଧା କରିବାକୁ ଚେଷ୍ଟା କରୁଥାଏ । ସ୍ୱାମୀ ସେ ତାହା ସିଧା କରିଦେବେ କହି ମୋତେ ମାଳଟି ମାଗିଲେ । ସେ ଛନ୍ଦାଛନ୍ଦି ହୋଇଯାଇଥିବା ମାଳଟିକୁ ସିଧା କରି ମୋତେ ଫେରେଇ ଦେଲେ । ମୁଁ ତାହା ତାଙ୍କ ଗଳାରେ ଦେଇ ତାଙ୍କୁ ପାଦ ନମସ୍କାର କଲି । (ସେ ମାଳକୁ ସିଧାକରି ଆମକୁ ସୂଚଉଥାନ୍ତି ଯେ ଆମର ସମସ୍ତ ସମସ୍ୟାର ଗ୍ରନ୍ଥିଛେଦନ ସେ ହିଁ କରନ୍ତି ।

ସ୍ୱାମୀ : ମୋ ସଙ୍ଗେ କଥାବାର୍ତ୍ତା ହେବା ପାଇଁ ତୁମେ ସକାଳେ ଆସିଥିଲ । ସନ୍ଧ୍ୟାରେ ମୁଁ ପୁଣିଥରେ ତୁମକୁ ଡାକିବି ବୋଲି ତୁମେ ଆଦୌ ଭାବିନଥିଲ । ଏହା ହିଁ ଭଗବାନ ଓ ଭକ୍ତ ମଧ୍ୟରେ ଆକର୍ଷଣ । ତୁମ ଅଜ୍ଞାତରେ ଈଶ୍ୱର ତୁମକୁ କୃପା କରିଥାନ୍ତି ।

ମୁଁ ତାଙ୍କୁ ଆମର ସମସ୍ତ ପାରିବାରିକ ସମସ୍ୟା କହିଲି ।

ସ୍ୱାମୀ : (ମୋର ସବୁକଥା ଶୁଣିବାପରେ ହସି ହସି ପଚାରୁଥାନ୍ତି) ତୁମର ତାଲିକା ଶେଷ ହେଲା ନା ଆଉ କିଛି ବାକି ଅଛି ? ମୁଁ ଏଠି ଥାଉ ଥାଉ ତୁମେ କାହିଁକି ଏତେ ବ୍ୟସ୍ତ ହେଉଛ ? ତୁମେ ଆହୁରି ଭାବୁଛ ଯେ ମୋତେ ତୁମର ସମସ୍ତ ସମସ୍ୟା ଜାଣିବାକୁ ହେବ, ତେବେ ଯାଇ ମୁଁ ତାହାର ସମାଧାନ କରି ପାରିବି । ଯେହେତୁ ମୁଁ ତୁମ ସଙ୍ଗେ ଅଛି, ଯେବେଯେବେ ତୁମର କୌଣସି କଷ୍ଟ ଆସେ, ମୁଁ ତତକ୍ଷଣାତ୍ ତୁମକୁ ରକ୍ଷା କରିଥାଏ । ତୁମେ ଯାହାକରୁଛ ତାହା ରେଳଗାଡ଼ିରେ ବସିବାପରେ ଗଣ୍ଠୁଲିକୁ କୋଳରେ ଧରିବା ପରି । ଯେଉଁ ଗାଡ଼ି ତୁମକୁ ବୋହିଥାଏ ସେଇ ଗାଡ଼ି ତୁମ ଗଣ୍ଠୁଲିକୁ ମଧ୍ୟ ବୋହିଥାଏ । ଉପରେ ରହିଛି ମୁକ୍ତିକାନ୍ତ, ତଳେ ରହିଛି ପ୍ରକୃତିକାନ୍ତ, ତୁମେ ରହିଛ ମଝିରେ, ତୁମେ ଯଦି ବିଷାକ୍ତ ଜଗତ ଆଡ଼କୁ ସେମିତି ଯାଉଥାଅ, ମୁକ୍ତି ଦିଗରେ ଆଉ ଯିବ କେବେ ? ଗୋଟିଏ ପାଦକୁ ଯେଉଁଠେ ଅଛି ସେଇଠେ ସ୍ଥିର ରଖି, ଅନ୍ୟ ପାଦଟିକୁ ଖାଲି ଆଗ ପଛ କଲେ ତୁମେ କ'ଣ କେଉଁ ଦିଗରେ ଆଗେଇ ପାରିବ ? ଅନ୍ତତଃ ବର୍ତ୍ତମାନଠାରୁ ତୁମେ ଯଦି ଆଗକୁ ପାଦେ ପାଦେ ଧୀରେ ଧୀରେ ଯିବା ଆରମ୍ଭ କର, ତୁମେ ମୁକ୍ତିକାନ୍ତ ଦିଗରେ ଯାଇ ପାରିବ । ମୁଁ ଯାହା କହୁଛି ବୁଝୁଛ ତ ?

କନ୍ନାମ୍ମା : ସ୍ୱାମୀ ଆମେ କିମିତି ଆପଣଙ୍କ କୃପା ପାଇବୁ ?

ସ୍ୱାମୀ : ତୁମକୁ ସାଧନା କର ବୋଲି କହିବା ବ୍ୟତୀତ ମୋର ଆଉ କିଛି କହିବାର ନାହିଁ । ତୁମେମାନେ ମୋର ଭକ୍ତ ତୁମେମାନେ (ମୋର) ନାମ ଓ ରୂପକୁ ଧରି ରହିଲେ ଭଲ । ନାମକୁ ସ୍ମରଣ କରିବା ମାତ୍ରକେ ରୂପ ଟାଣି ହୋଇ ଆସେ । ୟାଠୁ ବଳି ସହଜ ଆଉ କିଛି ନାହିଁ । ଜଟିଳ ସାଧନା କରି ବିଫଳ ହେବା ଅପେକ୍ଷା, ନିର୍ମଳ ମନ ନେଇ କେବଳ ମନନ କରିବା ଅଧିକ ଶ୍ରେୟସ୍କର । ମୁକ୍ତିଲାଭ ପାଇଁ ଭକ୍ତିମାର୍ଗ ଅନୁସରଣ କରିବା ଭକ୍ତମାନଙ୍କ ପକ୍ଷରେ ସହଜ । ଏମିତି କେତେଜଣ ଯୋଗୀ ଓ ମୁନି ମୁକ୍ତି ପାଇ ପାରିଥିଲେ ? ଏଭଳି କି ସପ୍ତର୍ଷିଗଣ ମଧ୍ୟ ସେମାନଙ୍କର କ୍ରୋଧ, ଅହଙ୍କାର ଓ ଅସୂୟାକୁ ନିୟନ୍ତ୍ରଣ କରି ନପାରି ବେଳେବେଳେ ସେମାନଙ୍କର ସାଧନାରୁ ଖସି ଆସିଥିଲେ । ମୁଁ ତୁମକୁ ଏକ ସହଜମାର୍ଗ ସୂଚେଇ ଦେଉଛି- ନାମ ସ୍ମରଣ, ଯାହା ତୁମକୁ ଜନ୍ମ-ମୃତ୍ୟୁର ଚକ୍ରାବର୍ତ୍ତରୁ ଉଦ୍ଧାର କରିବ ।

ମା ସ୍ୱାମୀ, ଆମ ମନ ଦୁଇ ଦିନ ଯଦି ସ୍ମରଣ କରେ, ଆଉ ଚାରିଦିନ ସେଥିପ୍ରତି ଆଗ୍ରହ ହିଁ ଦେଖାଏ ନାହିଁ ।

ସ୍ୱାମୀ : ତୁମ ଅବସ୍ଥା ସେହି ନଡ଼ିଆ ବେପାରୀ ଭଳି, ଯିଏ ଅକାରଣରେ ଦିନେ ଜଣେ ଲୁଣ ବେପାରୀ ଓ ଜଣେ ଡାଲି-ଚାଉଳ ବେପାରୀ ସହ ମିଶି କାନ୍ଦୁଥାଏ । ଗପଟି ହେଲା-ଥରେ ତିନିଜଣ ବେପାରୀ ଗୋଟିଏ ନଦୀ ପାର ହେଉଥାନ୍ତି । ଜଣଙ୍କର ଥାଏ

ନଡ଼ିଆ ବେପାର, ଆଉ ଜଣଙ୍କର ଲୁଣ ବେପାର ଓ ତୃତୀୟ ଜଣଙ୍କର ଡାଲି-ଚାଉଳ ବେପାର । ଦୁର୍ଘଟଣାବଶତଃ ସେମାନଙ୍କର ସବୁତକ ଜିନିଷ ନଦୀରେ ପଡ଼ିଗଲା । ସ୍ୱାଭାବିକଭାବେ ଲୁଣ ବ୍ୟବସାୟୀ ଓ ଡାଲି-ଚାଉଳ ବ୍ୟବସାୟୀ ସେମାନଙ୍କର କ୍ଷତି ପାଇଁ କାନ୍ଦୁଥାନ୍ତି । ସେମାନଙ୍କୁ ଦେଖି ନଡ଼ିଆ ବ୍ୟବସାୟୀ ମଧ୍ୟ କାନ୍ଦିବା ଆରମ୍ଭ କଲା, ଯଦିଚ ତା'ର ସେମିତି କିଛି କ୍ଷତି ହୋଇ ନ'ଥାଏ । ତୁମର ପିଲାପିଲି ଭାବନ୍ତି ଯେ ତୁମେ ଏଠାରେ ସଂସାରର ସମସ୍ତ ଜଞ୍ଜାଳରୁ ବହୁତ ଦୂରରେ ରହି ଖୁସି ଅଛ । ତୁମେ ଭାବ ଯେ ଏଠାରେ ରହି ଏ ଯାଁଏ ତୁମର କିଛି ଲାଭ ହୋଇନି, ଦୂରରୁ ଆସୁଥିବା ଲୋକମାନେ ଅପେକ୍ଷାକୃତ ଅଧିକ ସୁଯୋଗ ପାଉଛନ୍ତି, କାରଣ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ସ୍ୱାମୀଙ୍କ ସହ ସେମାନେ ଅଧିକ ସମୟ ବିତେଇ ପାରୁଛନ୍ତି । ସୂର୍ଯ୍ୟ ବହୁତ ଦୂରରେ ରହିଲେ ମଧ୍ୟ ଖରାରେ ପାଣିକୁ ରଖିଲେ ସେଇ ପାଣି ଗରମ ହୋଇଯାଏ । ତୁମ ଅବସ୍ଥା ଠିକ୍ ସେହି ଭଳି । ପାଣି ଯେ କିମିତି ଗରମ ହୋଇଯାଏ, ତାହା ତୁମେ ଜାଣିପାର ନାହିଁ, କିନ୍ତୁ ତାହା ମୁଁ ଜାଣିଥାଏ ।

କନ୍ନମ୍ମା ସ୍ୱାମୀ, ଏଠାରେ ଯେଉଁମାନେ ଅଛନ୍ତି ସେମାନେ ଖରାରେ ଗରମ ହୋଇଥିବା ପାଣି ଭଳି । ଆମ ଭଳି ଭକ୍ତଙ୍କ କଥା କ'ଣ ?

ସ୍ୱାମୀ : ମୁଁ ତୁମ ସମସ୍ତଙ୍କୁ ନାମ ସ୍ମରଣର ଅଗ୍ନି ଦେଉଛି । ତାହା ତୁମର ସମସ୍ତ କର୍ମକୁ ଜାଳି ଦେବ । ତାହା ତୁମକୁ ଈଶ୍ୱରଙ୍କ ମଧ୍ୟରେ ଲୀନ ହେବାକୁ ଦେବ । ଲହୁଣୀ ନରମ ଥାଏ କିନ୍ତୁ ତାକୁ ଗରମ ନ'କଲେ ତାହା ତରଳେ ନାହିଁ । ତୁମେ ମାନେ ଭାବୁଥିବ ଯେ ସ୍ୱାମୀ ସିନା କହନ୍ତି ଯେ ସେ ନବନୀତ ଭଳି କୋମଳ କିନ୍ତୁ ଆଜକାଲି ସେ କଠିନ ହୋଇଗଲେଣି । ନାମ ସ୍ମରଣର ଉଷ୍ମତା ବାଜିଲେ ହିଁ ଲହୁଣୀ ତରଳିଥାଏ । କିନ୍ତୁ ଝିଅ ଏଇ ଲହୁଣୀ (ନିଜକୁ ଦେଖାଇ) ତୁମ ନାମ ସ୍ମରଣର ଉଷ୍ମତା ପାଇ ବିଗଳିତ ହୋଇଛି, ସେଥିପାଇଁ କେବଳ ତୁମେ ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣର ସୁଯୋଗ ପାଉଛ ।

କନ୍ନମ୍ମା : ସ୍ୱାମୀ ଆପଣ ଯେତେ ଯାହା କହନ୍ତୁ, ଯେତେ ଆମର ସେବା ଗ୍ରହଣ କରନ୍ତୁ ଏବଂ ଯେତେ ଆମକୁ ପ୍ରତିଶ୍ରୁତି ଦିଅନ୍ତୁ ନା କାହିଁକି, ଆମେ କିନ୍ତୁ କେବେ ସନ୍ତୁଷ୍ଟ ହେଉ ନାହୁଁ ।

ସ୍ୱାମୀ : ତାହା ସତ । ଈଶ୍ୱରଙ୍କ ବ୍ୟାପାରରେ ଭକ୍ତମାନେ କେବେ ସନ୍ତୁଷ୍ଟ ହୁଅନ୍ତି ନାହିଁ । ଏହା ସମ୍ଭବ ମଧ୍ୟ ନୁହଁ । ନାରଦ ମହର୍ଷି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଦର୍ଶନ ପାଉ ଥିଲେ ମଧ୍ୟ "ନାରାୟଣ" ମନ୍ତ୍ର ଉଚ୍ଚାରଣ କରିବା କଦାପି ଛାଡୁନଥିଲେ କାହିଁକି ? କାରଣ ସେ କେବଳ ଦର୍ଶନରୁ ତୃପ୍ତି ପାଉନଥାନ୍ତି । ତେଣୁ ମୋ ସାମୀପ୍ୟ ଲାଭ କରିବାର ଅନେକ ସୁଯୋଗ ପାଇବା ପରେ ମଧ୍ୟ ତୁମେ ଯଦି ସନ୍ତୁଷ୍ଟ ନୁହଁ, ସେଥିରେ କିଛି ଭୁଲ ନାହିଁ ।

କନ୍ନମ୍ମା ସ୍ୱାମୀ, ଆମେ ବାରମ୍ବାର ଆପଣଙ୍କୁ ଦର୍ଶନ କରିବାକୁ ଯୋଭଳି ଲାଳାୟିତ ହେଉଛୁ, ତାହାଦେଖି ଆପଣଙ୍କୁ ରାଗ ଲାଗୁନି ?

ସ୍ୱାମୀ ନା, ଭକ୍ତି ବିଷୟରେ ମୁଁ କେବେ ରାଗି ନଥାଏ । ମୁଁ କେବଳ କହେ ଯେ ସାଂସାରିକ ବ୍ୟାପାରରେ ତୁମଠେ ଯେତିକି ଅଛି, ସେତିକିରେ ସନ୍ତୁଷ୍ଟ ରହିବା ଶିଖ ।

କନ୍ନମ୍ମା : ସ୍ୱାମୀ, ଭକ୍ତିରେ ଆମର କେଉଁ ଭାବ ରହିବା ଦରକାର ?

ସ୍ୱାମୀ : ଆରମ୍ଭରେ "ଈଶ୍ୱର ମୋର ପ୍ରଭୁ, ମୁଁ ତାଙ୍କର ଦାସ" ଏହି ଭାବ ରଖ । ତା' ପରେ ଅନ୍ୟ ଭାବଗୁଡ଼ିକ ଆପଣାଛାଏଁ ଆସିବ । ପ୍ରଥମେ ପ୍ରଭୁ ଭକ୍ତି, ତାପର ସଖ୍ୟ ଭକ୍ତି, ତାପରେ ଅନୁରାଗ ଭକ୍ତି – ଏହିପରି ଏକ ପରେ ଅନ୍ୟ ଏକ ଭାବ ଆସିବ । ପ୍ରଶାନ୍ତ ଚିତ୍ତରେ ମନନ କର । ଭବସାଗର ଅତିକ୍ରମ କରିବାପାଇଁ ନାମ ସ୍ମରଣଠାରୁ ଆଉ ସହଜତର ମାର୍ଗ କିଛି ନାହିଁ । ନାମସ୍ମରଣର ଶକ୍ତି ଓ ମୋର ଦର୍ଶନ, ତୁମର ତ୍ରିବିଧ କର୍ମ ପ୍ରାରବ୍ଧ, ସଞ୍ଚିତ ଓ ଆଗାମୀକୁ ଜାଳି ଭସ୍ମ କରିଦେବ । ଏଠାରେ ଯେଉଁମାନେ ରହନ୍ତି, ସେମାନେ ଦିନରେ ଦୁଇଥର ଭକ୍ତିର ସହ ଭଜନ କଲେ ସେମାନଙ୍କର ଦୁର୍ଗୁଣମାନ ନଷ୍ଟ ହୋଇଯିବ । ଭୀଷ୍ମ ଯେମିତି ଏକ ଶୁଭ ମୁହୂର୍ତ୍ତ ଅପେକ୍ଷାରେ ଶରଶଯ୍ୟାର ଶୟନ କରି ରହିଥାନ୍ତି, ତୁମମାନଙ୍କୁ ସେମିତି ସଂସାରର ତାପତ୍ରୟକୁ ସହ୍ୟ କରିବାକୁ ପଡ଼ିବ । ତେବେ ହିଁ ଯାଇ ଈଶ୍ୱର ପ୍ରାପ୍ତି ହେବ । ଏହାଠୁ ସହଜମାର୍ଗ ଆଉ କିଛି ନାହିଁ । ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ନେଇ ଯେତେବେଳେ ଶରଶଯ୍ୟାରେ କଷ୍ଟ ପାଉଥିବା ଭୀଷ୍ମଙ୍କ ନିକଟକୁ ଆସିଲେ, ସେତେବେଳେ ସେ ଅର୍ଜୁନଙ୍କୁ କହିଲେ, "ଅର୍ଜୁନ, ଦେଖ, ତୁମ ପିତାମହ କେତେ କଷ୍ଟ ପାଉଛନ୍ତି । ଏହି କଷ୍ଟର କାରଣ ତାଙ୍କୁ ପଚାର । ଅର୍ଜୁନ ତାହା ପଚାରିବାରୁ ଭୀଷ୍ମ କହିଲେ "ମୁଁ କାହିଁକି କଷ୍ଟ ଭୋଗୁଛି ତାହା ଭୁଲିଯାଅ । ସବୁ ସମୟରେ କୃଷ୍ଣ ତୁମ ପାଖେପାଖେ ଥାଇ ମଧ୍ୟ ତୁମେମାନେ କେତେ କଷ୍ଟ ଭୋଗିଛ ? ତେଣୁ ମୋର କଷ୍ଟର କାରଣ ନପଚାରି ତୁମେ କୃଷ୍ଣଙ୍କୁ ତୁମର କଷ୍ଟର କାରଣ ପଚାର । ମୁଁ ତ' ବର୍ତ୍ତମାନ କୃଷ୍ଣ ମହିମା ସ୍ମରଣ କରୁଛି ଏବଂ ଆଜିଯାଏ ତୁମର କଷ୍ଟର ରହସ୍ୟକୁ ଭେଦ କରିପାରି ନାହିଁ ।"

କନ୍ନମ୍ମା : ସ୍ୱାମୀ କୃଷ୍ଣ କାହିଁକି ତାଙ୍କର ଭକ୍ତମାନଙ୍କୁ ଏତେ କଷ୍ଟ ଭୋଗିବାକୁ ଦେଲେ ?

ସ୍ୱାମୀ ସେ ଚାହିଁଥିଲେ ଯେ କଳିଯୁଗର ଲୋକମାନଙ୍କ ପାଇଁ ସେମାନଙ୍କ ଜୀବନ ଏକ ଆଦର୍ଶ ହେଉ । ଭଗବାନ ତାଙ୍କର କୌଣସି ଭକ୍ତକୁ ହଇରାଣରେ ପକାଇବା ଚାହାନ୍ତି ନାହିଁ ।

କନ୍ନମ୍ମା : ସ୍ୱାମୀ ଘରର ସମସ୍ୟା ଯେତେବେଳେ ଅତ୍ୟଧିକ ହୋଇଯାଏ, ଭକ୍ତି ସେତେବେଳେ କ୍ଷୀଣ ହୋଇଯାଏ ।

ସ୍ୱାମୀ : ହଁ, ସବୁବେଳେ ଏହା ହିଁ ହୁଏ । ସେଭଳି ପରିସ୍ଥିତିରେ ତୁମର ମନକୁ ସମସ୍ୟାରୁ ଟାଣି ଆଣି ଈଶ୍ୱରଙ୍କ ଆଡ଼କୁ ମୁହାଁଅ । ସମସ୍ୟାଗୁଡ଼ିକ ଆପେ ଆପେ ସୁଧୁରିଯିବ । ତୁମ ଘରେ ଯଦି ଶାନ୍ତି ଥାନ୍ତା ତୁମେ କ'ଣ ଏଠାକୁ ଆସିବାକୁ ଚାହିଁଥାନ୍ତ । ସାଂସାରିକ ଜଞ୍ଜାଳରେ ବିରକ୍ତ ହୋଇ ହୋଇ ଅନ୍ତତଃ କିଛି ଦିନ ଶାନ୍ତିରେ ବିତେଇବାକୁ ତୁମେ ଏଠାକୁ ଆସିଛ । କୁନ୍ତି କୃଷ୍ଣଙ୍କୁ ପ୍ରଣାମ କରି ସେ ସବୁବେଳେ ତାଙ୍କୁ କଷ୍ଟ ଦେଉଥାନ୍ତୁ ବୋଲି ପ୍ରାର୍ଥନା କରିଥିଲେ । କୃଷ୍ଣ ତାଙ୍କୁ ପଚାରିଲେ "ଏ ଯାଏ ଯେତିକି କଷ୍ଟ ପାଇଛ, ସେତିକି କ'ଣ ଯଥେଷ୍ଟ ନୁହେଁ ?" କୁନ୍ତି କହିଲେ, କୃଷ୍ଣ, ମୁଁ ଯେତେଦିନ ପାଣ୍ଡୁଙ୍କର ରାଜ ପ୍ରାସାଦରେ ରହିଥିଲି, ସେତେଦିନ ଥରେ ମଧ୍ୟ କୃଷ୍ଣ ନାମ ଉଚ୍ଚାରଣ କରି ନଥିଲି, କିନ୍ତୁ ଦୁଃଖ କଷ୍ଟରେ ମୁଁ ସବୁବେଳେ ତୁମକୁ ମନେ ପକାଇ ପାରୁଛି ।"

କନ୍ନମ୍ମା : ମୁଁ କିନ୍ତୁ, ମୋ ପିଲାମାନେ କଷ୍ଟ ଭୋଗିଲେ ସହ୍ୟ କରି ପାରିବିନି ।

ସ୍ୱାମୀ ହଁ ! ଏହାକୁ କହନ୍ତି "ମୋହ" । ଏହା ଆଜିର ନୁହେଁ, ଯୁଗଯୁଗର ସମସ୍ୟା । କେବଳ ନାମସ୍ମରଣ ଦ୍ୱାରା ତୁମେ ଏହି ସମସ୍ୟାକୁ ଲଘି ପାରିବ ।

କନ୍ନମ୍ମା : ସ୍ୱାମୀ, ଆଜି ସନ୍ଧ୍ୟାରେ ଆଉ ଥରେ ଇଣ୍ଟରଭ୍ୟୁ ପାଇ ପାରିବୁ ?

ସ୍ୱାମୀ : ହଁ ପାଇବ ।

ସନ୍ଧ୍ୟାରେ ଆମେ ଆଉ ଏକ ଇଣ୍ଟରଭ୍ୟୁ ପାଇଲୁ ।

ମା : ମୋତେ ସବୁବେଳେ ତୁମର ଦର୍ଶନ ମିଳୁଥାଉ, ଏତିକି କେବଳ ମୋର ପ୍ରାର୍ଥନା ।

ସ୍ୱାମୀ : ତଥାସ୍ତୁ, କନ୍ନମ୍ମାକୁ ମଧ୍ୟ ତଥାସ୍ତୁ (ସେ ତାଙ୍କର ଶ୍ରୀହସ୍ତ ଆମର ମଥା ଉପରେ ରଖିଲେ) । ସବୁ ସମୟରେ ଅନ୍ତରାତ୍ମା ଉପରେ ଧ୍ୟାନ କର । ମୁକ୍ତିକାନ୍ତର ଦିଗରେ ପରିଚାଳିତ ହୁଅ । ତୁମେ ତୁମ ଗମ୍ୟରେ ପହଞ୍ଚିପାରିବ । ମନରେ କେଉଁ ଭାବ ପୋଷଣ କରିବ, ସେ ସମ୍ବନ୍ଧରେ ତୁମେ ଏ ଯାଏ ନିଶ୍ଚିତ ନୁହଁ । ତୁମକୁ ମା'ର ବାତ୍ସଲ୍ୟଭାବ ଭଲ ଲାଗେ । ତାହା ତୁମ ପାଇଁ ଭଲ । ଭଜନ ଓ ସ୍ମରଣ ଫଳରେ ତୁମେ ଲୀଲମ୍ମା, ସେଟ୍ଟି ଓ ଏଭଳି ଆହୁରି ଅନେକ ଭକ୍ତଙ୍କ ସଂସ୍ପର୍ଶରେ ଆସି ପାରିଛ । ଏଠାରେ ମଧ୍ୟ ତୁମର ଅନେକ ବାନ୍ଧବୀ ଅଛନ୍ତି, ଯେଉଁମାନେ ଭଲ ଭକ୍ତ । ଦେଖ, ସ୍ମରଣ ମାଧ୍ୟମରେ ତୁମର ଯଦି ମୋ ସହ ସିଧାସଳଖ ସମ୍ପର୍କ ରହିବ, ତେବେ ସେଥିରୁ ତୁମେ କ'ଣ କ'ଣ ପାଇବ । ଘନିଷ୍ଠ ବନ୍ଧୁମାନେ ସେମାନଙ୍କର ଗୋପନୀୟ କଥା ପରସ୍ପରକୁ କହିଥାନ୍ତି । ଏପରିକି ଭଗବାନ ଯିଏ ହୃଦୟରେ ବାସ କରନ୍ତି, ସେ ମଧ୍ୟ ତାଙ୍କର ସମସ୍ତ ରହସ୍ୟ ତାଙ୍କର ଅନ୍ତରଙ୍ଗ ଭକ୍ତଙ୍କୁ ଖୋଲି କହିଥାନ୍ତି । ଜଣେ ପାପୀ ମଧ୍ୟ ଯଦି ଭଗବାନଙ୍କୁ ସ୍ମରଣ କରେ, ଭଗବାନ ତା' ପାଖକୁ ଯାଇଥାନ୍ତି । ସେପରି ପରିସ୍ଥିତିରେ

ଜଣେ ଭକ୍ତ ଯଦି ପ୍ରେମର ସହ ତାଙ୍କୁ ସ୍ମରଣ କରେ, ଭଗବାନ କ'ଣ ସେଭଳି ଭକ୍ତ ସଙ୍ଗେ ସବୁବେଳେ ରହିବେ ନାହିଁ ?

✍

ପରଦିନ ଅର୍ଥାତ୍ ୧୯୫୯, ନଭେମ୍ବର ୮ ତାରିଖ ଦିନ ସ୍ୱାମୀ ଆମ ସଙ୍ଗେ କଥାବାର୍ତ୍ତା ହେବାକୁ ଆମକୁ ପୁଣିଥରେ ଡାକିଲେ । ଆମେ ତାଙ୍କୁ ପୁଷ୍ପମାଲ୍ୟ ଦେଇ ପାଦ ନମସ୍କାର କଲୁ । ମୁଁ ତାଙ୍କର ପରାମର୍ଶ ଲୋଡ଼ି ମୋର କେତେକ ପାରିବାରିକ ବିଷୟ ତାଙ୍କୁ କହିଲି ।

ସ୍ୱାମୀ ମୋ କଥା ଧୈର୍ଯ୍ୟର ସହ ଶୁଣି ଏକ କବିତା ଆବୃତ୍ତି କଲେ ଯାହାର ଅର୍ଥ ଥିଲା ତୁମ ବାଡ଼ିରେ କଳ୍ପବୃକ୍ଷ ଥାଉ ଥାଉ ତୁମେ ଜିନିଷପତ୍ର କିଣିବାକୁ ବଜାରକୁ ଯାଅ । ତୁମ ଘରେ କାମଧେନୁ ଥାଉ ଥାଉ ତୁମେ କ୍ଷୀର କିଣିବାକୁ ବଜାରକୁ ଯାଅ । ମୋତେ ପାଇବାପରେ ମଧ୍ୟ ତୁମେ କାହିଁକି ତୁମ ଅଭାବ ଅସୁବିଧାକୁ ନେଇ ଏତେ ବ୍ୟସ୍ତ ହୋଇଥାଅ ? ଦୁଃଖ କଷ୍ଟ ସମୟରେ ତୁମେ କୌଣସି ନା କୌଣସି ପ୍ରକାର ମୋ' ଠାରୁ ସାହାଯ୍ୟ ପାଇଥାଅ, ନୁହଁ କି ? ତୁମେ କ'ଣ ଭାବୁଛ ମୁଁ ହସ୍ତକ୍ଷେପ ନକଲେ ତାହା ହୁଅନ୍ତା ? ତୁମେ ଚାହଁ ଯେ ସତ୍ୟମାର୍ଗରେ ମୁଁ ଯେମିତି ତୁମକୁ ପଥ ଦେଖାଇଥାଏ, ଅସତ୍ୟ ବ୍ୟାପାରରେ ମଧ୍ୟ ମୁଁ ତୁମକୁ ଉପାୟ କହୁଥିବି । ତୁମେ ତୁମ ସତ୍ୟ ସାଧନାରେ ଦୃଢ଼ ରହିଲେ, ତୁମର ସମସ୍ତ ଅସତ୍ୟ ବ୍ୟାପାର ଆପେ ଆପେ ସୁଧୁରି ଯିବ ।

କନ୍ନମ୍ମା : ସ୍ୱାମୀ ବଡ଼ି ଭୋର ଜପ କରିବା କ'ଣ ଭଲ ନୁହଁ ?

ସ୍ୱାମୀ : ହଁ ନିଶ୍ଚୟ ଭଲ, ତୁମେ ସେଇ ସମୟରେ ଜପ କରିବା ଉଚିତ । ସାରା ଦିନରେ ବ୍ରହ୍ମ ମୁହୂର୍ତ୍ତ ଅପେକ୍ଷା ଜପ ପାଇଁ ଆଉ ଭଲ ସମୟ ନାହିଁ ।

କନ୍ନମ୍ମା : ଆମେ କିମିତି ଜପ କରିବୁ ?

ସ୍ୱାମୀ : ତୁମେ ଜପ କରିବା ସମୟରେ କିମିତି ବସିଥାଅ ?

କନ୍ନମ୍ମା : ମୁଁ ପଦ୍ମାସନରେ ବସେ ।

ସ୍ୱାମୀ : ସେମିତି ବସ ନାହିଁ । ବର୍ତ୍ତମାନ ଯେମିତି ବସିଛ ସେମିତି ଅକ୍ଳେଶରେ ବସ । ତୁମେ ଯେହେତୁ ସବୁବେଳେ ଗୋଡ଼ ବଥା ହେଉଛି ବୋଲି କହିଥାଅ ତେଣୁ ପଦ୍ମାସନରେ ବସ ନାହିଁ, କିନ୍ତୁ ତୁମକୁ ସିଧା ବସିବାକୁ ହେବ । ଦେଖିବ, କେମିତି ବସୁଛ । (ମୁଁ ଜପରେ ଯେମିତି ବସେ ତାଙ୍କୁ ଦେଖାଇଲି । ସ୍ୱାମୀ କିମିତି ସିଧା ବସିବାକୁ ହୁଏ ନିଜେ ବସି ଦେଖେଇଲେ ଏବଂ କହିଲେ ଯେ ଦେହର ପୃଷ୍ଠକୁ ବଙ୍କେଇ ବସିବାକୁ ହେବ ନାହିଁ)

କନ୍ନମ୍ମା ଜପର ଆରମ୍ଭରେ ମୁଁ ସିଧା ବସିଥାଏ କିନ୍ତୁ ପରେ ମୁଁ ଜାଣି ପାରେ ନାହିଁ, ମୋର ମେରୁଦଣ୍ଡ ବଙ୍କେଇ ହୋଇଯାଏ ।

ସ୍ୱାମୀ : ତାହା ତୁମର ଭୁଲ ନୁହଁ । ଆରମ୍ଭରେ ସିଧା ହୋଇ ବସ, ତା'ପରେ ସବୁ ତାଙ୍କୁ ଛାଡ଼ିଦିଅ। ତୁମେ ତୁମର ବୁଢ଼ା ଆଙ୍ଗୁଠି ଓ ମଝି ଆଙ୍ଗୁଠିକୁ ଯୋଡ଼ି ରଖିବା ଦରକାର । କେତେକ ଲୋକ ବୁଢ଼ା ଆଙ୍ଗୁଠି ଓ ବିଶି ଆଙ୍ଗୁଠିକୁ ଯୋଡ଼ିଥାନ୍ତି । ତାହା ଭୁଲ । ବିଶି ଆଙ୍ଗୁଠି ସବୁବେଳେ କହେ, ଏଇଟା ଭୁଲ, ସେଇଟା ଭୁଲ, ମୁଁ ଏହା ଚାହେଁ, ମୁଁ ତାହା ଚାହେଁ ଏଇଟାଦେଖ ସେଇଟା ଦେଖ । ତେଣୁ ବୁଢ଼ା ଆଙ୍ଗୁଠି ଓ ମଝି ଆଙ୍ଗୁଠିକୁ ଯୋଡ଼ି ଜପରେ ବସ ।

କନ୍ନମ୍ମା : ତା' ପରେ ଆମେ କ'ଣ କରିବୁ ?

ସ୍ୱାମୀ : ନାମକୁ ଜପକର ଓ ରୂପର କଳ୍ପନା କର ।

କନ୍ନମ୍ମା ରୂପ ମୁହୂର୍ତ୍ତକ ପାଇଁ ଆସେ, ଫେର୍ ଅଦୃଶ୍ୟ ହୋଇଯାଏ । ତାହା ବେଶି ସମୟ ରହେ ନାହିଁ ।

ସ୍ୱାମୀ : ଦୁଇଟି ଏକ ସଙ୍ଗେ କର ନାହିଁ । ପ୍ରଥମେ କିଛି ସମୟ ଜପକର । ତା' ପରେ ଧୀରେ ଧୀରେ ମନ ମଧ୍ୟରେ ରୂପର କଳ୍ପନା କର । ଏମିତି କଲେ ଅନ୍ତତଃ ଦଶ, ପନ୍ଦର ମିନିଟ୍ ପାଇଁ ମନର ଏକାଗ୍ରତା ରହିବ । ସେତିକି ଯଥେଷ୍ଟ ।

କନ୍ନମ୍ମା : ସ୍ୱାମୀ ଆମ ଶ୍ୱାସ ସହ ତାଳ ଦେଇ ଆମକୁ ଜପ କରିବାକୁ ଆପଣ କହିଥାନ୍ତି । ଶ୍ୱାସକୁ କିଛି ସମୟ ରୋକିବାପାଇଁ ଆମେ କୁମ୍ଭକ କରିବୁ କି ?

ସ୍ୱାମୀ : ତାହା କର ନାହିଁ । କେବଳ ନିଃଶ୍ୱାସ ପ୍ରଶ୍ୱାସ ସହ ସମଲୟରେ ଜପ କଲେ ଯଥେଷ୍ଟ । ତୁମେ ପ୍ରଶ୍ୱାସ ନେବା ସମୟରେ ସ୍ୱାଭାବିକ ଭାବେ ପ୍ରଶ୍ୱାସକୁ ଶରୀର ଭିତରକୁ ନେଇ ତାକୁ କିଛି ସମୟ ରୋକି ଛାଡ଼ିଦିଅ । ସେହି କ୍ଷଣକର କୁମ୍ଭକ ତୁମ ପାଇଁ ଯଥେଷ୍ଟ ।

କନ୍ନମ୍ମା : ଜପ କରିବା ସମୟରେ ମୋର ମନର ଏକାଗ୍ରତା ଭଲ ଭାବେ ରହେ କିନ୍ତୁ ଧ୍ୟାନ ସମୟରେ ରହେ ନାହିଁ ।

ସ୍ୱାମୀ ତେଣୁ ମୁଁ ତୁମକୁ ପ୍ରଥମେ ଜପ କରିବାକୁ କହିଲି । ତୁମେ ରୂପର ଚିତ୍ରଣ କରିବା ସମୟରେ ଜପ କରି ପାର ନାହିଁ । ତାହା କରିବା ମଧ୍ୟ ଦରକାର ନାହିଁ । ସକାଳୁ ଉଠିବା ମାତ୍ରକେ ତୁମେ ନିତ୍ୟକର୍ମରେ ବ୍ୟସ୍ତ ରହିଯାଅ ନାହିଁ, ସ୍ନାନ ମଧ୍ୟ କରିବା ଦରକାର ନାହିଁ । ତାହା କଲେ ମନ ତାର ସ୍ୱାଭାବିକ କାମ ଆରମ୍ଭ କରି ଦିଏ । ଦାନ୍ତ ଘଷି ମୁହଁ ଧୋଇ ହୁଅ । ତା'ପରେ ସଙ୍ଗେ ସଙ୍ଗେ ଜପଧ୍ୟାନରେ ବସିଯାଅ । ଖାଲି ସେତିକି କର । ତୁମେ ଯେହେତୁ ଆହୁରି ସାଂସାରିକ ଜଞ୍ଜାଳରେ ବୁଡ଼ି ରହିଛ, ତୁମ ମନ ଶାନ୍ତ ହେବା ପାଇଁ ଆଉ କିଛି ସମୟ ଲାଗିବ ।

କନ୍ନମ୍ମା : ଆପଣ ଥାଉ ଥାଉ ମୋର ଭୟ କରିବାର କ'ଣ ଅଛି ?

ସ୍ୱାମୀ : ହଁ ଠିକ୍ କହିଲ । ମୁଁ ଥାଉଥାଉ ଭୟ କାହିଁକି ?

କନ୍ନମ୍ମା ସ୍ୱାମୀ ବିବେକାନନ୍ଦ କହିଛନ୍ତି ଯେ ଆମେ ଯେକୌଣସି ଏକ ବସ୍ତୁ ଉପରେ ଧ୍ୟାନ କରିପାରୁ, ଯେମିତି ଧଳାକନା ଉପରେ ପଡ଼ିଥିବା ଏକ କଳା ବିନ୍ଦୁ ଉପରେ ବା ଏକ ଦୀପାଶିଖା ଉପରେ ।

ସ୍ୱାମୀ : ଦୀପ ଶିଖା ଉପରେ ସିଧା ତୁମ ଦୃଷ୍ଟିକୁ ରଖି ଧ୍ୟାନ କର ନାହିଁ । ତୁମ ଆଖିର କ୍ଷତି ହେବ । କିଛି ମିନିଟ୍ ପାଇଁ ଦୀପ ଶିଖାକୁ ଦେଖି ତୁମେ ତୁମ ଆଖି ଦୁଇଟି ବୁଜି ଦିଅ । ତା' ପରେ ତୁମେ ମନ ମଧ୍ୟରେ ସେଇ ଦୀପ ଶିଖାକୁ କଳ୍ପନା କର । ଏହା ପ୍ରଥମେ ପ୍ରଥମେ ଯେଉଁମାନେ ଧ୍ୟାନ ଅଭ୍ୟାସ କରନ୍ତି ସେମାନଙ୍କ ପାଇଁ । ତୁମ ପାଇଁ ତାହା ଦରକାର ନାହିଁ । ମୁଁ ତୁମକୁ ସବୁଠୁ ଭଲ ସାଧନା ଶିଖେଇଛି । ଜପକୁ ଛାଡ଼ିଲେ ଧ୍ୟାନ କର, ଧ୍ୟାନକୁ ଛାଡ଼ିଲେ ଜପ କର । ଏହା ତୁମ ପାଇଁ ଭଲ । ମୁଁ ଯାହା କହୁଛି ତାହା କରିବାକୁ ଚେଷ୍ଟାକର ।

କନ୍ନମ୍ମା : ସଂସାରର ଜଞ୍ଜାଳ ବେଶୀ ହୋଇଗଲେ ଆମର ଭକ୍ତିର ପ୍ରଗାଢ଼ତା କମିଯାଏ । ଆପଣ ଆମକୁ ଟିକିଏ ମାନସିକ ଶାନ୍ତି ଦେଲେ ହୁଅନ୍ତା ନି ?

ସ୍ୱାମୀ : ଝିଅ, ମୁଁ ତୁମକୁ ମାନସିକ ଶାନ୍ତି ଦେଇଥିଲେ, ତୁମେ ଆଉ ପୁଟ୍ଟପର୍ତ୍ତି ଆସି ନଥାନ୍ତ । ସେଠାରେ ଯେହେତୁ ଶାନ୍ତି ପାଉ ନାହଁ, ତୁମେ ଏଠାକୁ ଆସୁଛ ଏବଂ ଏଠାରେ କିଛି ଦିନ ରହି ଶାନ୍ତି ପାଉଛ । ସୂର୍ଯ୍ୟଙ୍କର ରୌଦ୍ରତାପକୁ ଅନୁଭବ କରିବାପରେ ହିଁ ତୁମେ ଛାୟାର ଶୀତଳତାକୁ ଉପଭୋଗ କରିପାରିବ । ଶିଶୁପାଳ ସବୁବେଳେ କୃଷ୍ଣଙ୍କୁ ସ୍ମରଣ କରୁଥିଲା, ଯଦିଓ ତାହା ବିଦ୍ୱେଷଭାବ ସହିତ । ଏଭଳି ତାଙ୍କୁ ନିରନ୍ତର ସ୍ମରଣ କରିବା ଫଳରେ ସେ ଶେଷରେ କୃଷ୍ଣଙ୍କ ମଧ୍ୟରେ ଲୀନ ହୋଇ ପାରିଲା ।

ସ୍ୱାମୀ ଆସନରୁ ଉଠିଲେ । ଆମେ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ବିଦାୟ ନେଲୁ ।

ପଚାଶ ଦଶକର ଶେଷ ଆଡ଼କୁ ଆମେ ପୁଟ୍ଟପର୍ତ୍ତିରେ ଥାଉ । ସ୍ୱାମୀ ଆମକୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକିଲେ । ଆମେ ତାଙ୍କୁ ପୁଷ୍ପମାଲ୍ୟ ଦେଇ ପାଦନମସ୍କାର କଲୁ । ସ୍ୱାମୀ ଆମକୁ ଆମ ଘରର ଭଲମନ୍ଦ ପଚାରି ବୁଝିଲେ ।

କନ୍ନମ୍ମା : ଆପଣ ଯେହେତୁ ଅଛନ୍ତି ଆଉ ଭୟ କରିବାର କିଛି ନାହିଁ ।

ସ୍ୱାମୀ : ଏଇ ମନୋଭାବ ନେଇ ସବୁ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୁଅ ।

କନ୍ନମ୍ମା ସ୍ୱାମୀ, ଆପଣ ଆମକୁ ଥରେ କହିଥିଲେ ଯେ ଆମେ ସୋହମ୍ର ଦ୍ୱାରକୁ ଲକ୍ଷ୍ୟ କରି ଆମ ଶ୍ୱାସ ମାଧ୍ୟମରେ ଭଗବାନଙ୍କର ଉପସ୍ଥିତିକୁ ଅନୁଭବ

କରିପାରିବୁ । ସୋହମ୍‌ର ଏଇ ଦ୍ୱାର କେଉଁଠି ଥାଏ ? ପ୍ରତ୍ୟେକ ନିଃଶ୍ୱାସ ପ୍ରଶ୍ୱାସ ସଙ୍ଗେ ସୋହମ୍ ଜପ କରିବାର ପଦ୍ଧତିଟି କ'ଣ ?

ସ୍ୱାମୀ : ତୁମେ ସେ ସବୁ କରିବା ଦରକାର ନାହିଁ । ସାଂସାରିକ ଜୀବନରେ ବୁଡ଼ି ରହିଥିବା ଲୋକଙ୍କ ପକ୍ଷରେ ଏସବୁ କରିବା ସମ୍ଭବ ନୁହେଁ । କେବଳ ଯେଉଁମାନେ ଅରଣ୍ୟରେ ଏକାକୀ ରହି ସାଧନା କରନ୍ତି, ସେମାନଙ୍କ ପକ୍ଷରେ ଏସବୁ ପଦ୍ଧତି ଅଭ୍ୟାସ କରିବା ସମ୍ଭବ । ତୁମ ନିଃଶ୍ୱାସ ପ୍ରଶ୍ୱାସକୁ ଏକୋଇଶ ହଜାର ଛଶହ ଥର ଗଣି ସେତିକି ଥର ଦିନରେ ମନ୍ତ୍ର ଜପ କରିବା କ'ଣ ତୁମ ପାଇଁ ସମ୍ଭବ ? ଖାଲି ନାମସ୍ମରଣ ତୁମ ପାଇଁ ଯଥେଷ୍ଟ ।

କନ୍ନମ୍ମା : ତେବେ ଆମେ ଧ୍ୟାନରେ ବସିବା ସମୟରେ ଏହା କରିପାରିବୁ ।

ସ୍ୱାମୀ   ତାହା କିପରି ସମ୍ଭବ ହେବ ? ତୁମ ନିଃଶ୍ୱାସ-ପ୍ରଶ୍ୱାସ କେତେଥର ହେଇଛି, ଆଉ କେତେଥର ହେବ ଏସବୁ ଗଣିବ କେମିତି ? ତାହା ଅସମ୍ଭବ, ନାମ ସ୍ମରଣ କର ।

କନ୍ନମ୍ମା : ସ୍ୱାମୀ, କୁହାଯାଏ ଯେ ଯେଉଁମାନେ ଜପଧ୍ୟାନ କରନ୍ତି ସେମାନେ ଶ୍ରାଦ୍ଧ ପାଇଁ ପ୍ରସ୍ତୁତ ଅନ୍ନ ସେବନ କରିବା ଉଚିତ ନୁହଁ, ଏହା କ'ଣ ଠିକ୍ ?

ସ୍ୱାମୀ : ହଁ, ଜଣେ ସାଧକ, ଯିଏ ତାର ସମ୍ପର୍କୀୟ ନୁହଁ ସେଭଳି ଲୋକଙ୍କର ଶ୍ରାଦ୍ଧ ନିମିତ୍ତ ପ୍ରସ୍ତୁତ ଅନ୍ନ ସେବନ କରିବା ଉଚିତ ନୁହଁ । ତାହା ସାଧନା ପାଇଁ କ୍ଷତିକାରକ । ତୁମ ସ୍ୱାମୀ ଲୋକଙ୍କୁ ଖୁସି କରିବା ପାଇଁ ସେସବୁରେ ଯୋଗ ଦେଇଥାନ୍ତି, ସେ ଯା'ନ୍ତୁ ।

କନ୍ନମ୍ମା : ସ୍ୱାମୀ, ଏକ ଆଧ୍ୟାତ୍ମିକ ସଙ୍ଘ ମହୀଶୂରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି । ସେମାନେ ଯଦି ନିମନ୍ତ୍ରଣ କରନ୍ତି, ଆପଣ କ'ଣ ଯିବେ ?

ସ୍ୱାମୀ : ନା, ମୁଁ ଯିବିନି । ସେଇ ଆଧ୍ୟାତ୍ମିକ ସଂଘ ସହ ମୋର କିଛି ସମ୍ପର୍କ ନାହିଁ । ସେଠାରେ ସଭ୍ୟ ହେବା ପାଇଁ ଜଣକୁ ଚାରି ଅଣା ଚାନ୍ଦା ଦେବାକୁ ହୁଏ । ଚାରି ଅଣା ନୁହଁ, ଚାରିଗୁଣ ଦିଅ- ସେଗୁଡ଼ିକ ହେଲା ସତ୍ୟ, ଧର୍ମ, ଶାନ୍ତି ପ୍ରେମ । କେବଳ ପଇସା ପାଇଁ କେତେକ ସଂଘ ଗଢ଼ା ଯାଇଥାଏ । ପୁଟ୍ଟପର୍ତ୍ତିରେ କିନ୍ତୁ ପଇସା ମଗା ଯାଏ ନାହିଁ ।

କନ୍ନମ୍ମା : ସ୍ୱାମୀ, ଆପଣ କେବେ ଗସ୍ତରେ ବାହାରୁଛନ୍ତି ?

ସ୍ୱାମୀ : ମୁଁ ଜୁନ୍ ଶେଷ ଆଡ଼କୁ ଯିବି । (ମୋ ମାକୁ ଚାହିଁ) ତୁମେ ରହୁଥିବା ଘର ଭିତରକୁ କାହାକୁ ଆସିବାକୁ ଦିଅନି । ତୁମର ଦୁର୍ବଳତା ଯୋଗୁ ତୁମେ ଯଦି ଲୋକଙ୍କର ଆଜୋବାଜେ କଥାକୁ କାନ ଦେବ, ତେବେ ମନରେ ସବୁବେଳେ ସେଇସବୁ କଥା ଚିନ୍ତା କରୁଥିବ । ସେମାନେ ସ୍ୱାମୀଙ୍କ ସମ୍ବନ୍ଧରେ କଥା ହେଲେ, ତୁମେ ମଧ୍ୟ କଥା

ହୁଅ । ସେମାନଙ୍କୁ କହିଦିଅ ଯେ ଭଲ ବା ଖରାପ, ଅନ୍ୟ କୌଣସି ବିଷୟରେ ତୁମର କିଛି ଆଗ୍ରହ ନାହିଁ ।

✍

୧୯୬୦ ଜାନୁଆରୀ ୧୫ ତାରିଖ ସନ୍ଧ୍ୟା ୭ଟାରେ ସ୍ୱାମୀ ଇଣ୍ଟରଭ୍ୟୁ କକ୍ଷର ଦ୍ୱାର ଖୋଲି ଆମକୁ ଭିତରକୁ ଡାକିଲେ । ଆମେ ସମସ୍ତେ ସ୍ୱାମୀଙ୍କୁ ପୁଷ୍ପମାଲ୍ୟ ଦେଇ ପାଦନମସ୍କାର କଲୁ । ସେ ଆସନ ଗ୍ରହଣ କରିବାପରେ ଆମେ ତାଙ୍କ ଚାରିପାଖେ ବସିଲୁ । ପିଲାମାନଙ୍କୁ ଦେଖି ସେ ପଚାରିଲେ, "ଦୁର୍ବାସା ଆଉ ଅନ୍ୟମାନେ କିମିତି ଅଛନ୍ତି ?" ମୁରଲୀ କହିଲା ସେ ଆଉ ସେହି ନାମ ଧରିବ ନାହିଁ । ସ୍ୱାମୀ କହିଲେ "ସେ କ'ଣ ଆଗ ଅପେକ୍ଷା ଭଲ ନାହିଁ ?" ମୁଁ 'ହଁ' ଭରିଲି । ସ୍ୱାମୀ କହିଲେ, "ବର୍ତ୍ତମାନ ତୁମ ଦ୍ୱିତୀୟ ପୁଅର ପାଳି ପଡ଼ିଲା, ପରେ ତୃତୀୟ ପୁଅର ପାଳି ପଡ଼ିବ ଦେଖ, ଚୁଲ୍ଲୀରୁ ନିଆଁ ବାହାର କରି ଆଣିଲ, ତା' ସାଙ୍ଗରେ ନିଆଁ ଲିଭାଇବାକୁ ପାଣି ଛିଞ୍ଚିଲ । ତା ପରେ ବି ଏତେ ତାତି (ରାଗ) ! (ରଘୁକୁ ଚାହିଁ) ତୋର ଏତେ ରାଗ ଆସେ କାହିଁକି ? ମୁଁ ଏଥର ତୋତେ ଠିକ୍ ଦଣ୍ଡ ଦେବି । ଏଥର ପରୀକ୍ଷାରେ ଫେଲ୍ କରିଦେବି ।" ମୁଁ ପ୍ରାର୍ଥନା କଲି, "ସ୍ୱାମୀ ସେମିତି କହିବେନି ।" ସ୍ୱାମୀ କହିଲେ "ସେମାନେ କାହିଁକି ଆମ କଥା ଶୁଣିବେନି ? ଆମେ କ'ଣ ଖାଲି ତାଙ୍କ କଥା ଶୁଣିବାକୁ ହେବ ?" ପିଲାମାନଙ୍କୁ ଚାହିଁ, ମୋ କଥା ମାନିଲେ ମୁଁ ତୁମକୁ ସବୁ ପ୍ରକାର ଅସୁବିଧାରୁ ରକ୍ଷା କରିବି । ତୁମ ସାଙ୍ଗମାନଙ୍କୁ କୁହ ଯେ ସନ୍ଧ୍ୟାରେ ତୁମକୁ ଭଜନ କରିବାକୁ ହେବ ଏବଂ କେହି ତୁମର ସମୟ ନଷ୍ଟ କରିବା ତୁମେ ପସନ୍ଦ କର ନାହିଁ । ଠିକ୍ ଅଛି । ଗତକାଲି ମୋର ଦିବ୍ୟ ସମ୍ଭାଷଣ ତୁମକୁ ଭଲ ଲାଗିଲା ?" ଆମେ ଉତ୍ତର ଦେଲୁ "ହଁ ସ୍ୱାମୀ" ସେ ସେଇ କଥା ଦୁଇ ତିନିଥର ପଚାରିଲେ । ମୁଁ କହିଲି, ସେ ଆଉ କିଛି ଅଧିକ ସମୟ କହିଥିଲେ ଆହୁରି ଭଲ ହୋଇଥାନ୍ତା । ସ୍ୱାମୀ କହିଲେ, ଯେତିକି କହିଛି ସେତିକି ଜୀର୍ଣ୍ଣ କରିପାରିଲେ ବଡ଼ କଥା । ଆଉ ଅଧିକ କହିଲେ, ତୁମର ହଜମ ହେବ ନାହିଁ ।

କନ୍ନମ୍ମା : ସନ୍ଧ୍ୟାରେ ଠିକ୍ କେଉଁ ସମୟରେ ଆମେ ଜପ କରିବା ଉଚିତ ?

ସ୍ୱାମୀ : ସନ୍ଧ୍ୟା ସମୟଟା ସେତେ ଭଲ ନୁହଁ ।

କନ୍ନମ୍ମା : ଜପ କରିବା ସମୟରେ ଆମେ କେଉଁ ମନ୍ତ୍ର ଜପ କରିବୁ ?

ସ୍ୱାମୀ ଯେଉଁ ମନ୍ତ୍ର ତୁମ ମନକୁ ଭଲ ଲାଗୁଛି ସେଇ ମନ୍ତ୍ର ଜପକର । ଯେ କୌଣସି ମନ୍ତ୍ର ଚଳିବ । ରମୟତି ଇତି ରାମଃ ।

କନ୍ନମ୍ମା : ସ୍ୱାମୀ, ଦୟାକରି ଆମକୁ ଶିଖେଇ ଦିଅନ୍ତୁ ।

ସ୍ୱାମୀ : "ଓମ୍ ନମୋ ଶ୍ରୀ ସାଇରାମାୟ' ଏବଂ "ଓମ୍ ଶ୍ରୀ ସାଇରାମାୟ ନମଃ' ଏ ଉଭୟ ମନ୍ତ୍ରରେ ପଞ୍ଚ ବୀଜାକ୍ଷର ରହିଛି ।

କନ୍ନମ୍ମା : "ସତ୍ୟ" ଶବ୍ଦଟି କ'ଣ ସେଥିରେ ଯୋଡ଼ା ଯିବନି ?

ସ୍ୱାମୀ : ନା, ମୋର ସେଭଳି ଭେଦଭାବ ନାହିଁ ।

କନ୍ନମ୍ମା ସ୍ୱାମୀ, ଆମେ "ଓମ୍ ଶ୍ରୀ ସତ୍ୟସାଇ ପରବ୍ରହ୍ମଣେ ନମଃ"- ଏଇ ମନ୍ତ୍ରଜପକଲେ କ'ଣ ହେବନି ?

ସ୍ୱାମୀ : ମନ୍ତ୍ର ଖୁବ୍ ଲମ୍ୱା ହୋଇଗଲା ।

କନ୍ନମ୍ମା : ହଁ ସ୍ୱାମୀ ଆମେ ଭାବୁ ଯେ ମନ୍ତ୍ରଟି ଛୋଟ ହେବା ଦରକାର । ଲମ୍ୱା ହୋଇଗଲେ ଜପ କରିବା କଷ୍ଟ ।

ସ୍ୱାମୀ : ମନ୍ତ୍ର ଛୋଟ ହେଲେ ଭଲ । ତୁମେ ଶୀଘ୍ର ଶୀଘ୍ର ଜପ କରି ପାରିବ । ଏହା ଜେନେରଟର ବେଶୀ ବେଗରେ ଘୁରିଲେ ବ୍ୟାଟେରୀ ଶୀଘ୍ର ଚାର୍ଜ ହେବା ଭଳି । ତୁମେ ଅଧିକ ବେଗରେ ମନ୍ତ୍ର ଜପକଲେ ତୁମ ବ୍ୟାଟେରୀ ମଧ୍ୟ ଶୀଘ୍ର ଚାର୍ଜ ହୋଇପାରିବ । ତୁମ ଅଜ୍ଞାତରେ ତୁମ ମନ ତା'ର ସେ ଜପ କରି ଚାଲିବ । 'ଶ୍ରୀ ଗୋପୀଜନବଲ୍ଲଭାୟ ନମଃ' ଏକ ଅଷ୍ଟାକ୍ଷରୀ ମନ୍ତ୍ର । ତୁମେ 'ଓମ୍ ଶ୍ରୀ ସାଇରାମାୟ ନମଃ' ଜପ କରିପାର। ତୁମେ ଜପ ଓ ଧ୍ୟାନକୁ ଗୋଟିକ ପରେ ଗୋଟିଏ କରିବା ଉଚିତ୍ । ଖାଲି ଏତିକି ଦେଖ, ଜପ ଓ ଧ୍ୟାନ ସମୟରେ ତୁମ ମନ ଯେପରି ଏଣେତେଣେ ଚାଲିନଯାଏ ।

କନ୍ନମ୍ମା : ଆମ ମନ କୌଣସି କାମ କିଛି ଦିନ ଖୁବ୍ ଶ୍ରଦ୍ଧାରେ କରେ । ଆଉ କିଛି କିଛି ଦିନ ତାକୁ ବାଧ୍ୟ କଲେ ବି ତାହା ବୋଲ ମାନେ ନାହିଁ । ଏଭଳି ପରିସ୍ଥିତିରେ ଆମେ କ'ଣ କରିବୁ ?

ସ୍ୱାମୀ : ମନ ବୋଲ ନ' ମାନିଲେ ତୁମେ ତାକୁ ମାନିବା ପାଇଁ ବାଧ୍ୟ କରିବ । ଚାଷୀ ବଳଦକୁ ହଳରେ ବାନ୍ଧି ଜମି ଚାଷ କରେ । ହଳ କିରବା ସମୟରେ ବଳଦ ବେଳେବେଳେ ଥମି ଯାଏ । ସେ ସମୟରେ ଚାଷୀ କ'ଣ ବଳଦ ପ୍ରତି ଦୟା କରି ସେଗୁଡ଼ିକୁ ବିଶ୍ରାମ ନେବାକୁ ଦେଇ ଚୁପ୍‌ଚାପ୍ ବସି ରହେ ? ସେ ଚୁପ୍ ହୋଇ ବସି ରହିଲେ କାମ ବନ୍ଦ ହୋଇଯିବ । ତେଣୁ ସାଧନା ଅବ୍ୟାହତ ରଖ । କିଛି ଦିନ ପରେ ସବୁ ଠିକ୍ ହୋଇଯିବ । ମନର ଦୁର୍ବଳତାର ବଶବର୍ତ୍ତୀ ହୋଇ କୌଣସି ପରିସ୍ଥିତିରେ ସାଧନା ଛାଡ଼ି ଦିଅ ନାହିଁ । ଉତ୍ତରାୟଣ ଦିନ ମୁଁ ଦେଇଥିବା ସମ୍ଭାଷଣ କିମିତି ଲାଗିଲା ?

କନ୍ନମ୍ମା ସ୍ୱାମୀ ଚମତ୍କାର ଥିଲା । ଆମକୁ ଦୟାକରି ସେଇ ବାଟରେ ନେଇଯାନ୍ତୁ ।

ସ୍ୱାମୀ : ତୁମେ ତ ସେଇବାଟରେ ଚାଲିଛ, ତେଣୁ ପର୍ତ୍ତିକୁ ଆସି ଏଭଳି ସମ୍ଭାଷଣ ଶୁଣିବାର ସୁଯୋଗ ପାଉଛ ।

କନ୍ନମ୍ମା : ମୋ ସ୍ୱାମୀ ଏଥର ପୁଟ୍ଟପର୍ତ୍ତି ଆସିବାକୁ ଅମଙ୍ଗ ହେଉଥିଲେ, କିନ୍ତୁ ସେ ଆସିବାକୁ ହେବ ବୋଲି ମୁଁ ଜିଦ୍ ଧରିଲି ।

ସ୍ୱାମୀ : ଖାଲି ତୁମେ ଜିଦ୍ କଲେ କ'ଣ ସେ ଆସି ପାରିଥାନ୍ତେ ? ଏଇ ଅମୃତ ପାଇବା ତାଙ୍କ ଭାଗ୍ୟରେ ଥିଲା, ତେଣୁ ସେ ଆସିଲେ ।

କନ୍ନମ୍ମା ଏମିତି ସବୁବେଳେ ଆପଣଙ୍କ ପାଖରେ ରହିବାକୁ ହେଲେ ଆମକୁ କ'ଣ କରିବାକୁ ହେବ ?

ସ୍ୱାମୀ : ତୁମେ ତ ସବୁବେଳେ ମୋ ପାଖରେ ରହିଛ ।

ଶଙ୍କର : ସ୍ୱାମୀ, ଜପମାଳାରେ କାହିଁକି ଶହେ ଆଠଟି କଣ୍ଠି ଥାଏ ?

ସ୍ୱାମୀ : ଅଷ୍ଟୋତ୍ତରଶତ ନାମ ଜପ କରିବାପାଇଁ ।

ଶଙ୍କର : ମୁଁ ଏକ ଶିକ୍ଷାବୃତ୍ତି ପାଇଛି ।

ସ୍ୱାମୀ : (ତାକୁ ବିଦ୍ରୂପ କଲାଭଳି ଅନୁକରଣ କରି) ବୃତ୍ତି ପାଇଛୁ! ଭଲ ଭାବେ ପଢ଼ େ। (କଥା ଭାରିରଖି) ଘରର ପରିସ୍ଥିତି କ'ଣ ?

କନ୍ନମ୍ମା : ଆପଣ ତ ଜାଣନ୍ତି, ସ୍ୱାମୀ ।

ମୂରଲୀ : ସ୍ୱାମୀ, ଆପଣ ଆମକୁ କିଛି ଉପଦେଶ ଦିଅନ୍ତୁ ।

ସ୍ୱାମୀ : ହଁ ! ମୁଁ ତୋର ଉପନୟନ କରିଥିଲି, ନିୟମିତ ଭାବେ ସନ୍ଧ୍ୟାବନ୍ଦନା କରୁଛୁ ତ ?

ମୁରଲୀ : ମୁଁ ଦିନେ ମଧ୍ୟ ନ ଛାଡ଼ି ପ୍ରତିଦିନ ସନ୍ଧ୍ୟା କରୁଛି । (ସେ ଠିକ୍ କହୁଛି କି ନାହିଁ ଜାଣିବାକୁ ସ୍ୱାମୀ ମୋ ସ୍ୱାମୀଙ୍କ ଆଡ଼କୁ ଚାହିଁଲେ । ମୋ ସ୍ୱାମୀ ମୁଣ୍ଡ ଟୁଙ୍ଗାରିଲେ) ସ୍ୱାମୀ, ଆମକୁ କିଛି ଉପଦେଶ ଦିଅନ୍ତୁ, ଆମେ ତାହା ମାନି ଚଳିବୁ ।

ସ୍ୱାମୀ : ଏ ଯାଏ ମୁଁ ଯାହା ସବୁ କହିଛି, ତାହା ତ ମୋର ଉପଦେଶ । ତୁମ ପିତାମାତାଙ୍କ କଥାମାନ । ମୁଁ ତୁମର ଭଲ-ମନ୍ଦ ବୁଝିବି । ପିତା-ମାତାଙ୍କ କର୍ତ୍ତବ୍ୟ ହେଲା ପିଲାମାନଙ୍କର ଠିକ୍ ଠିକ୍ ଲାଳନ-ପାଳନ କରିବା, ସେମାନଙ୍କୁ ଶିକ୍ଷା ଦେବା ଚାକିରୀ ପାଇଁ ଯେଉଁ ଯୋଗ୍ୟତା ଦରକାର ତାହା ଯୋଗାଇ ଦେବା ଏବଂ ସେମାନଙ୍କର ବିବାହ କରିବା । ଏସବୁ କଲେ ସେମାନଙ୍କର କର୍ତ୍ତବ୍ୟ ଶେଷ ହେଲା ବୋଲି କୁହାଯିବ । (ସ୍ୱାମୀ ବିଭୂତି ସୃଷ୍ଟିକରି ଆମ କପାଳରେ ବୋଳିଦେଲେ)

କନ୍ନମ୍ମା ସ୍ୱାମୀ, ଆମକୁ କ'ଣ ଆପଣ ଏତେ ଶୀଘ୍ର ବାହାରକୁ ପଠେଇ ଦେଉଛନ୍ତି ? ଆମ ପାଇଁ ବିଭୂତି ସୃଷ୍ଟି କରି ସାରିଲେଣି ।

ସ୍ୱାମୀ : ଝିଅ, ବାହାରକୁ ଥରେ ଚାହଁ, କେତେ ଲୋକ ଅପେକ୍ଷା କରିଛନ୍ତି । ଆମେ ସମସ୍ତେ ସାଷ୍ଟାଙ୍ଗ ପଡ଼ିଲୁ ମୁଁ ତାକୁ ରାଧା ସମ୍ବନ୍ଧରେ କିଛି ପ୍ରଶ୍ନ କଲି । ମୋ

ସ୍ୱାମୀଙ୍କ ଉପରେ ସେ ବର୍ଷ ଏକ ଘୋର ବିପଦ ପଡ଼ିବ ବୋଲି କିଛି ଲୋକ ଯାହା କହୁଛନ୍ତି ସେ ସମ୍ବନ୍ଧରେ ମୁଁ ତାଙ୍କୁ ପଚାରିଲି । ସ୍ୱାମୀ କହିଲେ, "କିଏ ତୁମକୁ ଏକଥା କହିଛି ? ଏଭଳି କିଏ କିଛି ଭବିଷ୍ୟତର କଥା କହିଲେ କେତେକ ପାଗଳଙ୍କ ଭଳି ବ୍ୟସ୍ତ ହୋଇଯାନ୍ତି । ସେମିତି କିଛି ଘଟିବନି । ସେ ମୋ ମଥାରେ ତାଙ୍କ ହାତ ରଖି ମୋତେ ଆଶୀର୍ବାଦ କଲେ । ତୁମେ ଦୀର୍ଘ ସୁମଙ୍ଗଳି ହେବ । ତୁମେ କ'ଣ ଜାଣିଛ, ଆହୁରି କେତେ ବର୍ଷ ତୁମମାନଙ୍କୁ ମୋର ସେବା କରିବାକୁ ହେବ ? ଆମେ ସମସ୍ତେ ତାଙ୍କ ହାତ ଧରି ଆମକୁ ଭୁଲି ନଯାନ୍ତୁ ଏବଂ ଆମକୁ ଆତ୍ମ-ଜ୍ଞାନ ପ୍ରଦାନ କରନ୍ତୁ ବୋଲି ତାଙ୍କୁ ପ୍ରାର୍ଥନା କଲୁ । ସ୍ୱାମୀ ଆମ ହାତ ଧରି ଆମକୁ କହିଲେ, "ମୁଁ ତୁମକୁ କେବେ ଭୁଲିବି ନାହିଁ, ତୁମ ପ୍ରାର୍ଥନା ପୂରଣ କରିବି ।"

ସ୍ୱାମୀ ମୋ ପୁଅ ସୁରେଶକୁ (ସେତେବେଳେ ତାକୁ ଛବର୍ଷ ହୋଇଥାଏ) । ପଚାରିଲେ, "ତୁମେ ସମସ୍ତେ ମିଶି ନ' ଜଣ ଅଛ ନା ?" ସେ କହିଲା, ହଁ ମୋତେ ଚାହିଁ ସେ କହିଲେ, ଦେଖ, ସେ କହୁଛି ନଟି ଛୁଆ । ମୁଁ କହିଲି, "ନା ନା, ସ୍ୱାମୀ", ସେ ପଚାରିଲେ, ତେବେ କେତୋଟି ? ମୁଁ ଉତ୍ତର ଦେଲି "ସ୍ୱାମୀ, ପାଞ୍ଚୋଟି" ।

ସ୍ୱାମୀ : ତୁମର ଝିଅ ନାହାନ୍ତି ନା ?

କନ୍ନମ୍ମା : ନା, ସ୍ୱାମୀ, କିନ୍ତୁ ଆପଣ କହିବା ଅନୁସାରେ ସୁଜ୍ଞାନ ନାମକ ଗୋଟିଏ ପୁଅ ଏଂ ମୁକ୍ତିକାନ୍ତ ନାମ୍ନୀ ଗୋଟିଏ ଝିଅ ରହିଲେ ଯଥେଷ୍ଟ ।

ସ୍ୱାମୀ : ବୈକୁଣ୍ଠ ଏକାଦଶୀରେ ବେଶ୍ ଗହଳି ହେବ, କାରଣ ଶିବରାତ୍ରିରେ ମୁଁ ଯେଉଁ ଲିଙ୍ଗୋଦ୍ଭବ କରିଥାଏ ତାହା ଖୁବ୍ କମ୍ ଲୋକଙ୍କ ପାଖକୁ ପହଞ୍ଚି ଥାଏ । କିନ୍ତୁ ବୈକୁଣ୍ଠ ଏକାଦଶୀ ଦିନ ସମସ୍ତେ ଅମୃତ ପାଇଥାନ୍ତି ।

କନ୍ନମ୍ମା : ସ୍ୱାମୀ ଆମେ ଶିବରାତ୍ରି ଦିନ ଆପଣଙ୍କ ଉପସ୍ଥିତିରେ ଗାଇବାକୁ ଚାହୁଁ କିନ୍ତୁ ପୁରୁଣା ଭକ୍ତମାନଙ୍କୁ ମନ୍ଦିର ଭିତରକୁ ଅନୁମତି ମିଳୁନାହିଁ । ଆମେ ସେ ସୁଯୋଗ ମଧ୍ୟ ହରଉଛୁ ।

ସ୍ୱାମୀ : (ଦୁଃଖ ଭରା ସ୍ୱରରେ) କ'ଣ କରିବି ? ଯାଗା ନାହିଁ ।

ଏକ ଭାରାକ୍ରାନ୍ତ ହୃଦୟ ନେଇ ଆମେ ମହୀଶୂର ଫେରିବାକୁ ତାଙ୍କର ଅନୁମତି ଭିକ୍ଷା କଲୁ ।

✍

ଥରେ ମୁଁ ଓ ମୋ ଭଉଣୀ ରାଧା ପୁଟ୍ଟପର୍ତ୍ତିରେ ସକାଳେ ଇଣ୍ଟରଭ୍ୟୁ କକ୍ଷ ନିକଟରେ ଛିଡ଼ା ହୋଇଥାଉ । ସ୍ୱାମୀ ଆମକୁ ଡାକି କଥାବାର୍ତ୍ତା କଲେ ।

କନ୍ନମ୍ମା ସ୍ୱାମୀ, ଭୋର୍‌ରେ ଧ୍ୟାନ କରିବା ପରେ ଆଉ ସାରା ଦିନ ଆପଣଙ୍କ ଉପରେ ମନୋନିବେଶ କରିବାପାଇଁ ମୋର ସମୟ ହେଉନାହିଁ ।

ସ୍ୱାମୀ ନା, ସେମିତି ନୁହେଁ । ତୁମେ ଫେର ଅପରାହ୍ନରେ ମୋତେ ସ୍ମରଣ କର । (ସ୍ୱାମୀ କହିବାକୁ ଚାହୁଁଥିଲେ ଯେ ମଧ୍ୟାହ୍ନ ଭୋଜନ ପରେ ମୁଁ କିଛି ସମୟ ବସି ହାଲୁକା ମନରେ ତାଙ୍କୁ ମନନ କରିବି)

କନ୍ନମ୍ମା କୌଣସି କାମ କରୁଥିବା ଅବସ୍ଥାରେ ମୁଁ ଆପଣଙ୍କୁ ସ୍ମରଣ କରିପାରୁନାହିଁ ।

ସ୍ୱାମୀ : ସେମିତି ସ୍ମରଣ କରିବା ଦରକାର ନାହିଁ । ନିଜର କାମ ଉପରେ ମନକୁ ସ୍ଥିର ରଖି ଠିକ୍ ଭାବେ କାମ କର । ଗୋଟିଏ ସେକେଣ୍ଡ ପାଇଁ ହେଉ ପଛେ ଭକ୍ତିର ସହ ମୋତେ ସ୍ମରଣ କର । ତାହା ହିଁ ଯଥେଷ୍ଟ । ମୁଁ ବୁଝୁଛି ଯେ ସଂସାରର ସମସ୍ତ ଦାୟିତ୍ୱରେ ବ୍ୟସ୍ତ ରହି ମୋତେ ମନେ ପକାଇବା ସମ୍ଭବ ନୁହଁ ।

ରାଧା : ସ୍ୱାମୀ, ସେ ସେତିକି ହେଲେ କରୁଛି, ମୁଁ ତ କିଛି କରୁନାହିଁ ।

ସ୍ୱାମୀ : ତୁ କହୁଛୁ ସେ କରୁଛି, ସେ କହୁଛି ତୁ କରୁଛୁ ।

ରାଧା ଲୋକେ କହନ୍ତି ଯେ ଯେଉଁମାନେ ଏଠାରେ ରହନ୍ତି ସେମାନେ ବହୁ ଦୂରରେ ରହୁଥିବା ଲୋକଙ୍କଠାରୁ ଅଧିକ ତୁମର କୃପା ପାଇଥାନ୍ତି । ଏହା କ'ଣ ସତ ?

ସ୍ୱାମୀ : ଏହା କୋଇଲାକୁ ନିଆଁ ଧରିବା ଭଳି । ଏଠାରେ ରହୁଥିବା ଲୋକେ ପ୍ରଥମେ ନିଆଁ ହେବାର ସୁଯୋଗ ପାଇବେ, କିନ୍ତୁ ସେମାନେ ଏଠାରେ ରହି ମଧ୍ୟ ଯଦି ନିଆଁଠୁ ଦୂରରେ ରହନ୍ତି ତେବେ କି ଲାଭ ହେବ ? ଦୂର୍‌ରେ ରହୁଥିବା ଲୋକେ ନିଆଁ ଧରିବାକୁ ହେଲେ ସାମାନ୍ୟ ବିଞ୍ଚିବାକୁ ହେବ, ବେଶ୍ ସେତିକି ।

କନ୍ନମ୍ମା : ସ୍ୱାମୀ ନାମାବଳୀରେ ଆମେ "ଦ୍ରୁମ୍" ନାମକ ଏକ ଶବ୍ଦ ପାଇଥାଉ, ତାହା କ'ଣ ?

କନ୍ନମ୍ମା : ତାହା ଏକ ବୀଜାକ୍ଷର। "ବାସୁଦେବାୟ ନମଃ" ଦେବକୀ ନନ୍ଦନାୟ ନମଃ" ଏମିତି ସବୁ ମନ୍ତ୍ର ରହିଛି, କ୍ଲିଂ ଅକ୍ଷର ମଧ୍ୟରେ ଏ ସମସ୍ତର ଅର୍ଥ ରହିଛି । କୃଷ୍ଣାୟ ନମଃ କହିବା ପରିବର୍ତ୍ତେ ତୁମ କେବଳ "କ୍ଲିଂ" କହିପାର ।

କନ୍ନମ୍ମା ମନ୍ତ୍ରଗୁଡ଼ିକର ଶକ୍ତି ଅନୁଯାୟୀ ସେଗୁଡ଼ିକର କ'ଣ ବିଭାଗୀକରଣ ହୋଇଛି ?

ସ୍ୱାମୀ ହଁ, ଯେଉଁ ସବୁମନ୍ତ୍ର ମଧ୍ୟରେ ବୀଜାକ୍ଷର ରହିଛି, ସେସବୁ ମନ୍ତ୍ର ଜପ କଲେ ତୁମେ ଦୀର୍ଘସ୍ଥାୟୀ ସୁଫଳ ପାଅ । ବୀଜାକ୍ଷର ନଥିବା ମନ୍ତ୍ର ଆଶାନୁରୂପ ଫଳ ଦିଏ ନାହିଁ ।

କନ୍ନମ୍ମା : ସ୍ୱାମୀ, ଆମକୁ ଭୟଲାଗେ ଯେ ଦିନ ଆସିବ, ଆମେ ଆଉ ଆପଣଙ୍କୁ ପହଞ୍ଚିପାରିବୁ ନାହିଁ ।

ସ୍ୱାମୀ (ଆସନରୁ ଉଠି ଓ ତାଙ୍କର ଅଭୟ ହସ୍ତ ଆମ ମଥା ଉପରେ ସ୍ଥାପନ କରି) ନା, ନା, ନା, ମୁଁ କେବେ ତୁମକୁ ଛାଡ଼ିବି ନାହିଁ । କେବେ ନୁହେଁ କେବେ ନୁହେଁ, କେବେ ନୁହେଁ ।

କନ୍ନମ୍ମା : ସ୍ୱାମୀ ଆମକୁ ଆଶୀର୍ବାଦ କରନ୍ତୁ, ଆମେ ଯେପରି ଆପଣଙ୍କୁ ଅନ୍ତରରୁ ଉପଲବ୍ଧି କରି ପାରିବୁ ।

ସ୍ୱାମୀ : ନିଶ୍ଚୟ, ତୁମ ଭଳି ଭକ୍ତମାନଙ୍କ ପାଇଁ କେବଳ ମୁଁ ଆସିଛି ।

ସେ ବିଭୂତି ସୃଷ୍ଟିକରି ଆମ କପାଳରେ ଦେଲେ ଏବଂ ଆମକୁ ପାଦ ନମସ୍କାର କରିବାକୁ ଅନୁମତି ଦେଲେ ।

✍

୧୯୫୦ ମସିହାରେ ଥରେ କେବେ ଆମେ ପୁଟ୍ଟପର୍ତ୍ତି ଛାଡ଼ିବା ପୂର୍ବରୁ ସ୍ୱାମୀ ଆମକୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକିଲେ । ସେ ଆମକୁ କୁଶଳ ପ୍ରଶ୍ନ କଲେ ଓ ସେଇ ସମୟରେ ଭକ୍ତି ବିଷୟଟି ଉଠିଲା ।

ସ୍ୱାମୀ : କୌଣସି ଏକ ମନ୍ତ୍ର ଜପ କରିବା ସମୟରେ ରୂପକୁ ମଧ୍ୟ ସ୍ମରଣ କରିବା ଉଚିତ । ତୁମେ ନିଃସ୍ୱାର୍ଥ ଭାବ ନେଇ ଧ୍ୟାନ କର ଓ ଭାବ ଯେ ସେ କେବଳ ତୁମର ନୁହଁ ସେ ସମସ୍ତଙ୍କର ଓ ଏ ଜଗତର ଅଧୀଶ୍ୱର । ତୁମେ ଯେକୌଣସି ମନ୍ତ୍ର ଜପ କରିପାର । ସବୁ ନଦୀ ଯେମିତି ସମୁଦ୍ରରେ ମିଶିଥାନ୍ତି, ସବୁ ମନ୍ତ୍ର ସେମିତି ମଣିଷକୁ ଈଶ୍ୱରଙ୍କଠାରେ ପହଞ୍ଚେଇ ଦିଅନ୍ତି । (ଏଠାରେ ସ୍ୱାମୀ ମନ୍ତ୍ରମାନଙ୍କ ବୀଜାକ୍ଷରକୁ ଉଲ୍ଲେଖ କରୁଥାନ୍ତି)। ସମୁଦ୍ରରେ ପହଞ୍ଚିବା ପରେ ନଦୀ ତାର ନିଜ ସ୍ୱାଦକୁ ହରାଇ ସମୁଦ୍ରର ସ୍ୱାଦ ଗ୍ରହଣ କରେ । ଅନେକ ପାପ କରିଥିଲେ ହେଁ ସେ ସମସ୍ତ ପାପ ଈଶ୍ୱରଙ୍କୁ ନିରନ୍ତର ସ୍ମରଣ କଲେ ଧୋଇ ହୋଇଯାଏ । ତୁମେମାନେ ଯେହେତୁ ମୋର, ତେଣୁ ମୋ ପାଖକୁ ବାରମ୍ବାର ଆସି ପାରୁଛ । ମୁଁ ତୁମର, ମୋର ମୋ ଉପରେ କିଛି ଅଧିକାର ନାହିଁ । ମୋତେ ସେମାନଙ୍କର ନିଜର କରିବା ହେଉଛି ଭକ୍ତମାନଙ୍କର ଅଧିକାର ।

କୌଣସି ମନ୍ତ୍ର ଜପ କରିବା ସମୟରେ ମନ୍ତ୍ରର ଅକ୍ଷର ଗୁଡ଼ିକ ଯେତେବେଳେ ତୁମ ଆଖି ସାମ୍ନାରେ ନାଚିଥାଏ, ସେତେବେଳେ ମନ୍ତ୍ର ଉପରେ କିଛ ସମୟ ଓ ତାପରେ ରୂପ ଉପରେ କିଛି ସମୟ ଧ୍ୟାନ କର । ମନ୍ତ୍ର ଓ ରୂପକୁ ଗୋଟିକ ପରେ ଗୋଟିଏ ଧ୍ୟାନ କରୁଥାଅ । ମନ୍ତ୍ରରୁ ରୂପକୁ ଓ ରୂପରୁ ମନ୍ତ୍ରକୁ ଧ୍ୟାନ କରୁଥାଅ ଏବଂ ଶେଷରେ ତାହା ରୂପ ଉପରେ ସ୍ଥିର ହୋଇଯାଉ । ତୁମେ ହୁଏତ କହିବ ଯେ ତୁମେ ଯେମିତି ଥିଲ ସେମିତି

ଅଛ ଏବଂ ତୁମ ଭିତରେ କିଛି ପରିବର୍ତ୍ତନ ହୋଇ ନାହିଁ । ତୁମ ଅଜାଣତରେ ତୁମ ଭିତରେ ପରିବର୍ତ୍ତନ ହୋଇଥିବ । ମୁଁ ଯଦି ବର୍ତ୍ତମାନ ତୁମକୁ ତୁମେ କେଉଁ ପାହାଚରେ ଅଛ କହିଦେବି ତୁମର ଅହଙ୍କାର ବଢ଼ିବ ଏବଂ ତୁମେ ତୁମକୁ ଧ୍ୱଂସ କରିଦେବ । ଏଭଳି ଯୋଗ୍ୟ ଲୋକ ଅନେକ ଅଛନ୍ତି କିନ୍ତୁ ସେମାନଙ୍କୁ ତାହା ଯଦି କହି ଦିଆଯାଏ ତେବେ ସେମାନଙ୍କର ଅହଙ୍କାର ବଢ଼ିବ । ସେମାନେ ଯାହା କରିବା କଥା ନୁହଁ, ତାହା କରି ବସିବେ । ତେଣୁ ମୁଁ କାହାକୁ କିଛି କହେ ନାହିଁ । କିଏ କେଉଁ ସ୍ତରରେ ଅଛି, ତାହା ମୁଁ କେବଳ ଜାଣେ ।

କନ୍ନମ୍ମା : ସ୍ୱାମୀ ଆମେ କେଉଁ ସ୍ତରରେ ପହଞ୍ଚିଲୁଣି, ଆମକୁ ଦୟା କରି କହନ୍ତୁ ।

ସ୍ୱାମୀ : ନା, ମୁଁ କହିବି ନାହିଁ, ତୁମେ ହଜାର ଯୋଗ୍ୟ ଲୋକ ମଧ୍ୟରେ ଜଣେ । ମୁଁ ତୁମକୁ ଭୁଲିବି ନାହିଁ । ତୁମ ମା'କୁ ମୁଁ ଏଠାରେ ରଖିଛି, କେବଳ ମୋ କୃପା ଦେବାପାଇଁ । (ଆମକୁ ଚାହିଁ) ତୁମେ ସମସ୍ତେ ସାଂସାରିକ ଜୀବନରେ ବାନ୍ଧି ହୋଇ ରହିଛ । ରାମ, କୃଷ୍ଣ, ଶିବ, ଶକ୍ତି ଓ ଅନ୍ୟାନ୍ୟ ସେଭଳି ମହାମନ୍ତ୍ର ସବୁ ତୁମ ପାଖରେ ଅଛି । ସତ୍ୟସାଇ ମନ୍ତ୍ର ମଧ୍ୟରେ ଏ ସମସ୍ତ ମନ୍ତ୍ରର ସମ୍ମିଳିତ ଶକ୍ତି ରହିଛି । କେବଳ ଏଇ ମନ୍ତ୍ର ଯଥେଷ୍ଟ । ତୁମେ 'କାମାକ୍ଷୀ କାମାକ୍ଷୀ' ଗାଇ ଥାଅ । ତେଣୁ ଈଶ୍ୱରଙ୍କୁ ମାତା ମନେ କରି ଧ୍ୟାନ କରିବା ତୁମକୁ ସବୁଠୁ ଭଲ ସୁହାଏ । ଗତକାଲି ମୁଁ ତୁମକୁ ଯାହା କହିଥିଲି ମନେପକାଅ । ସ୍ୱାମୀ ଗୋପୀମାନଙ୍କର ଭକ୍ତିକୁ ଏକ ଶ୍ରେଷ୍ଠ ଆଦର୍ଶ ବୋଲି କହିଥିଲେ ।

ଆମେ ଇଣ୍ଟରଭ୍ୟୁ କକ୍ଷ ତ୍ୟାଗ କରିବାପୂର୍ବରୁ ସ୍ୱାମୀ ବିଭୂତି ସୃଷ୍ଟିକରି ଆମ କପାଳରେ ବୋଳି ଦେଇଥିଲେ ଏବଂ ଆମକୁ ପାଦ ନମସ୍କାର କରିବାପାଇଁ ଅନୁମତି ଦେଇଥିଲେ ।

✍

ଦିନେ ଅପରାହ୍ଣରେ ଆମେ ମଧ୍ୟାହ୍ନ ଭୋଜନ ସାରି ପୁରୁଣା ମନ୍ଦିରରେ ବସିଥାଉ । ସ୍ୱାମୀ ଜଣେ ଭକ୍ତଙ୍କ ହାତରେ ଖବର ପଠେଇଲେ, ଆମକୁ ନୂଆ ମନ୍ଦିରକୁ ଆସିବାପାଇଁ । ଆମେ ସଙ୍ଗେ ସଙ୍ଗ ସେଠାକୁ ଗଲୁ । ସ୍ୱାମୀ ଆମକୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକିଲେ । ସ୍ୱାମୀ ସେଇ ମାତ୍ର ତାଙ୍କର ମଧ୍ୟାହ୍ନ ଭୋଜନ ଶେଷ କରିଥାନ୍ତି ।

କନ୍ନମ୍ମା : ସ୍ୱାମୀ, ଆପଣ ତାମ୍ବୁଲ ସେବନ କରି ନାହାନ୍ତି ।

ସ୍ୱାମୀ ଝିଅ, ଠିକ୍ ଅଛି । ଯେଉଁମାନେ ଆଧ୍ୟାତ୍ମିକ ବିଷୟରେ ଆଗ୍ରହୀ, ମୁଁ ସେମାନଙ୍କ ସହ କଥାବାର୍ତ୍ତା ହେବାକୁ ଖୁବ୍ ଭଲ ପାଏ । ତୁମେ କ'ଣ ପଚାରିବାକୁ ଚାହୁଁଥିଲ କି ?

କନ୍ନମ୍ମା ସ୍ୱାମୀ ସାଂସାରିକ ଜୀବନରେ ତ ଉତ୍‌ଥାନ ପତନ ଲାଗି ରହିଥିବ । କିନ୍ତୁ ଆଧ୍ୟାତ୍ମିକ ଜୀବନରେ ଆମେ ପାହୁଣ୍ଡେ ମଧ୍ୟ ଯଦି ଆଗକୁ ନଯାଉ, ତେବେ ଜୀବନଟା ବ୍ୟର୍ଥ ନୁହଁ କି ?

ସ୍ୱାମୀ ଝିଅ, ସେସମିତି କୁହ ନାହିଁ । ପ୍ରଥମେ ତୁମର ସାଂସାରିକ ଜୀବନରେ ନ୍ୟୁନତମ ସୁଖ-ସୁବିଧା ରହିବା ଦରକାର । ସାଂସାରିକ ଜୀବନରେ ତୁମେ ସୁବିଧାରେ ନ ରହିଲେ ଆଧ୍ୟାତ୍ମିକ ଜୀବନରେ ଆଗେଇ ପାରିବ ନାହିଁ । ଖାଦ୍ୟ ଓ ବସ୍ତ୍ରପାଇଁ ମଧ୍ୟ ଯଦି ତୁମକୁ ରୀତିମତ ଲଢ଼ିବାକୁ ହୁଏ, ତୁମେ ଈଶ୍ୱରଚିନ୍ତନ କରିବ କେମିତି ? ଏଇ କଳିଯୁଗରେ ପ୍ରାଣ ଅନ୍ନ ଦ୍ୱାରା ପରିପୁଷ୍ଟ ହୁଏ । ତେଣୁ ତୁମଠେ ଅନ୍ନ ବସ୍ତ୍ର ଯଥେଷ୍ଟ ଥିଲେ ହିଁ ତୁମେ ଆଧ୍ୟାତ୍ମିକତାରେ ପରିପୁଷ୍ଟ ହୁଅ । ତେଣୁ ତୁମଠେ ଅନ୍ନ ବସ୍ତ୍ର ଯଥେଷ୍ଟ ଥିଲେ ହିଁ ତୁମେ ଆଧ୍ୟାତ୍ମିକତାରେ ଆଗେଇ ପାରିବ । ମୁଁ ସବୁବେଳେ ଦେଖିଥାଏ ଯେ ମୋର ଭକ୍ତମାନେ ଅନ୍ନ ଓ ବସ୍ତ୍ର ପାଇଁ ହନ୍ତସନ୍ତ ନ ହୁଅନ୍ତୁ, କିନ୍ତୁ ତାହା ବୋଲି ମୁଁ ସେମାନଙ୍କୁ ଅସୁମାରି ଧନ-ସମ୍ପଦ ଠୁଳ କରିବାକୁ ଦିଏନାହିଁ । କାରଣ ପ୍ରଚୁର ଧନ ଅର୍ଜନ କରିବା ପରେ ସେମାନଙ୍କ ମଧ୍ୟରେ ସେମାନଙ୍କ ଚାରିପାଖେ ଥିବା ଲୋକମାନଙ୍କର ଦୁଃଖ -କଷ୍ଟ ପ୍ରତି ସମ୍ବେଦନଶୀଳତା ଆଉ ରହେ ନାହିଁ ।

କନ୍ନମ୍ମା : ମନକୁ ଏଣେତେଣେ ଯିବାରୁ କିଭଳି ରୋକିବାକୁ ହେବ ?

ସ୍ୱାମୀ ତୁମେ ଖାଲି ଚେଷ୍ଟାକଲେ କ'ଣ ଏହା ସମ୍ଭବ ହେବ ? ପ୍ରକୃତିର ସ୍ୱଭାବ ହି ଅସ୍ଥିର । ମନର ଜନ୍ମ ସେଇଠୁ । ତେବେ ମନ କିମିତି ସ୍ଥିର ରହିବ ? କୌଣସି ବାସନା ନଥାଇ କ'ଣ ମନ କେବେ ଥାଏ ? ମେଘ ନଥାଇ କ'ଣ କେବେ ଆକାଶ ଥାଏ ? କଣ୍ଟା ନଥାଇ କ'ଣ କେବେ ଗୋଲାପ ଥାଏ ? ତୁମେ ଯଦି ପ୍ରତିଦିନ ମୋତେ ତୁମ ମନର ବିଚଳନକୁ କ୍ଷାନ୍ତ କରିବାପାଇଁ ପ୍ରାର୍ଥନା କର, ତୁମର ମନ ସ୍ଥିରେ ରହୁବୋଲି ମୁଁ ସଙ୍କଳ୍ପ କରିବା ମାତ୍ରକେ ତାହା ସ୍ଥିର ହୋଇଯିବ ।

କନ୍ନମ୍ମା ସ୍ୱାମୀ, ଏଇ ସଂସାର ପ୍ରତି ବିତସ୍ପୃହ ହୋଇ ମଧ୍ୟ ଆଧ୍ୟାତ୍ମିକତାରେ ଅଗ୍ରସର ନହେବା ବିରକ୍ତିକର । ଏଭଳି ଅବସ୍ଥାରେ ଆମେ ଆଉ କେତେଦିନ୍ ରହିବୁ ? ଆମେ ଯେମିତି ଥିଲୁ ସେମିତି ଅଛୁ । ଏତେ ବର୍ଷ ଧରି ଆପଣଙ୍କ ପାଖକୁ ଆସିବା ପରେ ମଧ୍ୟ ନା ଆମେ କିଛି ଆଗେଇଛୁ ନା ପାଇଛୁ ।

ସ୍ୱାମୀ : ତୁମେ ଏମିତି ଭାବିବା କଥା ନୁହେଁ, ବରଂ ଭାବ ଯେ ତାଙ୍କରି କୃପାରୁ ତୁମେ ଏଇ ସ୍ତରରେ ରହିଚ ନଚେତ୍ ଅବସ୍ଥା ଆହୁରି ଶୋଚନୀୟ ହୋଇଥାନ୍ତା । ତୁମ ମନରେ ଯଦି ଆହୁରି ଶାନ୍ତି ରହୁ ନାହିଁ, ତେବେ ଭାବ ଯେ ଏ ଯାଏ ସାଇନାଥଙ୍କ କୃପା ତୁମ ଉପରେ ବୃଷ୍ଟି ହୋଇନାହିଁ ଏବଂ ଏଥିପାଇଁ ଧୈର୍ଯ୍ୟର ସହ ଅପେକ୍ଷା କର ।

ଭଗବାନ ଭକ୍ତକୁ ରକ୍ଷା କରିଥିବା କିମ୍ବଦନ୍ତୀର ଘଟଣାବଳୀକୁ ମନେ ପକାଇ ମନକୁ ସାନ୍ତ୍ୱନା ଦିଅ ।

କନ୍ନମ୍ମା ସ୍ୱାମୀ, ସାଂସାରିକ ଜୀବନରେ ଆମର ଆଚରଣ କିମିତି ହେବା କଥା ?

ସ୍ୱାମୀ (ଏକ ତେଲୁଗୁ ଗୀତ ଗାନ କଲେ) ସତ୍ୟ ଧର୍ମମୁ ଶାନ୍ତି ପ୍ରେମଲତୋ (ଭକ୍ତିରେ ଭଗବାନଙ୍କୁ ସ୍ମରଣ କରି ଓ ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମର ସହ ନିଜର ଦୈନନ୍ଦିନ କର୍ତ୍ତବ୍ୟ ସମ୍ପାଦନ କରି ଜଣେ ତାର ଜୀବନ ଯାତ୍ରା ନିର୍ବାହ କରିବା ଆବଶ୍ୟକ) ତୁମ ଜୀବନକୁ ଏହିଭଳି ଅତିବାହିତ କର । ମଣିଷର ବିଶାଳ ଶରୀରରେ ଦୁଇଟି କ୍ଷୁଦ୍ର ଚକ୍ଷୁ ରହିଛି, ତାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସେ ଦୁଇଟି ହେଲା ବେଦ ଓ ଶାସ୍ତ୍ର । ମଣିଷ ସେଥି ମଧ୍ୟରେ ଯେଉଁ ଦିବ୍ୟ ନିର୍ଦ୍ଦେଶ ରହିଛି, ତାହାକୁ ପାଳନ କରିବା ଉଚିତ ।

ସ୍ୱାମୀ ଆସନରୁ ଉଠିଲେ । ଆମେ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ଫେରିଲୁ ।

✍

ଆଉ ଥରେ ଆମର ପର୍ତ୍ତିଯାତ୍ରା ସମୟରେ ଆମେ ସ୍ୱାମୀଙ୍କ ସହ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ଥାଉ । ସ୍ୱାମୀ ରାଧାକୁ ତା'ର କେତେକ ପାରିବାରିକ ବିଷୟ ନେଇ ପ୍ରଶ୍ନ କଲେ ଓ ସେଠାରେ ଭକ୍ତି ବିଷୟଟି ପୁଣି ଉଠିଲା ।

କନ୍ନମ୍ମା : ସ୍ୱାମୀ ଜଣେ ଭକ୍ତ ପୁଟ୍ଟପର୍ତ୍ତି ଆସି ପାରିଲେନି, କାରଣ ତାଙ୍କ ମା'ଙ୍କ ଅଣ୍ଟାଭାଙ୍ଗି ଯାଇଛି ଏବଂ ସେ ଶଯ୍ୟାଶାୟୀ ହୋଇ ଯାଇଛନ୍ତି ।

ସ୍ୱାମୀ (ଥଟ୍ଟାକରି) ସଙ୍ଗେ ସଙ୍ଗେ ତାର ଜୀବନ ଶେଷ କରିବାକୁ ଗୋଟିଏ ଇଞ୍ଜେକ୍ସନ ଦେଇ ଦେଇଥିଲେ ହୋଇ ନଥାନ୍ତା ? ଆଉ ନ ହେଲେ କ'ଣ ଝିଅ ? ସେଭଳି ବଞ୍ଚି ରହି ଲାଭ ନାହିଁ ।

କନ୍ନମ୍ମା : ସ୍ୱାମୀ, ଆପଣ ତ ତାକୁ ସେ ଦଶାରେ ପକେଇଛନ୍ତି । ତାକୁ ବଞ୍ଚେଇ ରଖିବା, ନ ରଖିବା ତ ଆପଣଙ୍କ ହାତରେ ।

ସ୍ୱାମୀ ଏ ଜୀବନରେ କର୍ମ ଯଦି ସେମାନଙ୍କର କିଛି ରହିଯାଏ, ତାର ଫଳ ସେମାନଙ୍କୁ ପରଜନ୍ମରେ ଭୋଗ କରିବାକୁ ହେବ । ଯେଉଁମାନଙ୍କର କର୍ମ ବେଶୀ ସେମାନଙ୍କୁ ଦୀର୍ଘ ସମୟ କଷ୍ଟ ଭୋଗିବାକୁ ହୁଏ । କିଛି କଷ୍ଟ ନଥାଇ ତୁମର କର୍ମଶେଷ ହେବ କିମିତି ? ମୁଁ ସେମାନଙ୍କୁ ଏଇ ଜନ୍ମରେ ହିଁ ସବୁକିଛି ଭୋଗ କରିବାର ବ୍ୟବସ୍ଥା କରିଦିଏ, ଯାହା ଫଳରେ ଆର ଜନ୍ମ ପାଇଁ ଆଉ କିଛି ବାକି ରହିଯାଏ ନାହିଁ ।

କନ୍ନମ୍ମା : ସ୍ୱାମୀ, ଆମେ ଯାହା କିଛି ଭୋଗୁଛୁ ସେ ସବୁ କ'ଣ ଆମ ପୂର୍ବ କର୍ମର ଫଳ ?

ସ୍ୱାମୀ : ହଁ । ମନେକର ତୁମେ ରାଧାମ୍ମାର ହାତ ଭାଙ୍ଗି ଦେଲ । ତାର ପ୍ରତିକ୍ରିୟା ପ୍ରକାଶ କରି ସେ ତୁମ ହାତ ଭାଙ୍ଗି ଦେବ । ସେତେବେଳେ ତୁମେ ମୋ ପାଖକୁ ଆସି କହିବ, 'ସ୍ୱାମୀ, ସେ ମୋ ହାତ ଭାଙ୍ଗି ଦେଲା ।' ତୁମକୁ ହୁଏତ ଜଣା ନଥିବ ଯେ ପୂର୍ବ ଜନ୍ମରେ ତୁମେ ତା' ହାତ ଭାଙ୍ଗିଥିଲ; କିନ୍ତୁ ମୁଁ ତାହା ଜଣେ । ସେ ସମୟରେ କ'ଣ କରାଯିବ ? ସେଇ ସମୟର ତୁମେଯଦି ତୁମ ମନକୁ ବୁଝେଇବ ଯେ ତୁମେ ତାକୁ ପୂର୍ବେ କଷ୍ଟ ଦେଇଥିବାରୁ ହୁଏତ ତୁମକୁ ବର୍ତ୍ତମାନ କଷ୍ଟ ଭୋଗିବାକୁ ପଡୁଛି, ସେତେବେଳେ ତୁମେ ମନରେ ଶାନ୍ତି ପାଇବ ଏବଂ କଷ୍ଟକୁ ସହଜ ମନେ କରିବ ।

କନ୍ନମ୍ମା : ସ୍ୱାମୀ ଆମେ ଯଦି ଆମର ସମସ୍ତ କର୍ମଫଳ ବର୍ତ୍ତମାନ ଭୋଗ କରି ନେଉ, ଆଉପୁନର୍ଜନ୍ମ ନଥିବା ସ୍ଥିତିକୁ କ'ଣ ପହଞ୍ଚିଯିବୁ ?

ସ୍ୱାମୀ ଆଉ ପୁନର୍ଜନ୍ମ ନ ହେବା ସ୍ଥିତିକୁ ପହଞ୍ଚିବା କ'ଣ ଏତେ ସହଜ ଭାବୁଛ ?

କନ୍ନମ୍ମା : ଆମେ ସେ ସ୍ଥିତିରେ ପହଞ୍ଚିବା ପାଇଁ କ'ଣ କରିବାକୁ ହେବ ?

ସ୍ୱାମୀ : ତୁମେ ମନଦେଇ ସାଧନା କରିବାକୁ ହେବ । ଶରୀର କର୍ମ ଭୋଗ କରେ, ମନ ଜନ୍ମ ରହିତ ଅବସ୍ଥାରେ ପହଞ୍ଚିବାକୁ ପ୍ରୟାସ କରେ । ଏ ଜନ୍ମରେ ତୁମେ ଯଦି ସମସ୍ତ କର୍ମ ଭୋଗ କରିଥାଅ, ଆର ଜନ୍ମରେ ଏକ ସଂସ୍କାର ଯୁକ୍ତ ପରିବାରରେ ଜନ୍ମହେବ । ପୂର୍ବଜନ୍ମର ସଞ୍ଚିତ ସଦ୍‌ଗୁଣଗୁଡ଼ିକ ଯୋଗୁ ତୁମେ ଆଉ ପାପକର୍ମରେ ଲିପ୍ତ ହେବ ନାହିଁ ଏବଂ ଧର୍ମ ବିରୁଦ୍ଧ କାର୍ଯ୍ୟ କରିବ ନାହିଁ ।

କନ୍ନମ୍ମା : ସ୍ୱାମୀ, ଆମକୁ କ'ଣ ସମସ୍ତ କର୍ମଫଳ ଭୋଗ କରିବାକୁ ହେବ ?

ସ୍ୱାମୀ : ନିଶ୍ଚୟ ! ଆମର କଷ୍ଟ ବା ଇଷ୍ଟ, ଉଭୟକୁ ଆମ କର୍ମ ହିଁ ଆମକୁ ଦେଇଥାଏ । ଏ ଜନ୍ମରେ ଆମେ କରିଥିବା କର୍ମର ଫଳ ଆର ଜନ୍ମରେ ଭୋଗ କରିବାକୁ ଏ । ସେଗୁଡ଼ିକ ଅଦୃଶ୍ୟ ଫୁଲମାଳ ଭଳି ଆମ ବେକରେ ଗୁଡ଼େଇ ରହିଥାନ୍ତି । ାଳରେ ଗୁନ୍ଥା ହୋଇଥିବା ଫୁଲଗୁଡ଼ିକର ସୁଗନ୍ଧ ବା ଦୁର୍ଗନ୍ଧ ଉପରେ ନିର୍ଭର କରେ ଆମ ନଙ୍କର ଜୀବନଶୈଳୀ । (ସ୍ୱାମୀ ଅନ୍ୟତ୍ର ଏହାର ବିସ୍ତୃତ ବ୍ୟାଖ୍ୟା କରିଛନ୍ତି । ଦୁଃଖ-ଷ୍ଟ ଇଶ୍ୱରଙ୍କ ମହାଜଗତିକ ଅଭିନୟର ଅଲଙ୍ଘନୀୟ ଅଙ୍କ । ମନୁଷ୍ୟ ନିଜେ କରିଥିବା ଦୁଷ୍କର୍ମର ପରିଣାମ ସ୍ୱରୂପ ବିବର୍ତ୍ତନରେ ସହାୟକ ହୁଏ । ଏହା ତାକୁ ଅସତ୍‌ମାର୍ଗରୁ ନିବୃତ୍ତ ହୋଇ ସର୍ନ୍ମାଗକୁ ଫେରି ଆସିବାପାଇଁ ପ୍ରରୋଚିତ କରେ ।

କନ୍ନମ୍ମା ସ୍ୱାମୀ ଆମେ ମଧ୍ୟ ଅନେକ ଭୁଲ କରିଛୁ ଯାହା ଆପଣଙ୍କ ମନକୁ ଆଘାତ ଦେଇଛି ।

ସ୍ୱାମୀ : ନା, ତୁମେ ମୋତେ ଆଘାତ ଦେଇ ନାହଁ । (ଠିକ୍ ସେହି ସମୟରେ ଘଣ୍ଟାର ଠନ୍ ଶବ୍ଦ ଶୁଭିଲା) ଘଣ୍ଟାର ଶବ୍ଦ ଏକ ଶୁଭ ସଙ୍କେତ ଯାହା ମୋର ଉକ୍ତିକୁ

ପ୍ରମାଣିତ କରୁଛି । ଶରୀରରେ ଯଥେଷ୍ଟ ଶକ୍ତି ନ'ଥିବା ହେତୁ ବା କିଛି ଅସୁବିଧାରେ ପଡ଼ି ଥିବାହେତୁ ପ୍ରତ୍ୟେକେ ପ୍ରକୃତିର ନିୟମ ବିରୁଦ୍ଧରେ କିମ୍ବା ନିଜର ଇଚ୍ଛା ବିରୁଦ୍ଧରେ କିଛି କିଛି ଭୁଲ 'କରିଥାନ୍ତି। ତାହା ପାପ ନୁହେଁ କିନ୍ତୁ ମନେରଖ ପ୍ରତ୍ୟେକଙ୍କର ନିଜ ନିଜ ଜୀବନ ଉପରେ ସମାନ ଅଧିକାର ରହିଛି । ଏଭଳି ପରିସ୍ଥିତିରେ ଜଣେ ଅନ୍ୟ ଜଣଙ୍କର ଜୀବନ ନେବା ଏବଂ ବିଶ୍ୱାସଘାତକତା କରିବା ମହାପାପ ଅଟେ । ବିଶ୍ୱାସଘାତକତା ଜଣେ ଅନ୍ଧ ଲୋକଙ୍କୁ ବାଟ ଦେଖେଇବାର ପ୍ରତିଶ୍ରୁତି ଦେଇ ଗାତ ଭିତରକୁ ଠେଲି ଦେବା ଭଳି । ଏଯାବତ୍ ତୁମେ କରିଥିବା ସମସ୍ତ କର୍ମ ପାଇଁ କ'ଣ କରିବାକୁ ହେବ ବୋଲି ତୁମେ ଯଦି ମୋତେ ପ୍ରଶ୍ନ କର, ମୁଁ କେବଳ ଗୋଟିଏ ଉତ୍ତର ଦେବି-ଯାହା କିଛି କରିଛ ତାହାର ଫଳ ଭୋଗିବାକୁ ହେବ । ଦୁଃଖ କଷ୍ଟ ହିଁ ଜୀବନକୁ ପରିଶୁଦ୍ଧ କରେ । ପରିବାର ମଧ୍ୟରେ ସାଂସାରିକ ଝଞ୍ଜାଳର ସମ୍ମୁଖୀନ ହେବା ସାଧାରଣ କର୍ମ ଭିନ୍ନ ଅନ୍ୟ କିଛି ନୁହଁ । (ଛୋଟ ଛୋଟ ଅସୁସ୍ଥତା, ଶରୀରରେ ସାମାନ୍ୟ ଆଘାତ, ଆର୍ଥିକ ସମସ୍ୟା ଇତ୍ୟାଦି ଜଣେ କାହାକୁ ହତ୍ୟା କରି କାରାଗାରକୁ ଯିବା ବା ଜଣେ ଏକ ଦୁରାରୋଗ୍ୟ ବ୍ୟାଧିରେ ପଡ଼ିବା ସହିତ ତୁଳନୀୟ ନୁହେଁ । ଦୈନନ୍ଦିନ ଜୀବନର ସାଧାରଣ ସମସ୍ୟାରେ କର୍ମର ପ୍ରଭାବ ନଥାଏ, ପରନ୍ତୁ ସେଗୁଡ଼ିକ ତୁମକୁ ତୁମେ ଯେ ସେମିତି କିଛି ଘୋର ପାପ କରି ନାହିଁ ବୋଲି ସୂଚାଏ ।

କନ୍ନମ୍ମା : ସ୍ୱାମୀ, ଆପଣ ଆମ ପ୍ରତି ସଦୟ ହୁଅନ୍ତୁ ଏବଂ କ୍ରୋଧ ପ୍ରକାଶ ନ କରି କୃପା କରନ୍ତୁ ।

ସ୍ୱାମୀ : ମୁଁ କାହିଁକି ତୁମ ଉପରେ ରାଗିବି ? ଏହା ତୁମର ପାଗଳାମି ।

କନ୍ନମ୍ମା ସ୍ୱାମୀ ଆଉ ପୁନର୍ଜନ୍ମ ନ' ପାଇବା ପାଇଁ କି ସାଧନା କରିବାକୁ ହେବ ?

ସ୍ୱାମୀ : ତୁମେ ଅବିରତ ନାମସ୍ମରଣ କରିଯାଅ ।

କନ୍ନମ୍ମା : ସ୍ୱାମୀ, ଶାସ୍ତ୍ରରେ କୁହାଯାଇଛି ଯେ ଆମେ ଯାହା କଲେ ମଧ୍ୟ ବିଭୁକୃପା ନଥିଲେ ମୁକ୍ତି ମିଳିବ ନାହିଁ । ଆପଣଙ୍କ କୃପା ବିନା ଆମକୁ ମୁକ୍ତି ମିଳିବ ନାହିଁ ।

ସ୍ୱାମୀ : ତାହା ନୁହେଁ । ତୁମେ କହୁଛ ଯେ ବର୍ଷା ପଡୁଥିବାରୁ ନଦ-ନଦୀ ଅଛି । ମୁଁ କିନ୍ତୁ କହୁଛି, ନଦ-ନଦୀ ଥିବାରୁ ବର୍ଷା ପଡୁଛି । କଥାଟା ଏମିତି : ସାଧନା ରୂପୀ ନଦୀ ବହୁଥିବାରୁ ଭଗବତ କୃପା ରୂପକ ବୃଷ୍ଟି ତା ଉପରେ ପଡୁଛି । ନଦୀ ନଥିଲେ ବର୍ଷା ହୁଅନ୍ତା ନାହିଁ । ତେଣୁ ତୁମେ ସାଧନା କରିବା ଗୁରୁତ୍ୱପୂର୍ଣ୍ଣ । ତୁମର ସୌଭାଗ୍ୟ ଯେ ତୁମେମାନେ ହେଉଛ ସେହି ନଦୀ ଯାହା ଦିନେ ଯାଇ ସମୁଦ୍ରରେ ମିଶିବ । ନାମସ୍ମରଣରେ ନଦୀ ଯାଇ ଈଶ୍ୱର ରୂପୀ ସାଗରରେ ମିଳିଥାଏ । ଯେତେବେଳେ ଭଗବତ୍ ଆନନ୍ଦରେ ବନ୍ୟା ହୁଏ ସେତେବେଳେ ନଦୀର ମଇଳାପାଣି ଭାସି ଚାଲିଯାଏ ଏବଂ ନଦୀରେ

କେବଳ ନିର୍ମଳ ପାଣି ରହିଯାଏ । ଈଶ୍ୱର ଅନୁଗ୍ରହର ବର୍ଷା ନିରନ୍ତର ନାମସ୍ମରଣର ନଦୀ ଉପରେ ପଡୁଥାଏ । ଏଠାରେ (ପୁଟପର୍ତ୍ତିରେ) ସବୁଦିନ ରହିବା ସୂର୍ଯ୍ୟ କିରଣ ମଧ୍ୟରେ ରହିବା ଭଳି, ଏଠାରେ ଅଳ୍ପଦିନ ରହିବା ଚନ୍ଦ୍ରାଲୋକ ମଧ୍ୟରେ ରହିବା ଭଳି ।

କନ୍ନମ୍ମା : ସ୍ୱାମୀ, ଆମର ହେବ କ'ଣ ?

ସ୍ୱାମୀ ମୁଁ ତୁମକୁ ଭଗବତ୍ ନାମର ଅଗ୍ନି ଦେଇଛି । ତୁମେ ନିଜେ ନାମସ୍ମରଣ କଲେ ତୁମର ସମସ୍ତ କର୍ମ ଜଳି ଭସ୍ମସାତ୍ ହେବ ।

✍

ଆଉ ଦିନେ ସେହି ବିଷୟକୁ ନେଇ ପୁଣିଥରେ ଆଲୋଚନା ହେଲା । ସେଦିନ ଶ୍ରୀରାମଚନ୍ଦ୍ରନ୍ ଆୟାର୍, ପୋଲିସ୍ ବିଭାଗର ଡେପୁଟି ସୁପରିଣ୍ଟେଡେଣ୍ଟ, ମଧ୍ୟ ଉପସ୍ଥିତ ଥାନ୍ତି ।

ଆୟାର ସ୍ୱାମୀ, ଆମକୁ କ'ଣ ଆମ କର୍ମଫଳ ଭୋଗ କରିବାକୁ ହେବ ? କର୍ମକୁ ପୋଛି ଦେବା ପାଇଁ ଅନ୍ୟ କିଛି ଉପାୟ କ'ଣ ନାହିଁ ? ଆପଣ ନା କହିଲେ ଆମେ ଖୁସିରେ ଆମ କର୍ମ ଭୋଗ କରିବୁ, ତେବେ ଭଜନ, ଧ୍ୟାନ, ପୂଜା, ଅର୍ଚ୍ଚନା ଆଦି କରି ଲାଭ କ'ଣ ?

ସ୍ୱାମୀ : ଅନ୍ୟ ଉପାୟରେ କର୍ମର ଭାରକୁ ଲାଘବ କରିବା ପାଇଁ ତୁମ ମଧ୍ୟରେ ଯଥେଷ୍ଟ ଶକ୍ତି ନାହିଁ ବୋଲି ଧରି ନେଇ ଶାସ୍ତ୍ରରେ ଏମିତି କୁହାଯାଇଛି । ମୁଁ କିନ୍ତୁ ତାହା କହି ନାହିଁ । ତୁମେ ଯାହା କହିଲ, ପୂଜା, ଅର୍ଚ୍ଚନା, ତୀର୍ଥାଟନ, ଭଜନ, ସାଧୁପୁରୁଷଙ୍କ ଦର୍ଶନ ଇତ୍ୟାଦି ଦ୍ୱାରା ଯଦି କର୍ମ ଲାଘବ ନ'ହୁଏ, ଏଗୁଡ଼ିକ ଜଣେ କରିବ କାହିଁକି ? ଏଗୁଡ଼ିକ ନିଶ୍ଚୟ କର୍ମକୁ ଲାଘବ କରିବାରେ ସହାୟକ ହୁଅନ୍ତି । ଜଣେ ଯଦି ଈଶ୍ୱରଙ୍କୁ ସ୍ମରଣ କରି ତା'ର ଭାଗ୍ୟକୁ (ଭଗବତ୍ ସଙ୍କଳ୍ପକୁ) ସମ୍ପୂର୍ଣ୍ଣ ବଦଳେଇ ଦେଇପାରେ ତେବେ କର୍ମକୁ ପୋଛିଦେବା କ'ଣ କଷ୍ଟ ? ମୋର ନିର୍ଦ୍ଦେଶ ହେଲା କର୍ମକୁ ଭୋଗ କରିବା ମଧ୍ୟରେ ଭକ୍ତି ଓ ବିଶ୍ୱାସର ସହ ଈଶ୍ୱରଙ୍କୁ ସ୍ମରଣ କରିଯାଅ । ତୁମକୁ ଯେଭଳି କଷ୍ଟ ନ'ହୁଏ ଏବଂ ତୁମେ ଯେ କର୍ମକୁ ଭୋଗ କରୁଛ, ତାହା ତୁମେ ଜାଣି ମଧ୍ୟ ନପାର, ତାହା ମୁଁ ଦେଖିବି । ତୁଷାରାବୃତ୍ତ ପର୍ବତ ଖୁବ୍ ବିଶାଳ ମନେ ହେଲେ ହେଁ ସୂର୍ଯ୍ୟଙ୍କ କିରଣ ଅକ୍ଳେଶରେ ସେହି ବରଫକୁ ମିଳେଇ ଦେଇପାରେ । ମୁଁ ସୂର୍ଯ୍ୟ କିରଣ ହୋଇ ଅକ୍ଳେଶରେ ସେହି ବରଫକୁ ମିଳେଇ ଦେଇପାରେ । ସେମିତି ତୁମର କର୍ମ ମଧ୍ୟ କୁଆଡ଼େ ମିଳେଇ ଯିବ । ଏ ବିଷୟରେ ତୁମ ମନରେ କାଣିଚାଏ ହେଲେ ଭୟ ବା ସନ୍ଦେହ ନରହୁ । ତୁମେ ନିଶ୍ଚୟ ତାହାକୁ ଲଙ୍ଘିପାରିବ । ତୁମେ ଅତୀତରେ କରିଥିବା ସଞ୍ଚିତ କର୍ମ ଏକ ଚାଉଳ ବସ୍ତା ଭଳି । ଅତୀତରେ କରିଥିବା କର୍ମ ହେତୁ ତୁମେ

ବର୍ତ୍ତମାନ ଯେଉଁ କର୍ମ ଭୋଗ କରୁଛ (ପ୍ରାରବ୍ଧ କର୍ମ), ତାହା ସେହି ଚାଉଳ ବସ୍ତାରୁ କିଛି ଚାଉଳ ନେଇ ରୋଷେଇ କରି ଖାଇବାଭଳି । ଖାଇବା ହେତୁ ତୁମ ଶରୀର ମଧ୍ୟରେ ଭବିଷ୍ୟତରେ ଯେଉଁ ମଳ ସୃଷ୍ଟି ହୁଏ, ତାହା ଆଗାମୀ । ତୁମେ ଯଦି ରିତିମତ ବସ୍ତାରୁ ଚାଉଳ ବାହାର କରି ରୌଷଇ କରିଯାଅ ଦିନେ ବସ୍ତା ଖାଲି ହୋଇଯିବ । କିନ୍ତୁ ପୂର୍ବେ କରିଥିବା କର୍ମର ମଞ୍ଜି ବର୍ତ୍ତମାନ ଗଜା ହୋଇ କର୍ମ ରୂପେ ବାହାରିଛି । ତାହା ଏକ ବିଶାଳ ବୃକ୍ଷରେ ପରିଣତ ହେବା ପୂର୍ବରୁ ତାକୁ ନାମସ୍ମରଣର ଅଗ୍ନିରେ ଜାଳିଦିଅ । ସେତେବେଳେ ତାହା କୋଇଲା ହୋଇଯିବ । କୋଇଲାକୁ ମଧ୍ୟ ତୁମେ ଯଦି ଜାଳିଦିଅ ତାହା ପାଉଁଶ ହୋଇଯିବ । ଏଭଳି କଲେ ତୁମେ ଆଗାମୀ କର୍ମକୁ ମଧ୍ୟ ରୋକି ପାରିବ । ନାମସ୍ମରଣ ହିଁ ଶ୍ରେଷ୍ଠ ସାଧନା ।

ତୁମର ଭକ୍ତି ପ୍ରଗାଢ଼ ହେବା ସଙ୍ଗେ ସଙ୍ଗେ ତୁମର ଆଚରଣ ମାର୍ଜିତ ହେବ । ସେତେବେଳେ ତୁମେ ଆଉ ଅସତ୍‌କର୍ମରେ ପ୍ରବୃତ୍ତ ହେବ ନାହିଁ । ତୁମେ ସଦ୍‌ଗୁଣସମ୍ପନ୍ନ ହେବ ।

ଦିନେ ଆମେ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ଥାଉ

ସ୍ୱାମୀ   ଏହି ସଂସାରରେ ରହିବା ମାୟା । ଜୀବନ ଗୋଟିଏ ଗଛଭଳି । ଏହି ଗଛ ଅଗରେ ଫଳ ରହିଛି । ଗଛର ଛାଇ ତଳେ ପଡ଼ିଛି । ମଣିଷ ସେଇ ଛାଇ ଉପରେ ଚଢ଼ି ଅଭିଯୋଗ କରୁଛି ଯେ ସେ ଫଳକୁ ପାଇଲା ନାହିଁ । କିଛି ନ' ପାଇଲେ ହିଁ ମଣିଷ ବ୍ୟସ୍ତ ହୋଇଥାଏ । ଥରେ ଚାରିଆଡ଼କୁ ଚାହିଁଲେ ପ୍ରକୃତରେ ଗଛଟି ଯେ କେଉଁଠି ଅଛି ତାହା ସେ ଜାଣି ପାରିବ । ଗଛ ଚଢ଼ିଲେ ସେ ଗଛର ଛାଇକୁ ବାରି ପାରିବ । ସେତେବେଳେ ସେ ସେଇ ଗଛରୁ ଫଳ ପାଇବ ଓ ତଳେ ତା'ର ଛାଇକୁ ମଧ୍ୟ ଦେଖିପାରିବ । ଏଇ ଫଳଗୁଡ଼ିକୁ ଇହଫଳ ଓ ପରଫଳ କୁହାଯାଏ । ପ୍ରକୃତ ଗଛର ଫଳ ହେଲା ଦିବ୍ୟ ଫଳ । ଛାଇ ଗଛର ଫଳ ହେଲା ସଂସାର ଫଳ । ଥରେ ତୁମେ ଆଧ୍ୟାତ୍ମିକ ପଥ ବାଛି ନେବା ପରେ ଉଭୟ ଇହଫଳ ଓ ପରଫଳ ତୁମ ହାତକୁ ଚାଲି ଆସେ । ଈଶ୍ୱର ରୂପୀ ବୃକ୍ଷରେ ତୁମେ ଚଢ଼ିବା ଆରମ୍ଭ କଲେ ଲକ୍ଷ୍ୟ କରିବ ଯେ ତୁମ ସଙ୍ଗେ ତୁମ ଛାଇ ମଧ୍ୟ ଗଛ ଚଢୁଛି । ଏହି ବୃକ୍ଷରେ ଚଢ଼ିଲେ ତୁମେ ତୁମ ଅଜଣାତରେ ହିଁ ଇହଫଳ ପାଇଯିବ ।

ମୁଁ ଯେତେବେଳେ ତୁମକୁ ଦେଖେ, ସେତେବେଳେ ଗୋଟିଏ କାଚ ଆଲମାରୀ ଭିତରେ ଜିନିଷ ଗୁଡ଼ିକ ସ୍ପଷ୍ଟଭାବେ ଦିଶିଲାଭଳି ସ୍ପଷ୍ଟଭାବେ ମୁଁ ତୁମ ହୃଦୟକୁ ଦେଖିପାରେ । ତୁମେ ମୋଠୁ କିଛି ଲୁଚାଇ ପାରିବ ନାହିଁ । କେତେକଙ୍କ ହୃଦୟରେ ଖାଲି ଅନ୍ଧାର ହିଁ ଅନ୍ଧାର ଥାଏ । ସେଭଳି ଲୋକଙ୍କୁ କିଛି କରିବାକୁ ମୁଁ ଚେଷ୍ଟା ମଧ୍ୟ କରେ

ନାହିଁ । ଆଉ କେତେକଙ୍କ ହୃଦୟ ଖୁବ୍ ଉଜ୍ଜ୍ୱଳ ଥାଏ । ସେଭଳି ଲୋକଙ୍କ ଜୀବନକୁ ମଧ୍ୟ ମୁଁ ଛୁଏ ନାହିଁ । କେତେକ ହୃଦୟ ମହମବତୀର ଆଲୁଅ ଭଳି ମଞ୍ଜି ମିଞ୍ଜି ହୋଇ ଜଳୁଥାଏ । ମୋ କାମ ହେଲା, ସେମିତି ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ହୃଦୟଗୁଡ଼ିକୁ ଆହୁରି ଉଜ୍ଜ୍ୱଳ ଭାବେ ଆଲୋକିତ କରିବା ।

ଏହି ସୃଷ୍ଟିର ରହସ୍ୟକୁ ନା ମୁଁ ଧରାତଳେ ରଖିଛି ନା ସ୍ୱର୍ଗରେ ରଖିଛି ବରଂ ଏହି ରହସ୍ୟକୁ ଦୁଇଟିର ସନ୍ଧିସ୍ଥଳରେ ରଖିଛି । ଏହାକୁ ତୁମେ ଧ୍ୟାନରେ ଦେଖିବା ଦରକାର, ଅର୍ଥାତ୍ ଜାଗ୍ରତ ଓ ନିଦ୍ରାବସ୍ଥାର ମଧ୍ୟବର୍ତ୍ତୀ ଅବସ୍ଥାରେ ଏହାକୁ ଦେଖିବାକୁ ହେବ । (ଏହା ଯେ କିମିତି ହେବ ତାହା ପଚାରି ବୁଝିବାକୁ ଆମ ମନକୁ ଚିନ୍ତା ଆସିଲା ନାହିଁ) । ଝିଅ, ମଣିଷ ଦେହରେ ଭଗବାନ ସବୁ ଦୁଇ ଦୁଇଟି କରି ରଖିଛନ୍ତି । ଏମିତି କ'ଣ କିଛି ପାଇବ, ଯାହା ଖାଲି ଗୋଟିଏ ଅଛି ?

ଭକ୍ତ ହଁ ସ୍ୱାମୀ (ଇଣ୍ଟରଭ୍ୟୁ କକ୍ଷରୁ ବାହାରି ଆସିବା ପରେ ଆମର ମନେ ପଡ଼ିଲା ଯେ ଆମ ଶରୀରରେ ନାଭି ଦୁଇଟି ନାହିଁ, ଗୋଟିଏ ଅଛି । ସ୍ୱାମୀ ଯେ କେତେ ଚତୁରତାର ସହ ଆମକୁ ବୋକା ବନେଇ ଦେଲେ ତାହା ଭାବି ଆମେ ହସୁଥାଉ) ।

ସ୍ୱାମୀ : କେବଳ ମଣିଷମାନେ ଚାରି ପୁରୁଷାର୍ଥ-ଧର୍ମ, ଅର୍ଥ, କାମ ଓ ମୋକ୍ଷକୁ ଅନୁସରଣ କରିଥାନ୍ତି । ଖାଲି ମଣିଷଙ୍କ ମଧ୍ୟରେ ନୁହେଁ, ପଶୁମାନଙ୍କ ମଧ୍ୟରେ ଅହଙ୍କାର ଥାଏ । ଏକ ସଦ୍ୟଜାତ ବାଛୁରୀ ମଧ୍ୟ "ହମ୍ ହେ" ବୋଲି ଚିତ୍କାର କରେ । ମଣିଷ ବାଛୁରୀକୁ ତା ମା'କ୍ଷୀର ପିଇବାକୁ ଦିଏନାହିଁ । କିନ୍ତୁ ମଣିଷ ଛୁଆ ପାଇଁ କେତେ ଯତ୍ନ ନିଆଯାଏ । ସବୁ ଦୃଷ୍ଟିରୁ ମା' ଓ ଶିଶୁ ମଧ୍ୟରେ ଏକ ସମ୍ବନ୍ଧ ରହିଛି । ପିଲାମାନେ ପିତାମାତାଙ୍କର ଭାଗ୍ୟକୁ ପ୍ରଭାବିତ କରିଥାନ୍ତି । ସେମିତି ପିତାମାତା ମଧ୍ୟ ପିଲାମାନଙ୍କ ଭାଗ୍ୟକୁ ପ୍ରଭାବିତ କରିଥାନ୍ତି । ଅନ୍ୟ ପାଇଁ ଯାହା କିଛି କରାଯାଏ, ତାହା ପରୋପକାର ।

ଆଉ ଥରେ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ଆମେ ସ୍ୱାମୀଙ୍କୁ ଭକ୍ତି ସମ୍ବନ୍ଧରେ ପଚାରିଲୁ ।

ସ୍ୱାମୀ ଈଶ୍ୱରଙ୍କ ଅନୁଗ୍ରହ ଲାଭ କରିବାପାଇଁ ତୁମେ ପ୍ରଥମେ ମର୍କଟ ଭକ୍ତି ଅଭ୍ୟାସ କର । ତାହା ପରେ ତୁମେ ମାର୍ଜାର ଭକ୍ତିର ଅଧିକାରୀ ହେବ । ଆରମ୍ଭରେ ଭଗବାନଙ୍କଠେ ପହଞ୍ଚିବା ପାଇଁ ତୁମ ମଧ୍ୟରେ ଦୃଢ଼ତା ରହିବା ଆବଶ୍ୟକ ଏବଂ ଜୀବନର ସବୁ ପ୍ରକାର ପରିସ୍ଥିତିରେ ତୁମେ ଈଶ୍ୱରଙ୍କୁ ଧରି ରହିବାକୁ ହେବ । ପରେ ତୁମ ମଧ୍ୟରେ ସେହି ବିଶ୍ୱାସ ଆସିବ ଯେ ଯାହା କିଛି ଘଟିଥାଏ, ତାହା ତାଙ୍କର ସଙ୍କଳ୍ପରୁ ଘଟିଥାଏ । ଈଶ୍ୱର ମଧୁର ସ୍ୱରୂପ, ମାଧୁର୍ଯ୍ୟ ହିଁ ଭଗବାନ । ତୁମକୁ ଚିନିର ସ୍ୱାଦ କ'ଣ ବୋଲି

ପଚାରିଲେ ତୁମେ ତାହା ମିଠା ବୋଲି କହିଥାଅ । କଥାଟିକୁ ଆହୁରି ଭଲ ଭାବେ ବୁଝାଇବାକୁ କହିଲେ ତୁମେ କୁହ ଯେ ଖୁବ୍ ମିଠା । ସ୍ୱାଦକୁ କେବଳ ଅନୁଭବ କରି ହୁଏ, ବର୍ଣ୍ଣନା କରି ହୁଏନା । ଠିକ୍ ସେମିତି, ଯେଉଁମାନେ ସେହି ସ୍ୱାଦ ଚାଖିଛନ୍ତି ସେହିମାନେ କେବଳ ଈଶ୍ୱରଙ୍କ ମାଧୁର୍ଯ୍ୟ କ'ଣ ଜାଣନ୍ତି । ମାଧୁର୍ଯ୍ୟର ଯେମିତି କିଛି ଆକାର ନାହିଁ, ଈଶ୍ୱରଙ୍କର ମଧ କିଛି ଆକାର ନାହିଁ । ମନରେ ଏକାଗ୍ରତା ଆଣିବା ପାଇଁ ତୁମେ ତାଙ୍କର ଯେ କୌଣସି ନାମ ବା ରୂପ ଉପରେ ଧ୍ୟାନ କରିପାର । ଈଶ୍ୱର ଶବ୍ଦ ବ୍ରହ୍ମ ଅଟନ୍ତି । ରାମ, କୃଷ୍ଣ ଓ ଅନ୍ୟମାନେ ଶବ୍ଦ ବ୍ରହ୍ମର ଶକ୍ତି ତରଙ୍ଗରୁ ଉଦ୍ଭବ ହୋଇଥିଲେ । ପ୍ରଣବ ହିଁ ଈଶ୍ୱର । ଏଥର ପିଲାମାନଙ୍କ ଆଡ଼କୁ ଚାହିଁ ସେ କହିଲେ, "ତୁମେମାନେ ପିତାମାତାଙ୍କର କଥା ମାନିବାକୁ ହେବ । ବାପା ମାଙ୍କଠାରୁ ତୁମେ ଯଦି ଦୂରେଇଯାଅ, ତେବେ ମୋଠୁ ଦୂରେଇ ଗଲ ବୋଲି ଜାଣ । ତୁମକୁ ସନ୍ମାର୍ଗରେ ନେବାପାଇଁ ତୁମେ ପ୍ରତିଦିନ ଭଗବାନଙ୍କୁ ପ୍ରାର୍ଥନା କରିବା ଉଚିତ୍ । ତୁମେ ଧ୍ୟାନ କରିବା ସମୟରେ ତୁମର ଇଷ୍ଟଦେବଙ୍କ ରୂପ ମନକୁ ନ ଆସି, ଈଶ୍ୱରଙ୍କ ଅନ୍ୟ କେଉଁ ରୂପ ଯଦି ମନକୁ ଆସେ, ତାହା ମଧ ଈଶ୍ୱର ବୋଲି ଗ୍ରହଣ କର ।"

✍

ଆଉ ଥରେ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ

ଭକ୍ତ : ସ୍ୱାମୀ ଆମେ ଭଲ କାମ କରି ଯେଉଁ ପୁଣ୍ୟ ଅର୍ଜନ କରିଥାଉ ସେଥିରେ କ'ଣ ଆମେ କରିଥିବା କୁକର୍ମର ଫଳ ପୋଛି ହୋଇଯିବ ?

ସ୍ୱାମୀ : ନା, କଣ୍ଟାଗଛର ମଞ୍ଜି ଓ ଫଳଗଛର ମଞ୍ଜିକୁ ଯେତେ ଭଲଭାବେ ମିଶେଇ ପୋତିଲେ ବି କଣ୍ଟାଗଛ ମଞ୍ଜିରୁ କଣ୍ଟାଗଛ ହେବ ଓ ଫଳ ଗଛ ମଞ୍ଜିରୁ ଫଳ ଗଛ ହେବ । ଏହା ପ୍ରକୃତିର ଧର୍ମ ।

ଭକ୍ତ : ତେବେ ଏହାର ପ୍ରତିକାର କ'ଣ ?

ସ୍ୱାମୀ : ହଁ, ଏକ ପ୍ରତିକାର ଅଛି । ଆୟକର ବିଭାଗ ତୁମ ଆୟ ଅନୁଯାୟୀ ଆୟକର ସ୍ଥିର କରନ୍ତି । କେତେକ ରିହାତି ପାଇଁ ସ୍ୱୀକୃତି ପ୍ରାପ୍ତ ଜମା ଯୋଜନାରେ ତୁମେ ତୁମର ଆୟକୁ ବିନିଯୋଗ କଲେ ସେଥିରୁ ତୁମର ଆୟକର କିଛିଟା ହ୍ରାସ ପାଇଥାଏ । ସେମିତି ତୁମେ ସତ୍‌କର୍ମ କଲେ, ତୁମର ଆୟକର କିଛିଟା କମିଯିବ । ତୁମେ ଶ୍ରଦ୍ଧାର ସହ ଭଜନ କଲେ, ତୁମର କର ଆହୁରି କମିଯିବ । ତୁମେ ନଗର ସଙ୍କୀର୍ତ୍ତନକୁ ଗଲେ ଆଉ କିଛି କର କମିଯିବ । ନାମଜପ କଲେ ଆଉ କିଛି କର କମିବ, ଲିଖିତ ଜପ କଲେ କର କମିବ, ଧ୍ୟାନକଲେ ଆହୁରି କର କମିବ । ଏସବୁ ରିହାତି ସତ୍ତ୍ୱେ କିନ୍ତୁ ଆୟକର ଶୂନ୍ୟ ହେବ ନାହିଁ । ବଳକା ରାଶିକୁ ଆୟକର ହିସାବରେ ଜମା କରିବା ଛଡ଼ା ଅନ୍ୟ ଉପାୟ ନାହିଁ ।

ଭକ୍ତ : ତାହା ହିଁ ଯଦି ଠିକ୍, ତେବେ ଆମେ କାହିଁକି ଆପଣଙ୍କ ଦର୍ଶନ କରିବୁ ? ସେଥିରୁ ଆମେ କି ଲାଭ ପାଇବୁ ?

ସ୍ୱାମୀ କିଛି ବର୍ଷ ପୂର୍ବେ ଜଣେ ମିଲିଟାରୀ ଅଧିକାରୀ ତାଙ୍କ ସ୍ତ୍ରୀଙ୍କୁ ଗୁଳିକରି ହତ୍ୟା କରିଥିଲେ । ତାଙ୍କ ବିରୁଦ୍ଧରେ ମକଦ୍ଦମା ହେଲା । ମୁଖ୍ୟ ବିଚାରାଳୟ ସମେତ ସମସ୍ତ ବିଚାରାଳୟରେ ତାଙ୍କୁ ମୃତ୍ୟୁଦଣ୍ଡର ଆଦେଶ ହେଲା । ସେହି ଅଧିକାରୀ ସେତେବେଳେ ରାଷ୍ଟ୍ରପତିଙ୍କୁ ଦଣ୍ଡମୁକ୍ତ କରିବାକୁ ଅନୁରୋଧ କଲେ । ରାଷ୍ଟ୍ରପତି ତାଙ୍କର ଆଦେଶନାମାରେ କହିଲେ, "ସେ ଭାରତପାଇଁ ବୀରତ୍ୱର ସହ ଲଢ଼େଇ କରିଛନ୍ତି ଏବଂ ଅତୀତରେ ମାତୃଭୂମିକୁ ରକ୍ଷା କରିଛନ୍ତି । ଏଭଳି ଜଣେ ବ୍ୟକ୍ତିକୁ ଦିଆଯାଇଥିବା ଶାସ୍ତିକୁ ପୁଣିଥରେ ବିଚାର କରିବା ଦରକାର ।" ତେଣୁ ତାଙ୍କୁ ମୃତ୍ୟୁଦଣ୍ଡରୁ ମୁକ୍ତ କରି ଯାବଜ୍ଜୀବନ କାରାଦଣ୍ଡ ଦିଆଗଲା । ସ୍ୱାମୀଙ୍କ ଦର୍ଶନ ଓ କୃପା ଏହି ଭଳି କାମ କରିଥାଏ । (ଅବତାର ସବୁବେଳେ କ୍ଷମାପ୍ରଦାନ ଭଳି ତାଙ୍କର ବିଶେଷ ଅନୁଗ୍ରହ ପ୍ରଦାନ କରିପାରନ୍ତି ।)

୧୯୬୧-୬୭ ମଧ୍ୟରେ ସ୍ୱାମୀଙ୍କ ସହ ନିମ୍ନଲିଖିତ ସଂଳାପ ହୋଇଥିଲା ।

ସ୍ୱାମୀ : ନାମ ସ୍ମରଣ ସମୟରେ ତୁମେ ଭଗବାନଙ୍କ ଯେକୌଣସି ନାମ ଉଚ୍ଚାରଣ କରିପାର । କିନ୍ତୁ ଧ୍ୟାନ ସମୟରେ ତୁମେ ଯେଉଁ ରୂପକୁ ଧ୍ୟାନ କରୁଛ ସେଇ ନାମକୁ ଉଚ୍ଚାରଣ କରିବା ଆବଶ୍ୟକ । ଗୋଟିଏ ସ୍ଥାନରେ ସବୁଦିନ ଧ୍ୟାନ କରିବା ଉଚିତ । ଧ୍ୟାନର ସ୍ଥାନ ପରିବର୍ତ୍ତନ କରିବା ଠିକ୍ ନୁହଁ । ନାକ ଅଗ ଉପରେ, ଭ୍ରୂ ମଧ୍ୟରେ ମନକୁ ଏକାଗ୍ର କରିବା ସେଇମାନଙ୍କ ପାଇଁ ଦରକାର ଯେଉଁମାନେ ଅଷ୍ଟସିଦ୍ଧି ପ୍ରାପ୍ତି ପାଇଁ ଧ୍ୟାନ କରନ୍ତି । ଶିବ, ବୁଦ୍ଧ ଓ ଅନ୍ୟମାନଙ୍କ ଭଳି ନାକଆଗରେ ତୁମ ଦୃଷ୍ଟିକୁ ସ୍ଥିରରଖ । ଯେଉଁ ରୂପକୁ ଧ୍ୟାନ କରିବାକୁ ଚାହୁଁଛ, ମନରେ ସେହି ରୂପର କଳ୍ପନା କର । ଏଭଳି କଲେ ଅନ୍ତତଃ ପନ୍ଦର ମିନିଟ୍ ତୁମେ ସେହି ରୂପକୁ ଧ୍ୟାନ କରି ପାରିବ । ତାହା ନ କରି ତୁମେ ମନରେ ଭଗବତ୍ ଚେତନା ନେଇ ଓଁ ଉପରେ ମଧ୍ୟ ଧ୍ୟାନ କରିପାର । ଜପ କରିବା ସମୟରେ ତୁମେ ମଝିରେ ମଝିରେ ରୂପକୁ ମଧ୍ୟ ମନେ ପକାଇବାକୁ ହେବ । ଈଶ୍ୱର ଚିନ୍ତନ ତୁମକୁ ମୃତ୍ୟୁ ସମୟରେ ସାହାଯ୍ୟ କରିବ । ଧ୍ୟାନରୁ ତୁମେ ପ୍ରଭୁଙ୍କ ସାକ୍ଷାତ୍କାର ଲାଭ କରିବ । ବାସନାଗୁଡ଼ିକ ଖୁବ୍ ଶକ୍ତିଶାଳୀ । ଶରୀର ଯେହେତୁ ସମସ୍ତ ବିଷୟବାସନା ଉପଭୋଗ କରି ସାରିଛି, ଜଣେ ସେଗୁଡ଼ିକୁ ଭୁଲି ଯିବା ପାଇଁ ଶ୍ରଦ୍ଧାଯୁକ୍ତ ହୋଇ ଚେଷ୍ଟା କରିବା ଦରକାର । ଏଥିରେ ସଫଳ ହେବା ପାଇଁ ଉପାୟ କ'ଣ ବୋଲି ତୁମେ ପଚାରି ପାର । ମଇଳା ପାଣି ଜମିଥିବା ଗାତ ଉପର ଦେଇ ଯେତେବେଳେ

ବନ୍ୟାଜଳ ଭାସିବା ଆରମ୍ଭ କରେ, ତାହା ଗାତଭିତରୁ ମଇଳା ପାଣି ବାହାର କରି ଭଲ ପାଣି ଭରିଦିଏ । କିନ୍ତୁ ବନ୍ୟାପାଣିର ପ୍ରବାହ ଯଦି ଧୀର ହୁଏ, ତାହା ଗାତ ଭିତରର ମଇଳାପାଣିକୁ ବାହାର କରିପାରିବ ନାହିଁ । ତେଣୁ ନିତ୍ୟ ବିଭୁଚିନ୍ତନର ବନ୍ୟା ପ୍ରବାହ ବାସନାରୂପୀ ଅପରିଷ୍କାର ଜଳକୁ ନିଷ୍କାସନ କରି ମନକୁ ପରିଶୁଦ୍ଧ କରିଥାଏ ।

ମଣିଷ ତା' ଜୀବନରେ ଯେଉଁ ଚାରି ଆଶ୍ରମ ଦେଇ ଗତି କରିଥାଏ, ସେଥିମଧ୍ୟରୁ ବାନପ୍ରସ୍ଥାଶ୍ରମ କାହିଁକି ଗୃହାସ୍ଥାଶ୍ରମ ଓ ସନ୍ୟାସାଶ୍ରମ ମଝିରେ ରହିଛି ? କାରଣ ଏହି ଆଶ୍ରମରେ ଗୃହସ୍ଥାଶ୍ରମର ସମସ୍ତ ବାସନାକୁ ମୁଖ୍ୟତଃ ପୋଛି ପରିଷ୍କାର କରଯାଇଥାଏ । ଏହାର ଉଦ୍ଦେଶ୍ୟ ହେଲା ସଂସାରରେ ରହି ମଧ୍ୟ ଜଣେ ଇନ୍ଦ୍ରିୟଗୁଡ଼ିକୁ ଜୟ କରିପାରିବ । ତୁମେ ପୂର୍ବେ ଦହି ରଖାଯାଇଥିବା ମାଟି ହାଣ୍ଡିରେ ଯଦି କ୍ଷୀର ରଖ, ତେବ ହାଣ୍ଡିକୁ ଯେତେ ସଫା କଲେ ମଧ୍ୟ ସେହି କ୍ଷୀର ବସି ଦହି ହୋଇଯାଏ । କିନ୍ତୁ ହାଣ୍ଡିକୁ ଭଲଭାବେ ସଫାକରି ଯଦି କିଛି ସମୟ ତାକୁ ସେମିତି ଖାଲି ରଖାଯାଏ ଏବଂ ପରେ ସେଥିରେ କ୍ଷୀର ରଖାଯାଏ, ତାହା ଆଉ ଦହି ହୁଏ ନାହିଁ ।

କନ୍ନମ୍ମା : ସ୍ୱାମୀ, ସେମିତି ଯୋଗ୍ୟତା ଥିଲେ ଜଣେ କ'ଣ ଗୃହସ୍ଥାଶ୍ରମରୁ ସିଧା ସନ୍ୟାସାଶ୍ରମକୁ ଯାଇ ପାରିବ ?

ସ୍ୱାମୀ   ତାହା କିମତି ହେବ ? ଗୋଟିଏ ରେଳଗାଡ଼ିରେ ଲୋକ ପ୍ରଥମ, ଦ୍ୱିତୀୟ ବା ତୃତୀୟ ଶ୍ରେଣୀରେ ଯାତ୍ରା କରୁଥିବା ଯାତ୍ରୀ କ'ଣ ମଝିରେ କେତେକ ରେଳ ଷ୍ଟେସନ ତା'ର ଦରକାର ନାହିଁ କହି ସେହି ଷ୍ଟେସନଗୁଡ଼ିକୁ ଡେଇଁ ଆଗକୁ ଯାଇ ପାରିବ ? ସେମିତି ପ୍ରତ୍ୟେକକୁ ପ୍ରତ୍ୟେକ ଷ୍ଟେସନ ଦେଇ ଯିବାକୁ ହେବ । ମଝିରେ କିଛି ଷ୍ଟେସନ ଡେଇଁ ଆଗକୁ ଯାଇ ହେବ ନାହିଁ । ଅତୀତର ଶାରୀରିକ ବା ମାନସିକ କ୍ଳେଶ ସମ୍ବନ୍ଧରେ ଚିନ୍ତା କର ନାହିଁ । କେବଳ ଆତ୍ମଚିନ୍ତନ କର । ଯେଉଁମାନେ କୌଣସି ବିଷୟରେ ଅଧ୍ୟୟନ କରନ୍ତି ସେମାନେ ଗୋଟିଏ ବର୍ଷ ଶ୍ରଦ୍ଧାର ସହ କଠିନ ପରିଶ୍ରମ କରି ଅଧ୍ୟୟନ କରିବା ପରେ ପରୀକ୍ଷାରେ ବସନ୍ତି ଏବଂ ତା' ପରେ ଅଧ୍ୟୟନର ଫଳାଫଳ ଜାଣି ପାରନ୍ତି । ମଝିରେ ଫଳାଫଳ ଜାଣିବା କ'ଣ ସମ୍ଭବ ।

କନ୍ନମ୍ମା : ସ୍ୱାମୀ, ଏଥିପାଇଁ କ'ଣ ଭଲଭାବେ ପଢ଼ିବା ଦରକାର ନାହିଁ ?

ସ୍ୱାମୀ   ହଁ, ଭଲଭାବେ ପଢ଼ । ଅନ୍ୟ କେଉଁ କଲେଜରେ ଉତ୍ତୀର୍ଣ୍ଣ ହେବା ଅପେକ୍ଷା (ନିଜକୁ ଦେଖେଇ) ଏଇ କଲେଜ୍‌ରେ ନିର୍ଦ୍ଧାରିତ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏଠାରେ ଉତ୍ତୀର୍ଣ୍ଣ ନ ହୋଇପାରିଲେ ମଧ୍ୟ ତୁମର ଉପସ୍ଥାନ ରହିବା ଆବଶ୍ୟକ (ଅର୍ଥାତ୍ ସ୍ୱାମୀଙ୍କୁ ଦର୍ଶନ କରିବା ପାଇଁ ବାରମ୍ବାର ଆସିବା) । ଏଠାରେ ଯାହାର ବ୍ୟବହାର ଭଲ ହେବ ନାହିଁ, ସେ ଫେଲ୍ ହୋଇଯିବ ।

କନ୍ନମ୍ମା : ସ୍ୱାମୀ, ଆମେ ଏଠାରେ ଥିବା ସମୟରେ ଅନୁଭବ କରୁ ଯେ ଆମେ ସବୁ କରିପାରିବୁ, କିନ୍ତୁ ନିଜ ନିଜ ଯାଗାକୁ ଫେରିଯିବାର କିଛି ଦିନ ମଧ୍ୟରେ ଆମେ ପୂର୍ବେ ଯେମିତି ଥାଉ ସେମିତି ହୋଇଯାଉ ।

ସ୍ୱାମୀ : କାହିଁକି ଏମିତି ହୁଏ ତୁମେ ଜାଣିଛ ? ତୁମର ଆଧ୍ୟାତ୍ମିକ ବ୍ୟାଟେରୀରୁ ଶକ୍ତି ଚାଲିଯାଏ । ମୁଁ ତୁମକୁ ପୁଣି ଏଠାକୁ ଆଣି ତୁମ ମଧ୍ୟରେ ଆଧ୍ୟାତ୍ମିକ ଶକ୍ତିର ସଞ୍ଚାର କରେ ଓ ତୁମ ବ୍ୟାଟେରୀଗୁଡ଼ିକ ପୁଣି ଶକ୍ତି ଫେରିପାଆନ୍ତି । ମନେରଖ, ସାଧୁନାମ୍ ଦର୍ଶନମ୍ ପୁଣ୍ୟଂ...

କନ୍ନମ୍ମା : ସ୍ୱାମୀ, ଆପଣ କ'ଣ ଆମକୁ ଏହି ଅବସ୍ଥାରେ ସବୁବେଳେ ରହିବା ଭଳି କରି ପାରିବେନି ? ଅର୍ଥାତ୍ ବ୍ୟାଟେରୀ ଚାର୍ଜ ହେବାପରେ ଯେପରି ଆଉ ସେ ଶକ୍ତି ବାହାରି ନଥାଏ ତାହା କରି ପାରିବେନି ? ଏମିତି ହୁଅନ୍ତା ଯେ ବ୍ୟାଟେରୀ ସେମିତି କାମ କରି ଚାଲିଥାନ୍ତା ଏବଂ ତାକୁ ଆଉ ମଝିରେ ମଝିରେ ଚାର୍ଜ କରିବା ଦରକାର ପଡ଼ନ୍ତା ନାହିଁ ।

ସ୍ୱାମୀ ଏହା ଆପଣାଛାଏଁ ହେବ । ଜେନେରେଟରର ବେଗ ବୃଦ୍ଧି କଲେ, ବିଦ୍ୟୁତ୍ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ । ନିତ୍ୟ ନାମ ସ୍ମରଣ କଲେ ନା ତୁମ ବ୍ୟାଟେରୀ କେବେ ଡିସ୍‌ଚାର୍ଜ ହେବ ନା ତୁମେ ତାକୁ ପୁଣି ଚାର୍ଜ କରିବାକୁ ପଡ଼ିବ । ଆଧ୍ୟାତ୍ମିକ ମାର୍ଗରେ ଯେଉଁମାନେ ଚାଲିବେ, ମୁଁ ସେମାନଙ୍କୁ ସବୁବେଳେ ଦିଗଦର୍ଶନ ଦେଉଥିବି । ଦୁଇ ପ୍ରକାର ଲୋକଥାନ୍ତି- ଯାନ୍ତ୍ରିକ ଓ ଆସ୍ତିକ । ଯିଏ ଯାନ୍ତ୍ରିକ ସେ ତା'ର ଜନ୍ମରୁ ଭଜନ ଓ ସାଧନା ଭଳି ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକଳାପରେ ବ୍ୟାପୃତ ଥାଏ, କିନ୍ତୁ ଆସ୍ତିକ ଏସବୁ ବେଳେବେଳେ କରିଥାଏ । ମୁଁ ନାସ୍ତିକକୁ ଯାନ୍ତ୍ରିକ ଓ ଆସ୍ତିକ ମଝିରେ ରଖିଥାଏ । ମୁଁ କାହିଁକି ସେମିତି କରେ ବୋଲି ତୁମେ ପଚାରି ପାର । ନାସ୍ତିକକୁ ମଝିରେ ରଖିବାର କାରଣ ହେଲା, ହୁଏତ ସେ ସେମାନଙ୍କର ସଂସର୍ଗରେ ଆସି ନିଜେ କିଛି ଉନ୍ନତି କରିବ । ସେ ଉନ୍ନତି ନକରି ଯଦି ତୁମକୁ ଓଲଟି ଅସୁବିଧାରେ ପକାଏ ତାହେଲେ ତାକୁ ତୁମର ପାପର ଭାର ବହନ କରିବାକୁ ହବ । ତୁମେ ସବୁକିଛିକୁ ବ୍ରହ୍ମ ବୋଲି ବିଚାର କରିବାକୁ ହେବ ।

କନ୍ନମ୍ମା : ସ୍ୱାମୀ, ମୋର ମନେହୁଏ, ଏହା ସମ୍ଭବ ନୁହଁ ।

ସ୍ୱାମୀ : ଅଭ୍ୟାସ କର ।

କନ୍ନମ୍ମା କିନ୍ତ ସ୍ୱାମୀ, ସବୁ କିଛି ମଧ୍ୟରେ ଆପଣଙ୍କୁ ଦେଖିବା ଓ ଆପଣଙ୍କ ମଧ୍ୟରେ ସବୁକିଛି ଦେଖିବା ସମ୍ଭବ ନୁହଁ ।

ସ୍ୱାମୀ : ଠିକ୍ ଅଛି, ସେମିତି ଭାବୁ ଥାଅ । ଗୋଡ଼ ଖସିଲେ ମାଡ଼ ବାଜିବ, ଜିଭ ଖସିଲେ ନର୍କ ଦେଖିବ । ଏହା ଜାଣତ ? ତେଣୁ ଜିଭକୁ ବ୍ୟବହାର କରିବା ସମୟରେ

ସତର୍କ ରୁହ ।

✍

ପୁଟ୍ଟପର୍ତ୍ତିରେ ୧୯୬୭, ଫେବୃୟାରୀ ବାର ତାରିଖଦିନ ସ୍ୱାମୀ ଆମକୁ ଇଣ୍ଟରଭ୍ୟୁକୁ ଡାକିଲେ । ସେ ଦିନ ଆମ ସଙ୍ଗେ ପାଞ୍ଚ ଛ'ଜଣ ଥାନ୍ତି । ସାଧାରଣତଃ ସ୍ୱାମୀ ତାଙ୍କ ପ୍ରକୋଷ୍ଠକୁ ଯାଇଥିବା ପାହାଚକୁ ଲାଗି ଯେଉଁ ଛୋଟ କମରାଟି ରହିଛି, ତାରି ଭିତରେ ପ୍ରତ୍ୟେକଙ୍କ ସହ ବ୍ୟକ୍ତିଗତଭାବେ କଥାବାର୍ତ୍ତା କରିଥାନ୍ତି । ସେଦିନ କିନ୍ତୁ ସେ ତାହା କଲେ ନାହିଁ ।

ସ୍ୱାମୀ   ମୁଁ କାହିଁକି ତୁମ ପ୍ରତ୍ୟେକଙ୍କ ସହ ଅଲଗା ଅଲଗା କଥା ହେବି ? ତୁମର କାହାର ତ କୌଣସି ପାର୍ଥିବ ବାସନା ନାହିଁ । ତୁମେ ସମସ୍ତେ କେବଳ ଆଧ୍ୟାତ୍ମିକ ବିଷୟରେ ମୋର ଉତ୍ତର ବା ସ୍ପଷ୍ଟୀକରଣ ଚାହିଁଛ । ସମସ୍ତେ ବସ । (ସ୍ୱାମୀ ସୋଫାରେ ବସିଲେ । ଆମେ ତାଙ୍କ ଚାରିପଟେ ବସିଥାଉ । ଖ୍ୟାତନାମା ଓକିଲ ଚିଦମ୍ବାରାୟଙ୍କ ସହଧର୍ମିଣୀ ମୁକ୍କମ୍ମା ମଧ୍ୟ ସେଠାରେ ଉପସ୍ଥିତ ଥାନ୍ତି) । ଦେଖ ଏଥର ଆଉ ଇଣ୍ଟରଭ୍ୟୁ ପାଇଁ ବସି ରୁହ ନାହିଁ । ମୁଁ ଏସବୁ ଇଣ୍ଟରଭ୍ୟୁ ବନ୍ଦ କରି ଦେବି ଭାବୁଛି । କାରଣ ମୁଁ ତୁମ ସହ ସକାଳେ କଥା ହେଲେ, ତୁମେ ସନ୍ଧ୍ୟାଯାଏ ଖୁସି ରୁହ । ବାସ୍, ସେତିକିରେ ଶେଷ । ତୁମେ ସବୁ ସମୟରେ ସୁଖି ରହି ପାର ନାହିଁ। ତେଣୁ ସେହି ନିତ୍ୟାନନ୍ଦ ଲାଭ କରିବା ପାଇଁ ତୁମେ ପ୍ରୟାସ କରିବା ଉଚିତ । ଆଉ ମଧ୍ୟ, ମୁଁ ତୁମ ପାଖରେ ଥାଏ ବା ଦୂରରେ ଥାଏ ତୁମେ ମୋ ଦର୍ଶନ ପାଇବା ପାଇଁ ସାଧନା କର ।

କନ୍ନମ୍ମା   ସ୍ୱାମୀ ଆମେ ଆପଣଙ୍କୁ ଯେତେ ମନନ କଲେ ବି ଆପଣଙ୍କ ଦର୍ଶନ ପାଇ ପାରୁନାହୁଁ ।

ସ୍ୱାମୀ   ତୁମ ମନ ଯେତେବେଳେ ବିଭିନ୍ନ ଚିନ୍ତାରେ କବଳିତ ହୋଇଥାଏ, ସେତେବେଳେ ତୁମ ପାଖଦେଇ କିଏ ଗଲା ବା ତୁମ ଚାରିପଟେ କ'ଣ ହେଉଛି ତାହା ତୁମେ ଜାଣିପାର ନାହିଁ । ତୁମେ ତୁମ ଚିନ୍ତାରେ ସମ୍ପୂର୍ଣ୍ଣ ମଗ୍ନ ରହିଯାଅ । ସେମିତି ତୁମର ସମସ୍ତ ଚିନ୍ତା ଯଦି ମୋତେ କେନ୍ଦ୍ର କରି ରହିଥାଏ ତେବେ ତୁମେ ମୋତେ ସବୁବେଳେ ତୁମ ସଙ୍ଗେ ପାଇବ । ଅନାବଶ୍ୟକ କାମଧନ୍ଦାରୁ ନିଜକୁ ନିବୃତ୍ତ କରି ପାରିଲେ, ତୁମେ ତୁମ ମନକୁ ଅଧିକ ଭଗବାନଙ୍କ ଉପରେ ନିବିଷ୍ଟ ରଖିପାରିବ । କ୍ଷୁଧା ଦୂର କରିବା ପାଇଁ ସାମାନ୍ୟ ଭାତ, ସମ୍ବର ଓ ରସମ୍ ଥିଲେ ଯଥେଷ୍ଟ, କିନ୍ତୁ ଜିଭକୁ ସୁଆଦ ଲାଗିବ ବୋଲି ତୁମେ ତରକାରୀ, ସାଲାଡ, ପାମ୍ପଡ, ଆହୁରି ଅନେକ କିଛି କରିଥାଅ । ଠିକ୍ ସେମିତି, ତୁମେ କରୁଥିବା କାମଧନ୍ଦାରେ ତୁମେ ଯେତିକି ସଂଶ୍ଲିଷ୍ଟ ହେବା କଥା, ତାହାଠାରୁ ବେଶୀ ସଂଶ୍ଲିଷ୍ଟ ହେଲେ ତୁମ ମନ ଅସ୍ଥିର ହେବ । ସେତେବେଳେ ତୁମର ଆଉ ଏକାଗ୍ରତା ରହିବ ନାହିଁ । ଭଗବାନ ତୁମକୁ ଦିନରେ ଦୁଇ ଥର ଖାଅ ବୋଲି କହିଛନ୍ତି, ସାରା ଦିନ

ଖାଉ ଥାଅ ବୋଲି କହି ନାହାନ୍ତି । ଆଉ ମଧ୍ୟ ସେ କହିଛନ୍ତି ଯେ ମିତାହାରୀ ହୁଅ ଏବଂ ତାଙ୍କୁ ସ୍ମରଣ କରିବାରେ ସମୟକୁ ବିନିଯୋଗ କର, କିନ୍ତୁ ଆଜିକାଲି ଲୋକେ ସାରା ଦିନ ଖାଇବାରେ ଲାଗିଥାନ୍ତି । ସେ ଭଳି ପରିସ୍ଥିତିରେ ସେମାନେ ଭଗବାନଙ୍କ ଉପରେ ମନକୁ କିପରି ସ୍ଥିର ରଖିବେ ? ମୋତେ ଏମିତି ଜଣେ ପୁରୁଷଙ୍କୁ ଦେଖାଅ ଯିଏ ନିର୍ବୋଧ ନୁହଁ ଏବଂ ଏମିତି ଜଣେ ସ୍ତ୍ରୀକୁ ଦେଖାଅ ଯିଏ ଜିଦ୍‌ଖୋର ନୁହଁ ।

କନ୍ନମ୍ମା ସ୍ୱାମୀ, ଆପଣ ସେମାନଙ୍କୁ ସେମିତି ରଖିଛନ୍ତି କାହିଁକି ? ଆପଣତ ସମସ୍ତଙ୍କୁ ଭଲ ମଣିଷ କରି ପାରିଥାନ୍ତେ ।

ସ୍ୱାମୀ : ସଂସାରରେ ସାଧୁପୁରୁଷଙ୍କର ଆଉ କି କାମ ? ସେମାନଙ୍କୁ ହୁଏତ ମୁଁ ମୋ ମଧ୍ୟରେ ଲୀନ କରେଇ ଦେବି ନଚେତ୍ ଅଳଙ୍କାର ଭଳି ମୋ ଦେହରେ ପିନ୍ଧି ରଖିବି ।

କନ୍ନମ୍ମା : ସ୍ୱାମୀ, ଆପଣ କ'ଣ କହୁଛନ୍ତି ଯେ ଆମେ ଆଉ କେବେ ସୁଧୁରିବୁ ନାହିଁ ?

ସ୍ୱାମୀ : ନା, ମୁଁ ତାହା କହୁନାହିଁ । ସଂସାରକୁ ସବୁ ଜୀବ ଦୋଷ-ତ୍ରୁଟି ନେଇ ଆସିଥାନ୍ତି । ଅଳଙ୍କାର ସୁନ୍ଦର ହେଲେ ତାକୁ ଲୋକ ପିନ୍ଧନ୍ତି । ସେଥିରେ କିଛି ଦୋଷତ୍ରୁଟି ରହିଲେ ତାକୁ ବଣିଆ ପାଖକୁ ମରାମତି ପାଇଁ ପଠାନ୍ତି । ମୁଁ ହେଲି ସେମିତି ବଣିଆ । ତୁମେ ସବୁ ମରାମତି ଲାଗି ଆସିଛ । ମରାମତି ପରେ ତୁମକୁ ମୁଁ ପିନ୍ଧିବା ପାଇଁ ତୁମେ ଯୋଗ୍ୟ ହେବ । ତୁମର ଦିନକୁ ଦିନ ବୟସ ବଢ଼ିବାରେ ଲାଗିଛି, ତେଣୁ ତତ୍ପର ହୁଅ । ତୁମ ମନକୁ ମୋ ମଧ୍ୟରେ ଲୀନ କରିଦିଅ । ଆଉ ସବୁ ବିଷୟ ଏଡ଼େଇ ମନଧ୍ୟାନ ଦେଇ ଚେଷ୍ଟା କର ।

ଲଗ୍ନମାନେ କ'ଣ ? ଏହା ଲୀନ ହେବାକୁ ସୂଚାଏ । ତୁମର ମନ ଈଶ୍ୱରଙ୍କ ସହ ଏକ ହେବା ଆବଶ୍ୟକ । ତେବେ ହିଁ ତାକୁ ଲୟ କୁହାଯିବ । ମୁଁ କାହିଁକି ତୁମକୁ ଜପ, ଧ୍ୟାନ, ସତ୍‌ସଙ୍ଗ ଇତ୍ୟାଦି କରିବାକୁ କହେ, ତାହା ତୁମେ କ'ଣ ଜାଣ ? ଯଦି କେଉଁଠେ ବିବାହ ହେବାର ଥିବ, ତେବେ ସେଥିପାଇଁ ନିମନ୍ତ୍ରଣ, ପେଣ୍ଡାଲ, ସାଜସଜ୍ଜା ଓ ବାଦ୍ୟ ବାଜାଣାର ବ୍ୟବସ୍ଥା ହୋଇଥିବ । ବନ୍ଧୁ ବାନ୍ଧବଙ୍କ ଉପସ୍ଥିତିରେ ବର କନ୍ୟାର ପାଣିଗ୍ରହଣ କରିବ । ଏସବୁ ନକରି ତ' ବର ଖାଲି କନ୍ୟାର ଗଳାରେ ମଙ୍ଗଳସୂତ୍ର ବାନ୍ଧି ଦେଲେ ହୁଅନ୍ତା । ନା, ପରେ କେବେ ଯଦି ବର କନ୍ୟାକୁ ପରିତ୍ୟାଗ କରିବାକୁ ଚେଷ୍ଟା କରେ, ତେବେ ଯେଉଁମାନେ ବାହାଘର ସ୍ୱଚକ୍ଷୁରେ ଦେଖିଥାନ୍ତି, ସେମାନେ ଅଦାଲତରେ ସାକ୍ଷୀ ହୋଇ ଛିଡ଼ା ହୁଅନ୍ତି ଏବଂ ବରର ସମ୍ପତ୍ତିରୁ କନ୍ୟା ଯାହା ଆଇନତଃ ପାଇବା କଥା ତାହା ପାଇବାରେ ସାହାଯ୍ୟ କରନ୍ତି । ସେମିତି ତୁମେ ଯଦି ମୁଁ ଯାହା କହୁଛି ତାହା କର,

ତେବେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ମୋ ମଧ୍ୟରେ ଲୀନ ହେବାର ଅଧିକାର ଲାଭ କରିବ । ଈଶ୍ୱରଙ୍କ ବିଚାରାଳୟରେ ଯେତେବେଳେ ପରମାତ୍ମା ତୁମକୁ ପ୍ରଶ୍ନ କରିବେ, "ମୋର ସମ୍ପତ୍ତି ଉପରେ ତୁମର କିଛି ଅଧିକାର ଅଛି କି ?" ସେତେବେଳେ ଋଷି ଓ ଯୋଗୀମାନେ ତୁମର ସାକ୍ଷୀ ହୋଇ ତୁମ ଅଧିକାରକୁ ସାବ୍ୟସ୍ତ କରିବେ । ତେଣୁ ମୁଁ ତୁମକୁ ପ୍ରତିଦିନ ଜପ, ତପ, ଧ୍ୟାନ, ନାମ-ସ୍ମରଣ ଆଦି କରିବାକୁ କହିଥାଏ ।"

ମୁହୂର୍ତ୍ତକ ମଧ୍ୟରେ ଦାର୍ଶନିକ ଭାବଧାରାର ମହୋନ୍ନତ ପ୍ରଦେଶରୁ ସ୍ୱାମୀ ସାଂସାରିକ ସ୍ତରକୁ ଚାଲି ଆସିଲେ ଏବଂ ଆମକୁ ଚାହିଁ ହସି ପଚାରିଲେ, "ସୁବମ୍ମା, ତୁମକୁ ତୁମ ସ୍ୱାମୀ କ'ଣ, ଏସବୁ କେବେ ଆଗରୁ ଶିଖେଇଥିଲେ ? ସୁବମ୍ମା କହିଲେ, 'ନା' । ସ୍ୱାମୀ କହିଲେ, "ସେଇଥିପାଇଁ ତ ମୁଁ ଏସବୁ ତୁମକୁ କହୁଛି ।" ତା' ପରେ ସେ ବିଭୂତି ସୃଷ୍ଟି କରି ଆମ ସମସ୍ତଙ୍କୁ ଦେଲେ ଏବଂ ଇଣ୍ଟରଭ୍ୟୁ ଶେଷ ହେଲା ବୋଲି ସୂଚେଇବା ପାଇଁ ଉଠା ଛିଡ଼ା ହେଲେ । ଆମେ ସମସ୍ତେ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲୁ ଏବଂ ଭାରାକ୍ରାନ୍ତ ହୃଦୟ ନେଇ ଇଣ୍ଟରଭ୍ୟୁ କକ୍ଷରୁ ବାହାରିଲୁ ।

୧୯୭୦ ଯାଏ ସ୍ୱାମୀ ଆମକୁ ଏହିପରି ଆଉ କିଛି ଇଣ୍ଟରଭ୍ୟୁକୁ ଡାକିଥିଲେ, କିନ୍ତୁ ସମସ୍ତ ଇଣ୍ଟରଭ୍ୟୁ ବଡ଼ ବଡ଼ ଗୋଷ୍ଠୀରେ ହେଉଥିଲା । ଆଧ୍ୟାତ୍ମିକ ଆଲୋଚନା ପାଇଁ ବିଶେଷ ସମୟ ମିଳୁ ନଥିଲା ।

ସପ୍ତବିଂଶ ଅଧ୍ୟାୟ

ଓକ ଚିନ୍ନ କଥା

ଈଶ୍ୱରଙ୍କଠାରେ ଯାହାର ବିଶ୍ୱାସ ନାହିଁ ସେମାନେ ଅନ୍ଧ, କାରଣ ମଣିଷ ବିଶ୍ୱାସର ନେତ୍ରରେ ଭଗବାନଙ୍କୁ ଦେଖିଥାଏ ।

– ଶ୍ରୀ ସତ୍ୟସାଇ ବାବା

ସ୍ୱାମୀ ଯେତେବେଳେ ତାଙ୍କର ଦିବ୍ୟ ସମ୍ଭାଷଣର ପ୍ରଚଣ୍ଡ ପ୍ରବାହକୁ ସାମାନ୍ୟ ମନ୍ଥର କରି ତିନୋଟି ତେଲୁଗୁ ଶବ୍ଦ 'ଓକ ଚିନ୍ନ କଥା' ବ୍ୟବହାର କରିଥାନ୍ତି, ସେତେବେଳେ ସମସ୍ତଙ୍କର କର୍ଣ୍ଣ ଉତ୍‌କୀର୍ଣ୍ଣ ଓ ହୃଦୟ ଜାଗ୍ରତ ହୋଇ ଉଠନ୍ତି; କାରଣ ତା' ପରେ ସେ ଯେଉଁ ଗପଟି କହିଥାନ୍ତି, ତାହା ବିଜୁଳିର ଚମକ ଭଳି ଆମ ଜ୍ଞାନାକାଶକୁ ଉଦ୍‌ଭାସିତ କରେ । ତାହା କେବେ ଶୀତଳ ବାରିଧାରା ହୋଇ ଆମକୁ ଶୀତଳତା ପ୍ରଦାନ କରେ, କେବେ ଏକ ବ୍ୟଙ୍ଗ ରୂପନେଇ ଆମକୁ ଆହ୍ଲାଦିତ କରେ ଓ ଆଉ କେବେ ଏକ ବଟିକା ହୋଇ ଆମକୁ ଉପଶମ ପ୍ରଦାନ କରେ ......

"ଚିନ୍ନ କଥା"– ଏହାର ଯଥାର୍ଥତାକୁ ଅନୁଶୀଳନ କଲେ ଆମେ ଜାଣିପାରୁ ଯେ ଭଗବାନଙ୍କର ଶିକ୍ଷା ପ୍ରଦାନ ପଦ୍ଧତିରେ ଏହା ଏକ ପ୍ରଭାବଶାଳୀ ସାଧନ । ତାଙ୍କର ସେହି ଚିନ୍ନ କଥା ଏକ ତଡ଼ିତ୍ ପ୍ରବାହରେ ଆମ ହୃଦୟ କନ୍ଦରରେ ପ୍ରବେଶ କରେ ଏବଂ ଆମେ ଯଥା ସମୟରେ ତାକୁ ସାଇତି ରଖି ତାହାକୁ ଆମର ଚିନ୍ତା ଓ ବ୍ୟବହାରର ଏକ ଅଂଶ କରିବା ଯାଏ ତାହା ସେଠାରେ ରହିଥାଏ ।

ଥରେ ଥରେ ଆମେ ପୁଟପର୍ତ୍ତି ଯାଇ କିଛି ଦିନ ରହିଥାଉ । ପ୍ରତିଦିନ ସ୍ୱାମୀ ତାଙ୍କର ଏକ ଦିବ୍ୟ ସମ୍ଭାଷଣ ଦେଉଥାନ୍ତି । ଦିନେ ଅପରାହ୍ନ ତିନିଟାବେଳରୁ ହିଁ ଲୋକ ଆସି ମନ୍ଦିରରେ ନିଜ ନିଜ ସ୍ଥାନରେ ବସି ଯାଇଥାନ୍ତି । ସେମାନେ ସମସ୍ତେ ନୀରବରେ ବସିଥାନ୍ତି । ସ୍ୱାମୀଙ୍କ ଦିବ୍ୟ ସମ୍ଭାଷଣ ଆରମ୍ଭ ହେବାକୁ ଆହୁରି ଏକ ଘଣ୍ଟା ବାକି ଥାଏ । ସ୍ୱାମୀ ଅନେକ ସମୟରେ ପୂଜା ମନ୍ଦିର ମଧ୍ୟରେ ଥିବା ପୂଜାପୀଠର ଠିକ୍ ଉପରକୁ ପ୍ରଥମ ମହଲାରେ ଆସି ଛିଡ଼ା ହେଉଥାନ୍ତି । ସେଦିନ ମଧ୍ୟ ସେ ସେଠାକୁ ଆସି ଛିଡ଼ା ହେଲେ । ସେ ଲକ୍ଷ୍ୟ କଲେ ଯେ ମନ୍ଦିର ଭିତରେ ଲୋକ ଭର୍ତ୍ତି ହୋଇ ରହିଥିଲେ ହେଁ, ସମ୍ପୂର୍ଣ୍ଣ ନୀରବତା ଥିଲା । ସ୍ୱାମୀ କହିଲେ, "କି ଆଶ୍ଚର୍ଯ୍ୟ ! ଏତେ ସଂଖ୍ୟାରେ ଲୋକ ଚୁପ୍‌ଚାପ୍ ବସି ରହିବା କ'ଣ କେବେ ହୋଇପାରେ ?" ସେଥିରେ ପୁଣି ସ୍ତ୍ରୀ ଲୋକ । ମୁଁ ଭାରି ଖୁସି" ଏହା କହି ସେ ଭିତରକୁ ଚାଲିଗଲେ ।"

ସନ୍ଧ୍ୟାରେ ସ୍ୱାମୀ ତାଙ୍କ ଦିବ୍ୟ ସମ୍ଭାଷଣରେ ସାଧୁମାନଙ୍କ ମେଳରେ ରହିବାର ଗୁରୁତ୍ୱ ଉପରେ କହୁଥାନ୍ତି । ସେ କହିଲେ, "ପୂର୍ବର ଲୋକମାନଙ୍କୁ ଯଦି ଭଗବାନଙ୍କର ଦିବ୍ୟ ସମ୍ଭାଷଣ ଶୁଣିବାର ସୁଯୋଗ ମିଳୁଥାନ୍ତା ସେମାନେ ତପସ୍ୟା କରିବା ପାଇଁ ଆଦୌ ବଣଜଙ୍ଗଲକୁ ଯାଉ ନ'ଥାନ୍ତେ ।"

ସେ ସମୟରେ, ଏପରିକି ମହା ମହା ଋଷିମାନେ ଅନ୍ୟ ମହର୍ଷିମାନଙ୍କୁ ପ୍ରବଚନ ଦେବା ପାଇଁ ନିମନ୍ତ୍ରଣ କରୁଥାନ୍ତି । ସେମିତି ଥରେ ମହର୍ଷି ବଶିଷ୍ଠଙ୍କୁ ମୁହୂର୍ତ୍ତକ ପାଇଁ ବ୍ରହ୍ମଲୋକରେ ରହି ସେଠାରେ ମାତ୍ର ଚବିଶ ମିନିଟ୍ ପାଇଁ ଏକ ସତ୍ସଙ୍ଗରେ ଯୋଗ ଦେବାର ସୁଯୋଗ ମିଳିଥିଲା । ଏଠାରେ କିନ୍ତୁ ତୁମେ ପ୍ରତିଦିନ ଚାରିଘଣ୍ଟା ଧରି ସେଭଳି ସତ୍ସଙ୍ଗର ସୁଯୋଗ ପାଉଛ । ତେଣୁ ଭଜନ, ଦର୍ଶନ, ପ୍ରବଚନ ଇତ୍ୟାଦି ମାଧ୍ୟମରେ ତୁମେ ଅର୍ଜ୍ଜନ କରୁଥିବା ପୁଣ୍ୟକୁ ମାପିହେବ ନାହିଁ । ସେଥିପାଇଁ କିନ୍ତୁ ଗର୍ବ କର ନାହିଁ ।"

"ଥରେ ବ୍ରହ୍ମର୍ଷି ବଶିଷ୍ଠ ଓ ରାଜର୍ଷି ବିଶ୍ୱାମିତ୍ର ସେ ସମୟର କେତେକ ବିଖ୍ୟାତ ଋଷିଙ୍କୁ ପ୍ରବଚନ ଦେବା ପାଇଁ ନିମନ୍ତ୍ରଣ କରିଥାନ୍ତି । ସେଦିନର ଋଷିମାନଙ୍କ ସେହି ମହାନ୍ ସମାବେଶରେ ବିଶ୍ୱାମିତ୍ର ଦ୍ୱାଦଶବ୍ରତ ପାଳନ କରି ଲଭିଥିବା ପୁଣ୍ୟଫଳ ବଶିଷ୍ଠଙ୍କୁ ପ୍ରଦାନ କରିଥିଲେ । ତା'ର ବଦଳରେ ବଶିଷ୍ଠ ବ୍ରହ୍ମଲୋକରେ ଲଭିଥିବା ପୁଣ୍ୟଫଳର ଏକ ଚତୁର୍ଥାଂଶ ବିଶ୍ୱାମିତ୍ରଙ୍କୁ ପ୍ରଦାନ କରିବାକୁ ଆଗଭର ହେଲେ । ବିଶ୍ୱାମିତ୍ର ଭାବୁଥାନ୍ତି ଯେ ସେ ଦୀର୍ଘ କୋଡିଏ ମାସଧରି ତପସ୍ୟା କରି ଲାଭ କରିଥିବା ପୁଣ୍ୟ ବଶିଷ୍ଠଙ୍କୁ ଦେଉଥିବା ସ୍ଥଳେ ବଶିଷ୍ଠ ତାଙ୍କୁ ପ୍ରଦାନ କରିଥିବା ପୁଣ୍ୟଫଳ ଅତି ନଗଣ୍ୟ । ମନରେ ଏଭଳି ଚିନ୍ତାକରି ସେ ବଶିଷ୍ଠଙ୍କ ଉପହାରକୁ ପ୍ରତ୍ୟାଖ୍ୟାନ କଲେ । ବଶିଷ୍ଠ ସେ ଦେଉଥିବା ପୁଣ୍ୟଫଳର ମହତ୍ୱ ସମ୍ବନ୍ଧରେ ବିଶ୍ୱାମିତ୍ରଙ୍କୁ ବୁଝାଇବାକୁ ଅନେକ ଚେଷ୍ଟା କଲେ । ଶେଷରେ ସେ ସମସ୍ତ ଋଷିଙ୍କ ଆଡ଼କୁ ଚାହିଁ, ସେମାନଙ୍କୁ ବିଶ୍ୱାମିତ୍ରଙ୍କୁ ବୁଝେଇବା ପାଇଁ ଅନୁରୋଧ କଲେ । ସେମାନେ ଉତ୍ତର ଦେଲେ, "ଆପଣ ଦୁହେଁ ଆମ ସମସ୍ତଙ୍କ ଅପେକ୍ଷା ମହାନ୍ । ଆମେ ଆପଣଙ୍କୁ ବୁଝେଇ ପାରିବୁ ନାହିଁ । ଏଥିପାଇଁ ଆପଣଙ୍କଠାରୁ ଯିଏ ମହାନ୍ ସେଭଳି କାହାକୁ ଆଣି ମଧ୍ୟସ୍ଥତା କଲେ ଭଲ ହେବ ।" ବଶିଷ୍ଠ ଋଷି ତାହା ଶୁଣି ବିଶ୍ୱାମିତ୍ରଙ୍କୁ ସୂର୍ଯ୍ୟ, ବାୟୁ, ଅଗସ୍ତ୍ୟ ଓ ଆଦିଶେଷଙ୍କୁ ମଧ୍ୟସ୍ଥତା ପାଇଁ ଡାକି ଆଣିବାକୁ କହିଲେ । ଗିରିଜା ବିବାହ ସମୟରେ ଶିବଙ୍କ ସମସ୍ତ ଗଣମାନେ ଯେତେବେଳେ ହିମାଳୟର ଉତ୍ତର ଭାଗରେ ଏକତ୍ର ହେଲେ, ସେତେବେଳେ ଉତ୍ତର ଭାଗ ଦବିଗଲା ଏବଂ ଦକ୍ଷିଣଭାଗ ଉପରକୁ ଉଠିବା ଆରମ୍ଭ ହେଲା । ତାହା ଦେଖି ଦେବତାମାନେ ଅଗସ୍ତ୍ୟଙ୍କୁ ଉଭୟ ପାର୍ଶ୍ୱ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ଉପରକୁ ଉଠୁଥିବା ଦକ୍ଷିଣ ଭାଗରେ ବସିବାକୁ ଅନୁରୋଧ କଲେ । ତାହା ଥିଲା ଅଗସ୍ତ୍ୟମୁନିଙ୍କ ମହିମା । ବିଶ୍ୱାମିତ୍ର ଏହି ଚାରିଜଣଙ୍କୁ ନିମନ୍ତ୍ରଣ କରି ଆଣିବାକୁ ବାହାରିଲେ । ସୂର୍ଯ୍ୟଙ୍କୁ

ଯେତେବେଳେ ସେ ଆସିବାକୁ ପ୍ରାର୍ଥନା କଲେ ସୂର୍ଯ୍ୟ କହିଲେ, 'ମୁଁ ମୋ ଆସ୍ଥାନ ଛାଡ଼ି ତୁମ ସଙ୍ଗେ ଆସି ପାରିବି ନାହିଁ । ତାହା ଯଦି ମୁଁ କରେ ତେବେ ସମସ୍ତ ସଂସାର ଅନ୍ଧକାରାଚ୍ଛନ୍ନ ହୋଇଯିବ । ତୁମେ ଯଦି କିଛି ସମୟ ମୋ ସ୍ଥାନରେ ରୁହ, ତେବେ ମୁଁ ଯାଇ ମୋ ମତାମତ ଦେଇ ଆସି ପାରିବି ।' ବିଶ୍ୱାମିତ୍ର ସୂର୍ଯ୍ୟଙ୍କ ଏହି ସର୍ତ୍ତରେ ରାଜି ହୋଇ ନ ପାରି ଫେରି ଆସିଲେ । ବାୟୁ, ଅଗସ୍ତ୍ୟ ଓ ଆଦିଶେଷ ମଧ୍ୟ ଅନୁରୂପ ସର୍ତ୍ତ ରଖିଲେ, ତେଣୁ ବିଶ୍ୱାମିତ୍ର କାହାକୁ ସଙ୍ଗେ ଆଣି ନ' ପାରି ବାହୁଡ଼ିଲେ ।

ଏଥର ବଶିଷ୍ଠ ସେମାନଙ୍କୁ ଆଣିବାକୁ ବାହାରିଲେ । ସେ ତାଙ୍କର ଚବିଶ ମିନିଟ୍‌ର ପୁଣ୍ୟଫଳରୁ ସମାନ ସମାନ ଚାରିଭାଗରେ ବିଭକ୍ତ କଲେ । ସେହି ପୁଣ୍ୟଫଳର ଶକ୍ତିରେ ସୂର୍ଯ୍ୟଙ୍କ ସ୍ଥାନରେ ସେ ତାଙ୍କର ସ୍ଫଟିକ ଜପମାଳ ରଖିଲେ, ଆଦିଶେଷଙ୍କ ସ୍ଥାନରେ ତାଙ୍କର ଯୋଗଦଣ୍ଡ ରଖିଲେ, ବାୟୁଙ୍କ ସ୍ଥାନରେ ତାଙ୍କର ଚାମର ରଖିଲେ ଏବଂ ଅଗସ୍ତ୍ୟଙ୍କ ସ୍ଥାନରେ ତାଙ୍କର କମଣ୍ଡଳୁ ରଖିଲେ । ଏଥର ଚାରିଜଣ ବଶିଷ୍ଠଙ୍କ ସଙ୍ଗେ ବାହାରିଲେ । ସେମାନଙ୍କୁ ଆସୁଥିବା ଦେଖି ବିଶ୍ୱାମିତ୍ର ବିସ୍ମିତ ହେଲେ । ସେ କହିଲେ, 'ହେ ବ୍ରହ୍ମର୍ଷି ! ମୁଁ ଏଥର ବୁଝିପାରିଲି । ଏମାନେ ଆପଣଙ୍କ ସହ ଆସୁଥିବା ଦେଖି ମୁଁ ଆପଣଙ୍କ ମହନୀୟତା ହୃଦୟଙ୍ଗମ କଲି । ଆଉ ଏ ବିଷୟରେ କେହି ମଧ୍ୟସ୍ଥି ହେବା ଅନାବଶ୍ୟକ ।' ଏତିକି କହି ସେ ବଶିଷ୍ଠଙ୍କୁ ପ୍ରଣାମ କଲେ । ଏଥର ସେ ବଶିଷ୍ଠଙ୍କୁ ତାଙ୍କର ପୁଣ୍ୟଫଳର ଏକଚତୁର୍ଥାଂଶ ଦେବାକୁ ଅନୁରୋଧ କଲେ । ବଶିଷ୍ଠ କହିଲେ, 'ଆଉ ପୁଣ୍ୟଫଳ କେଉଁଠେ ରହିଲା ? ସେହି ପୁଣ୍ୟଫଳକୁ ବ୍ୟବହାର କରି ତ ମୁଁ ଏଇ ଚାରିଜଣଙ୍କୁ ଏଠାକୁ ଆଣି ପାରିଲି ।' ବିଶ୍ୱାମିତ୍ର ନିଜ ଭୁଲ୍ ବୁଝିପାରି ଅନୁତାପ କଲେ ।"

"ମାତ୍ର ଚବିଶମିନିଟ୍‌ର ପୁଣ୍ୟରେ ବଶିଷ୍ଠ ଏତେ କିଛି କରିପାରିଲେ । ଏଠାରେ ତୁମେ ମୋ ସଙ୍ଗେ ଭଜନରେ ବସି ଘଣ୍ଟା ଘଣ୍ଟା ଧରି ସମ୍ଭାଷଣ ଶୁଣିବାର ସୁଯୋଗ ପାଉଛ । ତୁମେ ଯେଉଁ ପୁଣ୍ୟଫଳ ଅର୍ଜ୍ଜନ କରୁଛ, ତାହା କ'ଣ କେବେ ମାପିବା ସମ୍ଭବ ? ଏଥର ଅନ୍ତତଃ ତୁମେ ବୁଝି ପାରୁଛ କି ସତ୍‌ସଙ୍ଗର ମୂଲ୍ୟ କେତେ ? ତୁମେ ଆଜି ଏହା ଅନୁଭବ କରିପାରୁଛ କେବଳ ତୁମର ବହୁ ଜନ୍ମର ପୁଣ୍ୟଫଳ ହେତୁ ।"

ଅଷ୍ଟବକ୍ର

ସ୍ୱାମୀ ଏହି କାହାଣୀଟି ତାଙ୍କର ଏକ ଦଶହରା ଦିବ୍ୟ ସମ୍ଭାଷଣରେ କହିଥିଲେ । ମହର୍ଷି ଉଦ୍ଦାଳକଙ୍କର ସୁଜାତା ନାମ୍ନୀ ଏକ କନ୍ୟା ଥାଏ । ତାଙ୍କର ଏକ ସଦଗୁଣଶୀଳ ଶିଷ୍ୟ ଥାଏ । ମହର୍ଷି ଶିଷ୍ୟର ଜ୍ଞାନାର୍ଜ୍ଜନ କରିବାରେ ନୈପୁଣ୍ୟ ଦେଖି ଆନନ୍ଦବିଭୋର ହୋଇ ଯାଉଥା'ନ୍ତି ।

ସେ ତାଙ୍କର କନ୍ୟାର ବିବାହ ଉକ୍ତ ଶିଷ୍ୟ ସଙ୍ଗେ ସମାପନ କଲେ । କିଛି ଦିନ ପରେ ତାଙ୍କର କନ୍ୟା ଗର୍ଭବତୀ ହେଲା । ଉଦ୍ଦାଳକଙ୍କ ଶିଷ୍ୟ ତାର ଶିଷ୍ୟମାନଙ୍କୁ ଦିନ ରାତି ଶିକ୍ଷା ପ୍ରଦାନ କରୁଥାଏ । ତାହା ମାତୃଗର୍ଭରେ ଥିବା ଭ୍ରୂଣ ଶୁଣୁଥାଏ । ଦିନେ ତାର ପିତାଙ୍କୁ ସାବଧାନ କରି ସେ କହିଲା, "ତୁମେ ଯଦି ତୁମର ଶିଷ୍ୟମାନଙ୍କୁ ବିରତି ନଥାଇ ରାତ୍ରିରେ ମଧ୍ୟ ଶିକ୍ଷା ଦିଅ, ସେମାନେ ମୋନଙ୍କର ଅର୍ଦ୍ଧ ନିଦ୍ରିତ ଅବସ୍ଥାରେ ଅଧିକ ତମୋଗୁଣର ଅଧିକାରୀ ହେବେ । ଦୟାକରି ତାହା କର ନାହିଁ ।" ପୁଅ ଜନ୍ମ ହେବା ପୂର୍ବରୁ ହିଁ ତାଙ୍କୁ ଉପଦେଶ ଦେବା ଆରମ୍ଭ କଲାଣି ଭାବି ବାପା କ୍ରୋଧାନ୍ୱିତ ହେଲେ, ସେ ସେହି ଭ୍ରୂଣକୁ ଅଭିଶାପ ଦେଇ କହିଲେ, "ଆଠ ପ୍ରକାର ବକ୍ର ହୋଇ ତୁ ଜନ୍ମ ହ ।" ଶିଶୁଟି ସେହି ଭଳି ଜନ୍ମ ହେଲା ଏବଂ ତାର ନାମ ଦିଆଗଲା ଅଷ୍ଟବକ୍ର । ଅଷ୍ଟବକ୍ର ଆହୁରି ଶିଶୁ ଥାନ୍ତି, ତାଙ୍କର ପିତାଦିନେ ଜନକଙ୍କ ରାଜସଭାକୁ ଶାସ୍ତ୍ରାଲୋଚନା ପାଇଁ ଗଲେ । ଜନକଙ୍କର ଆସ୍ଥାନ ପଣ୍ଡିତ ବଣ୍ଡିଙ୍କ ସହ ସେ ଏକ ବୌଦ୍ଧିକ ତର୍କରେ ପ୍ରବେଶ କରି ଶେଷରେ ପରାଜିତ ହେଲେ । ତର୍କର ନିୟମ ଥିଲା ଯେ ଯିଏ ପରାଜିତ ହେବ ତାକୁ ସମୁଦ୍ର ମଧ୍ୟକୁ ଫିଙ୍ଗି ଦିଆଯିବ । ତେଣୁ ତାଙ୍କୁ ମଧ୍ୟ ସମୁଦ୍ର ମଧ୍ୟକୁ ଫିଙ୍ଗି ଦିଆଗଲା ଏବଂ ସେଠାରେ ସେ ମୃତ୍ୟୁ ବରଣ କଲେ ।

ଏଣେ ଘରେ, ଦିନେ ଅଷ୍ଟବକ୍ର ଉଦ୍ଦାଳକଙ୍କ କୋଳରେ ବସିଥାନ୍ତି । ସେହି ସମୟରେ ଉଦ୍ଦାଳକଙ୍କ ପୁତ୍ର ସେଠାକୁ ଆସି ସେ ତା ବାପାଙ୍କ କୋଳରେ ବସିବ କହି ଅଷ୍ଟବକ୍ରକୁ ଉଠିଯିବାକୁ କହିଲା । ଅଷ୍ଟବକ୍ର ଯେତେବେଳେ କହିଲେ, ମୁଁ ଉଦ୍ଦାଳକଙ୍କ ପୁତ୍ର" ଉଦ୍ଦାଳକଙ୍କ ପୁଅ କହିଲା, "ନା ।" ଅଳ୍ପ ବୟସରେ ହିଁ ପରିପକ୍ୱ ଜ୍ଞାନ ସମ୍ପନ୍ନ ଅଷ୍ଟବକ୍ର ତାଙ୍କ ମା'ଙ୍କ ନିକଟକୁ ଯାଇ ତାଙ୍କୁ ପଚାରିଲେ, "ମୋ ପିତା କିଏ ?" ତାଙ୍କର ମା ଦୁଃଖାଭିଭୂତ ହୋଇ ସାଶ୍ରୁଳନୟନରେ ତାଙ୍କୁ ସମସ୍ତ କଥା କହିଲେ ।

ଅଷ୍ଟବକ୍ର ତାଙ୍କ ମାମୁଁଙ୍କ ସହ ଜନକଙ୍କ ରାଜସଭାକୁ ଗଲେ । ସେମାନେ ଯେଉଁଠାରେ ଯଜ୍ଞ ହେଉଥାଏ ସେଠାରେ ଯାଇ ପହଞ୍ଚିଲେ । ଜନକ ତାଙ୍କର ଦ୍ୱାରଦେଶରେ ହିଁ ବେଦଶାସ୍ତ୍ରରେ ପ୍ରବୀଣ ଦୁଇଜଣ ପଣ୍ଡିତଙ୍କୁ ରଖିଥାନ୍ତି । ଜନକ ସେମାନଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି, "ଯେଉଁ ପଣ୍ଡିତମାନେ ତୁମର ଦୁଇଟି ପ୍ରଶ୍ନର ଉତ୍ତର ଦେଇପାରିବେ ସେହିମାନଙ୍କୁ କେବଳ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ।" ଏହି ଦୁଇଟି ପିଲାଙ୍କୁ ଦେଖି ପଣ୍ଡିତ ଦୁଇଜଣ ଆଚମ୍ଭିତ ହେଲେ । ପିଲା ଦୁଇଟି ସେମାନଙ୍କର ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇଥିବା ଦେଖି ସେମାନେ ବିସ୍ମିତ ହେଲେ । ତଥାପି ଏହି ଦୁଇ ବାଳକଙ୍କୁ ଭିତରକୁ ଯିବା ପାଇଁ ଅନୁମତି ଦେବାକୁ ସେମାନେ ଭୟ କରୁଥାନ୍ତି । ସେମାନେ ବାଳକ ଦୁଇଜଣଙ୍କୁ କହିଲେ "ରାଜା ଉପରମହଲାରେ ପଦଚାରଣ କରୁଛନ୍ତି, ତାଙ୍କୁ ଡାକ ସେ ଆସିବେ । ସେମାନଙ୍କ ସୁମଧୁର କଣ୍ଠ ଶୁଣି ଜନକ ସସ୍ନେହନୟନରେ ସେମାନଙ୍କୁ ଚାହିଁଲେ ଏବଂ ତଳକୁ ଆସି

ସେମାନଙ୍କ ସହ କଥା ହେଲେ । ପିଲାଦୁଇଟି କହିଲେ, "ରାଜନ୍, ଆପଣ ଯେଉଁ ଯଜ୍ଞାନୁଷ୍ଠାନ କରୁଛନ୍ତି ସେଥିରେ ଯୋଗଦେବାକୁ ଆମେ ଆସିଛୁ ।" ସେମାନଙ୍କର ଜ୍ଞାନକୁ ପରଖିବା ପାଇଁ ଜନକ ସେମାନଙ୍କୁ ତିନୋଟି ପ୍ରଶ୍ନ କଲେ ।

ପ୍ରଶ୍ନ : କେଉଁ ପଦାର୍ଥ ଜନ୍ମ ହୋଇ ମଧ୍ୟ ଜଡ଼ଥାଏ ?

ଉତ୍ତର ଡିମ୍ବ । ଜନ୍ମ ପୂର୍ବରୁ ଏହାର ଜୀବନ ଥାଏ ଏବଂ ପରେ ମଧ୍ୟ ଜୀବନ ରହେ, କିନ୍ତୁ ଏହା ଜନ୍ମ ହୁଏ ଜଡ଼ ହୋଇ ।

ପ୍ରଶ୍ନ : କାହାର ଗତି କ୍ଷିପ୍ର ହେଲେ ଆକାର ବୃଦ୍ଧି ପାଏ ?

ଉତ୍ତର : ନଦୀ

ପ୍ରଶ୍ନ : କାହାର ତିରିଶ ବିଭାଗ, ଏକାଦଶୀ ବ୍ରତ ଓ ତିନିଶହ ଷାଠିଏ ଉପବିଭାଗ ରହିଛି ?

ଉତ୍ତର : ସମ୍ବତ୍ସର ଯାହା କାଳସ୍ୱରୂପ ହୋଇ ତୁମକୁ ସର୍ବଦା ରକ୍ଷା କରିଥାଏ ।

ଜନକ ଏ ସମସ୍ତ ଉତ୍ତର ଶୁଣି ଆନନ୍ଦିତ ହେଲେ ଏବଂ ଦୁଇ ବାଳକଙ୍କୁ ଯଜ୍ଞମଣ୍ଡପ ନିକଟକୁ ନେଇଗଲେ । ଅଷ୍ଟବକ୍ର ବନ୍ଦିଙ୍କୁ ତର୍କ କରିବାକୁ ଆହ୍ୱାନ କଲେ । ବନ୍ଦି ତର୍କରେ ପରାସ୍ତ ହେଲେ । ଅଷ୍ଟବକ୍ରଙ୍କ ପିତାଙ୍କୁ ଯେଭଳି ସମୁଦ୍ର ମଧ୍ୟକୁ ନିକ୍ଷେପ କରାଯାଇଥିଲା, ବନ୍ଦିଙ୍କୁ ସେହିଭଳି କରାଗଲା ।

ଯଜ୍ଞ ସମାପ୍ତ ହେବାପରେ ଋଷିଗଣ ନିଜ ନିଜ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ । ଯେଉଁ ସମୁଦ୍ରକୂଳରେ ଅଷ୍ଟବକ୍ରଙ୍କର ପିତା ପ୍ରାଣ ବିସର୍ଜନ କରିଥାନ୍ତି ଅଷ୍ଟବକ୍ର ସେଠାକୁ ଗଲେ । ସେ ଇନ୍ଦ୍ରଦେବତାଙ୍କୁ ତାଙ୍କର ପିତାଙ୍କୁ ପୁନର୍ଜୀବନ ପ୍ରଦାନ କରିବାକୁ ପ୍ରାର୍ଥନା କଲେ । ଇନ୍ଦ୍ର ଦେବତା ଅଷ୍ଟବକ୍ରଙ୍କର ପିତାଙ୍କୁ ଏକ ନୌକାରେ ଆଣି କୂଳରେ ଛାଡ଼ିଦେଲେ । ଏହା କିମିତି ସମ୍ଭବ ହେଲା ? ଅଷ୍ଟବକ୍ର ଯଜ୍ଞରେ ଯୋଗଦେଇ ଏତେ ପୁଣ୍ୟ ଅର୍ଜନ କରିଥିଲେ ଯେ ସେ ସେହି ପୁଣ୍ୟବଳରେ ତାଙ୍କର ପିତାଙ୍କ ଜୀବନକୁ ଫେରେଇ ଆଣି ପାରିଲେ । ଯଜ୍ଞରେ ଯୋଗ ଦେଲେ ଏଭଳି ସୁଫଳ ମିଳିଥାଏ ।

ଏଠାରେ ସ୍ୱୟଂ ଭଗବାନ ହେଉଛନ୍ତି ଯଜ୍ଞ କର୍ତ୍ତା । ତେଣୁ ଏହି ଯଜ୍ଞରେ ଯୋଗ ଦେଲେ ଯେ ତୁମେ କେତେ ଅଜସ୍ର ପୁଣ୍ୟ ଅର୍ଜନ କରିବ, ତାହା ଥରେ ଚିନ୍ତା କର ।

ଘଣ୍ଟକର୍ଣ୍ଣ

ତୁମେ ସମସ୍ତେ ଜାଣ ଯେ ପିତାମାତାଙ୍କ ସତ୍‌କର୍ମର ପ୍ରଭାବ ସନ୍ତାନ ସନ୍ତତିଙ୍କ ଭାଗ୍ୟ ଉପରେ ପଡ଼ିଥାଏ । ଠିକ୍ ସେମିତି ସନ୍ତାନ ସନ୍ତତିଙ୍କର ସତ୍‌କର୍ମ ପିତାମାତାଙ୍କ ଅଦୃଷ୍ଟ ଉପରେ ପ୍ରଭାବ ପକାଇଥାଏ । ଅନ୍ୟ କାହାର ସତ୍‌କର୍ମ ସେଭଳିଭାବେ

ସେମାନଙ୍କ ଅଦୃଷ୍ଟକୁ ପ୍ରଭାବିତ କରିପାରେ ନାହିଁ । ଗୋଟିଏ ସହରରେ ଜଣେ ବଣିଆ ଥାଏ । ଭଗବାନ କୃଷ୍ଣଙ୍କ ନାମ ଦୈବାତ୍ ଯଦି ତା' କାନରେ ପଡ଼ିଯାଏ, ତାହା ସେ ସହ୍ୟ କରି ପାରୁନଥାଏ । ତେଣୁ ସେ ତାର ଦୁଇ କାନରେ ଦୁଇଟି ଛୋଟ ଘଣ୍ଟି ବାନ୍ଧିଥାଏ । କୃଷ୍ଣଙ୍କ ନାମ କାନରେ ପଡ଼ିବା କ୍ଷଣି ସେ ତାର ମୁଣ୍ଡକୁ ଏମିତି ଝାଙ୍କି ଦିଏ ଯେ ତା' କାନକୁ କେବଳ ଘଣ୍ଟିର ଶବ୍ଦ ଶୁଭେ, କୃଷ୍ଣଙ୍କ ନାମ ଶୁଭେ ନାହିଁ । ତେଣୁ ଲୋକେ ତାକୁ ଘଣ୍ଟକର୍ଣ୍ଣ ବୋଲି ଡାକୁଥାନ୍ତି ।

ସେହି ସହରରେ ଏକ କୃଷ୍ଣମନ୍ଦିର ଥାଏ । ଥରେ କୃଷ୍ଣଙ୍କ ବିଗ୍ରହର କଟିଦେଶରେ ଶୋଭ ପାଉଥିବା ମେଖଳାଟି ଭାଙ୍ଗିଗଲା । ରାଜା ଘଣ୍ଟକର୍ଣ୍ଣକୁ ଏକ ନୂତନ କଟିଭୂଷଣ ତିଆରି କରିବାକୁ ନିର୍ଦ୍ଦେଶ ଦେଲେ । ଏଥିପାଇଁ ଘଣ୍ଟକର୍ଣ୍ଣକୁ କୃଷ୍ଣ ବିଗ୍ରହର କଟିଦେଶର ମାପ ନେବାକୁ ପଡ଼ିଲା । କୃଷ୍ଣଙ୍କ ରୂପ ଦେଖିବା ଘଣ୍ଟକର୍ଣ୍ଣ ପାଇଁ ଅସହ୍ୟ ଥିଲା । ତେଣୁ ସେ ଦୁଇ ଆଖିରେ ପଟିବାନ୍ଧି ମନ୍ଦିରକୁ ଗଲା ଓ ସେଠାରେ କୃଷ୍ଣଙ୍କ କଟିଦେଶର ମାପ ନେଲା । ତା' ପରେ ସେ ତା ଦୋକାନକୁ ଯାଇ ମାପ ଅନୁଯାୟୀ ଅଳଙ୍କାର ତିଆରି କଲା । ଯେତେବେଳେ ବିଗ୍ରହ ଦେହରେ ମେଖଳା ପିନ୍ଧାଗଲା, ତାହା ଖୁବ୍ ବଡ଼ ମନେହେଲା । ଆଉ ଥରେ ସେ ଆଖିରେ ପଟି ବାନ୍ଧି ମାପ ନେଲା ଓ ଅଳଙ୍କାର ତିଆରି କଲା । ଏଥର ମେଖଳାଟି ଖୁବ୍ ଛୋଟ ହୋଇଗଲା । ଏମିତି ଥରେ ଛୋଟ ତ ଥରେ ବଡ଼ ଅନେକଥର ହେଲା । ରାଜାଙ୍କ ପାଖରେ ଏ ସମ୍ବାଦ ପହଞ୍ଚିଲା । ସେ ଘଣ୍ଟକର୍ଣ୍ଣ ଉପରେ କ୍ରୋଧାନ୍ୱିତ ହୋଇ ତାଙ୍କୁ ଫାଶୀ ଦେବାକୁ ଆଦେଶ ଦେଲେ ।

ସେ ସମୟରେ ଫାଶୀ ଦେବାପାଇଁ ଗୋଟିଏ ବଡ଼ ଗାତ ଖୋଳି ମୁହଁକୁ ଗୋଟିଏ ପଟାରେ ଢାଙ୍କି ଦିଆଯାଉଥିଲା । ଯାହାକୁ ଫାଶି ଦିଆଯିବ, ତାର ବେକରେ ଫାଶ ବାନ୍ଧି ଦୁଇ ଗୋଡ଼ରେ ଦୁଇଟି ବଡ଼ ବାଲିବସ୍ତା ବାନ୍ଧି ଦିଆ ଯାଉଥିଲା । ଫାଶୀଦେବା ପାଇଁ ସେହି ଲୋକର ପାଦତଳେ ଥିବା ପଟାକୁ ଟାଣି ଆଣିବା ମାତ୍ରକେ ଲୋକଟି ତଳକୁ ଝୁଲି ମୃତ୍ୟୁବରଣ କରୁଥିଲା । ସତରେ କି ଜଘନ୍ୟ ମୃତ୍ୟୁ ? ଏହାଠୁ ବଳି ଭୟଙ୍କର ଆଉ କେଉଁ ନର୍କ ଥାଇପାରେ ? ନର୍କରେ ଲୋକଙ୍କୁ ଫୁଟନ୍ତା ତେଲ କଡ଼େଇକୁ ଫିଙ୍ଗି ଦିଆଯାଏ, ନିଆଁରେ ଜାଳି ମାରି ଦିଆଯାଏ । ଏସବୁ କିନ୍ତୁ ମନଗଢ଼ା କାହାଣୀ । ନର୍କର ଅର୍ଥ ସଂସାରରେ ଭୋଗୁଥିବା ଯାତନା ଭିନ୍ନ ଅନ୍ୟ କିଛି ନୁହଁ ।

ଘଣ୍ଟକର୍ଣ୍ଣର ପୁଅ ତାର ପିତାଙ୍କର ଏଭଳି ଦୁର୍ଗତିରେ ଗଭୀର ଭାବେ ମର୍ମାହତ ହୋଇଥାଏ । ତେଣୁ ସେ ପିତାଙ୍କ ନିକଟକୁ ଯାଇ ତାଙ୍କୁ ଫାଶୀ ଦେବା ପୂର୍ବରୁ ସେ ତାର ଗୋଟିଏ ଇଚ୍ଛା ପୂରଣ କରିବାକୁ ପ୍ରାର୍ଥନା କଲା । ଘଣ୍ଟକର୍ଣ୍ଣ ପୁଅକୁ ସେ କଣ ଚାହୁଁଛି ପଚାରିଲା । ପୁଅ ତାକୁ ଥରେ ମାତ୍ର କୃଷ୍ଣଙ୍କ ନାମ ଓଠରେ ନେବାକୁ ଅନୁରୋଧ କଲା । ଘଣ୍ଟକର୍ଣ୍ଣ ଥରେ "କୃଷ୍ଣ" ନାମ ନେଇ ସବୁବେଳ ଭଳି ତାର ମୁଣ୍ଡକୁ ଝାଙ୍କି ଦେଲା ।

ମୁଣ୍ଡକୁ ଝାଙ୍କିବା ମାତ୍ରକେ ତାର ବେକର ଫାଶ ଫିଟିଗଲା । ଏହିପରି ପୁଅର ପୁଣ୍ୟଫଳ ହେତୁ ଘଣ୍ଟକର୍ଣ୍ଣ ଶାସ୍ତିରୁ ରକ୍ଷା ପାଇଲା ।

ଏଭଳି ଭାବେ ପିତାମାତା ଓ ସନ୍ତାନ ସନ୍ତତିଙ୍କର ପୁଣ୍ୟ ପରସ୍ପରର ଅଦୃଷ୍ଟକୁ ପ୍ରଭାବିତ କରିଥାଏ । ଏହା ସ୍ୱାମୀ-ସ୍ତ୍ରୀଙ୍କ କ୍ଷେତ୍ରରେ ମଧ୍ୟ ସମାନଭାବେ ପ୍ରଯୁଜ୍ୟ ।

ଚୋର ଓ ପୂଜାରୀ

ଥରେ ପ୍ରବଚନକୁ ବୃତ୍ତି କରିଥିବା ଜଣେ ବ୍ରାହ୍ମଣ ତାର ଜଣେ ପ୍ରଶଂସକଙ୍କ ଘରେ ଭାଗବତ ପାରାୟଣ କରୁଥାନ୍ତି । ଦିନେ ପାରାୟଣ ଚାଲିଥିବା ସମୟରେ ଗୋଟିଏ ଚୋର ସେହି ବ୍ୟକ୍ତିଙ୍କ ଘରେ ପ୍ରବେଶ କରି ଲୁଚି ଲୁଚି ପାରାୟଣ ଶୁଣୁଥାଏ । ପାରାୟଣ ଶୁଣିବାର କୌଣସି ଉଦ୍ଦେଶ୍ୟ ନ'ଥିଲେ ହେଁ ପରିସ୍ଥିତି କବଳରେ ପଡ଼ି ସେ ତାହାଶୁଣୁଥାଏ । ସେତିକି ବେଳକୁ ପଣ୍ଡିତ ମହାଶୟ ଭାଗବତରୁ ଶ୍ରୀକୃଷ୍ଣ ପିନ୍ଧିଥିବା ଅଳଙ୍କାର ଗୁଡ଼ିକର ବର୍ଣ୍ଣନା କରୁଥାନ୍ତି । ସେ ପ୍ରତିଦିନ ଯଶୋଦା କୃଷ୍ଣଙ୍କ ଦେହରେ କି କି ଅଳଙ୍କାର ପିନ୍ଧାଇ ତାଙ୍କୁ ଗାଈଗୋଠ ସହ ପଠାଉଥିଲେ ତାହା କହୁଥାନ୍ତି । ଚୋର ଏକଥା ଶୁଣି ମନେମନେ ଭାବିଲା ଯେ ଏମିତି ପ୍ରତିଦିନ ଚୋରିକରି ହନ୍ତସନ୍ତ ହେବା ଅପେକ୍ଷା ଥରେ ସେହି କୃଷ୍ଣ ନାମକ ବାଳକକୁ ମାରି ତାର ସମସ୍ତ ଅଳଙ୍କାର ଚୋରି କରିନେଲେ ତା'ର ସମସ୍ୟାର ସମାଧାନ ହୋଇଯିବ । ବ୍ରାହ୍ମଣ ତାଙ୍କ ପାରାୟଣ ଶେଷ କରି ସେଇ ଘରୁ ବାହାରିବା ଯାଏ ଚୋର ଅପେକ୍ଷା କରି ରହିଥାଏ ।

ଚୋର ସେଇ ପିଲାଟି ଯେ ଠିକ୍ କେଉଁ ଯାଗାରେ ରହେ ତାହା ଜାଣିବାକୁ ଚାହୁଁଥାଏ । ତେଣୁ ସେ ବ୍ରାହ୍ମଣ ପଛେପଛେ ଯାଇ ତାଙ୍କୁ ଧରିଲା । ବ୍ରାହ୍ମଣ ଚୋରକୁ ଦେଖି ଭୟଭୀତ ହୋଇଗଲେ ଏବଂ କାଳେ ସେ ସେଦିନ ପାଇଥିବା ସାମାନ୍ୟ ଦକ୍ଷିଣା ଚୋର ତାଙ୍କଠୁ ଛଡ଼େଇ ନେବ ବୋଲି ଭୟକଲେ । ଭୟରେ ଥରି ଥରି ସେ ଚୋରକୁ କହିଲେ "ମୋଠେ କିଛି ନାହିଁ" । ଚୋର କହିଲା "ମୁଁ ତୁମଠୁ କିଛି ଚାହୁଁ ନାହିଁ । ମୋତେ ଖାଲି କିଛି ଖବର ଦରକାର । ତୁମେ କହୁଥିଲ ଯେ ଯଶୋଦା ନାମରେ ଜଣେ ସ୍ତ୍ରୀ କୃଷ୍ଣ ନାମକ ଏକ ବାଳକକୁ ନାନା ରକମର ଅଳଙ୍କାର ପିନ୍ଧାଇ ପ୍ରତିଦିନ ଗାଈ ଚରେଇବାକୁ ପଠାଏ । ସେ ପିଲାକୁ ମୁଁ କେଉଁଠେ ପାଇବି, ସେତିକି ମୋତେ କହିଦିଅ ।" ବ୍ରାହ୍ମଣ ବଡ଼ ସମସ୍ୟାରେ ପଡ଼ିଲେ । ସେ ଚତୁରତାର ସହ ଉତ୍ତର ଦେଲେ, "ମୁଁ ମୋ ଘରେ ଗୋଟିଏ ବହିରେ ତାର ସବୁ ଟିକିନିଖି କଥା ଲେଖି ରଖିଛି । ମୋ ସଙ୍ଗେ ଆସ" ।

ସେ ଚୋରକୁ ତା' ଘରକୁ ନେଇଗଲେ ଏବଂ ଘରେ କୌଣସି ଗୋଟିଏ ବହିରୁ ପଢ଼ି କହିଲେ, "ବୃନ୍ଦାବନର ଯମୁନା ତଟରେ ସବୁଜ ବନାନୀ ମଧ୍ୟକୁ ପ୍ରତିଦିନ ଦୁଇଟି

ପିଲା ଆସିଥାନ୍ତି । ଜଣଙ୍କ ଦେହର ରଙ୍ଗ ମେଘ ଭଳି ଶ୍ୟାମଳ ଓ ସେ ହାତରେ ବଂଶୀ ଧରିଥାଏ । ଆଉ ଜଣଙ୍କ ଦେହର ରଙ୍ଗ ଧଳା ଓ ସେତ ଶ୍ୱେତ ପାଟବସ୍ତ୍ର ପିନ୍ଧିଥାଏ ।" ଚୋର ବ୍ରାହ୍ମଣର ଏହି କଥାକୁ ବିଶ୍ୱାସ କରି ସଙ୍ଗେ ସଙ୍ଗେ ବୃନ୍ଦାବନକୁ ବାହାରିଲା । ସେ ସେଇ ଯାଗାକୁ ଠାବ କରି ଗୋଟିଏ ଗଛ ଉପରେ ଚଢ଼ି ଅପେକ୍ଷା କରି ରହିଲା । ସୂର୍ଯ୍ୟ ଉଦୟ ହେଲା । ସକାଳର ମନ୍ଦ ମନ୍ଦ ପବନରେ ମୁରଲୀର ସ୍ୱର ଭାସି ଆସିଲା । ସେଇ ମନ ମତାଣିଆ ସ୍ୱର ଧୀରେ ଧୀରେ ପାଖକୁ ପାଖକୁ ଶୁଭୁଥାଏ । ଶେଷରେ ଚୋର ପିଲା ଦୁଇଟିକୁ ଦେଖିଲା । ସେ ଗଛରୁ ଓହ୍ଲାଇ ଆସି ସେମାନଙ୍କ ନିକଟକୁ ଗଲା ।

ଯେଉଁ ମହୁର୍ତ୍ତରେ ସେ ସେମାନଙ୍କୁ ଦେଖିଲା ସେହି ମୁହୂର୍ତ୍ତରେ କିଛି କ୍ଷଣ ପାଇଁ ସେ ନିଜକୁ ନିଜେ ଭୁଲିଗଲା ଏବଂ ଯୋଡ଼ ହସ୍ତରେ ପ୍ରଣାମ କରି ଆନନ୍ଦାଶ୍ରୁ ମୋଚନ କଲା । ସେ ମନେ ମନେ ଭାବୁଥାଏ, "କିଏ ସେ ହତଭାଗିନୀ ମା ଯିଏ ତାର ଏଭଳି ଏକ ସୁନ୍ଦର ଅନୁପମ ବାଳକ, ଯାହାକୁ ଦେଖିଲେ କୌଣସି ମୂର୍ତ୍ତିକାର ଗଢ଼ିଥିବା ନିଖୁଣ ବିଗ୍ରହ ଭଳି ମନେ ହଉଛି, ତାକୁ ନାନା ଅଳଙ୍କାର ବିମଣ୍ଡିତ କରି ଏଭଳି ନଦୀକୂଳକୁ ପଠେଇ ଦେଇଛି ।

ବ୍ରାହ୍ମଣ କୃଷ୍ଣ କଥାମୃତ ଗାନ କରୁଥିବା ସମୟରେ ଚୋର ଯେହେତୁ ସବୁକଥା ମନଦେଇ ଶୁଣିଥାଏ, ସେ ଲକ୍ଷ କଲା ବ୍ରାହ୍ମଣ ବର୍ଣ୍ଣନା କରିଥିବା ଅଳଙ୍କାରଗୁଡ଼ିକ ମଧ୍ୟରୁ ଗୋଟିଏ ଅଳଙ୍କାର କୃଷ୍ଣ ପିନ୍ଧି ନାହାନ୍ତି । ସେ ଚାହୁଁଥିଲା କୃଷ୍ଣଙ୍କ ଆଭରଣ ମଧ୍ୟରେ ନଥିବା ସେଇ ଅଳଙ୍କାରକୁ ସେ ଚୋରି କରି ହଉ ପଛେ ଆଣିବ, ତାଙ୍କୁ ପିନ୍ଧାଇବ ଏବଂ ତାଙ୍କର ଅପରୂପ ଲାବଣ୍ୟକୁ ହୃଦୟଭରି ଦେଖି ଆନନ୍ଦ ପାଇବ । ତେଜୋମୟ ଅଂଶୁମାନଙ୍କୁ ଜୀମୂତ ଆଚ୍ଛନ୍ନ କଲା ଭଳି ଚୋରର ମନକୁ ପୁଣିଥରେ ଦୁଷ୍ଟଚିନ୍ତା କବଳିତ କଲା । ସେ ବାଳକ ଦୁଇଟିକୁ ହତ୍ୟା କରିବାକୁ ଅଗ୍ରସର ହେଲା ।

"ରହ" ବୋଲି ଚିତ୍କାର କରି ସେ କୃଷ୍ଣଙ୍କ ହାତ ଧରିଲା । କୃଷ୍ଣଙ୍କ ଦିବ୍ୟ ହସ୍ତ ସ୍ପର୍ଶ କରିବା ମାତ୍ରକେ ତା'ର ପୂର୍ବର ସମସ୍ତ କର୍ମ ଧୋଇ ହୋଇଗଲା ଏବଂସେ ପ୍ରେମପୂର୍ଣ୍ଣ ସ୍ୱରରେ ପଚାରିଲା, "ତୁମେ କିଏ ?" କୃଷ୍ଣ କହିଲେ, "ମୋ ହାତ ଛାଡ଼ ।" ତୋର ସେଇ ଦୃଷ୍ଟି ଦେଖି ମୋ ମନରେ ଭୀତି ସଞ୍ଚାର ହେଉଛି । ଚୋର କୃଷ୍ଣଙ୍କୁ କହିଲା "ମୋର ଦୂଷିତ ମନ ମୋ ମୁଖରେ ପ୍ରତିଫଳିତ ହେଉଛି ।" କୃଷ୍ଣ ଏଥର ଚୋରକୁ ପଚାରିରଲେ, "ତୁ ଯେ କାହିଁକି ଏଠାକୁ ଆସିଛୁ, ତାହା କ'ଣ ଭୁଲିଗଲୁ ? ଏଇ ନେ, ମୋର ସବୁ ଅଳଙ୍କାର ନେଇଯା ।" କ'ଣ କରିବ ବୁଝି ନ ପାରି ଚୋର ପଚାରିଲା, "ତୁମେ ଏମିତି ତୁମର ସମସ୍ତ ଅଳଙ୍କାର ମୋତେ ଦେଇଦେଲେ, ତୁମ ମା ତୁମକୁ ଗାଳି ଦେବେନି ?" କୃଷ୍ଣ ସ୍ମିତହାସ ବଦନରେ କହିଲେ, "ସେଥି ପାଇଁ ବ୍ୟସ୍ତ ହଅ ନା" । ମୋଠି ଢ଼େର ଅଳଙ୍କାର ଅଛି । ମୁଁ ତ ତୋ' ଠୁ ବଡ଼ ଚୋର, କିନ୍ତୁ ତୋ ମୋ ଭିତରେ ଗୋଟିଏ ଫରକ ରହିଛି । ମୁଁ ଯେତେ ଯାହା ଚୋରି କଲେ ବି ଯାହାଠୁ ଚୋରି କରେ

ସେ ଆଦୌ ପ୍ରତିବାଦ କରେ ନାହିଁ । ମୋତେ ସମସ୍ତେ ପ୍ରେମରେ ଚିତ୍ତଚୋର ବୋଲି ଡାକିଥାନ୍ତି । ତୁ ହୁଏତ ଜାଣି ନାହୁଁ । ତୋ ଠେ ଗୋଟିଏ ବହୁମୂଲ୍ୟ ଅଳଙ୍କାର ଅଛି, ତାହା ତୋର ଚିତ୍ତ । ମୁଁ ଏବେ ତାହା ତୋ'ଠୁ ଚୋରିକରି ମୋ ସଙ୍ଗେ ନେଇଯିବି ।" ଏତିକି କହି ଦୁଇ ବାଳକ ଅନ୍ତର୍ଦ୍ଧାନ ହୋଇଗଲେ ।

ଚୋର ଆଶ୍ଚର୍ଯ୍ୟ ହୋଇ ଦେଖିଲା, ତା କାନ୍ଧରେ ନାନା ଅଳଙ୍କାର ଭରି ରହିଥିବା ଏକ ବଡ଼ ମୁଣା ! ସେ ତାହା ଧରି ବ୍ରାହ୍ମଣଙ୍କ ଘରକୁ ଆସିଲା ଏବଂ ବ୍ରାହ୍ମଣଙ୍କୁ ସବୁକଥା ଟିକିନିଖି କହିଲା । ବ୍ରାହ୍ମଣ ତାହା ଶୁଣି ଭୟ ପ୍ରକାଶ କଲେ ଏବଂ ଚୋରକୁ ଘର ଭିତରକୁ ନେଇ ମୁଣାଟି ଖୋଲି ଦେଖିଲେ । ବିସ୍ମୟ ବିସ୍ଫାରିତ ଚକ୍ଷୁରେ ସେ ଦେଖିଲେ ଭାଗବତରେ କୃଷ୍ଣଙ୍କର ଯେଉଁ ସମସ୍ତ ଆଭୂଷଣର ବର୍ଣ୍ଣନା ରହିଛି, ସେ ସମସ୍ତ ଚୋରର ମୁଣା ମଧ୍ୟରେ ରହିଛି । ଆନନ୍ଦାଶ୍ରୁ ମୋଚନ କରି ବ୍ରାହ୍ମଣ ଚୋରକୁ ସେ ଯେଉଁଠାରେ ସେହି ନୀଳମେଘ ଶ୍ୟାମ ବାଳକକୁ ଦେଖିଲା, ସେଠାକୁ ଥରେ ନେଇଯିବାକୁ କହିଲେ । ଚୋର ବ୍ରାହ୍ମଣର କଥାମାନି ତାଙ୍କୁ ଠିକ୍ ସେଇ ସ୍ଥାନକୁ ନେଇଗଲା, ଯେଉଁଠାରେ ପୂର୍ବଦିନ ସେ ସେଇ ବାଳକଙ୍କୁ ଦେଖିଥାଏ । ହଠାତ୍ ଚୋର କହିଲା, "ଦେଖ, ଏଇ ସେ ଦୁଇ ବାଳକ ଆସୁଛନ୍ତି ।" ବ୍ରାହ୍ମଣ କିନ୍ତୁ ସେ ଦୁହିଙ୍କ ମଧ୍ୟରୁ କାହାକୁ ଦେଖି ପାରୁନଥାନ୍ତି । ମନରେ ଅବସାଦ ନେଇ ସେ କହିଲେ, "ହେ ପ୍ରଭୁ, ତୁମେ ଯଦି ଜଣେ ଚୋରକୁ ଦର୍ଶନ ଦେଉଛ, ମୋତେ କାହିଁକି ଦର୍ଶନ ଦେଉ ନାହଁ ? ତୁମେ ଯଦି ମୋତେ ଦର୍ଶନ ନ' ଦିଅ ମୁଁ ଏଇଠେ ମୋ ପ୍ରାଣ ବିସର୍ଜନ କରିବି ।" କୃଷ୍ଣ ବ୍ରାହ୍ମଣଙ୍କ କଥା ଶୁଣି କହିଲେ, "ତୁମେ ଭାଗବତକୁ ଗୋଟିଏ କାହାଣୀ ମନେ କରି ପଢୁଥାଅ । ଯେଉଁମାନେ ମୋର ସମ୍ପୂର୍ଣ୍ଣ ଶରଣାଗତ, ସେଇମାନଙ୍କୁ କେବଳ ମୁଁ ଦର୍ଶନ ଦେଇଥାଏ ।"

ଅନ୍ତରଭରି ବିଶ୍ୱାସ କଲେ ଜଣେ ଭଗବାନଙ୍କ ସାମୀପ୍ୟ ଲାଭ କରେ ।

ବିରାଟସ୍ୱରୂପ

ସମସ୍ତ ଜଗତର ବିରାଟ ସ୍ୱରୂପ ହିଁ ସେ, ଏହାପ୍ରମାଣ କରିବାକୁ କୃଷ୍ଣ ଦିନେ ଅର୍ଜ୍ଜୁନଙ୍କୁ ଏହି କାହାଣୀ ଶୁଣାଇଥିଲେ । ଦିନେ ମୁଁ ଗାଭୀମାନଙ୍କୁ ଗୋଚାରଣ ଉଦ୍ଦେଶ୍ୟରେ ନେଇଥାଏ । ଅନେକ ସମୟପରେ ମୁଁ କ୍ଷୁଧା ଅନୁଭବ କଲି । ଦୂରରେ କେଉଁ ଏକ ସ୍ଥାନରୁ ଯଜ୍ଞାନୁଷ୍ଠାନ କାଳୀନ ବେଦମନ୍ତ୍ର ଉଚ୍ଚାରଣ ମୋର କର୍ଣ୍ଣଗୋଚର ହେଲା । ସେହି ସ୍ଥାନରୁ କିଛି ଖାଦ୍ୟ ନେଇ ଆସିବା ପାଇଁ ମୁଁ ଗୋପାଳକମାନଙ୍କୁ ପଠେଇଲି । ସେମାନେ ସେଠାକୁ ଯାଇ ଯଜ୍ଞକର୍ତ୍ତା ବ୍ରାହ୍ମଣମାନଙ୍କୁ କିଛି ଖାଦ୍ୟ ମାଗିଲେ । ବ୍ରାହ୍ମଣମାନେ ସେମାନଙ୍କୁ କହିଲେ ଯେ ଯେହେତୁ ଯଜ୍ଞ ଦେବତାଙ୍କୁ ସେ ଯାଏ ଖାଦ୍ୟ ନୈବେଦ୍ୟ ଦିଆଯାଇନାହିଁ, ସେମାନେ ତାହା ଅନ୍ୟ କାହାକୁ ଦେଇପାରିବେ ନାହିଁ । ଗୋପାଳକମାନେ ଫେରି ଆସି ମୋତେ ତାହା କହିଲେ, ତାହା ଶୁଣି ମୁଁ କହିଲି

"ପୁରୁଷମାନେ କ୍ଷୁଧାର ଜ୍ୱାଳା କ'ଣ ଜାଣନ୍ତି ନାହିଁ । ଏଥର ଯାଇ ତାହା ମହିଳାମାନଙ୍କୁ ମାଗି ଆସ ।" କୃଷ୍ଣଙ୍କ କଥାମାନି ସେମାନେ ପୁଣି ଥରେ ଗଲେ । ଏଥର ସେମାନେ ପଛପଟ ଦୁଆର ଦେଇ ପୁରୁଷମାନଙ୍କ ନଜରରେ ନ ପଡ଼ି ଭିତରକୁ ପ୍ରବେଶ କଲେ । ସେମାନେ ସେଠାରେ ଥିବା ମହିଳାମାନଙ୍କୁ କହିଲେ, "ଗୋପାଳ କିଛି ଖାଦ୍ୟ ଚାହାନ୍ତି ।" ସେମାନେ ଗୋପଳ ନାମ ଶୁଣିବା ମାତ୍ରକେ ଯାହା ଖାଦ୍ୟ ଥିଲା ତାହା ଧରି ମୋତେ ଖୋଜିବା ପାଇଁ ଧାଇଁଲେ । ଏଣେ ବ୍ରାହ୍ମଣମାନେ ଯଜ୍ଞଦେବତାଙ୍କୁ ପ୍ରଥମେ ଖାଦ୍ୟ ନୈବେଦ୍ୟ ଦେବାକୁ ହେବ କହି ସେମାନଙ୍କୁ ବାରଣ କରୁଥାନ୍ତି । ମହିଳାମାନେ କିନ୍ତୁ ସେମାନଙ୍କ କଥା ନମାନି ମୋତେ ଖୋଜି ଖୋଜି ଆସୁଥାନ୍ତି । ସେମାନେ ଆଣିଥିବା ଖାଦ୍ୟକୁ ମୁଁ ବିରାଟ ସ୍ୱରୂପ, ଯେତେବେଳେ ସେବନ କଲି ଯଜ୍ଞ ଦେବତାମାନେ ସେଥିରେ ତୃପ୍ତ ହେଲେ । ଅର୍ଜୁନ, ତୁମେ ଜାଣିରଖ ଯେ ମୁଁ ହିଁ ଯଜ୍ଞ ସ୍ୱରୂପ ।

ଲୋଭୀ ବ୍ୟବସାୟୀ

ଜଣେ ନୈଷ୍ଠିକ ବ୍ରାହ୍ମଣ ଜାଳେଣୀ କାଠ ବିକ୍ରୀକରି ତାର୍ ଜୀବିକା ନିର୍ବାହ କରୁଥାଏ । ଦିନେ ସେ କାଠ ସଂଗ୍ରହ କରିବାକୁ ବାହାରିବା ସମୟରେ ଭାବିଲା "ଆସନ୍ତା କାଲି ମୋ ବାପାଙ୍କ ଶ୍ରାଦ୍ଧ । ମୁଁ ଅଧିକ କାଠ ବିକିଲେ ଯାଇ କାଲିର ଖର୍ଚ୍ଚ ପାଇଁ ଯଥେଷ୍ଟ ଧନ ଅର୍ଜନ କରି ପାରିବି ।" ଶେଷରେ ସେ ଏତେ କାଠ ସଂଗ୍ରହ କଲା ଯେ ତାହା ବୋହିବା ତା' ପକ୍ଷରେ ଅସମ୍ଭବ ହେଲା । ନିଜର ଅସୁବିଧା ଯୋଗୁ ଦୁଃଖ କରି ସେ ସାହାଯ୍ୟ ପାଇଁ ଭଗବାନଙ୍କୁ ଡାକିଲା । ସେହି ସମୟରେ ଜଣେ ପଥିକ ତା' ପାଖକୁ ଆସି ସେ ପାନ ଓ ଗୁଆ ଧରିଛି କି ବୋଲି ତାକୁ ପଚାରିଲା । ବ୍ରାହ୍ମଣ ସେହି ପଥିକକୁ ତାର କାଠବିଡ଼ାକୁ ମୁଣ୍ଡରେ ରଖି ଦେବା ପାଇଁ କହିଲା । ପଥିକ ବ୍ରାହ୍ମଣକୁ ଏଥିରେ ସାହାଯ୍ୟ କଲା । ଉଭୟେ କଥାବାର୍ତ୍ତା ହୋଇ ସହର ଆଡ଼କୁ ଚାଲିଲେ । ସହର ମୁହଁରେ ଏକ ଗଣେଶ ମନ୍ଦିର ଥାଏ । ମନ୍ଦିରର ମଣ୍ଡପରେ ଜଣେ ବ୍ୟବସାୟୀ ବସିଥାଏ । ସେ ହଠାତ୍ ଶୁଣିପାରିଲା, ଭଗବାନ ଶିବ ଗଣେଶଙ୍କୁ କହୁଥାନ୍ତି "ଏହି ଦିଗରେ ଯେଉଁ ବ୍ରାହ୍ମଣ ଆସୁଛି, ତାକୁ ତୁମେ ଆଜି ସନ୍ଧ୍ୟା ସୁଦ୍ଧା ଏକ ହଜାର ମୁଦ୍ରା ଦେବାକୁ ହେବ।" ବ୍ୟବସାୟୀ ଏକଥା ଶୁଣି ବ୍ରାହ୍ମଣ ସେଠାରେ ପହଞ୍ଚିବା ଯାଏ ଅପେକ୍ଷା କରି ରହିଥାଏ । ବ୍ରାହ୍ମଣ ସେଠାରେ ପହଞ୍ଚିବା ମାତ୍ରକେ ବ୍ୟବସାୟୀ ତା' ନିକଟକୁ ଯାଇ କହିଲା, "ଭାଇ, ତୁମକୁ ଯଦି ପଇସା ଦରକାର ଥାଏ ମୁଁ ତୁମକୁ ତାହା ଦେବି, କିନ୍ତୁ ଗୋଟିଏ ସର୍ତ୍ତରେ । ଆଜି ସନ୍ଧ୍ୟା ସୁଦ୍ଧା ତୁମେ ଯେତେ ପଇସା ପାଇବ, ତାହା ମୋତେ ଦେଇଦେବାକୁ ପଡ଼ିବ।" ନିରୀହ ବ୍ରାହ୍ମଣ ବ୍ୟବସାୟୀକୁ କହିଲା, "ଭାଇ, ମୁଁ ପଇସା ପାଇବି କେଉଠୁ ଯେ ତୁମକୁ ଦେବି ? ଆଜି ମୁଁ ଏଇ କାଠ ବିକି ଯାହା ପାଇବି ତାହା ହିଁ ହେବ ମୋର ଆୟ । ତେଣୁ ତୁମେ ପଇସା ଦେଲେ ମୁଁ ତାହା ଶୁଝିବି କିମିତି ? ନା, ଥାଉ, ମୋତେ

ତୁମର ପଇସା ଦରକାର ନାହିଁ ।” କିନ୍ତ ବ୍ୟବସାୟୀ ଛାଡୁନଥାଏ । ସେ ବ୍ରାହ୍ମଣଙ୍କୁ ପଚାଶଟି ସ୍ୱର୍ଣ୍ଣମୁଦ୍ରା ଦେଇ ତାକୁ ସନ୍ଧ୍ୟା ସୁଦ୍ଧା ସେ ଯେତିକି ଅର୍ଜ୍ଜନ କରିବ ସେତିକି ଦେଇ ଦେବାପାଇଁ ବୁଝେଇଲା ।

ପଚାଶଟି ସ୍ୱର୍ଣ୍ଣମୁଦ୍ରା ପାଇବା ଯୋଗୁଁ ବ୍ରାହ୍ମଣର ଆନନ୍ଦ କହିଲେ ନସରେ । ସେ ଭାବିଲା ଯେ ଏଥର ସେ ତା'ର ବାପାଙ୍କ ଶ୍ରାଦ୍ଧ ଓ କ୍ଷୁଧାର୍ତ୍ତଙ୍କୁ ଅନ୍ନଦାନ କରି ପାରିବ । ବ୍ୟବସାୟୀ ସେଠାରେ ଅନେକ ସମୟ ଅପେକ୍ଷା କରିଥାଏ କିନ୍ତୁ ବ୍ରାହ୍ମଣଙ୍କୁ ପଇସା ଦେବା ପାଇଁ ଜଣେ ହେଲେ ଆସିଲେ ନାହିଁ । ବ୍ୟସ୍ତ ହୋଇ ବ୍ୟବସାୟୀ ବ୍ରାହ୍ମଣର ହାତ ଧରି ତାକୁ ମନ୍ଦିର ଭିତରକୁ ଟାଣି ନେଲା ଏବଂ ବ୍ରାହ୍ମଣକୁ ଏକ ହଜାର ସ୍ୱର୍ଣ୍ଣମୁଦ୍ରା ମିଳିବ ବୋଲି ମିଛ କହିଥିବାରୁ ବିଗ୍ରହଗୁଡ଼ିକୁ ଉଚ୍ଚ ସ୍ୱରରେ ଚିତ୍କାର କରି ଭର୍ତ୍ସନା କଲା । ସେହି ରାଗରେ ସେ ଠାକୁରଙ୍କ ପ୍ରତିମାକୁ ମଧ୍ୟ ଗୋଇଠା ମାରିବା ଆରମ୍ଭ କଲା । ସେହି ସମୟରେ ଗଣେଶଙ୍କ ଶୁଣ୍ଢ ବ୍ୟବସାୟୀର ଗୋଡ଼କୁ ଜାବୁଡ଼ି ଧରିଲା । ଭୟରେ ବ୍ୟବସାୟୀ ଚିତ୍କାର କଲା । ଏହି ଦୃଶ୍ୟ ଦେଖିବାକୁ ସେଠାରେ ଅନେକ ଲୋକ ଜମାହେଲେ । ସେହି ସମୟର ଏକ ଆକାଶବାଣୀ ଶୁଭିଲା, “ପ୍ରଥମେ ଏଇ ବ୍ରାହ୍ମଣକୁ ଏକ ହଜାର ସ୍ୱର୍ଣ୍ଣ ଦେ, ତାପରେ ତୋ ଗୋଡ଼ ଛାଡ଼ିବି” । ବ୍ୟବସାୟୀର ଅନ୍ୟ କିଛି ଉପାୟ ନଥାଏ । ସେ ବ୍ରାହ୍ମଣକୁ ଦେବାପାଇଁ ଏକ ହଜାର ସ୍ୱର୍ଣ୍ଣମୁଦ୍ରା ଯୋଗାଡ଼ କଲା । ବ୍ରାହ୍ମଣକୁ ହଜାରେ ସ୍ୱର୍ଣ୍ଣମୁଦ୍ରା ଦେବାପରେ ଗଣେଶ ବ୍ୟବସାୟୀର ଗୋଡ଼କୁ ଛାଡ଼ିଲେ । ବ୍ରାହ୍ମଣ ଖାଲି ହଜାରେ ସ୍ୱର୍ଣ୍ଣମୁଦ୍ରା ପାଇଲା ନାହିଁ, ତାହା ସଙ୍ଗେ ଆଉ ପଚାଶ ସ୍ୱର୍ଣ୍ଣମୁଦ୍ରା ଅଧିକ ପାଇଲା ।

ଭଗବାନ ଯେ କିଭଳି ଓ କେଉଁ ରୂପରେ ଭକ୍ତର ସାହା ହୁଅନ୍ତି ତାହା କେହି କହି ପାରିବେ ନାହିଁ ।

ଭାବ

ଥରେ ଏକ ଗୋପୀ କିଛି ମିଠା ଆମ୍ବ ଧରି କୃଷ୍ଣଙ୍କୁ ଅପେକ୍ଷା କରି ରହିଥାଏ ଆଉ ଏକ ଗୋପୀ ଏକ ଖଟା ଆମ୍ବଧରି କୃଷ୍ଣଙ୍କୁ ଅପେକ୍ଷା କରିଥାଏ । କୃଷ୍ଣ ସେଠାକୁ ଆସି ଉଭୟ ମିଠା ଓ ଖଟା ଆମ୍ବ ମନ ଆନନ୍ଦରେ ଖାଇଲେ । ଆମ୍ବର ସ୍ୱାଦ ଜାଣିବାପାଇଁ କୃଷ୍ଣଙ୍କ ସଖା କୃଷ୍ଣଙ୍କୁ ସେଇ ଆମ୍ବରୁ ଖଣ୍ଡିଏ ଦେବାକୁ କହିଲେ । ଆମ୍ବକୁ ଜିଭରେ ଦେବା ମାତ୍ରକେ ସେ କୃଷ୍ଣଙ୍କୁ ପଚାରିଲେ, “ଏମିତି ଖଟା ଆମ୍ବକୁ ତୁମେ ମନ ଆନନ୍ଦରେ ଖାଉଛ କେମିତି ?” କୃଷ୍ଣ ଉତ୍ତର ଦେଲେ, “ମୋତେ ଯିଏ ଯାହା ଦିଏ ତାହା ପଛରେ ତା'ର ଭାବକୁ ମୁଁ ଦେଖିଥାଏ । ରସ ଆସେ ଭାବରୁ, ପଦାର୍ଥ ଯେମିତି ସେମିତି ଥାଏ ।”

ଭଗବାନ ଭାବପ୍ରିୟ ।

ବ୍ରହ୍ମଗଣ୍ଠି

ଜଣେ ରାଜାଙ୍କ ଗୋଟିଏ ଝିଅ ଥାଏ । ରାଜାଙ୍କ ଉଆସରେ ଜଣେ ରୋଷେୟାକୁ ଖାଦ୍ୟ ରନ୍ଧନ କରି ପରସିବାର ଦାୟିତ୍ୱ ଦିଆ ଯାଇଥାଏ । ଦିନେ ରୋଷେୟା ବାହାରେ ବୁଲୁଥିବା ସମୟରେ ଦେଖିଲା ଜଣେ ଲୋକ ଗଦାଏ ହେବ ପଇତା ଉପରେ ବସିଛି । ଲୋକଟି ପଇତା ଗଣ୍ଠି ପକାଇବାରେ ବ୍ୟସ୍ତ ଥାଏ । ଲୋକଟି କ'ଣ କରୁଛି ଜାଣିବାପାଇଁ ରୋଷେୟା ମନରେ କୌତୂହଳ ହେଲା । ସେ ଯାଇ ଯେତେବେଳେ ସେଇ ଲୋକକୁ ତାହା ପଚାରିଲା, ସେ ଉତ୍ତର ଦେଲା, "ମୁଁ ହେଉଛି ବ୍ରହ୍ମା । ପଇତାର ସୂତ୍ରଗୁଡ଼ିକ ହେଲେ ସବୁ ମଣିଷ । ଯାହାକୁ ମୁଁ ଯାହା ସହ ଗଣ୍ଠି ପକାଇବି ସେମାନେ ପରସ୍ପରକୁ ବିବାହ କରିବେ ।" ରୋଷେୟା ପଚାରିଲା, "ତୁମେ ମୋତେ କାହା ସହ ଗଣ୍ଠି ପକାଇଛ ?" ଲୋକଟି ଉତ୍ତର ଦେଲା, "ମୁଁ ତୁମକୁ ରାଜକନ୍ୟା ସହ ଗଣ୍ଠି ପକାଇଛି ।"

ଏକଥା ଶୁଣିବା ପରେ ରୋଷେୟା ପୁରା ବଦଳିଗଲା । ସେ ଭାବିଲା ଯେ ଯେହେତୁ ରାଜକୁମାରୀ ତା'ର ପତ୍ନୀ ହେବାକୁ ଯାଉଛି, ସେ ତାକୁ ଆଉ ସମ୍ମାନ ଦେଖାଇବା ଅନାବଶ୍ୟକ । ସେ ଖୁବ୍ ଉଦ୍ଧତ ହେବାକୁ ଲାଗିଲା । ଦିନେ ରାଜକୁମାରୀ ତା' ଉପରେ କ୍ରୋଧ ପ୍ରକାଶକରି ତାର ମୁଣ୍ଡକୁ ଗୋଟିଏ ବେଲଣା ସାହାଯ୍ୟରେ ପ୍ରହାର କଲା । ତା' ମୁଣ୍ଡରୁ ରକ୍ତ ବୋହିଲା । ସୈନିକମାନେ ତାକୁ ଆହୁରି ପ୍ରହାର ଦେଇ ରାଜାଙ୍କ ପାଖକୁ ନେଇଗଲେ । ଘଟଣାର ସମସ୍ତ ବିବରଣୀ ଶୁଣି ରାଜା ତାକୁ ରାଜ୍ୟରୁ ବହିଷ୍କାର କରିବାର ଆଦେଶ ଦେଲେ । ଶ୍ରାନ୍ତ କ୍ଲାନ୍ତ ହୋଇ ରୋଷେୟା ପଡ଼ୋଶୀ ରାଜ୍ୟରେ ପ୍ରବେଶ କଲା । ସେହି ରାଜ୍ୟର ରାଜା ଅପୁତ୍ରିକ ହୋଇ ମୃତ୍ୟୁବରଣ କରିଥାନ୍ତି । ରାଜ୍ୟର ପରମ୍ପରା ଅନୁଯାୟୀ ଗୋଟିଏ ହାତୀର ଶୁଣ୍ଢରେ ଫୁଲମାଳ ଦେଇ ତାକୁ ମୁକ୍ତଭାବେ ଛାଡ଼ି ଦିଆଗଲା । ସେଇ ହାତୀ ଯାହାର ଗଳାରେ ମାଳା ଦେବ ସେ ନୂଆ ରାଜା ହେବ । ହାତୀଟି ସହର ବାହାରକୁ ଆସି ଯେଉଁଠାରେ ରୋଷେୟା ଶୋଇଥାଏ ସେଠାରେ ପହଞ୍ଚିଲା ଏବଂ ତାର ଗଳାରେ ଫୁଲମାଳ ଦେଇଦେଲା । ରୋଷେୟା ଏଭଳି ଭାବେ ରାଜା ହେଲା । କିଛି ବର୍ଷ ବିତିଗଲା । ପଡ଼ୋଶୀ ରାଜା ତାଙ୍କର କନ୍ୟା ପାଇଁ ଏକ ବର ଖୋଜିବା ଆରମ୍ଭ କଲେ । ସେ ଅନେକ ରାଜକୁମାରଙ୍କ ଛବି ଦେଖିବାକୁ ଚାହିଁଲେ । ରାଜା ହୋଇଥିବା ରୋଷୟାର ଛବି ମଧ୍ୟ ଅଣାଗଲା । ରାଜକୁମାରୀ ତାକୁ ହିଁ ବିବାହ କରିବାକୁ ଇଚ୍ଛା କଲା । ଖୁବ୍ ଜାକ୍‌ଜମକ୍‌ରେ ବିବାହ ସମ୍ପନ୍ନ ହେଲା । ସେ ସମୟର ପ୍ରଥା ଥିଲା ବର କନ୍ୟାକୁ ଖାଦ୍ୟ ପରସିବ । ତେଣୁ ସେ ଖୁବ୍ ଭୟଭୀତ ହୋଇ ଖାଦ୍ୟ ପରସୁଥାଏ । ତାର ଏଭଳି ନମ୍ର ବ୍ୟବହାରରେ ଅସ୍ୱସ୍ତି ବୋଧ କରୁଥିବା ରାଜକୁମାରୀ ସେ କାହିଁକି ଏଭଳି ବ୍ୟବହାର କରୁଛି ବୋଲି ତାକୁ ପଚାରିଲା । ରୋଷେୟା ଉତ୍ତର ଦେଲା, "ମୋତେ ଭୟ ଲାଗୁଛି, ହୁଏତ ତୁମ ହାତର

ବେଲଣା ମାଡ଼ ମୁଁ ପୁଣି ଖାଇବି ।" ଅନୁତପ୍ତ ରାଜକୁମାରୀ ତା'ର ପତିଙ୍କୁ ସେଥି ପାଇଁ କ୍ଷମା ମାଗିଲା ।

ସତରେ ପ୍ରଜାପତି ଘଟସୂତ୍ର ସ୍ୱର୍ଗଲୋକରେ ସ୍ଥିର ହୋଇଥାଏ ।

ମୂଳସତ୍ତା

ଜଣେ ଭିକ୍ଷୁ ଆସି ଗୋଟିଏ ଗାଁରେ କିଛି ଦିନ ପାଇଁ ରହିଥାଏ । ସେ ଶାସ୍ତ୍ର ନିର୍ଦ୍ଧାରିତ ବିଧି ବିଧାନରେ ଧୁରନ୍ଧର ଥାଏ ଏବଂ ନିର୍ଭୁଲ ଭାବେ ବେଦ ଉଚ୍ଚାରଣ କରିପାରୁଥାଏ । କେହି ଯଦି ତାକୁ ତା'ର ଜାତି କ'ଣ ବୋଲି ପ୍ରଶ୍ନ କରନ୍ତି ସେ ନିଜକୁ ବ୍ରାହ୍ମଣ କହୁଥାଏ । କିନ୍ତୁ ଗାଁର ଲୋକଙ୍କର ଏଥିରେ ବିଶ୍ୱାସ ହେଉ ନଥାଏ ଏବଂ ସେମାନେ ସେ ମିଛ କହୁଛି ବୋଲି ସନ୍ଦେହ କରୁଥାନ୍ତି। ଦିନେ ସେ ଜଣେ ବ୍ରାହ୍ମଣର ଘରେ ବିଶ୍ରାମ ନେଉଥିବା ସମୟରେ ବ୍ରାହ୍ମଣର ପତ୍ନୀ ଭାବିଲା ଯେ ସେ ଅସଲ କଥା କ'ଣ ବାହାର କରି ସନ୍ୟାସୀର ମିଛ ଧରେଇ ଦେବ । ସେ ଦିନ ଖାଇସାରି ସମସ୍ତେ ଶୋଇ ପଡ଼ିଲେ । ଥକି ଯାଇଥିବା ସନ୍ନ୍ୟାସୀ ମଧ୍ୟ ଶୋଇପଡ଼ିଲେ । ସେ ଗାଢ଼ ନିଦରେ ଶୋଇଥିବା ସମୟରେ ବ୍ରାହ୍ମଣପତ୍ନୀ ତା' ପାଦର ତଳିପାରେ ଗୋଟି ଲାଲ୍ ଟକ୍ ଟକ୍ ଗରମ ଲୁହା ଛଡ଼ ଲଗେଇ ଦେଲା । ଭିକ୍ଷୁ ହଠାତ୍ ସେ ବିଶ୍ୱାସ କରୁଥିବା ଇଷ୍ଟଙ୍କର ନାମ ଚିତ୍କାର କରି ନିଦରୁ ଉଠି ପଡ଼ିଲା ଏବଂ ସେ ପ୍ରକୃତରେ ଯେ ଜଣେ ଭଣ୍ଡ ତାହା ପ୍ରମାଣିତ ହୋଇଗଲା ।

ଯାହାର ମୂଳସତ୍ତା ଯାହା, ତାକୁ ନା ବଦଳେଇ ହେବ ନା ଲୁଚେଇ ହେବ, ନା ଚପେଇ ହେବ ।

ଗୋଟିଏ ଭଲ କାମରୁ ଆରମ୍ଭ କର

ଦିନେ ଜଣେ ଚୋର ଜଙ୍ଗଲ ଭିତର ଦେଇ ଯାଉଥିବା ସମୟରେ ଗୋଟିଏ ଗଛତଳେ ଜଣେ ଯୋଗୀ ବସିଥିବା ଦେଖିଲା । ସେ ଦେଖିଲା । ଯେ ସେଇ ଯୋଗୀଙ୍କୁ ସମସ୍ତେ ପୂଜା କରି ତାଙ୍କର ଉପଦେଶ ନେଉଛନ୍ତି । ଚୋର ମଧ୍ୟ ତାକୁକିଛି ଉପଦେଶ ଦେବା ପାଇଁ ପ୍ରାର୍ଥନା କଲା । ଯୋଗୀ ସେ କ'ଣ କରେ ବୋଲି ତାକୁ ପଚାରିଲେ । ଚୋର କହିଲା, "ମୁଁ ଚୋରି କରେ, ମିଛ କହେ, ଆଉ ଜୁଆ ଖେଳେ ।" ଯୋଗୀ କହିଲେ, ସେ ଏମିତି ଲୋକକୁ କିଛି ଉପଦେଶ ଦେଇ ପାରିବେ ନାହିଁ । ଚୋର କିନ୍ତୁ ଜିଦ୍ ଧରିଥାଏ ଯେ ତାକୁ କିଛି ଏକ ଉପଦେଶ ଦେବାକୁ ହେବ । ଯୋଗୀ ଏଥର ଏକ ସର୍ତ୍ତ ରଖି କହିଲେ ଯେ ଯଦି ସେ ତାର ତିନୋଟି କୁଅଭ୍ୟାସରୁ ଗୋଟିକୁ ଛାଡ଼ିଦେବ, ତେବେ ସେ ତାକୁ ଉପଦେଶ ଦେବେ । ଚୋର କହିଲା, "ଗୁରୁଜୀ ମୁଁ ଚୋରି

ଛାଡ଼ିଦେଲେ ପେଟ ପୋଷି ପାରିବି ନାହିଁ । ଦିନରେ ଯେହେତୁ ମୁଁ କୁଆଡ଼େ ଯାଏ ନାହିଁ, ଜୁଆ ଖେଳି ମୋ ସମୟ ବିତେଇଥାଏ, କିନ୍ତୁ ମୁଁ ଆପଣଙ୍କୁ କଥା ଦେଉଛି ଏଥର ଆଉ ମିଛ କହିବି ନାହିଁ ।” ଯୋଗୀ ଚୋରକୁ ଉପଦେଶ ଦେଲେ । ସେଦିନ ରାତିରେ ଚୋର ଠିକ୍ କଲା ଯେ ସେ ରାଜାଙ୍କ ଉଆସ ଭିତରୁ ଚୋରି କରିବ । ଛାତ ଉପରେ ପଦଚାରଣ କରୁଥିବା ରାଜା ଚୋର ଉଆସ ଭିତରକୁ ପ୍ରବେଶ କରୁଥିବା ଦେଖି ପାରିଲେ । ରାଜାଙ୍କ ମନକୁ ଏକ ଖିଆଲ ଜୁଟିଲା । ସେ ଚୋରକୁ ପାଖକୁ ଡାକିଲେ । ରଜା ଚୋରକୁ କହିଲେ ଯେ ସେ ମଧ ଜଣେ ଚୋର ଏବଂ ତାଙ୍କ ପାଖରେ ସିନ୍ଦୁକର ଚାବି ଅଛି । ସେମାନେ ଦୁହେଁ ମିଶି ଚୋରି କଲେ ଯାହା ମିଳିବ ତାହା ସମାନ ସମାନ ବାଣ୍ଟି ନେଇ ପାରିବେ । ଚୋର ବିଚରା ସେ ପ୍ରସ୍ତାବରେ ରାଜି ହେଲା ଏବଂ ସେମାନେ ସିନ୍ଦୁକ ଭିତରେ ଯାହାଥିଲା ସବୁ ଲୁଟିନେଲେ । ସିନ୍ଦୁକରେ ଗୋଟିଏ ବାକ୍ସ ଭିତରେ ତିନୋଟି ବଡ଼ ହୀରା ଥାଏ, ଚୋର ତାହା ଦେଖି କହିଲା, “ଚାଲ, ଆମେ ଦୁହେଁ ଏଥିରୁ ଗୋଟିଏ ଗୋଟିଏ ହୀରା ନେବା, ଆଉ ବିଚରା ରାଜା ପାଇଁ ଗୋଟିଏ ହୀରା ଛାଡ଼ି ଯାଇଥିବା” । ରାଜା ଚୋରକୁ “ମୋ ଭାଗଟି ମଧ ତୋ’ ପାଖରେ ଥାଉ, କାଲି ମୁଁ ତୋଠୁ ନେଇଯିବି” କହି ତାଠୁ ତାର ଠିକଣା ପଚାରି ବୁଝିଲେ ।

ପରଦିନ ରାଜକୋଷ ରାତିରେ ଚୋରି ହୋଇଯାଇଛି ବୋଲି ନଅରରେ ଚହଳ ପଡ଼ିଗଲା । କ’ଣ କ’ଣ ଚୋରି ଯାଇଛି ଦେଖି ଜଣାଇବାପାଇଁ ରାଜା ମନ୍ତ୍ରୀକୁ ପଠେଇଲେ । ମନ୍ତ୍ରୀ ସିନ୍ଦୁକ ଖୋଲି ଦେଖିଲା ଯେ ଗୋଟିଏ ହୀରା ଛାଡ଼ି ଆଉ ସବୁ ଚୋରି ହୋଇଯାଇଛି । ମନ୍ତ୍ରୀ ମନେମନେ ଭାବିଲା, “ସିନ୍ଦୁକରେ ଗୋଟିଏ ହୀରା ରହି ଯାଇଛି ବୋଲି ମୁଁ ବା କାହିଁକି ରାଜାଙ୍କୁ ଜଣେଇବି ? ସିନ୍ଦୁକରେ କିଛି ନଥିଲା ବୋଲି କହିଲେ ବି କେହି ସତ ଯେ କ’ଣ ତାହ ଜାଣି ପାରିବେ ନାହିଁ ।” ଏହା ଭାବି ମନ୍ତ୍ରୀ ହୀରାଟିକୁ ନେଇଗଲା ଏବଂ ରାଜାଙ୍କୁ ଆସି କହିଲା ଯେ ସିନ୍ଦୁକ ପୁରା ଖାଲି । ସୈନିକମାନେ ଚାରିଆଡ଼େ ଖୋଜାଖୋଜି କଲେ କିନ୍ତୁ କିଛି ଖୋରାକ ପାଇଲେ ନାହିଁ ।

ଏଥର ରାଜା ସେଇ ଚୋରର ଠିକଣା ସୈନିକମାନଙ୍କୁ ଦେଇ, ତାକୁ ରାଜସଭାକୁ ନେଇ ଆସିବାକୁ କହିଲେ । ରାଜାଙ୍କୁ ଦେଖିବା ମାତ୍ରକେ ଚୋର ଠଉରେଇ ପାରିଲା ଯେ ଗତକାଲି ରାତିରେ ତାହା ସହ ସାଥୀ ହୋଇ ଚୋରି କରିଥିବା ବ୍ୟକ୍ତି ହିଁ ରାଜା । ଯୋଗୀଙ୍କୁ ସେ ମିଛ କହିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବାରୁ ଚୋର ଯାହା କିଛି ଘଟି ଥିଲା ସବୁ କହିଦେଲା । ରାଜା ମନ୍ତ୍ରୀକୁ ବନ୍ଦୀ କରି ତଲାସ କରିବା ପାଇଁ ସୈନିକମାନଙ୍କୁ ଆଦେଶ ଦେଲେ । ମନ୍ତ୍ରୀଠାରୁ ତୃତୀୟ ହୀରାଖଣ୍ଡଟି ମିଳିଲା । ରାଜା କହିଲେ, “ତୋ ଭଳି ପ୍ରତାରକ ଅପେକ୍ଷା ସତ କହୁଥିବା ଏଇ ଚୋର ଭଲ” । ଏହା କହି ରାଜା ଚୋରକୁ ମନ୍ତ୍ରୀ କରିଦେଲେ । ସେହି ଦିନଠୁ ଚୋର ତା’ର ସମସ୍ତ କୁଅଭ୍ୟାସ ଛାଡ଼ି ସୁନାମ ଅର୍ଜନ କଲା । ଦିନେ ସେ ସପରିବାରେ ଯୋଗୀଙ୍କ ନିକଟକୁ ଯାଇଥାଏ । ସେ ଯୋଗୀଙ୍କୁ

ପ୍ରଣାମ କଲା । ଯୋଗୀ ତାକୁ ଚିହ୍ନି ନ ପାରି ସେ କିଏ ବୋଲି ପଚାରିଲେ । ମନ୍ତ୍ରୀ ଉତ୍ତର ଦେଲା "ଗୁରୁଜୀ ଆପଣଙ୍କୁ ମୁଁ ପ୍ରତିଜ୍ଞା କରିଥିଲି ଯେ ମୁଁ କେବେ ମିଛ କହିବି ନାହିଁ । ମୁଁ ମୋ ପ୍ରତିଜ୍ଞା ପାଳନ କରିଛି ଏବଂ ସେଥିପାଇଁ ଆଜି ଏତେ ସମ୍ମାନର ଅଧିକାରୀ ହୋଇଛି ।" ସେ ଯୋଗୀଙ୍କୁ ସବୁ କଥା ଖୋଲି କହିଲା । ଯୋଗୀ ବେଶ୍ ପ୍ରସନ୍ନ ହେଲେ ।

ଜଣେ ଯଦି ଅନ୍ତତଃ ଗୋଟିଏ କୁଅଭ୍ୟାସ ତ୍ୟାଗ କରିବାକୁ ଚେଷ୍ଟାକରେ, ତେବେ ଭଗବାନ ତାକୁ ତାର ଅନ୍ୟ ସମସ୍ତ ଦୁର୍ବଳତାରୁ ମୁକ୍ତ ହେବାକୁ ସାହାଯ୍ୟ କରି ତା' ଉପରେ କୃପା ବରଷି ଦିଅନ୍ତି ।

ସତ୍‌ସଙ୍ଗ

ହନୁମାନ ଯେତେବେଳେ ଲଙ୍କାକୁ ଗଲେ, ସେତେବେଳେ ସେ ଭାବିଲେ, ସେ ତାଙ୍କର ସ୍ୱାଭାବିକ ରୂପରେ ଲଙ୍କା ପ୍ରବେଶ କଲେ ତାଙ୍କର ସମସ୍ତ ଯୋଜନା ଭଣ୍ଡୁର ହୋଇଯିବ । ତେଣୁ ସେ ଗୋଟିଏ ମଶାର ରୂପ ନେଲେ । ସେ ଲଙ୍କାଗଡ଼ ଭିତରକୁ ପ୍ରବେଶ କରିବା ମାତ୍ରକେ ଗଡ଼ର ମୁଖ୍ୟ ଲଙ୍କିନି ହନୁମାନଙ୍କୁ ଗ୍ରାସ କରିବାକୁ ଚେଷ୍ଟା କଲା । ସଙ୍ଗେ ସଙ୍ଗେ ହନୁମାନ ବିଶାଳ ଆକାର ଧାରଣ କରି ତା'ର କପାଳରେ ମୁଷ୍ଟ୍ୟାଘାତ କଲେ । ଏଭଳି ଏକ ପବିତ୍ର ଆତ୍ମାଙ୍କର ସ୍ପର୍ଶ ପାଇବା କ୍ଷଣି ଲଙ୍କିନୀର ସମସ୍ତ ପାପ ଧୋଇ ହେଇଗଲା । ସେତେବେଳେ ସେ ହନୁମାନଙ୍କ ସମଗ୍ର ଶରୀରରେ କେବଳ ରାମଙ୍କର ରୂପକୁ ଦେଖିପାରିଲା । "ମୁଁ ମୁକ୍ତି ପାଇଗଲି" କହି ସେ ସେହିଠାରେ ତାର ମରଶରୀର ତ୍ୟାଗ କଲା ।

ମହାତ୍ମା-ମହାପୁରୁଷ ସଂସର୍ଗରେ ଆସିଲେ ସାଧାରଣ ଲୋକ ମଧ୍ୟ ଅଶେଷ ଆଧ୍ୟାତ୍ମିକ ସୁଫଳ ପାଇଥାନ୍ତି ।

ଶତରଞ୍ଜ ପଟାରେ ବାଜି

ହିମାଳୟରେ ଶିବ ପାର୍ବତୀଙ୍କୁ ଜ୍ଞାନବୋଧ ଦେଉଥାନ୍ତି ଓ ସମସ୍ତ ଦେବତା ତାହା ଶ୍ରବଣ କରିବା ଉଦ୍ଦେଶ୍ୟରେ ସମବେତ ହୋଇଥାନ୍ତି । ହିମଗିରିରେ ପ୍ରଚଣ୍ଡ ଶୀତ ଥାଏ । ପାର୍ବତୀ ଏକ ପ୍ରସ୍ତାବ ଦେଲେ ଯେ ଏକ ଭବନ ନିର୍ମାଣ କରାଯାଉ ଯେଉଁଠାରେ ଦେବତମାନେ ବସି ଜ୍ଞାନବୋଧ କରିପାରିବେ ଏବଂ ଶୀତର ପ୍ରକୋପକୁ ଅନୁଭବ କରିପାରିବେ ନାହିଁ । ଶିବ କହିଲେ "ମୁଁ କାହିଁକି ସେ ଦାୟିତ୍ୱ ନେବି ? ଆମେ ବରଂ ତାହା କରିବା ନାହିଁ ।" ପାର୍ବତୀଙ୍କର କିନ୍ତୁ ଗୋଟିଏ ଜିଦ୍ । ଶେଷରେ ଏକ ଭବନ ନିର୍ମାଣ କରାଗଲା । ଥରେ ନାରଦ ସେଠାକୁ ଆସି ଉକ୍ତ ଭବନକୁ ଦେଖି କହିଲେ,

"ଏଇ ଭବନରେ ମୂଳଦୁଆ କେବେ ପଡ଼ିଲା ?" ପାର୍ବତୀ ତାଙ୍କୁ ମୂଳଦୁଆର ସମୟ କହିଲେ । ନାରଦ କହିଲେ, "ସେଇ ମୁହୂର୍ତ୍ତରେ ଅଗ୍ନିଯୋଗଥିଲା । ତେଣୁ ଭବନଟି ଜଳିଯିବାର ଭୟ ରହିଛି ।" ପାର୍ବତୀ ଶିବଙ୍କ ନିକଟକୁ ଆସି ନାରଦ ଯାହା କହିଲେ ତାହା ବଖାଣିଲେ । ସେ କହିଲେ, "ଆପଣଙ୍କ ଅଧୀନସ୍ଥ ଅଗ୍ନି ଯଦି ମୋ ଦ୍ୱାରା ନିର୍ମିତ ଭବନକୁ ଜାଳି ଦିଏ ତାହା ମୋ ପାଇଁ ଲଜ୍ଜାର ବିଷୟ ହେବ । ଆପଣ ଅଗ୍ନିକୁ ତାହା ନ କରିବାକୁ ଆଦେଶ ଦିଅନ୍ତୁ । ସେ ଯଦି ଆପଣଙ୍କ ଆଜ୍ଞାକୁ କର୍ଣ୍ଣପାତ ନ କରିବ ତେବେ ସେ ଭବନଟି ଜାଳିବା ଆଗରୁ ମୁଁ ହିଁ ତାହା ଜାଳିଦେବି । ତେଣୁ ସେ ଯଦି ଜାଳିବାକୁ ବାହାରେ, ଆପଣ ଡମରୁ ବଜେଇବେ ଏବଂ ତାହା ଶୁଣିବା ମାତ୍ରକେ ମୁଁ ଭବନକୁ ଜାଳିଦେବି । ଆପଣଙ୍କ କଥାରେ ସେ ରାଜି ହେଲେ ଆପଣ ଆଉ ଡମରୁ ବଜାଇବା ଦରକାର ନାହିଁ ।" ଶିବ ଅଗ୍ନିର ଘରକୁ ଗଲେ । ସ୍ୱୟଂ ପରମେଶ୍ୱର ତା' ଘରକୁ ଆସିଥିବା ଦେଖି ଅଗ୍ନି ଆନନ୍ଦ ଅଭିଭୂତ ହୋଇଗଲା । ସେ ମନ-ପ୍ରାଣ ଦେଇ ତାର ମହାନ୍ ଅତିଥିଙ୍କର ସତ୍କାର କଲା । ଶିବ ତାକୁ ସେଇ ଭବନ ସମ୍ପର୍କରେ କହି ତାହାକୁ ନ ଜାଳିବା ପାଇଁ କହିଲେ । ଅଗ୍ନି ଶିବଙ୍କ ଆଜ୍ଞା ଶିରୋଧାର୍ଯ୍ୟ ବୋଲି କହିଲା । ଶିବ ତା' ଭକ୍ତିରେ ପ୍ରସନ୍ନ ହୋଇ ତାକୁ ଏକ ବରଦେଲେ ଯେ ସେ ଯାହା ଚାହିଁବ ତାହା ପୂରଣ ହେବ । ଅଗ୍ନି ଶିବଙ୍କୁ କହିଲା ଯେ ସେ ଅନେକ ଦିନ ଧରି ତାଙ୍କର ତାଣ୍ଡବ ନୃତ୍ୟ ଦେଖିବାର ସୁଯୋଗ ପାଇ ନାହିଁ, ତାହା ସେ ଦେଖିବାକୁ ଚାହେଁ । ଶିବ ତାଣ୍ଡବ ନୃତ୍ୟ ଆରମ୍ଭ କଲେ । ସେ ପାର୍ବତୀଙ୍କୁ ଦେଇଥିବା ବଚନ ଭୁଲିଗଲେ । ସେ ନୃତ୍ୟର ତାଳେ ତାଳେ ଡମରୁ ବଜାଇଲେ । ଡମରୁର ଶବ୍ଦ ଶୁଣି ପାର୍ବତୀ ନିଜେ ଭବନକୁ ଜାଳିଦେଲେ ।

ତେଣୁ ଭଗବତ୍ ସଙ୍କଳ୍ପର ବିରୁଦ୍ଧରେ କେହି କିଛି କାର୍ଯ୍ୟ କରିବା ଠିକ୍ ନୁହଁ ।

ଭକ୍ତ ପରାଧୀନ

ମାଧବ ଦାସ ନାମରେ ଭଗବାନ ଶ୍ରୀକୃଷ୍ଣଙ୍କର ଏକ ଭକ୍ତ ଥାଏ । ସେ ବିପତ୍ନୀକ ଥିଲା, ତେଣୁ ତାର ସମସ୍ତ ଧନ-ସମ୍ପଦ ଦାନ କରି ଦେବାର ମନସ୍ଥ କରିଥିଲା । ଏହି ଉଦ୍ଦେଶ୍ୟରେ ଜୀବନ ଧାରଣ ପାଇଁ ଯତ୍ କିଞ୍ଚିତ୍ ଆବଶ୍ୟକ ସେତିକି ରଖି ବାକି ସବୁ ସେ ଦାନ କରିଦେଲା । ତା' ପରେ ସେ ପୁରୀ ଯାଇ ସେଠାରେ ଜଗନ୍ନାଥ ମହାପ୍ରଭୁଙ୍କ ସେବାରେ ନିଜକୁ ସମ୍ପୂର୍ଣ୍ଣ ଭାବେ ନିୟୋଜିତ କଲା । ଦିନେ ସେ କିଛି ଆହାର ନ ପାଇ ତୀବ୍ର କ୍ଷୁଧାରେ ଯାଇ ସମୁଦ୍ର କୂଳରେ ବସିଥାଏ । ତାହା ଦେଖି, ପ୍ରଭୁ ଜଗନ୍ନାଥ ଭଗିନୀ ଶୁଭଦ୍ରାଙ୍କୁ ମନ୍ଦିରର ସବୁର୍ଣ୍ଣ ଥାଳିରେ କିଛି ସ୍ୱାଦିଷ୍ଟ ଖାଦ୍ୟନେଇ ସମୁଦ୍ର ତୀରରେ ବସିଥିବା ତାଙ୍କର ଭକ୍ତକୁ ତାହା ଦେଇ ଆସିବା ପାଇଁ ନିର୍ଦ୍ଦେଶ ଦେଲେ । ଶଭୁଦ୍ରା ସମୁଦ୍ରକୂଳକୁ ଖାଦ୍ୟ ନେଇ ଆସିବା ବେଳକୁ ମାଧବ ଦାସ ଶୋଇ ଯାଇଥାଏ । ଶୁଭଦ୍ରା ତାରି ପାଖରେ

ସୁନାଥାଳିଆକୁ ରଖି ଫେରି ଆସିଲେ । ମାଧବ ଦାସର ଯେତେବେଳେ ନିଦ ଭାଙ୍ଗେ, ସେ ତାହା ଆଗରେ ନାନା ଖାଦ୍ୟ ପରିବେଷିତ ସୁନା ଥାଳିଆକୁ ଦେଖି ମନ ଆନନ୍ଦରେ ତାହା ସେବନ କଲା । ସେ ଥାଳିଆଟି ତାରି ପାଖରେ ରଖିଥାଏ । ପରଦିନ ମନ୍ଦିରରେ ପୂଜକମାନେ ମନ୍ଦିର ଦ୍ୱାର ଖୋଲି ଦେଖିଲେ ସୁନା ଥାଳିଆଟି ନାହିଁ । ସେମାନେ ଥାଳି ଚୋରି ଯାଇଥିବା କଥା ଅଭିଯୋଗ କଲେ । ଅଭିଯୋଗ ଶୁଣି ସାରା ସହରରେ ଥାଳିଆଟି ଖୋଜାଗଲା । ସେମାନେ ସମୁଦ୍ରକୂଳରେ ବସିଥିବା ମାଧବ ଦାସ ହାତରେ ଥାଳିଆଟି ଦେଖି ସେ ତାହା ମନ୍ଦିରରୁ ଚୋରି କରି ନେଇଛି ବୋଲି ସନ୍ଦେହ କଲେ । ତାକୁ ନିର୍ଘୃମ ପ୍ରହାର ଦେଇ କାରାଗାରରେ ବନ୍ଦୀ କରିଦେଲେ ।

ସେ ଦିନ ରାତିରେ ପ୍ରଭୁ ଜଗନ୍ନାଥ ପୂଜକକୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, "ଆସନ୍ତା କାଲିଠାରୁ ମୋତେ ଭୋଗ ଚଢ଼େଇବ ନାହିଁ । ମୋତେ ତୁମର ପ୍ରସାଦ ଦରକାର ନାହିଁ, କି ପ୍ରହାର ଦରକାର ନାହିଁ ।" ବଡ଼ ଠାକୁର ତାଙ୍କ ଦେହରେ ବସିଥିବା ବେତ୍ର ପ୍ରହାର ପୂଜକକୁ ଦେଖାଇଲେ । ଠାକୁରଙ୍କ ପାଖରେ ମାଧବ ଦାସ ବସି ପ୍ରାର୍ଥନା କରୁଥାଏ କିନ୍ତୁ ତା' ଦେହରେ ଗୋଟିଏ ହେଲେ ବେ୍ରତଘାତ ଚିହ୍ନ ନଥାଏ । ପୂଜକ ଭୟରେ ଥରଥର ହୋଇ କାରଗାର ନିକଟକୁ ଧାଇଁଗଲା । ସେଠାରେ ମାଧବ ଦାସ ବସି ନାମସ୍ମରଣ କରୁଥାଏ । ତା ଦେହରେ କୌଣସି ଆଘାତର ଚିହ୍ନ ନଥାଏ । ପୂଜକ ସେ କରିଥିବା ଭୁଲ ପାଇଁ ଅନୁତାପ କଲା ଏବଂ ତାକୁ କ୍ଷମା ମାଗି କାରାଗାରରୁ ମୁକ୍ତ କଲା ଓ ଜଣେ ପଣ୍ଡିତଙ୍କର ପ୍ରାପ୍ୟ ଯଥୋଚିତ ସମ୍ମାନ ତାକୁ ଦେଲା ।

ମାଧବ ଦାସକୁ ତର୍କରେ ପରାସ୍ତ କରିବାପାଇଁ କାଶୀରୁ ଜଣେ ପଣ୍ଡିତ ପୁରୀ ଆସିଥାନ୍ତି । ସେ ତାଙ୍କୁ ମାଧବ ଦାସ ତର୍କରେ ପରାସ୍ତ କରୁବୋଲି ଆହ୍ୱାନ କଲେ । ମାଧବ ତର୍କ କରିବାକୁ ରାଜି ନ ହୋଇ କହିଲା, "ମୁଁ ପଣ୍ଡିତ ନୁହେଁ, ତେଣୁ ଯେଉଁ ପଦବୀ ମୋର ନୁହଁ, ତାକୁ ବଜାୟ ରଖିବା ମୋର ଆବଶ୍ୟକ ନାହିଁ ।" କାଶୀର ପଣ୍ଡିତ ମାଧବ ଦାସକୁ ସେ ପରାଜୟ ସ୍ୱୀକାର କରୁଛି ବୋଲି ଗୋଟିଏ କାଗଜରେ ଲେଖି ଦେବାକୁ କହିଲେ। ମାଧବ ଦାସ ତର୍କରେ ପରାସ୍ତ ହୋଇଛି ବୋଲି ଲେଖି ଦେଲା । କାଶୀରୁ ଆସିଥିବା ପଣ୍ଡିତ ସେଇ କାଗଜକୁ କାଶୀର ଅନ୍ୟ ପଣ୍ଡିତମାନଙ୍କୁ ଦେଖାଇ ତାଙ୍କୁ ଯେ କେହି ପରାସ୍ତ କରି ପାରିବେ ନାହିଁ ତାହା ପ୍ରମାଣ କରିବାକୁ ଚାହୁଁଥିଲେ । ତେଣୁ ସେ ଚିଠିଟି ନେଇ କାଶୀ ଫେରିଗଲେ ଏବଂ ସେଠାରେ ପଣ୍ଡିତମାନଙ୍କର ଏକ ସମାବେଶ ଡାକି ଚିଠିଟିକୁ ବଡ଼ପାଟିରେ ପଢ଼ି ଶୁଣାଇବାକୁ କହିଲେ । ଚିଠିକୁ କିନ୍ତୁ ଯେତେବେଳେ ପଢ଼ାଗଲା ସେଥିରେ ଲେଖା ହୋଇଥାଏ ଯେ ମାଧବଦାସ ପଣ୍ଡିତଙ୍କୁ ପରାସ୍ତ କରିଛି ।

ଏହା କ'ଣ ଈଶ୍ୱରଙ୍କ କୃପା ନୁହେଁ ? ଭଗବାନ ଚିଠିରେ ଲେଖାକୁ ବଦଳେଇ ଦେଲେ ଏବଂ ମାଧବ ଦାସକୁ ବିଜୟୀ କଲେ । ଈଶ୍ୱର କେବେ ତାଙ୍କ ଭକ୍ତର ପରାଜୟ ଚାହିଁ ନଥାନ୍ତି ।

ବ୍ୟର୍ଥ କାନ୍ଦଣା

ଜଣେ ପଣ୍ଡିତ ଗୋଟିଏ ମନ୍ଦିରରେ ପୁରାଣ ପଢ଼ି ବୁଝଉଥାନ୍ତି ଏବଂ ଅନେକ ଲୋକ ବସି ପୁରାଣ ଶୁଣୁଥାନ୍ତି । ପ୍ରତିଦିନ ଜଣେ ବିଧବା ଆସି ଆଗ ଧାଡ଼ିରେ ବସୁଥାଏ । ପଣ୍ଡିତଙ୍କର ପ୍ରବଚନ ଚାଲିଥିବା ସମୟରେ ତା' ଆଖିରୁ ଟପ୍‌ଟପ୍ ଲୁହ ଝରୁଥାଏ । ତାହା ଲକ୍ଷ୍ୟ କରି ପଣ୍ଡିତ ଭାବୁଥାନ୍ତି ସ୍ତ୍ରୀଲୋକଟି ନିଶ୍ଚିତ ରୂପେ ଜଣେ ବଡ଼ ଭକ୍ତ ହୋଇଥିବ । ପ୍ରବଚନର ଶେଷଦିନ ଠାକୁରଙ୍କର ପୂଜା ହେଲା ଏବଂ ପଣ୍ଡିତ ଚାହିଁଲେ ଯେ ତୀର୍ଥଜଳ ପ୍ରଥମେ ସେଇ ବିଧବାକୁ ଦିଆଯାଉ । ତୀର୍ଥ ଦେଇ ସାରି ସେ ବିଧବାକୁ କାହିଁକି ସେ ପ୍ରତିଦିନ କାନ୍ଦୁଥାଏ ପଚାରିଲେ । ବିଧବା କହିଲା, "ଆପଣଙ୍କ ପୋଥିପୁରାଣରୁ ମୁଁ କିଛି ବୁଝି ନାହିଁ, ତେବେ ଯେଉଁ କଳା ଡୋରିରେ ଆପଣ ପୋଥିଟି ବାନ୍ଧୁଥାନ୍ତି, ତାକୁ ଦେଖି ମୋ ସ୍ୱର୍ଗବାସୀ ସ୍ୱାମୀ ପିନ୍ଧୁଥିବା ଅଣ୍ଟାସୂତାଟି ମୋର ମନେ ପଡୁଥାଏ । ତେଣୁ ମୁଁ ବାହୁନି ବାହୁନି କାନ୍ଦୁଥାଏ ।" ବିଧବା କେଉଁଥିପାଇଁ କାନ୍ଦୁଥିଲା ଦେଖିଲ !

ଏମିତି କାନ୍ଦଣାରେ କି କେବେ ଠାକୁର କୃପା କରିବେ ?

ଉଦ୍ଧାଳକ

କନକ ସହରରେ ରହୁଥିବା ଭଦ୍ରାବତୀଙ୍କ ଗର୍ଭରୁ ଉଦ୍ଧାଳକ ଜନ୍ମ ନେଇଥାନ୍ତି । ସେ ପ୍ରକୃତି ସ୍ୱରୂପିଣୀ ରାଧାଙ୍କୁ ମାତାରୂପେ ଆରାଧନା କରୁଥାନ୍ତି । ଉଦ୍ଧାଳକ କୃଷ୍ଣ ଚୈତନ୍ୟ ଓ ନିତ୍ୟାନନ୍ଦଙ୍କୁ ରାଧାଙ୍କ ରୂପ କିମିତି ବୋଲି ପଚାରିଲେ ସେମାନେ ଉତ୍ତର ଦେଲେ ଯେ ରାଧା ଅପୂର୍ବ କାନ୍ତିଯୁକ୍ତ ଏକ ବାଳିକା ଭଳି ଦିଶିଥାନ୍ତି । ରାଧାଙ୍କୁ ଥରେ ଦର୍ଶନ କରି ତାଙ୍କର ଅର୍ଚ୍ଚନା କରିବା ପାଇଁ ଉଦ୍ଧାଳକଙ୍କ ମନରେ ପ୍ରଗାଢ଼ ଇଚ୍ଛା ଜାତ ହେଲା । ସେ ରାଧାଙ୍କୁ ଏକ ସରୋବର ତଟରେ ବସ୍ତ୍ର ପ୍ରକ୍ଷାଳନ କରୁଥିବା ଏକ ଛୋଟ ଝିଅର ରୂପରେ ଦର୍ଶନ କଲେ । ସେଇ ସରୋବର ତଟକୁ ଜଣେ ଶଙ୍ଖାରି ଆସି ପହଞ୍ଚିଲା । ଝିଅଟି ସେହି ଶଙ୍ଖାରିକୁ ଡାକି ତା' ପାଖରେ ଥିବା ଶଙ୍ଖାରୁ କିଛି ବାଛି ଦୁଇ ହାତରେ ପିନ୍ଧିଲା । ଶଙ୍ଖାରି ଶଙ୍ଖାର ପଇସା ମାଗିବାରୁ ଝିଅ ତାକୁ ଉଦ୍ଧାଳକ ଘରକୁ ଯାଇ ତାଙ୍କ ପୂଜାଗୃହରେ ଥିବା ବିଗ୍ରହର ପଛପଟେ ତାର ଶଙ୍ଖାର ଯେତିକି ମୂଲ୍ୟ ସେତିକି ପଇସା ଅଛି ବୋଲି ଉଦ୍ଧାଳକଙ୍କୁ କହିବାକୁ କହିଲା । ଶଙ୍ଖାରିର ମନରେ ସନ୍ଦେହ ହେଲା ଏବଂ ସେ ପଚାରିଲା ଉଦ୍ଧାଳକ ଯଦି ପଇସା ନ ଦିଏ ସେ କ'ଣ କରିବ ? ଝିଅଟି କହିଲା ତା' ହେଲେ ସେ ନେଇଥିବା ସବୁ ଶଙ୍ଖା ତାକୁ ଫେରେଇ ଦେବ । ଅନ୍ୟ କିଛି ବାଟ ନ ପାଇ ଶଙ୍ଖାରି ଉଦ୍ଧାଳକଙ୍କ ଘର ଖୋଜି ଖୋଜି ସେଠାରେ ପହଞ୍ଚିଲା । ସେ ଉଦ୍ଧାଳକଙ୍କୁ ପୁଷ୍କରିଣୀ ତଟରେ ଥିବା ଝିଅ ତାକୁ କ'ଣ କହିଛି ସବୁ କହିଲା । ଉଦ୍ଧାଳକ

ପୂଜାଘରକୁ ଯାଇ ଦେଖନ୍ତି, ସତକୁ ସତ ଶଙ୍ଖାରିର ଯେତିକି ପ୍ରାପ୍ୟ ସେତିକି ପଇସା ସେଠାରେ ଅଛି । ତାହା ଦେଖି ଉଦ୍ଦାଳକ ଆଶ୍ଚର୍ଯ୍ୟ ହେଉଥାନ୍ତି । ଝିଅଟି ଏ କଥା ଜାଣିଲା କିମିତି ? ସେ ତ କେବେ କାହାକୁ ତାଙ୍କ ପୂଜାଘରକୁ ପ୍ରବେଶ କରିବାକୁ ଦେଇନାହାନ୍ତି । ଯାହା ହଉ ନା କାହିଁକି, ଉଦ୍ଦାଳକ ଶଙ୍ଖାଳିକୁ ତାର ପ୍ରାପ୍ୟ ଦେଇ ସେଇ ଝିଅଟି କିଏ ହୋଇଥିବ ଜାଣିବା ପାଇଁ ତଟକୁ ଗଲେ । ପୁଷ୍କରିଣୀ ମଧ୍ୟରେ ତାକୁ କେବଳ ଶଙ୍ଖାରେ ଭାରି ହୋଇଥିବା ଦୁଇଟି ହାତ ଦିଶିଲା । ଗଭୀର ଭକ୍ତିରେ ସେ ସେଇ ଦୁଇ ହାତକୁ ପ୍ରାର୍ଥନା କଲେ । ରାଧା ତାର ପ୍ରାର୍ଥନା ଶୁଣି ଜଳଗର୍ଭରୁ ଉଠି ତାକୁ ଦର୍ଶନ ଦେଲେ । ଉଦ୍ଦାଳକଙ୍କ ଆନନ୍ଦ ଭାଷାରେ କହି ହେବ ନାହିଁ ।

ପ୍ରେମ ଭକ୍ତି

ଜୟପୁର ସହରରେ ଦେବେଶୀ ନାମରେ ଜଣେ ଭକ୍ତ ଥାଏ । ସେ ସହରର ରାଧାକୃଷ୍ଣ ମନ୍ଦିରରେ ପୂଜା ଅର୍ଚ୍ଚନା କରୁଥାଏ । ପ୍ରତିଦିନ ସନ୍ଧ୍ୟାରେ ପୂଜା ସାରି ସେ ଠାକୁରଙ୍କର ଶୟନୋତ୍ସବ (ପହଡ଼) କରେ ଏବଂ କିଛି ଫୁଲ ପ୍ରସାଦ ରୂପେ ନେଇ ନିଜ ମଥାରେ ମାରେ । ଦିନେ ସେ ମନ୍ଦିର ଛାଡୁଛି, ମହାରାଜ ରାଣା ସେଠାରେ ଆସି ପହଞ୍ଚିଲେ । ଦେବେଶୀ ଯେହେତୁ ସବୁତକ ଫୁଲ ନିଜ ମୁଣ୍ଡରେ ମାଖି ଦେଇଥାଏ, ରାଜାଙ୍କୁ ଦେବାପାଇଁ ତା' ପାଖରେ ଆଉ ଫୁଲ ନଥାଏ । ଦେବେଶୀ ମନ୍ଦିରର ଗୋଟିଏ ଖମ୍ଭ ପାଖକୁ ଯାଇ ସେ ଲଗେଇଥିବା ମଲ୍ଲୀମାଳରୁ ଗୋଟିଏ ମଲ୍ଲୀ ଛିଡ଼େଇ ତାହା ରାଜାଙ୍କୁ ପ୍ରସାଦ ରୂପରେ ଦେଲା । ରାଣା ଦେଖିଲେ, ଫୁଲରେ କିଛି ଧଳା ବାଳ ଲାଗି ରହିଛି । ରାଣା ଦେବେଶୀକୁ ପଚାରିଲେ, "କ'ଣ କୃଷ୍ଣଙ୍କର କଳା ବାଳ ଧଳା ହୋଇଗଲା ?" ଭୟରେ ଦେବେଶୀ ରାଣାଙ୍କର ପ୍ରଶ୍ନରେ "ହଁ" ଭରିଲା । ରାଣା କହିଲେ ଯେ ସେ ଦେବେଶୀ ସତ କହୁଛି ନା ମିଛ କହୁଛି ଜାଣିବା ପାଇଁ ପୁଣି ଥରେ ସକାଳେ ପୂଜା ସମୟରେ ଆସିବେ । ଜଗତ୍‌କର୍ତ୍ତାଙ୍କୁ ଜରାଯୁ କରିଦେବାର ଅପବାଦ ମୁଣ୍ଡଉଥିବାରୁ ଦେବେଶୀ ଦୁଃଖରେ ଭୋ ଭୋ କାନ୍ଦୁଥାଏ । ପରଦିନ ସକାଳେ ସେ ମନ୍ଦିରର ମୁଖ୍ୟଦ୍ୱାର ଖୋଲି ଦେଖିଲା କୃଷ୍ଣଙ୍କର ବାଳ ସତରେ ଧଳା ହୋଇ ଯାଇଛି । ତାର ମିଛକୁ ସତ କରିବାପାଇଁ କୃଷ୍ଣ ଯେ କିପରି ନିଜକୁ ବିକୃତ କରି ଦେଇଛନ୍ତି, ତାହା ସେ ଦେଖି ପାରନ୍ତୁଥାଏ । ସେ ସେହିଠାରେ ମୂର୍ଚ୍ଛା ହୋଇ ତଳେ ପଡ଼ିଗଲା । ରାଣା ମନ୍ଦିରକୁ ଆସି କୃଷ୍ଣଙ୍କ ପ୍ରତିମାରେ ତାଙ୍କର ପକ୍ୱକେଶ ଦେଖିଲେ । ସେ ଭାବିଲେ ଦେବେଶୀ ତାର ମିଛକୁ ଘୋଡ଼େଇବା ପାଇଁ କୃଷ୍ଣଙ୍କ ମଥାରେ ନକଲି କେଶ ଲଗେଇ ଦେଇଛି । ତାହା ଜାଣିବାପାଇଁ ସେ ଯେତେବେଳେ କୃଷ୍ଣଙ୍କର ମଥାର କେଶ ଟାଣନ୍ତି, କୃଷ୍ଣଙ୍କ ମଥାରୁ ରକ୍ତ ଝରିବାକୁ ଲାଗିଲା ।

ଭକ୍ତ ପାଇଁ ଭଗବାନ ଦୁଃଖ ବରଣ କରିଥାନ୍ତି ।

ସମୟ ଓ ଜୁଆର

କନ୍ନପ୍ପା ନାମରେ ବ୍ୟାଧ କିଛି ଏକ ଶିକାର ଅପେକ୍ଷାରେ ଗୋଟିଏ ବେଲ ଗଛ ଉପରେ ବସିଥାଏ । ସେଇ ଗଛର ଠିକ୍ ମୂଳରେ ଗୋଟିଏ ଶିବ ଲିଙ୍ଗ ଥାଏ । ସାରାରାତି ଶିକାର ପାଇଁ ଜଗିଥିବା କାନ୍ନାପ୍ପା ବିରକ୍ତି ବୋଧ କରି ଗଛରୁ ଗୋଟିଏ ଗୋଟିଏ ବେଲପତ୍ର ଛିଣ୍ଡଉଥାଏ ଓ ସେଗୁଡ଼ିକୁ ତଳେ ପକଉଥାଏ । ପତ୍ରଗୁଡ଼ିକ ସିଧା ଯାଇ ତଳେ ଥିବା ଶିବଲିଙ୍ଗ ଉପରେ ପଡୁଥାଏ ।

ସିନ୍ଦୁରା ଫାଟିଲା, କାନ୍ନାପ୍ପା ଖାଲି ହାତରେ ଘରକୁ ଫେରିଲା । ଘରେ ପହଞ୍ଚିବା ମାତ୍ରକେ ତାର ସ୍ତ୍ରୀ ତାକୁ ଆନନ୍ଦରେ ଘର ଭିତରକୁ ନେଇ କହିଲା ଯେ ଘରସାରା ଅଦୃଶ୍ୟଭାବେ କୁଆଡୁ ମାଂସ ଆସି ଜମା ହୋଇଛି । ସେ ତାକୁ ଭୋଜନ ପାଇଁ ପ୍ରସ୍ତୁତ ହେବାକୁ କହିଲା । କନ୍ନପ୍ପା ଖାଇବା ପାଇଁ ବସିଛି, ଗୋଟିଏ କୁକୁର ଆସି ତା' ପତ୍ରରୁ ମାଂସତକ ନେଇଗଲା । ତାହାଦେଖି ସେ ତା ସ୍ତ୍ରୀକୁ କହିଲା "ବିଚରା, କୁକୁର ଆସି ତା' ପତ୍ରରୁ ମାଂସତକ ନେଇଗଲା । ତାହାଦେଖି ସେ ତା ସ୍ତ୍ରୀକୁ କହିଲା "ବିଚରା, କୁକୁରକୁ ମାରନା, ଆମ କ୍ଷଣଭଙ୍ଗୁର ଦେହ ପାଇଁ ନରୀହ ପଶୁକୁ କଷ୍ଟ ଦେବା ଠିକ୍ ନୁହଁ ।" କାନ୍ନାପ୍ପାର ସ୍ତ୍ରୀ ସ୍ୱାମୀର ମନର ଏମିତି ଆକସ୍ମିକ ପରିବର୍ତ୍ତନ ଦେଖି ବ୍ୟସ୍ତ ହେବାକୁ ଲାଗିଲା । ଗତ ରାତିରେ କ'ଣ ଘଟିଛି ତାହା ସେ ତାକୁ ପଚାରି ବୁଝିଲା । କନ୍ନାପ୍ପା ତାକୁ କହିଲା ଯେ ରାତିସାରା ସେ ବେଲଗଛ ଉପରେ ଶିକାର ପାଇଁ ଜଗି ଜଗି ବିରକ୍ତି ବୋଧ କରିବାରୁ ବେଲଗଛରୁ ଗୋଟିଏ ଗୋଟିଏ ପତ୍ର ଛିଡ଼େଇ ତଳେ ପକଉଥିଲା । ଭୋର୍‌ରେ ସେ ଦେଖିଲା ସେଇ ପତ୍ରଗୁଡ଼ିକ ତଳେ ଥିବା ଶିବଲିଙ୍ଗ ଉପରେ ପଡ଼ିଛି । କାନ୍ନାପ୍ପାର ସ୍ତ୍ରୀ ବୁଦ୍ଧିମତି ଥିଲା, ସେ ବୁଝିପାରିଲା ଯେ ସାରା ରାତି ତା'ର ସ୍ୱାମୀ କେବଳ ଶିବଙ୍କର ପୂଜା କରିଛି । କନ୍ନପ୍ପା ବାରମ୍ବାର ଶିବଙ୍କ ମଧ୍ୟରେ ଲୀନ ହୋଇଯିବ ବୋଲି କହୁଥିବା ଶୁଣି ତା' ମନକୁ ଚିନ୍ତା ଛୁଇଁଲା । ସାରାରାତି ତାର ନିଦ ହେଲା ନାହିଁ । ସ୍ୱାମୀକୁ ତା' ଠାରୁ ଦୂରେଇ ନ ନିଅନ୍ତୁ ବୋଲି ସେ ଶିବଙ୍କୁ ପ୍ରାର୍ଥନା କଲା । ଆଶୁତୋଷ ତା' ଉପରେ ପ୍ରସନ୍ନ ହେଲେ । ସେ ତାକୁ ଦର୍ଶନ ଦେଇ ଗୋଟିଏ ବର ଦେଲେ । ସେ ଶିବଙ୍କୁ କହିଲା, "ମୋ ସ୍ୱାମୀ ତୁମ ମଧ୍ୟରେ ଲୀନ ହୋଇଯିବା ଚାହେଁ । ତାକୁ କିନ୍ତୁ ତୁମେ ତୁମ ମଧ୍ୟକୁ ନେଇ ଯିବ ନାହିଁ ।" ଶିବ ସେ କାହିଁକି ଏମିତି ବର ଚାହୁଁଛି ଜାଣିବାକୁ ଚାହିଁଲେ । ସେ ଉତ୍ତର ଦେଲା "ତା ବିନା ମୋ ଜୀବନର ମାନେ କ'ଣ ?" ସେ ସାରା ରାତି କରିଥିବା ଭକ୍ତି ଓ ପ୍ରାର୍ଥନାରେ ଶିବ ପ୍ରସନ୍ନ ହେଲେ । କନ୍ନପ୍ପା ଓ ତା ସ୍ତ୍ରୀ ଉଭୟେ ଶିବଙ୍କ ମଧ୍ୟରେ ଲୀନ ହେଲେ ।

ଖୁବ୍ ସାଧାରଣକଥା ମନେ ହୋଇପାରେ, କିନ୍ତୁ ଈଶ୍ୱର ଯେ କେଉଁଥିରେ ପ୍ରୀତ ହେବେ, ତାହା କେହି କହି ପାରିବେ ନାହିଁ ।

ମୁମୁକ୍ଷୁ

ଜଣେ ରାଜା ମୋକ୍ଷ ଚାହୁଁଥିଲେ । ଦିନେ ତାଙ୍କର ଜଣେ ଭୃତ୍ୟ ରାଜାଙ୍କୁ କହିଲା ଯେ ନଗର ମଧ୍ୟକୁ ଜଣେ ବଡ଼ ଋଷି ଆସିଛନ୍ତି । ରାଜା ସେହି ଋଷିଙ୍କୁ ଭକ୍ତିପୂର୍ବକ ନିମନ୍ତ୍ରଣ କରି ,ତାଙ୍କର ଯଥୋଚିତ ସତ୍କାର କଲେ ଏବଂ ତାଙ୍କ ସିଂହାସନ ପାର୍ଶ୍ୱରେ ସ୍ୱତନ୍ତ୍ର ଆସନରେ ତାଙ୍କୁ ବସାଇଲେ । ଋଷି କିନ୍ତୁ ରାଜାଙ୍କୁ କୌଣସି କୁଶଳ ପ୍ରଶ୍ନ କରୁ ନ'ଥାନ୍ତି, ସେ କେବଳ ସେଠାରେ ତାଙ୍କର ପରିଚର୍ଯ୍ୟା କରୁଥିବା ଦାସ ସହ କଥା ହେଉଥାନ୍ତି । କୌଣସି ପ୍ରକାର ଋଷିଙ୍କ ଦୃଷ୍ଟି ନିଜ ଉପରେ ପଡୁବୋଲି ଚେଷ୍ଟା କରୁଥାନ୍ତି । ଏସବୁ ସତ୍ତ୍ୱେ ଋଷି ରାଜାଙ୍କ ଆଡ଼କୁ ଥରେ ମଧ୍ୟ ନ ଚାହିଁ, ସେହି ଦାସ ସହ କଥା କହି ଚାଲିଥାନ୍ତି । ଋଷିଙ୍କ ଏପରି ବ୍ୟବହାରରେ ରାଜା କ୍ରୋଧାନ୍ୱିତ ହୋଇ ଋଷିଙ୍କୁ ଫାଶୀ ଦଣ୍ଡ ଆଦେଶ ଦେଲେ । ସେତେବେଳେ ଋଷି କହିଲେ, "ହେ ରାଜା, ତୁମେ ଭାବୁଛ ଯେ ତୁମର ଏହି ଦାସ ଅପେକ୍ଷା ତୁମ ସ୍ଥାନ ଉଚ୍ଚରେ, ତେଣୁ ମୁଁ ତୁମକୁ ଅବଜ୍ଞା କରି ତା ସହ କଥାବାର୍ତ୍ତା ହେବାରୁ ତୁମର ରାଗ ହେଲା । ସକଳ ଜୀବଙ୍କ ଅଧୀଶ୍ୱର ପ୍ରତ୍ୟେକ ଜୀବ ମଧ୍ୟରେ ଅବସ୍ଥାନ କରନ୍ତି । ଏହି ସତ୍ୟକୁ ଭୁଲି ତୁମେ ତୁମ ଜୀବନକୁ ଉପଭୋଗ କରିବା ପାଇଁ ଏଇ ଲୋକମାନଙ୍କୁ ନିର୍ଯ୍ୟାତନା ଦେଉଛ । ଏଥିପାଇଁ ତୁମେ ଯେ କେଉଁ ଶାସ୍ତି ପାଇବ ତାହା ଥରେ ଭାବ । ତୁମେ ପୁଣି ମୋକ୍ଷ ଚାହୁଁଛ କେମିତି ?" ସଂଗେ ସଙ୍ଗେ ରାଜା ତାଙ୍କର ଭୁଲ ବୁଝିପାରିଲେ । ସେ ଋଷିଙ୍କ ପାଦ ତଳେ ପଡ଼ି ତାଙ୍କର କ୍ଷମା ପ୍ରାର୍ଥନା କଲେ ।

ଆଧ୍ୟାତ୍ମିକ ସାଧନା ପୂର୍ବରୁ ମାନସିକ ଶୃଙ୍ଖଳା ଆବଶ୍ୟକ ।

ଜୟଦେବ ଗୀତିକା

ଭକ୍ତକବି ଜୟଦେବ ପ୍ରତିଦିନ ସକାଳେ ନଗର ସଙ୍କୀର୍ତ୍ତନ କରୁଥାନ୍ତି । ସେ ସବୁଦିନ ଯେଉଁ ରାସ୍ତାଦେଇ ଯା'ନ୍ତି ସେଇ ରାସ୍ତାରେ ଗୋଟିଏ କୁଡ଼ିଆ ଘରେ ଜଣେ ବୁଢ଼ି ତାର ନାତୁଣୀ ସହ ରହୁଥାଏ । ଜୟଦେବ ସେଇ ଘର ଦେଇ ଯିବା ସମୟରେ "ଧୀର ସମୀରେ, ଯମୁନାତୀରେ" ଗୀତଟି ଗାଉଥାନ୍ତି । ପ୍ରତିଦିନ ସେଇ ଗୀତଟି ଶୁଣି ଝିଅଟିର ତାହା ମୁଖସ୍ଥ ହୋଇଗଲା । ତା'ର ଘରକୁ ଲାଗି ଗୋଟିଏ ବଗିଚା ଥାଏ ଯେଉଁଠେ ସେ ବାଇଗଣ ଗଛ ଲଗେଇଥାଏ । ବାଇଗଣ ବିକି ସେମାନେ ପେଟ ପୋଷୁଥାନ୍ତି । ପ୍ରତିଦିନ ବାଇଗଣ ତୋଳିବା ସମୟରେ ସେ ଖୁବ୍ ଭକ୍ତି ସହକାରେ ଏଇ ଗୀତଟି ଗାଉଥାଏ । ପ୍ରତିଦିନ ଭଗବାନ୍ ଶ୍ରୀକୃଷ୍ଣ ତାର ପଛେ ପଛେ ରହି ସେ ଗାଉଥିବା ଗୀତଟି ଶୁଣୁଥାନ୍ତି, ଅଥଚ ଝିଅଟି କୃଷ୍ଣଙ୍କ ଉପସ୍ଥିତିକୁ ବାରି ପାରୁ ନଥାଏ । ସେଇ ସହରର ରାଜା ଜଣେ କୃଷ୍ଣଭକ୍ତ ଥାନ୍ତି । ସେ ଏକ କୃଷ୍ଣ ମନ୍ଦିର ନିର୍ମାଣ କରି ଅତ୍ୟନ୍ତ ଭକ୍ତିପୂର୍ବକ କୃଷ୍ଣଙ୍କର ପୂଜା-ଅର୍ଚ୍ଚନା କରୁଥାନ୍ତି ।

ଦିନେ ମନ୍ଦିରର ପୂଜକ ମନ୍ଦିର ଦ୍ୱାର ଖୋଲି ଦେଖିଲା କୃଷ୍ଣଙ୍କ ବିଗ୍ରହଙ୍କୁ ପିନ୍ଧା ଯାଇଥିବା ପାଟବସ୍ତ୍ରଟି ଚିରି ଯାଇଛି । ପୂଜକ ତାହା ଦେଖି ଭୟଭୀତ ହେଲା । ବସ୍ତ୍ର ଯେ ଚିରିଲା କେମିତି ସେ ଜାଣି ପାରୁ ନଥାଏ । ସେ ସେଇ ବସ୍ତ୍ର ପରିବର୍ତ୍ତେ ଆଉ ଏକ ନୂତନ ବସ୍ତ୍ର ବିଗ୍ରହଙ୍କୁ ପିନ୍ଧେଇ ଦେଲା । ପରଦିନ କିନ୍ତୁ ସେ ଦେଖେ ସେଇ ବସ୍ତ୍ରଟି ମଧ୍ୟ ଚିରି ଯାଇଛି । ଏମିତି କିଛିଦିନ ଚାଲିଲା । ଦିନେ ରାଜା କୃଷ୍ଣଙ୍କୁ ଦର୍ଶନ କରିବା ପାଇଁ ମନ୍ଦିରକୁ ଆସିଲେ । ସେ କୃଷ୍ଣଙ୍କ ବିଗ୍ରହରେ ଜୀର୍ଣ୍ଣବସ୍ତ୍ର ଦେଖି ପୂଜକ ଉପରେ ବିରକ୍ତ ହେଲେ । ପୂଜକ ରାଜାଙ୍କୁ ବସ୍ତ୍ର ଯେ ପ୍ରତିଦିନ କିପରି ଚିରି ଯାଉଛି ତାହା ଜାଣି ପାରୁ ନାହିଁ ବୋଲି କହିଲା । ରାଜା ଚିରା ବସ୍ତ୍ରଟି ଆଣିବାକୁ କହିଲେ ଏବଂ ତାକୁଯେତେବେଳେ ଆଲୁଅରେ ଦେଖିଲେ, ସେଇ ବସ୍ତ୍ରରେ ଅନେକ ବାଇଗଣ କଣ୍ଟା ଲାଗି ରହିଥାଏ ।

ରାଜା ଯାହାର ଯାହାର ବାଇଗଣ ବାଡ଼ି ଅଛି ସମସ୍ତଙ୍କୁ ଦରବାରରେ ଉପସ୍ଥିତ ହେବାକୁ ଆଦେଶ ଦେଲେ । ଏହି ଝିଅକୁ ମଧ୍ୟ ରାଜାଙ୍କ ସମ୍ମୁଖକୁ ଅଣାଗଲା । ରାଜା ତାକୁ ସେ କାହିଁକି କୃଷ୍ଣଙ୍କ ବସ୍ତ୍ରକୁ ଚିରି ଦେଉଛି ବୋଲି ପ୍ରଶ୍ନ କଲେ । ସେ ରାଜାଙ୍କୁ କହିଲା ଯେ ଏତେ କଡ଼ା ପହରା ଭିତରେ ମନ୍ଦିର ଭିତରେ ପଶିବା ତା' ପାଇଁ ଅସମ୍ଭବ । ସେ ଏସବୁ ଘଟଣା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ବୋଲି ରାଜାକୁ ଜଣାଇଲା । ରାଜା କିନ୍ତୁ ବିଶ୍ୱାସ କଲେ ନାହିଁ । ସେ ଯେତେବେଳେ ଝିଅକୁ ଶାସ୍ତି ଦେବାକୁ ବାହାରନ୍ତି, କୃଷ୍ଣ ସେଠାରେ ଆବିର୍ଭୂତ ହୋଇ କହିଲେ, "ହେ ରାଜା, ତୁମର ଶାସ୍ତି ବନ୍ଦ କର । ସେ ଭକ୍ତିରେ ଗାଉଥିବା ଗୀତରେ ମୁଗ୍ଧ ହୋଇ ମୁଁ ତା ଗୀତ ଶୁଣିବାକୁ ତାର ବାଇଗଣ ବାଡ଼ିକୁ ଯାଉଥିଲି । ସେଇଠେ ବାଇଗଣଗଛ କଣ୍ଟା ଲାଗି ମୋ ବସ୍ତ୍ର ଚିରି ଯାଉଥାଏ । ଏକଥା ସେ ମଧ୍ୟ ଜାଣେନି । ସେ ମୋର ଜଣେ ବଡ଼ ଭକ୍ତ, ତୁମେ ତାକୁ ବିବାହ କର ।" ଭଗବାନ କୃଷ୍ଣ ଉଭୟଙ୍କୁ ଆଶୀର୍ବାଦ କରି ଅନ୍ତର୍ଦ୍ଧାନ ହୋଇଗଲେ ।

ଯିଏ ବିଶ୍ୱାସ ଭରି ହରିଙ୍କୁ ଭାବେ ହରି ନିଶ୍ଚେ ତା ଭାବ ଶୁଣନ୍ତି ।

ଅଚଞ୍ଚଳ ବିଶ୍ୱାସ

ଜଣେ ଗୁରୁଙ୍କର ଏକ ଶିଷ୍ୟ ଥାଏ । ଶିଷ୍ୟ ଭଗବାନ ବିଷ୍ଣୁଙ୍କର ଦର୍ଶନର ତୀବ୍ର ପିପାସା ନେଇ ଗୁରୁଙ୍କ ନିକଟକୁ ଗଲା । ଗୁରୁ କହିଲେ, "ଏହା ଅସମ୍ଭବ । ତାଙ୍କର ଦର୍ଶନ ପାଇବା ପାଇଁ ତୋତେ ଅନେକ ପରୀକ୍ଷାର ସମ୍ମୁଖୀନ ହେବାକୁ ହେବ । ତୁ ସେଥିରେ କୃତକାର୍ଯ୍ୟ ହେବୁ ନାହିଁ ।" ଶିଷ୍ୟର କିନ୍ତୁ ଗୋଟିଏ ଜିଦ୍, ସେ ବିଷ୍ଣୁଙ୍କୁ ଦର୍ଶନ କରିବ । ଗୁରୁ କହିଲେ, "ଯେବେ ଯେବେ ତୁ ପରୀକ୍ଷାର ସମ୍ମୁଖୀନ ହେବୁ, ମୋର କଥା ମନେ ପକେଇବୁ । ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ହିଁ ଯାଇ ତୁ ତାଙ୍କର ଦର୍ଶନ

ପାଇବୁ ।” ଏହା କହି ଗୁରୁ ଶିଷ୍ୟକୁ ବିଦାୟ ଦେଲେ । ଶିଷ୍ୟ ବୈକୁଣ୍ଠର ଦ୍ୱାର ଦେଶରେ ପହଞ୍ଚିଲା । ସେ ସେଠାରେ ବିଷ୍ଣୁଙ୍କର ବାର୍ତ୍ତାବହକୁ ଏକ ନିଶାଖୋର ଅବସ୍ଥାରେ ଦେଖିଲା । ବୈକୁଣ୍ଠରେ ମଧ୍ୟ ଏଭଳି ଅବସ୍ଥା ଦେଖି ତା ମନରେ ବିରକ୍ତି ଭାବ ଆସିଲା ଏବଂ ସେ ସେଠାରୁ ଫେରି ଆସିବାକୁ ଉଦ୍ୟତ ହେଲା । ସେଇ ସମୟରେ ତାକୁ ତାର ଗୁରୁଙ୍କର ଉପଦେଶ ମନେ ପଡ଼ିଲା ଏବଂ ସେ ପୁଣିଥରେ ବୈକୁଣ୍ଠ ଆଡ଼କୁ ପାଦ ବଢ଼ାଇଲା । ଏଥର ସେଠାରେ ସେ ସ୍ୱୟଂ ବିଷ୍ଣୁଙ୍କୁ ମାତାଲ ଅବସ୍ଥାରେ ଦେଖିଲା । ତାହା ଦେଖି ବିରକ୍ତ ହୋଇ ସେ ଭାବିଲା ଯେ ତାକୁ ସେଭଳି ବୈକୁଣ୍ଠ ଦରକାର ନାହିଁ । ଏହା ଭାବି ସେ ପୁଣି ଫେରି ଆସିବାକୁ ବାହାରିଲା । ପୁନର୍ବାର ଗୁରୁ ଦେଇଥିବା ଉପଦେଶ ତା’ର ମନେ ପଡ଼ିଲା ଏବଂ ସେ ଆଉ ଥରେ ବୈକୁଣ୍ଠ ଆଡ଼କୁ ଚାଲିଲା । ବିଷ୍ଣୁ ତାକୁ ଦେଖିବା ମାତ୍ରକେ ଏକ ଲାତ ମାରିଲେ । ବିଷ୍ଣୁଙ୍କ ଲାତରେ ସେ ଯାଇ ଖଣ୍ଡେ ଦୂରରେ ପଡ଼ିଲା । ଏଥିରେ ତାର ମନରେ କ୍ରୋଧ ହେଲା ଏବଂ ଏଭଳି ବିଷ୍ଣୁ ତାର ଆବଶ୍ୟକ ନାହିଁ ଭାବି ସେ ଧାଇଁ ଆସୁଥିବା ସମୟରେ ଗୁରୁ କହିଥିବା କଥା ତା’ର ମନେ ପଡ଼ିଲା । ପୁନର୍ବାର ସେ ବିଷ୍ଣୁଙ୍କ ନିକଟକୁ ଗଲା । ଏଥର ବିଷ୍ଣୁ ତାଙ୍କର ଦିବ୍ୟରୂପରେ ତାକୁ ଦର୍ଶନ ଦେଲେ ଏବଂ ସ୍ନେହରେ ଆଲିଙ୍ଗନ କରି ଆଶୀର୍ବାଦ କଲେ ।

ଧୈର୍ଯ୍ୟ ଓ ଅଧ୍ୟବସାୟ ରହିଲେ ଜଣେ ଈଶ୍ୱରଙ୍କ ଦ୍ୱାରଦେଶକୁ ଯାଇ ପହଞ୍ଚି ପାରେ ।

ଭ୍ରମ ଓ ବ୍ରହ୍ମ

ଦିନେ ଜଣେ ରାଜା ତାଙ୍କର ସମସ୍ତ ମନ୍ତ୍ରୀ ଓ ସୈନିକଙ୍କୁ ନେଇ ନୌବିହାର କରୁଥାନ୍ତି । ସେଇ ସମୟରେ ଜଣେ ସୈନିକର ମୁଣ୍ଡ ବୁଲେଇ ବାନ୍ତି ହେବାକୁ ଲାଗିଲା । ସୈନିକର ସ୍ୱାସ୍ଥ୍ୟକୁ ନେଇ ବିବ୍ରତ ରାଜା ତାର ପ୍ରତିକାର କ’ଣ ବୋଲି ମନ୍ତ୍ରୀଙ୍କୁ ପଚାରିଲେ । ପ୍ରତିକାର ଖୁବ୍ ସହଜ ବୋଲି ମନ୍ତ୍ରୀ ରାଜାଙ୍କୁ କହିଲେ । ସେ ହଠାତ ସେଇ ସୈନଙ୍କୁ ଟେକି ପାଣି ଭିତରେ ତିନିଥର ବୁଡ଼ାଇ ଉପରକୁ ଆଣିଲେ । ଏକ ଚିକିତ୍ସା ପରେ ସୈନିକ ସମ୍ପୂର୍ଣ୍ଣଭାବେ ଠିକ୍ ହୋଇ ଯାଇଥାଏ ।

ମୁଣ୍ଡ ଘୁରି ବାନ୍ତି ହେଉଥିବା ବ୍ୟକ୍ତିର ଚିକିତ୍ସା କରିବାର ଏଭଳି ପଦ୍ଧତିକୁ ଦେଖି ରାଜା ଆଶ୍ଚର୍ଯ୍ୟ ହୋଇ ମନ୍ତ୍ରୀଙ୍କୁ ସେ ଏହା କିପରି ଜାଣିଲେ ବୋଲି ପଚାରିଲେ । ମନ୍ତ୍ରୀ ଉତ୍ତର ଦେଲେ, “ମହାରାଜ, ବ୍ୟସ୍ତ ହେବା ଏକ ରୋଗ ।” ସେ ସୈନିକଟି ନୌକାରେ ବସିଥିବା ସମୟରେ କାଳେ ନଦୀରେ ପଡ଼ି ଭାସିଯିବ ବୋଲି ବ୍ୟସ୍ତ ହେଉଥାଏ । ସେ ଯେତେବେଳେ ଗଭୀର ପାଣିରେ ଥାଏ, ସେତେବେଳେ ବୁଝି ପାରୁଥାଏ ଯେ ନୌକା ଭିତରକୁ କୌଣସି ମତେ ଯିବା ହିଁ ବଞ୍ଚିବାର ଏକମାତ୍ର ଉପାୟ ଓ ନୌକା ଭିତରେ ରହିବା ହିଁ ସବୁଠୁ ନିରାପଦ ।

ତୁମେ ସମସ୍ତେ ଈଶ୍ୱରଙ୍କ ଦିବ୍ୟାନୁଗ୍ରହର ନୌକାରେ ନିରାପଦ ରହିଥିଲେ ହେଁ ଭବ-ସାଗରର କଳ୍ପିତ ଭୟକୁ ନେଇ ସବୁବେଳେ ବିବ୍ରତ ହେଉଥାଅ ।

ତୁଳସୀ

ବୃନ୍ଦା ଥିଲା ଅସୁରରାଜା ଜଳନ୍ଧରର ପତ୍ନୀ । ଜଳନ୍ଧର ଅତି ନିଷ୍ଠୁର ତଥା ଲମ୍ପଟ ସ୍ୱଭାବର ଥିଲା । ସେ ଅସଂଖ୍ୟ ଅପରାଧ କରିବା ସଙ୍ଗେ ସଙ୍ଗେ ନାରୀମାନଙ୍କ ପ୍ରତି ଖୁବ୍ ଅତ୍ୟାଚାର କରୁଥିଲା । ବୃନ୍ଦାର ମନରେ ସବୁବେଳେ ଏକ ଦୁଃଖ ଓ ଭୟ ଥାଏ ଯେ ଦିନେ କୌଣସି ଏକ ପତିବ୍ରତାର ଅଭିଶାପରେ ହୁଏତ ତା'ର ସ୍ୱାମୀର ମୃତ୍ୟୁ ହେବ । ସେ ତାର ମାଙ୍ଗଲ୍ୟକୁ ରକ୍ଷା କରିବାପାଇଁ ନିରନ୍ତରର ବିଷ୍ଣୁଙ୍କ ପ୍ରାର୍ଥନା କରୁଥାଏ । ବିଷ୍ଣୁ ତାକୁ ଏକ ବର ଦେଲେ ଯେ ଯେତେଦିନ ସେ ପତିବ୍ରତା ହୋଇ ରହିବ, ସେତେଦିନ ତାର ସ୍ୱାମୀର ଜୀବନକୁ କୌଣସି ବିପଦ ଆସିବ ନାହିଁ । ଯଦି କେବେ ତାର ଚରିତ୍ରକୁ ସାମାନ୍ୟ କଳଙ୍କ ସ୍ପର୍ଶକରେ, ତେବେ ସେହି ମୁହୂର୍ତ୍ତରୁ ତାର ସ୍ୱାମୀର ଜୀବନ ବିପନ୍ନ ହେବ ।

ବୃନ୍ଦାକୁ ବିଷ୍ଣୁ ଦେଇଥିବା ବର ସମ୍ବନ୍ଧରେ ଜାଣିବା ପରଠାରୁ ଜଳନ୍ଧର ଅତ୍ୟାଚାର ଆହୁରି ବଢ଼ିବାକୁ ଲାଗିଲା । ଥରେ ଜଳନ୍ଧର ଯୁଦ୍ଧକୁ ବାହାରିଥାଏ, ବୃନ୍ଦା ଯେତେବେଳେ ତାକୁ ଫୁଲମାଳ ପିନ୍ଧେଇବାକୁ ଯାଏ, ମାଳଟି ତଳେ ପଡ଼ିଗଲା ଏବଂ ଏଭଳି ଏକ ଅଶୁଭ ସଙ୍କେତ ପାଇ ଜଳନ୍ଧର କ୍ରୋଧରେ ସେହି ସ୍ଥାନ ଛାଡ଼ି ଚାଲିଗଲା । ଘଟଣାର ଏଭଳି ଏକ ମୋଡ଼ରେ ମର୍ମାହତ ହୋଇ ବୃନ୍ଦା ତପସ୍ୟାରେ ବସିଲା । ତାର କଠୋର ତପସ୍ୟା ବଳରେ ଜଳନ୍ଧର ଅଜୟ ହୋଇଗଲା । ସେ ଯୁଦ୍ଧରେ ଦେବତାମାନଙ୍କୁ ପରାସ୍ତ କଲା । ଏହା ଦେଖି ସ୍ୱୟଂ ବିଷ୍ଣୁ ଜଳନ୍ଧରର ରୂପ ଧାରଣକରି ବୃନ୍ଦା ନିକଟକୁ ଗଲେ । ଏକ ପତିବ୍ରତା ନାରୀ ଭଳି ବୃନ୍ଦା ତାଙ୍କୁ ପ୍ରେମରେ ସ୍ୱାଗତ କଲା ଏବଂ ତାଙ୍କର ପାଦ ଧୋଇ ସେହି ଜଳକୁ ନିଜ ମସ୍ତକରେ ଛିଞ୍ଚିଦେଲା । ପରେ ବିଷ୍ଣୁ ହିଁ ଜଳନ୍ଧରର ରୂପରେ ତା' ନିକଟକୁ ଆସିଛନ୍ତି ବୋଲି ଜାଣି ସେ ତାଙ୍କୁ ଅଭିଶାପ ଦେଲା । ବିଷ୍ଣୁ ତାକୁ କହିଲେ ଯେ ଅନ୍ୟମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ସେ ଏହା କରିବାକୁ ବାଧ ହେଲେ । ବୃନ୍ଦାର ପତିଭକ୍ତିକୁ ସମ୍ମାନ ଦେଇ ସେ ତାର ଅଭିଶାପ ସ୍ୱୀକାର କଲେ । ସେଇ ମୁହୂର୍ତ୍ତରେ ଜଳନ୍ଧରର ମସ୍ତକ ତା' ଶରୀରରୁ ଅଲଗା ହୋଇଗଲା । ଜଳନ୍ଧରର ସୈନିକମାନେ ତା'ର ଛିନ୍ନମସ୍ତକକୁ ଆଣି ବୃନ୍ଦାର ସମ୍ମୁଖରେ ରଖିଲେ । ବୃନ୍ଦା ବିଷ୍ଣୁଙ୍କୁ ପ୍ରାର୍ଥନା କଲା, "ମୁଁ ସଙ୍ଗେ ସଙ୍ଗେ ମୋ ପ୍ରାଣ ତ୍ୟାଗ କରିବାକୁ ଚାହେଁ, ମୋତେ କୃପା କରନ୍ତୁ ।"

ଭଗବାନ ବିଷ୍ଣୁ କୃପାପରବଶ ହୋଇ ବୃନ୍ଦାର ଶେଷ ଇଚ୍ଛା ପୂରଣ କଲେ ଓ ତାକୁ କହିଲେ ଯେ ସେ ନିତ୍ୟ ପତିବ୍ରତା ନାମରେ ସଂସାରରେ ପୂଜିତ ହେବ ଏବଂ ସଂସାରରେ ସେ ଯେତେ ଦିନ ପୂଜା ପାଇବେ, ସେତେଦିନ ପ୍ରତ୍ୟେକଙ୍କ ଘରେ ବୃନ୍ଦା

ମଧ୍ୟ ପୂଜା ପାଇବ । ପର ଦିନ ସକାଳେ ବୃନ୍ଦାର ଚିତାଭସ୍ମରୁ ଅଙ୍କୁରିତ ହେଲା ଏକ ବୃକ୍ଷ, ତାହା ଥିଲା ତୁଳସୀ ।

ଜଣେ ପତିବ୍ରତା ନାରୀ ତାର ସ୍ୱାମୀର ଭାଗ୍ୟର ନିର୍ଣ୍ଣାୟକ ହୋଇଥାଏ ।

ଶକ୍କୁବାଇ

କେତେକ ଭକ୍ତ ଅଭିଯୋଗ କରନ୍ତି ଯେ ସେମାନେ ଭୋଗୁଥିବା କଷ୍ଟ ଭଗବାନଙ୍କ ଦୃଷ୍ଟିରେ ପଡ଼େ ନାହିଁ, କିନ୍ତୁ ସେମାନେ ସେମାନଙ୍କର ପୂର୍ବ ଜନ୍ମମାନଙ୍କରେ କରିଥିବା କୁକର୍ମ ସମ୍ବନ୍ଧରେ ଅବଗତ ନଥାନ୍ତି । ମୁଁ ତୁମକୁ ଶକ୍କୁବାଇର କଥା ଶୁଣାଇବି । ସେ ତାର ପୂର୍ବଜନ୍ମରେ ଏକ ବେଶ୍ୟା ଥିଲା । ତା ଯୋଗୁ ଅନେକ ପରିବାର ନଷ୍ଟ ହୋଇ ଯାଉଥାଏ । ସେ ସମସ୍ତ ପରିବାରର ଗୃହିଣୀମାନେ ଦୁଃଖରେ କୃଷ୍ଣଙ୍କୁ ଡାକିଲେ । କୃଷ୍ଣ ସେମାନଙ୍କର ଗୁହାରି ଶୁଣିଲେ ଓ ସେଇ ବେଶ୍ୟାର ଘରକୁ ଏକ ରାଜପୁତ୍ରର ରୂପରେ ଆସିଲେ । ରାଜପୁତ୍ରର ମୁଖର ଔଜ୍ଜ୍ୱଲ୍ୟ ଦେଖି ବେଶ୍ୟା ବିସ୍ମିତ ହେଲା ଓ ତାଙ୍କ ନିକଟକୁ ଆସିଲା କିନ୍ତୁ ତାଙ୍କୁ ସ୍ପର୍ଶ କରିବାକୁ ସାହସ କଲା ନାହିଁ । ସେ ତାକୁ ତାର ବେଶ୍ୟାବୃତ୍ତି ତ୍ୟାଗ କରି ଅବଶିଷ୍ଟ ଜୀବନ ଈଶ୍ୱର-ଚିନ୍ତନରେ ବିତେଇବା ପାଇଁ ପରାମର୍ଶ ଦେଲେ । ସେହି ମୁହୂର୍ତ୍ତରେ ସେ ବେଶ୍ୟାବୃତ୍ତି ଛାଡ଼ି ଭଗବାନଙ୍କୁ ସ୍ମରଣ କରିବା ଆରମ୍ଭ କଲା, ଲୋକମାନେ କିନ୍ତୁ ତଥାପି ତା'ର ବ୍ୟବହାରକୁ ସନ୍ଦେହ ଦୃଷ୍ଟିରେ ଦେଖୁଥାନ୍ତି ଓ କହୁଥାନ୍ତି ଯେ ଅନ୍ୟମାନଙ୍କ ଆଖିରେ ଧୂଳି ପକେଇବା ପାଇଁ ସେ ଏମିତି ମୁଖା ପିନ୍ଧିଛି । ଶକ୍କୁବାଇ ସେମାନଙ୍କ କଥାକୁ କର୍ଣ୍ଣପାତ ନ କରି ଭଗବାନଙ୍କୁ ନିତ୍ୟ ସ୍ମରଣ କରୁଥାଏ । ପୂର୍ବ ଜନ୍ମରେ କରିଥିବା କୁକର୍ମ ହେତୁ ଏ ଜନ୍ମରେ ସେ ଏକ ଆସୁରୀ ପ୍ରକୃତିର ଶାଶୁକୁ ପାଇଲା । ଯେହେତୁ ସେ କୃଷ୍ଣଙ୍କର ଉପଦେଶ ମାନିଥିଲା, ତେଣୁ କୃଷ୍ଣ ଅଦୃଶ୍ୟଭାବେ ସବୁବେଳେ ତା ସଙ୍ଗେ ରହି ତା କଷ୍ଟକୁ ଲାଘବ କରୁଥାନ୍ତି । କୃଷ୍ଣ ତା' ସଙ୍ଗେ ମିଶି ଗଦା ଗଦା ଯବ ଚୂନା କରୁଥାନ୍ତି । ପୂର୍ବଜନ୍ମରେ କୃଷ୍ଣପ୍ରେମ ସ୍ମରଣ କରିଥିବା ହେତୁ ଏ ଜନ୍ମରେ ମଧ୍ୟ ସେ ତାଙ୍କୁ ସ୍ମରଣ କରୁଥାଏ । ପରିଶେଷରେ ସେ ପ୍ରଭୁ ପାଣ୍ଡୁରଙ୍ଗଙ୍କ ମଧ୍ୟରେ ଲୀନ ହୋଇ ପାରିଲା ।

ପାପୀ ହଉ ବା ପୁଣ୍ୟାତ୍ମା ହେଉ, ଈଶ୍ୱରଙ୍କ ଦ୍ୱାରା କେହି ପରିତ୍ୟକ୍ତ ନୁହଁ ।

ଅନ୍ତରାର୍ଥ

ଥରେ ଦୁର୍ବାସା ମୁନି କୃଷ୍ଣଙ୍କୁ ଦର୍ଶନ କରିବା ପାଇଁ ମଥୁରା ଆସିଥାନ୍ତି । ସେ ଯମୁନା ନଦୀର ଆର ପାରିରେ ରହୁଥାନ୍ତି । କୃଷ୍ଣ ରୁକ୍ମିଣୀଙ୍କୁ ମୁନିଙ୍କ ପାଇଁ ଖାଦ୍ୟ ଦେଇ ଆସିବାକୁ କହିଲେ । ରୁକ୍ମିଣୀ କୃଷ୍ଣଙ୍କୁ ନଦୀରେ ପାଣି ବଢ଼ିଥିବାରୁ ସେ ବଢ଼ନ୍ତା ନଈକୁ

କିମିତି ପାର ହେବେ ପଚାରିଲେ । କୃଷ୍ଣ ରୁକ୍ମିଣୀଙ୍କୁ କହିଲେ ଯେ ସେ ଯାଇ ନଦୀକୁ କହିବେ ଯେ ଜଣେ ନିତ୍ୟ ବ୍ରହ୍ମଚାରୀ ତାଙ୍କୁ ଆର ପାରିକୁ ଯିବା ପାଇଁ ବାଟ ଛାଡ଼ି ଦେବାକୁ କହିଛନ୍ତି । ରୁକ୍ମିଣୀ ତାହା କଲେ ଏବଂ ନଦୀ ସତକୁ ସତ ତାଙ୍କ ଯିବାର ବାଟ କରିଦେଲା । ସେ ନଦୀ ପାର ହେବା ପରେ ନଦୀର ଜଳ ପୁଣି ମିଶି ଗଲା ଏବଂ ପୂର୍ବଭଳି ବହିବାକୁ ଲାଗିଲା । ରୁକ୍ମିଣୀ ଦୁର୍ବାସାଙ୍କୁ ଖାଦ୍ୟ ପରସି ଦେଲେ ଏବଂ ଦୁର୍ବାସା ମନ ଆନନ୍ଦରେ ଭୁରି ଭୋଜନ କଲେ । ରୁକ୍ମିଣୀ ଦୁର୍ବାସାଙ୍କୁ ସେ କପରି ନଦୀ ପାର ହୋଇ ଫେରିବେ ପଚାରିଲେ। ଦୁର୍ବାସା ରୁକ୍ମିଣୀଙ୍କୁ କହିଲେ ଯେ ସେ ଯାଇ ନଦୀକୁ କହିବେ ଯେ ଜଣେ ନିତ୍ୟ ଉପବାସୀ ତାଙ୍କୁ ନଦୀ ପାର ହେବା ପାଇଁ ବାଟ କରିଦେବାକୁ କହିଛନ୍ତି । ରୁକ୍ମିଣୀ କୃଷ୍ଣଙ୍କ ନିକଟକୁ ଫେରି ପଚାରିଲେ, "ତୁମେ ବିବାହ କରି ମଧ୍ୟ ନିଜକୁ ବ୍ରହ୍ମଚାରୀ ବୋଲି କିମିତି କହୁଛ ?" ଦୁର୍ବାସା ପେଟପୁରା ଖାଇ ନିଜକୁ ଉପବାସୀ ବୋଲି କିମିତି କହୁଛନ୍ତି ।" କୃଷ୍ଣ କହିଲେ, "ତୁମେ କଥାକୁ କାହିଁକି ବାହ୍ୟ ଅର୍ଥରେ ନେଉଛ ? କଥାର ଅନ୍ତରାର୍ଥ ବୁଝିବାକୁ ହବ । ନିତ୍ୟ ବ୍ରହ୍ମଚାରୀ ମାନେ ଯିଏ ନିତ୍ୟ ଦିବ୍ୟତ୍ୱରେ ପ୍ରତିଷ୍ଠିତ ଥାଏ, ସେ ହେଲି ମୁଁ । ସେହିଭଳି ନିତ୍ୟ ଉପବାସୀ ମାନେ ଯିଏ ସବୁବେଳେ ଭଗବାନଙ୍କ ନିକଟରେ ଥାଏ, ସେ ହେଲେ ଦୁର୍ବାସା ।"

ଅଷ୍ଟାବିଂଶ ଅଧ୍ୟାୟ

ଭୟରୁ ମୁକ୍ତି

ମଣିଷର ଇଚ୍ଛା ଶକ୍ତି ଯେ କେତେ ପ୍ରବଳ ତାହା
ସହଜରେ କହି ହେବ ନାହିଁ, ଇଚ୍ଛାଶକ୍ତି ବଳରେ ଜଣେ
ମୃତ୍ୟୁକୁ ମଧ୍ୟ ଜୟ କରି ପାରିବ ।

–ଶ୍ରୀ ସତ୍ୟସାଇ ବାବା

ସ୍ୱାମୀ ଆମକୁ ବହୁବାର ପ୍ରତିଶ୍ରୁତି ଦେଇ କହନ୍ତି, "ମୋ ଉପରେ ଆସ୍ଥା ରଖ, ମୁଁ କେବେ ତୁମକୁ ଏକାକୀ ଛାଡ଼ି ଦେବି ନାହିଁ । ତୁବେ ସର୍ବଦା ମୋର ।" ଗତ ପଞ୍ଚାବନ ବର୍ଷ ଧରି ଆଖିପତା ଆଖିକୁ ରକ୍ଷା କଲା ଭଳି ସ୍ୱାମୀ ଆମକୁ ରକ୍ଷା କରି ଆସିଛନ୍ତି । ସଂସାର -ସାଗର ମଧ୍ୟ ଦେଇ ଆମର ଯାତ୍ରାରେ ତାଙ୍କରି ଅନୁଗ୍ରହର ନୌକାରେ ବସି ଆମେ ଅନେକ ଦୁଃଖ-କଷ୍ଟ ଓ ବିପଦକୁ ଅତିକ୍ରମ କରିଛୁ ଓ ଭୟରୁ ମୁକ୍ତ ହୋଇଛୁ ।

ମୋ ପୁଅ ମୁରଲୀ ଦିନେ ସ୍ୱାମୀଙ୍କୁ ତାର ସ୍ୱାକ୍ଷର ପୁସ୍ତକରେ ଦସ୍ତଖତ କରିବାକୁ ଅନୁରୋଧ କଲା । ସ୍ୱାମୀ ସେଇ ପୁସ୍ତକରେ ଏକ କ୍ଷୁଦ୍ର କବିତା ଲେଖି ଦସ୍ତଖତ କରିଥିଲେ । ସେଥିରେ ସେ ଯାହା ଲେଖିଥିଲେ ତାହାକେବଳ ସେ ମୋ ପରିବାରକୁ ଦେଇଥିବା ପ୍ରତିଶ୍ରୁତି ନୁହଁ, ତାହା ସମଗ୍ର ମାନବଜାତି ପାଇଁ ତାଙ୍କର ପ୍ରତିଶ୍ରୁତି ।

"ପୁଟପର୍ତ୍ତି ନିଳୟବାସୀ ସେ କରୁଣାକର
ରକ୍ଷିବେ ତୁମକୁ ସଦା ଶ୍ରୀହସ୍ତେ ଧରିଣ କର,
ସକଳ ବିପଦୁ ତୁମକୁ କରିବେ ଉଦ୍ଧାର,
ପାଳିବେ ତୁମ ହୃଦ ମଧ୍ୟେ ରହି ନିରନ୍ତର ।
ଚାଲନ୍ତୁ ତାଙ୍କଠୁ ଶୁଣିବା
ତାଙ୍କଠୁ ଶିଖିବା
ତାଙ୍କଦ୍ୱାରା ରୂପାନ୍ତରିତ ହେବା
ସମସ୍ତଙ୍କୁପ୍ରେମ କରି, ସମସ୍ତଙ୍କୁ ସେବା କରି ବଞ୍ଚିବା ।

ଊନତ୍ରିଂଶ ଅଧ୍ୟାୟ

ପତ୍ରାଳାପ

ଶ୍ରଦ୍ଧାହୀନ ପ୍ରାର୍ଥନା ମୋହର ନଥିବା ଚିଠି, ଭକ୍ତିହୀନ ପ୍ରାର୍ଥନା ଠିକଣା ନଥିବା ଚିଠି । ଶ୍ରଦ୍ଧା, ଭକ୍ତି ଓ ଆତୁରତାର ସହ କରିଥିବା ପ୍ରାର୍ଥନା ଏକ ଟେଲିଗ୍ରାମ ।

– ଶ୍ରୀ ସତ୍ୟସାଇ ବାବା

ଏକ ପରିବାରର ବିଭିନ୍ନ ସଭ୍ୟ ତଥା ସେମାନଙ୍କର ଜଣେ ସୁହୃଦଙ୍କ ମଧ୍ୟରେ କନ୍ନଡ଼ ଭାଷାରେ ହୋଇଥିବା ନିମ୍ନଲିଖିତ ପତ୍ରାଳାପ, ଭଗବାନ ଓ ଭକ୍ତ ମଧ୍ୟରେ ଥିବା ପବିତ୍ର ପ୍ରେମ ସମ୍ପର୍କରେ ଆଲୋକପାତ କରି ଆରମ୍ଭର ସେଇ ଦିନ ମାନଙ୍କରେ ପୁଟ୍ଟପର୍ତ୍ତିରେ ଜୀବନ ଯେ କିପରି ଥିଲା ସେ ସମ୍ବନ୍ଧରେ ପାଠକର ମନରେ ସମ୍ୟକ୍ ଧାରଣା ସୃଷ୍ଟି କରିବ ।

- ୧ -

ଶ୍ରୀ ସତ୍ୟସାଇ

ପୁଟ୍ଟପର୍ତ୍ତି

୨୧.୧୨.୧୯୪୭

କୁଶଳ,

ସୌଭାଗ୍ୟବତୀ କରୁଣାମ୍ମାଙ୍କୁ ରାଧାର ପ୍ରଣାମ । ଆମେ କୁଶଳ ଅଛୁ । ଆଶା ତୁମେ ମଧ୍ୟ କୁଶଳ ଥିବ । ଶ୍ରୀ ସତ୍ୟସାଇଙ୍କ କୃପାରୁ ଆମେ ନିରାପଦରେ ପୁଟ୍ଟପର୍ତ୍ତି ପହଞ୍ଚିଲୁ । ଆମେ ଏଠାରେ ରାତି ଦଶଟାରେ ପହଞ୍ଚିଲୁ । ଆମର ପ୍ରେମମୟ ଭଗବାନ୍ ସାଇ ସେ ସମୟରେ ମନ୍ଦିରର ଦ୍ୱାରଦେଶରେ ଥାନ୍ତି । ଆମେ ମନ୍ଦିର ପାଖ ହେବା ମାତ୍ରକେ ସ୍ୱାମୀ କନ୍ନମ୍ମାଙ୍କୁ ଡାକ ପକେଇଲେ । ମନ୍ଦିର ଭିତରକୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ସ୍ୱାମୀ ପଚାରିଲେ, "କନ୍ନମ୍ମା କାଇଁ ? ସେ କାହିଁକି ଆସିନି ?" ଏଠାରେ ବର୍ତ୍ତମାନ ବେଶୀ ଲୋକ ନାହାନ୍ତି । ମାତ୍ର ଦଶ ପନ୍ଦର ଲୋକ ହେବେ । ଏଇ ସମୟରେ ଏଠାରେ ଭଲ ଲାଗୁଛି । ଆମର ରହିବା ପାଇଁ ଆମେ ସୀତମ୍ମାଙ୍କ କମରାଟି ପାଇଛୁ । ଶ୍ରୀସାଇବାବା ଅନେକ ସମୟରେ ଆମ କମରା ମଧ୍ୟକୁ ଆସନ୍ତି ଓ ଆମକୁ ବିଭିନ୍ନ ଆଧ୍ୟାତ୍ମିକ ବିଷୟ କହନ୍ତି । ମା ବାରମ୍ବାର ସ୍ୱାମୀଙ୍କୁ ଦିଗ୍‌ଦର୍ଶନ ଦେବା ପାଇଁ ପ୍ରାର୍ଥନା କରୁଥାଏ । ସ୍ୱାମୀ ତାଙ୍କୁ ସେ ପୁଟ୍ଟପର୍ତ୍ତିରେ ରହିଗଲେ ଦିଗ୍‌ଦର୍ଶନ ଦେବେ ବୋଲି କହୁଥାନ୍ତି । ଆମେ ଏଠାରେ ତୁମର ମାମୁଁ ଆସିବା ଯାଏ ପ୍ରାୟ ମାସେ କାଳ ରହିବୁ ବୋଲି ମନସ୍ଥ କରିଛୁ । ବର୍ତ୍ତମାନ ଆମେ ପାଇଥିବା ସୁବର୍ଣ୍ଣ ସୁଯୋଗ ହୁଏତ ଆଉ ସାତ ଜନ୍ମ ପରେ ମଧ୍ୟ ପାଇବୁ ନାହିଁ । ସ୍ୱାମୀ ମଧ୍ୟ ଅନେକ ସମୟରେ କହୁଛନ୍ତି ଯେ ଏଭଳି ସୁଯୋଗ୍ ଭବିଷ୍ୟତରେ ଦୁର୍ଲଭ ହୋଇଯିବ । ଆମେ ସ୍ୱାମୀଙ୍କୁ ସେ କାହିଁକି ମହୀଶୂର ଆସୁନାହାନ୍ତି ପଚାରିଲୁ । ସ୍ୱାମୀ କହିଲେ ମହୀଶୂରର ରାଜ ପରିବାର ବର୍ତ୍ତମାନ ବାଙ୍ଗାଲୋରରେ ବ୍ୟବସ୍ଥାପକ ସଭାର ଅଧିବେଶନରେ ଯୋଗ ଦେଉଛନ୍ତି । ସ୍ୱାମୀ ଆଉ ମଧ୍ୟ କହିଲେ ଯେ ସେ ଅଳ୍ପ ଦିନ ତଳେ କରୁର, ତିରୁଚିନାପଲ୍ଲୀ ଓ ଅନ୍ୟାନ୍ୟ କେତେକ ସ୍ଥାନକୁ ଯାଇଥିଲେ ଏବଂ ସେଠାରେ ତାଙ୍କୁ ଦର୍ଶନ କରି ତାଙ୍କର ସମ୍ଭାଷଣ ଶୁଣିବା ଉଦ୍ଦେଶ୍ୟରେ ହଜାର ହଜାର ଲୋକଙ୍କର ସମାଗମ ହେଉଥିଲା । ଶ୍ରୀ ସତ୍ୟସାଇ ବାବା ଆଗାମୀ ପାଞ୍ଚ ଛଅ ମାସ ମଧ୍ୟରେ ପୁଟ୍ଟପର୍ତ୍ତି ଛାଡ଼ି କେଉଁଆଡ଼େ ଯାଇ ନାହାନ୍ତି ।

ଅସଲରେ ଆମର ପୁଟ୍ଟପର୍ତ୍ତି ଆସିବାର କିଛି ଯୋଜନା ନ'ଥାଏ । ଆମେ ହୁବ୍‌ଲୀରୁ ବାଙ୍ଗାଲୋର ଆସିଥିଲୁ ଓ ସେଠାରେ ସ୍ୱାମୀ ନଥିବାରୁ ଏଠାକୁ ଚାଲି ଆସିଲୁ । ଖାଦ୍ୟ ତିଆରି କରିବାକୁ ଆବଶ୍ୟକୀୟ ଜିନିଷପତ୍ର ଏଠାରେ ମିଳିବା କଷ୍ଟ । ଆମେ ଯାହା

କିଛି ସାଧାରଣ ଖାଦ୍ୟ ପ୍ରସ୍ତୁତ କରିଥାଉ, ତାହା ସ୍ୱାମୀଙ୍କୁ ନୈବେଦ୍ୟ ଦେଇଥାଉ ଓ ସେ ତାହା ଅତ୍ୟନ୍ତ ପ୍ରେମ ସହକାରେ ସେବନ କରନ୍ତି । ସ୍ୱାମୀଙ୍କୁ ଆମେ ସେମିତି କିଛି ଭଲ ଜଳଖିଆ ଦେଇ ପାରୁ ନାହୁଁ । ମୁଁ ତୁମର ଓ ଭିଣୋଇଙ୍କର ଅନୁପସ୍ଥିତି ବିଶେଷ ଅନୁଭବ କରୁଛି, ତୁମେ ଏଠିକି ଆସୁନାହଁ କାହିଁକି ? ଆସିବା ସମୟରେ ପିଲାଙ୍କୁ ମଧ୍ୟ ସାଥିରେ ଆଣିଥିବ । ମୁଁ ଚିଠି ଲେଖୁଥିବା ସମୟରେ ସ୍ୱାମୀ ଘର ଭିତରକୁ ଆସିଥିଲେ ଓ ସେ ଚିଠିଟି ପଢ଼ିଲେ । ସେ ଆମଠୁ ଭଲ କନ୍ନଡ଼ ପଢ଼ି ପାରନ୍ତି କିନ୍ତୁ କନ୍ନଡ଼ ନ ଜାଣିଲା ଭଳି ଛଳନା କରନ୍ତି । ସେ ଜଗଦୀଶ, ନର ରୂପରେ ନାରାୟଣ । ଆମ ମନୋବାଞ୍ଛା ପୂରଣ କରିବାକୁ ସାଇ ବିନା ଆମର ଆଉ କିଏ ଅଛନ୍ତି ? ବର୍ତ୍ତମାନ ତୁମେ ଆସି ନପାରିଲେ, ଅନ୍ତତଃ ଆମ ପ୍ରିୟ ସାଇଙ୍କୁ କନ୍ନଡ଼ ଭାଷାରେ ଏକ ଚିଠି ଲେଖ, କିନ୍ତୁ ଆସିବାକୁ ଚେଷ୍ଟା କର ।

ଚିଠି ସାଙ୍ଗରେ ମୁଁ କିଛି ଜିନିଷର ତାଲିକା ପଠଉଛି । ତୁମେ ଆସିବା ସମୟରେ ସାଙ୍ଗରେ ସେଗୁଡ଼ିକ ଆଣିଥିବ । ସେସବୁ ନଥିଲେ ଏଠାରେ ଚଳିବା କଷ୍ଟ । ଆଉ ମଧ୍ୟ ସେ ସବୁ ବିନା ସ୍ୱାମୀଙ୍କ ପାଇଁ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିହେବ ନାହିଁ । ଆସିବା ସମୟରେ ଦୟାକରି ସ୍ୱାମୀଙ୍କ ପାଇଁ କିଛି ସ୍ୱଳ୍ପାହାର ଆଣିଥିବ । ଆଉ ମଧ୍ୟ ତୁମର ରୂପାର ପାତ୍ର ଓ ରୂପା ଥାଳୀ ସାଙ୍ଗରେ ଆଣିଥିବ । ଆମେ ସେଥିରେ ସ୍ୱାମୀଙ୍କୁ ଖାଦ୍ୟ ଓ ଜଳଖିଆ ଦେଇ ପାରିବା । ବାହାରିବା ଆଗରୁ ଟେଲିଗ୍ରାମ ଦେବ । ସ୍ୱାମୀ ଯାହା ଚାହାନ୍ତି, ତାହା ହେଉ ।

ନବରାତ୍ରି ସମୟରେ ଯେମିତି ହୋଇଥିଲା ସେମିତି ଡାଇନାମା ଚଳାଇ ରାତିରେ ଆଲୁଅର ବ୍ୟବସ୍ଥା ହେଉଛି । ଏଠାରେ ବର୍ତ୍ତମାନ ବଲବ୍ ଜଳି ପାରୁଛି । ଦି ପହରେ ବେଳେବେଳେ ଭଜନ ହେଉଛି, ବେଳେବେଳେ ହଉନି । ଯେଉଁ ଦିନ ଭଜନ ହେଉଛି ସେ ଦିନ ସ୍ୱାମୀ ଖାଲି ଦିଅଁଗୁଡ଼ିକୁ ଆରତି ଦେଉଛନ୍ତି । ସନ୍ଧ୍ୟାରେ କିନ୍ତୁ ନିଶ୍ଚିତ ରୂପେ ଭଜନ ହେଉଛି । ଭଜନ ପରେ ବିଜୁଳି ଶକ୍ତି ସଞ୍ଚୟ କରିବା ପାଇଁ ସ୍ୱାମୀ ସମସ୍ତଙ୍କୁ ଶୀଘ୍ର ଖାଇ ଶୋଇ ପଡ଼ିବାକୁ କହୁଛନ୍ତି । ମୁଁ ତୁମ ଆସିବା ଅପେକ୍ଷାରେ ରହିଲି । ତୁମେ ଯଦି ଆସି ପାରୁନ, ଭିଣୋଇଙ୍କ ହାତରେ ଟ୍ରଙ୍କଟି ପଠେଇ ଦିଅ ।

ପ୍ରଣାମ ସହ

ରାଧା

- ୨ -

ଶ୍ରୀ ସତ୍ୟସାଇ ପ୍ରସନ୍ନ

ଡୋର ନଂ ୧୫

ଡେକନ୍ ଜିମଖାନା

ପୁନା

ଡିସେମ୍ବର ୨, ୧୯୪୮

ସ୍ନେହର ଭଉଣୀ ରାଧମ୍ମା,

ତୁମେ ପର୍ତ୍ତି ଠିକଣାକୁ ମୋତେ ଦେଇଥିବା ଚିଠି ମୁଁ ପାଇଲି । ଶ୍ରୀବାବାଙ୍କ କୃପାରୁ ଆମେ ୨୦ ନଭେମ୍ବରରେ ଏଠାରୁ ବାହାରି ୨୧ ନଭେମ୍ବର ସନ୍ଧ୍ୟା ୬ଟା ସମୟରେ ବାବାଙ୍କ ଦିବ୍ୟ ସନ୍ନିଧିରେ ପହଞ୍ଚିଲୁ । ଶ୍ରୀବାବା ଚଉତରାରେ ଏକ ଚାରପାଇ ଉପରେ ରୂପାରଙ୍ଗର ଧଡ଼ିଥିବା ଲାଲ ବସ୍ତ୍ର ପିନ୍ଧି ବସିଥାନ୍ତି । ମୁଁ, ଶ୍ରୀମତୀ ହେବ୍ଲିକର ଓ ମା ତାଙ୍କ ନିକଟକୁ ଯିବା ପାଇଁ ସଙ୍କୋଚ ପ୍ରକାଶ କରୁଥାଉ । ଆମେ ହାତରେ ଫୁଲ ଓ ଫଳ ଧରି ଦୁଆର ମୁହଁରେ ଛିଡ଼ା ହୋଇଥାଉ । ସେ ମାତ୍ର ପାଞ୍ଚ ମିନିଟ୍ ମଧ୍ୟରେ ଆମ ନିକଟକୁ ଆସି ଆମକୁ ହଠାତ୍ ଦେଖିଥିବାରୁ ଆଶ୍ଚର୍ଯ୍ୟ ପ୍ରକାଶ କଲେ । ଶ୍ରୀ ବାବା ଆମଠାରୁ ଫୁଲ ଓ ଫଳ ଗ୍ରହଣ କରି ତାଙ୍କର ଆନନ୍ଦ ପ୍ରକାଶ କଲେ ।

ସେଇ ଦିନ ରାତିରେ ଡ୍ରାମା ଜୟମ୍ମା, ରନଜୋଧ ସିଂ ଓ ତାଙ୍କ ସ୍ତ୍ରୀ ମଧ ଆସି ପହଞ୍ଚିଥା'ନ୍ତି । ପରଦିନ ସ୍ୱାମୀ ବାହାରର ସେଡ୍‌ରେ ଥିବା ସଭାମଞ୍ଚର ସାଜସଜ୍ଜା ଓ ରଥର ପୁଷ୍ପସଜ୍ଜା ନିଜେ ତଦାରଖ କଲେ । ତେଇଶ ତାରିଖ ବେଳକୁ ଆହୁରି ଅନେକ ଲୋକ ଆସି ପହଞ୍ଚିଥାନ୍ତି । ଭୋର୍ ୫ ଟାରେ ଡ୍ରାମା ଉଦୟ ରାଗ ଗାନ କରି ସ୍ୱାମୀଙ୍କୁ ନିଦରୁ ଉଠେଇଲେ । ସ୍ୱାମୀ ମଧ ପ୍ରାତଃକାଳୀନ ବିଶ୍ୱରୂପ ଦର୍ଶନ ଦେଲେ ଓ ସମସ୍ତଙ୍କୁ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ କରି ସାତଟା ବେଳକୁ ଏକାଠି ହେବାକୁ କହିଲେ । ଦଶଟାବେଳକୁ ତୈଳ ଲେପନ ଉତ୍ସବ ଆରମ୍ଭ ହେଲା । ମନ୍ଦିରରେ ସମସ୍ତଙ୍କୁ ସକାଳର ଜଳଖିଆ ଦିଆଗଲା । ଶ୍ରୀମତୀ ସକ୍କମ୍ମାଙ୍କ ସାହାଯ୍ୟରେ ମୁଁ ସ୍ୱାମୀଙ୍କ ଅନୁମତି ନେଇ ଗୋଟିଏ ଦୁଇଟି ଫଟୋ ଉଠେଇଲି । ଅପରାହ୍ନ ତିନିଟାରେ ମନ୍ଦିରରେ ଦିବ୍ୟ ଭୋଜନ ମଧ ସମସ୍ତଙ୍କୁ ପରିବେଷଣ କରାଗଲା । ସ୍ୱୟଂ ସ୍ୱାମୀ ସମସ୍ତ ବ୍ୟବସ୍ଥା ନିଜେ ବୁଝୁଥାନ୍ତି । ସନ୍ଧ୍ୟା ୫ ଟାରେ ବାଙ୍ଗାଲୋରରୁ ଆସିଥିବା ଏକ ବାଦ୍ୟବୃନ୍ଦ ସେମାନଙ୍କର ସଙ୍ଗୀତ ପରିବେଷଣ କଲେ । ସ୍ୱାମୀ ଆସି ମଞ୍ଚ ଉପରେ ସଜ୍ଜିତ ଏକ ସିଂହାସନରେ ବସିଲେ । ସଙ୍ଗୀତ ସଭା ଆରମ୍ଭ ହେଲା କିନ୍ତୁ କିଛି ଲାଭ ହେଲା ନାହିଁ । ଡ୍ରାମା ଜୟମ୍ମାଙ୍କର ନାଟକ ଦେଖିବାପାଇଁ ଗାଁରୁ ଶହ ଶହ ଲୋକ ଆସି ଅଶାନ୍ତି ସୃଷ୍ଟି କଲେ । ସ୍ୱାମୀ ସନ୍ଧ୍ୟା ୭.୩୦

ଯାଏ ବସି ପରେ ଭିତରକୁ ଚାଲିଗଲେ । ତା' ପରେ ଏମିତି ବର୍ଷା ହେଲା ଯାହା ନିକଟ ଅତୀତରେ କେବେ ଦେଖା ଯାଇ ନଥିଲା । ଏଥିଯୋଗୁ ଶୋଭାଯାତ୍ରା ବାତିଲ କରାଗଲା । ଆମ ମନକଷ୍ଟ ହେଲା । ଜୟମ୍ମାକୁ ଦେଖିବାକୁ ଆସିଥିବା ଲୋକମାନେ ବାହାରେ ଖୁବ୍ ପାଟିତୁଣ୍ଡ କରୁଥାନ୍ତି । ସାରା ରାତି ବର୍ଷା ହେଲା, ଆମେ କୌଣସି ପ୍ରକାରେ ଶୋଇଲୁ । ପରେ ସବ୍ଭମ୍ମାଙ୍କଠାରୁ ଆମେ ଜାଣିଲୁ ଯେ ପେନୁକୋଣ୍ଡାରୁ କିଛି ଦୁଷ୍ଟଲୋକ ସ୍ୱାମୀଙ୍କ ଶୋଭାଯାତ୍ରାରେ ବୋମା ଫିଙ୍ଗିବା ପାଇଁ ଆସିଥାନ୍ତି । ସର୍ବଜ୍ଞ ସ୍ୱାମୀ ସେଥିପାଇଁ ଆକାଶ ଫଟାଇ ବର୍ଷା ସୃଷ୍ଟି କଲେ ।

ଚବିଶ ତାରିଖ ସକାଳ ୧୦ ଟାରେ ସ୍ୱାମୀଙ୍କ କହିବା ମତେ ଶୋଭାଯାତ୍ରା ଆରମ୍ଭ ହେଲା । ଶ୍ରୀବାବା ଚାନ୍ଦିର ଧଡ଼ି ଲାଗିଥିବା ଏକ ପାଟବସ୍ତ୍ର ପିନ୍ଧିଥାନ୍ତି । ତାଙ୍କ ଗଳାରେ ମୌକ୍ତିକ ହାର ଶୋଭା ପାଉଥାଏ । ସେ ଖୁବ୍ ସୁନ୍ଦର ଦିଶୁଥାନ୍ତି । ଶୋଭାଯାତ୍ରା ଶେଷ ହେବା ବେଳକୁ ଦିନ ବାରଟା । ରାସ୍ତାଯାକ କାଦୁଅ ଓ ପାଣି, ଉପରେ ସୂର୍ଯ୍ୟଙ୍କ ତାତି । ଆମ ଆରାଧଦେବ ସାଇ ଅବତାରଙ୍କ ଦର୍ଶନରୁ ମିଳୁଥିବା ଆନନ୍ଦରେ କେହି ଏସବୁ ଅସୁବିଧାକୁ ଭ୍ରୂକ୍ଷେପ କରୁନଥାନ୍ତି । ଆମ ମଧ୍ୟରୁ ଅନେକ ଭକ୍ତ ସ୍ୱାମୀଙ୍କ କପାଳରେ ଲାଲ ରଙ୍ଗର ଅର୍ଦ୍ଧଚନ୍ଦ୍ରକୁ ଦର୍ଶନ କଲୁ । ଆଉ ମଧ୍ୟ ଆମେ ଦେଖିଲୁ ତାଙ୍କର ଭ୍ରୂମଧ୍ୟରେ ଲାଲ ସିନ୍ଦୁରର ଗୋଲେଇ ଟୀକା । ଏହି ଶୁଭ ଚିହ୍ନକୁ ଦେଖି ଆମେ ଆନନ୍ଦାଶ୍ରୁ ମୋଚନ କରୁଥାଉ । ମୁଁ ମୋ କ୍ୟାମେରାରେ ଆଠ ଦଶଟି ଫଟୋ ଉଠେଇଲି । ଶୋଭାଯାତ୍ରା ଯେତେ ସମୟ ଚାଲିଲା, ଆମେ ଭଜନ ଗାଉଥାଉ । ସେଦିନ ମଧ୍ୟ ସ୍ୱାମୀ ଆମମାନଙ୍କର ସକାଳର ଜଳଖିଆ ଓ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଥାନ୍ତି । ସନ୍ଧ୍ୟା ୬ଟାରେ ସ୍ୱାମୀଙ୍କୁ ଏକ ସୁସଜ୍ଜିତ ଝୁଲାରେ ବସିବାକୁ ଅନୁରୋଧ କରାଗଲା ଏବଂ ଜୟମ୍ମା ରାତି ୮ଟା ଯାଏଁ ବାଦ୍ୟବୃନ୍ଦ ସହ ଏକ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କଲେ । ତା' ପରେ ଆରତୀ ହେଲା ଓ ସ୍ୱାମୀଙ୍କର ଜନ୍ମୋତ୍ସବ ଶେଷ ହେଲା ।

ପରଦିନଠାରୁ ଭକ୍ତମାନେ ଫେରିବା ଆରମ୍ଭ କଲେ । ସ୍ୱାମୀ ଆମକୁ ସେ ବାଙ୍ଗାଲୋର ଯିବା ଯାଏ ରହିଯିବାକୁ କହିଲେ । ଗତ ସୋମବାର ଦିନ ସ୍ୱାମୀ ଆମେ ଯେଉଁ ଶଗଡ଼ରେ ଫେରିବୁ ସେଇ ଶଗଡ଼କୁ ଧରି ବିଦାୟ ଜଣାଇଲେ । ଆମେ ଶୁଣିବାକୁ ପାଇଲୁ ଯେ ସେଇ ଦିନ ମଧ୍ୟାହ୍ନ ଭୋଜନ ପରେ ସ୍ୱାମୀ ବାଙ୍ଗାଲୋର ଯିବେ । ମୁଁ କାହିଁକି ଭାରାକ୍ରାନ୍ତ ହୃଦୟ ନେଇ ଫେରିଲି ଜାଣି ପାରୁଛ ? ମାତ୍ର ଦଶଦିନ ରହିବାପରେ ଆମକୁ ଫେରିବାକୁ ହେଉଥାଏ । ସତରେ କି ଦୁଃଖର କଥା, କିନ୍ତୁ ସ୍ୱାମୀ ଯେ ଆମ ପ୍ରତି ଅନ୍ତତଃ ଏତିକି କୃପା କରିଛନ୍ତି ଭାବି ମୁଁ ଖୁସି ହେଉଥାଏ । ମୁଁ ଲକ୍ଷ୍ୟ କଲି ଆମେ ପୁଟ୍ଟପର୍ତ୍ତି ଛାଡ଼ି ଯାଉଥିବାରୁ ସ୍ୱାମୀଙ୍କ ମନରେ ମଧ୍ୟ ଦୁଃଖ ଥାଏ । ସ୍ୱାମୀ ଆମକୁ ଆଉ ଥରେ ଶିବରାତ୍ରି ବେଳକୁ ଆସିବାକୁ କହିଲେ । ତାଙ୍କରି ଇଚ୍ଛା କାର୍ଯ୍ୟକାରୀ ହେଉ । ମୁଁ ଆହୁରି ଟିକିନିଖି କରି ସବୁକଥା ଲେଖିବି ଭାବୁଥିଲି କିନ୍ତୁ ପରେ ଆମେ ଯେତେବେଳେ ଭେଟିବା,

ସେତେବେଳେ ପ୍ରତ୍ୟେକଟି ଘଟଣା ତୋତେ ଗୋଟିଏ ଗୋଟିଏ କରି କହିବାକୁ ଚାହେଁ । ତୋ'ର ମାମୁଁ, ମାଇଁଙ୍କ ସମେତ ଅନେକ ଭକ୍ତ ଏଥର ସ୍ୱାମୀଙ୍କର ପାଦପୂଜା କଲେ । ଏଥର ମଧ୍ୟ ସ୍ୱାମୀ ମୋତେ ଭଜନ ସମୟରେ ଗୀତ ଗାଇବାକୁ କହିଲେ । ଏହା କ'ଣ ମୋ ସୌଭାଗ୍ୟ ନୁହଁ ? ସ୍ୱାମୀ ସବୁବେଳେ ମୋ ଚିନ୍ତା ଭାବନାରେ ରହିଛନ୍ତି । ଘରକୁ ଫେରିବା ପରେ ମୁଁ ମୋ ଘରକାମରେ ମନ ଦେଇ ପାରୁ ନାହିଁ । ପୂର୍ଣ୍ଣପର୍ତ୍ତିରେ ମୁଁ ତୋର ଓ ତୋ ଭଉଣୀର ଅନୁପସ୍ଥିତିକୁ ବିଶେଷ ଭାବେ ଅନୁଭବ କଲି । ଏଥର ସ୍ୱାମୀଙ୍କ ଜନ୍ମଦିନ ପାଇଁ ମହୀଶୂରରୁ କାହିଁକି କେହି ଆସିଲେ ନାହିଁ ? ଆମେ ଗୁଣ୍ଡାକାଲ୍ ଦେଇ ପୁନାରେ ପହଞ୍ଚିଲୁ । ଏଥର କିନ୍ତୁ ତୁମ ଘରକୁ ଯାଇ ହେଲା ନାହିଁ । ତୋ ମା କେବେ ଆସୁଛନ୍ତି ? ତାଙ୍କୁ ଆମ ପ୍ରଣାମ ଜଣାଇ ସବୁ ଖବର କହିବୁ । ତୁ ପଢ଼ି ସାରିବା ପରେ ଏଇ ଚିଠିଟି ତୋ ଭଉଣୀ କନ୍ନମ୍ମା ପାଖକୁ ପଠେଇବୁ, ସେ ମଧ୍ୟ ପଢ଼ି ସବୁ କଥା ଜାଣିବ ।

ଚିଠିଟି ବେଶ ଦୀର୍ଘ ହୋଇଗଲା । ସ୍ୱାମୀଙ୍କ କଥା ଯେତେ ଲେଖିଲେ ବି ସରିବ ନାହିଁ । ମୁଁ ଯାହା ସବୁ ଦେଖିଲି ସେ ସମସ୍ତ ଚିଠିରେ ଲେଖିବାକୁ ପ୍ରୟାସ କଲି । ଏତେ ଲମ୍ବା ଚଠି ଲେଖିବାରୁ କିଛି ମନେ କରିବୁ ନାହିଁ ବୋଲି ମୋର ବିଶ୍ୱାସ । ସଙ୍ଗେ ସଙ୍ଗେ ଉତ୍ତର ଦେବୁ ।

ତୋର
ଲୀଳା

- ୩ -

ଶ୍ରୀ ସତ୍ୟସାଇ ରାମ

ପୁଟପର୍ତ୍ତି
୨୭.୨.୧୯୪୯

କୁଶଳ,

ସୌଭାଗ୍ୟବତୀ ରାଧାକୁ ମୋର ଅନେକ ଶୁଭେଚ୍ଛା । ଆମେ ସବୁ ଭଲ ଅଛୁ । ତୁ ମଧ୍ୟ ଭଲରେ ଥିବୁ ବୋଲି ଆଶା । ମୋତେ ଓ ସ୍ୱାମୀଙ୍କୁ ଲେଖିଥିବା ଚିଠିଗୁଡ଼ିକ ପାଇଲି । ମୋତେ ଲେଖିଥିବା ଚିଠିଟି ମୋ ହାତକୁ ଦେଇ ସ୍ୱାମୀ ତୋତେ ଜଣେଇ ଦେବାକୁ କହିଲେ ଯେ ସେ ଦୁଇ ମାସ ଯାଏ ପର୍ତ୍ତି ଛାଡ଼ି କୁଆଡ଼ ଯାଉ ନାହାନ୍ତି । ତୁମେମାନେ ପର୍ତ୍ତିକୁ ଆସ । ଶିବରାତ୍ରି ଉତ୍ସବ ଖୁବ୍ ଜାକ୍‌ଜମକ୍ ଭାବେ ସମାପିତ ହେଲା । ଅପରାହ୍ନ ପୂଜା ପୂର୍ବରୁ ସ୍ୱାମୀ ଏକ ଲିଙ୍ଗ ସୃଷ୍ଟି କରି ତା'ର ଅଭିଷେକ ଓ ପୂଜା କଲେ । ସ୍ୱାମୀଙ୍କୁ ଏକ ପୁଷ୍ପମଣ୍ଡିତ ପାଲିଙ୍କିରେ ବସେଇ ଶୋଭଯାତ୍ରାରେ ନିଆଗଲା । ଆଜି ଅପରାହ୍ନରେ ଆମେ ପୁଟ୍ଟପର୍ତ୍ତି ଛାଡୁଛୁ । ମାମୁଁ, ମାଇଁ ଓ ଶଙ୍କରୀ ଏଠାକୁ ଆସିଛନ୍ତି, ସେମାନେ ମଧ୍ୟ ଆମ ସଙ୍ଗେ ପୁଟ୍ଟପର୍ତ୍ତି ଛାଡୁଛନ୍ତି । ମନରେ ମୋର କି ଦୁଃଖ ! ମୁଁ ସ୍ୱାମୀଙ୍କୁ ଛାଡ଼ି ଚାଲି ଯାଉଛି । ତୁମେ ସତରେ ଭାଗ୍ୟବାନ, ନିକଟରେ ଏଠିକି ଆସି ସ୍ୱାମୀଙ୍କୁ ଦର୍ଶନ କରିବ । ମୁଁ ପୁଣି ଯେ କେବେ ତାଙ୍କର ଦର୍ଶନ ପାଇବି ଜାଣେନା, ମନ ଭାରି ଖରାପ ଲାଗୁଛି । ମହୀଶୂରରେ ପହଞ୍ଚିବା ପରେ ମୁଁ ମାଙ୍କୁ ପର୍ତ୍ତି ପଠେଇବି । ସ୍ୱାମୀ ଆଜିକାଲି ତାଙ୍କ କକ୍ଷରେ ବେଶୀ ସମୟ ରହୁ ନାହାନ୍ତି । ସେ ସବୁବେଳେ ଚାରିପଟେ ବୁଲୁଥିବା ଲକ୍ଷ୍ୟ କରା ଯାଉଛି । ଆମେ ଏତେ ଦିନ ତାଙ୍କର ଦିବ୍ୟ ଦର୍ଶନ ପାଇ କି ଯେ ଆନନ୍ଦ ଅନୁଭବ କଲୁ ତାହା ଭାଷାରେ କହି ହେବ ନାହିଁ । ମୁଁ ମହୀଶୂର ପହଞ୍ଚିବା ପରେ ସବୁ କିଛି ଟିକିନିଖି ଭାବେ ଲେଖିବି ।

ଶୁଭେଚ୍ଛା ସହ
କରୁଣାମ୍ମା

ରାଧାମ୍ମାକୁ ଆଶୀର୍ବାଦ କରି ମୁଁ ବାବା ଲେଖୁଛି । ବାପରେ, ଏଥର ଛୁଟି ପାଇବା ମାତ୍ରେ ତୁମେ ଦୁହେଁ ଆସିବ ।

ଶୁଭାଶୀଷ ସହ
ବାବା

ବି.ଦ୍ର.– ଶ୍ରୀ ବାବା ତୋତେ ଓ ତୋ ସ୍ୱାମୀଙ୍କୁ ଛୁଟି ନେଇ ପର୍ତ୍ତି ଆସିବାକୁ କହିଛନ୍ତି । ମୁଁ ଚିଠିଟି ଲେଖୁଥିବା ସମୟରେ ସ୍ୱାମୀ ଆସି ତାହା ପଢ଼ିଲେ । ସେ କହିଲେ

ସେ ମଧ୍ୟ ସେଥିରେ ଦସ୍ତଖତ କରିବେ । ମୁଁ ଚିଠିଟି ସାରି ଯେତେବେଳେ ତାହା ତାଙ୍କ ପାଖକୁ ନେଲି, ସେ ସେଥିରେ ଚାରିଧାଡ଼ି ଲେଖି ତୁମକୁ ତାଙ୍କର ଆଶୀର୍ବାଦ ଜଣେଇଲେ । ଚିଠିଟି ସାଇତି ରଖ ।

କରୁଣାମ୍ମା

- ୪ -

ଶ୍ରୀ ସତ୍ୟସାଇ ପ୍ରସନ୍ନ

ପୁଟପର୍ତ୍ତି

ଏପ୍ରିଲ୍ ୧୫,୧୯୫୦

ଆଦରଣୀୟା ଭଉଣୀ କରୁଣାମ୍ମା,

ପ୍ରଣାମ । ପୂର୍ବେ ମୁଁ ତୁମକୁ କହିବା ଅନୁଯାୟୀ ମୁଁ ଓ ମୋ ମା ଗରୁରୁବାର ରାତିରେ ବାହାରି ଶୁକ୍ରବାର ସନ୍ଧ୍ୟାରେ ଏଠାରେ ପହଞ୍ଚିଲୁ । ଶ୍ରୀ ସ୍ୱାମୀ ସେତେବେଳକୁ ବିଶ୍ରାମ ନେଉଥାନ୍ତି । ଦୀପ ଜଳିବା ପରେ ସ୍ୱାମୀ ବାହାରକୁ ଆସିଲେ ଏବଂ ଆମେ ଆସିଥିବା ଦେଖି ଆଶ୍ଚର୍ଯ୍ୟରେ କହିଲେ, "ମହୀଶୂରରେ ରହୁଛ, ଅଥଚ ପର୍ତ୍ତି ଆସିବାକୁ ଏତେ ବର୍ଷ ଲାଗିଗଲା ।" ସେ ମୋ ମା'କୁ ମୃଦୁ ଭର୍ତ୍ସନା କଲେ । ମୋ ଆଡ଼କୁ ଦୟାର୍ଦ୍ର ଦୃଷ୍ଟିରେ ଚାହିଁ କହିଲେ, "ବିଚରା ଲିଲ୍ଲମା ବି ଏକା କିମିତି ଆସିଥାନ୍ତା ?" ସ୍ୱାମୀଙ୍କ ସେଇ କେତେ ପଦ କଥା ମୋ ପାଇଁ ଯଥେଷ୍ଟ ଥିଲା । ସ୍ୱାମୀ ମୋ ଦେହ କିମିତି ଅଛି ପଚାରି ବୁଝିଲେ । ସ୍ୱାମୀ ଅନ୍ତତଃ ଆମ ସଙ୍ଗେ ଏତିକି କଥା ହୋଇଥିବାରୁ ମୁଁ ଆନନ୍ଦ ଅନୁଭବ କରୁଥାଏ । ସେହିଦିନ ସନ୍ଧ୍ୟାରେ ସ୍ୱାମୀ ମୋତେ "ରାରା ଅନି ପିଲିଚିତେ" ଗୀତଟି ଗାଇବାକୁ କହିଲେ, ସ୍ୱାମୀଙ୍କୁ ଏହି ଗୀତଟି ଖୁବ୍ ଭଲ ଲାଗେ । ପ୍ରତିଦିନ ଭଜନ ସମୟରେ ସ୍ୱାମୀ ମୋତେ ଗାଇବାକୁ କହୁଥାନ୍ତି । କାହିଁକି ଜାଣିଛ ? ମାନ୍ଦ୍ରାଜର ସଙ୍ଗୀତଜ୍ଞ ଓ ତାଙ୍କର ପ୍ରିୟ ଭକ୍ତ ରାମନ୍ ବର୍ତ୍ତମାନ ତାଙ୍କ ଯାଗାକୁ ଫେରି ଯାଇଛନ୍ତି । ତେଣୁ ଏଠାରେ ମୁଁ ହିଁ ଜଣେ ବଡ଼ ଗାୟିକା । ମୋର ପୂଜ୍ୟ ସ୍ୱାମୀଙ୍କର ଏଇ କିଞ୍ଚିତ୍ ସେବା ମୁଁ କରି ପାରୁଥିବାରୁ ନିଜକୁ ଧନ୍ୟ ମନେ କରୁଛି । ଶ୍ରୀବାବା ସୌଭାଗ୍ୟବତୀ ଭୋଙ୍କମ୍ମାଙ୍କ ସହ ସ୍ୱର ମିଳେଇ ଗାଉଛନ୍ତି ।

ଏଠାରେ ବର୍ତ୍ତମାନ ପ୍ରାୟ ତିରିଶ ହେବ ଲୋକ ଅଛନ୍ତି । ଆଜିକାଲି ସ୍ୱାମୀ ତାଙ୍କ କମରାରୁ ବେଶୀ ବାହାରକୁ ଆସୁ ନାହାନ୍ତି । ସେ କେବଳ ଭଜନ ସମୟରେ ଆସିଥାନ୍ତି । ସେ ପୂର୍ବ ଭଳି ନା ବେଶୀ କଥା କହୁଛନ୍ତି ନା ଭକ୍ତମାନଙ୍କ ମେଳରେ ରହୁଛନ୍ତି । କିନ୍ତୁ ଆମେ ତାଙ୍କୁ ସବୁବେଳେ ଆନନ୍ଦବିଭୋର ହୋଇ ରହିବା ଲକ୍ଷ୍ୟ କରୁଛୁ । ତାଙ୍କୁ ସେମିତି ଦେଖି ଆମେ ଆନନ୍ଦ ପାଉଛୁ । ଭିଡ଼ ଥିବା ହେତୁ ଆମେ ବାହାରେ ସର୍ପମଣ୍ଡପ ପାଖରେ

ରହୁଛୁ ଓ ଗୋଟିଏ ଛୋଟ ସେଡ୍ ଭିତରେ ରୋଷେଇ କରି ଖାଉଛୁ । ସ୍ୱାମୀଙ୍କ ଅନୁଗ୍ରହରୁ ମା'ର ଦେହ ଭଲ ଅଛି । ଶ୍ରୀମତୀ ହବ୍‌ଲିକ୍‌ର ମଧ୍ୟ ଏଠାର ଅଛନ୍ତି । ଆଉ ଯାହାକୁ ଦେଖୁଛି ସମସ୍ତେ ନୂଆ ଭକ୍ତ । ଆମ ପ୍ରିୟ ସ୍ୱାମୀ ଆମକୁ ଦର୍ଶନ ଦେଉଥିବାରୁ ମୁଁ ତାଙ୍କ ନିକଟରେ ଚିରଋଣୀ । ମୁଁ ଯେ ମୋର କୃତଜ୍ଞତା ତାଙ୍କୁ କିପରି ଜଣେଇବି ବୁଝି ପାରୁ ନାହିଁ । ତାଙ୍କର ଆଶୀର୍ବାଦ ଥିଲେ, ଆମେ ହୁଏତ ଆଉ ସପ୍ତାହେ ଏଠାରେ ରହିବୁ। ଆମେ ପହଞ୍ଚିବାବେଳକୁ ତୁମ ମା ପର୍ତ୍ତି ଛାଡ଼ି ଫେରିଲେଣି ଜାଣି ଆମ ମନ ଦୁଃଖ ହେଲା । ଆମେ ତାଙ୍କୁ ଖୁବ୍ ମନେ ପକଉଛୁ ।

ଆଉ କିଛି ଲେଖିବାର ନାହିଁ ।

ତୁମର

ଲୀଳା

ꕥ

- ୫ -

ଶ୍ରୀ ସତ୍ୟସାଇ ରାମ

ପୁଟପର୍ତ୍ତି

ଅପ୍ରିଲ ୧୫, ୧୯୫୦

କୁଶଳ,

ସୌଭାଗ୍ୟବତୀ ରାଧାକୁ ମୋର ଅନେକ ଶୁଭେଚ୍ଛା । ମୋତେ ଓ ଶ୍ରୀବାବାଙ୍କୁ ଲେଖିଥିବା ଚିଠି ହସ୍ତଗତ ହେଲା । ଗତକାଲି ଆମେ ନୂଆ ମନ୍ଦିର ପାଖରେ ଥିବା ସମୟରେ ସ୍ୱାମୀ ମନ୍ଦିର ପଛ ବାଲକୋନୀ ଉପରୁ ଆମକୁ ଦେଖିଲେ ଏବଂ କହିଲେ ଯେ ତୁ ତାଙ୍କୁ ଏକ ଚିଠି ଲେଖିଛୁ ଓ ସେଇ ଖୋଳ ଭିତରେ ମୋ ପାଇଁ ଗୋଟିଏ ଚିଠି ରଖିଛୁ । ଚିଠିରେ ଯାହା ସବୁ ଲେଖିଥିଲୁ ସେ ମୋତ କହିଲେ । ଦୁଇ ଧାଡ଼ିରେ ଚିଠି ଲେଖି ଉତ୍ତର ଦେଲେ ତୋତେ ଭଲ ଲାଗିବ ନାହିଁ, ତେଣୁ ତୋତେ ଏକ ଲମ୍ବା ଚିଠି ଲେଖି ସେଥିରେ ଏଠାରେ ଘଟିଥିବା ସମସ୍ତ ଘଟଣାକୁ ଟିକିନିଖି ଭାବେ ଜଣାଇବା ପାଇଁ ସ୍ୱାମୀ ମୋତେ କହିଛନ୍ତି । ସ୍ୱାମୀ କହିଲେ ଯେ ତୋ ଚିଠିରେ ତୁ ମୋତେ ମୁରଲୀକୁ ନେଇ ପୁଟ୍ଟପର୍ତ୍ତି ଆସିବାକୁ ଲେଖିଛୁ । ଏତିକି କହି ସେ ତୋ ଚିଠିକୁ ମୋ ହାତକୁ ବଢ଼େଇ ଦେଲେ । ସେ ମା'କୁ ପର୍ତ୍ତିରେ ରହିଯିବାକୁ କହି ଆମର ଭଲ ମନ୍ଦ ବୁଝିବେ ବୋଲି ଆମକୁ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ମା ଏଠାରେ ରହିଯିବ । ମୁଁ ମେ ମାସ ପ୍ରଥମ ସପ୍ତାହରେ ପର୍ତ୍ତି ଛାଡ଼ିବି । ରାମ ନବମୀ ପରେ ପରେ ମୁଁ ତୋତେ ଲେଖିବି ଭାବିଥିଲି । ରାମ ନବମୀର ପୂର୍ବଦିନ ସ୍ୱାମୀ ଆମକୁ ନଦୀକୂଳକୁ ନେଇ ଯାଇଥିଲେ ଓ ସେଠାରେ ଦୀର୍ଘ ସମୟ ଧରି ବିଭିନ୍ନ ଆଧ୍ୟାତ୍ମିକ ବିଷୟ ବୁଝେଇଥିଲେ । ସେ କହିଲେ, "ପୁରୁଷ ହୁଅନ୍ତୁ ବା ସ୍ତ୍ରୀ ହୁଅନ୍ତୁ ଲୋକମାନେ ଗୃହସ୍ଥ ଧର୍ମର ସୀମା ଲଙ୍ଘନ କରିବା ଉଚିତ ନୁହଁ । କଥାରେ ଯେମିତି ଅଛି "ସର୍ବଦା ସର୍ବକାଲେଷୁ ସର୍ବତ୍ର ହରିଚିନ୍ତନମ୍" , ସେମିତି ସେମାନେ ସମ୍ପୂର୍ଣ୍ଣଭାବେ ସେମାନଙ୍କ କର୍ତ୍ତବ୍ୟ ନିର୍ବାହ କରି ନିରନ୍ତର ମୋତେ ସ୍ମରଣ କରିବା ଉଚିତ୍ । ମୁଁ ସେମାନଙ୍କୁ ସାଂସାରିକ ତାପତ୍ରୟରୁ ମୁକ୍ତି ଦେବି । ତୁମେ ସବୁ କଣା ମାଠିଆ ଭଳି । ତୁମେ ଏଠିକି ଆସିଲେ ମୁଁ ମାଠିଆର କଣା ତକ ବୁଜି ମାଠିଆର ଆକାର ଯାହା ହେଉ ନା କାହିଁକି, ସେଥିରେ ପାଣି ଭରି ଦିଏ । ତୁମ ମଧ୍ୟରେ ଭକ୍ତି, ଜ୍ଞାନ ଓ ବୈରାଗ୍ୟ ନ ରହିଲେ ମୁଁ ମୋ ଆଧ୍ୟାତ୍ମିକ ଶକ୍ତି ତୁମକୁ ଦେବି କେମିତି ? ଭକ୍ତି ହିଁ ମୁକ୍ତିର ଏକମାତ୍ର ତରଣୋପାୟ ।" ସ୍ୱାମୀ ଆମକୁ ଆହୁରି ଅନେକ କଥା କହିଛନ୍ତି । ସବୁ କଥା ଏ ଚିଠିରେ ଲେଖିବା ସମ୍ଭବ ନୁହେଁ ।

ଏଠାରେ ଖାଦ୍ୟ ସାମଗ୍ରୀ ମିଳିବା ଭାରି କଷ୍ଟ ହେଉଛି। ଆମେ ଜଳଖିଆ ତିଆରି କରି ସ୍ୱାମୀଙ୍କ ପାଖରେ ରଖିଥାଉ । ଯେଉଁଦିନ ଜଳଖିଆଦେଇ ହେଉନାହିଁ, ସେଦିନ ଯାଇ ତାଙ୍କ ପାଦନମସ୍କାରକୁ ଚାହିଁ ବସୁଛୁ । ସେ ଯେତେବେଳେ ଆନନ୍ଦବିଭୋର ଥାନ୍ତି ସେତେବେଳେ ଆଧାତ୍ମିକ ବିଷୟରେ କହିଥାନ୍ତି । ସ୍ୱାମୀ ସେ ଦିନ ସନ୍ଧ୍ୟାରେ ରାମ, ଲକ୍ଷ୍ମଣ ଓ ସୀତାଙ୍କର ସ୍ଫଟିକ ବିଗ୍ରହ ସୃଷ୍ଟି କଲେ । ରାମ ଓ ଲକ୍ଷ୍ମଣଙ୍କର ବିଗ୍ରହ ହରିତ୍ ବର୍ଣ୍ଣର ଓ ସୀତାଙ୍କର ବିଗ୍ରହ ପୀତ ବର୍ଣ୍ଣର ହୋଇଥାଏ ।

ପୁରୁଣା ମନ୍ଦିରରେ ଖରା ଦିନର ତାତି ତୀବ୍ର ହେଉଥିବା ହେତୁ ଆମେ ନୂଆ ମନ୍ଦିରକୁ ଚାଲି ଆସୁଛୁ । ମୁଁ ବାହାରିବା ପୂର୍ବରୁ ସତୀଶ୍‌ର ଦେହ ଖରାପ ନ ହେଲେ ନିଜକୁ ଭାଗ୍ୟବାନ୍ ମନେ କରିବି, ନଚେତ୍ ମୋତେ ଆଗରୁ ବାହାରିବାକୁ ହେବ । ମୁଁ ଏବେଠୁ ଏଠାରେ ରହିଯାଉଥିବା ହେତୁ ତୋତେ ସବୁ ଜିନିଷ ଧରି ଏଠାକୁ ଆସିବାକୁ କହିଛି । ତୁ ଆସିବା ସମୟରେ ସାଙ୍ଗରେ ସମ୍ବର ଗୁଣ୍ଡ, ରସୁଣ, ଆଚାର, କୋଇଲା ଚୂଲ୍ଲି, ଛୋଟ ଗିନା ଓ ଦାନ୍ତଘଷା ଗୁଣ୍ଡ ଧରି ଆସିଥିବୁ । ମୁଁ ଆସିବା ସମୟରେ ଯାହା କିଛି ଆଣିଥିଲି ସବୁ ଶେଷ ହୋଇଯାଇଛି । ସ୍ୱାମୀ ଯାହା କିଛି କହିଛନ୍ତି ସବୁ ମୁଁ ଡାଇରିରେ ଲେଖି ଦେଇଛି ।

ଶୁଭେଚ୍ଛାର ସହ

କରୁଣାମ୍ବା

ତ୍ରିଂଶ ଅଧ୍ୟାୟ

ପଥ'ର ଶେଷ

ଯେଉଁଠାରେ ପଥ ଶେଷ ହୁଏ ଓ ତୀର୍ଥଯାତ୍ରୀ ତା' ଲକ୍ଷ୍ୟରେ ପହଞ୍ଚେ, ସେହିଠାରେ ସେ ବୁଝିପାରେ ଯେ ସେ ନିଜଠାରୁ ନିଜ ପାଖକୁ ହିଁ ଆସିଛି ।

– ଶ୍ରୀସତ୍ୟସାଇ ବାବା

୧୯୪୯ ମସିହାର ଶିବରାତ୍ରି ଉତ୍ସବ ପରେ ଆମେ ଯେତେବେଳେ ସ୍ୱାମୀଙ୍କଠାରୁ ବିଦାୟ ନେବାପାଇଁ ଗଲୁ, ସେତେବେଳେ ସେ ଆମକୁ କହିଲେ "ତୁମେ ସମସ୍ତେ ମୋ' ଠାରୁ କେବଳ ଗୋଟିଏ ଜିନିଷ ଚାହିଥାଅ, ତୁମେମାନେ ତାହା ତୁମର ଜୀବନର ଶେଷ ଆଡ଼କୁ ପାଇବ । ମୋ ମାଆ ନାମଗିରି ଅମ୍ମା, ତା'ର ସାରା ଜୀବନ ସ୍ୱାମୀଙ୍କ ଛଡ଼ା ଅନ୍ୟ କିଛି ଚାହୁଁ ନଥାଏ । ପରିସ୍ଥିତି ଯାହାହଉ ନା କାହିଁକି, ତା'ର ସ୍ୱାମୀଙ୍କ ଉପରେ ବିଶ୍ୱାସ ଓ ସ୍ୱାମୀଙ୍କ ପ୍ରତି ଆତ୍ମନିବେଦନ ସମ୍ପୂର୍ଣ୍ଣ ଓ ଅତୁଟ ଥିଲା । ଛୟାନବେ ବର୍ଷର ପରିଣତ ବୟସରେ ୧୯୯୯ରେ ଗୁରୁପୂର୍ଣ୍ଣିମା ଅବସରରେ ମୋ ମା ଏକ ସ୍ୱପ୍ନ ଦେଖିଥିଲା । ସେଇ ସ୍ୱପ୍ନରେ ସ୍ୱାମୀ ତାକୁ କହୁଥାନ୍ତି "ତୁମେ ପଚାଶ ବର୍ଷ ପୂର୍ବେ ଯାହା ଚାହିଁ ମୋତେ ପ୍ରାର୍ଥନା କରିଥିଲ, ତାହା ମୁଁ ତୁମକୁ ଆଜି ଦେଉଛି । ଯିବାକୁ ଚାହଁ ନା ରହିବାକୁ ଚାହଁ- ତୁମେ ବର୍ତ୍ତମାନ ସ୍ଥିର କର ।" ମା ମା ଚାହିଁଥିଲା ଏଥର ଜୀବନର ଯବନିକା ପଡ଼ିଯାଉ । ୧୯୯୯, ଅଗଷ୍ଟ ୨୭ ତାରିଖ ଦିନ ସେ ଶାନ୍ତିରେ ଶେଷ ନିଶ୍ୱାସ ତ୍ୟାଗ କଲା ।

ପରିଶିଷ୍ଟ

ଅମୃତ ବିନ୍ଦୁ

ମୁଁ ସାଧକ ପାଇଁ ମୂଲ୍ୟବାନ୍ ମନେ କରୁଥିବା ସ୍ୱାମୀଙ୍କର କେତେକ ଉକ୍ତି ନିମ୍ନରେ ଉପସ୍ଥାପନ କଲି ।

- ନାମ ସ୍ମରଣ ସର୍ବଶ୍ରେଷ୍ଠ ସାଧନା ।
- 'ଧ୍ୟାନମ୍ ଧେୟକରମ୍' ଆମେ ଯାହା ଧ୍ୟାନ କରିଥାଉ ତାହା ହୋଇଥାଉ ।
- ଭକ୍ତି ଅନୁଯାୟୀ ମୁକ୍ତି, ପାପ ଅନୁଯାୟୀ ଶାସ୍ତି
- ସୂର୍ଯ୍ୟ ପ୍ରକାଶ ପାଇଲେ ମହମବତୀ ଓ ଜୁଳୁଜୁଳିଆ ପୋକର ଆଲୋକ ଉଜ୍ଜ୍ୱଳ ମନେ ହୁଏ ନାହିଁ, ସେହିପରି ଅବତାର ଆସିଲେ ଅନ୍ୟମାନେ ପ୍ରାୟ ପ୍ରଭାବଶୂନ୍ୟ ହୋଇଯାନ୍ତି ।
- ନିଆଁରୁ ପାଉଁଶ ସୃଷ୍ଟି ହୋଇ ସେଇ ନିଆଁକୁ ହିଁ ଘୋଡ଼େଇ ଦିଏ । ସେହିଭଳି ଈଶ୍ୱରଙ୍କଠାରୁ ସୃଷ୍ଟ ମାୟା ଈଶ୍ୱରଙ୍କୁ ଦର୍ଶନ କରେଇ ଦିଏ ନାହିଁ ।
- ଚାଉଳକୁ ଘୋଡ଼େଇ ରଖିଥିବା ଧାନଚୋପା ହେଲା ପ୍ରକୃତି, ଭିତରେ ଥିବା ଚାଉଳଦାନା ହେଲା ପରମାତ୍ମା । ତମେ ଶକ୍ତି ସ୍ୱରୂପିଣୀ ପ୍ରକୃତିକୁ ଅନ୍ତର ଭରି ପ୍ରାର୍ଥନା କଲେ ସେ ତୁମକୁ ତାଙ୍କ ମଧ୍ୟରେ ଥିବା ଈଶ୍ୱରଙ୍କୁ ଦର୍ଶନକରିବାର ସୌଭାଗ୍ୟ ପ୍ରଦାନ କରିବ ।
- ପ୍ରତିଦିନ ଭୋର ୩ଟାରୁ ୬ଟା ଯାଏ ଦେବତାମାନେ ସେମାନଙ୍କର ଏକ ସମାବେଶ ପାଇଁ ଏକତ୍ର ହୋଇଥାନ୍ତି । ସେହି ସମୟରେ ତୁମେ ଜପ ଧ୍ୟାନ କଲେ ତୁମେ ମଧ୍ୟ ସେଇ ସମାବେଶରେ ଉପସ୍ଥିତ ହୋଇ ସେମାନଙ୍କ ସହ ସମାନ ହେବ । ସେ ସମୟରେ ଅନ୍ତତଃ ଦଶ ମିନିଟ୍ ପାଇଁ ଜପଧ୍ୟାନ କର ।
- ସଂସାରରେ କୌଣସି ସମ୍ପର୍କ ଚିରସ୍ଥାୟୀ ନୁହଁ । ଏହାର ପରିବର୍ତ୍ତନ ହୁଏ । କେବଳ ଈଶ୍ୱରଙ୍କ ସହ ବନ୍ଧୁତା ଚିରସ୍ଥାୟୀ । ଏହାର ପରିବର୍ତ୍ତନ ହୁଏ ନାହିଁ । ଈଶ୍ୱରଙ୍କୁ ତୁମର ପ୍ରକୃତ ବନ୍ଧୁ କର ।
- ତୁମେ ଦର୍ପଣ ପାଖରେ ରହିଲେ, ତୁମ ମୁହଁ ଦର୍ପଣରେ ସ୍ପଷ୍ଟ ଦିଶିବ । ଦର୍ପଣଠାରୁ ଦୂରକୁ ଚାଲିଗଲେ ତୁମର ପ୍ରତିବିମ୍ବର ସ୍ପଷ୍ଟତା କମିଯିବ । ଏଥିରେ ଦର୍ପଣର ଦୋଷ ନାହିଁ । ଭଗବାନ ଦର୍ପଣ ଭଳି । ସେହିଭଳି ତୁମେ ସ୍ୱାମୀଙ୍କଠାରୁ ଯଦି ଦୂରକୁ ଚାଲିଗଲ, ତାହାର କାରଣ ସ୍ୱାମୀଙ୍କର ତୁମ ପ୍ରତି ଉପେକ୍ଷାଭାବ ନୁହଁ ।

- ସୁଖ ଓ ଦୁଃଖ ଏକ ସଙ୍ଗେ ଆସିଥାନ୍ତି । ସୁଖ ଶରୀରର ମସ୍ତକ ହେଲେ ଦୁଃଖକୁ ସେଇ ଶରୀରର ପାଦ ମନେକର । ଭଗବାନ ଉଭୟକୁ ମିଶେଇ ଦେଇଥାନ୍ତି । ଦୁଃଖ ସମୟରେ ଅତୀତର ସୁଖମୟ ଦିନଗୁଡ଼ିକୁ ମନେପକାଇ ଆନନ୍ଦରେ ରୁହ ।
- ଦୁର୍ଗୁଣରୁ ମୁକ୍ତ ହେବା ହିଁ ଏକମାତ୍ର ସାଧନା ହେବା ଉଚିତ୍ ।
- ପାଦ ଖସିଗଲେ ଆଘାତ ପାଇବ, ଜିଭରୁ କଥା ଖସିଗଲେ କିନ୍ତୁ ନର୍କକୁ ଯିବ । ତେଣୁ ସାବଧାନ ହୋଇ ଜିଭକୁ ବ୍ୟବହାର କର ।
- ମୋର ନିଜର ଘର ବୋଲି କିଛି ନାହିଁ । ତୁମ ହୃଦୟ କେବଳ ମୋ ଘର । ଭକ୍ତି ଯେଉଁଠି ଭଗବାନ ସେଇଠି ।
- ଚକ୍ଷୁରେ ପ୍ରେମର ଅଶ୍ରୁ ନେଇ ମୁଁ ବାରମ୍ବାର ଚାହିଁଥାଏ ଯେ ତୁମେ ଅଧିକରୁ ଅଧିକ ମୋର ନିକଟବର୍ତ୍ତୀ ହୁଅ । ଆଉ ଯତ୍ କିଞ୍ଚିତ୍ ସମୟ ଅଛି, ତାକୁ ନଷ୍ଟ ନ କରି ମାୟା ଓ ମୋହର ବନ୍ଧନରୁ ମୁକ୍ତ ହୋଇ ମୋ ପାଖକୁ ଆସ । ଏହି ଅନିତ୍ୟ ସଂସାର ମଧ୍ୟରେ ତୁମେ ଆତ୍ମାକୁ ପାଇଛ । ତୁମେ ସେହି ଆତ୍ମାର ସମ୍ବର୍ଦ୍ଧନ ଓ ସଂରକ୍ଷଣ କରିବା କଥା । ଆସ ମୋ ନିକଟକୁ ଆସ। ମୁଁ ତାକୁ ଦେଦୀପ୍ୟମାନ କରିଦେବି । ମୁଁ ତୁମର ମାର୍ଗଦର୍ଶକ ହୋଇ ତୁମକୁ ଆଗକୁ ଆଗକୁ ନେଇଯିବି ।
- ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ମୁଁ ଆସିଛି ତା'ର ସଫଳ ରୂପାୟନରେଁ ତୁମେ ଏକ ସାଧନ ହୁଅ । ମୋଠୁ ଦୂରେଇ ଯାଅ ନାହିଁ । ବହୁ ଜନ୍ମର ସୁକୃତ ଫଳରେ ତୁମେ ମୋର ପାଖକୁ ଆସିବାର ସୁଯୋଗ ପାଇଛ । ଆଜି ଯଦି ତୁମେ ଏହି ସୁଯୋଗକୁ ହାତଛଡ଼ା କର, ତେବେ ଦିନ ଆସିବ ତୁମେ ପ୍ରଶାନ୍ତିର ଦ୍ୱାରଦେଶରେ ରହି ଭିତରକୁ ପ୍ରବେଶ କରିବାପାଇଁ ବାହୁନି ହେବ । ସଙ୍କୀର୍ଣ୍ଣ ଭାବନା, ଅନାବଶ୍ୟକ ସନ୍ଦେହ ଓ ତୁଚ୍ଛ କାମନାକୁ ମନରେ ସ୍ଥାନ ଦିଅନା ।
- ସ୍ଥାନଟି ପରିଷ୍କାର ରହିଲେ ଶରୀରକୁ ଭଲ ଲାଗେ । ଶରୀର ପରିଷ୍କାର ରହିଲେ ମନକୁ ଭଲ ଲାଗେ । ମନଟି ପରିଷ୍କାର ରହିଲେ ଆତ୍ମାକୁ ଭଲ ଲାଗେ । ଆତ୍ମା ପରିଷ୍କାର ରହିଲେ ପରମାତ୍ମାଙ୍କୁ ଭଲ ଲାଗେ ।
- ତୁମେ ମୋ' ଠେ 'ହିରୋ' ନ ହୋଇ ପାରିଲେ ଅନ୍ୟ ସବୁଠେ 'ଜିରୋ' ହୋଇ ବାହାରିବ ।
- ଏକ କଣ୍ଠରୁ ଅନେକ ରାଗ ଗାନ କରାଯାଇପାରେ । ବୀଣାର ଚାରୋଟି ତାରରୁ ଚାରିଶହ ରାଗ ବାଦନ କରାଯାଇପାରେ । ଏକ ମନରୁ ଅସଂଖ୍ୟ ଭାବନା ଅଙ୍କୁରିତ ହୋଇପାରେ ।
- "ମୋର ଜୀବନ ପ୍ରତି ବିରକ୍ତି ଆସିଲାଣି, ମୁଁ ମରିବାକୁ ଚାହେଁ"-ତୁମେ ଏମିତି କାହିଁକି କୁହ ? ସଂସାରର ଆରପାରି କ'ଣ ଅଛି, ତାହା ତୁମେ କି ଜାଣ ? ଅଛି

କେବଳ ନିବୁଜ ଅନ୍ଧକାର । ମୁଁ ଏଇଠେ ଥାଉ ଥାଉ ତୁମେ ସେଠିକି ଯିବାକୁ କାହିଁକି ମନ ବଳଉଛ ?

- ✪ ଦୁଃଖ ଆସିଲା, କଷ୍ଟ ଆସିଲା କହି ବାହୁନି ହୁଅ ନାହିଁ । ଦୁଃଖ କଷ୍ଟ ତୁମ କର୍ମଫଳକୁ ଜାଳି ପାଉଁଶ କରିଦେବ । ଯେତେବେଳେ ତୁମେ ଭାବ ଯେ ତୁମେ ନୟାନ୍ତ ହୋଇଗଲାଣି, ସେତିକି ବେଳକୁ ଜାଣିରଖ ଯେ ତୁମ ପାଇଁ ଶୀଘ୍ର ଏକ ଦ୍ୱାର ଖୋଲିବାକୁ ଯାଉଛି ।
- ✪ ଧନ ଦେଇ ଯେପରି ଦ୍ରବ୍ୟ ପାଅ, ପ୍ରେମ ଦେଇ ସେପରି ରାମଙ୍କୁ ପାଅ ।
- ✪ ଅତି ଦୁଷ୍ଟଲୋକ ମଧ ନାମ ସ୍ମରଣ କଲେ ଭଗବାନ ତା' ନିକଟକୁ ଚାଲି ଯାଉଥାନ୍ତି । ତେବେ ପ୍ରେମର ସହ ଯିଏ ନାମ ସ୍ମରଣ କରେ, ତାକୁ ସେ ଛାଡ଼ିଦେବେ କିମିତି ?
- ✪ ତୁମେ ଯଦି ମୋ ପ୍ରତି ବିରକ୍ତ ହୁଅ, ମୁଁ କିଛି ମନେ କରିବିନି । ତୁମେ ସବୁ ମୋ ପିଲା, ମୋତେ ଛାଡ଼ି ଆଉ କାହା ଉପରେ ତୁମେ ତୁମ ଅସନ୍ତୋଷ ପ୍ରକାଶ କରିବ ? ମୋ ବ୍ୟତୀତ ଆଉ କିଏ ବା ତୁମ ଦୁଷ୍ଟାମିକୁ ହସି ହସି ସହି ନେବ ? ଯେତେ ପାରୁଛ ସେତେ ବିରକ୍ତ ହୁଅ, କିନ୍ତୁ ସ୍ୱାମୀଙ୍କୁ କେବେ ଛାଡ଼ ନାହିଁ, ମୋଠୁ ଦୂରେଇ ଯାଅ ନାହିଁ ।
- ✪ ତୁମଠାରେ ନା ମୋତେ ଦେଖିବାର ଶକ୍ତି ଅଛି ନା ବୁଝିବାର ଶକ୍ତି ଅଛି । ତୁମର ମୋର ସମ୍ପର୍କ କିଛି ସାଂସାରିକ ସମ୍ପର୍କ ନୁହଁ । ଏକ ଆତ୍ମିକ ସମ୍ବନ୍ଧ ତୁମକୁ ମୋ ସହ ବାନ୍ଧି ରଖିଛି । ଦିନେ ତୁମେ ଏହା ବୁଝି ପାରିବ । ସେ ସମୟ ଆସିବା ଯାଏ ଧୈର୍ଯ୍ୟ ଧରି ଅପେକ୍ଷା କର । ଅପେକ୍ଷା କରିବା ହେଲା ତୁମ ଧର୍ମ, ମୋଠାରେ ଆସ୍ଥା ରଖ ଓ ମୋ' ଠୁ ଅନୁଗ୍ରହ ପାଅ ।
- ✪ ମାଛ ଯେମିତି ଖାଇବାକୁ ସଟ୍ କରି ଧାଇଁ ଆସେ, ଈଶ୍ୱର ସେମିତି ନାମସ୍ମରଣ ଦ୍ୱାରା ସହଜରେ ତୁମ ପାଖକୁ ଚାଲିଆସନ୍ତି ।
- ✪ ଭଗବାନ ଶାସ୍ତି ଦିଅନ୍ତି, ଆଉ ରକ୍ଷା କରନ୍ତି । ଭଗବାନ୍ ରକ୍ଷା କରନ୍ତି ଓ ଶାସ୍ତି ଦିଅନ୍ତି । ଭଗବାନ କ୍ଷମା କରନ୍ତି ଓ ରକ୍ଷା କରନ୍ତି । କ'ଣ କରିବାକୁ ହେବ ତାହା ସେ ହିଁ ସ୍ଥିର କରନ୍ତି ।
- ✪ ଈଶ୍ୱରଙ୍କ ରୂପ ଉପରେ ମନକୁ ନିବିଷ୍ଟ ରଖି ତାଙ୍କର ଯେକୌଣସି ନାମକୁ ନିରନ୍ତର ଜପ କର । ଏହା ପାଣି ଫୁଟେଇବା ଭଳି । ଜପର ଅଗ୍ନିରେ ପାଣି ଟକମକ୍ କରି ଫୁଟେ ଓ ମନର ସମସ୍ତ ଆବିଳତା ଦୂରକରେ । ଶେଷରେ ସବୁ ମଇଳା ସଫା ହୋଇ ଖାଲି ନିର୍ମଳ ପାଣି ରହିଯାଏ ।

- ସୂର୍ଯ୍ୟ ଚତୁର୍ଦ୍ଦିଗକୁ ଆଲୋକିତ କଲା ଭଳି ମୋ କୃପା ସର୍ବଦା ସର୍ବତ୍ର ରହିଥାଏ । କିନ୍ତୁ ତୁମେ ଯଦି ଦୁଆର କିଳି ରୁହ ମୁଁ କ'ଣ କରିବି ? କୃପା ପାଇବ କି ନ ପାଇବ, ତାହା ସମ୍ପୂର୍ଣ୍ଣଭାବେ ତୁମ ଉପରେ ନିର୍ଭର କରେ ।

- ତୁମେ ଯେକୌଣସି ନାମ ଓ ରୂପକୁ ନେଇ ମୋତେ ପ୍ରାର୍ଥନା କଲେ ବି ମୁଁ ତୁମ ପ୍ରାର୍ଥନା ଶୁଣିଥାଏ, କାରଣ ସବୁ ନାମ ଓ ରୂପ ତ ମୋର ।

- ମନ୍ତ୍ର ମଧ୍ୟରେ ରହିଛି ଶକ୍ତି । ରାମ, କୃଷ୍ଣ, ଶିବ ଓ ଶକ୍ତି ମଧ୍ୟରେ ଯେ ସମସ୍ତ ଶକ୍ତି ରହିଛି, ତାହା 'ସତ୍ୟସାଇ' ମନ୍ତ୍ରରେ ମଧ୍ୟ ରହିଛି ।

- ପ୍ରଥମ ଦର୍ଶନରୁ ହିଁ ତୁମର ମୋ ପ୍ରତି ବିଶ୍ୱାସ ଆସିଲା । ଶେଷ ଯାଏ ସେ ବିଶ୍ୱାସକୁ ଧରି ରୁହ। ମୋ ଉପରେ ତୁମର ଥିବା ଏହି ବିଶ୍ୱାସ ଆନ୍ଦୋଳିତ ହେବା ଭଳି କୌଣସି ବିଷୟକୁ ପ୍ରଶ୍ରୟ ଦିଅ ନାହିଁ । ତୁମେ ଯଦି ନିଶ୍ଚିତ ଭାବେ ଏତିକି କରିପାର, ତେବେ ମୁଁ ତୁମର ଏହି ଜୀବନରେ ହିଁ ତୁମକୁ ଜନ୍ମ ଓ ମୃତ୍ୟୁର ଚକ୍ରାବର୍ତ୍ତରୁ ଉଦ୍ଧାର ପାଇବାର ଆଶିଷ ପ୍ରଦାନ କରିବି ।

- ତୁମର କର୍ମକୁ ଜାଳି ଦେବା ପାଇଁ ମୁଁ ତୁମ ହାତରେ ନାମସ୍ମରଣର ଶିଖା ଧରେଇ ଦେଇଛି । ନିରବଧି ବିଭୁ ନାମ ସ୍ମରଣ କର । ନାମ ସ୍ମରଣ କରିଯାଅ ଏବଂ ନିଶ୍ଚିନ୍ତ ରୁହ, ତୁମର ସମସ୍ତ କର୍ମ ଧୋଇ ହୋଇଯିବ । ତୁମ ର୍କମ ଶେଷ କେବେ ତାହା ତୁମେ ଜାଣନାହିଁ । ତେଣୁ ଅବିରାମ ଭାବେ ନାମସ୍ମରଣ କରୁଥାଅ ।

- ଥରେ ତୁମେ ନିଜକୁ ଭକ୍ତ କହିବା ପରେ ମନରେ ଦୃଢ଼ ପ୍ରତ୍ୟୟ ରଖ ଯେ ତୁମେ ମୋ'ର ବାହୁଛାୟା ତଳେ ରହିଛ । ତୁମକୁ ଅନ୍ୟ କୌଣସି ବିଷୟରେ ଚିନ୍ତା କରିବାକୁ ପଡ଼ିବ ନାହିଁ । ତୁମର ଜପ, ତପ ଓ ନାମସ୍ମରଣ- ଜଣେ ଗୃହସ୍ଥ ହିସାବରେ ତୁମେ କରୁଥିବା କର୍ତ୍ତବ୍ୟ ମାତ୍ର । ଏସବୁ ଯଦି ମୂଲ୍ୟ କଷିବା ଆରମ୍ଭ କର, ହଁ ମୁଁ ନିଃସନ୍ଦେହରେ ତା'ର ମୂଲ୍ୟଦେବି, କିନ୍ତୁ ସେତିକିରେ ତୁମ-ମୋ ସମ୍ପର୍କ ଶେଷ ହୋଇଯିବ ।

- ଯେଉଁମାନେ ସେବାଦଳରେ ରହନ୍ତି ଓ ଭକ୍ତି ଓ ଶ୍ରଦ୍ଧାର ସହ ସେବା କରନ୍ତି ସେମାନଙ୍କୁ କେବଳ ମୋ ଆଧ୍ୟାତ୍ମିକ ସମ୍ପଦ ମିଳିଥାଏ ।

- ପଶୁ-ପକ୍ଷୀଙ୍କ ମଧ୍ୟରେ ଥିବା ଆତ୍ମା କେବଳ ଶୁଣିପାରନ୍ତି, କହି ପାରନ୍ତି ନାହିଁ । ସେମାନଙ୍କ କାନରେ ଭଜନ ପଡ଼ିଲେ ସେମାନେ ମଧ୍ୟ ଆଧ୍ୟାତ୍ମିକ ଉନ୍ନତି ଲାଭ କରିବେ, ତେଣୁ ମୁଁ ତୁମକୁ ବଡ଼ ପାଟିରେ ଭଜନ ବୋଲିବାକୁ କହିଥାଏ ।

- 'ଯଦ୍ ଭାବମ୍ ତଦ୍ ଭବତି' ଈଶ୍ୱର ଭାବପ୍ରିୟ, ତୁମ ଭାବର ପ୍ରଗାଢ଼ତା ଅନୁଯାୟୀ ତାଙ୍କ କୃପା ବହିଥାଏ ।

✪ ଯାହାକୁ ଭଗବାନ ମନେକରୁଛ, କେବଳ ତାଙ୍କର ନାମ ନେଲେ ଯଥେଷ୍ଟ । ମାଧବଙ୍କୁ ଦିଅ ମନ, ସଂସାରକୁ ଦିଅ ତନ ।

✪ ଜଣେ ଯଦି ନିରନ୍ତର ଈଶ୍ୱରଙ୍କ କୌଣସି ଏକ ନାମ ଓ ରୂପକୁ ସ୍ମରଣ କରିବା ଅଭ୍ୟାସ କରେ, ତାର ଜୀବନର ଶେଷ ଦିନରେ ସେ ତାଙ୍କୁ ସ୍ମରଣ କରିବାରେ ଭଗବାନ ତା'ର ସାହା ହୁଅନ୍ତି । ତାପରେ ସେହି ବ୍ୟକ୍ତି ଜନ୍ମ ମୃତ୍ୟୁର ଆବର୍ତ୍ତରୁ ଉଦ୍ଧାର ପାଇଯାଏ ।

✪ ବାସନାଗୁଡ଼ିକ ଖୁବ୍ ଶକ୍ତିଶାଳୀ । ଜନ୍ମ-ଜନ୍ମାନ୍ତର ଦେଇ ଶରୀର ଯେହେତୁ ଇନ୍ଦ୍ରିୟଭୋଗ କରି ଆସିଛି, ବାସନାଗୁଡ଼ିକର ବିସ୍ମୃତି ଓ ବିଲୋପନ ପାଇଁ ମନକୁ ଢ଼େର ପରିଶ୍ରମ କରିବାକୁ ହେବ । ଏହାର ଏକ ସହଜ ଉପାୟ କ'ଣ ଜାଣ ? ବଢ଼ନ୍ତି ନଈର ସୁଅରେ ଯେମିତି ମଇଳା ପାଣି ଭରି ରହିଥିବା ଗାତଗୁଡ଼ିକ ସଫା ହୋଇଯାଏ, ସେମିତି ଅବିରାମ ଭାବେ ନାମସ୍ମରଣ କଲେ ବାସନାଗୁଡ଼ିକ ଧୋଇ ହୋଇ ମନ ନିର୍ମଳ ହୋଇଯାଏ ।

✪ ପ୍ରକୃତ ଭକ୍ତ ସଂସାରର ସବୁ ବିଷୟର କିମିତି ଓ କାହିଁକି ଜାଣିବାକୁ ମନ ବଳାଏ ନାହିଁ । ଯାହା କିଛି ଘଟି ଯାଉଛି ତାକୁ ସେ ମାନି ନିଏ ଏବଂ ସବୁ କିଛିର ପଛରେ ଥିବା ଶକ୍ତିକୁ ଭକ୍ତି କରି ସେ ଆଗକୁ ଆଗକୁ ଚାଲେ ।

✪ କଳିଯୁଗରେ ବ୍ରହ୍ମଚାରୀ ହୋଇ ରହିବା ଭାରି କଷ୍ଟ । ନିଜକୁ ବ୍ରହ୍ମଚାରୀ କହି କଳୁଷିତ ଜୀବନ ଯାପନ କରିବା ଅପେକ୍ଷା ବିବାହ କରି ଈଶ୍ୱର ଚିନ୍ତନ ମଧ୍ୟରେ ଏକ ଉତ୍ତମ ଜୀବନ ଯାପନ କରିବା ଅଧିକ ଶ୍ରେୟସ୍କର ।

✪ କୁଆଡ଼େ ଯାଅ ନାହିଁ, କେଉଁଠେ କିଛି ନାହିଁ, ଏଇ ଦୁଇ ହାତରେ ସବୁ କିଛି ଅଛି ।

✪ ଜପ ଧ୍ୟାନ କରିବା ସମୟରେ ମନ ମଧ୍ୟରେ ଅନେକ ଚିନ୍ତା ଆସିବ । ସେଗୁଡ଼ିକୁ ଗୁରୁତ୍ୱ ଦିଅ ନାହିଁ । ନାମ ସ୍ମରଣ କରି ଚାଲ । ଶେଷରେ ସବୁ ଚିନ୍ତା ଦୂର ହୋଇ କେବଳ ନାମ ରହିଯିବ ।

✪ ମାଟିରେ ଅନେକ ମଇଳା ଥାଏ । ସେଇ ମାଟିକୁ ନେଇ ମୂର୍ତ୍ତି ଗଢ଼ାଯାଏ । ତୁମେ ପୂଜା କରିବା ସମୟରେ ସେଇ ମାଟିର ମୂର୍ତ୍ତିମଧ୍ୟରେ ତୁମ ଇଷ୍ଟଙ୍କୁ ଦେଖିଥାଅ । ମାଟିରେ ଥିବା ମଇଳା କଥା ସେ ସମୟରେ ତୁମ ମନକୁ ଆସେ ନାହିଁ । ସେଇ ଭଳି ବାହ୍ୟବସ୍ତୁ ଅପେକ୍ଷା ଅନ୍ତରର ଭାବ ଅଧିକ ଗୁରୁତ୍ୱପୂର୍ଣ୍ଣ ।

✪ ରେଳଯାତ୍ରା ସମୟରେ ପାହାଡ଼ ଓ ଗଛଲତା ଗୁଡ଼ିକ ଚାଲିବାଭଳି ମନେ ହୁଅନ୍ତି । ବାସ୍ତବରେ କିନ୍ତୁ କେବଳ ରେଳଗାଡ଼ି ଚାଲିଥାଏ । ତୁମେମାନେ ସେହିଭଳି ଏକ

ଭ୍ରମର ବଶବର୍ତ୍ତୀ ହୋଇଥାଅ । ଈଶ୍ୱରଙ୍କଠାରେ ପରିବର୍ତ୍ତନ ନ ଥାଏ, ପରିବର୍ତ୍ତନ ଥାଏ ତୁମ ଭକ୍ତି ମଧ୍ୟରେ ଲୋକେ ଭଗବାନଙ୍କଠେ ମଧ୍ୟ ଭୁଲ୍ ଦେଖନ୍ତି ।

- କାହାକୁ କଷ୍ଟ ଦେବା ଏକ ଅପରାଧ । କାହାକୁ କଷ୍ଟ ଦେବା ମାନେ ମୋତେ କଷ୍ଟ ଦେବା । କାହାକୁ ଯେଭଳି କେବେ କଷ୍ଟ ନଦିଅ, ସେଥିପ୍ରତି ସତର୍କ ରୁହ । ସାହାଯ୍ୟ କର ନିରନ୍ତର, କଦାପି ଅନିଷ୍ଟ ନ କର ।
- ନିଷ୍କାମ ଚିତ୍ତରେ ନାମ ଜପ କରିବା ହିଁ କଳିଯୁଗର ମୁଖ୍ୟ ସାଧନା ।
- ମୋ ଭକ୍ତମାନେ ଯେତିକି ନେଇ ପାରିବେ ମୁଁ କେବଳ ସେତିକି ଦେଇଥାଏ । ଶକ୍ତି ନଥିବା ଟାଙ୍କିରେ ଯଦି ପ୍ରଚୁର ପାଣି ଭରି ଦିଆଯାଏ ଟାଙ୍କି ଫାଟି ପାଣି ଗଳିବାର ପ୍ରମାଦ ରହେ ।
- ମୁଁ ମାଠିଆ, ତୁମେ ଦଉଡ଼ି । ତୁମେ ଯେବେ ଟାଣିବ ମୁଁ ଆସିବି ।
- ବୃନ୍ଦାବନରେ ଯିଏ ରହନ୍ତି, ତାଙ୍କୁ କ'ଣ ଖାଲି ଗୋପୀ କହନ୍ତି ? ଭଗବାନଙ୍କ ନାମ କାନରେ ପଡ଼ିବା କ୍ଷଣି ଯିଏ ନିଜକୁ ପାସୋରି ଥାଏ, ସେ ଗୋପୀ ।
- ବିଭୁକୃପା ବୃଷ୍ଟିପାତ ଭଳି । ନାମସ୍ମରଣର ନଦୀରେ ପଡ଼ି ତାହା ବନ୍ୟାସୃଷ୍ଟି କରେ ଓ ସେଇ ବନ୍ୟା ଈଶ୍ୱରଙ୍କ ମହୋଦଧି ମଧ୍ୟରେ ନିଜକୁ ହଜେଇ ଦିଏ ।
- ସବୁ ନଦୀ ଯାଇ ସମୁଦ୍ରରେ ମିଶିବା ଭଳି ସବୁ ମନ୍ତ୍ର ଯାଇ ଈଶ୍ୱରଙ୍କଠେ ଲୀନ ହୁଅନ୍ତି । ଲୀନ ହେବା ପରେ ସେଗୁଡ଼ିକର ଆଉ ଭିନ୍ନ ସତ୍ତା ରହେ ନାହିଁ ।
- ଏ ମରଶରୀର ତ୍ୟାଗ କରିବା ପୂର୍ବରୁ ମୋର ସମସ୍ତ ଆଧ୍ୟାତ୍ମିକ ସମ୍ପଦ ମୁଁ ମୋର ପ୍ରକୃତ ଭକ୍ତମାନଙ୍କ ମଧ୍ୟରେ ସମାନଭାବେ ବାଣ୍ଟିଦେବି ।